ବାର୍ଷିକ ସଂଖ୍ୟା

# ଭଞ୍ଜପ୍ରଦୀପ

ବାରିପଦା, ଆଶ୍ୱିନ ୧୩୪୪



ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ

Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

# S. K. CHAKRAVARTI LTD.

SANITARY ENGINEERS

TEL. "LAVATORY" CALCUTTA. CODES. BENTLEY

# Encourage State Home-Industry

MAYURBHANJ TEXTILES

NOTED FOR

**Genuineness & Quality of Products**

**Tussar Silk Produce** :—Fancy striped Shirting, Coating, Dhoti, Saree, Chaddar, Pugri piece etc.—*All hand loom products.*

**Hand Woven Cotton Fabrics** :—Towel, Napkin, Duster, Bed sheet, Table cover, Door curtain, Coating and Shirting of various designs, Durries, Ashans etc.

**Indian Silk product** :—Hand woven Silk shirtings, Handkerchief, Scarf etc and Woollen Union Shirtings etc. etc.

**Reeled Tussar Yarn ; Hand spun Tussar Waste Yarn ; Reeling-Waste of Tussar ; Tussar Down, etc. etc.**

*Please enquire of :—*

**The Director,**
*Industrial & Economic Survey,*
BARIPADA : MAYURBHANJ.


Digitized by srujanika@gmail.com

# ଭକ୍ତ ପ୍ରଦୀପ

( ମୟୁରଭଞ୍ଜ ଗେଜେଟ୍‌ର ଓଡ଼ିଆ ସଂସ୍କରଣ ଏଥି ସହିତ ମିଶାଇ ଦିଆ ଯାଇଅଛି )

ଏହି ପତ୍ରିକା ତିନ ମାସରେ ଥରେ ଲେଖାଏଁ ପ୍ରକାଶିତ ହୁଏ, ଯଥାଃ—ଆଶ୍ୱିନ, ପୌଷ, ଚୈତ୍ର, ଆଷାଢ଼

ବାର୍ଷିକ ମୂଲ୍ୟ—ଟ ୦ ୪ (ଡାକ ମାସୁଲ ବ୍ୟତୀତ ) ଓ ଟ ୧। ଙ୍କା ( ଡାକ ମାସୁଲ ସହ )

ପ୍ରତି ସଂଖ୍ୟାର ମୂଲ୍ୟ ତିନି ଅଣା, ଡାକ ମାସୁଲ ଦୁଇ ଅଣା ସ୍ୱତନ୍ତ୍ର । ଏହି ପତ୍ରିକାରେ ବିଜ୍ଞାପନ ଛପାଇବାକୁ ହେଲେ ପ୍ରତି ଥରକୁ ନିମ୍ନଲିଖିତ ହାରରେ ଖରଚ ଦେବାକୁ ହେବ ।

---

ମଲାଟର ବାହାର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୫୦
ଅର୍ଦ୍ଧ ପୃଷ୍ଠାକୁ ଟ ୨୫
ଏକ ଚତୁର୍ଥାଂଶ ପୃଷ୍ଠାକୁ ଟ ୧୫
ମଲାଟର ଭିତର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୪୦
ଅର୍ଦ୍ଧ ପୃଷ୍ଠାକୁ ଟ ୨୦ ଙ୍କା
ଏକ ଚତୁର୍ଥାଂଶ ପୃଷ୍ଠାକୁ ଟ ୧୨

ଟାଇଟଲ ପେଜର ଭିତର ପାଖ—ପୂର୍ଣ୍ଣ ଏକପୃଷ୍ଠାକୁ ଟ ୫୦ ଙ୍କା
ଅର୍ଦ୍ଧ ପୃଷ୍ଠାକୁ ଟ ୨୫ ଙ୍କା
ଏକ ଚତୁର୍ଥାଂଶ ପୃଷ୍ଠାକୁ ଟ ୧୫ ଙ୍କା
ଏହା ଛଡ଼ା ଅନ୍ୟାନ୍ୟ ପୃଷ୍ଠାରେ—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୨୭ ଙ୍କା
ଅର୍ଦ୍ଧ ପୃଷ୍ଠାକୁ ଟ ୧୮ ଙ୍କା
ଏକଚତୁର୍ଥାଂଶ ପୃଷ୍ଠାକୁ ଟ ୧୦ ଙ୍କା

ଛୋଟ ଛୋଟ ବିଜ୍ଞାପନ ଛପାଇବାକୁ ହେଲେ ସେ ବିଷୟରେ ନିମ୍ନ ଠିକଣାରେ ପତ୍ର ଲେଖିଲେ ଜାଣି ପାରିବେ ।

ଶ୍ରୀ ନିତାଇ ଚନ୍ଦ୍ର ସାନ୍ୟାଲ, ବି.ଏ.
ମେନେଜର, ମୟୁରଭଞ୍ଜ ଗେଜେଟ୍, ବାରିପଦା ।

# INTERNAL HAIR DYE
## (TONIC)

Its 40 days Internal Use turns Gray and White Hairs into Black for life. Besides it cures Baldness, Wrinkles, Dental troubles, Constipation, Piles, increases memory, brain power, eye sight, appetite, digestion. Purifies blood, tones, nerves, removes lack of retention, loss of manhood. Makes young again. It is Elexir of Life in prolonging age. On failure price refunded.

*Price 40 doses with Postage Rs. 11*

## WHITE LEPROSY or LEUCODERMA

Sure and permanent cure guaranteed by my harmless FAKIRI JARI BUTI in one day only. If not, price refunded.

*Price per Box Rs. 4*

Apply at once to:— The Manager

**Indian Medical Works**

PURNEA 50, : : : : E. B. RY.

# The Mayurbhanj Gazette

## ENGLISH EDITION.

*Publication*: The Gazette is quarterly. It is published in October, January, April and July.

---

*Subscription*: Annual Rs. 1-8-0. Single copy As 6 only. Postage, per Copy 2 As. extra.


Digitized by srujanika@gmail.com

DIVINE MEDICINE OF

# H E R N I A

## CENT PER CENT SUCCESS WITHOUT OPERATION.

Why do you suffer from Hernia? Come to us, we shall make a contract with you and cure you of the disease. If you fail to see us, send five pice postal stamp, have the testimonials and directions and get yourself radically cured from a far. Phone B. B. 314.

*Apply to:*—**Dr. H. C. ROY**

*DIVINE TREATMENT HALL,* *Amherst Street,* CALCUTTA.

SUBSCRIBE FOR

# THE ASTROLOGICAL MAGAZINE

THE BEST EXPONENT OF THE HINDU SCIENCES

*Edited by*

Professor B. SURYANARAIN ROW, B.A., M.R.A.S., F.R.H.S., etc.

Containing the most interesting and instructive articles on Astrology, Astronomy, Medicine, Yoga, Philosophy, Metaphysics, Chronology, Palmistry etc., now in its 23rd Volume—the only Journal of its kind in the World.

We are much impressed with the interesting articles incorporated in the Journal which we commend to our readers—*The Message.*

Astrological students will find much of interest—*The Torch.*

It shall be of good purpose to the building scholars of Astrology—*The Mahratta.*

*Annual Subscription Rs. 5, Sh. 12, Dollers 4* *Single Copy Rs. 8, Sh. 1-3, Cents 40*

THE BEST MEDIUM FOR ADVERTISEMENTS REACHING THE FARTHEST CORNERS OF THE WORLD.

(*Catalogue of books will be sent free on application*)

**Horoscopic work will be undertaken on payment of**

**REASONABLE FEE**

Now available—Vols. 14, 15, 16, 17, 18, 19, 20, 21, 22 containing mines of intellectual treasures at Rs. 6/- per Vol. to the readers of this Journal. All the past Volumes at Rs. 8/- per each Volume.

| | | |
|---|---|---|
| English Translation of Sarvarthchintamani 3 Vols. ... ... | Rs. | 15-0-0 |
| „ of Brihat Jatak (with full Notes & Illustrations | „ | 8-0-0 |
| „ of Jaimini Sutra...Notes | „ | 2-0-0 |
| Astrological Self-instructor, 7th Edition ... | „ | 3-0-0 |
| Strijataka or Female Horoscope (Postage Extra) | „ | 1-0-0 |
| Royal Horoscopes | „ | 3-0-0 |
| Illustrative Horoscopes | | 2-4-0 |

DR. B. V. RAMAN, M. D., (H) "SURYALAYA" (P. O.) BETTAHALSOOR, BANGALORE—INDIA.

Exchanges solicited from Periodicals.

Digitized by srujanika@gmail.com

# ଭକ୍ତପ୍ରଦୀପ

ଚତୁର୍ଥ ଭାଗ　　　　ପ୍ରଥମ ସଂଖ୍ୟା

## ସୂଚିପତ୍ର


| | | | ପୃଷ୍ଠା । |
|---|---|---|---|
| ୧ । | ସୁନ୍ଦର କଏ—ପୁରୁଷ ନା ନାରୀ | ପଣ୍ଡିତ ନୀଳକଣ୍ଠ ଦାସ, ଏମ୍. ଏ. ସଂପାଦକ, ନବଭାରତ | ୧ |
| ୨ । | ପରମାର୍ଦ୍ଦିଦେବ ସାମନ୍ତରାୟ | ଅଧ୍ୟାପକ ଶ୍ରୀ ବିନାୟକ ମିଶ୍ର, କଲିକତା ବିଶ୍ୱ ବିଦ୍ୟାଳୟ | ୩ |
| ୩ । | ଅଗସ୍ତ୍ୟ (କବିତା) | ଶ୍ରୀ ବୈକୁଣ୍ଠ ନାଥ ପଟ୍ଟନାୟକ, ଏମ୍. ଏ. ବି. ଏଡ୍. | ୫ |
| ୪ । | ସାହିତ୍ୟିକ ଭାଷା ଓ ପ୍ରଚଳିତ କଥା | ଶ୍ରୀ ଶଶି ଭୂଷଣ ରାୟ | ୬ |
| ୫ । | ତ୍ରିବେଣୀ ତଟେ ବନ୍ଦୀ ଓ ଗୋଟିଏ ବାଳିକା (ଗଳ୍ପ) | ଶ୍ରୀ କ୍ଷେତ୍ରେଶ ଚନ୍ଦ୍ର ଦେ, ଏମ୍. ଏ. ଡି. ଏଡ୍. | ୧୦ |
| ୬ । | ଓଡ଼ିଶାରେ କୁଟୀର ଶିଳ୍ପର ଆବଶ୍ୟକତା | ରାୟସାହେବ ଭିକାରୀ ଚରଣ ପଟ୍ଟନାୟକ | ୨୦ |
| ୭ । | ସଂଗୀତ (କବିତା) | ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ବି. ଏ. | ୨୫ |
| ୮ । | ମଜଲିସ୍ (ଗଳ୍ପ) | ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ, ବି. ଏ., ବି. ଏଲ୍. | ୨୬ |
| ୯ । | ପ୍ରାଚୀନ ଓ ନବୀନ ସାହିତ୍ୟ | ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ, ଚିକିଟି | ୨୯ |
| ୧୦ । | ଶିଳ୍ପ ଓ କଳା | ଶ୍ରୀମତୀ ବେଲା ଦେବୀ ଏମ୍. ଏ. ବି. ଟି. | ୩୫ |
| ୧୧ । | ଦୋକାନଦାର (ଗଳ୍ପ) | ଶ୍ରୀ ଭଗବତୀ ଚରଣ ପାଣିଗ୍ରାହୀ, ଏମ୍. ଏ. | ୩୬ |
| ୧୨ । | ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀର ଐତିହାସିକତା | ଶ୍ରୀ କେଦାର ନାଥ ମହାପାତ୍ର, ବି. ଏ. | ୩୯ |
| ୧୩ । | ବିୟୋଗ ଗୀତ (କବିତା) | ଶ୍ରୀ ଶଚୀନ୍ଦ୍ର ନାଥ ଦାସ, ଏମ୍. ଏ., ବି. ଏଲ୍., ଡି. ଏଡ୍. | ୪୩ |
| ୧୪ । | ଦେଶୀୟ ରାଜ୍ୟ ସମାଚାର | | ୪୫ |
| ୧୫ । | ମୟୂରଭଞ୍ଜରେ ଛଉନାଚର ବିବରଣ | ଶ୍ରୀ ଦିବାକର ଭଞ୍ଜ ବାବୁ | ୪୬ |


Digitized by srujanika@gmail.com

## ସୂଚିପତ୍ର

(୨)


୧୬ । ରସ ଓ ରହସ୍ୟ — ୪୯

୧୭ । ସମ୍ବାଦ ଓ ସଙ୍କେତ — ୫୦

୧୮ । ପୁସ୍ତକ ପରିଚୟ — ୫୪

୧୯ । ମୟୂରଭଞ୍ଜ ସମ୍ବାଦ — ୫୫

୨୦ । ପାଣି, ପାଗ ଓ ଶସ୍ୟର ବିବରଣ — ୬୧

୨୧ । ସ୍ୱାସ୍ଥ୍ୟର ବିବରଣ — ୬୨


## ଚିତ୍ର-ସୂଚି


୧ । ମୟୂରଭଞ୍ଜର ରାଜପ୍ରାସାଦ ସମ୍ମୁଖରେ ରଥଯାତ୍ରା ଜନସମାଗମର ଦୃଶ୍ୟ — ମଲାଟ

୨ । ଅଭିନିବେଶ — ଶିଳ୍ପୀ—ଶ୍ରୀ ଗୋପାଲ ଚନ୍ଦ୍ର କାନୁନ୍‌ଗୋ, ବି. ଏ. — ୧ମ ପୃଷ୍ଠାର ସମ୍ମୁଖ


୩ । ମୟୂରଭଞ୍ଜର କୁଟୀର ଶିଳ୍ପ ସଦନରେ ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଅଛନ୍ତି — ୨୦

୪ । ଅଭଙ୍ଗା କଣ୍ଟେନ୍ର, ଢାଳପତ୍ର ଓ କାଇଁଚ ଠୋକେଇ, ନଡ଼ା ପାପୋଛ, ବାଉଁଶ ଡେପାୟା,
ରିଲିଫ୍ ମାନଚିତ୍ର ଓ କୁଟୀର ଶିଳ୍ପର ଅନ୍ୟ ଆଦର୍ଶମାନ — ୨୧

୫ । ଚିତ୍ରମୟ ମୟୂରଭଞ୍ଜ — ୩୧ ଓ ୩୨

୬ । ଅସୀମ ପଥର ଯାତ୍ରୀ (ତ୍ରିରଙ୍ଗ) — ଶିଳ୍ପୀ—ଶ୍ରୀ ବିମ୍ବାଧର ବର୍ମା — ୪୨ ପୃଷ୍ଠାର ସମ୍ମୁଖ


Digitized by srujanika@gmail.com




ଅଭିନିବେଶ

ଶିଳ୍ପୀ—ଶ୍ରୀ ଗୋପାଳ ଚନ୍ଦ୍ର କାନୁନ୍‌ଗୋ

ମୟୂରଭଞ୍ଜ ଷ୍ଟେଟ ପ୍ରେସ୍

Digitized by srujanika@gmail.com

# ଉତ୍କଳ ପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ    ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଦଶହରା ସଂଖ୍ୟା

| ଚତୁର୍ଥ ଭାଗ | ଆଶ୍ୱିନ, ସନ ୧୩୪୨ ସାଲ | ୧ମ ସଂଖ୍ୟା |
|---|---|---|


## ସୁନ୍ଦର କିଏ—ପୁରୁଷ ନା ନାରୀ ?


ପଣ୍ଡିତ ନୀଳକଣ୍ଠ ଦାସ, ସଂପାଦକ, 'ନବଭାରତ'


ସୁନ୍ଦର କିଏ ? ଏ କଥାଟା ଶୁଣିଲା ପରି, ଆଜି କାଲି ହୁଏତ ଅନେକେ କହିବେ, ଯେ ଉପଯୋଗୀ ସେ ସୁନ୍ଦର । ସେମାନଙ୍କ ମତରେ ମନୁଷ୍ୟ ଖାଇ ପିଇ ହସି ଖେଳି ସୁଖରେ ରହିବା ପାଇଁ ଏଇ ଜଗତଟା ହୋଇଛି । ଜଗତର ଏହି ଉଦ୍ଦେଶ୍ୟରେ ଯାହା ଯେତିକି ଲାଗିବ, ସେ ସେତିକି ସୁନ୍ଦର ବୋଲି ବୁଝିବାକୁ ହେବ । ଦେଖାଯାଏ ଏହି ଧାରାରେ ଚିନ୍ତା କରିବା ଲୋକେ ବେଳେ ବେଳେ ଦର୍ଶନତତ୍ତ୍ୱ ଚିନ୍ତା କରିବା ଓ ବିଶ୍ୱର ଗଭୀରତା ବୁଝିବାକୁ ଚେଷ୍ଟା କରିବା ପ୍ରଭୃତିକୁ ମାନବ ଜୀବନର ଅନୁପଯୋଗୀ ବୋଲି ବିଶୁଦ୍ଧ ଅସୁନ୍ଦର ସାଧନା ଭିତରେ ଗଣି ଦିଅନ୍ତି । ଅବଶ୍ୟ ଉପଯୋଗିତା ହିସାବରେ ମଧ୍ୟ ଏମାନେ କଥାଟାକୁ ଠିକ୍ ଧରି ପାରନ୍ତି ନାହିଁ । ମାନବ ଜୀବନରେ ମଧ୍ୟ ଶରୀର, ମନସ୍ତତ୍ତ୍ୱ ଓ ବିଶ୍ୱତତ୍ତ୍ୱ ପ୍ରଭୃତିର ଉପଯୋଗିତା ଅଛି । ସେ ଉପଯୋଗିତାକୁ ମାନବର ସାଧାରଣ ଲୋକେ ଧରି ପାରନ୍ତି ନାହିଁ ।

କିନ୍ତୁ ଉପଯୋଗିତା ସୌନ୍ଦର୍ଯ୍ୟର ମାପକାଠି ନୁହେଁ । ସ୍ୱାର୍ଥ ସମ୍ବଳିତ ସୌନ୍ଦର୍ଯ୍ୟ, ସୌନ୍ଦର୍ଯ୍ୟ ନୁହେ । ସିତାଫଳ ବଡ଼ ସ୍ୱାଦ୍ୟ । ମହାକାଳ ଫଳ କେହି ଖାଆନ୍ତି ନାହିଁ । କିନ୍ତୁ ପାଚିଲା ମହାକାଳ ଫଳ ଦେଖିଲେ ପ୍ରାଣ କି ଏକ ଚିତ୍ର ଅନୁଭୂତିରେ ଭରି ଉଠେ । ସିତା ଫଳରେ ତାହା ହୁଏ ନାହିଁ । ତାଜମହଲରେ କେହି କେବେ ରହିବେ ବୋଲି ବିଚାରି ନାହିଁ, ତଥାପି ଯିଏ ସେ ଛବି ଦେଖିଲେ ପଢ଼ିଲେ ମନ ଦ୍ରବି ଯାଏ । ପାହାଡ଼ ପର୍ବତ ସୁନ୍ଦର । ଯାହାରି ସୁଦୃଢ଼ ନୈସର୍ଗିକତାରେ ଯେଉଁ ନିଷ୍ପାପ ନିର୍ମଳତା ହୁଏ, ତାହା ସୌନ୍ଦର୍ଯ୍ୟ । ଉପଯୋଗିତା ସେଥିରେ ନାହିଁ । ପ୍ରାତ-ସ୍ନାନ ରକ୍ତିମଛଟା, ଗଗନପଟର ନୀଳିମତା, ଇନ୍ଦ୍ରଧନୁର ବର୍ଣ୍ଣବୈଭବ, ଏ ସବୁ ଦେଖି ହୃଦୟ ନାଚି ଯାଏ । କିନ୍ତୁ ଏ ସବୁ ମାନବ ଜୀବନ ରକ୍ଷାର କୌଣସି କାମରେ ଲାଗେ ନାହିଁ । ଏହି ସବୁ ଜଗତରେ ପ୍ରକୃତ ସୌନ୍ଦର୍ଯ୍ୟ । ଏହି ନିଷ୍ପାପ ଅନୁଭୂତିହିଁ ସୌନ୍ଦର୍ଯ୍ୟର କଷଟି ।

ଲୋକ ଉପଯୋଗିତାରେ ମଧ୍ୟ ସୌନ୍ଦର୍ଯ୍ୟ ଦେଖେ । କରିବା ଘରଟି ପରିଷ୍କାର, ପରିଚ୍ଛନ୍ନ, ଉଜ୍ଜ୍ୱଳ ଓ ବାୟୁମୟ ହେଲେ ରହିବା ଲୋକେ ସେ ଘରେ ସୌନ୍ଦର୍ଯ୍ୟ ଦେଖନ୍ତି । ଲିଚୁ ଶିମିଳି ସୁନ୍ଦର ଦିଶେ । ପାଚିଲା ଆମ୍ବର ଆମୋଦ ବଡ଼ ପ୍ରୀତିକର, ଏଣୁ ଆମ୍ବ ସୁନ୍ଦର । କିନ୍ତୁ ଏ ସୌନ୍ଦର୍ଯ୍ୟ ନିଷ୍ପାପ ନୁହେ । ଏ ସବୁ ସ୍ଥଳରେ ବିଶ୍ଳେଷଣଦ୍ୱାରା ଯଥାର୍ଥ ସୌନ୍ଦର୍ଯ୍ୟ ବାଛିବା ବଡ଼ ଶକ୍ତ ।


Digitized by srujanika@gmail.com

ନାରୀର ସୌନ୍ଦର୍ଯ୍ୟ ଜଗତ ବିଖ୍ୟାତ । ଦେଶ କାଳ ନିର୍ବିଶେଷରେ ନାରୀର ସୌନ୍ଦର୍ଯ୍ୟରେ ମାନବ ମୁଗ୍ଧ । କେବଳ ଶରୀର ନୁହେ, ନାରୀର ଗୁଣ ପ୍ରିୟଙ୍କର, ତେଣୁ ତାହା ମଧ୍ୟ ସୁନ୍ଦର । ନାରୀର ଚାଲିଚଳଣି—ସବୁଥିରେ ପଦେ ପଦେ ମାନବ ସୌନ୍ଦର୍ଯ୍ୟର ପରାକାଷ୍ଠା ଅନୁଭବ କରି ଆସିଅଛି । ସୌନ୍ଦର୍ଯ୍ୟହିଁ ଜଗତରେ କବିତାର ପୀଠ କହିଲେ ଚଳେ । ଏହି ନାରୀର ସୌନ୍ଦର୍ଯ୍ୟ ଛାଡ଼ି ଦେଲେ ଜଗତର କାବ୍ୟକଳା ଆଜି ଅବାରିତ ଧୂମ ପରି ଏକାବେଳକେ ହୁଏତ ଅନ୍ତର୍ଧାନ ହୋଇଯିବ ।

ପୁରୁଷ ସମ୍ବନ୍ଧରେ ଏ ଧାରଣା ନାହିଁ । ଆଜି ଯଦି କୁହାଯାଏ ନାରୀ ସୁନ୍ଦର ନୁହେ—ପୁରୁଷ ସୁନ୍ଦର, ଲୋକେ ବୁଝିବେ ନାହିଁ । ଏ ବିଷୟରେ ବହୁ ଯୁକ୍ତି ତର୍କ ଚାଲିବାର ମଧ୍ୟ ଦେଖା ଅଛି । ମାତ୍ର କୌଣସି ସିଦ୍ଧାନ୍ତରେ ଲୋକେ ଏକମତ ନୁହନ୍ତି । କିନ୍ତୁ ବାସ୍ତବରେ ଅଳ୍ପ ପରୀକ୍ଷା କଲେ ବୁଝାଯିବ ନାରୀର ସୌନ୍ଦର୍ଯ୍ୟ ପୁରୁଷର ଚିନ୍ତା, ଏହା ପୁରୁଷର ଅନୁଭୂତି । ଏ ଅନୁଭୂତିର ମୂଳରେ କାମନା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ରହିଛି । ସେ କାମନା ପୁଣି ଯେ ସେ କାମନା ନୁହେ—ଏହା ମାନବ କାମନାର ରାଜ୍ୟ । ତେଣୁ ଏହାର ନାମହିଁ କାମନା ବା କାମ । ଏ କାମକୁ ଜଗତର ରକ୍ଷା ନାହିଁ । ଏହା ଜୀବ-ସୃଷ୍ଟିର ଏକ ନିତ୍ୟ ଗତିର ଅବଶ୍ୟ ବିକାଶ । ସର୍ଗତନ୍ତ୍ରରେ ଏ କାମନା ନିତ୍ୟ । ତେଣୁ ନାରୀର ସୌନ୍ଦର୍ଯ୍ୟ ନିଷ୍କାମ ସୌନ୍ଦର୍ଯ୍ୟ ନ ହେଲେହେଁ ଅନୁଭୂତିର ନିତ୍ୟତାରେ ସୁପ୍ରତିଷ୍ଠିତ । ସୌନ୍ଦର୍ଯ୍ୟର ଏ ଅବବୋଧରେ ବିଶ୍ଳେଷଣ ସୁଗମ ନୁହେ । ଏ ଅବବୋଧରେ ନିଷ୍କାମ ସୌନ୍ଦର୍ଯ୍ୟର ମାତ୍ରା କେତେ, ତାହା ଠିକ୍ କରି ବୁଝିବା ଅତି ଦୁର୍ଘଟ ।

କିନ୍ତୁ ବିଶ୍ୱ-ରାଜ୍ୟରେ ଯେ ନିଷ୍କାମ ସୌନ୍ଦର୍ଯ୍ୟକୁ ଯଥାର୍ଥ ସୌନ୍ଦର୍ଯ୍ୟ ବୋଲି ଧରି ଯାଏ, ତାହା ନାରୀ ଠାରେ ନାହିଁ—ରହି ନ ପାରେ । ଅଛି ପୁରୁଷ ଠାରେ । ପୁରୁଷ ନାରୀକୁ ସୁନ୍ଦର ବିଚାରିଲେ ମଧ୍ୟ ସବୁବେଳେ ସୁନ୍ଦର କରିବାକୁ ଲୋଡ଼େ । ନାରୀକୁ ବସ୍ତ୍ର ଭୂଷଣ କେଶ ବେଶାଦିରେ ସଜାଡ଼ି ସୁନ୍ଦର କରିବା ପୃଥିବୀରେ ସାର୍ବଜନୀନ ଓ ସାର୍ବକାଳିକ । ଯେ ସୁନ୍ଦର ତାକୁ କେହି ସୁନ୍ଦର କରେ ନାହିଁ, ତାକୁ କେହି ସୁନ୍ଦର କରିବାକୁ ଲୋଡ଼େ ନାହିଁ ।

ଗଠନ ସୌଷ୍ଠବ ଓ ଅନୁପାତର ସୁଷମା ବେଶରେ ନିଷ୍କାମ ସୌନ୍ଦର୍ଯ୍ୟ ଫୁଟେ । ସମ୍ପୂର୍ଣ୍ଣ ବସ୍ତ୍ର ବେଶ ହୀନ ଗୋଟିଏ ଯୁବକ ଓ ଗୋଟିଏ ଯୁବତୀକୁ ପାଖେ ପାଖେ ଠିଆ କରି ଦେଇ ଦେଖ । ଅଙ୍ଗ-ପ୍ରତ୍ୟଙ୍ଗର ଅନୁପାତ ସୌଷ୍ଠବରେ କିଏ କାହାଠାରୁ ଭଲ ? ନାରୀର ଅଗ୍ରେସର ଭାରାକ୍ରାନ୍ତ ପୃଥୁଳସ୍ତନ, ପୁଣି ପଶ୍ଚାଦ୍ ବିଜ ବିସ୍ତୃତ ବିଶାଳ ନିତମ୍ବ । ନାରୀର ଏ କଦର୍ଯ୍ୟ କୁତ୍ସିତ ଅନୁପାତ ସଙ୍ଗେ ପୁରୁଷର ସର୍ବତଃ ସମପୁଷ୍ଟ ପେଶିମୟ ଅଙ୍ଗ-ପ୍ରତ୍ୟଙ୍ଗର ଶୋଭା ତୁଳନା କଲେ କି ମତ ଦେବାକୁ ହେବ ?

ଜନ୍ତୁ ଜଗତରେ ନାରୀର ଓ ପୁରୁଷର ଶରୀର ଶୋଭା ଦେଖ । ସିଂହର କେଶରଛଟା ସିଂହୀର ନାହିଁ । ମୟୂରର ପୁଚ୍ଛ, କୁକ୍କୁଟର ମୁକୁଟ, ମୃଗର ବହୁ ଶାଖାବିଶାଣଛବି, ମୟୂରୀ, କୁକ୍କୁଟୀ, ମୃଗୀର ନାହିଁ । ଅନୁସନ୍ଧାନ କଲେ ସ୍ପଷ୍ଟ ବୁଝାଯିବ ଏ କେତୋଟି ଉଦାହରଣ ନିପାତନ ନୁହେ । ଜନ୍ତୁ ଜଗତରେ ଏହାହିଁ ନିୟମ । ବ୍ୟତିକ୍ରମ ଥିଲେ ତାହା ନିପାତନ ।

ଜନ୍ମ ବେଳେ ଶିଶୁକୁ ଦେଖିଲେ ବୁଝା ଯାଇପାରେ, ଝିଅ ସୁନ୍ଦର, କି ପୁଅ ସୁନ୍ଦର । ମାତା ଏହାର ସାକ୍ଷୀ । ତେବେ ଅନେକେ କହିବେ ମାତାର ସାକ୍ଷ ଏ କ୍ଷେତ୍ରରେ ନିରପେକ୍ଷ ହୋଇ ନ ପାରେ । ଝିଅ ତାର ସ୍ୱଜାତି, ପୁଅର ଭବିଷ୍ୟତରେ ତାହାର ଘୋର ସ୍ୱାର୍ଥ । ତଥାପି ଅନେକ ବିଚକ୍ଷଣ ମାତା ଯଥାସାଧ୍ୟ ନିରପେକ୍ଷ ମତ ଦିଅନ୍ତି । ଜନ୍ମ ବେଳେ ପୁଅଟି ପରି ଝିଅଟି ସୁନ୍ଦର ଦିଶେ ନାହିଁ । ଯେଉଁ ପୁରୁଷ ନାରୀର ସୌନ୍ଦର୍ଯ୍ୟକୁ ନିଜର ନିଷ୍କାମ ଅନ୍ତରାତ୍ମା ଅନ୍ତର କରି ଦେଖିବାରେ ଏକ ପ୍ରକାର ଅକ୍ଷମ, ସେ ଯାଇ ନବ ଜାତ ଶିଶୁ ପରୀକ୍ଷା କରି ଦେଖନ୍ତୁ । ସେ ସହଜରେ ବୁଝି ପାରିବେ ନାରୀ ଶିଶୁ ପୁରୁଷ ଶିଶୁ ତୁଳନାରେ କି କୁତ୍ସିତ—ଗଠନ ସୌଷ୍ଠବରେ କି ଅନୁପାତ ହୀନ ।

ଉପଯୋଗିତାର ବିଚାର ଗୋଟିଏ ସ୍ୱାର୍ଥ । ଏହା ଅଜ୍ଞାତ ହୋଇପାରେ ; କାରଣ ଚିନ୍ତାର ପ୍ରଭାବ ଅଭ୍ୟାସରେ ସ୍ପଷ୍ଟ ଜ୍ଞାନରାଜ୍ୟରୁ ପଛକୁ ଚାଲିଯାଏ । ଘରଦାରେ ରହିଥିବା ନାରୀ ଅଜ୍ଞ ପୁରୁଷକୁ ଦେଖିବା ମାତ୍ରେ ବାଘ ଭାଲୁ ଦେଖି ପଳାଇଲା ପରି ପଳାଇ ଲୁଚିଯାଏ । ପୁରୁଷର ତୀବ୍ର କାମନାର ଅତ୍ୟାଚାରର ସ୍ମୃତି ଓ ଚିନ୍ତା ପୂର୍ଣ୍ଣ ମାତ୍ରାରେ ଏହା ମୂଳରେ ଅଛି । କିନ୍ତୁ ଅବଳା ଆଜି ତାହା ସ୍ପଷ୍ଟ ବୁଝୁ ନାହିଁ କି ଜାଣୁ ନାହିଁ । ପରମ୍ପରାର ସ୍ରୋତରେ ଏହା ନାରୀ ପ୍ରକୃତିର ଗୋଟିଏ ଅଙ୍ଗ ହୋଇ ପଡ଼ିଛି । ଏହିପରି ମାନବର ଦୈନନ୍ଦିନ କ୍ରିୟାରେ ଅଜ୍ଞାତ ଭାବରେ କେତେ ଚିନ୍ତା ଓ କଳ୍ପନାର ପ୍ରଭାବ ଅଛି ତାହା ଗଣି ହେବ ନାହିଁ । ଭାତ ଗୁଣ୍ଡାଟି ଉଠାଇ ମୁହଁକୁ ନେଲା ବେଳେ କେତେ ଭାତ କିପରି ଭାବରେ ଧରିବ, କେତେ ବଳ ଖର୍ଚ୍ଚ କରି କେଉଁ ବାଟେ କେତେ ଦୂରକୁ ଉଠାଇ କେଉଁ ପର୍ଯ୍ୟନ୍ତ ନେଇ କେଉଁଠାରେ ତାହା କିପରି ରଖିବ, ଏ ସମସ୍ତ ଗଣନା ଅଜ୍ଞାତ ଭାବରେ ହୋଇଯାଏ । ଅନେକେ ଦେଖିଥିବେ ପିଲା ପ୍ରଥମେ କିଛି ଖାଇବାକୁ ତୁଣ୍ଡକୁ ନେଲା ବେଳେ—ବିଶେଷରେ ଆଉ କାହାକୁ ଖୁଆଇବାକୁ ଚେଷ୍ଟା କଲା ବେଳେ, ହାତଟି ମୁହଁରେ ନ ମାଡ଼ି ନାକରେ ଓଠରେ, ଗାଲରେ ମାଡ଼ିଦିଏ ତାହାର ଲକ୍ଷ୍ୟ ଠିକ୍ ହୋଇ ନ ଥାଏ ; ଗଣନାରେ ଓ କ୍ରିୟା ଯୋଜନାରେ ପ୍ରମାଦ ଥାଏ । ନାରୀ ସୌନ୍ଦର୍ଯ୍ୟର ଅବବୋଧ ଆଜି ସେହିପରି ଅଜ୍ଞାତ ଭାବରେ ଉପଯୋଗିତାର ଗଣନାରେ ପ୍ରଭାବିତ ରହିଅଛି । କିନ୍ତୁ ଏ ସୌନ୍ଦର୍ଯ୍ୟବୋଧ ଯଥାର୍ଥ ସୌନ୍ଦର୍ଯ୍ୟବୋଧଠାରୁ ଭିନ୍ନ । ଯଥାର୍ଥ ସୌନ୍ଦର୍ଯ୍ୟ ବୋଧରେ ଗଣନା ନାହିଁ, ସୀମା ନାହିଁ, ଚିନ୍ତାର ଚତୁରତା ସେଠାରେ କାମ କରେ ନାହିଁ ।

ଅନୁଭୂତ ପ୍ରାଣକୁ ସୁଚନାରୁ ଅନନ୍ତକୁ ଘେନି ଯାଏ । ସୌନ୍ଦର୍ଯ୍ୟର ଏହି ଅନୁଭୂତିରେ କର୍ମମୟ ବିଶ୍ୱ ଜଗତର ଅଧ୍ୟାତ୍ମ-ଭାବ ପ୍ରାଣରେ ଫୁଟି ଉଠେ । ଏହି ଅଧ୍ୟାତ୍ମଭାବ ହିଁ ମାନବର ମାନବତା । ଗଛରୁ ପତ୍ରଟିଏ ବାହାରି ପଡ଼ିବାର ଦେଖିଲେ

Digitized by srujanika@gmail.com

ଭାବୁକ ମାନବ ଅନନ୍ତ ଅଧ୍ୟାତ୍ମର ଅନୁଭୂତିରେ ବେଳେ ବେଳେ ଆତ୍ମ ବିସ୍ମୃତ ହୁଏ। ସେହି ଅନୁଭୂତି ହିଁ ମାନବ ହୃଦୟରେ ଦେବ ଭାବର ସୂଚନା। ସ୍ୱାର୍ଥ ସମ୍ବଳିତ ସୌନ୍ଦର୍ଯ୍ୟ ବୋଧରେ ସେ ବିଶ୍ୱ ସୂଚନା ବିକୃତ ବର୍ଣ୍ଣନାରେ ପରିଣତ ହୁଏ। ଅନନ୍ତ ଅନୁଭୂତି ସୀମାବଦ୍ଧ ଶକ୍ତିର ଚତୁରତାରେ ଅବଚ୍ଛିନ୍ନ ହୁଏ। ଏହି ପରି ଶକ୍ତିରେ ଅବଚ୍ଛିନ୍ନ ଅନୁଭୂତି ମଧ୍ୟରେ ନାରୀର ସୌନ୍ଦର୍ଯ୍ୟବୋଧ ସର୍ବଶ୍ରେଷ୍ଠ।

# ପରମାର୍ଦ୍ଦି ଦେବ ସାମନ୍ତରାୟ

**ଅଧ୍ୟାପକ ଶ୍ରୀ ବିନାୟକ ମିଶ୍ର, କଲିକତା ବିଶ୍ୱବିଦ୍ୟାଳୟ**

ଏକାଦଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାରେ ଗଙ୍ଗବଂଶର ରାଜତ୍ୱ ପ୍ରତିଷ୍ଠିତ ହେଲା। ଚୋଡ଼ଗଙ୍ଗ ଦେବ ଉତ୍କଳରେ ଗଙ୍ଗବଂଶର ପ୍ରଥମ ରାଜା। ସେ ୧୧୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ତାଙ୍କର ଅନେକ ରାଣୀ ଥିଲେ। ଚୋଡ଼ଗଙ୍ଗଙ୍କ ଉତ୍ତାରେ କସ୍ତୁରିକାମୋଦିନୀ ନାମ୍ନୀ ରାଣୀଙ୍କ ଗର୍ଭରୁ ଜାତ କାମାର୍ଣ୍ଣବ ସିଂହାସନ ଆରୋହଣ କରି ୧୧୫୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ତାଙ୍କ ଅନ୍ତେ ଇନ୍ଦିରା ନାମ୍ନୀ ରାଣୀଙ୍କ ଗର୍ଭରୁ ଜାତ ଚୋଡ଼ଗଙ୍ଗଙ୍କ ପୁତ୍ର ରାଘବ ସିଂହାସନରେ ଅଭିଷିକ୍ତ ହୋଇ ୧୧୭୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ତାଙ୍କ ଅନ୍ତେ ଚନ୍ଦ୍ରଲେଖା ନାମ୍ନୀ ଅନ୍ୟ ଏକ ରାଣୀଙ୍କ ଗର୍ଭରୁ ଜାତ ରାଜରାଜ ରାଜା ହୋଇ ୧୧୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ତାଙ୍କ ଅନ୍ତେ ତାଙ୍କ ସାନ ଭାଇ ଅନଙ୍ଗଭୀମ ଦେବ ୧୧୯୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ। ତାଙ୍କ ଉତ୍ତାରେ ତାଙ୍କ ପୁତ୍ର ରାଜରାଜ (୨ୟ) ୧୨୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ। ଏହାଙ୍କ ଅନ୍ତେ ଏହାଙ୍କ ପୁଅ ଅନଙ୍ଗଭୀମ ରାଜତ୍ୱ କଲେ। ଏହାଙ୍କ ରାଜତ୍ୱର ପୂର୍ବେ ଚଉଦ୍ୱାରଠାରେ ଓଡ଼ିଶାର ରାଜଧାନୀ ଥିଲା। ଅନଙ୍ଗଭୀମ ଦେବ (୨ୟ) ଚଉଦ୍ୱାରଠାରୁ କଟକକୁ ରାଜଧାନୀ ଘୁଞ୍ଚାଇ ଥିଲେ। ସେତେବେଳେ ଚଉଦ୍ୱାର ମଧ୍ୟ କଟକ ନାମରେ ଅଭିହିତ ହେଉ ଥିଲା। ନୂତନ କଟକକୁ ପୃଥକ୍ ରୂପେ ଚିହ୍ନିତ କରାଇବା ନିମନ୍ତେ ଅନଙ୍ଗଭୀମ ଦେବ ତାହାକୁ ବାରାଣସୀ କଟକ ନାମରେ ଅଭିହିତ କରାଇ ଥିଲେ। ଆଧୁନିକ ବିଦ୍ୟାନାସୀ ନାମଟି ଏହି ବାରାଣସୀରୁ ରୂପାନ୍ତରିତ।

ଅନଙ୍ଗଭୀମ ଦେବଙ୍କ ରାଜତ୍ୱ କାଳରେ ମଧ୍ୟ ପ୍ରଦେଶର ଛତିଶଗଡ଼ ଅଞ୍ଚଳରେ ହୈହୟ ବଂଶ ରାଜତ୍ୱ କରୁ ଥିଲେ। ସେମାନଙ୍କ ରାଜ୍ୟ ତୁମ୍ମାଣ ରାଜ୍ୟ ନାମରେ ଅଭିହିତ ହେଉଥିଲା। ଅନଙ୍ଗଭୀମ ଦେବଙ୍କର ଚନ୍ଦ୍ରାଦେବୀ ନାମରେ ଗୋଟିଏ କନ୍ୟା ଥିଲା। ଅନଙ୍ଗଭୀମ ଦେବ ଏହାଙ୍କୁ ହୈହୟ ବଂଶର ପରମାର୍ଦ୍ଦି ଦେବଙ୍କ ସହିତ ବିବାହିତା କରାଇ ପରମାର୍ଦ୍ଦି ଦେବଙ୍କୁ ଯାଜପୁର ଅଞ୍ଚଳର ଶାସନ ଭାର ଅର୍ପଣ କରି ଓଡ଼ିଶାରେ ରଖାଇ ଥିଲେ। ପରମାର୍ଦ୍ଦି ଦେବ ସାମନ୍ତରାୟ ଉପାଧି ଅନଙ୍ଗଭୀମ ଦେବଙ୍କଠାରୁ ଗ୍ରହଣ କରି ଯାଜପୁର ଶାସନ କରୁ ଥିଲେ। ଅନଙ୍ଗଭୀମ ଦେବଙ୍କ ରାଣୀ କସ୍ତୁରା ଦେବୀ ଚନ୍ଦ୍ରାଦେବୀଙ୍କ ମାତା। ଅନଙ୍ଗଭୀମ ଦେବ ଜୀବନର ଅଧିକାଂଶ କାଳ କଟକରେ କଟାଇ ଥିଲେ। ତାଙ୍କ ରାଜତ୍ୱରେ ଉତ୍କଳରେ ଅନେକ ରାସ୍ତା ଓ ପାନ୍ଥଶାଳା ତିଆରି ହୋଇ ଥିଲା। ସେ କଟକର କୃଷ୍ଣପୁର ଗ୍ରାମର ଗୃଧେଶ୍ୱରଙ୍କ ମନ୍ଦିର ନିର୍ମାଣ କରାଇ ଥିଲେ। ବିଷ୍ଣୁର ନାମରେ ତାଙ୍କର ଜଣେ ପଣ୍ଡିତ ଥିଲେ।

ଅନଙ୍ଗଭୀମ ଦେବ ୧୨୩୮ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରି ଥିଲେ। ତାଙ୍କ ପୁତ୍ର ନରସିଂହ ଦେବ ସିଂହାସନ ଆରୋହଣ କରି ୧୨୬୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରି ଥିଲେ। ସେ କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇ ଥିଲେ। ମାଳବ ରାଜା ମାଲଦେବଙ୍କ କନ୍ୟା ସୀତା ଦେବୀ ଏହାଙ୍କର ରାଣୀ ଥିଲେ। ଏହାଙ୍କ ରାଜତ୍ୱ କାଳରେ ସାମନ୍ତ ରାଜା ସାହସମଲ୍ଲ, ବୈଷ୍ଣବ ଧର୍ମ ପ୍ରଚାରକ ବାସୁଦେବ ଯତି, ପ୍ରଧାନ ସେନାପତି ରାମଗୋବିନ୍ଦ ଓ ପଣ୍ଡିତ ବିଦ୍ୟାଧର ଉତ୍କଳରେ ଖ୍ୟାତନାମା ଥିଲେ।

ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ଉତ୍ତର ଭାରତରୁ ହିନ୍ଦୁ ଶାସନରବି ଅସ୍ତମିତ ହେଲେ। ମହମ୍ମଦ ଘୋରି ପୃଥ୍ୱୀରାଜଙ୍କୁ ପରାସ୍ତ କରି ଆପଣାର କ୍ରୀତଦାସ କୁତବୁଦ୍ଦିନଙ୍କୁ ଦିଲ୍ଲୀର ସିଂହାସନରେ ବସାଇ ସ୍ୱଦେଶକୁ ଫେରିଲେ। ଭାରତରେ ମୁସଲମାନ ରାଜତ୍ୱ ପ୍ରତିଷ୍ଠିତ ହେଲା।

କୁତବୁଦ୍ଦିନ ବଙ୍ଗ ଓ ବିହାର ନିଜ ସାମ୍ରାଜ୍ୟଭୁକ୍ତ କରି ଥିଲେ। କୁତବୁଦ୍ଦିନଙ୍କ ଉତ୍ତାରେ କେତେ ଜଣ ଦିଲ୍ଲୀର ସୁଲତାନ ହେବା ପରେ ଗିୟାସୁଦ୍ଦିନ ସୁଲତାନ ହେଲେ। ସେତେବେଳେ ତୁଘାନ ଖାଁ ଅମିର ହୋଇ ବଙ୍ଗ ଶାସନ କରୁ ଥିଲେ। ରାଜସାହି ବିଭାଗର ଲଖନତି ନାମକ ସ୍ଥାନରେ ତାଙ୍କର ରାଜଧାନୀ ଥିଲା।

ସେତେବେଳେ କଂସାଇ ନଦୀ ଉତ୍କଳର ଉତ୍ତର ସୀମା ଥିଲା। ନରସିଂହ ଦେବଙ୍କ ରାଜତ୍ୱରେ ପରମାର୍ଦ୍ଦି ଦେବ ଯାଜପୁର ଠାରୁ ସସୈନ୍ୟରେ ଅଭିଯାନ କରି କଂସାଇ ପାର ହୋଇ ବଙ୍ଗ ଆକ୍ରମଣ କରି ଅନେକ ଧନ ରତ୍ନ ଲୁଟି କରି ଥିଲେ। ତୁଘାନ ଖାଁ ଏ ସମ୍ବାଦ

Digitized by srujanika@gmail.com

ପାଇ ମିଲ୍ଲାକ ସିରାଜ କୁର୍ଜାନଙ୍କ ସହିତ ସସୈନ୍ୟରେ ଅଗ୍ରସର ହେଲେ । କଂସାଇ କୂଳରେ ପହଞ୍ଚି ପରମାର୍ଦ୍ଦି ଦେବଙ୍କ ସହିତ ଯୁଦ୍ଧ କଲେ । କିନ୍ତୁ ପରମାର୍ଦ୍ଦି ଦେବ ବଡ଼ ଚତୁର ଥିଲେ । ଲୁଣ୍ଠିତ ଧନ ଶତ୍ରୁର ହସ୍ତଗତ ଯେପରି ନ ହେବ ଓ ଶତ୍ରୁମାନେ ସହଜରେ ଯେପରି ପରାଜିତ ହେବେ ସେପରି ଉପାୟ ସ୍ଥିର କରି ଯୁଦ୍ଧଭୂମିରୁ ସ୍ୱଦେଶକୁ ପଳାଇ ଯିବା ନିମନ୍ତେ ସୈନ୍ୟମାନଙ୍କୁ ଆଦେଶ ଦେଲେ । ସୈନ୍ୟମାନେ ପଳାୟନ କଲେ । ମୁସଲମାନ ସୈନ୍ୟମାନେ ଭାବିଲେ ଯେ ଶତ୍ରୁମାନେ ପରାଜିତ ହୋଇ ପଳାଇ ଗଲେ । ଏଣୁ ସେମାନେ ଶିବିରକୁ ଯୁଦ୍ଧ-ଭୂମିରୁ ନେଉଟି ଆସିଲେ । ଯେଉଁ ବାଟରେ ଶତ୍ରୁ-ମାନେ ପଳାଇଗଲେ ସେହି ବାଟରେ ଆସି ଶତ୍ରୁମାନେ ପୁଣି ଆକ୍ରମଣ କରି ପାରନ୍ତି, ଏହି ଆଶଙ୍କା କରି ମୁସଲମାନମାନେ ଶତ୍ରୁର ଗତିରୋଧ ନିମନ୍ତେ କେତେ ଜଣ ସୈନିକ ବାଟ ମୁହଁରେ ଜଗାଇ ଥିଲେ ।

ପରମାର୍ଦ୍ଦିଦେବ ସସୈନ୍ୟରେ ପଳାଇ ଆସି ଗୋଟିଏ ସୁଦୃଢ଼ ଦୁର୍ଗ ଭିତରେ ଧନରତ୍ନ ରଖି ଦେଇ ଅରଣ୍ୟ ପଥରେ ଅଗ୍ରସର ହୋଇ ମୁସଲମାନମାନେ ଶିବିରରେ ଆମୋଦ-ପ୍ରମୋଦ କରୁଥିବା ସମୟରେ ଶିବିରର ପଛଆଡ଼ୁ ଯାଇ ସେମାନଙ୍କୁ ଆକ୍ରମଣ କଲେ । ଅନାୟାସରେ ଓଡ଼ିଆ ସୈନ୍ୟଙ୍କ ଦ୍ୱାରା ଅନେକ ମୁସଲମାନ ସୈନ୍ୟ ନିହତ ହେଲେ । ତୁଘାନ ଖାଁ ରାଜଧାନୀକୁ ବାହୁଡ଼ି ଗଲେ । ପରମାର୍ଦ୍ଦି ଦେବ ପଚିଶ ଜଣ ଅଶ୍ୱାରୋହୀ ଓ ଦୁଇ ଶତ ମାତ୍ର ପଦାତିକ ସୈନ୍ୟ ଘେନି ଶିବିର ଆକ୍ରମଣ କରି ଥିଲେ ।

ପରମାର୍ଦ୍ଦିଦେବ ଯାଜପୁରକୁ ଆସି ତୁଘାନ ଖାଁଙ୍କ ରାଜଧାନୀ ଆକ୍ରମଣ କରିବା ନିମନ୍ତେ ବହୁତ ହାତୀ ଓ ପାଇକ ସଂଗ୍ରହ କଲେ । ପ୍ରଚୁର ସୈନ୍ୟବଳ ଘେନି ବଙ୍ଗ ଆକ୍ରମଣ କରି ତୁଘାନ ଖାଁଙ୍କ ନିମ୍ନସ୍ଥ ଶାସନକର୍ତ୍ତା ଫଖ୍ରୁଲ୍ ମଲିକ, କରିମୁଦ୍ଦିନ ଓ ଲର୍ଘିଙ୍କୁ ନିହତ କଲେ । ତହିଁ ଉତ୍ତାରୁ ରାଜଧାନୀ ଆକ୍ରମଣ କଲେ । ଏପରି ସମୟରେ ଦିଲ୍ଲୀରୁ ସୈନ୍ୟମାନେ ଆସୁଥିବାର ସମ୍ବାଦ ପାଇଲେ । ସୁଲତାନ ଗିୟାସୁଦ୍ଦିନ ତୁଘାନ ଖାଁଙ୍କ ସାହାଯ୍ୟ ନିମନ୍ତେ ସୈନ୍ୟ ପଠାଇଛନ୍ତି ମନେ କରି ପରମାର୍ଦ୍ଦି ଦେବ ଯାଜପୁରକୁ ଫେରି ଆସିଲେ ।

ଗିୟାସୁଦ୍ଦିନ ସୁଲତାନ ହେବା ସମୟରେ ତୁଘାନ ଖାଁ ବଙ୍ଗର ଶାସନକର୍ତ୍ତା ରୂପେ ଆପଣାକୁ ଘୋଷଣା କରି ଥିଲେ । ଏଣୁ ଗିୟାସୁଦ୍ଦିନ ତୁଘାନ ଖାଁଙ୍କୁ ଦମନ କରିବା ନିମନ୍ତେ ସସୈନ୍ୟରେ ଜୁଜୁବକ ଖାଁଙ୍କୁ ପଠାଇଥିଲେ—ସାହାଯ୍ୟ କରିବା ନିମନ୍ତେ ନୁହେ । ପରମାର୍ଦ୍ଦିଦେବଙ୍କ ଦ୍ୱାରା ବିରକ୍ତ ତୁଘାନ ଖାଁଙ୍କୁ ଜୁଜୁବକ ଖାଁ ଅନାୟାସରେ ଜୟ କରି ବଙ୍ଗର ଶାସନକର୍ତ୍ତା ହେଲେ ।

ପରମାର୍ଦ୍ଦି ଦେବ ଏହି ଜୁଜୁବକ ଖାଁଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲେ । କିନ୍ତୁ ପରାସ୍ତ ହେଲେ । ପରାସ୍ତ ହୋଇ ମଧ ସେ ଏହି ଯୁଦ୍ଧରେ ଯେଉଁ ଅସୀମ ସାହସିକତାର ପରିଚୟ ଦେଇଥିଲେ ତାହାକୁ ମୁସଲମାନମାନେ ପ୍ରଶଂସା କରିବାକୁ ବାଧ୍ୟ ହୋଇ ଥିଲେ । ଯାହା ହେଉ ପରାସ୍ତ ହେଲେ ମଧ ପରମାର୍ଦ୍ଦି ଦେବ କ୍ଷାନ୍ତ ରହିଲେ ନାହିଁ । ପୁଣି ସୈନ୍ୟ ଘେନି ଜୁଜୁବକ ଖାଁଙ୍କୁ ଆକ୍ରମଣ କଲେ । କିନ୍ତୁ ଦୁର୍ଭାଗ୍ୟ କ୍ରମେ ପରାସ୍ତ ହେଲେ । ଏଣୁ ନିଜେ ନରସିଂହ ଦେବ ପରମାର୍ଦ୍ଦିଦେବଙ୍କ ସହିତ ଯୋଗ ଦେଲେ । ତୃତୀୟ ଥର ଯୁଦ୍ଧ ହେଲା । ଜୁଜୁବକ ଖାଁ ପରାସ୍ତ ହେଲେ । ଏଥର ମୁସଲମାନ-ମାନଙ୍କର ଗୋଟିଏ ଧଳା ହାତୀ ପରମାର୍ଦ୍ଦିଦେବ ଘେନି ଆସିଥିଲେ ।

ଜୁଜୁବକ ଖାଁ ପରାସ୍ତ ହୋଇ ଦିଲ୍ଲୀର ସୁଲତାନଙ୍କ ନିକଟକୁ ସାହାଯ୍ୟ ମଗାଇ ପଠାଇଲେ । ଦିଲ୍ଲୀରୁ ସୈନ୍ୟ ଆସି ପହଞ୍ଚିବାରୁ ଓଡ଼ିଶା ଅଭିମୁଖରେ ଅଗ୍ରସର ହୋଇ ଅମର୍ଦ୍ଦାଠାରେ ପରମାର୍ଦ୍ଦି-ଦେବଙ୍କୁ ଆକ୍ରମଣ କଲେ । ପରମାର୍ଦ୍ଦି ଦେବ ଯୁଦ୍ଧରେ ନିହତ ହେଲେ । ଅମର୍ଦ୍ଦାଠାରେ ଥିବା ପରମାର୍ଦ୍ଦି ଦେବଙ୍କ ସମସ୍ତ ଧନ-ସମ୍ପଦ ଓ ହାତୀ ଜୁଜୁବକ ଖାଁଙ୍କର ହସ୍ତଗତ ହେଲା ।

ପରମାର୍ଦ୍ଦି ଦେବଙ୍କର ସ୍ତ୍ରୀ ଚନ୍ଦ୍ରାଦେବୀ ଭୁବନେଶ୍ୱରର ବିନ୍ଦୁସାଗର କୂଳରେ ନରସିଂହ ଦେବଙ୍କ ପୁତ୍ର ଭାନୁ ଦେବଙ୍କ ରାଜତ୍ୱରେ ଅନନ୍ତ ବାସୁଦେବଙ୍କ ମନ୍ଦିର ନିର୍ମାଣ କରାଇ ତହିଁରେ ଗୋଟିଏ ଶିଳାଲିପି ଖୋଦିତ କରାଇ ଅଛନ୍ତି । ଏଥିରେ ଉଲ୍ଲେଖ ଅଛି ଯେ ତାଙ୍କ ସ୍ୱାମୀ ହୈହୟ ବଂଶୀ ପରମାର୍ଦ୍ଦିଦେବ ମୁସଲମାନମାନଙ୍କ ସଙ୍ଗେ ଯୁଦ୍ଧ କରି ନିହତ ହୋଇଥିଲେ । ସେ ଯାଜପୁରରେ ଶାସନ-କର୍ତ୍ତା ଥିଲେ ବୋଲି ତହିଁରେ ଉଲ୍ଲେଖ ନାହିଁ । ଗଙ୍ଗ ରାଜାମାନଙ୍କ ତାମ୍ର-ଶାସନରେ ଉଲ୍ଲେଖ ଅଛି ଯେ ନରସିଂହ ଦେବ ମୁସଲମାନମାନଙ୍କୁ ପରାସ୍ତ କରିଥିଲେ । ତବକାତ୍-ଇ-ନାସିରି ଉଲ୍ଲେଖ କରି ଅଛନ୍ତି ତୁଘାନ ଖାଁ ଓ ଜୁଜୁବକ ଖାଁ ଯାଜନଗରର ସାମନ୍ତରାୟଙ୍କ ସଙ୍ଗେ ଯୁଦ୍ଧ କରି-ଥିଲେ । ବିଶେଷ ପ୍ରୟୋଜନ ନ ପଡିଲେ ବଡ଼ ରାଜାମାନେ ନିଜେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୁଅନ୍ତି ନାହିଁ । ଏଣୁ ନରସିଂହ ଦେବ ପ୍ରତ୍ୟେକ ଥର ସ୍ୱୟଂ ଯୁଦ୍ଧ କରୁ ଥିଲେ ବୋଲି କୁହାଯାଇ ନ ପାରେ । ଚନ୍ଦ୍ରାଦେବୀଙ୍କ ଶିଳାଲିପିରୁ ଅନୁମାନ କରିବାକୁ ହୁଏ, ପରମାର୍ଦ୍ଦି ଦେବ ସର୍ବଦା ମୁସଲମାନମାନଙ୍କ ସହିତ ଯୁଦ୍ଧ କରି ଥିଲେ । ତାହାହେଲେ ମୁସଲମାନ ଇତିହାସର ଯାଜପୁରରେ ସାମନ୍ତରାୟ ପରମାର୍ଦ୍ଦି ଦେବଙ୍କ ଛଡ଼ା ଆଉ କେହି ହୋଇ ନ ପାରନ୍ତି । ସାମନ୍ତରାୟ ଦୁଇଥର ଯୁଦ୍ଧ କରି ପରାସ୍ତ ହେବା ଉତ୍ତାରେ ତୃତୀୟ ଥର କିଏ ଯୁଦ୍ଧ କଲା, ତାହା ମୁସଲମାନ ଇତିହାସରେ ଉଲ୍ଲିଖିତ ନାହିଁ । ସେ ଥର ନରସିଂହ ଦେବ ଯୁଦ୍ଧ କରି ଜୟଲାଭ କରିଥିବା ସମ୍ଭବପର ।

ମୁସଲମାନ୍ ଐତିହାସିକ ଉଲ୍ଲେଖ କରି ଅଛନ୍ତି ଯେ ରାୟ ଅମର୍ଦ୍ଦା-ଠାରେ ତୃତୀୟ ଥର ପରାସ୍ତ ହୋଇ ଯୁଦ୍ଧ-ଭୂମିରୁ ପଳାଇ ଗଲେ । ଯାହାଙ୍କ ସାହସ ଓ ବୀରତ୍ୱକୁ ଶତ୍ରୁମାନେ ପ୍ରଶଂସା କରି ଅଛନ୍ତି ସେ ରଣରୁ ପୃଷ୍ଠଭଙ୍ଗ ଦେଇଥିବା ସମ୍ଭବପର ନୁହେ । ସେ ଆହତ ହେବା ଉତ୍ତାରେ ବୋଧ ହୁଏ କେହି ସୈନିକ ଚିକିତ୍ସା ନିମନ୍ତେ ଯୁଦ୍ଧ-କ୍ଷେତ୍ରରୁ ତାଙ୍କୁ ନିରାପଦ ସ୍ଥାନକୁ ଘେନି ଯାଇଥିଲେ, ପଛେ ଆରୋଗ୍ୟ ଲାଭ ନ କରି ପ୍ରାଣ ତ୍ୟାଗ କଲେ । ଏପରି ଅନୁମାନ କଲେ ଚନ୍ଦ୍ରାଦେବୀଙ୍କ ଶିଳାଲେଖର ଉକ୍ତି ଓ ମୁସଲମାନ ଇତିହାସର ଉକ୍ତି ମଧ୍ୟରେ ଆଉ ଅମେଳ ରହେ ନାହିଁ । ଏହିପରି ବିଭିନ୍ନ ଲେଖାର ସାର ସଂଗ୍ରହ କରି ପରମାର୍ଦ୍ଦି ଦେବଙ୍କ ବିବରଣ ଉଦ୍ଧାର କରା ଯାଇଅଛି ।

Digitized by srujanika@gmail.com

ଅନେକ ଐତିହାସିକଙ୍କ ମତରେ ଭଟ୍ଟଭବ ଦେବ ଅନନ୍ତ ବାସୁ-ଦେବଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ଭବଦେବ ନାରାୟଣ ବିଷ୍ଣୁଙ୍କ ନିମନ୍ତେ ଗୋଟିଏ ମନ୍ଦିର ତୋଳାଇ ଥିବା କଥା ତାଙ୍କ ଶିଳାଲିପିରେ ଅଛି । କିନ୍ତୁ କେଉଁ ଠାରେ ସେ ମନ୍ଦିର ତୋଳାଇ ଥିଲେ ତାହାର ଉଲ୍ଲେଖ ତହିଁରେ ନାହିଁ । ବିନ୍ଦୁସାଗର କୂଳରେ ବଳଭଦ୍ର, ସୁଭଦ୍ରା ଓ କୃଷ୍ଣଙ୍କ ନିମନ୍ତେ ଚନ୍ଦ୍ରା ଦେବୀ ମନ୍ଦିର ତୋଳାଇ ଥିବା କଥା ସ୍ପଷ୍ଟ ରୂପେ ତାଙ୍କ ଶିଳାଲିପିରେ ବର୍ଣ୍ଣିତ ଅଛି । ଅନନ୍ତ ବାସୁଦେବଙ୍କ ମନ୍ଦିରରେ ମଧ୍ୟ ବଳରାମ, ସୁଭଦ୍ରା ଓ କୃଷ୍ଣଙ୍କ ମୂର୍ତ୍ତି ପ୍ରତିଷ୍ଠିତ । ସୁତରାଂ ଚନ୍ଦ୍ରା ଦେବୀଙ୍କ ଛଡ଼ା ଅନ୍ୟ କେହି ଅନନ୍ତ-ବାସୁଦେବଙ୍କ ମନ୍ଦିର ତୋଳାଇ ଅଛନ୍ତି ବୋଲି ଅନୁମାନ କରିବା ଆଦୌ ଉଚିତ ନୁହେ ।

# ଅଗସ୍ତ୍ୟ

ଶ୍ରୀ ବୈକୁଣ୍ଠ ନାଥ ପଟ୍ଟନାୟକ

(୧)

ଅଗସ୍ତ୍ୟ ! ଆସିଛ ତୁମେ ? ଦେଖି ନାହିଁ ଥରେ,
ମାତର ପାଉଛି ବୁଝି, ଆକାଶେ, ସାଗରେ—
ତଟିନୀ ପୁଳିନେ ଦୂର ଶ୍ୟାମ ଶୈଳ ଦେହେ,
ଲଗାଇ ଗଲଣି ପୁଣ୍ୟ ପରଶଟି ସ୍ନେହେ ।
ନୀଳ ଇନ୍ଦିବର ବର୍ତ୍ତି ଚୌଦିଗେ ବିକାଶି,
ଅକ୍ଷୁଣ୍ଣ ଆଶାର ଅବା କ୍ଷୀଣ କାଶ-ହାସ !
ଲାଗିଛି ଆକାଶେ ନବ ଜୀବନ ସ୍ପନ୍ଦନ,
ଅଭିଶପ୍ତ ଏ ଧରାର ଶାପ ବିମୋଚନ ।
ସକଳ ପବିତ୍ର, ସ୍ୱଚ୍ଛ ବିଲୋକି ମଙ୍ଗଳ !
ବନ୍ଦୀ ମୁହିଁ କାରାବାସୀ ଅଶ୍ରୁ ଛଳ ଛଳ ।
ଦେଖି ନାହିଁ, ମାତ୍ର ତୁମ ପ୍ରୀତି ସ୍ପର୍ଶ ଲାଗି
ମୋ ପରାଣ ପ୍ରଣୟିନୀ ନିତ୍ୟ ଅନୁରାଗୀ—
ଗାଉଛି ଗୋପନ ସୁରେ ନୟନ-ପ୍ରତିମା !
ଶୁଭ୍ର ହେବ କେବେ ମୋର କର୍ଦ୍ଦମ କାଳିମା ?

(୨)

ନିସ୍ତରଙ୍ଗ ଜଳସ୍ରୋତ ! ପ୍ରଶାନ୍ତ ଆକାଶ !
ଚୌଦିଗେ ଖେଳଇ ପ୍ରିୟ-ସ୍ନିଗ୍ଧ-କାଶ-ହାସ ।
କମନୀୟ ଫୁଲପଦ୍ମ ଦୂର ଅଲେକର,
ଉନ୍ମିଳିତ ଚତୁର୍ଦ୍ଦିଗେ ! ପୁଲକେ ଅନ୍ତର !
ଦୂର ଶ୍ୟାମ ଧାନ୍ୟ କ୍ଷେତ୍ରେ ଲହରୀ ଦୋଳନ
ସୁଦୂର ପୀରତି ମାୟା ସ୍ୱଚ୍ଛରେ ସ୍ପନ୍ଦନ ।
ସକଳ ପବିତ୍ର କଲ, ସ୍ପର୍ଶେ ତବ ଧନ୍ୟ !
ଅନ୍ଧକାର ଗୃହ କୋଣେ ମାତ୍ର ମୁଁ ନଗଣ୍ୟ—
ଏକାକୀ ରହିଲି ପଡ଼ି ! ଜଞ୍ଜାଳ ଯେ ଜମା,
ତୁମର ପରଶ ବିନା କରିବ କେ କ୍ଷମା ?
ନିଶିଦିନ କରୁଛି ମୁଁ ତୁମର ପ୍ରତୀକ୍ଷା,
ଅଶ୍ରୁ ନେନି ନିତି ତବ ଅନୁଗ୍ରହ ଭିକ୍ଷା ।
ପରଶେ କରିବ ବୋଲି ସୁବର୍ଣ୍ଣ ମୋ ଲୁହା,
ଜାଗିଛି ପ୍ରକୃତେ ଆଜି ଅଭିସାର-ସ୍ପୃହା ।

Digitized by srujanika@gmail.com

# ସାହିତ୍ୟିକ ଭାଷା ଓ ପ୍ରଚଳିତ କଥା *

ଶ୍ରୀ ଶଶିଭୂଷଣ ରାୟ

ଆଲୋଚ୍ୟ ବିଷୟଟି ଅତି ପୁରାତନ ଓ ସାଧାରଣ । ପୁରାତନ ବିଷୟକୁ ନୂତନ ଭାବରେ ଆଲୋଚନା ନ କଲେ ଧୈର୍ଯ୍ୟ ଭଙ୍ଗ ହେବ, ସନ୍ଦେହ ନାହିଁ । ଏହା ଉପରୁ ପୁଣି ଦୃଷ୍ଟ ହୋଇଥାଏ, ଆଜିକାଲିର ସାହିତ୍ୟ ସଭା ଗୁଡ଼ିକ ଧୈର୍ଯ୍ୟ ପରୀକ୍ଷାର ଗୋଟିଏ ଗୋଟିଏ ସେନେଟ (**Senate**) । ସୁତରାଂ ଏହି ବକ୍ତବ୍ୟ ଗୁଡ଼ିକ ଯେଉଁ ପରିମାଣରେ ଭାବଦରିଦ୍ର ହେଉ ପଛକେ ଧୈର୍ଯ୍ୟ ପରବଶ ହୋଇ ତାହା ଶୁଣିବାକୁ ହେବ, ଏହାହିଁ ଅବଶ୍ୟ ଏ କ୍ଷେତ୍ରରେ ମୋହର ଏକମାତ୍ର ସାନ୍ତ୍ୱନା ।

ପ୍ରଚଳିତ କଥା ଯେ ସାହିତ୍ୟିକ ଭାଷା ନୁହେ ତାହା ଜଣେ ଅଶିକ୍ଷିତ ଲୋକ ବୁଝି ପାରେ; ବୁଝେ ବୋଲି ସେ ଇଚ୍ଛା ସତ୍ତ୍ୱେ କେବେହେଁ ସାହିତ୍ୟ ରଚନା କରିବାକୁ ସମର୍ଥ ହୁଏ ନାହିଁ । ଓଡ଼ିଆଙ୍କୁ ଯେ ପରିଶ୍ରମ କରି ଓଡ଼ିଆ ଶିକ୍ଷା କରିବାକୁ ହୁଏ ଏବଂ ବିଦ୍ୟାଳୟରେ ଓଡ଼ିଆ ଭାଷାର ଅଧ୍ୟୟନ କରିବାକୁ ହୋଇଥାଏ ସାହିତ୍ୟିକ ମାନେ ହିଁ ତାହା ଅବଗତ । ତେବେ ଏ ଆଲୋଚନାର ବିଡ଼ମ୍ବନା କାହିଁକି ? ଜଣେ ମୂର୍ଖ କୃଷକର କ୍ଷେତ୍ରର ବିବରଣ ଓ ମାନନୀୟ ବିଶ୍ୱନାଥ କର ମହାଶୟଙ୍କର ବକ୍ତୃତା ଯେ ଏକା ନୁହେ, ତାହା କିଏ ନ ଜାଣନ୍ତି ? ତେବେ କାହିଁକି ଏ ବିଷୟର ବୃଥା ଆଲୋଚନା ? ପ୍ରୟୋଜନର ଏକ ସମୟରେ ଅଭାବ ଥିଲା ସତ୍ୟ, କିନ୍ତୁ ବର୍ତ୍ତମାନ ସମୟରେ ଆଉ ନାହିଁ । କାରଣ କିଛି କାଳ ହେଲା ପ୍ରତିଭାଶାଳୀ ନବୀନ ସମ୍ପ୍ରଦାୟ ସମସ୍ତ ସାହିତ୍ୟର ଇତିହାସକୁ ଏକାବେଳେକେ ତୁଚ୍ଛ କରି ଏହି ଦେଶରେ ଯେ ଅଭିନବ ପ୍ରଚଳିତ-କଥା-ପ୍ରଧାନ ସାହିତ୍ୟର ସୃଷ୍ଟି କରିବାକୁ ଆରମ୍ଭ କରିଅଛନ୍ତି ତାହା ଆଉକୁ ଉପେକ୍ଷା ନ କରି ସକଳ ସାହିତ୍ୟିକଙ୍କ ହିଁ ଏହି ପୁରାତନ ପ୍ରସଙ୍ଗ ପ୍ରତି ଦୃଷ୍ଟିପାତ କରିବାକୁ ହେଉ ଅଛି । ଏହି ହେତୁରୁ ମୋହୋର ଏହି ଅପଦାର୍ଥ ପ୍ରୟାସ ।

ମନୁଷ୍ୟର ବ୍ୟବହାର-ଆଚରଣ ମାର୍ଜିତ, ଶୁଦ୍ଧ ଓ ସଂସ୍କୃତ ହେଲେ ତାହାର ବିନୟର ଉଦ୍ଭବ ହୋଇଥାଏ । ବିନୟ ସମ୍ଭ୍ରମର ଭଷା କପଡ଼ା ଶୁଦ୍ଧ ଓ ସଂଯତ ତାହା ସମସ୍ତେ ହିଁ ଲକ୍ଷ୍ୟ କରି ଥିବେ । ସେହି ଶୁଦ୍ଧ ଭାଷାକୁ ପ୍ରଚଳିତ କଥାରେ ପରିବର୍ତ୍ତିତ କଲେ ତାହା କପରି ହେବ ପରୀକ୍ଷା କରିବା ଉଚିତ । "ଅପଣଙ୍କର ଶ୍ରୀଚରଣ ଦର୍ଶନରୁ ବଞ୍ଚିତ ରହି ଅଛୁ" ସ୍ଥାନରେ ଯେବେ ଲେଖା ଯାଏ "ଅପଣଙ୍କର ଗୋଡ଼ ଦେଖାରୁ ଠକି ରହିଛୁ" ତେବେ ଏହା କଦର୍ଥକ ଓ କଦର୍ଯ୍ୟ ଶୁଣାଯିବ । ଓଡ଼ିଆ ଭାଷାର ବିନୟ-ସମ୍ଭ୍ରମବାଚକ ବାକ୍ୟ ଗୁଡ଼ିକ ବୋଧହୁଏ ଲୋକଙ୍କର ଦୁର୍ବିନୟ ସଙ୍ଗେ ସଙ୍ଗେ ଉଭେଇ ଯାଉ ଅଛି କି ? "ଅସିବାକୁ ଅଜ୍ଞା ହେଉ" ସ୍ଥଳରେ "ଅସିବାକୁ ହୁକୁମ ହେଉ" କହିଲେ ଭଦ୍ରତା ପ୍ରକାଶ ପାଇବ ନି କି ? "କୁଶଳ" "ମଙ୍ଗଳ" ଶବ୍ଦର ପ୍ରଚଳିତ କଥାରେ ସଠିକ ଅନୁବାଦ କଠିଣ । ନିମନ୍ତ୍ରଣ ସମୟରେ ଆମ୍ଭେମାନେ କଥାରେ ସୁଦ୍ଧା ଶୁଦ୍ଧ ଭାବରେ କହି ଥାଉଁ "ଅମୁକର ପିତୃଶ୍ରାଦ୍ଧ, ଆପଣଙ୍କୁ ଆଗାମୀ କାଲି ମଧ୍ୟାହ୍ନରେ ଆହାରର ନିମନ୍ତ୍ରଣ ରହିଲା ।" ଏହା ପରିବର୍ତ୍ତରେ "ଦି'ପହରକୁ ଖାଇବେ" ବୋଲି ଅମାର୍ଜିତ ରୁଚିର ପରିଚୟ ଦେଉଥାଉଁ କି ? ଶୁଦ୍ଧ ଭାଷାରେ ପ୍ରୟୋଜନ ବଶତଃ ଅଶ୍ଳୀଳ କଥା କହିଲେ ମଧ୍ୟ କାହାକୁ ଲଜ୍ଜିତ ହେବାକୁ ହୋଇ ନ ଥାଏ । ଚିକିତ୍ସକଙ୍କ ନିକଟରେ ଯେ କୌଣସି ବ୍ୟାଧି ବିଷୟ କହିବାକୁ କେହି ଲଜ୍ଜିତ ହୋଇ ଥାଏ କି ? ଇତର ଭାଷାରେ ଯେଉଁ କୁତ୍ସିତ ଭାବ ଥାଏ, ଶୁଦ୍ଧ ଭାଷାର ସାତ୍ତ୍ୱିକ ଗୁଣରେ ତାହା ସଂଶୁଦ୍ଧ ହୋଇଥାଏ । ବିଚାରାଳୟରେ ପ୍ରୟୋଜନ ବଶତଃ ଅଶ୍ଳୀଳ କଥାର ପ୍ରସଙ୍ଗ ଉଠିଲେ ଇତର ଭାଷାରେ କେହି ପ୍ରକାଶ କରି ପାରେ କି ? ଏହି ସମସ୍ତ ଦୃଷ୍ଟାନ୍ତରୁ ବୋଧହୁଏ ଦୁଇ ଭାଷାର କାଳ୍ପନିକ ପ୍ରଭେଦ ବୁଝି ହେବ ।

ଶୁଦ୍ଧ କିମ୍ବା ସାଧୁଭାଷା କଅଣ, ପ୍ରଚଳିତ କଥା ଅବା କଅଣ ବର୍ତ୍ତମାନ ବୁଝା ଯାଉ । ସାଧୁଭାଷା ସକଳ ଭାଷାରେ ରହିଅଛି । ଯାହା ଶୁଦ୍ଧ ତାହାହିଁ ସଂସ୍କୃତ ଅଥବା ମାର୍ଜିତ, ତାହାହିଁ ଉଚ୍ଚକୋଟି-ବିଶିଷ୍ଟ (**Classical**) । ଅପର ପକ୍ଷରେ ଯାହା ପ୍ରକୃତ ଅଥବା ସ୍ୱାଭାବିକ, ତାହାହିଁ ଘରେଇ ଭାଷା କିମ୍ବା **Homely language**, ତାହାହିଁ **Vernacular** । ବର୍ତ୍ତମାନ ପ୍ରଶ୍ନ ଉଠି ପାରେ କେଉଁଟି ପ୍ରାଚୀନତର ଶୁଦ୍ଧ ଭାଷା କିମ୍ବା ପ୍ରଚଳିତ କଥା ? ପ୍ରଶ୍ନର ମୀମାଂସା କରିବାକୁ ହେଲେ ସଙ୍ଗେ ସଙ୍ଗେ ସଭ୍ୟତାର ଇତିହାସ ମଧ୍ୟ ବୁଝିବାକୁ ହେବ । ଯାହା କୃତ୍ରିମ—ଯାହା ଶିଳ୍ପରେ ପରିପୂର୍ଣ୍ଣ, ତାହା କେବେହେଁ ମାନବ ସମାଜରେ ସର୍ବ ପ୍ରଥମରେ ଆବିର୍ଭୂତ ହୋଇ ନ ପାରେ । ବର୍ତ୍ତମାନ ସୁଦ୍ଧା ଦେଖା ଯାଇଥାଏ ବର୍ବର ଜାତି ମଧ୍ୟରେ ଶିଳ୍ପ ନାହିଁ, ସାହିତ୍ୟ ନାହିଁ, ସେମାନେ କୃତ୍ରିମତାର କୌଣସି ଆଦର କରନ୍ତି ନାହିଁ । ଯେ କୌଣସି ସାହିତ୍ୟର ଆଦିମ ଅବସ୍ଥାରେ ଦେଖାଯାଏ ନିତ୍ୟ ପ୍ରୟୋଜନୀୟ ସିଧା ସରଳ ପ୍ରଚଳିତ କଥାରେ ହିଁ ଭାଷା ପର୍ଯ୍ୟବସିତ ଥିଲା । କ୍ରମଶଃ ଲୋକର କଳ୍ପନାର ଉନ୍ମେଷରେ, ସୌନ୍ଦର୍ଯ୍ୟବୋଧରେ, କୃତ୍ରିମତାରେ ସାହିତ୍ୟର ଜନ୍ମଲାଭ ଘଟିଲା । ଯେତେବେଳେ ଲୋକର ଭାଷାରେ ଶିଳ୍ପ ସୃଷ୍ଟି କରିବାକୁ ହୁଏ ସେତେବେଳେ ପ୍ରଚଳିତ କଥାରେ ତାହା ଚଳିବ ନାହିଁ, ସେତେବେଳେ ତାହାକୁ ନାନା ଭାବରେ ପ୍ରଚଳିତ କଥାକୁ

---

* ବାରିପଦା ସାହିତ୍ୟ ସମାଜର ଏକ ବିଶେଷ ଅଧିବେଶନରେ ପଠିତ

Digitized by srujanika@gmail.com

ବଢ଼ାଇ, କମାଇ, ନୂତନ କରି ଗୁଡ଼ିଲ, ଅଡ଼ମ୍ବରପୂର୍ଣ୍ଣ କୃତ୍ରିମ ଭାଷାର ଆଶ୍ରୟ ଗ୍ରହଣ କରିବାକୁ ହୋଇଥାଏ । ସବୁ ଦେଶରେ ହୋଇ ଆସୁଅଛି, କୌଣସିଠାରେ ଏହାର ବ୍ୟତିକ୍ରମ ନାହିଁ । କେଉଁ ଠାରୁ ପ୍ରାଚୀନକାଳର ବ୍ରାହ୍ମଣଗଣ ସଂସ୍କୃତ ଭାଷା ଲାଭ କରିଥିଲେ ? ଉତ୍ତର ବୋଧହୁଏ ଅତି ସଂକ୍ଷିପ୍ତ । ସେମାନେ ସଂସ୍କୃତ ଭାଷା କେବେହେଁ ଲାଭ କରି ନାହାନ୍ତି—ସେମାନେ ଶତ ଶତ ବର୍ଷର ସାଧନାରେ ତାହାର ରଚନା କରିଅଛନ୍ତି । ପ୍ରାକୃତ—ଜନର ନିତ୍ୟ ବ୍ୟବହାର୍ଯ୍ୟ ସରଳ ସ୍ୱାଭାବିକ ଭାଷା ଉପରେ ପ୍ରୟୋଜନ ବ୍ୟକ୍ତ କରିବାକୁ ଗଲଦ୍‌ଘର୍ମ୍ମ ହୋଇ ଉଠେ, ଉକ୍ତ ବିଷୟରେ ତାହାର ଅଧିକାର ଦୃଷ୍ଟ ହୁଏ ନାହିଁ । ଯେତେବେଳେ ମନୁଷ୍ୟ ସଂସାରର ଦୈନନ୍ଦିନ ଜୀବନ ବିସ୍ମୃତ ହୋଇ କିଛି କ୍ଷଣ ପାଇଁ ଆତ୍ମବିଷୟକ, ବିଶ୍ୱବିଷୟକ ନାନା ଚିନ୍ତା ଏବଂ ଭାବୁକତା ବଚନ ଭଙ୍ଗୀରେ, ସୁମିଷ୍ଟ ଛନ୍ଦ ଓ ଝଙ୍କାରରେ ପ୍ରକାଶ କରିବାକୁ ଅଭିଳାଷୀ ହୋଇ ଉଠେ, ସେତେବେଳେ ତାହାର ଗ୍ରାମ୍ୟ କଥାକୁ ମସୃଣ କରିବା ଅର୍ଥାତ୍ ସଂସ୍କୃତ କରିବାର ପ୍ରୟୋଜନ ହୋଇଥାଏ । ଜଣେ ଇଂରେଜ ପଣ୍ଡିତଙ୍କର ନିମ୍ନୋଦ୍ଧୃତ ବାକ୍ୟ ଏହାର ସମର୍ଥନ କରୁଅଛି । ଡାକ୍ତର ସୁଇଟ୍ ତାହାଙ୍କର **"Practical Study of Language"** ରେ ଲେଖିଅଛନ୍ତି :—

**"Every literary language must indeed in its right beginnings be purely colloqual. It is certainly difficult to realise that such a language as the classical Italian of Dante and Petrarch was originally nothing but a rough attempt to write down what were then considered the slovenly colloqualism of Late Latin."**

ପ୍ରଚଳିତ କଥାକୁ ମଜା ଘଷା କରି ଗୋଟିଏ ସଂସ୍କୃତ **Classical** ଅଥବା ସାହିତ୍ୟିକ ଭାଷାରେ ପରିଣତ କରିବାକୁ ବହୁ ଶତାବ୍ଦୀ କଟିଯାଏ । ବହୁ ପ୍ରତିଭାଶାଳୀ ବ୍ୟକ୍ତିଙ୍କର ବହିର୍ମୁଖୀ ସାଧନା ଓ ଶିଳ୍ପରେ ଗୋଟିଏ ସାହିତ୍ୟିକ ଭାଷାର ଗଠନ ହୋଇଥାଏ । ସୁପ୍ରସିଦ୍ଧ ସାହିତ୍ୟିକ **Newman** ତାହାଙ୍କର **"Idea of a University"** ନାମକ ଗୋଟିଏ ଅଭିଭାଷଣରେ କହିଅଛନ୍ତି :—

**"The language of a nation is at first rude and clumsy. It improves by rise, but it is not every one who can use it while as yet it is unformed. To do this is an effort of genius and so men of a peculiar talent arise, one after another, according to circumstances of the times and accomplish it. One gives it flexibility that is, shows how it can be used without difficulty to express adequately a variety of thoughts and feelings in their nicety or intricacy; another makes it perspicuous or forcible, a third adds to its vocabulary, and a fourth gives it grace and harmony."**

ଏହି ପ୍ରକାରରେ ଯେତେବେଳେ ଗୋଟିଏ ଭାଷା ସମ୍ପୂର୍ଣ୍ଣ ରୂପେ ସାହିତ୍ୟିକ ହୋଇ ଦଣ୍ଡାୟମାନ ହୁଏ ତାହା ସ୍ଥିରାକାର (**Fixed**) ହୋଇଥାଏ । ସେତେବେଳେ ବ୍ୟାକରଣବନ୍ଧନ ଓ ଅଳଙ୍କାରର ଶାସନରେ ସାଧାରଣ ଲୋକର ଆଉ ସେ ଭାଷାରେ ପ୍ରଚଳିତ କଥା ଭଳି ଉଚ୍ଛୃଙ୍ଖଳତା କରିବାର ଅଧିକାର ନ ଥାଏ । ସଂସ୍କୃତ ଭାଷାରେ କିଛି ଲେଖିବାକୁ ହେଲେ ସମସ୍ତଙ୍କର ପାଣିନି ମାନିବାକୁ ହେବ, ସଂସ୍କୃତରେ କାବ୍ୟାଦି ଲେଖିବାକୁ ହେଲେ 'କାବ୍ୟ ପ୍ରକାଶ' କିମ୍ବା 'କାବ୍ୟାଦର୍ଶ' ପଢ଼ିବାକୁ ହେବ । ଉପାୟାନ୍ତର ନାହିଁ । ଓଡ଼ିଶାର ଓ ବଙ୍ଗଦେଶର କେଉଁ ବଡ଼ କବି କିମ୍ବା ଲେଖକ ଶୁଦ୍ଧ ଭାଷା ଆୟତ୍ତ ନ କରି କଲମ ଧରି ଅଛନ୍ତି ? ବଙ୍ଗଦେଶର ବିଶ୍ୱକବି ରବୀନ୍ଦ୍ରନାଥଙ୍କର ମଧ୍ୟ ପ୍ରଥମ ଓ ମଧ୍ୟବୟସର କବିତା ଗୁଡ଼ିକ ଶୁଦ୍ଧ କଥାରେ ଏକାବେଳକେ ଓତଃପ୍ରୋତ ।

ବର୍ତ୍ତମାନ ଗୋଟିଏ ପ୍ରଶ୍ନ ଉଠି ପାରେ ସାହିତ୍ୟିକ କିମ୍ବା ସଂସ୍କୃତ ଭାଷା ସ୍ଥାୟୀ ହୁଏ କାହିଁକି ? କାରଣ ଲୋକେ ଏହି ଭାଷାକୁ ସମ୍ଭ୍ରମ କରନ୍ତି ବୋଲି ସତର୍କଭାବରେ ଉଚ୍ଚାରଣ ଓ ବ୍ୟବହାର କରି ତାହା ଯଥାଯଥ ଭାବରେ ରଖିବାକୁ ଚେଷ୍ଟା କରିଥାଆନ୍ତି । ଦେବଭାଷା ସଂସ୍କୃତର ଏ କାଳ ପର୍ଯ୍ୟନ୍ତ ବ୍ୟବହାର ହିଁ ଏହାର ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ । ପ୍ରାକୃତ ଭାଷା ଅଥବା ପ୍ରଚଳିତ କଥା ସର୍ବଦା ବଦଳି ଯାଉଥିବାର ଦୃଷ୍ଟ ହୁଏ । କାରଣ ଲୋକେ ଯେଉଁ ଭାଷାରେ କଥା କହନ୍ତି ସେ ଭାଷା ଶିଥିଳ ଭାବରେ ହିଁ ବ୍ୟବହାର କରି ଥାଆନ୍ତି ; ପ୍ରଚଳିତ କଥାରେ କେବେହେଁ ସାବଧାନତା ଗୃହୀତ ହୁଏ ନାହିଁ । ସୁତରାଂ ଉଚ୍ଚାରଣ ଦୋଷରେ, ଅଳସତାରେ, ଭୁଲ ଓ ଅସମ୍ପୂର୍ଣ୍ଣ ଅନୁକରଣରେ ଓ କଣ୍ଠର ଜଡ଼ତାରେ ଶବ୍ଦାବଳୀ ପରିବର୍ତ୍ତିତ ହୋଇଯାଏ । ଯେଉଁ କଥା ବଦଳି ଯାଏ ତାହା ଅପଭ୍ରଂଶ—ଇଂରାଜୀରେ ତାହା **Corruption** । ଏରୂପ ପରିବର୍ତ୍ତନ ଅକ୍ଷମତାର ହିଁ ପରିଚୟସୂଚକ ବୋଲି ସକଳ ଦେଶରେ ଏହି ନିନ୍ଦନୀୟ ଆଖ୍ୟା ଲାଭ କରିଅଛି । କୌଣସି ପ୍ରାକୃତ ହିଁ ସ୍ଥାୟୀ (**Fixed**) ନୁହେଁ । ବୁଦ୍ଧ କାଳୀନ ପ୍ରାକୃତ, ଅଶୋକକାଳୀନ ପ୍ରାକୃତ, ନାଟକାଦିର ପ୍ରାକୃତ ବର୍ତ୍ତମାନ ପରିଶ୍ରମ କରି ନ ପଢ଼ିଲେ କେହି ବୁଝନ୍ତି ନାହିଁ । ବଦଳାଇ ବଦଳାଇ ବର୍ତ୍ତମାନ ଏହା କାଳକ୍ରମରେ ଅପ୍ରଚଳିତ ଅଥବା **Obsolete** । ଲୋକେ ସଂସ୍କୃତର ଶବ୍ଦ ବରଂ ଅନାୟାସରେ ବୁଝନ୍ତି କିନ୍ତୁ ପଣ୍ଡିତମାନେ ସୁଦ୍ଧା ପ୍ରାକୃତ ସହଜରେ ବୁଝି ପାରନ୍ତି ନାହିଁ, ଏହା ଦେଖାଯାଏ । ବେଶି ଲୋକେ ବୃକ୍ଷ ବୁଝନ୍ତି ନା ରୁକ୍ଖ ଅଥବା ରୁକ୍ଥ ବୁଝନ୍ତି ? ସ୍ୱପ୍ନ ବୁଝନ୍ତି ନା ସୁପିନ ବୁଝନ୍ତି ? "ହାର୍ଦ୍ଦିକ" ବୁଝନ୍ତି ନା 'ହଦ୍ଧି' ବୁଝନ୍ତି ? ବର୍ତ୍ତମାନ ବିବେଚନା କରି ସ୍ଥିର କରିବା ଉଚିତ ଯେ ସଂସ୍କୃତ ଚିରସ୍ଥାୟୀ କି କୌଣସି ଗୋଟିଏ ପ୍ରାକୃତ

ଚରସ୍ଥାୟୀ ? ସଂସ୍କୃତ ଅଥବା ଶୁଦ୍ଧ ଭାଷା ମୃତ (Dead) ନା ପ୍ରାକୃତ ଭାଷା (Living language) ମୃତ ? ପ୍ରକୃତ ପ୍ରସ୍ତାବରେ କୌଣସି ଭାଷା ମୃତ ନୁହେ । ଗୋଟିଏ ସ୍ଥିରକାର ବିଶିଷ୍ଟ (Fixed) ଓ ସ୍ଥାୟୀ, ଅପରଟି ପରିବର୍ତ୍ତନଶୀଳ । ସାହିତ୍ୟିକ ଭାଷା କୃତ୍ରିମ ଅଥବା ପ୍ରାକୃତ ଭାଷାର ଗୋଟିଏ କୃତ୍ରିମ ସଂସ୍କରଣ ମାତ୍ର । ପୁଣି ଏହା ମଧ୍ୟ ଦୃଷ୍ଟ ହୁଏ ଯେ ପ୍ରତ୍ୟେକ ସାହିତ୍ୟିକ ଭାଷା ପାର୍ଶ୍ୱରେ ଗୋଟିଏ ଲେଖାଏଁ ପ୍ରଚଳିତ ଭାଷା ମଧ୍ୟ ଚାଲି ଥାଏ । ପୁଣି ଏହି ଦୁଇ ଭାଷାର ଶବ୍ଦଗତ ଆଦାନ ପ୍ରଦାନରେ ଆଉ ଗୋଟିଏ ନୂତନ ସାହିତ୍ୟିକ ଭାଷାର ମଧ୍ୟ ସୃଷ୍ଟି ହୋଇଥାଏ । ଏହିପରି ଇଟାଲିରେ କଥ୍ୟ ଭାଷାରୁ ଲାଟିନ ଭାଷାର ସୃଷ୍ଟି ହୋଇଅଛି । ପୁଣି ସହସ୍ର ବର୍ଷ ଉତ୍ତାରୁ ସାହିତ୍ୟିକ ଇଟାଲିୟାନ ଭାଷାର ଉଦ୍ଭବ ହୋଇଅଛି । ଅବଶ୍ୟ ଲାଟିନ ବର୍ତ୍ତମାନ ସୁଦ୍ଧା ବିଦ୍ୟା ଓ ଧର୍ମ ସମ୍ବନ୍ଧୀୟ ବିଷୟ ସମୂହରେ ପ୍ରଚଳିତ ରହିଅଛି ଏବଂ ଭବିଷ୍ୟତରେ Humour letter ରୂପେ ରହିଥିବ ବୋଲି ଆଶା । ଏହିପରି ସଂସ୍କୃତର ପାର୍ଶ୍ୱରେ କଥିତ ଭାଷାରୁ ପାଲି ସାହିତ୍ୟର ସୃଷ୍ଟି ହୋଇଥିଲା । ସୁଖର କଥା ସଂସ୍କୃତ ବର୍ତ୍ତମାନ ସୁଦ୍ଧା ଅମୃତ ଭାଷା । ବର୍ତ୍ତମାନ ଶୁଦ୍ଧ ଭାଷା ଓ ପ୍ରାକୃତ କଥାର ମର୍ଯ୍ୟାଦାର ତୁଳନା କରାଯାଉ । ଏହି ଦୁଇ ଭାଷାର ନାମ ଗୁଡ଼ିକରୁ କିଏ ଉତ୍କୃଷ୍ଟ, କିଏ ଅପକୃଷ୍ଟ ତାହା ବୁଝିବାକୁ ବାକି ନ ଥାଏ । ସଂସ୍କୃତ ଭାଷାର ଏକ ନାମ ଦେବ ଭାଷା, ଅର୍ଥାତ୍ ଭୂଦେବମାନଙ୍କର ଭାଷା ; ଶୁଦ୍ଧ ଭାଷାର ଏକ ନାମ ସାଧୁଭାଷା । ଇଂରାଜୀ Classical ଅର୍ଥାତ୍ Class ବା ବିଦ୍ୟାଳୟର ଭାଷା । ପୁଣି Classic ଅର୍ଥ ଉତ୍କୃଷ୍ଟ ବା ଉଚ୍ଚକୋଟି ବିଶିଷ୍ଟ । ସେକ୍ସପିଅର, ମିଲ୍ଟନ ଓ ସ୍କଟ୍ ବର୍ତ୍ତମାନ English classics । ଗ୍ରାମ୍ୟଜନ ଯେପରି ଗାଉଁଲି ଲୋକ ଯେଉଁ କାରଣରୁ ଶିକ୍ଷିତ ଜନ ସହିତ ତୁଲ୍ୟାସନ ପାଇ ନ ପାରେ, ଗ୍ରାମ୍ୟ ଭାଷା ମଧ୍ୟ ସେହି କାରଣରୁ ସାଧୁଭାଷା ସହିତ ଏକ ପଂକ୍ତିରେ ବସି ନ ପାରେ । ସମସ୍ତେ ଜାଣନ୍ତି ଇତର ବ୍ୟକ୍ତିଙ୍କ କଥା ଅପେକ୍ଷା ଭଦ୍ରସମାଜର ମହିଳାଗଣଙ୍କର କଥା ଉତ୍କୃଷ୍ଟତର । ପୁଣି ଶିକ୍ଷିତମାନଙ୍କର କଥା ମହିଳାମାନଙ୍କ ଅପେକ୍ଷା ଉତ୍କୃଷ୍ଟତର । ଏହି ହେତୁରୁ ନାଟକାଦିରେ ସମ୍ଭ୍ରାନ୍ତ ମହିଳାର ପ୍ରାକୃତ ଓ ଚଣ୍ଡାଳର ପ୍ରାକୃତ ଏକା କରାଯାଇ ନାହିଁ । ଶିକ୍ଷିତ ପୁରୁଷ ଓ ମହିଳା ସ୍ୱଭାବତଃ ସଂସ୍କୃତ କହିବେ ବୋଲି ବର୍ଣ୍ଣନ କରାଯାଇଅଛି । ବର୍ତ୍ତମାନ ସୁଦ୍ଧା ଦେଖାଯାଏ ଦୁଇଜଣ ବ୍ରାହ୍ମଣ-ପଣ୍ଡିତ କିମ୍ବା ସାହିତ୍ୟିକ ଏକତ୍ର କଥୋପକଥନ କଲେ ବହୁ ଶୁଦ୍ଧ ଓ ପାରିଭାଷିକ ଶବ୍ଦ ବ୍ୟବହାର କରିଥାଆନ୍ତି । କୌଣସି ସାଧାରଣ ସ୍ତ୍ରୀଲୋକ କାନ ଡେରି ଶୁଣିଲେ ଏହି ସାହିତ୍ୟିକ ଆଳାପରେ ବୋଧହୁଏ ଦନ୍ତସ୍ଫୁଟ କରି ପାରିବେ ନାହିଁ । ଲେଖକ କୌଣସି ଅଭିଜ୍ଞ ବଙ୍ଗ ସାହିତ୍ୟିକଙ୍କର ବନ୍ଧୁବର୍ଗଙ୍କୁ ଯେଉଁ କଥୋପକଥନ ଶୁଣିଅଛି—ସେହି ସାହିତ୍ୟିକ ଲେଖିବାବେଳେ ଅପକୃଷ୍ଟ ଭାଷା ପ୍ରୟୋଗ କରନ୍ତି, କିନ୍ତୁ "ବିଶ୍ୱର ଅନ୍ତରରେ ଯେଉଁ ବୀଣାର ସ୍ୱର ସ୍ପନ୍ଦିତ ହୋଇ ରହିଅଛି ତାହା ସହିତ ଯୋଗାଯୋଗ କରିବାକୁ ହେଲେ" ପ୍ରଭୃତି କହିଁ କହିଁ ଶତକଡ଼ା ଅନେକତ ଗୋଟି ଶୁଦ୍ଧ ଓ ଉଚ୍ଚାଙ୍ଗର ଶବ୍ଦ ପ୍ରୟୋଗ କରି ଥାଆନ୍ତି । ପ୍ରକୃତ ସାହିତ୍ୟିକଙ୍କ ପକ୍ଷରେ ଏହା କେବେହେଁ ଅସ୍ୱାଭାବିକ ନୁହେ ।

ପ୍ରାକୃତ ଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରୀ-ପ୍ରାକୃତହିଁ ଭାରତବର୍ଷରେ ସର୍ବଶ୍ରେଷ୍ଠ ବୋଲି ପରିଗଣିତ । ଏହାର ଏକ ମାତ୍ର କାରଣ ମହାରାଷ୍ଟ୍ରୀ ପ୍ରାକୃତ ସର୍ବାପେକ୍ଷା ଅଧିକ ସଂସ୍କୃତମୁଖୀ । ପ୍ରାକୃତ ଭାଷା ଅଥବା ପ୍ରଚଳିତ କଥା ଯେ ଅନେକ କ୍ଷେତ୍ରରେ ଅକ୍ଷମତାରୁ ଜନ୍ମଲାଭ କରିଅଛି ତାହାର ପ୍ରମାଣ ସବୁ ସ୍ଥଳରେ ସୁଲଭ । ପ୍ରାକୃତର ତଥ୍ୟାନୁସନ୍ଧାନରେ ଶିଶୁର ଅସମ୍ପୂର୍ଣ୍ଣ ଭାଷା ପରୀକ୍ଷା କରି ବୁଝିଲେ ମଧ୍ୟ ତହିଁରେ ପ୍ରାକୃତର କାୟମାଦ ଖଟି ଥାଏ । ପ୍ରଚଳିତ କଥା ହାତୀ—ଶିଶୁର କଥା ଆତି, ଏହିପରି ଘରେ—ଘଲେ, ଦୁଷ୍ଟ—ଦୁଠ, ମୋଟରକାର—ମୋଟଲ୍‌କାଲ୍ ପ୍ରଭୃତି ଶିଶୁର ଅକ୍ଷମ କଣ୍ଠରେ ଉଚ୍ଚାରିତ ହୋଇଥାଏ । ଏହାର ପ୍ରତ୍ୟେକ ପରିବର୍ତ୍ତନ ପ୍ରାକୃତ ନିୟମ ଦ୍ୱାରା ବୁଝାଇବା କଠିନ ନୁହେ । ଶିଶୁର କଥା ମିଷ୍ଟ ହେଲେହେଁ ବଡ଼ଙ୍କର କଥା ସହିତ ଉଚ୍ଚାସନ ପାଇବ ନାହିଁ । କେଉଁ ମୂର୍ଖ ଶିଶୁର କଥା ଅନୁକରଣ କରିଥାଏ ? ଯେଉଁ ପ୍ରାଦେଶିକ ଭାଷାରେ ସାହିତ୍ୟିକ (Standard) କଥାରୁ ଯେତେ ଅଧିକ ଅପଭ୍ରଂଶ (Corrupt) ଶବ୍ଦ ରହିଥିବ ତାହା ସେତିକି ନିନ୍ଦନୀୟ ଓ ହାସ୍ୟକର ହେବ । ଏଠାରେ କେତେ ଗୋଟି ନମୁନା ଅପ୍ରାସଙ୍ଗିକ ହେବ ନାହିଁ । ବିଶୁଦ୍ଧ ଓଡ଼ିଆ ଶବ୍ଦକୁ କଟକ ଜିଲ୍ଲାର ସ୍ଥାନ ବିଶେଷରେ ଯାହା କହି ଥାଆନ୍ତି ତାହା ନିମ୍ନ ରୂପଃ—ବାରା—ବେରା, ଏକୁଟିଆ—ଉକୁଟିଆ, ମେଳ—ମାଲ, ବେହେରା—ବାହାରା, ଯାତ୍ରା—ଯେତ୍ରା, ଚିପୁଡ଼ା—ଚେପେଡ଼ା, ଓଷଧ—ଉଷ, ବାସନା—ବେସନା, ଚୌଗୁଣ—କାଉର ହେଉଛି ପ୍ରଭୃତି । ଓଡ଼ିଶାର ଉତ୍ତରାଞ୍ଚଳରେ ସେହିପରି ଅପଭ୍ରଂଶ ଶବ୍ଦ ଗୁଡ଼ିକ ଏହି ରୂପଃ—ଗୋଡ଼—ଗୁଡ଼, ଏଥିରେ—ଏଇଟର, ମନରେ—ମନରେ, କାହିଁକି—କେନେ, କେଉଁଠାରେ—କେଇଟି ପ୍ରଭୃତି । ଏଥିରେ ପୁଣି ଗୋଟିଏ ଶବ୍ଦ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମୂହରେ ଭିନ୍ନ ଭିନ୍ନ ରୂପେ କଥିତ ହୁଏ । ବାଲେଶ୍ୱର ଜିଲ୍ଲାର କସ ଶବ୍ଦ କଟକ ଓ ପୁରୀ ଜିଲ୍ଲାମାନଙ୍କରେ ଓ ନିକଟସ୍ଥ ଗଡ଼ଜାତ ସମୂହରେ କଅଣ ବୋଲି କଥିତ, କିନ୍ତୁ ଏହି ଦୁଇ ଜିଲ୍ଲା ଓ ଗଡ଼ଜାତମାନଙ୍କୁ ଡେଇଁ ପୁଣି ଗଞ୍ଜାମ ଅଞ୍ଚଳରେ କସ ଶବ୍ଦ ଧାରଣ କରିଅଛି । ସମ୍ବଲପୁର ଅଞ୍ଚଳରେ ସେ ଶବ୍ଦ କାଣ ରୂପେ କଥିତ । ଓଡ଼ିଶାର ଅଂଶ ଭେଦରେ ଗୋ-ଦୁଗ୍ଧର ଭିନ୍ନ ଭିନ୍ନ ନାମ ଯଥାଃ—'ଓଖର' 'କ୍ଷୀରୀ' 'କ୍ଷୀର' 'ନଳାପାଣି' ପ୍ରଭୃତି । ବିସ୍ତୃତିକାର ମଧ୍ୟ ଭିନ୍ନ ଭିନ୍ନ ନାମ ଯଥାଃ—'ପ୍ରକୃତ', 'ହଇଜା', 'ଗୋଳମାଳ', 'ଦବଦବ', 'ଝାଡ଼ାବାନ୍ତି', 'ବୁଢ଼ୀ', 'ଫକୀର ହିଂହ', 'ହଇଜା' ପ୍ରଭୃତି । ସମ୍ବଲପୁର ଅଞ୍ଚଳରେ ବିଶୁଦ୍ଧ ଓଡ଼ିଆ ଶବ୍ଦ ଗୁଡ଼ିକର ରୂପାନ୍ତର ରହି ଅଛି । ସାଧାରଣ ପ୍ରଚଳିତ ଶବ୍ଦ ଗୁଡ଼ିକ ମଧ୍ୟରେ ବାଇଗଣକୁ ଭଣ୍ଟା, ଆଖୁକୁ କୁଶିଆର, କାମୁଡୁଛିକୁ ଚୁଚୁଛି, ପଥରକୁ ପଥନ, ଝିଅକୁ ନନ ପ୍ରଭୃତି । ଏକ ଓଡ଼ିଶାର ବିଭିନ୍ନ

Digitized by srujanika@gmail.com

ଅଞ୍ଚଳରେ ବିଭିନ୍ନ ଶବ୍ଦ ସମୂହ ପ୍ରଚଳିତ, ଏଣୁ କାହାକୁ ଛାଡ଼ି କାହାକୁ ଧରିବୁଁ ? କେବଳ କଟକର ଭାଷା ଶୁଦ୍ଧ ଏବଂ ଅନ୍ୟ ଅଞ୍ଚଳର ଭାଷା ନିକୃଷ୍ଟ ଏହା କହିବା ମଧ୍ୟ ଅନ୍ୟାୟ୍ୟ ଓ ଅସଙ୍ଗତ । 'ଏହା' ଶବ୍ଦଟି କେତେକ ସ୍ଥଳରେ 'ଏତା', କେତେକ ସ୍ଥଳରେ 'ହନ୍ନା' ରୂପେ ବ୍ୟବହୃତ ହୋଇଥାଏ । ସୁତରାଂ ଭିନ୍ନ ଭିନ୍ନ ଅଞ୍ଚଳର ଶବ୍ଦ ବିଶେଷରେ ବାକ୍ୟ ଗଠିତ ହୋଇ ସାହିତ୍ୟ ସୃଷ୍ଟି ମଧ୍ୟ ଅସମ୍ଭବ ।

ସାହିତ୍ୟିକ ଭାଷାରେ ପ୍ରଚଳିତ କଥାର ମିଶ୍ରଣ ସମ୍ବନ୍ଧରେ ଯୋଡ଼ିଏ ନିୟମ ଦେଖାଯାଏ । ପ୍ରଥମ, ପ୍ରଚଳିତ ଶବ୍ଦଟି ଯେପରି ଅଛି ସେହିପରି ନେବାର ନିୟମ । ଦ୍ୱିତୀୟ, ପ୍ରଚଳିତ କଥାକୁ ସାହିତ୍ୟିକ ଭାଷାର ପ୍ରକୃତିର ଅନୁଯାୟୀ କରି ଓ ବିଭକ୍ତି ଯୋଗ କରି ଗ୍ରହଣ କରିବାର ନିୟମ । କିମ୍ବା ଭିନ୍ନ ଖାଣ୍ଟି ପ୍ରଚଳିତ ଶବ୍ଦ ଓ ପ୍ରବଚନ ସମୂହ (**Proverbs**) ପ୍ରୟୋଜନାନୁସାରେ ବ୍ୟବହାର କରିବାକୁ ବିଶେଷ ଶିଳ୍ପର ପ୍ରୟୋଜନ ହୋଇଥାଏ । ନିରବଚ୍ଛିନ୍ନ ସାଧୁଭାଷାରେ କେହି କେବେହେଁ ସାହିତ୍ୟ ରଚନା କରି ପାରନ୍ତି ନାହିଁ, କେହି କରି ନାହାନ୍ତି । ତଥାପି ବିଶୁଦ୍ଧ ଓଡ଼ିଆର ପ୍ରିୟମ୍ଭ ଶୁଦ୍ଧ ଭାଷା, ସେଥିରେ ଅଧିକାଂଶହିଁ ଶୁଦ୍ଧ ଶବ୍ଦ ରହିଅଛି । ଇତିହାସ, ଦର୍ଶନର ପାରିଭାଷିକ ଶବ୍ଦ ଗୁଡ଼ିକ ପ୍ରଚଳିତ କଥାରେ ହୋଇ ପାରିବ କି ?

ଶିକ୍ଷିତ ସାଧୁଜନଙ୍କ ଭଳି ସାଧୁଭାଷାର ମଧ୍ୟ ପ୍ରକୃତି ଗମ୍ଭୀର, ଶାନ୍ତ ଓ ସଂଯତ । ତେବେ ସାଧୁଜନଙ୍କୁ ତ ମଧ୍ୟେ ମଧ୍ୟେ ହାସ୍ୟ ପରିହାସ କରିବାକୁ ହୋଇଥାଏ—ସେ ସ୍ଥଳରେ ପ୍ରଚଳିତ ପ୍ରବଚନ ଗୁଡ଼ିକର ଆଶ୍ରୟ ଗ୍ରହଣ ଅପରିହାର୍ଯ୍ୟ । ଏରୂପ ପ୍ରଚଳିତ କଥା ସମୂହର ଚେତନି ଦେବା ଠିକଏ ବିବେଚନା ସାପେକ୍ଷ । ଏ କ୍ଷେତ୍ରରେ ଯେଉଁ ସବୁ ସାଧାରଣ ସହଜ ଶବ୍ଦ କିମ୍ବା ପ୍ରବଚନ ସବ ପ୍ରଦେଶରେ ରହି ଅଛି ତାହାହିଁ ଗ୍ରହଣ କରିବା କର୍ତ୍ତବ୍ୟ ।

'ପଢ଼ି' ସ୍ଥାନରେ 'ଚଢ଼ି' ଲେଖିବାରେ କ୍ଷତି ନାହିଁ କିନ୍ତୁ 'ପାଇଛି' ଲେଖିଲେ ଭଲ ଶୁଣାଇବ ଟି କି ? କିମ୍ବା ଗୁଡ଼ିକ ଶୁଦ୍ଧାକାରରେ ରଖି ସୁଦ୍ଧା ଯେ ଭାଷା ଅତୀବ ସରଳ ଓ ଅର୍ଥ ପ୍ରକାଶକ ହୋଇପାରେ ତାହା ବହୁ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକଙ୍କର ରଚନାରେ ସୁସ୍ପଷ୍ଟ । ଏ ଅବସ୍ଥାରେ କରିଛି, ଖାଇଛି, ଯାଇଛି ନ ଲେଖି କରିଅଛି, ଖାଇଅଛି, ଯାଇଅଛି ପ୍ରଭୃତି ସାହିତ୍ୟିକ ଭାଷା ପ୍ରୟୋଗ ହିଁ ବୋଧହୁଏ ଅଧିକତର ସଙ୍ଗତ । ଶୁଦ୍ଧ ଭାଷାରେ ଯେ କୋମଳକାନ୍ତ ରଚନା ହୋଇପାରେ ତାହା ଜୟଦେବଙ୍କ ଠାରୁ ଆରମ୍ଭ କରି ଆଧୁନିକ ବହୁ ଲେଖକଙ୍କର ରଚନାରେ ସୁସ୍ପଷ୍ଟ । ଠିକଏ ଚିନ୍ତା କଲେ ଦେଖାଯିବ ସାହିତ୍ୟର ପ୍ରାଣ—ରସ, ଭାବ ଓ ଧ୍ୱନି । ସାହିତ୍ୟିକ ମାନଙ୍କୁ ହିଁ ଏହି ଧ୍ୱନି ବିଶେଷ ଭାବରେ ଶିଖିବାକୁ ହୋଇଥାଏ । "ମହୀରୁହ" ଧ୍ୱନିରେ ଯେଉଁ ଭାବ ଉଦ୍ରିକ୍ତ ଉଠେ, ଯେଉଁ ଚିତ୍ର ମାନସ ପଟରେ ଅଙ୍କିତ ହୁଏ, "ଗଛ" କିମ୍ବା "ବୃକ୍ଷ" ଧ୍ୱନିରେ ତାହା ହୁଏ ନାହିଁ । ଧ୍ୱନି ଜ୍ଞାନ ନ ଥିଲେ ସାହିତ୍ୟ ସୃଷ୍ଟି ଅସମ୍ଭବ । ବେହେଲା, ସିତାର, ଏସରାଜ ପ୍ରଭୃତି ଯନ୍ତ୍ରର ସ୍ୱର ଠିକ କରି ନେବାକୁ ସଙ୍ଗୀତଜ୍ଞ ଓ ବାଦ୍ୟ-ନିପୁଣଙ୍କର ସେହି ଯନ୍ତ୍ର ସମୂହର "କାନ ମୋଡ଼ିବା" ଆବଶ୍ୟକ, ସେହିପରି ସାହିତ୍ୟିକଙ୍କର "କାନକୁ କପରି ଶୁଭିଲା" ଏହା ଶିକ୍ଷା କରିବା ସଙ୍ଗତ । ସ୍ୱରର ଏ ପାଖ ସେ ପାଖ ହେଲେ ଶ୍ରୁତିର ଛନ୍ଦ କିମ୍ବା **Rhyme** ନଷ୍ଟ ହୋଇଯାଏ । ପ୍ରଚଳିତ କଥାରେ ଏହି ଉତ୍କୃଷ୍ଟ ଧ୍ୱନି ହୋଇ ନ ପାରେ; ଏହି ହେତୁରୁ ଆମ୍ଭେମାନେ ଜଗତର ଶ୍ରେଷ୍ଠ ରଚନାରେ ଶୁଦ୍ଧ କିମ୍ବା ମାର୍ଜିତ ଭାଷାର ଅଧିକ ବ୍ୟବହାର ଦେଖିଥାଉଁ । ଶୁଦ୍ଧ ଭାଷାରେ ରଚିତ ସୁସଙ୍ଗତ ଧ୍ୱନି-ପୂର୍ଣ୍ଣ କବିତା ଲୋକେ ସହଜରେ ମୁଖସ୍ଥ କରି ପକାନ୍ତି । ଉଚ୍ଛ୍ୱସିତ ଭାବ ପ୍ରକାଶ କରିବାକୁ ଗଲେ ସାଲଙ୍କାର ଓ ଶବ୍ଦାଡ଼ମ୍ବର ପୂର୍ଣ୍ଣ ଭାଷାର ପ୍ରୟୋଜନ ହୋଇଥାଏ । ହୃଦୟ ଯେତେବେଳେ ଭାବରେ ଉଦ୍‌ବେଳିତ ହୋଇ ଉଠେ, ରସରେ ଯେତେବେଳେ ଆତ୍ମହରା ହେବାକୁ ହୁଏ, ଶରୀରର ସମସ୍ତ ରକ୍ତ ଯେତେବେଳେ ଭାବ ଓ ଆବେଗର ତାଳେ ତାଳେ ନୃତ୍ୟ କରୁଥାଏ, ସେତେବେଳେ ମନୁଷ୍ୟକୁ କ୍ଷୁଦ୍ରଜଳରେ ଭାସିବାକୁ ହୁଏ, ନତୁବା ଗୋଟିଏ ଦୁଇଟି ଅସଲଗ୍ନ ବାକ୍ୟ କହି ଦେଇ ଏକାବେଳେକେ ନିର୍ବାକ ହେବାକୁ ହୋଇଥାଏ, ଅଥବା ଜଳଦନିର୍ଘୋଷରେ ଜଳଧି ଭଳି ତରଙ୍ଗ ତରଙ୍ଗରେ ତାହାର ଭାବ ଉଚ୍ଛଳି ଉଠୁଥାଏ । ଶ୍ରେଷ୍ଠ ଲେଖକ-ମାନଙ୍କର ରଚନାରେ ସର୍ବତ୍ର ଏହା ହିଁ ଲକ୍ଷିତ ହୁଏ । ସେକ୍ସପିଅର-ଙ୍କର ଭାଷା ସମ୍ବନ୍ଧରେ ସମୁଦ୍ର ତରଙ୍ଗର ଉପମା ଯେଉଁ ସୁପ୍ରସିଦ୍ଧ ସର୍ ରାଲେ ଲେଖିଅଛନ୍ତି, " **Wave follows wave and breaks short of the goal, until at the ninth time of asking, the master-wave gathers the other into itself and surrounds you and lifts you." (Raleigh's Shakespeare Page 24).** ହୃଦୟସ୍ପର୍ଶୀ ବକ୍ତୃତାର ଭାଷା ଯେ ଶୁଦ୍ଧ ଓ ତେଜସ୍ୱୀ ନ ହେଲେ ଚଳେ ନାହିଁ, ତାହା କାହାର ଅବିଦିତ ନୁହେ । କାଳିଦାସଙ୍କର ମେଘଦୂତ, ମିଲ୍‌ଟନ୍‌ଙ୍କର ପ୍ରଧାନ କାବ୍ୟ, ସେକ୍ସପିଅରଙ୍କର **Soliloquy** ସମୂହ, ସ୍କଟଙ୍କର ବର୍ଣ୍ଣନା ସମୂହ, ବର୍କଙ୍କର ବକ୍ତୃତା, କାର୍ଲାଇଲ୍ ଓ ମେକଲେଙ୍କର ରଚନା, ଭବଭୂତିଙ୍କର ଦଣ୍ଡକାରଣ୍ୟ ବର୍ଣ୍ଣନା; ବଙ୍ଗଳାରେ ମାଇକେଲ ମଧୁ-ସୁଦନଙ୍କର ମେଘନାଦବଧର ଚତୁର୍ଥ ଓ ସପ୍ତମ ସର୍ଗ, ହେମଚନ୍ଦ୍ରଙ୍କର ଭାରତଭିକ୍ଷା ଓ ବୃତ୍ରସଂହାରର ସ୍ଥଳ ବିଶେଷ, ବଙ୍କିମଙ୍କର ଲଳିତ-ଗିରି ଓ ଉଦୟଗିରିର ବର୍ଣ୍ଣନା, ଏବଂ ସୀତାରାମରେ ରମାର ଅବିଶ୍ୱାସର ହେତୁ ଘାଟ ଉତ୍ତର, ରବିବାବୁଙ୍କର 'ହୃଦୟ ବନ୍ଧା ଜମି'; ଓଡ଼ିଆରେ ରାଧାନାଥଙ୍କର ନନ୍ଦିକା ପ୍ରତି ଚିତ୍ରୋତ୍ପଳାଙ୍କର ଉକ୍ତି, ଉଷାରେ ବାଲେଶ୍ୱର ଜିଲ୍ଲାର ବର୍ଣ୍ଣନା, ପାର୍ବତୀରେ କଞ୍ଚୁକୀର ଉକ୍ତି, ଯଯାତିକେଶରୀରେ ବୈତରଣୀ ବର୍ଣ୍ଣନା, ମହାଯାତ୍ରାର ଚତୁର୍ଥ, ପଞ୍ଚମ ଓ ସପ୍ତମ ସର୍ଗ, ମଧୁସୁଦନଙ୍କର ପଦ୍ମ, ହୃଦୟ ସଙ୍ଗୀତ, ଋଷିପ୍ରାଣେ ଦେବାବତରଣ, ଧ୍ୱନି, ହିମାଚଳେ ଉଦୟୋତ୍ସବ, ଉତ୍ତରରାମ-ଚରିତରେ ରାମଚନ୍ଦ୍ରଙ୍କର ଶୋକୋକ୍ତି, ଫକୀର ମୋହନଙ୍କର ବୌଦ୍ଧା-ବତାର କାବ୍ୟର ଅଂଶ ବିଶେଷ, ବିଶ୍ୱନାଥ କରଙ୍କର ମହାସ୍ରୋତ ଏବଂ ସାଧନା ଓ ସିଦ୍ଧି, ଗଙ୍ଗାଧରଙ୍କର ଇନ୍ଦୁମତୀ ଓ ଉତ୍କଳ ଲକ୍ଷ୍ମୀର

Digitized by srujanika@gmail.com

ଅଂଶ-ବିଶେଷ, ଚନ୍ଦ୍ରାମଣିଙ୍କର ଫିହଲ୍ଲକ ଓ ଅନ୍ୟାନ୍ୟ କାବ୍ୟର ଅଂଶ ସମୂହ ଏବଂ ଉତ୍କଳୀୟ ଅନ୍ୟ କେତେକ ଲେଖକଙ୍କର ଭାବଗମ୍ଭୀର ସୁମଧୁର ରଚନା ସମୂହ ଚିରସ୍ଥାୟୀ ରହିଥିବ । ଏ ଗୁଡ଼ିକ ସାହିତ୍ୟିକ ଅଥବା ଶୁଦ୍ଧଭାଷାରେ ରଚିତ ହୋଇ ନାହିଁ କି ? ବିଶ୍ୱ-କବି ରବୀନ୍ଦ୍ର ନାଥ ବର୍ତ୍ତମାନ "ଆମାର୍ ଗାନ୍ ଛେଡ଼େଛେ ତାର ସକଲ୍ ଅହଙ୍କାର" କହିଲେ ଚଳିବ କିପରି ? ତାହାଙ୍କର ମଧ୍ୟ ବିଶ୍ୱସେରା ଶ୍ରେଷ୍ଠ ରୂପକ କବିତା ସମୂହ ଏବଂ ତାହାଙ୍କର ଅପୂର୍ବ ଗଦ୍ୟ "ପ୍ରାଚୀନ ସାହିତ୍ୟ"ରେ ସେ ସାଧୁ ଭାଷାରେ ବିଚିତ୍ର ଶିଳ୍ପ ରଚନା କରି ନାହାନ୍ତି କି ? ଆଜି କାଲି ମଧ୍ୟ ଦେଖାଯାଏ ଦେଶ ପୂଜ୍ୟ ସମ୍ମିଳନ ସମୂହର ସଭାପତିବର୍ଗ, ସାହିତ୍ୟ, ଦର୍ଶନ, ଇତିହାସ ଓ ବିଜ୍ଞାନ ପ୍ରଭୃତିରେ ଯେଉଁ ଅଭିଭାଷଣ ଗୁଡ଼ିକ ଦ୍ୱାରା ଭାଷାର ସମ୍ପଦ ବଢ଼ାଉଅଛନ୍ତି ସେ ଗୁଡ଼ିକ ମଧ୍ୟ ଶୁଦ୍ଧ ଭାଷାରେ ଗ୍ରଥିତ । ଏମାନଙ୍କ ମଧ୍ୟରୁ ଅଧିକାଂଶ ହିଁ ଓଜସ୍ୱିନୀ ଓ ବେଗବତୀ ଭାଷାରେ ଲେଖି-ଅଛନ୍ତି । ସାହିତ୍ୟିକ ଅଥବା ଶୁଦ୍ଧ ଭାଷାକୁ "କଠମଇଁଆ" କହିଲେ ଚଳିବ ନାହିଁ ! କୋମଳ କାନ୍ତ ଅଥବା ଲଳିତ ଲକ୍ଷଣ ରୂପେ ସାହିତ୍ୟିକ ଭାଷା ପର୍ବତ ଭଳି ଦୃଢ଼ ଏବଂ ସ୍ଫୀତୋନ୍ନତ ହେବ ; କର୍ଦ୍ଦମ ଭଳି ନରମ ହେଲେ ସ୍ଥାୟୀ ହେବ କିପରି ? କାଦୁଅରେ କିଏ କେବେ ଅପୂର୍ବ ତାଜମହଲ ନିର୍ମାଣ କରିଅଛି ?

ଭଗବାନଙ୍କୁ ଭାବିବାକୁ ହେଲେ, ତାହାଙ୍କ ମନ୍ଦିରରେ ପ୍ରବେଶ କରିବାକୁ ହେଲେ ଆମ୍ଭେମାନେ ଶୁଦ୍ଧ ପଟ୍ଟବସ୍ତ୍ର, ଶୁଦ୍ଧ ଦେହ ଓ ଶୁଦ୍ଧାଚାରରେ ପ୍ରସ୍ତୁତ ହୋଇ ଥାଉଁ । ଉତ୍କଳ ସରସ୍ୱତୀ ଯେବେ ଆମ୍ଭମାନଙ୍କର ଆରାଧ୍ୟା, ତେବେ ଆମ୍ଭେମାନେ ଅଠପହରିଆ ମଇଳା ଭାଷାରେ ତାହାଙ୍କର ସ୍ତୁତି ଗୀତ ପାଠ କରିବାକୁ ଯିବୁଁ କାହିଁକି ? ସାହିତ୍ୟର ଭାବ ଯେପରି ଅଠପହରିଆ ନୁହେଁ, ସାହିତ୍ୟର ଭାଷା ଅବା ଅଠପହରିଆ ହେବ କାହିଁକି ? ଉତ୍କଳ ସରସ୍ୱତୀଙ୍କର ବିରାଟ ସାହିତ୍ୟ ମନ୍ଦିରରେ ବହୁ ଶିଳ୍ପୀ, ବହୁ ସ୍ଥପତି, ବହୁ ଭାସ୍କର, କେହି ବୃହତ୍ କାର୍ଯ୍ୟ ଘେନି, କେହି ସୁକୁମାର କାରୁକାର୍ଯ୍ୟ ସହିତ ଏକନିଷ୍ଠ ସାଧକ ଭଳି ସ୍ଥିର ଲକ୍ଷ୍ୟରେ ଶତ ଶତ ବର୍ଷ ହେଲା ଆତ୍ମନିୟୋଗ କରି ଅଛନ୍ତି । ଏହି ପ୍ରାସାଦ, ଶିଳ୍ପ, କଳା, ଗାମ୍ଭୀର୍ଯ୍ୟ ଓ ସୌନ୍ଦ-ର୍ଯ୍ୟରେ ବିଶ୍ୱଜଗତକୁ ମୁଗ୍ଧ କରିବ ବୋଲି ଜଗତ୍‌ବାସୀଙ୍କୁ ସାଧନାର ପଥ ଦେଖାଇ ଦେବ ବୋଲି ଆମ୍ଭମାନଙ୍କର ଚିର ଆକାଙ୍‌କ୍ଷା । ଏହାକୁ ସ୍ଥାୟୀ କରିବା ସକାଶେ ଏକ ଆଡ଼େ ଯେପରି ଆମ୍ଭେମାନେ ଭୂଗର୍ଭାଭ୍ୟନ୍ତରସ୍ଥିତ ସଂସ୍କୃତ ପାଷାଣାକରରୁ ( Quarry ) ନିପୁଣତା ସହକାରେ ବିଚିତ୍ର ବର୍ଣ୍ଣର ମର୍ମ୍ମର ପ୍ରସ୍ତର ଗ୍ରହଣ କରୁଅଛୁଁ, ପୁଣି ସେହିପରି ଆଉ ଏକ ଆଡ଼େ କୋମଳ ପ୍ରଚଳିତ କଥାରୁ ଯଥା ଯୋଗ୍ୟ ଗାନ୍ଥଣୀ ସକାଶେ ନାନାବିଧ ମସଲା ( Mortar ) ଗ୍ରହଣ କରୁଅଛୁଁ । ସୁଖର କଥା ପ୍ରସ୍ତର ଗୁଣରେ ସମସ୍ତହିଁ ଦୃଢ଼, କଠିଣ ଓ ଚିର ଉଜ୍ଜ୍ୱଳ ହୋଇ ଯାଉଅଛି । କିନ୍ତୁ ଆଜିକାଲି ସବୁ ସମ୍ମିଳନର ଦିନରେ ଅନେକହିଁ କିଞ୍ଚିନ୍ତ ମନରେ ବାଲଖିଲ୍ୟ ଭାବରେ ସେହି ଦୁଗ୍ଧ-ଧବଳ ମର୍ମର ମନ୍ଦିର ଗାତ୍ରରେ କାଦୁଅ ମାରି ଛନ୍ତି ତାହାର ଶୁଭ୍ର ସୌନ୍ଦର୍ଯ୍ୟ ଘୋଡ଼ାଇ ଦେବାକୁ ଅଗ୍ରସର, ଏହା ଦେଖି ସ୍ୱଭାବତଃ ମନରେ ଦୁଃଖ ଉପୁଜି ଥାଏ ମାତ୍ର ।

---

# ଛବିଶ ଜଣ ବନ୍ଦୀ ଓ ଗୋଟିଏ ବାଳିକା *

**ଶ୍ରୀକ୍ଷିତୀଶ ଚନ୍ଦ୍ର ଦେ**

ଆମେ ଥିଲୁଁ ଛବିଶ ଜଣ, କୋଡ଼ିଏ ଛଅଟା ଜୀବନ୍ତ କଳ ! ମାଟି ତଳେ ସନ୍ତସନ୍ତିଆ କୋଠରିଟାଏ ; ସେହିଠାରେ ସକାଳରୁ ସଞ୍ଜ ଯାଏ ମଇଦା ଦଳି ରୁଟି ଗଢ଼ିବା ଥିଲା ଆମର କାମ । ଆମର ମାଟି ତଳର କୋଠରିଟାର ଝରକା ଆରପଟରେ ଇଟା ଢିଅର ଖଣ୍ଡେ ଅଗଣା । ସେଠା ବି ସନ୍ତସନ୍ତିଆ, ଶିଉଳି ପଡ଼ି ନେଳି ହୋଇ ଯାଇ ଥାଏ । ଝରକାଟା ବାହାର ପଟରୁ ଲୁହାକାଠି ଦ୍ୱାରା ଖୁବ୍ ଲଗାଲଗି ହୋଇ ବୁଜା ; ତାର କାଚ ଉପରେ ମଇଦା ଗୁଣ୍ଡ ଏପରି ନେଳି ହୋଇ ପଡ଼ିଥାଏ ଯେ ତାହା ଭିତରେ ଦେଇ ସୂର୍ଯ୍ୟ-କିରଣ ଆସି ପାରେ ନାହିଁ ।

କାଳେ କେହି ଭିକାରୀ କିମ୍ବା କାମ ନ ଥିବା କୌଣସି ଲୋକଙ୍କୁ ସାଙ୍ଗକୁ ଆମେ ରୁଟିରୁ ଖଣ୍ଡେ ଅଧେ ଦେଇ ଦେବୁଁ, ଏଇ ଡରରେ ଆମର ମୁନିବ ଝରକାଟାକୁ ଲୁହାକାଠି ଦ୍ୱାରା ବୁଜି ଦେଇ ଥିଲେ । ତାଙ୍କ ଆଖିରେ ଆମେ ବଦମାସ, ଦଗାବାଜ ! ଦି'ପହରେ ଖାଇଲା ବେଳେ ମାଉଁସ ବଦଳରେ ଆମ କପାଳକୁ ମିଳୁଥିଲା ଖଣ୍ଡି ପେଟର ଦାଉପରି କେତେ ଗୁଡ଼ାଏ ନାଡ଼ି, ଅନ୍ତବୁଜୁଳା ! ପଥର ଢିଅର ମାଟି ତଳର ସେହି ଅଣଓସାରିଆ କୋଠରିଟା ; ବୁଢ଼ିଆଣି ଜାଲ ଆଉ ଝୁଲରେ ତାହାର କଡ଼ି-ବରଗା ଗୁଡ଼ାକ ନିପଟ କଳା ! ତାହାର ଭିତରେ ଜକାଜକି ହୋଇ ଆମେ ଥାଉଁ । ତାହାର ବାହାଲ କୋତରା, ଶିଉଳି ପଡ଼ି ଥିବା ଗୁରୁ ଗୁରୁଠା କାନ୍ଥ ମଧ୍ୟରେ ଆମର ଜୀବନ ଥିଲା ଅତି କଦର୍ଯ୍ୟ, ଅତି ହୀନମାନିଆ !

---

* ରୁଷ ସାହିତ୍ୟର ଶ୍ରେଷ୍ଠ ପୁରୋଧା ମାକ୍ସିମ୍ ଗର୍କିଙ୍କର **Twenty six men and a girl** ନାମକ ଗଳ୍ପର ଅନୁବାଦ ।

ଭୋର ପାଞ୍ଚଟା ବାଜୁ ନ ବାଜୁଣୁ ଶେଯ ଛାଡ଼ି ଆମେ ଉଠୁଁ । ନିଦଟା ପାକଲ ହେବା ଆଗରୁ ଚେଇଁ ଉଠିବା ଯୋଗୁଁ ମନରେ ସୁଖ ନ ଥାଏ; ଦେହ ବି ଭାଙ୍ଗି ଭାଙ୍ଗି ପଡ଼ୁଥାଏ, କିନ୍ତୁ ଛଅଟା ବାଜିଲା ବେଳକୁ ଆମେ ଯାଇ ଆମ ଟେବୁଲ୍ ଚାରି ପଟରେ ବସି ଯାଇ ଥାଉଁ । ଦେହ ଗୁଡ଼ାକ ସେତେବେଳେ ଅଳସରେ ଉଠାଇ ହେଉ ନ ଥାଏ, ମନ ଭିତରେ ଗୋଟାଏ ଅସ୍ପଷ୍ଟ ରାଗ କପରି କୁହୁଳି ଉଠୁଥାଏ; କିନ୍ତୁ ହାତଗୁଡ଼ାକ ଆପେ ଆପେ ମଇଦା ଦଳିବା କାମରେ ଲାଗିଯାନ୍ତି । ସକାଳ ଦଶଟାଠାରୁ ରାତି ଦଶଟା ପର୍ଯ୍ୟନ୍ତ—ଦିନଟା ଯାକ ଆମ ମଧ୍ୟରୁ କେଇ ଜଣ ଟେବୁଲ ଚାରିପଟରେ ବରାବର ବସି ସେହି ନରମ ମଇଦାକୁ ସବୁ ବେଳେ ଦଳୁଥାନ୍ତି । ଛାଡ଼ି ଦେଲେ କାଳେ ଟାଣେଇ ଯିବ, ଏଇଥିପାଇଁ ଘଡ଼ିଏ ଫୁରସତ୍ ନ ଥାଏ ତାଙ୍କର ! ସେହି ସମୟରେ ଅନ୍ୟାନ୍ୟ ମାନେ ରୁଟି ତିଆରିରେ ଲାଗିଥାନ୍ତି । ଦିନଟା ଯାକ ଚୁଲ୍ଲୀ ଉପରେ ଫୁଟନ୍ତା ପାଣିର ସିଁ ସିଁ ଶବ୍ଦ ବଡ଼ କରୁଣ ସ୍ୱରରେ ଉଠୁଥାଏ ଏବଂ ଯେ ରୁଟି ସେକୁଥାଏ, ଚୁଲ୍ଲୀ ତଳର ଗରମ ଇଟା ଉପରେ ରୁଟି ଗୁଡ଼ାକୁ ପକାଇ ଦେଲା ବେଳେ ତାହାର ଲମ୍ବ, ପିଠା ଖଡ଼ିକାର ଖଡ଼ ଖଡ଼ ଶବ୍ଦଟା ମଧ୍ୟ ଦିନଟା ଯାକ ସେହିପରି ଶୁଭୁଥାଏ ।

କାଠ ଗୁଡ଼ାକ ଚୁଲ୍ଲୀଟାରେ ଜଳୁଥାଏ ସକାଳରୁ ସଞ୍ଜ ପର୍ଯ୍ୟନ୍ତ । ତାହାର ଲାଲି ଆଭା କୋଠରିଟାର କାନ୍ଥ ଉପରେ ଯେପରିକି ଆମକୁ ଥଟ୍ଟା କରି ନାଚେ ! ପ୍ରକାଣ୍ଡ ଚୁଲ୍ଲୀଟା କାହାଣୀ ରାଇଜର ଗୋଟାଏ ଅସୁରର ମୁଣ୍ଡପରି ଦିଶେ । କୋଠରି ଚଟାଣରୁ ଲମ୍ବ ଗଳା ବାହାର କରି ପାଟିଟାକୁ ହାଁ କରିଥାଏ ! ତାହାର ମୁହଁ ମଧ୍ୟରେ ନିଆଁ ଦାଉ ଦାଉ ଜଳୁଥାଏ । ତାହାର ଗରମ ନିଶ୍ୱାସ ଆମ ଦେହରେ ବେଳେ ବେଳେ ଆସି ବାଜେ ! ପବନ ଯା'ଆସ କରିବା ଲାଗି ଯେଉଁ କଣା ଦିଇଟା ଥାଏ ସେହି ବାଟରେ ସେ ଆମର ଏ ଅନ୍ତହୀନ କାମ ଆଡ଼କୁ ଚାହିଁ ଯେମିତି କି ଦିନଟାଯାକ ପହରା ଦେଉଥାଏ ! ସେହି କଣା ଯୋଡ଼ାକ ଯେମିତି ତାହାର ଆଖି, ରାକ୍ଷସର ଦୟାମାୟାହୀନ ନିର୍ମମ ଆଖି ! ଦିନଟାଯାକ ସେ ଆମ ଆଡ଼କୁ ଚାହିଁ ରହିଥାଏ, ତାର ସେହି ଅନ୍ଧାରିଆ ଦୃଷ୍ଟିରେ । ମନେ ହୁଏ ଯେମିତି ଆମ ଭଳି ଆମରଣ କଣାଗୃହକର ଗୁଡ଼ାଙ୍କ ଆଡ଼କୁ ଚାହିଁ ଚାହିଁ ସେ କ୍ଲାନ୍ତ ! ଆମେ ମନୁଷ୍ୟ ଆକାରର ଜୀବ, ଅଥଚ ଆମ ଦେଇ ମଣିଷର କୌଣସି କାମ ହବ ନାହିଁ, ଏହା ଜାଣି ପାରି ଯେମିତି ସେ ଆମ ଆଡ଼କୁ ଜ୍ଞାନୀର ଦମ୍ଭଭରା ତାଚ୍ଛିଲ୍ୟ ପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଥାଏ !

ମଇଦା ଗୁଣ୍ଡରେ, ଆଉ ବାହାର ଅଗଣାରୁ ଆସିଲାବେଳେ ଆମର ଯୋତାରେ ଲାଗିଥିବା କାଦୁଅରେ ବସି ସେ ଗରମ ଚଟ୍‌-ଚଟିଆ କୋଠରିଟାରେ ଆମେ ଦିନ ରାତି ମଇଦା ଦଳି ଦଳି ତାକୁ ଆମ ଝାଳରେ ତିନ୍ତାଇ ରୁଟି ଗଢ଼ୁଁ । ନିଜର କାମପ୍ରତି ଆମର ଗୋଟାଏ ତୀବ୍ର ଘୃଣା ଜନ୍ମି ଯାଇ ଥିଲା । ଯାହା ଆମେ ନିଜ ହାତରେ ଗଢ଼ୁଥିଲୁଁ ତାହାକୁ ଖାଇବାକୁ ଆମକୁ ସୁଖ ଲାଗୁ ନ ଥିଲା ; ତାହା ଠାରୁ ବରଂ ଆମକୁ ସୁଆଦ ଲାଗୁଥିଲା କଳା ରୁଟି । ଗୋଟାଏ ଲମ୍ବ ଟେବୁଲର ଦୁଇ ପାଖରେ ଆମେ ନଅ ନଅ ଜଣ ମୁହାଁ ମୁହିଁ ହୋଇ ବସୁଥିଲୁଁ ; ତାହା ପରେ ଘଣ୍ଟା ଘଣ୍ଟା ଧରି ଆମର ହାତ ଚାଲୁଥିଲା । ଶେଷରେ କାମଟା ଆମକୁ ଏପରି ସଇଁଠେଇ ଗଲା ଯେ କାମ ଆଡ଼କୁ ନଜର ନ ଦେଲେ ସୁଦ୍ଧା ହାତ ଆମର ବନ୍ଦ ହୁଏ ନାହିଁ ।

ଏତେ ଘନିଷ୍ଠ ଭାବରେ ଆମେ ପରସ୍ପରକୁ ବୁଝି ନେଇଥିଲୁ ଯେ, ଜଣକର ମୁହଁର ପ୍ରତି ଦାଗଟି ଆଉ ଜଣେ ସ୍ପଷ୍ଟ ଭାବରେ ଜାଣି ପାରୁଥିଲା । ଦିନ କେତୋଟା ଭିତରେ ଯାହା କିଛି କହିବାର ଥିଲା ସବୁ ଆମର ଶେଷ ହୋଇ ଯାଇଥିଲା । ସେଥି ପାଇଁ କଳି କରିବା ସମୟଟା ଛଡ଼ା ଆମେ ଅଧିକାଂଶ ସମୟରେ ତୁନି ହୋଇ ବସି ରହୁଥିଲୁଁ ! ଆଉ, କଳି ବା କରିବୁଁ କାଣ ପେନି, ବିଶେଷତଃ ନିଜର ସାଙ୍ଗ ଗୁଡ଼ାଙ୍କ ସାଥିରେ ? ପରସ୍ପରର ଗୋଇ କାଢ଼ିବାକୁ ବି ଆମର ମନ ସେତେ ବଳାଉ ନ ଥିଲା । ଆମେ ଛତିଶ ଗୁଡ଼ାକ ତ ଏକ ରକମ ଦରମରା, ପଥର ପାଲଟି ଯାଇଥିଲୁଁ । ଯାହା ତା'ର ଗୋଇ କାଢ଼ିଲା ଭଳି ଅବସ୍ଥା ଆମର ଆସିବ କୁଆଡ଼ୁ ? ଦିନ ରାତି ହାଡ଼ଭଙ୍ଗା ପାଇଟି ଆମ ଭିତରୁ ସବୁ ଅନୁଭୂତି ଦଳି ବାହାର କରି ନେଇଥିଲା । କିନ୍ତୁ ଯେଉଁମାନେ ପରସ୍ପର ଠାରେ ମନର କବାଟ ଆଦୌ ଖୋଲି ନାହାନ୍ତି ତାଙ୍କ ପକ୍ଷରେ ତୁନି ହୋଇ ବସି ରହିବାଟା ସହଜ ହେଲେ ସୁଦ୍ଧା ଆମ ପକ୍ଷରେ ହୋଇ ପଡ଼ୁଥିଲା ଅତି ଭୀଷଣ, କାରଣ ଆମର ଯେ କହିଲା ଭଳି କିଛି ଆଉ ନ ଥିଲା । ଯାହା ଥିଲା ତାହା ଦିନ କେତୋଟା ଭିତରେ ଖତମ ।

ବେଳେ ବେଳେ ଆମେ ଗୀତ ମଧ୍ୟ ଗାଉଥିଲୁଁ । ତାହା ଆରମ୍ଭ ହୁଏ ଏହି ପରି ଭାବରେ—କାମ କରି କରି ଥକ୍କା ହୋଇ ଘୋଡ଼ାଟା ପରି ଆମ ଭିତରୁ କେହି ଜଣେ ଦୀର୍ଘ ନିଶ୍ୱାସଟାଏ ଛାଡ଼େ । ତାହା ପରେ ଆମେ ସେହିପରି ଗୋଟାଏ ଗୀତ ଗାଇବାକୁ ଆରମ୍ଭ କରୁଁ, ଯାହାର ଛନ୍ଦର ନୃତ୍ୟରେ ଆମର ହୃଦୟର ବୋଝଟା ଟିକିଏ ଟିକିଏ କରି ହାଲୁକା ହୋଇ ଆସେ ।

ପ୍ରଥମେ ଜଣେ ଆପେ ଆପେ ଗାଇଯାଏ ; ଆମେ ସମସ୍ତେ ତୁନି ହୋଇ ଶୁଣୁ । ଜହ୍ନୁଆ ରାତିରେ ବଉଦ ଭରା ପାଉଁଶିଆ ଆକାଶଟା ଯେତେବେଳେ ପୃଥିବୀ ଉପରେ ଗୋଟାଏ ଅତି ଭାରି ଚାଦର ପରି ଓହଳି ପଡ଼େ, ସେତେବେଳେ ✽ "ଷ୍ଟେପ୍" ମଧ୍ୟରେ ଘାସନିଆଁଟା ଯେମିତି ଧୀରେ ଧୀରେ ଆପେ ଆପେ ଜଳିଯାଏ, ସେମିତି ତାହାର ଗୀତଟା ମଧ୍ୟ କିଛି କ୍ଷଣ ପରେ ସେହି କୋଠରିଟାର ଗମ୍ଭୁଜାକୃତି ଛାତ ତଳେ ଧୀରେ ଧୀରେ କାହିଁ ମିଳାଇ ଯାଏ । ତାହା ପରେ ଆଉ ଜଣେ ତା ସାଙ୍ଗରେ ଯୋଗ ଦିଏ । ଯୋଡ଼ିଏ କଣ୍ଠର କରୁଣ ସ୍ୱରରେ ସେହି ଅନ୍ଧାରି କୋଠରି ବାହୁନି ବାହୁନି

✽ Steppe—କାସ୍‌ପିଅନ୍ ହ୍ରଦ ନିକଟସ୍ଥ ସୁଦୂର ବିସ୍ତୃତ ତୃଣ ଭୂମି ।

କାନ୍ଦି ଉଠେ । ତାହା ପରେ ହଠାତ୍ ସମସ୍ତେ ସେ ଦହିଙ୍କ ସଙ୍ଗେ ଯୋଗ ଦିଅନ୍ତି । ଗୀତଟା ମଧ୍ୟ ଗୋଟାଏ ଲହରୀ ପରି ଗଢ଼ କରିବାକୁ ଲଗେ ; ଯେତିକି ଆଗକୁ ଗଢ଼ କରେ, ସେତିକି ଫୁଲି ଫୁଲି ଉଠେ ଓ କ୍ରମେ ଉଚ୍ଚତର ହୁଏ । ଶେଷରେ ମନେ ହୁଏ ଆମର ପଥର କାରାଗାରର କାନ୍ଥ ଗୁଡ଼ାକ ଯେମିତିକି ଆଗକୁ ଆଗକୁ ଘୁଞ୍ଚି ଘୁଞ୍ଚି, ଖୋଲି ଖୋଲି ଯାଉଛି । ଆମେ ଛବିଶ ଜଣ ଯାକ ଏକ ସଙ୍ଗରେ ଗାଇବାକୁ ଲାଗୁଁ । ଆମର ଉଚ୍ଚ ସଙ୍ଗୀତରେ ଗୋଟା କୋଠରିଟା ଉଚ୍ଛୁଳି ପଡ଼େ । ଆମର କଣ୍ଠଧ୍ୱନି ସେ କୋଠରି ପାର ହୋଇ ବାହାରକୁ ଡେଇଁ ଯାଇ କାନ୍ଥ ଗୁଡ଼ାକ ଉପରେ କରୁଣ ବିଳାପ ଓ ଦୀର୍ଘଶ୍ୱାସ ରୂପରେ ବାଜେଇ ପିଟି ହୁଏ ! ସଙ୍ଗୀତର ମାଧୁର୍ଯ୍ୟରେ ଆମର ଚିତ୍ତ ଚଞ୍ଚଳ ହୋଇ ଉଠେ । କେତେ କୋମଳ ଭବିଷ୍ୟତ ସ୍ପନ୍ଦନ ହଠାତ୍ ଜାଗି ଉଠେ ମନରେ ! ଶୁଖି ଯାଇଥିବା କେତେ ପୁରୁଣା ଘା'ର ମୁହଁ ଗୁଡ଼ାକ ପୁଣି ଛିଣ୍ଡି ଯାଏ, କେତେ ସୁପ୍ତ ଆକାଂକ୍ଷାର ନିଦ ପୁଣି ଭାଙ୍ଗି ଯାଏ ।

ଗୀତ ଗାଉ ଗାଉ କେତେ ବୁକୁ ଫଟା ନିଶ୍ୱାସ ଅଜାଣତରେ ବାହାରି ଯାଏ । ହଠାତ୍ ଜଣେ କେହି ଚୁପ ହୋଇ ଅନ୍ୟାନ୍ୟ ସମସ୍ତଙ୍କୁ ଗାଉଥିବାର ଶୁଣେ, ତାହାପରେ ପୁଣି ସେ ତାହାର ସ୍ୱରକୁ ସେହି ଗୀତ ଜୁଆରରେ ମିଶାଇ ଦିଏ । ଆଉ କେହି ଜଣେ ଅବା " ଆଃ " ବୋଲି କହି ଉଠେ ଏବଂ ଆଖି ବୁଜି ସେହି ଶବ୍ଦ ଲହରୀ ମଧ୍ୟରେ ଦେଖିବାକୁ ପାଏ ଗୋଟିଏ ପଥ, ବହୁ ଦୂରରେ ସୂର୍ଯ୍ୟ-କରୋଜ୍ଜ୍ୱଳ ସୁବିସ୍ତୃତ ଗୋଟିଏ ପଥ, ଯାହା ଉପରେ ସେ ମନେ ମନେ କେତେ ସରାଗରେ ବିଚରଣ କରିବାକୁ ଲାଗେ !

କିନ୍ତୁ ପୁଣି ସେହି ପ୍ରକାଣ୍ଡ ଚୁଲ୍ଲୀଟାର ନିଆଁ ଦାଉ ଦାଉ କରି ଜଳି ଉଠେ ; ରୁଟି ସେକାଳିବାଲାର ପିଠାଖଡ଼ିକାଠା ପୁଣି ଅବିରାମ ଝଡ଼ି ଝଡ଼ି ହେବାକୁ ଲାଗେ ; ଫୁଟନ୍ତା ପାଣିଟା ଚୁଲ୍ଲୀ ଉପରେ ସିଁ ସିଁ କରି ଉଠେ ଏବଂ ମଉଳା ବିଦ୍ରୂପରେ ଚୁଲ୍ଲୀର ଲାଲ ଆଲୁଅଟା କାନ୍ଥ ଦେହରେ ପୁଣି ନାଚିବାକୁ ଆରମ୍ଭ କରେ ! କିନ୍ତୁ ନିଜ ଅଜ୍ଞାତରେ ଆମେ ଯେ ଆମର ମୂକ ବେଦନାର କାହାଣୀ, ସୂର୍ଯ୍ୟକରବଞ୍ଚିତ ଜୀବନ୍ତ ମନୁଷ୍ୟର ଦୁର୍ବିସହ ଅନ୍ତର୍ଦ୍ଦାହର କଥା, ଦାସ ଜୀବନର ଦୁଃଖର ସଙ୍ଗୀତ ଗାଉଛୁଁ, ଏହା କଣ ସେତେବେଳେ ଜାଣି ପାରୁଁ, ନା ଜାଣିଲି ଭଳି ଅବସ୍ଥା ଆମର ଥାଏ ?

ଏହିପରି ଭାବରେ ଆମେ ଛବିଶ ଜଣ ଯାକ ସେହି ବିରାଟ ଗମ୍ବୁଜ ପରି ମାଟିତଳର ପଥର କୋଠରିଟାରେ ଥିଲୁଁ । ଆମର ଜୀବନ ଆମକୁ ଏପରି ଦୁର୍ବିସହ ବୋଧ ହେଉଥିଲା ଯେ ମନେ ହେଉଥିଲା ଯେମିତିକି ଆମର ପ୍ରତ୍ୟେକର କାନ୍ଧ ଉପରେ ସେହି ପ୍ରକାଣ୍ଡ ତିନି ମହଲା କୋଠାଟା ଦିନ ରାତି ମାଡ଼ି ବସିଛି !

କିନ୍ତୁ ଗୀତ ଛଡ଼ା ଆମ ଜୀବନରେ ଆହୁରି ଗୋଟାଏ ସୁନ୍ଦର ଜିନିଷ ମଧ୍ୟ ଥିଲା ; ତାହାକୁ ଆମେ ଭଲ ପାଉଥିଲୁଁ ଏବଂ ତାହାହିଁ ଥିଲା ଆମର ଅନ୍ଧାର ମଧ୍ୟରେ ସୂର୍ଯ୍ୟଙ୍କର ଗୋଟିଏ ସାନ କିରଣ ରେଖା ପରି ।

ସେହି ଘରର ଦିତୀ'ଲରେ ସୁନା ଜରିର ଗୋଟିଏ ଦୋକାନ ଥିଲା । ସେଠାରେ ଅନେକ ମାଇପେ ଆସି ଜରିକାମ କରୁଥିଲେ । ତାଙ୍କ ଭିତରେ ଗୋଟିଏ ଝିଅ ଥିଲା, ନାମ ତାହାର ଟାନିଆ । ବୟସ ତାହାର ସେତେବେଳକୁ ଷୋଳ କି ସତର । ପ୍ରତି ଦିନ ସକାଳେ ଆମ କାଚ ଝରକାରେ ଗୋଟିଏ ସାନ ଗୋଲାପି ମୁହଁ ଫୁଟି ଉଠେ ; ନେଳି ଆଖି ଦିଓଟି ତାହାର ଖୁସିରେ ଡଳ ଡଳ ହେଉଥାଏ । କିଛିକ୍ଷଣ ପରେ ଆମ କାନରେ ଗୋଟିଏ କୋମଳ ମଧୁର ସ୍ୱର ଆସି ବାଜେ—

" କଇଦି ଭାଇ, ମୋ ପାଇଁ ରୁଟି କେଇ ଖଣ୍ଡ ରଖିଚ ନା ? "

ତାହାର ସେହି ସ୍ୱର ଆମ ସମସ୍ତଙ୍କୁ ଖୁବ୍ ଭଲ ରୂପେ ଜଣା । ଶୁଣିବା ମାତ୍ରକେ ସରଳ ଆନନ୍ଦରେ ଆମେ ସମସ୍ତେ ସେହି ମିଠା ହସ ହସୁଥିବା ମୁହଁଟି ଆଡ଼କୁ ଫେରି ଚାହୁଁ । ତାହାର ସାନ ନାକଟି ଝରକାର କାଚ ଉପରେ ଚାପି ହୋଇ ରହିଥାଏ । ଅଳପ-ମୁକୁଳା ଓଠ ଦୁଇଟି ମଧ୍ୟରେ ଧଳା ଦାନ୍ତ ଗୁଡ଼ିକ ଜକ୍ ଜକ୍ ଦିଶୁଥାଏ । ଏହାକୁ ଦେଖିବାହିଁ ଥିଲା ଆମର ପ୍ରତିଦିନର ଆନନ୍ଦ । ଠେଲା ଠେଲି କରି ଆମେ ଯେତେ ଚଞ୍ଚଳ ପାରୁଁ ଦୁଆରଟା ଯାଇଁ ଖୋଲି ଦେଉଁ । ଟାନିଆ ତାହାର ସୁନ୍ଦର ଉଜ୍ଜ୍ୱଳ ରୂପ ଧରି ଭିତରକୁ ପଶି ଆସେ । ମୁଣ୍ଡଟିକୁ ଗୋଟିଏ ପାଖକୁ ଟିକିଏ ବଙ୍କେଇ ନେଇ ସେ ତାହାର ଅଞ୍ଚଳିକୁ ଆମକୁ ଦେଖାଇ ଦିଏ କିନ୍ତୁ ମୁହଁରେ ଲାଗି ରହିଥାଏ ସେହି ସୁନ୍ଦର ମିଠା ହସଟି । ବହଳ ସୁନେଲି ବାଳ ଗୁଡ଼ିକ ଝୁଲି ପଡ଼ୁଥାଏ ତାହାର କାନ୍ଧ ଓ ଛାତି ଉପରେ । କବାଟ ବନ୍ଦଟା କୋଠରି ତଳକୁ ଗୁରି ପାହାଚ ଉପରେ, ତାହାର ଉପରେ ପ୍ରତିମାଟି ପରି ସେ ଠିଆ ହୋଇଥାଏ । ଆମେ କୁତ୍ସିତ କଦାକାର, କୋତରା ଗୁଡ଼ାକ ତାହାର ଆଡ଼କୁ ଅନାଇ ଅଭିବାଦନ ଜଣାଉଁ ଏବଂ କେତେ ଗୁଡ଼ାଏ ଅଦ୍ଭୁତ ଅନଭ୍ୟସ୍ତ ଭାଷାରେ ତା' ସହିତ କଥା କହୁଁ, ଯାହାକୁ କି ଆମେ କେବଳ ତାହାରି ପାଇଁ ସଞ୍ଚି ରଖି ଥାଉଁ । ତାହା ସହିତ କଥା କହିଲାବେଳେ ଆମର ସ୍ୱର ହୋଇଯାଏ କୋମଳ ଏବଂ ଆମର ଥଟ୍ଟା ତାମସା ମଧ୍ୟ ହୋଇଯାଏ ହାଲୁକା ଓ ଅନ୍ୟ ଧରଣର । ତାହା ପାଇଁ ସବୁ ଆମର ଅନ୍ୟ ପ୍ରକାରର । ରୁଟି ସେକାଲିବାଲା ଚୁଲ୍ଲୀରୁ ସର୍ବାପେକ୍ଷା ଭଲ ଫୁଲିଥିବା ରୁଟି କେଇ ଖଣ୍ଡ ନେଇ ତାହାର ଅଞ୍ଚଳି ଭିତରକୁ ଅତି ଯତ୍ନରେ ପକେଇ ଦିଏ ।

" ଯା ପଳା, ନୋହିଲେ ମାଲିକ ଆସି ଧରିବାନି । "

ଏହା କହି ପ୍ରତିଦିନ ଆମେ ତାକୁ ସାବଧାନ କରି ଦେଉଁ । ସେ ଏହା ଶୁଣି ଟିକିଏ ଦୁଷ୍ଟାମିର ହସ ହସି " ଯାଉଛି, ନମସ୍କାର " କହି ଦେଇ ଚୁଟିଆ ମୂଷାଟି ପରି ସୁଟ୍ କରି କୁଆଡ଼େ ଉଭେଇ ଯାଏ ।

ତା ସାଙ୍ଗରେ ଆମର କଥାବାର୍ତ୍ତା, ଦେଖା ଶୁଣା ସେତିକି । କିନ୍ତୁ ସେ ଚାଲିଯିବାର ବହୁ କ୍ଷଣ ପରେ ସୁଦ୍ଧା ଆମେ ନିଜ ନିଜ ମଧ୍ୟରେ ବଡ଼ ଆନନ୍ଦରେ ତାହାର ବିଷୟ କଥା ଭାଷା ହେଉଁ । ଆଗ ଆଗ ଦିନ ଯାହା ଯାହା ହୋଇ ଯାଇଛି ସେହି ପୁରୁଣା କଥା

ଗୁଡ଼ାକ ପ୍ରତି ଦିନ ହୁଏ; କାରଣ ଆମଠାରେ ନୂଆ ବୋଲି କୌଣସି ଜିନିଷ ନ ଥିଲା—ଆମର ସବୁ, ଏପରିକି ସେ ବି ସବୁଦିନ ପରି ଏକ, ସମାନ; କୌଣସି ଫରକ ନାହିଁ କାହିଁରେ, ଆଜି ଯାହା, କାଲି ବି ସେହିଆ!

ମନୁଷ୍ୟର ଅବସ୍ଥାଟା ସେତିକିବେଳେ ଅତି ଭୀଷଣ କଷ୍ଟକର ହୋଇ ପଡ଼େ, ଯେତେବେଳେ ତାହାର ଜୀବନର ଚାରିଆଡ଼ର କୌଣସି ବସ୍ତୁ ଟଳେ ହେଲେ ବଦଳେ ନାହିଁ ଏବଂ ଏପରି ଅବସ୍ଥା ଯେତେବେଳଯାଏଁ ତାହାର ଅନ୍ତରାତ୍ମାକୁ ତଣ୍ଟି ଚିପି ନ ମାରି ପାରେ, ସେ ପର୍ଯ୍ୟନ୍ତ ଏହି ପରିବର୍ତ୍ତନ-ହୀନତାଟାହିଁ ତାହା ପକ୍ଷରେ ଦିନକୁ ଦିନ ବେଶୀ କଷ୍ଟକର ହୋଇ ଉଠେ। ସାଧାରଣତଃ ସ୍ତ୍ରୀଲୋକମାନଙ୍କ ବିଷୟରେ ଆମେ ଏପରି ଭାବରେ କଥା ଭାଷା ହେଉଁ ଯେ, ଆମର ନିର୍ଲଜ ଅଶ୍ଳୀଳ କଥା ଗୁଡ଼ାକ ଆମ ନିଜ କାନକୁ ସୁଦ୍ଧା ବିରକ୍ତି-ଜନକ ଲାଗେ; ଆଉ ଯେଉଁ ସ୍ତ୍ରୀଲୋକମାନଙ୍କ ସହିତ ଆମର ମିଳାମିଶା ଥିଲା, ସେମାନେ ଯେ ସେପରି କଥା ଗୁଡ଼ାକର ନିତାନ୍ତ ଅଯୋଗ୍ୟ ଥିଲେ, ତାହା ମଧ୍ୟ ନୁହେଁ। କିନ୍ତୁ ଟାନିଆ ବିଷୟରେ କହିଲା ବେଳେ ଆମ ମୁହଁରୁ ଗୋଟିଏ ସୁଦ୍ଧା ଖରାପ କଥା ବାହାରୁ ନ ଥିଲା। ତାହାକୁ ଟିକିଏ ଛୁଇଁବାକୁ ସୁଦ୍ଧା କାହାରି ସାହସ ହେଉ ନ ଥିଲା; ଏମିତି କି ଆମ ମୁହଁରୁ ସେ କେବେହେଁ ଭେଷଡ଼ା ଥଟ୍ଟା କଥା ପଦେ ବି ଶୁଣି ନାହିଁ। ବୋଧହୁଏ ସେ ଆମ ଆଗରେ ବେଶୀ କ୍ଷଣ ନ ରହିବା ଯୋଗୁଁ ଏମିତି ହେଉଥିଲା। ଆକାଶରୁ ତାରାଟିଏ ଖସିଲା ପରି ସେ ଆମ ଆଖିରେ ମୁହୂର୍ତ୍ତକ ଦେଖା ଦେଇ ଉଭେଇ ଯାଏ। କିମ୍ବା ସେ ଅତି ସାନ ଓ ଅତି ସୁନ୍ଦର ଥିଲା ବୋଲି ବା ଏମିତି ଲାଗୁଥିଲା। କାରଣ ଯାହା ସୁନ୍ଦର ତାହା ପଶୁ ପ୍ରକୃତିରେ ମଧ୍ୟ ଭକ୍ତିର ସଞ୍ଚାର କରେ। ତାହା ଛଡ଼ା, ଆମ କଏଦି ଜୀବନର ହାଡ଼ଭଙ୍ଗା ପାଇଟି ଆମକୁ ବଳଦ କରି ଦେଲେ ସୁଦ୍ଧା, ଆମେ ତ ପୁଣି ମଣିଷ; ଅପର ଲୋକଙ୍କ ପରି କିଛି ଗୋଟାଏ ପୂଜା ନ କରି ଆମେ ବା ରହିବୁଁ କେମିତି? ତାହାଠାରୁ ବଳି ଆମର କେହି ଆଉ ନ ଥିଲେ ଏବଂ ସେଠାରେ ଅନ୍ୟାନ୍ୟ ଅନେକ ଲୋକ ଥିଲେ ମଧ୍ୟ ସେହି ଅନ୍ଧାର କୋଠରିରେ ଥିବା ଆମ ପରି ଛବିଶି କେତେ ଜଣଙ୍କ ଆଡ଼କୁ ତାହା ଛଡ଼ା ଅନ୍ୟ କେହି ମୁହଁ ଫେରାଇ ସୁଦ୍ଧା ଥରେ ଚାହୁଁ ନ ଥିଲେ। ଅହୁରି ମଧ୍ୟ, ସମସ୍ତେ ତାକୁ ଆମ ଆପଣାର ବୋଲି ଭାବୁଥିଲୁଁ। ଆମର ଗୋଟାଏ ଧାରଣା ଜନ୍ମି ଯାଇ ଥିଲା ଯେ, ସେ ଯେମିତି କି ଆମର ସେହି କେତେ ଖଣ୍ଡ ରୁଟି ଯୋଗୁଁ ସେଠାରେ ଅଛି। କେ ଜାଣେ କାହିଁକି, ଏହି କଥାଟା ହିଁ ଆମ ମନକୁ ବେଶୀ ଲାଗୁ ଥିଲା। ତାକୁ ପ୍ରତି ଦିନ ଗରମ ଗରମ ରୁଟି ଯୋଗାଇବା କାମଟାକୁ ଆମେ ପାଳି କରି ଜଣ ଜଣକେ କରି ଯାଉଥିଲୁଁ। ଏହି କାମଟା ଦେବୀଙ୍କ ଆଗରେ ପୂଜା ଦେଲା ଭଳି ଆମକୁ ଲାଗୁଥିଲା। କ୍ରମେ ତାହା ଆମ ଆଖିରେ ହୋଇ ଉଠିଲା ଗୋଟାଏ ପୁଣ୍ୟ କାମ। ଦିନକୁ ଦିନ ତାହା ଆମକୁ ଟାନିଆ ସହିତ ଅହୁରି ନିବିଡ଼ ଭାବରେ ବାନ୍ଧିବାକୁ ଲାଗିଲା। ରୁଟି ଦେବା ଛଡ଼ା, ଟାନିଆକୁ ଆମେ ପ୍ରତି ଦିନ ଅନେକ ଗୁଡ଼ାଏ ଉପଦେଶ ମଧ୍ୟ ଦେଉଁ—ସେ ଯେପରି ଅହୁରି ବେଶି କରି ଗରମ ଲୁଗା ପିନ୍ଧେ, କୋଠା ଉପରକୁ ସେ ଯେମିତି ଅତି ବେଗରେ ଦୌଡ଼ି ନ ଯାଏ, ଭାରି କାଠ ବିଡ଼ା ଗୁଡ଼ାକ ସେ ଯେମିତି ମୁଣ୍ଡେଇ ନ ଆଣେ, ଏହିପରି ଅହୁରି କେତେ କଣ! ସେ ଟିକିଏ ମୁରୁକି ହସି ଆମର କଥା ଗୁଡ଼ାକ ଶୁଣେ, ଉତ୍ତର ଦେଲା ବେଳକୁ ଠୋ ଠୋ ହସି ଉଠେ। କିନ୍ତୁ କୌଣସି ଦିନ ଆମର କଥା ମାନି ସେ ଚଳେ ନାହିଁ। ତଥାପି ଆମେ ଏଥିରେ ଟିକିଏ ହେଲେ ମନ ଊଣା କରୁ ନା, କାରଣ ଆମେ ତାକୁ କେତେ ଭଲ ପାଉଁ, ଏହି କଥାଟା ହିଁ ଦେଖାଇ ଦେବା ସିନା ଥିଲା ଆମର ଉଦ୍ଦେଶ୍ୟ।

ଅନେକ ସମୟରେ ସେ ଆମଠାରେ ଗୋଟାଏ ଗୋଟାଏ ନୂଆ ଅଳି କରି ବସେ। ବେଳେ ବେଳେ ଭଣ୍ଡାର କୋଠରିର ଭାରି ଦୁଆରଟାକୁ ଖୋଲି ଦେବାକୁ କହେ, କେତେବେଳେ ଅବା କାଠ କାଟି ଦେବାକୁ ଡାକେ। ଖୁସି ହୋଇ ଏବଂ କିପରି ଟିକିଏ ଗର୍ବରେ ଛାତି ଫୁଲାଇ ତାହାର ଏ କାମଗୁଡ଼ାକ, ଆଉ ଯାହା ଛଡ଼ା ସେ ଯାହା ଯାହା ଲାଗି ଜିଗର କରେ, ତାହାକୁ ବି ଆମେ ସାଙ୍ଗେ ସାଙ୍ଗେ କରି ଦେଉଁ। କିନ୍ତୁ ଆମ ଭିତରୁ କେହି ଯଦି ନିଜର ଛିଣ୍ଡା କୁର୍ତ୍ତା ଖଣ୍ଡିକରେ ଦି'ଟା ଟାଙ୍କ ମାରି ଦେବା ପାଇଁ ତାହାକୁ ମିନତି କରେ, ତାହାହେଲେ ଘୃଣାରେ ନାକ ଟେକି ସେ ହସି ଉଠି କହେ "ମଲା ମ, ଯାଉଥିଲି ମୁଁ ଏଙ୍କର ଏଇଆ କରିବାକୁ! ଭାରି ସମ୍ଭବ ଦିଶିଲା ଏକା କଥାଟା ତମ ଆଖିରେ!"

ଯେଉଁ ନିର୍ବୁଦ୍ଧିଆଟାର ମନରେ ଏପରି କଥା ଆସି ପାରେ, କେତେ ଥଟ୍ଟା ଟାପରା କରି ଆମେ ତାହାକୁ ଜୁନ କରି ଦେଉଁ ଏବଂ ସେହି ଦିନଠାରୁ ଆଉ କୌଣସି ଥର ଟାନିଆକୁ କିଛି କରି ଦେବାକୁ କହୁ ନା।

ଆମେ ତାହାକୁ ଭଲ ପାଉଥିଲୁ—ଏତିକିରେ ହିଁ ସବୁ କୁହା ହେଲା। ମଣିଷ ସବୁବେଳେ ଚାହେଁ ତାର ପ୍ରେମକୁ କାହାରି ଉପରେ ଢାଳି ଦେବା ପାଇଁ। ସେଠି ଆମର ଆଉ ତ କେହି ନ ଥିଲା, ଟାନିଆକୁ ଭଲ ନ ପାଇ ଆମର ଗତି କାହିଁ?

ବେଳେ ବେଳେ ଆମ ଭିତରୁ କେହି ଜଣେ ଯୁକ୍ତି କରିବାକୁ ବସେ "ଆଚ୍ଛା, ଟୋକୀଟାକୁ ଆମେ ଏତେ ମୁଣ୍ଡେଇ ବୁଲୁଛୁଁ କାହିଁକି ଭଲା? କଣ ଅଛି ସେଥି ଭିତରେ, ଯାହା ପାଇଁ ଏତେ ଟେକାଟେକି, ଏତେ ଦେନାଦେନ?" ଏୟା କହିବାକୁ ଯାହାର ସାହସ ହେଲା, ତାହାକୁ ଗାଳିଗୁଲା ଦେଇ ଆମେ ସାଙ୍ଗେ ସାଙ୍ଗେ ଜୁନ କରି ଦେଉଁ। କିଛି ଗୋଟାକୁ ଭଲ ପାଇବା ଆମର ଦରକାର ଥିଲା। ଆମେ ପାଇଥିଲୁଁ ଟାନିଆକୁ। ଆଉ ଯାହାକୁ ଆମେ ଛବିଶ ଜଣଯାକ ଭଲ ପାଉଥିଲୁଁ, ଆମ ପ୍ରତ୍ୟେକର ଆଖିରେ ସେ ପବିତ୍ର, ଅନ୍ୟ ପ୍ରକାରର ହୋଇ ନ ପାରେ। ଯେ ଏୟାର ଅନ୍ୟଥା କରୁଥିଲା, ସେ ଆମର ସାଙ୍ଗ ନୁହେଁ, ଶତ୍ରୁ। ଯାହା ପ୍ରକୃତରେ ବଡ଼ ତାହାକୁ ଯେ ଆମେ ଭଲ ପାଉଥିଲୁଁ, ତାହା ହୁଏ ତ ନ ହୋଇ ପାରେ; କିନ୍ତୁ ଆମେ ଥିଲୁଁ ଛବିଶ ଜଣ, ଆମେ ମନେ ମନେ ଏହା ହିଁ ଚାହୁଁଥିଲୁଁ ଯେ ଯାହାକୁ ଆମେ ସମସ୍ତେ ଅତି ବଡ଼ ବୋଲି

Digitized by srujanika@gmail.com

ମଣୁଚୁଁ, ତାହାକୁ ଅଉ ସମସ୍ତେ ମଧ୍ୟ ସେହିପରି ବଡ଼ ଆଖିରେ ନ ଦେଖିବେ କାହିଁକି ?

ଆମ ଚୁଟି ତିଆରି କାରଖାନାଟା ଛଡ଼ା ମାଲିକର ଆଉ ଗୋଟାଏ ଭଲ ଚୁଟି ବିକିବାର କାରଖାନା ମଧ୍ୟ ଥିଲା । ସେଟା ଥିଲା ଆମର ସେହି କୋଠାଟାରେ ; କେବଳ ଗୋଟାଏ କାନ୍ଥ ଦ୍ୱାରା ଆମର ସେ କୋଠରି ଠାରୁ ଟିକିଏ ଫରକ । ଚାରିଜଣ ଲୋକ ଥିଲେ ସେଠି । ସେମାନେ ତାଙ୍କ କାମକୁ ଆମ କାମ ଅପେକ୍ଷା ବଡ଼ ଧରଣର ଭାବୁଥିଲେ, ଆଉ ନିଜକୁ ବି ଆମ ଅପେକ୍ଷା ଉଚ୍ଚ ଦରର ଲୋକ ମନେ କରି ଆମ ସଙ୍ଗରେ ମିଳା ମିଶା କରୁ ନ ଥିଲେ । ଆମ କାରଖାନାରେ ସେମାନେ କେବେ ହେଲେ ଗୋଡ଼ ପକାନ୍ତି ନାହିଁ ; ଆଉ, ବାହାର ଅଗଣାଟାରେ ଆମ ସହିତ ଭେଟା ଭେଟି ହୋଇ ଗଲେ ଘୃଣାରେ ଆମକୁ କେତେ ଟାହିଲି କରନ୍ତି । ଆମେ ବି ତାଙ୍କ ସଙ୍ଗେ ମିଳା ମିଶା କରିବାକୁ ତାଙ୍କ ଅଡ଼କୁ କେବେ ହେଲେ ଯାଉ ନାହିଁ; ଯା'ଛଡ଼ା ଆମର ମାଲିକର ବି ମନା ଥିଲା—କାଳେ ଆମେ ଯାଇ ସେଠାରୁ ଭଲ ଭଲ ଚୁଟିରୁ ଖଣ୍ଡେ ଦି ଖଣ୍ଡ ଧରି ପଳାଇ ଆସୁଁ ! ଆମେ ସେ ଲୋକ ଗୁଡ଼ାଙ୍କୁ ମୋଟେ ଦେଖି ପାରୁ ନ ଥିଲୁଁ, ତାଙ୍କ ପ୍ରତି ଆମର ହିଂସା ହେଉ ଥିଲା । ତାଙ୍କ କାମ ଥିଲା ଆମ ଠାରୁ ହାଲୁକା, ମୂଲ ସେମାନେ ପାଉଥିଲେ ଆମଠୁଁ ବେଶି ; ଆମ ଅପେକ୍ଷା ସେମାନେ ଭଲ ଭଲ ଦରବ ମଧ୍ୟ ଖାଉ ଥିଲେ ; ବଖରାଟା ବି ତାଙ୍କର ଆମ ଅଳିକ ଥିଲା ଓସାରିଆ, ବଡ଼; ଦେଖିବାକୁ ବି ସେମାନେ ବେଶ ସଫା ସୁତୁରା, ଧୁଣ୍ଡା ଧୁଣ୍ଡା । ଏହି ସବୁ ପାଇଁ ସେ ଗୁଡ଼ାଙ୍କୁ ଆମେ ଆଦୌ ସହି ପାରୁ ନ ଥିଲୁଁ । ଆମେ ସମସ୍ତେ ଦେଖିବାକୁ କିମିତି ହଳଦିଆ ଶେତା ଶେତା ! ତିନିଜଣଙ୍କର ଥିଲା ଗଣ୍ଡମି ବେମାରି ; କେତେ କେତେ ଗୁଡ଼ାକ କାଛୁକୁଣ୍ଡିଆରେ ଭୋଗୁଥିଲେ ; ଜଣେ ବାତରେ ଏକାବେଳକେ ଛୋଟା । ଛୁଟିଦିନ କିମ୍ବା କାମ ନ ଥିଲା ସମୟରେ ସେମାନେ ସଫା ସୁତୁରା ଲୁଗାପଟା, ମଚମଚିଆ ଯୋତା ପିନ୍ଧି ସହରର ବଗିଚାମାନଙ୍କରେ ବୁଲିବାକୁ ବାହାରୁଥିଲେ । କିନ୍ତୁ ଆମ ଦେହରେ ଛିଣ୍ଡା କୋତରା କେଇ ଖଣ୍ଡ କନା, ଗୋଡ଼ରେ ଆମର ତାଳିଦିଆ ମୋଟ ମୋଟ କଞ୍ଚା ଚମଡ଼ାର ଯୋତା ; ପହରାବାଲା ବି ଆମକୁ ବଗିଚା ଭିତରେ ପଶିବାକୁ ଛାଡ଼ ଦିଏ ନାହିଁ—ଏଥିରେ ସେ ଗୁଡ଼ାଙ୍କୁ ଆମକୁ ଭଲ ଲାଗିବ ନା ?

ଦିନେ ଆମେ ଶୁଣିଲୁଁ ଯେ ତାଙ୍କର ସର୍ଦ୍ଦାରଟା କୁଆଡ଼େ ମଦ ପିଇ ମତୁଆଳା ହୋଇଥିଲା, ସେଥିପାଇଁ ଆମର ଖାମିନ୍ଦ ସେଟାକୁ ବାହାର କରି ଦେଇ ଆଉ ଜଣକୁ ତା' ଜାଗାରେ ରଖିଛି । ଏ ନୂଆ ଲୋକଟା କୁଆଡ଼େ ଗୋଟାଏ ସୈନିକ ଥିଲା । ରେଶମର ଚକଚକିଆ କୋଟ ସେ କୁଆଡ଼େ ପିନ୍ଧେ, ଆଉ ଘଡ଼ି ସୁନା ଚେନ ଝୁଲାଇ ବୁଲେ ! ଏ ସୌଖୀନ୍ ବାବୁଟିକୁ କାପରି ଥରେ ଦେଖିବୁଁ, ଭାରି ଇଚ୍ଛା ହେଲା ଆମର । ତାହାର ଦରଶନ ପାଇବା ଆଶାରେ ଆମେ ଜଣ ଜଣ ହୋଇ କେତେ ଥର ଦୌଡ଼ା ଦୌଡ଼ି କଲୁଁ ବାହାର ଅଗଣାଟାକୁ ।

କିନ୍ତୁ ସେ ଅପେ ଅପେ ଆମ କୋଠରିକୁ ଆସିଲା । ଗୋଟାଏ ଗୋଇଠା ମାରି ଦୁଆରଟାକୁ ଖୋଲି ଦେଲା ଏବଂ କବାଟ ଦି'ଟାକୁ ମେଲା ରଖି ଦୁଆର ବନ୍ଧ ଉପରେ ଠିଆ ହୋଇ ଟିକିଏ ମୁରୁକି ହସି କହିଲା—

"ଓଳକ ଭାଇମାନେ, ଈଶ୍ୱର ତୁମର କାମର ସହାୟ ହୁଅନ୍ତୁ !"

ବରଫ ସମାନ ଥଣ୍ଡା ପବନ ମୁକୁଳା କବାଟ ବାଟରେ ପଶି ଆସି ତାହାର ଗୋଡ଼ ଚାରି ପଟରେ ଧୂଆଁ ପରି ବଙ୍କେଇ ବଙ୍କେଇ ଉପରକୁ ଉଠୁଥାଏ । ସେ ସେହି ଦୁଆର ବନ୍ଧଟା ଉପରେ ଠିଆ ହୋଇ ଆମର ଗୋଡ଼ଠାରୁ ମୁଣ୍ଡଯାଏ ଦେଖି ଯାଉଥାଏ, ଆଉ ତାହାର ସୁନ୍ଦର ମୋଡ଼ା ମୋଡ଼ା ନିଶ ତଳରେ ବଡ଼ ବଡ଼ ହଳଦିଆ ଦାନ୍ତ ଗୁଡ଼ିକ ଚକ୍‌ଚକ୍ ଦିଶୁଥାଏ । ତାହାର କୋଟଟା ସତକୁ ସତ ବଡ଼ ଲୋକିଆ ଧରଣର । ତହିଁରେ ନେଳ ନେଳ ଫୁଲ ସବୁ ଅଙ୍କା ହୋଇଥାଏ, ଆଉ ତାହାର ଚକ ଚକିଆ ଲାଲ ପଥରର ବୋତାମ ଗୁଡ଼ାକ ଜକ ଜକ ଦିଶୁଥାଏ ।

ବେଶ ସୁନ୍ଦର ଏକା ସେ ଦେଖିବାକୁ ; ଡେଙ୍ଗା ମଝିଲୁଣିଆ, ଗାଲ ଦିଇଟା ଗୋଲାପି ରଙ୍ଗର । ବଡ଼ ବଡ଼ ତଳ ତଳ ଆଖି ଯୋଡ଼ାକରେ ସାଙ୍ଗସୁଖିଆ ଖୁସ୍‌ମିଜାଜିଆ ଭାବ ଲାଗି ରହିଥାଏ । ମୁଣ୍ଡରେ ଥାଏ ଗୋଟାଏ ମଣ୍ଡବୋଲା ଧଳା ଟୋପି । ଗୋଡ଼ ପର୍ଯ୍ୟନ୍ତ ଲମ୍ବି ଥାଏ ତାହାର "ଏପ୍ରନ୍"ଟା, ତହିଁରେ ଦାଗଟାଏ ବି ଲାଗି ନ ଥାଏ ; ଆଉ ତାହାର ତଳକୁ କାଳିଦିଆ ଚକଚକିଆ ଯୋଡ଼ାର ଅଳ୍ପ ଅଳ୍ପ ଦିଶୁଥାଏ ।

ଆମର କାରଖାନାର ଚୁଟି ସେକାଲାବାଲା ଦୁଆରଟା ଆଉଜାଇ ଦବାକୁ ତାକୁ ଭଦ୍ର ଭାବରେ କହିଲା । ସେ ବି ତାହା କଲା, ଟିକିଏ ଘୃଣା ତରବର ନ ହୋଇ । ତା'ପରେ ଆମକୁ ମାଲିକ ବିଷୟରେ ନାନା କଥା ପଚାରିବାକୁ ଲାଗିଲା । ଆମେ ସମସ୍ତେ ଏକ ସଙ୍ଗରେ କହି ଉଠିଲୁଁ ଆମର ମାଲିକଟା ଗୋଟାଏ ପଶୁ, ବଦମାସ, ଗୋଠା, ଏହିପରି ଆହୁରି କେତେ କଣ ! ଅର୍ଥାତ୍ ଏକ କଥାରେ ଚୁକର ତାହାର ଖାମିନ୍ଦ ବିଷୟରେ ଯାହା ଯାହା କହି ପାରେ ଆମେ ସବୁ ତାହାକୁ ସେଇଆ କହିଲୁଁ । ସେ ତାହାର ନିଶକୁ ଅଳ୍ପ ଅଳ୍ପ ମୋଡ଼ୁ ମୋଡ଼ୁ ଆମ କଥା ଶୁଣୁଥାଏ, ଆଉ ଆମ ଆଡ଼କୁ ଝୁସି ଆଖିରେ ଅନାଇ ଥାଏ ।

"ଅଛା, ତମର ଏଠି ଗୁଡ଼ାଏ ଟୋକୀ ଅଛନ୍ତି, ନା ?" ହଠାତ୍ ଏ କଥାଟା ସେ ଆମକୁ ପଚାରି ବସିଲା ! କେହି କେହି ଯା ଶୁଣି ଟିକିଏ ଭଲ ମଣିଷିଆ ହସ ହସି ଉଠିଲେ ; କେହିବା ତାଙ୍କ' ମୁହଁର ଭାବରେ ଏମିତି ଜଣାଇ ଦେଲେ ଯେ କଥାଟା ନିତାନ୍ତ ମିଛ ନୁହେ । ଶେଷରେ ଜଣେ ତାହାକୁ ଭଲ କରି ବୁଝାଇ ଦେଲା ଯେ ଆମ ସେଠାରେ ସବୁ ମିଶି ନଅଟି ଥିଲେ ।

"ତା'ହେଲେ, ତମେ ତ ବଡ଼ ମଉଜରେ ଥିବ ?" ଆମେ ହସି ଉଠିଲୁଁ, କିନ୍ତୁ ସେତେ ପାଟି କରି ନୁହେ ; ଆଉ କେମିତି ଟିକିଏ ଅଡୁଆ ଅଡୁଆ ବି ଲାଗୁଥାଏ । ଆମ ଭିତରୁ ଅନେକଙ୍କର

Digitized by srujanika@gmail.com

ଇଚ୍ଛା ହେଉଥାଏ ସେ ଲୋକଟାକୁ ଦେଖାଇ ଦବାକୁ ଯେ ମାଇପି ଜାତିଙ୍କ ବିଷୟରେ ଆମେ କେଣା ବୀର ପୁରୁଷ ନୋହୁଁ । କେହି କିନ୍ତୁ ଦେଖାଇ ପାରିଲୁଁ ନାହିଁ ତାକୁ । ଜଣେ ଖାଲି ତୁନି ତୁନି କହି ପକାଇଲା—

"ସେମାନେ କଣ ଆଉ ଆମ ହାତ ପାହାନ୍ତାରେ ଅଛନ୍ତି ?"

"ହଁ ଠିକ୍, ତୁମେ ସବୁ ତାଙ୍କୁ ପାରିବ ନାହିଁ ।" କଥା ଗୁଡ଼ାକ ଉପରେ ବେଶ୍ ଜୋର୍ ଦେଇ ସେ କହିଲା ଏବଂ ଅନ୍ଧର ଥରେ ଆମ ସମସ୍ତଙ୍କର ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଚାହିଁ ନେଇ କହିବାକୁ ଲାଗିଲା, "ତମ ସବୁ ଗୁଡ଼ାଙ୍କ ଭିତରେ ଗୋଟାଏ ବଡ଼ ଜିନିଷର ଅଭାବ ରହିଛି । ଯେମିତି ହବା କଥା, ସେମିତି ତ ଦିଶୁ ନାହଁ ତମେମାନେ । ସେ ଭଲିଆ ଚେହେରା ସୁଦ୍ଧା ତମର ନାହିଁ । ଏଠାରେ ତୁମେ ଯାହାଙ୍କୁ ଦେଖୁଛ, ସେମାନେ ଚାହାନ୍ତି ବଳୁଆ ବଳୁଆ ଚେହେରା, ପଞ୍ଝାଦାର ମଣିଷ । ସବୁ କଥାରେ ବେଶ୍ ଫିଟ୍ ଫାଟ୍ ହେଲେ ଯିନା ସେମାନେ ରସିବେ । ସେଥିପାଇଁ ତ ସେମାନେ ବଳକୁ ଆଦର କରନ୍ତି ଏତେ ! ସେମାନେ ଖୋଜନ୍ତି ଏହିପରି ବାହୁ ।"

ଏହା କହି ସେ ତାହାର କାମିଜ ଠେକା ହାତଟା ପାଚିଟିକୁ ଟାଣି ନେଇ ଆମକୁ ଦେଖାଇଲା । ଆମେ ଦେଖିଲୁଁ ସେଟା ବେଶ୍ ମଜଭୁତ, ଧୋବ; କେତେ ଗୁଡ଼ାକ ହଳଦିଆ ବାଳ ଚାରିଆଡ଼େ ଘୋଡ଼ାଇ ରହିଛି ।

ପୁଣି ସେ କହିବାକୁ ଲାଗିଲା "ଗୋଡ଼ ଆଉ ଛାତି, ସବୁ ଯିନା ଜୋରଦାର ହେଲେ ହବ । ତା' ଛଡ଼ା ଆଜିକାଲିକାର ଛାଞ୍ଚରେ ଲୁଗା ପଟା ବି ପିନ୍ଧିବା ଦରକାର, ତା' ନ ହେଲେ ଚେହେରାଟା ଭଲ ଦିଶିବ କୁଆଡ଼ୁ ? ଏଇଥିପାଇଁ ଯିନା ମାଇପି ଜାତି ଏତେ ପସନ୍ଦ କରନ୍ତି ମତେ ! ଡାକିବା ଦୂରେ ଥାଉ ହାତ ଟିକିଏ ଖାଲି ଠାରି ଦେଲା ମାତ୍ରେ, ସେମାନେ ଗୋଟାଏ କାହିଁକି ପାଞ୍ଚ ପାଞ୍ଚଟା ମୋ ଉପରେ ଆସି ଓବଡ଼ା ଓବଡ଼ ହୋଇ ପଡ଼ିବେ ।"

ଏହା କହୁଁ କହୁଁ ସେ ଗୋଟିଏ ମଇଦା ପଟ ଉପରେ ବସି ପଡ଼ିଲା, ଆଉ ମଧ୍ୟ ମାଇକିନିଆ ଗୁଡ଼ାକ ତାକୁ ପାଇବା ଲାଗି କିପରି ମୁଣ୍ଡ ପିଟି ମରନ୍ତି, ଆଉ ସେ ବି କିପରି ଚାହୁଁ ଚାହୁଁ ତାଙ୍କୁ ହାତ କରି ନିଏ, ଏଇ ସବୁ ଅନେକ ବଢ଼ାଇ ବଢ଼ାଇ କହିବାକୁ ଲାଗିଲା । ତହୁଁ ସେ ଉଠି ଚାଲିଗଲା । କବାଟଟା ତାହା ପଛେ ପଛେ କେଁ କଟ କଟ ବାଜି ଗଲା ଉତ୍ତାରେ ଆମେ ସମସ୍ତେ ଘଡ଼ିଏ କାଳ ଚୁପ୍-ଚାପ୍ ହୋଇ ବସି ରହିଲୁଁ । କାହାରି ମୁହଁରେ କଥା ନାହିଁ—ସମସ୍ତେ ତା'ରି କଥା ଭାବୁଥାଉଁ । ତା' ପରେ ଆମେ ସମସ୍ତେ ଏକାଠି ହଠାତ୍ କଥା କହି ଉଠିଲୁଁ । ଏଥିରୁ ସ୍ପଷ୍ଟ ଜଣା ପଡ଼ିଗଲା ଯେ ଆମେ ସମସ୍ତେ ତା' ଉପରେ ଖୁସି । ବେଶ୍ ସୁନ୍ଦର ଖୋଲା ମିଜାଜର ଲୋକ ଏକା ସେ—ଆପେ ଆପେ ବିନା ଡକାରେ ବୋଲାରେ ଆସି ବସି ଆମ ସଙ୍ଗରେ ଘଡ଼ିଏ ଗପି ଗପି ଗଲା । ଆଉ କିଏ ତା' ଭଳି ଆମ କତିକି ଆସେ, ନା ସାଙ୍ଗ ସୁଖରେ କଥା ଭାଷା ହୁଏ ? ଜରିକାମ କରୁଥିବା ଯେଉଁ ଟୋକାଗୁଡ଼ାକ ଅଗଣାଟାରେ ଆମକୁ ଦେଖି ଘୃଣାରେ ମୁହଁ ବୁଲାଇ ଚାଲି ଯାନ୍ତି, କିମ୍ବା ଆମ ଆଡ଼କୁ ଏପରି ଭାବରେ ଅନାନ୍ତି ଯେ ଆମେ ଯେମିତି କିଛି ନୋହୁଁ, ଖାଲି ଫାଙ୍କା ପବନ, ସେହି ଟୋକା ଗୁଡ଼ାଙ୍କୁ ଦି'ଦିନ ଭିତରେ ସେ କିପରି ପାଲଟେ ପକାଇବ ସେହି ସବୁ କଥା ଆମେ କୁହାକୁହି ହେବାକୁ ଲାଗିଲୁଁ ।

ଆମ ଭିତରୁ ଯେ ରୁଟି ସେକେ ତା ନାଁ ପାଭେଲ୍ । ହଠାତ୍ ଉତ୍ତରରେ ସେ କହି ପକାଇଲା "ଟାନିଆଟା ଯେମିତି ତା କବଳରେ ପଡ଼ି ନ ଯାଏ !"

ଆମେ ସମସ୍ତେ ତୁନି ହୋଇଗଲୁଁ । ମନରେ କେମିତି ଗୋଟାଏ ଛନିଆ ପଶିଗଲା ଆମର । କିଛି କ୍ଷଣ ହେଲା ଆମେ ସମସ୍ତେ ଟାନିଆ କଥା ପାସୋରି ଦେଇଥିଲୁଁ ଏକାବେଳକେ; ସୈନିକଟାର ସୁନ୍ଦର ଗୋଲଗାଲ ଦେହ ଗା ଏବଂ ତାହାର କଥା ବାର୍ତ୍ତା ଟାନିଆ କଥାକୁ ଆମ ମନର ଗୋଟାଏ କୋଣକୁ ପେଲି ଦେଇଥିଲା । କିନ୍ତୁ ପାଭେଲ୍‌ର କଥାରେ ଟାନିଆ ଆସି ପୁଣି ଆମ ମନକୁ ମାଡ଼ି ବସିଲା । ଭାରି ତର୍କ ବିତର୍କ ଆରମ୍ଭ ହୋଇଗଲା ତା'ରି କଥା ନେଇ । କେହି କେହି ଆମ ଭିତରୁ କହିଲେ—ଟାନିଆ କଣ ଏତେ ସାନ, ଏତେ ହୀନ କରିବ ଆପଣାକୁ ! ଆଉ କେହି କେହି କହିଲେ—କିଏ ଜାଣେ, ବୋଧହୁଏ ସେ ତାହା କୁହୁକକୁ ନିଜକୁ ସମ୍ଭାଳି ରଖି ପାରିବ ନାହିଁ । କେହି କେହି ବା କହିଲେ—ପକାଉ ନା ଆଖି ସେ ଟାନିଆ ଆଡ଼କୁ, ଏମିତି ଠାଟେ ସେ ପାଇବ ଯେ କାଳେ କାଳେ ପାସୋରି ପାରିବ ନାହିଁ ! ଶେଷରେ କିନ୍ତୁ କଥାଟା ଆମର ଛିଡ଼ିଲା ଏଇଥିରେ ଯେ ଅବିକା କିଛି ଦିନ ଆମେ ସେଠା ଆଉ ଟାନିଆ ଉପରେ ନଜର ରଖିଥିବୁଁ; ଆଉ ମଝିରେ ମଝିରେ ଆମେ ଟାନିଆକୁ ଥରେ ଥରେ ସାବଧାନ କରି ଦେଉଥିବୁଁ ।

ତାହା ପରେ ମାସେ ଗଲା କଟି, ଏହି ସମୟରେ ଆମେ ଦେଖୁ-ଥାଉଁ ଯେ ସୈନିକଟା ନିଜର କାମଦାମ କରେ, ଆଉ ଜରିକାମ କରୁଥିବା ଟୋକା ଗୁଡ଼ାଙ୍କ ସଙ୍ଗରେ ବୁଲେ । ଅନେକ ସମୟରେ ସେ ଆସେ ଆମ କୋଠରୀକୁ, କିନ୍ତୁ କାହାକୁ କାହାକୁ ଫାନ୍ଦରେ ପକାଇଲା, ନ ପକାଇଲା, ସେ ସବୁ ଆଉ ଥରେ ହେଲେ କହେ ନାହିଁ । ଖାଲି ଲମ୍ବଟିଆଙ୍କ ପରି ନିଶ ଯୋଡ଼ାକ ମୋଡ଼େ, ଆଉ ଓଠ ଦି'ଟା ଉପରେ ବେଳେ ବେଳେ ଜିଭଟାକୁ ବୁଲାଇ ନିଏ ।

ଟାନିଆ ବି ଆଗପରି ନିତି ଆସେ; ତାହାର ସେହି ମିଠା-ଗଳାରେ ରୁଟି ମାଗେ ଆଗ ପରି; ଏବଂ ହସି ହସି ଆମ ସହିତ କଥାଭାଷା ହୋଇ ରୁଟି ନେଇ ଚାଲିଯାଏ । ଆମେ ଥରେ ଦି'ଥର ତା'ଆଗରେ ସେଇ ସୈନିକଟାର କଥା ପକାଇଥିଲୁଁ । ସେ ତାହା କଥା ଶୁଣିଲା ମାତ୍ରକେ ତାକୁ "ଡମା ଆଖିଆ ଦାମୁଡ଼ିଟା" କହି କେତେ ଟାହିଲି ଟାପରା କଲା । ଯାହା ଶୁଣି ଆମ ମନ କୁଣ୍ଢେ ମୋଟ । ଯାହା ଡ଼ର ଦକା ଥିଲା ସବୁ ଗଲା କୁଆଡ଼େ ଉଭାଇ । ଜରିକାମ କରୁଥିବା ଟୋକା ଗୁଡ଼ାକ ସୈନିକଟା ଦେହରେ କିପରି ଘସି ହେଣି ହେଉଥାନ୍ତି—ଆମେ ନିତି ଦେଖୁ କିନ୍ତୁ ଆମେ ଟାନିଆର ଢ଼ଙ୍ଗ ରଙ୍ଗ ଦେଖି ମନେ ମନେ ଟିକିଏ ଗର୍ବ ଅନୁଭବ କରୁଁ, ତହିଁରେ ଆମର

ମାନ ଇଛୁଡ଼୍ ବଢ଼ିଗଲା ଭଳି ଲାଗେ । ଆମେ ମଧ୍ୟ ତା'ର୍ ପର ସୈନିକଟାକୁ ଦିନକୁ ଦିନ ଛେଟ ଆଖିରେ ଦେଖିବାକୁ ଲାଗିଲୁଁ, ତା'ବିଷୟରେ କଦବା କ୍ୱଚିତ୍ କଥା ଭାଷା ହେଉଁ, ଠାନିଆ କିନ୍ତୁ ଦିନକୁ ଦିନ ଆମର ଆହୁରି ଆପଣାର ହେବାକୁ ଲାଗିଲା । ପ୍ରତି ସକାଳେ ସେ ଆସିଲା ବେଳକୁ ଆମେ ଆହୁରି ଆଦରରେ, ଆହୁରି ଉତ୍ସାହରେ ତାକୁ ଆଗ ବଢ଼ାଇ ଆଣୁ ।

ଦିନେ ସୈନିକଟା କପର ଟିକିଏ ବେଶୀ ମତୁଆଲା ହୋଇ ଆମ କୋଠରିକୁ ଆସି ବସି ପଡ଼ି ଗୁଡ଼ାଏ ହସିବାକୁ ଲାଗିଲା । ଆମେ ତାକୁ ପଚାରିଲାରୁ କହିଲା,

"ସେହି ଠୋକା ଦ'ଠା ମ—ସେହି ଲିଣ୍ଟକା ଆଉ ଗ୍ରୁସ୍‌କାଠା—କି କାମୁଡ଼ା କାମୁଡ଼ି ହେଉଛନ୍ତି ମୋ ପାଇଁ ! ଦେଖି ଥାନ୍ତି ଖାଲି ତାଙ୍କ ରଙ୍ଗ ! ହାଃ ହାଃ ହାଃ ! ଗୋଟାଏ ଅରଟାର ବାଲ କେଉଁଏ ଧରି ପକାଇ ସେହି ବାଟ ଘରଟାରେ ଗଡ଼େଇ ଦେଇ ମାଡ଼ି ବସିଲା ତା' ଉପରେ ! ହାଃ ହାଃ ହାଃ ! ତା'ପରେ ଯେଉଁ ଆମ୍ପୁଡ଼ା ଆମ୍ପୁଡ଼ି, ବଗେଡ଼ ଗୁଡ଼ାକ ବି ହାରି ଯିବେ ତା' ପାଖରେ ! ଦେଖିଥାନ୍ତି କି, ହସି ହସି ପ୍ରାଣ ଯାଇଥାନ୍ତା ! ମାଇକିନିଆ ଗୁଡ଼ାକ ଭଲ କରି ମାରପିଟ ହୋଇ ପାରନ୍ତି ନାହିଁ କାହିଁକି ମ ? ଯେତେବେଳେ ହେବେ, ଖାଲି ସେହି ଆମ୍ପୁଡ଼ା ଆମ୍ପୁଡ଼ି, କାମୁଡ଼ା କାମୁଡ଼ି ! ହାଃ ହାଃ ହାଃ ! "

ବେଞ୍ଚଟା ଉପରେ ବସିଥାଏ ସେ, ବେଶ ମଜଭୁତ ଖୁସିମିଜାସିଆ ଦିଶୁଥାଏ ତାକୁ । ହସଟା ବି ତାହାର ସରୁ ନ ଥାଏ । ଆମେ ସମସ୍ତେ ଚୁପ୍, ଏଥର କିନ୍ତୁ କେମିତି ଭଲ ଲାଗୁ ନ ଥାଏ ସେଠାକୁ ।

ସେ କହିବାକୁ ଲାଗିଲା, "ଭାରି କପାଳଆଟା ଏକା ମୁଁ ! କେତେ ଅଳପରେ ଏ ଠୋକା ଗୁଡ଼ାକ ଫାନ୍ଦରେ ପଡ଼ନ୍ତି ମୋର ! ଭାରି ହସ ମାଡ଼େ ଏ କଥା ଗୁଡ଼ାକ ଭାବିଲା ବେଳକୁ, ହସି ହସି ଶେଷରେ କିଛି ଗୋଟାଏ ବେମାରି ଫେମାରି ନ ହୋଇ ଯାଉ ! ଏ ଆଖି କୋଣର ଗୋଟିଏ ଚାହାଣି—ଆଉ ସେଇଥିରେ ତାଙ୍କର ସବୁ ଶେଷ ! ଧନ୍ୟରେ ମୋ କପାଳ ! "

ଯ୍ୟା କହି ସେ ତାର ହାତ ଯୋଡ଼ାକୁ ଠେକି ଆଣୁଟା ଉପରେ କଚାଡ଼ି ଦେଇ ଏମିତି ବଲ୍ ବଲ୍ କରି ଚାହିଁ ରହିଲା, ଯେମିତିକି ଲାଗୁଥାଏ, ସେ ତା'ର ନିଜର ସୌଭାଗ୍ୟରେ ନିଜେ କେତେ ଅବାକ୍ ! ତା'ର ଫୁଲା ଫୁଲା ରଙ୍ଗା ମୁହଁଟା ମନ ଖୁସିରେ ଝଟକି ଉଠୁଥାଏ ; ଜିଭଟା ବି ତା'ର ଓଠ ଯୋଡ଼ାକ ଉପରେ ବୁଲି ଯାଉ ଥାଏ ଥରକୁ ଥର ।

ଆମର ପାଭେଲ୍ ପିଠାଖଡ଼କାଠାକୁ ଚୁଲ୍ଲୀ ତଳଟାରେ ରାଗରେ ଟିକିଏ ବେଶି ଜୋରରେ ଖଡ଼ ଖଡ଼ କରୁ କରୁ ହଠାତ୍ ଠାହୁଲି କରି କହି ପକାଇଲା,

"ହଁ ହେ, ଗୁଚ୍ଛ ଗଛଟାକୁ ଯେ ପାରେ ସେ ଓପାଡ଼ି ପାରେ ଏକା ଝିଙ୍କାରେ, କିନ୍ତୁ ଓପାଡ଼ିଲ ଦେଖିବା ବଡ଼ ଗଛଟାଏ ?"

"ତା' ମାନେ ? କଣ କହିଲ ବୁଝି ତ ପାରିଲି ନାହିଁ ?" ସୈନିକଟା ପଚାରିଲା ।

"ତା ମାନେ ପଚାରୁଛ ? ଅଚ୍ଛା... ..."

"ହଁ, କଣ କହୁ ନା ?"

"ନାଃ, କିଛି ନୁହେ । ମୁହଁରୁ ବାହାରି ଗଲା କଥାଟା ।"

"କହିବ ନାହିଁ ? ଅଚ୍ଛା, ରୁହ ଟିକିଏ ; ମୁଁ ଭାବେଁ । ବଡ଼ ଗଛ ? —ବଡ଼ ଗଛ, ତୁମେ କାହାକୁ କହୁଛ ?"

ପାଭେଲ୍ ଆଉ କିଛି କହିଲା ନାହିଁ । ଜଲଦି ଜଲଦି ପିଠା ଖଡ଼କାଠା ଚଲାଇବାକୁ ଲାଗିଲା । ଦିରସେକା ରୁଟି ଗୁଡ଼ାକ ଚୁଲ୍ଲୀ ଭିତରକୁ ଠେଲି ଦଉଥାଏ, ଆଉ ଯେଉଁତକ ହୋଇ ସରି ଥାଏ ସେ ଗୁଡ଼ାକୁ କାଢ଼ି ପକାଉ ଥାଏ । ମନେ ହେଉଥାଏ, ଯେପରି କି ସେ ସୈନିକଟାକୁ, ଆଉ ତା' ସଙ୍ଗେ ଯା' କଥା ଭାଷା ହୋଇ ଥିଲା ସେ ସମସ୍ତ ଏକାବେଳକେ ପାସୋରି ପକାଇଲାଣି ; କିନ୍ତୁ ସୈନିକଟା ଇଆଡ଼େ ଭାରି ଛଟପଟ । ଶେଷରେ ସେ ହଠାତ୍ ଠିଆ ହେଲା ; ଲମ୍ବ ପିଠା ଖଡ଼କାଠା ଯେ ତା' ଦେହରେ ଭୁଷି ଯାଇ ପାରେ ତାହାକୁ ଖାତିର ନ କରି, ସେ ଚୁଲ୍ଲୀ ପାଖକୁ ଚାଲି ଯାଇ କହି ଉଠିଲା,

"ନା, କହ ତମେ ମତେ, କିଏ ସେ ? ନ ହେଲେ, ତୁମେ ମତେ ଭାରି ଲାଜରେ ପକାଉଛ । ମତେ ? ମତେ ତ ଆଜି ଯାଏ କେହି ଜଣେ ସୁଦ୍ଧା ବଳି ଯାଇ ନାହିଁ । କାହିଁକି ତମେ ମୋର ମୁହଁ ଛେଟ କରୁଛ, ଏ ଭଳି କଥା ଗୁଡ଼ାକ କହି ?"

ବୋଧ ହେଲା ପାଭେଲ୍‌ର କଥା ଗୁଡ଼ାକ ସତକୁ ସତ ଭାରି କାଟିଛି ତାକୁ । ମାଇକିନାଙ୍କୁ ଫାନ୍ଦରେ ପକାଇବା ଗୁଣ ଛଡ଼ା ତାହାର ବୋଧହୁଏ ଆଉ କୌଣସି ଗୁଣ ନ ଥିଲା, ଯାହାକୁ ନେଇ ସେ ବଡ଼ାଇ କରି ପାରେ । ବୋଧହୁଏ ସେତିକ ମାତ୍ର ତା' ଭିତରେ କେବଳ ସଜୀବ ଥିଲା ଯାହା ବଳରେ ସେ ନିଜକୁ ଗୋଟାଏ ଜୀବନ୍ତ ମଣିଷ ବୋଲି ଭାବି ପାରୁଥିଲା ।

ଅନେକ ଲୋକ ଅଛନ୍ତି, ଯାହାଙ୍କୁ ତାଙ୍କର ଦେହର ବା ମନର ବେମାରଟାହିଁ ତାଙ୍କ ଜୀବନର ସବୁଠାରୁ ବଡ଼ ଦାମୀ ଦରବ ବୋଲି ମନେ ହୁଏ । ସମସ୍ତ ଜୀବନଟା ସେମାନେ କଟାଇ ଦିଅନ୍ତି ତାହାରି ସାଥିରେ ଥାଇ ; ତାହାରି ପାଇଁ ବଞ୍ଚି, ତାହାରି ପାଇଁ ଭୋଗି ଭୋଗି ସେମାନେ ବଳ ପାଆନ୍ତି ଆପଣା ଜୀବନରେ । ତାହାରି ପାଇଁ ସେମାନେ ଅନ୍ୟଠାରେ କେତେ ସକେଇ ହୁଅନ୍ତି, ଫେରାଦ ହୁଅନ୍ତି ; ମାତ୍ର ସେଟା ଖାଲି ନିଜ ଆଡ଼କୁ ପରର ଆଖି ଫେରାଇବାର ଗୋଟାଏ ଫିକର ସିନା ! ତାକୁ ବାଦ ଦେଲେ ତାଙ୍କ ଜୀବନରେ କିଛି ଆଉ ରହେ ନାହିଁ । ସେଟା ତାଙ୍କ ବେମାର ; ସେ ବେମାରଟାକୁ ଭଲ କରି ଦିଅ, ଦେଖିବ ଜୀବନଟା ତାଙ୍କର କପରି ଶୁଖିଲା ଠକ୍ ଠକ୍ ହୋଇ ଯିବ । ଏକମାତ୍ର ମୂଳ-ଝରଣା ଯେପରି ସେଟା ତାଙ୍କର ଜୀବନର—ତାହାର ଯିବା ସଙ୍ଗେ ସଙ୍ଗେ ସବୁ ତାଙ୍କର ଚାଲିଯାଏ ; ଜୀବନଟି ଲାଗେ ଧଡ଼ରା ଧଡ଼ରା, କଣ ଗୋଟାଏ ବଡ଼ ଜିନିଷ ଯେମିତି ନାହିଁ ତା ଭିତରେ ! ଏଡ଼େ ହୀନିମାନିଆ ହୋଇ ପଡ଼େ ବେଳେ ବେଳେ ମଣିଷର ଜୀବନଟା ଯେ ନିଜର କଳଙ୍କଟା ବି ହୁଏ ଗୋଟାଏ ବଡ଼ାଇ କରିବାର ବିଷୟ । ଆଉ ସେଇଟାକୁ ଦେଇ ସେ ବଞ୍ଚି ରହେ !

Digitized by srujanika@gmail.com

ଲୋକେ ଯେ ପାପୀ ହୁଅନ୍ତି, ସେଟା ବୋଧହୁଏ ଅନେକ ସମୟରେ ମନର ବିରକ୍ତିରେ ।

ସୈନିକଟା ଅପମାନିତ ହେଲା ପରି ଲାଗୁ ଥାଏ । ଆଉ ରହି ନ ପାରି ସେ ପାଭେଲ୍ କତିକି ଯାଇ ପାଟି କରି କହି ଉଠିଲା,

"ନା, କୁହ ତମେ ମତେ, କିଏ ସେ ?"

"କହିବି ?" ହଠାତ୍ ମୁହଁ ଫେରାଇ ପାଭେଲ୍ ଉତ୍ତର ଦେଲା ।

"ହ ।"

"ତୁମେ ଟାନିଆକୁ ଜାଣ ବୋଧହୁଏ ?"

"ହଁ, କଣ ହେଲା ?"

"ପାରିବ ତାକୁ ତମେ ? କଲ ଚେଷ୍ଟା ଦେଖିବା !"

"ମୁଁ ?"

"ହଁ ତୁମେ ।"

"ସେଇଟାକୁ ? ହାଃ ହାଃ ହାଃ ! ଏଇ କଥାଟା ତ ?"

"ଆଚ୍ଛା, ଦେଖିବା ଯେ ।"

"ଦେଖିବ ? ତମେ ? ହାଃ ହାଃ ହାଃ !"

"ସେ ତମକୁ………"

"ଆଚ୍ଛା ମାସେ ସମୟ ଦିଅ ମତେ ।"

"ଏତେ ବଡ଼ାଇ ଏଇଥି ପାଇଁ ପରା, ନା ?

"ଆଚ୍ଛା ପନ୍ଦର ଦିନ । ଦେଖାଇ ଦେବି ତମକୁ ମୁଁ ! ଟାନିଆଟା ତ ! ହାଃ ହାଃ ହାଃ !"

"ଯାଅ ଦୂର ହୁଅ ଏଠାରୁ । ମୋର କାମ ଭଣ୍ଡୁର କରୁଛ ତମେ !"

"ମନେ ରଖ ପନ୍ଦର ଦିନ ; ତା' ପରେ ଦେଖିବ !"

"ହଉ, ଡେର ହେଲା । ଦୂର ହୁଅ !"

ହଠାତ୍ ରାଗି ଯାଇ ପାଭେଲ୍ ଲମ୍ବ ପିଠା ଖଣ୍ଡିକାଟାକୁ ଉଞ୍ଚେଇଲା । ସୈନିକଟା ଟିକିଏ ଆଶ୍ଚର୍ଯ୍ୟ ହୋଇ, ଟଳ ଟଳ ଚାଲି ଆସିଲା ତା' ପାଖରୁ । ଆମ ଆଡ଼କୁ ଚାହିଁ ଟିକିଏ ଠିଆ ହୋଇ ଆସ୍ତେ ଆସ୍ତେ କହିଲା "ହଉ, ରହିଲା ଏଇ କଥା ତା' ହେଲେ ।" ତା ପରେ ଚାଲି ଗଲା ।

କଳି ସମୟଟାରେ ଆମେ ଯେପରି କଥାରେ ବୁଡ଼ି ଯାଇ ତୁନି ହୋଇ ରହିଥିଲୁଁ ; କିନ୍ତୁ ସୈନିକଟା ଚାଲି ଯିବା ସଙ୍ଗେ ସଙ୍ଗେ ଆରମ୍ଭ ହେଲା ଚିତ୍କାର ଗୋଳମାଳ ଆମ ଭିତରେ । ଜଣେ ପାଟି କରି କହି ଉଠିଲା ହଠାତ୍, "ଭାରି ଫିସାଦିଆ କାମଟାରେ ହାତ ଦେଲ ତୁମେ ପାଭେଲ୍" ।

"ହଉ, ହଉ, ନିଜ କାମ କର ତମେ ।" ଚିଡ଼ି ଉଠି ପାଭେଲ୍ ଜବାବ ଦେଲା ।

ଆମକୁ ଲାଗୁଥାଏ ସୈନିକଟା ପାଇଛି ଚୋଟଏ ; ଭାରି କାଟିଛି ତାକୁ କଥା ଗୁଡ଼ାକ । କିନ୍ତୁ ବିପଦ ଟାନିଆର । ଏଥିରେ ମନଟା ଥରି ଉଠୁଥାଏ ଆଶଙ୍କାରେ କିନ୍ତୁ ଗୋଟାଏ ତୀବ୍ର କୌତୁହଳ ଜାଗୁ ଥାଏ ମନରେ ! କଣ ହେବ ? ଟାନିଆ କଣ ନିଜକୁ ରଖି ପାରିବ ସମ୍ଭାଳି ? ପ୍ରାୟ ସମସ୍ତେ ବିଶ୍ୱାସଭରେ କହି ଉଠିଲେ "ଟାନିଆ ? କେବେହେଁ ସେ ସମ୍ଭାଳି ଯିବ । ହାତ ବଢ଼ାଇଲେ ଥାପ ପକାଇବ ତାକୁ, ଏତେ ସହଜ ନୁହେ ସେ !"

ଆମର ମାନସୀ ଦେବୀ ମୂର୍ତ୍ତିର ବଳ ପରୀକ୍ଷା କରିବା ଲାଗି ଅତ୍ୟନ୍ତ ଇଚ୍ଛା ହେଉଥାଏ ଆମର । ନିଜ ନିଜ ମଧ୍ୟରେ ପ୍ରମାଣ କରି ଆମେ ଦେଖାଇ ଦେଲୁଁ ଯେ ଆମର ଦେବୀ ଶକ୍ତିମୟୀ, ଏ ସାମାନ୍ୟ ପରୀକ୍ଷାକୁ ସେ ଖାତିର କରିବେ ନାହିଁ । ଶେଷରେ ଆମର ମନେ ହେବାକୁ ଲାଗିଲା ସୈନିକଟାକୁ ବୋଧହୁଏ ସେତେ ଚେହି ଦେଇ ନାହୁଁ ଆମେ । କଳିଟାକୁ ସେ ପାସୋରି ଦେଇ ପାରେ । ଆମର ଉଚିତ ଥିଲା ତାହାକୁ ଆହୁରି ବେଶି କରି ଟିକିଏ ଚେହି ଦବା ।

ସେହିଦିନ ଠାରୁ ଆମେ ଗୋଟାଏ ଭିନ୍ନ ଧରଣର ଜୀବନ ଯାପନ କରିବାକୁ ଲାଗିଲୁଁ । ସବୁବେଳେ ମନଟା କିପରି ଛନ୍‌କ ଛନ୍‌କ ହେଉ ଥାଏ । ଏ ଗୋଟାଏ ନୂଆ କଥା ଆମ ଲାଗି ; ଆଗରେ କେବେ ହୋଇ ନାହିଁ ଏପରି । ଦିନକୁ ଦିନ ଆମର ବୁଦ୍ଧି ଆହୁରି ତୀକ୍ଷ୍ଣ ହେବାକୁ ଲାଗିଲା, କଥା ଭାଷା ଆମେ ବି ଆହୁରି ଭଲ କରି କହି-ବାକୁ ଲାଗିଲୁଁ । ଆମକୁ ଲାଗୁଥାଏ ଖୋଦ ଶୟତାନ ସଙ୍ଗରେ ଯେପରି କି ଗୋଟାଏ ବାଜିଖେଳ ଲଗେଇଛୁଁ । ଆଉ, ଆମଆଡ଼ୁ ପଣ ରଖିଛୁଁ ଟାନିଆକୁ ।

ଅନ୍ୟାନ୍ୟ ଲୋକଙ୍କଠାରୁ ଯେତେବେଳେ ଶୁଣିଲୁଁ ଯେ ସୈନିକଟା ଟାନିଆ ପଛରେ ଦୌଡ଼ା ଦୌଡ଼ି କରିବାକୁ ଆରମ୍ଭ କଲାଣି, ସେତେବେଳେ କିପରି ଗୋଟାଏ ଡର ମିଶା ସୁଖରେ ଆମର ପ୍ରାଣ ଥରି ଉଠିଲା ! ଜୀବନଟା ସେତେବେଳେ ଏତେ ସୁଖକର ଲାଗୁଥାଏ ଯେ ଆମର ଏ ଅନ୍ୟମନସ୍କ ଅବସ୍ଥା ଦେଖି ଆମର ଖାମିନ୍ଦ ଆସି କେତେବେଳେ ମଇଦା ସଙ୍ଗରେ ଆହୁରି ଚଉଦ ପାଉଣ୍ଡ ମଇଦା ମିଶାଇ ଦେଇ ଗଲାଣି ସେ ଆଡ଼କୁ ଆମର ଆଦୌ ଲକ୍ଷ୍ୟ ନ ଥାଏ । କାମ କରି କରି ଥକ୍କା ବି ଲାଗୁ ନ ଥାଏ । ଦିନ ତମାମ ସମସ୍ତଙ୍କ ମୁହଁରେ କେବଳ ଟାନିଆର ନାଁ । ପ୍ରତିଦିନ କେତେ ଅଧୈର୍ଯ୍ୟ ଆଶାରେ ତାହାର ଆସିବାକୁ ଚାହିଁ ରହି ଥାଉଁ । ପ୍ରତିଦିନ ମନେ ମନେ ଗୋଟାଏ ଛବି ଆଙ୍କି ନେଉଁ । ଟାନିଆ ଆସିବ କେତେବେଳେ ଆମ କତିକି କିନ୍ତୁ ଏ ଟାନିଆ ଆଗର ସେ ଟାନିଆ ନୁହେ—କେତେ ଫରକ ଯେମିତି ତାଠାରୁ ! କଳି ବିଷୟରେ କିଛି କହି ନାହୁଁ ତାକୁ ଆମେ । ଯେପରି ସବୁଦିନେ ତା' ସହିତ କଥାଭାଷା ହେଉଥିଲୁଁ, ସେହିପରି ହେଉଁ, କିଛି ମଗୁଁ ନା ତାକୁ । ତଥାପି ଟାନିଆ ପ୍ରତି ଆମର ଆଗେ ଯାହା ମନୋଭାବ ଥିଲା, ତାହା ସଙ୍ଗେ ଗୋଟାଏ ନୂଆ କଥା ଆସି ମିଶି ଥାଏ—ତୀବ୍ର କୌତୁହଳ ! ଇସ୍ପାତର ଛୁରୀ ପରି ସେ କୌତୁହଳ ତୀକ୍ଷ୍ଣ, ନିର୍ମମ !

"ଭାଇମାନେ, ଆଜି ଶେଷ ଦିନ !"

ଦିନେ ସକାଳେ ପାଭେଲ୍ ହଠାତ୍ ଆମକୁ କହିଲା । ଆମେ ସମସ୍ତେ ତାହା ଜାଣିଥିଲୁଁ । ପାଭେଲ୍ ଆମର ମନେ ନ ପକାଇ ଦେଇଥିଲେ ମଧ୍ୟ ଆମର ସମସ୍ତଙ୍କର ଭଲ କରି ମନେ ଥିଲା ତାହା;

ତଥାପି ତାହାର କଥା ଗୁଡ଼ାକ ଶୁଣିଲା ମାତ୍ରକେ ମନଟା ଆନନ୍ଦ ଥର ଉଠିଲା ସମସ୍ତଙ୍କର ! ପାଭେଲ୍ ପୁଣି କହିଲା,

"ଅନାଇ ଥାଅ ଝାନିଆକୁ । ଅବିକା ସେ ଆସିବ ଇୟାର୍କେ ।"

ଜଣେ ଆମ ଭିତରୁ କହିଲା "ଖାଲି ଦେଖି ଦେଲେ କଣ ଜଣା ପଡ଼ି ଯିବ ସବୁ ?"

ପୁଣି ଗୋଟାଏ ଗୋଳମାଳିଆ ତର୍କ ବିତର୍କ ଆରମ୍ଭ ହୋଇଗଲା ଆମ ଭିତରେ । ଶେଷ ନିଷ୍ପତ୍ତି ଅଜି; ଅଜି ପ୍ରମାଣିତ ହୋଇଯିବ ଯେ ଆମ ଅନ୍ତରର ସର୍ବାପେକ୍ଷା ଯାହା ଭଲ, ତାହାକୁ ଆମେ ଅଜାଡ଼ି ଦେଇଛୁଁ ଯାହା ଉପରେ, ସେ କପଟ, ପବିତ୍ର, ନିର୍ମଳ ! ଏତେ ଦିନ ପରେ ସେହି ଦିନ ସକାଳଟାରେ କେବଳ ମନେ ହେଉ ଥାଏ କି ବିଷମ ବାଜି ଖେଳଟାରେ ହାତ ଦେଇଛୁଁ ଆମେ ! ଦେବୀଙ୍କର କଳଙ୍କ ହୀନତା ପ୍ରମାଣ କରିବାକୁ ଯାଇ ସବୁ ହୁଏ ତ ହରାଇ ନ ବସୁଁ !

ଗଲା ପନ୍ଦର ଦିନ ଭିତରେ ଆମେ ଶୁଣି ଆସିଛୁଁ ଯେ ଝାନିଆ ପଛରେ ସୈନିକଟା ବରାବର ଗୋଡ଼ାଉଥାଏ । ଅଥଚ ଏ କଥାଟା ପଚାରିବାକୁ କାହାର ଥରେ ମନେ ହୋଇ ନାହିଁ ଯେ ଝାନିଆ ତା' ସଙ୍ଗରେ କପଟ ବେଭାର କରୁଛି । ପ୍ରତିଦିନ ରୁଟି ନବାକୁ ସେ ଆମ ପାଖକୁ ଆସେ, ଆଉ କଥାବାର୍ତ୍ତା ହୁଏ ଠିକ୍ ଆଗପରି ।

ସେ ଦିନ ସକାଳେ ମଧ୍ୟ ତା' କଥା ବାହାରୁ ଶୁଣାଗଲା ।

"କଇଦୀଭାଇମାନେ, ମୁଁ ଆସିଲିଣି ।"

କବାଟ ଖୋଲି ଦେଲୁଁ । ସେ ଭିତରକୁ ଆସିଲା । ଆମେ ସମସ୍ତେ କିନ୍ତୁ ଚୁପ ହୋଇ ରହିଲୁଁ । ଆମ ସମସ୍ତଙ୍କ ଆଖି ତାର ଉପରେ, କିନ୍ତୁ କ'ଣ ପଚାରିବୁଁ, କଣ କହିବୁଁ ତାକୁ, କିଛି ଆମ ମନକୁ ଆସୁ ନ ଥାଏ । ଦଳକଯାକ ଠିଆ ହୋଇ ରହିଲୁଁ ତା' ଆଗରେ ଚୁପ ହୋଇ, ମୁହଁ ଶୁଖାଇ । ଏପରି ଅଭ୍ୟର୍ଥନା କେବେହେଁ ସେ ପାଇ ନାହିଁ ଆମଠାରୁ । ଭାରି ଅଡୁଆ ଅଡୁଆ ଲାଗୁ ଥାଏ ତାକୁ । ରୁନ୍ଧି ଗଳାରେ ହଠାତ୍ ସେ ପଚାରିଲା,

"ଆଜି ଏମିତି—ଏମିତି କାହିଁକି ଦିଶୁଛ ତମେମାନେ ?"

"ଆଉ ତୁମେ ?" ତା ଉପରୁ ଆଖି ନ ଫେରାଇ, ରୁକ୍ଷ ଗଳାରେ ପାଭେଲ୍ ଉତ୍ତର ଦେଲା ତାକୁ ।

"ମୁଁ ? ମୁଁ କଣ ?"

"ନା,.........କିଛି ନୁହେଁ ।"

"ତା'ହେଲେ ଜଲ୍‌ଦି ଜଲ୍‌ଦି ଦେଇ ଦିଅ ମତେ ରୁଟି କେଇ ଖଣ୍ଡ" ।

ଡେରି ହେବାକୁ କେବେ ସେ ଆମକୁ କହେ ନାହିଁ । ପାଭେଲ୍ ସେହିପରି ତା' ଉପରେ ଆଖି ରଖି କହିଲା,

"ବେଳ ତ ବହୁତ ଅଛି, ତର ତର ଏତେ କାହିଁକି ?"

ହଠାତ୍ ସେ ଫେରି ପଡ଼ି, କିଛି ନ କହି ମୁକୁଳା କବାଟ ବାଟେ ଚାଲିଗଲା । ପାଭେଲ୍ ତାହାର ଲମ୍ବ ପିଠା ଖଡ଼ିକାଟାକୁ ଧରି ଚୁଲ୍ଲୀ ଆଡ଼କୁ ଧୀରେ ଧୀରେ ଯାଉଁ ଯାଉଁ କହିଲା,

"ନାଃ ସନ୍ଦେହ ଆଉ କିଛି ନାହିଁ । କିନ୍ତୁ ସୈନିକଟାକୁ ଶେଷରେ ! ତାହା ପରି ଗୋଟାଏ ଛତରା ବାରବୁଲା କୁତ୍ତାଟାକୁ ! ଛିଃ !"

ଆମେ ମେଣ୍ଟା ଦଳ ପରି ଟେବୁଲ ଚାରି ପଟରେ ଜକାଜକି ହୋଇ ବସି ପଡ଼ି ଅନ୍ୟମନସ୍କ ଭାବରେ କାମ କରିବାକୁ ଲାଗିଲୁଁ । ଆମ ଭିତରୁ ଜଣେ କହିଲା,

"କିନ୍ତୁ ଏମିତି ବି ତ ହୋଇ ପାରେ ଯେ........"

"ହଉ, ତେତିକି ଥାଉ, ଚୁପ ହୁଅ !" ଚିତ୍କାର ହୋଇ ପାଭେଲ୍ କହି ଉଠିଲା ।

ଆମେ ସମସ୍ତେ ମନେ ମନେ ମାନି ନେଇ ଥାଉଁ, ଆମ ଭିତରେ ପାଭେଲ୍ ହିଁ ସବୁଠାରୁ ବୁଦ୍ଧିଆ । ସବୁ କଥା ତାକୁ ଆମ ଠାରୁ ବେଶି ଜଣା । ତା' କଥାରୁ ଆମର ବିଶ୍ୱାସ ହୋଇଗଲା ଯେ ସୈନିକଟା ହିଁ ଶେଷରେ ଜିଣିଲା । ଗୋଟିଏ ମୁହୂର୍ତ୍ତରେ ଆମର ସବୁ ସ୍ଫୂର୍ତ୍ତି କୁଆଡ଼େ ଉଭେଇ ଗଲା, ମନଟା ଆମର ବୋଝାଇ ପଡ଼ିଲା ଦୁଃଖର ଅମା ଅନ୍ଧାରରେ ।

ବାରଟା ବାଜିଲା । ଆମେ ଖାଇବାକୁ ବସିଥାଉଁ, ଏତିକି ବେଳେ ସୈନିକଟା ପଶି ଆସିଲା ଆମ କୋଠରିକି । ଆଗ ପରି ସଫା ସୁତରା ଫିଟ୍ ଫାଟ୍ ସେ । ସିଧା ଅନାଇଲା ଆମ ମୁହଁକୁ, ଆମେ କିନ୍ତୁ କେହି ମୁହଁ ଟେକି ଚାହିଁ ପାରିଲୁ ନାହିଁ ତା' ଆଡ଼େ । କେଡ଼େ ବଡ଼ାଇ କରି ଟିକିଏ ମୁରୁକି ହସି କହିଲା ଆମକୁ, "ସମ୍ମାନିତ ବନ୍ଧୁଗଣ, ସୈନିକର ସୈନିକପଣ ତା'ହେଲେ ଦେଖିବ ତମେ ଥରୁଟାଏ, ନା ? ଯାଅ ସେହି ବାଟ ଦେଇଟାକୁ, କବାଟ ଫାଙ୍କରେ ଚାହିଁଥିବ—ବୁଝିଲ ନା ?"

ଆମେ ସମସ୍ତେ ଗଲୁଁ ସେଠିକି । ଭିଡ଼ାଭିଡ଼ି ଠେଲାଠେଲି କରି ଗୋଟିଏ ଗୋଟିଏ ଫାଙ୍କରେ ଆଖି ରଖି ଚାହିଁ ରହିଲୁଁ ଅଗଣାଟା ଆଡ଼କୁ । ବେଶି ବେଳ ଆମକୁ ଚାହିଁ ରହିବାକୁ ପଡ଼ିଲା ନାହିଁ । ଦେଖିଲୁଁ ଝାନିଆ ଆସୁଛି । ଗୋଡ଼ ଦି'ଟା ତାର ପଡୁଥାଏ ଭାରି ଚଞ୍ଚଳ ଚଞ୍ଚଳ । ମୁହଁରେ ମନର ଉଦ୍‌ବେଗ ଧରା ପଡୁଥାଏ । ବରଫ ତରଳି ଅଗଣାଟାରେ ଏଠି ସେଠି ପାଣି କାଦୁଅ ଜମି ରହିଥାଏ— ତାହାକୁ ଡେଇଁ ଡେଇଁ ସେ ଯାଇ ଭଣ୍ଡାର କୋଠରିଟାରେ ପଶି ଗଲା । ତା' ପଛେ ପଛେ ଟିକିଏ ସୁଦ୍ଧା ତର ତର ନ ହୋଇ, ମୁହଁରେ ସିଟି ମାରି ମାରି, ସୈନିକଟା ବି ଗଲା ସେଇ ଆଡ଼କୁ । ହାତ ଯୋଡ଼ାକ ତାର ପାଇଜାମାରେ, ନିଶ ଯୋଡ଼ାକ ତାର ଅଳ୍ପ ଅଳ୍ପ ଥରୁ ଥାଏ ।

ଭାରି ଖରାପ ପାଗ ସେ ଦିନ । ପାଉଁଶିଆ ଦିଶୁଥାଏ ଚାରିଆଡ଼େ । ବର୍ଷା ପଡୁଥାଏ । ଅଗଣାରେ ଜମି ଥିବା ପାଣି ଉପରେ ଟୋପା ଗୁଡ଼ାକ ପଡ଼ିଲା ବେଳେ ଗୋଲ ଗୋଲ ହୋଇ ଆଡ଼େଇ ଆଡ଼େଇ ଯାଉ ଥାଏ । ବରଫ ପଡ଼ି ରହିଥାଏ ସେ ପର୍ଯ୍ୟନ୍ତ ଘର ଗୁଡ଼ାକର ଛାତ ଉପରେ କିନ୍ତୁ ତଳରେ ଗୋଟାଏ ଗୋଟାଏ ଯାଗାରେ ଅରାଏ ଅରାଏ କଳା ମାଟି ଦିଶୁଥାଏ । ବରଫଗୁଡ଼ାକ ଉପରେ ବି ମାଟିଆ ରଙ୍ଗର କଣ ମଇଳା ଗୁଡ଼ାଏ ଲାଗି ରହିଥାଏ । ବର୍ଷାର ଟପର ଟପର

Digitized by srujanika@gmail.com

ଶବ୍ଦରେ ମନରେ କିପରି ଗୋଟାଏ ଅସ୍ୱସ୍ତି ଜାଗି ଉଠୁଥାଏ । ଏକେ ଚୁହିଁ ରହିବାଟା ବିରକ୍ତିକର, ତହିଁରେ ପୁଣି ଯେଉଁ ଶୀତ ! ଭାରି ଖରାପ ଲାଗୁଥାଏ ଆମକୁ ସେଠି ଠିଆ ହୋଇ, ଥରି ଥରି ଚୁହିଁ ରହି-ବାକୁ ।

ଭଣ୍ଡାର କୋଠରିରୁ ବାହାରି ଆସିଲା ପ୍ରଥମେ ସୈନିକଟା । ଚାଲିଟା ତା'ର ଧୀର ଧୀର । କଣଟା ଅଳ୍ପ ଅଳ୍ପ ଥରୁଥାଏ, ହାତ ଯୋଡ଼ାକ ପଶିଥାଏ ପାକିଟରେ । ରଙ୍ଗ ଢଙ୍ଗ ତାର ଠିକ୍ ଆଗ ପରି, ଟିକିଏ ଫରକ ନାହିଁ ।

ତା ପଛେ ପଛେ ଟାନିଆ ବି ଆସିଲା ବାହାରି । ଆଖି ଯୋଡ଼ାକ ତା'ର ଖୁସି ଆଉ ଆନନ୍ଦରେ ଝଟକି ଉଠୁଥାଏ । ଓଠ ଦି'ଟା ଫାଟି ପଡ଼ୁଥାଏ ହସରେ ! ସ୍ୱପ୍ନରେ ଚାଲିଲା ପରି ଗୋଡ଼ ଦି'ଟା ତାର ହେଉଥାଏ ଟଳ ଟଳ—କେଉଁଠି ପଡ଼ୁଥାଏ ନଜର ନାହିଁ ସେ ଆଡ଼କୁ ।

ଆଉ ସହି ପାରିଲୁଁ ନାହିଁ ଆମେ । କବାଟ ଯୋଡ଼ାକ ମେଲା କରି ଦେଇ ସମସ୍ତେ ବାହାରି ପଡ଼ିଲୁଁ ଏକ ସଙ୍ଗରେ ଅଗଣାଟାକୁ । ତା'ପରେ ପାଗଳଙ୍କ ପରି, ମତୁଆଲାଙ୍କ ପରି ଗାଳି ଦବାକୁ ଲାଗିଲୁଁ ତାକୁ, ଯା' ମୁହଁକୁ ଯା' ଆସିଲା !

ଆମ ସମସ୍ତିଙ୍କି ଦେଖି ସେ ଚମକି ପଡ଼ିଲା । ଅଗଣାର କାଦୁଅ ଭିତରେ ଖୁଣ୍ଟଟାଏ ପରି ଠିଆ ହୋଇ ରହିଲା ଚୁପ ହୋଇ । ସମସ୍ତେ ଆମେ ଘେରିଗଲୁଁ ତାକୁ । ତା'ପରେ ଅତି କଦର୍ଯ୍ୟ ଭାଷାରେ, ଅତି ଭେଷେଡ଼ା କରି ଗାଳି ଦବାକୁ ଲାଗିଲୁଁ ! ବାଡ଼ ବତା ସେତେ-ବେଳେ ଟିକିଏ ସୁଦ୍ଧା ନାହିଁ ଆମ ତୁଣ୍ଡରେ, ଯାହାକୁ ଯାହା ଆସିଲା, ସେ ତାକୁ ସେଇଆ କହିଗଲା ।

ଯେପରି ଭାବରେ ଆମେ ତାକୁ ଘେରି ଠିଆ ହୋଇଥିଲୁଁ ସେଥିରେ ଚଞ୍ଚଳ ଆମ ପାଖରୁ ପଳାଇ ଯିବା ତା' ପକ୍ଷରେ ସହଜ ନୁହେ । ସେଥିପାଇଁ ତରବର ହୋଇ ବା ଖୁବ୍ ପାଟି କରି କିଛି କହିବା ଆମର ଦରକାର ନ ଥିଲା । ଆମେ ଜାଣିଥିଲୁଁ ଯେ ଯେପରି ଭାବରେ ତାକୁ ଘେରି ପକାଇଛୁଁ, ସେଥିରେ ମନ ପୁରାଇ ତାକୁ ଗାଳି ଦେଇ ପାରିବୁଁ । କାହିଁକି ଯେ ସେତେବେଳେ ତାକୁ ଆମେ ମାରି ନାହୁଁ, ବୁଝି ପାରୁ ନାହିଁ । ସେ ଠିଆ ହୋଇଥାଏ ଚୁପ ହୋଇ, ଆଉ ଆମ ତୁଣ୍ଡରୁ କଥା ଗୁଡ଼ାକ ବାହାରିଲା ବେଳକୁ ଇଆଡ଼େ ସିଆଡ଼େ ମୁଣ୍ଡ ବୁଲାଇ ବୁଲାଇ ଆମକୁ ଅନାଉ ଥାଏ । ଯେତିକି ସେ ଚୁହୁଁ ଥାଏ ଆମ ଆଡ଼େ, ସେତିକି ବେଗରେ ଆମେ ତା' ଉପରେ ବରଷି ଯାଉ ଥାଉଁ ଆମର ଗରଳଗୋଳା କଥା ଗୁଡ଼ାକ ।

ଶେତା ପଡ଼ି ଯାଇଥାଏ ତାର ମୁହଁଟା । ନେଳ ଆଖି ଯୋଡ଼ାକ ଯାହା ଦଣ୍ଡକ ଆଗରେ ଖୁସିରେ ଫାଟି ପଡ଼ୁଥିଲା, ତାହା ବଲ ବଲ କରି ଚୁହିଁ ରହି ଥାଏ ! ଛାତିଟା ଉଠୁ ଥାଏ ପଡ଼ୁ ଥାଏ ଚଞ୍ଚଳ ଚଞ୍ଚଳ । ଓଠ ଦି'ଟା ଅଳ୍ପ ଅଳ୍ପ ଥରି ଉଠୁ ଥାଏ ।

ତାହାକୁ ସେହିପରି ଘେରି ଠିଆ ହୋଇ ଆମେ ଆମର ପ୍ରତିହିଂସା ଚରିତାର୍ଥ କରୁ ଥାଉଁ, ଯେପରି କଅଣ ଗୋଟାଏ କାଢ଼ି ନେଇଛି ସେ ଆମର ! ଆମର ସମସ୍ତଙ୍କର ଥିଲା ସେ ! ଯେତିକି ଭଲ, ପବିତ୍ର ଥିଲା ଆମ ଭିତରେ, ସବୁ ତ ଆମେ ଦେଇଥିଲୁଁ ତାକୁ ! ସେ ଭଲ-ତକ ଅତି ସାମାନ୍ୟ, ଭିକାରୀର ଅଇଣ୍ଠା ହେଉ ପଛକେ, ସେତକ ତ ଆମର, ଆମ ସମସ୍ତଙ୍କର, ଆମ ଛବିଶ ଜଣଙ୍କର ! ସେ ଏକୁଟିଆ ହୋଇ ଆମର ଛବିଶ ଜଣଙ୍କର ସେ ନିର୍ମଳ କଣିକାଟିକୁ ହେଳାରେ ଦଳି ଦେଇଗଲା ତା ଗୋଡ଼ରେ ! ଯେତେ ଲଜ୍ଜା, ଯେତେ କଷ୍ଟ ଦେଲେ ସୁଦ୍ଧା, ସେ ଅପରାଧର କଣ ଉଚିତ ଶାସ୍ତି ପାଇବ ସେ !

କେତେ ଗାଳି ଦେଲୁଁ ତାକୁ ଆମେ । ତଥାପି ସେ ସେହିପରି ନୀରବ, ଆଖି ମେଲା କରି ଚୁହିଁ ରହି ଥାଏ ଆମ ଆଡ଼େ । ସମସ୍ତ ଦେହଟା ତାର ଥରି ଥରି ଉଠୁଥାଏ । ଆମେ ହସୁ ଥାଉଁ ହୋ ହୋ କରି, ପାଟି କରୁ ଥାଉଁ, ଗର୍ଜନ କରୁ ଥାଉଁ । ବୁଝିଅଛୁ କେତେ ଗୁଡ଼ାକ ଲୋକ ଆସି ମିଶିଲେ ଆମ ଦଳରେ । କିଏ ଗୋଟାଏ ତାର ବ୍ଲାଉସ୍‌ଟାକୁ ଧରି ଟାଣି ଦେଲା ।

ହଠାତ୍ ଜଳି ଉଠିଲା ତା'ର ଆଖି ଦି'ଟା ! ଧୀରେ ଧୀରେ ଭାବି ଚିନ୍ତି ହାତ ଦି'ଟା ମୁଣ୍ଡକୁ ଉଠାଇ ବାଳକୁ ଟିକିଏ ସଜାଡ଼ି ନେଲା; ତା' ପରେ ସିଧା ଆମ ମୁହଁକୁ ଚୁହିଁ ସୁସ୍ପଷ୍ଟ ଗଳାରେ ଧୀରେ ଧୀରେ କହିଲା,

"ଛତର କଇଁଦଗୁଡ଼ାକ ତମେମାନେ ସବୁ !"

ତା'ପରେ ସିଧା ସେ ଆମ ଆଡ଼କୁ ଆସିବାକୁ ଲାଗିଲା, ଯେପରି ସେଠାରେ ଆମେ ନାହୁଁ, ଯେପରି କେହି ତା'ର ବାଟ ଓଗାଳି ରହି ନାହିଁ । କେ ଜାଣେ କାହିଁକି, ଆମେ ବି କେହି ତାକୁ ଅଟକି ରଖି ପାରିଲୁଁ ନାହିଁ । ଆମ ଦଳରୁ ବାହାରି ପଡ଼ି, ଥରେ ସୁଦ୍ଧା ପଛକୁ ନ ଚୁହିଁ, ସ୍ପଷ୍ଟ ଗଳାରେ ଅସହ୍ୟ ଘୃଣାରେ ସେ କହିଲା,

"ଅଳିଆ—ନେଙ୍ଗଳା—ପଶୁଗୁଡ଼ାକ !"

ତା'ପରେ ସେ ଚାଲିଗଲା ସେଠାରୁ ।

ମେଘଢଙ୍କା ପାଉଁଶିଆ ଆକାଶ ତଳରେ ବର୍ଷାରେ ତିନ୍ତି-ବୁଡ଼ି ଆମେ ଠିଆ ହୋଇ ରହିଲୁଁ ସେହିଠାରେ, ସେହି ଅଗଣାଟାରେ । କ୍ଷଣକ ଉତ୍ତାରେ ଚୁପ ହୋଇ ଗୋଟି ଗୋଟି କରି ଫେରି ଆସିଲୁଁ ଆମର ସନ୍ତସନ୍ତିଆ କୋଠରୀଟାକୁ ।

ଆଗପରି ସୂର୍ଯ୍ୟଙ୍କର କିରଣ ଆମ' ଝିଡ଼କି ବାଟରେ କେବେ ପଶେ ନାହିଁ; କି, ଟାନିଆ ବି କେବେ ଆଉ ଆସେ ନାହିଁ ।

Digitized by srujanika@gmail.com

# ଓଡ଼ିଶାରେ କୁଟୀର ଶିଳ୍ପର ଆବଶ୍ୟକତା

ରାୟସାହେବ ଭିକାରୀ ଚରଣ ପଟ୍ଟନାୟକ

ଭାରତ କୃଷି ପ୍ରଧାନ ଦେଶ ବୋଲି ପରିଚିତ । ଭାରତ ଅନ୍ତର୍ଗତ ଓଡ଼ିଶା ମଧ୍ୟ ପ୍ରଧାନତଃ କୃଷି ଉପରେ ନିର୍ଭର କରେ । ମାତ୍ର ବର୍ତ୍ତମାନ କୃଷିର ଉତ୍ପନ୍ନ ଏତେ କମ ହୋଇ ଯାଇଅଛି ଯେ କୃଷକ ତହିଁ ଉପରେ ନିର୍ଭର କଲେ ନିଜର କୁଟୁମ୍ବ ପୋଷଣ ମଧ୍ୟ ଚଳି ପାରୁ ନାହିଁ । ଗତ କେତେ ବର୍ଷ ହେଲା ସରକାରୀ କୃଷି ବିଭାଗ ଆଖୁ, ଚିନାବାଦାମ ଏବଂ କେତେ ପ୍ରକାର ସ୍ୱତନ୍ତ୍ର ଧାନର ଚାଷ ଗ୍ରାମମାନଙ୍କରେ ଆରମ୍ଭ କରାଇ ଅଛନ୍ତି । ତଦ୍ଦ୍ୱାରା ସାଧାରଣ ଧାନ ଫସଲ ଅପେକ୍ଷା ଲାଭର ପରିମାଣ କିଛି



ମୟୂରଭଞ୍ଜର କୁଟୀର ଶିଳ୍ପ ସଦନରେ ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଅଛନ୍ତି ।

ଅଧିକ ହେଲେହେଁ ପ୍ରଜାମାନଙ୍କର ଅଭାବ ମୋଚନ ହୋଇ ପାରୁ ନାହିଁ । ଏଣେ ଥରକୁ ଥର ବନ୍ଦୋବସ୍ତ ଦ୍ୱାରା ଖଜଣା ଟିକସ ବୃଦ୍ଧି ହେଉଅଛି । ମାତ୍ର ଫସଲର ଦାମ କମିବାକୁ ଲାଗିଛି । କେତେ ଦୂର କମିବ ତାହା କହି ହେଉ ନାହିଁ ! ଯେ ପର୍ଯ୍ୟନ୍ତ ବିଦେଶୀୟମାନେ କୃଷି ପ୍ରତି ଦୃଷ୍ଟି ଦେଉ ନ ଥିଲେ ଏବଂ ଭାରତର କୃଷିଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିଲେ ସେ ପର୍ଯ୍ୟନ୍ତ ଭାରତ ତାହାର କୃଷି ଉତ୍ପନ୍ନ ଦ୍ରବ୍ୟ ପାଇଁ ଯଥେଷ୍ଟ ଟଙ୍କା ପାଇ ପାରୁଥିଲା । କିନ୍ତୁ ସେମାନେ ଯେତେବେଳେ କୃଷି ପ୍ରତି ଆକୃଷ୍ଟ ହୋଇ ଭାରତ ଅପେକ୍ଷା ବେଶୀ ଶୃଙ୍ଖଳାବଦ୍ଧ ଭାବରେ ବୈଜ୍ଞାନିକ ପ୍ରଣାଳୀରେ କୃଷି ଆରମ୍ଭ କଲେଣି, ଭାରତ ତାହାର କୃଷିଜାତ ପଦାର୍ଥପାଇଁ ବିଦେଶରୁ ଆଉ ଅଧିକ ମୂଲ୍ୟ ପାଇବା ସମ୍ଭବ ନୁହେ । ଶୁଣାଯାଏ ଅଳ୍ପ ଦିନ ପୂର୍ବେ ଭାରତର ଚାଉଳ ଅପେକ୍ଷା ବେଶି ଶସ୍ତାରେ ବିକ୍ରୟ ପାଇଁ ଜାପାନ ପ୍ରାୟ ୨ ଲକ୍ଷ ମହଣ ଚାଉଳ ଏ ଦେଶକୁ ପଠାଇ ଦେଇ ଥିଲା ।

ଆହୁରି ଅଧିକ ପରିମାଣରେ ମଧ୍ୟ ଚାଉଳ ପଠାଇବାର ପ୍ରସ୍ତାବ ଚାଲି ଥିଲା ଅଥଚ ଜାପାନକୁ ଭାରତର ଚାଉଳ ଯେପରି ନ ଯାଏ ସେଥିପାଇଁ ବିହିତ ବନ୍ଦୋବସ୍ତ କରା ଯାଉଥିଲା । ତେଣୁ କେବଳ ଓଡ଼ିଶା ବାସୀ କାହିଁକି ସମଗ୍ର ଭାରତ ବାସୀଙ୍କୁ ଅନ୍ୟ ପନ୍ଥା ଖୋଜିବାକୁ ହେବ । ସମୟର ଗତି ଅନୁସାରେ ଲୋକଙ୍କର ଅଭାବ ସଙ୍ଗେ ଲୋକ ସଂଖ୍ୟା ମଧ୍ୟ କ୍ରମେ ବଢ଼ି ଯାଉଅଛି । ଏପରି ଅବସ୍ଥାରେ କେବଳ କୃଷି ଉପରେ ନିର୍ଭର ନ କରି ଅନ୍ୟ ପନ୍ଥା ଧରିବା ନିତାନ୍ତ ଆବଶ୍ୟକ ।

ବର୍ତ୍ତମାନ ଅବସ୍ଥାର ଏକମାତ୍ର ସମାଧାନ ହେଉଛି ଶିଳ୍ପ । ଶିଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ—(୧) କଳ କାରଖାନା ଓ (୨) ହାତକାମ ବା କୁଟୀର ଶିଳ୍ପ । କଳ କାରଖାନା ବିଷୟ ଚିନ୍ତା କରିବା ପାଇଁ ଓଡ଼ିଶା ଏ ପର୍ଯ୍ୟନ୍ତ ସକ୍ଷମ ହୋଇ ନାହିଁ ଅଥବା ସେ ଦିଗରେ ତାହାର ଶକ୍ତି ନାହିଁ । ଗତ କେତେ ବର୍ଷ

Digitized by srujanika@gmail.com

ଭିତରେ ଓଡ଼ିଶାରେ ପ୍ରାୟ ଶହେ ଗୋଟି କଳ ସ୍ଥାପିତ ହୋଇଅଛି । ସେଥି ମଧ୍ୟରୁ ଅଧିକାଂଶ ଚାଉଳ କଳ ଏବଂ ଗୋଟିଏ ଚିନି ଛଡ଼ା ଆଉ ସବୁ ଗୁଡ଼ିକ ବିଦେଶୀ ବ୍ୟବସାୟୀମାନଙ୍କଦ୍ୱାରା ଚାଲୁଅଛି । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଓଡ଼ିଆ କଳ କାରଖାନା ପାଇଁ ଅର୍ଥ ଯୋଗାଇବାକୁ ଅକ୍ଷମ କିମ୍ବା ଏପରି କାରଖାନା ସମ୍ଭାଳିବା ପାଇଁ ସକ୍ଷମ ନୁହେ । ଆମ୍ଭମାନଙ୍କର ଓଡ଼ିଶାବାସୀଙ୍କ ନିମନ୍ତେ କୁଟୀର-ଶିଳ୍ପ ଯେ ସର୍ବତୋଭାବରେ ଉପଯୋଗୀ, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆମାନଙ୍କର ହସ୍ତକୌଶଳ ବହୁ ପ୍ରାଚୀନ କାଳରୁ ସୁବିଦିତ । ସେମାନଙ୍କ ହାତକାମର ପରିଚୟ ଅଦ୍ୟାପି ବହୁତ ଦେଉଳମାନ ଦେଉ-ଅଛି । ସୁନାରୁପା ଓ ଲୁଗାପଟାରେ ସେମାନଙ୍କର ଖ୍ୟାତି ଅସାମାନ୍ୟ ଥିଲା । ଆଜି ମଧ୍ୟ ଭାରତର ନାନା ସ୍ଥାନର କଳ କାରଖାନାରେ ସାଧାରଣ ଓଡ଼ିଆ ମଜୁରିଆମାନଙ୍କ ହସ୍ତକୌଶଳ ପ୍ରଶଂସିତ ହେଉଅଛି ।



ଅଭଙ୍ଗା କଣ୍ଢେଇ, ତାଳ ପତ୍ର ଓ କାଇଁଚ ଟୋକେଇ, ନଡ଼ା ସାମୋଚ୍ଛ, ବାଉଁଶ ଟେପାୟ୍, ଚଳପ୍ ମାନଚିତ୍ର ଓ କୁଟୀର ଶିଳ୍ପର ଅନ୍ୟ ଆଦର୍ଶମାନ

ଆଜି ମଧ୍ୟ ଓଡ଼ିଶାରେ ନାନା ପ୍ରକାର କୁଟୀରଶିଳ୍ପ ଜୀବିତ ରହି-ଅଛି । ଏଥିପାଇଁ ଯଥେଷ୍ଟ କଞ୍ଚା-ମାଲ ମଧ୍ୟ ଏଠାରେ ମହଜୁଦ ଅଛି । ଏହି ଦେଶରୁ କଞ୍ଚା-ମାଲ ଯାଇ ନାନା ଆକାରରେ ଫେରି ଆସି ଦଶ ଗୁଣ ମୂଲ୍ୟରେ ବିକି ହେଉ-ଅଛି । ବର୍ତ୍ତମାନ କୁଟୀରଶିଳ୍ପର ଅର୍ଥ, ମୁଁ କୁଟୀର-ଶିଳ୍ପର ସଂଖ୍ୟା ବଢ଼ାଇବାକୁ ଲାଳାୟିତ ନୁହେ । ମୁଁ ଚାହେଁ କେବଳ ସଂଗଠନ । ଏହିକ୍ଷଣି ଲୋକେ ନିଜର ଅତୀତ କୌଶଳ ଓ ଶକ୍ତି ପ୍ରାୟ ଭୁଲି ଗଲେଣି । ସେହି ଭାବ ତାଙ୍କ ମନରେ ପୁନଶ୍ଚ ଜାଗ୍ରତ କରାଇବାକୁ ହେବ । ଚେଷ୍ଟା କଲେ, ଯେଉଁଠାରେ ଯାହା କଞ୍ଚାମାଲ ସହଜରେ ମିଳି ପାରିବ କେବଳ ହସ୍ତ କୌଶଳ ସାହାଯ୍ୟରେ ସେମାନେ ତଦ୍ଦ୍ୱାରା ବହୁ ମୂଲ୍ୟ ପଦାର୍ଥମାନ ତିଆରି କରି ପାରିବେ ।

୧୯୩୧ ସାଲ ସେନ୍‌ସସ୍‌ରୁ ଜଣା ଯାଉଅଛି, ଓଡ଼ିଶାର ୫୩,୦୬,୧୪୨ ଲୋକ ସଂଖ୍ୟା ମଧ୍ୟରୁ ୩,୯୩,୨୭୫ ଲୋକ ଶିଳ୍ପ କାର୍ଯ୍ୟ କରନ୍ତି । ତେବେ ସୁଦ୍ଧା ଓଡ଼ିଆମାନେ ଦରିଦ୍ର ଏବଂ ସେମାନଙ୍କର ଅବସ୍ଥା ଶୋଚନୀୟ ହୋଇ ପଡ଼ୁଅଛି । ଖଜଣା ଦେଇ ନ ପାରି ସେମାନଙ୍କର ଘର ଦ୍ୱାର ନିଲାମ ହୋଇ ଯାଉଅଛି । ଏହାର ପ୍ରଧାନ କାରଣ ସେମାନେ ଶିଳ୍ପୀ ହେଲେହେଁ କେବଳ ସଂଗଠନ ଅଭାବରୁ ନିଜ ନିଜ ଶିଳ୍ପରୁ ଉପଯୁକ୍ତ ଲାଭ ପାଇ ପାରୁ ନାହାନ୍ତି ।

ଓଡ଼ିଶାର କୁଟୀରଶିଳ୍ପ ସଂଗଠନର ସୁବ୍ୟବସ୍ଥା ହେଲେ ଯେଉଁ ସବୁ ଶିଳ୍ପ ନଷ୍ଟ ହୋଇ ଯାଉଅଛି ସେ ସବୁ ସହଜରେ ପୁନର୍ଜୀବିତ ହୋଇ ପାରେ । ଏହା ଦ୍ୱାରା ଶିଳ୍ପୀମାନଙ୍କର ଉନ୍ନତି ହେବ ତ, ତାହା ଛଡ଼ା ଯେଉଁ ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ଯୁବକ ମାନେ ଚାକିରି ଅଭାବରେ ବସିଛନ୍ତି ଅଥଚ କିଛି କରି ପାରୁ ନାହାନ୍ତି, ସେମାନେ ମଧ୍ୟ ନାନା ପ୍ରକାର କାର୍ଯ୍ୟରେ ନିଯୁକ୍ତ ହୋଇ କିଛି କିଛି ଅର୍ଥ ଉପାର୍ଜନ କରି ପାରିବେ ।

ଓଡ଼ିଶାର କୁଟୀରଶିଳ୍ପମାନଙ୍କର ଗୋଟିଏ ତାଲିକା ମୁଁ ପ୍ରସ୍ତୁତ କରିଅଛି । ତାହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନୁହେ । କିନ୍ତୁ ତାହାର ବର୍ତ୍ତମାନ ସଂଖ୍ୟା ୧୩୧ । ତନ୍ମଧ୍ୟରେ ଅନେକ-ଗୁଡ଼ିଏ ଅତି ଉତ୍କୃଷ୍ଟ ଶିଳ୍ପ ଅଛି । କୌଣସି କୌଣସି ଶିଳ୍ପକୁ ବିଦେଶୀ ଶିଳ୍ପ ବର୍ଷ ବର୍ଷ ଧରି ଚେଷ୍ଟା କରି ମଧ୍ୟ ଅନୁ-କରଣ କରି-ବାକୁ ସକ୍ଷମ ହୋଇ ପାରି ନାହାନ୍ତି । କେବଳ ସଂଗଠନ ଅଭାବରୁ ଓଡ଼ିଶାରେ ଏରୂପ ଶିଳ୍ପୀ ମଧ୍ୟ ଅତି କଷ୍ଟରେ ଦିନ ଯାପନ କରୁଅଛନ୍ତି । ନିମ୍ନରେ କେତେ ଗୋଟି କୁଟୀରଶିଳ୍ପର ଉଲ୍ଲେଖ କରାଗଲା । ସେ ଗୁଡ଼ିକର ସଂଗଠନ ହେଲେ ଅନେକ ଲୋକ ସହଜରେ ପ୍ରତିପାଳିତ ହୋଇ ପାରିବେ ।

**ବୟନ ଶିଳ୍ପ**

୧୯୩୧ ସାଲର ଜନ ସଂଖ୍ୟାରୁ ଜଣାଯାଏ ଓଡ଼ିଶାରେ ୭୨,୮୩୧ ଏବଂ ଗଡ଼ଜାତମାନଙ୍କରେ ୭୪,୬୬୦ ଏରୂପ ମୋଟ ୧,୪୭,୪୯୧ ବ୍ୟକ୍ତି ଉକ୍ତ କାମରେ ନିଯୁକ୍ତ । ୧୯୨୧ ସାଲରେ

Digitized by srujanika@gmail.com

ଓଡ଼ିଶାର ତନ୍ତମାନଙ୍କର ଗୋଟିଏ ଗଣନା କରା ଯାଇଥିଲା । ଗଡ଼ଜାତମାନଙ୍କର ତନ୍ତଗୁଡ଼ିକ ଗଣନା କରା ଯାଇନାହିଁ । ଏଥିରୁ ଦେଖାଯାଏ ସେତେବେଳେ କେବଳ ଓଡ଼ିଶାରେ ୨୧,୩୩୬ଟି ତନ୍ତ କାମରେ ଲାଗିଥିଲା । ଏଥିମଧ୍ୟରେ ୫,୭୯୦ ଗୋଟି ଠକଠକି ତନ୍ତ ପୁରୁଣା ତନ୍ତ ବଦଳରେ ସରକାରୀ ଶିଳ୍ପ ବିଭାଗଦ୍ୱାରା ପ୍ରବର୍ତ୍ତିତ ହୋଇଅଛି । ଏହା ଛଡ଼ା ଗଡ଼ଜାତମାନଙ୍କରେ ଚାଲୁଥିବା ତନ୍ତର ସଂଖ୍ୟା କମ୍ ନୁହେ । ଓଡ଼ିଶା ଏବଂ ଗଡ଼ଜାତର ଲୋକ ସଂଖ୍ୟା ୯୯,୫୮,୧୪୯ କିମ୍ବା ଏକ କୋଟି । ସେମାନଙ୍କର ବର୍ଷ ଭିତରେ କେତେ ଲୁଗାପଟା ଆବଶ୍ୟକ ତାହା ସହଜରେ ଅନୁମେୟ । କିନ୍ତୁ ପରିତାପର ବିଷୟ ଏହି ଯେ ତେବେ ସୁଦ୍ଧା ଓଡ଼ିଆ ତନ୍ତୀ ତାହାର ଦୈନିକ ଜୀବନ ଯାତ୍ରା ପାଇଁ ଅର୍ଥ ଉପାର୍ଜନ କରି ପାରୁ ନାହିଁ । ଓଡ଼ିଶାର ଲୋକେ ଯେ ତନ୍ତ ଲୁଗା ବ୍ୟବହାର କରନ୍ତି ନାହିଁ, ତାହା ନୁହେ । କିମ୍ବା ସେମାନେ ଯେ ତନ୍ତ ଲୁଗା କିଣନ୍ତି ନାହିଁ ତାହା ମଧ୍ୟ ଠିକ୍ ନୁହେ । ମାନ୍ଦ୍ରାଜ ଏବଂ ବଙ୍ଗଳାରୁ ଆସି କେବଳ କଟକ ସହରରେ ବାର୍ଷିକ ଟ ୫୦,୦୦୦ ର ତନ୍ତ ଲୁଗା ବିକ୍ରୟ ହୁଏ । ଏଥିରୁ ଅନ୍ୟାନ୍ୟ ସହରମାନଙ୍କ ବିକ୍ରୟର ପରିମାଣ ଅନୁମାନ କରା ଯାଇ ପାରେ । ତେବେ ଓଡ଼ିଆ ତନ୍ତମାନେ ଏ ସବୁ ଲୁଗା ଯୋଗାଇ ନ ପାରିବାର କାରଣ କଣ ? ସେରୂପ ଲୁଗା ପ୍ରସ୍ତୁତ କରିବାକୁ ସେମାନେ ଅକ୍ଷମ କି ? କିମ୍ବା ହସ୍ତକୌଶଳରେ ସେମାନେ କଣ ଅଯୋଗ୍ୟ ? ଏହା କେହି ସ୍ୱୀକାର କରିବେ ନାହିଁ । ଯେ ଥରେ ସମ୍ବଲପୁର ଓ ଧଳାପଥର ନିର୍ମିତ ପର୍ଦ୍ଦା, ଗୁଲନଗର, ବଡ଼ମ୍ବା, ଜାନୁଗଞ୍ଜ, ମାକଲପୁର, କେଶନଗର, କେନ୍ଦୁପାଟଣା, କଳାପଥର, ତରବୋଡ଼, ଓଲଷି, ବରପଲ୍ଲୀ, ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଧୋତି ଓ ଶାଢ଼ୀ ପ୍ରଭୃତି ଦେଖିଥିବେ ସେ କଦାଚ ଓଡ଼ିଶା ତନ୍ତୀଙ୍କର ହସ୍ତକୌଶଳ ସମ୍ବନ୍ଧରେ ପ୍ରଶ୍ନ କରି ପାରିବେ ନାହିଁ ।

ସମବାୟ ଏବଂ ଶିଳ୍ପ ବିଭାଗମାନଙ୍କ ସାହାଯ୍ୟରେ ଗୋଟିଏ କ୍ଷୁଦ୍ର ସଂଗଠନ ହୋଇ ଥିବାରୁ ସମ୍ବଲପୁରର ତନ୍ତୀମାନେ ବର୍ତ୍ତମାନ ମାସିକ ଟ ୧,୦୦୦୦ରୁ ଅଧିକ ଟଙ୍କାର ପର୍ଦ୍ଦା ବିଲାତ ବଜାରକୁ ଯୋଗାଇ ପାରୁ ଅଛନ୍ତି । ଶିଳ୍ପ ବିଭାଗ ଏହି ପର୍ଦ୍ଦା ସକାଶେ ଯାହା କରିଅଛନ୍ତି, ଆଶା କରାଯାଏ ସେତିକି ଯତ୍ନ ଅନ୍ୟାନ୍ୟ ଶିଳ୍ପ ପ୍ରତି କଲେ ଯଥେଷ୍ଟ ଉପକାର ମିଳିବ । କେବଳ ସଂଗଠନ ଅଭାବରୁ ଓଡ଼ିଆ ତନ୍ତୀ ନିଜ ଦେଶରେ ତାହାର ଲୁଗା ବିକ୍ରୟ କରି ପାରୁ ନାହିଁ । କେବଳ ସଂଗଠନ ସାହାଯ୍ୟରେ ଗୋଦାବରୀର ତନ୍ତୀମାନେ ଓଡ଼ିଶାର ପ୍ରାୟ ସବୁ ସହରମାନଙ୍କରେ ଅଧିକାର କଲେଣି । ସଂଗଠନର ସୁବ୍ୟବସ୍ଥା ହେଲେ ଅନାୟାସରେ ଏମାନେ ପ୍ରତିଯୋଗିତାରେ ସମସ୍ତଙ୍କୁ ହରାଇ ଦେଇ ପାରିବେ ଏବଂ ଦେଶର ଅନେକ ଅକର୍ମୀ ଯୁବକ କାର୍ଯ୍ୟରେ ନିଯୁକ୍ତ ହୋଇ ପାରିବେ ।

ସରକାରଙ୍କର ଶିଳ୍ପ ବିଭାଗ ଏକ ଦଳ କର୍ମଚାରୀ ନିଯୁକ୍ତ କରି ତନ୍ତ ବିକ୍ରୟ ଏବଂ ଭିନ୍ନ ଭିନ୍ନ ପ୍ରକାରର ବୟନ ଶିଖାଇବାର ବ୍ୟବସ୍ଥା କରିଅଛନ୍ତି । କିନ୍ତୁ ସମ୍ବଲପୁର ପର୍ଦ୍ଦା ଛଡ଼ା ସଂଗଠନର ଅନ୍ୟ କୌଣସି ବ୍ୟବସ୍ଥା କରି ନାହାନ୍ତି । ଯଦି କେତେଗୁଡ଼ିଏ ଶିକ୍ଷିତ ଯୁବକଙ୍କୁ ବୟନ ବିଦ୍ୟା ଶିକ୍ଷା ଦେଇ ଗୋଟିଏ ଗୋଟିଏ ତନ୍ତୀଗ୍ରାମରେ ରଖି ଏହି ଶିଳ୍ପ ସଂଗଠନର ବ୍ୟବସ୍ଥା କରା ହୁଅନ୍ତା ତାହା ହେଲେ ଅବିଲମ୍ବେ ଓଡ଼ିଶାର ଲୁଗା ଏ ଦେଶର ସବୁ ସହରମାନଙ୍କରେ ଏଜେଣ୍ଟ ହୋଇ ପଡ଼ନ୍ତା ଏବଂ ବାହାରକୁ ମଧ୍ୟ ପଠାଯାଇ ପାରନ୍ତା । ଏହି ଯୁବକମାନେ ବଜାର ସଙ୍ଗେ ସମ୍ବନ୍ଧ ରଖନ୍ତେ ଏବଂ ତନ୍ତୀମାନଙ୍କୁ ଆଧୁନିକ ରୁଚି ଅନୁସାରେ ଭିନ୍ନ ଭିନ୍ନ ପ୍ରକାର ବୟନ ପାଇଁ ଉପଦେଶ ଦିଅନ୍ତେ । ସେହିମାନେ ସବୁ ଲୁଗା ବୁଣାଳି ତନ୍ତୀମାନଙ୍କଠାରୁ କିଣି ସହରକୁ ପଠାନ୍ତେ ଏବଂ ତନ୍ତୀମାନେ କେବଳ ବୁଣିବାରେ ଲାଗିଥାନ୍ତେ ।

ବର୍ତ୍ତମାନ ଯେଉଁ ଲୁଗା କେବଳ ଗ୍ରାମରେ ବା ନିକଟସ୍ଥ ହାଟରେ ବିକ୍ରୟ ହୋଇ ପାରିବ, ତନ୍ତୀ ସେହି ଲୁଗାହିଁ ବୁଣୁଅଛି । କିଏ କିଣିବ ତାହା ସେ ଜାଣେ ନାହିଁ । ଯାହା ସେ ଗୋଟିଏ ଦିନରେ ବୁଣେ ପ୍ରାୟ ତିନି ଚାରି ଦିନ ବୁଲି ତାହା ସେ ବିକ୍ରୟ କରେ । ତେଣୁ ତାହାକୁ ମଜୁରି ପୋଷାଏ ନାହିଁ । ଯଦି ଏହି ଶିଳ୍ପଟି ସଂଗଠନ କରାଯାଏ ତେବେ ତନ୍ତୀ ତାହାର ଦୈନିକ ମଜୁରୀ ଉପାର୍ଜ୍ଜନ କରି ପାରିବ, ଯୁବକଟି ମଧ୍ୟ ଯଥେଷ୍ଟ ଲାଭବାନ ହେବ । ତନ୍ତୀ ଅଧିକ ବୁଣିବାରୁ ତାହାର ଆୟ ବଢ଼ିବ ଏବଂ ଲୁଗାର ଦର ମଧ୍ୟ ଶସ୍ତା ହେବ ।

## ଏଣ୍ଡିଚାଷ

ଓଡ଼ିଶା ଓ ଗଡ଼ଜାତମାନଙ୍କରେ ମିଶି ପ୍ରାୟ ୧୦ ହଜାର ଲୋକ ଏଣ୍ଡିପୋକ ପୋଷିବା ଶିଖି ଗଲେଣି । ଏଥିରେ ପୋକ ମାରିବାକୁ ପଡ଼େ ନାହିଁ ଏବଂ ମୂଳଧନ ଖଟାଇବାର ଆବଶ୍ୟକ ମଧ୍ୟ ନାହିଁ । ତେଣୁ ଏ ଦେଶର ଗରିବ ଲୋକଙ୍କ ପକ୍ଷରେ ଏ ଶିଳ୍ପଟି ଅତି ସହଜ ଆଉ ମଧ୍ୟ ଏଥିରୁ ସହଜରେ ଦୁଇ ପଇସା ଆୟ ହୋଇ ପାରିବ । ଅଳ୍ପ ସଂଖ୍ୟକ ଲୋକ ଏଣ୍ଡି ସୂତା କାଟି ଲୁଗା କରି ପାରିଲେଣି କିନ୍ତୁ ଅଧିକାଂଶ ସୂତା କାଟି ଜାଣନ୍ତି ନାହିଁ । ନ ଜାଣିବାର କାରଣ ସେମାନେ ଏହାର ପ୍ରଣାଳୀ ଦେଖି ପାରୁ ନାହାନ୍ତି । ଅନେକ ଗ୍ରାମରେ ବେଶି ପରିମାଣରେ କୋଷା ଜମା ହୋଇ ଗଲଣି । କୌଣସି ସଂଗଠନ ନ ଥିବାରୁ ଲୋକେ ବିକିବାର ସୁବିଧା ନ ପାଇ ହତାଶ ହେଉଅଛନ୍ତି । ସୁତରାଂ ଏହି ଶିଳ୍ପ ସମ୍ବନ୍ଧରେ ଆଗ୍ରହ କମି ଯାଉଅଛି । ଓଡ଼ିଶାର କୌଣସି କୌଣସି ସହଯୋଗ ବ୍ୟାଙ୍କ ଏହା ଶିଖାଇବା ପାଇଁ ଜଣେ ଜଣେ ଲୋକ ( ଡେମନ୍‌ଷ୍ଟ୍ରେଟର୍ ) ନିଯୁକ୍ତ କରି ଅଛନ୍ତି । କଟକ ବ୍ୟାଙ୍କର ଡେମନ୍‌ଷ୍ଟ୍ରେଟର୍ ଗତ ବର୍ଷ ଭିତରେ ୭୦ଟି ଗ୍ରାମରେ ସମିତି ମେମ୍ବରମାନଙ୍କ ଘରେ ଏଣ୍ଡି ପୋଷିବାକୁ ଶିଖାଇ ଥିଲା । ମେମ୍ବରମାନେ ମୋଟ ହଣ ସେ ୨୫ ର କୋଷା ପାଇ ଥିଲେ । ଏଣ୍ଡି ସୂତା କଟା ମଧ୍ୟ ଶିକ୍ଷା ଦିଆ ଯାଇଥିଲା । ଉପର ଲିଖିତ କୋଷା ମଧ୍ୟରୁ ୨୦ ସେର ସୂତା କଟା ଯାଇଥିଲା ଓ ୮ ଖଣ୍ଡି ଚଦର ହୋଇଥିଲା । ପ୍ରତି ଚଦର ଖଣ୍ଡିକୁ ଟ ୧୦ ଙ୍କା ହିସାବରେ ଏବଂ ସୂତା ସେରକୁ ଟ ୧୦ ଙ୍କା ମୂଲ୍ୟରେ ଓ ଅବଶିଷ୍ଟ

Digitized by srujanika@gmail.com

କୋଷାକୁ ସେର ପ୍ରତି ଟ ୩ ଙ୍କା ମୂଲ୍ୟରେ ଧରିଲେ ଏହି କ୍ଷୁଦ୍ର ଶିଳ୍ପ-ଦ୍ୱାରା ଉପରୋକ୍ତ ସମିତିର ମେମ୍ବରମାନେ ଅତି କମ୍ ଟ ୬୦୦ ରୁ ଅଧିକ ଉପାର୍ଜ୍ଜନ କରି ପାରିଥିଲେ । ଗୁଦର ଓ ସୂତାଗୁଡ଼ିକ ସହଜରେ ବିକ୍ରୟ ହୋଇ ଯାଇଥିଲା । ସଂଗଠନ କରାଗଲେ ସେମାନେ ଅବଶ୍ୟ ଅଧିକ ଆୟ କରି ପାରିବେ ଏବଂ ଏହି ଗୋଟିକ ଶିଳ୍ପ ସାହାଯ୍ୟରେ ନିତାନ୍ତ ପକ୍ଷରେ ବ୍ୟାଙ୍କ ଋଣର ସୁଧ ତକ ପରି-ଶୋଧ କରି ପାରିବେ ।

## ମାଛଚାଷ

ତାଳଚେରର ରାଜା ସାହେବ ମହୋଦୟ ଅଳ୍ପ ଦିନ ପୂର୍ବେ ମାଛ ଚାଷ ଆରମ୍ଭ କରିଥିଲେ । ପ୍ରଥମେ ତାଙ୍କୁ ଟ ୩୦୦୦ ବ୍ୟୟ କରିବାକୁ ହୋଇଥିଲା । ତନ୍ମଧ୍ୟରୁ ଟ ୧୫୦୦ କେବଳ ପୋଖରୀ ସଫା କରାଇବାରେ ଖର୍ଚ୍ଚ ହୋଇଗଲା । ମାଛ ଜାଆଁର କିଣି ପୋଷିବାରେ ବାକୀ ଟ ୧୫୦୦ ଖର୍ଚ୍ଚ ହୁଏ । ବର୍ଷ ଶେଷରେ ୪ ସେରିଆ ୫୦୦ ମାଛ ଧରାଗଲେ । ସେର ଟ ୧ ହିସାବରେ ତାହାର ମୂଲ୍ୟ ଟ ୨୦୦୦ ମିଳିଲା । ତତ୍ପର ବର୍ଷ ସେହି ୪ ସେରିଆ ୧୩୦୦ ମାଛ ମିଳିଲା ଏବଂ ସେଥିରୁ ଟ ୧୩୦୦ ମିଳି ଥିଲା । ତୃତୀୟ ବର୍ଷରେ ମଧ୍ୟ ସେହି ଓଜନର ୭୦୦୦ ମାଛ ଧରା ହେଲା ଓ ତାହାର ମୂଲ୍ୟ ଟ ୭୦୦୦ । ତେଣୁ ୩ ବର୍ଷ ଭିତରେ ଏଥିରୁ ନିଟ୍ ଲାଭ ଟ ୮୦୦୦ ହେଲା ।

କଟକ, ପୁରୀ, ବାଲେଶ୍ୱର ଜିଲାମାନଙ୍କ ମଧ୍ୟରେ ନଦୀ ଓ ପୁଷ୍କରିଣୀ ନେଇ ମୋଟ ଜଳଭାଗର ପରିମାଣ ୩, ୩୬, ୯୦୧ ଏକର । ତନ୍ମଧ୍ୟରୁ ପ୍ରାୟ ୫ ଭାଗରୁ ଦୁଇ ଭାଗ ପୋଖରୀ । ଏଥିରୁ ଏକ ଭାଗ ନିଆଗଲେ ମଧ୍ୟ ତାହାର ପରିମାଣ ୬୭, ୩୮୦ ଏକର ହେଉଅଛି । ଶିଳ୍ପ ବିଭାଗ କହନ୍ତି ମାଛ ଚାଷରେ ପ୍ରତି ବିଘାକୁ ଟ ୧୦୦୯ ନିଟ୍ ଲାଭ ମିଳିବ । ଏକରକ ପ୍ରାୟ ୩ ବିଘା ସଙ୍ଗେ ସମାନ । ଏହି ମାଛ ଚାଷ ସଂଗଠନର ବ୍ୟବସ୍ଥା ହେଲେ ଓଡ଼ିଶା ସର୍ବମୋଟ କେତେ ଲାଭ ପାଇ ପାରେ ତାହା ସହଜରେ ଅନୁମେୟ । ଶିଳ୍ପ ବିଭାଗ କେବଳ କଟକରେ ଗୋଟିଏ କେନ୍ଦ୍ର ଖୋଲି ମାଛ ଜାଆଁର ବିକିବା ବ୍ୟବସ୍ଥା କରି ଅଛନ୍ତି । ଏହାଛଡ଼ା ଏହି ଶିଳ୍ପ ସମ୍ବନ୍ଧରେ କୌଣସି ସଂଗଠନ କରାଯାଇ ନାହିଁ । ଜାଆଁର ଯୋଗାଇବାର ଅଭାବ ନ ଥିଲା । ପୂର୍ବରୁ ମଧ୍ୟ କେଉଟମାନେ ଜାଆଁର ବିକି କରୁଥିଲେ । ସେମାନଙ୍କୁ ତାଙ୍କ ବ୍ୟବସାୟରେ ଉନ୍ନତି କରିବା ପାଇଁ ସାହାଯ୍ୟ କରିଥିଲେ ହୋଇଥାନ୍ତା ।

ଅନୁଗୁଳ, ଖୋର୍ଦ୍ଧା, ବାଙ୍କି, ସରକାରଙ୍କ ଖାସ ମାହାଲ ଅଟେ । ସେଠାରେ ମାଛଚାଷ ସହଜରେ ହୋଇ ପାରିଥାନ୍ତା । ଏ ସବୁ ଇଲାକାମାନଙ୍କରେ ବେଶ୍ ବଡ଼ ବଡ଼ ଓ ଉପଯୁକ୍ତ ପୋଖରୀମାନ ଅଛି । ଆଉ ମଧ୍ୟ ଶିଳ୍ପ ବିଭାଗକୁ ସବୁ ରକମର ସାହାଯ୍ୟ ସେଠାରେ ମିଳି ପାରନ୍ତା । ଶିଳ୍ପ ବିଭାଗର ଏ ଦିଗରେ ଯଦି କିଛି କରିବାକୁ ଉଦ୍ଦେଶ୍ୟ ଥାଏ ତାହାହେଲେ ଏ ସବୁ ସ୍ଥାନରେ ଏ ଶିଳ୍ପ ପ୍ରଥମେ ସଂଗଠନ କରିବା ଦରକାର । କେତେ ଜଣ ଲୋକ ନିଯୁକ୍ତ କରା ଯାଉ । ସେମାନେ ଗାଁ ଗାଁରେ ବୁଲି ଏହି ମାଛଚାଷରେ ଲାଭ ଲୋକଙ୍କୁ ବୁଝାଇ ସେମାନଙ୍କୁ ମାଛ ପୋଷିବାକୁ ପ୍ରବର୍ତ୍ତାନ୍ତୁ । ସେମାନେ ସେଥିରୁ ଲାଭ ପାଇବା ପର୍ଯ୍ୟନ୍ତ ସେମାନଙ୍କ ସଙ୍ଗରେ ଲାଗି ରହନ୍ତୁ । ଥରେ ଲାଭ ମିଳିଗଲେ ଶିଳ୍ପଟି ଆପେ ଆପେ ବଢ଼ି ଯିବ ।

## କଣ୍ଢେଇ ତିଆରି

ଏହା ଗୋଟିଏ ଅତି ସହଜ କୁଟୀର ଶିଳ୍ପ । ଏହାର ସଂଗଠନ କରାଗଲେ କେତେ ନିରାଶ୍ରୟା ବିଧବା, ଅକର୍ମା ଲୋକ ଓ ବାଳକ ବାଳିକା କାମ ପାଇ ଦିନକୁ ତିନି ଚାରି ଅଣା ରୋଜଗାର କରି ପାରିବେ । ଆଉ ମଧ୍ୟ ଯେଉଁ ଅର୍ଦ୍ଧ ଶିକ୍ଷିତ ଯୁବକମାନେ ଟିକିଏ ଚିତ୍ର କରି ଜାଣିଥିବେ, ସେମାନେ ଏହାଦ୍ୱାରା ପୋଷି ହୋଇ ପାରିବେ । କଟକର ସୂଅର ଇଣ୍ଡଷ୍ଟ୍ରି କଟେଜ ଏ ସମ୍ବନ୍ଧରେ ଲାଭ ଲୋକସାନ ଦେଖାଇ ଗୋଟିଏ ନିୟମାବଳୀ ତିଆରି କରିଛନ୍ତି । ତଦନୁସାରେ ଜଣେ ଲୋକ ସହଜରେ ମାସକୁ ଟ ୩୦ ପର୍ଯ୍ୟନ୍ତ ଲାଭ କରି ପାରିବ ଏବଂ ସେଥି ସଙ୍ଗେ ସଙ୍ଗେ କେତେଗୁଡ଼ିଏ ନିଃସହାୟା ବିଧବା ଓ ନିଷ୍କର୍ମା ଲୋକଙ୍କର ଭରଣ ପୋଷଣର ବ୍ୟବସ୍ଥା କରିଦେଇ ପାରିବ । କଣ୍ଢେଇ ବିକ୍ରୟ ପାଇଁ ବିଶେଷ ଚିନ୍ତା କରିବା ଅନାବଶ୍ୟକ । ପ୍ରତି ବର୍ଷ ଭାରତରେ ପ୍ରାୟ ଟ ୬୦,୦୦୦୦୦ ର ଜର୍ମାନି ଓ ଯାପାନ କଣ୍ଢେଇ ବିକ୍ରୟ ହେଉଅଛି । ଓଡ଼ିଶା ମଧ୍ୟ ଏଥିରୁ କେତେକ ଅଂଶ ଖରିଦ କରୁଅଛି ।

## ଲାଖ

ଏହା ଗୋଟିଏ ବଡ଼ ଲାଭଜନକ ଶିଳ୍ପ । ଗାଙ୍ଗପୁର ଓ ମୟୂର-ଭଞ୍ଜ ଏହି ଶିଳ୍ପ ଦ୍ୱାରା ଯଥେଷ୍ଟ ଲାଭ କରିଛନ୍ତି । ବର୍ତ୍ତମାନ ବଜାର ପଡ଼ିଯାଇ ଥିଲେହେଁ ଏଥିପାଇଁ ଯେଉଁ ମେହନତ କରିବାକୁ ପଡ଼େ ତାହା ତୁଳନାରେ ଲାଭ କିଛି କମ ନୁହେ । ଓଡ଼ିଶାରେ ଏହି ଚାଷର ଯଥେଷ୍ଟ ସୁବିଧା ଅଛି । ମୟୂରଭଞ୍ଜ ଓ ଆଉ ଦୁଇଟି ଗୋଟିଏ ଷ୍ଟେଟ୍ ଛଡ଼ା ଓଡ଼ିଶାରେ ଏହି ଶିଳ୍ପର ଉନ୍ନତି ନିମନ୍ତେ କୌଣସି ଚେଷ୍ଟା ହୋଇ ନାହିଁ । କୁସୁମ, ବରକୋଳି ପ୍ରଭୃତି ଗଛରେ ଲାଖ ହୁଏ । ବରକୋଳି ଗଛ ଯଥେଷ୍ଟ ପରିମାଣରେ ଓଡ଼ିଶାର ଗାଁମାନଙ୍କରେ ହୋଇ ପାରିବ । କୁସୁମ ଗଛ ମଧ୍ୟ ପ୍ରାୟ ସବୁ ଜଙ୍ଗଲରେ ଅଛି । ଏହି ଶିଳ୍ପଟି ସଂଗଠିତ ହେଲେ ଓଡ଼ିଶା ବହୁ ପରିମାଣରେ ଲାଖ ଯୋଗାଇ ପାରନ୍ତା ଓ ଯଥେଷ୍ଟ ଲାଭ ପାଆନ୍ତା ।

## ଖଇର

ଅନୁଗୁଳ, ସମ୍ବଲପୁର ଓ କେତେକ ଗଡ଼ଜାତରେ ଖଇର ହୁଏ । ଗ୍ରାମବାସିମାନେ ସେମାନଙ୍କର ପୁରୁଣା ପ୍ରଥା ଅନୁସାରେ ଖଇର ତିଆରି କରନ୍ତି । କେହି ଶିକ୍ଷିତ ଲୋକ ଏହି ଶିଳ୍ପ ପ୍ରତି ମନୋଯୋଗ ଦେବାର ଦେଖାଯାଉ ନାହିଁ । ଏଠାର ଖଇର ମହଣ ୧୦ । ୧୨ ଟଙ୍କାରେ ବିକ୍ରୀ ହୁଏ । କିନ୍ତୁ ସେହି ଜିନିଷ ଟିକିଏ ବୁଦ୍ଧି ଖରଚ ଦ୍ୱାରା ଏହି ସ୍ଥାନରେ ହିଁ ଅତି ଅଧିକ ମୂଲ୍ୟରେ ବିକି ହୁଏ । ଲକ୍ଷ୍ନୌ ନିକଟ ବେଲୀର ଖଇର କଟକରେ ମହଣ ଟ ୧୬ରେ ବିକୁଛି । ସିଙ୍ଗାପୁରରେ ପାଟରା ଖଇର ଦର ମହଣ ୨୦ । ୨୨ ଟଙ୍କା । କିନ୍ତୁ

Digitized by srujanika@gmail.com

କାନପୁର ଖଦ୍ଦର ମହଣ ଟ ୪୦, ରୁ ଟ ୬୦ ୮ ପର୍ଯ୍ୟନ୍ତ ଦରରେ ବିକ୍ରୟ ହୁଏ । ବୁଦ୍ଧି ପ୍ରୟୋଗ ଦ୍ୱାରା ସେହି ଏକା ଜିନିଷର ମୂଲ୍ୟ କେତେ ଅଧିକ ବଢ଼ି ଯାଉଅଛି ତାହା ଭାବିବା ଉଚିତ । ଅନୁଗୁଳ ଓ ସମ୍ବଲପୁରର ଖଦ୍ଦର ଯାଇ କାନପୁର ଖଦ୍ଦର ପ୍ରସ୍ତୁତ ହେଉଅଛି । ଅନୁଗୁଳର ଖଦ୍ଦରକୁ ସବୁଠାରୁ ନିକୃଷ୍ଟ ବୋଲି ଧରାଯାଏ । ଯଦି ଏହି ଶିଳ୍ପର ଉତ୍ତମ ରୂପେ ସଂଗଠନ ହୁଅନ୍ତା ଏବଂ ସ୍ଥାନୀୟ ଲୋକଙ୍କୁ ଭଲ ଜିନିଷ ତିଆରି କରିବାକୁ ଶିକ୍ଷା ଦିଆଯାନ୍ତା, ତାହା ହେଲେ ଖଦ୍ଦରରୁ ଯାହା ଲାଭ ହେଉଅଛି, ସେଥିରୁ ଅଧିକ ଗୁଣ ଲାଭ ମିଳନ୍ତା ।

## ତାଳପତ୍ର କାମ

ଗତ ଲଣ୍ଡନ ପ୍ରଦର୍ଶନୀରେ ମାଲବାର ଉପକୂଳର ତିଆରି କେତେ ଗୁଡ଼ିଏ ତାଳପତ୍ର ଜିନିଷ ପ୍ରଦର୍ଶିତ ହୋଇଥିଲା । ତାହା ଇଂଲଣ୍ଡରେ କେତେକଙ୍କର ଦୃଷ୍ଟି ଆକର୍ଷଣ କଲା । ଭ୍ରମଣକାରୀମାନେ ତହିଁରେ ଜଳଖିଆ ନେଇ ଯିବା ପାଇଁ ସୁବିଧାଜନକ ହେବାର ପସନ୍ଦ କଲେ । ବର୍ତ୍ତମାନ ତାହାର ଆଦର ସେ ଦେଶରେ ବଢ଼ି ଯାଇଅଛି । ଯଦି ହଜାର ହଜାର ସଂଖ୍ୟାରେ ସେ ସବୁ ଇଂଲଣ୍ଡକୁ ରପ୍ତାନି କରାଯାଏ ତେବେ ଅଳ୍ପଦିନରେ ବିକ୍ରି ହୋଇ ପାରିବ ।

ଦେଖିଲେ ହିଁ ବୁଝାଯାଏ ଯେ ଏହା ବଡ଼ ସହଜରେ ବୁଣା ଯାଇପାରେ । ଗାଁର ଝିଅମାନଙ୍କୁ ଦେଖାଅ, ସେମାନେ ତାଳ ପତ୍ରର ପାଛିଆ, ବିଞ୍ଚଣା ଓ ଅନ୍ୟାନ୍ୟ ନାନା ପ୍ରକାର ଜିନିଷ ବୁଣୁଅଛନ୍ତି, ଏହାକୁ ସଙ୍ଗେ ସଙ୍ଗେ ବୁଣି ଦେଇ ପାରିବେ । ଏହି କେତେ ଦିନ ଭିତରେ ମୁଁ ପ୍ରାୟ ୧୦୦ ଜଣଙ୍କୁ ଏହା ଶିଖାଇ ସାରିଛି । କିନ୍ତୁ ଆମର ପ୍ରଧାନ ଅଭାବ ଉପଯୁକ୍ତ ସଂଗଠନ । ଏହି ଅଭାବରୁ ଏ ସବୁର ନମୁନା ଗାଁମାନଙ୍କରେ ଦେଖାଇବାର ସୁବିଧା ହେଉ ନାହିଁ । ଗାଁର ଲୋକେ ବୁଣି ସାରିଲେ ସେ ଗୁଡ଼ିକ ସଂଗ୍ରହ କରି ବିଦେଶକୁ ପଠାଇବାର ସୁବିଧା ନାହିଁ । ଶିଳ୍ପ ବିଭାଗ ଉମ୍ଭାର ଜିନିଷ ଦାମ ଦେଇ କିଣି ନେବାକୁ ପ୍ରସ୍ତୁତ । ଏହାର ସଂଗଠନ ପାଇଁ ଲକ୍ଷ ଲକ୍ଷ କିମ୍ବା ହଜାର ହଜାର ମୂଳଧନ ଦରକାର ନାହିଁ । ଅତି ସାମାନ୍ୟ ଟଙ୍କାରେ ଏ କାର୍ଯ୍ୟ ଚଳନ୍ତା ।

ଉପରେ ଯେ କେତେ ଗୋଟି ଶିଳ୍ପର ଉଲ୍ଲେଖ କରାଗଲା ତାହା ଛଡ଼ା ଅନେକ ଶ୍ରେଷ୍ଠ କୁଟୀର ଶିଳ୍ପ ଓଡ଼ିଶାରେ ଅଛି । କେବଳ ସଂଗଠନ ହେଲେ ଏ ଦେଶର ଅସଂଖ୍ୟ ଦରିଦ୍ରଙ୍କ ସକାଶେ ଯଥେଷ୍ଟ ଅର୍ଥର ବ୍ୟବସ୍ଥା ହୋଇ ପାରନ୍ତା ।

## କାଇଞ୍ଚ ପାଟିଆ

ଅନେକ ଗ୍ରାମରେ ବାଳିକା ଓ ସ୍ତ୍ରୀମାନେ କାଇଞ୍ଚ ପାଟିଆ ବୁଣନ୍ତି । କାଇଁଚ ବୁଣିବା ଲୋକଙ୍କର ସଂଖ୍ୟା କମ୍ ନୁହେ । କଲିକତାର ବଜାର ଏ ସବୁ କିଣିବାକୁ ଚାହେଁ ଅଥଚ ତାହା ଯୋଗାଇ ହେଉନାହିଁ । ଯଦି ଏହାର ସଂଗଠନ ହୁଅନ୍ତା କିମ୍ବା କୌଣସି ଗୋଟିଏ ସମିତି ଏହାକୁ କେବଳ କିଣି ପଠାଇବାର ବ୍ୟବସ୍ଥା କରନ୍ତା, ଏହା ସହଜରେ ଯଥେଷ୍ଟ ମିଳନ୍ତା । ବିକ୍ରି ହୋଇ ପାରିବ ନାହିଁ ବୋଲି ଲୋକେ ବେଶି ବୁଣୁ ନାହାନ୍ତି । ଥରେ ବିକ୍ରି ହୋଇଯିବା କଥା ବୁଝି ପାରିଲେ ସେମାନେ ବହୁ ପରିମାଣରେ ବୁଣିବାକୁ ଲାଗନ୍ତେ ।

ମୁଁ ଏଠାରେ ଆଉ ଗୋଟିଏ ଅତି କ୍ଷୁଦ୍ର ଶିଳ୍ପ କଥା କହିବି । ଓଡ଼ିଶାର ସ୍ତ୍ରୀଲୋକମାନେ ଅତି ସୁନ୍ଦର ବଡ଼ି ପ୍ରସ୍ତୁତ କରି ଜାଣନ୍ତି । ଏ ଜିନିଷଟିକୁ ସମସ୍ତେ ଭଲ ପାନ୍ତି । ଆଖୁବଡ଼ି ଅତି ଉପାଦେୟ ଖାଦ୍ୟ । ଓଡ଼ିଆ ଘରେ ଆଖୁବଡ଼ି ଗୋଟିଏ ବିଶେଷତ୍ୱ । ଯଦି କେହି ବଡ଼ିର ସରଞ୍ଜାମଗୁଡ଼ିକ ଘରେ ଘରେ ସ୍ତ୍ରୀଲୋକମାନଙ୍କ ଜିମା କରି ଦେଇ ସେମାନଙ୍କ ଦ୍ୱାରା ବଡ଼ି ତିଆରି କରାନ୍ତା ଏବଂ ସେମାନଙ୍କୁ ମଜୁରି ଦେଇ ସେ ଗୁଡ଼ିକ ସଂଗ୍ରହ କରନ୍ତା, ତାହାହେଲେ ସେ ଗୋଟିଏ ବେଶ୍ ଲାଭଜନକ ବ୍ୟବସାୟ ଗଢ଼ି ନେଇ ପାରନ୍ତା । ଏହାକୁ ବଜାରକୁ, ଭଦ୍ରଲୋକମାନଙ୍କ ଘରକୁ କିମ୍ବା କଲିକତାକୁ ପଠାଇ ଦିଅ, ବହୁ ମୂଲ୍ୟରେ ତାହା ଲୋକେ କିଣି ନେବେ ।

ଏଥିରୁ ସ୍ପଷ୍ଟ ପ୍ରକାଶ ପାଉଅଛି ଯେ କୁଟୀରଶିଳ୍ପର ସଂଗଠନ ହେଲେ ଆମ୍ଭମାନଙ୍କର ଲୋକେ ସହଜରେ କିଛି ଉପାର୍ଜନ କରି ପାରନ୍ତେ । ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥା ଯଥେଷ୍ଟ ଉନ୍ନତି ଲାଭ କରନ୍ତା । ଏହି ଶିଳ୍ପର ଶିକ୍ଷା ପ୍ରାଇମେରି ସ୍କୁଲର ଶ୍ରେଷ୍ଠ ବାଳକ ବାଳିକାମାନଙ୍କଠାରୁ ହିଁ ଆରମ୍ଭ ହେବା ଉଚିତ । ପ୍ରାଇମେରି ଶିକ୍ଷା ପରେ ଅନେକ ପିଲା ଲେଖା ପଢ଼ା ଛାଡ଼ି ଦିଅନ୍ତି । ସେହିମାନେ ହିଁ ପରେ ଗ୍ରାମବାସୀ ହୁଅନ୍ତି । ତେଣୁ ପ୍ରାଇମେରି ସ୍କୁଲର ପାଠ୍ୟ ତାଲିକା ଏପରି ହେବା ଉଚିତ ଯହିଁରେ ଶିଶୁମାନଙ୍କର ଆଦ୍ୟରୁ କୁଟୀର ଶିଳ୍ପ ପ୍ରତି ଶ୍ରଦ୍ଧା ଜାତ ହେବ । ପାଠ ପଢ଼ା ସଙ୍ଗେ ସଙ୍ଗେ ଏହି ରୁଚି ଗଠିତ ହେବା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

କୁଟୀର ଶିଳ୍ପର ଉନ୍ନତି ଲାଗି ସ୍ଥାନେ ସ୍ଥାନେ ସମିତିମାନ ଗଠିତ ହେବା ପ୍ରୟୋଜନ । ଓଡ଼ିଶା ଏବଂ ଓଡ଼ିଶା ବାହାରର କୁଟୀରଶିଳ୍ପଜାତ ଦ୍ରବ୍ୟମାନଙ୍କର ସଂରକ୍ଷଣ ପାଇଁ ପ୍ରତି ସହରରେ ଗୋଟିଏ ଗୋଟିଏ ଯାଦୁଘର (museum) ସ୍ଥାପିତ ହେବା ଉଚିତ । ଏହିଠାରେ ଓଡ଼ିଶାର କର୍ମୀମାନେ ଭିନ୍ନ ଭିନ୍ନ ସ୍ଥାନର ପଦାର୍ଥମାନ ଦେଖି ନୂଆ ନୂଆ ପ୍ରକାରର ଜିନିଷ ପ୍ରସ୍ତୁତ କରିବାକୁ ଶିଖିବେ । ଏହା ବ୍ୟତୀତ ବଡ଼ ବଡ଼ ବେପାରୀମାନେ ଏହି ସ୍ଥାନରେ ସମସ୍ତ ପଦାର୍ଥମାନ ଦେଖି ଖରିଦ କରିବାର ବ୍ୟବସ୍ଥା କରି ପାରିବେ ଏବଂ କ୍ରମେ ଏହି ଶିଳ୍ପ ଉନ୍ନତି ଲାଭ କରି ପାରିବ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଓଡ଼ିଶାର ପ୍ରତ୍ୟେକ ଗ୍ରାମ ଏବଂ ସହରରେ କୁଟୀର ଶିଳ୍ପର ସଂଗଠନ କରାଯାଉ । ସରକାର ମଧ୍ୟ ଏସବୁ ସଂଗଠନରେ ସାହାଯ୍ୟ କରନ୍ତୁ ଏବଂ ଓଡ଼ିଆ ଜାତିର ସମୂହ ଆର୍ଥିକ ଉନ୍ନତି ଦିଗରେ ଯେଉଁମାନଙ୍କର ବିଶ୍ୱାସ ଅଛି ସେମାନେ ସମସ୍ତେ ଏଥିରେ ମନଯୋଗୀ ହୁଅନ୍ତୁ ।

Digitized by srujanika@gmail.com

# ସଂଗୀତ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

( ୧ )

ବସନ୍ତ—ଏକତାଲ

ଆଜି ଏ ନୀରବ ନିବିଡ଼ ରାତିରେ
ଆସିଛ ତୁମେ ଆସିଛ
ତନ୍ଦ୍ରାଜଡ଼ିତ ଜୋଛନା ସାଥିରେ
ଆସିଛ ତୁମେ ଆସିଛ ।
ବେଦନା-ବିଧୁର ଆଖିପତା ଚୁମି
ମଦିର ଅଧରେ, ଦେଇଛ ଉଷୁମି,
ବିରହ-ବାଉଳ ବସନ୍ତ-ମାଝି ହେ
ଆସିଛ ତୁମେ ଆସିଛ ।
କେତେ ଦିବା-ନିଶି କେତେ ରବି-ଶଶୀ
ଗଲେଣି ଭ୍ରମି ଭ୍ରମି ହେ,
କେତେ ଫୁଲ ଗଲେ ମୁକୁଳେ ମଉଳି
ସରମେ, ନିଠୁର ମରମୀ ହେ;
ବହି ବହି ଗଲା କେତେ ବା'ବତାସ,
ଦହି ଦହି ଗଲା କେତେ ହା-ହୁତାଶ,
ବିରଲେ ଅଳସ ଅଶ୍ରୁ-ତାତିରେ
ଆସିଛ ତୁମେ ଆସିଛ ।

( ୨ )

ହିନ୍ଦୋଳ—ଏକତାଲ

ମମ ଅନ୍ତର କୁଞ୍ଜ ଭବନେ, ରାଜ ହେ ସଖା ରାଜ
ନବ ନଟବର ନାଗର ବେଶେ, ସାଜ କୁସୁମ ସାଜ ।
ଜାଗିଛି ପ୍ରାଣେ ଅତୁଳ ଛନ୍ଦ
ଆକୁଳ କଲାଣି ବକୁଳ ଗନ୍ଧ,
ହିନ୍ଦୋଳ ସ୍ୱରେ ଜୀବନ ମୁରଲୀ, ମନ୍ଦ ମଧୁରେ ବାଜ ।
ମତ୍ତ ମଳୟ ଉଡ଼ାଇ ଦେଇଛି
ଜାତି, କୁଳ, ଭୟ, ଲଜ୍ଜା,
ମାନ, ଅଭିମାନ ସକଳ ପାସୋରି,
ରଚିଛି ଏ ଫୁଲ ସଜ୍ଜା;
'ମୋର' ବୋଲି ମୋର ଅଛି ଯାହା କିଛି,
ଆଜି ପାଇଁ ସିନା ସମ୍ବାଦ ରଖିଛି,
କାନ୍ତ ହେ, ତବ ଚରଣ ପ୍ରାନ୍ତେ ଲୋଟାଇ ଦେବି ମୁଁ ଆଜି ।

Digitized by srujanika@gmail.com

# ମଜଲିସ୍

**ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ**

ଅନେକ ଦିନ ପରେ କାମ ପଡ଼ିଲା, ବରହମପୁର ଗଲି । ପଢ଼ିବା ବେଳେ ଥରେ ଯାଇଥିଲି, ସହିଲଗା ଦେଖିବାକୁ । କେତେ ରଙ୍ଗିନ୍ ଛବି ମୋର କାହିଁ ଅପସରି ଯାଇଛି । ତେତେବେଳେ କାମ ଥିଲା, ଯହିଁରେ କଡ଼ାକରି ଫାଇଦା ନାହିଁ, ସେଥିରେ ମନ ପ୍ରାଣ ଦେଇ ଲାଗି ପଡ଼ିବା । ଏବେ କାମରୁ ଫୁରୁସତ୍ ପାଇ ସୁଦ୍ଧା ସେପରି କିଛି କରିବା ତ ଦୂରର କଥା, ଭାବିବାର ମଧ୍ୟ ଇଚ୍ଛା ବା ପ୍ରବୃତ୍ତି ନାହିଁ ।

ଥାଉ ସେ କଥା । ଗୋଟିଏ ହୋଟେଲରେ ଆଶ୍ରୟ ନେଇ ଯଥାଶୀଘ୍ର ମୋର କର୍ତ୍ତବ୍ୟରେ ଲାଗି ପଡ଼ିଲି । ସନ୍ଧ୍ୟା ବେଳେ ବୁଲି ଗଲି, ବନ୍ଧ ଆଡ଼େ । ପଛ ଆଡ଼ୁ କିଏ ଜଣେ ହଠାତ୍ ମୋର ଆଖି ବୁଜି ଧରିଲେ । କିଛି କହି ପାରିଲି ନାହିଁ ; ବିରକ୍ତିରେ ହାତ ଦୁଇଟା ସଜୋରରେ କାଢ଼ି ନେଇ ଦେଖିଲି, ଶ୍ରୀହରି ବାବୁ ହସୁଛନ୍ତି । ତାଙ୍କୁ ଧରି କୁଣ୍ଢାଇ ପକାଇଲି । କେତେ ମିଷ୍ଟାଳାପ, ଦୁଃଖସୁଖ ପରେ ସେ ଜିଦ୍ ଧରି ବସିଲେ, ମତେ ତାଙ୍କ ଘରକୁ ନେବେ । ନାହିଁ କରିବି କିପରି ? ଗଲି ।

ଭଲ ଛାତ୍ର ବୋଲି ତାଙ୍କର ନାମ ଥିଲା । ବୟସରେ କମ ହେଲେ ମଧ୍ୟ ତାଙ୍କ ପ୍ରତି ମୋର ଶ୍ରଦ୍ଧା ଥିଲା । ସେହି ଦିନୁଁ ଆଉ ତାଙ୍କୁ ଦେଖି ନାହିଁ । ସେହି ରଙ୍ଗିନ୍ ଛବି ପୁଣି ଆଖି ଆଗରେ ନାଚିଗଲା । ଅତୀତ ସବୁବେଳେ ସୁନ୍ଦର । ବର୍ତ୍ତମାନଟାକୁ ସିନା ସମସ୍ତଙ୍କର ଡର । ଅନ୍ଧକାରମୟ ଭବିଷ୍ୟତ କଥା ତ ଜାଣି ଅଲଗା । ଆମର ଯାହା କଥା ହେଲା, ସବୁ ଅତୀତକୁ ଆଶ୍ରୟ କରି ।

ତାଙ୍କ ଘର ଭିତରେ ପଶି ମୁଗ୍ଧ ହୋଇ ଗଲି । କି ସୁନ୍ଦର ସାଜ ସଜ୍ଜା । ପିଲା ଦୁଇଟି ଆସି ତାଙ୍କୁ ଘେରି ବସିଲେ । ସୁନ୍ଦର ସୁସ୍ଥ ଅବୟବ ଦେଖି ନିଜକୁ ଭୁଲି ଗଲି । ଆନନ୍ଦରେ ଧରିବାକୁ ଗଲି, ଛୁଟି ପଳାଇ ଗଲେ ।

ଚା’, ଜଳପାନ, ପାନ ଓ ମସଲାର ବରାଦ ଦେଇ ଶ୍ରୀହରି ବାବୁ କେତେ କଥା ଗପି ଗଲେ । କେତେ ମୋ କାନରେ ପଶିଲା, କେତେ କୁଆଡ଼େ ଉଡ଼ି ଗଲା । ଘରର ଏଣେ ତେଣେ ଚାହିଁ ମୁଁ କେତେ କଣ ଭାବୁଥାଏଁ । ଦୁଇଜଣ ଭଦ୍ରଲୋକ ଆସି ପହଞ୍ଚିଗଲେ । ଭାରି ମିଷ୍ଟାଳାପୀ ତ ଦୁଇଜଣ ଯାକ ! ମୋ ସହିତ ପରିଚୟ ପରେ ହସର ଲହରୀ ଉପରେ ସୁଅ ଚାଲିଲା ।

ଶ୍ରୀହରି କହିଲେ, “ହାଇ ହୋ ରାମଚନ୍ଦ୍ର, କହିଲ ନାହିଁ ଆଜିଯାଏ, ତମର ମତ କ’ଣ ?—ବେଶି ଚାଲାକ୍ କିଏ, ବେଶି ବୋକା ବା କିଏ ?”

“ଓଃ, ଏହି କଥା ? ଆଜିଯାଏ ଅପଣ ପଚାରିଥିଲେ କେବେ କି? ସେ ପାଦ୍ରୀ ସାହେବ ତ ନିଷ୍ଟୟ ପଣ୍ଡିତଙ୍କଠାରୁ ବେଶି ବୁଝିଆ । ରହିମତ୍ ଉଲ୍ଲାଙ୍କ ବୁଦ୍ଧିକୁ ପସନ୍ଦ ନ କରିବ କିଏ ?”

ସେ ତିନି ଜଣ ମିଶି ହୋ ହୋ ହସି ଉଠିଲେ । ମୁଁ କିଂକର୍ତ୍ତବ୍ୟବିମୂଢ଼ ଥକ୍କା ହୋଇ, ଅମ୍ବୁଲ ଚାଟିବା ପରି ମୁହଁ କରି ଦାନ୍ତ ନିକୁଟିବାକୁ ଲାଗିଲି । ଶ୍ରୀହରି ମୋର ଦୁର୍ଦ୍ଦଶା ବୁଝିପାରି କହିଲେ, “ଅପଣ ବୋଧ-ହୁଏ ରସ ଗ୍ରହଣ କରି ପାରିଲେ ନାହିଁ ।”

ମୁଁ କହିଲି, “ ‘ବୋଧହୁଏ’ କଥାଟା ଅପଣଙ୍କର ନିତାନ୍ତ ଉପରୋଧ ମିଶା ମିଛ କଥା । ବୋଧହୁଏ କାହିଁକି, ନିଷ୍ଟୟ ତ ଜାଣି ପାରି ନାହିଁ ।”

“ଆଛା ହେଉ ଦୀନବନ୍ଧୁ ବାବୁ, କହନ୍ତୁ ନା, ଆଉ ଥରେ, ଏ ମହାଶୟ ଟିକିଏ ଶୁଣିବେ ।”

ଶ୍ରୀହରିଙ୍କର ଉପରୋଧ ରକ୍ଷା କରି, ଦୀନବନ୍ଧୁ କହିବାକୁ ଲାଗିଲେ ;—

“କେତେ କାଳ ବିତି ଗଲାଣି, ପାଦ୍ରୀମାନେ ଏ ଦେଶକୁ ଆସି ଏତେ ବ୍ୟାପି ଯାଇ ନ ଥିଲେ । ପୁରୀ ରଥ ବେଳେ ବଡ଼ ଦାଣ୍ଡରେ ଠିଆ ହୋଇ ଜଗନ୍ନାଥଙ୍କ ଚଉଦ ପୁରୁଷ ଶ୍ରାଦ୍ଧ କରିବା ଥିଲା, ସେମାନଙ୍କର ବଡ଼ କାମ । ଲୋକଙ୍କଠାରୁ ମାଡ଼ଗାଳି ଥିଲା, ସେମାନଙ୍କର ଉପରି ଲାଭ । ତେତେବେଳେ ଦେଖିଛି, ପାଦ୍ରୀଯାକ ପ୍ରାୟ ଦାଢ଼ିଆ ବୁଢ଼ା ଥିଲେ । ଧୋବଲା ମୁହଁକୁ ଧୋବ ଫର ଫର ପାକଲା ଦାଢ଼ି ବେଶ୍ ମାନୁ ଥିଲା । ଆଜିକାଲି ପାଦ୍ରୀଙ୍କ ପରି ସୁଚିକ୍କଣ ସଦ୍ୟ କ୍ଷୌରି ମୁଖମଣ୍ଡଳ ଘେନି ସେମାନେ ବାହାରୁ ନ ଥିଲେ । ଆଜିକାଲି କାହିଁକି ସେମାନେ ଆଉ ଦାଢ଼ିର ପ୍ରୟାସୀ ନୁହନ୍ତି, ତାହାର ଗୋଟିଏ ଗୁଢ଼ କାରଣ ମତେ ଜଣା ଅଛି । ମନ ଦେଇ ଶୁଣନ୍ତୁ, ବୁଝି ପାରିବେ ।

“ପିଲା କୁଟୁମ୍ବ ନେଇ ଥରେ ଯାଇଛି, ରଥଯାତ୍ରା ଦେଖି, ପୁରୀ । ମନୁଷ୍ୟ-ସମୁଦ୍ର ମଧ୍ୟରେ ବଡ଼ ଦାଣ୍ଡର ଗୋଟିଏ ପାଖରେ ଦେଖିଲି, ଜଣେ ବୁଢ଼ା ପାଦ୍ରୀ । ଗୋଡ଼ଅଡ଼ର ଶୁଭ୍ର ପୋଷାକ ପରିଚ୍ଛଦଠାରୁ ଦେହର ରଙ୍ଗ ଅଧିକ ବେଶି । ମାତ୍ର ଦାଢ଼ିଟି କାହିଁ ନାହିଁ । ସଦ୍ୟ କ୍ଷୌରି ମୁଖମଣ୍ଡଳ ଠାଏ ଠାଏ କଟି ଯାଇଛି । ଦୁଇ ଜଣ ଶିଷ୍ୟ ତାଙ୍କର ଓଡ଼ିଆ ଗୀତ ବୋଲୁ ଥାଆନ୍ତି । ପାଦ୍ରୀ ମହାଶୟ ଝୁଲି ଝୁଲି ସଙ୍ଗୀତ ଉପଭୋଗ କରି ଦୁଆ ଧରି ଗାଉ ଥାଆନ୍ତି । ଜନତା ମଧ୍ୟରୁ କେହି ତାଙ୍କୁ ଅଶ୍ଳୀଳ ପରିହାସ କରୁ ଥାଏ ; କେହି ଅବା ଧୂଳି ମାଟି ଫିଙ୍ଗି ଦେଇ ମନ ଓରମାନ ମେଣ୍ଟାଉ ଥାଏ ।

“ଦୁଇ ତିନି ଜଣ ବ୍ରାହ୍ମଣଙ୍କୁ ପାଦ୍ରୀ ସାହେବ ପାଖକୁ ଡାକି ପଚାରିଲେ ‘ଅପନ୍‌ମାନେ କନ୍ ପନସ୍ ଖାଇଛନ୍ତି କି ?’ କେହି କିଛି ବୁଝି ନ ପାରି ତାଙ୍କୁ ଗାଳି ଦେବାରେ ଲାଗି ଥାଆନ୍ତି । କିଏ କହୁଥାଏ, ‘ତୋ ମୁଣ୍ଡ ଖାଇଛୁଁ ।’ ଆଉ କିଏ ହସି ହସି ତାଳି ମାରୁଥାଏ । ମୁଁ ଟିକିଏ ପାଖକୁ ଯିବାର ଦେଖି, ପାଦ୍ରୀ ସାହେବ

Digitized by srujanika@gmail.com

ମତେ ମଧ୍ୟ ଠିକ୍ ସେହି ପ୍ରଶ୍ନ ପଚାରିଲେ । ମୁଁ କହିଲି, ' ନା ମହାଶୟ, ଗ୍ରୀଷ୍ମ ବେଳ, ହଇଜା ଏତେବେଳେ ଟିକିଏ ବାଟ ପାଇଲେ, ମାଡ଼ି ବସିବ । ଏ ସମୟରେ କିଏ ପଣସ ଖାଏ ?'

"ବାରମ୍ବାର ମୁଣ୍ଡ ହଲାଇ ସେ କହିଲେ, 'ନା, ନା ଆପନ୍ ନିଶ୍ଚୟ ପନସ୍—'

"ଅବାକ୍ ହୋଇ ନିହାତ୍ ଭଦ୍ର ଭାବରେ ତାଙ୍କୁ କହିଲି, 'କଦାପି ନୁହେଁ, ମୁଁ ଆପଣଙ୍କୁ କାହିଁକି ମିଛ କହିବି ?'

"ହସି ହସି ପାଦ୍ରୀ କହିଲେ, 'ତେବେ ଆପନ୍ ମୁହଁ ତମାମ୍ କ୍ଷୌର ହୋଇଛନ୍ତି କାହିଁକି ?'

"ମୁହଁ କ୍ଷୌର ସହିତ ପଣସ ଖିଆର କି ସମ୍ପର୍କ ବୁଝି ନ ପାରି ମୁଁ ହସିବାକୁ ଲାଗିଲି । ଆଖପାଖ ଲୋକେ ସମସ୍ତେ ହସିଲେ । ମୁଣ୍ଡ ହଲାଇ ହଲାଇ, ମୋ ପାଖକୁ ଚାଲି ଆସି ପାଦ୍ରୀ ସାହେବ ଯାହା କହିଲେ, ତାହାର ସାରାଂଶ ଏହିପରି:—

'ବିଲାତରେ ଥାଇ ତମ ଦେଶର ଆମ୍ବ, ପିଜୁଳି ଓ ସପୁରି କେବେ କିମିତି ଚାଖିବାକୁ ପାଇ, ତମ ଦେଶ ପ୍ରତି ବଡ଼ ଆକୃଷ୍ଟ ହୋଇଥିଲି । ଯିଏ ଯାକୁ ତାକୁ ପଚାରି ବୁଝିଥିଲି, ସବୁଠାରୁ ବଡ଼ ଓ ସୁସ୍ୱାଦୁ ଫଳ ହେଉଛି, ପଣସ; କେବେ ଦେଖି ନ ଥିଲି କି ଚାଖି ନଥିଲି ।

'ବହୁ ଦିନର ଚେଷ୍ଟାର ଫଳରେ ଏହି କେତେ ଦିନ ହେବ ଏଠାକୁ ଆସିଛି । ବାଟରେ ଆସୁ ଆସୁ, ଏତେ ବଡ଼ ସୁସ୍ୱାଦୁ ଫଳ କଥା ମନେ ପକାଇ ପାଟିରୁ ଲାଳ ବୁହାଇ ଥିଲି । ଆସି ପହଞ୍ଚିବା ପରେ, ଖାନସମାକୁ କହିଲି, ଗୋଟିଏ ବଡ଼ ପଣସ ପାଇଁ । ବାରଅଣା ପଇସା ଦେଇ ଗୋଟିଏ ଦେଢ଼ ହାତ ଲମ୍ବା ପଣସ ଆଣି ସେ ଦେଲା । ତାକୁ ଦେଖି ମୁଗ୍ଧ ହୋଇ ଗଲି । ଦେହ ତମାମ କଣ୍ଟା ନ ଥିଲେ ସର୍ବାଙ୍ଗରେ ତାର ଚୁମ୍ବନ ଦେଇ ଥାଆନ୍ତି ।

'ତର ସହିଲା ନାହିଁ । ଟେବୁଲ ଉପରେ ତାକୁ ରଖି ଦେଇ ଛୁରି ନେଇ ଟୁକୁରା ଟୁକୁରା କରି କାଟି ପକାଇଲି । ଜିଭ ଲହ ଲହ ଓ ପେଟ ତେତେବେଳେ ହାବୁ ହାବୁ କରୁଥାଏ । କପରି ଖାଇ ଦେବି । ଅନାଭବସ୍ଫୁଟ ଧୋବ ଫର ଫର ଦାଢ଼ିଟି ମୋର ସମୁଦ୍ର ହାଓଆରେ ଉଡ଼ି ବୁଲୁଥାଏ । ଯେମିତି ନେଇ ଖଣ୍ଡେ ପଣସ ପାଟିରେ ପୂରାଇଛି, ଓଃ କି ଶକ୍ତ ! ଚୋବାଇ ପାରିଲି ନାହିଁ । ଖଣ୍ଡ ଖଣ୍ଡ କରି ଯେତେ ଖଣ୍ଡ ଥିଲା ସବୁ ଯାକ ଚେଷ୍ଟା କରି ଦେଖିଲି । ଏକା ଦଶା ! ବିରକ୍ତ ହୋଇ ଖାନସମାକୁ ଡାକିଲି । ଧାଇଁ ଆସି ବିଚାରା ଅବାକ୍ ହୋଇ ଠିଆ ହେଲା । ସେଟା କଞ୍ଚା, ଆଜି ଗଛରୁ ତୋଳାଇ ଆଣିଥିଲା ବୋଲି କହିଲା । ଦିନେ ଦୁଇ ଦିନ ଘରେ ଥିଲେ, ପାଚି ସୁଖାଦ୍ୟ ହୋଇ ଥାଆନ୍ତା ।

'ତେତେବେଳେ ଚେତନ ପଶିଲା ମୋର । ହାତ ଦୁଇଟା ଦେଖେଁ, ଅଠା । ପାଟି ମୁହଁ ସବୁ ଅଠା ! ଆହା, ମୋର କେତେ ଯୁଗର, କେତେ ଆଦରର ସୁଦୃଶ୍ୟ ଦାଢ଼ିଟି ବି ଅଠା ! ଯାହା ବା ବାକି ଥିଲା, ବିକଳରେ ଅଠା ହାତ ବୁଲାଇ ଦାଢ଼ିତମାମ ଚକଟା ଅଠା କରି ଦେଲି ।

'ତା' ପରେ ଖାନସମା ଚାକର ନୌକର ସମସ୍ତେ ମିଶି ପାଣି, ସାବୁନ୍, ସାଜିମାଟି, ବନମାଟି ଯେତେ ଯେ ଯାହା ଆଣି ଲଗାଇଲା, କାହିଁରେ ଦାଢ଼ି ସଫା ନ ହୋଇ, ମେଞ୍ଚା ମେଞ୍ଚା ହୋଇଗଲା । ଦର୍ପଣରେ ମୁହଁ ଦେଖି, ହସିଲି, କାନ୍ଦିଲି, ରାଗିଲି । ବିଲାତରୁ ମେମ୍ ସାହେବ ଆସି ମତେ ଚାହିଁ କଣ କହିବେ ? ହାରେ କପାଳ ! କାହାକୁ ଦୋଷ ଦେବି ?

'ଉପାୟ ଅସି ଚାଞ୍ଚି ଚୁଞ୍ଚି ଦାଢ଼ିଟିକୁ ମୋର ଅନ୍ତର୍ଦ୍ଧାନ କରାଇ ଦେଲା । ଅତଏବ ମନେ କରିଥିଲି ତମେ ସବୁ ମୋରି ପରି ପଣସ ଖାଇ ଦାଢ଼ି ଚାଞ୍ଛିଛ ବୋଲି, ସେଥିପାଇଁ ପଚାରୁ ଥିଲି ।"

ହୋ ହୋ ହୋଇ ହସି ଉଠିଲି । ଟିକିଏ ପ୍ରକୃତିସ୍ଥ ହୋଇ ସିଦ୍ ଲଗାଇଲି, ପଣ୍ଡିତଙ୍କ କଥା ଶୁଣିବା ପାଇଁ । ପାନ ଖଣ୍ଡେ ଖାଇ, ନାସ ଟିକିଏ ଶୁଙ୍ଘି, ସେ ପୁଣି କଥା ଆରମ୍ଭ କରି ଦେଲେ;—

"କଥାରେ ଅଛି, ନ ଦେଖିଲା ଉଆଉ ଛ' ଫଡ଼ା । ତମେ ସବୁ ବିଶ୍ୱାସ କର ବା ନ କର, ମୋର ଯାଏ ଆସେ କେତେ ? ଏଟା ଆମ ଗାଁ କଥା । ସେତେବେଳେ ମୋର ବୟସ ବାର କି ତେର । ହଁ, ଏହିପରି ହେବ; ନଇଲେ, ଆଉ ବର୍ଷେ ଦୁଇ ବର୍ଷ କମ୍ ବା ବେଶୀ— ଆହା, ମରି ଗଲେଣି, ଆମ ଗାଁ ପଣ୍ଡିତ, ରାମ ମିଶ୍ରେ । ଶୁଣା ଅଛି, କାଶୀରେ ସେ କେବଳ ପାଣିନି ବ୍ୟାକରଣ ପନ୍ଦର ବର୍ଷ ପଢ଼ିଥିଲେ । କାବ୍ୟ, ନାଟକ, ଅଳଙ୍କାରରେ ଖଣିଟିଏ ଥିଲେ ସେ । ରାଜା ମହାରାଜାଙ୍କ ପାଖରେ ତାଙ୍କର ଆଦର ଥିଲା ଯେପରି, ପେଟ ପାଟଣା ଚଳିବା ମଧ୍ୟ ଥିଲା, ସେହିପରି ସୁଗମ । ନିଜର କିଛି ସନ୍ତାନ ସନ୍ତତି ନ ଥିଲେ କଣ ହେଲା, ଘରଟା ତାଙ୍କର ଥିଲା, ଗୋଟାଏ ମାଛ ହାଟ । ତାଙ୍କ ମୃତ ଭାଇଙ୍କର ପିଲା ଝିଲା, ନାତି ନାତୁଣୀ ମିଶି ରାତି ଦିନ ଘରଟାକୁ ଗୋଟାଏ ନିଆଁ ଲଗା ମେଣ୍ଢା ଗୁହାଳରେ ପରିଣତ କରିଥିଲେ ।

"ପଣ୍ଡିତେ ଓ ତାଙ୍କ ସ୍ତ୍ରୀଙ୍କ ଭିତରେ ଦାମ୍ପତ୍ୟ ପ୍ରେମ ଯଥେଷ୍ଟ ଥିଲା ସତ ; ହେଲେ କଣ ହେବ, ଏ ପିଲା ଗୁଡ଼ାଙ୍କ ଉପଦ୍ରବ ଓ ଉପଦ୍ରବ ନେଇ ସମୟେ ସମୟେ ଉଭୟଙ୍କ ମଧ୍ୟରେ ମହା ତାଣ୍ଡବ ଲାଗୁଥିଲା । ବାସ୍ତବିକ କଥା, ସେ ଗୁଡ଼ାଙ୍କୁ ତ କେବେ କେହି ଖୋଜି ଲୋଡ଼ି ଆଣୁ ନ ଥାଏ । ଆପେ ଆସି ବଳେ ପଶି ମଙ୍ଗଳବାର ମୁଣ୍ଡ ଥାଆନ୍ତି । ପଣ୍ଡିତ ବିଚାରା କରିବେ କଣ, ବଡ଼ ଅମାୟିକ ପ୍ରକୃତିର ଲୋକ ସେ । ଭାଇଙ୍କ ଭଜାମାଲ ସମ୍ପତ୍ତି ମାଣେ କଣେ ହେଉ ପଛକେ ଭୋଗ କରୁଛନ୍ତି ତ ! ତାଙ୍କ ଠାରୁ ସମ୍ପର୍କ ନାତି ନାତୁଣୀମାନଙ୍କୁ ଚଡ଼ି ବାହାର କରି ଦେବେ କିପରି ?

"ଯେ କୌଣସି ପ୍ରକାରରେ, ଚାଉଳ ମୁଠାକର ଯୋଗାଡ଼ ହେଲେ ସୁଦ୍ଧା, ପନିପରିବା ଏ ପରିବାରକୁ କେତେବେଳେ ଯୋଗାଇ ହୁଏ ନାହିଁ । ଆଜି ଯଦି ବାଡ଼ିରୁ କଖାରୁଟାଏ, ଶଜନା ଶାଗ କେରାଏ, କାଲି ହାଟରୁ କଲରା ବା ବାଇଗଣ ବିଶାଏ ଆଣି ଦାଖଲ କଲେ ସୁଦ୍ଧା, ଗୃହିଣୀଙ୍କ ବାକ୍ୟବାଣରୁ ନିସ୍ତାର ପାଇ ପାରନ୍ତି ନାହିଁ । ସବୁବେଳେ ତରକାରିର ଅଭାବ ଏ ଦମ୍ପତିର ସ୍ନେହ ସୌହାର୍ଦ୍ଦ୍ୟର ଅଭାବ ଘଟାଏ ।

"ଆମ ଗାଁ ପାଖେ ତ ବନମାଳୀପୁର ହାଟ, ବଡ଼ ପ୍ରସିଦ୍ଧ । ଦଶ କୋଶ ପାଞ୍ଚ କୋଶରୁ ଲୋକେ ଏ ହାଟରୁ ସଉଦା କରନ୍ତି । ଜ୍ୟେଷ୍ଠ ମାସର ପ୍ରଚଣ୍ଡ ଗ୍ରୀଷ୍ମରେ ଶାଗମୁଗର ନିତାନ୍ତ ଅଭାବ । ପଣ୍ଡିତେ ମହା ବିରକ୍ତ ହୋଇ ହାଟକୁ ଯାଇ ଥାଆନ୍ତି । ପାଚୁଆ ବାଇଗଣ ଓ ପିତା ଶୁଖୁଆ ସେ ଦିନ ହାଟରେ ଭର୍ତ୍ତି ହୋଇଥାଏ । ପଣ୍ଡିତେ ତ ଶୁଖୁଆ ପାଖ ମାଡ଼ିବେ ନାହିଁ । ନାକରେ ଗାମୁଛା ଗୁଞ୍ଜି ଯାଇ ପହଞ୍ଚିଲେ ବାଇଗଣ ହାଟ ପାଖେ । ସୁଦୃଶ୍ୟ ସୁଗୋଲ ବାଇଗଣ ଗୁଡ଼ିକ ଦେଖିବାକୁ ଖୁବ୍ ବଡ଼, ମାତ୍ର ଭିତର ତାର ମଞ୍ଜିଭର୍ତ୍ତି । ଯେ ଦେଖିଛି, ଯେ ଚାଖିଛି, ସେ କହି ପାରିବ ଏହାର ଗୁଣ । ତମେ ସବୁ ଜାଣ କି ନାହିଁ, କେ ଜାଣି ।

"ଶଗଡ଼ ଶଗଡ଼ ବାଇଗଣ ଦେଖି ପଣ୍ଡିତେ ଭାରି ମୁଗ୍ଧ । ପଇକାଣି ଭାଉ ପଚାରି ବୁଝିଲେ ଯେ, ଶଗଡ଼ ଦରଅ ନେଲେ ପଇସାକୁ ଚାରି ବିଶା । ଗୃହିଣୀଙ୍କ ସବୁ ଜଞ୍ଜାଳ ମନେ ପଡ଼ି, ଆଜି ଏତେ ସହଜରେ ତାର ପ୍ରତିଶୋଧ ଦେଇ ପାରିବେ ବୋଲି ବଡ଼ ଖୁସିଟାଏ ହେଲେ । ଧାର ଉଧାର କରି ପାଞ୍ଚ ଟଙ୍କାରେ ସାତ ଶଗଡ଼ ବାଇଗଣ କିଣି, ତା ଉପରେ ପୁଣି କିଛି ଶଗଡ଼ ଭଡ଼ା ଦେବାର ଚୁକ୍ତି କରି ସବୁ ଶଗଡ଼ିଆଙ୍କୁ ଘେନି ପଣ୍ଡିତେ ଗାଁରେ ଆସି ହାଜର ।

"ମୁଣ୍ଡରେ ଠେକାଟାଏ ବାନ୍ଧି ଶଗଡ଼ ଆଗେ ଆଗେ ପଣ୍ଡିତଙ୍କ ଶୁଭାଗମନ ଦେଖି, ଗାଁର ଅନେକ ଲୋକ ଶଗଡ଼ର ପଛେ ପଛେ ଚାଲିଲେ । ମୁଁ ମଧ୍ୟ ଯିବାକୁ ଛାଡ଼ି ନାହିଁ । ପଣ୍ଡିତଙ୍କ ସାଙ୍ଗେ ସାଙ୍ଗେ ମୁଁ ତାଙ୍କ ଘର ଭିତରେ ପଶିଗଲି । ପଣ୍ଡିତେ ଡାକିଲେ,—'ହଇହୋ, କାହିଁଗଲ ? ଏବେ ନିଅ । ସବୁବେଳେ ଟିକିଏ ବସାଇ ଉଠାଇ ଦେବ ନାହିଁ—ପନିପରିବା କାହିଁ, ପନିପରିବା କାହିଁ ? ସେଥିପାଇଁ ମନ ଖୁସିରେ ଟିକିଏ ପାଖରେ ବସି କଥା ସୁଦ୍ଧା କହିବ ନାହିଁ ।'

"ଲସର ପସର ଧାଇଁ ଆସି ଗୃହିଣୀ କହିଲେ, 'କଣ ହୋଇଛି କି? ଆଜି ଏତେ ସବାଗ କାହିଁକି ?'

"'ଆରେ ଆଜି ଆଉ ପୁଣି ଭାବନା ! ହାଟରୁ ସାତ ଶଗଡ଼ ବାଇଗଣ ଆଣିଛି ; ଦାମ ଜମା ପାଞ୍ଚ ଟଙ୍କା । ତରକାରି କର, ଭାଜ, ସିଝାଓ, ଯାହା ଇଚ୍ଛା କର । ଏଠି ବର୍ଷକ ଯାଏ ଆଉ ତରକାରି କଷ୍ଟ ଆମର ନାହିଁ ।'

"ପଣ୍ଡିତେ ଭାବିଥିଲେ, ସ୍ତ୍ରୀ ତାଙ୍କର ଆନନ୍ଦରେ ଗଦ୍‌ଗଦ୍ ହୋଇ ସ୍ନେହ ସବାଗରେ କେତେ କ'ଣ କହି ଯିବେ । ମାତ୍ର ଦେଖିଲେ, ଠିକ୍ ଓଲଟା । ଏ କଥା ଶୁଣି ବ୍ରାହ୍ମଣୀ କାନ୍ଦି ପକାଇ କହିଲେ—'କପାଳ ମୋର ଏଡ଼ିକି ପୋଡ଼ା ! ଏତେ ଗୁଡ଼ାଏ ବାଇଗଣ କ'ଣ ହେବ ଭଲା ? ପୋଡ଼ି ଯାଉ ତମ ବୁଦ୍ଧି, ପୋଡ଼ି ଯାଉ ତମ ପଣ୍ଡିତିଆ ତମ । ଚାରି ଦିନ ଭିତରେ ତ ସବୁ ଯାକ ସଡ଼ି ପଚି ପୋକ ଯୋକ ହୋଇ ଯିବ ! ମୁଁ କରିବି ଏବେ କ'ଣ ?'

"ଏ କାନ୍ଦଣାରେ ପଣ୍ଡିତେ ଯୋଗ ଦେଇ ସକେଇ ସକେଇ କହିଲେ—'ଆରେ ସତ କଥାରେ । ବାଇଗଣ ଗୁଡ଼ାକ ଯେ ଏତେ ଶୀଘ୍ର ପଚିଯାଏ, ମତେ ଆଗରୁ କହିଲ ନାହିଁ କାହିଁକି ? ଜାଣିଥିଲେ, କ'ଣ ଏତେ ଗୁଡ଼ାଏ ମୁଁ ଆଣି ଥାନ୍ତି ?'

"ଏ ହାଲ ଦେଖି ହସି ହସି ମୁଁ ଘରକୁ ଧାଇଁ ଆସି ସମସ୍ତଙ୍କ ଆଗେ କଥାଟା ପ୍ରକାଶ କରି ଦେଲି ।"

ଶ୍ରୀହରି କହିଲେ, "ରାମଚନ୍ଦ୍ର, ଏବେ ତମ କଥାଟା ଟିକିଏ ହେଉ ।" ରାମଚନ୍ଦ୍ର କାଳ ବିଳମ୍ବ ନ କରି କଥା ଆରମ୍ଭ କରି ଦେଲେ :—

"ଦୀନବନ୍ଧୁ ବାବୁଙ୍କୁ ବାହାପିଆ ପଣିଆରେ କେବେ କିଏ ପାରିଛି, ନା ପାରିବ ? ଗାଲ ଗଳ୍ପକୁ ନିଜ ଅଙ୍ଗେ ନିଭାଇବା କଥାରେ ପରିଣତ କରି ଦେବା ପାଇଁ ତାଙ୍କ ଜିଭ ଖଣ୍ଡି ଯେପରି ତିଆରି ହୋଇଛି ! ମୋର ତ ଦେଖା କଥା କିଛି ନାହିଁ, ଯାହା ଶୁଣିଛି, କହିବି ।

"ଜଣେ କାବୁଲି ସୌଦାଗରଠାରୁ ଥରେ ଖଣ୍ଡେ ଲାଲ ଲୋହି କିଣି ତା ସହିତ ମୋର ଭାବ ହୋଇଗଲା । ଏମିତି କି, ପଇସା ବାକି ନ ଥିଲେ ସୁଦ୍ଧା ସେ ସମୟ ସମୟରେ ଆମ ଘରକୁ ଆସି, କିସମିସ୍, ଆଖରୋଟ୍ ଓ ଖଜୁରି ଆମ ପିଲାଙ୍କୁ ବାଣ୍ଟି ଦେଉଥିଲା । ମୋ ପାଇଁ ତ ବରାବର ସାଲେମମିଶ୍ରି, ଶିଲାଜତୁ ଆଣି ସେହି ପରି ଦେଇ ଯାଏ । ଏହିପରି ବନ୍ଧୁତ୍ୱ ଓ ନେଣ ଦେଣ ଚାଲିଥାଏ ।

"ଥରେ ମୁଁ ତାକୁ ପଚାରିଲି, 'ହଇ ହୋ ଦୋସ୍ତ, ଏତେ ସୁନ୍ଦର ଫଳ ତମ ଦେଶରେ ଫଳେ । ଶୁଖିଲା ଅବସ୍ଥାରେ ସେ ଫଳ ଖାଇ ଆମେ ମୋହିତ ହୋଇ ଯାଉଛୁ ତ ଦେଖୁଛ । ଆମ୍ବ ଭଳି ସୁସ୍ୱାଦୁ ଫଳ ଭଲା ତମ ଦେଶରେ ଅଛି ?'

"ଦାଢ଼ି ଉପରେ ହାତ ବୁଲାଇ ହସି ହସି ସେ କହିଲା—'ଆମର ଦାଢ଼ି ଥିଲେ, ଆମ୍ବର ବଡ଼ବାପ ଆମ ଗୋଡ଼ ତଳେ ହାଜର ହେବ ।'

"କଥାଟା ବୁଝି ନ ପାରି, ମୁଁ ତା ମୁହଁକୁ ବଲ ବଲ ଚାହିଁ ରହିଲି । ସେ କହିବାକୁ ଲାଗିଲା:—

'ଆମ ଅମୀର ସାହେବଙ୍କର ଥରେ କାହିଁକି ଭଲ ସରସ ଆମ୍ବ ଚାଖିବାର ଖିଆଲ ଉଠିଲା । ଅମୀର ମେଜାଜ ତ, ଆମ ଭଳି ସୌଦାଗରଙ୍କଠାରୁ ଆମ୍ବ କିଣି ଖାଇବା ସେ ପସନ୍ଦ କଲେ ନାହିଁ । ସେଥିପାଇଁ ଖୋଦ ତାଙ୍କର ମନ୍ତ୍ରୀ ସାହେବଙ୍କୁ ଏ ଦେଶକୁ ପଠାଇ ଦେଲେ । ଆଦେଶ ହେଲା, ମନ୍ତ୍ରୀ ଭାରତର ଚାରିଆଡ଼େ ବୁଲି, ଯେଉଁଠି ତାଙ୍କ ମନ ମୁତାବକ ଆମ୍ବ ପାଇବେ, ଅମୀର ବାହାଦୁରଙ୍କ ନିକଟ ଅବିଲମ୍ବେ ଚାଲାନ କରିବେ ।

'ମନ୍ତ୍ରୀ ସାହେବ ମାସେ ଦୁଇ ମାସ ଭାରତର ନାନା ସ୍ଥାନରେ ବୁଲି, ଅସୁମାରି ଟଙ୍କା ଖର୍ଚ୍ଚ କରି ନିଜେ ଆମ୍ବ ଚାଖି ଚାଖି ମନ ଓରମାନ ମେଣ୍ଟାଇବାରେ ଲାଗିଲେ । ଖାଲି ଚିଠି ପଠାଉ ଥାଆନ୍ତି, ଅମୁକ ସ୍ଥାନର ଆମ୍ବ ଭଲ ନୁହେଁ, କେଉଁ ସ୍ଥାନର ଆମ୍ବ ମିଠା ହେଲେ କଣ ହେବ, ସେ ଗୁଡ଼ାକ ଚେରୁଆ ଓ ଆଉ କେଉଁ ସ୍ଥାନର ଆମ୍ବ ମଞ୍ଜଖଟା ଇତ୍ୟାଦି । ଏହିପରି ଭାବରେ ଗ୍ରୀଷ୍ମ କାଳ ଯାଇ ବର୍ଷା ଆସି ପହଞ୍ଚିଲା, ତେବେ ସୁଦ୍ଧା ମନ୍ତ୍ରୀଙ୍କର ଆମ୍ବ ଚଖା ଶେଷ ହେଲା ନାହିଁ କି ଗୋଟିଏ ବୋଲି ଆମ୍ବ ଅମୀରଙ୍କ ମୁଣୋହି ନିମିତ୍ତ ପଠାଗଲା ନାହିଁ ।

Digitized by srujanika@gmail.com

ମନ୍ତ୍ରୀ ରହିମତୁଲ୍ଲା ଦିନେ ତାଙ୍କର ଲମ୍ବା ଦାଢ଼ି ସହ ଯାଇ କାବୁଲ ରାଜ ଦରବାରରେ ହାଜର ହେଲେ, ଅମୀର ବାହାଦୁର ମନ୍ତ୍ରୀଙ୍କର ଆମ୍ବଖିଆ ଲାଲ ଟକ ଟକ ଚେହେରା ଦେଖି ଖୁସି ହେଲେ, ମାତ୍ର ଗୋଟିଏ ମାତ୍ର ଆମ୍ବ ନ ଦେଖି ମନ୍ତ୍ରୀଙ୍କୁ ଚାହିଁ ରହିଲେ ।

ପ୍ରଶ୍ନର ଅପେକ୍ଷା ନ ରଖି ରହିମତୁଲ୍ଲା କହିଲେ—"ଖୋଦାବନ୍ଦ, କେତେଆଡ଼େ ବୁଲି କେତେ ଆମ୍ବ ଚାଖିଲି । ଗୋଟାଏ ଭଲ ପାଇଲି ନାହିଁ । ଯେପରି ମୁଁ ଚାଖିଛି, ଯେତେ ପ୍ରକାରର ମଧ୍ୟ ଚାଖିଛି, ସହଜରେ ଓ ସବୁ ସମୟରେ ଆମେ ସବୁ ପ୍ରକାରର ଆମ୍ବ ରସ ତିଆରି କରି ଆସ୍ୱାଦନ କରି ପାରିବା । ଭୁଛାଟାରେ ଟଙ୍କା ଖର୍ଚ୍ଚ କରି ସେ ଗୁଡ଼ାକ ଏତେ ଦୂରରୁ ବୁହାଇ ଆଣିବା ଦରକାର କ'ଣ ? ସଡ଼ି ପଚି ଅକାରଣ ନଷ୍ଟ ହୋଇଯିବ । ଏହା ଭାବି ମୁଁ ସେ ସବୁ ଆଣିଲି ନାହିଁ ।"

ଅମୀର କହିଲେ, "ତାହା ହେଲେ ବିଳମ୍ବ କାହିଁକି ମନ୍ତ୍ରୀନ୍, କିପରି କ'ଣ କରିବ ତାର ବନ୍ଦୋବସ୍ତ କର । ଆମ୍ବରସ ଚାଖି ଆମ୍ଭେ ଓ ପ୍ରଜାମାନେ ମୁଗ୍ଧ ହେଉଁ ।"

ମନ୍ତ୍ରୀଙ୍କ ବିଚାର ଅନୁସାରେ ବଡ଼ ବଡ଼ ହାଣ୍ଡି ଗୁଡ଼ିଏ ଅଣାଯାଇ ପାଲ ମୋଡ଼ା ଉପରେ ସାରି ସାରି ରଖାଗଲା । କାହିଁରେ ବେଶି ତେନ୍ତୁଳି, କାହିଁରେ କମ ଗୁଡ଼ ପଡ଼ି ପାଣି ମିଶାଇ ଚକଟା ଗଲା । ଦରବାର ସେ ଦିନ ଲୋକାରଣ୍ୟ, ଆମେ ସବୁ ତ ଚାହିଁ ରହିଥାଉଁ । ମନ୍ତ୍ରୀ ସାହେବ ହିନ୍ଦୁସ୍ଥାନରୁ ଫେରି ଆସି ଆମ୍ବରସ ତିଆରି କରୁଛନ୍ତି, ସମସ୍ତେ ଚାଖିବାର ସୁବିଧା ପାଇବେ ।

ମନ୍ତ୍ରୀ ସାହେବ, ଅମୀର ଓ ଆଉ ଦୁଇ ଜଣ ରାଜକର୍ମଚାରୀଙ୍କୁ ସଙ୍ଗେ ନେଇ ପ୍ରଥମ ହାଣ୍ଡି ପାଖକୁ ଗଲେ । ନଇଁପଡ଼ି ତହିଁରେ ନିଜ ଲମ୍ବା ଦାଢ଼ିଟି ବୁଡ଼ାଇ ଦେଇ ଠିଆ ହେଲେ ଏବଂ ସେ ରସମିଶ୍ରିତ ଦାଢ଼ିଟି ପାଟିରେ ପୂରାଇ ଜିଭ ଓ ଦାନ୍ତ ସାହାଯ୍ୟରେ ରସ ଆସ୍ୱାଦନ କରିବାକୁ କହିଲେ ।

ସ୍ୱୟଂ ଅମୀର ଓ ଅନ୍ୟମାନେ ସେହିପରି କରିବାକୁ ଲାଗିଲେ । ଦାଢ଼ିଟି ହାଣ୍ଡିପରେ ଅନ୍ୟ ହାଣ୍ଡିରେ ବୁଡ଼ିବାକୁ ଲାଗିଲା ଓ ସେମାନେ ଓଠ ମୁହଁ ଚାଟି ଚାକର ଫୁଟାଇ ଦାଢ଼ି ଚୋପିବାକୁ ଲାଗିଲେ ।

ମନ୍ତ୍ରୀ ସାହେବ ସଜୋରରେ କହିବାକୁ ଲାଗିଲେ—"ଆମ୍ବର ସ୍ୱାଦ ଏହିପରି, ଏଥିରୁ ବେଶି କିଛି ନାହିଁ । ଦାଢ଼ି ପରି ଚେରୁଆ, ତେନ୍ତୁଳି ଓ ଗୁଡ଼ର ଭାଗ ମାପ ଅନୁପାତରେ ଅମ୍ବିଲା ଓ ମିଠା । ଏ ତିନି ରସ ଏକତ୍ର ହେଲେ, ଆମ୍ବର ଆସ୍ୱାଦ ପୂରା ଆସିଯିବ ।"

ଆମେ ସବୁ ହସି ହସି ଅସ୍ଥିର । ରାତି ବେଶି ହୋଇ ଥିବାରୁ କାଲି ଆସିବାର ପ୍ରତିଶ୍ରୁତି ଦେଇ ହୋଟେଲକୁ ଫେରି ଆସିଲି ।

---

# ପ୍ରାଚୀନ ଓ ନବୀନ ସାହିତ୍ୟ

**ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ, ଚିକିଟି**

ପ୍ରାଚୀନ ଓ ନବୀନ ସାହିତ୍ୟ ମଧ୍ୟରେ କିଏ ଉତ୍କୃଷ୍ଟ ? ଏହି କଠୋର ସମସ୍ୟା ଭଞ୍ଜନ କରିବା ମାଦୃଶ ନମ୍ରଜନର ସାମର୍ଥ୍ୟ ବହିର୍ଭୂତ; କିନ୍ତୁ ଏ ସମ୍ବନ୍ଧେ କବି-ସାର୍ବଭୌମ କାଳିଦାସ କହି ଯାଇଅଛନ୍ତି:—

ପୁରାଣମିତ୍ୟେବ ନ ସାଧୁ ସର୍ବଂ ନ ଚାପି କାବ୍ୟଂ ନବମିତ୍ୟବଦ୍ୟଂ
ସନ୍ତଃ ପରୀକ୍ଷ୍ୟାନ୍ୟତରଦ୍ ଭଜନ୍ତେ ମୂଢ଼ଃପର ପ୍ରତ୍ୟୟନେୟ ବୁଦ୍ଧିଃ ॥

ଅର୍ଥାତ୍ ପୁରାତନ ବୋଲି କାବ୍ୟ ନିର୍ଦ୍ଦୋଷ ନୁହେ, ନୂତନ ବୋଲି ଦୋଷଯୁକ୍ତ ନୁହେ, ସୁରସିକ ସୂକ୍ଷ୍ମଦର୍ଶୀ ଉଭୟ ସାହିତ୍ୟ ପରିଶୀଳନ କରି ସାଧୁ ଭାବକୁ ଅନୁମୋଦନ କରନ୍ତି, ମୂଢ଼ ପର କଥା ବିଶ୍ୱାସ କରି ସ୍ଥୁଳଭାବରେ ମତ ପ୍ରକାଶ କରି ଦିଏ ।


ଅତଏବ ସତ୍ୟ କହିବାକୁ ହେଲେ ଦୋଷ ଗୁଣ ସର୍ବତ୍ର ବିଦ୍ୟମାନ । ପ୍ରାଚୀନ ସାହିତ୍ୟର ଶତ୍ରୁ-ସ୍ରୋତ ବିଭିନ୍ନ ଭାଗରେ ପରିବର୍ଦ୍ଧନଶୀଳ ନ ହୋଇ ଅଶ୍ଳୀଳସଙ୍କୁଳ ଆଦିରସର ସୀମା ଲଂଘନ କରିଅଛି ବୋଲି ଅନେକେ ଆକ୍ଷେପ କରନ୍ତି । ଦିନେ କର୍ମୀ ଗୌରାଙ୍ଗଙ୍କରଙ୍କ ସମୟରେ, ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକା ସାହିତ୍ୟ ଆକାଶରେ ପ୍ରବଳ ବଜ୍ରାଗ୍ନିର ସୃଷ୍ଟି କରିଥିଲା; ବ୍ୟାକରଣର ଅନୁଶାସନକୁ ମଧ୍ୟ ପ୍ରାଚୀନ ସାହିତ୍ୟ ସ୍ଥାନେ ସ୍ଥାନେ ଅବଜ୍ଞା କରିଥିବା ଦେଖାଯାଏ, କିନ୍ତୁ ପ୍ରାଚୀନ ସାହିତ୍ୟର କବିଗଣ ସଂସ୍କୃତ ସାହିତ୍ୟକୁ ସମ୍ମୁଖରେ ଆଦର୍ଶ ରଖି ଶବ୍ଦଛଟା, ଅର୍ଥ ବୈଭବ, ଓ ଭାବୋଚ୍ଛ୍ୱାସରେ ଗ୍ରନ୍ଥର କଳେବରକୁ ସମଧିକ ଶ୍ରୀସମ୍ପନ୍ନ ଓ ସୌଷ୍ଠବମୟ କରି ଅର୍ଥାଲଙ୍କାର ତଥା ଶବ୍ଦାଳଙ୍କାର ସମନ୍ୱୟରେ ଯେଉଁ ସୁମଧୁର ପଦଯୋଜନାରେ ବଚନର ଚାତୁର୍ଯ୍ୟ ପ୍ରକାଶ କରିଛନ୍ତି, ତାହାର ପାଣ୍ଡିତ୍ୟ ତୁଳନାରେ ଆଧୁନିକ ସାହିତ୍ୟ କେତେଦୂର ସମୀଚୀନ ତାହା ସୁଧୀମାନଙ୍କର ବିବେଚ୍ୟ । କାବ୍ୟୋକ୍ତିଟିଏ ମନେ ପଡ଼ିଲା,

"ପଦ ବିନ୍ୟାସ ମାତ୍ରେଣ ଯସ୍ୟା ନୋପହୃତଂ ମନଃ ।
ତସ୍ୟାଃ କବିତଯା କିମ୍ବା ତସ୍ୟା ବନିତଯାପିଚ ॥"


ଏହାର ପ୍ରତି ଅକ୍ଷର ସତ୍ୟ ।


ପ୍ରାଚୀନ ସାହିତ୍ୟ-ମହାରଥୀ-ବୃନ୍ଦଙ୍କର ଯୁଗ ଓ ଏ ଯୁଗ ମଧ୍ୟରେ ସ୍ୱର୍ଗ ପାତାଳ ଭେଦ । ସେମାନେ ନାନା ବୈଷୟିକ ସହାୟ ସମ୍ପତ୍ତିହୀନ ନାନା ଭାଷା ପ୍ରଣୀତ ଅସୀମ ଗ୍ରନ୍ଥାବଳୀରୁ ବଞ୍ଚିତ

# ଚି ତ୍ର ମ ୟ



ଗତ ଜୁଲାଇ ମାସରେ ଗଭର୍ଣ୍ଣର ଜେନେରାଲଙ୍କ ଏଜେଣ୍ଟଙ୍କ ପରିଦର୍ଶନ କାଳରେ ନିଆଯାଇଥିବା ଗ୍ରୁପ୍ ଫଟୋ
ବାମ ଦିଗରୁ—ମିଃ ଏଲ୍. ଜି. ଓଆଲସ୍, ଆଇ. ସି. ଏସ୍., ମିସେସ୍ ମିକ୍, ମୟୂରଭଞ୍ଜର ମହାରାଜା, ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଏ. ଏସ୍. ମିକ୍, ସି. ଏମ୍. ଜି.
ଗଭର୍ଣ୍ଣର ଜେନେରାଲଙ୍କ ଏଜେଣ୍ଟ, ମୟୂରଭଞ୍ଜର ଦେୱାନ.





ଦକ୍ଷିଣ ଦିଗରେ—ବାରିପଦା କ୍ଲବ୍ ନିକଟସ୍ଥ ଟେନିସ୍
ପଡ଼ିଆରେ ଟି'ପାନ

ବାମ ଦିଗରୁ :—

କୁମାର ଶରତ୍‌ଚନ୍ଦ୍ର ଭଞ୍ଜ ଦେଓ, ଡାଃ ପି. କେ. ସେନ୍, ମିସେସ୍ ଗାଲିଆର୍ଡ଼, ମିସେସ୍ ମିକ୍, ମିଃ ଏଫ୍. ବି. ଗାଲିଆର୍ଡ଼, ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଏ. ଏସ୍. ମିକ୍, ମୟୂରଭଞ୍ଜର ମହାରାଜା, ମିଃ ଏଲ୍. ଜି. ଓଆଲସ୍. ଆଇ. ସି. ଏସ୍.


Digitized by srujanika@gmail.com

# ମ ୟୂ ର ଭ ଞ୍ଜ




ଦକ୍ଷିଣ ଦଗରେ : ମୟୂରଭଞ୍ଜର ଆଦମ ଜାତୀୟ ବାଳକା-
ମାନଙ୍କର ନୃତ୍ୟ

ମିଃ ଏସ୍. ଏନ୍. ମହାନ୍ତିଙ୍କ ଗୃହୀତ



ମିଃ. ଏ. ଡାସଙ୍କ ଗୃହୀତ

ବାମ ଦଗରେ—ମୟୂରଭଞ୍ଜରେ ହଳ କରୁଥିବାର ଗୋଟିଏ
ଦୃଶ୍ୟ



ଦକ୍ଷିଣ ଦଗରେ : ଶ୍ରୀ ରାମଚନ୍ଦ୍ର ମେମୋରିଅଲ ଚ୍ୟାଲେଞ୍ଜ ସିଲ୍ଡ

ଗତ ଅଗଷ୍ଟ ମାସରେ ହୋଇଥିବା ଫୁଟ୍‌ବଲ୍ ପ୍ରତିଯୋଗିତାରେ ବାରିପଦା ଇନ୍‌ଷ୍ଟିଟିଉଟ୍ ଖଡ଼ଗପୁର ଇଣ୍ଡିଆନ୍ ସ୍ପୋର୍ଟିଂ "ଏ" ଟିମ୍ ସହିତ ଶେଷ ପ୍ରତିଯୋଗିତାରେ ଖେଳି ଏହି ସିଲ୍ଡ ଜୟ କରିଥିଲେ ।

ମିଃ ଡ. ସି. ଘୋଷଙ୍କ ଦ୍ୱାରା ଗୃହୀତ

ଏବଂ ନାନା ବୈଦେଶିକ ଭାଷାର ଭାବ, ନୀତି, ରୀତି ଓ ରଚନାର ପରିପାଟୀ ପ୍ରଭୃତି ବିଷୟର ଆଦାନ ପ୍ରଦାନର ଅବକାଶ ଶୂନ୍ୟ ହେଲେ ମଧ୍ୟ ନିଜ ଅଦମ୍ୟ ଉତ୍ସାହ ଓ ଅଗାଧ ପାଣ୍ଡିତ୍ୟ ବଳରେ ତତ୍କାଳୀନ ରୁଚିପୂର୍ଣ୍ଣ ଶାସ୍ତ୍ରାନୁଯାୟୀ ଉତ୍କୃଷ୍ଟ ଧରଣର କାବ୍ୟ ବା ସଙ୍ଗୀତ ରଚନା କରିଥିଲେ ।

ସମ୍ପ୍ରତି କେତେକ ଦେଶୋପକାରକ ବନ୍ଧୁଙ୍କର ପ୍ରତ୍ନତତ୍ତ୍ୱ ଓ ଇତିହାସ ସମ୍ବନ୍ଧରେ ଗବେଷଣାପୂର୍ଣ୍ଣ ଲେଖା ଉତ୍କଳ ସାହିତ୍ୟାକାଶରେ ପ୍ରାବୃଟକାଳୀନ ସୂର୍ଯ୍ୟଚନ୍ଦ୍ରପରି ବେଳେ ବେଳେ ଦେଖା ଦିଏ । ତାହା ବିନା ଆଧୁନିକ କବିପୁଙ୍ଗବମାନଙ୍କର ଲେଖନୀ-ଖନିତ୍ର-ଖୋଦିତ ସାହିତ୍ୟକ୍ଷେତ୍ରରୁ ଖଣ୍ଡିଏ ରତ୍ନ ଲାଭ କରିବା ଏତାବତ୍ ମୁଁ ଉପଲବ୍ଧି କରି ପାରି ନାହିଁ ।

ପ୍ରାଚୀନ ଉତ୍କୃଷ୍ଟ ସାହିତ୍ୟ ମଧ୍ୟରେ କୋଟିବ୍ରହ୍ମାଣ୍ଡସୁନ୍ଦରୀ, ବୈଦେହୀଶ ବିଳାସ, ଲାବଣ୍ୟବତୀ, ପ୍ରେମସୁଧାନିଧି, ବନୋଦୟ, ବିଦଗ୍ଧଚିନ୍ତାମଣି, ଚନ୍ଦ୍ରକଳା, ଚମ୍ପୂ, ପ୍ରବୋଧଚନ୍ଦ୍ରୋଦୟ ଗଣନୀୟ । ଧର୍ମ ଗ୍ରନ୍ଥରେ କୃଷ୍ଣସିଂହ ମହାଭାରତ, ପଟ୍ଟନାୟକ ରାମାୟଣ, ଜଗନ୍ନାଥ ଦାସ ଭାଗବତ, ବୈଦ୍ୟଗ୍ରନ୍ଥରେ ଅଭିନବ ଚିନ୍ତାମଣି, ଏହି କେତେକ ଗ୍ରନ୍ଥକୁ ନେଇ ଜାତୀୟ ସମ୍ପତ୍ତି ବୋଲି ଗର୍ବ କରିବା ସିନା ? ମାତ୍ର ଇତି ମଧ୍ୟରେ ରାଧାନାଥ, ଫକୀରମୋହନ ଓ ମେହେର ବାହାରି ଉକ୍ତ ସାହିତ୍ୟକୁ ଜୀବିତ ରଖିଅଛନ୍ତି ।

ମୋହର କ୍ଷୁଦ୍ର ମତରେ ପ୍ରାଚୀନ ସାହିତ୍ୟର ବ୍ୟାକରଣେ ଦୋଷ ସୁଦ୍ଧା ସେତେଦୂର ଆକ୍ଷେପଣୀୟ ନୁହେ, ଯେହେତୁ ଅତି ପ୍ରାଚୀନ ବୈଦିକ ସାହିତ୍ୟ ସୁଦ୍ଧା ଉକ୍ତ ଦୋଷରୁ ଅବ୍ୟାହତି ପାଇ ପାରୁ ନାହିଁ; ସେଥି ଯୋଗୁଁ ସିନା ଅଷ୍ଟାଧ୍ୟାୟୀରେ ପାଣିନି ଗୋଟିଏ ସ୍ୱତନ୍ତ୍ର ଅଧ୍ୟାୟ ନିର୍ଦ୍ଦିଷ୍ଟ କରି ଅଛନ୍ତି ।

ପୁରାତନ ସାହିତ୍ୟ ଅପେକ୍ଷା ନୂତନ ସାହିତ୍ୟ ସମଧିକ ପରିବର୍ଦ୍ଧନଶୀଳ ନୁହେ ତାହା ମୁଁ କହୁନାହିଁ, କେବଳ ଏହାର ଉଚ୍ଛୃଙ୍ଖଳ ଗତିଟା କେଉଁ ଲକ୍ଷ୍ୟଭ୍ରଷ୍ଟ କୁହେଳିକାମୟ ପିଚ୍ଛିଳ ପଥରେ ଧାବମାନ ତାହା ମୋହର ଅବୋଧ । ଦୁଃଖର ବିଷୟ ଆଧୁନିକ ସାହିତ୍ୟର ପରିସ୍ଥିତି ଅରାଜକ ରାଜ୍ୟପରି ସ୍ୱେଚ୍ଛାଚାର ଓ ବିଶୃଙ୍ଖଳାପୂର୍ଣ୍ଣ; ଅଧ୍ୟାପକଶୂନ୍ୟ ପାଠଶାଳା ପରି ଶାନ୍ତି ଶୃଙ୍ଖଳା ରହିତ; ଅସଂସ୍କୃତ ଭାରତୀ ପରି ସୌଷ୍ଠବ ଶ୍ରୀ ବିବର୍ଜିତ; ଅଶାଣିତ ରତ୍ନପରି ବନ୍ଧୁରକାୟ ଓ କାନ୍ତିବର୍ଜିତ, ନାସ୍ତିକର କୁଟ ତର୍କ ପରି ଅପ୍ରମାଣିତ; ବିପ୍ଲବବାଦ ପରି ଶଙ୍କାଶଙ୍କୁଳ ଓ ବିପଦପୂରିତ, ଏବଂ ପ୍ରାବୃଟ ବଲ୍ମୀକ ପରି କ୍ଷଣଜନ୍ମା କୀଟବ୍ୟାପ୍ତ ହୋଇ ଅଛି । ଏ କ୍ଷେତ୍ରରେ ବ୍ୟାକରଣର ଦୁର୍ଲଂଘ୍ୟ ଶାସନ ବାତୁଳର ପ୍ରଳାପ, ଅଳଂକାରିକ ନିୟମ କୁସଂସ୍କାର-ଦ୍ୟୋତକ; ଭାବ ଗାମ୍ଭୀର୍ଯ୍ୟର ଆଲୋକ, ଶବ୍ଦ ଶବ୍ଦାସନ ପରି କ୍ଷଣ ମନୋହର; ଆଧୁନିକ ଯୁଗରେ ଅପୂର୍ବଦର୍ଶୀ କତିପୟ ସାହିତ୍ୟିକ-ଗଣର କବିଯଶଃ ପିପାସା ସୀମାଲଂଘନଶୀଳା, ଲେଖନୀ ପାଣ୍ଡିତ୍ୟ-ବର୍ଜିତା, ରଚନାପରିପାଟି ନିରଳଂକାରା ବୈଧବ୍ୟବେଶା ।

ପାଠ୍ୟ ପୁସ୍ତକ ନିର୍ବାଚନ ଦ୍ୱାରା ଅର୍ଥାଗମର ଦୁର୍ଗମ ପଥ ସୁଗମ ହେବା ଅବଧି ଧରି ପୃଷ୍ଠରେ ମୀରକ୍ରଶିଳାକ୍ରାନ୍ତବତ୍ ଚତୁର୍ଦ୍ଦିଗରେ ଅନେକ କବି ଜନ୍ମିବାରୁ କବି ସଂଖ୍ୟାର ଇୟତ୍ତା ରହିଲା ନାହିଁ ।

ଯାହାହେଉ ଉଦୀୟମାନ କବିକଦମ୍ବଙ୍କୁ ଏତିକି ମାତ୍ର ସ୍ମରଣ ରଖିବାକୁ ହେବ କି—ତୁମ୍ଭେ ଏକାଧାରରେ ଦିଗ୍ୱିଜୟୀ ପଣ୍ଡିତ, ଲେଖକ ଓ ବକ୍ତା ହୁଅ ଅଥବା ଶ୍ରୀ ହର୍ଷଙ୍କପରି କବିରାଜ ରାଜମୁକୁଟା-ଲଂକାରଧାରୀ ହୁଅ; କିନ୍ତୁ ଶାସ୍ତ୍ର ନିୟମୋଲ୍ଲଂଘନ ନ କରି ସମ୍ମୁଖରେ ଗୋଟିଏ ଆଦର୍ଶ ରଖି ଉଚ୍ଛୃଙ୍ଖଳ ଗତିକି ସଂଯତ କରି ସାହିତ୍ୟ ଗଢ଼ିବାକୁ ହେବ ତ ?

ଆଧୁନିକ ଯୁଗରେ ଅନନ୍ତ ଭାବ ସମୁଦ୍ରରେ ଅବଗାହନ ଓ ସନ୍ତରଣ କରି ପୃଥିବୀମୟ ସମସ୍ତ ଜାତି ରାଶି ରାଶି ମଣି ମୁକ୍ତା ଆହରଣ କଲବେଳେ ଯାହା ହାତରେ ଶଙ୍ଖ ଗେଣ୍ଡା କପର୍ଦ୍ଦିକାଟିଏ ହେଲେ ପଡ଼ିବ ନାହିଁ ତାହାକୁ ନିଷ୍କର୍ମା ବିନା ଆଉ କଣ କହିବା ? ମନେ ପଡ଼ିଲା;

> କିଂ କବେଃ ତସ୍ୟ କାବ୍ୟେନ କିଂ କାଣ୍ଡେନ ଧନୁଷ୍ମତଃ
> ପରସ୍ୟ ହୃଦୟେ ଲଗ୍ନେ ନ ଘୂର୍ଣ୍ଣୟତି ଯତ୍ ଶିରଃ ॥

ଯେଉଁ କବିର କାବ୍ୟ ବା ଯେଉଁ ଧନ୍ୱୀର କାଣ୍ଡ ପରର ହୃଦୟରେ ଲଗ୍ନ ହେବା ମାତ୍ରେ ମସ୍ତକ ଘୂର୍ଣ୍ଣନ ନ କରିବ ସେ କାବ୍ୟ ବା ସେ କାଣ୍ଡରେ ପ୍ରୟୋଜନ କଅଣ ?

ଆଧୁନିକ ସାହିତ୍ୟ ପୁସ୍ତକ ମଧ୍ୟରୁ ଧଡ଼ିଏ ବିରୁର ଅର୍ଥୋପଲବ୍ଧି କରିବା ଭଳି ଗୋଟିଏ ବାଛି ଦେଖାଇ ପାରିବା କି ? ପ୍ରାଚୀନ କବି-ଗଣ ଜୀବନ ବ୍ୟାପୀ ପରିଶ୍ରମଲବ୍ଧ ଜ୍ଞାନରୁ ଖଣ୍ଡେ ବା ଦୁଇ ଖଣ୍ଡ ଗ୍ରନ୍ଥ ଲେଖି ବହୁଳ ଅର୍ଥ ପରିବ୍ୟୟ ପ୍ରଚ୍ଛନ୍ନ ରଖି ସ୍ୱନାମଟି ମାତ୍ର ପୁସ୍ତକରେ ଦେଉ ଥିଲେ । ତଥାପି ଗ୍ରନ୍ଥରେ ଉପାଦେୟତା ଯୋଗୁଁ ତାହାର ଏକାଂଶିକ ସୂକ୍ଷ୍ମ ସୂତ୍ରଟିକୁ ଧରି ଆଜି ପ୍ରତ୍ୟେକ ଜାତି ଉକ୍ତ କବିଙ୍କୁ ନିଜ ନିଜ ଦଳଭୁକ୍ତ କରିବା ଲାଗି ପ୍ରଚେଷ୍ଟିତ । ଆଜି ଆମ୍ଭମାନଙ୍କ ପ୍ରଣୀତ ପୁସ୍ତକର ପ୍ରଚ୍ଛଦ ପଟରେ ନାନାବିଧ ମନ୍ତବ୍ୟ ପତ୍ର ସହିତ ବହୁ କୌଶଳରେ ନିଜର ଊର୍ଦ୍ଧ୍ୱାଧଃକ୍ରମେ ଦୁଇ ତିନି ପୁରୁଷ ପର୍ଯ୍ୟନ୍ତ ଗ୍ରାମ ଜିଲ୍ଲା, ନାମ ଗୋତ୍ର, ବଂଶ ପ୍ରତିଷ୍ଠା ଏବଂ ନିଜର କୃତିତ୍ୱ ସମ୍ବନ୍ଧରେ ଅନ୍ତତଃ ତିନି ଚାରିଟି ପ୍ରଶଂସାପତ୍ର ସନ୍ନିବେଶିତ କଲେ ସୁଦ୍ଧା ତାହାର ନାମ ପଣ୍ଡିତ ଗୋଷ୍ଠିରେ କିମ୍ବା ସର୍ବସାଧାରଣଙ୍କ ଦ୍ୱାରା ସମାଦୃତ ହେଉ ନାହିଁ କାହିଁକି ? ଏହା ଅବଶ୍ୟ ଭାବନାର ବିଷୟ ।

ଆଉ ଗୋଟିଏ କଥା, ସାହିତ୍ୟ ସର୍ବଥା ଉଚ୍ଚଧରଣରେ ପ୍ରଣୟନ କରିବା ବିଧେୟ, ତାହା ନ ହେଲେ କବିର ଉଚ୍ଚଭାବ ଓ ଉନ୍ନତ ଉଦ୍ଦେଶ୍ୟ ସ୍ପଷ୍ଟ ହେବା ପ୍ରାୟଶଃ ଅସମ୍ଭବ; ବିଶେଷତଃ କାବ୍ୟରେ ପାତ୍ରାନୁକ୍ରମେ ଭାଷା, ବର୍ଣ୍ଣନାରୀତି, ଧ୍ୱନି, ବ୍ୟଞ୍ଜନା, ଲକ୍ଷଣା, ଶ୍ଳେଷ ପ୍ରଭୃତିର ଶବ୍ଦ ପ୍ରୟୋଗ ବେଳେ ସଂସ୍କୃତ ପଦ ବିନା ପ୍ରାଦେଶିକ ଦ୍ୱାରା ତାହା ସିଦ୍ଧ ହୋଇ ପାରିବ ନାହିଁ ।

ଅନେକେ କହନ୍ତି କାବ୍ୟ ବା ସାହିତ୍ୟ ଆବାଳ ଗୋପାଳର ବୋଧଗମ୍ୟ ହେବା ଉଚିତ । ତାହେଲେ ଶିଶୁମାନେ ନିଦ୍ରା ଯିବା ଲାଗି ମାଆମାନେ ଯେ ରକମର ଗୀତ ବା ଗଳ୍ପ କରନ୍ତି, ସେହିପରି

Digitized by srujanika@gmail.com

ସାହିତ୍ୟ ଜଗତରେ ପ୍ରଚାରିବା ବାଞ୍ଛନୀୟ ? ମୁଁ ପଚାରେଁ, ମୂର୍ଖକୁ ପଣ୍ଡିତ କରିବା ଚେଷ୍ଟା କିମ୍ବା ପଣ୍ଡିତମାନେ ମଧ୍ୟ ମୂର୍ଖପରି ବାକ୍‌ବ୍ୟବହାର କରିବା କି ଶ୍ରେୟ ? ମାନବର ହୃଦୟର ଭାବ, ପଦମର୍ଯ୍ୟାଦା, ଗୌରବ, ଅପର ଜନର ଚିତ୍ତାକର୍ଷଣ ନୈପୁଣ୍ୟ ପ୍ରଭୃତି ସମସ୍ତ ବିଷୟ ନିଜର ମୁଖନିଃସୃତ ବଚନ ଉପରେହିଁ ନିର୍ଭର କରେ, ତାହା ଅସୌଷ୍ଠବ, ଅସଂସ୍କୃତ, ଅସମଞ୍ଜସ ହେବା ସମୀଚୀନ କି ? ଆଳାପ ବେଳେ ଯେବେ ପରିଷ୍କୃତ ଶବ୍ଦ ବ୍ୟବହାର କରିବା, ତେବେ ସାହିତ୍ୟରଚନା ବେଳେ କନ୍ଦିକରିତାଦି ନୀଚ ବ୍ୟକ୍ତି ବ୍ୟବହାର କରିବା ଭାଷା ପ୍ରୟୋଗ କରିବା କେତେ ଦୂର ସମୀଚୀନ ତାହା କହିବା ବାହୁଲ୍ୟମାତ୍ର । ଅଚ୍ଛା, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ରାଧାନାଥ ପ୍ରଭୃତି କି ସେହି ପ୍ରାଦେଶିକ ଭାଷା ଶୁଣୁ ନ ଥିଲେ ? କିଂବା ଉକ୍ତ ଭାଷା ତଦୀୟ ସାହିତ୍ୟରେ ରଖିବା ଶକ୍ତି ତାଙ୍କର ନ ଥିଲା ?

ଅଥବା ଭାଷାର କଳେବର ଶବ୍ଦବାହୁଲ୍ୟରୁ ବୃଦ୍ଧି କରିବା ଓ ମାତୃଭାଷାର ଉନ୍ନତି କରିବା କାମନାରୁ ସେମାନେ ବଞ୍ଚିତ ଥିଲେ ? ଦେଶର ଅଶିକ୍ଷିତ ସମସ୍ତ ଲୋକେ ସାଂସାରିକ ବିଷୟ ସକଳ ନ ବୁଝନ୍ତୁ ବୋଲି ସେମାନଙ୍କର ଉଦ୍ଦେଶ୍ୟ ଥିଲା ? ଶବ୍ଦର ଔଚିତ୍ୟାନୌଚିତ୍ୟ ସମ୍ବନ୍ଧରେ ସର୍ବାପେକ୍ଷା ରାଧାନାଥହିଁ ଶୀର୍ଷ ସ୍ଥାନୀୟ ବୋଲି ମୁଁ ମୁକ୍ତକଣ୍ଠରେ କହିପାରେଁ । କିନ୍ତୁ ଆଜିକାଲି ଶାବ୍ଦିକଚ୍ଛଟା ଶାବ୍ଦିକଗ୍ରନ୍ଥର ଶୈଳୀ ଦିଗକୁ ଦୃଷ୍ଟି ଦେଉଛି କିଏ ?

ଯଦି କହନ୍ତି ଲୋକବ୍ୟବହୃତ ଅସଂଖ୍ୟ ଶବ୍ଦ ବିଦ୍ୟମାନ, ତାହା ବ୍ୟବହାର କରି ସ୍ୱଭାଷାର ଶ୍ରୀବୃଦ୍ଧି କରିବା ଉଚିତ, ତେବେ ନିଜର ଗୃହସମ୍ପଦ ଶୂନ୍ୟ ବୋଲି ବାହାରର ଆବର୍ଜନା ସକଳ ଆଣି ଭରିବା କରିବା କି ? ଏ ସକଳ ପାଇଁ ପାଣ୍ଡିତ୍ୟବିହୀନ ପଣ୍ଡିତଂମନ୍ୟ ବ୍ୟକ୍ତିଙ୍କ ପ୍ରଳାପ ବିନା ଅନ୍ୟ କିଛି କାରଣ ନାହିଁ । ପୂର୍ବୋକ୍ତ କବିମାନେ ଅସାଧୁ ପ୍ରାଦେଶିକ ଶବ୍ଦଗୁଡ଼ିକୁ ସାହିତ୍ୟରେ ସ୍ଥାନ ନ ଦେବା ପୁଣି ସେ ଗୁଡ଼ିକୁ ଲିପିବଦ୍ଧ କରି ଗ୍ରନ୍ଥାକାରରେ ନ ରଖିବା ଉଦ୍ଦେଶ୍ୟ ଏହି କି, ଭବିଷ୍ୟତ ବଂଶଧର ଅର୍ବାଚୀନ ସୁଲଭମତି ନବ ଲେଖକମାନେ ଏହି ଅପଶବ୍ଦ ଗୁଡ଼ିକୁ ପ୍ରମାଣରୂପେ ଗ୍ରହଣ କରି ସାହିତ୍ୟର ଅନିନ୍ଦ୍ୟ ସୁନ୍ଦର ବିଶୁଦ୍ଧ ବିଗ୍ରହକୁ ମାରାତ୍ମକ ଶାଙ୍କର୍ଯ୍ୟ ରୋଗଦ୍ୱାରା କଦାକାର ଓ ବିକଳାଙ୍ଗ କରି ଦେବେ ବୋଲି କେବଳ ।

ଶୃଗାଳ ଅଭାବ ବଶରୁ ଦ୍ରାକ୍ଷା ଫଳକୁ ଘୃଣା କଲା ପରି ଉକ୍ତ ଧରଣର କବିତା ସାମର୍ଥ୍ୟବିହୀନ ନବଶିକ୍ଷିତଙ୍କୁ ଅରୁଚିପ୍ରଦ ହେଉଅଛି । ଅସାଧୁ ଶବ୍ଦ ପ୍ରୟୋଗବଶରୁ ସାହିତ୍ୟ ଶ୍ରୀହୀନ ହେବା ଦ୍ୱାରା ଜାତି ଓ ଦେଶର ଗୌରବ ଏବଂ ଉତ୍କଳ ଭାଷାର ମହତ୍ତ୍ୱ ଅନ୍ୟ ଭାଷାର ସମକ୍ଷରେ ରହି ପାରିବ ନାହିଁ; ଅତଏବ ପ୍ରାଚୀନ ସଂସ୍କୃତ ସାହିତ୍ୟର ପଦାଙ୍କାନୁସରଣ ବାଞ୍ଛନୀୟ ।

ସରସା ସାଳଂକାରା ସୁପଦନ୍ୟାସା ସୁବର୍ଣ୍ଣମୟ ମୂର୍ତ୍ତିଃ
ଆର୍ଯ୍ୟାତଥୈବ ଭାର୍ଯ୍ୟା ନ ଲଭ୍ୟତେ ପୁଣ୍ୟ ହୀନେନ ।

ଏହି ଶ୍ଳୋକର ପ୍ରଥମ ପାଦଟି ଅକ୍ଷରେ ଅକ୍ଷରେ ସ୍ମରଣ ରଖିବା ଆବଶ୍ୟକ । ଉତ୍କଳ ସାହିତ୍ୟର ଆଶାନୁରୂପ ଉନ୍ନତି ନ ହେବା କାରଣ ଏହି କି—ବୈଷୟିକ ବନ୍ଧନବର୍ଜିତ ଉପାଧିବ୍ୟାଧିଧାରୀ ସଂସ୍କୃତଜ୍ଞ ପଣ୍ଡିତମାନଙ୍କର ଜାତୀୟ ସାହିତ୍ୟ ପ୍ରତି ଅନାସ୍ଥା, ସଂସ୍କୃତଶାସ୍ତ୍ରାନଭିଜ୍ଞ ପାଶ୍ଚାତ୍ୟ ଭାଷାବିଦ୍‌ଗଣର ମତ ଅର୍ଥୋପାର୍ଜନକୁ ହିଁ ଏକମାତ୍ର ଉପାୟରୂପେ ବିଚାର କରିବାରୁ ଏବଂ ସ୍ୱଭାଷା ଅର୍ଥପ୍ରସୂ ନୁହେ ବୋଲି ତତ୍‌ପ୍ରତି ଅବହେଳା । ପ୍ରଧାନତଃ ବିଦ୍ୱତ୍‌ପରାଙ୍ମୁଖ ରାଜଭାଷାନୁରାଗୀ ନରନାଥଙ୍କର ରାଜନୈତିକାନୁଲିପ୍ତତା ଓ ମାତୃଭାଷା ପ୍ରତି ବିମୁଖତା ଦେଖାଇବା, କେତେକ ସାମର୍ଥ୍ୟବିହୀନ ଅର୍ବାଚୀନ ଅର୍ଥୋପକାବ୍ୟ କବିନାମଧାରୀ ସ୍ୱଳ୍ପ ଗଳ୍ପ ଲେଖକମାନେ ପ୍ରାଚୀନ କବିତାକୁ ଅଯଥା ଆକ୍ରମଣ ଓ ବିଦ୍ରୂପୀକରଣ କରି ସ୍ୱ ପ୍ରଣୀତ କ୍ଷୁଦ୍ର ଅନାମଧେୟ ରଚନାରେ ଅହଂକାରିତା ପ୍ରକାଶ କରିବା ଏବଂ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ତରୁଣ ନିଷ୍କର୍ମା ଛାତ୍ରବୃନ୍ଦ ସାହିତ୍ୟ ଅରଣ୍ୟରେ-ଅର୍ଥ-କ୍ରୋଲୋଲୁପ କ୍ଷିପ୍ର କ୍ଷୁଧିତ ବ୍ୟାଘ୍ରବତ୍ ବେଳେ ବେଳେ ଦେଖା ଦେଇ କବିତା କନ୍ୟାର ପ୍ରସାଧନ ସାଧନ କରିବା ହେତୁ ଆଜି ଆମ୍ଭର ଉତ୍କଳ ସାହିତ୍ୟର ଏ ଦୁର୍ଗତି ।

ସ୍ମରଣ ରଖ କବିଗଣ ! ଦଶକଳାତ୍ମକ ବହ୍ନିର ତେଜ ଅପେକ୍ଷା, ଦ୍ୱାଦଶକଳାତ୍ମକ ପ୍ରଭାକରଙ୍କ ପ୍ରଭା ଅପେକ୍ଷା, ଷୋଡ଼ଶ କଳାତ୍ମକ ସୁଧାକରଙ୍କ ଆହ୍ଲାଦ ଅପେକ୍ଷା, ଚତୁଃଷଷ୍ଟି କଳାବିଶିଷ୍ଟ ସାହିତ୍ୟ ଅର୍ଥୋପାର୍ଜନୈକଲକ୍ଷ ବଣିକ୍ ବ୍ୟାପାର ନୁହେ, ତାହାର ଅଲକ୍ଷିତ ଅନନ୍ତ ମହିମା, ତାହାର ଅଖଣ୍ଡ ପ୍ରଭବ ଦେଶର ଗୌରବ ଓ ଜାତୀୟ ମହତ୍ତ୍ୱ ସଂଘଟନ ମାତ୍ର ।

ପ୍ରାୟ ଅନେକ ଦିନ ହେଲା ଜାତୀୟ ସାହିତ୍ୟର ସର୍ବାଙ୍ଗ ସୁନ୍ଦର ପାଇଁ ଓ ଅସାରତା ଦୂରୀକରଣ ଲାଗି ସାହିତ୍ୟ ମହାରଥୀ ସଙ୍କୁଳର ପ୍ରତ୍ୟେକ ସାହିତ୍ୟ ସମିତିରେ ଗଗନ ଭେଦୀ ବକ୍ତୃତାର ସୀମା ନାହିଁ । ଚିନ୍ତାଶୀଳ ପ୍ରବନ୍ଧ ଲେଖାର ଶେଷ ନାହିଁ । ପ୍ରସ୍ତାବ ଅନୁମୋଦନକ୍ରମେ ଦେଶର ଲବ୍ଧ ପ୍ରତିଷ୍ଠ ବ୍ୟକ୍ତିମାନଙ୍କର ସଭାପତିତ୍ୱ, ସମ୍ପାଦକତ୍ୱ ଓ ନେତୃତ୍ୱ ନିର୍ବାଚନର ଇୟତ୍ତା ନାହିଁ; ଏବଂ ଶତ ଶତ ତୁଚ୍ଛଗର୍ଭ ବିଷୟର ଆସ୍ଫାଳନ ଓ ଚିତ୍କାରର ସୁଦ୍ଧା ଅନ୍ତ ନାହିଁ, ତଥାପି ଏହି ପ୍ରଗାଢ଼ ଅନ୍ଧକାର ଗର୍ଭରେ ପ୍ରତିକାରର ଶୁଭ୍ର ଆଲୋକ ଦେଖାଯାଉ ନାହିଁ କାହିଁକି ? ଏହାର ଉତ୍ତର-ଏହି କି, ମନସ୍ୱୀ ଓ ନିଃସ୍ୱାର୍ଥୀ ହୋଇ ଜଣେ ନ ଥିବା ।

ଦେଶର ଉନ୍ନତି କରିବାକୁ ହେଲେ ସର୍ବାଦୌ ମାତୃଭାଷାର ଉନ୍ନତି ସାଧନ ଏକାନ୍ତ ବାଞ୍ଛନୀୟ । ତାହାହେଲେ ବର୍ତ୍ତମାନ ଉତ୍କଳ ସାହିତ୍ୟର କ୍ଷତି ପୂରଣ ଲାଗି ଉତ୍କଳର କୃତୀ ସନ୍ତାନଗଣ ଓ ଧନ କୁବେରମାନେ ସାମର୍ଥ୍ୟାନୁରୂପ ପ୍ରଯତ୍ନ କରିବାକୁ ହେବ ।

ଅଧୁନା ପାଶ୍ଚାତ୍ୟ ଭାଷାବିତ୍‌ପଣ୍ଡିତଙ୍କର ଲେଖନୀ ପ୍ରଭାବରୁ ଗଦ୍ୟ କାବ୍ୟାକାରରେ ପ୍ରତ୍ନତତ୍ତ୍ୱ ଇତିହାସ ପ୍ରଭୃତି ଆଲୋଚିତ ହୋଇ ସ୍ୱ ଭାଷାକୁ ଶ୍ରୀଶାଳିନୀ କରୁଅଛି ତଥାପି ଏତାବନ୍ମାତ୍ରେ ତୃପ୍ତି ଲଭିବା କଥା ନୁହେ ।

ବିଶ୍ୱବିଦ୍ୟାଳୟରେ ସୁପାଠିତ ତରୁଣ ତରୁଣୀର ପ୍ରଣୟାତୁରତା କଳ୍ପାଇ ପ୍ରକାରାନ୍ତରରେ ବିଚ୍ଛେଦ ଓ ମିଳନର ବିରହ ଭାବ

Digitized by srujanika@gmail.com

ଯୋଜନାରେ ପ୍ରତ୍ୟେକ ଗଦ୍ୟ କାବ୍ୟକୁ ପୂର୍ଣ୍ଣ କରିବା ଅପେକ୍ଷା ପୃଥିବୀର ବିଭିନ୍ନ ଜାତିର ଉଚ୍ଚତର ଭାବପୂର୍ଣ୍ଣ ଗ୍ରନ୍ଥମାନଙ୍କୁ ଅନୁବାଦ କରି ଉତ୍କଳ ସାହିତ୍ୟକୁ ପୁଷ୍ଟ ଓ ସମ୍ପୁଷ୍ଟ କରିବା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଯେତେ ପରିପାଟି କି ନେଇ ସମ୍ପ୍ରତି ଏତେ ଗଣ୍ଡଗୋଳ । ଭାଷା ଓ ଭାବର ଉଚ୍ଛୃଙ୍ଖଳତାହିଁ ସ୍ୱେଚ୍ଛାଚାରିତାର ପ୍ରକାରାନ୍ତର କରାଳ ମୂର୍ତ୍ତି ଧରି ଆଜି ସାହିତ୍ୟ ଜଗତରେ ବିପୁଳ ଅନର୍ଥର ସୃଷ୍ଟି କରିଅଛି ।

ହୈମୀ କ୍ରିୟାପାର ଚରମ ଯାମରେ ବହୁଳ ଓ ନିରର୍ଥକ ସ୍ୱପ୍ନକୁଟ ପରି କୁକବିପ୍ରଣୀତ କାବ୍ୟ ପ୍ରତି କଟୁ ଆକ୍ଷେପ କରି ଜଣେ ଲେଖି ଅଛନ୍ତି:—

ଗଣୟନ୍ତି ନାପଶବ୍ଦଂ ନ ବୃତ୍ତ ଭଙ୍ଗଂ କ୍ଷୟଂ ନ ଚାର୍ଥସ୍ୟ
ରସିକ ତ୍ୱେନାକୁଳିତାଃ ବେଶ୍ୟାପତୟଃ କୁକବୟଶ୍ଚ ।

ରସିକତାରେ ଉଲ୍ଲସିତ ହୋଇ ବେଶ୍ୟାଲମ୍ପଟ ଓ କୁତ୍ସିତ କବି ନିକର ଓ କାବ୍ୟର ଅପଶବ୍ଦ ବୃତ୍ତ ଭଙ୍ଗ ଏବଂ ଅର୍ଥକ୍ଷୟକୁ ଲେଶ ଗଣନା କରନ୍ତି ନାହିଁ ।

ଉପସଂହାରରେ ମୋହର ବିନୀତ ନିବେଦନ ଏହି କି ଆଧୁନିକ ସାହିତ୍ୟର ସାମୟିକ ପରିସ୍ଥିତି ଓ ପରସ୍ପର ସ୍ୱାର୍ଥ କଳୁଷିତ ଭ୍ରାତୃଭେଦ ଦେଖି ହୃଦୟର ଆବେଗରୁ କ୍ଷୁବ୍ଧ ହୋଇ ଦୁଇ ଚାରି କଥା ଲେଖି ଦେଇଗଲି ; ମୋହର ଏହି ଅପ୍ରିୟ ଭାଷଣଟିକୁ ଉଦୀୟମାନ କବି ଗଣ ବ୍ୟକ୍ତିଗତ ଆକ୍ରମଣ ବା ଆକ୍ଷେପ ଜନ୍ତି ବୋଲି ଅର୍ଥାନ୍ତର ନ କରି ସରଳ ଅନ୍ତଃକରଣରେ ସୁବିଚାର କରିବେ ।

"କବୟଃ ପରିତୁଷ୍ୟନ୍ତି ନେତରେ କବିସୂକ୍ତିଭିଃ
ନହ୍ୟକୂପାର ବତ୍କୂପାଃ ବର୍ଦ୍ଧନ୍ତେ ବିଧୁ କାନ୍ତିଭିଃ ॥"

କବିର ସୂକ୍ତିରେ କବି ହିଁ ତୋଷ ଲଭେ । ଚନ୍ଦ୍ରୋଦୟରେ ସମୁଦ୍ର ବିନା କୂପ ଉଚ୍ଛୁଳେ ନାହିଁ ; ଅବଶ୍ୟ କବିତାର କଷ୍ଟ କବିର ପରିଶ୍ରମ ଏବଂ ସେହି କବିତା ପୂର୍ଣ୍ଣ ହେଲେ ତଜ୍ଜନିତ ଆନନ୍ଦ କବି ହିଁ ଉପଲବ୍ଧି କରେ । କବିତାର ସୌନ୍ଦର୍ଯ୍ୟ ଫୁଟାଇବା ଲାଗି ଜଣେ ରସିକ କବି କହି ଅଛନ୍ତି :—

ଅର୍ଥୋଗିରାମପିହିତଃ ପିହିତଶ୍ଚ କଶ୍ଚିତ୍ ସୌଭାଗ୍ୟମେତିମରହଟ୍ଟ ବଧୂକୁଚାଭଃ
ନାନ୍ଧ୍ରୀ ପୟୋଧର ଇବାତିତରାଂ ପ୍ରକାଶଃ, ନୋ ଗୁର୍ଜ୍ଜରୀସ୍ତନଇବାତିତରାଂ ନିଗୂଢ଼ଃ ॥

ଭାଷାର ଅର୍ଥଗୌରବ ଆନ୍ଧ୍ରବଧୂ ବକ୍ଷୋଜ ପରି ପ୍ରକାଶ, ଏବଂ ଗୁର୍ଜ୍ଜରବଧୂ ବକ୍ଷୋଜ ପରି ନିଗୂଢ଼ ନ କରି ମରହଟ୍ଟାରମଣୀ ପୟୋଧର ପରି ପ୍ରକାଶ ଓ ଅପ୍ରକାଶ ଅବସ୍ଥାରେ ରଖିବା ଉଚିତ ।

ଅତଃପର ଅତ୍ୟଧିକ ବାଚାଳତା ପ୍ରକାଶ କରି ସମୟ ନଷ୍ଟ କରିବା ବିହିତ ନୁହେ ।

ହେ ସାହିତ୍ୟ-ସେବା-ତତ୍ପର ତରୁଣ କବିଭ୍ରାତୃବୃନ୍ଦ ! ସେହି ପୀୟୂଷବର୍ଷିଣୀ ଭଗବନ୍ମହିମାଦ୍ୟୋତିନୀ ପ୍ରପନ୍ନମାନସୋଲ୍ଲାସିନୀ ଚେତନାମୟୀ ଜଗଜ୍ଜନନୀ ସରସ୍ୱତୀଙ୍କର କୃପା ହିଁ କାବ୍ୟ କଳାର ଚରମୋତ୍କର୍ଷ । ସେହି ମା'ଙ୍କର ସେବା ଅର୍ଥାତ୍ ଜୀବନ ବ୍ୟାପୀ ସାହିତ୍ୟ ସେବା, ଏହାହିଁ ଗୋଟିଏ ମହାଯଜ୍ଞ । ଏହି ମହାଯଜ୍ଞର ହବିଃଶେଷ ବା ଚଳାଭକ୍ଷଣ ଗୀତା ଭାଷାରେ "ଯଜ୍ଞଶିଷ୍ଟାମୃତପାନ ।" ଏହି ଅମୃତ ପାନରେହିଁ ଅମରତ୍ୱ ଲାଭ ; ଅଥଚ ସେହି ସୋମାସ୍ୱାଦନ ହିଁ କବିଜନପକ୍ଷେ ଅବଭୃଥ ସ୍ନାନ । ଏହି ପୁଣ୍ୟାନୁଷ୍ଠାନରେ ତତ୍ପର ହୋଇ ଐଶୀଶକ୍ତି ପରିପୂରିତ ପବିତ୍ର ସାରସ୍ୱତ ତୀର୍ଥରେ ଅବଗାହନ କରି ସେହି ସର୍ବଶକ୍ତି ପ୍ରଦାୟିନୀ କାଳବ୍ୟାପିନୀ ପ୍ରଣବ ରୂପିଣୀ ବାଣୀ ବୀଣାର ଅନନ୍ତ ଐଶ୍ୱର୍ଯ୍ୟ, ଅସୀମ ମାଧୁର୍ଯ୍ୟ, ଅଶେଷରସଭଣ୍ଡାର ଉଦ୍ଘାଟନ ପୂର୍ବକ ପୂତମୟ ସ୍ତୋତ୍ର ଆବୃତ୍ତି କର ।

କୋଣାର୍କ ପ୍ରସ୍ତରରେ ସ୍ଥାପିତ ସ୍ଥାପତ୍ୟ ବୈଭବ ସଙ୍ଗେ ଉତ୍କଳ ଜାତୀୟ ସାହିତ୍ୟର ବିଶେଷ ମନୋହର ସମାବେଶ ବିସ୍ମୟ ବିସ୍ଫାରିତ ନେତ୍ରରେ ଜଗତ ଦେଖୁ :

ପ୍ରିୟଂ ମାକୃଣୁ ଦେବେଷୁ ପ୍ରିୟଂ ରାଜସୁ ମାକୃଣୁ
ପ୍ରିୟଂ ସର୍ବସ୍ୟ ପଶ୍ୟତଃ ଉତ ଶୂଦ୍ର ଉତାର୍ଯ୍ୟେ ॥

ହେ ଜଗଦୀଶ୍ୱର ! ତୁମ୍ଭେ କେବଳ ଦେବବୃନ୍ଦର ପ୍ରିୟ ବିଧାନ କର ନାହିଁ; ଅଥବା ତୁମ୍ଭର ପ୍ରୀତି ରାଜନ୍ୟବର୍ଗ ମଧ୍ୟରେ ହିଁ ସୀମାବଦ୍ଧ ନ ରହୁ । ବ୍ରାହ୍ମଣାଦି ଚତୁର୍ବର୍ଣ୍ଣକୁ ଏବଂ ଦସ୍ୟୁ ମ୍ଲେଚ୍ଛ ନିଷାଦ ପ୍ରଭୃତି ସମସ୍ତ ପ୍ରାଣୀଠାରେ ତୁମ୍ଭର ଆଶୀର୍ବାଦ ତୁମ୍ଭର ସଞ୍ଜୀବନୀ ପ୍ରୀତି ଓ ଅମୋଘ ଶାନ୍ତି ସମଭାବରେ ଅଜସ୍ର ଧାରାରେ ସର୍ବଦା ବର୍ଷଣ କରୁ ।

Digitized by srujanika@gmail.com

# ଶିଳ୍ପ ଓ କଳା

**ଶ୍ରୀମତୀ ବେଲା ଦେବୀ**

ଚନ୍ଦ୍ର କିରଣ ସମସ୍ତ ପୃଥିବୀକୁ ଆଲୋକିତ କରେ କିନ୍ତୁ ସେ ଆଲୁଅ ଆମ୍ଭମାନଙ୍କର ଘର କୋଣର ଅନ୍ଧକାରକୁ ଦୂର କରେ ନାହିଁ; ସେଠାରେ ଦୀପର ପ୍ରୟୋଜନ ହୁଏ । ସେହିପରି ବାହାରର ଅନେକ ଜ୍ଞାନଗବେଷଣା ସହିତ ଆମ୍ଭେମାନେ ପରିଚିତ ହେଲେ ସୁଦ୍ଧା, ନାନା ପ୍ରକାର ପ୍ରାଚ୍ୟ ଶିଳ୍ପକଳା ଆମ୍ଭମାନଙ୍କର ଗୃହକୁ ଉଜ୍ଜ୍ୱଳ କରି ରଖିଅଛି ।

ପଲ୍ଲୀର ଶିଳ୍ପ-କଳା ସାଧାରଣତଃ ପ୍ରକାଶିତ ହୁଏ ମାଟି, ପଥର, କାଠ, ଲୁଗା, ମନୁଷ୍ୟର ଦେହ, କାଗଜ, ସୂତା, ବେତ, କାଇଁଚ, ତାଳ ପତ୍ର ଇତ୍ୟାଦି ଉପରେ—କେଉଁଠି ନାନାରଙ୍ଗର ରେଖା ହୋଇ, କେଉଁଠି କଠିଣ ଦାଗ କାଟି, କେଉଁଠି ରଙ୍ଗିନ ସୂତାର ମାୟାଜାଲ ରଚନା କରି । ଏମାନଙ୍କ ମଧ୍ୟରେ କେହିବା ମନୁଷ୍ୟର ଅଙ୍ଗକୁ ଚିତ୍ରିତ କରିଅଛି, କେହି ବା ଗୃହର ବିବିଧ ବସ୍ତୁ ମଧ୍ୟରେ ଲୁଚି ରହିଛି, କେହି ବା ଧର୍ମର ପଞ୍ଚ ପ୍ରଦୀପର ଆଲୋକରେ ଉଜ୍ଜ୍ୱଳ ପଥର ପଥିକ ହୋଇ ଏବଂ ମନୁଷ୍ୟର ସହଜ ସୌନ୍ଦର୍ଯ୍ୟସ୍ପୃହାର ଏକାନ୍ତ ସାଥୀ ହୋଇ ଆମ୍ଭମାନଙ୍କ ଗୃହରେ ରୂପର ଡାଲି ସଜାଇ ରଖିଛି ।

ମାଟି ଉପରେ ଚିତା ମୁରୁଜରେ ଆମ୍ଭେମାନେ ଯେଉଁ ଚିତ୍ର ଦେଖିବାକୁ ପାଉଁ ସେହି ପ୍ରକାରର ଚିତ୍ର ପୁଣି ପଥର ଉପରେ, କାଠ ଉପରେ, ଦେହର ଉଲ୍କିରେ, ଗହଣାରେ, ରଙ୍ଗୀନ କନ୍ଥାରେ, ସୂକ୍ଷ୍ମ ବେତ ବୁଣାରେ ମଧ୍ୟ ଦେଖାଯାଏ । ନକ୍ସା କରିବାର ପ୍ରଣାଳୀ ପୃଥକ୍ ପୃଥକ୍ ସ୍ଥାନରେ ପୃଥକ୍ ହେଲେ ମଧ୍ୟ, ସେମାନଙ୍କର ପରସ୍ପର ମଧ୍ୟରେ ଗୋଟିଏ ସାମଞ୍ଜସ୍ୟ ଅଛି । ଏହି ସାମଞ୍ଜସ୍ୟ ଭିତରେ ଆମ୍ଭମାନଙ୍କର ଦେଶର ବିଭିନ୍ନ ସ୍ତରର ଶିଳ୍ପି-ମାନଙ୍କ ମଧ୍ୟରେ ଗୋଟିଏ ମିଳନ ସେତୁ ନିର୍ମିତ ହୋଇଅଛି । ସେମାନେ ଗୋଟିଏ ପ୍ରେରଣା ନେଇ ନାନା ପଥରେ ଧାବିତ ହୋଇ ଅଛନ୍ତି । ଯେଉଁ ଶିଳ୍ପୀ ରଙ୍ଗ ଦେଇ ମୃତ୍ପିଣ୍ଡ ଉପରେ ଚିତ୍ର କରେ ସେ ମଧ୍ୟ ରଥ ଉପରେ ଅଙ୍କିତ ଛବିର ଗୋଟିଏ ବଡ଼ ସମଝଦାର । ମାଟି ଉପରେ କନ୍ଥା ପାରି, କୃଷାଣ ଗୃହିଣୀ ରଙ୍ଗ ସୂତା ଦ୍ୱାରା ତାହା ଦେହରେ ଯେଉଁ ସବୁ ଫୁଲ, ଲତା, ପତ୍ର, ପ୍ରଜାପତି ଇତ୍ୟାଦି କରି-ଥାଏ ତାହାର ଅନୁକରଣରେ କୃଷକ ସୂକ୍ଷ୍ମ ବେତବୁଣା ଦ୍ୱାରା ଘରି ଚାଳରେ ବତା, ବାଉଁଶ ଇତ୍ୟାଦି ସହିତ ପଦ୍ମବନ୍ଧନୀ, ଗୋଖୁରାବନ୍ଧନୀ ପ୍ରଭୃତି ରଚନା କରେ ।

ବଙ୍ଗଦେଶରେ ବର୍ତ୍ତମାନ ଏହି ସବୁ ଗ୍ରାମ୍ୟଶିଳ୍ପ ପୁନରୁଦ୍ଧାର କରିବାର ବହୁତ ଚେଷ୍ଟା ଚାଲିଛି । ଶ୍ରୀ ଦୀନେଶ ଚନ୍ଦ୍ର ସେନ୍, ଶ୍ରୀ ଗୁରୁସଦୟ ଦତ୍ତ, ଶ୍ରୀ ସୁଧାଂଶୁ କୁମାର ରାୟ ଓ ଜସୀମ ଉଦ୍ଦୀନ ପ୍ରଭୃତି ଲୋକମାନଙ୍କର ଚେଷ୍ଟା ଅତ୍ୟନ୍ତ ପ୍ରଶଂସନୀୟ । ଓଡ଼ିଶାର ଗ୍ରାମମାନଙ୍କରେ ଯେ ଏ ସବୁ ନାହିଁ ତାହା ନୁହେଁ । ଓଡ଼ିଶାର ଶିଳ୍ପ ଏକ ସମୟରେ ଜଗତକୁ ମୁଗ୍ଧ କରିଥିଲା ଏବଂ ଏ ଯାଏ ତାହାର ଭଗ୍ନାବଶେଷ ଚିହ୍ନମାନ ରହିଛି । ମନ୍ଦିର ନିର୍ମାଣ, ଭାସ୍କର୍ଯ୍ୟ, ରେଖା—ଚିତ୍ର ଏ ସବୁ ବଡ଼ କଥା—ଏ ସବୁ ଛାଡ଼, ଜ୍ଞାନୀମାନଙ୍କର ଗବେ-ଷଣାର ଅନ୍ତରାଳରେ କେତେ ଚିତା, ଅଙ୍ଗଲେଖା, ସୂଚୀ କର୍ମ, ଫୁଲ ଗୁନ୍ଥା, କାଇଁଚ କାମ, ବେତ କାମ, ହାତୀ ଦାନ୍ତର ଜିନିଷ, ସୋଲର ଜିନିଷ, ଧାନମେଣ୍ଢା, ମାଟିର କଣ୍ଢେଇ, ପଥରର ବାସନ, ମେଢ଼ା ଉପରେ କାମ, ମାଟି ଏବଂ କାଠ ଜିନିଷ ଉପରେ ରଙ୍ଗର ସମାବେଶ, ଲୁଗା ବୁଣା; ସୁନା, ରୁପା, କଂସା, ପିତଳର ଗହଣା ଓ ବାସନ, ଝୋଟି ବୁଣା, ହାତଲେଖା ପୋଥି ଉପରେ ଚିତ୍ର ଶିଳ୍ପ ଇତ୍ୟାଦି, ଯାହା ସଦା ସର୍ବଦା ଆମ୍ଭମାନଙ୍କର ଗ୍ରାମ୍ୟଜୀବନକୁ ଆନନ୍ଦରେ ଆଲୋକିତ କରିଦିଏ—ତାହାର ଖବର କେହି ରଖୁ ନାହାନ୍ତି । ଏ ସବୁ ସଂଗ୍ରହ କରିବା ଅତ୍ୟନ୍ତ ଶ୍ରମ ଏବଂ ଧୈର୍ଯ୍ୟ ସାପେକ୍ଷ । ଏହା ମୁଁ ସ୍ୱୀକାର କରୁଛି କିନ୍ତୁ ତାହା ହେଲେ ମଧ୍ୟ, ଯଦି ଅନ୍ୟ ଦେଶ-ମାନଙ୍କରେ ଏହା ସମ୍ଭବ ହୋଇଅଛି, ଆମ୍ଭେମାନେ ଅବା ଚେଷ୍ଟା ନ କରିବୁଁ କାହିଁକି ? ଥରେ ଗୋଟିଏ ପର୍ତ୍ତୁଗିଜ ଲେଖକର ବହି ମଧ୍ୟରେ ମୁଁ ଓଡ଼ିଶାର କେତେଗୁଡ଼ିଏ କାଇଁଚ ପେଡ଼ି ଓ ଝୋଟିର ଚିତ୍ର ଦେଖିଥିଲି । ସୁଦୂର ପର୍ତ୍ତୁଗାଲରେ ଯଦି ଓଡ଼ିଶାର ଏହି ସବୁ ଜିନିଷ ଆଦୃତ ହୋଇ ଥାଏ ତେବେ ଦେଶର ଲୋକଙ୍କର ଅଧିକ ଆଗ୍ରହ ପ୍ରକାଶ କରିବା ଉଚିତ ନୁହେଁ କି ?

ବର୍ତ୍ତମାନ ବଙ୍ଗ ଦେଶର ଗ୍ରାମ୍ୟ—ନୃତ୍ୟକୁ ପୁନରୁଦ୍ଧାର କରିବା ପାଇଁ ଶ୍ରୀ ଗୁରୁସଦୟ ଦତ୍ତ ଅତ୍ୟନ୍ତ ଚେଷ୍ଟା କରୁଅଛନ୍ତି । ଓଡ଼ିଶାର ମନ୍ଦିରମାନଙ୍କରେ ଅନେକ ମୂର୍ତ୍ତି ନୃତ୍ୟ-ଭଙ୍ଗିରେ ନିର୍ମିତ ହୋଇଅଛି ଏବଂ ମନ୍ଦିର ଗାତ୍ରରେ ଖୋଳା ହୋଇଅଛି । ଓଡ଼ିଶାର ଗୋଟିପୁଅ ନାଚ ଏବଂ ଛଉନାଚ ପ୍ରସିଦ୍ଧ । ଏ ଗୁଡ଼ିକର ସମଝଦାର କି କେହି ନାହାନ୍ତି ? ଏ ଗୁଡ଼ିକ କି ଚିରଦିନ ଲୋକଚକ୍ଷୁ ଏବଂ ସାଧାରଣ ଜ୍ଞାନର ଅନ୍ତରାଳରେ ରହି କ୍ରମେ ଲୁପ୍ତ ହୋଇଯିବ ?

କୌଣସି ଜାତି କେଉଁ ମହତ୍ ପ୍ରେରଣା ନେଇ କେବେ କେଉଁ ମହାନ୍ କାର୍ଯ୍ୟ ସମ୍ପାଦନ କରିଛି—ଇତିହାସ ତାହା ଲିପିବଦ୍ଧ କରିଛି । କିନ୍ତୁ ମନୁଷ୍ୟର ସତ୍ୟ ପରିଚୟ କି କେବଳ ମାତ୍ର ତାହାର ମହତ୍ କାର୍ଯ୍ୟ ମଧ୍ୟରେ ନିହିତ ଥାଏ ? ତାହା ନୁହେଁ । ମନୁଷ୍ୟର ଦୈନନ୍ଦିନ ଜୀବନର ତୁଚ୍ଛ ବ୍ୟାପାରରେ, ସାମାନ୍ୟ କଥାରେ ନଗଣ୍ୟ କାର୍ଯ୍ୟରେ ତାହାର ଅନ୍ତରର ଅସଲ ପରିଚୟ ମିଳେ । ମନୁଷ୍ୟ ଜୀବନର କ୍ଷୁଦ୍ର କ୍ଷୁଦ୍ର ଘଟନା ବାଦ ଦେଇ ଯଦି କେବଳ ତାହାର ବିଶେଷ କାର୍ଯ୍ୟକୁ ନେଇ ସମାଲୋଚନା କରାଯାଏ, ତେବେ ତାହା ପ୍ରତି ସମ୍ପୂର୍ଣ୍ଣ ନ୍ୟାୟ ପ୍ରକାଶ କରାଯାଏ ନାହିଁ । ସେହିପରି ମନୁଷ୍ୟର ଇତିହାସ, ଜାତିର ଇତିହାସ, ଦେଶର ଇତିହାସ—ସୃଷ୍ଟି

ଆରମ୍ଭରୁ ଯୁଗ ଯୁଗାନ୍ତରର ଘଟନା, ଉତ୍ଥାନ-ପତନ, ଉତ୍କର୍ଷ-ଅପକର୍ଷ ବହନ କରି ତାହାର ଜୟଯାତ୍ରା ପଥରେ ଅଗ୍ରସର ହେଉଅଛି । ତାହାର କିୟଦଂଶ ମାତ୍ର ଆମ୍ଭେମାନେ ଜ୍ଞାନୀର ଗବେଷଣାଲବ୍ଧ ଜ୍ଞାନରୁ ପାଉଁ । ଇତିହାସ କେବଳ ରାଜ୍ୟମାନଙ୍କର ନାମ ଏବଂ ଶ୍ରେଣୀବଦ୍ଧ ଘଟନାମାନଙ୍କର ସମଷ୍ଟି ନୁହେ । ଆମ୍ଭମାନଙ୍କ ଦେଶରେ ପୂର୍ବକାଳର ଲୋକମାନେ କିପରି ସାମାଜିକ ଜୀବନ ଯାପନ କରୁଥିଲେ, ସେମାନଙ୍କର ସୌନ୍ଦର୍ଯ୍ୟବୋଧ, ରସବୋଧ, ଆଚାର ବ୍ୟବହାର, ରୀତି-ନୀତି, କ୍ରିୟା-କର୍ମ, ଶିଳ୍ପ-କଳା ଏ ସବୁ ନ ଜାଣିଲେ, ନ ବୁଝିଲେ ଇତିହାସ ଅସମ୍ପୂର୍ଣ୍ଣ ରହିଯାଏ । ଆମ୍ଭମାନଙ୍କର ଦୈନନ୍ଦିନ ଜୀବନର ଆଚାର-ବିଚାର, ସଂସ୍କାର-ବିଶ୍ୱାସ, ଶିଳ୍ପ-କଳା, କଥା-ବାର୍ତ୍ତା ଅନ୍ତରାଳରେ ଯେ ଗୋଟାଏ କେତେ ଦୀର୍ଘ ଯୁଗ ଯୁଗାନ୍ତରର ଇତିହାସ ଲୁକ୍କାୟିତ ଅଛି ତାହା କଳ୍ପନାତୀତ । ମନୁଷ୍ୟ ଜୀବନର ଭାବଧାରା ଲୋକମୁଖରୁ ମୁଖାନ୍ତରିତ ହୋଇ, ହସ୍ତାନ୍ତରିତ ହୋଇ, ଲୁପ୍ତାବଶିଷ୍ଟ ଯେତିକି ଏ ପାଖର ଅନୁକୂଳ ତେଉରେ ଭାସି ଆସିଛି, ତାହା ଯେପରି ପୁନରାୟ ଅଜ୍ଞାତ ଗର୍ଭରେ ବିଲୀନ ନ ହୁଏ, ତାହା ଯେପରି ବର୍ତ୍ତମାନ ଯୁଗର କର୍ମ-ବହୁଳ, ଭାବ-ଗହଳ ଜୀବନର କ୍ଷୁଦ୍ରତା, ସ୍ୱଳ୍ପତା, ଶୈଥିଲ୍ୟ ମଧ୍ୟରେ ପଥ ନ ହଜାଇ, ତରୁଣର ସ୍ୱପ୍ନ କଳ୍ପନା ଓ ଚିନ୍ତାଧାରା ମଧ୍ୟରେ ଆତ୍ମ ପ୍ରକାଶ କରି ମନୁଷ୍ୟର, ଦେଶର ତଥା ଯୁଗର ବିଜୟ କେତନ ଉପରେ ଆପଣାର ଆସନ ପାଏ, ଏହାହିଁ ସମସ୍ତଙ୍କର ବାଞ୍ଛନୀୟ ।

# ଦୋକାନଦାର

ଶ୍ରୀ ଭଗବତୀ ଚରଣ ପାଣିଗ୍ରାହୀ

ତା'ର ଦୋକାନ ବନ୍ଦ ଥାଏ ମାସରେ ପଚିଶ ଦିନ । ସେ ଦିନ ବି ବନ୍ଦ ଥିଲା । ଆଶ୍ଚର୍ଯ୍ୟ ବା କ'ଣ? ଏପରି ତ କେତେ ଦୋକାନର କୁଆଡ଼େ ତାଲା ବନ୍ଦ ଥିବ । ତା'ପ୍ରତି କିଏ ନଜର ଦିଏ? କିନ୍ତୁ ଏ ଯେଉଁ ଦୋକାନଟି ବନ୍ଦ ଥାଏ, ସେଥିଲାଗି ଗରାକମାନଙ୍କୁ ଅସୁବିଧା ଭୋଗ କରିବାକୁ ହୁଏ ବିସ୍ତର । ଏ ଦୋକାନର ଗରାକ ସଂଖ୍ୟା ଅଳ୍ପ ହେଲେ ବି, ସେମାନଙ୍କର ଗରଜ ବେଶି ; ଏବଂ ଏ ଧରଣର ଦୋକାନ କଟକ ସହରରେ ଅଳ୍ପ ।

ସେହି ସନ୍ଧ୍ୟାରେ ତିନି ଜଣ ଗରାକ ସେ ଦୋକାନରୁ ଫେରିଲେ । ସେଥିଭିତରୁ ଜଣେ କଲେଜ ଛାତ୍ର—ସାଇକେଲ୍ ସିଟ୍ ଉପରେ ଚମଡ଼ା ପକାଇବା ଲାଗି ଦେଇଥିଲେ ; ଅନ୍ୟ ଜଣେ ପୁଲିଶ୍ ସାହେବଙ୍କ ଚପରାସି—ସାହେବଙ୍କ ଘୋଡ଼ା ସାଜ ମରାମତି କରିବାକୁ ଦେଇ ଯାଇଥିଲା ; ଅନ୍ୟ ଜଣକ ମଟର ମରାମତିବାଲା—ମଟର ଗଦିରେ ତାଳି ଯୋଡ଼ିବାକୁ ଦେଇଥିଲା । ଏ ସମସ୍ତେ ପାଞ୍ଚ ଦଶ ଥର ଲେଖାଏଁ ଫେରିଲେଣି ।

ଅନ୍ୟ ଦି' ଜଣଙ୍କୁ ବିରକ୍ତ ହେବାର ଦେଖି ମଟର ମରାମତିବାଲା କହିଲା, "ବିରକ୍ତ ହେଲେ ଆଉ ହବ କ'ଣ? ଏ ଲୋକଟାର ତ ଏଇ ଦସ୍ତୁର ।"

କଲେଜ ବାବୁ କହିଲେ "ଅଚ୍ଛା ଲୋକ! ଦେଢ଼ ମାସ ହବ ମତେ ଦଉଡ଼େଇଲାଣି । କହି ପାରିବ ସା' ଘରଟା କୋଉ ବଜାରରେ? ସେଠାରେ ହେଲେ ଖୋଜି ଦେଖେଁ ।"

ମଟର ମରାମତିବାଲା କହିଲା, "ବାବୁ, ତା'ର ଯଦି ଘରଦ୍ୱାର ଥାନ୍ତା, ତେବେ ଏତେ ଥର ଲୋକ ଦୋକାନରୁ ଲେଉଟନ୍ତେ କାହିଁକି? ସେ ନିଜେ ପରି ଫୁଟାଣି ଦେଖାଇ କହେ—ତାର ବୈଠକଖାନା ଦୁଇ ଯାଗାରେ—ଗୋଟାଏ ମଦଖଟି ଆଉଟି ଗୁଲିଖଟି ; ହୋଟେଲରେ ହୁଏ ଖିଆପିଆ ; ଆଉ—ବାବୁ, ମନେ କିଛି ଭାବିବେ ନାହିଁ—ଶୁଆବସା ହୁଏ ବେଶ୍ୟା ଘରେ ; ମଦ ଖାଇବାକୁ ପଇସା ନ ମିଳିଲା ତ କାମଦାମ କରିହୁଏ ଏଇ ଦୋକାନରେ ।"

କଲେଜ ଛାତ୍ର କହିଲେ, "ଆଶ୍ଚର୍ଯ୍ୟ କଥା, ତମେ ଏ ସବୁ କଥା ଜାଣି ବି କେମିତି ଏ ଲୋକ ପାଖରେ କାମ ବରାଦ କରୁଛ? ମୁଁ ଯଦି ଆଗରୁ ଏ ସବୁ ଜାଣିଥାନ୍ତି, ମୋର କାମ ନ ହେଲା ବରଂ ମୁଁ ଏମିତି ଲୋକ ପାଖରେ ବରାଦ କରି ନ ଥାନ୍ତି ।"

—"ବୁଝିଲେନିକି ବାବୁ, ଲୋକଟାର ଏ ସବୁ ଦୁର୍ଗୁଣ ଭିତରେ ଗୁଣ ମଧ୍ୟ ଅଛି । କାମଟି ଜାଣେ ଭଲ । ଜର୍ମାନ ଯୁଦ୍ଧ ବେଳେ ସେ ବେଲ୍‌ଜିଅମ୍‌ରେ **Hall and Parkins** ରେ କାମ କରୁଥିଲା । ଏ କୋମ୍ପାନି ଯୁଦ୍ଧର ସବୁ ଘୋଡ଼ାସାଜ ମରାମତି କରିବାର ଭାର ନେଇଥିଲା । ଯୁଦ୍ଧ ପରେ ନାନା ଯାଗାରେ କାମ କରି ଶେଷରେ ଆସି କଲିକତାରେ କାମ କରୁଥିଲା, ବଡ ସାହେବ କମ୍ପାନିରେ । ଏଇ ସବୁ ବଦ୍ ଅଭ୍ୟାସ ଯୋଗେ ବର୍ଷେ ହେଲା ସେଠାରୁ ବାହାରି ଆସିଚି ।"

ଲୋକଟା ଉପରେ କଲେଜ ବାବୁଙ୍କର ମନ ଏପରି ବିଗିଡ଼ି ଯାଇଥିଲା ଯେ ଏ ସବୁ ଶୁଣି ସେ ଆଦୌ ବିସ୍ମୟ ପ୍ରକାଶ ନ କରି କହିଲେ, "ଏତେ ବଡ଼ ବଡ଼ କମ୍ପାନିରେ କାମ କରି ବି ଲୋକଟାକୁ ବ୍ୟବସାୟର ସାମାନ୍ୟ କାଇଦା କଟକଣା ମାଲୁମ ନାହିଁ ; ଏହାହିଁ ଆଶ୍ଚର୍ଯ୍ୟ! ଗରାକଙ୍କୁ ଏତେ ଥର ଲେଉଟାଇଲେ କି ବ୍ୟବସାୟ ଚଳେ?" ବାବୁଟି ବୁଝିଲେ ନାହିଁ ସେ ଦୋକାନ ଖୋଲିଛି ନିଶା ଖର୍ଚ୍ଚ ଚଳାଇବାକୁ ; ବ୍ୟବସାୟ ଚଳାଇବାକୁ ତ ନୁହେ ।

Digitized by srujanika@gmail.com

ଗରାଖମାନେ ଯେ ଯୁଆଡ଼େ ଫେରିଲେ। ଦୋକାନଟି କିନ୍ତୁ ସେହିପରି ବନ୍ଦ ରହିଲା। ଏତେ କଥା, ଏତେ ଅପମାନ—ତାକୁ ସେ ସବୁ କିଛି ସ୍ପର୍ଶ କଲା ନାହିଁ। ତା'ର ପାଖ ଦୋକାନମାନଙ୍କରେ କେତେ ଗହଳ ଚହଳ। ଅଥଚ ସେଠାରେ କିଛି ନାହିଁ। ପିଲାମାନେ କୌତୁକରେ ପାଗଲା ଉପରକୁ ଢେଲା ପଥର ପକାଇଲା ପରି ପବନ ରାସ୍ତାର ଗାଦି ଧୂଳି ଉଡ଼ାଇ ଆଣି ଦୋକାନ ଦୁଆର ମୁହଁରେ ପକାଇ ଦେଇଗଲା। ଦୋକାନ କବାଟ କ୍ଷଣକ ପାଇଁ ଧଡ଼ ଧଡ଼ ହୋଇ ଉଠିଲା। ପୁଣି ସେହିପରି ସ୍ଥିର ହୋଇ ରହିଲା। ଗତ କେତେ ଦିନ ଧରି ଦୋକାନ ବନ୍ଦ ଥିବାରୁ କବାଟରେ, ଚୌକାଠରେ ଅଙ୍ଗୁଳେ ବହଳ ଧୂଳି ବସି ଯାଇଛି।

ଏହି କ୍ଷୁଦ୍ର ଦୋକାନକୁ ଲାଗି ଚୌଧୁରୀଙ୍କର ସମ୍ଭ୍ରାନ୍ତ ମନୋହାରୀ ଦୋକାନ। ସେ ଦୋକାନଟି ଏପରି ସଜା ହୋଇଛି, ନାନା ରଙ୍ଗର ଆଲୋକ ଏପରି ଭାବରେ ଖଞ୍ଜା ହୋଇଛି ଯେ ଖୁବ୍ ଜରୁରି କାମ ଥିବା ଲୋକ ବି ରାସ୍ତାରେ ଦଣ୍ଡେ ଠିଆ ହୋଇଯିବ—ଦୋକାନର ଶୋଭା ଦେଖିବାକୁ। ଏତେ ବଡ଼ ସମୃଦ୍ଧିଶାଳୀ ଅଭିଜାତ ଦୋକାନ ପାଖରେ ସେଇ ଅପରିଷ୍କାର କ୍ଷୁଦ୍ର ଦୋକାନଟି କାନ୍ଧକୁ କାନ୍ଧ ମିଳାଇ ବସିଛି। ସେ ଦୋକାନଦାରର ମଗଜ ବି ଏହି ସମ୍ଭ୍ରାନ୍ତ ଦୋକାନଦାରମାନଙ୍କ ଅପେକ୍ଷା କୌଣସି ଅଂଶରେ କମ୍ ନୁହେଁ। କଟକ ସହରରେ ତା'ପରି ଦିଲ୍‌ଦାର ଲୋକ ହୁଏ ତ ଅଛନ୍ତି କି ନା ସନ୍ଦେହ।

ମସ୍‌ଜିଦ୍ ଗଲା। ରାତି ପ୍ରାୟ ଏଗାରଟା। ସେ ଚାଲି ଚାଲି ଅନ୍ଧାର ଭିତରେ ଗଳିଛି—ଖୁବ୍ ସମ୍ଭବ ଖଟିରୁ ଫେରିଲା। କିଛି ଦୂର ଯିବା ପରେ ସେ ଗୋଟିଏ ବାରଣ୍ଡା ଉପରକୁ ଉଠି ଯାଇ ଦୁଆର ମୁହଁରେ ଆଘାତ କଲା। ଭିତରେ ଅନ୍ୟ ଲୋକର କଣ୍ଠସ୍ୱର ଶୁଣିପାରି ସେ ବିସ୍ମିତ ହୋଇ ପୁଣି ଶୁଣିଲା। ବାସ୍ତବିକ ଅନ୍ୟ ଲୋକ ସହିତ ମୋହିନୀ ଖୁସି ଗପ କରୁଛି। କଟକକୁ ଆସିବା ଦିନୁ ମୋହିନୀ ସହିତ ତାର ପରିଚୟ ହେଲେ ସୁଦ୍ଧା ଗତ ଚାରିମାସ ହେବ ସେ ତା' ଘରେ ଖିଆପିଆ ବସବାସ କରେ। ଏହା ପୂର୍ବରୁ ତା'ର ଖିଆପିଆ ହେଉଥିଲା ହୋଟେଲରେ କିନ୍ତୁ ବସବାସର କୌଣସି ନିର୍ଦ୍ଦିଷ୍ଟ ଜାଗା ନ ଥିଲା। ଜୀବନଯାକ ସେ ଏହିପରି ଭାବରେ କଟାଇ ଆସିଛି। ମୋଟେ ଏଇ କେତୋଟା ଦିନ ହେବ ସେ ମୋହିନୀ ସହିତ ଘର ସଂସାର କରି ରହିଥିଲା। ଏ ବେଶ୍ୟା ପଡ଼ାରୁ ମୋହିନୀକୁ ଉଠାଇ ନେଇ ଅନ୍ୟ ଜାଗାରେ ଗୋଟିଏ ଘର କରି ରହିବାକୁ ସେ ଅନେକ ଥର ଭାବିଛି। କିନ୍ତୁ ତାହାର ଅବସ୍ଥା ତାହା କରାଇ ଦେଇନାହିଁ, ତଥାପି ସେହି ବେଶ୍ୟାଳୟରେ ମୋହିନୀଠାରୁ ପୂର୍ଣ୍ଣ ପତିତ୍ୱ ଦାବୀ କରିବାକୁ ସେ ଛାଡ଼ି ନାହିଁ। ସମୟ ସମୟରେ ଘରଖର୍ଚ୍ଚ ପାଇଁ ନିଜର ରୋଜଗାର ତକ ମଧ୍ୟ ମୋହିନୀ ହାତକୁ ବଢ଼ାଇ ଦେଇଛି। କିନ୍ତୁ ଆଜି ଅନ୍ୟ ପୁରୁଷର କଣ୍ଠସ୍ୱର ଶୁଣି ତାହାର ସ୍ୱାମୀତ୍ୱର ଅଭିମାନ ଜାଗି ଉଠିଲା। ସେ ପୁଣି ଦ୍ୱାରରେ ଆଘାତ କରି ଗର୍ଜି ଉଠିଲା, "ଦରଜା ଖୋଲେ।" ସଙ୍ଗେ ସଙ୍ଗେ ସବୁ କଲରୋଳ ବନ୍ଦ ହୋଇଗଲା।

କବାଟ ଫିଟିଗଲା। ଅଳ୍ପ ଖୋଲା କବାଟ ଫାଙ୍କରେ ମୋହିନୀ ମୁହଁଟି ଗଳାଇ ତାହାର ଚଞ୍ଚଳ ନୟନ ଓ ସସ୍ମିତ ଅଧରକୁ ଆଗନ୍ତୁକ ଆଡ଼କୁ ଟେକି ଧରିଲା।

ଅବିଚଳିତ ଗମ୍ଭୀର ସ୍ୱରରେ ପ୍ରଶ୍ନ ହେଲା, "ଘରେ ଆଉ କିଏ ?"

"ଆଉ କିଏ ଥାଆନ୍ତା ମ ; ପଡ଼ୋଶୀ ଘର ପାଟି ଶୁଭୁ ଥିବ ନା।"

କୌଣସି କଥାରେ କାନ ନ ଦେଇ ସେ ଭିତରକୁ ଗଳିଲା। ସେହି ଘର ଭିତରେ ସେ ନିଶାରେ ବେହେଲ ହୋଇ ପଡ଼ିଥିବା ବେଳେ ମୋହିନୀ ପାଖକୁ ଅନ୍ୟ ଲୋକ ଆସିଛନ୍ତି ; କିଛି ସେ ଜାଣି ପାରି ନାହିଁ। କିନ୍ତୁ ଆଜି ତାହାର ନିଶା ଗଲା କୁଆଡ଼େ ? ଏହି କଥାଟା ବୁଝିବାକୁ ମୋହିନୀର ବାକି ରହିଗଲା। ସେ ଭାବି ଥିଲା ଏ ତ ମାତାଲ ହୋଇ ଆସିଥିବ। ଯାହାକୁ ସହଜରେ ଭୁଲାଇ ଦେଇ ଅତିଥିଟିକୁ ସସମ୍ମାନରେ ବିଦା କରି ଦେବ। କିନ୍ତୁ ଆଜିର ଏ ଭାବ ତାହାଠାରେ ଦେଖି ମୋହିନୀର ମନରେ ନାନା ଆଶଙ୍କା ଜାତ ହେଲା।

ସେ ଘର ଭିତରେ ପଶି ଆଗ ଚାରିଆଡ଼େ ଖୋଜିବାକୁ ଲାଗିଲା। ଶେଷରେ ଦେଖିଲା ଖଟତଳେ ଗୋଟିଏ କୋଣରେ ମଣିଷ ଦେହଟିଏ ଜାକି ଜୁକି ହୋଇ ରହିଛି। ସେ ମୋହିନୀ ଆଡ଼କୁ ନିଜର ରକ୍ତଚକ୍ଷୁ ଫେରାଇ ପଚାରିଲା, "ଘରେ ପରା କେହି ନ ଥିଲେ ; ଏ ତେବେ କିଏ ?" ମୋହିନୀ ଚିତ୍‌କାର କରି ସେଠାରୁ ପଳାଇବାକୁ ବସିଥିଲା। କିନ୍ତୁ ତାହାର ଶକ୍ତ ମୁଠାରୁ ହାତ ମୁକୁଳାଇ ନେବା କ'ଣ ସହଜ ? ସେ ମୋହିନୀକୁ ଅଟକାଇ କହିଲା, "ଚୁପ୍ କର ; କହ ଏ କିଏ ?" ମୋହିନୀ ଥରି ଥରି କହିଲା, "ଚଉଧୁରୀଙ୍କ ପୁଅ।"

"ଦୋକାନଦାର ଚଉଧୁରି ? ଆସନ୍ତୁ ଆଜ୍ଞା, ଆପଣଙ୍କ ଲାଖ୍ ଜାଗା ସେ ନୁହେଁ।"

ଲଜ୍ଜାସ୍ମିତ ଶରୀରଟି ଅସ୍ତେ ଆସ୍ତେ ହାଲିବାକୁ ଲାଗିଲା। "ଡେରି କାହିଁକି ବାବୁ, ବାହାରି ଆସନ୍ତୁ ତୁରନ୍ତ।" ଭଦ୍ର ଲୋକଟି ଖଟ ତଳୁ ବାହାରି ଆସି ଠିଆ ହେଲା।

"ଘରେ ପିଲା ମାଇପିଙ୍କୁ ଛାଡ଼ି ଏଠିକି ଆସିବାର ମତଲବ ?" ଘରେ ନିଜର ସ୍ତ୍ରୀ ଥାଉ ଥାଉ ଲୋକେ କାହିଁକି ବେଶ୍ୟା ଘରକୁ ଆସନ୍ତି, ସେ କଥା ସେ ଆଦୌ ବୁଝି ପାରିଲା ନାହିଁ। ସେ ଏ କଥା ଏଇ ଯେ ପ୍ରଥମ ଦେଖିଲା ତାହା ନୁହେଁ। ବହୁବାର ଏହା ପୂର୍ବରୁ ଦେଖିଛି ଏବଂ ପ୍ରତିଥର ତା' ମନରେ ସେଇ ଗୋଟିଏ ପ୍ରଶ୍ନ ଜାଗିଛି। ତାହାର ସମାଧାନ ସେ କରି ପାରି ନାହିଁ। ଆଜି ଏ ଲୋକଟାକୁ ସାମନାରେ ଠିଆ ହେବାର ଦେଖି ଘୃଣାରେ ତାର ସର୍ବାଙ୍ଗ କଣ୍ଟକିତ ହୋଇ ଉଠିଥିଲା। ସେ ନିଜର ବଜ୍ରମୁଷ୍ଟି ତାହାର ଗଳାରେ ରଖିଲା, ସେ ମୁଷ୍ଟିର ସ୍ପର୍ଶରେ ବାବୁଟିର ରକ୍ତ ପାଣି ହେବାକୁ ଲାଗିଲା। ସେ ଥରି ଥରି କହିଲା, "ଏଇଥର ଛାଡ଼ି ଦିଅ, ଆଉ ଏଠିକି ଆସିବି ନାହିଁ।"

"ଏ ସବୁ ଜାଗା ଉପରକୁ ଆସିବାକୁ ହେଲେ ଛାତିରେ ସାହସ ଆଉ ବାହାରେ ବଳ ଥିବା ଦରକାର ; ବୁଝିଲ ?"

ଦାଣ୍ଡ ଦୁଆରେ ପୁଣି କିଏ ଆଘାତ କରିବାର ଶୁଣାଗଲା । ବାବୁଟିର ଉପରୁ ଆଖି ଫେରାଇ ସେ ମୋହନୀ ଆଡ଼କୁ ଚାହିଁଲା । "ପୁଣି କିଏ ଦୁଆରେ ଡାକିଲା ?"

ମୋହନୀ ତା' ଆଡ଼କୁ ନ ଚାହିଁ ଉତ୍ତର କଲା, "ଆଉ କାହା ଦୁଆରେ ଡାକୁଥିବ ନା ।"

"ଯେମିତି ଏ ଦଣ୍ଡକ ଆଗରୁ ଆଉ କାହା ଘରେ ପାହି ଶୁଣା ଯାଉ ଥିଲା । ଦେଖିଲି ବେଳକୁ ଏଡ଼େ ସୁନ୍ଦର ଭଦ୍ର ଲୋକଟି ଖଟ ତଳୁ ବାହାରିଲେ ?"

ମୋହନୀ ଏ କଥାଟାରେ ସାପ ପରି ଫଁ କରି ବୁଲି ପଡ଼ି କହିଲା, "ମୋର ଇଚ୍ଛା ମୁଁ ଯାହା କଲି ; ତୁ କିଏ ସେ କହିବାକୁ ?"

ସେ ମୋହନୀର ଗଳାକୁ ହାତରେ ଚିପି ଧରି କହିଲା, "କଣ କହିଲୁ ? ତୋର ଯାହା ଇଚ୍ଛା ତାହା କରିବୁ ।"

ଚୌଧୁରୀବାବୁଙ୍କି ଏ ହାଲ୍ ଦେଖି ଭୟରେ ତଟସ୍ଥ ହୋଇ ରହି ଥାଏ ।

ମୋହନୀ ରୁଦ୍ଧ କଣ୍ଠରେ କହିବାକୁ ଲାଗିଲା, "ମୋ ଘରେ ରହି, ମୋ ଉପରେ ଖାଇ, ପୁଣି ମୋର ଉଣ୍ଟି କଣା କରି ରକତ ଶୋଷୁଚୁ ? ମୁଁ ରୋଜଗାର କରୁ ନ ଥିଲେ ମୁଠାଏ ଖାଇବାକୁ ମିଳୁ ନ ଥାନ୍ତା ତତେ । ଯାହା ତ ଚୁଲି ରୋଜଗାର କରୁ ସବୁ ମଦ ଗୁଲିରେ ଉଡ଼ଉ । ଛାଡ଼ ମତେ ଛାଡ଼ " କହି ମୋହନୀ ତାର ହାତରେ ଦାନ୍ତ ବସାଇ ଦେଲା ।

ମଦ ନିଶାର ଅସ୍ପଷ୍ଟ ପର୍ଦାଟା ତାହାର ଆଖି ଆଗରୁ ହଠାତ୍ ଖସି-ଗଲା । ସେ ମୋହନୀକି ମୁକ୍ତି ଦେଇ କହିଲା, "ଯା, ତୋର ଯାହା ଇଚ୍ଛା କର ।" ସେ ବୁଝିଲା ଯେ ମୋହନୀ ରୋଜଗାରରେ ଚଳିବା ତା' ପକ୍ଷରେ ବଡ଼ ନିନ୍ଦାର କଥା । କିନ୍ତୁ ମୋହନୀ ଯେ ଏପରି ଭାବରେ ରୋଜଗାର କରି କାହିଁକି ତାକୁ ଚଳାଉଥିଲା ସେ କଥା ବୁଝିବାକୁ ସେ ଚେଷ୍ଟା କଲା ନାହିଁ ।

ବାହାର କବାଟ ଖୋଲି ତଳକୁ ଓହ୍ଲାଇବାକୁ ପାଦ ବଢ଼ାଉଛି, ଏତିକି ବେଳେ ତାର ପଛଅଙ୍ଗୁ ଗୋଟାଏ ଧକ୍କା ବାଜିଲା, ସଙ୍ଗେ ସଙ୍ଗେ କବାଟ ଦେଇ ଦେଇ ଚୌଧୁରି ବାବୁଟି କହି ଉଠିଲା, "ନିକ୍ଳେ ପାଜି, ନିକ୍ଳୋ." ଏତେବେଳକେ ସେ ଲୋକଟିର ଅସ୍ମା-ଭିମାନ ପ୍ରକାଶ ପାଇଲା ।

ସେ ମୋହନୀ ପାଖକୁ ଫେରି ଆସି କହିଲା, "ଏକ ଧକ୍କା ଦେଲି ଯେ ଗଡ଼ ଗଡ଼ ଏକାବେଳେ ରାସ୍ତାରେ—ଆ ଏଥର—ଆସିବୁଟି," କହି ତାକୁ ଭିତରକୁ ଟାଣିଲା । ଏହି ସମୟରେ ପୁଣି ଦାଣ୍ଡ କବାଟରେ ଆଘାତ ହେଲା । ବାବୁଟି ଭୀତ ହୋଇ ଭାବିଲା 'ପୁଣି କ'ଣ ସେ ଫେରିଲା କି ?' ସେ ମୋହନୀକୁ ଅନୁନୟ କରି କହିଲା, "ହେ କବାଟ ଖୋଲ ନା ଟି," ମୋହନୀ କିଛି ନ ଶୁଣି କବାଟ ଖୋଲିଦେଲା । ଭିତରକୁ ପଶିଲା, ଧନୁ ସିଂ । ସେ ବଡ଼ ଓଆର କରି ପେଟ ପୋଷେ, ନିଶା ଖର୍ଚ୍ଚ ଚଳାଏ, ବେଳେ ବେଳେ ଏ ପଡ଼ାରେ ବି ମୁହଁ ମାରିଯାଏ ।

ତା' କାନ୍ଧରେ ହାତ ପକାଇ ମୋହନୀ କହିଲା, "ଆ ଧନୁ ଭାଇ; ଭିତରେ ବସ ।" ଦୁହେଁଯାକ ଭିତରେ ବସି ଗପ ଆରମ୍ଭ କରି-ଦେଲେ । ବାବୁଟି ଧୀରେ ଧୀରେ ରାସ୍ତା ଧରିଲା । ଘରକୁ ଫେରିବା ବାଟରେ ଦେଖିଲା ନିଜ ଦୋକାନ ପାଖ ସେହି ଛୋଟ ମଇଳା ଦୋକାନରେ କିରାସିନ ବତୀଟିଏ ଜଳୁଛି । ଦୋକାନଦାର କାମରେ ବ୍ୟସ୍ତ । କିରାସିନୀ ବତୀଟିକୁ ସାମନାରେ ରଖି ସେ କେତେବେଳେ ଜୋତାଟିକୁ ପକାଇ ନେଉଛି, କେତେବେଳେ ଚମଡ଼ା କାଟୁଛି, କେତେ-ବେଳେ ବା ହାତୁଡ଼ି ଧରି ଠକ୍ ଠକ୍ କରି କଣ୍ଟା ପିଟୁଛି । ଚୌଧୁରୀ ବାବୁଟି ସେ ବାଟେ ଯିବାକୁ ସାହସ କଲା ନାହିଁ । କେ ଜାଣି କାଳେ ଧକ୍କା ମାରିବାର ଫଳଟା ହାତେ ହାତେ ମିଳିଯାଏ । ଅନ୍ୟ ରାସ୍ତାରେ ଘରକୁ ଫେରିବା ବେଳେ ଭାବିଲା, "ଠିକ୍ ସମୟରେ ଦୋକାନ ଖୋଲିଛି । ଅସଲ କାରବାରର ବକତ ଏଇ । ବଜାରରେ ଯେତିକି ବେଳେ ଗହଳ ଚହଳ ସେତିକି ବେଳେ ଯା' ଦୋକାନ ବନ୍ଦ; ଆଉ ଦୋକାନ ଖୋଲି ରହିଛି ଯେତେବେଳେ ରାସ୍ତା ଘାଟ ନିସ୍ତବ୍ଧ । ନିଶା ଖୋର ନ ହେଲେ ଯା' କିଏ କରିବ ?" ମନେ ମନେ ଖୁବ୍ ହସି ହସି ସେ ଘରକୁ ଫେରିଲା ।

Digitized by srujanika@gmail.com

# ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀର ଐତିହାସିକତା

ଶ୍ରୀ କେଦାରନାଥ ମହାପାତ୍ର

ଆମ ଦେଶର ପୁରାଣ, ଉପପୁରାଣ, ସଂହିତା ଓ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ ପୁରୀ କ୍ଷେତ୍ରର ଇତିହାସ, ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ପୌରାଣିକ ନୃପତିଙ୍କ ରାଜତ୍ୱ ସହିତ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ। ତାଙ୍କ ସମୟରୁ ପୁରୀର ମହାତ୍ମ୍ୟ ପ୍ରତିଷ୍ଠିତ ହୋଇ ଥିବାର ସକଳ ଗ୍ରନ୍ଥ ଓ କିମ୍ବଦନ୍ତୀରୁ ଜଣାଯାଏ। ପୁରୀ କ୍ଷେତ୍ରର ଗୌରବବର୍ଦ୍ଧକ ଯଯାତିକେଶରୀ, ଚୋଳଗଙ୍ଗ, ଅନଙ୍ଗଭୀମ, ପୁରୁଷୋତ୍ତମ ପ୍ରଭୃତି ନୃପତିମାନଙ୍କୁ ଲୋକମାନେ ଭୁଲି ଯାଇଛନ୍ତି। କିନ୍ତୁ ବହୁ କାଳରୁ ଇନ୍ଦ୍ରଦ୍ୟୁମ୍ନ-କିମ୍ବଦନ୍ତୀ ଲୋକ ସମାଜରେ ପରଂପରା କ୍ରମେ ପ୍ରଚଳିତ ହୋଇ ଆସୁଅଛି। ଏହାର କାରଣ କୌଣସି ଐତିହାସିକଙ୍କ ଦ୍ୱାରା ଏ ପର୍ଯ୍ୟନ୍ତ ନିର୍ଣ୍ଣିତ ହୋଇ ନାହିଁ। ଅନ୍ଧକାରାଚ୍ଛନ୍ନ ଏହି ଜଟିଳ ବିଷୟରେ ସାମାନ୍ୟ ଆଲୋକପାତ ଏ ପ୍ରବନ୍ଧର ଉଦ୍ଦେଶ୍ୟ।

ବର୍ତ୍ତମାନ ପ୍ରଚଳିତ କିମ୍ବଦନ୍ତୀ ପ୍ରବହମାନ ସ୍ରୋତସ୍ୱିନୀପରି କାଳବକ୍ଷରେ ଗତି କରୁ କରୁ କେତେଗୁଡ଼ିଏ ଐତିହାସିକ ଘଟଣା ମଧ୍ୟ ଧାରଣ କରିଛି। ସେ ଗୁଡ଼ିକ ବିଶ୍ଳେଷଣ କଲେ ପ୍ରକୃତ ଇତିହାସ ବାହାରି ପଡ଼ିବ। ଇନ୍ଦ୍ରଦ୍ୟୁମ୍ନ-କିମ୍ବଦନ୍ତୀରେ ତିନୋଟି କିମ୍ବଦନ୍ତୀ ଜଡ଼ିତ ହୋଇଅଛି। ଏ ଗୁଡ଼ିକର ବିସ୍ତୃତ ବିବରଣ ଦେବା ଅନାବଶ୍ୟକ। କେବଳ ଏହାର ବିକାଶର ବର୍ଣ୍ଣନା ସୂକ୍ଷ୍ମରେ ଦିଆଗଲା।

**ପ୍ରଥମ କିମ୍ବଦନ୍ତୀ**—ଅତି ପ୍ରାଚୀନ କାଳରେ ପୁରୀରେ ଗୋଟିଏ ମନ୍ଦିର ଥିଲା। ତାହା ପରିତ୍ୟକ୍ତ ହେବାରୁ କାଳକ୍ରମେ ବାଲି ଓ ଜଙ୍ଗଲରେ ପୋତି ହୋଇ ପଡ଼ିଲା। ଦିନେ ରାଜା ଘୋଡ଼ା ଚଢ଼ି ଯାଉଁ ଯାଉଁ ଘୋଡ଼ାର ଖୁରା ମନ୍ଦିର କଳସରେ ବାଜିଲା। ରାଜା କଳସ ଦେଖି ମନ୍ଦିର ଥିବାର ସ୍ଥିର କଲେ। ତାଙ୍କ ଆଦେଶରେ ମନ୍ଦିରଟି ଖୋଲା ହେଲା ଓ ପୁନଃ ନିର୍ମିତ ହେଲା। ଏହାକୁ କେତେକ ଗାଲମାଧବ-କଥା ବୋଲି ମଧ୍ୟ କହନ୍ତି।

**ଦ୍ୱିତୀୟ କିମ୍ବଦନ୍ତୀ**—ଜଙ୍ଗଲ ମଧ୍ୟରେ ନୀଳାଚଳ ପର୍ବତରେ ଶବରମାନେ ନୀଳମାଧବ ନାମକ ଗୋଟିଏ ପ୍ରସ୍ତର ପୂଜା କରୁଥିଲେ। ଇନ୍ଦ୍ରଦ୍ୟୁମ୍ନ ନୀଳମାଧବ ମୂର୍ତ୍ତି ସ୍ଥାନରେ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ଦାରୁ ମୂର୍ତ୍ତି ସ୍ଥାପନ କରିଥିଲେ ଓ ଶବରମାନଙ୍କୁ ସେବକ କାର୍ଯ୍ୟରେ ନିଯୁକ୍ତ କରିଥିଲେ।

**ତୃତୀୟ କିମ୍ବଦନ୍ତୀ**—ଇନ୍ଦ୍ରଦ୍ୟୁମ୍ନ ପୁରୀର ବର୍ତ୍ତମାନ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଖୋଳାଇ ଥିଲେ। ତାଙ୍କ ରାଣୀ ଗୁଣ୍ଡିଚା ଦେବୀ ଗୁଣ୍ଡିଚା ଘର ନିର୍ମାଣ ଓ ଗୁଣ୍ଡିଚା ଯାତ୍ରା ବିଧାନ କରିଥିଲେ।

ଏହି ତିନୋଟି କିମ୍ବଦନ୍ତୀରେ ସମଗ୍ର ପୁରୀ କ୍ଷେତ୍ରର ଇତିହାସ ନିହିତ ଅଛି। କାଳକ୍ରମେ ଲୋକମୁଖରେ ତଥା ଗ୍ରନ୍ଥମାନଙ୍କରେ ଏ ଗୁଡ଼ିକ ପରସ୍ପର ମିଶି ଯାଇଅଛି। ତଥାପି ଏ ଗୁଡ଼ିକ ଯେ ସତ୍ୟାଶ୍ରିତ, ଏଥିରେ କୌଣସି ସନ୍ଦେହ ନାହିଁ।

ଇତିହାସରେ ସାଧାରଣତଃ ଆମ୍ଭେମାନେ ଅତୀତରୁ ବର୍ତ୍ତମାନ ଆଡ଼କୁ ଗତି କରୁଁ। କିନ୍ତୁ ଏଠାରେ ଅତୀତ ଏକାବେଳକେ ଅନ୍ଧକାରାଚ୍ଛନ୍ନ। ତେଣୁ ବାଧ୍ୟ ହୋଇ ସତ୍ୟରୂପ ଆଲୋକ ନେଇ କିମ୍ବଦନ୍ତୀର ଅନ୍ଧକାରରେ ସନ୍ଧାନ କରିବାକୁ ହେବ।

ଇତିହାସରୁ ସ୍ଥିରରୂପେ ଜଣାଯାଏ ଯେ ଚୋଳଗଙ୍ଗ ଦେବ ଓ ଅନଙ୍ଗଭୀମ ଦେବ ପୁରୀର ବର୍ତ୍ତମାନ ମନ୍ଦିର ନିର୍ମାଣ କରିଥିଲେ। ଅନଙ୍ଗଭୀମ ଦେବ ଏ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଥିବାରୁ ତାଙ୍କର ନାମ ବିଶେଷ ପ୍ରଚଳିତ। କିନ୍ତୁ ଚୋଡ଼ଗଙ୍ଗ ଦେବଙ୍କ କୀର୍ତ୍ତି ମହତ୍ତର। ଏହାଙ୍କୁ ହିଁ ଲୋକମାନେ ତୃତୀୟ କିମ୍ବଦନ୍ତୀର ଇନ୍ଦ୍ରଦ୍ୟୁମ୍ନ ବୋଲି କହନ୍ତି। କାରଣ ଏହାଙ୍କର ପାଟମହାଦେବୀଙ୍କର ନାମ ଗୁଣ୍ଡିଚୋଡ଼ି ବା ଗୁଣ୍ଡିଚା। ସେ ଏରଦପମ୍ପୁର ଅଚଷଗଣ୍ଡୋଳ ରାଉତଙ୍କର କନ୍ୟା ଓ ଚୋଳବଂଶୀୟା ଥିଲେ। ଗୋଦାବରୀ ଜିଲ୍ଲାର ଦ୍ରାକ୍ଷାରାମର ଭିମନାରାୟଣ ମନ୍ଦିର ଶିଳାଲେଖାରୁ ଏ କଥା ଜଣାଯାଏ। ସେ ପାଟରାଣୀ ହେଲେ ମଧ୍ୟ ଅପୁତ୍ରିକା ଥିଲେ। ସେ ନିଜର ସନ୍ତାନ ଉତ୍କଳ ଓ କଳିଙ୍ଗର ସିଂହାସନରେ ଆରୋହଣ କରିବାର କୌଣସି ସମ୍ଭାବନା ନ ଦେଖି ନିଜର ନାମକୁ ଅନ୍ୟ ଉପାୟରେ ଚିରସ୍ମରଣୀୟ କରିବା ପାଇଁ ଇଚ୍ଛା କରିଥିଲେ। ସେ ପାଟରାଣୀ ଥିବାରୁ ଚୋଡ଼ଗଙ୍ଗ ତାଙ୍କ ସହିତ ରାଜ୍ୟାଭିଷିକ୍ତ ହୋଇଥିଲେ। ସେହି ରାଜ୍ୟାଭିଷେକ ଗୃହ ଗୁଣ୍ଡିଚାଘର ନାମରେ ଆଖ୍ୟାତ ହୁଏ। ତାହା ନିକଟରେ ଚୋଳଗଙ୍ଗ ପୋଖରୀ ଖୋଳାଇ ଥିଲେ। ସେ ତାହାକୁ ନିଜର ନାମରେ ଅଭିହିତ ନ କରି ପୁରାଣ ପ୍ରସିଦ୍ଧ ସର୍ବଜନ ପ୍ରଚଳିତ ଇନ୍ଦ୍ରଦ୍ୟୁମ୍ନଙ୍କ ନାମରେ ନାମିତ କରିଥିଲେ। ତେଣୁ ତାହାର ନାମ ଇନ୍ଦ୍ରଦ୍ୟୁମ୍ନ ପୋଖରୀ। ଗୁଣ୍ଡିଚା ଦେବୀଙ୍କ ନାମରେ ଗୁଣ୍ଡିଚା ଯାତ୍ରା ଅଭିହିତ ହୁଏ। ଉତ୍ସବ ଓ ଯଜ୍ଞାଦି କାର୍ଯ୍ୟରେ ନିଜର ଆରାଧ୍ୟ ଦେବତାଙ୍କୁ ନେଇ ଅନୁଷ୍ଠାନ ସ୍ଥାନରେ ସ୍ଥାପନ କରାଯାଏ। ଗୁଣ୍ଡିଚା ଦେବୀ ରାଜ୍ୟାଭିଷେକ ଯଜ୍ଞ ସମୟରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ନବଦିନ ଉତ୍ସବ କରାଇଥିଲେ ଓ ଅଭିଷେକ ଶାଳାକୁ ନିଜର ପରମ ଆରାଧ୍ୟ ଦେବତା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ନେଇ ବିରାଜମାନ କରାଇଥିଲେ। ବୋଧହୁଏ ଏହି ମୂର୍ତ୍ତିଗୁଡ଼ିକ ରଥରେ ନିଆ ହୋଇ ଥିଲେ। ସେହି ମହଦନୁଷ୍ଠାନର ସ୍ମୃତି ସ୍ୱରୂପ ଅଦ୍ୟାପି ନବଦିନ ଗୁଣ୍ଡିଚା ଯାତ୍ରା ପ୍ରଚଳିତ। *

---

* ଟିକିଲିର ରାଜା ବାହାଦୁର ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦ୍ଦେବ ସର୍ବପ୍ରଥମେ 'ସହକାର'ରେ ଚୋଳଗଙ୍ଗ ଦେବଙ୍କ ରାଜତ୍ୱ ଇତିହାସରେ ଏ ବିଷୟ ପ୍ରକାଶ କରିଥିଲେ। ଲେଖକ ତାଙ୍କଠାରେ ଋଣୀ।

Digitized by srujanika@gmail.com

କିନ୍ତୁ କ୍ଷେତ୍ରମହାତ୍ମ୍ୟ, ଜଗନ୍ନାଥ ମହାତ୍ମ୍ୟ, ବ୍ରହ୍ମପୁରାଣ, ଉତ୍କଳ-ଖଣ୍ଡ, କପିଳସଂହିତା, ଓ ସାରଳା ମହାଭାରତ ପ୍ରଭୃତି ଗ୍ରନ୍ଥରେ ସର୍ବତ୍ର ଗୁଣ୍ଡିଚା ଦେବୀଙ୍କ ସହିତ ଚୋଡ଼ଗଙ୍ଗ ପରବର୍ତ୍ତିରେ ଇନ୍ଦ୍ରଦ୍ୟୁମ୍ନଙ୍କ ନାମ ସଂଯୁକ୍ତ ହୋଇଥିବାର ଦେଖାଯାଏ। ବିରାଟ ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ କୀର୍ତ୍ତିମାନ ତାଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବାରୁ ବ୍ରାହ୍ମଣ୍ୟଧର୍ମାବଲମ୍ବୀ ଗ୍ରନ୍ଥକାରମାନେ ତାଙ୍କୁ ବିଶେଷ ଉଚ୍ଚ ସ୍ଥାନ ଦେଲେ ଓ କିମ୍ବଦନ୍ତୀ ପ୍ରଚଳିତ ଇନ୍ଦ୍ରଦ୍ୟୁମ୍ନଙ୍କ ସହିତ ଏକ କରି ପକାଇଲେ। ଏହାର ଆଉ ଗୋଟିଏ ପ୍ରଧାନ କାରଣ, ବ୍ରାହ୍ମଣମାନେ ନିଜର ଧର୍ମ ସ୍ଥାନର ପ୍ରାଚୀନତା ସ୍ଥାପନ କରିବା ନିମିତ୍ତ ଐତିହାସିକ ବୃତ୍ତାନ୍ତକୁ ପୁରାଣ ଓ କିମ୍ବଦନ୍ତୀ ସହିତ ମିଶାଇ ଦେଇ ଥିଲେ। ପୁରୀକ୍ଷେତ୍ରର ପ୍ରାଚୀନତା ସ୍ଥାପନ ପାଇଁ ମଧ୍ୟ ସେହି ଚିରାଚରିତ ପ୍ରଥା ଅନୁସୃତ ହୋଇଥିଲା।

ଉପରୋକ୍ତ ଗ୍ରନ୍ଥମାନଙ୍କରୁ ଉଦାହରଣ ଦେବା ପାଇଁ ଏଠାରେ ସ୍ଥାନର ଅଭାବ। କେବଳ ସାରଳା ମହାଭାରତରୁ କେତେକ ପଂକ୍ତି ଏହି ମତର ପୋଷକତା କରିବ।

"ବାବୁ ଇନ୍ଦ୍ରଦ୍ୟୁମ୍ନ ନାମେ ଏକ ନରପତି।
ସେ ମହାରାଜା ପ୍ରାସାଦ କରାଇବେ ଏଥି॥
ସୋମ ବଂଶେ ଥିବା ଗାଲମାଧବ ନୃପତି।
ଇନ୍ଦ୍ରଦ୍ୟୁମ୍ନ ନାମରେ ତାହାର ସନ୍ତତି॥
ଗୁଣ୍ଡିଚେଶ୍ୱରୀ ନାମରେ ଯେ ତାର ମହାଦେଈ।
ଶାକଳ୍ପ ଦ୍ୱୀପରେ ଅଛେ ନରଇନ୍ଦ୍ର ସେହି॥
(ସାରଳା ମହାଭାରତ, ବିରାଟ ପର୍ବ ପୃ ୨୦୯)

ବିରାଟ ରାଣୀ ସୁଦେଷ୍ଣା ନିଜର ଭବିଷ୍ୟତ୍ ଜୀବନ ସମ୍ବନ୍ଧରେ କହି-କହି ପ୍ରକାଶ କରିଛନ୍ତି ଯେ ସେ ଉତ୍କଳ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଭାର୍ଯ୍ୟା ଗୁଣ୍ଡିଚା ଦେବୀରୂପେ ଜନ୍ମଗ୍ରହଣ କରିବେ।

"ଏବେ ଅଛି ଏହି ହେଲେ ବିରାଟର ରାଜା,
ପୁଣି ମୁଁ ସୁଦେଷ୍ଣା ନାମେ ତାଙ୍କର ଭାରିଯା।
କଳିରେ ଏ ଉପୁଜିବେ ଇନ୍ଦ୍ରଦ୍ୟୁମ୍ନ ହୋଇ,
ଗୁଣ୍ଡିଚା ନାମେ ଯାହାଙ୍କର ହେବ ମହାଦେଈ।"

ସାରଳା ଦାସ ଅନ୍ୟାନ୍ୟ ଗ୍ରନ୍ଥକାରଙ୍କ ପରି ବହୁ ଚତୁରତା ସହିତ ଇତିହାସ ପ୍ରସିଦ୍ଧ ଗୁଣ୍ଡିଚା ଦେବୀଙ୍କ ସହିତ ପୁରାଣ ଓ କିମ୍ବଦନ୍ତୀ ପ୍ରସିଦ୍ଧ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କର ସଂପର୍କ ସ୍ଥାପନ କରିଅଛନ୍ତି।

ଚୋଡ଼ଗଙ୍ଗ ପୁରୀ ମନ୍ଦିରର ପ୍ରଥମ ନିର୍ମାତା ଓ ପୁରୀକ୍ଷେତ୍ରର ପ୍ରତି-ଷ୍ଠାତା ନୁହନ୍ତି। ତାଙ୍କ ପୂର୍ବରୁ ପୁରୀରେ ମନ୍ଦିର ଥିଲା ଓ ପୁରୀ ପୀଠ ମଧ୍ୟ ଭାରତବର୍ଷରେ ଖ୍ୟାତି ଲାଭ କରିଥିଲା। ନରସିଂହ ଦେବଙ୍କ କେନ୍ଦୁ-ପାଟଣା ତାମ୍ରଶାସନରୁ ଜଣାଯାଏ ଯେ ପୁରୀର ପ୍ରାଚୀନ ମନ୍ଦିର ପରି-ତ୍ୟକ୍ତ ଓ ଜୀର୍ଣ୍ଣ ହୋଇଥିବାରୁ ଚୋଡ଼ଗଙ୍ଗ ସେହି ପ୍ରାଚୀନ ମନ୍ଦିର ସ୍ଥାନରେ ଏହି ବିରାଟ ମନ୍ଦିର ନିର୍ମାଣ କରିଥିଲେ। ଯଥା—

ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତିଃ କଃ ନାମ କର୍ତ୍ତୁଂକ୍ଷମଃ
ଯ ପୈ୍ୟତାଦ୍ୟୈଃ ନୃପୈ ରୁପେକ୍ଷିତଂ ଇମଂ ଚକ୍ରେଥ ଗଙ୍ଗେଶ୍ୱରଃ।

ଚୋଳଗଙ୍ଗଙ୍କ ଉତ୍କଳ ଅଧିକାର (ଖ୍ରୀଷ୍ଟାବ୍ଦ ୧୧୩୨) ପୂର୍ବରୁ ପୁରୀର ଜଗନ୍ନାଥ ଭାରତରେ ଖ୍ୟାତି ଲାଭ କରିଥିଲେ। ଚୋଳଗଙ୍ଗ ବର୍ତ୍ତମାନ ମନ୍ଦିର ନିର୍ମାଣ କରିଥିଲେ। ତ୍ରିମୂର୍ତ୍ତି ନିର୍ମାଣ କରି ନାହାନ୍ତି। ପରମ ଭକ୍ତ ରାମାନୁଜାଚାର୍ଯ୍ୟ ଜଗନ୍ନାଥଙ୍କ ମହାତ୍ମ୍ୟ ଶ୍ରବଣ କରି ଏଠାରେ ସ୍ୱ ଧର୍ମ ପ୍ରତିଷ୍ଠା କରିଥିଲେ। ଶଙ୍କରାଚାର୍ଯ୍ୟ (୭୮୦-୮୧୨) ପ୍ରତିଷ୍ଠିତ ପୁରୀର ଶଙ୍କରାନନ୍ଦ ମଠ ତାଙ୍କର ଭାରତ ପ୍ରସିଦ୍ଧ ଚାରି ପୀଠ ମଧ୍ୟରୁ ଏକତମ। କିମ୍ବଦନ୍ତୀ ଅନୁସାରେ ସେ ବୌଦ୍ଧମାନଙ୍କୁ ପୁରୀରେ ପରାସ୍ତ କରିଥିଲେ ଓ ମହାପ୍ରସାଦ ପ୍ରଚଳନ କରିଥିଲେ।

ଚୋଳଗଙ୍ଗଙ୍କ ଉତ୍କଳ ଅଧିକାରର (୧୧୩୨ ଖ୍ରୀଷ୍ଟାବ୍ଦ) ପୂର୍ବବର୍ତ୍ତୀ ଲେଖାମାନଙ୍କରେ ମଧ୍ୟ ପୁରୀ କ୍ଷେତ୍ରର ମହାତ୍ମ୍ୟ ବର୍ଣ୍ଣିତ ହୋଇଅଛି। ମାଳବ ରାଜାଙ୍କ ୧୧୦୪ ଖ୍ରୀଷ୍ଟାବ୍ଦରେ ଲିଖିତ ନାଗପୁର ପ୍ରଶସ୍ତିରେ ପୁରୁଷୋତ୍ତମ ଦେବଙ୍କ ମହାତ୍ମ୍ୟ ଲିଖିତ ହୋଇଛି। କିଲ୍‌ହର୍ନ (**Keilhorn**) ପ୍ରଣୀତ ୧୧୩୭ ଖ୍ରୀଷ୍ଟାବ୍ଦର ଲେଖାରେ ବର୍ଣ୍ଣିତ ହୋଇଛି ଯେ ମନୋରଥ ନାମକ ଜଣେ ବ୍ୟକ୍ତି ପବିତ୍ର ପୁରୁଷୋତ୍ତମ କ୍ଷେତ୍ର ଦେଖିବାକୁ ଯାଇଥିଲେ। ଅଧିକ ବିଶେଷ ପ୍ରମାଣ ଦେବା ଅନାବଶ୍ୟକ। ତାହାହେଲେ ଚୋଳଗଙ୍ଗଙ୍କ ପୂର୍ବରୁ ପୁରୀରେ ମନ୍ଦିର ଓ ତ୍ରିମୂର୍ତ୍ତି ବିଦ୍ୟମାନ ଥିଲା।

କିମ୍ବଦନ୍ତୀ ଅନୁସାରେ ଜନ୍ମେଜୟଙ୍କ ପୁତ୍ର ପ୍ରଥମ ଯଯାତି ଜଗ-ନ୍ନାଥଙ୍କ ପାଇଁ ୩୪ ହାତ ଉଚ୍ଚ ଦେଉଳ ତୋଳାଇଥିଲେ। ତ୍ରିମୂର୍ତ୍ତି ପୁନରୁଦ୍ଧାର କରିଥିଲେ ଓ ଶବର ବଂଶୀୟ ଦୟିତା ଓ ପତିମାନଙ୍କୁ ପୁନର୍ବାର ସେବାରେ ନିଯୁକ୍ତ କରିଥିଲେ। ମାଦଳାପାଞ୍ଜିର ବର୍ଣ୍ଣନା ନିମ୍ନରେ ଦିଆଗଲା :—ସେ (ଯଯାତି) ରାଜା ହେବା କ୍ଷଣି ବ୍ରାହ୍ମଣ ଓ ସନ୍ନ୍ୟାସିଙ୍କି ପଚାରିଲେ। ସେମାନେ କହିଲେ, ମୁଗଲ (ଯବନ) ଗୋଳ ହୋଇଲାରୁ ସୋମୁଦ୍ର ମାଡ଼ି ଅଇଲାରୁ ଅପାର ଦିନ ହୋଇଲା। ଶ୍ରୀ ପ୍ରମେଶ୍ୱରଙ୍କୁ ପାତାଳୀ କରି ସୁନପୁର ଆଢ଼େ କେଉଁ-ଠାରେ ବିଜେ କରାଇଲେ ଜ୍ଞାତବ୍ୟ ନାହିଁ। ଏହା ଶୁଣି ମହାରାଜା ସୁନପୁର ଗଲେ। ସେଠାରେ ଖଣ୍ଡାୟିତମାନଙ୍କୁ ପଚାରିଲେ। ସେମାନେ କହିଲେ ଆମ୍ଭେ ଜ୍ଞାତବ୍ୟ ନୋହୁଁ। ଆମ ବାପ ଅଜା କହନ୍ତି ଦିଅଁବର ଏହି। ଏଥିତଳେ ଦିଅଁକୁ ପୋତିଥିଲେ। ଏହା ଶୁଣି ରାଜା କଣ୍ଟୁରିଆ ବ୍ରାହ୍ମଣକୁ ଆଣି ସେ ଗଛ କଟାଇ ଖୋଳାଇଲେ। ପ୍ରମେଶ୍ୱରଙ୍କୁ ବାହାର କଲେ। ସେ ଦିନେ ଶ୍ରୀମୂର୍ତ୍ତିମାନ ମାଟି ଖାଇ ଛିନ୍ନ ଭିନ୍ନ ହୋଇଛନ୍ତି। ଦେଓମାନଙ୍କୁ ଲୁଗା ଗୁଡ଼ାଇ ମୁଣ୍ଡାରେ ପୁରାଇ ମୁଦାଇଲେ। ଏ ଉତ୍ତାରୁ ଦେଇତାମାନଙ୍କୁ ଲୋଡ଼ାଇଲେ। ଦେଇତାମାନେ ବିରବନ୍ଧରେ ଥିଲେ। ପତିମାନେ ରତନପୁର ସୀମାରେ ଥିଲେ। ଏମାନଙ୍କୁ ଅଣାଇ ବିଧିପତ୍ର ପ୍ରମାଣେ ଦାରୁ ଛେଦନ କରାଇ ପ୍ରମେଶ୍ୱରଙ୍କୁ ସୁମୂର୍ତ୍ତି କରାଇଲେ। ଶ୍ରୀପୁରୁଷୋତ୍ତମ ଶଙ୍ଖ ନାଭିମଣ୍ଡଳେ ହା ୩୮ ଥ କରି ପଟୋଳ ତୋଳ ପ୍ରତିଷ୍ଠା କରି ପର୍ମେଶ୍ୱରଙ୍କୁ ବିଜେ କରାଇଲେ। ଏ ମହାରାଜାଙ୍କ ଅ ୧୩ ଙ୍କେ କକଡ଼ା ୨୫ ଦିନେ ସିଂହାସନେ ବିଜେ କରାଇଲେ—ମାଦଳାପାଞ୍ଜି।

ମାଦଳାପାଞ୍ଜିକୁ କାଳ୍ପନିକ ବୋଲି କହିବା ପୂର୍ବରୁ ଏ ବିଷୟରେ

ଶତବାର ଚର୍ଚ୍ଚା କରିବା ଉଚିତ । ଏହି ବୃତ୍ତାନ୍ତରେ ସତ୍ୟତା ଥିଲା ପରି ଜଣାଯାଏ । ଜଗନ୍ନାଥ ମହାପ୍ରଭୁ ବିଭିନ୍ନ ସମୟରେ ବିଭିନ୍ନ ଶତ୍ରୁମାନଙ୍କଦ୍ୱାରା ଆକ୍ରାନ୍ତ ହୋଇ ନାନା ସ୍ଥାନକୁ ନିଆ ହୋଇଥିଲେ । ଯେଉଁ ଯେଉଁ ସ୍ଥାନକୁ ନିଆ ହୋଇଥିଲେ ପ୍ରତ୍ୟେକ ସ୍ଥାନରେ ଜଗନ୍ନାଥ ରକ୍ଷଣର କମ୍ବଦନ୍ତୀ ପ୍ରଚଳିତ । ଯଥା କଳାପାହାଡ଼ ଆକ୍ରମଣ ସମୟରେ କୁଜଙ୍ଗରେ ରକ୍ଷିତ ହୋଇଥିବାର କମ୍ବଦନ୍ତୀ ସର୍ବଜନ ପ୍ରଚଳିତ । ଭୋଇ ବଂଶ ରାଜତ୍ୱ ସମୟରେ ମୁସଲମାନ ଆକ୍ରମଣ ଯୋଗୁଁ ଗଞ୍ଜାମ ଅଠଗଡ଼ଠାରେ ରକ୍ଷିତ ହୋଇଥିଲେ । ସେଠାରେ ଗୋଟିଏ କମ୍ବଦନ୍ତୀ ଅଛି ଓ ରାଜା ଏଥିଯୋଗୁଁ "ଶରଣ" ପଦବୀ ମଧ୍ୟ ପାଇଥିଲେ । ସେହିପରି ସୋନପୁର ଅଞ୍ଚଳରେ ଜଗନ୍ନାଥ ରକ୍ଷଣର କମ୍ବଦନ୍ତୀ ମଧ୍ୟ ଅଦ୍ୟାପି ପ୍ରଚଳିତ । ଅନ୍ୟ କମ୍ବଦନ୍ତୀଗୁଡ଼ିକ ସତ୍ୟ ବୋଲି ପ୍ରମାଣିତ ହେବା ସ୍ଥଳେ ଆମ୍ଭେମାନେ କେଉଁ କାରଣ ବଶତଃ ଏହି ବୃତ୍ତାନ୍ତକୁ ମିଥ୍ୟା ବୋଲି କହିବା ? ପୁନଶ୍ଚ ପାଟଣା ଗଡ଼ଜାତରେ ରତନପୁର ଓ ବିରବନ୍ଧ ନାମକ ଦୁଇଟି ଗ୍ରାମ ଅଦ୍ୟାପି ବିଦ୍ୟମାନ ଓ ସେଠାରେ ପଣ୍ଡାମାନଙ୍କର ବଂଶଧରମାନେ ବାସ କରନ୍ତି ।

ଯଯାତି ପୂର୍ବାନୁସୃତ ପନ୍ଥା ଅନୁସରଣ କରି ମୂର୍ତ୍ତିଗୁଡ଼ିକ ନିର୍ମାଣ କରିଥିଲେ ଓ ଗୋଟିଏ ମନ୍ଦିର ଭିତରେ ସେମାନଙ୍କୁ ପୁନଃ ପ୍ରତିଷ୍ଠିତ କରି ଶବର ବଂଶୀୟ ଦଇତା ଓ ପଣ୍ଡାମାନଙ୍କୁ ପୁନର୍ବାର ସେବାରେ ନିଯୁକ୍ତ କରିଥିଲେ । ମାଦଳାପାଞ୍ଜି ମତରେ ଯଯାତି ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ । ତାହାହେଲେ ଯଯାତିଙ୍କ ପୂର୍ବରୁ ଇନ୍ଦ୍ରଦ୍ୟୁମ୍ନ ରାଜତ୍ୱ କରୁଥିଲେ । ବର୍ତ୍ତମାନ ଦୁଇଟି ପ୍ରଶ୍ନ ସ୍ୱତଃ ମନରେ ଜାଗରିତ ହୁଏ । ଯଯାତିଙ୍କ ପୂର୍ବରୁ ସେଠାରେ ମନ୍ଦିର ଇତ୍ୟାଦି ଥିଲା କି ନାହିଁ ଓ ମୂର୍ତ୍ତି ଗୁଡ଼ିକ ହସ୍ତପଦଶୂନ୍ୟ ଥିଲେ କାହିଁକି ? ଯଯାତିଙ୍କ ପୂର୍ବରୁ ଗୋଟିଏ ବେଦ୍ୟ ଥିଲା ବୋଲି ମହାଭାରତରୁ ଜଣାଯାଏ ।

ସୈଷା ପ୍ରକାଶତେ ରାଜନ୍ ବେଦ୍ୟ ସସ୍ଥାନଲକ୍ଷଣା;
ଆରୁହ୍ୟାନ୍ର ମହାରାଜ ବୀର୍ଯ୍ୟବାନ୍ ବୈ ଭବିଷ୍ୟସି ॥
ସୈଷା ସାଗରମାସାଦ୍ୟ ରାଜନ୍ ବେଦ୍ୟ ସମାଶ୍ରିତା ;
ଏତାମାରୁହ୍ୟ ଭଦ୍ରଂ ତତ୍ ତ୍ୱମେକସ୍ତର ସାଗରଂ ॥

*  *  *  *

ଏବଂ ବ୍ରୁବନ୍ ସତ୍ୟବାକ୍ୟଃ ବେଦ୍ୟମିମାଂ ତ୍ୱଂ ତରସାଧି ରୋହ
( ମହାଭାରତ : ବନପର୍ବ )

ପରବର୍ତ୍ତୀ କାଳରେ ମହାଭାରତ ବର୍ଣ୍ଣିତ ବେଦ୍ୟ ସ୍ଥାନରେ ମନ୍ଦିର ନିର୍ମିତ ହୋଇଥିଲେ ମଧ୍ୟ ଏହା ବହୁକାଳ ବେଦ୍ୟ ନାମରେ କଥିତ ହେଉଥିଲା । ଗୌଡ଼ାଧିପ ଲକ୍ଷ୍ମଣ ସେନଙ୍କ ପୁତ୍ର ବିଶ୍ୱରୂପ ସେନଙ୍କ ତାମ୍ରଶାସନରେ ଏହି ବେଦ୍ୟର ଉଲ୍ଲେଖ ଅଛି । ଯଥା, "ବେଲାୟାଂ ଦକ୍ଷିଣାର୍ଦ୍ଧେ ମୂଷଳଧର ଗଦାପାଣି ସମ୍ବାସ ବେଦ୍ୟାଂ" ବା ବଳରାମ ଓ ଶ୍ରୀକୃଷ୍ଣଙ୍କର ଅଧିଷ୍ଠାନ ବେଦ୍ୟ ବୋଲି ବର୍ଣ୍ଣିତ ହୋଇଅଛି । ଲୋକେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାକୁ ରତ୍ନବେଦ୍ୟ ବୋଲି କହିଥାନ୍ତି । ବେଦ୍ୟର ଆକାର ନିରୂପଣ କରିବା ସାଧ୍ୟାତୀତ । ତଥାପି ଅନୁମାନ ବଳରେ କୁହାଯାଇପାରେ ଯେ ଏହା ଗୋଟିଏ ସ୍ତୂପ ବା ଚୈତ୍ୟାକାର ଥିଲା । ତାହା ନ ହୋଇଥିଲେ ପାଣ୍ଡବମାନେ ଏଠାରେ ଆରୋହଣ କରିଥାନ୍ତେ କାହିଁକି ?

ମୂର୍ତ୍ତି ତିନୋଟିର ହସ୍ତପଦ ଶୂନ୍ୟତାର କାରଣ ସ୍ଥିର କରିବା ପୂର୍ବରୁ ଇନ୍ଦ୍ରଦ୍ୟୁମ୍ନ ଓ ନୀଳମାଧବଙ୍କ ସମ୍ବନ୍ଧରେ ବିଚାର କରିବା ଉଚିତ ।

ଆଧୁନିକ ଅନୁସନ୍ଧାନ ଦ୍ୱାରା ଜଣାଯାଏ ଯେ ଓଡ଼ିଶାରେ ଇନ୍ଦ୍ରଭୂତି ନାମକ ଜଣେ ବୌଦ୍ଧ ରାଜା ଥିଲେ । ସେ ଅନେକ ଗୁଡ଼ିଏ ବୌଦ୍ଧଗ୍ରନ୍ଥ ଓ ଟୀକା ରଚନା କରିଥିଲେ । ସେ ସର୍ବତ୍ର ଗ୍ରନ୍ଥର ଭଣିତାରେ 'ଓଡ଼ିୟାନ୍ ରାଜା ଇନ୍ଦ୍ରଭୂତି' ବୋଲି ନିଜକୁ ଲେଖିଛନ୍ତି । ଇନ୍ଦ୍ରଭୂତି ଓ ଇନ୍ଦ୍ରଦ୍ୟୁମ୍ନ ଏକ ଓ ଅଭିନ୍ନ ବୋଲି ଧାରଣା ଜନ୍ମିବା ସ୍ୱାଭାବିକ । କିନ୍ତୁ ତାଙ୍କ ଗ୍ରନ୍ଥର ଭାଷା ଆଲୋଚନା କରି ପଣ୍ଡିତମାନେ ସ୍ଥିର କରିଛନ୍ତି ଯେ ସେ ୭ମ ବା ୮ମ ଶତାବ୍ଦୀର ପୂର୍ବବର୍ତ୍ତୀ ନୁହନ୍ତି । ତେଣୁ ତାଙ୍କୁ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ରାଜତ୍ୱ କରୁଥିବା ଯଯାତିଙ୍କ ପୂର୍ବବର୍ତ୍ତୀ ଇନ୍ଦ୍ରଦ୍ୟୁମ୍ନ ବୋଲି କହିବା ସମୀଚୀନ ନୁହେ । 'ନବଭାରତ'ରେ ପ୍ରକାଶିତ 'ଜଗନ୍ନାଥ ଧର୍ମ' ପ୍ରବନ୍ଧରେ ପଣ୍ଡିତ ନୀଳକଣ୍ଠ ଦାସ ଇନ୍ଦ୍ରଦ୍ୟୁମ୍ନଙ୍କର ପ୍ରାଚୀନତା ପ୍ରମାଣ କରିଛନ୍ତି । ସେ ଖ୍ରୀ: ପୂ: ଶତାବ୍ଦୀର ଲୋକ । ତେଣୁ ଅନ୍ୟତ୍ର ତାଙ୍କର ସନ୍ଧାନ କରିବାକୁ ହେବ ।

ପୁରୀ ବୌଦ୍ଧକ୍ଷେତ୍ର ବୋଲି କେତେକ କହନ୍ତି । କିନ୍ତୁ ପୁରୀରେ ପ୍ରାଚୀନ ଜୈନମୂର୍ତ୍ତି ଅନେକ ଦେଖାଯାଏ । ବୌଦ୍ଧମୂର୍ତ୍ତି ଅତି ବିରଳ । ଜଗନ୍ନାଥ ବୌଦ୍ଧାବତାର ବୋଲି ସର୍ବତ୍ର ପ୍ରଚଳିତ । କିନ୍ତୁ ହୁଏନ୍‌ସାନ୍ ଏପରି ବିରାଟ ବୌଦ୍ଧକ୍ଷେତ୍ର ଓ ପର୍ବତର କୌଣସି ବର୍ଣ୍ଣନା ଦେଇ ନ ଥିବାରୁ ଓ ବୌଦ୍ଧ ମୂର୍ତ୍ତିମାନଙ୍କର ଅଭାବ ଯୋଗୁଁ ଏହାକୁ ଜୈନକ୍ଷେତ୍ର ବୋଲି କହିବା ସମୀଚୀନ । ପ୍ରାଚୀନ କମ୍ବଦନ୍ତୀରେ ବୌଦ୍ଧ ଓ ଜୈନ ମଧ୍ୟରେ ପ୍ରଭେଦ ଲକ୍ଷିତ ହୁଏ ନାହିଁ । ଅଥବା ପରବର୍ତ୍ତୀ କାଳରେ ଏଥିରେ କେତେକ ବୌଦ୍ଧକୀର୍ତ୍ତି ସ୍ଥାପିତ ହୋଇଥିଲା । ଏହି ଦୁଇଟି କାରଣ ଯୋଗୁଁ ବୋଧହୁଏ ଏହାକୁ ଲୋକେ ବୌଦ୍ଧପୀଠ ବୋଲି ଭ୍ରମ କରିଥାନ୍ତି । ଆହୁରି ଗୋଟିଏ ବିଶେଷ କାରଣ ଯୋଗୁଁ ଏହା ଗୋଟିଏ ଜୈନପୀଠ । କମ୍ବଦନ୍ତୀପ୍ରସିଦ୍ଧ ନୀଳମାଧବ ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ମନ୍ଦିର ଖୋଦନ ଓ ନିର୍ମାଣ କଳିଙ୍ଗଚକ୍ରବର୍ତ୍ତୀ ଖାରବେଳଙ୍କର କାର୍ଯ୍ୟ କଳାପର ସ୍ମୃତି ସ୍ୱରୂପ ବୋଲି ମୋର ମନେ ହୁଏ ।

ଖାରବେଳଙ୍କ ହାତୀ ଗୁମ୍ଫା ଲିପିର ଏକାଦଶ ଧାଡ଼ିରୁ ଏ ବିଷୟରେ ଅନେକ ନୂତନ ତଥ୍ୟ ଆବିଷ୍କୃତ ହୋଇପାରେ । ଯଥା : "ଏକାଦଶମେଚବସେ କଲିଙ୍ଗ ପୁବରାଜ ନିବେସିତ ପିଥୁଦଗଦଭନଗଲେନେ କାତୟତି ଜାନପଦଭାବନଂ ଚ ତେରସ ବସସତକ-କତଂ ଭିଦତି ତମିରଦହ-ସଘାତଂ" (ପଣ୍ଡିତ ବିନାୟକ ମିଶ୍ର କାସୟତି ସ୍ଥାନରେ କାରୟତି ଓ ଇନ୍ଦ୍ରକ ଜନପଦ ଭବନ ସ୍ଥାନରେ ଜାନପଦ ଭବନରେ ବୋଲି ପଢ଼ିଥିଲେ । ଏହି ପାଠ ସୁସଙ୍ଗତ ହେବାରୁ ଗୃହୀତ ହେଲି )

Digitized by srujanika@gmail.com

ଏଥିରୁ ଜଣାଯାଏ ଯେ କଳିଙ୍ଗର ବହୁ ଲୂଣ ଓ ଉଦକ ପରିପୂର୍ଣ୍ଣ ଗୋଟିଏ ନଗରରେ ଖାରବେଳଙ୍କ ପୂର୍ବବର୍ତ୍ତୀ କଳିଙ୍ଗ ରାଜା ଜୀନପଦ ଭବନ ବା ଜୈନ ମନ୍ଦିର ନିର୍ମାଣ କରିଥିଲେ ।

ସେ ସ୍ଥାନ କୌଣସି କାରଣ ବଶତଃ ୧୧୩ ବର୍ଷ କାଳ ପରିତ୍ୟକ୍ତ ହୋଇଥିବାରୁ ଏହି ଦୀର୍ଘ କାଳ ମଧ୍ୟରେ ଏଠାରେ ବହୁତ ଜଳ ଏକତ୍ର ହୋଇ 'ଦହ' ମାନ ସୃଷ୍ଟି କରିଥିଲା ଓ ପ୍ରଚୁର ପରିମାଣରେ ଲୂଣ ଉତ୍ପନ୍ନ ହୋଇ ସ୍ଥାନକୁ ଆଚ୍ଛାଦନ କରିଥିଲା । ଖାରବେଳ ସେ ଗୁଡ଼ିକୁ ପରିଷ୍କାର କରି ଜୀନପଦ ଭବନର ଉଦ୍ଧାର କରିଥିଲେ ।

ପଣ୍ଡିତ ବିନାୟକ ମିଶ୍ର ପ୍ରଥମେ ଖାରବେଳ ଇନ୍ଦ୍ରଦ୍ୟୁମ୍ନ ବୋଲି ସୂଚନା କରିଥିଲେ । ଏହି ଐତିହାସିକ ଘଟଣା ସହିତ ପୌରାଣିକ ଓ ଲୌକିକ କିମ୍ବଦନ୍ତୀର ଅପୂର୍ବ ସାମଞ୍ଜସ୍ୟ ଦେଖାଯାଏ । ପଦ୍ମ-ପୁରାଣର ପାତାଳଖଣ୍ଡ ବର୍ଣ୍ଣନା ଅନୁସାରେ ଅରଣ୍ୟ ଭିତରେ ଲୁପ୍ତ-ଥିବା ମନ୍ଦିରଟିଏ ଜଣେ ଶବର ବାଳକ ପ୍ରଥମେ ଦେଖି ଅନ୍ୟମାନଙ୍କୁ ଜଣାଇଥିଲେ । ପୁରୀ ଅଞ୍ଚଳରେ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ "ଅତି ପ୍ରାଚୀନ କାଳରେ ପୁରୀରେ ଗୋଟିଏ ମନ୍ଦିର ଥିଲା । ତାହା ବହୁକାଳ ପରିତ୍ୟକ୍ତ ହେବାରୁ କାଳକ୍ରମେ ଏହା ବାଲିରେ ପୋତି ହୋଇ ପଡ଼ିଲା ଓ ଚାରିଆଡ଼େ ଜଙ୍ଗଲ ମାଡ଼ିଗଲା । ଦିନେ ଜଣେ ରାଜା ଘୋଡ଼ା ଚଢ଼ି ଯାଉଁ ଯାଉଁ ଘୋଡ଼ାର ଖୁରା ମନ୍ଦିରର କଳଶ ଦେହରେ ବାଜିବାରୁ ରାଜା ତଳେ ପଡ଼ିଗଲେ । ଏହାର କାରଣ ଖୋଜୁ ଖୋଜୁ ରାଜା ଭୂଇଁ ଭିତରେ କଳଶଟିଏ ପୋତି ହୋଇ ପଡ଼ି ଥିବାର ଦେଖିଲେ । କଳସ ଦେଖି ସେଠାରେ ଗୋଟିଏ ମନ୍ଦିର ଥିବାର ସ୍ଥିର କଲେ । ରାଜାଙ୍କ ଆଦେଶରେ ସେ ସ୍ଥାନ ଖୋଳା ହେବାରୁ ଗୋଟିଏ ସୁନ୍ଦର ମନ୍ଦିର ବାହାରିଲା ।" ଏହି କିମ୍ବଦନ୍ତୀ ସହିତ ଲିପିବର୍ଣ୍ଣିତ ପୁବରାଜ ନିବେସିତ ଜୀନପଦ ଭବନଂ କାତିଯୁଞ୍ଜ ର କିପରି ସାଦୃଶ୍ୟ ବିଦ୍ୟମାନ ତାହା ପାଠକେ ବିଚାର କରିବେ ।

ବର୍ତ୍ତମାନ ପ୍ରଶ୍ନ ଉଠି ପାରେ ଏତେ ଦିନ ବା ଲିପିବର୍ଣ୍ଣିତ ୧୧୩ ବର୍ଷ କାଳ ମନ୍ଦିରଟି କାହିଁକି ପରିତ୍ୟକ୍ତ ହୋଇଥିଲା । ଏହାର ଉତ୍ତର ହାତୀଗୁମ୍ଫା ଲିପିର ଦ୍ୱାଦଶ ଧାଡ଼ିରେ ଅଛି ବୋଲି ମୋର ମନେ ହୁଏ । ଯଥା :

"ବାରଶମେ ଚ ବସେ * * * ମାଗଧାନାଂ ଚ ରାଜାନଂ ବହସତିମିତଂ ପାଦେ ବନ୍ଦାପୟତି । ନନ୍ଦରାଜ-ନୀତଂ କଳିଙ୍ଗ ଜୀନାସନଂ ଅଂଗମଗଧତୋ କଳିଂଗଂ ଆନେ ତି ହୟ-ଗଜ ସେନା-ବାହନ ସହ ସେହି "

(ହାତୀଗୁମ୍ଫା ଲେଖ)

ଅର୍ଥାତ୍ ଖାରବେଳ, ଅଙ୍ଗ ମଗଧର ରାଜା ବୃହସ୍ପତି ମିତ୍ରଙ୍କୁ ଯୁଦ୍ଧରେ ପରାସ୍ତ କରି ସେଠାରୁ ନନ୍ଦରାଜା ନେଇଥିବା କଳିଙ୍ଗର ଜୀନାସନ ବା କଳିଙ୍ଗ-ଜୀନଙ୍କ ଆସନ କଳିଙ୍ଗକୁ ଘେନି ଆସିଥିଲେ ।

ଜୀନପଦଭବନର ପରିତ୍ୟକ୍ତାବସ୍ଥା ଓ କଳିଙ୍ଗ ଜୀନାସନର ଅପହରଣ ମଧ୍ୟରେ କାର୍ଯ୍ୟ କାରଣ ସମ୍ବନ୍ଧ ଥିଲା ପରି ଜଣାଯାଏ । ନନ୍ଦରାଜା ଖାରବେଳଙ୍କ ରାଜତ୍ୱର ୧୧ଶ ବର୍ଷର ୧୧୩ ବର୍ଷ ପୂର୍ବରୁ ବା ରାଜତ୍ୱ ଆରମ୍ଭର ୧୦୨ ବର୍ଷ ପୂର୍ବରୁ, କଳିଙ୍ଗ ଜୀନାସନ ନେଇ ଯାଇ ଥିଲେ । ଜୀନାସନ ଅପହୃତ ହେବାରୁ ଜୀନପଦଭବନ ୧୧୩ ବର୍ଷକାଳ ପରିତ୍ୟକ୍ତ ହେଲା ଓ ସେଠାରେ 'ଦହ' ମାନ ସୃଷ୍ଟି ହେଲା ଓ ସ୍ଥାନଟି ଲୂଣ ଓ ଜଙ୍ଗଲରେ ପରିପୂର୍ଣ୍ଣ ହେଲା । ଖାରବେଳ ତାଙ୍କ ରାଜତ୍ୱର ଏକାଦଶ ବର୍ଷରେ ଜୀନପଦଭବନର ଉଦ୍ଧାର କରି ଦ୍ୱାଦଶ ବର୍ଷରେ ଏଠାରେ କଳିଙ୍ଗ ଜୀନାସନ ପୁନଃ ସ୍ଥାପନ କରିଥିଲେ । ଏହି ମହତ୍ କାର୍ଯ୍ୟଦ୍ୱାରା ସେ ବିଶେଷ ଜନପ୍ରିୟ ଓ ଶ୍ରଦ୍ଧା ଓ ଭକ୍ତିଭାଜନ ହୋଇ-ଥିବେ । ବର୍ତ୍ତମାନ ନନ୍ଦରାଜା ଓ ଲିପି ବର୍ଣ୍ଣିତ ୧୦୩ ବର୍ଷ ମଧ୍ୟରେ କୌଣସି ସମ୍ପର୍କ ଥିଲା କି ନାହିଁ ଦେଖାଯାଉ । ଜୟସ୍ୱାଲ ମହାଶୟ ହାତୀଗୁମ୍ଫା ଲିପିବର୍ଣ୍ଣିତ ବୃହସ୍ପତି ମିତ୍ରଙ୍କୁ ପୁଷ୍ୟମିତ୍ର ସୁଙ୍ଗ ବୋଲି ପ୍ରମାଣ କରିଥିଲେ । ବର୍ତ୍ତମାନ ଏହା ଭ୍ରାନ୍ତ ବୋଲି ଜଣା ପଡ଼ିଲାଣି । ନୂତନ ଅନୁସନ୍ଧାନଦ୍ୱାରା ଜଣାଯାଏ ଯେ ବୃହସ୍ପତି ମିତ୍ର ମୌର୍ଯ୍ୟ-ବଂଶୀୟ ରାଜା ଥିଲେ । ସେ ଅଶୋକଙ୍କ ନାତି ଦଶରଥ ଓ ସମ୍ପ୍ରତିଙ୍କ ପରେ ରାଜତ୍ୱ କରିଥିଲେ । ମୌର୍ଯ୍ୟବ୍ରାହ୍ମୀ ଅକ୍ଷରରେ ଲିଖିତ ତାଙ୍କର କେତୋଟି ମୁଦ୍ରା ଓ ଲେଖ ମିଳିଅଛି । ଏହି ସମସ୍ତ ପ୍ରମାଣ ବଳରେ ଖାରବେଳଙ୍କ ରାଜତ୍ୱ ୨୧୭ ଠାରୁ ୨୨୦ ଖ୍ରୀ: ପୂ: ପର୍ଯ୍ୟନ୍ତ ଘୁଞ୍ଚି ଗଲାଣି । * ତାହାହେଲେ ୨୨୦ + ୧୦୨ = ଖ୍ରୀ: ପୂ: ୩୨୨ ଅବ୍ଦରେ ନନ୍ଦରାଜ କଳିଙ୍ଗ ଅଧିକାର କରି କଳିଙ୍ଗ ଜୀନାସନ ନେଇ ଯାଇ-ଥିଲେ । ଏହି ନନ୍ଦରାଜଙ୍କୁ କେତେକ ପୁରାଣ ଓ ନାଟକବର୍ଣ୍ଣିତ 'ନନ୍ଦେନ୍ଦୁ' ବା ମୌର୍ଯ୍ୟ ଚନ୍ଦ୍ରଗୁପ୍ତ ଓ କେତେକ ନନ୍ଦବଂଶୀୟ ଶେଷ ରାଜାଙ୍କ ସହିତ ଚିହ୍ନିତ କରନ୍ତି । **London Asiatic Society Research Journal** ରେ ପ୍ରକାଶିତ **Chronology of Mouryas** ନାମକ ପ୍ରବନ୍ଧରେ ଚନ୍ଦ୍ରଗୁପ୍ତ ୩୧୭ ଖ୍ରୀ: ପୂ: ରୁ ରାଜତ୍ୱ କରୁ-ଥିବାର ଜଣେ ଐତିହାସିକ ଅକାଟ୍ୟଯୁକ୍ତି ଦେଇଛନ୍ତି । ତାହା ଗୃହୀତ ହେଲେ ଲିପିବର୍ଣ୍ଣିତ 'ନନ୍ଦରାଜ' ନନ୍ଦବଂଶର ଶେଷ ରାଜାଙ୍କ ସହିତ ନିଃସନ୍ଦେହରେ ଚିହ୍ନିତ ହୋଇ ପାରନ୍ତି ।

ଏହି ସମସ୍ତ ବିଷୟ ଆଲୋଚନା କରି ମୋର ଦୃଢ଼ ଧାରଣା ଜାତ ହୋଇଛି ଯେ କିମ୍ବଦନ୍ତୀ ଓ ପୁରାଣବର୍ଣ୍ଣିତ ଗାଳମାଧବ ଓ ଇନ୍ଦ୍ରଦ୍ୟୁମ୍ନ ଖାରବେଳଙ୍କଠାରୁ ଅଭିନ୍ନ ନୁହନ୍ତି । ଏହାଦ୍ୱାରା କିମ୍ବଦନ୍ତୀ ଓ ଶିଳାଲିପି ପ୍ରଭୃତିରେ ବିଶେଷ ସାମଞ୍ଜସ୍ୟ ପ୍ରତିଷ୍ଠିତ ହୁଏ ଓ ପୁରୀ ତଥା ଉତ୍କଳର ପ୍ରାଚୀନ ଇତିହାସର ଗୋଟିଏ ଅନ୍ଧକାରମୟ ଯୁଗରେ ଆଲୋକପାତ ହୁଏ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ କଳିଙ୍ଗ ଜୀନାସନରୁ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା ମୂର୍ତ୍ତିର ଉଦ୍ଭବ କିପରି ହେଲା । ଏ ପ୍ରଶ୍ନର

* ଏ ବିଷୟରେ ବିଶେଷ ଆଲୋଚନା ଉତ୍କଳ ସାହିତ୍ୟ, ୩୮ ଭାଗ, ୪ର୍ଥ ଓ ୫ମ ସଂଖ୍ୟାରେ ମୋର "ଅଶୋକ ଓ କଳିଙ୍ଗ ଯୁଦ୍ଧ" ପ୍ରବନ୍ଧରେ ଦିଆ ଯାଇଅଛି ।
— ଲେଖକ

Digitized by srujanika@gmail.com

ଉତ୍ତର ଦେବା ସହଜ ନୁହେ । ତଥାପି ଏ ସମ୍ବନ୍ଧରେ ଗୋଟିଏ କଥା ଅନୁମାନ କରାଯାଇ ପାରେ । ବୌଦ୍ଧ ଓ ଜୈନ ଧର୍ମରେ ଧର୍ମ ପ୍ରଚାରକମାନଙ୍କର ମୂର୍ତ୍ତିପୂଜା ପୂର୍ବରୁ ତ୍ରିରତ୍ନ, ପଦଚିହ୍ନ, କଳ୍ପ-ବୃକ୍ଷ, ବୋଧି ଦ୍ରୁମ ଇତ୍ୟାଦି ପୂଜିତ ହେଉଥିଲା । କିମ୍ବଦନ୍ତୀ ବର୍ଣ୍ଣିତ ନୀଳମାଧବମୂର୍ତ୍ତି ପ୍ରସ୍ତରଖଣ୍ଡଖୋଦିତ ଜୈନ ତ୍ରିରତ୍ନ ମୂର୍ତ୍ତି । ଏହାହିଁ କଳିଙ୍ଗର ଜୀନାସନ ବା ଜୀନ ସିଂହାସନ । ଏହି ପ୍ରସ୍ତର ଖଣ୍ଡରେ ଜୈନ ବା ବୌଦ୍ଧ ତ୍ରିରତ୍ନ ମୂର୍ତ୍ତି ଖୋଦିତ ହୋଇଥିଲା । ତାହାକୁହିଁ ଶବରମାନେ ପୂଜା କରୁଥିଲେ । ତ୍ରିରତ୍ନର ଅନୁକରଣରେ ତ୍ରିମୂର୍ତ୍ତି ନିର୍ମିତ ହୋଇଥିବାରୁ ଏମାନେ ହସ୍ତପଦଶୂନ୍ୟ ।

ଏମାନଙ୍କର ହସ୍ତପଦଶୂନ୍ୟତା ପାଇଁ ପୌରାଣିକମାନେ ପର-ବର୍ତ୍ତୀ କାଳରେ ନାନା ପ୍ରକାର ଗଳ୍ପ ଉଦ୍ଭାବନ କରିଥିଲେ । କିନ୍ତୁ ସେମାନଙ୍କର ପ୍ରବଳ ଚେଷ୍ଟା ସତ୍ତ୍ୱେ ସେମାନେ ଏ ବିଷୟ ଲୁଚାଇବା-ପାଇଁ ସମର୍ଥ ହୋଇ ନାହାନ୍ତି । ହିନ୍ଦୁ ଧର୍ମର ପୁନରୁତ୍ଥାନ ଯୁଗରେ ତ୍ରିରତ୍ନ ମୂର୍ତ୍ତି ପରିବର୍ତ୍ତିରେ ତ୍ରିରତ୍ନ ସଦୃଶ ତିନୋଟି ହସ୍ତପଦଶୂନ୍ୟ କାଷ୍ଠ ମୂର୍ତ୍ତି ସ୍ଥାପିତ ହୋଇଥିଲା । ଭାରତର ଅନ୍ୟ କୌଣସି ଦେବତା ଏପରି ହସ୍ତପଦ ଶୂନ୍ୟ ନୁହନ୍ତି ।

ଶବର ଦେବତା କହିବାର ମଧ୍ୟ ଯଥେଷ୍ଟ କାରଣ ଅଛି । ଜୈନ ଓ ବୌଦ୍ଧମାନେ ଶବର, ଡମ, ହାଡ଼ି, ପାଣ, ବାଉରି ପ୍ରଭୃତି ନୀଚ ଜାତିମାନଙ୍କ ମଧ୍ୟରେ ନିଜର ଧର୍ମକୁ ବିଶେଷ ଭାବରେ ପ୍ରଚାର କରିବାକୁ ସମର୍ଥ ହୋଇଥିଲେ । ଏ ବିଷୟରେ ପ୍ରାଚୀନ ବୌଦ୍ଧ ସାହିତ୍ୟ ଓ ଉତ୍କଳ ସାହିତ୍ୟରେ ଭୂରି ଭୂରି ପ୍ରମାଣ ମିଳେ । ପୁରୀ ଅଞ୍ଚଳରେ ପୂର୍ବେ ଶବରମାନେ ବାସ କରୁଥିଲେ । ସେମାନେ ଗଭୀର ଅରଣ୍ୟ ମଧ୍ୟରେ ନିଜର ଧର୍ମ ଜୀବନ ଯାପନ କରୁଥିଲେ । ସେମାନେ ନୀଳମାଧବ ବା ତ୍ରିରତ୍ନ ମୂର୍ତ୍ତି ପୂଜା କରୁଥିଲେ । ବ୍ରାହ୍ମଣ୍ୟ ଧର୍ମର ପ୍ରତିଷ୍ଠା ସମୟରେ ବ୍ରାହ୍ମଣମାନେ ସେମାନଙ୍କର ଦେବତାଙ୍କୁ ନିଜର କରି ପକାଇଲେ ଓ ସେମାନଙ୍କୁ ଦେବତାଙ୍କ ସେବାରେ ନିଯୁକ୍ତ କରିଥିଲେ । ମୁସଲମାନ ଧର୍ମ ପ୍ରଚାର ସମୟରେ ହିନ୍ଦୁମାନେ ମୁସଲମାନ ଦେବତା ସତ୍ୟପୀରଙ୍କୁ ସତ୍ୟନାରାୟଣ ବୋଲି ପୂଜା କରି ସେ ବିଷୟରେ ଅନେକ ଗ୍ରନ୍ଥ ଲେଖିଥିଲେ । ଜଗନ୍ନାଥ ପୂଜା ହିନ୍ଦୁମାନଙ୍କର ଗ୍ରହଣଶୀଳତାର ଜ୍ୱଳନ୍ତ ଉଦାହରଣ ।

କିମ୍ବଦନ୍ତୀ ଅନୁସାରେ ଶବରରାଜା ବିଶ୍ୱାବସୁ ନୀଳମାଧବ ମୂର୍ତ୍ତିର ରକ୍ଷକ ଥିଲେ । ରଣପୁର ଇତିହାସରୁ ଜଣାଯାଏ ଶବର ବିଶ୍ୱାବସୁ ନୀଳଗିରି (ପୁରୀକ୍ଷେତ୍ର) ରୁ ଇନ୍ଦ୍ରଦ୍ୟୁମ୍ନଙ୍କଦ୍ୱାରା ବିତାଡ଼ିତ ହୋଇ ରଣପୁରରେ ରାଜତ୍ୱ କଲେ । ସେ ଖ୍ରୀ: ପୂ: ଶତାବ୍ଦୀରୁ ସେଠାରେ ରାଜତ୍ୱ କରିଥିବାର ରଣପୁର ବଂଶାବଳୀରୁ ଜଣା ଯାଏ ।

ଏ ସମସ୍ତ ବିଚାର କରି ସ୍ଥିର କରାଯାଇ ପାରେ ଯେ କିମ୍ବଦନ୍ତୀ ବର୍ଣ୍ଣିତ ନୀଳମାଧବ ଓ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କର ପୁରୀ ମନ୍ଦିର ନିର୍ମାଣ ବୃତ୍ତାନ୍ତ, ଖାରବେଳ ରାଜତ୍ୱ ବୃତ୍ତାନ୍ତର ଛାୟା ମାତ୍ର । ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀ ଯେ ଗୋଟିଏ ପ୍ରସିଦ୍ଧ ଐତିହାସିକ ଘଟଣା ତାହା ଏହି ପ୍ରବନ୍ଧର ପାଠକମାନେ ଜାଣି ପାରିବେ । ତେଣୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦ୍ୱାରା ପ୍ରମାଣିତ ହୋଇ ଥିବା ଅନୁସାରେ ଖ୍ରୀ: ପୂ: ଶତାବ୍ଦୀର ଇନ୍ଦ୍ରଦ୍ୟୁମ୍ନ ଖାରବେଳଙ୍କ ନାମାନ୍ତର ମାତ୍ର । ଏହି କିମ୍ବଦନ୍ତୀ ସେହି ଆଦିମ ଯୁଗରୁ ପରଂପରା କ୍ରମେ ପ୍ରଚଳିତ ହୋଇ ଆସୁଅଛି । ଏ ବିଷୟ ଶେଷ ସିଦ୍ଧାନ୍ତ ବୋଲି କୁହାଯାଇ ନ ପାରେ । ଉତ୍କଳର ଐତିହାସିକମାନେ ଏ ବିଷୟରେ ବିଶେଷ ଅନୁସନ୍ଧାନ କଲେ ଅନେକ ନୂତନ ତଥ୍ୟ ପ୍ରକାଶିତ ହୁଅନ୍ତା ।

## ବିୟୋଗ ଗୀତି *

**ଶ୍ରୀ ଶଚୀନ୍ଦ୍ର ନାଥ ଦାସ**

ଆଜି ଶୁଭ୍ର ଶାରଦ ପ୍ରଭାତେ ସୁରଧାମୁଁ
ଅସିଲା କି ଶୁଭ ନିମନ୍ତ୍ରଣ ?
ନିର୍ବିକଳ୍ପ ସମାଧିରେ ବସି, ଦିବ୍ୟଧାମେ
ଚାଲିଗଲ ହେ ବୀର ବ୍ରାହ୍ମଣ !
ଜ୍ୟୋତିର୍ମୟ ଦିବ୍ୟଲୋକ ବରଇ ଉଲ୍ଲାସେ
ଘନ ଘନ ଶୁଭେ ଶଙ୍ଖନାଦ,
ଏଣେ କିନ୍ତୁ ଦେଖ ଗୃହିଁ ବିଚ୍ଛେଦ-ବେଦନା
ଆଣେ ପ୍ରାଣେ ଘୋର ଅବସାଦ ।

* ବାରିପଦା ସାହିତ୍ୟସମାଜର ତା ୨-୧୦-୩୪ ରିଖରେ ଆହୂତ ସ୍ୱର୍ଗୀୟ ବିଶ୍ୱନାଥ କରଙ୍କ ଶୋକସଭାରେ ପଠିତ ।

ବ୍ରହ୍ମତେଜେ ଉଦ୍ଭାସିତ ସେ ମୁଖ ମଣ୍ଡଳ
ସେ ଶୁଭ୍ରହାସି ଦିବ୍ୟ ଦୀପ୍ତିମୟ,
ସେ ବାଗ୍ମିତା, ସାହିତ୍ୟର ସେ ଦୀର୍ଘ ସାଧନା
ଆଜି ସବୁ ଲଭିଲା କି ଲୟ ?
ମାତୃଭୂମି ସେବାପାଇଁ ଶ୍ରେଷ୍ଠତମ ପଥ
ଆବାଲ୍ୟରୁ ନେଇଥିଲ ବାଛି,
ମାତୃଭାଷା-ପ୍ରିୟତମ ଉତ୍କଳ-ସାହିତ୍ୟ—
ପାଇଁ ଥିଲ ଜୀବନ ମୁରୁଛି ।
କି କଠିନ ତପସ୍ୟା ! କି ତୀବ୍ର ସାଧନା !
ତୁମ୍ଭ ଛଡ଼ା ଜାଣେ କିଏ ଆଉ ?
ସାହିତ୍ୟର ସେବାପାଇଁ ଆଜୀବନ ବୀର
ସହିଅଛ କେତେ କେତେ ଦାଉ ।
ସମ୍ମୁଖରେ ଥିଲା ତବ, ସାହିତ୍ୟ-ସାରଥି !
ସାହିତ୍ୟର ଉଚ୍ଚ ଆଦର୍ଶ,
ସେ ତୁଙ୍ଗ ଶିଖରୁ ଟଳେ ହେଲେ ଘୁଞ୍ଚ ନାହିଁ
ତୁଲ୍ୟ ମଣି ଶ୍ଳାଘା-ଅପଯଶଃ ।
ଟଳିନାହଁ କେବେ ହେଲେ ବିପକ୍ଷବାଦୀର
ଶତନିନ୍ଦା କରିଲ ତୁଚ୍ଛି,
ସଜାଡ଼ିଛ ନିଷ୍ଠାଭରେ ସୁପ୍ରସନ୍ନ ମନେ
ସାହିତ୍ୟର ଶତ ଶତ ତ୍ରୁଟି ।
ଉତ୍କଳ ସାହିତ୍ୟ ହୋଇ ସାଧକ ପ୍ରବର
ଏକନିଷ୍ଠ ଗୁରୁ ପୁରୋହିତ,
ବାକ୍ୟେ କାର୍ଯ୍ୟେ ପ୍ରାଣେ ମନେ ସେବୁଥିଲ ସଦା
ତବ ପ୍ରିୟ ଉତ୍କଳ-ସାହିତ୍ୟ ।
ଗଢ଼ିଅଛ ପୁତ୍ର ସମ ଉତ୍କଳର ଯେତେ
ଭାଗ୍ୟବାନ ସାହିତ୍ୟ-ସେବକ,
କେତେ ଉତ୍ତେଜନା କେତେ ଆଶ୍ୱାସନା ତବ
ହେଲା ତାଙ୍କ ପଥ-ପ୍ରଦର୍ଶକ ।
ଆଜୀବନ ତୁମ୍ଭ ସମ କେ ରଖିବ ବୀର
ମାତୃଭୂମି ମାତୃଭାଷା ଟାଣ,
ଉତ୍କଳର ପୁରପଲ୍ଲି କୃତଜ୍ଞ-ଅନ୍ତରୁ
ଘେନ ଦେବ କୋଟିଏ ପ୍ରଣାମ !

Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

### ବରୋଦା ରାଜାଙ୍କର ପ୍ରଜାବାତ୍ସଲ୍ୟ

ଗତ ମାର୍ଚ୍ଚ ମାସରେ ବରୋଦାଠାରେ ଗୋଟିଏ ଶିଳ୍ପ ଓ କୃଷି ପ୍ରଦର୍ଶନୀ ହୋଇଥିଲା । ଲୋକେ ବଡ଼ ଉତ୍ସାହରେ ଏଥିରେ ଯୋଗ ଦେଇଥିଲେ । କାଥିଆବାର ରାଜ୍ୟ ସମୂହର ଏ. ଜି. ଜି. ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଓଗ୍ଲିଭିର ମଧ୍ୟ ଏହା ପରିଦର୍ଶନ ଉଦ୍ଦେଶ୍ୟରେ ଆସିଥିଲେ । ପ୍ରଦର୍ଶନୀ ସମ୍ପର୍କରେ ଆହୂତ ହୋଇଥିବା ଗୋଟିଏ ସଭାରେ ମହାରାଜା କହିଥିଲେ, "ରାଜ୍ୟର ଶାସନଭାର ନେବା ଦିନଠାରୁ ମୁଁ ମୋହର ପିତାଙ୍କର ପଦାଙ୍କ ଅନୁସରଣ କରିବାକୁ ଚେଷ୍ଟିତ ଅଛି । ମୋହର ପିତା ରାଜ୍ୟ ମଧ୍ୟରେ ବିଶେଷତଃ ରାଜ୍ୟର ଅଧିକାଂଶ ଅନୁନ୍ନତ ଜାତିମାନଙ୍କ ଭିତରେ ଶିକ୍ଷା ଓ ଚିକିତ୍ସାର ବ୍ୟବସ୍ଥା କରାଯିବା ସବୁ ପ୍ରଥମେ ଆବଶ୍ୟକ ବୋଲି ବୁଝିଥିଲେ । ଆଜି ଦଶ ମୋହର ୨୩ ବର୍ଷ ରାଜତ୍ୱ କାଳ ଭିତରେ ମୁଁ ସବୁ ସାଧାରଣଙ୍କର ସନ୍ତୋଷ ବିଧାନ ପାଇଁ ଯଥା— ସାଧ୍ୟ କରିଅଛି ଏବଂ ମୋହର କାର୍ଯ୍ୟକୁ ସର୍ବସାଧାରଣଙ୍କ ହିତ ଅର୍ଥରେ ଲଗାଇ ପାରି ମୁଁ ଆଜି ଯଥାର୍ଥରେ ଗର୍ବ ଅନୁଭବ କରୁଅଛି ।"

ଏ. ଜି. ଜି. ମହାରାଜାଙ୍କର ରାଜ୍ୟ ଶାସନରେ ଦକ୍ଷତା ଓ ବହୁ-ମୁଖୀ ଉନ୍ନତିର ଉଲ୍ଲେଖ କରି ଭୂୟସୀ ପ୍ରଶଂସା କରିଥିଲେ । ବର୍ତ୍ତମାନ କଣ୍ଟ୍ରୋଲ ପର୍ଯ୍ୟନ୍ତ ଭଳି ମାନ୍ଦା ଦେଖି ମହାରାଜା ପ୍ରଜାମାନଙ୍କୁ ଜମି ଖଜଣା ଛାଡ଼ ଦେଇଥିବା ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା । କୃଷକର ଆୟରେ ଯଥେଷ୍ଟ କ୍ଷତି ହୋଇଥିବାର ଦେଖି ରାଜସରକାର ମଧ୍ୟ ଏହି କ୍ଷତିକୁ ଆଂଶିକ ବହନ କରି ବଦାନ୍ୟତାର ପରିଚୟ ଦେଖାଇ ଅଛନ୍ତି । ଏ ସବୁ କ୍ଷେତ୍ରରେ ସାଧାରଣତଃ ଯେମିତି କଷ୍ଟ ସମୟ ପାଇଁ ଖଜଣା ବନ୍ଦ କରାଯାଇ ଥାଏ ତାହା ହୋଇନାହିଁ । କାରଣ ତଦ୍ଦ୍ୱାରା ପ୍ରଜାମାନେ ରାଜସରକାରଠାରେ ଋଣୀ ହୋଇ ରହନ୍ତି ଏବଂ ଏପରି ସାହାଯ୍ୟଦ୍ୱାରା ଉପକାରିତାରେ ସେମାନଙ୍କ ଉପରେ ଋଣ ଭାର ବଢ଼ିଯାଏ ।

କର୍ଣ୍ଣେଲ ଓଗ୍ଲିଭିର ନାରୀ ଓ ଶିଶୁମାନଙ୍କ ପାଇଁ ପ୍ରତିଷ୍ଠିତ ଲେଡ଼ି ଉଇଲସନ୍ ଡାକ୍ତରଖାନାର ଦ୍ୱାର ଉନ୍ମୋଚନ କରିଥିଲେ ଏବଂ ରତନ କୁମାରୀବା ଡାକ୍ତରଖାନାର ଭିତ୍ତି ସ୍ଥାପନ କରିଥିଲେ ।

### ବରୋଦା ରାଜ୍ୟରେ ନାରୀର ସ୍ଥାନ

ସମାଜ ସଂସ୍କାର ମୂଳକ ଆଇନ ପ୍ରଚଳନ ଦିଗରେ ବରୋଦା ରାଜ୍ୟ ହିଁ ଭାରତର ଅନ୍ୟ ସବୁ ଅଂଶ ଅପେକ୍ଷା ବେଶି ଅଗ୍ରଗାମୀ ବୋଲି ପରିଚିତ । ୩୦ ବର୍ଷରୁ ଅଧିକ କାଳ ପୂର୍ବେ ଏଠାରେ ବାଲ୍ୟବିବାହ ନିରୋଧକ ଆଇନ ମଞ୍ଜୁର କରାଯାଇଥିଲା । ମିଃ ଭି. ଭି. ଯୋଶୀ ବି. ଏ., ଏଲ୍. ଏଲ. ବି. ବରୋଦାର ହିନ୍ଦୁ ରମଣୀମାନଙ୍କର ପ୍ରଗତି ସମ୍ବନ୍ଧରେ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରି କହି ଅଛନ୍ତି ଯେ ବ୍ରିଟିଶଭାରତରେ ଏହିରୂପ ସଂସ୍କାର ପ୍ରବର୍ତ୍ତନ ଆବଶ୍ୟକ ।

"ଗତ ବହୁ ବର୍ଷ ଧରି ହିନ୍ଦୁ ନାରୀମାନେ ଯେଉଁ ସବୁ ଆଇନ-ଗତ ଅସୁବିଧା ଭୋଗ କରୁଅଛନ୍ତି, ତାହା ଦୂର କରିବା ପାଇଁ ବରୋଦା ଛଡ଼ା ଅନ୍ୟ କୌଣସି ସ୍ଥାନରେ ଏତେଦୂର ଚେଷ୍ଟା ହୋଇ ନାହିଁ । ଭାରତର ନାରୀ ବର୍ତ୍ତମାନ ସମାନ ଅଧିକାର ଓ ସ୍ଥାନ ଦାବୀ କରନ୍ତି ଏବଂ ଯେଉଁ ସବୁ ଆଇନଗତ ଅସୁବିଧା ସେମାନେ ଭୋଗୁ ଅଛନ୍ତି ତାହା ଦୂର କରିବା ପାଇଁ ଆଗ୍ରହୀ ହୋଇ ପଡ଼ିଅଛନ୍ତି । କିନ୍ତୁ ବ୍ୟବସ୍ଥାପକ ପରିଷଦମାନଙ୍କରେ ପ୍ରତି ସଂସ୍କାର ପ୍ରସ୍ତାବ ବିରୁଦ୍ଧରେ ସବୁ ଦିଗରୁ ଯେପରି ପ୍ରବଳ ପ୍ରତିବାଦର ସୂଚନା ମିଳୁଅଛି, ତଦ୍ଦ୍ୱାରା ହିନ୍ଦୁ ନାରୀର ସ୍ୱାଧୀନତା ପକ୍ଷରେ ଯଥେଷ୍ଟ ନ୍ୟାଯ୍ୟ ଦାବୀ ଓ କାରଣ ଥିଲେ ମଧ୍ୟ ନିକଟ ଭବିଷ୍ୟତରେ ତାହା ସେ ଲାଭ କରିବାର ସମ୍ଭାବନା ଅଛି କି । ବରୋଦା ରାଜ୍ୟ ହିଁ, ଏ. ସମସ୍ୟାକୁ କୃତିତ୍ୱର ସହିତ ସମାଧାନ କରିଅଛି ଏବଂ ହିନ୍ଦୁ ରମଣୀମାନଙ୍କୁ ସେମାନଙ୍କର ଆଇନଗତ ଅସୁବିଧାରୁ କାର୍ଯ୍ୟତଃ ମୁକ୍ତ କରିଅଛି ।

### ବାହାଘର ଅଧିକାର

"୧୯୩୧ ମସିହାରେ ହିନ୍ଦୁ ଛାଡ଼ପତ୍ର ଆଇନ ସର୍ବ ପ୍ରଥମେ ବରୋଦାରେ ଜାରି ହୁଏ । ଯେଉଁ ଜାତିମାନଙ୍କ ଭିତରେ ଛାଡ଼ପତ୍ର ପ୍ରଥା ନ ଥିଲା ସେହି ସବୁ ଜାତିର ସ୍ତ୍ରୀମାନେ ଏହି ଆଇନ ବଳରେ ବିବାହକୁ ରଦ୍ଦ କରି ଦେଇ ପାରିବେ । ଯଦି କୌଣସି ସ୍ତ୍ରୀର ସ୍ୱାମୀ (କ) ସାତ ବର୍ଷରୁ ଅଧିକ କାଳ ପାଇଁ ନିଖୋଜ ହୋଇ ରହେ, (ଖ) ହିନ୍ଦୁଧର୍ମ ପରିତ୍ୟାଗ କରେ, (ଗ) ଅନ୍ୟ ଧର୍ମାବଲମ୍ବୀ ହୁଏ (ଘ) କୌଣସି ନିଷ୍ଠୁରତା ଆଚରଣଦ୍ୱାରା କିମ୍ବା ଅନ୍ୟ କୌଣସି ପ୍ରକାରରେ ଆଇନଦ୍ୱାରା ଦୋଷୀ ସାବ୍ୟସ୍ତ ହୁଏ ଅଥବା ବିବାହ ନିୟମ ଲଂଘନ କରେ, (ଙ) ନପୁଂସକ ହୁଏ, ତାହାହେଲେ ସ୍ତ୍ରୀ ତାହାର ବିବାହ ରଦ୍ଦ କରିବା କାରଣ ଡିକ୍ରୀ ପାଇ ପାରେ । ବିବାହ ସମୟରେ ତାହାର ସ୍ୱାମୀ କୁଷ୍ଠ କିମ୍ବା ଏହିପରି କଷ୍ଟ ବିଷମ ବ୍ୟାଧି-ଦ୍ୱାରା ଆକ୍ରାନ୍ତ ହୋଇଥିଲେ ଅଥବା କାଲ, ଛନା, ଅନ୍ଧ, ପାଗଲ

Digitized by srujanika@gmail.com

କିମ୍ବା ବୋକା ହୋଇ ଥିବାର ଜାଣି ପାରିଲେ ସେ ତାହାର ବିବାହକୁ ରଦ୍ଦ କରି ଦେଇ ପାରେ । କିମ୍ବା ବିବାହଟି ଯଦି ବାଧ୍ୟତାମୂଳକ, ପ୍ରତାରଣାମୂଳକ ଅଥବା ସମ୍ବନ୍ଧ ଦିଗରୁ ନିଷେଧମୂଳକ ହୋଇଥାଏ, ତେବେ ମଧ୍ୟ ନାରୀର ଏହି ଅଧିକାର ରହିଅଛି । ବିବାହ ରଦ୍ଦ ହେବାର ଡିଗ୍ରୀ ମିଳି ସାରିଲା ପରେ ତାହାର ପୂର୍ବତନ ବିବାହିତ ସ୍ୱାମୀର ଜୀବିତାବସ୍ଥାରେ ମଧ୍ୟ ସେ ଅନ୍ୟ ପତି ଗ୍ରହଣ କରି ପାରେ ।

"ସ୍ତ୍ରୀଲୋକମାନଙ୍କର ସମ୍ପତ୍ତି ଉପରେ ଅଧିକାର ସମ୍ବନ୍ଧରେ ମଧ୍ୟ ବରୋଦା ହିନ୍ଦୁ ଲ'ରେ ଏହିପରି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ କରା ଯାଇଅଛି । ଏହି ପରିବର୍ତ୍ତନ ଦ୍ୱାରା ତାହାର ଅନେକ ଗୁଡ଼ିଏ ଆଇନଗତ ବାଧା ଦୂର ହୋଇଅଛି ଏବଂ ଅନ୍ୟ ଉପରେ ନିର୍ଭର ନ କରି ତାହାକୁ ସମ୍ପତ୍ତି ଉପରେ ପୂର୍ଣ୍ଣ ଅଧିକାର ଦିଆ ଯାଇଅଛି । ଏହାଦ୍ୱାରା ପୁତ୍ରର ଅଧିକାର ସଙ୍ଗେ ଜଣେ ବିଧବାର ଅଧିକାର ମଧ୍ୟ ସମାନ । ତାହାର ସ୍ୱାମୀ ଯଦି ଏକ ଯୁକ୍ତ ପରିବାରର ଅନ୍ତର୍ଭୁକ୍ତ ଥାଏ ତାହାହେଲେ ସେ ମଧ୍ୟ ସେହି ପରିବାରର ଜଣେ ସମାନ ଅଂଶୀଦାରରୂପେ ଗଣ୍ୟ ହୋଇଅଛି । ତାହାର ସ୍ୱାମୀର କୌଣସି ସନ୍ତାନ ନ ଥିଲେ ସେ ତାହାର ସମସ୍ତ ଅଂଶର ମାଲିକ । ସନ୍ତାନ ଥିଲେ ସେମାନଙ୍କ ସହିତ ସମାନ ଅଂଶୀଦାର । ପୃଥକ୍ ପରିବାରରେ ମଧ୍ୟ ସେ ତାହାର ସନ୍ତାନମାନଙ୍କ ସଙ୍ଗେ ଜଣେ ସମାନ ଅଂଶୀଦାରରୂପେ ସ୍ୱାମୀ ସମ୍ପତ୍ତିର ଅଧିକାରୀ ହୁଏ । ସବୁ କ୍ଷେତ୍ରରେ ହିଁ ସେ ତାହାର ସନ୍ତାନ ସଙ୍ଗେ ଜଣେ ସମାନ ଅଂଶୀଦାର ଏବଂ ଅନ୍ୟ ଅଂଶୀଦାରମାନଙ୍କ ପରି ଯେ କୌଣସି ସମୟରେ ନିଜ ଅଂଶ ଉପରେ ଦାବୀ କରିପାରେ ।

<u>ଅବାଧ କ୍ଷମତା</u>

"ସମ୍ପତ୍ତି ଉପରେ ବିଧବାର କ୍ଷମତା ମଧ୍ୟ ନିରଙ୍କୁଶ ଭାବରେ ରଖା ଯାଇଅଛି । ପୃଥକ୍ ହେବା ସୂତ୍ରେ କିମ୍ବା ଉତ୍ତରାଧିକାର ସୂତ୍ରେ ବିଧବାକୁ ଯେଉଁ ସମ୍ପତ୍ତି ମିଳିବ ସେଥିମଧ୍ୟରୁ ଟ ୧୨,୦୦୦୯ ର ସମ୍ପତ୍ତି ପର୍ଯ୍ୟନ୍ତ ତାହାର ସମ୍ପୂର୍ଣ୍ଣ ଆୟତ୍ତ ଭିତରେ ରଖା ଯାଇଅଛି । ଏହି ମୂଲ୍ୟର ସମ୍ପତ୍ତି ହଜାରକରା ୯୯୯ କ୍ଷେତ୍ରରେ କାଏମ ରହିବ । ଏପରି ମୂଲ୍ୟ ନିର୍ଦ୍ଦେଶ କରି ଦିଆ ଯାଉଥିଲେହେଁ ବିଧବାର ଉତ୍ତରାଧିକାରୀମାନଙ୍କର ସଂଖ୍ୟା ଅନେକ କମାଇ ଦିଆଯାଇଅଛି । ଅତି ନିକଟ ଆତ୍ମୀୟମାନେ ହିଁ ଏ ମୂଲ୍ୟରୁ ଅଧିକ ସମ୍ପତ୍ତି କାରବାର କରିବାକୁ ଗଲେ ଆପତ୍ତି କରି ପାରନ୍ତି । ସୁତରାଂ ସେପରି ନିକଟ ଆତ୍ମୀୟ ନ ଥିଲେ, କିମ୍ବା ଏରୂପ କୌଣସି ଆପତ୍ତି ନ ଉଠିଲେ ସେ ସମସ୍ତ ସମ୍ପତ୍ତିକୁ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରି ପାରେ । ଦୂର ସମ୍ପର୍କୀୟମାନଙ୍କର ସେହି ସମ୍ପତ୍ତିକୁ ଉତ୍ତରାଧିକାର ସୂତ୍ରେ ପାଇବାକୁ ଦାବୀ ଥିଲେ ମଧ୍ୟ ସେମାନେ ବିଧବାର ଜୀବିତାବସ୍ଥାରେ କିମ୍ବା ମୃତ୍ୟୁ ପରେ କୌଣସି ଆପତ୍ତି କରି ନ ପାରନ୍ତି । ଆଇନ ଅନୁସାରେ ସେ ଇଚ୍ଛା ଅନୁଯାୟୀ କୌଣସି ସ୍କୁଲକୁ କିମ୍ବା ଯେ କୌଣସି ସାଧାରଣ ହିତକର କାର୍ଯ୍ୟ ପାଇଁ ଦାନ କରି ପାରେ । କନ୍ୟାମାନଙ୍କର ମଧ୍ୟ ଗୁରୁତ୍ୱ ବଢ଼ାଇ ଦିଆ ଯାଇଅଛି । ପିତାର ମୃତ୍ୟୁ ହେଲେ ଅବିବାହିତା କନ୍ୟା ତାହାର ଭାଇ ସମ୍ପତ୍ତିର ଏକ ଚତୁର୍ଥାଂଶ ଦାବୀ କରିପାରେ । ସେ ସମ୍ପତ୍ତି ଯୁକ୍ତ ପରିବାରର ହୋଇପାରେ କିମ୍ବା ପିତାର ସ୍ୱ-ଉପାର୍ଜିତ ହୋଇପାରେ । ସେ ସମ୍ପତ୍ତିର ଏକ ଚତୁର୍ଥାଂଶ ପୃଥକ୍ କରି ଦେବା ପାଇଁ ମଧ୍ୟ ସେ ଆଇନ ମତେ ଦାବୀ କରିପାରିବ ।

## ଇନ୍ଦୋର ରାଜ୍ୟର ସମ୍ବାଦ

ଇନ୍ଦୋରର ମହାରାଜା ଗୋଭିନ୍ଦ୍ୟା ନାମକ ଜଣେ ଅପରାଧୀର ଆଜୀବନ କାରାବାସ ଦଣ୍ଡକୁ ନିଜର ଆଇନ ସଙ୍ଗତ କ୍ଷମତା ବଳରେ କମାଇ ଦେଇଅଛନ୍ତି । ଅସାମୀଟି ଜଣେ ଯୁବକ ବ୍ୟକ୍ତି ଏବଂ ନିହତ ଲୋକଟି ତାହାର ସ୍ତ୍ରୀ ସହିତ ପାପାଚରଣରେ ରତ ଥିବାର ବିଶ୍ୱାସ କରି ସେ ତାକୁ ହତ୍ୟା କରିଥିଲେ । ଭାରତୀୟ ଦଣ୍ଡବିଧି ଆଇନର ୩୦୨ ଦଫା ଅନୁସାରେ ହତ୍ୟା ଅପରାଧରେ ସେ ଗିରଫ ହୋଇ ଆଜୀବନ ସଶ୍ରମ କାରାବାସ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ହାଇକୋର୍ଟର ରାୟ ବିରୁଦ୍ଧରେ ସେ କେବିନେଟ୍‌ରେ ଅପିଲ କରିଥିଲେ ଏବଂ ନିଜର ଅପରାଧ ପୂର୍ଣ୍ଣରୂପେ ସ୍ୱୀକାର କରିଥିଲେ । କିନ୍ତୁ ତାହାର ଅପିଲ ମଧ୍ୟ ଡିସ୍‌ମିସ୍ ହୋଇଥିଲା । କିନ୍ତୁ ମହାରାଜା ସବୁ ଅବସ୍ଥାର ବିଚାର କରି ନିଜର କ୍ଷମା ଦେବାର କ୍ଷମତା ବଳରେ ଏହି ଦଣ୍ଡକୁ ଦଶ ବର୍ଷ ପାଇଁ କମାଇ ଦେଇଛନ୍ତି ।

<u>ସେଣ୍ଟ୍ରାଲ ଇଣ୍ଡିଆ ହକି ଏସୋସିଏଶନ</u>

ଇନ୍ଦୋରର ଯଶୋବନ୍ତ କ୍ଲବରେ ଗତ ୬ ତାରିଖ ଫେବ୍ରୁୟାରିରେ ମଧ୍ୟଭାରତର ରାଜ୍ୟମାନଙ୍କୁ ନେଇ ଗୋଟିଏ ହକି ଏସୋସିଏଶନ୍ ଗଠିତ ହୋଇଅଛି । ଭୋପାଳର ଉତ୍ତରାଧିକାରିଣୀ ନବାବ ଗୋହାର ତାଜ ବେଗମ ଏହାର ସଭାପତି ହୋଇଅଛନ୍ତି । ଅବୈତନିକ ସମ୍ପାଦକ ଏହି ହକି ସମିତିର ଗଠନ ସମ୍ବାଦ ମଧ୍ୟଭାରତର ସବୁ ରାଜ୍ୟର ଦେୱାନ୍‌ମାନଙ୍କୁ ଜଣାଇଅଛନ୍ତି । ସେଥିରେ ସେମାନଙ୍କର ସହାନୁଭୂତି ଲୋଡ଼ି ପ୍ରତି ରାଜ୍ୟରେ ଥିବା କ୍ଲବ୍ କିମ୍ବା ସମିତିମାନଙ୍କୁ ଜଣେ ଜଣେ ପ୍ରତିନିଧି ପଠାଇବା ପାଇଁ ଅନୁରୋଧ କରିଅଛନ୍ତି ।

<u>ଗ୍ରାମୋନ୍ନତି</u>

ଇନ୍ଦୋର ସରକାର ସେ ରାଜ୍ୟରେ ପିଇବା ପାଣି କଷ୍ଟ ଦୂର କରିବା ଉଦ୍ଦେଶ୍ୟରେ କୂଅ ଖୋଳାଇବା ପାଇଁ ଅର୍ଥମନ୍ତ୍ରୀଙ୍କୁ ଟ ୧୦,୦୦୦୯ ମଞ୍ଜୁର କରିଅଛନ୍ତି । ଆଉ ମଧ୍ୟ ଗୁଡ଼ିଏ ଗୋଟି ଗ୍ରାମକୁ ବୈଜ୍ଞାନିକ ରୀତିରେ ସ୍ୱାସ୍ଥ୍ୟସମ୍ପନ୍ନ କରି ସଂଗଠିତ କରିବା ପାଇଁ ପ୍ରସ୍ତାବ କରାଯାଇଅଛି । ଇନ୍ଦୋର ରାଜ୍ୟର ସେଣ୍ଟ୍ରାଲ୍ ଇଣ୍ଡିଆ ଟାଇମ୍‌ସ୍ ନାମକ କାଗଜରେ ଏହି ଶେଷୋକ୍ତ ପ୍ରସ୍ତାବର ବିବରଣ ତଳ ଲିଖିତ ମତେ ପ୍ରକାଶିତ ହୋଇଅଛି ।

ପ୍ରତି ଗ୍ରାମ ପାଇଁ ରାଜସରକାରଙ୍କ ଦ୍ୱାରା ଯଥେଷ୍ଟ ପରିମାଣରେ ଜମି ମଞ୍ଜୁର କରାଯାଇଅଛି । ଏହି ଜମିଗୁଡ଼ିକୁ ଏକତ୍ରିତ କରି ପ୍ରତି ଗ୍ରାମବାସୀର ସୁବିଧା ଅନୁସାରେ ତାହାକୁ ଦିଆ ଯାଇଅଛି । ପ୍ରତି କ୍ଷେତ୍ର ଉପରେ ଜଣେ ଜଣେ କୃଷୀର ଘର ରହିବ । ଘରର ଚାରିପାଖେ ପରିଷ୍କାର ଆଲୁଅ ଓ ପବନ ପାଇଁ ଯଥେଷ୍ଟ ପରିମାଣରେ

Digitized by srujanika@gmail.com

ଖୋଲାଜାଗା ରଖାଯିବ । ସବୁ ଘର ଗୁଡ଼ିକ ସମାନ ପ୍ଲାନ୍‌ରେ ତିଆରି ହେବାର ବ୍ୟବସ୍ଥା କରି ଯାଇଅଛି । ଘରଗୁଡ଼ିକରେ ବଧି-ମତେ ଦୁଆର, ଝରକା ଓ ଅଗଣା ରଖାଯିବ । ସବୁ ଘରକୁ ସରକାରୀ ଖର୍ଚ୍ଚରେ ରାସ୍ତା ତିଆରି ହେଉଅଛି । ସୁବିଧା ଅନୁସାରେ ନଳାର ବନ୍ଦୋବସ୍ତ ମଧ୍ୟ କରାଯିବ । ପିଇବା ପାଣି ଯୋଗାଇବା ପାଇଁ ସେ ସବୁ ଜାଗାରେ କୂଅ ମଧ୍ୟ ଖୋଳା ଯାଉଛି । ଏ ସବୁ କୂଅ ପାଣି ଯେପରି ଦୂଷିତ ନ ହୁଏ ତାହାର ମଧ୍ୟ ବ୍ୟବସ୍ଥା କରାଯାଉଅଛି । ଦେବପୂଜା, ସ୍କୁଲ ଓ ଖେଳ ପଡ଼ିଆପାଇଁ ମଧ୍ୟ ଅଲଗା ଜମି ସବୁ ରଖାଯାଇଅଛି ।

ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଏହି ଗୁଡ଼ିଗୋଟି ଗାଁକୁ ଆଦର୍ଶ କରି ଅନ୍ୟ ଗାଁର ଲୋକମାନେ ନିଜ ନିଜର ଉନ୍ନତି କରିବେ । ଗାଁମାନଙ୍କର ଉନ୍ନତି ପାଇଁ ସରକାର ଯେ ବିଶେଷ-ଭାବରେ ଚିନ୍ତା କରୁଅଛନ୍ତି ତାହା ଏହି କାର୍ଯ୍ୟରୁ ସ୍ପଷ୍ଟରୂପେ ପ୍ରମାଣିତ ହୁଏ ।

<u>ନୂଆ ଉପନିବେଶ କରିବାର ଖସଡ଼ା</u>

ଇନ୍ଦୋରର ରାମପୁର ଭାଣପୁର ଜିଲ୍ଲାରେ ଉପନିବେଶ କରିବା ପାଇଁ ମଧ୍ୟ ଗୋଟିଏ ଖସଡ଼ା ତିଆରି ହୋଇଅଛି । ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ରହି ଉପନିବେଶ ତିଆରି ପାଇଁ ଗୋଟିଏ ଅତିରିକ୍ତ ସର୍ଭେ ନିଯୁକ୍ତ କରାଯାଇଅଛି । କୃଷୀ ଭାବରେ ଯେଉଁମାନେ ବସତି କରିବାକୁ ଇଚ୍ଛା କରିବେ ସେପରି ପ୍ରତ୍ୟେକ ଲୋକ ପାଇଁ ୨୦ ଏକର ପରିମାଣ ଗୋଟିଏ ଷେତ ରଖାଯିବ । ୧୦ ବର୍ଷ ପାଇଁ ଏହି ଜମି ସରକାର ଅଧୀନରେ ରହିବ ଏବଂ ଏହାପରେ କୃଷୀ ଯେତେ ପରିମାଣ ଜମି ଆବାଦ କରି ପାରିଥିବ ସେହି ଜମି ଉପରେ ତାକୁ ପଟ୍ଟାଦାର ସ୍ୱତ୍ୱ ମିଳିବ । ଅଟକ ଥିବା ସମୟ ଭିତରେ ଯେତିକି ଜମିରେ ଫସଲ ଆବାଦ ହୋଇଥିବ ତାହାର ଉପରେ ଏକର ପିଛା ଟ୦୧୮ ହାରରେ ରାଜସ୍ୱ ଆଦାୟ କରାଯିବ । ଅଟକ ସମୟ ବାଦ ଏକର ପିଛା ଟ ୧। ହିସାବରେ ଆଦାୟ ହେବ । ମୋଟ ଜମି ଭିତରୁ ୫ ଏକର ପରିମାଣ କୃଷକ ତାହାର ଗୋରୁ ଗାଈଙ୍କ ଗୋଚର ରୂପେ ବ୍ୟବହାର କରି ପାରିବ ।

ଜଣେ ଲୋକ ୧୦ ଏକର ଜମି କୃଷ ଆବାଦ କରିବା ପରେ ଅଧିକା ଜମି ପାଇଁ ଦରଖାସ୍ତ କରି ମାଗିବ । ଯେଉଁ ଲୋକ ଗ୍ରାମ ମଧ୍ୟରେ ବସବାସ କରିବ ଏବଂ କୃଷ କରିବା ପାଇଁ ତାହାର ଇଚ୍ଛା ଓ କ୍ଷମତା ଥିବ, ସେହି ସବୁ ବିଷୟ ବିଚାର କରାଯାଇ ତାକୁ ଜମି ଦିଆଯିବ । ଜଣେ ବିଦେଶୀ ଲୋକ ଗ୍ରାମରେ ବାସ କରି କୃଷ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ତାଙ୍କ ବିଷୟ ଆଗ ବିଚାର କରାଯିବ । ତତ୍ପରେ ସେହି ଗ୍ରାମର ଯଦି କୌଣସି ବାସିନ୍ଦାର ଅନ୍ୟ ଜମି ନ ଥାଏ, ତେବେ ତାହାର ଦାବୀ ବିଚାର କରାଯିବ । ତତ୍ପରେ ଅନ୍ୟ ଯେଉଁ ବାସିନ୍ଦାର ଦାବୀ କରୁଥିବା ଜମି ଅପେକ୍ଷା ଅଳ୍ପ ପରିମାଣ ଜମି ଥାଏ, ତାହା ବିଷୟ ବିଚାର କରାଯିବ । ଭୂଲମି, ଗୁଜାର, ଡାଙ୍ଗି ପ୍ରଭୃତି ଭଲ କୃଷକ ଜାତୀୟ ଲୋକଙ୍କ ଦାବୀ ମଧ୍ୟ ପ୍ରଥମେ ବିଚାର କରାଯିବ ।

ଅମିନ ଏବଂ ଅନ୍ୟାନ୍ୟ ଗ୍ରାମ୍ୟକର୍ମଚାରୀମାନଙ୍କୁ ମଧ୍ୟ ରାଜସରକାର ଆଦେଶ କରିଅଛନ୍ତି ଯେ ଜମି ଆବାଦ କରିବା ପାଇଁ ଇଚ୍ଛୁକ ଥିବା ଲୋକମାନଙ୍କୁ ସେମାନେ ଜମିର ମାଟି ଓ ପାଣିର ସୁବିଧା ପ୍ରଭୃତି ସବୁ ବିଷୟରେ ପ୍ରକୃତ ଖବର ଦେଇ ସବୁ ରୂପେ ସମ୍ପୂର୍ଣ୍ଣ ସାହାଯ୍ୟ କରିବେ । ଆଉ ମଧ୍ୟ ସେମାନେ ଯେପରି ଚାହୁଁଥିବା ଜମିତକ ବିନା ଅସୁବିଧାରେ ପାଇ ପାରନ୍ତି ସେଥିପାଇଁ ରାଜସରକାର ସୁବନ୍ଦୋବସ୍ତ କରିଅଛନ୍ତି । ପରଗଣା ଓ ଜିଲ୍ଲାର ରେଭିନ୍ୟୁ ଅଫିସରମାନେ ମଧ୍ୟ ବ୍ୟକ୍ତିଗତ ଭାବରେ ଏହି ସବୁ ସ୍ଥାନ ତଦନ୍ତ କରି ନୂଆ ବାସିନ୍ଦା-ମାନଙ୍କର ଅଭାବ ଅସୁବିଧା ଦୂର କରିବେ ।

## ମୟୂରଭଞ୍ଜରେ ଛଉନାଚର ବିବରଣ

**ଶ୍ରୀ ଦିବାକର ଭଞ୍ଜ ବାବୁ**

ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜା ଯଦୁନାଥ ଭଞ୍ଜଙ୍କ ଅମଳରେ ଚୈତ୍ର ମାସରେ ପ୍ରଥମେ ରାମନବମୀ ନାଚ ହେଉଥିଲା । କିଛି ଦିନ ପରେ ମଦନ ସିଂହବାବୁ ଧଳଭୂମିରୁ ଆସି ଛଉନାଚ ପରି କେତେକ ବାଜା ଓ କେତେକ ନାଚ ରାମନବମୀ ନାଚ ସଙ୍ଗରେ ମିଶାଇ ଥିଲେ । ଶ୍ରୀଯୁକ୍ତ ୰କୃଷ୍ଣଚନ୍ଦ୍ର ଭଞ୍ଜ ମହାରାଜାଙ୍କ ସମୟରେ ରାମହରିଜିତ୍ ବେବର୍ତ୍ତା ବାବୁ ତାଙ୍କ ନିଜ ବିବାହ ସକାଶେ ସରାଇକଲାକୁ ଯାଇ ସେଠାରେ ଛଉନାଚ ଦେଖି ଆସି ଏଠାରେ ମହାରାଜାଙ୍କୁ କହିବାରେ ମହାରାଜା ସାହେବ ସରାଇକଲାରୁ ଉପେନ୍ଦ୍ର ବିଶାଳ ନାମକ ଜଣେ ଓସ୍ତାଦ୍ ଆଣି ତାଙ୍କୁ ଲଖିରାଜ ଇତ୍ୟାଦି ଦେଇ ଉତ୍ତରସାହିରେ ଓସ୍ତାଦ୍ କରି ରଖି ଦେଇଥିଲେ । ତାହାର ଦୁଇ ତିନି ବର୍ଷ ପରେ ଦକ୍ଷିଣସାହି ସକାଶେ ବନମାଳି ଦାସ ନାମକ ଜଣେ ଓସ୍ତାଦ୍‌କୁ ସରାଇକଲାରୁ ଆଣି ଦକ୍ଷିଣସାହିରେ ମଧ୍ୟ ଓସ୍ତାଦ୍ କରି ଦେଇଥିଲେ, ତାହାଙ୍କୁ ମଧ୍ୟ ଲଖିରାଜ ଆଦି ଦେଇ-ଥିଲେ । ସେହି ଲଖିରାଜ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ପୁତ୍ରମାନେ

Digitized by srujanika@gmail.com

ଭୋଗଦଖଲ କରୁଅଛନ୍ତି । ସେ ସମୟରେ ଉତ୍ତର ସାହିରେ ସ୍ୱର୍ଗୀୟ ବୃନ୍ଦାବନଚନ୍ଦ୍ର ଭଞ୍ଜ ଛୋଟରାଏ ସାହେବ ଉତ୍ତରସାହି-ମାଲିକ ହୋଇ ନାଚ କରାଉଥିଲେ । ଆଉ ମଧ୍ୟ ନିଜେ ନାଚୁଥିଲେ । ଦକ୍ଷିଣ ସାହିରେ ମଧ୍ୟ ସ୍ୱର୍ଗୀୟ ଗୋକୁଳଚନ୍ଦ୍ର ଭଞ୍ଜ ରାଜତରାୟ ସାହେବ ମାଲିକ ହୋଇ ନାଚ କରାଉଥିଲେ ଓ ନିଜେ ନାଚୁଥିଲେ । ସେ ସମୟରେ ନାଚୁଆମାନେ ମୁହଁରେ ମୁହଁଣ୍ଡା ବାନ୍ଧି ଓ ବାଉଁଶ ପ୍ରଭାକର ପିଠିରେ ବାନ୍ଧି ନାଚ କରୁଥିଲେ । ଯେଉଁ ସାହିରେ ପ୍ରଭା ଓ ମୁହଁଣ୍ଡା ଭଲ ହେଉଥିଲା ବେଶି ହେଲା ସେହି ଦଳ ସାଧାରଣତଃ ଜିତୁଥିଲେ । ସେ ସମୟରେ ଏକ-ଣିଆ ନାଚ, ଯୋଡ଼ି ନାଚ, ଚୂରକଣିଆ ନାଚ ଓ ଦଳନାଚ ହେଉଥିଲା । ଅବଶ୍ୟ ପୂର୍ବ ନାଚଠାରୁ ଏହାର କିଛି ଉନ୍ନତି ହୋଇଥିଲା । ସ୍ୱର୍ଗୀୟ ମହାରାଜା କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁପରେ ଶ୍ରୀ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମହାରାଜା ହୋଇ ପଢ଼ିବାକୁ କଟକ ଯାତ୍ରା କରିବା ଦିନୁଁ ଏଠାକୁ କଟକରୁ ଫେରିବା ପର୍ଯ୍ୟନ୍ତ ଦୁଇ ସାହିକୁ କିଛି କିଛି ମିଠାଇ ଦିଆଯାଇ ନିଶା ଘଟ ଓ ଯାତ୍ରା ଘଟ ଆସିବାର ଦୁଇ ଦିନ ନାଚ ହୋଇ ପର୍ବ ରକ୍ଷା କରାଯାଉଥିଲା ।

ଯାତ୍ରା ଘଟ ଓ ନିଶା ଘଟରେ ଉପାସ କରୁଥିବା ବର୍ତ୍ତୀମାନଙ୍କୁ ଘଟରୁ ପାଣି ଦେଲେ ନାଚ ବନ୍ଦ ହୋଇଯାଏ । ମହାରାଜା ଶ୍ରୀରାମଚନ୍ଦ୍ର କଟକରୁ ପଢ଼ି ସାରି ଫେରିବା ପର୍ଯ୍ୟନ୍ତ ଏହିପରି ନାଚ ହେଉଥିଲା । ମହାରାଜା ସାହେବ କଟକରୁ ଫେରି ନୀଳଗିରିର ସ୍ୱର୍ଗୀୟ ରାଜା ଶ୍ରୀଯୁକ୍ତ ଶ୍ୟାମଚନ୍ଦ୍ର ଭଞ୍ଜଙ୍କୁ ଉତ୍ତର ସାହିରେ ମାଲିକ କରି ଦେଇଥିଲେ । ଦକ୍ଷିଣ ସାହିକୁ ଶ୍ରୀଯୁକ୍ତ ଶ୍ରୀଦାମଚନ୍ଦ୍ର ଭଞ୍ଜ ରାଜତରାୟ ସାହେବଙ୍କୁ ମାଲିକ କରିଦେଇ ପ୍ରତି ସାହିକୁ ପ୍ରତି ବର୍ଷରେ ଦୁଇ ହଜାର କରି ଟଙ୍କା ଦେଇ ନାଚ କରାଉଥିଲେ ।✓ ରାଜତରାୟ ସାହେବ ଓ ନୀଳଗିରି ରାଜା ସାହେବ ନଚାଉଥିଲେ ଓ ନିଜେ ନିଜେ ମଧ୍ୟ ନାଚୁଥିଲେ । ଦୁଇ ଜଣଙ୍କର ଉଭୟଙ୍କର ବାଦାନୁ-ବାଦ ହେଉଥିଲା । ନାଚ ଶିଖିମାନଙ୍କୁ ଉପରୋକ୍ତ ଓସ୍ତାଦ୍ ଦୁଇ ଜଣ ଫରିଖଣ୍ଡା, ଓଡ଼ିଫୁଲ, ଚାହିପାଇଁ, ଛଡ଼ାପାଣି ଦିଆ, ଗୋବର ଗୋଳା, ହୁଣ୍ଡି ଅପଜା, ଧାନପାଛିଆ ଇତ୍ୟାଦି ନାଚମାନ ଶିଖାଦେଇ ନାଚୁଆ ତିଆରି କରୁଥିଲେ ।

ଏହି ନାଚୁଆ ତିଆରି କରିବାରେ ଓ ନାଚ କରିବାରେ ନୀଳଗିରି ରାଜା ସାହେବଙ୍କ ତରଫରୁ ପନ୍ଦର ଷୋଳ ହଜାର ଟଙ୍କା ଖରଚ ହୋଇଥିଲା । ରାଜତରାୟ ସାହେବଙ୍କ ତରଫରୁ ମଧ୍ୟ ସେହିପରି ପନ୍ଦର ଷୋଳ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଗୋଟିଏ ନୂଆ-ନାଚ ତିଆରି କଲେ ନାଚରେ ସଜ ପାଇଁ ସାତ ଆଠ ଶହ କରି ଟଙ୍କା ପଡ଼େ । ଏହିପରି ବର୍ଷ ତମାମ ଶିକ୍ଷା ଦିଆଯାଏ । ନାଚ ରାଜବାଡ଼ିରେ ପ୍ରତି ବର୍ଷ ପଣା ସଂକ୍ରାନ୍ତିକୁ ତିନି ଦିନ ନଚି ହୁଏ । ଏହିରୂପେ ଅନେକ ଦିନ ପର୍ଯ୍ୟନ୍ତ ନାଚ ହେଲା । ତାହା ପରେ ବନ୍ଦୀସୁନ୍ଦର, ତାମୁଡିଆ, ତାମୁଡିଆ କୃଷ୍ଣ, ହନୁମାନ, ମଦନ ଭସ୍ମ ପ୍ରଭୃତି ଅନେକ ନୂଆ ନୂଆ ନାଚ ମଧ୍ୟ କ୍ରମେ କରାଯାଇଥିଲା । ନାଚ ଖୁବ୍ ଉନ୍ନତି କଲା । ସମ୍ରାଟ୍

ପଞ୍ଚମ ଜର୍ଜ୍ଜ ଭାରତକୁ ଆସିବା ଶୁଣି ସ୍ୱର୍ଗୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ନିଜ ଉଦ୍‌ଭାବନ ବଳରେ ଓଆର ଡାନସ୍ ନାମକ ନାଚ ତିଆର କରି କଲିକତାରେ ସମ୍ରାଟ ମହୋଦୟଙ୍କୁ ଉପହାର ସ୍ୱରୂପ ଭେଟି ଥିଲେ । ଏ ନାଚରେ ଚଉଷଠି ଜଣ ପିଲା ଖଣ୍ଡା ବନ୍ଧୁକ ଧରି ଦୁଇ ଦଳରେ ନଡ଼ାଇ ନାଚ କରି ସମ୍ରାଟଙ୍କୁ ଦେଖାଇଥିଲେ । ସମ୍ରାଟ ମଧ୍ୟ ଏହା ଦେଖି ଅତି ଖୁସି ହୋଇଥିଲେ । ତତ୍‌ପରେ ମହାରାଜାଙ୍କ ମୃତ୍ୟୁ ହେବାରୁ ତାଙ୍କର ମୃତ୍ୟୁ ଖବର ସମ୍ରାଟଙ୍କ ନିକଟକୁ ପଠାଇ ଦିଆ ହୋଇଥିଲା । ଉତ୍ତରରେ ସମ୍ରାଟ କହିଥିଲେ, ଯେଉଁ ମହାରାଜା ଅତି ପରିଶ୍ରମ କରି ଓଆର୍ ଡାନସ୍ ଦେଖାଇ ଥିଲେ, ତାଙ୍କ ମୃତ୍ୟୁରେ ମୁଁ ବିଶେଷ ଦୁଃଖିତ ହେଲି ।

ଉକ୍ତ ଓଆର ଡ଼ାନସ୍ ଅତି କଷ୍ଟରେ ଛଅ ମାସରେ ତିଆର ଓ ଅଭ୍ୟାସ କରା ଯାଇଥିଲା । ତାହା ବର୍ତ୍ତିମାନ ବନ୍ଦ ହୋଇଅଛି । ତତ୍‌ପରେ ସ୍ୱର୍ଗୀୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ମହାରାଜା ହେଲେ । ଗଭର୍ଣ୍ଣ-ମେଣ୍ଟ ମହାରାଜାଙ୍କୁ ଆଜମିରକୁ ପଢ଼ିବାକୁ ନେଇ ଯିବାରୁ ତାଙ୍କର ଫେରିବା ପର୍ଯ୍ୟନ୍ତ ପୂର୍ବ ପରି ତିନି ଦିନ ନାଚ ହେଉଥିଲା । ନାଚ ରକ୍ଷା ପାଇଁ ଦୁଇ ସାହିକୁ ପାଞ୍ଚ ଶହ ଟଙ୍କା ମିଳେ । ଏକ ମାସ କିମ୍ବା ଦୁଇ ମାସ ଆଖଡ଼ା ହୁଏ । ମହାରାଜା ପଢ଼ା ଶେଷ କରି ଫେରିବାକୁ ଅନେକ ଡେରି ହେବାରୁ ଓ ଦୁଇ ସାହିରୁ ଭଲ ଭଲ ପିଲା ମରି ଯିବାରୁ ନାଚ ମାନ୍ଦା ପଡ଼ିଗଲା । ଫେରି ଆସି ମହାରାଜା ଏକ ବର୍ଷ କିମ୍ବା ଦୁଇ ବର୍ଷ ନାଚ ଆରମ୍ଭ କରିଥିଲେ । ଓସ୍ତାଦ୍ ଓ ପିଲାମାନେ କୌଣସି ବିଷୟରେ ମହାରାଜାଙ୍କୁ ବିରକ୍ତ କରି ଥିବାରୁ ସେ ଏକାବେଳେ ନାଚ ବନ୍ଦ କରାଇ ଦେଇଥିଲେ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାରାଜାଙ୍କ ମୃତ୍ୟୁ ପରେ ଶ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ ମହାରାଜା ହୋଇ ଏହି ପ୍ରାଚୀନ ଛଉ ନାଚଟି ବୁଡ଼ି ଯାଉ ଥିବାରୁ ତାହାର ଉନ୍ନତି ପାଇଁ ପ୍ରତିବର୍ଷ ଦୁଇ ସାହିକୁ ପାଞ୍ଚ ହଜାର ଟଙ୍କା ଦେଲେ । ସେଥିଯୋଗୁଁ କେତେ ଜଣ ପୁରୁଣା ପିଲାଙ୍କୁ ଓସ୍ତାଦ୍ କରି ଓ ସାହିର ଭଦ୍ର ଲୋକମାନଙ୍କୁ ମେମ୍ବର କରି ଆଜକୁ ପାଞ୍ଚ ବର୍ଷ ହେଲା ନାଚ ଓ ପିଲା ତିଆରି ହେଉଅଛି ଏବଂ ନିୟମିତ ନାଚ କରା ଯାଉଅଛି ।

ଏହି ପାଞ୍ଚ ବର୍ଷ ମଧ୍ୟରେ ଅନେକ ନୂଆ ନୂଆ ଫୁଲ୍ ଓ ମେଳ ନାଚ ଏବଂ ନୈନ୍ଦ ତିଆରି ହୋଇଅଛି । ବର୍ତ୍ତିମାନ ତୁଳନା କଲେ ଏହାଠାରୁ ପୂର୍ବ ସନ୍ଧିକାଳ ନାଚ କେଉଁ ତଳେ ପଡ଼ି ଗଲଣି । ଆଜି କାଲି କେତେକ ଜଣ ଭାରତୀୟ ଓରିଏଣ୍ଟାଲ୍ ନାଚ ଆରମ୍ଭ କରିଅଛନ୍ତି । ଅମଳା ନନ୍ଦୀ ନାମକ ଜଣେ ସ୍ତ୍ରୀଲୋକ ମଧ୍ୟ ଏହି ନାଚ କରନ୍ତି । ତାଙ୍କର ନାଚ ଦେଖିବାକୁ ମୁଁ ଦୁଇ ଜଣ ଓସ୍ତାଦ୍ ଓ ଜଣେ ପିଲାଙ୍କୁ ନେଇ କଲିକତା ଯାଇ ନାଚ ଦେଖି ଥିଲି । ସେ ଛଉ ନାଚ ପରି ନାଚ ନୁହେଁ । ଅନେକ ପରିମାଣରେ ବାଇଜୀନାଚ ଧରଣର ନାଚ, ସେ ସ୍ତ୍ରୀଲୋକ ବୋଲି ତାଙ୍କର ନାଚ ଓ ହାତ ପାଦର ଭଙ୍ଗୀ ଅତି ନରମ । ସେହି ନାଚ ଦେଖି ଆସି ଛଉ ନାଚରେ ଲଗାଇ ଥିଲି । ଆମ୍ଭର ଏଠାକାର ନାଚରେ ସ୍ତ୍ରୀ ବେଶ ହୋଇ ପୁରୁଷ ନଚୁଆମାନେ ନାଚୁ ଥିବାରୁ ଦେହ ହାତ ଅବଶ୍ୟ ତେତେ ନରମ ହୋଇ ନ

ଯାରେ । ବିଖ୍ୟାତ ନାଚୁଆ ଉଦୟଶଙ୍କରଙ୍କ ନାଚ ମଧ୍ୟ କଲିକତାରେ ହୋଇଥିଲା । ସେ ନାଚକୁ ମଧ୍ୟ ଓସ୍ତାଦ୍ ଓ ପିଲା ନେଇ ଦେଖିବାକୁ ଯାଇଥିଲି । ନାଟ ଦେଖିଲି । ସିମୀକା ନାମକ ଗୋଟିଏ ଫ୍ରେଞ୍ଚ ସ୍ତ୍ରୀଲୋକ ଦେଖିବାକୁ ଅତି ସୁନ୍ଦର । ତାଙ୍କ ନାଚ ଦୁଇ ମିନଟ୍ କିମ୍ବା ତିନ ମିନଟ୍‌ରୁ ବେଶି ନୁହେ । ତାଙ୍କ ନାଚ ଅତି ନରମ, କେତେକ ପରି-ମାଣରେ ବାଯ୍ଜିନା ଧରଣର ଏବଂ ଦେଖିବାକୁ ଅତି ସୁନ୍ଦର ହୋଇ-ଥିଲା । ଉଦୟଶଙ୍କରଙ୍କ ତାଣ୍ଡବ ନୃତ୍ୟ, ଗଜାସୁରବଧ ଓ ଆଉ ଗୋଟିଏ ନାଟ ମଧ୍ୟ ଦେଖିଲି । ଏହାଙ୍କ ନାଟରେ ମୁଦ୍ରା ଅଙ୍ଗୁଳିଦ୍ୱାରା ମୁହଁ ହାତର ଚାଳନା ଦେଖିଲି । କିନ୍ତୁ ଫରିଖଣ୍ଡା ଏବଂ ଓଡ଼ଫୁଲ ଶିଖିଥିବା ପିଲା ଯେପରି ହାତ ଗୋଡ଼ ନେଇ ଚାଳନ୍ତି, ଏହା ସେପରି ନୁହେ । ସେ ଯଦି ଫରିଖଣ୍ଡା କିମ୍ବା ଓଡ଼ଫୁଲ ନାଚ ଶିଖନ୍ତେ ତାହାହେଲେ ଆହୁରି ଭଲ ନାଚୁଆ ହୁଅନ୍ତେ ବୋଲି ମୋହର ବିଶ୍ୱାସ । ମୟୂରଭଞ୍ଜର ଏହି ଛଉନାଟ ଅନ୍ୟାନ୍ୟ ସହରବାସୀ ଦେଖିଲେ ବୋଧହୁଏ ଉଦୟଶଙ୍କରଙ୍କ ନାଟକୁ ଏତେ ବେଶି ପସନ୍ଦ କରିବେ ନାହିଁ ।

ବର୍ତ୍ତମାନ ଆମ୍ଭମାନଙ୍କର ମହାରାଜାସାହେବ ଯେଉଁ ସମସ୍ତ ନାଟ ବାରିପଦାରେ ତିଆର କରାଇଅଛନ୍ତି ସେହି ନାଟ ମଧ୍ୟରେ କେତେକ ନାଟ ଇଂରାଜି ନାଟ ସଙ୍ଗେ ମିଶା ମିଶି ଥିବାରୁ ତାହାକୁ କେହି କେହି ପସନ୍ଦ କରୁ ନାହାନ୍ତି । ସେମାନେ କେବଳ ଆମ୍ଭର ସ୍ୱଦେଶୀ ନାଟ ଓ ସ୍ୱଦେଶୀ ଚରିତ୍ରର ନାଟ ଦେଖିବାକୁ ଇଚ୍ଛା କରୁ-ଅଛନ୍ତି । ଛଉନାଟର ପ୍ରଥମ ମାଲିକମାନେ, ଅର୍ଥାତ୍ ନୀଳଗିରିର ରାଜା ସାହେବ ଓ ରାଜତରାୟ ସାହେବ ମୟୂରଭଞ୍ଜ ରାଜ୍ୟର ଲୋକ-ମାନେ ଇଂରେଜି ନାଚ ନ ଦେଖିଥିବାରୁ ପିଲମାନଙ୍କୁ କଲିକତା ନେଇ ଅନେକ ପଇସା ଖର୍ଚ୍ଚ କରି ନାଚ ଶିଖାଇ ଆଣି ଏଠାରେ ଦେଖାଇଥିଲେ । ବର୍ତ୍ତମାନ ଅବଶ୍ୟ ମହାରାଜାସାହେବଙ୍କର ଇଚ୍ଛା ଯେ ଇଂରାଜି ନାଚ ଉଠାଇ ଦେଇ ଦେଶୀ ନାଚ ଅର୍ଥାତ୍ ସାନ୍ତାଳି, ଭୂମିଜ, ମାହାନ୍ତ, କୋଲ, ବଙ୍ଗଳା, ଓଡ଼ିଆ ଓ ହିନ୍ଦୁସ୍ଥାନି ନାଚ କରିବାକୁ ହୁକୁମ ଦେଇଅଛନ୍ତି । ଏହି ନାଚ ବୋଧହୁଏ ଆଉ ଦୁଇ ତିନ ବର୍ଷ ମଧ୍ୟରେ ଭଲ ଭାବରେ ତିଆରି ହୋଇଯିବ ।

ଶ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ ମହାରାଜାଙ୍କ ସମୟରେ ବର୍ତ୍ତମାନ ଏହିପରି କେତେଗୁଡ଼ିଏ ନୂଆ ନାଚ ମଧ୍ୟ ତିଆରି ହୋଇଅଛି । ଉତ୍ତର ସାହିରେ କଳଙ୍କଭଞ୍ଜନ, ଦେବଜାନି, ଅବାକ୍‌ଚନ୍ଦ୍ର ଓ ମାତୃପୂଜା ଆଦି ମେଳ ନାଟ ହୋଇଅଛି । ଦକ୍ଷିଣ ସାହିରେ ମଧ୍ୟ ଶ୍ରୀକୃଷ୍ଣଙ୍କ ହୁଳିଯାତ୍ରା, ଶ୍ରୀକୃଷ୍ଣଙ୍କ ବସ୍ତ୍ରଚୋରି, ଶ୍ରୀକୃଷ୍ଣ ବାଉଳ ବେଶ ଧାରଣ କରି ରାଧିକାଙ୍କ ଠାରେ ଭିକ୍ଷା ମାଗିବା, ଗିରିଗୋବର୍ଦ୍ଧନ, ମାଳାଦ୍ରବଜେ, କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ ଓ ପ୍ରମିଳାର୍ଜ୍ଜୁନ ଆଦି ମେଳଗୁଡ଼ିକ ଚରିତ୍ର ଅନୁସାର ହୋଇଅଛି । ଫୁଟନାଟ ମଧ୍ୟ ବିଶେଷ ଉନ୍ନତି କରିଅଛି; ଅର୍ଥାତ୍ ନନ୍ଦଦୁଲାଲ, ଦଣ୍ଡୀ, ମହାଦେବ, ଋଷିରାଜ, ରଙ୍ଗପଣ୍ଡା, ସପ୍ତରଥୀ, ଜୟଦେବ, କୁମ୍ଭକର୍ଣ୍ଣ, ଇତ୍ୟାଦିର ଫୁଟ-ନାଟ ବିଜୁଳି ଚମକିଲା ପରି ନାଚ ହୋଇଅଛି । ଏହି ସବୁ ନାଟକୁ ଭଲ ଭାବରେ ନିରୀକ୍ଷଣ କରି ନ ଦେଖିଲେ ନାଟଭଙ୍ଗୀ କେତେବେଳେ ବାହାର ହୋଇଯିବ ତାହା ଜଣାପାରି ପାରିବ ନାହିଁ ।

## ରସ ଓ ରହସ୍ୟ

କନ୍ୟାର ପିତା—ଝିଅର ରୂପ ତ ଦେଖିଲେ, ଗୁଣ କଣ ବାଛିବେ ?—ଗୀତ ଯେମିତି ଗାଇ ଜାଣେ, ବୁଣାବୁଣି ଜାଣେ ସେମିତି, ବହି ଖଣ୍ଡେ ପାଇଲେ ତାକୁ ନ ପଢ଼ି ଛାଡ଼ିବ ନାହିଁ ।

ବରର ପିତା—ତାହାହେଲେ ଦେଖୁଚ, ପୁଅକୁ ମୋହର ରୋଷାଇ ଶିଖିବାକୁ ହେବ !

*  *  *  *

ଛାତ୍ର—(ପଢ଼ା ସରିବା ପରେ) ସର୍, ବାପା କହୁଥିଲେ ଆମ ପୂର୍ବପୁରୁଷମାନେ ଲୁଆଡ଼େ ମାଙ୍କଡ଼ ଥିଲେ ।

ଶିକ୍ଷକ—ହେଉ ଥାଉ, ଥାଉ; ତୁମ ପରିବାରର ଗୁପ୍ତ କଥା-ଗୁଡ଼ାକ କ୍ଲାସରେ ଆଲୋଚନା କରିବା ଠିକ୍ ନୁହେ ।

*  *  *  *

ସ୍ୱାମୀ—ବରୋଦା ରାଜ୍ୟରେ ହିନ୍ଦୁ ଛାଡ଼ପତ୍ର ଆଇନ ଜାରି ହେବା କଥା ଶୁଣିଚ ତ ?

ସ୍ତ୍ରୀ—ନା, ଶୁଣି ନାହିଁ ।

ସ୍ୱାମୀ— ହିନ୍ଦୁ ସମାଜର ଯେଉଁ ଜାତିମାନଙ୍କ ଭିତରେ ଛାଡ଼-ପତ୍ର ପ୍ରଥା ନାହିଁ, ବରୋଦାରେ ସେଥିପାଇଁ ଆଇନ କରା ଯାଇଅଛି । ତାହାଦ୍ୱାରା ସ୍ତ୍ରୀ ଇଚ୍ଛା କଲେ ଗୋଟାଏ କିଛି କାରଣ ଦେଖାଇ ଦେଇ ସ୍ୱାମୀକୁ ଛାଡ଼ି ଯାଇ ପାରେ ।

ସ୍ତ୍ରୀ—ତା'ହେଲେ, ଆମର ଚାଲ ସେଇଠିକି ଯିବା ।

*  *  *  *

ବୈଜ୍ଞାନିକମାନଙ୍କ ମତରେ ମାଛ ଖାଇଲେ ମସ୍ତିଷ୍କ ବଢ଼େ, ଘିଅ ଖାଇଲେ ପେଟ ବଢ଼େ । ଆମ୍ଭମାନଙ୍କ ମତରେ ଘିଅ ଖାଇବା ହିଁ ଉଚିତ । କାରଣ ମସ୍ତିଷ୍କ ଅପେକ୍ଷା ପେଟଟା ଅଧିକ ମାରାତ୍ମକ ।

Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ପତ୍ରିକାର ନୂତନ ନାମ

ଚଳିତ ସଂଖ୍ୟାଠାରୁ 'ମୟୂରଭଞ୍ଜ ଗେଜେଟ୍' ଭଞ୍ଜପ୍ରଦୀପ ନାମରେ ପ୍ରକାଶିତ ହେଲା । ଓଡ଼ିଆ କାଗଜ ହୋଇ ନିଜ ଭାଷା ଓ ସାହିତ୍ୟର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ତାହା ପକ୍ଷରେ ସମ୍ପୂର୍ଣ୍ଣ ସ୍ୱାଭାବିକ । 'ଭଞ୍ଜ' ନାମଟି ଉତ୍କଳ ସାହିତ୍ୟ କ୍ଷେତ୍ରରେ ଯେପରି ସୁପରିଚିତ ସେହିପରି ପ୍ରିୟ । ପ୍ରାଚୀନ ଉତ୍କଳ ସାହିତ୍ୟ ଭଣ୍ଡାରକୁ ଭଞ୍ଜକବିଙ୍କର ଦାନ ଯେପରି ଅସାମାନ୍ୟ, ପ୍ରାଚୀନ ଓ ଆଧୁନିକ ସାହିତ୍ୟ କ୍ଷେତ୍ରରେ ଭଞ୍ଜଭୂମିର ଦାନ ମଧ୍ୟ ସେହିପରି ଉଲ୍ଲେଖଯୋଗ୍ୟ । ପ୍ରାଚୀନ କାବ୍ୟ 'ରସଲହରୀ' ଏହି ଭଞ୍ଜଭୂମିର ନରପତିଙ୍କ ଲେଖନୀପ୍ରସୂତ ଏବଂ ଆଧୁନିକ ସାହିତ୍ୟ କ୍ଷେତ୍ରରେ ମଧ୍ୟ 'ପାକ୍ଷିକ ପତ୍ରିକା' 'ମନୋରମା' ଓ 'ଉତ୍କଳ-ପ୍ରଭା' ପ୍ରଭୃତି ପତ୍ରିକା-ଗୁଡ଼ିକ ଏହି ଭୂମିର ଆତ୍ମପ୍ରକାଶ । ରାଧାନାଥ ମଧୁସୂଦନ ପ୍ରମୁଖ ଉତ୍କଳ ସାହିତ୍ୟର କୃତୀ ସନ୍ତାନଗଣ ଏହି ଭଞ୍ଜଭୂମିର ପ୍ରରୋଚନା-ରେ ହିଁ ସେମାନଙ୍କର ଅଧିକାଂଶ ଶ୍ରେଷ୍ଠ କାବ୍ୟ କବିତା ରଚନା ଓ ପ୍ରକାଶ କରିଥିଲେ । ଚିଲିକା ଓ ମହାଯାତ୍ରା ପ୍ରଭୃତି ରାଧାନାଥଙ୍କର ଶ୍ରେଷ୍ଠ କାବ୍ୟଗୁଡ଼ିକ ଏବଂ କବିପ୍ରାଣେ ଦେବାବତରଣ ପ୍ରଭୃତି ମଧୁସୂଦନଙ୍କର ସୁପରିଚିତ କବିତାଗୁଡ଼ିକ 'ଉତ୍କଳପ୍ରଭା'ରେ ହିଁ ପ୍ରଥମେ ପ୍ରକାଶିତ ଓ ପୁରସ୍କୃତ ହୋଇଥିଲା ।

ସୁତରାଂ ପ୍ରାଚୀନ ଓ ଆଧୁନିକ ସାହିତ୍ୟଜଗତରେ 'ଭଞ୍ଜ' ନାମଟି ଯେଉଁ ଆଭିଜାତ୍ୟ ଅର୍ଜନ କରିଅଛି ଏବଂ ଏହାର ପ୍ରଦୀପା-ଲୋକରେ ଉତ୍କଳର ବାଣୀମନ୍ଦିର ଯେପରି ଆଲୋକିତ, ସେଥିରୁ ମନେ ହୁଏ ଏହି ନୂତନ ନାମଟି ଭଞ୍ଜଭୂମିର ପତ୍ରିକା ପକ୍ଷରେ ଏକାନ୍ତ ସତ୍ୟ ଓ ବାସ୍ତବ ପରିଚୟ ।

ପଶ୍ଚାତରେ ଏହିସବୁ ପୁଣ୍ୟ-ସ୍ମୃତି ଏବଂ ଅଗ୍ରଭାଗରେ ଆଶାମୟ ସୁବିସ୍ତୃତ ଭବିଷ୍ୟତକୁ ଘେନି ଦେଶର ପାଠକ ଓ ଲେଖକମାନଙ୍କର ସୌଜନ୍ୟ ଲାଭ କରି ନିଜକୁ ଉଜ୍ଜ୍ୱଳତର ଓ ଅଧିକ ମହୀୟାନ କରିବାର ଭରସା ରଖି ଭଞ୍ଜପ୍ରଦୀପ ଆଜି ତାହାର ଜନ୍ମତିଥିରେ କାର୍ଯ୍ୟ ଆରମ୍ଭ କରୁଅଛି ।

## ଶ୍ରୀଯୁକ୍ତ ବିଶ୍ୱନାଥ କର

ଅକ୍ଟୋବର ୧୯ ତାରିଖ ପ୍ରତ୍ୟୁଷରେ ଶ୍ରୀଯୁକ୍ତ ବିଶ୍ୱନାଥ କର-ଙ୍କର ପରଲୋକ ହେଲା । ବିଶ୍ୱନାଥ ବାବୁ ସମାଜ, ଧର୍ମ ଓ ରାଜନୀତି କ୍ଷେତ୍ରରେ ଯେପରି ନିଜର ବିଶିଷ୍ଟତା ପ୍ରତିପାଦନ କରି-ଅଛନ୍ତି, ଲେଖକ, ବକ୍ତା, ପ୍ରକାଶକ ଓ ସମ୍ପାଦକ ରୂପରେ ମଧ୍ୟ ସେହିପରି ଅସାଧାରଣ କୃତିତ୍ୱ ଦେଖାଇ ଯାଇଅଛନ୍ତି । ନିଜର ଉଗ୍ର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ ସମାଜ ଓ ଧର୍ମ କ୍ଷେତ୍ରରେ ସେ ଯେଉଁ ତ୍ୟାଗ ସ୍ୱୀକାର କରିଛନ୍ତି, ଲୋକାପବାଦ ଓ ଲୋକମତକୁ ସଦମ୍ଭରେ ଅସ୍ୱୀକାର କରିବାର ଯେଉଁ ସାହସ ଦେଖାଇଅଛନ୍ତି, ଧନ ଦିଗରୁ ନିଜେ ନିଃସମ୍ବଳ ହେଲେହେଁ କାର୍ଯ୍ୟ ଓ ମନରେ ଯେପରି ଶକ୍ତିଶାଳୀ ହୋଇ ଉଠିଥିଲେ, ରାଜନୀତିରେ ମଧ୍ୟ ସେ ଅନେକ ବନ୍ଧୁତାକୁ ଶତ୍ରୁତାରେ ପରିଣତ ହେବାପାଇଁ ଦେଲେ ହେଲେ ଭୀତ ହୋଇ ନାହାନ୍ତି; ଯଦିବା ଶେଷୋକ୍ତ କ୍ଷେତ୍ରରେ ଦୁଃଖିତ ଓ ଆହତ ହୋଇଥିବାର ତାଙ୍କର ବନ୍ଧୁମାନଙ୍କଠାରୁ ଶୁଣିବାକୁ ମିଳେ ।

ଲେଖକ, ବକ୍ତା, ପ୍ରକାଶକ ଓ ସମ୍ପାଦକ ରୂପରେ ମଧ୍ୟ ତାଙ୍କର ବିଶିଷ୍ଟତା ଓଡ଼ିଶାରେ ପ୍ରଥମ ଶ୍ରେଣୀର । ଲେଖକ ହିସାବରେ ସେ ଉତ୍କଳ ବାଣୀମନ୍ଦିରକୁ ଯାହା ଦାନ କରିଅଛନ୍ତି, ତାହାକୁ ପରିମାଣ ଦିଗରୁ ବିଚାର କରାଯାଇ ନ ପାରେ । କିନ୍ତୁ ଅଳ୍ପ ଭିତରେ ବହୁକୁ ପ୍ରକାଶ କରିବାର ଯେଉଁ ହସ୍ତକୌଶଳ ଆବଶ୍ୟକ ତାହା ତାଙ୍କର ଆୟତ୍ତାଧୀନ ଥିଲା । ଉତ୍କଳ ସାହିତ୍ୟର ସମ୍ପାଦକୀୟରେ କିମ୍ବା ଖଣ୍ଡେ ଦୁଇ ଖଣ୍ଡ ପୁସ୍ତକରେ ସେ ଯେତିକି ଚିନ୍ତା ଅକ୍ଷର ଆକାରରେ ଆବଦ୍ଧ କରିଯାଇଛନ୍ତି, ସେତିକି ହିଁ ତାଙ୍କର ଧ୍ୟାନର ଗମ୍ଭୀରତା, ତାଙ୍କର ଶକ୍ତି ଓ ସମ୍ଭାବନାର ପ୍ରସାର ଏବଂ ପ୍ରଖରତା ପ୍ରତି ସ୍ପଷ୍ଟ ଅଙ୍ଗୁଳି ସଙ୍କେତ ଦେଇଅଛି । ଲେଖକ ଯାହା ନ ଲେଖେ ଅଥଚ ଯାହା ଲେଖିବାର ଶକ୍ତି ଓ ସମ୍ଭାବନା ଦେଖାଇ ପାରେ ତାହା ହିଁ ବୋଧହୁଏ ତାହାକୁ ଯଶୋମଣ୍ଡିତ କରେ । ଲେଖକରୂପରେ ବିଶ୍ୱନାଥ ବାବୁଙ୍କର ବ୍ୟକ୍ତିତ୍ୱ ଏହିପରି ଉଚ୍ଚ ଦରର ଥିଲା ।

ବକ୍ତାରୂପରେ ତାଙ୍କୁ ଦେଖିବାର ଯେଉଁମାନେ ସୁଯୋଗ ପାଇ-ଅଛନ୍ତି, ସେମାନଙ୍କ ମତରେ ଓଡ଼ିଶାର ସାଧାରଣ କ୍ଷେତ୍ରରେ ସେ ପ୍ରଥମେ ସୁପ୍ରତିଷ୍ଠିତ ହୋଇଛନ୍ତି ତାଙ୍କର ତେଜସ୍ୱୀ ବାଗ୍ମିତା ପ୍ରଭାବରେ । ପରଲୋକଗତ ମଧୁସୂଦନ ଦାସଙ୍କ ପ୍ରରୋଚନାଦ୍ୱାରା ବିହାର ଓଡ଼ିଶା ବ୍ୟବସ୍ଥା ସଭାରେ ସେ ଓଡ଼ିଆରେ ଯେଉଁ ସବୁ ଭାଷଣ ଦେଇଥିଲେ ତାହା କେବଳ ବକ୍ତାଙ୍କ ଓଜସ୍ୱିତାର ପରିଚୟ ଦେଇ ନ ଥିଲା, ଓଡ଼ିଆ ବକ୍ତୃତାର ବିଶିଷ୍ଟତା ଅନେକଙ୍କ ସମକ୍ଷରେ ପ୍ରଥମ ପ୍ରବୃତ୍ତ କରିଥିଲା । ସାଧାରଣ ସଭା ସମିତିରେ ସେ ଯେଉଁ ସବୁ ବକ୍ତୃତା ଦେଉଥିଲେ ତାହା ପଶ୍ଚାତ୍‌ରେ ଥିଲା ଗୋଟିଏ ପ୍ରାଚୀନ

Digitized by srujanika@gmail.com

ଜରାଗ୍ରସ୍ତ ଭାଷାର ସଜୀବତା ଓ ସୌନ୍ଦର୍ଯ୍ୟ । ତାଙ୍କ କଥାବାର୍ତ୍ତାରେ ମଧ୍ୟ ଏହି ବାଗ୍ମିତାର ପରିଚୟ ମିଳୁଥିଲା । ସହକର୍ମୀ କିମ୍ବା ଦେଶବାସୀଙ୍କର ତ୍ରୁଟି ରୂପେ ଯାହା ସେ ବୁଝୁଥିଲେ, ଅନ୍ୟ ସହିତ ସେ ସମ୍ପର୍କରେ କହିଲା ବେଳେ ତାଙ୍କ ଭାଷାରେ ସେହି ପ୍ରଖର ଓଜସ୍ୱିତା ଫେରି ଆସୁଥିଲା । କଥାରେ ଯେପରି ସେ ଛଳନାହୀନ, ସ୍ପଷ୍ଟ ଓ ସହଜ ହୋଇ ଶେଷ ଜୀବନ ପର୍ଯ୍ୟନ୍ତ ରହିଥିଲେ, ସେଥିରୁ ହିଁ ତାଙ୍କର କାର୍ଯ୍ୟ ଓ ଚରିତ୍ରର ଶ୍ରେଷ୍ଠତା ବିଷୟରେ ଅନୁମାନ କରି ଯାଇପାରେ ।

ସାହିତ୍ୟ ପତ୍ରିକା ସମ୍ପାଦନର ଦକ୍ଷତାରେ ସେ ଯେ ଓଡ଼ିଶାରେ ଅଦ୍ୱିତୀୟ ଥିଲେ, ଏଥିରେ ବୋଧହୁଏ ଏ ଦେଶର ଅଧିକାଂଶ ସାହିତ୍ୟିକ ଏକମତ ହେବେ । କାରଣ ତାଙ୍କଦ୍ୱାରା ସମ୍ପାଦିତ "ଉତ୍କଳ ସାହିତ୍ୟ" କେବଳ ଉତ୍କଳର ଦୀର୍ଘତମ କାଳସ୍ଥାୟୀ ସାହିତ୍ୟ ପତ୍ରିକା ନୁହେଁ, ଓଡ଼ିଶାର ଅଧିକାଂଶ ସାହିତ୍ୟିକଙ୍କର ଏହା ହିଁ ବୋଧହୁଏ ଜନନୀ ଓ ଧାତ୍ରୀ; ଏବଂ ଅଧିକାଂଶ ସାହିତ୍ୟ ସନ୍ତାନଙ୍କର ସଂଶୋଧନ-ଭାର ନେଇଥିଲେ ଏହି ପତ୍ରିକାର କର୍ଣ୍ଣଧାର ବିଶ୍ୱନାଥ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏତେ ବଡ଼ ସମ୍ମାନାସ୍ପଦ ଆସନ ଆଉ କେହି କେବେ ଅଧିକାର କରି ପାରିଥିଲେ ବୋଲି ମନେ ହୁଏ ନାହିଁ ।

ସମ୍ପାଦକ ପରି ପ୍ରକାଶକ ହେବାରେ ମଧ୍ୟ ସେ ଅଗ୍ରବର୍ତ୍ତୀ ଥିଲେ । ଧନ ସମ୍ବନ୍ଧରେ ଆଶାନୁରୂପ ସ୍ୱଚ୍ଛଳ ନ ଥିଲେ ହେଁ ପୁସ୍ତକ ପ୍ରକାଶରେ ସେ ଅର୍ଥକୁ ରୁଚି ଓ ବିଚାରର ନିମ୍ନରେ ଆସନ ଦେଇଥିଲେ ଏବଂ ବିନା ପାରିଶ୍ରମିକରେ ନିଜ ମୁଦ୍ରଣାଳୟରୁ ପ୍ରକାଶିତ ପୁସ୍ତକଗୁଡ଼ିକୁ ଏକ ପ୍ରକାର ନିଜେ ସମ୍ପାଦନ କରୁଥିଲେ । ସଚରାଚର ଏହା ଦେଖା ଯାଇ ନ ଥାଏ ।

ଏହି ସମସ୍ତ ଗୁଣଗୁଡ଼ିକ ଭିତରେ ତାଙ୍କର ମନୁଷ୍ୟତା ବିକଶିତ ହୋଇଅଛି । ଜୀବନର ପ୍ରତି କ୍ଷେତ୍ରରେ ଯେତେ ଗୋଟି ସତ୍ୟ ସ୍ୱଚ୍ଛନ୍ଦ ଭାବରେ ତାଙ୍କର ନିକଟବର୍ତ୍ତୀ ହୋଇଅଛି, ସେଥିପାଇଁ ସେ ନିଃସଙ୍କୋଚରେ ନିଜର ଦ୍ୱାର ଫିଟାଇ ଦେଇଛନ୍ତି । ସମାଜ ଓ ଧର୍ମ କ୍ଷେତ୍ରରେ ଯେପରି, ସାହିତ୍ୟରେ ମଧ୍ୟ ଆମ୍ଭେମାନେ ତାଙ୍କର ଏହି ମୁକ୍ତତା ଓ ଉଦାରତାର ସନ୍ଧାନ ପାଉଁ । ରାଧାନାଥ, ଫକୀରମୋହନ ଓ ମଧୁସୂଦନ ପ୍ରମୁଖ ପ୍ରାଚୀନ ସାହିତ୍ୟିକମାନଙ୍କର ସଂସ୍କାର ସହିତ ତାଙ୍କର ନିବିଡ଼ ଯୋଗ ଥିଲେ ହେଁ ଅତି ଆଧୁନିକ ସାହିତ୍ୟର ଧାରା ଓ ବିଶିଷ୍ଟତା ପ୍ରତି ସେ ଉପଯୁକ୍ତ ଆଦର ଦେଖାଇ ଯାଇଅଛନ୍ତି । ଯଥାର୍ଥରେ ଦେଖିବାକୁ ଗଲେ ତାଙ୍କ ସମ୍ପାଦିତ "ଉତ୍କଳ ସାହିତ୍ୟ" ରାଧାନାଥ ଓ ଫକୀରମୋହନଙ୍କ ଯୁଗରୁ ଆଜ ଯୁଦ୍ଧା ଓଡ଼ିଆ ସାହିତ୍ୟର ଏକ ଧାରାବାହିକ ଉପାଦେୟ ଐତିହ୍ୟ । ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ଆଲୋଚନା କଲେ ଏହି ପତ୍ରିକାଟି ହିଁ ତାଙ୍କର ସାହିତ୍ୟ ଓ ସ୍ୱଦେଶ ପାଇଁ ଶ୍ରେଷ୍ଠତମ ଦାନ ବୋଲି ମନେ ହୁଏ । ସୁତରାଂ ଏହି ପତ୍ରିକାଟିକୁ ଜୀବିତ ରଖିବା ତାଙ୍କ ସ୍ମୃତି ରକ୍ଷାର ପ୍ରଥମ କାର୍ଯ୍ୟ ହେବା ଉଚିତ ।

## ଓଡ଼ିଶାର ନୌ ବାଣିଜ୍ୟ

ଓଡ଼ିଶାରେ ଜଳଯାତ୍ରା ଓ ଜଳଯାନରେ ବାଣିଜ୍ୟ ବ୍ୟବସାୟ ଏପରି କ୍ଷୀଣ ଭାବରେ ହେଉଅଛି ଯେ ତାହାର ସମ୍ବାଦ ରଖିବାକୁ ଅନେକେ ଆବଶ୍ୟକ ମନେ କରନ୍ତି ନାହିଁ; ବରଂ ଅତୀତର ଲୁପ୍ତ ସମୃଦ୍ଧିର ବିବରଣ ପ୍ରତି ଦୃଷ୍ଟି ଦେଇ ସାନ୍ତ୍ୱନା ପାଇଥାନ୍ତି । ଯେଉଁ-ଠାରେ ବର୍ତ୍ତମାନର ଅବସ୍ଥା ଶୋଚନୀୟ ସେଠାରେ ଅତୀତ ହିଁ ଏହିପରି ଗୋଟାଏ ବଡ଼ ଆଶ୍ରୟ ହୋଇଥାଏ । କିନ୍ତୁ ଯେଉଁମାନେ ବର୍ତ୍ତମାନ ଉପରେ ଅଧିକ ସଚେତନ ଏବଂ ବର୍ତ୍ତମାନକୁ ଧରି ଭବିଷ୍ୟତର ସ୍ୱପ୍ନ ଦେଖନ୍ତି, ସେମାନଙ୍କ ପକ୍ଷରେ ଓଡ଼ିଶାର ଆଧୁନାତନ ନୌବାଣିଜ୍ୟର ଅବସ୍ଥା ଜାଣିବା ପ୍ରୟୋଜନ ହୋଇ ପାରେ ।

ଅଳ୍ପଦିନ ପୂର୍ବେ ବିହାର ଓଡ଼ିଶାର ଯେଉଁ ସରକାରୀ ରିପୋର୍ଟ ୧୯୩୩-୩୪ ମସିହାର ନୌବାଣିଜ୍ୟ ସମ୍ବନ୍ଧରେ ବାହାରିଅଛି, ସେଥିରୁ ଜଣାଯାଏ ଯେ ପୂର୍ବବର୍ଷ ଅପେକ୍ଷା ଓଡ଼ିଶାରେ ନୌକା-ଯାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଥିଲେ ହେଁ ଆମଦାନି ଓ ରପ୍ତାନିର ପରିମାଣ କମି ଯାଇଅଛି । ଜଳଯାତ୍ରା ଦ୍ୱାରା ଖର୍ଚ୍ଚ କମ୍ ପଡୁଥିବାରୁ ଏବଂ 'ଗୃନ୍ଦବାଲ୍' ନାମକ ଯାତ୍ରୀଜାହାଜଟି ବନ୍ଦର ଯାତାୟାତ ପାଇଁ ସୁପ୍ରଶସ୍ତ ଥିବାରୁ ଯାତ୍ରୀମାନଙ୍କ ସଂଖ୍ୟା ବଢ଼ିଅଛି ବୋଲି ଅନୁମିତ ହୁଏ । ଅଥଚ କାରବାର ମାନ୍ଦା ପଡ଼ିଥିବା ହିଁ ଆମଦାନି ଓ ରପ୍ତାନିର ସ୍ୱଳ୍ପତାର ପ୍ରଧାନ କାରଣ ।

ଉକ୍ତ ରିପୋର୍ଟରୁ ଜଣାଯାଏ ଯେ ବେଙ୍ଗଲ-ଓଡ଼ିଶା-ଷ୍ଟିମ୍ ଶିପ୍ କମ୍ପାନିର ସଇଦ୍ୟେଦ ନାମକ ଓ ଗୃନ୍ଦବାଲ ନାମକ ଜାହାଜ ଦ୍ୱୟ କଲିକତାଠାରୁ ଯଥାକ୍ରମେ ବାଲେଶ୍ୱର ଓ ଗୃନ୍ଦବାଲ ପର୍ଯ୍ୟନ୍ତ ୪୪ ଏବଂ ୪୭ ଥର ଯାତାୟାତ କରିଥିଲା । ଏହା ପରେ ମାର୍କିସ୍ ନାମକ ଜାହାଜଟି କେବଳ ଗୋଟିଏ ଥର ଯାତାୟାତ କରିଥିଲା । ମୋଟରେ ଟ ୭,୬୬,୭୦୫୯ ଓ ଟ ୩,୩୮,୦୨୧୯ ମୂଲ୍ୟର ଜିନିଷ ଯଥାକ୍ରମେ ଆମଦାନି ଓ ରପ୍ତାନି ହୋଇଥିଲା । ଅଥଚ ତତ୍ ପୂର୍ବ ବର୍ଷ ପୁରୀ ସଙ୍ଗେ କାରବାର ହୋଇଥିବା ଟ ୬,୯୯୩୯ ମୂଲ୍ୟର ଜିନିଷକୁ ମିଶାଇ ମୋଟରେ ଟ ୯,୪୯,୫୯୩୯ ଓ ଟ ୪,୮୬,୪୯୩୯ ମୂଲ୍ୟର ଜିନିଷ ଯଥାକ୍ରମେ ଆମଦାନି ଓ ରପ୍ତାନି ହୋଇଥିଲା ।

ବିଶେଷତଃ ତଳଲିଖିତ ଜିନିଷ ଗୁଡ଼ିକ ଆମଦାନି ହୋଇଥିଲା:— କୋଇଲା, ଲୁହା ଓ ତମ୍ବା ତିଆରି ଜିନିଷ, ସୂତା ଜିନିଷ, ଗୁଆ, ମସଲା, ଧନିଆ, ସୋରିଷ ଓ ନଡ଼ିଆ ତେଲ, ଖାଲିବସ୍ତା, ଦିଆସିଲି, ଧୂଆଁ ପତ୍ର, ଚିନି ଓ ଲୁଣ ।

ଓଡ଼ିଶାରୁ ରପ୍ତାନି ହୋଇଥିବା ଜିନିଷ ମଧ୍ୟରେ ଧାନ, ଚାଉଳ, ମେଢ଼ା, ହାଡ଼, ଶୁଖୁଆ, ଷୋଠ, ଘିଅ, ବିଡ଼ିତିଆରି ପାଇଁ ପତ୍ର ଓ କୋଚଲା ପ୍ରଧାନ ଅଟେ । ଅକ୍ଟୋବର ମାସ ୧୮ ତାରିଖରେ ଧାମରା ମୁହାଣ ନିକଟରେ ସମ୍ମୁଖନାଥଂ ନାମକ ଗୋଟିଏ ପୋତ ବୁଡ଼ିଯାଇ-ଥିଲା ଏବଂ ଗବର୍ଣ୍ଣମେଣ୍ଟ ଏଥିପାଇଁ ଯଥାବିହିତ କରିଥିଲେ ।

## ଦୁର୍ବଳ କିଏ—ପୁରୁଷ ନା ନାରୀ ?

ଭାରତବର୍ଷର ଗାଁଗୁଡ଼ିକରେ ଅଳ୍ପ ଲୋକ ରହନ୍ତି । ସେଥିପାଇଁ ପ୍ରତ୍ୟେକ ଲୋକ ଅନ୍ୟକୁ ଜାଣି ଥାଏ । ଏହି ସବୁ ଗାଁମାନଙ୍କରୁ ଦେଖାଯାଏ ଯେ ଏ ଦେଶରେ ବିପତ୍ନୀକମାନଙ୍କ ଅପେକ୍ଷା ବିଧବା-ମାନଙ୍କର ସଂଖ୍ୟା ବେଶି । ଠିକ୍ ଏହି ଅବସ୍ଥା ବିଲାତରେ ମଧ୍ୟ ଦେଖା

ଯାଇଥାଏ । ଅବଶ୍ୟ ତାହାର ଏକ ପ୍ରଧାନ କାରଣ ହେଉଛି ଯୁଦ୍ଧ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଅନେକ ବର୍ଷ ହେଲା ଯୁଦ୍ଧର ନାମ ଗନ୍ଧ ନ ଥିଲେ ହେଁ ଆମେରିକା ରାଜ୍ୟରେ ମଧ୍ୟ ଅବିକଳ ଏହିପରି ଅବସ୍ଥା ଦେଖାଯାଏ ।

ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ ଏହି ଘଟଣାର ଗବେଷଣା କରି ଆମେରିକାର କେତେକ ପଣ୍ଡିତ ସ୍ଥିର କରିଅଛନ୍ତି ଯେ ନାରୀ ପୁରୁଷଙ୍କ ଭିତରେ ପୁରୁଷ ହିଁ ଦୁର୍ବଳ ଥିବାର ଏହା ଅନ୍ୟତମ ପ୍ରମାଣ । ସୁପ୍ରସିଦ୍ଧ ଡ଼ାକ୍ତର ଉଇଲିୟାମ୍ ଜେ. ମେୟୋ ଅନେକ ବର୍ଷ ଆଗେ ପ୍ରମାଣ କରିଥିଲେ ଯେ ଅଧିକାଂଶ ରୋଗକୁ ନାରୀମାନେ ହିଁ ପୁରୁଷ ଅପେକ୍ଷା ବେଶି ପ୍ରତିରୋଧ କରିପାରନ୍ତି । ରଚେଷ୍ଟାରର ଡାକ୍ତର ଇ. ଭି. ଏଲେନ୍ ଏହି ଉକ୍ତିକୁ ଯାଞ୍ଚ କରି ଓ ମିଳାଇ ଦେଖିଥିଲେ । ସେ ମଧ୍ୟ ଏହି କଥାକୁ ସମର୍ଥନ କରି କହି ଅଛନ୍ତି ଯେ ପୁରୁଷମାନେ ନାରୀଙ୍କ ଅପେକ୍ଷା ଅଧିକ ଦୁର୍ବଳ । କାରଣ ସବୁରକମ ରୋଗକୁ ସହିବା ବିଷୟରେ ନାରୀମାନଙ୍କର କ୍ଷମତା ପୁରୁଷଙ୍କଠାରୁ ଅନେକ ବେଶି । ବିଶେଷତଃ ପୁରୁଷମାନଙ୍କର ଅତି ସହଜରେ ପେଟ, ହୃତ୍‌ପିଣ୍ଡ ଓ ମସ୍ତିଷ୍କ ପ୍ରଭୃତିର ଗୋଳମାଳ ଘଟିଥାଏ । ଅବଶ୍ୟ ନାରୀ ପୁରୁଷ ଅପେକ୍ଷା ଅଧିକ ଥର ରୋଗରେ ପଡ଼ିଥାଏ । କିନ୍ତୁ ତାହା ପ୍ରାୟ ମାରାତ୍ମକ ନୁହେଁ, ସେଥିରେ କଷ୍ଟର ପରିମାଣ ମଧ୍ୟ ଅଳ୍ପ । ନାରୀ ଓ ପୁରୁଷମାନଙ୍କର ଜୀବନ କାଳର ତୁଳନା କରିବାକୁ ଗଲେ ମଧ୍ୟ ଏହି ଉକ୍ତିକୁ ସମର୍ଥନ କରିବାକୁ ହୁଏ । ଏ ଯାବତ୍ ଯେ ପୁରୁଷକୁ ହିଁ ସବଳ ବୋଲି ସ୍ଥିର କରାଯାଇଅଛି, ସେ କଥା ଏହିରୂପେ ଅପ୍ରମାଣ କରି ଡାକ୍ତର ଏଲେନ୍ ଏହାର କେତେକ କାରଣ ମଧ୍ୟ ଦର୍ଶାଇଅଛନ୍ତି । ଏହି ସବୁ କାରଣ ମଧ୍ୟରେ ଅତ୍ୟଧିକ ପରିଶ୍ରମ, ନିଶା ଏବଂ ଧୂମ୍ରପାନ, ବାଣିଜ୍ୟ ବ୍ୟବସାୟରେ ବିପଦ, ଏବଂ ଅନିୟମିତ ଭୋଜନ ଓ ନିଦ୍ରାର ଉଲ୍ଲେଖ କରାଯାଇଅଛି । ଶେଷରେ ସେ ଏହି ସିଦ୍ଧାନ୍ତରେ ପହଞ୍ଚି ଅଛନ୍ତି ଯେ "ନାରୀମାନେ ଯେତିକି ବେଶି ଖେଳୁଆଡ଼ ହେବେ, ଏବଂ ବିଜ୍ଞାନ ଯେତେ ଅଧିକ ପରିମାଣରେ ପ୍ରସୂତି ମୃତ୍ୟୁର ନିବାରଣ କରିବ, ସେହି ଅନୁପାତରେ ବିଧବାମାନଙ୍କର ସଂଖ୍ୟା ବରଂ ବୃଦ୍ଧି ଲାଭ କରିବ କିନ୍ତୁ କମିବ ନାହିଁ ।"

## ଯାଆଁଳା ପିଲାଙ୍କ ପାଇଁ ଜୀବନବୀମା

ଆଜିକାଲି ପୃଥିବୀର ସବୁ ସହରରେ ବୀମା କମ୍ପାନିର ଏଜେଣ୍ଟମାନେ ଯାତ୍ରୀ–ଗୁମାସ୍ତା ପରି ରୋଜଗାରି ଲୋକଙ୍କ ପିଛା ଧରିଛନ୍ତି । କେବଳ ଜୀବନକୁ ବୀମା କରାଯାଏ ନାହିଁ । ଗାୟକ ତାହାର କଣ୍ଠକୁ, ନର୍ତ୍ତକୀ ତାହାର ପାଦକୁ, ବ୍ୟବସାୟୀ ତାହାର କାରଖାନାକୁ, ଆଉ କିଏ ସୌଖୀନ ନାଗରିକ ତାହାର ମଟରକୁ, କୁକୁରକୁ କିମ୍ବା ଘୋଡ଼ାକୁ ମଧ୍ୟ ବୀମା କରାଇଥାନ୍ତି । ନିର୍ଦ୍ଦିଷ୍ଟ ସମୟ ଗତ ହେବା ଆଗରୁ ଏ ଗୁଡ଼ିକ ନଷ୍ଟ ବା ଖରାପ ହେଲେ ବୀମା କମ୍ପାନିକୁ ବୀମା କରାଯାଇଥିବା ସମସ୍ତ ଟଙ୍କା ଦେବାକୁ ହୁଏ ।

ଅଳ୍ପଦିନ ହେଲା କାଲିଫର୍ଣିଆର ହ୍ୟାରିକ୍ଲିଣ୍ଟନ୍ ନାମକ ଜଣେ ଗାଡ଼ି ବ୍ୟବସାୟୀ ଏକ ନୂଆ ରକମର ବୀମା କରିଅଛନ୍ତି । ସ୍ତ୍ରୀଙ୍କର ଗର୍ଭାବସ୍ଥାରେ କଥା ପ୍ରସଙ୍ଗରେ ସେ ତାଙ୍କ ପରିବାରର ଡାକ୍ତରଙ୍କଠାରୁ ଶୁଣିଲେ ଯେ ପ୍ରାୟ ୮୯ ଟି ଜନ୍ମରେ ଗୋଟିଏ ଜନ୍ମ ଯାଆଁଳା ହୋଇଥାଏ । ସେ କଥା ଶୁଣି ନିଜ ପରିବାରରେ ଏକାଥରକେ ଦୁଇଜଣଙ୍କ ଆବିର୍ଭାବର କଳ୍ପନା କରି ସେ ତତ୍‌କ୍ଷଣାତ୍ ଲଣ୍ଡନ୍‌ର ଲୟେଡ୍ ଇନ୍‌ସୁରାନ୍ସ କମ୍ପାନିର ଆଶ୍ରୟ ନେବାକୁ ବାହାରିଲେ ।

ଉକ୍ତ କମ୍ପାନି ସବୁ ରକମ ବୀମା କରିବାକୁ ତିଆରି ସୁତରାଂ ଏଥିରେ ମଧ୍ୟ କିସ୍ତି ମୁଣ୍ଡେ ଟ ୧୫୦୯ ପାଇବାକୁ ଚୁକ୍ତି ରଜି କମ୍ପାନି ୩୦୦୦ ଟଙ୍କାର ବାଜି ମାରି ଅଛନ୍ତି ଯେ ସେପ୍ଟେମ୍ବର ମାସ ଭିତରେ କ୍ଲିଣ୍ଟନ୍ ସାହେବଙ୍କ ସହଧର୍ମିଣୀ ଯାଆଁଳା ପିଲାର ମା ହୋଇପାରିବେ ନାହିଁ ।

କିନ୍ତୁ ଇଂଲଣ୍ଡର ଡମ୍ବ୍ରେକ୍ ( W. V. Dumbrek ) ନାମକ ଏକ ଭଦ୍ରଲୋକଙ୍କ ସଙ୍ଗେ ୧୯୨୬ ମସିହା ଅଗଷ୍ଟ ମାସ ଉକ୍ତ ଲଏଡ୍‌ସ୍ କମ୍ପାନି ଠିକ୍ ଏହିପରି ଏକ ବାଜି ମାରି ପରବର୍ତ୍ତି ଫେବ୍ରୁୟାରି ମାସରେ ଡମ୍ବ୍ରେକ୍‌ଙ୍କ କୃତିତ୍ୱ ଦେଖି ୧୦୦୦ ପାଉଣ୍ଡ ହାରିଥିଲେ ।

## ଛାତ୍ରମାନଙ୍କ ମଧ୍ୟରେ କୃତ୍ରିମ ଯୌନ ଅତ୍ୟାଚାର

ସ୍କୁଲ କଲେଜର ଛାତ୍ରମାନଙ୍କ ମଧ୍ୟରେ ଯେଉଁ ସବୁ କୃତ୍ରିମ ଯୌନ ଅତ୍ୟାଚାର କରାଯାଏ, ଅନେକେ ତାହା ଜାଣନ୍ତି । କିନ୍ତୁ ଏହାର ସଂଖ୍ୟା ବା ପରିମାଣ ବିଷୟରେ କୌଣସି ସଠିକ ସମ୍ବାଦ ମିଳେ ନାହିଁ । ଅଥଚ କୌଣସି ଗୋଟିଏ ବିଦ୍ୟାଳୟ ଏ ଦୋଷରୁ ମୁକ୍ତ ବୋଲି କହିବା କଠିନ । ଶିକ୍ଷାୟତନର କର୍ତ୍ତାମାନେ ଏଥିପ୍ରତି ଯଥାଯୋଗ୍ୟ ଦୃଷ୍ଟି ଦେଇ ନାହାନ୍ତି କିମ୍ବା ଅଭିଭାବକମାନେ ମଧ୍ୟ ଏହା ସେମାନଙ୍କଠାରୁ ଦାବୀ କରି ନାହାନ୍ତି, ଯଦିବା ନିଜ ଅଧୀନସ୍ଥ ଛାତ୍ରଙ୍କର ଚରିତ୍ର ସମ୍ବନ୍ଧରେ ସେମାନେ ସମ୍ପୂର୍ଣ୍ଣ ନିଃସନ୍ଦେହ ନୁହନ୍ତି ।

ଲାହୋର ଏସ୍. ଡି. କଲେଜର ପ୍ରିନ୍ସିପାଲ ମୈତ୍ରକ ଏହି ଗୁରୁତର ସମସ୍ୟା ପ୍ରତି ସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରି କହନ୍ତି, "ଜଣେ ବହୁ କାଳର ଅଭିଜ୍ଞ ଶିକ୍ଷକ ରୂପରେ ଏବଂ ଅନେକଗୁଡ଼ିଏ ପ୍ରାଇମେରି ଓ ସେକେଣ୍ଡାରି ସ୍କୁଲ ପରିଚାଳନାର ସଭ୍ୟ ଭାବରେ ମୁଁ ଏହା ଜୋର ସହିତ କହିପାରେଁ ଯେ ଛାତ୍ରମାନଙ୍କ ମଧ୍ୟରେ ଏହି ଦୋଷ ଅତି ବିସ୍ତୃତ ହୋଇ ପଡ଼ିଅଛି । ଆଉ ମଧ୍ୟ ଅଧିକାଂଶ ସ୍କୁଲର କେତେକ ଶିକ୍ଷକ ହିଁ ବାଳକମାନଙ୍କ ଚରିତ୍ରକୁ ନଷ୍ଟ କରିଥାନ୍ତି ।" ପ୍ରିନ୍ସିପାଲ ମୈତ୍ରକଙ୍କର ଶେଷୋକ୍ତ କଥାଟି ବାସ୍ତବିକ ବଡ଼ ଭୟାବହ ଏବଂ ଶିକ୍ଷକମାନେ ହିଁ ଏହି ଅପରାଧରେ ସମ୍ପୃକ୍ତ ଥିବାରୁ ଏ ସମ୍ବନ୍ଧରେ ଆଇନତଃ କୌଣସି ପ୍ରମାଣ ମିଳିବା ବୋଧହୁଏ ଦୁଷ୍କର ।

ସେ ପୁନଶ୍ଚ କହନ୍ତି, "ଏହି ଶିକ୍ଷକମାନଙ୍କ ମଧ୍ୟରୁ ଅନେକେ କିନ୍ତୁ ଅନ୍ୟ ସବୁ ବିଷୟରେ ଖୁବ୍ ଉପାଦେୟ ଓ ଅତିମାତ୍ର ଦକ୍ଷ ହୋଇଥାନ୍ତି । ସେମାନଙ୍କର ଉପାଦେୟତା ଓ ଦକ୍ଷତା ଏହି ପାପକୁ ଆବୃତ କରି ରଖିବାରେ ଯଥେଷ୍ଟ ସାହାଯ୍ୟ କରେ । * * ବିଶେଷତଃ ଡ୍ରିଲ୍, ଡ୍ରଇଁ ଓ ଜିମ୍ନାଷ୍ଟିକ୍ ଶିକ୍ଷକମାନଙ୍କର ସଂଖ୍ୟା ହିଁ ଏହି ଅପରାଧୀମାନଙ୍କ ମଧ୍ୟରେ ଅଧିକ ।"

Digitized by srujanika@gmail.com

କେତେକ ସ୍ଥଳରେ ଏହି ଅପରାଧୀମାନଙ୍କୁ ଖୁବ୍ ଧାର୍ମିକ ହେବାର ଓ ନୀତଶିକ୍ଷା ଦେବାପାଇଁ ନିଯୁକ୍ତ ହୋଇଥିବାର ମଧ୍ଯ ସେ ଦେଖିଛନ୍ତି । ସେଥିପାଇଁ ବାହାରର ଅଗ୍ରର ନିଷ୍ଠା ଓ ଧର୍ମଭାବ ଥିଲେ ହିଁ ଯେ କୌଣସି ବ୍ୟକ୍ତିକୁ ଶିକ୍ଷାୟତନର କିଛି ବିଶେଷ ଦାୟିତ୍ୱ ଦେବା ସମ୍ବନ୍ଧରେ ସେ ପକ୍ଷପାତୀ ନୁହନ୍ତି ।

ଏହାର ପ୍ରତିକାର ରୂପେ ସେ କହନ୍ତି, ଯେ କୌଣସି ଶିକ୍ଷକ ଉପରେ ଏହିପରି ଅପରାଧର ସଠିକ ପ୍ରମାଣ ଅଭାବ ସତ୍ତ୍ୱେ କେବଳ ଗୁରୁତର ସନ୍ଦେହ ଜନ୍ମିବା ମାତ୍ରେ ହିଁ ଶିକ୍ଷା ବିଭାଗ ତାହାଙ୍କୁ କାର୍ଯ୍ୟରୁ ବିତାଡ଼ିତ କରିଦେବା ଉଚିତ । ଛାତ୍ରମାନଙ୍କୁ ମଧ୍ଯ ସ୍ୱାସ୍ଥ୍ୟକର ଯୌନ-ଶିକ୍ଷା ଦେବା ଆବଶ୍ୟକ ଏବଂ କୃତ୍ରିମ ଯୌନ ପ୍ରକ୍ରିୟାପ୍ରତି ସେମାନଙ୍କ ମନରେ ଗୋଟାଏ ଯୁକ୍ତିଯୁକ୍ତ ଘୃଣାର ଉଦ୍ରେକ କରାଇ ଦେବା ଦରକାର । ଆଉ ମଧ୍ଯ ସେମାନଙ୍କୁ ନିୟମିତ ବ୍ୟାୟାମ ଶିକ୍ଷା ଦେବାଦ୍ୱାରା ସେମାନଙ୍କ ମନରୁ ଏହି ସବୁ ଅସ୍ୱାସ୍ଥ୍ୟକର ଦୂଷିତ ଚିନ୍ତା ଦୂର ହେବ ବୋଲି ସେ କହନ୍ତି ।

## ଚିତ୍ର ଓ ଚିତ୍ରଶିଳ୍ପୀ

ଅଭିନିବେଶ—ଶିଳ୍ପୀ ଶ୍ରୀ ଗୋପାଳଚନ୍ଦ୍ର କାନନଗୋ ବି. ଏ. ତାଙ୍କର ଅଙ୍କନନୈପୁଣ୍ୟଦ୍ୱାରା ଓଡ଼ିଶାରେ ସୁପରିଚିତ ହୋଇ-ଅଛନ୍ତି । ଅଳ୍ପ ବୟସରୁ ହିଁ ତାଙ୍କର ଶିଳ୍ପକଳା ପ୍ରତି ଆଭ୍ୟନ୍ତରିକ ଆକର୍ଷଣ ଥିଲା ଏବଂ ବହୁ ବାଧା ବିଘ୍ନ ମଧ୍ୟରେ ସେ କଲିକତା ଆର୍ଟ ସ୍କୁଲରେ ୬ ବର୍ଷ ଅଧ୍ୟୟନ କରି ଗତ ବର୍ଷ ଶେଷ ପରୀକ୍ଷାର ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଚିତ୍ରଶିଳ୍ପର ନାନା ବିଭାଗରେ ଅଭିଜ୍ଞତା ଲାଭ କରିଥିଲେ ହେଁ ଅନ୍ୟ କିଛି ସୁବିଧା ନ ପାଇ ସେ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଅଛନ୍ତି । ତାଙ୍କର ଛବିଗୁଡ଼ିକ ଦେଶ ବିଦେଶର ପ୍ରସିଦ୍ଧ ଶିଳ୍ପ ସମାଲୋଚକଙ୍କଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ-ଅଛି । ବିଲାତର ବିଖ୍ୟାତ ଶିଳ୍ପୀ ଓ ସମାଲୋଚକ ପ୍ରଫେସର୍ ହେନରି ଟଙ୍କସ୍‌ଙ୍କ ଠାରୁ ମଧ୍ଯ ସେ ପ୍ରଶଂସା ପତ୍ର ପାଇ ଅଛନ୍ତି । ପ୍ରଦର୍ଶନୀ-ମାନଙ୍କରେ ବହୁ ପଦକ ଓ ପୁରସ୍କାର ଲାଭ କରି ମଧ୍ଯ ଯଶସ୍ୱୀ ହୋଇ-ଅଛନ୍ତି ।

ଏହି ସଂଖ୍ୟାରେ ଦିଆ ଯାଇଥିବା ଛବିଟି ୧୯୩୨ ମସିହା ଗବର୍ଣ୍ଣ-ମେଣ୍ଟ ଆର୍ଟ ସ୍କୁଲ ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର ଲାଭ କରିଥିଲା । କେବଳ ସାମାନ୍ୟ ରେଖାସ୍ପର୍ଶଦ୍ୱାରା ଦୈନନ୍ଦିନ ଘଟନା ମଧ୍ୟରୁ ଗୋଟିଏ ଅତି ପରିଚିତ ବସ୍ତୁକୁ ଟାଣି ଆଣି ସେ ଯେପରି ଜୀବନ୍ତ ଓ ବାସ୍ତବ କରି ପାରିଅଛନ୍ତି ତାହା ତାଙ୍କ ଦୃଷ୍ଟିର ତୀକ୍ଷ୍ଣତା ଓ ହସ୍ତର ନିପୁଣତାକୁ ସ୍ପଷ୍ଟ ପ୍ରମାଣିତ କରୁଅଛି । ଚିତ୍ରାଙ୍କିତ କାରିଗରଟିର ବେଷ୍ଟନୀ ମଧ୍ୟରେ କେବଳ ତାହାର ଜୀବନୋପାୟର ଅକିଞ୍ଚିତ୍କର ସରଞ୍ଜାମ ରହିଅଛି । କିନ୍ତୁ ତାହାର ଦୃଢ଼ ନିହଣ ଆଘାତ ମଧ୍ୟରେ ଏବଂ ତାହାର ଚକ୍ଷୁ କର୍ଣ୍ଣ ପ୍ରଭୃତି ପ୍ରତି ଇନ୍ଦ୍ରିୟ ଓ ପ୍ରତ୍ୟେକ ସ୍ଥୂଳ ମାଂସପେଶୀ ଭିତରେ ଶିଳ୍ପୀଆତ୍ମାର ସୁନିବିଡ଼ ତୀକ୍ଷ୍ଣ ଅଭିନିବେଶଟି ବିଚିତ୍ର ଭଙ୍ଗୀରେ ପ୍ରକାଶିତ ହୋଇ ପଡ଼ିଅଛି ।

ଅସୀମ ପଥର ଯାତ୍ରୀ—ଜରାର ଗୋଟିଏ ମୂର୍ତ୍ତିମାନ ଆଲେଖ୍ୟ ଜୀବନ ପଥର ସୀମା ଦ୍ୱାରରେ ଉପନୀତ ହୋଇ ଅସୀମର ସ୍ୱପ୍ନ ଦେଖୁଛି । ଦୀର୍ଘ ଜୀବନର ଅସଂଖ୍ୟ ସାଫଲ୍ୟ ଓ ବ୍ୟର୍ଥତା ବହନ କରି ମଧ୍ୟ ସୁଦୂରର ଆଶାଲୋକରେ ମୁଖ ତାହାର ଆଲୋକିତ, ମୃତ୍ୟୁର ମ୍ଳାନିମା ଉପରେ ଦଣ୍ଡାୟମାନ ହୋଇ ମଧ୍ଯ ଜୀବନର ଅରୁଣ ଆଭାରେ ପଥ ତାହାର ରଞ୍ଜିତ ଏବଂ ମୂର୍ତ୍ତି ଦୃଢ଼ତାବ୍ୟଞ୍ଜକ । କୌଣସି କଳା ବିଦ୍ୟାଳୟରେ ଶିକ୍ଷା ପାଇ ନ ଥିଲେ ହେଁ ଚିତ୍ର-ଶିଳ୍ପୀ ଶ୍ରୀ ବିମ୍ବାଧର ବର୍ମା ଯେଉଁ ତୁଳିର ନୈପୁଣ୍ୟ ଅର୍ଜନ କରି ପାରି ଅଛନ୍ତି ସେଥିପାଇଁ ସେ ସର୍ବଥା ପ୍ରଶଂସନୀୟ । ନିଜ ପରିଚୟ ବିଷୟରେ ଅନୁରୁଦ୍ଧ ହୋଇ ସେ କହିଛନ୍ତି, "ମୋହର ନିଜ ବିଷୟରେ ସେପରି କିଛି ନାହିଁ । ସାଧାରଣ ଜୀବନ—ସମ୍ପୂର୍ଣ୍ଣ ଭାବରେ ବୈଚିତ୍ର୍ୟହୀନ । ପରିଚୟରେ କି ଲାଭ ? ଓଡ଼ିଶା ମୋ-ଠାରୁ ଆଉ କିଛି ଜିନିଷ ନ ପାଇ ଏତିକି ଜାଣିବାକୁ ଇଚ୍ଛା ନ କରିବା ଭଲ ।" କିନ୍ତୁ "ନବଭାରତ" ପତ୍ରିକାରେ ପ୍ରକାଶିତ ତାଙ୍କର ଚିତ୍ର ଓ ତାଙ୍କ ନିର୍ମିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ମୃନ୍ମ-ପ୍ରତିମୂର୍ତ୍ତିରୁ ସେ ଓଡ଼ିଶାରେ ସୁପରିଚିତ ହୋଇଅଛନ୍ତି ।

## ନବ ଭାରତ

କଟକ ନବଭାରତ ପ୍ରେସରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇ ଏହି ମାସିକ ପତ୍ରିକାଟି ଗତ ମିଥୁନଠାରୁ ପ୍ରକାଶିତ ହେଉଅଛି । ବାର୍ଷିକ ମୂଲ୍ୟ ୪ ୩ ।

ଆମ୍ଭମାନଙ୍କର ଓଡ଼ିଆ ସାହିତ୍ୟ ତାହାର ପ୍ରାଚୀନ ପରିଧାନକୁ ତ୍ୟାଗ କରି ବର୍ତ୍ତମାନ ଏକ ନୂତନ ବେଶ ଗ୍ରହଣର ପ୍ରୟାସ କରିଅଛି । ସେଥିପାଇଁ ଏହାର ରୂପ ଓ ଆକାର କିପରି ହେବା ଉଚିତ ଏ ସମ୍ବନ୍ଧରେ ବହୁ ବାଦାନୁବାଦର ସୂତ୍ରପାତ ହୋଇଅଛି । ଏପରି ଗୋଟିଏ ସନ୍ଧି କ୍ଷଣରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ବିଜ୍ଞ ଓ ବିଚକ୍ଷଣ ବ୍ୟକ୍ତିଙ୍କ ସମ୍ପାଦନରେ ନବଭାରତ ମାସିକ ପତ୍ରିକାର ଆବିର୍ଭାବ ସାହିତ୍ୟ କ୍ଷେତ୍ରରେ ଏକ ପରମ ଲାଭ । ଭାଷା ଓ ବ୍ୟାକରଣ ସମ୍ବନ୍ଧରେ ଏଥିରେ ଯେଉଁ ସବୁ ସୁଚିନ୍ତିତ ଗବେଷଣା କରାଯାଉଅଛି ତାହା ଓଡ଼ିଆ ସାହିତ୍ୟର ବର୍ତ୍ତମାନ ପରିସ୍ଥିତିରେ ବଡ଼ ଆବଶ୍ୟକୀୟ ଉପାଦାନ ବୋଲି ମନେହୁଏ । ବିଭିନ୍ନ ବିଷୟରେ ଅନ୍ୟ ଯେଉଁ ସବୁ ପ୍ରବନ୍ଧ ପ୍ରକାଶିତ ହେଉଅଛି ସେ ଗୁଡ଼ିକ ମଧ୍ଯ ସମୟୋପଯୋଗୀ ଓ ଉଚ୍ଚ ଶ୍ରେଣୀବିଶିଷ୍ଟ । ଆମ୍ଭେମାନେ ଏହି ନୂତନ ସହଯୋଗୀଙ୍କର ଦୀର୍ଘ ଜୀବନ ଓ ଉନ୍ନତି କାମନା କରୁଁ ।

Digitized by srujanika@gmail.com

## ପୁସ୍ତକ ପରିଚୟ

**ସବୁଜ ସାଥି**—ଶ୍ରୀ ବୀରକିଶୋର ଦାସଙ୍କ ଦ୍ୱାରା ରଚିତ ଏବଂ କଟକ ନବଭାରତ ପ୍ରେସରେ ମୁଦ୍ରିତ । ୫୩ ପୃଷ୍ଠାର ଏହି କବିତା ପୁସ୍ତକଟିର ମୂଲ୍ୟ ଟ୦।୬ ମାତ୍ର ।

ପୁସ୍ତକଟିରେ କବିଙ୍କର ସବୁଜ ବୟସର ସହଚର ଓ ସହପାଠୀ "ବନ୍ଧୁଆ" ନାମକ ଗୋଟିଏ ଅସ୍ପୃଶ୍ୟ ବାଳକର ଚରିତ୍ର ଅତି ମର୍ମସ୍ପର୍ଶୀ ଭାଷାରେ ଅଙ୍କିତ ହୋଇଅଛି । ବନ୍ଧୁଆକୁ ନେଇ କିଶୋର କବିର କୋମଳ ଚିତ୍ତରେ ଛୁଆଁ ଅଛୁଆଁର ଦାରୁଣ ପାର୍ଥକ୍ୟଟା ଯେଉଁ ଗଭୀର ପୀଡ଼ା ଦେଇଥିଲା ଏବଂ ବନ୍ଧୁଆକୁ ସଙ୍ଗୀ କରିବା ଫଳରେ ନିଜର ଅଭିଭାବକମାନଙ୍କର ତାହା ପ୍ରତି ଯେଉଁ ଅଯଥା ଆକ୍ରୋଶ ଓ ଅନ୍ୟାୟାଚାର ହୋଇଥିଲା, ସେହି ସ୍ମୃତିକୁ କବି ନିଜ ଲେଖନୀରେ ଲିପିବଦ୍ଧ କରିଅଛନ୍ତି । ସେ ଅତ୍ୟାଚାରରେ ବନ୍ଧୁଆ ଗ୍ରାମ ଛାଡ଼ି ଯାଇଥିଲେ ହେଁ କବିଙ୍କ ଲେଖନୀ ବଳରେ ଫେରି ଆସିଛି । କିନ୍ତୁ କେବଳ ଗୋଟିଏ ଗ୍ରାମକୁ ଫେରି ନାହିଁ, ଉତ୍କଳର ପ୍ରତି ପଲ୍ଲୀରେ କରୁଣାର ଏକ ଅବତାର ରୂପେ ଆଜି ସେ ଉଭା ହୋଇଅଛି । ସମଗ୍ର କବିତାଟିକୁ ଆମୂଳ ଚୂଳ ପାଠ କରିବା ଉଚିତ । ଏଠାରେ କେବଳ ନମୁନା ସ୍ୱରୂପ କେତୋଟି ପଦ ଉଦ୍ଧାର କରା ଯାଇପାରେ ।

ଗଣେଶ ଚତୁର୍ଥୀ । ଛାତ୍ରମାନଙ୍କର ଉତ୍ସବ ଦିନ । ବନ୍ଧୁଆ ନିଜେ ଅତି ଯତ୍ନରେ ସୁନ୍ଦର କରି ଗଣେଶ ମୂର୍ତ୍ତି ତିଆରି କରିଛି । ସବୁ ପିଲା ଠାକୁରଙ୍କ ପାଖରେ ରୁଣ୍ଡ ହେଲେଣି । କିନ୍ତୁ ବନ୍ଧୁଆ ମୁହଁଟି ଶୁଖି ଯାଇଛି । କାରଣ—

"ତିନିମାସ ଆଗରୁ      ଯେଉଁ ପୂଜା ଲାଗି
    ବନ୍ଧୁ ସମ୍ପି ଥିଲା ପ୍ରାଣ ମନ
"ସେହି ପୂଜା ଆଜି      ଯାଉଅଛି ବିତି
    ତାକୁ ନ ମିଳଇ ଦରଶନ ।"

ବନ୍ଧୁ ବିଚରା ଯେ ଅସ୍ପୃଶ୍ୟ—ଦେବତା ତାହାକୁ ଦର୍ଶନ ଦେବେ କିପରି?

"ସହି ନ ପାରିଲି      ରହି ନ ପାରିଲି
    ଲୁଚି ଏଣିକି ତେଣିକି ନେଇ
"ବନ୍ଧୁଆ ପାଟିରେ      ଦେଲି ବେଲପତ୍ର
    ମୁଣ୍ଡେ ଚନ୍ଦନ ଦେଲି ମୁଁ ନାଇ ।
"ବନ୍ଧୁଆର ମନେ      ଆସିଲା କି ଭାବ
    ଲୁହ ଆଖିରୁ ପଡ଼ିଲା ଗଡ଼ି
"ଦେଲି ଆରଦିନ      ମନେ ଅଛି ତାକୁ
    ପୂଜା ଖଡ଼ିରୁ ଖଣ୍ଡିଏ ଖଡ଼ି ।"

ପଣ୍ଡିତ ଗୋପବନ୍ଧୁଙ୍କର "ଧର୍ମପଦ" ରଚନା ପରେ ଉତ୍କଳ ପଲ୍ଲୀର ଜୀବନ୍ତ ଚିତ୍ର ସହିତ ସହଜ, ପ୍ରାଞ୍ଜଳ ଓ ପ୍ରାଣସ୍ପର୍ଶୀ ଭାଷାରେ ଗୋଟିଏ ସରଳମତି ବାଳକ ଚରିତ୍ର ଅଙ୍କନ କରିବାରେ ସବୁଜସାଥି ହିଁ ସିଦ୍ଧି ଲାଭ କରିଛି ବୋଲି ମନେ ହୁଏ ।

**ଟମ୍ କକାଙ୍କ କୁଟୀର**—ପ୍ରଣେତା ଶ୍ରୀ ଉଦୟନାଥ ଷଡ଼ଙ୍ଗୀ । ପ୍ରକାଶକ ଓଡ଼ିଆ-ସାହିତ୍ୟ-ପ୍ରଚାର-ସଙ୍ଘ, କଟକ । ୫୬୩ ପୃଷ୍ଠାର ଏହି ବୃହତ୍ ଉପନ୍ୟାସଟିର ମୂଲ୍ୟ ଟ୨୮ ମାତ୍ର ।

ଆମେରିକାର ହାରିଏଟ୍ ଏଲିଜାବେଥ ବିଚର ଷ୍ଟୋ ନାମକ ମହିଳାଙ୍କ ରଚିତ ପ୍ରସିଦ୍ଧ ଜନପ୍ରିୟ ଇଂରାଜୀ ଉପନ୍ୟାସର ଏହା ଓଡ଼ିଆ ଅନୁବାଦ । ଦାସମାନଙ୍କ ଉପରେ ଖ୍ରୀଷ୍ଟିଆନମାନେ ଯେଉଁ ସବୁ ପୈଶାଚିକ ଅତ୍ୟାଚାର କରିଥିଲେ ତାହାର ଏକ ଲୋମ ହର୍ଷଣକାରୀ ବର୍ଣ୍ଣନା ହିଁ ଏ ପୁସ୍ତକର ବିଶେଷତ୍ୱ ଏବଂ ଏ ଦୟା-ମାୟାହୀନ ନିର୍ଦ୍ଦୟର ମାନବ ସମାଜରେ ପୁସ୍ତକର ପ୍ରଧାନ ନାୟକ ଅଙ୍କଲ୍ ଟମ୍ଙ୍କର ଦେବୋପମ ନିଷ୍କଳଙ୍କ ଚରିତ୍ର ଫୁଟି ଉଠିଅଛି । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ନିଗ୍ରୋଦାସଟି ସତ୍ୟ ଓ ଧର୍ମର ବିଜୟ ନିଶାଣ ତଳେ ଯେଉଁ ସୁମହତ୍ ତ୍ୟାଗ ସ୍ୱୀକାର କରିଗଲେ, ତାହା ପ୍ରତି ଅଙ୍ଗକୁ ଲୋମାଞ୍ଚିତ କରିବ ଓ ପ୍ରତି ଚକ୍ଷୁକୁ ଲୋତକ ପୂର୍ଣ୍ଣ କରିବ ।

ଲେଖିକାଙ୍କର ଲେଖନୀପ୍ରେରଣାଦ୍ୱାରା ଅନୁବାଦକ ମଧ୍ୟ ଏପରି ଅନୁପ୍ରାଣିତ ହୋଇ ପଡ଼ି ଅଛନ୍ତି ଯେ ତାହାଦ୍ୱାରା ତାଙ୍କର ଅନୁବାଦଟି ମୌଳିକ ରଚନା ପରି ଉପଭୋଗ୍ୟ ହୋଇ ପାରିଅଛି । ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଅନୁବାଦର ଭାଷାଟି ଯେପରି ପ୍ରାଞ୍ଜଳ ଓ ଗତିଶୀଳ ହୋଇଅଛି, କୌଣସି ସ୍ଥାନରେ ପାଠକର ଅବସାଦ ଜନ୍ମିବାର ଆଶଙ୍କା ନାହିଁ । ବିଷୟବସ୍ତୁଟି ଯେପରି ଗମ୍ଭୀର ଓ କରୁଣ, ସେଥି ସହିତ ଭାଷାର ସାମଞ୍ଜସ୍ୟ ମଧ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇଅଛି । ଇଂରାଜୀ ଭାଷାରୁ ଏ ଧରଣର ଅନୁବାଦ ଯେତେ ବେଶି ହୁଏ, ଓଡ଼ିଆ ସାହିତ୍ୟ ପକ୍ଷରେ ତାହା ସର୍ବଥା କଲ୍ୟାଣକର ।

Digitized by srujanika@gmail.com

LIBRARY
ORISSA STATE ARC
Sl. No... ... ... ... Date..
Section... ... ... ... ... Nc

# ମୟୂରଭଞ୍ଜ ସମ୍ବାଦ

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧-୭-୩୪**

ମିଷ୍ଟର ପି. ଏମ୍. ମୁଖର୍ଜି. ବି.ଏ. ପ୍ରଧାନ ରାଜସ୍ୱ ଅଫିସରଙ୍କୁ (ଅବକାରି, ଆୟକର, ଜମିଦାରି) ଏହା ମଧ୍ୟରେ ୬ ସପ୍ତାହ ପ୍ରିଭିଲେଜ୍ ଛୁଟି ମଞ୍ଜୁର ହୋଇଥିବା ସତ୍ତ୍ୱେ ୨୮-୬-୩୪ ଠାରୁ ଆଉ ଏକ ସପ୍ତାହ ଅଧିକା ପ୍ରିଭିଲେଜ୍ ଛୁଟି ମଞ୍ଜୁର କରାଗଲା। ବର୍ତ୍ତମାନ ଯେପରି ବନ୍ଦୋବସ୍ତ କରାଯାଇଅଛି ତାହାହିଁ କାର୍ଯ୍ୟକାରୀ ହେବ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧-୭-୩୪**

ମିଷ୍ଟର ଏ. କେ. ଚାଟର୍ଜି, ବି.ଏଲ୍. ଷ୍ଟେଟ୍ ଜଜ୍‌ଙ୍କୁ ୧୫-୬-୩୪-ଠାରୁ ଦୁଇମାସ ପ୍ରିଭିଲେଜ୍ ଛୁଟି ଦିଆଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧-୭-୩୪**

ଷ୍ଟେଟ୍ ଜଜ୍ ମିଷ୍ଟର ଏ. କେ. ଚାଟର୍ଜି ବି.ଏଲ୍. ୧୫-୬-୩୪ଠାରୁ ଦୁଇମାସ ପ୍ରିଭିଲେଜ ଛୁଟି ନେଇଥିବାରୁ ତାଙ୍କ ଅନୁପସ୍ଥିତିରେ ସ୍ପେଶାଲ୍ ଯୁଡ଼ିସିଏଲ୍ ଅଫିସର ମିଷ୍ଟର ଏସ୍. ଏନ୍ ମୁଖର୍ଜି, ବି.ଏଲ୍. ଖର୍ଚ୍ଚର ମଞ୍ଜୁର, ବିଲ୍ ଦସ୍ତଖତ୍, ଛୁଟି ମଞ୍ଜୁର ଏବଂ ଷ୍ଟେଟ୍ ଜଜ୍‌ଙ୍କର ଅନ୍ୟାନ୍ୟ ଶାସନ ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ କ୍ଷମତା ପାଇଲେ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୬-୭-୩୪**

ଷ୍ଟେଟ୍ ଜଜ୍ ମିଷ୍ଟର ଏ. କେ. ଚାଟର୍ଜି, ବି.ଏଲ୍. ଛୁଟିରେ ଅନୁପସ୍ଥିତ ଥିବାରୁ ସେସନ ଜଜ୍ କ୍ଷମତା ପ୍ରାପ୍ତ ହୋଇଥିବା ମିଷ୍ଟର ଏସ୍. ଏନ୍. ମୁଖର୍ଜି, ବି.ଏଲ୍. ଦରକାର ପଡ଼ିଲେ ତାଙ୍କର ସମସ୍ତ କାର୍ଯ୍ୟ କରିବେ।

ମିଷ୍ଟର ବି. ମହାପାତ୍ର, ବି.ଏଲ୍. ସଦର-ସବ୍‌ଡ଼ିଭିଜନାଲ ଅଫିସର, ଅନ୍ୟ ଆଦେଶ ହେବା ପର୍ଯ୍ୟନ୍ତ ସହକାରୀ ସେସନ୍ ଜଜ୍ ରୂପେ ନିଯୁକ୍ତ ହେଲେ। ସେ ଆଇ. ପି. ସି. ର ୩୦୪ ଧାରା ଛଡ଼ା ଅନ୍ୟାନ୍ୟ ସମସ୍ତ ମୋକଦ୍ଦମା ବିଚାର କରିବେ। ସେ ମଧ୍ୟ ମାଜିଷ୍ଟ୍ରେଟ-ମାନଙ୍କର ହୁକୁମ ଏବଂ ବିଚାରର ଅପିଲ ଶୁଣିବେ।

ମିଷ୍ଟର ଡ଼ି. ଏନ୍. ବୋଷ, ବି.ଏଲ୍. ଫାଷ୍ଟକ୍ଲାସ ମାଜିଷ୍ଟ୍ରେଟ୍, ଅନ୍ୟ ଅର୍ଡ଼ର ହେବା ପର୍ଯ୍ୟନ୍ତ, ମିଷ୍ଟର ବି. ମହାପାତ୍ରଙ୍କ ଜାଗାରେ ସଦର ସବ୍‌ଡ଼ିଭିଜନାଲ୍ ଅଫିସର ରୂପେ ନିଯୁକ୍ତ ହେଲେ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୭-୭-୩୪**

ପ୍ରାଥମିକ ଶିକ୍ଷାବିଭାଗ ଏବଂ କୁଟୀରଶିଳ୍ପର ଡ଼ାଇରେକ୍ଟର୍ ରାୟସାହେବ ବି. ସି. ପଟ୍ଟନାୟକ ସିମଲାରେ ଶିଳ୍ପ ବିଷୟକ ସଭାରେ ଯୋଗ ଦେବାକୁ ଯାଇଥିବାରୁ ସେ ଅନୁପସ୍ଥିତ ଥିବା ସମୟରେ ମିଷ୍ଟର ଆର୍. ଜି. ଦାସ ଏମ୍.ଏ. ବି.ଏଲ୍.ଙ୍କୁ ସମବାୟ, କୃଷି, କୁଟୀରଶିଳ୍ପ, ଶିକ୍ଷା ସମ୍ବନ୍ଧୀୟ ଏବଂ ପଶୁଚିକିତ୍ସା ବିଭାଗର ସମସ୍ତ କଣ୍ଟିଜେଣ୍ଟ୍ ବିଲ୍ ଦସ୍ତଖତ୍ କରିବାକୁ ଏବଂ ଜରୁରି କାର୍ଯ୍ୟମାନ କରିବାକୁ କ୍ଷମତା ଦିଆଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୭-୭-୩୪**

ମିଷ୍ଟର ଏସ୍. କେ. ଚାଟର୍ଜି, ବି.ଏ. ସଦର ଏବଂ ଉଦଳାର ଲେଣ୍ଡ ରେଭିନ୍ୟୁ ଅଫିସରଙ୍କୁ ତା ୨୬-୬-୩୪ ରିଖ ଠାରୁ ମା ୪ ସ ଦି ୧୬ ନର ମେଡିକେଲ୍ ଛୁଟି ମଞ୍ଜୁର କରାଗଲା ଏବଂ ତାହା ସଙ୍ଗେ ତାଙ୍କୁ ଦିଆ ହୋଇଥିବା ୧ ମାସ ଦି ୧୪ ନର ପ୍ରିଭିଲେଜ୍ ଛୁଟି ମଞ୍ଜୁର ହେଲା। ମିଷ୍ଟର ଏସ୍. କେ. ଚାଟର୍ଜି ଛୁଟିରେ ଅନୁପସ୍ଥିତ ଥିବା ପର୍ଯ୍ୟନ୍ତ ମିଷ୍ଟର ଆର. ସି. ଘୋଷ ବି. ଏ. ସେଟଲ୍‌ମେଣ୍ଟ ଅଫିସର ତାଙ୍କ ନିଜ କାର୍ଯ୍ୟ ସଙ୍ଗରେ ଲେଣ୍ଡ ରେଭିନ୍ୟୁ ଅଫିସର ରୂପେ କାର୍ଯ୍ୟ କରିବେ।

ମିଷ୍ଟର ଆର୍. ଏନ୍. ମହାନ୍ତି ବି. ଏଲ୍, ଲେଣ୍ଡ ରେଭିନ୍ୟୁ ଅଫିସର ରୂପେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଥିଲେ। ସେ ସଦର ଫାର୍ଷ୍ଟକ୍ଲାସ ମାଜିଷ୍ଟ୍ରେଟ୍ ସ୍ୱରୂପ ତାଙ୍କ ନିଜ କାର୍ଯ୍ୟକୁ ଫେରିବେ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧୦-୭-୩୪**

ନିମ୍ନଲିଖିତ ନିୟମଟି ମୟୂରଭଞ୍ଜ ଷ୍ଟେଟ୍ ସର୍ଭିସ୍ ରେଗୁଲେ-ସନର ଆର୍ଟ ୧୦୫- ଏ ରୂପେ ଯୋଗ କରାଯାଉ।

ବିଶେଷ ଭାବରେ ଅନ୍ୟ କୌଣସି ଆଦେଶ ନ ହେଲେ ଯେଉଁ ତାରିଖ ପାଖରୁ ଛୁଟି ମଞ୍ଜୁର ହୋଇଥିବ ସେହି ତାରିଖଠାରୁ ୨୧ ଦିନ ମଧ୍ୟରେ ଛୁଟି ଆରମ୍ଭ ହେବ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧୨-୭-୩୪**

ତା ୧୯-୧୨-୧୯୦୪ ରିଖର ୧୯ ନମ୍ବର ସରକ୍ୟୁଲର ଆଦେଶର ୩ୟ ଧାରା ସ୍ଥାନରେ ନିମ୍ନଲିଖିତ ପରିବର୍ତ୍ତନ କରାଗଲା।

ଫୌଜଦାରୀ ମୋକଦ୍ଦମା ମାନଙ୍କରେ ଷ୍ଟେଟ୍ ଉକିଲ ପ୍ରତ୍ୟେକ ଦିନକୁ ଟ ୧୬୯ କରି ଫିସ୍ ପାଇବେ। କିନ୍ତୁ ଯଦି କୌଣସି ମୋକଦ୍ଦମାପାଇଁ ବିଶେଷ ଯତ୍ନର ଆବଶ୍ୟକ ହୁଏ ଏବଂ କୋର୍ଟର ମତ ଅନୁଯାୟୀ ସ୍ୱତନ୍ତ୍ର ବିଚାରର ଦରକାର ହୁଏ ତେବେ ଏହି ଫିସ୍ ଦିନକୁ ଟ ୨୪୯ ପର୍ଯ୍ୟନ୍ତ ବଢ଼ି ପାରିବ। ଏହି ହୁକୁମ ୧୪-୧୨-୩୧-ଠାରୁ କାର୍ଯ୍ୟକାରୀ ହେବ।

Digitized by srujanika@gmail.com

## ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୦-୨-୩୪

ମୃତ୍ୟୁ ଦଣ୍ଡରେ ଦଣ୍ଡଣୀୟ ହେବା ଭଳି କୌଣସି ଦୋଷଦ୍ୱାରା ଅଭିଯୁକ୍ତ ହୋଇଥିବା ଦରିଦ୍ର ବ୍ୟକ୍ତି ପକ୍ଷରେ ସେସନ କୋର୍ଟରେ କୌଣସି ଓକିଲ ଲଢ଼ିବା ଲାଗି ନିଯୁକ୍ତ ହୋଇଥିଲେ, ତାଙ୍କପାଇଁ ବର୍ତ୍ତମାନ ଯେପରି ଦୈନିକ ଫିସ୍ ଧାର୍ଯ୍ୟ ଅଛି ତାହା ଛଡ଼ା ସମୁଦାୟ ମୋକଦ୍ଦମା ଉପରେ ନିମ୍ନଲିଖିତ ଭାବରେ ତାଙ୍କୁ ଫିସ୍ ମଞ୍ଜୁର କରାଯିବ । କିନ୍ତୁ ହାଇକୋର୍ଟରେ ନିଯୁକ୍ତ ଥିବା କୌଣସି ଓକିଲ ବର୍ତ୍ତମାନ ଯେପରି ଅଛି, ସେହିପରି ଦୈନିକ ଟ ୧୬୲ କରି ଫିସ୍ ପାଇ ପାରିବେ ।

| | | |
|---|---|---|
| ଟ ୧୬୲ | ଅନୁମାନିକ ୧ ଦିନ ପାଇଁ | |
| ଟ ୨୮୲ | ,, ୨ ଦିନ ,, | |
| ଟ ୪୦୲ | ,, ୩ ଦିନ ,, | |
| ଟ ୫୨୲ | ,, ୪ ଦିନ ,, | |

୪ ଦିନରୁ ଅଧିକ ହେଲେ ପ୍ରତ୍ୟେକ ଦିନ ପାଇଁ କିମ୍ବା ଦିନର କୌଣସି ଅଂଶ ପାଇଁ ଟ ୮୲ ଙ୍କା ହିସାବରେ ଖୁବ୍ ବେଶୀ ଟ୧୦୦୲ଙ୍କା ପର୍ଯ୍ୟନ୍ତ ପାଇ ପାରିବେ ।

ଫିସ୍ ସବୁ ତା ୧୧-୧୨-୧୯୦୪ ର ନ ୧୯ ମ୍ବର ସର୍କ୍ୟୁଲାର ହୁକୁମର ୮ମ ପାରା ଅନୁସାରେ ମିଳିବ । ଏହି ଆଦେଶ ତା ୧-୪-୩୪ ଠାରୁ କାର୍ଯ୍ୟକାରୀ ହେବ ।

## ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୦-୨-୩୪

୨୩-୩-୧୯୦୦ ତାରିଖର ୬ ନମ୍ବର ସରକ୍ୟୁଲାର ଅର୍ଡ଼ରର ୫୨ ପୃଷ୍ଠାରେ ଘର ମରାମତି ସମ୍ବନ୍ଧରେ ଯାହା ଉଲ୍ଲେଖ କରାଯାଇଅଛି ତାହାକୁ ନିମ୍ନଲିଖିତ ଭାବରେ ପରିବର୍ତ୍ତିନ କରାଗଲା :—

ଆଜିଠାରୁ ସମସ୍ତ ପକ୍କା ଘରର ମରାମତି ପି. ଡବ୍ଲିଉ. ଡି. ଅଧୀନରେ ରହିବ । କେବଳ କଚ୍ଚାଘରର ମରାମତି, ଘରର ଭାରନେଇ ଥିବା ଡିପାର୍ଟ୍‌ମେଣ୍ଟର କର୍ତ୍ତୃପକ୍ଷଙ୍କଦ୍ୱାରା କରାଯିବ ଏବଂ ସେଥିପାଇଁ ସେହି ଡିପାର୍ଟ୍‌ମେଣ୍ଟକୁ ଦରକାର ଅନୁସାରେ ଟଙ୍କା ଦାଦନ ଦିଆଯିବ । ପ୍ରତ୍ୟେକ ଥର ମରାମତି କାର୍ଯ୍ୟ ଯାହା ହୋଇଥିବ ତାହାର ହିସାବ ହିସାବ-ସମୀକ୍ଷକଙ୍କ ( E. A. ) ପାଖକୁ ପଠାଯିବ ଏବଂ ଖର୍ଚ୍ଚ ହୋଇ ନ ଥିବା ବାକୀ ଟଙ୍କା ପ୍ରତ୍ୟେକ ବର୍ଷ ନିତାନ୍ତ ପକ୍ଷରେ ଫେବୃଆରି ଶେଷ ଆଡ଼କୁ ଟ୍ରେଜରିରେ ଦାଖଲ ହେବ ।

## ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୫-୬-୩୪

ଆସେସରମାନଙ୍କ ସାହାଯ୍ୟରେ ସେସନ କେସ୍ ସବୁର ବିଚାର ଷ୍ଟେଟ୍‌ରେ ପ୍ରବର୍ତ୍ତିନ କରାଯାଇ ଥିବାରୁ ଏହି ଆସେସର୍‌ମାନଙ୍କର ରାସ୍ତା ଖର୍ଚ୍ଚା ନିୟନ୍ତ୍ରଣ କରିବାପାଇଁ ନିମ୍ନଲିଖିତ ନିୟମମାନ ୬-୭-୩୪ ଠାରୁ କାର୍ଯ୍ୟକାରୀ ହେବ ।

୧ । ଯେଉଁ ଆସେସର୍‌ମାନେ ଷ୍ଟେଟ୍ ଅଫିସର ନୁହନ୍ତି ସେମାନେ କଚେରୀଠାରୁ ୫ ମାଇଲ ଦୂରରୁ ଅଧିକ ବାଟ ଆସି ସେସନ୍ କୋର୍ଟରେ ଯୋଗ ଦେଲେ ପ୍ରଥମ ଦୁଇ ଦିନ ପାଇଁ ଦୈନିକ ଟ ୩୲ କରି ଖର୍ଚ୍ଚ ପ୍ରତ୍ୟେକ ମୋକଦ୍ଦମାରେ ପାଇ ପାରିବେ ଏବଂ ଦୁଇ ଦିନରୁ ଅଧିକ ଆଉ ଯେତେ ସମୟ ଲାଗିବ ସେଥିପାଇଁ ଦିନକୁ ଟ ୨୲ କରି ପାଇବେ ।

୨ । ଷ୍ଟେଟ୍ ଅଫିସରମାନେ ସେସନ୍ କୋର୍ଟରେ ଆସେସର ଭାବରେ ଯୋଗଦେଲେ ସେମାନେ ଷ୍ଟେଟ୍ ଚାକିରିର ନିୟମ ଅନୁସାରେ ଯାହା ଗସ୍ତ ଖର୍ଚ୍ଚା ପ୍ରାପ୍ୟ ତାହା ପାଇ ପାରିବେ ।

୩ । ଯେତେବେଳେ ଆସେସର୍‌ମାନଙ୍କୁ କୋର୍ଟରେ ଯୋଗଦେବା ପାଇଁ ୫ ମାଇଲରୁ ଅଧିକ ଆସିବାକୁ ପଡ଼େ ନାହିଁ ତେତେବେଳେ ସେମାନେ ଷ୍ଟେଟ୍ ଅଫିସର ହୁଅନ୍ତୁ କିମ୍ବା ନ ହୁଅନ୍ତୁ ନୌକାଭଡ଼ା ଏବଂ ଅନ୍ୟ ରକମର ଭଡ଼ା କିମ୍ବା ରେଲ୍ ଭଡ଼ା ପ୍ରଭୃତି ଯାହା ପ୍ରକୃତ ଖର୍ଚ୍ଚ କରିଥିବେ ତାହା ପାଇ ପାରିବେ । ଏହି ବାବତର ଖର୍ଚ୍ଚ ସବୁ ଜୁଡ଼ିସିଏଲ୍ ଆଡମିନିଷ୍ଟ୍ରେସନ୍ ଅନ୍ତର୍ଭୁକ୍ତ "ଗସ୍ତ ଖର୍ଚ୍ଚା"ରୁ ଦିଆଯିବ ।

## ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୨-୬-୩୪

ପୋଲିସ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ନିମ୍ନଲିଖିତ କ୍ଷମତାଗୁଡ଼ିକ ଦିଆଗଲା ।

( ୧ ) ତା ୧୭-୪-୩୪ ରିଖର ସରକ୍ୟୁଲାର ଅର୍ଡ଼ର ଅନୁସାରେ କର୍ମଚାରୀ ନିଯୁକ୍ତ କରିପାରିବେ ।

( ୨ ) ମିନିଷ୍ଟେରିଏଲ୍ ସାର୍ଭିସରେ ଥିବା ସମସ୍ତ କର୍ମଚାରୀ-ମାନଙ୍କୁ ଏବଂ ହେଡ଼ କନେଷ୍ଟବଲ୍ ଶ୍ରେଣୀ ପର୍ଯ୍ୟନ୍ତ ଓ ଉକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ସବୁ କର୍ମଚାରୀଙ୍କୁ ପ୍ରମୋସନ୍ ଦେଇ ପାରିବେ ।

( ୩ ) ଇନ୍‌ସପେକ୍ଟର ଶ୍ରେଣୀର ତଳେ ଥିବା ଅଫିସରମାନଙ୍କୁ ଏବଂ ମିନିଷ୍ଟେରିଏଲ୍ ସର୍ଭିସରେ ଥିବା ଅଫିସରମାନଙ୍କୁ ବଦଳି କରି ପାରିବେ ।

( ୪ ) ସବ୍ ଇନ୍‌ସ୍‌ପେକ୍ଟର ଓ ସମସ୍ତ ମିନିଷ୍ଟେରିଏଲ କର୍ମଚାରୀ-ମାନଙ୍କର ଶ୍ରେଣୀ ପର୍ଯ୍ୟନ୍ତ ଓ ଉକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ସବୁ କର୍ମଚାରୀଙ୍କୁ ବଜେଟ୍‌ରେ ନିର୍ଦ୍ଦିଷ୍ଟ ଥିବା ସାଧାରଣ ବେତନ ବୃଦ୍ଧି ମଞ୍ଜୁର କରି ପାରିବେ ।

( ୫ ) ଇନ୍‌ସ୍‌ପେକ୍ଟରମାନଙ୍କୁ କେଜୁଏଲ୍ ଛୁଟି ମଞ୍ଜୁର ଏବଂ ଏକ୍‌ସ୍କ୍ଲ୍ୟୁସିଭ୍ ଚାକିରିରେ ଥିବା ସବ୍‌ଇନ୍‌ସପେକ୍ଟରଙ୍କ ଶ୍ରେଣୀ ପର୍ଯ୍ୟନ୍ତ ଓ ଉକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ସମସ୍ତଙ୍କୁ, ଆଉ ମଧ୍ୟ ସମସ୍ତ ମିନିଷ୍ଟେରିଏଲ୍ କର୍ମଚାରୀମାନଙ୍କୁ ଷ୍ଟେଟ୍ ସର୍ଭିସ୍ ରେଗୁଲେଶନ୍ ଅନୁସାରେ ସବୁ ପ୍ରକାର ଛୁଟି ମଞ୍ଜୁର କରି ପାରିବେ । କିନ୍ତୁ ସେଥିପାଇଁ ଅଧିକା ଖର୍ଚ୍ଚ କରାଯିବ ନାହିଁ ।

Digitized by srujanika@gmail.com

( ୬ ) ସବ୍-ଇନ୍ସପେକ୍ଟରମାନଙ୍କୁ ଏବଂ ମିନିଷ୍ଟେରିଏଲ୍ ସର୍ଭିସ୍ ଅନ୍ତର୍ଭୁକ୍ତ ଅଫିସରମାନଙ୍କୁ ବରଖାସ୍ତ କରି ପାରିବେ ନାହିଁ । କିନ୍ତୁ ଇନ୍‌ସ୍‌ପେକ୍ଟରଙ୍କ ତଳ ଶ୍ରେଣୀର କର୍ମଚାରୀ ଏବଂ ସମସ୍ତ ମିନିଷ୍ଟେରିଏଲ୍ କର୍ମଚାରୀ ଓ ଏକ୍‌ଜିକ୍ୟୁଟିଭ୍ କର୍ମଚାରୀମାନଙ୍କୁ ଯେ କୌଣସି ଦଣ୍ଡ ଦେଇ ପାରିବେ ।

( ୭ ) ପ୍ରତ୍ୟେକ ଘଟଣାରେ ଟ ୨୦୯ ରୁ ଅନଧିକ ପୁରସ୍କାର ମଞ୍ଜୁର କରିବାକୁ କ୍ଷମତା ପାଇ ଅଛନ୍ତି ।

( ୮ ) ତାଙ୍କର ନିମ୍ନପଦସ୍ଥ କର୍ମଚାରୀମାନଙ୍କର, ଏକ୍‌ଜିକ୍ୟୁଟିଭ୍ ସର୍ଭିସ୍‌ରେ ଥିବା ସବ୍‌ଇନ୍‌ସ୍‌ପେକ୍ଟରମାନଙ୍କର ଶ୍ରେଣୀ ପର୍ଯ୍ୟନ୍ତ ଓ ଉକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ, ଆଉ ମଧ୍ୟ ସମସ୍ତ ମିନିଷ୍ଟେରିଏଲ୍ କର୍ମଚାରୀମାନଙ୍କର ଗସ୍ତ ଖର୍ଚ୍ଚା ବିଲ୍ ସବୁ ( ମହାରାଜାଙ୍କ ବିନା ସ୍ୱାକ୍ଷରରେ ) ପାସ୍ କରିପାରିବେ ।

( ୯ ) ବଜେଟ୍ ଅନୁଯାୟୀ ତାଙ୍କ ଅଧୀନରେ ଥିବା ଫଣ୍ଡ ମାନଙ୍କରୁ ଗୋଟିଏ ଛୋଟ ଫଣ୍ଡରୁ ଆଉ ଗୋଟିଏ ବଡ଼ ଫଣ୍ଡକୁ ଟଙ୍କା ଦେଇ ପାରିବେ । କିନ୍ତୁ " ଏସ୍‌ଟାବ୍ଲିସ୍‌ମେଣ୍ଟ " ଓ " ଟ୍ରେଭ୍‌ଲିଂ ଏଲାଉନ୍‌ସ୍ "ର ପାଣ୍ଠିଧନ ଏଣେ ତେଣେ କରିବାକୁ ହେଲେ ପୂର୍ବରୁ ମହାରାଜାଙ୍କର ମଞ୍ଜୁର ଦରକାର ।

ଏଥି ସମ୍ବନ୍ଧୀୟ ପୂର୍ବର ସମସ୍ତ ହୁକୁମକୁ ରଦ୍ କରାଯାଇ ଏହି ହୁକୁମକୁ ବାହାଲ୍ କରାଗଲା ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୯-୭-୩୪

ମୟୂରଭଞ୍ଜ ଷ୍ଟେଟ୍ ସର୍ଭିସ୍ ରେଗୁଲେସନ୍ ୩୮-କ ଧାରା ରୂପେ ନିମ୍ନଲିଖିତ ବିଷୟଟି ଯୋଗ କରାଗଲା ।

ନିର୍ଦ୍ଦିଷ୍ଟ ଗସ୍ତ ଖର୍ଚ୍ଚା ଗ୍ରହଣ କରୁଥିବା କୌଣସି କର୍ମଚାରୀ, ଯଦି ତାଙ୍କର ନିର୍ଦ୍ଦିଷ୍ଟ ଗସ୍ତ ଖର୍ଚ୍ଚା ପାଇବା ପାଇଁ ମାସକରେ ଯେତେ ଦିନ ଗସ୍ତ କରିବାର କଥା ତାହା ନ କରନ୍ତି, ତାହାହେଲେ ତାଙ୍କର କ୍ଲାସ୍ ଅନୁଯାୟୀ ଯାହାଙ୍କ ପ୍ରାପ୍ୟ, ସେହି ଅନୁସାରେ ସେ ପ୍ରକୃତ ଭ୍ରମଣ କରିଥିବା ଦିନମାନଙ୍କର କେବଳ ଦୈନିକ ଖର୍ଚ୍ଚା ପାଇ ପାରିବେ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨-୮-୩୪

କୋ-ଅପାରେଟିଭ୍ ବିଭାଗର ସହକାରୀ ରେଜିଷ୍ଟ୍ରାର ମିଷ୍ଟର ବି. ଏନ୍ ରଥଙ୍କୁ ତା ୨୪-୭-୩୪ ଠାରୁ ଏକ ମାସ ପ୍ରିଭିଲେଜ୍ ଛୁଟି ଦିଆଗଲା ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୭-୮-୩୪

ମିଷ୍ଟର ଏ. କେ. ଚାଟର୍ଜୀ ବି.ଏଲ୍. ଷ୍ଟେଟ୍ ଜଜ୍ ୧୫-୭-୩୪-ଠାରୁ ପାଇଥିବା ୨ ମାସ ପ୍ରିଭିଲେଜ୍ ଛୁଟି ସହ ଆଉ ତିନି ସପ୍ତାହ ଅଧିକା ଛୁଟି ପାଇଲେ । ଏଥିପାଇଁ ବର୍ତ୍ତମାନ ଯେପରି ଭାବରେ ବନ୍ଦୋବସ୍ତ କରାଯାଇଅଛି ସେହିପରି ରହିବ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୦-୮-୩୪

୧୯୨୭ ସାଲର ମୟୂରଭଞ୍ଜ ମଟର ଭେହିକ୍ଲ ନିୟମ ଅନୁଯାୟୀ ଦେଓଆନ୍ ଯେଉଁ କ୍ଷମତା ପରିଚାଳନା କରୁଅଛନ୍ତି ତାହା ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ପରିଚାଳନା କରିବା ପାଇଁ କ୍ଷମତା ପ୍ରାପ୍ତ ହେଲେ । ଦେଓଆନଙ୍କ ପରିବର୍ତ୍ତିରେ ସେ ଉକ୍ତ ସମ୍ବନ୍ଧୀୟ ସମସ୍ତ ବିଷୟରେ ହସ୍ତକ୍ଷେପ କରିବା ପାଇଁ ଆଦିଷ୍ଟ ହେଲେ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୩-୮-୩୪

ଡ଼କ୍ଟର୍ ପି. କେ. ସେନ୍, ଦେଓଆନଙ୍କୁ ୟୁରୋପ ଯାତ୍ରା କରିବା ପାଇଁ ତିନି ମାସ ସାତ ଦିନ ପ୍ରିଭିଲେଜ୍ ଛୁଟି ( ୩ ମାସର ପ୍ରିଭିଲେଜ୍ ଛୁଟି ଓ ୭ଦିନର ଅଧିକା ପ୍ରିଭିଲେଜ୍ ଛୁଟି ) ତା ୩୧ । ୮ । ୩୪ରିଖ-ଠାରୁ ମଞ୍ଜୁର କରାଗଲା । ସ୍ୱ ୧୯୩୪ ସାଲ ଅଗଷ୍ଟ ମାସ ତା ୩୦ ରିଖ ଅପରାହ୍ଣରେ ସେ ମିଷ୍ଟର ଏସ୍. ଏନ୍. ମୁଖର୍ଜୀ ବି. ଏଲ୍., ଫ୍ରେସେଲ ଜୁଡ଼ିସିଏଲ ଅଫିସରଙ୍କୁ ଦେଓଆନ ଅଫିସ ଓ ହାଇକୋର୍ଟର ଚାର୍ଯ ଏବଂ ମିଷ୍ଟର ଆର. କ. ଦାସ, ଏମ୍. ଏ. ବି. ଏଲ. ମାଜିଷ୍ଟ୍ରେଟ୍ ଓ ସବ୍‌ଜଜଙ୍କୁ ପ୍ରେସ୍, ସି. ଏସ୍. ଡିପୋ ଓ ମୟୂରଭଞ୍ଜ ଗେଜେଟ୍‌ର ଚାର୍ଯ ଦେବେ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୩-୮-୩୪

ଡ଼କ୍ଟର ପି. କେ. ସେନ୍, ଦେଓଆନ ୩୧ । ୮ । ୩୪ ଠାରୁ ପ୍ରିଭିଲେଜ୍ ଛୁଟି ନେଇଥିବା ଯୋଗୁଁ ତାଙ୍କର ଅନୁପସ୍ଥିତି ସମୟରେ ମିଷ୍ଟର ଆର. କ. ଦାସ. ଏମ. ଏ., ବି.ଏଲ., ସେନଟ୍ରେଲ ଷ୍ଟେସନାରି ଡିପୋ, ଷ୍ଟେଟ ପ୍ରେସ୍ ଓ ମୟୂରଭଞ୍ଜ ଗେଜେଟର ଭାର ପ୍ରାପ୍ତ ହେଲେ । ସେ ଏହି ବିଭାଗର ପ୍ରଧାନ କର୍ମଚାରୀରୂପେ ବିଲ୍ ଦସ୍ତଖତ ଓ ଖର୍ଚ୍ଚ ମଞ୍ଜୁର ଆଦି କରିବାର କ୍ଷମତା ପାଇଲେ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୩-୮-୩୪

ଇଣ୍ଡଷ୍ଟ୍ରିଏଲ ଓ ଇକନମିକ୍ ସରଭେର ଡ଼ିରେକ୍ଟର ମିଷ୍ଟର ଆର. କ. ଦାସ ଏମ୍. ଏ. ବି. ଏଲ୍.,ଙ୍କୁ ଇଣ୍ଡଷ୍ଟ୍ରିଏଲ୍ ଓ ଇକନମିକ୍ ସର୍ଭେ ବିଭାଗର ବଜେଟ୍‌ରେ ଉଲ୍ଲେଖ ଥିବା ତଳ ଲିଖିତ ବିଷୟମାନଙ୍କରେ ଏକା ଥରକେ ଶହେ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବା ପାଇଁ ମଞ୍ଜୁର ଦେବାର କ୍ଷମତା ଦିଆଗଲା । କିନ୍ତୁ ଶ୍ରୀମନ୍ ମହାରାଜା ଫେରି ଆସିଲେ ଏ ସବୁଥିରେ ତାଙ୍କର ମଞ୍ଜୁର ଦରକାର ।

୧ । ଗୋଟି ପୋକ ଚାଷ ଓ କାରବାର ।

୨ । ଲୁହା, ପଥର ଉତ୍ପନ୍ନ ଓ ତାହାର କାରବାର ।

୩ । ବୟନ ଶିଳ୍ପ ।

୪ । ଜଙ୍ଗଲ ଉତ୍ପନ୍ନ ଦ୍ରବ୍ୟ ଓ ତାହାର କାରବାର ।

Digitized by srujanika@gmail.com

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୨୮-୮-୩୪**

ଡ଼କ୍ଟର ପି. କେ. ସେନ, ଦେୱାନ ତା ୩୧ । ୮ । ୩୪ ରିଖ-ଠାରୁ ପ୍ରିଭିଲେଜ୍ ଛୁଟି ନେଇଥିବା ଯୋଗୁଁ ତାଙ୍କ ଅନୁପସ୍ଥିତିରେ ସ୍ପେସେଲ ଜୁଡ଼ିସିଏଲ ଅଫିସର ମିଷ୍ଟର ଏସ୍. ଏନ୍. ମୁଖାର୍ଜୀ ବି. ଏଲ୍. ଦେୱାନ ଅଫିସ ଓ ହାଇକୋର୍ଟର ତଳ ଲିଖିତ କାମମାନ କରିବା ପାଇଁ କ୍ଷମତା ପ୍ରାପ୍ତ ହେଲେ ।

୧ । ସ୍ଥାୟୀ ଓ ଅସ୍ଥାୟୀ ବେତନ ବିଲ୍ ସବୁ ଦସ୍ତଖତ୍ କରିବେ ।

୨ । ଶ୍ରୀମନ୍ ମହାରାଜାଙ୍କଦ୍ୱାରା ମଞ୍ଜୁର ହୋଇଥିବା ଏଡଭାନ୍ସ୍ ପେ ବିଲ୍ ଗୁଡ଼ିକ ଦସ୍ତଖତ୍ କରିବେ ।

୩ । ବଜେଟ୍‌ରେ ଉଲ୍ଲେଖ ଥିବା ଓ ଦେୱାନଙ୍କଦ୍ୱାରା ମଞ୍ଜୁର ହୋଇଥିବା ଦ୍ୱିବାର୍ଷିକ ବେତନ ବୃଦ୍ଧିର ବିଲ୍‌ମାନ ଦସ୍ତଖତ୍ କରିବେ ।

୪ । ଦେୱାନଙ୍କର ମଞ୍ଜୁର ଅନୁଯାୟୀ ଇଂପ୍ରେଷ୍ଟରୁ ଖର୍ଚ୍ଚ ହୋଇଥିବା ଟଙ୍କାର ରିକୁପ୍‌ମେଣ୍ଟ୍ ବିଲ୍ ଦସ୍ତଖତ୍ କରିବେ ।

୫ । ଇଲେକ୍‌ଟ୍ରିକ୍ ସପ୍ଲାଏ, କଂଟ୍ରିବ୍ୟୁସନ୍, ଅଫିସର-କେଅର ଫଣ୍ଡ୍, ସ୍କଲାରସିପ୍ ଓ ଷ୍ଟାଇପେଣ୍ଡ୍ ପ୍ରଭୃତି ଯେଉଁ ସବୁ ପାଣ୍ଠି ବଜେଟ୍‌ରେ ରଖା ଯାଇଅଛି ସେ ସବୁର ସାଧାରଣ କଣ୍ଟିଜେଣ୍ଟ ବିଲ୍‌ମାନ ଦସ୍ତଖତ୍ କରିବେ । କିନ୍ତୁ ନୂଆ ଛାତ୍ରବୃତ୍ତି କିମ୍ବା ଅନ୍ୟ କୌଣସି ବୃତ୍ତି ଦିଆଯାଇ ପାରିବ ନାହିଁ ।

୬ । ବୋରିଂ ଚଠିର ଖର୍ଚ୍ଚା, ରେଲ ଭଡ଼ା, କୁଲି ଖର୍ଚ୍ଚା ଓ ଷ୍ଟାମ୍ପ୍ ଛପା ପ୍ରଭୃତି ଯେଉଁ ସବୁ ସାମାନ୍ୟ କଣ୍ଟିଜେଣ୍ଟ୍ ଖର୍ଚ୍ଚର ଜରୁର ଦରକାର ପଡ଼ିବ ତାହାକୁ ଇମ୍‌ପ୍ରେଷ୍ଟରୁ ଖର୍ଚ୍ଚ କରିବା ପାଇଁ ଆଦେଶ ଦେଇ ପାରିବେ ।

୭ । ଦେୱାନଙ୍କ ଅଧୀନରେ ଥିବା ଡ଼ିପାର୍ଟମେଣ୍ଟମାନଙ୍କର ଗସ୍ତ ଖର୍ଚ୍ଚାମାନ ଟ୍ରେଜ୍ରେରର୍ ଓ କଣ୍ଟ୍ରୋଲର ଭାବରେ ମଞ୍ଜୁର କରିବେ ଓ ସ୍ୱାକ୍ଷର କରିବେ ।

୮ । କେବଳ ଆକସ୍ମିକ (କେଜୁଆଲ୍) ଛୁଟି ମଞ୍ଜୁର ଦେଇ ପାରିବେ ।

୯ । ଜରୁରି ଦରକାର ହେଲେ ମେଡକେଲ ଡିପାର୍ଟମେଣ୍ଟ ପାଇଁ ଔଷଧ କିଣିବାକୁ ମଞ୍ଜୁର ଦେଇ ପାରନ୍ତି ।

୧୦ । ଦେୱାନ୍ କୋର୍ଟରେ ଦାଖଲ ହୋଇଥିବା ସମସ୍ତ ରାଜସ୍ୱ ଅପତ୍ତି ଶୁଣିବେ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧୭-୯-୩୪**

ଯେହେତୁ ମିଷ୍ଟର୍ ଏ. କେ. ଚାଟର୍ଜି ବି. ଏଲ୍. ଷ୍ଟେଟ୍ ଜଜ୍‌ଙ୍କ ପ୍ରିଭିଲେଜ୍ ଛୁଟି ଶେଷ ହେବାରୁ ସେ ତାଙ୍କ କାମରେ ଯୋଗଦାନ କରି ଅଛନ୍ତି, ତେଣୁ କରି ଏହି ଆଦେଶ ଦିଆ ଯାଉଅଛି କି ମିଷ୍ଟର୍ ବି. ମହାପାତ୍ର ସବ୍ ଡ଼ିଭିଜନେଲ୍ ଅଫିସର ଓ ସବ୍‌ଜଜ୍ ରୂପେ ଏବଂ ମିଷ୍ଟର୍ ଡ଼ି. ଏନ୍. ବୋଷ୍ ମ୍ୟାଜିଷ୍ଟ୍ରେଟ୍ ଓ ସବ୍‌ଜଜ୍ ରୂପେ ସେମାନଙ୍କର ପୂର୍ବ କାମକୁ ଫେରି ଯିବେ ।

ମିଷ୍ଟର୍ ବି. ମହାପାତ୍ର ଏସିସ୍‌ଟେଣ୍ଟ ସେସନ୍ ଜଜ୍ ଆଜ ସୁଦ୍ଧା ତାଙ୍କର ସମସ୍ତ ବକେୟା ମକଦ୍ଦମା ଓ ଅପିଲ ଶୁଣାଣିର ରାୟ ଦେବା ମାତ୍ରେ ଏହି ହୁକୁମ କାର୍ଯ୍ୟକାରୀ ହେବ । ଏଣିକି ଆଉ କୌଣସି ନୂଆ ମୋକଦ୍ଦମା କିମ୍ବା ଅପିଲ ବିଚାର ପାଇଁ ଗ୍ରହଣ କରି ହେବ ନାହିଁ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧୭-୯-୩୪**

ବାରିପଦାର ବାହାରେ ଏବଂ ଭିତରେ ସହର ଏବଂ ମ୍ୟୁନିସି-ପାଲିଟି ଯାଗାର ବିସ୍ତୃତି ପାଇଁ ଏବଂ ଭବିଷ୍ୟତରେ ଏହାର ବୃଦ୍ଧି ଓ ଉନ୍ନତି ପାଇଁ ବାରିପଦାର ଚତୁର୍ଦ୍ଦିଗରେ କିଛି ଜମି ଶୀଘ୍ର ଅନ୍ତର୍ଭୁକ୍ତ କରିବା ଲାଗି ଏବଂ ଏହି ସବୁ ଜମିକୁ ଲାଗିଥିବା ଅଧିକା ଯାଗାଗୁଡ଼ିକୁ ଘର ତିଆରି କରିବା, ରାସ୍ତା ତିଆରି କରିବା ଏବଂ ପଟ୍ଟା ଦେବା ପ୍ରଭୃତି ବିଷୟରେ ଆୟତ୍ତାଧୀନରେ ରଖିବା ଲାଗି ପ୍ରସ୍ତାବ କରା ଯାଉଅଛି । ଏହି ଉଦ୍ଦେଶ୍ୟ ସାଧନ ପାଇଁ ନିମ୍ନଲିଖିତ ଆଦେଶମାନ କରାଗଲା ।

(କ) ବ୍ଲକ୍ "ଏ" (ଯମୁନାଦେଇପୁର, ପିଃ ମଝୀଲଭାଗ ଗ୍ରାମର କେତେକ ଅଂଶ ମିଶି)

(ଖ) ବ୍ଲକ୍ "ବି" (ବଳରାମପୁର, ତୁଳସୀଚଉଁରା, ସୁନଗଡ଼ିଆ ଏବଂ ଶ୍ରୀରାମପୁର ଓ ବିଜୟ-ପୂର୍ଣ୍ଣଚନ୍ଦ୍ରପୁର ପିଃ ମଝୀଲଭାଗ ଗ୍ରାମ-ଗୁଡ଼ିକର କେତେକ ଅଂଶ ମିଶି)

(ଗ) ବ୍ଲକ "ସି" (ଶ୍ରୀପଦ୍‌ଗଞ୍ଜ ଏବଂ ଛତୋ ପିଃ ମଝୀଲଭାଗ ଗ୍ରାମ ଗୁଡ଼ିକର କେତେକ ଅଂଶ ମିଶି) ସହର ସହିତ ଯୋଗ କରାଗଲା । ବାରିପଦାର ବର୍ତ୍ତମାନର ଚତୁଃସୀମା ଏବଂ ଏହାର ନିକଟବର୍ତ୍ତୀ ସ୍ଥାନ-ଗୁଡ଼ିକ ପ୍ରସ୍ତୁତ ନକ୍ସାରେ ହିଁ ପ୍ରଦର୍ଶିତ ହୋଇଅଛି । ଏଣିକି ଏହାକୁ "ଯୁକ୍ତଇଲାକା" ବୋଲି ଅଭିହିତ କରାଯିବ ।

୧ । ବ୍ଲକ୍ "ଡ଼"ରେ ଅଧିକା ଯୋଗ ହୋଇଥିବା ବା ଅନ୍ତର୍ଭୁକ୍ତ ଗ୍ରାମଗୁଡ଼ିକ କାଳିକାପୁର, ରଘୁନାଥପୁର, ବିଜୟରାମଚନ୍ଦ୍ରପୁର, କ୍ଷେତ୍ରପାଟଣା, ବିଦ୍ୟାଧରପୁର, ପୂର୍ଣ୍ଣଚନ୍ଦ୍ରପୁର, ଯମୁନାଦେଇପୁର, ବଳରାମପୁର, ଜନାର୍ଦ୍ଦନପୁର, ତୁଳସୀଚଉଁରା, ସୁନଗଡ଼ିଆ, ଏବଂ ଶ୍ରୀପଦ୍‌ଗଞ୍ଜ ପିଃ ମଝୀଲଭାଗ ପ୍ରଭୃତି ଗ୍ରାମ ଗୁଡ଼ିକ ଆୟତ୍ତାଧୀନ ( Controlled ) ଯାଗା ବୋଲି ଧରା ହେବ ।

୩ । ମୟୂରଭଞ୍ଜ ମହାରାଜାଙ୍କର ବିନା ଅନୁମତିରେ, ଉପର ଲିଖିତ ଇଲାକାମାନଙ୍କ ଭିତରେ ଷ୍ଟେଟ୍ ଅଧୀନରେ ଥିବା ପତିତ ଏବଂ ଜଙ୍ଗଲ ଜମିଗୁଡ଼ିକ ଚାଷ କରିବା ପାଇଁ କିମ୍ବା ଘର ତିଆରି ଅଥବା ରାସ୍ତା ତିଆରି କରିବା ପାଇଁ ପଟ୍ଟା ଦିଆଯିବ ନାହିଁ ।

୪ । ବାରିପଦା ମ୍ୟୁନିସିପାଲିଟିର ଚେୟାରମେନ୍, ଚିଫ୍-ଇଞ୍ଜିନିଅର, ଫରେଷ୍ଟ ଏବଂ ରେଭିନ୍ୟୁ ଅଫିସରମାନେ ଯୁକ୍ତ-ଇଲାକା ଓ ଆୟତ୍ତାଧୀନ ଇଲାକାରେ ଥିବା ତଥା ବର୍ତ୍ତମାନର ବାରିପଦା ସହର ଭିତରେ କୌଣସି ନୂଆ ଜମିର ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ପାଇଲେ ପ୍ରତ୍ୟେକ ଘଟଣାର ଉପଯୁକ୍ତ ତଦନ୍ତ ପରେ ଶେଷ ଆଦେଶ ପାଇଁ ମହାରାଜାଙ୍କ ସମୀପରେ ଜଣାଇବେ ।

Digitized by srujanika@gmail.com

୫ । ବର୍ତ୍ତମାନର ମ୍ୟୁନିସିପାଲ ଯାଗା ଭିତରେ ଯେ ତାଙ୍କର ନିର୍ଦ୍ଦିଷ୍ଟ ଯମି ଉପରେ ଘର ତିଆରି କରିବା ପାଇଁ ଇଚ୍ଛା କରିବେ, ତାହାଙ୍କୁ ଏଣିକି ବାରିପଦା ମ୍ୟୁନିସିପାଲିଟିର ଚେଅର୍‌ମେନ୍ ଜରିଆରେ ମହାରାଜାଙ୍କ ସମୀପ ମଞ୍ଜୁର ପାଇଁ ଦରଖାସ୍ତ କରିବାକୁ ହେବ ।

ଅଯୃତ୍ତାଧୀନ କିମ୍ବା ଯୁକ୍ତ ଇଲାକା ଗୁଡ଼ିକ ମ୍ୟୁନିସିପାଲ ସୀମା ମଧ୍ୟରେ ନିୟମାନୁସାରେ ଅନ୍ତର୍ଭୁକ୍ତ ହେବା ପର୍ଯ୍ୟନ୍ତ ଘର ତିୟାର କରିବାକୁ ହେଲେ ଭୂମିରାଜସ୍ୱ ଅଫିସରଙ୍କ ଜରିଆରେ ମହାରାଜାଙ୍କ ସମୀପ ଅନୁମତି ପାଇଁ ଦରଖାସ୍ତ କରିବାକୁ ହେବ ।

୬ । ଯେବେ କୌଣସି ଲୋକ ଉପରୋକ୍ତ ନିୟମକୁ ନ ମାନି ନୂଆ ଯମି ଆବାଦ କରେ କିମ୍ବା ଘର ତିଆରି କରେ, ତାହାହେଲେ ସେ କ୍ଷେତ୍ରରେ ପ୍ରଚଳିତ ଆଇନ୍ ଏବଂ ନିୟମାନୁଯାୟୀ ଦଣ୍ଡନୀୟ ହେବ ଏବଂ ବିନା ମଞ୍ଜୁରିରେ ତିଆରି କରିଥିବା ଘର ପ୍ରଭୃତି ନିଜ ଖର୍ଚ୍ଚରେ ଭାଙ୍ଗି ଦେବାକୁ କିମ୍ବା ପରିବର୍ତ୍ତନ କରିବାକୁ ବାଧ୍ୟ ହେବ । ସେଥିପାଇଁ ତାହାର କ୍ଷତି ପୂରଣର କୌଣସି ଦାବୀ ରହିବ ନାହିଁ ।

୭ । ବାରିପଦା ମ୍ୟୁନିସିପାଲିଟୀ ଅଧୀନସ୍ଥ ଯାଗାରେ ଚେଅର୍‌ମେନ୍ କିମ୍ବା ସହରର ସରଦାର ଏବଂ ଆୟୃତ୍ତାଧୀନ ଯାଗାରେ ସ୍ଥାନୀୟ ସରଦାର କିମ୍ବା ତହସିଲଦାର, ଭୂମିରାଜସ୍ୱ ଅଫିସରଙ୍କ ଜରିଆରେ ଉପର ଲିଖିତ ଆଦେଶ ଭଙ୍ଗର ମୋକଦ୍ଦମା ସବୁର ଆବଶ୍ୟକୀୟ ପ୍ରତିକାର ପାଇଁ ମହାରାଜାଙ୍କ ସମୀପରେ ଜଣାଇବାକୁ କ୍ଷମତା ପାଇଲେ ।

୮ । ଆୟୃତ୍ତାଧୀନ ଓ ଯୁକ୍ତ ଇଲାକାଗୁଡ଼ିକ ଯେଉଁ ନୂଆ ନକ୍ସାରେ ଦେଖାଇ ଦିଆଯାଇଅଛି, ସେହି ନକ୍ସା ବର୍ତ୍ତମାନ ବାରିପଦା ମ୍ୟୁନିସିପାଲିଟୀ ଏବଂ ବାରିପଦା ଭୂମିରାଜସ୍ୱ ଅଫିସରଙ୍କ କଚେରିରେ ପରିଦର୍ଶନ ପାଇଁ ଖୋଲା ଯାଇଅଛି ।

୯ । ଉପରୋକ୍ତ ନିୟମ ଗୁଡ଼ିକ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହେଲା ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ

**ତା ୧୭-୧-୩୪**

ମିଷ୍ଟର କେ. ସି. ମୁଖର୍ଜି ବି. ଏ. ଏକ୍‌ଜାମିନର ଅବ୍ ଏକାଉଣ୍ଟସ୍ ତା ୨୬-୧୦-୩୩ ଠାରୁ ୩୬ ଦିନର ପ୍ରିଭିଲେଜ୍ ଛୁଟି ନେଇ ଥିଲେ । ସେଥି ମଧ୍ୟରୁ ଏକ ଦିନ ପ୍ରିଭିଲେଜ୍ ଛୁଟି ନେଇ ନ ଥିବାରୁ ତାହା ନାମଞ୍ଜୁର ହେଲା ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ

**ତା ୧୭-୧-୩୪**

ମିଷ୍ଟର ଅର୍. ଜି. ଦାସ ଏମ୍. ଏ., ବି. ଏଲ୍ ଡାଇରେକ୍ଟର ଅବ୍ ଇନ୍‌ଡଷ୍ଟ୍ରିଏଲ୍ ଏବଂ ଇକନମିକ୍ ସର୍ଭେ ସେହି ଡିପାର୍ଟ୍‌ମେଣ୍ଟ୍ ଉପରେ ସବ ପ୍ରଧାନ କର୍ମଚାରୀର କ୍ଷମତା ପ୍ରାପ୍ତ ହେଲେ ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ

**ତା ୨୧-୧-୩୪**

ପ୍ରାଥମିକ ଶିକ୍ଷା ବିଭାଗ ଏବଂ କୁଟୀର ଶିଳ୍ପର ଡିରେକ୍ଟରଙ୍କୁ ତା ୨୧-୧୦-୩୩ ଏବଂ ୨୮-୩-୩୪ ରିଖ ଅନୁସାରେ ଦିଆ ହୋଇଥିବା କ୍ଷମତା ସହି ନିମ୍ନଲିଖିତ କ୍ଷମତାଗୁଡ଼ିକ କେବଳ ଶିକ୍ଷା ବିଭାଗ ସମ୍ପର୍କରେ ଦିଆ ଗଲା ।

୧ । ଟ ୧୦୦୯ ଙ୍କା ପର୍ଯ୍ୟନ୍ତ ଦରମା ପାଉଥିବା ତାଙ୍କର ନିମ୍ନସ୍ଥ କର୍ମଚାରୀମାନଙ୍କୁ ସେ ବଦଳି, ଜୋରିମାନା ଏବଂ ସସ୍‌ପେଣ୍ଡ୍ କରିପାରନ୍ତି ।

୨ । ଟ ୧୦୦୯ ଙ୍କା ରୁ ବେଶୀ ପାଉ ନ ଥିବା ନିମ୍ନସ୍ଥ କର୍ମଚାରୀମାନଙ୍କୁ ବଜେଟର ବନ୍ଦୋବସ୍ତ ଅନୁଯାୟୀ ସାଧାରଣ ଦରମା ବୃଦ୍ଧି ମଞ୍ଜୁର କରି ପାରନ୍ତି ।

୩ । ବଜେଟରେ ଦିଆ ଯାଇଥିବା ଅନୁସାରେ କଣ୍ଟିଜେନ୍‌ସିରୁ କିମ୍ବା ଅନ୍ୟ କୌଣସି ସବ୍ ହେଡ୍‌ରୁ ଏକା ଥରକେ ଟ ୧୦୯ ଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ପାରନ୍ତି ।

୪ । ଗ୍ରେଣ୍ଟ-ଇନ୍-ଏଡ୍ ଏବଂ ପୁରସ୍କାର ବଣ୍ଟନ କରିପାରନ୍ତି ।

୫ । ନିୟମ ଅନୁସାରେ ସମସ୍ତ ଛାତ୍ରବୃତ୍ତି ଦେଇ ପାରନ୍ତି ।

୬ । ମୁରୁଣୀ ଏବଂ ଅଦରକାରୀ ଷ୍ଟକ୍ ଭିତରୁ ଶତକରା ଟ ୫୦୯ ପର୍ଯ୍ୟନ୍ତ ବାଦ୍ ଦେଇ ପାରନ୍ତି ।

୭ । ମହାରାଜା-ପୂର୍ଣ୍ଣଚନ୍ଦ୍ର-ଛାତ୍ରବୃତ୍ତି-ପାଣ୍ଠିର ବୃତ୍ତିଭୋଗୀମାନଙ୍କ ବିଲ୍ ପାଶ୍ କରି ପାରନ୍ତି ।

୮ । ଏସ୍ଟାବ୍ଲିସ୍‌ମେଣ୍ଟ ଏବଂ ଗଚ୍ଛିତ ଖର୍ଚ୍ଚା ଛଡ଼ା ବଜେଟରେ ମଞ୍ଜୁର ହୋଇଥିବା ଗୋଟାଏ ସବ୍ ହେଡ୍‌ରୁ ଆଉ ଗୋଟାଏ ସବ୍ ହେଡ୍‌କୁ ଟ ୫୦୯ ପର୍ଯ୍ୟନ୍ତ ବଦଳ କରି ନେଇ ପାରନ୍ତି ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ

**ତା ୨୨-୧-୩୪**

୧୯୩୪ ସାଲ ଦିଆସିଲି (ଅବକାରୀ ଡିଉଟି) ଆଦେଶର ୭ମ ଅଧ୍ୟାୟରେ ବ୍ୟବସ୍ଥା କରାଯାଇଥିବା ଅନୁସାରେ ଚିହ୍ନିତ ହୋଇ ନ ଥିଲେ ଦିଆସିଲି ପେକେଟ୍, ବାକ୍ସ କିମ୍ବା ବୁକ୍‌ଲେଟ୍ ୧୯୩୩ ସାଲ ଅକ୍ଟୋବର ମାସ ପହିଲା ପରେ ଷ୍ଟେଟ୍‌ରେ ବିକ୍ରି ହୋଇ ପାରିବ ନାହିଁ କିମ୍ବା ବିକ୍ରି ହେବା ପାଇଁ ରଖାଯାଇ ପାରିବ ନାହିଁ ଅଥବା କାହାରିକି ଦିଆଯାଇ ପାରିବ ନାହିଁ ।

୨ । ବ୍ୟବସାୟୀ ଏବଂ ତିଆରି କରିବାବାଲାଙ୍କ ପାଖରେ ଯଦି ନିୟମିତରୂପେ ଚିହ୍ନିତ ହୋଇ ନ ଥିବା (ବେଣ୍ଡେରୋଲ୍) ୫୦ ଗ୍ରୋସ୍‌ରୁ ବେଶୀ କିମ୍ବା ୫୦ ଗ୍ରୋସ୍ ଦିଆସିଲି ବାକ୍ସ ଦେଖାଯାଏ, ତାହାହେଲେ ସେମାନେ ଯେଉଁ ସବ୍‌ଡିଭିଜନେଲ୍ ଅଫିସରଙ୍କ ଏଲାକାରେ କାରବାର କରନ୍ତି, ସେମାନଙ୍କ ପାଖକୁ ତା ୧-୧୦-୩୪ ରିଖରେ ନିଜ ନିଜ ପାଖରେ ଥିବା ପ୍ରକୃତ ଅନ୍‌ବେଣ୍ଡେରୋଲ୍ଡ୍ (କାଗଜଦ୍ୱାରା ବନ୍ଦ ହୋଇ ନ ଥିବା) ଦିଆସିଲିର ପରିମାଣ ଲେଖି ଜଣାଇବେ । ଯଦି ଉପରୋକ୍ତ ତାରିଖ ପରେ ସେମାନଙ୍କ ପାଖରେ ୫୦ ଗ୍ରୋସ୍ କିମ୍ବା ତାହାଠାରୁ ବେଶିଥାଏ ଏବଂ ତାହା ଜଣାଇ ଦିଆଯାଇ ନ ଥାଏ ତାହାହେଲେ ସେ ଗୁଡ଼ିକ ବାଜ୍ୟାପ୍ତ କରାଯିବ ।

Digitized by srujanika@gmail.com

୩ । ଅନ୍‌ବେଣ୍ଡ୍ରେରୋଲ୍‌ଡ଼ ସଲଫାର ଦିଆସିଲି ଏବଂ "ବେଙ୍ଗଲ୍ ଲାଇଟ୍‌ସ୍" ନାମକ ଦିଆସିଲିଗୁଡ଼ିକ ୧୯୩୪ ମସିହା ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ବିକ୍ରୟ ପାଇଁ ଅନୁମତି ଦିଆଯିବ ।

୪ । ଏହି ଆଦେଶ ବିରୁଦ୍ଧରେ (କ) ଯେ କେହି ଯେ କୌଣସି କାରଖାନାରୁ ଦିଆସିଲି ଆଣି ବିକ୍ରୟ କଲେ ସେ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡରେ ଦଣ୍ଡନୀୟ ହେବେ କିମ୍ବା ଟ ୧୦୦୦୯ ଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବେ; କିମ୍ବା ଦିଆସିଲିର ପ୍ରତ୍ୟେକ ପାକେଟ, ବାକ୍ସ ବା ବୁକ୍‌ଲେଟ୍ ପ୍ରଭୃତି ଯେ କୌଣସି ସମ୍ପର୍କରେ ସେ ଅପରାଧ କରିଥିବେ ସେଥିପାଇଁ ଟ ୧୯ କର ଜୋରିମାନା ଦେବେ । ଏଥି ମଧ୍ୟରୁ ଯେଉଁ ଦଣ୍ଡଟି ବୃହତ୍ତର ତାହାଦ୍ୱାରା କିମ୍ବା ଉଭୟ ଜେଲ୍ ଏବଂ ଜୋରିମାନାଦ୍ୱାରା ସେ ଦଣ୍ଡିତ ହେବେ । ଅଥବା (ଖ) ଯେ କେହି ବିକ୍ରି କରିବେ କିମ୍ବା ବିକ୍ରି କରିବା ପାଇଁ କାହାରିକି ଯାଚିବେ କିମ୍ବା ନିଜେ ରଖିବେ ତେବେ ତାହାଙ୍କୁ ଟ ୧୦୦୦୯ ଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବ କିମ୍ବା ପ୍ରତ୍ୟେକ ପାକେଟ୍, ବାକ୍ସ କିମ୍ବା ବୁକ୍‌ଲେଟ୍ ପ୍ରଭୃତି ଯେ କୌଣସି ସମ୍ପର୍କରେ ସେ ଅପରାଧ କରିଥିବେ ସେଥିପାଇଁ ଟ ୧୯ କର ଜୋରିମାନା କରାଯିବ । ଏ ଦୁଇଟି ଦଣ୍ଡ ମଧ୍ୟରୁ ଯେଉଁ ଦଣ୍ଡଟି ବୃହତ୍ତର ତାହାର ଦ୍ୱାରା ହିଁ ସେ ଦଣ୍ଡିତ ହେବେ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୪-୯-୩୪

ନିମ୍ନଲିଖିତ ଭାରତୀୟ ରାଜ୍ୟମାନଙ୍କରୁ କିମ୍ବା ତାଲୁକାମାନଙ୍କରୁ ଏ ରାଜ୍ୟକୁ ଦିଆସିଲି ଆଣିବାପାଇଁ ଏକାବେଳକେ ନିଷେଧ କରି ଦିଆଗଲା ।

(୨) ଯେ କେହି ଏହି ଆଇନ୍ ଅବମାନନା କରି

(କ) ଏହି ରାଜ୍ୟକୁ ଦିଆସିଲିଇ ଆଣିବ କିମ୍ବା ଆଣିବା ପାଇଁ ଚେଷ୍ଟା କରିବ ସେ ଛଅ ମାସ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡନୀୟ ହେବ । କିମ୍ବା ଯେଉଁ ଦିଆସିଲିଇ ପାଇଁ ଶୁଳ୍କ ଆଦାୟର ବ୍ୟବସ୍ଥା ଅଛି ସେହି ଦେୟ ଶୁଳ୍କର ଚାରିଗୁଣ କିମ୍ବା ଏକ ହଜାର ଟଙ୍କା ମଧ୍ୟରେ ଯେଉଁ ଅର୍ଥ ଦଣ୍ଡର ପରିମାଣ ଅଧିକ ହେବ, ତାହାରଦ୍ୱାରା ଦଣ୍ଡନୀୟ ହେବ କିମ୍ବା କାରାଦଣ୍ଡ ଓ ଅର୍ଥଦଣ୍ଡ ଉଭୟ ଭୋଗ କରିବ ।

କିମ୍ବା

(ଖ) ଯଦି କେହି ଉପର ବର୍ଣ୍ଣିତ (କ) ରେ ଉଲ୍ଲେଖଥିବା ଦୋଷାବହ କାମ କରିବା ପାଇଁ କାହାରିକୁ ଉତ୍ସାହିତ କରେ ତାହାହେଲେ ସେହି ପ୍ରରୋଚନା ଫଳରେ ଅପରାଧ କରା ହେଉ କିମ୍ବା ନ ହେଉ, ଏ ସମ୍ବନ୍ଧରେ ଭାରତୀୟ ଦଣ୍ଡବିଧି ଆଇନର ୧୧୬ ଦଫାରେ ଯାହା କିଛି ଉଲ୍ଲେଖ ଥାଉ ନା କାହିଁକି, ଉକ୍ତ ଅପରାଧ ପାଇଁ ଯେଉଁ ଦଣ୍ଡ ବିଧାନ କରାଯାଇଅଛି, ତାହାର ଦ୍ୱାରା ହିଁ ସେ ଦଣ୍ଡିତ ହେବ ।

ଜୁନାଗଡ଼
ପୋରବନ୍ଦର
ମଙ୍ଗ୍ରୋଲ
ଗଣ୍ଡଲ
} ପଶ୍ଚିମ ଭାରତୀୟ ରାଜ୍ୟ ସମୂହର ଏଜେନ୍ସି ଅଧୀନ ।

ଶିରମୁର — ପଞ୍ଜାବ ।

କୋଠା
ଯେସଲ ମିଅର
ପଲ୍ଲଣ ପୁର
} ରାଜପୁତନା ରାଜ୍ୟ ସମୂହ ।

ଯଶଦାନ
ମାନଭଦର
ଥାନା-ଦେଉଳ
ବୀରପୁର
ଭି, ଏସ୍, ନାଜା ମାନସ୍ତ (ତାଲୁକ)
} ପଶ୍ଚିମାଞ୍ଚଳ କାଠିଆବାଡ଼ ଏଜେନ୍ସି ଅଧୀନ ।

କାଚ୍ — ପଶ୍ଚିମ ଭାରତୀୟ ରାଜ୍ୟ ସମୂହର ଏଜେନ୍ସି ଅଧୀନ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

୩୦-୯-୩୪

ତଳ ଲିଖିତ ଭାରତୀୟ ରାଜ୍ୟ ମାନଙ୍କରୁ ଏ ରାଜ୍ୟକୁ ଦିଆସିଲି ଆମଦାନି କରିବାକୁ ସମ୍ପୂର୍ଣ୍ଣରୂପେ ନିଷେଧ କରି ଦିଆଗଲା ।

ଭାଉନଗର? 

ଭାଜଆ
ମାଳିଆ
} ପଶ୍ଚିମାଞ୍ଚଳ କାଠିଆବାଡ଼ ଏଜେନ୍ସି ଅଧୀନ ।

Digitized by srujanika@gmail.com




ଅସୀମ ପଥର ଯାତ୍ରୀ
ଶିଳ୍ପୀ—ଶ୍ରୀ ବମ୍ବାଧର ବର୍ମା

ମୟୂରଭଞ୍ଜ ଷ୍ଟେଟ ପ୍ରେସ୍

Digitized by srujanika@gmail.com

# ଉତ୍କଳ ପ୍ରଭାତ

ବାରିପଦା, ପୌଷ ୧୩୪୬



Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

## S. K. CHAKRAVARTI LTD.

SANITARY ENGINEERS

TEL. "LAVATORY" CALCUTTA. CODES. BENTLEY

# Encourage State Home-Industry

MAYURBHANJ TEXTILES

NOTED FOR

**Genuineness & Quality of Products**

**Tussar Silk Produce** :–Fancy striped Shirting, Coating, Dhoti, Saree, Chaddar, Pugri piece etc.—*All hand loom products.*

**Hand Woven Cotton Fabrics** :–Towel, Napkin, Duster, Bed sheet, Table cover, Door curtain, Coating and Shirting of various designs, Durries, Ashans etc.

**Indian Silk product** :–Hand woven Silk shirtings, Handkerchief, Scarf etc and Woollen Union Shirtings etc. etc.

**Reeled Tussar Yarn ; Hand spun Tussar Waste Yarn ; Reeling-Waste of Tussar ; Tussar Down, etc. etc.**

*Please enquire of :—*

**The Director,**
*Industrial & Economic Survey,*
BARIPADA : MAYURBHANJ.


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

( ମୟୂରଭଞ୍ଜ ଗେଜେଟ୍‌ର ଓଡ଼ିଆ ସଂସ୍କରଣ ଏଥି ସହିତ ମିଶାଇ ଦିଆ ଯାଉଅଛି )

ଏହି ପତ୍ରିକା ତିନ ମାସରେ ଥରେ ଲେଖାଏଁ ପ୍ରକାଶିତ ହେବ, ଯଥା:—ଆଶ୍ୱିନ, ପୌଷ, ଚୈତ୍ର, ଆଷାଢ଼

ବାର୍ଷିକ ମୂଲ୍ୟ—ଟ ୦ ୳ ( ଡାକ ମାସୁଲ ବ୍ୟତୀତ ) ଓ ଟ ୧। ଙ୍କା ( ଡାକ ମାସୁଲ ସହ )

ପ୍ରତି ସଂଖ୍ୟାର ମୂଲ୍ୟ ଛଅ ଅଣା, ଡାକ ମାସୁଲ ଦୁଇ ଅଣା ସ୍ୱତନ୍ତ୍ର। ଏହି ପତ୍ରିକାରେ ବିଜ୍ଞାପନ ଛପାଇବାକୁ ହେଲେ ପ୍ରତି ଥରକୁ ନିମ୍ନଲିଖିତ ହାରରେ ଖରଚ ଦେବାକୁ ହେବ।

| | | | |
|---|---|---|---|
| ମଲାଟର ବାହାର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୫୦୲ | ଟାଇଟଲ ପେଜର ଭିତର ପାଖ—ପୂର୍ଣ୍ଣ ଏକପୃଷ୍ଠାକୁ | ଟ ୫୦ ଙ୍କା |
| ଅର୍ଦ୍ଧ ପୃଷ୍ଠାକୁ | ଟ ୨୫୲ | ଅର୍ଦ୍ଧ ପୃଷ୍ଠାକୁ | ଟ ୨୫ ଙ୍କା |
| ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୫୲ | ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୫ ଙ୍କା |
| ମଲାଟର ଭିତର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୪୦୲ | ଏହା ଛଡ଼ା ଅନ୍ୟାନ୍ୟ ପୃଷ୍ଠାରେ—ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୩୦ ଙ୍କା |
| ଅର୍ଦ୍ଧ ପୃଷ୍ଠାକୁ | ଟ ୨୦ ଙ୍କା | ଅର୍ଦ୍ଧ ପୃଷ୍ଠାକୁ | ଟ ୧୮ ଙ୍କା |
| ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୨୲ | ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୦ ଙ୍କା |

ଛୋଟ ଛୋଟ ବିଜ୍ଞାପନ ଛପାଇବାକୁ ହେଲେ ସେ ବିଷୟରେ ନିମ୍ନ ଠିକଣାରେ ପତ୍ର ଲେଖିଲେ ଜାଣି ପାରିବେ।

ଶ୍ରୀ ନିତାଇ ଚନ୍ଦ୍ର ସାନ୍ୟାଲ, ବି.ଏ.
ମ୍ୟାନେଜର, ମୟୂରଭଞ୍ଜ ଗେଜେଟ୍, ବାରିପଦା।


## INTERNAL HAIR DYE

(TONIC)

Its 40 days Internal Use turns Gray and White Hairs into Black for life. Besides it cures Baldness, Wrinkles, Dental troubles, Constipation, Piles, increases memory, brain power, eye sight, appetite, digestion. Purifies blood, tones nerves, removes lack of retention, loss of manhood. Makes young again. It is Elexir of Life in prolonging age. On failure price refunded.

*Price 40 doses with Postage Rs. 11*

## WHITE LEPROSY or LEUCODERMA

Sure and permanent cure guaranteed by my harmless FAKIRI JARI BUTI in one day only. If not, price refunded.

*Price per Box Rs. 4*

Apply at once to:— The Manager

**Indian Medical Works**

**PURNEA 50, : : : : E. B. RY.**


## The Mayurbhanj Gazette

*Publication*: The Gazette is quarterly. It is published in October, January, April and July.

*Subscription*: Annual Rs. 1-8-0. Single copy As 6 only. Postage, per Copy 2 As. extra.

Digitized by srujanika@gmail.com

DIVINE MEDICINE OF

# H E R N I A

## CENT PER CENT SUCCESS WITHOUT OPERATION.

Why do you suffer from Hernia ? Come to us, we shall make a contract with you and cure you of the disease. If you fail to see us, send five pice postal stamp, have the testimonials and directions and get yourself radically cured from a far. Phone B. B. 314.

*Apply to*:—**Dr. H. C. ROY**

*DIVINE TREATMENT HALL,* *Amherst Street,* CALCUTTA.

SUBSCRIBE FOR

# THE ASTROLOGICAL MAGAZINE

THE BEST EXPONENT OF THE HINDU SCIENCES

*Edited by*

Professor B. SURYANARAIN ROW, B.A., M.R.A.S., F.R.H.S., etc.

Containing the most interesting and instructive articles on Astrology, Astronomy, Medicine, Yoga, Philosophy, Metaphysics, Chronology, Palmistry etc., now in its 23rd Volume—the only Journal of its kind in the World.

We are much impressed with the interesting articles incorporated in the Journal which we commend to our readers—*The Message.*

Astrological students will find much of interest—*The Torch.*

It shall be of good purpose to the building scholars of Astrology—*The Mahratta.*

*Annual Subscription Rs. 5, Sh. 12, Dollars 4* *Single Copy Rs. 8, Sh. 1-3, Cents 40*

THE BEST MEDIUM FOR ADVERTISEMENTS REACHING THE FARTHEST CORNERS OF THE WORLD.

(*Catalogue of books will be sent free on application*)

**Horoscopic work will be undertaken on payment of**

**REASONABLE FEE**

Now available—Vols. 14, 15, 16, 17, 18, 19, 20, 21, 22 containing mines of intellectual treasures at Rs. 6/- per Vol. to the readers of this Journal. All the past Volumes at Rs. 8/- per each Volume.

| | |
|---|---|
| English Translation of Sarvarthchintamani 3 Vols. ... ... | Rs. 15-0-0 |
| ,, of Brihat Jatak (with full Notes & Illustrations) | ,, 8-0-0 |
| ,, of Jaimini Sutra...Notes | ,, 2-0-0 |
| Astrological Self-instructor, 7th Edition ... | ,, 3-0-0 |
| Strijataka or Female Horoscope (Postage Extra) | ,, 1-0-0 |
| Royal Horoscopes ... | ,, 3-0-0 |
| Illustrative Horoscopes | ,, 2-4-0 |

DR. B. V. RAMRN, M. D., (H) "SURYALAYA" (P. O.) BETTAHALSOOR, BANGALORE—INDIA.

**Exchanges solicited from Periodicals.**

Digitized by srujanika@gmail.com

# ଭଞ୍ଜପ୍ରଦୀପ

ଚତୁର୍ଥ ଭାଗ ଦ୍ୱିତୀୟ ସଂଖ୍ୟା

## ସୂଚିପତ୍ର


| | | | ପୃଷ୍ଠା । |
|---|---|---|---|
| ୧ । | ସ୍ୱର୍ଗୀୟ ସାହିତ୍ୟିକ ବିଶ୍ୱନାଥ | ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି. ଏ., ବି. ଏଲ୍. | ୧ |
| ୨ । | ମୟୂରଭଞ୍ଜର ଅଙ୍କ | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ବି. ଏସ୍‌ସି., ଏମ୍. ଆର୍. ଏ. ଏସ୍. | ୫ |
| ୩ । | ଅତୀତ (କବିତା) | ଶ୍ରୀ କ୍ଷିତୀଶଚନ୍ଦ୍ର ଦେ ଏମ୍. ଏ., ଡି. ଏଡ୍. | ୮ |
| ୪ । | କରୁଣାକର (ଗଳ୍ପ) | ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ ବି. ଏ., ବି. ଏଲ୍. | ୯ |
| ୫ । | ଭାରତର ପଲ୍ଲୀସ୍ୱାସ୍ଥ୍ୟ | ଶ୍ରୀ ରାଧାଚରଣ ପଣ୍ଡା ଏଲ୍. ଏମ୍. ପି., ଆଃ ହେଃ ଅଃ, ପୁରୀ | ୧୩ |
| ୬ । | 'ପୁରସ୍କାର'ର କବି | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ ବି. ଏସ୍‌ସି., ଆଇ. ଏସ୍. ଆର. ଏସ୍. | ୧୬ |
| ୭ । | ବିକାଶ | ଶ୍ରୀ ଶଶିଭୂଷଣ ରାୟ | ୧୯ |
| ୮ । | ଭିକ୍ଷୁଗୀତ | ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ ଏମ୍. ଏ., ବି. ଏଡ୍. | ୨୪ |
| ୯ । | ରାଜେଶ୍ୱରର ଦୁଇଟି ବନ୍ଧୁ (ଗଳ୍ପ) | ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ ବି. ଏ. | ୨୫ |
| ୧୦ । | ସମ୍ବାଦ ଓ ସଙ୍କେତ | | ୩୦ |
| ୧୧ । | ଦେଶୀୟ ରାଜ୍ୟ ସମାଚାର | | ୩୨ |
| ୧୨ । | ମୟୂରଭଞ୍ଜ ସମ୍ବାଦ | | ୩୩ |
| ୧୩ । | ପାଣି, ପାଗ ଓ ଶସ୍ୟର ବିବରଣୀ | | ୩୫ |
| ୧୪ । | ସ୍ୱାସ୍ଥ୍ୟର ବିବରଣୀ | | ୩୬ |


Digitized by srujanika@gmail.com

# ଚିତ୍ର-ସୂଚି


୧ । ମଞ୍ଜାବନ୍ନା ଉଦ୍ୟାନରେ ରଘୁର ବକାଣ — ମଲାଟ

୨ । ପରଲୋକଗତ ଶ୍ରୀଯୁକ୍ତ ବଣ୍ଡନାଥ କର — ୩

୩ । ୧୯୦୩ ସାଲ୍ ଅର୍ଥାତ୍ ୧୬୮୫-୮୬ ଖ୍ରୀଷ୍ଟାବ୍ଦରେ ମହାରାଜା ତ୍ରିବିକ୍ରମ ଭଞ୍ଜଦେବଙ୍କଦ୍ୱାରା ପ୍ରଦତ୍ତ ସନନ୍ଦର ଚିତ୍ର — ୬

୪ । ଚିତ୍ରମୟ ମୟୂରଭଞ୍ଜ — ୨୨ ଓ ୨୩

୫ । ବସ୍ତର ରାଜ୍ୟର ଟୀକାଏତ ଏବଂ ତାଙ୍କର ଭ୍ରାତା ଓ ଭଗ୍ନୀମାନଙ୍କର ଫଟୋ । — ୩୨ ପୃଷ୍ଠାର ସମ୍ମୁଖ


Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ　　　　ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ମକର ସଂଖ୍ୟା

ଚତୁର୍ଥ ଭାଗ　　　　ପୌଷ, ସନ ୧୩୪୨ ସାଲ　　　　୨ୟ ସଂଖ୍ୟା

## ସ୍ୱର୍ଗୀୟ ସାହିତ୍ୟିକ ବିଶ୍ୱନାଥ

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଯେଉଁ ମୁଷ୍ଟିମେୟ ଉତ୍କଳ ସନ୍ତାନ ଏଦେଶର ହିତ ଚିନ୍ତାରେ ପରିଶ୍ରମ କରି ଯାଇ-ଅଛନ୍ତି ବିଶ୍ୱନାଥ ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ। ଜାତୀୟ ଜୀବନର ଜାଗରଣରେ ସେ ନାନା ଭାବରେ ଯତ୍ନ କରି ଯାଇଅଛନ୍ତି। ଏ ଦେଶର ସ୍ୱଭାବସିଦ୍ଧ ଜଡ଼ତା ଅବସାଦ ଓ ଦୈନ୍ୟ ଦୂର କରିବାକୁ ଯେଉଁ ଶକ୍ତି ସାହସ ଓ ପ୍ରେରଣା ଆବଶ୍ୟକ ତାହା ବିଶ୍ୱନାଥଙ୍କ ଜୀବନର ନାନା କ୍ଷେତ୍ରରେ ପ୍ରଚୁର ପରିମାଣରେ ଦେଖା ଯାଇଥିଲା। ତାଙ୍କ ଜୀବନର କାହାଣୀ ଉନ୍ମାଦକର—ତାହାର ଆଲୋଚନା କଲେ ଦୁର୍ବଳ ମନରେ ବଳର ସଞ୍ଚାର ହୁଏ, ଶକ୍ତିହୀନର ମସ୍ତିଷ୍କରେ ଶକ୍ତି ଆସେ।

କଟକ ଜିଲ୍ଲାର ଗୋଟିଏ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ବିଶ୍ୱନାଥ ଜନ୍ମଗ୍ରହଣ କରିଥିଲେ। ସେମାନଙ୍କର ଆର୍ଥିକ ଅବସ୍ଥା ମନ୍ଦ ନ ଥିଲା। ପିଲା ଦିନରୁ ସେ ବଡ଼ ତେଜସ୍ୱୀ ଥିଲେ। ବିଦ୍ୟା-ଶିକ୍ଷା ସଙ୍ଗେ ସଙ୍ଗେ ତାଙ୍କର ଶକ୍ତି ସାହସ କ୍ରମେ କ୍ରମେ ବିକଶିତ ହୋଇ ଆସିଲା। ସେ ଖୁବ୍ ତରୁଣ ବୟସରେ ନିଜର ପୈତୃକ ଧର୍ମ ପରିତ୍ୟାଗ କରି ବ୍ରାହ୍ମଧର୍ମ ଗ୍ରହଣ କଲେ। ଆଜିକାଲି ସମୟରେ ଏ ସବୁ କଥା ସେତେ ଚହଳ ସୃଷ୍ଟି କରୁନାହିଁ। ମାତ୍ର ୫୦ ବର୍ଷ ପୂର୍ବେ ରକ୍ଷଣଶୀଳ ସମାଜ ଛାଡ଼ି ଗୋଟିଏ ବ୍ରାହ୍ମଣ ଯୁବକ ଧର୍ମାନ୍ତର ଗ୍ରହଣ କରିବା ସହଜ କାର୍ଯ୍ୟ ନ ଥିଲା। ସମାଜ ଛାଡ଼ି ବିଶ୍ୱନାଥ ବଡ଼ ଏକାକୀ ଅସହାୟ ଅବସ୍ଥାରେ ରାଜପଥରେ ଛିଡ଼ା ହେଲେ, ମାତ୍ର ସେ ତାହା ଯଥେଷ୍ଟ ସାହସର ସହିତ ଗ୍ରହଣ କରି ପାରିଥିଲେ। ସେ ବଡ଼ ସ୍ୱାଧୀନଚେତା ଓ ସ୍ୱାବଲମ୍ବନଶୀଳ ଥିଲେ। ନିଜର ପୈତୃକ ଘରଦ୍ୱାର ଭୂସମ୍ପତ୍ତି ସମସ୍ତ ଛାଡ଼ି ସେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ସାହସ ବାନ୍ଧିଲେ। ନବୀନ ଯୌବନରେ ଯେଉଁ ଦମ୍ଭ ସାହସ ଧରି ନିଜର ଦୁରବସ୍ଥାକୁ ବରଣ କଲେ, ତାହା ତାଙ୍କର ଚରିତ୍ରର ଦୃଢ଼ତା ଓ ମନର ସ୍ଥିରତାର ପରିଚୟ ଦେଇଥିଲା। ଏହି ତେଜସ୍ୱିତା, ଦମ୍ଭ, ସାହସ, ତାହାଙ୍କୁ ଚିର ଜୀବନ ସାହାଯ୍ୟ କରି ଆସିଅଛି। ବିଦ୍ୟାଳୟରେ ଶିକ୍ଷାଲାଭ ତାଙ୍କ ଭାଗ୍ୟରେ ବେଶି ପରିମାଣରେ ଘଟି ପାରି ନ ଥିଲା। ମାତ୍ର ବିଦ୍ୟାଳୟ ଶିକ୍ଷାର ସମାପ୍ତି ସଙ୍ଗେ ସଙ୍ଗେ ସେ ପୋଥିରେ ଡୋରି ନ ଦେଇ ସେହି ଦିନଠାରୁ ପ୍ରକୃତ ଅଧ୍ୟୟନ ଆରମ୍ଭ କଲେ। ସେ ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ଇଂରାଜୀ ଭାଷାର ଉତ୍କୃଷ୍ଟ ଗ୍ରନ୍ଥମାନ ଅଧ୍ୟ-ୟନ କରି ଜ୍ଞାନାର୍ଜନ କରିବାକୁ ଲାଗିଲେ ଏବଂ ଚିର ଜୀବନ ଏହି ଜ୍ଞାନପିପାସା ଜାଗ୍ରତ କରି ରଖି ପାରିଥିଲେ। ତାଙ୍କର


ଗୃହ-ପୁସ୍ତକାଗାର ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ନବ ପ୍ରକାଶିତ ଉତ୍କୃଷ୍ଟ ପୁସ୍ତକମାନଙ୍କରେ ପୂର୍ଣ୍ଣ ଥିଲା ।

ଆଜି ବିଶ୍ୱନାଥଙ୍କ ଅଭାବରେ ଏହି ପ୍ରଶ୍ନ ଉତ୍ଥିତ ହୋଇପାରେ, ସେ ଏ ଦେଶକୁ କି ଦାନ ଦେଇ ଅଛନ୍ତି । ଜାତୀୟ ଜୀବନ ତାଙ୍କର କେଉଁ ଗୁଣ ବଳରେ ବିଶେଷ ଭାବରେ ଉପକୃତ । ଭୟ ଭୀରୁତା ଦେଶର ପ୍ରଧାନ ଶତ୍ରୁ । ଯେଉଁ ଦେଶସେବକ ଏହି ଭୟ ଭୀରୁତା ଦେଶରୁ ଭାଙ୍ଗି ପାରିବାକୁ ସମର୍ଥ ହୁଏ ସେ ଦେଶର ପ୍ରକୃତ ହିତକାମୀ ବୋଲି ଗଣ୍ୟ ହୋଇଥାଏ । ପ୍ରତି ଦେଶର ପ୍ରକୃତ ସ୍ୱଦେଶସେବକମାନେ ଦେଶର ଏହି ଭୟ ଭୀରୁତା ଦୂର କରିବାକୁ ସଚେଷ୍ଟ ହୋଇଥାନ୍ତି । ବିଶ୍ୱନାଥଙ୍କ ଜୀବନର ବିଶେଷତ୍ୱ ତାଙ୍କର ନିର୍ଭୀକତା, ତେଜସ୍ୱିତା । ଭୟ, ଭୀରୁତା କଣ ସେ ଜାଣୁ ନ ଥିଲେ । ନିଜର ଜ୍ଞାନ ଓ ବିବେକ ବଳରେ ଯେତେବେଳେ ଯାହା ସେ ସତ୍ୟ ବୋଲି ବୁଝୁଥିଲେ, ତାହା ଅକୁଣ୍ଠିତ ଚିତ୍ତରେ ଗ୍ରହଣ କରିବାକୁ କେତେବେଳେ ପଶ୍ଚାତ୍‌ପଦ ହେଉ ନ ଥିଲେ । ଜୀବନର ବ୍ୟବହାରରେ, ଲେଖକରୂପେ ନିଜର ମତ ପ୍ରକାଶ କରିବାରେ ଅଥବା ସଭା ମଣ୍ଡପରେ ବକ୍ତୃତାଦେବାରେ ତାଙ୍କର ସ୍ପଷ୍ଟବାଦିତା ସମସ୍ତଙ୍କୁ ତାଙ୍କ ହୃଦୟର ବଳ ଓ ମନର ତେଜ ଦେଖାଇ ଦେଇ ଅଛି । ତାଙ୍କର ଜୀବନର କାର୍ଯ୍ୟାବଳୀ ଆଲୋଚନା କଲେ ଦେଖା ଯାଏ ସେ ଉପରେ ଭଗବାନଙ୍କୁ ଓ ତଳେ ନିଜର ହୃଦୟକୁ ଅନାଇବା ବ୍ୟତୀତ କେବେ କାହାରି ନିନ୍ଦା ପ୍ରଶଂସାକୁ ଅନାଇ କାର୍ଯ୍ୟ କରି ନାହାନ୍ତି । ଅଧାଅଧି ପ୍ରାଣରେ କଥା କହିବା ତାଙ୍କର ସ୍ୱଭାବ-ବିରୁଦ୍ଧ ଥିଲା । କି ଯୌବନରେ, କି ପ୍ରୌଢ଼ ଅବସ୍ଥାରେ, କି ବାର୍ଦ୍ଧକ୍ୟରେ ସବୁବେଳେ ତାଙ୍କର ସେହି ଅବିମିଶ୍ର କମ୍ପା-କମ୍ପ-ରହିତ କଥା ତାଙ୍କୁ ଉତ୍କଳଖଣ୍ଡରେ ବହୁକାଳ ଜଣେ ତେଜସ୍ୱୀ ସ୍ୱାଧୀନ-ଚେତା ପୁରୁଷ ରୂପେ ଚିହ୍ନାଇ ରଖିବ । ଲୋକ ବିଶେଷର ପଦ-ମର୍ଯ୍ୟାଦା ବା ଭ୍ରୂକୁଞ୍ଚନ ତାଙ୍କର ସ୍ୱାଧୀନ ମତବାଦର ପରିବର୍ତ୍ତନ ଆଣିବାକୁ କେତେବେଳେ ସମର୍ଥ ହେଉ ନ ଥିଲା । ନିଜେ ଯାହା ଠିକ୍ ବୋଲି ବୁଝୁଥିଲେ ତାକୁ ସେ ଖୁବ୍ ଯୋର କରି ଧରୁଥିଲେ ଓ ଖୁବ୍ ଯୋର କରି ଉଚ୍ଚ ସ୍ୱରରେ ପ୍ରକାଶ କରୁଥିଲେ ।

ବିଶ୍ୱନାଥ ଉତ୍କଳ ଦେଶ, ବିଶେଷତଃ ଉତ୍କଳ ସାହିତ୍ୟ ପାଇଁ ଆଦର୍ଶ ଆଚରଣ ଓ ଉପଦେଶଦ୍ୱାରା ଅନେକ କାର୍ଯ୍ୟ କରି ଯାଇ-ଅଛନ୍ତି । ଆମ୍ଭେମାନେ ଆଜି ତାଙ୍କର ଏତେ ନିକଟବର୍ତ୍ତୀ ଯେ ସେ ସବୁର ଯଥାର୍ଥ ମୂଲ୍ୟ ନିରୂପଣ କରିବା ଆମ୍ଭମାନଙ୍କ ପକ୍ଷରେ ସହଜ ନୁହେ । ସମୟକ୍ରମେ ଯେତେବେଳେ ଉତ୍କଳ ସାହିତ୍ୟର ଇତିହାସ ଲିଖିତ ହେବ ସେତେବେଳେ ଐତିହାସିକ ଉତ୍କଳ ସାହିତ୍ୟକୁ ବିଶ୍ୱନାଥଙ୍କ ଦାନର ପରିମାଣ ନିରୂପଣ କରିବେ । ବିଶ୍ୱନାଥ ଓଡ଼ିଆ ଗଦ୍ୟ ସାହିତ୍ୟରେ କି ନୂତନ ଲିଖନଭଙ୍ଗୀର ଆରମ୍ଭ କରି-ଅଛନ୍ତି ଅଥବା ତାଙ୍କର ଲେଖାରେ ତାଙ୍କର ଅନ୍ତରର ନିବିଡ଼ତମ ଉପଲବ୍ଧିର କି ସୁନ୍ଦରତମ ପ୍ରତିରୂପ ଦେଖିବାକୁ ମିଳେ ତାହା ବୁଝି-ବାର ସମୟ ବର୍ତ୍ତମାନ ଆସିନାହିଁ । ଅଳ୍ପ କଥାରେ ଶବ୍ଦଚିତ୍ର ଅଙ୍କନ, ସାର୍ଥକ ଶବ୍ଦଚୟନ ଓ ସର୍ବୋପରି ଭାବର ସହଜ ସୁନ୍ଦର ପ୍ରକାଶ-ଦ୍ୱାରା ତାଙ୍କର ଗଦ୍ୟ ପ୍ରବନ୍ଧ ଭିତରେ କିପରି ସୁକାବ୍ୟର ଲକ୍ଷଣମାନ ମଧ୍ୟ ଦେଖାଯାଇ ଥାଏ ତାହା ଆଜିର ଆଲୋଚନାର ବିଷୟ ନୁହେ । ସେ ତାଙ୍କର ଲେଖା ଓ କଥା ଭିତରେ କିପରି ଭାବର ବିଦ୍ୟୁତ୍ ସଞ୍ଚାର କରି ପାଠକ ଓ ଶ୍ରୋତାମାନଙ୍କ ଅନ୍ତରରେ ତାହା ପ୍ରବାହିତ କରାଇ ପାରୁଥିଲେ ତାହା ଆଜି ଏ ଦୁଃଖର ସମୟରେ ଆଲୋଚନା କରିବାକୁ ଅବସର ନାହିଁ । ତାଙ୍କର ସର୍ବବିଧ ସାହିତ୍ୟିକ ଆଲୋଚନାରେ କିପରି ଗୋଟିଏ ସର୍ବତୋମୁଖୀ ସ୍ୱକୀୟତା ଓ ସ୍ପଷ୍ଟତା ପ୍ରକାଶ ପାଉଥିଲା ତାହା ବିଶିଷ୍ଟ ସାହିତ୍ୟିକମାନେ ଓଡ଼ିଆ ଭାଷାର ଗଦ୍ୟ ସାହିତ୍ୟର ଇତିହାସ ଆଲୋଚନା ପ୍ରସଙ୍ଗରେ ଅବଶ୍ୟ ଅବତାରଣା କରିବେ । କେବଳ ପ୍ରାଞ୍ଜଳ ଓ ଓଜସ୍ୱିନୀ ଭାଷାରେ ସୁନ୍ଦର ଓ ସୁଲଳିତ ଭାବ ସମୂହକୁ ପ୍ରକାଶ କରି ଅଥବା ନିରବଚ୍ଛିନ୍ନ ଭାବରେ ଗତ ୩୮ ବର୍ଷ କାଳ ଉତ୍କଳଖଣ୍ଡର ପ୍ରଧାନ ମାସିକପତ୍ର 'ଉତ୍କଳ-ସାହିତ୍ୟ' ର ସମ୍ପାଦନ କରି ଯେ ସେ ଉତ୍କଳର ହିତ ସାଧନ କରି ଅଛନ୍ତି ତାହା ନୁହେ । ସେ ସାହିତ୍ୟ ବ୍ୟତୀତ ସମାଜ ଓ ରାଜନୀତି ପ୍ରଭୃତି ସର୍ବକ୍ଷେତ୍ରରେ ଉତ୍କଳର ହିତ ସାଧନ କରିବାରେ ବ୍ରତୀ ହୋଇଥିଲେ । ଗତ ୪୦ ବର୍ଷ ମଧ୍ୟରେ ଉତ୍କଳର ଉନ୍ନତି ଲାଗି ଯେଉଁ ସମସ୍ତ ଆନ୍ଦୋଳନ ହୋଇଅଛି ବିଶ୍ୱନାଥ ସେ ସମସ୍ତ ପ୍ରତ୍ୟେକର ପୁରୋଭାଗରେ ରହି ନିଜର ଶକ୍ତି ସାମର୍ଥ୍ୟ ବିନିଯୋଗ କରି ଆସିଅଛନ୍ତି । ଖଣ୍ଡ ବିଖଣ୍ଡ ଉତ୍କଳ ଦେଶର ଏକତ୍ରୀକରଣ ଲାଗି କୁଳବୃଦ୍ଧ ପ୍ରାତଃସ୍ମରଣୀୟ ମଧୁସୂଦନଙ୍କ ଉଦ୍ୟମରେ ଯେତେ-ବେଳେ ରାଜର୍ଷି ଶ୍ରୀରାମଚନ୍ଦ୍ରଙ୍କ ସଭାପତିତ୍ୱରେ 'ଉତ୍କଳ ସମ୍ମିଳନୀ' ର ପ୍ରଥମ ଅଧିବେଶନ ହେଲା, ସେହି ଦିନଠାରୁ ଉତ୍କଳର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ସମ୍ମିଳନୀମଣ୍ଡପ ବିଶ୍ୱନାଥଙ୍କ ବକ୍ତୃତାର ବଜ୍ର-ନିର୍ଘୋଷରେ ନିନାଦିତ ହେଉଥିଲା । ବିଶ୍ୱନାଥଙ୍କ ବକ୍ତୃତା ସେ କାଳରେ ଗୋଟିଏ ଦେଖିବାର କଥା ଓ ଦେଖାଇବାର କଥା ଥିଲା । 'ଉତ୍କଳ ସମ୍ମିଳନୀ' ର ୨ୟ ବର୍ଷର ବାର୍ଷିକ ଅଧିବେଶନ ବେଳେ ସେହି ରାଜର୍ଷି ଶ୍ରୀରାମଚନ୍ଦ୍ରଙ୍କ ସଭାପତିତ୍ୱରେ ମଧୁସୂଦନ, ନନ୍ଦକିଶୋର, ଚନ୍ଦ୍ରଶେଖର, ଅଭିରାମ, ବ୍ରଜସୁନ୍ଦର ପ୍ରଭୃତି ସାହିତ୍ୟସେବକ ସାହିତ୍ୟବନ୍ଧୁମାନଙ୍କ ସହାୟତାରେ 'ଉତ୍କଳ ସାହିତ୍ୟ ସମାଜ' ର ପ୍ରଥମ ବାର୍ଷିକ ଅଧିବେଶନ ଆରମ୍ଭ ହେଲା । ପ୍ରତିବର୍ଷ 'ସମ୍ମିଳନୀ' କାର୍ଯ୍ୟ ସଙ୍ଗେ ସଙ୍ଗେ 'ସାହିତ୍ୟ ସମାଜ' ର ବାର୍ଷିକ ଅଧିବେଶନ ମଧ୍ୟ ମହା ସମାରୋହରେ ଉତ୍କଳର ବିଭିନ୍ନ ସ୍ଥାନମାନଙ୍କରେ ହୋଇ ଆସୁଥିଲା । ସେହି ସବୁ ସାହିତ୍ୟ-ସଭାମଣ୍ଡପର ନୀରବତା, ନିର୍ଜୀ-ବତା ଭାଙ୍ଗୁଥିଲା ବିଶ୍ୱନାଥଙ୍କର ବଜ୍ରନିନାଦିନୀ ବକ୍ତୃତା । ତାଙ୍କର ବକ୍ତୃତା ହିମାଳୟର ଶିରୋଦେଶର ପତିତପାବନୀ ଗଙ୍ଗାଧାରା ପରି କଳକଳ ଛଳଛଳ ନାଦରେ ଦିଗ୍‌ବିଦିଗ କମ୍ପାଇ ବହି ଯାଉଥିଲା । ଆଜି ଯେତେବେଳେ ସ୍ୱଦେଶୀ ଆନ୍ଦୋଳନ ଭାରତର ବିଭିନ୍ନ ପ୍ରଦେଶରେ ଚିନ୍ତା ଓ କାର୍ଯ୍ୟରେ ହୁମୂଳ ବିପ୍ଳବ ସୃଷ୍ଟି କରିଥିଲା, ସେତେବେଳେ ଉତ୍କଳଖଣ୍ଡରେ ସେହି ଜାତୀୟ ଆନ୍ଦୋଳନର ଏକ-ମାତ୍ର ନେତା ଥିଲେ ବିଶ୍ୱନାଥ । ସେ କାୟିକ, ମାନସିକ କ୍ଳେଶ

Digitized by srujanika@gmail.com

ଓ ରାଜଦ୍ୱାରରେ ଦଣ୍ଡିତ ହେବାର ଆଶଙ୍କାରୁ ତିଳେ ମାତ୍ର ମନରେ ସ୍ଥାନ ନ ଦେଇ ସାମାନ୍ୟ କେତେ ଜଣ ମାତ୍ର ଅନୁଗାମୀଙ୍କୁ ନେଇ ସେ ଆନ୍ଦୋଳନରେ ପତଙ୍ଗ ପରି ପଡ଼ି ଯାଇଥିଲେ । ସେ ସମୟରେ ସେ ରାଜନୈତିକ ଚରମପନ୍ଥୀ ହିସାବରେ ଯେଉଁ ସବୁ ଅଗ୍ନିମୟୀ ବକ୍ତୃତା ଦେଉଥିଲେ ତାହା ଶୀତଳ ଶୋଣିତକୁ ଉଷ୍ଣ କରି ଦେଉଥିଲା; ଶ୍ଳଥ, ଜଡ଼ତା ଓ ଅବସାଦପୂର୍ଣ୍ଣ ପ୍ରାଣରେ ଉନ୍ମାଦନା ଆଣୁଥିଲା —ତାହା ଶିକ୍ଷିତ ବ୍ୟକ୍ତିର ଜୀବନର ବାସ୍ତବିକ ଉପଭୋଗର ସାମଗ୍ରୀ ଥିଲା । ଏହି ବାଗ୍ମିତା ବିଶ୍ୱନାଥଙ୍କୁ ବହୁକାଳ ଯାଏ ଉତ୍କଳରେ ସ୍ମରଣ କରାଇ ରଖିବ । ବକ୍ତୃତାରେ ତାଙ୍କର ଅସାଧାରଣ ଶବ୍ଦଯୋଜନା ଓ ଭାବସମ୍ଭାର ଦେଖି ମନେ ହେଉଥିଲା ଯେପରି ଭାଷା ଆପେ ଆପେ ଦାସତ୍ୱ ସ୍ୱୀକାର କରି ତାଙ୍କର ଓଜସ୍ୱିନୀ ଭାବରାଶିକୁ ବହନ କରି ନେଇ ଯାଉଥିଲା । ତାଙ୍କର ଯୌବନର ଓ ପ୍ରୌଢ଼ ବୟସର ବକ୍ତୃତା ଶୁଣିବାକୁ ଲୋକେ ସଭାମଣ୍ଡପକୁ ଚାତକ ପରି ଅନାଇ ବସୁଥିଲେ । ସେ ବକ୍ତୃତାର ଭାଷା ଝଙ୍କାରମୟୀ ଥିଲା—ଯେ ଶୁଣୁଥିଲା ତାହାର ହୃଦୟତନ୍ତ୍ରୀକୁ ଅତର୍କିତ ଭାବରେ ଝଙ୍କାରିତ କରି ଦେଉଥିଲା ।



ପରଲୋକଗତ ଶ୍ରୀଯୁକ୍ତ ବିଶ୍ୱନାଥ କର

ଭଲ ଲେଖି ପାରିବା ବା ଭଲ କହି ପାରିବା ବିଶ୍ୱନାଥଙ୍କ ଜୀବନର କେବଳ ମାତ୍ର ସୁଗୁଣ ନ ଥିଲା । କେବଳ ଏହି ଗୁଣ ନେଇ କେହି ସଂସାରରେ ଏତେ ଲୋକଙ୍କର ପ୍ରାଣକୁ ଅଧିକାର କରି ପାରେ ନାହିଁ । ତାଙ୍କର ଜୀବନ ନାନା ମହତ୍ତ୍ୱରେ ପୂର୍ଣ୍ଣ ଥିଲା । ସେ ଦରିଦ୍ର ଦେଶର ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ମନ ବଡ଼ ଥିଲା, ତାଙ୍କର ଆଖି ବଡ଼ ଥିଲା । ସେ କ୍ଷୁଦ୍ର ନୀଚ ଜାତୀୟତା ବା ସାମ୍ପ୍ରଦାୟିକତାର ବଡ଼ ବିରୋଧୀ ଥିଲେ, ଭାରତଖଣ୍ଡକୁ ନିଜର ଦେଶ ମଣୁଥିଲେ ଏବଂ ତାଙ୍କର ସ୍ୱଦେଶପ୍ରେମ ମହାଭାରତୀୟତାରେ ପୂର୍ଣ୍ଣ ଥିଲା । ଜାତିଧର୍ମବର୍ଣ୍ଣନିର୍ବିଶେଷରେ ସମସ୍ତଙ୍କୁ ସ୍ନେହ କରିବା ତାଙ୍କର ସ୍ୱଭାବ ଥିଲା । ସେ ଗୁଣର ବଡ଼ ଆଦର କରୁଥିଲେ । ସାହିତ୍ୟକ୍ଷେତ୍ରରେ ସେ ନିଜେ ଅବଶ୍ୟ ବହୁତ ଗୁଡ଼ିଏ ଲେଖି ଯାଇ ନାହାନ୍ତି; ମାତ୍ର ତାହାଙ୍କର ସାହଚର୍ଯ୍ୟ ଓ ସାହସ ପାଇ ଆଧୁନିକ ଉତ୍କଳରେ କେତେ ଯୁବକ ଯେ ଜାତୀୟ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଅଛନ୍ତି ଓ ଲେଖକ ହୋଇ ପାରିଅଛନ୍ତି ତାହା ଗଣନା କରି ହେବ ନାହିଁ । ସେ ସର୍ବଦା ସାହିତ୍ୟର ଆଦର୍ଶ ଉଚ୍ଚ ରଖୁଥିଲେ ଏବଂ ସେଥି ପ୍ରତି ଉଦୀୟମାନ ଶକ୍ତିଶାଳୀ ଯୁବକମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ । ଯୁବକ ଲେଖକମାନଙ୍କ ପ୍ରତି ତାଙ୍କର ଯେଉଁ ଦୟା ସ୍ନେହ ଥିଲା, ତାହା ଆଉ କାହାରଠାରେ ମିଳିବ ନାହିଁ । ଯେଉଁମାନେ ସେହି ଦୟା ଓ ସ୍ନେହ ଲାଭ କରିଅଛନ୍ତି ସେମାନେ ତାହାକୁ ସେମାନଙ୍କ ଜୀବନର ଅପରିଶୋଧନୀୟ ଋଣ ଭାବି ଚିର ଜୀବନ ସେହି ସଦାଶୟ ମହାନୁଭବ ପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବେ । ଦେଶରେ ଶକ୍ତିଶାଳୀ ସଜୀବ ସାହିତ୍ୟ ସୃଷ୍ଟି କରିବା ତାଙ୍କର ଜୀବନର ଆଶା ଓ ଆକାଙ୍କ୍ଷା ଥିଲା । ତାଙ୍କ ଜୀବନର ଅଗ୍ନି ଓ ଆବେଗ କେତେକ ଶକ୍ତିଶାଳୀ ଶିକ୍ଷିତ ଯୁବକଙ୍କର ହୃଦୟ ସ୍ପର୍ଶ କରିଅଛି । ଆଶା ହୁଏ, ସମୟକ୍ରମେ ସେମାନଙ୍କର ସମ୍ମିଳିତ ଚେଷ୍ଟାରେ ଏ ଦେଶରେ ଜାତୀୟ ସାହିତ୍ୟ ନବ ଜୀବନ ଲାଭ କରିବ । ଭଗବାନଙ୍କ କୃପାରୁ ଯେତେବେଳେ ଏ ଦେଶରେ

Digitized by srujanika@gmail.com

ଏହି ସଚେତନ ସାହିତ୍ୟ ଜଗତ୍ ପରିଗ୍ରହ କରିବ ସେତେବେଳେ ବିଶ୍ୱନାଥଙ୍କୁ ଗୁରୁରୂପେ ପରବର୍ତ୍ତୀ ବଂଶଧରମାନେ ଗ୍ରହଣ କରିବେ ।

ସାଧାରଣ ଜୀବନ ପରି ବିଶ୍ୱନାଥଙ୍କର ପାରିବାରିକ ଜୀବନ ଶୁଦ୍ଧ, ଉନ୍ନତ, ଶ୍ରୀସମ୍ପନ୍ନ ଓ ବଡ଼ ମଧୁର ଥିଲା । ସେ ସାଧାରଣ ଗୃହସ୍ଥ ଥିଲେ ମଧ୍ୟ ନିଜର ପିଲାମାନଙ୍କୁ କେତେବେଳେ ଅଭାବ ଅସୁବିଧାରେ ପକାଇବାର ଭାବ ମଧ୍ୟ ପୋଷଣ କରି ପାରୁ ନ ଥିଲେ । ଶିକ୍ଷାଦାନ ବିଷୟରେ ସେ ପୁତ୍ରକନ୍ୟାମାନଙ୍କ ମଧ୍ୟରେ କିଛି ପାର୍ଥକ୍ୟ ଦେଖୁ ନ ଥିଲେ । ଉତ୍କଳର ଉଚ୍ଚ ଶିକ୍ଷିତା ଲଳନାମାନଙ୍କ ମଧ୍ୟରେ ତାଙ୍କର ଦୁଇ କନ୍ୟା ନର୍ମଦା ଓ ସୁପ୍ରଭାଙ୍କର ସ୍ଥାନ ରହିଅଛି । ଉଭୟେ ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷା ପାଇ ଅଛନ୍ତି । ପୁତ୍ରକନ୍ୟାମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟପାଇଁ ସେ କୌଣସି ତ୍ୟାଗ ବା କ୍ଳେଶକୁ ଅଧିକ ମନେ କରୁ ନ ଥିଲେ । ଅର୍ଥର ଅଭାବରେ ଶେଷ ଜୀବନ ନିଜେ ନାନା ଅସୁବିଧା ଭୋଗ କରୁଥିଲେ ହେଁ ତାହାଙ୍କର ପରିବାରର କାହାକୁ ସେ ସମ୍ବାଦ ଜାଣିବାକୁ ଦେଉ ନ ଥିଲେ । ତରୁଣ ବୟସରୁ ପୈତୃକ ସାମାଜିକ ଗଣ୍ଡି ପରିତ୍ୟାଗ କରି ଆସିଥିଲେ ହେଁ କଟକରେ ତାଙ୍କର ଗୃହ ସେହି ରକ୍ଷଣଶୀଳ ପୈତୃକ ବଂଶର ବହୁ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ପୂର୍ଣ୍ଣ ଥିଲା ଏବଂ ସେ ନିଜର ପିଲାଙ୍କପରି ସେମାନଙ୍କୁ ଦେଖି ସେମାନଙ୍କର ଶିକ୍ଷାଦୀକ୍ଷାର ସମ୍ୟକ ବିଧାନ କରୁଥିଲେ । ଆତ୍ମୀୟସ୍ୱଜନ ତ ଦୂରର କଥା, ତାଙ୍କର ଭୃତ୍ୟମାନଙ୍କ ପ୍ରତି ସ୍ନେହ ଆଦରର କଥା ଶୁଣିଲେ ଅବାକ୍ ହେବାକୁ ହୁଏ । ତାଙ୍କର ପୁରାତନ ଭୃତ୍ୟ ଲଛମନକୁ କିଛି କଠୋର ବ୍ୟବହାର ନ କରିବାକୁ ବା କର୍କଶ କଥା ନ କହିବାକୁ ନିଜର ପୁତ୍ରକନ୍ୟାମାନଙ୍କୁ ଆଦେଶ ଥିଲା । ସେ ବୃଦ୍ଧ ହୋଇ ଭୃତ୍ୟର କିଛି କାର୍ଯ୍ୟ ବିଶେଷ ଭାବରେ କରି ନ ପାରିଲେ ମଧ୍ୟ ତାହାକୁ ପେନ୍‌ସନ୍ ଭୋଗୀ କର୍ମଗୃଷ୍ଟରୂପେ ଗ୍ରହଣ କରିବାକୁ ତାଙ୍କର ପରିବାର ପ୍ରତି ଦୃଢ଼ ଉପଦେଶ ଥିଲା । ଆତ୍ମୀୟସ୍ୱଜନଙ୍କ ବ୍ୟତୀତ ଏହି ସ୍ନେହ-ମମତା-ପ୍ରତିପାଳିତ ଭୃତ୍ୟମାନେ ମଧ୍ୟ ଆଜି ତାଙ୍କର ବିଚ୍ଛେଦରେ ଅଶ୍ରୁ ବର୍ଷଣ କରୁଅଛନ୍ତି ।

ବିଶ୍ୱନାଥଙ୍କ ଜୀବନ ତେଜସ୍ୱୀ ବୀର ପୁରୁଷର ଜୀବନ । ସେଠାରେ ଚକ୍ଷୁଲଜ୍ଜାର ସ୍ଥାନ ନ ଥିଲା । ସେ ଯାହା ସତ୍ୟ ବୋଲି ବୁଝୁଥିଲେ ତାହା ମନ ଖୋଲି କହିବାକୁ କେତେବେଳେ କୁଣ୍ଠା ବୋଧ କରୁ ନ ଥିଲେ । କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କର ଶିଷ୍ୟ ଥାଇ ମଧ୍ୟ ସେ ସେ ଦୁହିଁଙ୍କର ଲେଖାକୁ ଭାଷା ଓ ଭାବ ଦିଗରୁ ନିର୍ମମ ଭାବରେ ସମାଲୋଚନା କରିବାକୁ କେବେ ହେଁ ସଙ୍କୋଚ ବୋଧ କରୁ ନ ଥିଲେ । ସେହି ନିର୍ଭୀକତା ଓ ସ୍ୱାଧୀନ ଭାବୁକତା ଲାଗି ରାଧାନାଥ ମଧୁସୂଦନ ବିଶ୍ୱନାଥଙ୍କୁ ଅଧିକ ସ୍ନେହ କରୁଥିଲେ । ଗଙ୍ଗାଧର ଓ ନନ୍ଦକିଶୋର ଦୁହିଁଙ୍କୁ କବିତାରାଜ୍ୟକୁ ନିମନ୍ତ୍ରଣ କରି ସେମାନଙ୍କର ପ୍ରାଥମିକ ଆଦର ଅଭ୍ୟର୍ଥନା କରିଛନ୍ତି ବିଶ୍ୱନାଥ । ନନ୍ଦକିଶୋର ତରୁଣ ବୟସରେ ଭାଷା ଓ ଭାବରେ ନୂତନତ୍ୱ ନେଇ ଯେତେବେଳେ ଉତ୍କଳ ସାହିତ୍ୟ ସଂସାରରେ ଅବତୀର୍ଣ୍ଣ ହେଲେ ବିଶ୍ୱନାଥ ତାହାଙ୍କୁ ସାରସ୍ୱତ ଧାମକୁ ସ୍ୱାଗତ ସମ୍ଭାଷଣ ସହକାରେ ଅଭିନନ୍ଦନ କରି ନେଇଥିଲେ । ତାଙ୍କର 'ପଲ୍ଲୀଚିତ୍ର' 'ନିର୍ଝରିଣୀ' 'ବସନ୍ତକୋକିଳ' 'କୃଷ୍ଣକୁମାରୀ' ପ୍ରଭୃତିର ରଚନା ବେଳେ ବିଶ୍ୱନାଥ 'ଉତ୍କଳ ସାହିତ୍ୟ'ର ସମ୍ପାଦକ ରୂପେ ତାଙ୍କର କବିତାର ବିଶେଷତ୍ୱକୁ ଲୋକ ସମାଜରେ ପ୍ରଚାରିତ କରିବାକୁ ଯେଉଁ ସାହାଯ୍ୟ ଓ ସହାନୁଭୂତି ଦେଇଥିଲେ ତାହା ଆଜି କାଲି ତରୁଣ ସାହିତ୍ୟ ସେବକଙ୍କୁ ଆଉ କିଏ ଦିଏ ? ସେପରି ପରିପୂର୍ଣ୍ଣ ପ୍ରାଣରେ ନବୀନ ସାହିତ୍ୟସେବକଙ୍କୁ ଆଜି ଆଉ କିଏ ସ୍ନେହର କଥା, ଉତ୍ସାହର କଥା ଶୁଣାଏ ? ଗଙ୍ଗାଧରଙ୍କ କବି ଜୀବନର ପ୍ରାଥମିକ ଅବସ୍ଥାରେ ତାଙ୍କର 'ମହିମା' ଓ 'ଇନ୍ଦୁମତୀ'କୁ ପାଠକ ସମାଜ ସମକ୍ଷରେ କିଏ ଆଦର ଓ ଯତ୍ନରେ ଆଣି ଦେଖାଇ ଥିଲା ? କବି ଗଙ୍ଗାଧରଙ୍କର ଆର୍ଥିକ ଦୁର୍ଦ୍ଦଶାର ଦୂରୀକରଣ ଲାଗି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସଙ୍ଗେ ସାହଚର୍ଯ୍ୟ କରି କିଏ ନାନା ଯତ୍ନ କରିଥିଲା ଓ 'କୀଚକବଧ' କିପରି ଛାପାଖାନାରୁ ବାହାରି ଉତ୍କଳ ସଂସାର ଦେଖିଥିଲା ? ଏ ସବୁର ମୂଳରେ ବିଶ୍ୱନାଥ ଥିଲେ । କାମପାଳ, ଅଭିରାମ, ନନ୍ଦକିଶୋର, ଗଙ୍ଗାଧର, ଗୋପାଳଚନ୍ଦ୍ର, ଚନ୍ଦ୍ରଶେଖରଙ୍କ ଠାରୁ ଆରମ୍ଭକରି ଅନନ୍ତଦାଶଙ୍କର, କାଳିନ୍ଦୀଚରଣ, ଶରତ୍‌ଚନ୍ଦ୍ର, କ୍ଷିତୀଶଚନ୍ଦ୍ର, ମାୟାଧର, ସଚ୍ଚିଦାନନ୍ଦଙ୍କ ପର୍ଯ୍ୟନ୍ତ ଆଧୁନିକ ଉତ୍କଳର ପ୍ରାୟ ସମସ୍ତ ଲେଖକ ଓ ଗ୍ରନ୍ଥକାର ବିଶ୍ୱନାଥଙ୍କର ଶିଷ୍ୟତ୍ୱ ଗ୍ରହଣ କରି ତାଙ୍କରିଦ୍ୱାରା ନିଜ ନିଜର ଲେଖାମାନ ସଂଶୋଧନ କରିବାର ସୌଭାଗ୍ୟ ଲାଭ କରି ନିଜକୁ ଧନ୍ୟ ମନେ କରିଅଛନ୍ତି, ଏହା କହିଲେ ବୋଧହୁଏ କେହି ଅତ୍ୟୁକ୍ତି ବୋଲି ମନେ କରିବେ ନାହିଁ । ସେ ସୁରୁଚିର ସର୍ବଦା ପକ୍ଷପାତୀ ଥିଲେ । ସାହିତ୍ୟ ନାମରେ ଉତ୍କଟ ବିଷ ସମାଜରେ ପ୍ରବେଶ ଲାଭ କରି ସାମାଜିକ ପବିତ୍ରତା ନଷ୍ଟ କରିବାର ଦେଖିଲେ ସେ କାହାରି ଚକ୍ଷୁଲଜ୍ଜାକୁ ନ ଅନାଇ ବଡ଼ ତୀବ୍ର ଭାବରେ ତାହାର ସମାଲୋଚନା କରୁଥିଲେ । କବିବର ରାଧାନାଥଙ୍କ 'ପାର୍ବତୀ' କାବ୍ୟ ପ୍ରକାଶିତ ହେବା ସମୟରେ ସେଥିରେ ସାମାଜିକ ଆଦର୍ଶ ଓ ସୁରୁଚିର ବ୍ୟତିକ୍ରମ ଦେଖି ସେ ବଡ଼ ଦକ୍ଷତାର ସହିତ ନିର୍ଦ୍ଦୟ ଭାବରେ ତାତ୍କାଳୀନ ସମ୍ବାଦପତ୍ରିକା 'ସମ୍ବଲପୁର ହିତୈଷିଣୀ'ରେ ସମାଲୋଚନା କରିବାକୁ ତିଳେ ମାତ୍ର ସଙ୍କୋଚ ବୋଧ କରି ନ ଥିଲେ । ନିଜେ ରାଧାନାଥ ସେ ଯୁକ୍ତିପୂର୍ଣ୍ଣ ଲେଖାର ଯାଥାର୍ଥ୍ୟ ହୃଦୟଙ୍ଗମ କରି ବିଶ୍ୱନାଥଙ୍କୁ ତାଙ୍କର ସ୍ୱାଧୀନ ମତବାଦ ପ୍ରକାଶ କରିବାର କ୍ଷମତା ଲାଗି ଭୂୟସୀ ପ୍ରଶଂସା କରିଥିଲେ । ପଣ୍ଡିତ ଆର୍ତ୍ତତ୍ରାଣ ଶତପଥୀ ଯେତେବେଳେ 'ବାସବଦତ୍ତା'ର ପଦ୍ୟାନୁବାଦ ପ୍ରଥମ ବାର ପ୍ରକାଶ କଲେ ସେତେବେଳେ ବିଶ୍ୱନାଥ ତାହାର ତୀବ୍ର ସମାଲୋଚନା କରିଥିଲେ । ଏହିପରି ଯେତେବେଳେ ଯାହା ତାଙ୍କୁ ସମାଜହାନିକର ଓ ରୁଚିବିଗର୍ହିତ ଲେଖା ବୋଲି ମନେ ହେଉଥିଲା ସେଥିରେ ଯେତେ ସାହିତ୍ୟିକ ଉତ୍କର୍ଷ ଥାଉ ପଛକେ ଏବଂ ଲେଖକ ଯେତେ ସମ୍ମାନାସ୍ପଦ ବ୍ୟକ୍ତି ହୁଅନ୍ତୁ ନା କାହିଁକି ସେ ସେସବୁ ପ୍ରତି ଦୃଷ୍ଟି ନ ଦେଇ ବଡ଼ ସ୍ୱାଧୀନ ଭାବରେ ନିଜର ମତ ବ୍ୟକ୍ତ କରୁଥିଲେ । 'ଉତ୍କଳ ସାହିତ୍ୟ'ର ସେହି ସ୍ୱାଧୀନ ମତ ପ୍ରକାଶର କ୍ଷମତା ଥିବାରୁ ଏ ଦେଶର ସାହିତ୍ୟିକମାନେ ସେ କାଗଜର ସମାଲୋଚନାକୁ

Digitized by srujanika@gmail.com

ସମ୍ମାନର ସହିତ ଗ୍ରହଣ କରୁଥିଲେ । ବିଶ୍ୱନାଥ ଯେ କେବଳ ଯୁବକ ଲେଖକମାନଙ୍କର ଉତ୍ସାହଦାତା ଥିଲେ ତାହା ନୁହେଁ, ପ୍ରାଚୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁମାନଙ୍କର ଲିଖନସ୍ପୃହା ଥିଲା, ବିଶ୍ୱନାଥ ସେମାନଙ୍କ ସଙ୍ଗେ ବରାବର ଲାଗି ସେମାନଙ୍କଠାରୁ ମଧ୍ୟ 'ଉତ୍କଳ-ସାହିତ୍ୟ' ପାଇଁ ଲେଖା ଆଦାୟ କରୁଥିଲେ । ଏହି ସବୁ ଲେଖାର ସଂଶୋଧନରେ ତାଙ୍କର ବହୁ ସମୟ ବ୍ୟୟିତ ହେଉଥିଲା । ବ୍ୟାସ-କବି ଫକୀର ମୋହନଙ୍କ ଲେଖାରୁ ଆଣି ଛାପାଖାନାର ଉପଯୋଗୀ କରିବା ସହଜ କଥା ନ ଥିଲା । ସେ ସବୁର ସଂଶୋଧନ କାର୍ଯ୍ୟ ସେ ନିଜ ହସ୍ତରେ ଗ୍ରହଣ କରୁଥିଲେ । ଏହିପରି ନାନା ଶ୍ରେଣୀୟ ଲେଖକ ସଂଗ୍ରହ କରି ପାରୁଥିବାରୁ 'ଉତ୍କଳସାହିତ୍ୟ'ର ପ୍ରଥମ ଅବସ୍ଥାରେ ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ସଙ୍ଗେ ଗୋବିନ୍ଦଚନ୍ଦ୍ର ମହାପାତ୍ର, ସାମନ୍ତ ରାଜନାରାୟଣ ଦାସ, ଭୋଳାନାଥ ସାମନ୍ତରାୟ, ରମାନାଥ ଦାସ ପ୍ରଭୃତି ଅନେକ ଲେଖକ 'ସାହିତ୍ୟ'ର ପୃଷ୍ଠପୋଷକ ଓ ଲେଖକ ଥିଲେ । ବିଭିନ୍ନ ଶ୍ରେଣୀର ଲେଖକଙ୍କୁ ଆଦର ସମ୍ମାନ କରି ଆଣି 'ଉତ୍କଳ ସାହିତ୍ୟ'ର କଳେବରକୁ ସୁ-ସମ୍ପନ୍ନ କରିବା ତାଙ୍କର ସବୁ କାଳେ ପ୍ରାଣର ବାସନା ଥିଲା ଏବଂ ସେଥିଲାଗି ସେ କୌଣସି କ୍ଷତିକୁ କ୍ଷତି ବୋଲି ଗଣୁ ନ ଥିଲେ ।

ବିଶ୍ୱନାଥ ନାନା ଭାବରେ ଉତ୍କଳରେ ସୁପରିଚିତ; ମାତ୍ର ଜାତୀୟ ସାହିତ୍ୟର ଉନ୍ନତିକଳ୍ପେ ସେ ନିଜେ ଯାହା କରିଅଛନ୍ତି ଏବଂ ସାହାଯ୍ୟ ସହାନୁଭୂତିଦ୍ୱାରା ଅନ୍ୟମାନଙ୍କଦ୍ୱାରା ଯାହା କରାଇ ପାରି ଅଛନ୍ତି ତାହା ଆଧୁନିକ କାଳର ସାହିତ୍ୟସେବକମାନେ କୃତଜ୍ଞତାର ସହିତ ବହୁକାଳ ସ୍ମରଣ କରିବେ । ସେ ନିଜେ ଜଣେ ଶକ୍ତିଶାଳୀ ଲେଖକ ଓ ଅସାଧାରଣ ବାଗ୍ମୀ ଥିଲେ । ତାଙ୍କର ଭାଷା ପ୍ରାଞ୍ଜଳ, ସରଳ ଓ ଓଜସ୍ୱିନୀ । ସେ କୌଣସି ବିଷୟରେ ବେଶି ଲେଖି ନ ଥିଲେ ବା କହି ନ ଥିଲେ; କିନ୍ତୁ ଯାହା କହିଥିଲେ ବା ଲେଖି-ଥିଲେ ସେଥିରେ ଏତେ ଶକ୍ତି ଥିଲା ଯେ ତାହା ଶ୍ରୋତା ବା ପାଠକଙ୍କର ପ୍ରାଣର ଗଭୀରତମ ପ୍ରଦେଶକୁ ସ୍ପର୍ଶ କରୁଥିଲା । ତାଙ୍କର ବାକ୍ୟ-ଗୁଡ଼ିକ ତାଙ୍କର ହୃଦୟର ଭିତରୁ ଆସି ସମସ୍ତଙ୍କର ହୃଦୟ ସ୍ପର୍ଶ କରି ପାରୁଥିଲା । ନୂତନ ଉତ୍କଳ ପ୍ରଦେଶ ଗଠିତ ହୋଇ ଜାତିର ଜାଗରଣର ଆରମ୍ଭ ସମୟରେ ତାଙ୍କ ପରି ଜଣେ ଶକ୍ତିଶାଳୀ ଦେଶ-ସେବକଙ୍କୁ ହରାଇବା ଦେଶ ପକ୍ଷରେ ଦୁର୍ଭାଗ୍ୟର କଥା । ଆଜି ତାହାଙ୍କର ବନ୍ଧୁ ବାନ୍ଧବମାନେ—ସେମାନେ ବିଶ୍ୱନାଥଙ୍କଠାରୁ କି ସ୍ନେହମମତା ଆଦରଅଭ୍ୟର୍ଥନା ପାଉଥିଲେ, ତାହା ସେହିମାନେ ଆଜି ପ୍ରାଣେ ପ୍ରାଣେ ଅନୁଭବ କରୁଅଛନ୍ତି ଏବଂ ସେଥି ସଙ୍ଗେ ସଙ୍ଗେ ଦୀର୍ଘ ନିଶ୍ୱାସ ତ୍ୟାଗ କରୁଅଛନ୍ତି । ସେ ଏକାଧାରରେ ଯେପରି ବଜ୍ର ପରି କଠିନ ଥିଲେ ସେହିପରି ମଧ୍ୟ କୁସୁମ ପରି କୋମଳ ଥିଲେ । ତାହାଙ୍କର ବିୟୋଗରେ ଉତ୍କଳର ସାଧାରଣ କାର୍ଯ୍ୟ-କ୍ଷେତ୍ରରେ, ବିଶେଷତଃ ସାହିତ୍ୟ କ୍ଷେତ୍ରରେ, ଗୋଟିଏ ବିଶିଷ୍ଟ ସ୍ଥାନ ଶୂନ୍ୟ ହେଲା । ସେ ସ୍ଥାନ କେବେ କିପରି ପୂର୍ଣ୍ଣ ହେବ ତାହା ସେହି ଭାଗ୍ୟବିଧାତାଙ୍କୁ ଜଣା ।

---

# ମୟୂରଭଞ୍ଜର ଅଙ୍କ

**ଶ୍ରୀ ପରମାନନ୍ଦ ଅଗ୍ରୱାଲ**

ଓଡ଼ିଶାରେ ପ୍ରଚଳିତ ସମସ୍ତ ପାଞ୍ଜିରେ ଖୁର୍ଦ୍ଧା ରାଜାଙ୍କର 'ଅଙ୍କ'ର ଉଲ୍ଲେଖ ଥିବାର ଦେଖାଯାଏ । ଭୋଇ ବଂଶର ରାଜାମାନଙ୍କର ଅଙ୍କ ପ୍ରଚଳନ ଓଡ଼ିଶାର ଅନେକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲେଖ ଅଛି ।

ସପ୍ତମ, ଅଷ୍ଟମ ବା ନବମ ଶତାବ୍ଦୀର ତାମ୍ର ଶାସନ ଗୁଡ଼ିକରେ ଯେଉଁ ସମ୍ବତ୍‌ର ବ୍ୟବହାର ଦେଖାଯାଏ ତାହା କଦାପି 'ଅଙ୍କ' ସମ୍ବତ୍ ନୁହେଁ । ସୋମବଂଶୀ କେଶରୀବଂଶ ଓ ତତ୍‌ପରବର୍ତ୍ତୀ ଗାଙ୍ଗବଂଶର ରାଜାମାନଙ୍କର ସମସାମୟିକ ଲିପିରେ ଯେଉଁ 'ବିଜୟ, ରାଜ୍ୟ ସମ୍ବତ୍ସର'ର ଉଲ୍ଲେଖ ଦେଖାଯାଏ ତାହାକୁ ଆଧୁନିକ 'ଅଙ୍କ' ସହିତ ଏକ ବୋଲି ଧରି ଯାଇପାରେ । ଏଣୁ ଓଡ଼ିଶାରେ ଅଙ୍କ ପ୍ରଚଳନର ସମୟ ଖ୍ରୀଷ୍ଟୀୟ ୯ମ ବା ୧୦ମ ଶତାବ୍ଦୀ ବୋଲି ନିର୍ଦ୍ଦେଶ କରି ଯାଇପାରେ ।

ମୟୂରଭଞ୍ଜ ମହାରାଜାମାନଙ୍କର ଦାନପତ୍ରାଦିରେ ନିଜ ନିଜର ଅଙ୍କ ଲେଖା ଅଛି । ମାତ୍ର ଖିଚିଙ୍ଗ ରାଜଧାନୀରୁ ପ୍ରଦତ୍ତ ରଣ ଭଞ୍ଜ ଦେବଙ୍କର ତମ୍ବା ପଟାରେ ଯେଉଁ ୨୮ ସମ୍ବତ୍ ଲେଖା ଅଛି ତାହା ହର୍ଷସମ୍ବତ୍ ବୋଲି ପଣ୍ଡିତ ବିନାୟକ ମିଶ୍ର ମହାଶୟ ସ୍ଥିର କରି-ଅଛନ୍ତି । ରଣ ଭଞ୍ଜଙ୍କ ପରବର୍ତ୍ତୀ ରାଜାମାନଙ୍କର ତମ୍ବା ପଟାରେ କୌଣସି ସମ୍ବତ୍‌ର ଉଲ୍ଲେଖ ନାହିଁ । ଏଥିରୁ ଅନୁମାନ ହୁଏ ଯେ ସେ ସମୟରେ ମୟୂରଭଞ୍ଜରେ ରାଜାଙ୍କର ସମ୍ବତ୍ ବା ଅଙ୍କ ଚଳୁ ନ ଥିଲା । ମୟୂରଭଞ୍ଜରେ ରାଜାମାନଙ୍କର ସ୍ୱକୀୟ ଅଙ୍କ ପ୍ରଚଳନ ସମ୍ବନ୍ଧେ 'ଭଞ୍ଜବଂଶମାଳିକା' ନାମକ ତାଳପତ୍ର ପୋଥିରେ ନିମ୍ନ-ଲିଖିତ ବିବରଣ ଲିଖିତ ଅଛି ।

"ଏ ରଜା ଶ୍ରୀ ଠାକୁର ବାବାଙ୍କୁ ଦେଖି ଶ୍ରୀ ପୁରୁଷୋତ୍ତମରେ କ୍ଷେତ୍ରବାସ କଲେ । ବଡ଼ କୁଅଁରଙ୍କୁ ରାଜ୍ୟରେ ରଖାଇ ଗଲେ ।

ଏକ୍ରୁ ସଚେତନ ସାହିତ୍ୟ ଜନ୍ମ ପରିଗ୍ରହ କରିବ ସେତେବେଳେ ବିଶ୍ୱନାଥଙ୍କୁ ଗୁରୁରୂପେ ପରବର୍ତ୍ତୀ ବଂଶଧରମାନେ ଗ୍ରହଣ କରିବେ ।

ସାଧାରଣ ଜୀବନ ପରି ବିଶ୍ୱନାଥଙ୍କର ପାରିବାରିକ ଜୀବନ ଶୁଦ୍ଧି, ଉନ୍ନତ, ଶ୍ରୀସମ୍ପନ୍ନ ଓ ବଡ଼ ମଧୁର ଥିଲା । ସେ ସାଧାରଣ ଗୃହସ୍ଥ ଥିଲେ ମଧ୍ୟ ନିଜର ପିଲାମାନଙ୍କୁ କେତେବେଳେ ଅଭାବ ଅସୁବିଧାରେ ପକାଇବାର ଭାବ ମଧ୍ୟ ପୋଷଣ କରି ପାରୁ ନ ଥିଲେ । ଶିକ୍ଷାଦାନ ବିଷୟରେ ସେ ପୁତ୍ରକନ୍ୟାମାନଙ୍କ ମଧ୍ୟରେ କିଛି ପାର୍ଥକ୍ୟ ଦେଖୁ ନ ଥିଲେ । ଉତ୍କଳର ଉଚ୍ଚ ଶିକ୍ଷିତା ଲଳନାମାନଙ୍କ ମଧ୍ୟରେ ତାଙ୍କର ଦୁଇ କନ୍ୟା ନର୍ମଦା ଓ ସୁପ୍ରଭାଙ୍କର ସ୍ଥାନ ରହିଅଛି । ଉଭୟେ ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷା ପାଇ ଅଛନ୍ତି । ପୁତ୍ରକନ୍ୟାମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟପାଇଁ ସେ କୌଣସି ତ୍ୟାଗ ବା କ୍ଲେଶକୁ ଅଧିକ ମନେ କରୁ ନ ଥିଲେ । ଅର୍ଥର ଅଭାବରେ ଚିର ଜୀବନ ନିଜେ ନାନା ଅସୁବିଧା ଭୋଗ କରୁଥିଲେ ହେଁ ତାହାଙ୍କର ପରିବାରର କାହାକୁ ସେ ସମ୍ବାଦ ଜାଣିବାକୁ ଦେଉ ନ ଥିଲେ । ତରୁଣ ବୟସରୁ ପୈତୃକ ସାମାଜିକ ଗଣ୍ଡି ପରିତ୍ୟାଗକରି ଆସିଥିଲେ ହେଁ କାଠକଟର ତାଙ୍କର ଗୃହ ସେହି ରକ୍ଷଣଶୀଳ ପୈତୃକ ବଂଶର ବହୁ ଆତ୍ମୀୟ-ସ୍ୱଜନଙ୍କ ଦ୍ୱାରା ପୂର୍ଣ୍ଣ ଥିଲା ଏବଂ ସେ ନିଜର ପିଲାଙ୍କପରି ସେମାନଙ୍କୁ ଦେଖି ସେମାନଙ୍କର ଶିକ୍ଷାଦୀକ୍ଷାର ସମ୍ୟକ ବିଧାନ କରୁଥିଲେ । ଆତ୍ମୀୟସ୍ୱଜନ ତ ଦୂରର କଥା, ତାଙ୍କର ଭୃତ୍ୟମାନଙ୍କ ପ୍ରତି ସ୍ନେହ ଆଦରର କଥା ଶୁଣିଲେ ଅବାକ୍ ହେବାକୁ ହୁଏ । ତାଙ୍କର ପୁରାତନ ଭୃତ୍ୟ ଲଛମନକୁ କିଛି କଠୋର ବ୍ୟବହାର ନ କରିବାକୁ ବା କର୍କଶ କଥା ନ କହିବାକୁ ନିଜର ପୁତ୍ରକନ୍ୟାମାନଙ୍କୁ ଆଦେଶ ଥିଲା । ସେ ବୃଦ୍ଧ ହୋଇ ଭୃତ୍ୟର କିଛି କାର୍ଯ୍ୟ ବିଶେଷ ଭାବରେ କରି ନ ପାରିଲେ ମଧ୍ୟ ତାହାକୁ ପେନ୍‌ସନ୍ ଭୋଗୀ କର୍ମଚାରୀରୂପେ ଗ୍ରହଣ କରିବାକୁ ତାଙ୍କର ପରିବାର ପ୍ରତି ଦୃଢ଼ ଉପଦେଶ ଥିଲା । ଆତ୍ମୀୟସ୍ୱଜନଙ୍କ ବ୍ୟତୀତ ଏହି ସ୍ନେହ-ମମତା-ପ୍ରତିପାଳିତ ଭୃତ୍ୟମାନେ ମଧ୍ୟ ଆଜି ତାଙ୍କର ବିଚ୍ଛେଦରେ ଅଶ୍ରୁ ବର୍ଷଣ କରୁଅଛନ୍ତି ।

ବିଶ୍ୱନାଥଙ୍କ ଜୀବନ ତେଜସ୍ୱୀ ବୀର ପୁରୁଷର ଜୀବନ । ସେଠାରେ ଚକ୍ଷୁଲଜ୍ଜାର ସ୍ଥାନ ନ ଥିଲା । ସେ ଯାହା ସତ୍ୟ ବୋଲି ବୁଝୁଥିଲେ ତାହା ମନ ଖୋଲି କହିବାକୁ କେତେବେଳେ କୁଣ୍ଠା ବୋଧ କରୁ ନ ଥିଲେ । କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କର ଶିଷ୍ୟ ଥାଇ ମଧ୍ୟ ସେ ସେ ଦୁହିଁଙ୍କର ଲେଖାକୁ ଭାଷା ଓ ଭାବ ଦିଗରୁ ନିର୍ମମ ଭାବରେ ସମାଲୋଚନା କରିବାକୁ କେବେ ହେଁ ସଙ୍କୋଚ ବୋଧ କରୁ ନ ଥିଲେ । ସେହି ନିର୍ଭୀକତା ଓ ସ୍ୱାଧୀନ ଭାବୁକତା ଲାଗି ରାଧାନାଥ ମଧୁସୂଦନ ବିଶ୍ୱନାଥଙ୍କୁ ଅଧିକ ସ୍ନେହ କରୁଥିଲେ । ଗଙ୍ଗାଧର ଓ ନନ୍ଦକିଶୋର ଦୁହିଁଙ୍କୁ କବିତାରାଜ୍ୟକୁ ନିମନ୍ତ୍ରଣ କରି ସେମାନଙ୍କର ପ୍ରାଥମିକ ଆଦର ଅଭ୍ୟର୍ଥନା କରିଛନ୍ତି ବିଶ୍ୱନାଥ । ନନ୍ଦକିଶୋର ତରୁଣ ବୟସରେ ଭାଷା ଓ ଭାବରେ ନୂତନତ୍ୱ ଘେନି ଯେତେବେଳେ ଉତ୍କଳ ସାହିତ୍ୟ ସଂସାରରେ ଅବତୀର୍ଣ୍ଣ ହେଲେ ବିଶ୍ୱନାଥ ତାହାଙ୍କୁ ସାରସ୍ୱତ ଧାମକୁ ସ୍ୱାଗତ ସମ୍ଭାଷଣ ସହକାରେ ଅଭିନନ୍ଦନ କରି ନେଇଥିଲେ । ତାଙ୍କର 'ପଲ୍ଲୀଚିତ୍ର' 'ନିର୍ଝରିଣୀ' 'ବସନ୍ତକୋକିଳ' 'କୃଷ୍ଣକୁମାରୀ' ପ୍ରଭୃତିର ରଚନା ବେଳେ ବିଶ୍ୱନାଥ 'ଉତ୍କଳ ସାହିତ୍ୟ'ର ସମ୍ପାଦକ ରୂପେ ତାଙ୍କର କବିତାର ବିଶେଷତ୍ୱକୁ ଲୋକ ସମାଜରେ ପ୍ରଚାରିତ କରିବାକୁ ଯେଉଁ ସାହାଯ୍ୟ ଓ ସହାନୁଭୂତି ଦେଇଥିଲେ ତାହା ଆଜି କାଲି ତରୁଣ ସାହିତ୍ୟ ସେବକଙ୍କୁ ଆଉ କିଏ ଦିଏ ? ସେପରି ପରିପୂର୍ଣ୍ଣ ପ୍ରାଣରେ ନବୀନ ସାହିତ୍ୟ-ସେବକଙ୍କୁ ଆଜି ଆଉ କିଏ ସ୍ନେହର କଥା, ଉତ୍ସାହର କଥା ଶୁଣାଏ ? ଗଙ୍ଗାଧରଙ୍କ କବି ଜୀବନର ପ୍ରାଥମିକ ଅବସ୍ଥାରେ ତାଙ୍କର 'ମହିମା' ଓ 'ଇନ୍ଦୁମତୀ'କୁ ପାଠକ ସମାଜ ସମ୍ମୁଖରେ କିଏ ଆଦର ଓ ଯତ୍ନରେ ଆଣି ଦେଖାଇ ଥିଲା ? କବି ଗଙ୍ଗାଧରଙ୍କର ଆର୍ଥିକ ଦୁର୍ଦ୍ଦଶାର ଦୂରୀକରଣ ଲାଗି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସଙ୍ଗେ ସାହଚର୍ଯ୍ୟ କରି କିଏ ନାନା ଯତ୍ନ କରିଥିଲା ଓ 'କୀଚକବଧ' କପରି ଛାପାଖାନାରୁ ବାହାରି ଉନ୍ମୁକ୍ତ ସଂସାର ଦେଖିଥିଲା ? ଏ ସବୁର ମୂଳରେ ବିଶ୍ୱନାଥ ଥିଲେ । କାମପାଳ, ଅଭିରାମ, ନନ୍ଦକିଶୋର, ଗଙ୍ଗାଧର, ଗୋପାଳଚନ୍ଦ୍ର, ଚନ୍ଦ୍ରଶେଖରଙ୍କ ଠାରୁ ଆରମ୍ଭକରି ଅନ୍ନଦାଶଙ୍କର, କାଳନ୍ଦୀଚରଣ, ଶରତ୍‌ଚନ୍ଦ୍ର, କ୍ଷିତୀଶଚନ୍ଦ୍ର, ମାୟାଧର, ସଚ୍ଚିଦାନନ୍ଦଙ୍କ ପର୍ଯ୍ୟନ୍ତ ଆଧୁନିକ ଉତ୍କଳର ପ୍ରାୟ ସମସ୍ତ ଲେଖକ ଓ ଗ୍ରନ୍ଥକାର ବିଶ୍ୱନାଥଙ୍କର ଶିଷ୍ୟତ୍ୱ ଗ୍ରହଣ କରି ତାଙ୍କରିଦ୍ୱାରା ନିଜ ନିଜର ଲେଖାମାନ ସଂଶୋଧନ କରିବାର ସୌଭାଗ୍ୟ ଲାଭ କରି ନିଜକୁ ଧନ୍ୟ ମନେ କରିଅଛନ୍ତି, ଏହା କହିଲେ ବୋଧହୁଏ କେହି ଅତ୍ୟୁକ୍ତି ବୋଲି ମନେ କରିବେ ନାହିଁ । ସେ ସୁରୁଚିର ସର୍ବଦା ପକ୍ଷପାତୀ ଥିଲେ । ସାହିତ୍ୟ ନାମରେ ଉତ୍କଟ ବିଷ ସମାଜରେ ପ୍ରବେଶ ଲାଭ କରି ସାମାଜିକ ପବିତ୍ରତା ନଷ୍ଟ କରିବାର ଦେଖିଲେ ସେ କାହାର ଚକ୍ଷୁଲଜ୍ଜାକୁ ନ ଅନାଇ ବଡ଼ ତୀବ୍ର ଭାବରେ ତାହାର ସମାଲୋଚନା କରୁଥିଲେ । କବିବର ରାଧାନାଥଙ୍କ 'ପାର୍ବତୀ' କାବ୍ୟ ପ୍ରକାଶିତ ହେବା ସମୟରେ ସେଥିରେ ସାମାଜିକ ଆଦର୍ଶର ଓ ସୁରୁଚିର ବ୍ୟତିକ୍ରମ ଦେଖି ସେ ବଡ଼ ଦକ୍ଷତାର ସହିତ ନିର୍ଦ୍ଦୟ ଭାବରେ ତାତ୍‌କାଳୀନ ସମ୍ବାଦପତ୍ରିକା 'ସମ୍ବଲପୁର ହିତୈଷିଣୀ'ରେ ସମାଲୋଚନା କରିବାକୁ ତିଳେ ମାତ୍ର ସଙ୍କୋଚ ବୋଧ କରି ନ ଥିଲେ । ନିଜେ ରାଧାନାଥ ସେ ଯୁକ୍ତିପୂର୍ଣ୍ଣ ଲେଖାର ଯାଥାର୍ଥ୍ୟ ହୃଦୟଙ୍ଗମ କରି ବିଶ୍ୱନାଥଙ୍କୁ ତାଙ୍କର ସ୍ୱାଧୀନ ମତବାଦ ପ୍ରକାଶ କରିବାର କ୍ଷମତା ଲାଗି ଭୂୟସୀ ପ୍ରଶଂସା କରିଥିଲେ । ପଣ୍ଡିତ ଆର୍ତ୍ତତ୍ରାଣ ଶତପଥୀ ଯେତେବେଳେ 'ବାସବଦତ୍ତା'ର ପଦ୍ୟାନୁବାଦ ପ୍ରଥମ ବାର ପ୍ରକାଶ କଲେ ସେତେବେଳେ ବିଶ୍ୱନାଥ ତାହାର ତୀବ୍ର ସମାଲୋଚନା କରିଥିଲେ । ଏହିପରି ଯେତେବେଳେ ଯାହା ତାଙ୍କୁ ସମାଜହାନିକର ଓ ରୁଚିବିଗର୍ହିତ ଲେଖା ବୋଲି ମନେ ହେଉଥିଲା ସେଥିରେ ଯେତେ ସାହିତ୍ୟିକ ଉତ୍କର୍ଷ ଥାଉ ପଛକେ ଏବଂ ଲେଖକ ଯେତେ ସମ୍ମାନାସ୍ପଦ ବ୍ୟକ୍ତି ହୁଅନ୍ତୁ ନା କାହିଁକି ସେ ସେସବୁ ପ୍ରତି ଦୃଷ୍ଟି ନ ଦେଇ ବଡ଼ ସ୍ୱାଧୀନ ଭାବରେ ନିଜର ମତ ବ୍ୟକ୍ତ କରୁଥିଲେ । 'ଉତ୍କଳ ସାହିତ୍ୟ'ର ସେହି ସ୍ୱାଧୀନ ମତ ପ୍ରକାଶର କ୍ଷମତା ଥିବାରୁ ଏ ଦେଶର ସାହିତ୍ୟିକମାନେ ସେ କାଗଜର ସମାଲୋଚନାକୁ

Digitized by srujanika@gmail.com

ସମ୍ମାନର ସହିତ ଗ୍ରହଣ କରୁଥିଲେ । ବିଶ୍ୱନାଥ ଯେ କେବଳ ଯୁବକ ଲେଖକମାନଙ୍କର ଉତ୍ସାହଦାତା ଥିଲେ ତାହା ନୁହେ, ପ୍ରାଚୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁମାନଙ୍କର ଲିଖନସ୍ପୃହା ଥିଲା, ବିଶ୍ୱନାଥ ସେମାନଙ୍କ ସଙ୍ଗେ ବରାବର ଲାଗି ସେମାନଙ୍କଠାରୁ ମଧ୍ୟ 'ଉତ୍କଳ-ସାହିତ୍ୟ' ପାଇଁ ଲେଖା ଆଦାୟ କରୁଥିଲେ । ଏହି ସବୁ ଲେଖାର ସଂଶୋଧନରେ ତାଙ୍କର ବହୁ ସମୟ ବ୍ୟୟିତ ହେଉଥିଲା । ବ୍ୟାସ-କବି ଫକୀର ମୋହନଙ୍କ ଲେଖାକୁ ଆଣି ଛାପାଖାନାର ଉପଯୋଗୀ କରିବା ସହଜ କଥା ନ ଥିଲା । ସେ ସବୁର ସଂଶୋଧନ କାର୍ଯ୍ୟ ସେ ନିଜ ହସ୍ତରେ ଗ୍ରହଣ କରୁଥିଲେ । ଏହିପରି ନାନା ଶ୍ରେଣୀୟ ଲେଖକ ସଂଗ୍ରହ କରି ପାରୁଥିବାରୁ 'ଉତ୍କଳସାହିତ୍ୟ'ର ପ୍ରଥମ ଅବସ୍ଥାରେ ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ସଙ୍ଗେ ଗୋବିନ୍ଦଚନ୍ଦ୍ର ମହାପାତ୍ର, ସାମନ୍ତ ରାଜନାରାୟଣ ଦାସ, ଭୋଳାନାଥ ସାମନ୍ତରାୟ, ରମାନାଥ ଦାସ ପ୍ରଭୃତି ଅନେକ ଲେଖକ 'ସାହିତ୍ୟ'ର ପୃଷ୍ଠପୋଷକ ଓ ଲେଖକ ଥିଲେ । ବିଭିନ୍ନ ଶ୍ରେଣୀର ଲେଖକଙ୍କୁ ଆଦର ସମ୍ମାନ କରି ଆଣି 'ଉତ୍କଳ ସାହିତ୍ୟ'ର କଳେବରକୁ ଶ୍ରୀ-ସମ୍ପନ୍ନ କରିବା ତାଙ୍କର ସବୁ କାଳେ ପ୍ରାଣର ବାସନା ଥିଲା ଏବଂ ସେଥିଲାଗି ସେ କୌଣସି କ୍ଷତିକୁ କ୍ଷତି ବୋଲି ଗଣୁ ନ ଥିଲେ ।

ବିଶ୍ୱନାଥ ନାନା ଭାବରେ ଉତ୍କଳରେ ସୁପରିଚିତ; ମାତ୍ର ଜାତୀୟ ସାହିତ୍ୟର ଉନ୍ନତିକଳ୍ପେ ସେ ନିଜେ ଯାହା କରିଅଛନ୍ତି ଏବଂ ସାହାଯ୍ୟ ସହାନୁଭୂତିଦ୍ୱାରା ଅନ୍ୟମାନଙ୍କଦ୍ୱାରା ଯାହା କରାଇ ପାରିଅଛନ୍ତି ତାହା ଆଧୁନିକ କାଳର ସାହିତ୍ୟସେବକମାନେ କୃତଜ୍ଞତାର ସହିତ ବହୁକାଳ ସ୍ମରଣ କରିବେ । ସେ ନିଜେ ଜଣେ ଶକ୍ତିଶାଳୀ ଲେଖକ ଓ ଅସାଧାରଣ ବାଗ୍ମୀ ଥିଲେ । ତାଙ୍କର ଭାଷା ପ୍ରାଞ୍ଜଳ, ସରଳ ଓ ଓଜସ୍ୱିନୀ । ସେ କୌଣସି ବିଷୟରେ ବେଶି ଲେଖୁ ନ ଥିଲେ ବା କହୁ ନ ଥିଲେ; କିନ୍ତୁ ଯାହା କହୁଥିଲେ ବା ଲେଖୁଥିଲେ ସେଥିରେ ଏତେ ଶକ୍ତି ଥିଲା ଯେ ତାହା ଶ୍ରୋତା ବା ପାଠକଙ୍କର ପ୍ରାଣର ଗଭୀରତମ ପ୍ରଦେଶକୁ ସ୍ପର୍ଶ କରୁଥିଲା । ତାଙ୍କର ବାକ୍ୟଗୁଡ଼ିକ ତାଙ୍କର ହୃଦୟର ଭିତରୁ ଆସି ସମସ୍ତଙ୍କର ହୃଦୟ ସ୍ପର୍ଶ କରି ପାରୁଥିଲା । ନୂତନ ଉତ୍କଳ ପ୍ରଦେଶ ଗଠିତ ହୋଇ ଜାତିର ଜାଗରଣର ଆରମ୍ଭ ସମୟରେ ତାଙ୍କ ପରି ଜଣେ ଶକ୍ତିଶାଳୀ ଦେଶ-ସେବକଙ୍କୁ ହରାଇବା ଦେଶ ପକ୍ଷରେ ଦୁର୍ଭାଗ୍ୟର କଥା । ଆଜି ତାହାଙ୍କର ବନ୍ଧୁ ବାନ୍ଧବମାନେ—ସେମାନେ ବିଶ୍ୱନାଥଙ୍କଠାରୁ କି ସ୍ନେହମମତା ଆଦରଅଭ୍ୟର୍ଥନା ପାଉଥିଲେ, ତାହା ସେହିମାନେ ଆଜି ପ୍ରାଣେ ପ୍ରାଣେ ଅନୁଭବ କରୁଅଛନ୍ତି ଏବଂ ସେଥି ସଙ୍ଗେ ସଙ୍ଗେ ଦୀର୍ଘ ନିଶ୍ୱାସ ତ୍ୟାଗ କରୁଅଛନ୍ତି । ସେ ଏକାଧାରରେ ଯେପରି ବଜ୍ର ପରି କଠିନ ଥିଲେ ସେହିପରି ମଧ୍ୟ କୁସୁମ ପରି କୋମଳ ଥିଲେ । ତାହାଙ୍କର ବିୟୋଗରେ ଉତ୍କଳର ସାଧାରଣ କାର୍ଯ୍ୟ-କ୍ଷେତ୍ରରେ, ବିଶେଷତଃ ସାହିତ୍ୟ କ୍ଷେତ୍ରରେ, ଗୋଟିଏ ବିଶିଷ୍ଟ ସ୍ଥାନ ଶୂନ୍ୟ ହେଲା । ସେ ସ୍ଥାନ କେବେ କିପରି ପୂର୍ଣ୍ଣ ହେବ ତାହା ସେହି ଭାଗ୍ୟବିଧାତାଙ୍କୁ ଜଣା ।

---

# ମୟୂରଭଞ୍ଜର ଅଙ୍କ

**ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ**

ଓଡ଼ିଶାରେ ପ୍ରଚଳିତ ସମସ୍ତ ପାଞ୍ଜିରେ ପୁରୀ ରାଜାଙ୍କର 'ଅଙ୍କ'ର ଉଲ୍ଲେଖ ଥିବାର ଦେଖାଯାଏ । ଭୋଇ ବଂଶର ରାଜାମାନଙ୍କର ଅଙ୍କ ପ୍ରଚଳନ ଓଡ଼ିଶାର ଅନେକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲେଖ ଅଛି ।

ସପ୍ତମ, ଅଷ୍ଟମ ବା ନବମ ଶତାବ୍ଦୀର ତାମ୍ର ଶାସନ ଗୁଡ଼ିକରେ ଯେଉଁ ସମ୍ବତର ବ୍ୟବହାର ଦେଖାଯାଏ ତାହା କଦାପି 'ଅଙ୍କ' ସମ୍ବତ୍ ନୁହେ । ସୋମବଂଶୀ କେଶରୀବଂଶ ଓ ତତ୍ପରବର୍ତ୍ତୀ ଗଙ୍ଗବଂଶର ରାଜାମାନଙ୍କର ସମସାମୟିକ ଲିପିରେ ଯେଉଁ 'ବିଜୟ, ରାଜ୍ୟ ସମ୍ବତ୍ସର'ର ଉଲ୍ଲେଖ ଦେଖାଯାଏ ତାହାକୁ ଆଧୁନିକ 'ଅଙ୍କ' ସହିତ ଏକ ବୋଲି ଧରି ଯାଇପାରେ । ଏଣୁ ଓଡ଼ିଶାରେ ଅଙ୍କ ପ୍ରଚଳନର ସମୟ ଖ୍ରୀଷ୍ଟୀୟ ୯ମ ବା ୧୦ମ ଶତାବ୍ଦୀ ବୋଲି ନିର୍ଦ୍ଦେଶ କରି ଯାଇପାରେ ।

ମୟୂରଭଞ୍ଜ ମହାରାଜାମାନଙ୍କର ଦାନପତ୍ରାଦିରେ ନିଜ ନିଜର ଅଙ୍କ ଲେଖା ଅଛି । ମାତ୍ର ଖିଚିଙ୍ଗ ରାଜଧାନୀରୁ ପ୍ରଦତ୍ତ ରଣ ଭଞ୍ଜ ଦେବଙ୍କର ତମ୍ବା ପଟାରେ ଯେଉଁ ୨୮୮ ସମ୍ବତ୍ ଲେଖା ଅଛି ତାହା ହର୍ଷସମ୍ବତ୍ ବୋଲି ପଣ୍ଡିତ ବିନାୟକ ମିଶ୍ର ମହାଶୟ ସ୍ଥିର କରି-ଅଛନ୍ତି । ରଣ ଭଞ୍ଜଙ୍କ ପରବର୍ତ୍ତୀ ରାଜାମାନଙ୍କର ତମ୍ବା ପଟାରେ କୌଣସି ସମ୍ବତର ଉଲ୍ଲେଖ ନାହିଁ । ଏଥିରୁ ଅନୁମାନ ହୁଏ ଯେ ସେ ସମୟରେ ମୟୂରଭଞ୍ଜରେ ରାଜାଙ୍କର ସମ୍ବତ୍ ବା ଅଙ୍କ ଚଳୁ ନ ଥିଲା । ମୟୂରଭଞ୍ଜରେ ରାଜାମାନଙ୍କର ସ୍ୱକୀୟ ଅଙ୍କ ପ୍ରଚଳନ ସମ୍ବନ୍ଧେ 'ଭଞ୍ଜବଂଶମାଳିକା' ନାମକ ତାଳପତ୍ର ପୋଥିରେ ନିମ୍ନ-ଲିଖିତ ବିବରଣୀ ଲିଖିତ ଅଛି ।

"ଏ ରଜା ଶ୍ରୀ ଟୀକାଏତ ବାବାଙ୍କୁ ନେଇ ଶ୍ରୀ ପୁରୁଷୋତ୍ତମରେ କ୍ଷେତ୍ରବାସ କଲେ । ବଡ଼ କୁଅଁରଙ୍କୁ ରାଜ୍ୟରେ ରଖାଇ ଗଲେ ।




Digitized by srujanika@gmail.com

ତିନି ବରଷ ଉତାରୁଂ ଏ ରଜାଙ୍କର ସ୍ୱର୍ଗବାସ ହେଲା । ଏ ପାଟମହାଦେଈ ଅଗ୍ନି ପ୍ରବେଶ ହେଲେ । ଏମନ୍ତ ସମସ୍ତଠାରୁଂ ଏ ଟୀକାଏତ ବାବୁକୁଂ ଶ୍ରୀ ମୌଳିମଣି ଗଜପତି ମହାରାଜା ଅନୁଗ୍ରହ କରି ଗହଣରେଂ ନେଇ ପିତୃକାର୍ଯ୍ୟ କରାଇ ରଖିଥିଲେ । ଏ ଟୀକାଏତ ତହିଂରେ ଥାଇ ଘୋଡ଼ା ଚଢ଼ି ପ୍ରଜ୍ଞା ଦେଖାଇ ନାମ ଖ୍ୟାତ ହେଲେ । ଉଡ଼ୀଶା ରାଜ୍ୟରେ ସମସ୍ତେ ଜାଣିଲେ । ସେ ଗଜପତି ରାଜା ଏହାଙ୍କୁ ଯେମାଦେଈଙ୍କୁଂ ବିଭା ଦେଲେ । ବିଭା ମଣ୍ଡପରେ ବସି ତାଙ୍କୁ ଜଉତୁକ ମାଗି ବାରିପଦା ଦେସ ଛଅ ଗ୍ରାମ ଦଣ୍ଡପାଟକୁ ମୈଧ ଯଉତୁକ କରି ଆଣିଲେ । ଆପଣା ରାଜ୍ୟରେ ସମସ୍ତେ ମୋଅ ଅଙ୍କ କାଟିବେ ରାଜରାଜୁଡ଼ାକୁ ମୋହର ଅଙ୍କ କାଟି ଦେଣ ଚଳାଇବାଂ ଏହା ମାଗି ତମ୍ବାପଟା ସନନ୍ଦ ଆଣିଲେ । ଏହି ଦିନ ଶ୍ରୀ ମହାପ୍ରଭୁଙ୍କଂ ଯାଗ ମଣ୍ଡା ଦିନ ଏହି ବିଭା ମଣ୍ଡପରେ ରାଜାରାଣୀଙ୍କଂ ଗଜପତି ଠେଣି ଦେଇ ସମ୍ଭାର ଚଳାଇ ରାଜ୍ୟକୁ ପଠାଇଲେ । ଏ ଦିନଠାରୁ ଶ୍ରୀ ଜଗନ୍ନାଥ ଭଞ୍ଜଦେବ ମହାରାଜା ଅଙ୍କ କାଟି ଚଳାଇଲେ । ”

ମହାରାଜା ଜଗନ୍ନାଥ ଭଞ୍ଜଦେବଙ୍କ ପରେ ମହାରାଜା ବୈଦ୍ୟନାଥ ଭଞ୍ଜ । ‘ ରସିକ ମଙ୍ଗଳ ’ ଅନୁସାରେ ବୈଦ୍ୟନାଥ ଭଞ୍ଜ ଖ୍ରୀ: ୧୬୩୦ ପୂର୍ବେ ରାଜ୍ୟଶାସନ କରୁଥିଲେ । ବାରିପଦାର ବଡ଼ ଜଗନ୍ନାଥ ମନ୍ଦିରର ଲିପି ଅନୁସାରେ ବୈଦ୍ୟନାଥ ଭଞ୍ଜ ଖ୍ରୀ: ୧୫୭୫ ରେ ଉକ୍ତ ମନ୍ଦିର ନିର୍ମାଣ କରାଇ ଥିଲେ । ବୈଦ୍ୟନାଥ ଭଞ୍ଜଙ୍କର କୌଣସି ସନନ୍ଦ ମିଳି ନ ଥିବାରୁ ସେ କେବେ ରାଜା ହୋଇଥିଲେ ତାହା ଠିକ୍ କରି ହେଉ ନାହିଁ । ମନ୍ଦିର ନିର୍ମାଣ କରିବାର ଅଳ୍ପ ଦିନ ପୂର୍ବେ ସେ ରାଜା ହୋଇଥିଲେ ମଧ୍ୟ ତାଙ୍କର ରାଜତ୍ୱର ଆରମ୍ଭ କାଳ ଖ୍ରୀ: ୧୫୭୦ ବୋଲି ଧରି ଯାଇ ପାରେ । ତାଙ୍କର ବାପ ଓ ଗୋସାଇଁ ବାପଙ୍କର ରାଜତ୍ୱ କାଳ ୨୫ ବର୍ଷ ଲେଖାଏଁ ଧରିଲେ ଜଗନ୍ନାଥ ଭଞ୍ଜଙ୍କର ବିବାହର ସମୟ ଖ୍ରୀ: ୧୫୨୦ରେ ପଡ଼ୁଅଛି । ସେ ସମୟରେ ଓଡ଼ିଶାରେ ପ୍ରତାପରୁଦ୍ର ଦେବ ରାଜପଣ କରୁଥିଲେ । କେଉଁଝରର ବଂଶାବଳୀରୁ ଜଣାଯାଏ ଯେ ପ୍ରତାପରୁଦ୍ରଙ୍କର କନ୍ୟାର ପାଣିଗ୍ରହଣ କରି ଭଞ୍ଜରାଜା ମୟୂରଭଞ୍ଜର ପୂର୍ବାଞ୍ଚଳ ହରିହରପୁର ଜଉତୁକ ପାଇଥିଲେ । ଯାହାହେଉ କେଉଁଝରର ବଂଶାବଳୀ ଓ ‘ବଂଶମାଳିକା’ ର ବିବରଣରେ ଯଥେଷ୍ଟ ସାମଞ୍ଜସ୍ୟ ଥିବାର ଅନୁମିତ ହେଉଅଛି । ଯଦି ଉପରୋକ୍ତ ବିବରଣ ସତ୍ୟମୂଳକ ବୋଲି ଧରାଯାଏ, ତେବେ ଷୋଡ଼ଶ ଶତାବ୍ଦୀର ପ୍ରଥମପାଦ ସମୟରୁ ମୟୂରଭଞ୍ଜରେ ଅଙ୍କ ଚଳି ଆସୁଥିବାର ଅନୁମାନ ଭ୍ରମାତ୍ମକ ନୁହେ ।

ମହାରାଜା ତ୍ରିବିକ୍ରମ ଭଞ୍ଜଦେବଙ୍କର ସନ ୧୦୯୩ ସାଲରେ ପ୍ରଦତ୍ତ ସନନ୍ଦରେ ୩୨ ଅଙ୍କର ଉଲ୍ଲେଖ ଅଛି । ଏହି ସନନ୍ଦଟି ବାହାଣ୍ଡା ପ୍ରଗଣାର କିଶୋରପୁର ନିବାସୀ ମହନ୍ତ ରସିକାନନ୍ଦ ଦେବ ଗୋସ୍ୱାମୀଙ୍କ ଘରେ ଅଛି । ସନନ୍ଦଟିର ଫଟୋଗ୍ରାଫ କ୍ଷୁଦ୍ରାକାରରେ ଏଠାରେ ମୁଦ୍ରିତ ହେଲା । ସନନ୍ଦଟିର ଦୀର୍ଘ ୧୫ ଇଞ୍ଚ ଓ ପ୍ରସ୍ଥ ୫ ଇଞ୍ଚ । ଏହା ଓଡ଼ିଆ, ଫାରସୀ ଓ ଦେବନାଗର ଅକ୍ଷରରେ ଲେଖା ଯାଇ ଅଛି । ରାଜାଙ୍କର ସହି, ‘ ତ୍ର୍ୟମ୍ବକୃଷ୍ଣ ’ ଓ ମୋହରର ଅକ୍ଷର ଦେବନାଗର ଅକ୍ଷରରେ ଓ ଦାନର ବିଷୟ ଓଡ଼ିଆ ଓ ଫାରସୀ ଅକ୍ଷରରେ ଲିଖିତ । ମୋହରରେ ରାଜାଙ୍କର ନାମ ପୂର୍ବେ ତାଙ୍କ ପିତାଙ୍କର ନାମ କୃଷ୍ଣଭଞ୍ଜ ଲିଖିତ ଅଛି । ତତ୍ପରେ “ ଶ୍ରୀ ତ୍ରିବିକ୍ରମ ଭଞ୍ଜ ଦେବ ମହାରାଜାଙ୍କର ୩୨ ଅଙ୍କ ସନ ୧୦୯୩ ସାଲ କିଶୋରପୁର ଦେବାଳୟକୁ ” ଲେଖା ଅଛି । କିଶୋରପୁର ଦେବାଳୟକୁ ଖଞ୍ଜା ଦେଇଥିବା ଜିନିଷ ଗୁଡ଼ିକର ଦାମ ପରିମାଣ ଓଡ଼ିଆ ଓ ଫାରସୀରେ ସନନ୍ଦରେ ଉଲ୍ଲେଖ ଅଛି ।



୧୦୯୩ ସାଲ୍ ଅର୍ଥାତ୍ ୧୬୮୬—୮୭ ଖ୍ରୀଷ୍ଟାବ୍ଦରେ ମହାରାଜା ତ୍ରିବିକ୍ରମ ଭଞ୍ଜଦେବଙ୍କ ଦ୍ୱାରା ପ୍ରଦତ୍ତ ସନନ୍ଦର ଚିତ୍ର

ବର୍ତ୍ତମାନ ପ୍ରଶ୍ନ ହୋଇ ପାରେ ଯେ ଠିକ୍ ୩୨ ବର୍ଷ ରାଜତ୍ୱକାଳ ସହିତ କି ୩୨ ଅଙ୍କ ସମାନ ?

Digitized by srujanika@gmail.com

ଏହାର ଉତ୍ତରରେ ଏତକ କୁହା ଯାଇପାରେ ଯେ ନିମ୍ନଲିଖିତ ଅଙ୍କ ଗଣନାର ନିୟମ ଅନୁସାରେ ୩୨ ଅଙ୍କରେ ଠିକ୍ ୩୨ ବର୍ଷ ରାଜତ୍ୱ କାଳ ନ ହୋଇ ଅନେକ ଊଣା ହୁଏ । କାରଣ ମୟୂରଭଞ୍ଜର ଅଙ୍କ ଗଣନାରେ ୧ମ ବର୍ଷର ରାଜତ୍ୱ କାଳ ୩ ଅଙ୍କ ବୋଲି ଧରାଯାଏ । ଏଣୁ ୧, ୨ ଓ ୬ ସଂଖ୍ୟାଗୁଡ଼ିକ ଗଣନାରେ ସ୍ଥାନ ପାଏ ନାହିଁ । ଏହା ଛଡ଼ା ୬ ସହିତ ସଂଯୁକ୍ତ ଥିବା ସଂଖ୍ୟାଗୁଡ଼ିକ ଯଥା:—୧୬, ୨୬ ଇତ୍ୟାଦି ଓ ୧୦ ବ୍ୟତୀତ ଶୂନ୍ୟଯୁକ୍ତ ସଂଖ୍ୟାଗୁଡ଼ିକ ଯଥା:—୨୦, ୩୦ ଇତ୍ୟାଦି ଗଣନାରେ ଗୃହୀତ ହୁଏ ନାହିଁ । ଏହି ନିୟମ ଅନୁସାରେ ୩୨ ଅଙ୍କରୁ ୧, ୨, ୬, ୧୬, ୨୦, ୨୬ ଓ ୩୦ ସଂଖ୍ୟକ ବର୍ଷଗୁଡ଼ିକ ବାଦ୍ ଦେଲେ ଅର୍ଥାତ୍ ୭ ବର୍ଷ ବାଦ୍ ଦେଲେ ପ୍ରକୃତ ରାଜତ୍ୱ କାଳ ୨୫ ବର୍ଷ ହେଉଅଛି । ଏଣୁ ତ୍ରିବିକ୍ରମ ଭଞ୍ଜ ୧୦୯୩—୨୫=୧୦୬୮ ସାଲରେ ରାଜସିଂହାସନ ଆରୋହଣ କରିଥିଲେ ।

ସାଲକୁ ଖ୍ରୀଷ୍ଟାବ୍ଦରେ ପରିଣତ କରିବାକୁ ହେଲେ ସାଲରେ ୫୯୨ । ୯୩ ସଂଖ୍ୟା ଯୋଗ ଦେଲେ ଖ୍ରୀଷ୍ଟାବ୍ଦ ମିଳେ । କାରଣ ଓଡ଼ିଶାର ସାଲ ସୁନିଆଠାରୁ ଆରମ୍ଭ ହୁଏ । ଏଣୁ ବର୍ଷକ ଭିତରେ ଖ୍ରୀଷ୍ଟାବ୍ଦର ଗୋଟିଏ ବର୍ଷ ଡିସେମ୍ବରରେ ଶେଷ ହୋଇ ଆଉ ଗୋଟିଏ ବର୍ଷ ଚାଲୁଥାଏ । ତେଣୁ ସୁନିଆଠାରୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ୫୯୨ ସଂଖ୍ୟା ଓ ଜାନୁଆରିଠାରୁ ସୁନିଆ ପର୍ଯ୍ୟନ୍ତ ସମୟ ମଧ୍ୟରେ ୫୯୩ ସଂଖ୍ୟା ଯୋଗ ଦେବାକୁ ହୁଏ । ସନ ୧୦୬୮ ରେ ୫୯୨ । ୯୩ ଯୋଗ କଲେ ଖ୍ରୀ: ୧୬୬୦ । ୬୧ ମିଳେ । ଏଥିରୁ ଜଣାଗଲା ଯେ ମହାରାଜା ତ୍ରିବିକ୍ରମ ଭଞ୍ଜ ଖ୍ରୀ: ୧୬୬୦ । ୬୧ ରେ ରାଜସିଂହାସନରେ ବସିଥିଲେ । ସର୍ ଯଦୁନାଥ ସରକାରଙ୍କଦ୍ୱାରା ପ୍ରକାଶିତ **Studies in Moghal India** ନାମକ ପୁସ୍ତକରୁ ଜଣାଯାଏ ଯେ ମହାରାଜା କୃଷ୍ଣଭଞ୍ଜ ଖ୍ରୀ: ୧୬୬୦ ର ନଭେମ୍ବର ମାସରେ ଓଡ଼ିଶାର ମୋଗଲ ଗଭର୍ଣ୍ଣର ଖାଁ ଇକ୍ରାମନଙ୍କଦ୍ୱାରା ଜଲେଶ୍ୱରଠାରେ ନିହତ ହୋଇଥିଲେ । ଏହି କୃଷ୍ଣଭଞ୍ଜ ଓ ତ୍ରିବିକ୍ରମ ଭଞ୍ଜଙ୍କ ପିତା କୃଷ୍ଣଭଞ୍ଜ ଯେ ଏକ ବ୍ୟକ୍ତି ଏଥିରେ ଅଣୁମାତ୍ର ସନ୍ଦେହ କରି ଯାଇ ନ ପାରେ ।

'ରସିକମଙ୍ଗଳ' ପୁସ୍ତକଟି ଖ୍ରୀ: ୧୬୫୫ରେ ସମାପ୍ତ ହୋଇଥିଲା । ଏହି ପୁସ୍ତକରେ ମହାରାଜା କୃଷ୍ଣଭଞ୍ଜଙ୍କର ବନ୍ଦନା ଗ୍ରନ୍ଥକାର ବିସ୍ତୃତ ଭାବରେ କରି ଅଛନ୍ତି । "ରସଲହରୀ" ପୁସ୍ତକରେ ଗ୍ରନ୍ଥକାର ମହାରାଜା ରଘୁନାଥ ଭଞ୍ଜ ଲେଖି ଅଛନ୍ତି:—

"କୃଷ୍ଣଭଞ୍ଜ ନୃପନାମ ।
ତାଙ୍କ ପୁତ୍ର ତ୍ରିବିକ୍ରମ ॥"

ଏଠାରେ ଓଡ଼ିଶାରେ ପ୍ରଚଳିତ ପୁରୀ ମହାରାଜାଙ୍କର ଅଙ୍କ ଗଣନାର ଆଲୋଚନା ଅସଙ୍ଗତ ହେବ ନାହିଁ । ବିମସ୍ ସାହେବ ଖ୍ରୀ: ୧୮୮୩ରେ ଏସିଆଟିକ୍ ସୋସାଇଟି ପତ୍ରିକାର ପୃ ୨୩୪ ରେ ଲେଖି ଅଛନ୍ତି:—

"ପ୍ରଥମ ଦୁଇ ବର୍ଷ ଓ ୬ ଓ ଶୂନ୍ୟଯୁକ୍ତ ବର୍ଷ ଗୁଡ଼ିକ ଗଣନାରୁ ବାଦ ପଡ଼େ । ଏଣୁ ୧, ୨, ୬, ୧୦, ୧୬, ୨୦, ୨୬ ଓ ୩୦ ଇତ୍ୟାଦି ସଂଖ୍ୟାଯୁକ୍ତ ବର୍ଷ ଗୁଡ଼ିକ ଗଣନା କରି ଯାଏ ନାହିଁ ।"

୰ ରାୟବାହାଦୁର ମନମୋହନ ଚକ୍ରବର୍ତ୍ତୀ ମହାଶୟ ଓଡ଼ିଶାର ଅଙ୍କ-ଗଣନା ସମ୍ବନ୍ଧରେ ଲେଖିବାକୁ ଯାଇ କହିଅଛନ୍ତି ଯେ:—

"ଅଙ୍କ ଗଣନାର ନିୟମ ଅନେକେ ଜାଣନ୍ତି ନାହିଁ । ତେଣୁ ତାହାର ବିବରଣ ତଳେ ଲେଖାଗଲା ।

(୧) ୧ ଓ ୧୦ ବ୍ୟତୀତ ସମସ୍ତ ଶୂନ୍ୟ ଓ ୬ ଯୁକ୍ତ ସଂଖ୍ୟା ଗଣା ଯାଏ ନାହିଁ ।

(୨) ମୃତ ରାଜାଙ୍କର ଅଙ୍କ ଓ ନୂତନ ରାଜାଙ୍କର ଅଙ୍କ ଏକ ବର୍ଷ କାଳ ମଧ୍ୟରେ ଗଣାଯାଏ ।

(୩) ନୂତନ ବର୍ଷ ସୁନିଆଠାରୁ ବା ଭାଦ୍ରପଦ ଶୁକ୍ଳ ଦ୍ୱାଦଶୀଠାରୁ ଧରାଯାଏ ।

ବିମସ୍ ଓ ଚକ୍ରବର୍ତ୍ତୀଙ୍କର ନିୟମ ଠିକ୍ ଏକ ନୁହେଁ । ବିମସ୍ ୧୦ ସଂଖ୍ୟା ବାଦ୍ ଦେଇଅଛନ୍ତି ଓ ଚକ୍ରବର୍ତ୍ତୀ ଦୁଇ ସଂଖ୍ୟା ବାଦ୍ ଦେଇଅଛନ୍ତି । ମାତ୍ର ମୟୂରଭଞ୍ଜର ନିୟମ ସହିତ ଏହି ଉଭୟ ନିୟମର ପାର୍ଥକ୍ୟ ଅଛି । ବିମସ୍ଙ୍କ ନିୟମରୁ ୧୦ ସଂଖ୍ୟା ଓ ଚକ୍ରବର୍ତ୍ତୀଙ୍କ ନିୟମରୁ ୨ ସଂଖ୍ୟା ବାଦ୍ ଦେଲେ ଉଭୟ ନିୟମ ମୟୂରଭଞ୍ଜର ନିୟମ ସହିତ ଏକ ହେବ ।

ଏହି ନିୟମ ଜଣା ନ ଥିବାରୁ ବର୍ତ୍ତମାନ ଓଡ଼ିଆ ପାଞ୍ଜିରେ ଚଳୁଥିବା ପୁରୀ ରାଜାଙ୍କର ଅଙ୍କରେ ଭ୍ରମ ଥିବାର ଦେଖାଯାଏ । କାରଣ ତାଙ୍କର ଏକ ବର୍ଷ ରାଜତ୍ୱରେ ୧ ଅଙ୍କ ଧରା ଯାଇଅଛି ।

୧୯୨୬ । ୨୭ ଖ୍ରୀଷ୍ଟାବ୍ଦର ପାଞ୍ଜିରେ ସ୍ୱର୍ଗୀୟ ମୁକୁନ୍ଦଦେବଙ୍କର ୫୧ । ୫୭ ଅଙ୍କ ମୁଦ୍ରିତ ଅଛି । ମାତ୍ର ୧୯୨୭ । ୨୮ ଖ୍ରୀଷ୍ଟାବ୍ଦର ପାଞ୍ଜିରେ ରାମଚନ୍ଦ୍ର ଦେବଙ୍କର ୨ । ୩ ଅଙ୍କ ମୁଦ୍ରିତ ଅଛି । ୧୯୨୭ ସାଲର ସୁନିଆ ପୂର୍ବେ ରାମଚନ୍ଦ୍ର ଦେବ ଗାଦିରେ ବସିଥିଲେ, ତେଣୁ ବିମସ୍ ବା ଚକ୍ରବର୍ତ୍ତୀଙ୍କ ଗଣନା ଅନୁସାରେ ସେହି ବର୍ଷର ସୁନିଆ ପୂର୍ବେ ତାଙ୍କର ୩ ଅଙ୍କ ବା ୨ ଅଙ୍କ ହେବାର କଥା । ମାତ୍ର ପାଞ୍ଜିକାରମାନେ ତାହାକୁ ୧ । ୨ ଅଙ୍କ ବୋଲି ଧରି ଅଛନ୍ତି । ଯଦି ପୁରୀ ରାଜାଙ୍କର ଅଙ୍କ ଗଣନା ପାଞ୍ଜି ଅନୁସାରେ ଠିକ୍ ହୁଏ ତେବେ ବିମସ୍ ବା ଚକ୍ର-ବର୍ତ୍ତୀଙ୍କର ନିୟମରେ ନିଶ୍ଚୟ ଭ୍ରମ ଅଛି ।

ଓଡ଼ିଶାର ଇତିହାସରେ ଅଙ୍କ ଗଣନାର ନିୟମ ଉପରେ ଅନେକ ତଥ୍ୟର ସତ୍ୟାସତ୍ୟ ନିର୍ଭର କରୁଥିବାରୁ ଏ ବିଷୟରେ ବିଶେଷଜ୍ଞମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛି ।

Digitized by srujanika@gmail.com

# ଅତୀତ

ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ

( ୧ )

ହେ ଅତୀତ ସର୍ବଗ୍ରାସି, ସର୍ବାତ୍ମକ, ପରମନିର୍ବାଣ,
ପ୍ରତି କ୍ଷଣେ ଗର୍ଭେ ତବ ଚରମୃତ୍ୟୁ ଲଭେ ବର୍ତ୍ତମାନ !
ଦୁର୍ବାର ତରଙ୍ଗ ତବ ଧୀରେ ଧୀରେ ନିଶବ୍ଦ ସଞ୍ଚାରେ
ଅନାଗତ-ଆଗତର ବେଳାଭୂମି ନିରତେ ସଂହାରେ ;
ଅବିରାମ ତୁମ୍ଭର ପ୍ରଗତି
ରୋଧିବାକୁ ଜଗତର ନାହିଁ ଯୁକ୍ତି, ନାହିଁ ଓ ଶକତି !

( ୨ )

ସୃଷ୍ଟିର ପ୍ରଥମ ପ୍ରାତୁଁ ନିରନ୍ତର ପ୍ରତି ପଳେ ପଳେ
ନରନର କେତେ ସ୍ୱର୍ଗ ଲୀନ ହେଲା ତବ ଗର୍ଭତଳେ !
କେତେ କାର ପ୍ରିୟଜନ, ଅନ୍ତରର ବାଞ୍ଛିତା ବାଞ୍ଛିତ,
କେତେ ଶତ ଶାନ୍ତିକାନ୍ତି ଦୁଃଖେ ସୁଖେ ଚିର ଆକାଂକ୍ଷିତ
ଯୁଗାନ୍ତର ତୁମ୍ଭର ଜଠରେ
ଚିର-ଲୁପ୍ତ ହେଲା ହିନା ବସ୍ତୁଛର ପ୍ରଗାଢ଼ ତମରେ !

( ୩ )

ବିଶ୍ୱ ଯେଣୁ ଜାଣେ, ତାର ଶ୍ରେଷ୍ଠ କାମ୍ୟ ପ୍ରିୟତମ ଯାହା,
ତୁମ୍ଭର କ୍ଷୁଧିତ ଆସ୍ୟେ ଦବାଗ୍ନି ଦେଇଯାଏ ତାହା ;
ସେଥିପାଇଁ, ରୁକ୍ଷ ପଥେ ଚାଲି ଚାଲି କ୍ଷୀଣ ଦୃଷ୍ଟିପାତେ,
କାତର ବ୍ୟଥିତ-ପ୍ରାଣେ ବାରମ୍ବାର ଚାହିଁ ସେ ପଶ୍ଚାତେ,
କହେ ସଦା ବାଷ୍ପ-ଆକୁଳିତ
"ଫେରାଇ ଦିଅ ଗୋ ଥରେ, ନେଇଛ ଯା' ହେ ଦସ୍ୟୁ—ଅତୀତ !"

( ୪ )

ନିଖିଳ ଜଗତ ଭରି ଉଠେ ସଦା ଏ ଆର୍ତ୍ତ କ୍ରନ୍ଦନ,
ଉଠେ ନିତ୍ୟ ଉଦ୍‌ବେଗେ ଚରାଚରେ ଏହି ଆବେଦନ,
ଏତେ ଦୁଃଖ, ଏତେ ବ୍ୟଥା, ଏତେ ଭିକ୍ଷା ଦୀନ ଅଶ୍ରୁଜଳେ,
ଲୁପ୍ତ ହୁଏ ଧୀରେ ଧୀରେ ତୁମ୍ଭ ତମ-ଯବନିକା ତଳେ !
ସ୍ମୃତି ଖାଲି ବୁଲଇ ସଞ୍ଚରି,
ସ୍ଥିର ତବ ବକ୍ଷୋପରେ ଅତି କ୍ଷୀଣ କୁଜ୍ଝଟିକା ପରି !

Digitized by srujanika@gmail.com

# କରୁଣାକର

ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ

କରୁଣାକର ବୋଲି ଗୋଟିଏ ବୁଢ଼ା ଥାଏ। ତା' ଘର ଆମ ଗାଁରେ। କେହି କେହି ତାକୁ କକେଇ ଦଦେଇ ଡାକନ୍ତି, ଅଧିକାଂଶ ଡାକନ୍ତି, "ବୁଢ଼ାପ୍ପା"। ଦେହରେ ତାର ପଲେ ମାଂସ ନ ଥାଏ, ନିତାନ୍ତ ଧଡ଼ିଆ ବାଙ୍ଗରା ମଣିଷଟିଏ ସେ। ମୁଣ୍ଡରେ କୁଶଗଣ୍ଠି ପଡ଼ିବା ଭଳି କେରାଏ ଚାରି ଅଙ୍ଗୁଳ ଲମ୍ବ ବାଳ, ପୁଣ୍ୟପର୍ବ ଦିନେ ତହିଁରେ ଗୋଟିଏ ଦିଓଟି ଫୁଲ ମଧ୍ୟ ଶୋଭା ପାଏ। ଠିକ୍ କହିବାକୁ ହେଲେ, ତା' ଦ୍ୱାରା ମସ୍ତକର କିମ୍ବା ଫୁଲର ଶୋଭା ବଢ଼େ, ସ୍ଥିର କରିବା ଦୁଷ୍କର।

ମୁଖମଣ୍ଡଳ ତା'ର ଚିତ୍ରକର ନ ହେଲେ ବର୍ଣ୍ଣନା କରିବା ଦୁରୁହ। ଦୁଇ ପାଟି ଦାନ୍ତ କେଉଁ ଦିନୁଁ କୁଆଡ଼େ ଯାଇଛି, କେହି ଜାଣନ୍ତି ନାହିଁ। ପାଟିର ମାଢ଼ି ଚାପି ଦେଲା ବେଳେ ଲମ୍ବା ନାକର ଶେଷ ଭାଗ ଓ ଚିବୁକ ହାଡ଼ ମଧ୍ୟରେ ସୂତାଟାକର ବ୍ୟବଧାନ ରହେ। ଆଖି ଦିଓଟି ସୁନ୍ଦର, ରାଗି ଗଲା ବେଳେ ଜଳି ଉଠେ; ଖୁସି ବେଳେ ତହିଁରୁ ଯେପରି କୋମଳତା ଝରି ପଡ଼େ। କାନ ଦୁଇଟା ଅସମ୍ଭବ ରକମର ବଡ଼, ମୁଣ୍ଡ ହଲାଇବା ବେଳେ ଧଡ଼ ଧଡ଼ କମ୍ପି ଯାଏ। ଓଠ ଦୁଇଟି ବନ୍ଦ ଥିବା ବେଳେ ଦ୍ୱିତୀୟା ଚନ୍ଦ୍ରର ଶୋଭା ଧାରଣ କରେ; ମୁରୁକି ହସିଲେ ଆହୁରି ଚାର୍ଷକ ହୋଇ ମନୋହର ଦେଖାଯାଏ। ନିଶ ଦାଢ଼ି ପ୍ରାୟ ନ ଥିବା ଭଳି। ତେବେ ଓଠ ତଳେ ଚାରି ପାଞ୍ଚ ଅଙ୍ଗୁଳର କେତୋଟା ବାଳ ରହିଥାଏ। କିଛି ଜିନିଷ ଚୋବାଇବା ବେଳେ ପାଟି ପାକୁ ପାକୁ ହୋଇ ଦର୍ଶକ ମନରେ ଜନ୍ତୁ ବିଶେଷର ଭ୍ରମ ଧାରଣା ଆଣିବା ବିଚିତ୍ର ନୁହେ।

ହାତରେ ଖଣ୍ଡେ ଛୋଟ ବାଉଁଶ ବାଡ଼ି ଓ କଦଳୀ ପଟୁକା ମଧ୍ୟରେ ନାସ, ତାହାର ଚିର ସହଚର। ଶଙ୍କରାଚାର୍ଯ୍ୟ ଏ ଯୁଗରେ ଜନ୍ମିଥିଲେ ନିଃସନ୍ଦେହରେ କହି ହୁଅନ୍ତା, ସେ କରୁଣାକରକୁ ହିଁ ଦେଖି ଲେଖିଥିଲେ

"ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ
ଦଶନବିହୀନଂ ଜାତଂ ତୁଣ୍ଡଂ
କରଧୃତ-କମ୍ପିତ-ଶୋଭିତ-ଦଣ୍ଡଂ। ଇତ୍ୟାଦି

ଗାଁ ଟୋକା ଗୁଡ଼ାକ କରୁଣାକରକୁ ଦେଖିଲେ ଭାରି ଖୁସି ହୋଇ ଏଣୁ ତେଣୁ କହନ୍ତି, ମାତ୍ର ତା ପାଖ କେହି ମାଡ଼େ ନାହିଁ। କିଏ କହେ, "ବୁଢ଼ାପ୍ପା, ଈ"। ବୁଢ଼ା ଥରି ଥରି ହୋଇ ବାଡ଼ି ଫୋପାଡ଼େ। ପିଲାଏ ହସି ହସି ନୟାନ୍ତି। ହାବୁଡ଼େ ପଡ଼ିଲେ କିଏ ବାଡ଼ି ଖଣ୍ଡ ନେଇ ପଳାଏ। ବୁଢ଼ା ଉତ୍ୟକ୍ତ ହୋଇ ଗାଳି ଦିଏ। ପ୍ରୌଢ଼ମାନେ ପିଲାଙ୍କୁ ମତାଇ ବୁଢ଼ାକୁ ବ୍ୟତିବ୍ୟସ୍ତ କରନ୍ତି।

ରୂପଠାରୁ ଗୁଣ ତା'ର ଆହୁରି ବିଚିତ୍ର। ବଡ଼ ଭାଇ ସାଙ୍ଗେ ଅଷ୍ଟ ପ୍ରହର କଳି। କୌଣସି ବିଷୟରେ ଦୁହିଙ୍କ ମନ ମିଳେ ନାହିଁ। ବଡ଼ ଯେବେ ମୂଲିଆ ଗଙ୍ଗା ଭୋଇକୁ ଜୈନାବାଦ ଚକର ଚାଷ କରିବାର ବରାଦ କରିଦିଏ, ସାନ କରୁଣାକର ଅନ୍ୟ ଚକ ପାଇଁ ଆଦେଶ କରେ। ଫଳରେ କଳି ତକରାର। ଗଙ୍ଗା ସୁଯୋଗ ପାଇ ତା' ନିଜ ବିଲ ହଳ କରେ। ଦୁଇ ଭାଇଙ୍କଠାରୁ ମୂଲ ନିଏ। ଏପରି ଅବୁଝାମଣା ଭାଇ ବଡ଼ ବିରଳ।

ହେଲେ କଣ ହେଲା, ଏପରି କଳି କଜିଆର ଅଧ ଘଣ୍ଟା ପରେ ବଡ଼ ଭାଇ ଯଦି କୋଣେ ଦୂର ଖମାର ଆଡ଼େ ଚାଲିଯାଏ, କରୁଣାକର ପଛେ ପଛେ ଗୋଡ଼ାଏ। ଗାଳି ଫଜିତି ଶୁଣେ, ତଥାପି ଅନୁସରଣ କରିବାକୁ ଛାଡ଼େ ନାହିଁ। ଖାଇବା ବେଳେ ଦୁହେଁ ଏଣେ ତେଣେ ମୁହଁ ବୁଲାଇ କଥାବାର୍ତ୍ତା ନ ହୋଇ ଖିଆ ଶେଷ କରନ୍ତି, ତଥାପି କେହି କେବେ ଏକୁଟିଆ ଖାଇ ନାହାନ୍ତି।

ବଡ଼ ଭାଇ ମରିଯିବା ପରେ କରୁଣାକରର ସ୍ୱଭାବରେ ବିଶେଷ କିଛି ପରିବର୍ତ୍ତନ ଦେଖା ଗଲାନାହିଁ। ତେବେ ଭାଇ ସାଙ୍ଗରେ କଳି ତକରାର ବନ୍ଦ ହୋଇ ଯିବାରୁ ଗାଁ ଟୋକାଙ୍କ ଉପରେ ତା'ର ରାଗର ମାତ୍ରା ଟିକିଏ ବଢ଼ିଗଲା; ସଙ୍ଗେ ସଙ୍ଗେ ଗାଁର ଆନନ୍ଦ ବେଶି ହେଲା। ସେ ଯେତେ ବେଶି ଚିଡ଼ିବ, ଯେତେ ଗାଳି ଦେବ, ସମସ୍ତେ ତେତେ ଖୁସି।

ସେ ବର୍ଷ ମରୁଡ଼ିରେ ଆମ ଗାଁ ଧାନ ମରିଗଲା। ବୁଢ଼ା ବିଚରା ଯେତେ ଧାନ ପାଇଲା, ବିହନବୁଜ ରଖି ବାକି ତକ ଦୁଇ ମାସ ଭିତରେ ଶେଷ ହୋଇଗଲା। ଅନ୍ୟ ଠାରୁ ଧାନ କରଜ ନ ଆଣିଲେ ନ ଚଳେ। ଜ୍ୟୋତିଷ ଅବଧାନଙ୍କୁ ଡକାଇ ଦିନ, ମୁହୂର୍ତ୍ତ ଠିକ୍ କରି ହରି ନାମ ସ୍ମରଣ କରି, ବୁଢ଼ା ବାହାରିଲା କୋଶେ ଦୂର ମହାନ୍ତିଖମାରକୁ। ଗାଁରେ ଏ କଥା କାହାରିକୁ ଅଜଣା ରହିଲା ନାହିଁ। ବୁଢ଼ାର ଏ ଶୁଭ ଯାତ୍ରା ପଣ୍ଡ କରିବା ପାଇଁ ଟୋକା ସମିତିରେ ଠିକ୍ ହେଲା, ସୁଦର୍ଶନ ଖାଲି ମାଠିଆଟିଏ ନେଇ ବୁଢ଼ା ଯିବା ବାଟରେ ଜଗି ବସିବ। ଗୋଟିଏ ହାତରେ ବାଡ଼ି ଓ ଆର ହାତରେ ନାସ ପଟୁକା ଧରି ବୁଢ଼ା ଠୁକୁ ଠୁକୁ ହୋଇ ବାଟ ଚାଲୁଥାଏ; ମନରେ ତାର ଭାବନା, କିପରି କଥାରେ ମହାନ୍ତିଙ୍କୁ ବଶ କରି ଧାନ କରଜ ମାଗିବ। ସେ କାଳେ ମନା କରି ଦେବେ!

ବୁଢ଼ା ଚାଲୁଥାଏ ବାଟ, ତଳକୁ ମୁହଁ ପୋତି; ସୁଦର୍ଶନ ଛୁଞ୍ଛା ମାଠିଆ ଧରି ସଡ଼କ ପାଖ ନୟନଯୋଡ଼ରେ ଲୁଚି ବସି ରହିଥାଏ। ବୁଢ଼ା ପାଖେଇବାର ଦେଖି ସୁଦର୍ଶନ ଡାକିଲା, "ବୁଢ଼ାପ୍ପା, ବୁଢ଼ାପ୍ପା, ହେଇ ଦେଖ"। ବୁଢ଼ା ଶୁଣି ନ ଶୁଣିଲା ପରି ଚାଲିଥାଏ। ପୁଣି ଡାକିଲା, "ବୁଢ଼ାପ୍ପା, ଖାଲି ମାଠିଆ, ଦେଖ," ତଥାପି ବୁଢ଼ା ଚାଲିଥାଏ। ସବୁ ଚେଷ୍ଟା ପଣ୍ଡ ହେବାର ଦେଖି ସୁଦର୍ଶନ ଧାଇଁ ଯାଇ



Digitized by srujanika@gmail.com

ବୁଢ଼ା ଆଗରେ ଠିଆ ହୋଇ ପମ୍ପା ମାଠିଆଟା ଧରି କହିଲା, "ଦେଖ ଛୁଞ୍ଚା ମାଠିଆ, ଯାଅ । ଧାନ ପାଇବ ଯେ !"

ବୁଢ଼ା ବାଡ଼ଟା ବୁଲାଇ ବୁଲାଇ ତା ଆଡ଼କୁ ଛାଡ଼ିଦେଲା । ଟୋକାଟା ଖାଲି ମାଠିଆ ଫିଙ୍ଗି ଦେଇ ପଳାଇ ଗଲା । ବାଡ଼ି ତାର କେଉଁଠି ବାଜିଲା ନାହିଁ । ଗାଁ ବାଲାଙ୍କର ଚଉଦ ପୁରୁଷ ଉଦ୍ଧାର କରି ବୁଢ଼ା ଫେରିଲା ଘରକୁ ।

ଆଉଥରେ ପଡ଼ିଲା ଚୈତ୍ର ପୂର୍ଣ୍ଣମୀ ମେଳଣର ଚାନ୍ଦା ଅଦାୟ । ଦୋଳ ପୂର୍ଣ୍ଣମୀ ଯିବାର ଦିନ କେତୋଟା ଭିତରେ ଗାଁ ଟୋକାଏ ପୁଣି ଚାନ୍ଦା ଅସୁଲ କରି ବୁଲିଲେ । କରୁଣାକରକୁ ମାଗିବା ପାଇଁ ଯିବ କିଏ ? ମାଡ଼ ଗାଳିର ତ ଶ୍ରାଦ୍ଧ ହେବ । ଶେଷରେ ସ୍ଥିର ହେଲା, ଏକା ସଙ୍ଗରେ ଚାରି ଜଣ ଟୋକା ଯିବେ, ଭେଦା ମାଗିବେ; ଦେଖାଯାଉ, ଯାହା ହେବାର ହେବ । ଚାରି ଜଣଯାକ ଟିକିଏ ଦୂରରେ ଠିଆ ହୋଇ କହିଲେ, "ବୁଢ଼ାପ୍ପା, ମେଳଣ ଭେଦା ଦିଅ" । ବୁଢ଼ା ପାଟି କରି ଯା' ମନକୁ ଆସିଲା ଗାଳି ଦେଇ ଓଠ ଦୁଇଟା ଚିପି ବାଡ଼ି ଧେନ ମାରିବାକୁ ଧାଇଁଲା । ଟୋକାଗୁଡ଼ାକ ଏଣେ ତେଣେ ପଳାଇ ଯାଇ କହିବାକୁ ଲାଗିଲେ, "ହଉ, ଦେଖା ଯାଉ, କିମିତି ଭେଦା ନ ଦେବ । ଚାଲ, ଯା' ଗଛରେ ଚଢ଼ି ନଡ଼ିଆ ପାଡ଼ି ଭେଦା ଅସୁଲ କରିବା ।"

ବୁଢ଼ା ନିଆଁବାଣ ହୋଇ ଗାଳି ଦେବାକୁ ଲାଗିଲା । ସତକୁ ସତ ଟୋକାଯାକ ଧାଇଁଲେ କରୁଣାକର ନଡ଼ିଆ ବାଡ଼ିକୁ । ଜଣେ ଗଛ ଉପରେ ଖପା ଖପ୍ ଉଠି ଚାରି ଛ'ଟା ନଡ଼ିଆ ଛିଣ୍ଡାଇ ତଳକୁ ଫିଙ୍ଗିଦେଲା । ଅନ୍ୟମାନେ ଗୋଟାଇବାରେ ଲାଗିଲେ । ଯା' ଦେଖି ବୁଢ଼ା ଖାଲି ଫୁଟିଲା ପରି ଠକ୍ ଠକ୍ ଡେଇଁ ଗଲା । ଟିକିଏ ରହି କହିଲା, "ରହ ଆଜି, ଥାନାକୁ ଯାଇ ଯେବେ ଯୋଡ଼ ଯୋଡ଼ କରି ନ ବନ୍ଧାଇଛି ତେବେ ମୋ ନାଁ କରୁଣାକର ନୁହେ ।"

ଥାନା ଆମଗାଁରୁ ଦ'ପା ବାଟ । ସେହି ଆଡ଼େ ବାଡ଼ି ଧରି ଚାଲିଲା କରୁଣାକର । ଟୋକାଙ୍କ ବୁଦ୍ଧି ବଣା ! କ'ଣ କରିବେ, ପୁଲିସ ଏତେଲା ପାଇଲେ ସେମାନଙ୍କୁ ବାନ୍ଧି ନେଇଯିବ ! ବୁଢ଼ାଟା ବଡ଼ ରାଗିଗଲା, ଏତେ ଦୂର ଯିବା ସେମାନଙ୍କର ଉଚିତ ହୋଇନାହିଁ ।

ଗୋଟାଏ ଟୋକା ଲୁଚି ଲୁଚି ଗଲା କରୁଣାକର ପଛେ ପଛେ । ଦେଖିଲା ଗାଁ ମୁଣ୍ଡ ବାଟରୁ ଥାନା ଆଡ଼େ ନ ଯାଇ ବୁଢ଼ା ବାଡ଼ ବାଟେ ଫେରିଲା ତା' ଘରକୁ । ଧାଇଁ ଆସି ହସି ହସି ସଙ୍ଗୀମାନଙ୍କୁ ଏ ଖବର ଦେଲା । ସମସ୍ତେ ଭାରି ଖୁସିଟାଏ ହୋଇ ବୁଢ଼ାର ଦାଣ୍ଡ ଦୁଆରକୁ ଗଲେ । ଦାଣ୍ଡ ପିଣ୍ଡାରେ ବୁଢ଼ାର ପୁଅ ବସିଥାଏ । ପୁଅର ଇଚ୍ଛା ମେଳଣ ଭେଦା ଦେବାକୁ; ବୁଢ଼ା ବୃଥାରେ ରାଗିବାର ଜାଣି ସେ ମନେ ମନେ ବିରକ୍ତ ହୋଇ ବସି ରହିଥାଏ । ଏତିକି ବେଳେ କରୁଣାକର ଘର ଭିତରୁ ବାହାରି ଆସି ଟୋକା ଚାରିଟିଙ୍କ ଦରହସିତ ମୁହଁ ଦେଖି ଭିତରେ ଜଳିଗଲା । ପଟୁକାରୁ ନାସ ଟିପେ ଧରି, ଖୁବ୍ ଜୋରରେ ଶୁଙ୍ଘି କହିବାକୁ ଲାଗିଲା,—"ଆଜି ଦେଖି ଥାଆନ୍ତ ଯେ ମଜା ! ଏତେବେଳକୁ ଥାନାବାଲା ପୁଲିସ ଆସି ବାନ୍ଧି ନିଅନ୍ତାଣି । ମୁଁ କ'ଣ ସତେ ଫେରି ଆସନ୍ତି ?" ପୁଅକୁ ଦେଖାଇ କହିଲା, "ଏ ହାନା ମତେ ଫେରାଇ ଆଣିଲା ସିନା ।"

ଦୀନବନ୍ଧୁ ଓରଫ୍ ହାନା ରାଗରେ ଗମ୍ ଗମ୍ ହୋଇ କହିଲା, "ମୁଁ କାହିଁକି ଏଠାକୁ ଲେଉଟାଇ ଆଣନ୍ତି ! ଲାଜ ନାହିଁ, ସରମ ନାହିଁ, ଯାଉଛନ୍ତି ଥାନାକୁ ! ଯାଉଥିଲ ଯେବେ ଏଡ଼େ ଆଡ଼ମ୍ବରରେ, ଫେରିବାକୁ ଖୁସାମତ୍ କରୁଥିଲା କିଏ ?"

ଝଟ୍ କରି ବୁଢ଼ା ଘର ଭିତରେ ପଶିଗଲା, ପଦାରେ ମୁହଁ ଦେଖାଇ ପାରିଲା ନାହିଁ । ଟୋକାଯାକ ମନ ଦୁଃଖରେ ଯେଝା ଘରକୁ ଚାଲିଗଲେ ।

ଆମ ଗାଁରୁ ପାଞ୍ଚ କୋଶ ବାଟ ଅଲାରପୁର ଗାଁରୁ ଲୋକ ଆସିଲେ କରୁଣାକର ପାଖକୁ । ଭେଦା ପଞ୍ଚା ହୋଇ ଟଙ୍କା ଜମା ଥାଏ, ସେ ଗାଁ ରେ ଭାଗବତ ବଢ଼ା ହେବ । ଆଖ ପାଖ ଗାଁମାନଙ୍କରେ କରୁଣା-କର ପରି କୁଆଡ଼େ କେହି ଭଲ ସ୍ୱରରେ ଭାଗବତ ବୋଲି ପାରୁ ନ ଥିଲେ । ସେମାନେ ଧରି ବସିଲେ ତାକୁ ନେବାକୁ । ଦାନ, ଦକ୍ଷିଣା, ସିଧା, ସଞ୍ଚା ହୋଇ ଅନେକ ମିଳିବ । ବୁଢ଼ା ଭାରି ଖୁସି ହେଲା ।

ଆମ ଦୁଆରେ ଆସି ସେ ଡାକିବାକୁ ଲାଗିଲା, ଗାଁର ଆଉ ସବୁ ଗୁଡ଼ାକ ବଦମାସ, ପାଜି ; କାହାକୁ ତା'ର ତିଳାର୍ଦ୍ଧେ ବିଶ୍ୱାସ ନାହିଁ । ବୁଢ଼ା ଟିକିଏ ଭଲ ପାଏ ମତେ । ସମସ୍ତଙ୍କ ସଙ୍ଗେ ହସରେ ଯୋଗ ଦେବା ବେଳେ ସେ ଗାଳି ଦିଏ, ତେବେ ଅନ୍ୟମାନଙ୍କ ପରି ଅପଭାଷାରେ କେବେ ମତେ ବକେ ନାହିଁ । ସେ ମତେ ସଙ୍ଗେ ନେଇ ଅଲାରପୁର ଯିବ । ଦିନ କେତୋଟା ଭିତରେ ଭାଗବତ ବଢ଼ାଇ ଫେରି ଆସିବ । ଆମ ଘରେ ସମସ୍ତେ ମନା କଲେ, ଭିତରେ ଷୋଳପଣ ଇଚ୍ଛା ଥିଲେ ସୁଦ୍ଧା ମୁଁ ମନା କଲି । ହାତ ଓଠ ଧରି ନେଉରି ନମସ୍ତେ ହୋଇ ବୁଢ଼ା ମତେ ସଙ୍ଗେ ନେଇ ଅଲାରପୁର ଗଲା ।

ସେ ଗାଁଟିରେ ଅନେକ ଗୁଡ଼ାଏ ଘର । ଚାଳିଶଟ ସମସ୍ତେ; ଲୋକ ଶୋଷରେ କେହି ପଡ଼ି ରହନ୍ତି ନାହିଁ । ସକାଳୁଁ ସଞ୍ଜ ଯାଏଁ ସେମାନେ ବିଲ ବାଡ଼ି କାମ କରନ୍ତି; ରାତିରେ କେତେ ଆସି ଭାଗବତ ଘରେ ବସନ୍ତି । ଆମର ବସା ହେଲା ସେହି ଭାଗବତ ଘର । ମୁଁ ପଢ଼ିବା କାଠେଁ, ବେଶର ବାଠେଁ, କରୁଣାକର ରାନ୍ଧେ । ବେଳବୁଡ଼କୁ ରାନ୍ଧି ବାଢ଼ି ଖାଇ ସାରି ସେ ଭାଗବତ ବୋଲେ, ମୁଁ ଶୋଇ ପଡ଼େଁ । ମାଇପେ ମିଣିପେ ମିଶି ଢେର ଲୋକ ଜମନ୍ତି, ଭାଗବତ ଶୁଣନ୍ତି । ପାକୁଆ ପାଟି ମେଲି କରି କରୁଣାକର ତାର ସ୍ୱରରେ ଗୀତ ବୋଲେ । ବେଳେ ବେଳେ ନିଦ ଭାଜିଗଲେ, ମୁଁ ବଡ଼ ବିରକ୍ତ ହୁଏଁ । ତେବେ ସେପରି ଜାଗାରେ ତାକୁ କିଛି କହିବାକୁ ମୋର ଭୟ ହୁଏ ।

ନିଦ ଭାଜିଗଲେ ଉଠି ଦେଖେଁ, ଯେତେ ସବୁ ଶୁଣିବାକୁ ଆସି-ଥାନ୍ତି, ଅଧିକାଂଶ ଶୋଇ ପଡ଼ିଛନ୍ତି । ଜଣେ ଅଧେ ବୁଢ଼ା ହାଇ ମାରି ଭଡ଼ ମୋଡ଼ ହେଉଛନ୍ତି । ଗୋଟିଏ ବୁଢ଼ୀ କାନ୍ଦୁ କରୁଣାକର ଆଡ଼କୁ ସତତ ଚାହିଁ ଆଖିରୁ ଲୁହ ଗଡ଼ାଉଛି । ଗୀତ ବୋଲି ବୋଲି, ଚାରିଆଡ଼େ ଚାହିଁ ଗୋଟିଏ ବୋଲି ଉପଯୁକ୍ତ ଶ୍ରୋତା ନ ପାଇ,

Digitized by srujanika@gmail.com

ଶେଷରେ ସେହି ବୁଢ଼ୀକୁ ଚାହିଁ ସେ ଗୀତ ବୋଲି ଯାଉଥାଏ। ମୁଁ କହିଲି, "ବୁଢ଼ାପ୍ପା, କାହିଁକି ଭୁଛାଟାରେ ଗର୍ଜି ମରୁଛ, ଶୁଣିବାକୁ ତ କେହି ନାହିଁ। ରାତି ଏତେ ହେଲାଣି, ଶୋଇପଡ଼।"

ସେତିକି ବେଳକୁ ବୁଢ଼ା ବୋଲୁଥିଲା, "ଯୁଗାକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ"। ମୋ କଥା ଶୁଣି ସେ ଥମ୍ଭି ଯାଇ କହିଲା, "ଭାରି ଚଗଲା ତୁ, ଉଠିଲୁ କାହିଁକି ବେ। କେହି ଶୁଣିବାକୁ ନାହିଁ କହୁଚୁ? ଚାହିଁଲୁ ଏ ବୁଢ଼ୀକୁ।"

ବୁଢ଼ୀକୁ ଚାହିଁ ମୁଁ କରି କରି ହସିଦେଲି। ବୁଢ଼ା ରାଗିଗଲା, ଅଧାୟୁ ଅଧା କରି ଉଠି ଆସି ପାରିଲା ନାହିଁ। ନଚେତ୍ ମାରିଥାନ୍ତା।

ମୁଁ ଧାଇଁ ଯାଇ ଶୋଇ ପଡ଼ିଲି। ଅଧାୟୁ ଇତି ଶ୍ରୀ କରି କରୁଣାକର ହୁଆ ଧଇଲା, ଯେ କେତେ ଜଣ ଚାହିଁଥିଲେ ଆବୃତ୍ତି କରିବାକୁ ଲାଗିଲେ। ସେହି ପାଠରେ ଆଉ ଯେଉଁମାନେ ଶୋଇ ପଡ଼ିଥିଲେ ଉଠି ପଡ଼ିଲେ। ସଭା ଭଙ୍ଗ ହେଲା।

ଭାଗବତ ବୋଲା ଚାଲିଲା—ଦିନ ପରେ ଦିନ, ରାତି ପରେ ରାତି, ମୁଁ ଭାଗ୍ୟକୁ ଆଦରି ପଡ଼ି ରହିଥାଏଁ। ସିଧା ସଞ୍ଚା ଯାହା ମିଳେ ଦୁହେଁ ମିଳି ଖାଉ। ଅନେକ ସମୟରେ ବୁଢ଼ା ଉପରେ ରାଗ ହୁଏ, ମାତ୍ର ଭୟରେ କିଛି କହି ପାରେଁ ନାହିଁ, କାଳେ ମାରିବ। ସିଧାରେ ଦିନେ ଗୁଡ଼ାଏ କଷି ମୁଣ୍ଡି ବାଇଗଣ ମିଳିଲା। କରୁଣାକର ଦେଖି ଭାରି ଖୁସି ହୋଇ ମୋତେ କହିଲା, "ବାଇଗଣ ଖଣ୍ଡ ଖଣ୍ଡ କରି କାଟିବୁ ନାହିଁ ଟି! ଯାଙ୍କୁ ଗୋଟି ଗୋଟି ରଖି ମରିଚ ପାଣି କରିବା, ଭାରି ଭଲ ହେବ।" ଭାତ ଓ ଅନ୍ୟ ତରକାରି ରାନ୍ଧି ସାରି ହଳଦି ପାଣି ଫୁଟାଇ ଏବଂ ବାଇଗଣଗୁଡ଼ିକ ତହିଁରେ ଛାଡ଼ି ଦେଇ ସେ ପିଣ୍ଡାରେ ଆସି ବସିଲା।

ରୋଷାଇ ଘର ଭିତରକୁ ଯାଇ ମୁଁ ଦେଖିଲି ବାଇଗଣଯାକ ହାଣ୍ଡି ଉପରେ ଭାସି ବୁଲୁଛି। କହିଲି, "ବୁଢ଼ାପ୍ପା, ପାଣି ଏତେ କମ ଦେଲ, ବାଇଗଣ ତ ବୁଡ଼ିଲା ନାହିଁ, ସିଝିବ କପରି?" ବୁଢ଼ା କହିଲା, "ଢାଳ ପାଣି," ଆଉରି ପାଣି ଦେଲି, ପୁଣି ଭାସିଲା। ବୁଢ଼ା ଏ କଥା ଶୁଣି ପୁଣି ପାଣି ଦେବା ପାଇଁ ଆଦେଶ କଲା। ପାଣି ଦେଇ ଦେଇ ହାଣ୍ଡି ପରିପୂର୍ଣ୍ଣ, ତେବେ ବି ବାଇଗଣ ବୁଡ଼ିଲା ନାହିଁ।

ସେ ଦିନ ଗୋଟି ବାଇଗଣ ତରକାରି ଯାହା ହେଲା, ମା ଗଙ୍ଗା ଜାଣନ୍ତି। ଏ ବ୍ୟାପାର ଶୁଣି ପାରି ସେ ଗାଁରେ ସମସ୍ତେ ହସିଲେ। ବୁଢ଼ା ଯେ ଗୋଟିଏ ଅନାଡ଼ି, ସେ ଦିନ ଅଲାରପୁରରେ ଜଣା ପଡ଼ିଗଲା।

ଭାଗବତବଢ଼ା ଦିନ ଆସି ପହଞ୍ଚିଲା। ସେ ଦିନ ପାଠ ସମାପ୍ତ ହେବ, ଭୋଗରାଗ, ଧୂପ, ଦୀପ, ନୈବେଦ୍ୟର ଧୂମ୍ ସବୁ ଦିନଠାରୁ ବେଶି। ପ୍ରତ୍ୟେକ ଘରୁ ଭୋଗର ସମ୍ଭାର ବୁହା ହୋଇ ସଞ୍ଜବେଳୁ ଜମା ହେବାକୁ ଲାଗିଲା। ଖଇ, ଉଖୁଡ଼ା, ଚୁଡ଼ା, ଚୁଡ଼ାଭଜା ଇତ୍ୟାଦି ଦାଲା ଡାଲା ହୋଇ ଥୁଆଗଲା। ଦକ୍ଷିଣା ପାଇଁ କାହିଁରେ ପଇସାଟିଏ ଦିପଇସା ମାତ୍ର। ଦକ୍ଷିଣା ଏତେ କମ୍ ଦେଖି ବୁଢ଼ାର ମନେ ମନେ ଭାରି ରାଗ। ବିରକ୍ତ ହୋଇ ଗୀତ ବୋଲିଲା। ଖାଲି ଏଣେ ତେଣେ କାହିଁକି ଚାହୁଁଥାଏ, ଗୀତରେ ତା'ର ଆଉ ମନ ନାହିଁ।

ଶେଷ ଦିନ ଯେପରି ଜାକଜମକରେ କାର୍ଯ୍ୟ ବଢ଼ିବ ବୋଲି ଆଶା କରା ଯାଇଥିଲା, ସେପରି ହେଲା ନାହିଁ। ବୁଢ଼ା ମନରେ ସୁଖ ନାହିଁ, ଗୀତ ବୋଲା ଭଲ ହେଲା ନାହିଁ। କାର୍ଯ୍ୟ ଶେଷ ପରେ, ଗାଁର ସମସ୍ତେ ଆସି ମୁଣ୍ଡିଆ ମାରି ଯାହା ଭୋଗ ବଢ଼ା ଯାଇଥିଲା, ପ୍ରସାଦ ପାଇବା ବାହାନାରେ ସେଥିରୁ ଅଧିକରୁ ବେଶି ଶେଷ କରି ଯେଝା ଘରକୁ ଫେରିଗଲେ।

ଅନେକ ରାତିରେ ଦକ୍ଷିଣା ପଇସା ତୁଳି କରି ସେ ଗଣି ଦେଖିଲା ଏକ ଟଙ୍କା ଏଗାର ଅଣା ଦୁଇ ପଇସା ହେଲା। ମତେ ଡାକି କହିଲା, "ହଇରେ, ଦେଖିଲୁ ନା, ଏ ଗାଁବାଲାଗୁଡ଼ାକ ଅସଲ ସଇତାନର ହାଡ଼। କେତେ ରଙ୍ଗରେ କହି ପୋଛି ଆମକୁ ଅଣାଇଲେ, ଏବେ ଦକ୍ଷିଣା ଦେଲେ ଏତିକି? ଅଚ୍ଛା, କହି ପାରିବୁ କି, ସେ ବୁଢ଼ୀଟି ତ କାହିଁ କେତେ ଦିନୁ ଆସି ନାହିଁ। ତା'ର କଣ ହେଲା କି?"

ହସି ହସି ମୁଁ କହିଲି, "ବୁଢ଼ାପ୍ପା, କେଉଁ ବୁଢ଼ୀ? ତମର ସେ ବୁଢ଼ୀ ସଙ୍ଗରେ କ'ଣ ଅଛି?" ଭାରି ରାଗି ଅରହର କମି କରୁଣାକର ମତେ ଗାଳିଦେଲା। କିଛି କ୍ଷଣ ପରେ ରାଗ ଶାନ୍ତ କରି କହିଲା, "ଆରେ ସେହି ବୁଢ଼ୀ, ଯେ ଭାଗବତ ଶୁଣି ଆଖିରୁ ଲୁହ ଗଡ଼ାଉଥାଏ, ଦେଖି ନାହୁଁ? ଭାରି ଭକ୍ତମତୀ ସେ। ଆହା, ତା' ଦେହ ବ୍ୟସ୍ତ ହୋଇଥିବ, ନଇଲେ ସେ କ'ଣ ନ ଆସି ରହିଥାନ୍ତା। ସେ ଆସିଥିଲେ ନିଶ୍ଚୟ ବେଶି ଦକ୍ଷିଣା ଦେଇଥାନ୍ତା। ଆଉ ସବୁ ଗୁଡ଼ାକ ତ ଗଣ୍ଡମୂର୍ଖ, ପାପୀ।"

ମୁଁ କହିଲି, "ହଁ ବୁଢ଼ାପ୍ପା, କେତେ ଦିନ ହେଲା କାହିଁ ସେ ବୁଢ଼ୀକୁ ତ ଦେଖା ନାହିଁ। ଯେବେ କହିବ, ତାକୁ କାଲି ସକାଳେ ଖୋଜିବା।"

"ନା, ନା, ଦରକାର କ'ଣ? ଯାହା ହେଲା ହେଲା, କାଲି ଆମ ଗାଁକୁ ଫେରିଯିବା। ଆଉ ଏଠାରେ ରହିବା ଠିକ୍ ନୁହେ। ଏପରି ଜାଣିଥିଲେ କ'ଣ ମୁଁ ଏଠାକୁ ଆସିଥାନ୍ତି?"

ରାତି ପାହି ସକାଳ ହେଲା। ସ୍ନାନ ପରେ ଜଳଖିଆ କରି ଆମେ ଦୁହେଁ ଗାଁ ବାଟେ ଚାଲିବାକୁ ଲାଗିଲୁଁ। ଯେ ଦେଖିଲା ବୁଢ଼ାକୁ ଗୋଟିଏ ଶୁଖିଲା ଦଣ୍ଡବତ କଲା। ଗାଁ ପାରି ହୋଇ ହିଡ଼ ବାଟରେ ଖଣ୍ଡେ ଦୂର ଯିବା ପରେ ଦେଖିଲୁଁ, ସେହି ବୁଢ଼ୀ ବାଡ଼ି ଧରି ପଲେ ଛେଳି ତଡ଼ି ତଡ଼ି ଗାଁ ଆଡ଼କୁ ଆସୁଛି। ଟିକିଏ ଦୂରରୁ ତାକୁ ଦେଖିବାକୁ ପାଇ ମୁଁ କହିଲି, "ବୁଢ଼ାପ୍ପା! ଏଇ ଦେଖ, ସେହି ବୁଢ଼ୀ।" ବୁଢ଼ା ଆଖି ତରାଟି ଚାହିଁ ଦେଖିଲା। ମନେ ମନେ ଖୁସିଟାଏ ହୋଇ ଚାଲିଲା—ବୋଧହୁଏ କିଛି ପ୍ରାପ୍ତି ହେବ!

ବୁଢ଼ାକୁ ଲକ୍ଷ୍ୟ ନ କରି ଛେଳି ଉଡ଼ାଇ ବୁଢ଼ୀ ଚାଲି ଯାଉଥିଲା। କରୁଣାକର ତାକୁ ଡାକିଲା, "ହଇ ହୋ, ଟିକିଏ ଶୁଣ। ଏ କେତେ

Digitized by srujanika@gmail.com

ଦିନ ତମ ଦେହ ଭଲ ଥିଲା ଟିକେ ? କାହିଁକି ଭାଗବତ ଶୁଣି ଯାଇ ନାହଁ ? କାଲି ଶେଷ ଦିନଟାରେ ବି ଗଲ ନାହିଁ ? "

ବାଡ଼ ଉପରେ ଭିଡ଼ି ଦେଇ ମୁଣ୍ଡ ହଲାଇ ହଲାଇ ବୁଢ଼ୀ କହିଲା, " ମଲା ମୋ ଭାଗବତ, କେଉଁ ଅଲପାଇଶ ଛେଳି ଦୁଇଟା ଖୁଆଡ଼ରେ ପକାଇ ଦେଲା, ମୋର ଭାଗବତ ଶୁଣୁଛି କିଏ ?"

"ନା, ନା, ନିଶ୍ଚୟ ତମ ଦେହ ଖରାପ ଥିଲା, ନଚେତ୍ ତମେ କି ଯାଇ ନ ଥାନ୍ତ ! ଏତେ ଲୋକଙ୍କ ଭିତରେ ତ ଦେଖିଛି, ତମେ ଏକା ବୁଝୁ ଥିଲ ଭାଗବତ । ଶୁଣୁ ଶୁଣୁ ଦୁଇ ଆଖିରୁ ତମର ଲୁହ ଧାର ବହି ଯାଉଥିଲା । ଆହା, ଏତେ ଭକ୍ତି ପୁଣି ଆଉ କାହାଠି ଅଛି ? "

" ମଲା ମୋର, ଭାଗବତ ଫାଗବତ କ'ଣ କହୁଛ ମ ! ତମ ମୁହଁକୁ ଦେଖିଲେ ମତେ ଖାଲି କାନ୍ଦ ମାଡ଼େ । ଏବେ ବି କାନ୍ଦ ମାଡ଼ୁଛି ।" ଏତିକି କହି, ତଳକୁ ମୁହଁ ପୋତି ବୁଢ଼ୀ ସକେଇବାକୁ ଲାଗିଲା ।

ମୁଁ ମନେ କଲି, ବୋଧହୁଏ ବୁଢ଼ୀର ମୃତ ଗୁଣବନ୍ତ ସ୍ୱାମୀର ମୁହଁ କରୁଣାକର ପରି ଥିଲା, ସେଥିପାଇଁ ବୁଢ଼ୀ କାନ୍ଦୁଛି ।

କରୁଣାକର କହିଲା, " ସତ କହ ବୁଢ଼ୀ, ନିଜର ଭକ୍ତି କଥା ଲୁଚଉଛ, ମୁଁ କ'ଣ ବୁଝି ପାରୁ ନାହିଁ ? ତମ ପରି ପୁଣ୍ୟବନ୍ତୀ ଏ ଗାଁରେ ଆଉ କିଏ ଅଛି ? "

" ଛାଡ଼ ତମ କଥା ! ସତ କଥା ଯେବେ ପଚାରିଲ, ଶୁଣ । ଗୋଟିଏ ଛଉଳା ଛେଳିଛୁଆ ଜନ୍ମ କରି ତା ମା ମରିଗଲା । କୋଳରେ କାଖରେ ଧରି ତାକୁ ପାଳିଥିଲି । କେତେବେଳେ ପାଖଛଡ଼ା କରି ନାହିଁ ତାକୁ ।" କହୁଁ କହୁଁ ବୁଢ଼ୀ କାଇଁ କାଇଁ କାନ୍ଦିବାକୁ ଲାଗିଲା ।

କରୁଣାକର କହିଲା, " କାନ୍ଦ ନାହିଁ, କହିଯାଅ କ'ଣ ହେଲା ।"

ବୁଢ଼ୀ କହିଲା, "ମୁଁ ଯାହା ମଲି ନାହିଁ । ବିଧାତା ମତେ ଏଇଆ ଦେଖାଇଲା । ଏ ସତ୍ୟାନାଶିଆ ଗାଁବାଲାଙ୍କୁ ଝାଡ଼ାବାନ୍ତି ହେଲା ନାହିଁ । ମୋ ଛେଳିଛୁଆର ନାଁ ଦେଇଥିଲି 'ଦଇନ' । ଦଇନ ମୋର ଦିନକୁ ଦିନ ବଢ଼ିଲା । ବେକରେ ତାର କଉଡ଼ି ମାଳ, ଚାରି ଗୋଡ଼ରେ ଘୁଙ୍ଗୁର ବାନ୍ଧି ଦେଇଥିଲି । କି ସୁନ୍ଦର ଡିଆଁ ମାରି ବୁଲୁ ଥିଲା ।

"ଦଇନ ମୋର ବଡ଼ ହେଲା । ଗାଁ ବାଲାଙ୍କ ଚଉଦ ପୁରୁଷ ସାତ ଥର ହୋଇ ମରନ୍ତୁ । ମୋ ସାଙ୍ଗେ ଲଗାଇଲେ, ଦଇନକୁ ମୋର କିଣି ନେଇ ଖାଇବେ । ଜୀବନ ଥାଉଁ ଥାଉଁ ମୁଁ କି ସେପରି କରନ୍ତି ?"

କରୁଣାକରର ମୁହଁକୁ ଚାହିଁ ରହି ବୁଢ଼ୀ କହିବାକୁ ଲାଗିଲା, "ଆହା, ଏହିପରି ତ, ଠିକ୍ ଏହିପରି—ତମରି ପରି ମୁହଁ, ଗୋଟିଆ ଓଠ ତଳେ ଦାଢ଼ି । କାହିଁ ଗଲାରେ ମୋର ଦୁଖସଙ୍ଗାଳି, ଦଇନ ।"

ବୁଢ଼ୀ ଭେଁ ଭେଁ କାନ୍ଦିଲା । ବୁଢ଼ା କହିଲା, "କଣ ହେଲା ବୁଢ଼ୀ କହ । ମତେ ବଡ଼ ବାଧୁଛି, ତମ ଅବସ୍ଥା ଦେଖି ।"

" ହେଲା ମୋର ନିଆଁ ଦିଅପୋଡ଼ା । ଛ' ମାସ ହେବ କିଏ ମୋର ଦଇନକୁ ନେଇ ହାଣି କୁଟି ଖାଇଗଲେ । ତାଙ୍କ ସାତ ପୁରୁଷରେ ପାଣି ଦେବାକୁ କେହି ନ ରହୁ ।"

ତେବେ ସୁଦ୍ଧା ସନ୍ତୁଷ୍ଟ ନ ହୋଇ ମୁଁ ପଚାରି ଦେଲି, " ଅଚ୍ଛା ବୁଢ଼ୀ, ଭାଗବତ ବୋଲା ବେଳେ ତମେ ଏତେ କାନ୍ଦୁଥିଲ କାହିଁକି ?"

ମୁଣ୍ଡ ହଲାଇ ସେ କହିଲା, " କାନ୍ଦିବି ନାହିଁ ?" କରୁଣାକର ଆଡ଼କୁ ଅଙ୍ଗୁଠି ବଢ଼ାଇ କହିଲା, " ଏ ଯେତେବେଳେ ପାଟି ପାରୁ ପାରୁ କରି ଗୀତ ବୋଲୁଥିଲେ, ୟାଙ୍କ ଦାଢ଼ି ଯେତେବେଳେ ଥରି ଉଠୁଥିଲା, ମୋର ତ ଖାଲି ମନେ ପଡ଼ୁଥାଏ ମୋ ଦଇନ । ତାରି ପାଟି ପରି ପାଟି, ତାରି ଦାଢ଼ି ପରି ଦାଢ଼ି । କାନ୍ଦିବି ନାହଁ ?"

ବୁଢ଼ୀ ଏତିକି କହି ଛେଳି ତଡ଼ି ତଡ଼ି ଗାଁ ଆଡ଼େ ଗଲା । କରୁଣାକର ପଛେ ପଛେ ପାଟି ମୁଦି ହସି ହସି ମୁଁ ଫୁଲିବାକୁ ଲାଗିଲି । ବାଟରେ କଥା ନାହିଁ, ବାର୍ତ୍ତା ନାହିଁ । ଗାଁରେ ପଶୁ ପଶୁ, ସମସ୍ତଙ୍କ ଆଗେ ସବୁ କଥା କହିଦେଲି । ଗାଁ ଲୋକେ ଆମରି ହସି ହସି ଅସ୍ଥିର । କରୁଣାକରକୁ ଅହୁରି ଉତ୍ତ୍ୟକ୍ତ କଲେ । ସେହି ଦିନୁ ଆଉ କୁଆଡ଼େ ଗଲେ କରୁଣାକର ମତେ ସଙ୍ଗରେ ନେଲା ନାହିଁ ।

Digitized by srujanika@gmail.com

# ଭାରତର ପଲ୍ଲୀସ୍ୱାସ୍ଥ୍ୟ

ଶ୍ରୀ ରାଧାଚରଣ ପଣ୍ଡା ଏଲ୍. ଏମ୍. ପି., ଆସିଷ୍ଟାଣ୍ଟ୍ ହେଲ୍ଥ ଅଫିସର, ପୁରୀ

ଭାରତ ଗୋଟିଏ ପଲ୍ଲୀବହୁଳ ଦେଶ । ଏଠାରେ ପ୍ରାୟ ସାତ ଲକ୍ଷ ପଲ୍ଲୀ ଅଛି । ଏହି ପଲ୍ଲୀରେ ଭାରତର ୧୦ ଭାଗରୁ ୯ ଭାଗ ଲୋକ ବାସ କରନ୍ତି । ବିଂଶ-ଶତାବ୍ଦୀର ମଧ୍ୟଭାଗରେ ଯେଉଁ ଶିକ୍ଷା ଓ ସଭ୍ୟତାର ଦୈନନ୍ଦିନ ଉନ୍ନତି ଯୋଗୁଁ ଆଜି ୟୁରୋପ ଓ ଆମେରିକା ପ୍ରଭୃତି ଦେଶ ସୁସଭ୍ୟ, ସୁଶିକ୍ଷିତ ଏବଂ ଧନୀ ବୋଲି ପରିଚିତ, ସେହି କେତୋଟି ମହତ୍ ଗୁଣ ଅଭାବରୁ ଭାରତର ପଲ୍ଲୀବାସୀ ଅତି ଅନୁନ୍ନତ, ଚିରରୁଗ୍ଣ ଓ ଦରିଦ୍ର ଦେଖାଯାନ୍ତି । ମୁଷ୍ଟିମେୟ ସହରରେ ସରକାରଙ୍କ ଚେଷ୍ଟାରୁ କେତୋଟି ସ୍କୁଲ କଲେଜ ସ୍ଥାପିତ ହୋଇଛି ସତ୍ୟ, କିନ୍ତୁ ତଦ୍ଦ୍ୱାରା ପଲ୍ଲୀବାସୀଙ୍କର ବିଶେଷ କିଛି ଉନ୍ନତି ହୋଇନାହିଁ ବୋଲି କୁହାଯାଇ ପାରେ ।

କିନ୍ତୁ ପଲ୍ଲୀପ୍ରଜାଙ୍କ ଶିକ୍ଷା, ସଭ୍ୟତା, ସାମାଜିକ ଓ ନୈତିକ ଉନ୍ନତି ଦିଗରେ ବିଶେଷ ଦୃଷ୍ଟି ଦେବାର ଠିକ୍ ଥାଉ, ସେମାନେ ପ୍ରଥମେ ସୁସ୍ଥ ଓ ସବଳ ହୋଇ ବଞ୍ଚି ରହିବା ପାଇଁ ଏ ପର୍ଯ୍ୟନ୍ତ କୌଣସି ଚେଷ୍ଟା କରାଯାଇ ନାହିଁ । ପଲ୍ଲୀବାସୀ ନିଜେ ମଧ୍ୟ ଶିକ୍ଷାର ବହୁ ପଛରେ ପଡ଼ି ଏ ଦିଗରେ ଥରେ ଅଧେ ଚିନ୍ତା କରନ୍ତି କି ନାହିଁ ସନ୍ଦେହ !

ଭାରତର ପଲ୍ଲୀସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରକୃତ ତଥ୍ୟ ସଂଗ୍ରହ କରିବା ପାଇଁ ଗତ ୧୯୩୩ ଖ୍ରୀଷ୍ଟାବ୍ଦରେ ଭାରତର ସ୍ୱାସ୍ଥ୍ୟ ବିଭାଗୀୟ 'ଡିରେକ୍ଟର-ଜେନେରେଲ୍' ମହୋଦୟ ଗୋଟିଏ ଅନୁସନ୍ଧାନ କରିଥିଲେ । ଏହି ଅନୁସନ୍ଧାନଦ୍ୱାରା ଭାରତର ବିଭିନ୍ନ ପ୍ରଦେଶରେ ଥିବା ପଲ୍ଲୀ-ବାସୀଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଯେଉଁ ତଥ୍ୟ ସଂଗ୍ରହ କରି ଯାଇଥିଲା ତାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଉଦ୍ଧୃତ ହେଲା:—

### ପରିବାର ସଂଖ୍ୟା

ଭାରତର ପଲ୍ଲୀଗୁଡ଼ିକରେ ପ୍ରତି ପରିବାରରେ ହାରାହାରି ୫·୫ ଜଣ ବାସ କରନ୍ତି । ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜରେ ଏହି ସଂଖ୍ୟା କେବଳ ୫ ଥିବାର ଜଣାଯାଏ, କିନ୍ତୁ ପଞ୍ଜାବରେ ଏହା ୬·୪ ଯାଏ ବୃଦ୍ଧି ହୁଏ ।

### କୃଷି ଜମିର ପରିମାଣ

ପରିବାରର ପ୍ରତି ଲୋକ ପିଛା ବଙ୍ଗଦେଶରେ ୦·୭୨ ଏକର ଏବଂ ମଧ୍ୟପ୍ରଦେଶରେ ପ୍ରାୟ ୨·୬୩ ଏକର କୃଷି ଜମି ଥିବାର ଜଣାଯାଏ, କିନ୍ତୁ ଏହି ଜମିର ଉର୍ବରତା ଓ ଫସଲର ଆମଦାନୀ ସବୁଠାରେ ସମାନ ନ ହେବାରୁ କୃଷି ଜମିର ପରିମାଣକୁ ନେଇ ଲୋକମାନଙ୍କର ଆର୍ଥିକ ଅବସ୍ଥା ତୁଳନା କରି ହୁଏ ନାହିଁ ।

### ପଲ୍ଲୀବାସୀଙ୍କ ଶାରୀରିକ ଅବସ୍ଥା

ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଖାଦ୍ୟ ଖାଇ ଲୋକ-ମାନେ ନିଜର ଶାରୀରିକ ଅବସ୍ଥାର ପରିବର୍ତ୍ତନ ବା ପରିବର୍ଦ୍ଧନ କରନ୍ତି । କୌଣସି ପ୍ରଦେଶରେ ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା ବ୍ୟବସ୍ଥା ନ ଥିବାରୁ ଲୋକମାନଙ୍କର ସ୍ୱାସ୍ଥ୍ୟ ଏହି ଶାରୀରିକ ଅବସ୍ଥାକୁ ଦେଖି ସ୍ଥିର କରିବାର ସୁବିଧା ନାହିଁ । ପ୍ରୋକ୍ତ ଅନୁସନ୍ଧାନରୁ ଜଣାଯାଏ ଯେ ଭାରତର ଶତକଡ଼ା ୩୯ ଜଣ ମାତ୍ର ସୁସ୍ଥ ଓ ସବଳ ଦେଖାଯାନ୍ତି, ୪୧ ଜଣଙ୍କର ସ୍ୱାସ୍ଥ୍ୟ ମଧ୍ୟମ ଦେଖାଯାଏ, ଏବଂ ୨୦ ଜଣଙ୍କର ସ୍ୱାସ୍ଥ୍ୟ ଆଦୌ ଭଲ ନୁହେ । ବଙ୍ଗଦେଶରେ ଏହି ସଂଖ୍ୟାର ଅଳ୍ପ କିଛି ବ୍ୟତିକ୍ରମ ଥିବାର ଦେଖାଯାଏ, ଏବଂ କେବଳ ଶତକଡ଼ା ୨୨ ଜଣଙ୍କର ସ୍ୱାସ୍ଥ୍ୟ ଭଲ ଥାଏ ଏବଂ ଶତକଡ଼ା ୩୧ ଜଣଙ୍କର ସ୍ୱାସ୍ଥ୍ୟ ଆଦୌ ତୃପ୍ତିକର ନୁହେ । ଆମ୍ଭମାନଙ୍କର ସ୍ୱାସ୍ଥ୍ୟ କେବଳ ପୁଷ୍ଟିକର ଖାଦ୍ୟ ଉପରେ ନିର୍ଭର କରେ । କେତେକ ସ୍ଥାନରେ ପୁଷ୍ଟିକର ଖାଦ୍ୟ ସତ୍ତ୍ୱେ ଶାରୀରିକ ଯନ୍ତ୍ରଣା ବା କୌଣସି ଋତୁର ରୋଗଦ୍ୱାରା ମଧ୍ୟ ଏହି ସ୍ୱାସ୍ଥ୍ୟର ପରିବର୍ତ୍ତନ ଘଟିଥାଏ ।

### ଖାଦ୍ୟ

ଦେହ ସୁସ୍ଥ ଓ ସବଳ ହେବା ପାଇଁ ଯଥେଷ୍ଟ ପରିମାଣରେ ପୁଷ୍ଟି-କର ଖାଦ୍ୟ ଖାଇବାକୁ ହେବ, କିନ୍ତୁ ଏହାର ଅଭାବରେ ଭାରତର ପଲ୍ଲୀବାସୀ ଦିନୁଦିନ ଦୁର୍ବଳ ହୁଅନ୍ତି । ଉପଯୁକ୍ତ ଅନୁସନ୍ଧାନରୁ ଜଣା-ଯାଏ ଯେ ଭାରତର ଅନେକ ପଲ୍ଲୀବାସୀ ଦିନକୁ ତିନି ଥର ପେଟ-ପୂରି ଖାଦ୍ୟ ଖାନ୍ତି, କିନ୍ତୁ ଏହି ଖାଦ୍ୟ ସେତେ ପୁଷ୍ଟିକର କିମ୍ବା ଉପାଦେୟ ଥିବାର ଜଣାଯାଏ ନାହିଁ । ପେଟ ପୂରିବା ଓ ଭୋକ ଏବଂ ଶୋଷ ମାରିବା ପାଇଁ ଯେଉଁମାନେ ଖାଦ୍ୟ ଖାନ୍ତି ସେମାନେ ସାମୟିକ ସନ୍ତୋଷ ପାନ୍ତି ସତ୍ୟ, କିନ୍ତୁ ତଦ୍ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ଆଦୌ ଉନ୍ନତି କରେ ନାହିଁ ।

ଭାରତର ଅତି କମ୍ ବ୍ୟକ୍ତି ମାଛ ଓ ମାଂସ ପ୍ରଭୃତି ଖାନ୍ତି । ପାଚିଲା ଫଳ ଅଧିକାଂଶ ପ୍ରଦେଶରେ ପର୍ଯ୍ୟାପ୍ତ ପରିମାଣ ମିଳେ ନାହିଁ । ଗାଈ ଦୁଧ ଅତି ପୁଷ୍ଟିକର ଖାଦ୍ୟ । ତଦ୍ଦ୍ୱାରା ଦେହର ସ୍ୱାସ୍ଥ୍ୟ ଭଲ ହୁଏ ସତ୍ୟ, କିନ୍ତୁ କେବଳ ପଞ୍ଜାବ ଓ ଯୁକ୍ତପ୍ରଦେଶ ବ୍ୟତୀତ ଭାରତର ଅନ୍ୟ କୌଣସି ପ୍ରଦେଶରେ ପ୍ରଚୁର ପରିମାଣ ଗାଈ ଦୁଧ ମିଳେ ନାହିଁ । ପଞ୍ଜାବରେ ହାରାହାରି ଲୋକ ପିଛା ଦୈନିକ ୩୦ ତୋଳା ଏବଂ ଯୁକ୍ତପ୍ରଦେଶରେ ପ୍ରାୟ ୧୫ ତୋଳା ଦୁଧ ଖାଇବା ପାଇଁ ମିଳେ । ବୋମ୍ବେ ପ୍ରଦେଶରେ କେବଳ ୧୦ ତୋଳା ଏବଂ ଅନ୍ୟାନ୍ୟ ପ୍ରଦେଶରେ ମୋଟେ ୭॥ ତୋଳା ମାତ୍ର ମିଳେ । ପଞ୍ଜାବ ଓ ଯୁକ୍ତପ୍ରଦେଶ ବ୍ୟତୀତ ଅନ୍ୟ କୌଣସି ପ୍ରଦେଶରେ ପ୍ରଚୁର ପରି-ମାଣ ଘିଅ ମଧ୍ୟ ଖରିଦ କରିବା ପାଇଁ ମିଳେ ନାହିଁ ।

ଶରୀରର ରକ୍ତ, ମାଂସପେଶୀ, ହାଡ଼ ଓ ଅନ୍ୟାନ୍ୟ ଅଙ୍ଗର ସଂଗଠନ ନିମନ୍ତେ ଯେଉଁ କେତେକ ପୁଷ୍ଟିକର ଉପାଦାନପୂର୍ଣ୍ଣ ଖାଦ୍ୟ ନିତାନ୍ତ ଦରକାର ତାହା ଆମ୍ଭମାନଙ୍କର ଦୈନିକ ଖାଦ୍ୟରେ ନ ଥିବାରୁ ଆମ୍ଭମାନଙ୍କର ସ୍ୱାସ୍ଥ୍ୟ ଦିନୁଦିନ ଦୁର୍ବଳ ହୋଇ ପଡ଼ୁଛି ।



Digitized by srujanika@gmail.com

### ନିଶାଦ୍ରବ୍ୟ

ଭାରତର ଶତକଡ଼ା ୧୬·୩ ଜଣ ପଲ୍ଲୀବାସୀ ବିଲାତି ମଦ (Alcohol) ଖାଆନ୍ତି । ଆସାମ, ବିହାର ଏବଂ ଓଡ଼ିଶା ଓ ମାନ୍ଦ୍ରାଜ ବ୍ୟତୀତ ଅନ୍ୟ କୌଣସି ପ୍ରଦେଶରେ ଏହି ମଦର ସଦ୍‌ବ୍ୟବହାର (?) ହେଉଥିବାର ଜଣାଯାଏ ନାହିଁ ।

### ଲୋକସଂଖ୍ୟା ଓ ଖାଦ୍ୟର ପରିମାଣ

ଶତକଡ଼ା ୪୦ ପଲ୍ଲୀର ଲୋକସଂଖ୍ୟା ତୁଳନାରେ ଖାଦ୍ୟ ଦ୍ରବ୍ୟର ପ୍ରଧାନ ଅଭାବ ଦେଖାଯାଏ । ବିହାର ଏବଂ ଓଡ଼ିଶାର ଶତକଡ଼ା ୬୦ ପଲ୍ଲୀର ଲୋକସଂଖ୍ୟା ଆଶାତୀତ ବୃଦ୍ଧି ଲାଭ କରିଅଛି । ବଙ୍ଗଦେଶ ଓ ପଞ୍ଜାବରେ ଏହି ସଂଖ୍ୟା ୪୬ ଥିବାର ଜଣାଯାଏ । ଲୋକସଂଖ୍ୟା ତୁଳନାରେ ଖାଦ୍ୟ ଦ୍ରବ୍ୟର ଅଭାବ ଥିବାରୁ ଅନେକ ପଲ୍ଲୀବାସୀ ଅତି ଦୁର୍ବଳ ଓ ରୁଗ୍ଣ ଦେଖାଯାନ୍ତି ।

### ପଲ୍ଲୀର ସାଧାରଣ ରୋଗ

ଭାରତର ପ୍ରାୟ ୩୬୩ କୋଟି ଲୋକ ମଧ୍ୟରୁ ନିମ୍ନଲିଖିତ ସାଧାରଣ ରୋଗୀଙ୍କ ସଂଖ୍ୟା ସ୍ଥିର କରି ଯାଇଥିଲା :—

| | | | |
|---|---|---|---|
| ୧ । | ଅସ୍ଥିରୋଗ ( Rickets ) | ୨ ୧/୩ | ଲକ୍ଷ |
| ୨ । | ଅନ୍ଧାରକଣା | ୩ ୨/୫ | ,, |
| ୩ । | ଉପଦଂଶ | ୫ ୧/୨ | ,, |
| ୪ । | ମେହ | ୭ ୧/୨ | ,, |
| ୫ । | କୁଷ୍ଠରୋଗ | ୩/୪ | ,, |
| ୬ । | ଯକ୍ଷ୍ମା | ୧ ୩/୪ | ,, |
| ୭ । | ପାଗଳ ଓ ମସ୍ତିଷ୍କ ରୋଗ | ୨/୩ | ,, |
| ୮ । | ଅନ୍ଧ ... | ୨ | ,, |

ଏହି ରୋଗର ବିସ୍ତୃତ ବିବରଣୀ ନିମ୍ନରେ ବର୍ଣ୍ଣିତ ହେବ ।

**୧ । ଅସ୍ଥିରୋଗ**

ଖାଦ୍ୟ ଦୋଷରୁ ଶିଶୁ ଦେହର ହାଡ଼ଗୁଡ଼ିକ ଅତି ଦୁର୍ବଳ ହୁଏ । ଏହି ରୋଗ ବଙ୍ଗଦେଶରେ ବେଶି ଦେଖାଯାଏ । ଆସାମ ଓ ପଞ୍ଜାବରେ ଏହି ରୋଗ ଆଦୌ ନାହିଁ କହିଲେ ଚଳେ ।

**୨ । ଅନ୍ଧାରକଣା**

ଖାଦ୍ୟ ଦୋଷରୁ ଏହି ରୋଗ ମଧ୍ୟ ଜାତ ହୁଏ । କିନ୍ତୁ ଏହା ଯୁକ୍ତପ୍ରଦେଶରେ ଅଧିକ ଦେଖାଯାଏ । ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏହା କେତେକ ପରିମାଣ ଦେଖାଯାଏ, କିନ୍ତୁ ବୋମ୍ବେ ପ୍ରଦେଶର କୌଣସି ଲୋକ ଏହି ରୋଗରେ ପୀଡ଼ିତ ହୁଅନ୍ତି ନାହିଁ ।

**୩ ଓ ୪ । ମେହ ଓ ଉପଦଂଶ**

ଦେଶରେ ଶିକ୍ଷା ଓ ସଭ୍ୟତାର ମାତ୍ରା ଯେତେ ବୃଦ୍ଧି ହେଉଛି, ବିଶେଷତଃ, ଯା' ଆସ କରିବାର ସୁବିଧା ଯେତେ ବେଶି ହେଉଛି ଏ ଦୁଇଟି ରୋଗର ପ୍ରସାର ସେତେ ବୃଦ୍ଧି ଲାଭ କରୁଥିବାର ଜଣାଯାଏ । ଭାରତରେ ବଙ୍ଗଳା ଓ ମାନ୍ଦ୍ରାଜ ପ୍ରଦେଶ ଏହି ରୋଗର ପ୍ରଧାନ କେନ୍ଦ୍ର ଅଟେ ।

**୫ । କୁଷ୍ଠ ରୋଗ**

ଭାରତରେ ୭୫୦,୦୦୦ ଜଣ କୁଷ୍ଠରୋଗୀ ଥିବାର ଗତ କେତେକ ଦିନର ବିଶେଷ ଅନୁସନ୍ଧାନରୁ ଜଣା ଯାଇଛି । ସରକାରୀ ଲୋକ-ସୁମାରି ଅପେକ୍ଷା ଏହି ବିଶେଷ ଅନୁସନ୍ଧାନଦ୍ୱାରା ଏହି ରୋଗର ରୋଗୀସଂଖ୍ୟା ବେଶ୍ ଅଧିକ ଥିବାର ଜଣା ଯାଇଥିଲା ।

**୬ । କ୍ଷୟକାଶ**

କ୍ଷୟକାଶ ଭାରତର ପ୍ରତ୍ୟେକ ପ୍ରଦେଶର ପଲ୍ଲୀବାସୀଙ୍କଠାରେ ଦେଖାଯାଏ । ଏହି ରୋଗ ବଙ୍ଗଦେଶ, ମାନ୍ଦ୍ରାଜ, ପଞ୍ଜାବ ଓ ବିହାର ଏବଂ ଓଡ଼ିଶାରେ ପ୍ରବଳ ଥିବାର ଜଣାଯାଏ । ଫୁସ୍ ଫୁସ୍ ଜନିତ କ୍ଷୟରୋଗୀଙ୍କ ସଂଖ୍ୟା ସବୁଠାରେ ଅଧିକ ଦେଖାଯାଏ । ଏହି ରୋଗ ମଧ୍ୟପ୍ରଦେଶରେ ଖୁବ୍ କମ୍ ଦେଖାଯାଏ । ଏହାର ପ୍ରଧାନ କାରଣ ଅତି କମ୍ ଲୋକସଂଖ୍ୟା ଏବଂ ଯା'ଆସ କରିବା ପାଇଁ ରେଳ ବା ସଡ଼କ ରାସ୍ତାର ଅଭାବ ବୋଲି କୁହା ଯାଇପାରେ ।

ଭାରତର ପଲ୍ଲୀ ଅପେକ୍ଷା ସହରରେ ଏହି ରୋଗର ପ୍ରାଦୁର୍ଭାବ ବେଶି ଦେଖାଯାଏ, ଏବଂ ପ୍ରୋକ୍ତ ଅନୁସନ୍ଧାନରୁ ଜଣାଯାଏ ଯେ ଦିନୁ ଦିନ ଏହି ରୋଗ ଭାରତର ପ୍ରତ୍ୟେକ ସ୍ଥାନକୁ ଅବାଧ ଗତି କରୁଅଛି । ଭାରତରେ କ୍ଷୟକାଶର କ୍ରମବିକାଶ ନିମ୍ନ ତିନୋଟି କାରଣରୁ ହେଉଥିବାର ଜଣାଯାଏ:—

ପ୍ରଥମ—ଅନେକ ପଲ୍ଲୀରେ ଏହି ରୋଗ ଆଦୌ ଦେଖା ଦେଇ ନାହିଁ; କିନ୍ତୁ ଥରେ ଏହା ଆରମ୍ଭ ହେଲେ ଏଥିଦ୍ୱାରା ପଲ୍ଲୀବାସୀଙ୍କର ବିଶେଷ କ୍ଷତି ଯେ ହେବ ତାହା ନିଃସନ୍ଦେହ ।

ଦ୍ୱିତୀୟ—ପଲ୍ଲୀଗୁଡ଼ି ସମ୍ପୂର୍ଣ୍ଣ ରୋଗମୁକ୍ତ ହେଲେହେଁ ଆମ ଦେଶର ସହରରୁ କ୍ଷୟକାଶ ରୋଗୀମାନଙ୍କଦ୍ୱାରା ଉକ୍ତ ପଲ୍ଲୀଗୁଡ଼ିରେ ଏହି ରୋଗ କ୍ରମଶଃ ବ୍ୟାପୁଅଛି । ଏବଂ ଭବିଷ୍ୟତରେ ଅବାଧରେ ବ୍ୟାପି ପାରେ ।

ତୃତୀୟ—ଅଖାଦ୍ୟ ବା ଅଳ୍ପ ଖାଦ୍ୟ ଖାଇ ଦିନୁ ଦିନ ଦୁର୍ବଳ ହେଲେ, ଅତି ଅସ୍ୱାସ୍ଥ୍ୟକର ସ୍ଥାନରେ ବାସ କଲେ ଏବଂ ଅନ୍ୟ କୌଣସି ରୋଗରେ ପୀଡ଼ିତ ଥାଇ ଅତି ଦୁର୍ବଳ ହେଲେ ଏହି ରୋଗ ହଠାତ୍ ଆକ୍ରମଣ କରେ । ଅତଏବ ଏହି ରୋଗ ଯେଉଁ ସ୍ଥାନରେ ପ୍ରଥମେ ଦେଖାଦିଏ ସେଠାରେ ଲୋକମାନେ କିପରି ଅସ୍ୱାସ୍ଥ୍ୟକର ଜୀବନ କାଟନ୍ତି ତାହା ସ୍ପଷ୍ଟ ଜାଣିହୁଏ ।

**୭ । ପାଗଳ ଓ ମସ୍ତିଷ୍କ ରୋଗ**

ମସ୍ତିଷ୍କ ରୋଗ ଭାରତ ବାସୀଙ୍କଠାରେ ଅତି କମ୍ ଦେଖାଯାଏ, ଇଂଲଣ୍ଡରେ ପ୍ରତି ହଜାରକେ ୪ ଜଣ ଲୋକ ମସ୍ତିଷ୍କ ରୋଗରେ କେବଳ ପୀଡ଼ିତ ହୁଅନ୍ତି, କିନ୍ତୁ ଭାରତରେ ପ୍ରତି ହଜାରକେ ୧·୬ ଜଣ ମାତ୍ର ପୀଡ଼ିତ ଥିବାର ଦେଖାଯାନ୍ତି । ଆସାମ ଓ ବଙ୍ଗଦେଶରେ ତିନି ଜଣ ଏବଂ ଅନ୍ୟାନ୍ୟ ପ୍ରଦେଶରେ ମୋଟେ ୦·୩ ଜଣ ମାତ୍ର ମସ୍ତିଷ୍କ ରୋଗରେ ପୀଡ଼ିତ ହୁଅନ୍ତି ।

Digitized by srujanika@gmail.com

୮। ଅନ୍ଧ

ଭାରତରେ ପ୍ରତି ହଜାରକେ ୫.୪ ଜଣ ଅନ୍ଧ ଅଛନ୍ତି। ଅନ୍ଧ ହେବାର ପ୍ରଧାନ କାରଣ ତଳେ କେତେ ଗୋଟି ଉଲ୍ଲେଖ କରାଗଲା:—

| | |
|---|---|
| ୬୧୮ ଜଣ | ପରଳ ରୋଗ ( Cataract ) |
| ୨୫୮ ,, | ଗ୍ଲାକୋମା ( Glancoma ) |
| ୨୫୮ ,, | ବସନ୍ତ ରୋଗ |
| ୨୫୬ ,, | ଟ୍ରାକୋମା ( Trachoma ) |
| ୯୦ ,, | ବୈଦ୍ୟଙ୍କ ଅସାବଧାନତା ଯୋଗୁଁ |
| ୮୫ ,, | ଜନ୍ମ ହେଉ ହେଉ ମେହ ରୋଗରୁ |
| ୫୧ ,, | ଅକ୍ଷିଧର ( Conjenetirtis ) |

## କଲେରା, ପ୍ଲେଗ ଓ ବସନ୍ତ ରୋଗ

| ରୋଗର ନାମ | ବିଶେଷ ଅନୁସନ୍ଧାନଦ୍ୱାରା ଜଣାଯାଇଥିବା ମୃତ୍ୟୁର ସଂଖ୍ୟା ( ୧୯୨୭— ୩୧ ) |
|---|---|
| କଲେରା | ୨୬୦,୦୦୦ |
| ପ୍ଲେଗ | ୩୪,୨୯୦ |
| ବସନ୍ତ | ୮୧,୦୦୦ |

## ପ୍ଲେଗ

ଭାରତର ଅଳ୍ପ କେତୋଟି ସହରରେ ଏହା ସୀମାବଦ୍ଧ ହୋଇ ରହିଛି, କିନ୍ତୁ କଲେରା ଓ ବସନ୍ତ ଭାରତର ପ୍ରତ୍ୟେକ ପ୍ରଦେଶରେ ଦେଖା ଯାଉଥିବାର ଜଣାଯାଏ।

## ମେଲେରିଆ ଓ ପ୍ଲୀହା

ଶତକରା ୧୪.୩ ଜଣ ଲୋକ ପ୍ଲୀହା ବୃଦ୍ଧି ( **Enlarged spleen** ) ରୋଗରେ ପୀଡ଼ିତ ହୁଅନ୍ତି। କିନ୍ତୁ ହାରାହାରି ୫୦ ଠାରୁ ୧୦୦ ଲକ୍ଷ ଲୋକ ମେଲେରିଆ ରୋଗରେ ପ୍ରତି ବର୍ଷ ପୀଡ଼ିତ ହେବାର ଜଣାଯାଏ।

## ସ୍ତ୍ରୀମାନଙ୍କର ଗର୍ଭାବସ୍ଥା ସମସ୍ୟା

ଏ ଦେଶରେ ୧୪ ବର୍ଷର ବାଳିକାମାନେ ପୁରୁଷ ସଙ୍ଗେ ସହବାସ କରିବାକୁ ଉପଯୁକ୍ତ ହୁଅନ୍ତି ଏବଂ ପ୍ରାୟ ୧୬ ବର୍ଷ ବୟସରେ ସେମାନେ ମାତୃତ୍ୱ ଲାଭ କରନ୍ତି। ଯେଉଁ ବୟସର ବାଳିକାମାନେ ୟୁରୋପ ଓ ଆମେରିକା ପ୍ରଭୃତି ଦେଶରେ ସ୍କୁଲ କଲେଜରେ ପଢ଼ାପଢ଼ି କରନ୍ତି ସେହି ବୟସର ଭାରତୀୟ ବାଳିକାମାନେ ସନ୍ତାନବତୀ ହୁଅନ୍ତି। ଏତେ କମ ବୟସରେ ସେମାନଙ୍କର ସନ୍ତାନ ସନ୍ତତି ଜାତ ହେବାରୁ ସେମାନେ କ୍ରମଶଃ ଅତି ଦୁର୍ବଳ ହୁଅନ୍ତି ଏବଂ ୩୦। ୩୨ ବର୍ଷରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ପଡ଼ନ୍ତି।

## ଉପସଂହାର

ପ୍ରୋକ୍ତ ଅନୁସନ୍ଧାନରୁ ସ୍ପଷ୍ଟ ଜଣାଯାଏ ଯେ:—

(କ) ଭାରତର ପଲ୍ଲୀବାସୀ ଖାଦ୍ୟାଭାବରୁ ଅତି ଦୁର୍ବଳ ହୋଇଅଛନ୍ତି।

(ଖ) ଭାରତବାସୀଙ୍କର ପରମାୟୁ ସାଧାରଣ ପରମାୟୁ ଅପେକ୍ଷା ପ୍ରାୟ ଅଧେ କମ୍ ହୋଇଅଛି।

(ଗ) ଦୁର୍ଭିକ୍ଷ ବା ଅନାହାର ପ୍ରତି ପାଞ୍ଚଗୋଟି ପଲ୍ଲୀରେ ପ୍ରତି ଦଶ ବର୍ଷ ମଧ୍ୟରେ ଦେଖା ଦିଏ।

(ଘ) ମୃତ୍ୟୁ ସଂଖ୍ୟା ଅତ୍ୟଧିକ ହେଲେହେଁ ଦେଶର ଲୋକ ସଂଖ୍ୟା ଦିନୁ ଦିନ ବୃଦ୍ଧିଲାଭ କରୁଛି କିନ୍ତୁ ସେହି ତୁଳନାରେ ଖାଦ୍ୟ ପେୟର ପରିମାଣ କୌଣସିରୂପେ ପରିବର୍ତ୍ତିତ ହୋଇ ନାହିଁ।

(ଙ) ଅତି କମ୍ ବୟସର ବାଳିକାମାନେ ଅକାଳରେ ମାତୃତ୍ୱ ଗ୍ରହଣ କରିବାଦ୍ୱାରା ସେମାନଙ୍କର ଶିଶୁ ଉତ୍ପାଦିକା ଶକ୍ତି କ୍ରମଶଃ କମ୍ ହେବା ସଙ୍ଗେ ସଙ୍ଗେ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ହେଉଛି।

(ଚ) କଲେରା, ପ୍ଲେଗ ଓ ବସନ୍ତ ପ୍ରଭୃତି ସଂକ୍ରାମକ ରୋଗ ଏବଂ ମେଲେରିଆ ଭାରତର ପ୍ରତ୍ୟେକ ପ୍ରଦେଶରେ ଘର କରି ରହିଛି।

(ଛ) ଭାରତର ଶିକ୍ଷିତ ସମାଜ ପଲ୍ଲୀବାସୀଙ୍କର ଏହି ଶୋଚନୀୟ ଅବସ୍ଥାର ଗୁରୁତ୍ୱ ଆଦୌ ଉପଲବ୍ଧି କରୁ ନାହାନ୍ତି, କିମ୍ବା ତହିଁର ବିଶେଷ ପ୍ରତିକାର ନିମନ୍ତେ ଉପଯୁକ୍ତ ଚେଷ୍ଟା ମଧ୍ୟ କରନ୍ତି ନାହିଁ।

(ଜ) ଦେଶର ସରକାର ଲୋକମାନଙ୍କର ସୁବିଧା ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାହିତ୍ୟ ପ୍ରଭୃତିର ପ୍ରଚାର କରିବା ସଙ୍ଗେ ସଙ୍ଗେ ଅନେକ ରେଲରାସ୍ତା, ସଡ଼କ ଓ ପୋଲ ପ୍ରଭୃତି ନିର୍ମାଣ କରି ଅଛନ୍ତି ସତ୍ୟ, କିନ୍ତୁ ଏତଦ୍ଦ୍ୱାରା ଲୋକମାନଙ୍କର ଆର୍ଥିକ ଓ ଶାରୀରିକ ଅବସ୍ଥାର ବିଶେଷ କିଛି ପରିବର୍ତ୍ତନ ବା ପରିବର୍ଦ୍ଧନ ହୋଇ ପାରି ନାହିଁ।

(ଝ) ପଲ୍ଲୀବାସୀମାନଙ୍କର ଏହି ଆର୍ଥିକ ଓ ଦୈହିକ ଉନ୍ନତିର ବିଶେଷ ପରିବର୍ତ୍ତନ ନ ହେଲେ ଏ ଦେଶର ଧନୀ ଓ ମଧ୍ୟବିତ୍ତ ବ୍ୟକ୍ତିଙ୍କର ଅବସ୍ଥା ଯେ ଦିନକୁ ଦିନ ଶୋଚନୀୟ ହେବ, ସନ୍ଦେହ ନାହିଁ। ପଲ୍ଲୀବାସୀଙ୍କ ଆର୍ଥିକ ଅବସ୍ଥାର ବିଶେଷ ଉନ୍ନତି ନ ହେଲେ ଏ ଦେଶର ବ୍ୟବସାୟ, ବାଣିଜ୍ୟ, ସରକାରୀ ରାଜସ୍ୱର ଅବସ୍ଥା ଏବଂ ଦେଶର ସର୍ବସାଧାରଣ ଅବସ୍ଥାର ମଧ୍ୟ ବିଶେଷ କିଛି ଉନ୍ନତି ହେବା ସମ୍ଭବ ନୁହେ।

## ପ୍ରତିକାର

ଭାରତର ପଲ୍ଲୀବାସୀଙ୍କ ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥାର ବହୁ ବିଧ ଉନ୍ନତି କରିବା ପାଇଁ ନିମ୍ନ କେତେକ ପ୍ରତିକାରର ଉପାୟ କରା ଯାଇପାରେ।

(୧) ପଲ୍ଲୀବାସୀଙ୍କର ପ୍ରକୃତ ଅବସ୍ଥା କ'ଣ ତାହା ଜାଣିବା ପାଇଁ ବିଶେଷ ଅନୁସନ୍ଧାନ କରିବାକୁ ହେବ। ଏହି ଅନୁସନ୍ଧାନ ଫଳରେ ପଲ୍ଲୀବାସୀଙ୍କ ଭବିଷ୍ୟତ ଉନ୍ନତି ଦିଗରେ ଉପାୟମାନ ସ୍ଥିର କରା ଯାଇପାରେ।

(୨) ଦେଶର ଶିକ୍ଷିତ ସମାଜ ପଲ୍ଲୀବାସୀଙ୍କର ବହୁ ବିଧ ଉନ୍ନତି ପାଇଁ ଯେତେଦୂର ଦାୟୀ ସେ ବିଷୟ ସେମାନଙ୍କୁ ବୁଝାଇ ଦେବାକୁ ହେବ।

(୩) ସମସ୍ତ ପ୍ରକାର ସଂକ୍ରାମକ ଓ ମାରାତ୍ମକ ରୋଗଗୁଡ଼ି ଯେପରି ଅଚିରେ ବନ୍ଦ ହୁଏ ସେ ଦିଗରେ ବିଶେଷ ଯତ୍ନ ନେବାକୁ ହେବ। ସଙ୍ଗେ ସଙ୍ଗେ ଏହି ରୋଗଗୁଡ଼ିକ ବନ୍ଦ କରିବା ପାଇଁ ଯେଉଁ ଯେଉଁ

Digitized by srujanika@gmail.com

ଉପାୟ ଅଛି ସେହି ଉପାୟଗୁଡ଼ିକୁ ପଲ୍ଲୀବାସୀଙ୍କୁ ସରଳ ଭାଷାରେ ବୁଝାଇ ଦେବାକୁ ହେବ ।

(୪) ସ୍ୱାସ୍ଥ୍ୟର ସାଧାରଣ ନିୟମ ପାଳନ କରି ପୃଥିବୀର ସବୁ ଦେଶବାସୀ ବେଶ୍ ସୁସ୍ଥ ଓ ସବଳ ହୋଇ ପାରିଛନ୍ତି । ଠିକ୍ ସେହି ନିୟମଗୁଡ଼ିକୁ ପାଳନ କଲେ ଆମ ଦେଶର ପଲ୍ଲୀବାସୀ ମଧ୍ୟ ସୁନ୍ଦର ସ୍ୱାସ୍ଥ୍ୟ ଲାଭ କରି ସୁଖରେ ଦୀର୍ଘାୟୁ ହୋଇ ପାରନ୍ତି । ଏ ଦିଗରେ ମଧ୍ୟ ପଲ୍ଲୀବାସୀଙ୍କୁ ଶିକ୍ଷା ଦେବାକୁ ହେବ ।

(୫) କେବଳ ଶିକ୍ଷା ଓ ସଭ୍ୟତାର ଉଚ୍ଚ ପାହାଚକୁ ଚଢ଼ି ଆଜି ୟୁରୋପ ଓ ଆମେରିକାବାସୀ ପ୍ରାଧାନ୍ୟ ଲାଭ କରି ଅଛନ୍ତି । ସେହି ଅବସ୍ଥାକୁ ଦେଖି ନିଜର ଦେଶ କାଳ ଓ ପାତ୍ର ବିବେଚନାରେ କାର୍ଯ୍ୟ କଲେ ଏ ଦେଶର ପଲ୍ଲୀବାସୀ ଯେ ଅଚିରେ ସୁସ୍ଥ ଓ ସବଳ ହେବେ ଏଥିରେ ସନ୍ଦେହ ନାହିଁ । *

# 'ପୁରସ୍କାର'ର କବି

## ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ

'କଳାର ଉଦ୍ଦେଶ୍ୟ କଣ', 'କବିର ଆକାଙ୍କ୍ଷା କଣ',—ଏ ସଂବନ୍ଧରେ ଅନେକେ ଅନେକ ପ୍ରକାର ମତ ପ୍ରକାଶ କରି ଥାଆନ୍ତି । ଏ ପ୍ରସଙ୍ଗର ଆଲୋଚନା କଳା ଏବଂ ସାହିତ୍ୟ କ୍ଷେତ୍ରରେ ଯେପରି ଉପାଦେୟ ସେହିପରି ଅତ୍ୟାବଶ୍ୟକ । କାରଣ ଉଦ୍ଦେଶ୍ୟ ଏବଂ ଆଦର୍ଶ ନିର୍ଦ୍ଦିଷ୍ଟ ଭାବରେ ଜଣା ନ ଥିଲେ କୌଣସି ବିଷୟ ଉତ୍କର୍ଷ ଲାଭ କରୁଅଛି କି ଅବନତି ଆଡ଼କୁ ଗତି କରୁଅଛି, ତାହା ନିର୍ଣ୍ଣୟ କରିବା ସୁକଠିନ । ସାଧାରଣତଃ, ଏ ଶ୍ରେଣୀୟ ଆଲୋଚନାର ଭାର ସମାଲୋଚକମାନଙ୍କ ହାତରେ ଥାଏ । ସମାଲୋଚକମାନେ ସବୁ କ୍ଷେତ୍ରରେ ସ୍ୱୟଂ କଳାବିତ୍ ବା କବି ହୋଇ ନ ଥିବାରୁ ସେମାନଙ୍କ ଆଲୋଚନା ଫଳରେ ଯେଉଁ ସବୁ ମତାମତ ବା ସିଦ୍ଧାନ୍ତ ସ୍ଥିରୀକୃତ ହୁଏ, ସେଗୁଡ଼ି ପ୍ରକୃତରେ କଳାବିତ୍ ବା କବିମାନଙ୍କର ମତାମତ କି ନାହିଁ, ସେ ସଂବନ୍ଧରେ ଘୋରତର ସନ୍ଦେହ ରହିଯାଏ । ଯଦି କଳାବିତ୍‌ମାନେ ସ୍ୱୟଂ କଳା-ସାଧନାରେ ସେମାନଙ୍କର ଉଦ୍ଦେଶ୍ୟ କ'ଣ, ବା କବିମାନେ ହୃଦୟରେ କେଉଁ ଆକାଙ୍କ୍ଷା ପୋଷଣ କରି କାବ୍ୟଲକ୍ଷ୍ମୀଙ୍କର ଆରାଧନା କରନ୍ତି, ତାହା ଲିପିବଦ୍ଧ କରୁଥାନ୍ତେ, ତାହାହେଲେ ସେ ଭଳି ଲେଖାରୁ ଆମ୍ଭେମାନେ ସେମାନଙ୍କର ପ୍ରକୃତ ମନୋଭାବ ଅବଗତ ହେବାର ସୁଯୋଗ ପାଆନ୍ତୁ ।

'କଳା-ସାଧନ ହିଁ କଳାର ଏକମାତ୍ର ଉଦ୍ଦେଶ୍ୟ' (Art for arts' sake), 'କଳା ଜୀବନର ସୁକୁମାର ବିକାଶ', 'ସାହିତ୍ୟ ଜୀବନର ପ୍ରତିବିମ୍ବ'—ଇତ୍ୟାକାର ନାନା ମତ ଆମ୍ଭେମାନେ ଶୁଣି ଆସୁଅଛୁଁ । ମଧ୍ୟ, 'କବିର ଆକାଙ୍କ୍ଷା'ରେ କବିଙ୍କ ନିଜ ମୁଖରୁ ସମୟ ସମୟରେ ଆମ୍ଭେମାନେ ତାଙ୍କର ଆକାଙ୍କ୍ଷାର କଥା ଜାଣି-ପାରୁଁ । ଆଜି ଏହି ପ୍ରବନ୍ଧରେ ପ୍ରାଚ୍ୟଖଣ୍ଡର ଆଧୁନିକ ମହାକବି ରବୀନ୍ଦ୍ରନାଥଙ୍କର 'ପୁରସ୍କାର' ଶୀର୍ଷକ କବିତାର ଆଲୋଚନା କରି ସେଥିରେ ସେ କବିର ଆକାଙ୍କ୍ଷାର କେଉଁ ଚିତ୍ର ଅଙ୍କିତ କରିଅଛନ୍ତି ତାହା ଦେଖାଇବି ।

ମହାକବିମାନଙ୍କର ଧାରଣା ଏବଂ ଆଦର୍ଶ ଜନସାଧାରଣ ବା ସାମାନ୍ୟ କବିଯଶଃ-ପ୍ରାର୍ଥୀମାନଙ୍କର ଧାରଣା ଏବଂ ଆଦର୍ଶଠାରୁ ବିଭିନ୍ନ ହେବାର କଥା । ସିଦ୍ଧ ଯୋଗୀ ଯେପରି ନିଜର ଦିବ୍ୟ ଦୃଷ୍ଟି ବଳରେ ମହା ତତ୍ତ୍ୱମାନ ଆୟତ୍ତ କରିଥାଏ, ମହାକବିମାନେ ସେହିପରି ସେମାନଙ୍କର ଅନନ୍ୟସାଧାରଣ ପ୍ରତିଭା ବଳରେ କାବ୍ୟର ଅସାର ଏବଂ କ୍ଷଣ-ଭଙ୍ଗୁର ଉପାଦାନଗୁଡ଼ିକୁ ଉପେକ୍ଷା କରି ତା'ର ସାରଭୂତ ଅଂଶମାନ ସଂଚୟ କରିପାରନ୍ତି । ତେଣୁ ସେମାନଙ୍କର ମତର ମୂଲ୍ୟ ଯେ ସମାଲୋଚକମାନଙ୍କର ବା ଜନସାଧାରଣଙ୍କର ମତର ମୂଲ୍ୟଠାରୁ ଅନେକ ଅଧିକ, ଏହାର ଉଲ୍ଲେଖ କରିବା ବାହୁଲ୍ୟ ମାତ୍ର ।

'ପୁରସ୍କାର'ରେ ଯେଉଁ କବିଙ୍କର ଚିତ୍ର ଦିଆଯାଇ ଅଛି, ସେ ଗରିବ । ନିଜର ଦୈନ୍ୟ ମୋଚନ ଆଶାରେ ସେ ରାଜଦରବାରରେ ଉପସ୍ଥିତ ହୋଇ ରାଜାଙ୍କ ଅନୁରୋଧରେ କାବ୍ୟ ଆଲୋଚନା କରିବାକୁ ଉଦ୍ୟତ ।

ପ୍ରଥମେ ବାଣୀବନ୍ଦନା । ...... କବି ନତମୁଖରେ ଦୁଇ କର ଯୋଡ଼ି ଭାରତୀଙ୍କୁ ପ୍ରାର୍ଥନା ଜଣାଉଛି — "ଜନନି ! ମୋର ନୟନ ସମ୍ମୁଖରେ ତୁମ୍ଭର ପ୍ରସନ୍ନ ମୁଖଚ୍ଛବି ପ୍ରକାଶ କର । ତୁମ୍ଭଙ୍କୁ ହୃଦୟରେ ଅଧିଷ୍ଠିତ କରି ମୁଁ ଧନ ମାନ ସବୁ ଛାଡ଼ି ନିଜର କ୍ଷୁଦ୍ର ପର୍ଣ୍ଣ କୁଟୀରର ସାମାନ୍ୟ ସୁଖ-ସନ୍ତୋଷ ବରଣ କରି ନେଇଛି । ଦୁନିଆର

* ୧୯୩୪ ଖ୍ରୀଷ୍ଟାବ୍ଦ ଯାନୁଆରୀ ମାସର " The Indian Medical Gazette "ରେ ପ୍ରକାଶିତ Major General Sir John Megour K. C. I. E. ଙ୍କ " An Enquiry into Certain Public Health Aspects of Village Life in India " ପ୍ରବନ୍ଧ ଅନୁକରଣରେ ଲିଖିତ ।

Digitized by srujanika@gmail.com

ଗୃହଅଢ଼େ ସମସ୍ତେ ନିଜ ନିଜର ଅଂଶ ଗଣି ନେଉଅଛନ୍ତି, କେବଳ ମୁଁ ତୁମ୍ଭର ସ୍ନେହ ବଚନ ଶୁଣି ସ୍ୱର୍ଗ-ସୁଧାର ଆସ୍ୱାଦନ ଲାଭ କରୁଛି । ତାହା ହିଁ ମୋର ଭଲ । …… କିନ୍ତୁ ରକ୍ତ-ମାଂସ-ଗଢ଼ା ପ୍ରାଣୀର କ୍ଷୁଧା ମେଣ୍ଟାଇବା ଲାଗି ସ୍ୱରର ଖାଦ୍ୟ ଯେ ଯଥେଷ୍ଟ ନୁହେ । ତେଣୁ ଆଜି ଏହି କ୍ରନ୍ଦନ ।"

ପ୍ରାର୍ଥନା କରୁଁ କରୁଁ କବି ବାଗ୍‌ଦେବୀଙ୍କର ଆନନ୍ଦମୟୀ ମୂର୍ତ୍ତିର ଧ୍ୟାନରେ ପୁଲକିତ ହୋଇ ଉଚ୍ଛ୍ୱସିତ କଣ୍ଠରେ ଗାଇ ଉଠୁଅଛି—

ଭାବେଁ ନା ସେ କଥା, ଯା' ହେବାର ହେବ,
ମାଗୋ, ବାରେ ବୀଣା ଝଙ୍କାରି' (୧) ତବ,
ଜଗାଅ ରାଗିଣୀ ବିଶ୍ୱ-ପ୍ଲାବିନୀ
ଅମୃତ-ଉତ୍ସଧାରି ;

ଯେ ରାଗିଣୀ ଶୁଣି ନିଶିଦିନମାନ (୨)
ବିପୁଳ ହର୍ଷେ ଦ୍ରବ ଭଗବାନ,
ମଳିନ ମର୍ତ୍ତ୍ୟ — ତଳେ ବହମାନ
ନିସ୍ୟୃତ ଆତ୍ମହରି ।

ଯେ ରାଗିଣୀ ସଦା ଗଗନ ଉଚ୍ଛଳ
ହୋମଶିଖା ସମ ଉଠେ ଥରି ଥରି
ବିଶ୍ୱତନ୍ତ୍ରୀ ଦେହୁଁ ପଡ଼େ ଝରି
ଅନାଦି ଅସୀମ କାୟେ;

ଯେ ରାଗିଣୀ ଚିର ଜନମ ପ୍ରସରି
ଚିତ୍ତକୁହରେ ଉଠଇ କୁହରି
ଅଶ୍ରୁ ହାସ୍ୟେ ଏ ଜୀବନ ଭରି
ସହସ୍ର ସ୍ରୋତେ ଧାଏଁ ।

* * *

ବାଜୁ ମା ସେ ବୀଣା, ମଜୁ (୩) ଏ ଧରଣୀ
ଭୁଲିଅ ବାରେକ ଭୁଲିଅ ଜନନି,
କେ ବଡ଼ କେ ଛୋଟ କେ ଦୀନ କେ ଧନୀ,
କେବା ଆଗ, କେବା ପଛ ;

କା'ର ଜୟ ହେଲା, କା'ର ପରାଜୟ,
କାହାର ବୃଦ୍ଧି, କା'ର ହେଲା କ୍ଷୟ,
କିଏ ଭଲ, କିଏ ମନ୍ଦ-ଆଶୟ,
ଉଚ୍ଚ କେ, ଅବା ନୀଚ ।

ଗୁନ୍ଥା ହେଉ ଗୋ ଏକ ଗୀତରବେ
ଛୋଟ-ବଡ଼ ଯେତେ ଛୋଟ ଏହି ଭବେ,
ସୁଖେ ପଡ଼ି ରହୁ ପଦ-ପଲ୍ଲବେ
ଯେସନେ ମାଳିକା ଗୋଟି !

* * *

ବାଣୀବନ୍ଦନା ସମାପ୍ତ କରି କବି କ୍ଷଣକାଳ ନୀରବେ ରହି ପରେ କରୁଣ କଥାରେ ରଘୁକୁଳ-ରବି ରାମଚନ୍ଦ୍ରଙ୍କର ପୁଣ୍ୟ କାହାଣୀ ଆରମ୍ଭ କଲା—

"ଥରେ ଭାବି ଦେଖ ସେହି ଦିନ କଥା—ଯେଉଁ ଦିନ ମଳିନ ବଲ୍କଳ ବସନ ପରିଧାନ କରି ବିଷାଦକ୍ଷୀଣ ଭାଇ ଲକ୍ଷ୍ମଣ ଆଉ ଆଭରଣହୀନ ନବବଧୂ ସୀତାଙ୍କୁ ସଙ୍ଗରେ ନେଇ ରାମଚନ୍ଦ୍ର ବନବାସ ଲାଗି ଅଯୋଧ୍ୟା ପରିତ୍ୟାଗ କରି ଯିବାକୁ ବାହାରିଲେ ।……ରାଜପୁରୀ ମଧ୍ୟରେ ହାହାକାର ଉଠୁଛି । କାତର ପ୍ରଜାମାନେ ଧାଡ଼ି ଧାଡ଼ି ରାଜ-ପଥର ଉଭୟ ପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଅଶ୍ରୁ ବର୍ଷଣ କରୁଅଛନ୍ତି । କାଲି ଅଭିଷେକ ହେବ—ତାହାରି ଉତ୍ସବରେ ରାଜ୍ୟର ଗୃହଆଳି ଆନନ୍ଦମଗ୍ନ ଥିଲା । ହଠାତ୍ ନିମେଷକରେ ଝଡ଼ରେ ସବୁ ଅନ୍ଧକାର ହୋଇଗଲା ।…… ପୁଣି ଆଉ ଦିନକର କଥା ଭାବି ଦେଖ—ଯେଉଁ ଦିନ ବନବାସୀ ରାମଚନ୍ଦ୍ର ଭାଇ ଲକ୍ଷ୍ମଣଙ୍କ ସହିତ ମୃଗୟାରୁ ଫେରି ଦେଖିଲେ କୁଟୀର ଶୂନ୍ୟ । ପ୍ରାଣର ଜାନକୀ ନାହାନ୍ତି । 'ଜାନକୀ', 'ଜାନକୀ'—ଆର୍ତ୍ତ ରୋଦନରେ କାନନ ମୁହୁର୍ମୁହୁ ବ୍ୟଥାର୍ତ୍ତ ହୋଇ ଉଠିଲା । …… ତା'ପରେ, ପୁଣି ଦେଖ—ଏ ସବୁର ଶେଷ କେଉଁଠି ! … ଏତେ ବିପଦର, ଏତେ ବିରହର, ଏତେ ସାଧନାର ଧନ ସେହି ସୀତାଦେବୀ ରାଜସଭା ମଧ୍ୟରେ ରଘୁକୁଳ-ପତିଙ୍କୁ ବିଦାୟ-ବିନୟରେ ପ୍ରଣାମ କରି ଘୋର ଅପମାନ ଏବଂ ଲଜ୍ଜାଭରେ ଦ୍ୱିଧା ଧରିବକ୍ଷରେ ଆଶ୍ରୟ ଲୋଡ଼ିଲେ ।"

କହିଲା:—

ସେ ସକଳ ଦିନ, ସେ କି ଭୁଲିଯାଏ,
ସେ ଅସହ ଶୋକ, ଚିହ୍ନ ନ ରହେ,—
ଯାଇଛି ତା'ଆଙ୍କି ଧରଣୀର ଦେହେ
ଅସୀମ ଦୀର୍ଘ ରେଖା;

ଦ୍ୱିଧା ଧରିଭୂମି ଯୋଡ଼ିଛି ଆଜି,
ଦଣ୍ଡକବନେ ଫୁଟେ ଫୁଲରାଜି,
ସରଯୂର କୂଳେ ଶୋଭେ ତୃଣ-ରାଜି
ପ୍ରଫୁଲ୍ଲ ଶ୍ୟାମ-ଲେଖା ।

ଖାଲି ସ୍ୱର ଗୋଟି ସେହି ସେ ଦିନର,
ଚିରଦିନ ବ୍ୟାପି ବହି ବହି ଦୂର
ବିଳପି ହୃଦୟ କରଇ ବିଧୁର
ମଧୁର କରୁଣ ତାନେ,

ସେ ମହା ପ୍ରାଣର ଅନ୍ତର ତଳେ
ଯେ ମହା ରାଗିଣୀ ଧ୍ୱନିଲା ବିରଳେ
ଅଦ୍ୟାପି ତାହା ମହା ସଙ୍ଗୀତେ
ବାଜେ ମାନବର କାନେ ।

* * *

(୧) ଝଙ୍କାରି'—ଝଙ୍କୃତ କରି । (୨) ନିଶିଦିନମାନ—ଅହର୍ନିଶ ବ୍ୟାପି (୩) ମଜୁ—ମଜ୍ଜିଯାଉ; ବିଶେଷ ଭାବରେ ପ୍ରଭାବିତ ହେଉ ।



Digitized by srujanika@gmail.com

ତା'ପରେ କବି ଓଜସ୍ୱିନୀ ଭାଷାରେ ମହାଭାରତ ଯୁଦ୍ଧ କଥା ବଖାଣିଲା । ଦୁଇଟି ଯମଳତରୁର ଘର୍ଷଣରେ ସମୁତ୍ପନ୍ନ ଅଗ୍ନିସ୍ଫୁଲିଙ୍ଗ ଯେପରି ଦାବାନଳ ରୂପରେ ବିସ୍ତୀର୍ଣ୍ଣ ଅରଣ୍ୟ-ପରିବେଶକୁ ଭସ୍ମସାତ୍ କରିଦିଏ, ସେହିପରି କିରୂପେ କୁରୁ-ପାଣ୍ଡବ ଏହି ଦୁଇ ରାଜ ପରିବାରର ବିଦ୍ୱେଷବହ୍ନି ସମଗ୍ର ଭାରତବର୍ଷରେ ଭୀମ ସମରାନଳ ପ୍ରଜ୍ୱଳିତ କଲା, କିରୂପେ ଗୃହ ବିବାଦର ଘୋର ମତ୍ତତା ଦେଶର ସବୁ ଅଞ୍ଚଳରେ ବ୍ୟାପିଗଲା, କିରୂପେ ଭାରତର ସମରତୃଷିତ କ୍ଷାତ୍ରଶୋଣିତ ପ୍ରଳୟ ବନ୍ୟା ଆକାରରେ କୁରୁକ୍ଷେତ୍ରରେ ପ୍ରବାହିତ ହେଲା, ଫେନିଳ ମରଣାମ୍ବୁଧିର କ୍ଷୁବ୍ଧ ଗର୍ଜନରେ କିରୂପେ ଭାରତର ଆକାଶବତାସ ଥରହର କଂପିତ ହୋଇ ଶେଷରେ ସୁନାର ଭାରତ ବିପୁଳ ଶ୍ମଶାନରେ ପରିଣତ ହେଲା ! ...... ମହା ନରମେଧ ଯଜ୍ଞର ପୂର୍ଣ୍ଣାହୁତି ଅର୍ପିତ ହେଲା । ...... ପଞ୍ଚପାଣ୍ଡବ ଯାଇ ଶୂନ୍ୟ ସ୍ୱର୍ଣ୍ଣ ସିଂହାସନ ଆରୋହଣ କଲେ । ଅନୁଚର ବୃନ୍ଦର "ଜୟ, ଜୟ, ପାଣ୍ଡୁତନୟ !" ଧ୍ୱନି ଉପହାସ ଭଳି ବୋଧ ହେଲା । ...... କାଲି ଯେଉଁ ଭାରତ ସସସ୍ତ୍ର ଦିନ ଅଟ୍ଟଗର୍ଜନରେ ଦିଗ୍‌ଦିଗନ୍ତ କମ୍ପାଇ ଭୟ ଲାଜ ଛାଡ଼ି ରାଜାର ରକ୍ତରେ ହୋଲି ଖେଳୁଥିଲା, ଆଜି ସେ ଜଟାଜୁଟ୍ଟ ବୋଳି ହୋଇ ସନ୍ନ୍ୟାସୀ ବେଶ ଧାରଣ କରି ଶୂନ୍ୟ ଶ୍ମଶାନ ବକ୍ଷରେ ଶୋକାର୍ତ୍ତ ହୃଦୟରେ ନୀରବରେ ଆସୀନ ! ...... ଉଦ୍ଧତ ଅହମିକା ଅସ୍ଫାଳନ ଶେଷରେ ଆସିଛି ଭୀଷଣା ଶାନ୍ତି । ............ କୁରୁ-ପାଣ୍ଡବ ସମସ୍ତେ ଲୁପ୍ତ ହୋଇ ଯାଇଅଛନ୍ତି । ସେ ରଣରଙ୍ଗ ଆଜି ନୀରବ ହୋଇ ଯାଇଛି । ସେହି ଅତି ଭୈରବ ଚିତା ବହ୍ନିର ଭସ୍ମମାତ୍ର ଆଜି ନାହିଁ । ଯେଉଁ ସୂଚ୍ୟଗ୍ର ପରିମିତ ଭୂମି ଲାଗି ଏତେ ବିବାଦ, ଏତେ ହତ୍ୟା, ଆଜି ତାହା କାହାର, ତାହା ମଧ୍ୟ ଜଣା ନାହିଁ । ରାଜା, ରାଜଧାନୀ, ସବୁ ଆଜି ବିସ୍ମୃତି ଗର୍ଭରେ ଲୀନ ।

ତଥାପି ଆସଇ କାହିଁ ସେହି ସ୍ୱର
ଯେଉଁଠୁ ସେ ଅମର ସମର ସାଗର
ଗ୍ରହଣ କରିଛି ନବ କଳେବର
ଗୋଟିଏ ବିରାଟ ଗାନେ ।
ବିଜୟର ଶେଷେ ସେ ମହା ପ୍ରୟାଣ
ସଫଳ ଆଶାର ବିଷାଦ ମହାନ
ଉଦାସ ଶାନ୍ତି କରୁଅଛି ଦାନ
ମହାମାନବର ପ୍ରାଣେ ।

କବି ଗାଉଥିଲା—"ହାୟ ! ଏ ଧରାରେ ବର୍ଷେ ବର୍ଷେ କେତେ ଅନନ୍ତ ଶୀତ ବସନ୍ତ ସୁଖ ଦୁଃଖରେ ଦିଗ୍‌ଦିଗନ୍ତ ପୂରି ହସି ଭାସି ଯାଇଅଛି ! ଆଜି ପରି ଏହି ଭଳି ସ୍ନିଗ୍ଧ ସଜଳ ବର୍ଷା କେତେ ଥର ଆସି ଚାଲି ଯାଇଅଛି—ନବ ମେଘ ଭାରରେ ଅନନ୍ତ ଗଗନ କେତେ ଅଶ୍ରୁରାଶି ମୋଚନ କରିଛି ! ଯୁଗ ଯୁଗ କେତେ ଲୋକ ଆସିଛନ୍ତି, ଯାଇଛନ୍ତି, ଦୁଃଖୀମାନେ କାନ୍ଦିଛନ୍ତି, ସୁଖୀମାନେ ହସିଛନ୍ତି, ପ୍ରେମିକଜନ ମନପ୍ରାଣ ଢାଳି ଭଲ ପାଇଛି—ଠିକ୍ ଆଜି ଆମ୍ଭମାନଙ୍କ ପରି ! ...... ସେମାନେ ଚାଲି ଯାଇଅଛନ୍ତି—ଖାଲି, ସେମାନଙ୍କର ପ୍ରାଣର ଗୀତିକା ଦୂର ହାତରେ ଅକାତରରେ ଚୂର୍ଣ୍ଣି ଚୂର୍ଣ୍ଣି ଚାଲି ଯାଇଅଛନ୍ତି । ଦେଶେ ଦେଶେ ତାହା କେତେ ଭାସି ଭାସି ଯାଇଅଛି ତାହାର ପରିମାଣ ନାହିଁ !"—

ଶ୍ୟାମଳା ବିପୁଳା ଏ ଧରାକୁ ଚାହିଁ
ମୁଗ୍ଧ ନୟନେ ରହେଁ ମୁଁ ଅନାଇ,
ଏ ପରାଣମୟ ନ ଜାଣେ କି ପାଇଁ
ପୂରି ଆସେ ଆଖିଜଳ ;
ବନ୍ଧୁ ମାନବର ପ୍ରେମସ୍ମୃତି-ଢ଼ଙ୍କା,
ବନ୍ଧୁ ଦିବସର ସୁଖେ ଦୁଃଖେ ଅଙ୍କା,
ଲକ୍ଷ-ଯୁଗର ସଙ୍ଗୀତ-ମଖା
ସୁନ୍ଦର ଧରାତଳ !

*  *  *

ବଇଁଶୀଟି ଖାଲି ଦିଅ ମୋର ହାତେ
ପ୍ରାଣମନ ଖୋଲି ବାଏଁ ଅବିରତେ,
ପୁଷ୍ପ ସମାନ ସଙ୍ଗୀତ ଯେତେ
ଫୁଟାଏଁ ଆକାଶ-ତଳେ ;
ଅନ୍ତର ତତ୍ତ୍ୱ ଅହରି ବଚନ
ଆନନ୍ଦ ଲୋକ କରେଁ ବିରଚନ,
ଗୀତରସ ଧାରା କରି ସିଞ୍ଚନ
ସଂସାର ଧୂଳି-ଜାଲେ ।
ଅତି ଦୁର୍ଗମ ସୃଷ୍ଟି-ଶିଖରେ
ଅସୀମ କାଳର ମହା କନ୍ଦରେ
ସତତ ବିଶ୍ୱ-ନିର୍ଝର ଝରେ
ସଙ୍ଗୀତ-ମରମରେ ।
ସ୍ୱର ତରଙ୍ଗ ଯେତେ ଗ୍ରହ ତାରା
ଛୁଟଇ ଶୂନ୍ୟେ ଉଦ୍ଦେଶ-ହରା,
ସେହି ସ୍ରୋତୁଁ ଟାଣି ନେବି ଗୀତଧାରା
ଛୋଟ ଏହି ବଇଁଶୀରେ ।
ଧରଣୀର ଶ୍ୟାମ କର ପୁଟ ଗୋଟି
ଭରି ଦେବି ମୁହିଁ ସେହି ଗୀତ ଲୁଟି,
ଯିବ ବାଣୀ ଏକ ସମୀରଣେ ଛୁଟି
ମଧୁର ଅର୍ଥଭରା ;
ନବୀନ ଆଷାଢ଼େ ରଚି ନବ ମାୟା
ଆଙ୍କି ଦେବଇଁ ଘନତର ଛାୟା,
କରି ଦେଇ ଯିବ ବସନ୍ତ କାୟା
ବାସନ୍ତୀ ବାସେ ତୋରା ।
ଗଗନର କାୟା, ଧରଣୀର ତଳ
କାନନର ଛାୟା, ସାଗରର ଜଳ,
ନବୀନ ଆଭାରେ ଅଧିକ ଉଜଳ
ରଙ୍ଗୀନ କରି ଦେବି,
ଗୋଟିଏ ଦୁଇଟି ଏ ଧରାର ସ୍ୱର
ରଞ୍ଜି ଦେଇ ଯିବ କରଣ ମଧୁର,

Digitized by srujanika@gmail.com

ଗୋଷ୍ଠୀ ଦୁଇ କଣ୍ଠା କରଦେବ ଦୂର,
—ତା' ଉପରୁ ଛୁଟି ନେବ ।
ସୁଖ-ହସ ହେବ ଅଧର ଉଜଳ,
ସୁନ୍ଦର ହେବ ନୟନର ଜଳ,
ସ୍ନେହ ସୁଧା ମଖା ବାସ ଗୃହ ତଳ
ଅଧର ଅପଣା (୧) ହେବ;
ପ୍ରିୟାର ନୟନ ଅଧର ରସାଇ
ଆଉ ଟିକେ ମଧୁ ଯିବ ବୋଲି ଦେଇ,
ଆଉ ଟିକେ ସ୍ନେହ ଶିଶୁମୁଖ ଛାଇ (୨)
ଶିଶିର ପରିଏ ଥିବ ।
ନ ପାରେ ବୁଝାଇ, ନିଜେ ନ ବୁଝେ ତା',
ଭ୍ରମଇ ମାନବ ଖୋଜି ଖୋଜି କଥା,
କୋକିଳ ଯେସନେ କଜେ ପଞ୍ଚମେ
ମାଗଇ ତେସନ ସ୍ୱର;
କାହିଁତେ ଦୂରବ (୩) ସେହି ବ୍ୟାକୁଳତା,
କିଛି ମେଣ୍ଟାଇବ ପ୍ରକାଶର ବ୍ୟଥା,
ବିଦାୟର ଆଗେ ଦୁଇ ଗୁରୁ କଥା
ରହିଯିବ ସୁମଧୁର ।
ଥାଅ ହୃଦାସନେ ଜନନୀ ଭାରତି,
ତୁମ୍ଭର ଚରଣେ ପ୍ରାଣର ଆରତି,—
ଲକ୍ଷ୍ୟ ନାହିଁ ମୋ' ଆଉ କାହା ପ୍ରତି,
ନ ରଖଇ ଆଶା କା'ର;
କେତେ ସୁଖ ଥିଲା, ପାଲଟିଛି ଦୁଃଖ,
କେତେ ବାନ୍ଧବ ହେଲେଣି ବିମୁଖ,
ମଉଳି ପଡ଼ିଛି କେତେ ଉତ୍ସୁକ
ଉନ୍ମୁଖ ପ୍ରୀତିହାର ।
ଖାଲି ସେ ଚରଣେ ହୃଦୟେ ବିରାଜେ,
ଖାଲି ସେହି ବୀଣା ଚିର ଧ୍ୱନି ବାଜେ,
ଡାକେ ସ୍ନେହ ସ୍ୱରେ ଅନ୍ତରପୁରେ—
ଆ' ରେ ବତ୍ସ, ଆ'—
ଛାଡ଼ି ଗୃହି ଆ-ରେ ହାସ-କ୍ରନ୍ଦନ,
ଛିଡ଼ାଇ ଆ' ଯେତେ ମିଛ ବନ୍ଧନ,
ଏଠି ଅଛି ଛାୟା ଚିର ନନ୍ଦନ
ଚିର ବସନ୍ତ ବାଆ ।

* * *

କବି ତାହାର ପ୍ରାଣର ଆକାଂକ୍ଷା ନିବେଦନ କରି ନୀରବ ହେଲେ—ତାହାର ମନ ପ୍ରାଣ ବୀଣା ଝଙ୍କାର ସମ ଅନୁରଣିତ ହେଉଥିଲା । ଗୁଣଗ୍ରାହୀ ରାଜା କବିଙ୍କୁ କି ଉପହାରରେ ତୁଷ୍ଟ କରିବେ ଠିକ୍ କରି ନ ପାରି କହିଲେ—ଧନ୍ୟ କବି ! ତୁମର କବିତା ଶୁଣି ମୋର ହୃଦୟ ଆନନ୍ଦରେ ଅଭିଭୂତ ହୋଇଅଛି । ମୋର ଭଣ୍ଡାରର ସମସ୍ତ ଧନ-ରତ୍ନ ମୁଁ ତୁମକୁ ଆଣି ଦେଇ ପାରେଁ । ତୁମର କ'ଣ ପ୍ରୟୋଜନ, କହ ।

କବି ରାଜାଙ୍କର ଗଳାର ଫୁଲହାର ପ୍ରତି ନିର୍ଦ୍ଦେଶ କରି ଉତ୍ତର କଲା—ଯଦି ମୋ ପ୍ରତି ଆପଣଙ୍କର ଅନୁଗ୍ରହ ହୋଇଥାଏ ତେବେ ଦୟା କରି ସେହି ହାରଟି ମୋତେ ଦିଅନ୍ତୁ ।

ସେହି ରାଜଦତ୍ତ ପୁଷ୍ପ ହାରଟିକୁ ମସ୍ତକରେ ବାନ୍ଧି କବି ହୃଷ୍ଟ-ଚିତ୍ତରେ ଘରକୁ ବାହୁଡ଼ି ଆସେ—ଦୈନ୍ୟର ସମସ୍ତ ଦୁଃଖକୁ ଉପେକ୍ଷା କରି ।

# ବିକାଶ

**ଶ୍ରୀ ଶଶିଭୂଷଣ ଗୁପ୍ତ**

ବାୟୁ ସମୁଦ୍ର ମଧ୍ୟରେ ରହିଥିଲେ ହେଁ ବାୟୁର ସାମାନ୍ୟ ଗତି ଆମ୍ଭମାନଙ୍କର ଅନୁଭୂତ ହୋଇ ନ ଥାଏ । ବିକାଶ ମଧ୍ୟରେ ରହି ମଧ୍ୟ ସାମାନ୍ୟ ବିକାଶକୁ ଆମ୍ଭେମାନେ ଲକ୍ଷ୍ୟ କରୁ ନାହୁଁ । କିନ୍ତୁ ବିକାଶର ବିଳାସ ଜଗଦ୍ୱ୍ୟାପୀ ହୋଇ ରହିଅଛି । ଜ୍ଞାନବିଜ୍ଞାନ, ବଳବୁଦ୍ଧି, ଶୌର୍ଯ୍ୟବୀର୍ଯ୍ୟ, କ୍ଷୁଦ୍ରମହତ୍ ସମସ୍ତ ହିଁ ବିକାଶର ବିଭିନ୍ନ ସ୍ଫୂର୍ତ୍ତି । ଦାର୍ଶନିକ କହନ୍ତି ଜଗତ୍ ହିଁ ବିକାଶ । ତୁମ୍ଭେ ଏବଂ ମୁଁ ମଧ୍ୟ ବିଭିନ୍ନ ବିକାଶ ମାତ୍ର । ବାଲ୍ୟର ଚପଳତା, ଯୌବନର ଉଦ୍ୟମ, ବାର୍ଦ୍ଧକ୍ୟର ସଂଯମ ମାନବର ସକଳ ଅବସ୍ଥା ହିଁ ବିଭିନ୍ନ ବିକାଶ । ଶ୍ରୀକୃଷ୍ଣ ଗୀତାରେ ଯେଉଁ ବିଶ୍ୱରୂପ ଦେଖାଇଥିଲେ ତାହା ମଧ୍ୟ ବିବିଧ ବିକାଶର ଲୀଳା । ଆଉ ଜଗତରେ ବିଭିନ୍ନ ଜାତୀୟ ଅଗଣ୍ୟ ମନୁଷ୍ୟ ଯେ ଗୁଣ ଗୌରବରେ ଗରୀୟାନ୍, ତାହା ମଧ୍ୟ ମନୁଷ୍ୟତ୍ୱର ବିଭିନ୍ନ ବିକାଶ ବୋଲି ଅଭିହିତ ହୋଇ ପାରେ । ଫଳତଃ ବିକାଶ ହିଁ ବିବିଧ ବିଚିତ୍ର ପ୍ରକୃତିଗତ ବୈଚିତ୍ର୍ୟ—ଜଗତର ସ୍ଫୂର୍ତ୍ତି । ସାହିତ୍ୟ, ଶିଳ୍ପ ଓ ସଙ୍ଗୀତରେ, ସୁଖ, ଦୁଃଖ ଓ

(୧) ଅପଣା—ଅପଣାର (୨) ଛାଇ—ଆଚ୍ଛାଦନ କରି (୩) ଦୂରବ—ଦୂର କରିବ ।

ବିଷୟରେ, ସୃଷ୍ଟି, ସ୍ଥିତି ଓ ପ୍ରଳୟରେ, ସର୍ବତ୍ର ହିଁ ବିକାଶ ପରିସ୍ଫୁଟ ରହିଅଛି ।

ବର୍ତ୍ତମାନ କେବଳ ସାହିତ୍ୟର କଥା ଧରାଯାଉ । ସାହିତ୍ୟ କ'ଣ ଏବଂ କେବେ ଏହାର ଉତ୍ପତ୍ତି ଏହି ଦୁରୂହ ସମସ୍ୟାର ବିଶଦ ବ୍ୟାଖ୍ୟା ଛାଡ଼ି ଦେଲେ ମଧ୍ୟ ବୋଲି ଯାଇପାରେ ଯେ ମାନବର ମନୋଭାବ ପ୍ରକାଶର ପ୍ରୟାସ ହିଁ ସାହିତ୍ୟର ମୂଳ, ସୁତରାଂ ଯେତେ ଦିନ ମାନବ, ସାହିତ୍ୟ ମଧ୍ୟ ସେତେ ଦିନର । ମନୋଭାବ ନାନା ପ୍ରକାରରେ ବିଭିନ୍ନ ଭାବରେ ପ୍ରକାଶିତ ହୋଇପାରେ—ବହୁ ପୂର୍ବରେ କୌଣସି ନା କୌଣସି ପ୍ରକାରରେ ତାହା ପ୍ରକାଶିତ ହେଉଥିଲା । ଯେତେବେଳେ ଲିଖିତ ଭାଷା ନ ଥିଲା, ଯେତେ-ବେଳେ ବର୍ଣ୍ଣମାଳା ନ ଥିଲା, ସେତେବେଳେ ମଧ୍ୟ ମାନବ ହୃଦୟରେ ଆଶାଆକାଂକ୍ଷା, ଭୟବିସ୍ମୟ, ସୁଖଦୁଃଖ ପ୍ରଚ୍ଛନ୍ନ ରହିଥିଲା । ତାହାର ମଧ୍ୟ ପ୍ରକାଶ ହେଉଥିଲା । ବୋଧହୁଏ ଦୂର ଅତୀତରେ ଦ୍ରବ୍ୟ-ବିଶେଷର ସଂଖ୍ୟା—ସଙ୍କେତ, ଚିତ୍ର ଚିତ୍ରଣରେ କିମ୍ବା ଅନ୍ୟ କୌଣସି ଚିହ୍ନରେ ସେହି ଭାବ ଲିପିବଦ୍ଧ ହେଉଥିଲା । ଯେତେ-ବେଳେ ମନୋଭାବ-ପ୍ରକାଶର ଅଭିନବ ସଙ୍କେତ ଚିହ୍ନ ବର୍ଣ୍ଣମାଳାର ସୃଷ୍ଟି ହେଲା ସେତେବେଳେ ଭାବ-ଭ୍ରୁଣ ନୂତନ ଆକାରରେ ଦେଖା ଦେଲା । ପ୍ରକୃତ ସାହିତ୍ୟ ଜନ୍ମିଲା । ଏହା ଉତ୍ତାରୁ ମାନବର ମାନବତ୍ୱ ଯେଉଁଠାରେ ଯେତିକି ପରିସ୍ଫୁଟ ହେଲା, ଏହାର ବୈଚିତ୍ର୍ୟ ମଧ୍ୟ ସେତିକି ବିକଶିତ ହେଲା ।

ସୃଷ୍ଟିରେ ମଧ୍ୟ ଏହି ବିକାଶଲୀଳା । ସୃଷ୍ଟି ସମ୍ବନ୍ଧରେ ଯେତିକି ମତଭେଦ ଥାଉ ନା କାହିଁକି, ଏ କଥା ଏକ ପ୍ରକାର ନିଃସଂଶୟରେ ବୋଲି ଯାଇପାରେ ଯେ ଜଗତର ବର୍ତ୍ତମାନ ପରିଣତି ଚିରନ୍ତନ ନୁହେ । ଆଜି ପୃଥିବୀକୁ ଯାହା ଦେଖୁଅଛୁଁ ପୂର୍ବେ ତାହା ନ ଥିଲା । ସେହି ପୂର୍ବ କଥାର ଆଲୋଚନାରେ କେହି କହିଲେ ସୃଷ୍ଟି ପୂର୍ବରୁ ଆଉ କିଛି ନ ଥିଲା—ଥିଲେ କେବଳ ସ୍ରଷ୍ଟା ଏବଂ ଶୂନ୍ୟ ଦେଶ ଓ ଶୂନ୍ୟ କାଳ । ସ୍ରଷ୍ଟାଙ୍କର ଇଚ୍ଛା ହେଲା, ଆଲୋକ ହେଉ, ଆଲୋକ ହେଲା; ଚନ୍ଦ୍ର ସୂର୍ଯ୍ୟ ହେଉ, ଚନ୍ଦ୍ର ସୂର୍ଯ୍ୟ ହେଲା; ଜଗତ ହେଉ, ଜଗତ୍ ହେଲା । ବେଦ ଓ ପୁରାଣରେ ଏହିପରି କେତେ କଥା ରହିଅଛି । ଏହି ସୃଷ୍ଟି ବ୍ୟାପାରର ଆଲୋଚନାରେ ସ୍ରଷ୍ଟାଙ୍କର ସଗୁଣତ୍ୱ—ନିର୍ଗୁଣତ୍ୱ ପ୍ରଭୃତି ଭୂମୂଳ ତର୍କର ପ୍ରଳମ୍ବ-କାଣ୍ଡ ଚାଲି ଆସୁଅଛି । ତେବେ ବିକାଶ ଘଟିଅଛି, ଏହା ସର୍ବବାଦୀସମ୍ମତ । ଏହା ଉତ୍ତାରୁ ଦାର୍ଶନିକମାନଙ୍କର ଆବିର୍ଭାବ ହେଲା । ସେମାନଙ୍କ ମଧ୍ୟରୁ କେହି କହିଲେ ଜଗତ୍ ଦେଖି ଯେବେ ଜଗତ୍‌କର୍ତ୍ତା ଅଥବା ଜଗତ-ସ୍ରଷ୍ଟାଙ୍କର ଅନୁମାନ ହୁଏ, ତାହାହେଲେ ସେହି ଅନୁମାନର ମୂଳ ସୁଦୃଢ଼ ନୁହେ । ଘଟ ଦେଖି ଘଟକାର କିମ୍ବା କୁମ୍ଭକାରର କଳ୍ପନା—ପୁଣି ଜଗତ୍ ଦେଖି ଜଗତ୍‌କାରର କଳ୍ପନା ଏକ ନୁହେ । କୁମ୍ଭକାର ଘଟ ଗଢ଼ିଅଛି କିନ୍ତୁ ତାହାର ଉପାଦାନ ମୃତ୍ତିକାକୁ ଗଢ଼ି ନାହିଁ । ବୁଦ୍ଧି ବଳରେ ସୁକୌଶଳରେ ତାହା କାର୍ଯ୍ୟରେ ଲଗାଇ ଅଛି ମାତ୍ର । ଜଗତ୍-ସ୍ରଷ୍ଟାଙ୍କର ଜଗତ୍ ଗଢ଼ିବାର ଉପକରଣ କାହିଁ ? ସାଂଖ୍ୟକାର ଘୋଷଣା କଲେ, କିଛି ନ ଥିଲେ କିଛି ହେବ ନାହିଁ । ଏରୂପ ସୃଷ୍ଟି ନାହିଁ । ସୃଷ୍ଟି ଅନାଦି—ସୃଷ୍ଟି-ପ୍ରବାହ ଅନନ୍ତ କାଳରୁ ଚାଲିଅଛି । ସାଂଖ୍ୟର ସୃଷ୍ଟିର ଅର୍ଥ ମଧ୍ୟ ସ୍ୱତନ୍ତ୍ର । ସୃଜ୍ ଧାତୁରୁ ସୃଷ୍ଟି । ସୃଜ୍ ଧାତୁର ଅର୍ଥ ତ୍ୟାଗ କରିବା, ନିକ୍ଷେପ କରିବା । ସୃଷ୍ଟି ଅର୍ଥରେ ତ୍ୟାଗ—ନିକ୍ଷେପ । କାହିଁର ତ୍ୟାଗ, କାହିଁର ନିକ୍ଷେପ ? ଜ୍ଞେୟ ଉପରେ ଜ୍ଞାନର ନିକ୍ଷେପ । ଭିନ୍ନ ଭାଷାରେ ସୂକ୍ଷ୍ମଭୂତ ସ୍ଥୂଳଭୂତରେ ପରିଣତି ହିଁ ସୃଷ୍ଟି । ଏହା ହିଁ ଦାର୍ଶନିକ ପାତଞ୍ଜଳଙ୍କର ପରିଣାମ । ଖୋସାପୋକର ଆବରଣକୁ କେହି କେହି ଏହାର ସୁନ୍ଦର ଉଦାହରଣ ସ୍ୱରୂପ ପ୍ରକାଶ କରିଥାଆନ୍ତି । ମଧ୍ୟରେ ପୋକ—ତାହାର ଚତୁର୍ଦ୍ଦିଗରେ ଖୋସା । ଏହି ରୂପକରେ ମାନବର ସୃଷ୍ଟିସାଦୃଶ୍ୟ ଏହି—"ମାନବ ଚତୁ-ର୍ଦ୍ଦିଗରେ ନିଜର ସଂସାରର ( ବ୍ୟକ୍ତ ଜଗତ୍ ଅଥବା ସ୍ଥୂଳ ଭୂତ ) ତନ୍ତୁ ଜାଲରେ ଆବୃତ । ତାହା ଦାର୍ଶନିକ ସୃଷ୍ଟି । ଏହି ସୃଷ୍ଟି-ତତ୍ତ୍ୱ ଏବଂ ମାନବ-ଜୀବନର ମୂଳ-ତତ୍ତ୍ୱ ଏକ ହିଁ ବିଷୟ । ସାଂଖ୍ୟ ଏହି ସୃଷ୍ଟି କିମ୍ବା କ୍ରମବିକାଶର ଏକ ପର୍ଯ୍ୟାୟ ମଧ୍ୟ ପ୍ରକାଶ କରିଅଛନ୍ତି. ଯଥା :—

(୧) ପ୍ରକୃତେ ର୍ମହାଂ

(୨) ମହତୋଽହଙ୍କାରଃ

(୩) ତସ୍ମାଚ୍ଚ ଗଣଃ ଷୋଡ଼ଶକଃ

(୪) ତସ୍ମାଚ୍ଚ ଷୋଡ଼ଶକାଂ ପଞ୍ଚଭ୍ୟଃ ପଞ୍ଚଭୂତାନି

ଅର୍ଥାତ୍

(୧) ପ୍ରକୃତିରୁ ( ପ୍ରକୃତି ପୁରୁଷର ସଂଯୋଗରେ ) ମହତ୍

(୨) ତହିଁରୁ ( ସେହି ମହତ୍ ନାମକ ପଦାର୍ଥରୁ ) ଅହଙ୍କାର

(୩) ସେହି ଅହଙ୍କାରରୁ ଷୋଡ଼ଶ ପଦାର୍ଥ ( ପଞ୍ଚତନ୍ମାତ୍ର ଓ ଏକାଦଶ ଇନ୍ଦ୍ରିୟ )

(୪) ଏବଂ ସେହି ଷୋଡ଼ଶ ପଦାର୍ଥରୁ—ପଞ୍ଚତନ୍ମାତ୍ରରୁ ପଞ୍ଚ ଭୂତ ( ସ୍ଥୂଳ ପଦାର୍ଥ ) ଉତ୍ପନ୍ନ ହୁଏ ।

ଏହି କ୍ରମ ଅଥବା ବିକାଶ ସମ୍ପୂର୍ଣ୍ଣରୂପେ ଅପୂର୍ବ ଓ ଆଲୋଚନା କଲେ, ସଙ୍ଗେ ସଙ୍ଗେ ସୃଷ୍ଟି ଓ ମାନବ ଜୀବନର ବହୁ ମୂଳ ତତ୍ତ୍ୱରହିଁ ଆଲୋଚନା ହୋଇଥାଏ ।

ସଂକ୍ଷେପରେ କହିବାକୁ ଗଲେ, ଦର୍ଶନର ଦୁରୂହ ତତ୍ତ୍ୱର ସଂକ୍ଷିପ୍ତ ଆଭାସ ଛାଡ଼ି ଦେଇ ସାଧାରଣତଃ ଦେଖୁଁ ତମସାର କୂଳରେ ଯେଉଁରୂପ ବିକାଶ, ଯେଉଁ ଗଭୀର କରୁଣା, ଯେଉଁ ପ୍ରକାର ପ୍ରେମ, ଯେପରି ଚିନ୍ତନ ଗବେଷଣା ଥିଲା, ଟେମ୍ସ୍ ନଦୀ କୂଳରେ ତାହା ନ ଥାଇପାରେ । ଜାହ୍ନବୀ ସ୍ରୋତରେ ଯେଉଁ ଅଧ୍ୟାତ୍ମତତ୍ତ୍ୱ ଭାସି ଯାଉଥିଲା, ରାଇନର ଜଳରେ ତାହାର ଅସ୍ତିତ୍ୱ ଆବର୍ତ୍ତି ସମ୍ଭବ ନ ପାରେ । ନୈମିଷାରଣ୍ୟରେ ଯେଉଁ ଚିନ୍ତନ ଥିଲା, ଜଡ଼ାତ୍ମକ ନିଉଇୟର୍କରେ ତାହାର ସୂତିକାଗାର ହୁଏ ତ ସମ୍ଭବ ନ ପାରେ । ବିକ୍ରମାଦିତ୍ୟଙ୍କର ରାଜଧାନୀରେ ଯେଉଁ ଶାରଦ ଶଶଧର ଫୁଟି ଉଠି-ଥିଲା, ବାର୍ଲିନ ଇଉନିଭର୍ସିଟିରେ ତାହାର ମୋହନ ମାଧୁରୀ ହୁଏ ତ ଦେଖା ଦେଇ ନାହିଁ ।

Digitized by srujanika@gmail.com

ପ୍ରାଚ୍ୟ ଓ ପ୍ରତୀଚ୍ୟର ପରିଣତିର ପାର୍ଥକ୍ୟ ରହିଅଛି । ଏକର ମୂଳ ମନ୍ତ୍ର ଭୋଗ-ରାଗ, ଅପରର ଉପାସନା, ଉପବାସ ଏବଂ ନିଗ୍ରହମୟ ଶାନ୍ତି । ଜଣେ ଲାଲସାର ପିପାସାରେ ବିସ୍ଫୁରିତ, ଅପର ସଂଯମର ବୈରାଗ୍ୟରେ ଉପସଂହୃତ । ଜଣକର ଜାତୀୟ ସଙ୍କେତ ଏକ ସ୍ତବକ ଗିରିମଲ୍ଲିକା, ଅପରର ଜାତୀୟ ପତାକା—ପ୍ରଫୁଲ୍ଲ ଇନ୍ଦୀବର । ଏକର ଅର୍ଥ କ୍ଷଣକର ପରିମଳ, ସ୍ତବକୈକ-ବିକାଶ ଅଥବା ଏକ ଜନ୍ମର ସ୍ଫୁଟତ୍ୱ ; ଅପରର ଅର୍ଥ, ଦଳ ଦଳରେ, ସ୍ତବକ ସ୍ତବକରେ, ଜନ୍ମ ଜନ୍ମରେ ବିସ୍ତୀର୍ଣ୍ଣ ପରିଧିରେ ବିକାଶ । ଗ୍ରୀସର ଦେବପତ୍ନୀ ପ୍ରାଚୁର୍ଯ୍ୟର ଶୃଙ୍ଗରେ ଅଧିଷ୍ଠିତା, ଭାରତର ଶ୍ରୀ, ପଦ୍ମାଳୟା—ପଦ୍ମହସ୍ତା-ମନ୍ଥନ ସମ୍ଭୂତା । ଏକର ପରିଣତି ପଶୁତ୍ୱରୁ ନରତ୍ୱରେ ; ଅପରର ଦୃଷ୍ଟିରେ ନରତ୍ୱ କେବଳ ଦେବତ୍ୱର କନିଷ୍ଠ ସହୋଦର ।

କିନ୍ତୁ ଏହି ବିଭେଦ ପ୍ରଭାତ-ପ୍ରଦୋଷ ଭଳି ଏକ ହିଁ ଦିବସର ଯୋଡ଼ିଏ ପ୍ରାନ୍ତ ମାତ୍ର ଅଥବା ବିଭିନ୍ନ ବିକାଶ । ଅଦ୍ୱୈତବାଦର ଦାର୍ଶନିକ ବିଶ୍ଳେଷିକା ଛାଡ଼ି ଦେଲେ ସାଧାରଣତଃ ଏହାକୁ ହିଁ ଅଦ୍ୱୈତବାଦର ମୂଳ ସୂତ୍ର ବୋଲି ଯାଇପାରେ । ବେଦାନ୍ତ-ଦର୍ଶନ ଉପାସକ ହସ୍ତରୁ ଯୌବନର ଆନନ୍ଦ ମୋଦକଟି କାଡ଼ି ନେଇ ତାହା ପରିବର୍ତ୍ତିରେ ସନ୍ନ୍ୟାସର ଶୁଷ୍କ ହରୀତକୀ ଦିଏ ନାହିଁ, ଜୀବନର ଆଶାବ୍ୟୋପନ୍ୟାସ ଫୁତ୍କାରରେ ଉଡ଼ାଇ ଦେଇ ବୁଦ୍ଧିମାନର ଦୃଷ୍ଟିରେ କେତେ ଗୁଡ଼ିଏ ଉର୍ଣ୍ଣନାଭିର ସୃଷ୍ଟି କରିଥାଏ, ଏ ଭଳି ବିଶ୍ଳେଷିକା ମଧ୍ୟ ବୋଧହୁଏ ଅସଙ୍ଗତ । ବରଂ ବିଶ୍ୱବ୍ୟାଖ୍ୟାନର ଏହି ବେଦବ୍ୟାସ ତୁମ୍ଭର ଓ ମୋହୋର ଆତ୍ମିକ ସାଗରର ଫରାସୀ ଲେସେପ୍‌ସ୍, ବିଭେଦ ମଧ୍ୟରେ ଏକତାର ସୂତ୍ର ଦେଖାଇ ଦିଅନ୍ତି । ଭାରତର ଏହି ବିଶିଷ୍ଟ ଜ୍ଞାନ ଅଦ୍ୱୈତବାଦକୁ ଆମ୍ଭେମାନେ ନମସ୍କାର କରିଥାଉଁ ।

ଅନେକ ହିଁ କହନ୍ତି କେବଳ ଅଦ୍ୱୈତତତ୍ତ୍ୱ ଭାରତର ଏକମାତ୍ର ଅଥବା ବିଶିଷ୍ଟ-ଜ୍ଞାନ ନୁହେ । ଷଡ଼ଦର୍ଶନ, ଧର୍ମଗୀତ, ପୁରାଣ, ଇତିହାସ ପ୍ରଭୃତି ପରିତ୍ୟାଗ କରି ଜ୍ଞାନର ଏହି ଭଗ୍ନ ପ୍ରତିମାର ପୂଜା ଆମ୍ଭେମାନେ କରିବୁଁ କାହିଁକି ? ଆମ୍ଭେମାନେ ସସଙ୍କୋଚରେ ଉତ୍ତର ଦେବୁଁ ଅଦ୍ୱୈତବାଦ କହିଲେ ପ୍ରାଚୀନ ଜ୍ଞାନର ଜାତ-କର୍ମଗତ ଆଖ୍ୟାର ଉଲ୍ଲେଖ ହିଁ ହେଲା । ଅନ୍ନପ୍ରାଶନ ଉପଲକ୍ଷରେ ଯେଉଁ ନାମକରଣ ହୁଏ, ଜାତକର ସେହି ନାମ ହିଁ ପ୍ରଶସ୍ତ ହୋଇଥାଏ । ଯେଉଁ ତତ୍ତ୍ୱରେ ଅନ୍ୟ ଜ୍ଞାନର ଅନ୍ନପ୍ରାଶନ ହୋଇଥିଲା, ଯେଉଁ ମୂଳତତ୍ତ୍ୱ ଉପରେ ନିର୍ଭର କରି ସେ ଜ୍ଞାନ ବଳିଷ୍ଠ ଓ ବର୍ଦ୍ଧିତ ହୋଇଅଛି ତାହାର ନାମ ଅଦ୍ୱୈତତତ୍ତ୍ୱ । ଏହି ଅଦ୍ୱୈତତତ୍ତ୍ୱକୁ ଭିତ୍ତି ନ କଲେ ଯୋଗ କିମ୍ବା ପାତଞ୍ଜଳ ସୂତ୍ରର ସମ୍ୟକ୍ ସାର୍ଥକତା ରହିବ ନାହିଁ । ଜୀବାତ୍ମା ପରମାତ୍ମାଙ୍କ ମଧ୍ୟରେ କଥାର ପ୍ରକାଶରେ ନ ହେଉ, ତତ୍ତ୍ୱତଃ ଅଭେଦ୍ୟ ଏକତ୍ୱର ସମ୍ଭାବନା ରହି ନ ପାରେ । ନ୍ୟାୟ, ସାଂଖ୍ୟ, ବୈଶେଷିକ ପ୍ରଭୃତି ମଧ୍ୟରେ କୌଣସି ଯଥାର୍ଥ କିମ୍ବା ମୂଳତଃ ବିରୋଧ ନାହିଁ । ଯାହା କିଛି ଦୃଷ୍ଟ ହୁଏ ତାହା ଆପାତ ପ୍ରତୀୟମାନ ଅସଙ୍ଗତ—ତୁମ୍ଭର ଓ ମୋହୋର ପାଣ୍ଡିତ୍ୟ-ମଲ୍ଲଯୁଦ୍ଧର ଫଳ । ତାହା କେବଳ କଥାର ଶୃଙ୍ଖଳରେ ସତ୍ୟର ଚରଣରେ ନିଗୁଡ଼-ବନ୍ଧନର ପ୍ରୟାସ ମାତ୍ର । ଫଳତଃ ଚରମ ବିକାଶ କିମ୍ବା ଅଦ୍ୱୈତବାଦର ସାଧାରଣ ତନ୍ତ୍ରରେ, ଚୈତନ୍ୟ ବିକାଶର ଏହି ଏକୀକରଣରେ, ଜେତା-ବିଜିତ ନାହିଁ, ଈର୍ଷା-ଦ୍ୱେଷ ନାହିଁ, ଭେଦ-ବିରୋଧ ନାହିଁ । ସେଠାରେ ଜ୍ଞାନ ଗରୀୟାନ୍, ସତ୍ୟ ସେଠାରେ ଏକଛତ୍ର ସମ୍ରାଟ, ସ୍ନେହ-ପ୍ରୀତି ସେଠାରେ ସାର୍ବଜନୀନ ଶାସନ ଏବଂ ଆଧ୍ୟାତ୍ମିକତା ଏକମାତ୍ର ପରିଣତି ।

ଏ ତତ୍ତ୍ୱ ସର୍ବଜନବିଦିତ ନ ହେଲେ ହେଁ ଭାରତୀୟ ସାହିତ୍ୟର ପ୍ରତି ଅକ୍ଷରରେ ତାହାର ନିଦର୍ଶନ ଏବଂ ପୃଥିବୀର ସର୍ବତ୍ର ତାହା ପ୍ରଚରିତ । ଆମ୍ଭେମାନେ ଏତେ ଅଧଃପତିତ ହେଲେ ହେଁ ଆମ୍ଭ-ମାନଙ୍କର ପ୍ରାଚୀନ ସାହିତ୍ୟ ପ୍ରତି ବିଦେଶୀ ମନୀଷିମଣ୍ଡଳୀଙ୍କର ସସମ୍ଭ୍ରମ ଦୃଷ୍ଟି ରହିଅଛି । ସେମାନେ ସନ୍ଧାନ କରୁଅଛନ୍ତି କେଉଁଠାରେ କାହାର ଗୃହରେ ସେହି ମଣିମଣ୍ଡପର ରତ୍ନବେଦିକାର ଧ୍ୱଂସାବଶେଷ ମିଳି ପାରେ । ବିଦେଶୀ ପଣ୍ଡିତ ଦେଖୁ ଅଛନ୍ତି କେଉଁଠାରେ କେଉଁ ପ୍ରାନ୍ତରରେ ସେହି କଳ୍ପବୃକ୍ଷର ଅମ୍ଳାନ କୁସୁମ ପଡ଼ି ରହି ଅଛି । ପାଶ୍ଚାତ୍ୟ ପଣ୍ଡିତ ଅନୁସନ୍ଧାନ କରୁ ଅଛନ୍ତି କେଉଁ ନିର୍ଜନ ଆଶ୍ରମରେ ସେହି ସାରସ୍ୱତ ବଲ୍ଲକୀର ଅସ୍ଫୁଟ ମୂର୍ଚ୍ଛନା ଶୁଣା ଯାଇ ପାରିବ । ଆଉ ଆମ୍ଭେମାନେ ? ହୁଏ ତ ଜଡ଼ ପ୍ରାୟ ଉଦାସୀନ, ଅଥବା ସେହି ଅତୁଳ ତାଜମହଲର ଖଣ୍ଡିଏ ଖଣ୍ଡିଏ ରତ୍ନ ବାହାର କରି ମଧ୍ୟାହ୍ନର ପ୍ରଶସ୍ତ ବର୍ତ୍ତ୍ମ ପ୍ରସ୍ତୁତ କରୁଅଛୁଁ । ଉନ୍ମାଦ ସ୍ୱଗୃହରେ ଅଗ୍ନି ପ୍ରଦାନ କରି କରତାଳି ଦେଇ ନୃତ୍ୟ କରିପାରେ, ଦୁଗ୍ଧପୋଷ୍ୟ ଶିଶୁ ଜନନୀର ଚିତାନଳ ଦେଖି କ୍ରୀଡ଼ା ଛଳରେ ତହିଁରେ ଲମ୍ଫ ପ୍ରଦାନ କରି ପାରେ; କିନ୍ତୁ ତୁମ୍ଭର ମୋହୋର କାର୍ଯ୍ୟ ତତୋଧିକ ବିଚିତ୍ର-ବୀଭତ୍ସ । ଏହି ଚରମ-ପରିଣତିର ଦେଶରେ ଏହା କିପରି ଲୀଳାର ବିକାଶ ! !

# ଚି ତ୍ର ମ ୟ



ସନ ୧୯୩୪ ମସିହା ଡିସେମ୍ବର ମାସ
୨୯ ତାରିଖ ଶନିବାର ଦିନ
ମୟୂରଭଞ୍ଜ ଏରୋଡ୍ରୋମ୍‌ରେ ପ୍ରଥମ
ବ୍ୟୋମଯାନର ଅବତରଣ





ଉପରେ : ଶ୍ରୀମନ୍ ମହାରାଜା
ମୟୂରଭଞ୍ଜ ଏରୋଡ୍ରୋମ୍‌ରେ
ଉକ୍ତ ବ୍ୟୋମଯାନ ପରିଦର୍ଶନ
କରୁଅଛନ୍ତି



ଉପରେ : ଶ୍ରୀମନ୍ ମହାରାଜା
କଲିକତାକୁ ଆକାଶ ପଥରେ
ଯାତ୍ରା କରିବା ପୂର୍ବରୁ
ବ୍ୟୋମଯାନ ମଧ୍ୟରେ ଆସୀନ

ମଞ୍ଚାବନ୍ଧା ଉଦ୍ୟାନରେ ଋତୁର ବିକାଶ




ଯାନୁଆରି ମାସ ୧୪ ତାରିଖରେ ଅନୁଷ୍ଠିତ ପୂର୍ଣ୍ଣଚନ୍ଦ୍ର ମେମୋରିୟାଲ୍ ଆଥ୍ଲେଟିକ୍ କ୍ରୀଡ଼ାର ଦୃଶ୍ୟାବଳି

ଉପରେ : ପୂର୍ଣ୍ଣଚନ୍ଦ୍ର ମେମୋରିୟାଲ୍ ଆଥ୍ଲେଟିକ୍ କ୍ରୀଡ଼ାରେ ଲକ୍ଷ ବିନ୍ଧାର ଦୃଶ୍ୟ



ଉପରେ : ହାଇଜମ୍ପ୍—ଖଡ଼ଗପୁର ଇଣ୍ଡିଆନ୍ ସ୍ପୋର୍ଟିଂ କ୍ଲବର ମିଃ ଏସ୍. ଅପ୍ପାଲନରସାୟ୍ୟା ୫ଫୁଟ ୧ଇଞ୍ଚ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲେ



ମଞ୍ଚାବନ୍ଧା ଉଦ୍ୟାନରେ ଋତୁର ବିକାଶ

# ଭିକ୍ଷୁଗୀତି

ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ

( ୧ )

ବେଳା ବହିଯାଏ ବେଳା ।
ତିମିରେ ପ୍ରଦୀପ ନିଭି ଆସେ ଧୀରେ
ଅଶୋଭନ ତୋର ଖେଳା ।
ଦୀର୍ଘ ତୋ ପଥ ଅରେ ପରବାସି,
ଆସଇ ତିମିର ତୋ ପଛେ ଗରସି,
କରୁ ଉପହାସ ଆପଣାକୁ କେତେ ?
ମରଣ ଦେଉଛି ଠେଲି ।
ବେଳା ବହି ଯାଏ ବେଳା ।।
ମନ୍ଦିରେ ତୋର ମହା କାରୁଣିକ
ଦେବତାର ଡାକ ଶୁଣି
ହେ ଚିର ଉଦାସି ନିରମି ବେଳାରେ
ମାନସେ କି ହେଉ ଗୁଣି ?
ଲଭିବେ ରେ ଲୟ ଜଳ ବୁଦ୍‌ବୁଦ,
ଆଶ୍ରୟ ତୋର ଶୁଦ୍ଧ ବୁଦ୍ଧ ।
ଅହ୍ୱାନ ଶୁଣି ଚଳ ତୁ ପାନ୍ଥ
ତେଜି ମର୍ତ୍ତ୍ୟର ମେଳା ।
ବେଳା ବହି ଯାଏ ବେଳା ।।

( ୨ )

କେଉଁ କଳ୍ପ ଲୋକେ ବସି ବିଦ୍ୟାଧରି, ହେ କଳାପ୍ରବୀଣା,
ଅଙ୍ଗୁଳିର ମୃଦୁ ସ୍ପର୍ଶେ ବଜାଉଛ ସୃଷ୍ଟି ପ୍ରାଣବୀଣା ।
ଆନନ୍ଦ କମଳ ଫୁଟେ । କବିସୃଷ୍ଟି ହସଇ କୁସୁମେ ।
ଅର୍ଦ୍ଧ ନିମିଳିତ ଚକ୍ଷୁ ମୁଦି ଆସେ ଦୂର ପ୍ରୀତି ଚୁମେ
ବାସ୍ତବ ହରାଏ ସତ୍ତା—ସିନ୍ଧୁବକ୍ଷେ ଜଳ ବିନ୍ଦୁ ସମ—
ସ୍ୱପ୍ନଲୋକେ । ପୂର୍ଣ୍ଣ ହୁଏ ଅନୁରାଗେ ନିଃସ୍ୱ ପ୍ରାଣ ମମ
ମୁଗ୍ଧା ନିଶୀଥିନୀ ନେତ୍ରୁ ଅନକ୍ଷିତେ ମୁକ୍ତା ଅଶ୍ରୁପାତ ।
ସର୍ବାଙ୍ଗ ନିସ୍ପନ୍ଦ । .........

କଣ୍ଠେ ଶୁଭେ ଖାଲି ଅଙ୍ଗୁଳି ସଙ୍ଘାତ
ତବ ଶୁଭ୍ର-କଳା-ରୂପେ ପୁଣ୍ୟମୟି ଚକ୍ଷୁ ରହେ ଲାଗି
ଶାନ୍ତ ଦୀପ୍ତ ସ୍ନିଗ୍ଧ ହାସ ଆଜି ସୃଷ୍ଟି ପ୍ରଣୟ ଅବା କି
ବାସନା ବନ୍ଧନ ଖସି ପଡ଼େ । ପ୍ରାଣପକ୍ଷୀ ଚିର ମୁକ୍ତ ।
ଦେହ କାରାଗାର ଭାଙ୍ଗି ତବ ସୃଷ୍ଟି ଗୀତେ ହୁଏ ଯୁକ୍ତ
ଅନ୍ଧକାରୁ ଉଷାସମ ନବ-ସୃଷ୍ଟି ଲଭଇ ବିକାଶ,
ମଙ୍ଗଳ ସେ ଆଶୀର୍ବାଦେ ମ୍ଲାନ ଅଶ୍ରୁ ଲଭେ ଉପହାସ ।

Digitized by srujanika@gmail.com

# ବ୍ରଜେଶ୍ୱରର ଦୁଇଟି ବନ୍ଧୁ

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

"ଉମାର ଦେଢ଼ ଗଜ ଲମ୍ୱା କଳା ବେଣୀଟା କାନ୍ଧ ଉପରେ ବଙ୍କେଇ ଆସି ଛାତି ପାଖରେ ପଡ଼ିଥାଏ, ଆଉ ସେହି ବେଣୀ ଅଗରେ ଗାଢ଼ତର କଳା ଉଲ୍‌ର ଗୋଟାଏ ନକଲି ଫୁଲ ଝୁଲୁଥାଏ। ଉମା ସେହି ଫୁଲଟାକୁ ମନ୍ଦାର ପାଖୁଡ଼ା ପରି ନିଜର ଲାଲ ପାପୁଲି ଉପରେ ନଚାଇ ନଚାଇ କହିଲା,

'କିନ୍ତୁ ଆଗ ଆମକୁ ବଞ୍ଚିବାକୁ ତ ହେବ ?'

"ବ୍ରଜେଶ୍ୱର ମୃଦୁ ହସିଲା—'ବଞ୍ଚିବା ଭିତରେ ବି ଅନେକ ରକମ ତଫାତ୍ ଅଛି, ଉମା। ସବୁ ଜୀବ ଅବଶ୍ୟ ବଞ୍ଚନ୍ତି। କିନ୍ତୁ ଆମେ ତ କେବଳ ଜୀବ ନୋହୁଁ, ମଣିଷ ମଧ୍ୟ।'

"ଉମା ମଧ୍ୟ ନିଜର ଭାବୁକତା ଦେଖାଇ ଉତ୍ତରକଲା, 'କିନ୍ତୁ ମଣିଷର ବଞ୍ଚିବାଟା ଖାଲି ବହି ପଢ଼ା ଓ ବହି ଲେଖାରେ ଆବଦ୍ଧ ନାହିଁ। ମଣିଷ ବଞ୍ଚିବାପାଇଁ ପୋଥି ଗୋଟାଏ ସାମାନ୍ୟ ଉପାଦାନ ମାତ୍ର। ବହି ପଢ଼ା ଓ ବହି ଲେଖା ସିବା ବଞ୍ଚିବାପାଇଁ ଅସଂଖ୍ୟ ବଡ଼ ବଡ଼ ଉପାଦାନ ଅଛି।'

"ବ୍ରଜେଶ୍ୱର ବହି ଲେଖେନାହିଁ, ପଢ଼େ। ପାଠକ ହିସାବରେ ମଧ୍ୟ ସେ ଯେ ଖୁବ୍ ଗମ୍ଭୀର, ତାହା କେହି ପରୀକ୍ଷା କରିନାହିଁ, କିନ୍ତୁ କଥା କଥାକେ ସେ ଅନେକ ଲେଖକ ଓ ପାଠକଙ୍କର ନାମ କହିପାରେ, ବେଶ୍ ଦି ପଦ ଯୁକ୍ତି କରିପାରେ। ଉମା ମଧ୍ୟ ଅଠରଗୋଟି ବର୍ଷା ବସନ୍ତର ଅଭିଜ୍ଞତା ଘେନି ଏବଂ କଟକ ରେଭେନ୍ସା ବାଳିକା ବିଦ୍ୟାଳୟରୁ କଲିକତା ବେଥୁନ କଲେଜ ପର୍ଯ୍ୟନ୍ତ ସର୍ବମୋଟ ଚାରି ପାଞ୍ଚ ଶହ ମାଇଲ ଭ୍ରମଣ କରି ନାନା ଦେଶର ଖବର ଓ ନିଜ ଜୀବନର ଅଭିଜ୍ଞତା ସମ୍ବନ୍ଧରେ ଗୋଟାଏ ଘଣ୍ଟା ଆଲୋଚନା କରିପାରେ।"

ବିଶ୍ୱମୋହନ ତାହାର କଥାଗୁଡ଼ିକୁ ବେଶ୍ ପରେ ପରେ ସଜାଇ ନେଇ କହି ଯାଉଥାଏ। ସଙ୍ଗୀମାନଙ୍କ ଭିତରୁ କେହି କେହି ଏକ ମନରେ ତାହା ଶୁଣୁଥିଲେ। ଆଉ କିଏ ଭରା କାଠଯୋଡ଼ିର ମନ୍ଥର ଗତି ଉପରେ ଯେଉଁ ସବୁ ଛୋଟ ଛୋଟ ବୀଚି ଓ ପ୍ରକାଣ୍ଡ ଭଉଁରୀମାନ ଉଠୁଥିଲା ସେଥି ସଙ୍ଗେ ଜ୍ୟୋତ୍ସ୍ନାର ଚପଳ ନାଚ ଦେଖି ଗୁଣୁ ଗୁଣୁ ସ୍ୱରରେ ଗାଉଥିଲେ। ଆଉ କିଏ ବଡ଼ ବୁରୁଜ ଦେହରେ ସୁଅର ଧକ୍କାକୁ ନିରୀକ୍ଷଣ କରି ଅନ୍ୟମନସ୍କ ଥିଲେ। ଯେଉଁମାନେ ବିଶ୍ୱମୋହନ କଥାକୁ ଶୁଣୁଥିଲେ ତାଙ୍କ ଭିତରୁ ବିନୋଦ ପଚାରିଲା,

"ତୁମେ ମଧ୍ୟ ଶୁଣିବା କଥାଟାକୁ ଯେମିତି କହି ପାରୁଚ ତାହା ଦେଖିବା କଥାଠାରୁ ବଳି ପଡ଼ୁଚ।"

ସ୍କୁଲ କଲେଜର ଡିବେଟିଂ ଘରଠାରୁ ସୁବକ୍ତା ବୋଲି ବିଶ୍ୱମୋହନ ଖ୍ୟାତି ଲାଭ କରିଚି। ଅନେକ କରତାଳି ଆଦାୟ କରିବାର ଶକ୍ତି ଅର୍ଜିଚି ମଧ୍ୟ। ସେଥିପାଇଁ ତାହାର କଥା ଉପରେ ଆଉ କାହାକୁ ବାଧା ଦେବାକୁ ସେ ସହ୍ୟ କରି ପାରେ ନାହିଁ। ବିନୋଦକୁ ଗୋଟାଏ ଉପଯୁକ୍ତ ଜବାବ ଦେବାକୁ ସେ ଯାଉଥିଲା। କିନ୍ତୁ ରସଭଙ୍ଗର ଆଶଙ୍କା ଦେଖି ମଝିରେ ଆନନ୍ଦ କହି ଉଠିଲା,

"ଦେଖ ବିନୁ,—ଶୁଣିବା କଥା ହେଉ, ଦେଖିବା କଥା ହେଉ, ଏହା ତୁମକୁ ମାନିବାକୁ ହେବ ଯେ ବିଶ୍ୱଙ୍କର କହିବାରେ ବାହାଦୁରି ଅଛି, ଯାହା ସମସ୍ତଙ୍କର ନ ଥାଏ। ଅଚ୍ଛା ବିଶ୍ୱ, ତାହାପରେ କ'ଣ ହେଲା ?"

ବିଶ୍ୱମୋହନ କହିବାକୁ ଲାଗିଲା, "ବଞ୍ଚିବା ସମ୍ବନ୍ଧରେ ଉମା ଯେଉଁ ଫିଲଜଫି ପ୍ରକାଶ କଲା, ତାହା ଯେ ଖୁବ୍ ଅସାଧାରଣ ନୁହେଁ, ସେଥିପାଇଁ ବ୍ରଜେଶ୍ୱର କହିଲା, 'ହଁ, ଏ କଥା ଆଜି କାଲି ଅନେକ ଲୋକ କହନ୍ତି।'

"'ଅନେକ ଲୋକ କହନ୍ତି ବୋଲି ତାହା କ'ଣ ଭୁଲ ?' ଉମା ପଚାରିଲା।

"ବ୍ରଜେଶ୍ୱର କହିଲା, 'ନା, ଭୁଲ କି ଠିକ୍ ସେ କଥା ମୁଁ କହିବାକୁ ଯାଉ ନାହିଁ। ମୁଁ କହେଁ ଯେଉଁମାନେ ଭାବୁକ ବା ସ୍ରଷ୍ଟା ସଚରାଚର ତାଙ୍କ ଥାନ ଉଚ୍ଚରେ— ଯେମିତି ତୁମର ଏଲେନ୍‌କେଇ, ମନ୍ତେସରୀ ବା ମାଦାମକୁରୀ।'

"ବେଣୀ ଅଗଟା ଆଉ କାନ୍ଧରେ ପକାଇ ଦେଇ ଉମା ଉତ୍ତର କଲା, 'ଏ କଥାଟା କିନ୍ତୁ ଅଧା ସତ ବୋଲି ମୋର ମନେ ହୁଏ। ଏଲେନ୍‌କେଇ ତାଙ୍କ ସ୍ୱଜାତି ପାଇଁ ଯେମିତି ସ୍ୱାଧୀନ ଚିନ୍ତା କରିଚନ୍ତି, ମନ୍ତେସରୀ ଯେମିତି ଶିଶୁ ଶିକ୍ଷାରେ ନାରୀର ବିଚକ୍ଷଣତା ଦେଖାଇଚନ୍ତି, କିମ୍ବା ମାଦାମକୁରୀ ଯେମିତି ନାରୀର ମେଧା ଓ ମନୀଷାର ପରିଚୟ ଦେଇଚନ୍ତି, ସେମିତି ହୁଏ ତ ଜୋଆନ୍ ଅଫ୍ ଆର୍କ, ଫ୍ଲରେନ୍ସ ନାଇଟିଙ୍ଗେଲ୍ ଓ ଇସାଡୋରା ଡନ୍‌କ୍ୟାନ୍ ପ୍ରଭୃତି ଆର୍ଟିଷ୍ଟିକାଲି ବଞ୍ଚିବାର ଆଦର୍ଶ ରଖି ଯାଇଚନ୍ତି। କିଏ ଅବା ବହି ଲେଖେ, ଆଉ କିଏ ଲେଖାଏ। ନେପୋଲିୟନ ନିଜେ କବି ବା ଗ୍ରନ୍ଥକାର ନ ଥିଲେ। କିନ୍ତୁ କବିତା ଲେଖିବାର ଓ ଇତିହାସ ଗଢ଼ିବାର ଅନେକ ଉପାଦାନ ସେ ତାଙ୍କ ଜୀବନରେ ରଖି ଯାଇଚନ୍ତି। ସେମାନଙ୍କ ଭିତରୁ ଆମେ ଆଉ ଉଚ୍ଚ ନୀଚ ବାଛିବା କଣ ?'

"ଉମା ଓ ବ୍ରଜେଶ୍ୱରଙ୍କ ଭିତରେ ରୋଜ ଏହିପରି ନାନା ବିଷୟରେ ଆଲୋଚନା ହୁଏ। ଉମାର ସାନ ଭଉଣୀ ଦୁଇଟି ବହି ପାଖରେ ବସି ବସି ଢୁଲାନ୍ତି। ବ୍ରଜେଶ୍ୱର ତାହାର କର୍ତ୍ତବ୍ୟରେ ହେଳା କରେ ବୋଲି ଉମାର ବାପ ମା'ଙ୍କ ନଜରରେ ଯେମିତି ପଡ଼େ ନାହିଁ, ସେ ନିଜେ ମଧ୍ୟ ସେଥିପାଇଁ ଅନୁତପ୍ତ ନୁହେଁ। ଉମାର ଭଉଣୀ ଦୁଇଟିଙ୍କୁ ପାଠ ପଢ଼ାଇବା ଅପେକ୍ଷା ଉମାର ଯେ କାହିଁକି ଛଅଟି ମାସ ବେଥୁନ୍ କଲେଜରେ ପଢ଼ି ପାଠ ପ୍ରତି ବୈରାଗ୍ୟ ଆସିଲା, ସେ କଥା ବୁଝିବାକୁ ବ୍ରଜେଶ୍ୱରର ବେଶୀ ଆଗ୍ରହ। ପହିଲେ



Digitized by srujanika@gmail.com

ସେହି ସୂତ୍ରରୁ ହିଁ ଆଲୋଚନାଟା ଆରମ୍ଭ ହୋଇ କ୍ରମେ ଘନିଷ୍ଠ ଆଳାପରେ ପରିଣତ ହୋଇ ପଡ଼ିଅଛି । ରାଜେଶ୍ୱରର ମନେହୁଏ ଖାଲି ଉମା ଯୋଗରୁ ହିଁ ସେ ଯେମିତି ଟୁଇଶାନ୍ କରୁଛି । ଉମାକୁ ମଧ୍ୟ ଶସ୍ତା ଓ ସୁବିଧାରେ ଆଳାପ କରିବାକୁ ମିଳେ, ସେ ସୁଯୋଗ ସେ ଛାଡ଼ିବ କାହିଁକି ?

"ସବୁ ଆଳାପ ଆଲୋଚନା ଅବଶ୍ୟ ଘର ଭିତରେ ରୋଜ ସନ୍ଧ୍ୟାରେ ହୋଇଥାଏ । କିନ୍ତୁ କେଜାଣି କେମିତି ପାଇ ପଡ଼ିଶାରେ ଦୁଇ ଜଣଙ୍କ ସମ୍ବନ୍ଧରେ ଟିକିଏ ଚୁପ୍ ଚାପ୍ ଆରମ୍ଭ ହେଲା, ପହିଲେ ଅବଶ୍ୟ ନାରୀ ମହଲରେ । ଉମାର ମା'ଙ୍କ କାନରେ ମଧ୍ୟ କଥାର ଭେଉ ନାନା ଆକାରରେ ଆସି ବାଜିଲା । ସେ ଯାଇଁ କହିଲେ ନିଜର ସ୍ୱାମୀଙ୍କ ଆଗରେ । କିନ୍ତୁ ଯଦୁମଣି ବାବୁ କଥାଟାକୁ ଉଡ଼ାଇ ଦେଇ କହିଲେ, 'ଅଃ, ଲୋକଙ୍କ କଥାକୁ ମାନି ଚଳିଲେ ଏକା-ବେଳେ ଅଚଳ ହୋଇ ବସି ରହିବାକୁ ହେବ । ସେ ସବୁ କଥା ତୁମେ ଶୁଣ କାହିଁକି ?'

"ଯଦୁମଣି ବାବୁ ବୟସରେ ନ ହେଲେ କଣ ହେଲା, ରୁଚି ଓ ଧାତି ଗତିରେ ଖୁବ୍ ଆଧୁନିକ । ଖାଲି ଅପରିଚିତ ଲୋକଙ୍କ ସିବା ସାଇ ପଡ଼ିଶା ଓ ସବୁ ପରିଚିତ ଲୋକେ ଅମାର୍ଜିତ ରୁଚିର ବୋଲି ତାଙ୍କର ଧାରଣା । ଆଉ କାହା ସଙ୍ଗେ ମନ ଖୋଲି ମିଶି ପାରୁ ନ ଥିବାରୁ ସମସ୍ତଙ୍କ ଅପେକ୍ଷା ନିଜର ବେଶୀ ତାରିଫ୍ କରନ୍ତି ଗୃହିଣୀଙ୍କ ଆଗରେ ଏବଂ ଭାବ ଭଙ୍ଗୀଦ୍ୱାରା ତାଙ୍କୁ ବୁଝାଇ ଦିଅନ୍ତି ଯେ ତାଙ୍କ ପରି ସ୍ୱାମୀ ପାଇଲେ ଯେ କୌଣସି ସ୍ତ୍ରୀ ନିଜକୁ କୃତାର୍ଥ ମଣିବା ଉଚିତ । ସ୍ତ୍ରୀ ମଧ୍ୟ ଦେଖନ୍ତି ଯେ ଅଳ୍ପ ବୟସରୁ ସେ ଯେମିତି ଗୋଟିଏ ସଂସାର ମନ ଭିତରେ ଗଢ଼ି ଥିଲେ ଯଥାର୍ଥରେ ସେ ତାହା ନୁହେଁ ; ଏବଂ ଏ ସଂସାରରେ ଯଦୁମଣି ବାବୁ ସବୁଠାରୁ ବେଶୀ ପାଠୁଆ ଓ ବେଶୀ ବୁଦ୍ଧିଆ । ଅତଏବ ଅଧେ ଭୟ ଓ ଅଧେ ଭକ୍ତିରେ ଯେ ଉତ୍ତର ଦେଇ ପାରନ୍ତି ନାହିଁ । ପଡ଼ିଶା ଘରର ସ୍ତ୍ରୀ ଲୋକମାନେ ବୁଲି ଆସିବା ଉପଲକ୍ଷରେ ଉମାର ବାହାଘର କଥା ପକାନ୍ତି । କେହି କେହି ଏତେ ବୟସ ଯାଏ ଝିଅମାନଙ୍କୁ ପାଠ ପଢ଼ାଇବାର ଅପକାରିତା ବୁଝାଇ ବସନ୍ତି । ଆଉ କିଏ ପୁରୁଷ ପିଲାଙ୍କ ସାଥିରେ ମିଶିବାକୁ ଆପତ୍ତି ଉଠାନ୍ତି । ହଁ, ନା, କହି ଶେଷରେ ଯଦୁ ବାବୁଙ୍କ ଗୃହିଣୀ ଉତ୍ତର ଦିଅନ୍ତି, 'କେ ଜାଣି, ତା' ବାପା ସେ କଥା ଜାଣି-ଥିବେ ।' "

ବିନୋଦ ମନରେ ଏକାବେଳେ ହଜାରଟା ପ୍ରଶ୍ନ ଆସି ଆଘାତ କଲା । ସେଥିପାଇଁ ସେ ସିଗରେଟ୍ କେସଟାକୁ ଫିଟାଇ ଦେଇ ବନ୍ଧୁ-ମାନଙ୍କ ଆଗରେ ଧରିଲା, ଏବଂ ସେହି ଅବସରରେ ପଚାରିଲା, "ଆଚ୍ଛା ରାଜେଶ୍ୱର ବାବୁଟି କିଏ ? ସେହି ଯେ ପୋଷ୍ଟ ଗ୍ରାଜୁଏଟ୍ ମେସ୍‌ର ରାଜେଶ୍ୱର ବାବୁ ସେଥର ପାଗଳ ହୋଇଥିଲେ, ସେହି ନା ?"

ବିଶ୍ୱମୋହନ ସିଗରେଟ୍ ଖଣ୍ଡିକର ଦୁଇଟା ପାଖ ନିଜ ରିଷ୍ଟ୍ ଓ୍ୱାଚ୍ ଉପରେ ଦୁଇ ଚାରି ଥର ବାଡ଼େଇ ଦେଇ ଗୋଟାଏ ପାଖ ଓଠ ଆଗରେ ଲଖେଇଦେଲା ଏବଂ ଉତ୍ତର କଲା, "ହଁ, ହଁ ସେହି ରାଜେଶ୍ୱର ବାବୁ, ତୁମେ ତ ତାଙ୍କୁ ଜାଣ ତା' ହେଲେ ?" ବିଶ୍ୱ-ମୋହନର କଥା ସଙ୍ଗେ ସଙ୍ଗେ ସିଗରେଟ୍ ଖଣ୍ଡି ମଧ୍ୟ ଓଠ ମଝିରେ ହଲିବାକୁ ଲାଗିଲା ।

ମାଧବ ପଚାରିଲା, "ଯଦୁମଣି ବାବୁଟି କେମିତି ଲୋକ ହେ ? ଶୁଣି ତ ରୁଚିବାଗୀଶ । ଏତେ ବେଶୀ ଆଧୁନିକ ହେଲେ ଯେ ବର୍ତ୍ତମାନ ସଙ୍ଗେ ସମ୍ପୂର୍ଣ୍ଣ ବେଖାପ ହୋଇ ପଡ଼ିବ ।"

ବୈରାଗୀ ତଅପିଲିଟା ଜାଳି ବିଶ୍ୱମୋହନର ସିଗରେଟ୍ ଆଗରେ ଧରିଲା ଏବଂ ମାଧବକୁ ଉତ୍ତର କଲା, "ଆଚ୍ଛା ହେଉ—ଯୋଡ଼ ମୁଣ୍ଡଟା ଯେତେବେଳେ ତୁମ ହାତକୁ ଆସିବ, ସେତେବେଳେ ସେ କଥାର ବିଚାର ହେବ ।"

ବିଶ୍ୱମୋହନ ଦୁଇ ଚାରି କଳି ଧୂଆଁ ଛାଡ଼ିଦେଇ କହିଲା, "ଶୁଣ ଶୁଣ, କଥାଟା ଆଗ ଶୁଣି ସାର । ରାଜେଶ୍ୱରଙ୍କ ସହିତ ଉମାକୁ ଖୁବ୍ ବେଶୀ ସମୟ ଗପ କରୁଥିବାର ଦେଖିଲେ ତାହାର ମା ମଝିରେ ମଝିରେ ତାକୁ ଭିତରକୁ ଡାକି ପଠାନ୍ତି ଏବଂ ବାହାନା କରି ଏଣୁ ତେଣୁ ଗୋଟାଏ ଅଧେ କାମ ବତାନ୍ତି । କିନ୍ତୁ ଘର ଭିତରେ ତାହାର ମନ ଲାଗେ ନାହିଁ, ଅଳ୍ପ ସମୟ ପରେ ଫେରି ଆସି ରାଜେ-ଶ୍ୱରଙ୍କ ସାଥିରେ କଥା ଯୋଡ଼ିଦିଏ । ଓଡ଼ିଶାରେ ଫ୍ଲାଇଂ କ୍ଲବ୍ ଓ ସିନେମା କମ୍ପାନିର ସମ୍ଭାବନା କେମିତି, ଜାତିର ସ୍ୱାସ୍ଥ୍ୟ ଉନ୍ନତି ପାଇଁ ମାସ୍ ଡ୍ରିଲ୍ କେମିତି ଦରକାର, ଇତ୍ୟାଦି କଥା ପଡ଼େ । କୋ-ଏଜୁକେଶନର ଉପକାରିତା ଏ ପର୍ଯ୍ୟନ୍ତ ଭାରତୀୟ ଲୋକେ ବୁଝିଲେ ନାହିଁ ବୋଲି ଦୁଃଖ ପ୍ରକାଶ କରାହୁଏ ; ଏବଂ ଅଲ୍‌ଡାସ୍ ହକ୍ସଲି, ଫ୍ରଏଡ୍, ନୁଡିଜିମ୍ ଓ ଜବାହରଲାଲ ପ୍ରଭୃତି ନାନା ବିଷୟରେ ଘୋର ଆଲୋଚନା ହୋଇ ସବା ଶେଷରେ ମୀମାଂସା ହୁଏ ଯେ ଉମା ଆଜୀବନ ଅବିବାହିତା ରହିବ ଏବଂ ରାଜେଶ୍ୱର କୌଣସି ନାରୀକୁ ନିଜର ସ୍ତ୍ରୀ ରୂପେ ଗ୍ରହଣ କରିବ ନାହିଁ ।

"କିନ୍ତୁ ଉମା ଓ ରାଜେଶ୍ୱରଙ୍କ ଭିତରେ ଏହି ସତ୍ ସମ୍ବନ୍ଧଟା ପଡ଼ାର ନାରୀ ମହଲରୁ ପୁରୁଷ ମହଲକୁ ଉଠି ନାନା ଭାବରେ ରଞ୍ଜିତ ହେବାକୁ ଲାଗିଲା । ରାଜେଶ୍ୱର ପ୍ରଥମେ ଏହାର ସନ୍ଧାନ ପାଇଲା ଉମାଙ୍କ ଗଳି ମୁଣ୍ଡର ଗୋଟାଏ ପାଚେରି କାନ୍ଥରୁ—ବେଶ୍ ବଡ଼ ବଡ଼ ଅକ୍ଷରରେ ନିଜ ନାମ ସହିତ ଉମାର ନାମ ସଂଯୋଗରେ ଗୋଟାଏ କୁତ୍ସିତ ବିଜ୍ଞାପନ ସେଠାରେ ଦେଖିଲା ଏବଂ ତା'ପରେ ପାଇଲା ବେନାମୀ ଚିଠି । କଥାଟାକୁ ସେ ଉମାକୁ କିମ୍ବା ଯଦୁମଣି ବାବୁଙ୍କୁ ଆଗ କହିବ, ସ୍ଥିର କରି ପାରିଲା ନାହିଁ । ଯଦୁମଣି ବାବୁଙ୍କର ମଧ୍ୟ କଚେରିରୁ ଫେରିଲା ବେଳେ ପକେଟ ଭିତରେ ଟଙ୍କା ଅପେକ୍ଷା ଏହି ବେନାମୀ ଚିଠିର ସଂଖ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଲା ।

"ସବୁ ଚିଠି ପଢ଼ିବାକୁ ତାଙ୍କୁ ଅବସର ନ ଥାଏ । କିନ୍ତୁ ଯେଉଁ କେତେ ଖଣ୍ଡି ପଢ଼ିଲେ, ସେଥିରୁ ତାଙ୍କର ଧାରଣା ହେଲା ଯେ ସେଥି ମଧ୍ୟରୁ କେତେକ ପତ୍ର-ଲେଖକ ଖୁବ୍ ହିତୈଷୀ ବନ୍ଧୁ ହୋଇ ତାଙ୍କୁ ଲେଖିଚନ୍ତି । ସମସ୍ତେ ଯେ କେବଳ ପଡ଼ା ଭିତରର ତାହା ମଧ୍ୟ ମନେ ହୁଏ ନାହିଁ । ସେମାନଙ୍କ ଭିତରୁ କିଏ କଲେଜ ଛାତ୍ର, କିଏ ସାହିତ୍ୟିକ ଆଉ କିଏ ଜୁନିୟର ଓକିଲ ! କିଏ ଲେଖିଚନ୍ତି ଯଦୁମଣି ବାବୁ ତାଙ୍କ କନ୍ୟାକୁ ନେଇ ଯାହା ଇଚ୍ଛା କରି ପାରନ୍ତି

Digitized by srujanika@gmail.com

ଏବଂ ସେଥିରେ କାହାରି କିଛି କହିବାର ନାହିଁ; କିନ୍ତୁ ସାହି ପଡ଼ିଶାର ଲୋକେ ପୁଅ ଝିଅ ଘେନି ଘର କରୁଥିବା ଅବସ୍ଥାରେ ଉମାର ଆଚରଣ ସେମାନଙ୍କ ଆଖିରେ ବଡ଼ ଆପତ୍ତିଜନକ ହୋଇ ଉଠିଛି । ସେଥିପାଇଁ ଅନୁଗ୍ରହ କରି ସେ ଏହି ପଢ଼ା ତ୍ୟାଗ କରନ୍ତୁ ଅଥବା ରାଜେଶ୍ୱରଙ୍କ ସଙ୍ଗେ ଉମାର ମିଳାମିଶାଟି ଭାଙ୍ଗନ୍ତୁ, ନ ହେଲେ ଦୁହିଙ୍କୁ ବାହା ଦିଅନ୍ତୁ । ଆଉ କିଏ ଲେଖିଚନ୍ତି, ଯଥାଶୀଘ୍ର ସେ ଏହାର ପ୍ରତିବିଧାନ ନ କଲେ ସେ, ତାଙ୍କର କନ୍ୟା କିମ୍ବା ରାଜେଶ୍ୱରଙ୍କର ଶାରୀରିକ, ଆର୍ଥିକ ବା ମାନସିକ ଘୋର କ୍ଷତି ହେବାର ଆଶଙ୍କା ରହିଛି । ସର୍ବସାଧାରଣଙ୍କ ପ୍ରତି ଯଦୁମଣି ବାବୁଙ୍କର ଯେଉଁ ଘୃଣା ଓ ତାଚ୍ଛିଲ୍ୟ ଥିଲା, ଏହି ସବୁ ଚିଠି ପାଇ ତାହା ଚତୁର୍ଗୁଣ ହୋଇ ପଡ଼ିଲା । ଏହା ପରେ ଜଣେ ଦୁଇ ଜଣ ଶିକ୍ଷିତ ପଡ଼ୋଶୀ ମଧ୍ୟ ତାଙ୍କୁ ପ୍ରତ୍ୟକ୍ଷରେ ହିତୋପଦେଶ ଦେବାକୁ ଆରମ୍ଭ କଲେ । ତଥାପି ସେ ବେଖାତିର କରି ଚଳି ଆସିଥିଲେ । କିନ୍ତୁ ଯେଉଁ ଦିନ ସନ୍ଧ୍ୟାରେ ଯଦୁମଣି ବାବୁଙ୍କ ଘରୁ ଫେରିବା ସମୟରେ ରାଜେଶ୍ୱରର ସାଇକଲ୍ ପଛ ଚକରେ ତେଲ୍ଲ ବସି ପଡ଼ିଲେ ସାଇକଲ୍‌ଟା ହିଁ ଜଖମ ହୋଇ ପଡ଼ିଲା, ତାହା ପରେ ଅସଲ କଥାଟା କେହି କାହାକୁ ନ କହି ରହି ପାରିଲେ ନାହିଁ ।

"କିନ୍ତୁ କଥାର ମୀମାଂସା ଯେ ରାଜେଶ୍ୱରକୁ ଟ୍ୟୁଇଶାନ୍ ସଙ୍ଗେ ସଙ୍ଗେ ଉମା ସହିତ ଆଳାପ ସୁଖରୁ ବଞ୍ଚିତ କରିବ, ଏତେ ଦୂର ସେ ଆଶଙ୍କା କରି ନ ଥିଲା । ବିମର୍ଷ ହୋଇ କହିଲା,

'ତା' ହେଲେ ଏହି ବେନାମୀ ବଜାରିଙ୍କର ହିଁ ଜିତା ପଟ ହେବ? ଆମେ ତାଙ୍କୁ ଡରିମରି ରହିବା ?'

"ଯଦୁମଣି ବାବୁ କହିଲେ, 'ବର୍ତ୍ତମାନ ପରିସ୍ଥିତିରେ ଆଉ ଉପାୟ କ'ଣ, କହନ୍ତୁ । ଏମିତି ଗୋଟାଏ ତେଲକେଠ୍ ବିଷୟରେ ଆଇନର ଆଶ୍ରୟ ନେବା ତ ମୁଁ ଯୁକ୍ତିସଙ୍ଗତ ମନେ କରୁନାହିଁ । ଆଉ ବି ଆଇନର ଆଶ୍ରୟ ନେବାକୁ ଆମର ଉପଯୁକ୍ତ ପ୍ରମାଣ କାହିଁ ?'

"ଏହିପରି ଗୋଟାଏ କିଛି ପନ୍ଥା ଧରିବାକୁ ରାଜେଶ୍ୱରର କିନ୍ତୁ ଇଚ୍ଛାଟି ଥାଏ । ମାତ୍ର ଯଦୁମଣି ବାବୁଙ୍କୁ ଏ ସମ୍ବନ୍ଧରେ ନିରୁତ୍ସାହ ଦେଖି ସେ କହିଲା, 'ତେବେ କ'ଣ ଆଉ କିଛି ଉପାୟ ନାହିଁ, ଏହି ବଦମାସ୍ ଲୋକଗୁଡ଼ାଙ୍କୁ ଟିକିଏ ଉଚିତ ଶିକ୍ଷା ଦେବା ପାଇଁ ?'

"'ସେମାନଙ୍କୁ ଶିକ୍ଷା ଦେବା ପାଇଁ ଏକମାତ୍ର ଉପାୟ ନିଜ ଦେହରେ ତାକତ ଥିବା ଦରକାର,—ଯଦୁମଣି ବାବୁ କହିଲେ ।

"ରାଜେଶ୍ୱର ଆକାଶକୁ ଚାହିଁଲା । କାରଣ ସେ ଭଲ କରି ଜାଣେ ଯୁକ୍ତିତର୍କରେ ଯେମିତି ଶକ୍ତି ସାହସ ଦେଖାଇ ପାରେ, ଦେହର ତାକତ କଥାରେ ତାହା ନୁହେ । ସୁତରାଂ ଯଦୁମଣି ବାବୁଙ୍କୁ ଗୋଟିଏ ଦୁଃଖପୂର୍ଣ୍ଣ ନମସ୍କାର କରି ସେ ବିଦାୟ ନେଲା ।

"ଯଦୁ ବାବୁଙ୍କଠାରୁ ବିଦାୟ ନେଇ ରାଜେଶ୍ୱର ନିଜ ବସାକୁ ଫେରିଲା । ଦିନ ଦି'ପହରେ କଟକ ସହରର ଦାଣ୍ଡଟା ଲୁହବୁଡ଼ ଘୋଟି ଅନ୍ଧାର ହେଲା ପରି ତାହା ଆଖିକୁ ଜାଲ୍ ଜାଲ୍ ଦିଶିଲା । ବୁଝି-ପାରିଲା, ଏପରି ଭ୍ରମ ହେବାର କାରଣ ଉମା ବିଚ୍ଛେଦରେ ତାହାର ମନର ଯନ୍ତ୍ରଣା । ବଜାର ଭିତରେ ଯେଉଁଠାରେ ସେ ଥିଲା ସେଠାରେ ମଧ୍ୟ ତାହାକୁ ନିସ୍ତାର ମିଳିଲା ନାହିଁ । ଦିନ ଗୁରିଟା ଟ୍ୟୁଇଶାନକୁ ଯାଇନାହିଁ, ଏହାରି ମଧ୍ୟରେ ହିଁ ତାହାର ପାଖ ଆଖ ଲୋକଙ୍କ ଭିତରେ ବେତାର ଖବର ପହଞ୍ଚିଗଲା । ଅଗତ୍ୟା ତାହାକୁ ଦରଘାବଜାର ଛାଡ଼ି ଚୁଡ଼ିଆଗଞ୍ଜକୁ ବଦଳି ହେବାକୁ ପଡ଼ିଲା ।"

କାଠଯୋଡ଼ିର ଓଦା ପବନଟା ବେଶ୍ ଶୀତଳ ହୋଇ ପଡ଼ିଛି । ଖଣ୍ଡେ ବଡ଼ କଳା ମେଘ ତଳେ ଚନ୍ଦ୍ର ଲୁଚି ଯାଇଛି । ନଈ ଆର ପାରି ମୁକାମସହରରୁ ଛ ସାତଟା ଆଲୁଅ ଦେଖା ଦେଉଛି । ଦୂର ପୋଲ ଉପରେ ଗୋଟାଏ ମାଲଗାଡ଼ି ଘୁ ଘୁ ଶବ୍ଦ କରି ପାରି ହୋଇ ଗଲା, ଯୁବକମାନଙ୍କ ନିକଟରେ ଥିବା ଟେଲିଗ୍ରାଫ ଖମ୍ବର ଅବିରାମ ଶବ୍ଦକୁ କ୍ଷଣକ ପାଇଁ ଲୋପ କରିଦେଇ । ଶ୍ରୋତାମାନେ ଆଉ ଟିକିଏ ଲଗାଲଗି ହୋଇ ବସି ବିଶ୍ୱମୋହନର ଗଳ୍ପରେ ସ୍ୱୀୟ ମନୋ-ଯୋଗର ସୂଚନା ଦେଲେ । ସେ ମଧ୍ୟ ନିଜ ବର୍ଣ୍ଣନାରେ ବେଶ୍ ଫୁର୍ତ୍ତି ଅନୁଭବ କରୁଥାଏ । ଗଳାଟାକୁ ପରିଷ୍କାର କରି ନେଇ ପୁଣି କହିବାକୁ ଲାଗିଲା—

"କଲେଜ ବୋର୍ଡିଂର ଯେଉଁ ଘରଟିରେ ରାଜେଶ୍ୱର ଆସି ରହିଲା, ସେଠାରେ ଥିଲି ମୁଁ ଏକା । ମୋ ସାଥିରେ ଆଗରୁ ତାହାର ସେତେ ଭାବ ନ ଥିଲେ ହେଁ ପରିଚୟ ଥିଲା ବେଶ୍ । ବନ୍ଧୁତା ହେବାକୁ ବେଶୀ ସମୟ ଲାଗିଲା ନାହିଁ । ବିଶେଷତଃ ଗୋଟାଏ ଘରେ ରହିଲୁଁ । ସେତେବେଳକୁ ସେ ଅବଶ୍ୟ ଯଦୁମଣି ବାବୁଙ୍କ ଘରକୁ ଯିବାଟା ଏକାବେଳେ ବନ୍ଦ କରି ନ ଥାଏ । ବିଶେଷତଃ ଉମା ସାଥିରେ ତାହାର ଯେଉଁ ବନ୍ଧୁତା ଜମିଥିଲା ଏତେ ଶୀଘ୍ର ତାହାକୁ କାଟିଦେବ କେମିତି ? କିନ୍ତୁ ଯାଏ ଖୁବ୍ କମ, ମାସରେ ତିନି ଚାରି ଥରରୁ ବେଶୀ ନୁହେ । ସେଠାରୁ ଫେରି ଆସି କବିତା ଲେଖେ ।' ଅବଶ୍ୟ ଯେ କେତେ ଗୋଟି କବିତା ସେ ଲେଖିଥିଲା, ତାହାର ଆଉ କେହି ଶ୍ରୋତା ବା ପାଠକ ନ ଥିବାରୁ ଏବଂ ନିକଟ ଭବିଷ୍ୟତରେ ସେପରି ହେବାର କାହାରି ସମ୍ଭାବନା ନ ଥିବାରୁ, ବାଧ୍ୟ ହୋଇ ମତେ ହିଁ ହେବାକୁ ପଡ଼ିଲା । ସେ କବିତା ଶୁଣି ଯାହା ମୁଁ ବୁଝିଲି ସେଥିରୁ ମନେହୁଏ ତାହାର ବିଶେଷତ୍ୱ ହେଉଛି କେବଳ ତାକୁ ଶୁଣିବା, ବୁଝିବା ନୁହେ । ରାଜେଶ୍ୱର ନିଜେ ମଧ୍ୟ ଏହା ଅନୁଭବ କଲା । କବିତାର ନିୟମ ବନ୍ଧନ ଲୁଅଡ଼େ ଏତେ କଠିନ ଯେ ସେଥିରେ ନିଜକୁ ପୂର୍ଣ୍ଣରୂପେ ପ୍ରକାଶ କରିବା ଅସମ୍ଭବ । ସେଥି-ପାଇଁ ନିଜକୁ ସେ କବିତାରେ ପ୍ରକାଶ କରି ନ ପାରି ମୋହରି ପାଖରେ ହିଁ ପ୍ରକାଶ କରିବାକୁ ଲାଗିଲା ।

"ଦୁଇ ଜଣ ଆମେ ଗୋଟିଏ ରୁମ୍‌ରେ ଥାଉଁ, ଏକା ସାଥିରେ ବୁଲିଯାଉଁ, ଗାଧୋଉଁ, ଖାଉଁ । ନିଦ ଆସିବା ଆଗରୁ ମଧ୍ୟ ବିଛଣାରେ ପଡ଼ି ତା' ମୁହଁରୁ ଉମା କଥା ଶୁଣେଁ । ହସିବ ନାହିଁ ଭାଇ, ନିଦ ଆସିଗଲେ ରାଜେଶ୍ୱର ଓ ଉମାଙ୍କ ଭିତରେ ମୁଁ ନିଜକୁ ମଧ୍ୟ କେତେ ଥର ସ୍ୱପ୍ନ ଦେଖିଛି । ଉମାର ରୂପ କଳ୍ପନା କରି ମନଟା ମୋର ବେଶ୍ ହାଲୁକା ବୋଧହୁଏ । ରାଜେଶ୍ୱର ଯେଉଁ ଦିନ ଯଦୁମଣି ବାବୁଙ୍କ ଘରକୁ ଯାଏ ସେ ଦିନ ତାହାର ଫେରିବାକୁ ମୁଁ ଆଗ୍ରହରେ ଚାହିଁ ବସେଁ । ଘନ ଘନ ସେଠାକୁ ଯିବାପାଇଁ ତାକୁ ଖୁବ୍ ଉତ୍ସାହ

Digitized by srujanika@gmail.com

ଦିଏଁ । ମୋ ଜୀବନରେ ମଧ୍ୟ ଛୋଟିଆ ଛୋଟି ଯେଉଁ ଦୁଇଟା ଗୋଟାଏ ଅଭିଜ୍ଞତା ମିଳିଥିଲା, ସେଥି ସଙ୍ଗରେ ଆଉ ଦ'ଚାରିଟା ଯୋଡ଼ାଯୋଡ଼ି କରି ବେଶ୍ ରଙ୍ଗେଇ ସଜେଇ ଉମା କଥା ଶୁଣିବି ବୋଲି ରାଜେଶ୍ୱରକୁ ଲାଞ୍ଚ ଦିଏଁ । ଅତି ଆଦରରେ ଜଳଖିଆ ଦୋକାନକୁ ନିମନ୍ତ୍ରଣ କରେଁ । ରାଜେଶ୍ୱର ଯେଉଁ ଦିନ ଉମାର ଦେଖା ନ ପାଇ ମୁହଁ ଶୁଖାଇ ଫେରି ଆସେ ମୁଁ ମଧ୍ୟ ତାହା ସାଥିରେ ବିମର୍ଷ ହୁଏଁ । କିନ୍ତୁ ତାହା ପର ଦିନ ତାକୁ ପୁଣି ଚେଷ୍ଟା କରିବାକୁ ପ୍ରବର୍ତ୍ତାଏଁ ।"

ବିନୋଦ ପଚାରିଲା, "ଏତେ ପରିଚୟ ଓ ଏତେ ଯା'ଆସ କରି ମଧ୍ୟ ଉମା ସାଥିରେ ବାହାଘର ପ୍ରସ୍ତାବ କରିବାକୁ ତାଙ୍କର ସାହସ ହେଲା ନାହିଁ ?"

ତାଚ୍ଛଲ୍ୟ କରି ବୈରାଗୀ କହିଲା, "ଛିଛି, ବିନୁ ତମେ ବଡ଼ ପ୍ରୋଜେକ୍ । ବାହା କରିବା ସିବା ଆଉ ଯେମିତି ଦୁନିଆରେ କିଛି ହିଁ ନାହିଁ ।"

"ଆଉ ବି ବାହା କଥାଟା ଉଠାଉଛ କେମିତି ?" ମାଧବ ଭଷିଲା, —"ବାହା ନ କରିବେ ବୋଲି ଏତେ ବଡ଼ ଗୋଟାଏ ଆଦର୍ଶ ଧରି ଦୁହେଁ ଚାଲିଚନ୍ତି । ଆମେ ତ ଭାଇ ପନ୍ଦର ବର୍ଷ ଦିନୁ ଆଠ ବର୍ଷର ଗୌରୀ ବିବାହ କରିଥାଇଁ, ସେ ଆଦର୍ଶକୁ ବୁଝି ନ ପାରିଲେ ବିନୁର ଆଉ ଦୋଷ କଣ ?"

କଥାଟାର ସମାଧାନ କରି ବିଶ୍ୱମୋହନ କହିଲା, "ନାହିଁ, କେବଳ ଆଦର୍ଶର କଥା ନୁହେଁ । ପ୍ରକୃତ ପକ୍ଷରେ ସେମିତି ଗୋଟାଏ ପ୍ରସ୍ତାବ କରିବାକୁ ରାଜେଶ୍ୱରର ଅନେକ ଗୁଡ଼ାଏ ବାଧା ଥିଲା ଏବଂ ସେଥି ଭିତରୁ ହୁଏ ତ ପ୍ରଧାନ ଥିଲା ତାହାର ପିତୃଭକ୍ତିରେ ବାଧା । କାରଣ ରାଜେଶ୍ୱରର ବାପା ପୁଅକୁ ପାଠ ପଢ଼ାଇ ଯେମିତି ତା'ଠାରୁ ଅନେକ ଆଶା କରୁଥିଲେ, ବାହା ଦେଇ ମଧ୍ୟ ତାହାର ପ୍ରାରମ୍ଭିକ ସ୍ୱରୂପ କିଛି ପାଇବାକୁ ହୁଏ ତ ଚାହିଁଥିଲେ ।"

ବୈରାଗୀ ଉତ୍ତେଜିତ ହୋଇ ପଚାରିଲା, "କିନ୍ତୁ ଏତେ ଦୂର ସୁଶିକ୍ଷିତ ଓ ଏତେ ମହତ୍ ଆଦର୍ଶ ଘେନି, ସେ ଏମିତି ଗୋଟାଏ ହୀନ ଉଦ୍ଦେଶ୍ୟକୁ ମାନି ନେଇଥିବେ ?"

"ନାହିଁ, ନାହିଁ, ଏହିଟା ଅବଶ୍ୟ ମୋର ନିଜର ଅନୁମାନ । ରାଜେଶ୍ୱରଠାରୁ କିନ୍ତୁ ଏ ସମ୍ବନ୍ଧରେ ମୁଁ କୌଣସି କଥା ଶୁଣି ନାହିଁ । ଉମାକୁ ବାହା କରିବା ପାଇଁ ତାହାର ନିଜର ବୋଧହୁଏ ସେତେ ଦୃଢ଼ତା ଆସି ନଥାଏ । ସେଥିପାଇଁ ସେ କଥାଟାର ସୂଚନା ଦେବାକୁ ଗଲେ ତାହା ତାକୁ ଭଲ ଲାଗେ ନାହିଁ । ତୁମେ ଯାହା କହୁଚ ବୈରାଗୀ —କଥାଟା ବଡ଼ ପ୍ରୋଜେକ୍ ହୋଇ ଉଠେ । ଉମା ତାହାର ମାନସ ପ୍ରତିମା, କେବଳ ତାହାର ସାକ୍ଷାତ୍ ଲାଭ କରି ସେ ଆନନ୍ଦ ପାଏ, ବିବାହ ପରି ଗୋଟାଏ ଜଡ଼ବାଦ ତାହା ସହିତ ସଂଯୋଗ କରିବାଟା ରାଜେଶ୍ୱର ପକ୍ଷରେ ଯେ ଆତ୍ମହତ୍ୟା !

"ଉମାର ଉଦାସ ଭାବର କାରଣ ସମ୍ବନ୍ଧରେ ରାଜେଶ୍ୱର ମୋ ସାଥିରେ ଏକମତ ହୁଏ । କହେ, 'ଠିକ୍ କଥା ବିଶ୍ୱ, ପ୍ରତି ଦିନ ଦେଖା ହେଲେ ମଧ୍ୟ ଯେତେବେଳେ କେହି କାହାକୁ ଛାଡ଼ିବାକୁ ରାଜି ହେଉ ନ ଥିଲୁଁ, ମାସ ଭିତରେ ଏବେ ତିନି ଚାରି ଥର ମଧ୍ୟ ଦେଖା ହୋଇପାରୁ ନାହିଁ ।' ଉତ୍ତର ଦିଏଁ, 'ସେଇଥିପାଇଁ ମୁଁ କହେଁ, ତୁମେ ମଧ୍ୟ ତାହା ବୋଲି ଉଦାସ ହେଲେ ଚଳିବ ନାହିଁ । ଉମାର ବର୍ତ୍ତମାନ ଅବସ୍ଥା ବୁଝି ପାରୁଚ ? ତୁମେ ଯେମିତି ଦୂରେଇ ହୋଇ ରହୁଚ, ସେଥିରେ ତୁମକୁ କ'ଣ ବୋଲି ସେ ଭାବିବ ?'

"ଦୁଃଖିତ ହୋଇ ସେ କହେ, 'ମୁଁ କଣ ତାହା ବୁଝୁ ନାହିଁ । କିନ୍ତୁ ଘଟଣାର ଗତି ଯାହା ହେଲା, ସେଥିରେ ଭଲା ମୋର ଆଉ ଦୋଷ କଣ ? '

"ରାଜେଶ୍ୱରକୁ ବୁଝାଇ କହିଲି, 'ଦେଖ ଭାଇ, ଦୋଷ ତୁମର କି ଆଉ କାହାର ସେ କଥା କେହି ବିଚାର କରୁନାହିଁ । ଏ ସବୁ ସମ୍ବନ୍ଧ ଏତେ ବେଶୀ କୋମଳ ଯେ, ବୁଝି ଆଉ କେମିତି ମନୋମାଳିନ୍ୟ ଆସି ଯାଏ, ତାହା ବୁଝି ହୁଏ ନାହିଁ । ତୁମେ ପଛେ ଯାହା ଭାବ, ମୋର ମନେହୁଏ ତୁମର ବେଶୀ ଥର ନ ଯିବାଟା ହିଁ ଉମାର ଉଦାସ ଭାବର ଅସଲ କାରଣ ।'

"ମୋ କଥାକୁ ଆଉ ଅପେକ୍ଷା ନ ରଖି ସଙ୍ଗେ ସଙ୍ଗେ ପାଣିଆ ବ୍ରାସ୍ ଓ କମିଜ୍ ଧଡ଼ିରେ ସେ ବ୍ୟସ୍ତ ରହିଲା । କିନ୍ତୁ ସେ ଦିନ ସେ କି ଦୁର୍ଯୋଗରେ ଯଦୁମଣି ବାବୁଙ୍କ ଘରକୁ ଗଲା, ତାହାପରେ ଆଉ ନିଜକୁ ଯେମିତି ବୁଝାଇ ରଖି ପାରିଲା ନାହିଁ, ଅନ୍ୟ କେହି ତାକୁ ପ୍ରବୋଧ ଦେବା ମଧ୍ୟ ଅସମ୍ଭବ ହେଲା ।

"ଗାର୍ଲସ୍ ସ୍କୁଲର ଗୋଟାଏ କ'ଣ ପ୍ରଦର୍ଶନୀ ଦେଖିବାକୁ ଯଦୁମଣି ବାବୁଙ୍କ ଘରୁ ସମସ୍ତେ ସେଦିନ ବାହାରି ଯାଇଥାନ୍ତି । ଘରେ ଏକା ଥାଏ ତାଙ୍କର ପୁରୁଣା ଚାକର ଗୋବିନ୍ଦ । ରାଜେଶ୍ୱର ଚକିତ ହୋଇ ଗୋବିନ୍ଦ ଠାରୁ ଶୁଣିବାକୁ ପାଇଲା ଯେ ଏଥି ଭିତରେ ଉମାର ଦୁଇ ଦୁଇଟା ବିବାହ ସମ୍ବନ୍ଧ ଭାଙ୍ଗି ଯାଇଚି । ତାହାର କାରଣ ଏହି ବେନାମୀ ଓ ଛଦ୍ମନାମୀ ଚିଠି କେତେ ଖଣ୍ଡ । ପ୍ରତ୍ୟେକ ପ୍ରସ୍ତାବରେ ବିବାହ ସ୍ଥିର ହୋଇ ନିମନ୍ତ୍ରଣ ପତ୍ର ପଠାହେବା ବେଳକୁ ଉମାର ଭାବୀ ସ୍ୱାମୀ ଓ ଶ୍ୱଶୁରଙ୍କ ହାତରେ ଏହି ସବୁ ବେନାମୀ ପତ୍ରର ସଂଖ୍ୟା ଅଧିକ ହୋଇ ସବୁ ପ୍ରସ୍ତାବକୁ ପଣ୍ଡ କରି ଦେଇଚି ।

"ଖବରଟା ଶୁଣି ଆସି ରାଜେଶ୍ୱରର ମନ ଏତେଦୂର ତିକ୍ତ ହୋଇ ଉଠିଲା ଯେ ସେ ଦିନ ରାତିରେ ସେ ଛଅ ପ୍ୟାକେଟ୍ ଗୋଲ୍ଡ୍-ଫ୍ଲେକ୍ ସିଗରେଟ୍ ଖାଇ ଅନିଦ୍ର ହୋଇ ବସି ରହିଲା ଏବଂ ପର ଦିନ-ଠାରୁ ତାହାକୁ କଲେଜ୍ ପରୀକ୍ଷାରୁ ଏକ୍‌ଜେମ୍ପ୍ଟ ହୋଇ ଦୁଇଟି ମାସ ପାଗଳ ହେବାକୁ ପଡ଼ିଲା । ଦୁଃଖ ଅଶାନ୍ତି ଓ କ୍ଷୋଭରେ ସେ ନିଜ ଗାଁକୁ ଗଲା ଏବଂ କିଛି ଦିନ ପରେ ଛପା ନାଲି କାଗଜରେ ଏକ ଚିଠି ପାଇଲି ଯେ, କଟକ ଜିଲ୍ଲା ଗିରିପୁର ଯମିଦାରଙ୍କ ୪ର୍ଥ କନ୍ୟା ମନ୍ଦାକିନୀ ସହିତ ରାଜେଶ୍ୱରର ଶୁଭ ପରିଣୟ, ମତେ ସେଥିରେ ଯୋଗ ଦେବାକୁ ହେବ ।"

ନିର୍ମଳ ସ୍କୁଲ ବୋର୍ଡ଼ିଂରେ ଠଂ ଠଂ ହୋଇ ସାତଟା ବାଜିଲା । ପାଖ ବେଞ୍ଚରେ ଯେ ପଂଚାଏ ସ୍କୁଲ ପିଲା ବସି ହେଁ ହାଁ ହେଉଥିଲେ, ସେମାନେ ଉଠି ଯାଇ ତାଙ୍କ ଥାନରେ ତିନି ଜଣ ଅଫିସ୍ କିରାନି ବସିଲେଣି । ଏହି ଅଳ୍ପ ସମୟରେ କାଠଯୋଡ଼ି ଭିତରେ ବହୁତ ପାଣି ବହି ଗଲାଣି । ପଛପଟ ରାସ୍ତାରେ ଗୋଟାଏ ଶସ୍ତା ଶ୍ରେଣୀର

ଘୋଡ଼ାଗାଡ଼ି କୋଚମ୍ୟାନ୍‌ର ଟି ଟି ଠାକର ଓ ସପାସପ୍ ଚାବୁକ ଶବ୍ଦ ସହିତ କଟକ ମ୍ୟୁନିସିପାଲିଟିର ଜୟଗାନ କରି ଚାଲିଛି। କଳା ମେଘଟାକୁ ପାରି ହୋଇ ଚନ୍ଦ୍ର ସଫା ବାଟକୁ ଆସିଛି। ବିନୋଦ ତାହାର ସିଗାରେଟ୍ ଅଗରୁ ପାଉଁଶ ଝାଡ଼ିଦେଇ କହିଲା,

"ଗପଟା କିନ୍ତୁ ଏମିତି ମାମୁଲି ଆକାରରେ ଶେଷ ହେବ ବୋଲି ମୁଁ ଆଶା କରି ନ ଥିଲି। ରାଜେଶ୍ୱର ବାବୁଟି କେମିତି ହେ? ଚାକରଟାଠାରୁ ଗୋଟାଏ କଣ ଖବର ଶୁଣି ଏକାବେଳେ ବଦଳି ଗଲେ, ଟିକିଏ ହେଲେ ତର ସହିଲା ନାହିଁ, ଶେଷ ଥର ଉମା ସାଥିରେ ଦେଖା କରିବାକୁ।"

ଆନନ୍ଦଚନ୍ଦ୍ର ଏ ପର୍ଯ୍ୟନ୍ତ ତୁନି ହୋଇ ବସି ବନ୍ଧୁମାନଙ୍କ ଭିତରେ ନିଜର ଗାମ୍ଭୀର୍ଯ୍ୟ ଓ ବିଜ୍ଞତା ପ୍ରତିପାଦନ କରୁଥିଲା। ବର୍ତ୍ତମାନ ମୁହଁ ଫିଟାଇଲା,

"ଉମା ସାଥିରେ ଆଉ ଦେଖା କରନ୍ତେ କେଉଁ ମୁହଁରେ? କେତେଟା ଦିନ ପରେ ଯେଉଁ ଲୋକ ଅଜଣା ଅଶୁଣା ଗୋଟାଏ ମଫସଲି ଝିଅକୁ ବାହା କରୁଛି, ସେ ଲୋକଠାରୁ ଆଉ କଣ ଆଶା କରି?"

ମାଧବ କହିଲା, "ଏମିତି କେତେଟା ଘଟଣାରୁ ହିଁ ଆମେ ଯୁବକ-ଦଳ ସାଧାରଣ ଲୋକଙ୍କର ଆସ୍ଥା ହରାଇ ବସିଛୁଁ, ଏଇଥିପାଇଁ ପୁରୁଖା ଲୋକେ ଆମକୁ ଫୁଙ୍କି ମାରି ଉଡ଼ାଇ ଦିଅନ୍ତି ଏବଂ ଝିଅମାନେ ବେଖାତିର୍ କରନ୍ତି। ଧୈର୍ଯ୍ୟ ଜିନିଷଟା କ'ଣ ତାହା ଆମେ ଆଜି-ଯାଏ ଶିଖିଲୁଁ ନାହିଁ।"

ବୈରାଗୀ କହିଲା, "ତମର ତ ଭାଇ ମାତୃଗର୍ଭରୁ ଆସିବା ମାତ୍ରେ ବାହାଘରର ହୁଏ ତ ପ୍ରସ୍ତାବ ପଡ଼ିଥିବ। ବେଶୀ ବର୍ଷଯାଏ ବାହା ନ କରି ରହି ପାରିଥିଲେ ବୁଝନ୍ତ ଯୁବକ ପକ୍ଷରେ ଧୈର୍ଯ୍ୟ ଜିନିଷଟା କ'ଣ।"

"କିନ୍ତୁ ଯାହା କହ, ଯୁବତୀମାନଙ୍କ ଧୈର୍ଯ୍ୟ ଦେଖି ଆମ ମୁଣ୍ଡ ସ୍ୱତଃ ନଇଁ ପଡ଼େ"—ବିନୋଦ ମନ୍ତବ୍ୟ ଦେଲା।

ବୈରାଗୀ କହିଲା, "ସେମିତି ଦୁରବସ୍ଥା ଆମର ଘଟେ କେବଳ ନିଜର ପୌରୁଷହୀନ ଲଜ୍ଜାରୁ, ନିଜର ଅକ୍ଷମତା ଓ ଦାୟିତ୍ୱହୀନତା ଗୁଣରୁ। ତାହା ତ ଏହି ସବୁ ଘଟଣାରୁ ହିଁ ବୁଝା ପଡ଼ୁଛି। ମୋହର ମନେହୁଏ, ଯୁବକ ସମାଜର ତୁଚ୍ଛତା ଓ ଭୀରୁତାର ଆତ୍ମ-ପ୍ରକାଶ ଆମର ଏହି ରାଜେଶ୍ୱର ବାବୁ।"

ଆନନ୍ଦ ବିଜ୍ଞଭାବରେ ଅଭିମତ ଦେଲା, "କିନ୍ତୁ ରାଜେଶ୍ୱରଙ୍କୁ ତ ସାହସହୀନ ବୋଲି ମନେ ହୁଏନାହିଁ। ବିଶ୍ୱମୋହନ ବାବୁଙ୍କୁ ମଧ୍ୟ ତାଙ୍କର ସେହି ବିବାହକୁ ନିମନ୍ତ୍ରଣ କରିଥିଲେ ତ?"

ଭ୍ରୂ କୁଞ୍ଚନ କରି ବିନୋଦ ପଚାରିଲା, "ଛି, ଛି, ତୁମେ ତାହା-ହେଲେ ବିଶ୍ୱ, ସେଇ ବାହାଘରେ ଯୋଗ ଦେଲ?"

ବିଶ୍ୱମୋହନ ଧୀର ଭାବରେ ଉତ୍ତର ଦେଲା, "ନା, କାରଣ ସେତେବେଳକୁ ମୁଁ ନିଜ ବାହା ସମ୍ବନ୍ଧରେ ବ୍ୟସ୍ତ ଥିଲି।"

"ସତେ ହେ, ଆମ ଦେଶ ନାରୀ ପାଖରେ ପୁରୁଷର ଥାନ କେତେ ତଳେ ହୋଇ ରହିଛି। ତାହାର ଅକ୍ଷୟ ଗୌରବ ନିକଟରେ ପୁରୁଷର ଦାମ୍ଭିକତା, ନୈତିକତା ଓ ପ୍ରତିଜ୍ଞା-ରକ୍ଷାର ଗର୍ବ ଯେମିତି ମଳିନ ଅଦୃଶ୍ୟ ହୋଇ ପଡ଼ୁଛି।" ବିନୋଦ ବଡ଼ ଅନୁପ୍ରାଣିତ ଭାଷାରେ ଏହି କଥାଗୁଡ଼ିକ କହିଲା। ତାପରେ କଣ୍ଠ ସ୍ୱରରେ ଉମା-ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଓ ସମ୍ଭ୍ରମ ପ୍ରକାଶ କରି ବିଶ୍ୱମୋହନକୁ ପଚାରିଲା, "ଆଚ୍ଛା, ଉମା ତା'ହେଲେ ଆଜି ପର୍ଯ୍ୟନ୍ତ—"

"ମୋତେ ବିବାହ କରିଛି"—ବିଶ୍ୱମୋହନ ତାହାର ବାକ୍ୟାଂଶଟି ପୂରଣ କରିଦେଲା।

Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

ନୂତନ ବର୍ଷର ପ୍ରାରମ୍ଭରେ ମହାମହିମ ଭାରତସମ୍ରାଟଙ୍କଦ୍ୱାରା ଆମ୍ଭମାନଙ୍କର ପରମ ଶ୍ରଦ୍ଧା ଓ ସମ୍ମାନାସ୍ପଦ ନରପତି କେ. ସି. ଆଇ. ଇ. ଉପାଧିରେ ଭୂଷିତ ହୋଇଥିବାର ସୁସମ୍ବାଦ ମିଳିଅଛି ।

## ରାଜନ୍ୟମଣ୍ଡଳୀ ( ଚେମ୍ବର ଅବ୍ ପ୍ରିନ୍ସେସ୍ ) ର ଅଧିବେଶନ

ଜାନୁଆରୀ ୨୨ ତାରିଖରେ ରାଜନ୍ୟମଣ୍ଡଳୀର ଅଧିବେଶନ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଭାରତର ମହାମାନ୍ୟ ବଡ଼ଲାଟ ଏହି ସଭାର ଉଦ୍‌ଘାଟନ କରିଥିଲେ । ଆଇନ (Indian Bill) ଆକାରରେ ଜଏଣ୍ଟ କମିଟି ରିପୋଟ ନ ବାହାରିବା ଯାଏ ଏହା ଭାରତୀୟ ରାଜନ୍ୟମଣ୍ଡଳୀଙ୍କଦ୍ୱାରା ଗୃହୀତ ହେବାର ଆଲୋଚନା ସ୍ଥଗିତ ରଖାଗଲା । ଉକ୍ତ ଆଇନ ବର୍ତ୍ତମାନ ବିଲାତ ପାର୍ଲିମେଣ୍ଟରେ ଆଲୋଚିତ ହେଉଅଛି ।

ରାଜନ୍ୟ ସଭାର ପୂର୍ବ ଅଧିବେଶନଠାରୁ ଏ ପର୍ଯ୍ୟନ୍ତ ଯେଉଁ ସଭ୍ୟମାନଙ୍କର ପରଲୋକ ହୋଇଅଛି ସେମାନଙ୍କ ପାଇଁ ବଡ଼ଲାଟ ଦୁଃଖ ପ୍ରକାଶ କରିଥିଲେ ଏବଂ ଯେଉଁ ନୂତନ ସଭ୍ୟମାନେ ସାବାଳକ ହୋଇ ଏଥର ସଭାରେ ପ୍ରବେଶ କରିଥିଲେ ସେମାନଙ୍କୁ ଅଭିବାଦନ କରିଥିଲେ । ରାଜନ୍ୟସଭା ଯେ ଭାରତୀୟ ସକଳ ରାଜନ୍ୟ ମଣ୍ଡଳୀଙ୍କୁ ଖୋଦ ଭାରତ ସରକାରଙ୍କ ସମ୍ପର୍କରେ ଆଣିବାର ନୀତି ଅନୁସରଣ କରୁଅଛନ୍ତି ସେ ଦିଗରେ ବଡ଼ଲାଟ ମହୋଦୟ ଉତ୍ସାହ ଦେଇଥିଲେ ଏବଂ ଯେଉଁ ଦେଶୀୟ ରାଜାମାନେ ରାଜନ୍ୟସଭାର ସଭ୍ୟ ହେବାପାଇଁ ଦୃଢ଼ ଇଚ୍ଛା ପ୍ରକାଶ କରିଅଛନ୍ତି ସେମାନଙ୍କର ଦାବୀକୁ ରାଜନ୍ୟସଭାର କାର୍ଯ୍ୟକାରୀ କମିଟୀ ( Standing Committee ) ଗ୍ରହଣ କରିବ ବୋଲି ସୂଚନା ଦେଇଥିଲେ । ସର୍ବଶେଷରେ ଭବିଷ୍ୟତ ଶାସନରେ ଦେଶୀୟ ରାଜାମାନଙ୍କର ସ୍ଥାନ ଆଲୋଚନା କରି ସେ କହିଥିଲେ ଯେ ଭାରତୀୟ ରାଜାମାନଙ୍କ ପକ୍ଷରେ ନୂତନ ଶାସନ ଖସଡ଼ା ଗ୍ରହଣ କରିବା ହିଁ ସର୍ବାପେକ୍ଷା ବିଜ୍ଞତାର କାର୍ଯ୍ୟ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ।

ତତ୍ପରେ ପାତିଆଲାର ମହାରାଜା ଯେଉଁ ପ୍ରଧାନ ପ୍ରସ୍ତାବ ଉପସ୍ଥାପିତ କରିଥିଲେ ତାହା ସର୍ବସମ୍ମତିକ୍ରମେ ଗୃହୀତ ହେଲା । ଉକ୍ତ ପ୍ରସ୍ତାବର ସାରମର୍ମ ଏହି ଯେ ପୂର୍ବ ସର୍ତ୍ତ ଅନୁସାରେ ଦେଶୀୟ ରାଜାମାନଙ୍କୁ କେତେକ ସୁବିଧା ଦିଆଗଲେ ଭାରତୀୟ ଶାସନ ଖସଡ଼ା ଗ୍ରହଣ କରିବାକୁ ସେମାନେ ସର୍ବଥା ପ୍ରସ୍ତୁତ । ଅବଶ୍ୟ ଇଣ୍ଡିଆ ବିଲ୍ ବିଚାର ଶେଷ ହେବା ପର୍ଯ୍ୟନ୍ତ ଏ ସମ୍ବନ୍ଧରେ ରାଜନ୍ୟସଭା ତାଙ୍କର ମନ୍ତବ୍ୟ ସ୍ଥଗିତ ରଖୁଅଛନ୍ତି । ଆଉ ମଧ୍ୟ ସବୁ ଶ୍ରେଣୀର ଲୋକଙ୍କ ସହାନୁଭୂତି ଓ ସଦିଚ୍ଛାରେ ହିଁ ନୂତନ ଶାସନ କୃତକାର୍ଯ୍ୟ ହେବ ବୋଲି ରାଜନ୍ୟସଭାର ଦୃଢ଼ ଧାରଣା । ତତ୍ପରେ ଅନ୍ୟ ଦେଶୀୟ ରାଜାଙ୍କର ବ୍ୟକ୍ତିଗତ ଦାବୀଗୁଡ଼ିକର ନିଷ୍ପତ୍ତି ଏଥିପୂର୍ବରୁ କରାଯିବା ଉଚିତ ବୋଲି ମଧ୍ୟ ଏ ସଭାର ଦୃଢ଼ ମତ ।

ପରଦିନ ପାତିଆଲା ଏବଂ ଡୋଲପୁରର ମହାରାଜାମାନେ ଯଥାକ୍ରମେ ରାଜନ୍ୟସଭାର ଚାନ୍ସେଲର ଏବଂ ପ୍ରୋଚାନ୍ସେଲର ନିର୍ବାଚିତ ହେଲେ ଏବଂ ୯ ଜଣ ରାଜା ବିଭିନ୍ନ ରାଜ୍ୟରୁ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିଲେ । ସର୍ବଶେଷରେ ପାତିଆଲାର ମହାରାଜା ବଡ଼ଲାଟଙ୍କୁ ଯଥାବିଧି ଧନ୍ୟବାଦ ଅର୍ପଣ କରିବା ପରେ ସଭାର କାର୍ଯ୍ୟ ସାଙ୍ଗ ହୋଇଥିଲା ।

## ଉତ୍କଳ-ସାହିତ୍ୟ-ସମାଜର ଏକବିଂଶ ବାର୍ଷିକ କାର୍ଯ୍ୟ-ବିବରଣୀ

ଉତ୍କଳ-ସାହିତ୍ୟ-ସମାଜର ଏକବିଂଶ ବର୍ଷର କାର୍ଯ୍ୟ ବିବରଣୀଟି ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କଠାରୁ ପାଇ ଧନ୍ୟବାଦ ଜଣାଉଅଛୁଁ । ପୂର୍ବ ବର୍ଷମାନଙ୍କର କାର୍ଯ୍ୟ ବିବରଣୀ ଆମ୍ଭମାନଙ୍କ ସମକ୍ଷରେ ନାହିଁ । ସୁତରାଂ ତୁଳନାମୂଳକ ଭାବରେ ସବୁ ବିଷୟରେ ଆଲୋଚନା କରିବାର ସୁବିଧା ନାହିଁ । ତଥାପି ଏହି ବିବରଣୀରେ ସମାଜର ପୂର୍ବ ବର୍ଷର କାର୍ଯ୍ୟର ଯେତିକି ସୂଚନା ଦିଆ ଯାଇଅଛି ସେଥିରୁ ବୁଝାଯାଏ ସହରର ସଭ୍ୟସଂଖ୍ୟା ପୂର୍ବ ବର୍ଷ ପରି ୧୩୩ ଜଣ ଅଛି । କେବଳ ମଫସଲର ସଭ୍ୟସଂଖ୍ୟା ୨୦ରୁ ବଢି ୨୬ରେ ପରିଣତ ହୋଇଅଛି ମାତ୍ର । ସମଗ୍ର ଉତ୍କଳର ସର୍ବ ପ୍ରାଚୀନ ସାହିତ୍ୟିକ ଅନୁଷ୍ଠାନର ସଭ୍ୟସଂଖ୍ୟା ଆଜି ସୁଦ୍ଧା ଏପରି ଶୋଚନୀୟ ଭାବରେ ସ୍ୱଳ୍ପ ରହିଅଛି ।

ବର୍ଣ୍ଣିତ ବର୍ଷ ମଧ୍ୟରେ ସାହିତ୍ୟ-ସମାଜରେ ଯେଉଁ ପରିମାଣରେ ସଭା ସମିତି ହୋଇଅଛି ଏବଂ ପ୍ରଧାନତଃ ୩୯ ଗୋଟି ବିଶେଷ ଅଧିବେଶନ କରାଯାଇ ସେଥିରେ ବିଭିନ୍ନ ଶ୍ରେଣୀର ସାହିତ୍ୟିକମାନଙ୍କଦ୍ୱାରା ଯେଉଁ ସବୁ ବିଷୟରେ ପ୍ରବନ୍ଧମାନ ପଠିତ ଓ ଆଲୋଚିତ ହୋଇଅଛି ତାହା ସାହିତ୍ୟ-ସମାଜରେ ନବ ଜୀବନର ସଞ୍ଚାର କରିଛି ବୋଲି କହିବାକୁ ହେବ । ଆଉ ମଧ୍ୟ ସମାଜର ପାଠାଗାର

Digitized by srujanika@gmail.com

ଓ ପୁସ୍ତକାଗାରରେ ଯେଉଁ ସବୁ ଉନ୍ନତି ସାଧିତ ହୋଇଅଛି ସେଥିପାଇଁ ସମାଜର ସମ୍ପାଦକ ଓ କାର୍ଯ୍ୟକାରୀ ସଭ୍ୟମାନେ ସର୍ବଥା ଧନ୍ୟବାଦାର୍ହ । ସମୀକ୍ଷକଙ୍କ ମନ୍ତବ୍ୟରୁ ଜଣାଯାଏ ଯେ ପୂର୍ବ ବର୍ଷ ଅପେକ୍ଷା ସକଳ ବିଷୟରେ ସମାଜର ଅଧିକ ଆଶାନୁରୂପ ଉନ୍ନତି କରିଅଛି । ଆଗାମୀ ବର୍ଷରେ ସମାଜର କାର୍ଯ୍ୟ ଅଧିକ ଅଗ୍ରସର ହେବ ବୋଲି ଆଶାକରୁଁ ।

## ସାହିତ୍ୟ-ସମାଜର ଏକବିଂଶ ବାର୍ଷିକ ଅଧିବେଶନରେ ସଭାପତିଙ୍କର ଅଭିଭାଷଣ

ଉତ୍କଳ-ସାହିତ୍ୟ-ସମାଜର ଏକବିଂଶ ବାର୍ଷିକ ଅଧିବେଶନ ଜାନୁଆରି ମାସ ୨୩, ୨୪ ଓ ୨୫ ତାରିଖମାନଙ୍କରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୃହୀତ ହୋଇଥିଲା । ରାୟସାହେବ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏହି ସମବେତ ବାଣୀ ପୂଜାରେ ପୁରୋଧାର କାର୍ଯ୍ୟ କରିଥିଲେ । ଅଧ୍ୟାପକ ଆର୍ତ୍ତିବାବୁ ପ୍ରାଚୀନ ସାହିତ୍ୟ ଆଲୋଚନାରେ ଉତ୍କଳରେ ସ୍ଥାୟୀ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । ସୁତରାଂ ଏହି ଦିଗରୁ ହିଁ ତାଙ୍କର ଅଭିଭାଷଣର ଆଲୋଚନା ବିଶେଷ ଭାବରେ ଉପାଦେୟ ହୋଇଅଛି । ସାହିତ୍ୟର ଅର୍ଥ ଏବଂ ଓଡ଼ିଆ ସାହିତ୍ୟର ପ୍ରାଚୀନତା ସମ୍ବନ୍ଧରେ ଗମ୍ଭୀର ଗବେଷଣାର ପରିଚୟ ଦେଇ ସେ ଆଧୁନିକ ଉତ୍କଳ ସାହିତ୍ୟର ଗଦ୍ୟ, ପଦ୍ୟ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଜୀବନଚରିତ, ନାଟକ, ସଂଗୀତ, ଇତିହାସ ସମାଲୋଚନା ଓ ମାସିକ ପତ୍ର ସମ୍ବନ୍ଧରେ ମଧ୍ୟ କିଛି କିଛି ସୂଚନା ଦେଇଅଛନ୍ତି ।

ଆଧୁନିକ ଉତ୍କଳ-ସାହିତ୍ୟ କେଉଁ ଦିଗରେ ଉନ୍ନତି କରୁଅଛି ଏବଂ କେଉଁ କେଉଁ ସ୍ଥଳରେ ଏହାର ତ୍ରୁଟି ରହିଯାଉଅଛି ସେଥିପ୍ରତି ମଧ୍ୟ ସେ ସ୍ୱୀୟ ମତ ବ୍ୟକ୍ତ କରିଅଛନ୍ତି । ଓଡ଼ିଆ ଭାଷାର ଉତ୍ପତ୍ତି ସମ୍ପର୍କରେ କେତେକ ତଥ୍ୟ ପ୍ରତିପାଦନ କରି ଏବଂ ବର୍ତ୍ତମାନ ବ୍ୟବହୃତ ଆପତ୍ତିଜନକ କେତେକ ଶବ୍ଦର ଉଦାହରଣ ଦେଇ ସେ କହି ଅଛନ୍ତି, “ ବର୍ତ୍ତମାନ ଆମେ ଅଜ୍ଞାତସାରରେ ହେଉ ବା ନିଜର ଦାମ୍ଭିକତାରେ ହେଉ ଇଂରାଜି-ଓଡ଼ିଆ ଓ ବଙ୍ଗଳା-ଓଡ଼ିଆ ଲେଖି ପକାଉଛୁଁ । ତତ୍ପ୍ରତି ସାବଧାନ ନ ହେବା ଠିକ୍ ନୁହେଁ ।” ତଥାପି ଭାବ ବ୍ୟକ୍ତ ପାଇଁ ନିଜ ଭାଷାରେ ଉପଯୁକ୍ତ ଶବ୍ଦର ଅଭାବ ଘଟିଲେ ସେପରି ଶବ୍ଦର ସୃଷ୍ଟି କରିବାକୁ ନଚେତ୍ ବିଦେଶୀ ଶବ୍ଦ ଗ୍ରହଣ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଅଛନ୍ତି ।

ସଂସ୍କୃତପ୍ରିୟ ଓ ଗ୍ରାମ୍ୟ ଭାଷାର ବ୍ୟବହାର ସମ୍ବନ୍ଧରେ ମଧ୍ୟ ତାଙ୍କର ମତ ସମ୍ପୂର୍ଣ୍ଣ ଆଧୁନିକ ବୋଲି ମନେହୁଏ—“ କେତେକ ବ୍ୟକ୍ତି ଭାଷାକୁ ସଂସ୍କୃତପ୍ରିୟ ଓ କେତେକ ଗ୍ରାମ୍ୟ କରିବାକୁ ପ୍ରୟାସୀ । ଉଭୟ ବିଷୟରେ ଦୋଷ ବା ଅସୁବିଧାର ସମ୍ଭାବନା ଅଛି, ତେଣୁ ଯାହା ସାଧାରଣ ଚଳୁଛି ଓ ଯାହା ଦେଶର ସବୁ ଅଞ୍ଚଳରେ ବୁଝା ପଡ଼ିବ ତାକୁ ହିଁ ଧରିବା ଉଚିତ ।”

ଉପସଂହାରରେ ସାହିତ୍ୟର ପ୍ରଚାର ପାଇଁ ଭାଗବତଟୁଙ୍ଗୀର ପୁନରୁଦ୍ଧାର, ପାଠାଗାର ସଂସ୍ଥାପନ, ଶିଶୁ ସାହିତ୍ୟ ପ୍ରଣୟନ ଓ ପଲ୍ଲୀରେ ମାସିକ ପତ୍ର ତଥା ବୈଜ୍ଞାନିକ ପତ୍ର ପ୍ରଚଳନ କରିବାପାଇଁ ସେ ମତ ପୋଷଣ କରିଥିଲେ ।

## ବାରିପଦା ମହିଳା ସମାଜରେ ପଣ୍ଡିତ ବିନୀନ୍ଦ୍ରନାଥ

ବାରିପଦା ମହିଳା ସମିତିର ସମ୍ପାଦିକା ଜଣାଇ ଅଛନ୍ତି ଯେ ଗତ ଅକ୍ଟୋବର ମାସ ୬ ତାରିଖରେ ମହିଳା ସମିତିର ଏକ ବିଶେଷ ଅଧିବେଶନରେ ପଣ୍ଡିତ ବିନୀନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ “ ଧର୍ମ ଏବଂ ଜାତି-ପ୍ରଥା ” ସମ୍ବନ୍ଧରେ ଏକ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତା ଦେଇଥିଲେ । ଉକ୍ତ ସଭାରେ ପ୍ରାୟ ଶତାଧିକ ମହିଳା ଉପସ୍ଥିତ ଥିଲେ । ନାନା ବିଷୟର ଆଲୋଚନା ମଧ୍ୟରେ ପଣ୍ଡିତ ବିନୀନ୍ଦ୍ରନାଥ ଦେଶ ଓ ଜାତିର ଉନ୍ନତିପାଇଁ ନାରୀର ସହାୟତା କେତେ ଦୂର ପ୍ରୟୋଜନ ଏବଂ ନାରୀ ପ୍ରତି ସମ୍ମାନ ପ୍ରଦର୍ଶନ ପ୍ରାଚୀନ ଭାରତର ଧର୍ମର କିପରି ଏକ ବିଶେଷ ଅଙ୍ଗ ଥିଲା, ଆଉ ମଧ୍ୟ ତଥାକଥିତ ନୀଚ ଜାତିମାନଙ୍କ ପ୍ରତି ଅନାସ୍ଥା ଭାବ ଦେଖାଇବାଦ୍ୱାରା ଆମ୍ଭମାନଙ୍କ ଜାତୀୟତାର କିପରି ଅଧୋଗତି ଘଟୁଅଛି ଏବଂ ଜାତିର ଅଭ୍ୟୁଦୟ ପାଇଁ ଧର୍ମର ଏହି ଦୁଇଟି ଅଙ୍ଗର ଉନ୍ନତି କିପରି ଆବଶ୍ୟକ ସେ ସମ୍ବନ୍ଧରେ ଦୃଢ଼ ମତ ପ୍ରକାଶ କରିଥିଲେ ।

## ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନ

ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନ ଆଗାମୀ ମାର୍ଚ୍ଚ ମାସ ୩୪ ତାରିଖରେ ଅନୁଷ୍ଠିତ ହେବ । ବାମଣ୍ଡା ରାଜବଂଶଜ ସୁପ୍ରସିଦ୍ଧ ସାହିତ୍ୟିକ ଶ୍ରୀଯୁକ୍ତ ଜଳନ୍ଧର ଦେବ ସଭାପତିର ଆସନ ଗ୍ରହଣ କରିବାପାଇଁ ସ୍ୱୀକୃତ ହୋଇଅଛନ୍ତି । ସାହିତ୍ୟ, ସଂଗୀତ, ଶିଳ୍ପ ଓ ଇତିହାସ ପ୍ରଭୃତି ବିଷୟମାନଙ୍କରେ ଉତ୍କଳର ବିଭିନ୍ନ ଅଞ୍ଚଳରୁ ଲବ୍ଧପ୍ରତିଷ୍ଠ ବ୍ୟକ୍ତିମାନେ ସ୍ୱୟଂ ଉପସ୍ଥିତ ହୋଇ ନିଜ ନିଜର ଭାଷଣ ପାଠ କରିବାପାଇଁ ଏବଂ ଶିଳ୍ପ ସଂଗୀତରେ କଳାଜ୍ଞାନର ପରିଚୟ ଦେବାପାଇଁ ପ୍ରତିଶ୍ରୁତି ଦେଇଥିବାର ସାହିତ୍ୟ ସମାଜର ସମ୍ପାଦକ ଜଣାଇ ଅଛନ୍ତି ।

Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ପାଟିଆଲା

### ପାଟିଆଲା ରମଣୀର ସାହସ

ଅଳ୍ପ ଦିନ ପୂର୍ବେ ଜଣେ ପାଟିଆଲା ରମଣୀଙ୍କର ବିଚକ୍ଷଣ ବୁଦ୍ଧି ଓ ସାହସର ସମ୍ବାଦ ପାଇ ସମଗ୍ର ଭାରତବର୍ଷ ଚମତ୍କୃତ ହୋଇ ପଡ଼ିଅଛି । ସମ୍ବାଦଟି ତଳେ ଦିଆଗଲା ।

ଫିରୋଜପୁର ନାମକ ସ୍ଥାନରେ ଜଣେ ବଡ଼ ଜମିଦାରଙ୍କ ଘରେ ଦିନେ ରାତିରେ ଦଳେ ଡକାଇତ ଜବରଦସ୍ତି ପଶି ଜମିଦାରଙ୍କ ଘରେ ଯେତେ ଧନରତ୍ନ ଥିଲା ସବୁ ସେମାନଙ୍କୁ କାଢ଼ି ଦେବାପାଇଁ ଧମକ ଦେଲେ ଓ ନ ଦେଲେ ହତ୍ୟାର ଭୟ ଦେଖାଇଲେ । ଜମିଦାରଗୃହିଣୀ ସାଧାରଣ ସ୍ତ୍ରୀଲୋକମାନଙ୍କ ପରି କାନ୍ଦି ବୋବାଇ ଭୟରେ ହତାଶ ହେଲେନାହିଁ । ତାଙ୍କ ଦେହରେ ଯେତେ ଅଳଙ୍କାର ଥିଲା ସବୁ ଖୋଲି ସେ ଡକେଇତଙ୍କ ହାତରେ ବଢ଼ାଇଦେଲେ ଏବଂ ତା'ପରେ ନିଜ ସ୍ୱାମୀଙ୍କୁ କହିଲେ, ଯେଉଁ ଦାହାର ଘରଟାରେ ତାଙ୍କର ସବୁ ଧନରତ୍ନ ପୋତା ହୋଇଛି ସେଠାକୁ ସେ ଡକେଇତମାନଙ୍କୁ ନେଇଯାନ୍ତୁ । ସେଠାକୁ ଯାଇ ଜମିଦାର ଓ ଡକାଏତମାନେ ସଙ୍ଗେ ସଙ୍ଗେ ଖୋଳିବାକୁ ଲାଗିଗଲେ ।

କିନ୍ତୁ ଯଥାର୍ଥରେ ସେ ଘରଟାରେ କିଛି ପୋତା ହୋଇ ନ ଥିଲା । କେବଳ ଜମିଦାରଙ୍କ ସ୍ତ୍ରୀ ସେହି ସମୟ ଭିତରେ ବାହାରରୁ ସାହାଯ୍ୟ ପାଇବାପାଇଁ ଏହି କୌଶଳ କରିଥିଲେ । ଡକାଏତମାନେ ମାଟି ତାଡ଼ିବା ସମୟରେ ଜମିଦାରଗୃହିଣୀ ଲୁଚି ଲୁଚି ଘରୁ ବାହାରି ଗଲେ । ଗାଁ ଭିତରକୁ ଯାଇ ଲୋକମାନଙ୍କୁ ଉଠାଇ ବହୁତ ସଂଖ୍ୟାରେ ନିଜ ଘର ଭିତରକୁ ଡାକି ଆଣିଲେ । ଡକାଏତମାନଙ୍କର ବୁଦ୍ଧି ବଣା ହୋଇଗଲା । ସେମାନଙ୍କ ଭିତରୁ ତିନି ଜଣ ପଳାଇ ଯାଉଁ ଯାଉଁ ଘର ବାହାରେ ଜଗିଥିବା ଲୋକଙ୍କଦ୍ୱାରା ଧରା ହେଲେ ।

ଏହି ଉପାୟଦ୍ୱାରା ସେ କେବଳ ନିଜ ସମ୍ପତ୍ତିକୁ ଡକାଏତ କବଳରୁ ରକ୍ଷା କଲେ ନାହିଁ, ଗୋଟାଏ ବଡ଼ ଡକାଏତ ଦଳକୁ ଧରାଇ ଦେଲେ । ଏହି ଅସାଧାରଣ ସାହସିକତା ଓ କୌଶଳପାଇଁ ସେ ଶିଖ୍ ଗୁରୁଦ୍ୱାର କମିଟିର ଉପଯୁକ୍ତରୂପେ ପୁରସ୍କୃତ ହୋଇଅଛନ୍ତି । ପାଟିଆଲାର ମହାରାଜା ତାଙ୍କୁ ଟ ୫୦୦୯ ପୁରସ୍କାର ଦେଇଛନ୍ତି ଏବଂ ପଞ୍ଜାବ ସରକାର ମଧ୍ୟ ତାଙ୍କୁ ପୁରସ୍କୃତ କରି ଉତ୍ସାହ ଦେଇ ଅଛନ୍ତି ।

## ରାମପୁର

### ପ୍ରାଚ୍ୟ ପୋଷାକର ମୂଲ୍ୟ


ରାମପୁର ରାଜ୍ୟର ୨୮ ବର୍ଷ ବୟସ୍କ ନବାବ ଏବଂ ତାଙ୍କର ଯୁବତୀ ବେଗମ୍ ଅଳ୍ପ ଦିନ ପୂର୍ବେ ବିଲାତ ଯାତ୍ରା କରି ବକିଂହାମ୍ ପ୍ୟାଲେସ୍‌ଠାରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ସହିତ ସାକ୍ଷାତ କରିଥିଲେ । ଖବର ମିଳେ ଯେ ଏହି ଉପଲକ୍ଷରେ ସେମାନେ ଯେଉଁ ସବୁ ବହୁମୂଲ୍ୟ ମଣି ମୁକ୍ତା ଓ ଶତାବ୍ଦୀ-ପ୍ରାଚୀନ ପ୍ରାଚ୍ୟ ପରିଚ୍ଛଦ ପରିଧାନ କରିଥିଲେ ତାହାର ମୂଲ୍ୟ ଏକ ଲକ୍ଷ ପାଉଣ୍ଡ ବା ତେର ଲକ୍ଷ ଟଙ୍କାରୁ ଅଧିକ । ନବାବଙ୍କର ଅଙ୍ଗାବରଣ ଥିଲା ଭାରତୀୟ ସୁନା-କାରିଗର ଯୁକ୍ତ ଗୋଟିଏ ହାତ ବୁଣା ଲଂକୋଟ୍, ଏକ ପ୍ରକାଣ୍ଡ ହୀରକ ଖଚିତ ସ୍ୱର୍ଣ୍ଣ କାରୁକାର୍ଯ୍ୟପୂର୍ଣ୍ଣ ମୁକୁଟ ଏବଂ ଅତି ମୂଲ୍ୟବାନ ରେଶମର ପାଇଜାମା । ବହୁ ମୂଲ୍ୟବାନ ପ୍ରାଚୀନ ପ୍ରସ୍ତର ଖଚିତ ଗୋଟିଏ ହଜାର ବର୍ଷର ସୁବର୍ଣ୍ଣ ଅସି ତାଙ୍କର କଟିଦେଶରେ ଝୁଲୁଥିଲା ।

ବେଗମଙ୍କର ପରିଧେୟ ଥିଲା ଗୋଟିଏ ସୁନ୍ଦର ହାତ ପରିମିତ ଅତି କୋମଳ ରେଶମୀ ଶାଢ଼ୀ । ଶାଢ଼ୀଟି ତାଙ୍କର ସମସ୍ତ ଦେହ ଓ ମସ୍ତକ ଆବୃତ କରିଥିଲା ଏବଂ ପ୍ରାଚ୍ୟଦେଶର ପୁଷ୍ପ ଓ ପକ୍ଷୀ ପ୍ରଭୃତିର ଚିତ୍ର ସ୍ୱର୍ଣ୍ଣ ଜରିରେ ଅତି ମନୋହର ଭାବରେ ଏଥିରେ ଅଙ୍କିତ ଥିଲା । ବେଗମଙ୍କର ନାସିକାରେ ଗୋଟିଏ ପ୍ରସ୍ତର ହୀରାର ଅଳଙ୍କାର ଶୋଭା ପାଉଥିଲା ଏବଂ ହାର ଓ ଅଙ୍ଗୁରୀୟଗୁଡ଼ିକରେ ପଦ୍ମରାଗ ଓ ନୀଳକାନ୍ତ ମଣି ଖଚିତ ଥିଲା । ନବାବଙ୍କ ଅନୁଚରମାନଙ୍କମଧ୍ୟରୁ ଜଣେ କହିଥିଲେ ଯେ ପାଶ୍ଚାତ୍ୟ ଦେଶରେ ମୁସଲମାନ ରାଜକୁମାରୀଙ୍କର ଅବଗୁଣ୍ଠନ ଛାଡ଼ିବାର ଏହା ହିଁ ପ୍ରଥମ ନିଦର୍ଶନ ।

ନବାବ ଏବଂ ତାଙ୍କ ବେଗମ ଯେଉଁ ହୋଟେଲରେ ଅବସ୍ଥାନ କରୁଥିଲେ ସେଠାରେ ତାଙ୍କର ଧନରତ୍ନର ସୁରକ୍ଷାପାଇଁ ଗୁପ୍ତ ପୋଲିସ୍ ନିଯୁକ୍ତ ଥିଲେ । ବକିଂହାମ୍ ପ୍ରାସାଦ ସମ୍ବନ୍ଧରେ ନିମ୍ନଲିଖିତରୂପେ ନବାବ ବର୍ଣ୍ଣନା କରିଥିଲେ ।

"ସମ୍ରାଟଙ୍କ ସହିତ ଅଧ ଘଣ୍ଟା ସମୟ ଗଳ୍ପ କରିବାର ସମ୍ମାନ ମୋତେ ମିଳିଥିଲା । ସେଥିରୁ ହିଁ ମୁଁ ତାଙ୍କର ଅତି ମଧୁର ବ୍ୟକ୍ତିତ୍ୱର ପରିଚୟ ପାଇଥିଲି । ମୋହର ପିତା ଯେ ତାଙ୍କର ଏଡ଼ିକଂ ଥିଲେ ତାହା ତାହାଙ୍କର ସ୍ମରଣ ଅଛି ବୋଲି ସେ କହିଲେ ଏବଂ ମୁଁ ପୋଲୋ ଖେଳି ଜାଣେ କି ନାହିଁ ବୋଲି ପଚାରିଲେ । ମୁଁ ପୋଲୋ ଖୁବ୍ କମ୍ ଖେଳେଁ କିନ୍ତୁ କ୍ରିକେଟ୍, ଫୁଟ୍‌ବଲ୍ ଓ ହକିକୁ ଭଲ ପାଏଁ

Digitized by srujanika@gmail.com



ବସ୍ତର ରାଜ୍ୟର ଟୀକାଏତ ଏବଂ ତାଙ୍କର ଭ୍ରାତା ଓ ଭଗିନୀମାନଙ୍କର ଫଟୋ । ବାମ ପାର୍ଶ୍ୱର ଶେଷ ଭାଗରେ ଟୀକାଏତ ଏବଂ ସେମାନଙ୍କର ପୂଜନୀୟ ପିତାମହ ରାଜତରାଯ଼ୁ ସାହେବ ଶ୍ରୀ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ କୋଡ଼ରେ ତାଙ୍କର ସବ କନିଷ୍ଠ ଭ୍ରାତା ଆସୀନ । ପଶ୍ଚାତରେ ଦୁଇ ଜଣ ନର୍ସ ଦଣ୍ଡାଯ଼ମାନ ।

ଇଂଲଣ୍ଡରେ ଦୀର୍ଘକାଳ ଅବସ୍ଥାନ ପରେ ବସ୍ତରର ମହାରାଣୀ ସାହେବା ଅଲ୍ପଦିନ ପୂର୍ବେ ନିଜ ରାଜ୍ୟକୁ ଫେରି ଆସିଅଛନ୍ତି । ଡିସେମ୍ବର ମାସ ଶେଷ ଭାଗରେ ସେ ସନ୍ତାନମାନଙ୍କ ସହ ମୟୂରଭଞ୍ଜ ଆଗମନ କରିଥିଲେ ଏବଂ ଜାନୁଆରି ମାସର ପ୍ରାଯ଼ ଦୁଇ ସପ୍ତାହ ରାଜନଗରରେ ଅବସ୍ଥାନ କରିଥିଲେ ।

ମୟୂରଭଞ୍ଜ ଷ୍ଟେଟ ପ୍ରେସ୍

Digitized by srujanika@gmail.com

ବୋଲି ଉତ୍ତର ଦେଲି । ଉପୃରେ ସମ୍ରାଟ୍ ମୋହର ସ୍ତ୍ରୀ ପର୍ଦ୍ଦା ମାନନ୍ତି କି ନାହିଁ ପଚାରିଲେ । ଉତ୍ତର ଦେଲି, ସାମାଜିକ ନିୟମ ଅନୁସାରେ ମୋହର ରାଜ୍ୟ ଭିତରେ ହିଁ ତାହା ତାଙ୍କୁ ମାନିବାକୁ ହୋଇଥାଏ କିନ୍ତୁ ରାଜ୍ୟର ବାହାରେ ମାନିବାକୁ ପଡ଼େ ନାହିଁ ।

"ସାମ୍ରାଜ୍ଞୀ ମଧ୍ୟ ମୋହର ସ୍ତ୍ରୀଙ୍କୁ ଇଂଲଣ୍ଡ କିପରି ଲାଗିଲା ଜାଣିବାକୁ ଚାହିଁଥିଲେ । ବେଗମ କହିଲେ ଯେ ଯାହା କିଛି ସେ ଦେଖିବାକୁ ପାଇଅଛନ୍ତି ସବୁଥିରେ ହିଁ ସେ ଆନନ୍ଦିତ । ସାମ୍ରାଜ୍ଞୀଙ୍କ ପରି ମୋହର ସ୍ତ୍ରୀ ମଧ୍ୟ ମରକତ ମଣିର ଅଳଙ୍କାର ପିନ୍ଧିଥିଲେ ଏବଂ ଏହି ଅଦ୍ଭୁତ ସାମଞ୍ଜସ୍ୟକୁ ସାମ୍ରାଜ୍ଞୀ ମହୋଦୟା ଉଲ୍ଲେଖ କରିଥିଲେ ।"

ସମ୍ରାଟଙ୍କ ଦରବାର ଗୃହ ଦେଖି ମଧ୍ୟ ସେ ମୁଗ୍ଧ ହୋଇ ପଡ଼ିଥିଲେ ।

"ଦରବାରର ଦୃଶ୍ୟ ମଧ୍ୟ ଯେପରି ମନୋହର ସେହିପରି ଚମତ୍କାର । ମୁଁ ନିଃସଂଶୟରେ କହିପାରେଁ ଯେ ଏପରି ରାଜକୀୟ ପରିପାଟିରେ ଅଥଚ ଏପରି ସାଧାରଣ ରୀତିରେ ସଜ୍ଜିତ ହୋଇ କୌଣସି ଦରବାର ପୃଥିବୀରେ ନାହିଁ ।

"ଗ୍ରେଟ୍ ବ୍ରିଟେନ୍ ସଙ୍ଗେ ଭାରତ ଯେ ଗ୍ରଥିତ ହୋଇ ରହିଅଛି ସମ୍ରାଟଙ୍କର ବ୍ୟକ୍ତିତ୍ୱ ଏବଂ ମାନବିକତା ହିଁ ତାହାର ଦୃଢ଼ତମ ଯୋଗସୂତ୍ର । ଗତ କେତେ ବର୍ଷ ଭିତରେ ମୋହର ଦେଶ ଯେଉଁ ସବୁ ରାଜନୈତିକ ଆନ୍ଦୋଳନ ଭିତରେ ଗତି କରିଅଛି ସେ ସକଳ ସତ୍ତ୍ୱେ ଭାରତୀୟ ଲୋକଙ୍କର ରାଜଭକ୍ତି ଅକ୍ଷୁଣ୍ଣ ରହିଅଛି ।

"ବିଶେଷତଃ ସମ୍ରାଟଙ୍କ ପ୍ରତି ଭାରତୀୟ ରାଜାମାନଙ୍କର ଯେଉଁ ଭକ୍ତି ତାହା ନିରବଚ୍ଛିନ୍ନ ଭାବରେ ଦୀର୍ଘକାଳବ୍ୟାପୀ ରହିଅଛି ଏବଂ ମୋହ ବଂଶରେ ମଧ୍ୟ ଏହାକୁ ଏକ ପରମ ମୂଲ୍ୟବାନ୍ ପରମ୍ପରା ରୀତିରୂପେ ଆମ୍ଭେମାନେ ଗ୍ରହଣ କରି ଆସିଅଛୁଁ ।"

ତାଙ୍କର ବିଲାତ ଯାତ୍ରାର ଉଦ୍ଦେଶ୍ୟ ସମ୍ବନ୍ଧରେ ନବାବ କହିଥିଲେ, "ସମ୍ରାଟଙ୍କ ପ୍ରତି ଭକ୍ତି ଓ ସମ୍ମାନ ନିବେଦନ ହିଁ ଆମ୍ଭମାନଙ୍କର ଏହି ପ୍ରଥମ ବିଲାତ ଯାତ୍ରାର ପ୍ରଧାନ ଉଦ୍ଦେଶ୍ୟ ଥିଲା ।"

# ମୟୂରଭଞ୍ଜ ସମ୍ବାଦ

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୪-୧୦-୩୪**

ଯେହେତୁ ଦେଖା ଯାଉଅଛି ଯେ ଖୁବ୍ ବେଶୀ ପରିମାଣରେ କଞ୍ଚା ଲୁହା ଷ୍ଟେଟ୍ରୁ ଗୁପ୍ତଭାବେ ରପ୍ତାନି ହେଉଅଛି ଏବଂ ବଣା ଡାଙ୍ଗି ମାପରେ ବହୁତ ଠକାମି ଚାଲିଛି ଅଥଚ ଏହି ଉଭୟ ପ୍ରଥା ଅବାଞ୍ଛନୀୟ, ସେଥିପାଇଁ ତଳ ଲିଖିତ ଆଦେଶ ଦିଆ ଯାଉଅଛି:—

(୧) ଗୁପ୍ତ ସ୍ଥାନରେ ଲୁହା ବିକି କରିବା ନିଷେଧ କରାଗଲା । ଏଣିକି ଲୁହାଗୃହୀ ଓ ପାଇକାରମାନେ ସେମାନଙ୍କର ଲୁହା କେବଳ ହାଟ ଦିନରେ ଖୋଲା ହାଟରେ ଏବଂ ଯେଉଁ ସ୍ଥାୟୀ ଲୁହା ଗୋଦାମ ଗୃହ ନିଜ ନିଜ ଇଲାକା ମଧ୍ୟରେ ସବ୍ ଡିଭିଜନେଲ୍ ଅଫିସରମାନଙ୍କ ଦ୍ୱାରା ଚିହ୍ନିତ ସେହିଠାରେ ହିଁ ବିକି କରିବେ ।

(୨) ୧-୧୧-୩୪ ଠାରୁ ବଣା ଡାଙ୍ଗିରେ ମାପ କରିବାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଗଲା ।

ଏଥି ମଧ୍ୟରୁ ଯେ କୌଣସି ଆଦେଶ ଅବମାନନା କଲେ ଭାରତୀୟ ଦଣ୍ଡବିଧି ଆଇନର ୧୮୮ ଧାରା ଅନୁଯାୟୀ ଦଣ୍ଡନୀୟ ହେବାକୁ ପଡ଼ିବ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୮-୧୦-୩୪**

ଆସେସରମାନଙ୍କର ଗାଡ଼ିଖର୍ଚ୍ଚା ସମ୍ବନ୍ଧରେ ତା ୨୬-୬-୩୪ ରିଖ ହୁକୁମ ୪ ର୍ଥ ପାରାଟି ନିମ୍ନଲିଖିତ ରୂପେ ପରିବର୍ଦ୍ଧିତ କରାଗଲା ।

ଏହି ବାବତ ଖର୍ଚ୍ଚଗୁଡ଼ି ଜୁଡ଼ିସିଏଲ୍ ଏଡ୍‌ମିନିଷ୍ଟ୍ରେସନ ଅଧୀନରେ ଥିବା "ଲ ଚାର୍ଜେସ୍" ଉପରେ ଆରୋପ କରାଯିବ । ଯଦି ସମ୍ପୂର୍ଣ୍ଣ ରୂପେ ସମର୍ଥିତ କଣ୍ଟ୍ରିଜେଣ୍ଟ ବିଲ ଗୁଡ଼ିକରେ ଆବଶ୍ୟକୀୟ ସାର୍ଟିଫିକେଟ୍ ଦ୍ୱାରା ସମର୍ଥନ କରା ହୋଇଥିବ ଯେ ଆସେସର ୫ ମାଇଲରୁ ବେଶୀ ଦୂର ଆସି କୋର୍ଟରେ ଯୋଗ ଦେଇଅଛନ୍ତି କିମ୍ବା ୫ ମାଇଲରୁ ବେଶୀ ଦୂର ନ ଆସିଥିବା ସ୍ଥଳେ ସେ ପ୍ରକୃତରେ ଖର୍ଚ୍ଚ କରି ଥିବା ଅନୁସାରେ ହିଁ ଉଲ୍ଲେଖ କରିଅଛନ୍ତି, ତେବେ ଉକ୍ତ ଟଙ୍କା ତାହାଙ୍କୁ ଦିଆ ଯାଇପାରିବ । କିନ୍ତୁ ଷ୍ଟେଟ୍ ଅଫିସର ଆସେସର ଭାବରେ କୋର୍ଟରେ ଯୋଗ ଦେଲେ ସେ ଯେଉଁ ଡିପାର୍ଟମେଣ୍ଟର ଅଧୀନ ସେହି ଡିପାର୍ଟମେଣ୍ଟର ଗାଡ଼ିଖର୍ଚ୍ଚା ଗ୍ରାଣ୍ଟରୁ ସାଧାରଣ ନିୟମ ଅନୁଯାୟୀ ଗାଡ଼ିଖର୍ଚ୍ଚା ପାଇ ପାରିବେ ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

**ତା ୧-୧୧-୩୪**

ପୂର୍ବବର୍ତ୍ତୀ ବର୍ଷମାନଙ୍କ ପରି ଆର୍ମିଷ୍ଟିସ୍ (ଯୁଦ୍ଧ ବିରତି)କୁ ସ୍ମରଣ କରି ଏହି ଷ୍ଟେଟ୍‌ରେ ୧୧-୧୧-୩୪ ତାରିଖ ରବିବାର ଦିନ ୧୧ଟାଠାରୁ ୨ ମିନଟ୍ ସମ୍ପୂର୍ଣ୍ଣ ନୀରବତା ପାଳନ କରିବାକୁ ହେବ । ହେଡ୍ କ୍ୱାର୍ଟରସ୍‌ରେ ଥିବା ପୋଲିସ୍ ପରେଡ୍ କରିବେ ଏବଂ ଷ୍ଟେଟ୍ ଅଫିସରମାନେ ଏହି କାର୍ଯ୍ୟରେ ଯୋଗ ଦେବେ ।



Digitized by srujanika@gmail.com

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୭-୧୧-୩୪

ପଶ୍ଚିମାଞ୍ଚଳ ଷ୍ଟେଟ୍ ସମୂହର ଏଜେନ୍ସିରେ ଥିବା ନୟାଗଡ଼ ରାଜ୍ୟର ଇଲାକାରୁ ଏହି ଷ୍ଟେଟ୍‌କୁ ଦଆସିଲ ଆଣିବାପାଇଁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଗଲା ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୭-୧୧-୩୪

୧୯୩୪ ସାଲ ଦଆସିଲ (ଅବକାରୀ ଉଜଟି) ଆଦେଶର ୭ମ ଅଧ୍ୟାୟରେ ବ୍ୟବସ୍ଥା କରାଯାଇଥିବା ଅନୁସାରେ ବାକ୍ସ କିମ୍ବା ବୁକ୍‌ଲେଟ୍‌ମାନଙ୍କରେ ଆସୁଥିବା ଯେଉଁ ସବୁ ଦଆସିଲରେ ନିର୍ଦ୍ଦିଷ୍ଟ ମତେ ବେଣ୍ଡେରୋଲ (କାଗଜ ପଟି) ସଂଯୁକ୍ତ ହୋଇ ନ ଥିବ ତାହା ଏହି ଷ୍ଟେଟ୍‌କୁ ଆଣିବାପାଇଁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଗଲା ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୮-୧୧-୩୪

ସାବରକଣ୍ଠା ଏଜେନ୍ସିରେ ଥିବା ଅଦେସର ସାନ୍ତାଲପୁରର ତାଲୁକଦାର ଅଞ୍ଚଳରୁ ଏହି ଷ୍ଟେଟ୍‌କୁ ଦଆସିଲ ଆଣିବାପାଇଁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଗଲା ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୭-୧୧-୩୪

୨୪-୯-୩୪ ତାରିଖର ହୁକୁମରେ ଉଲ୍ଲେଖ ହୋଇଥିବା ଷ୍ଟେଟ୍‌ମାନଙ୍କର ତାଲିକାରୁ ମୈସାଲମାର୍, ଗଣ୍ଡଲ ଏବଂ ପଲ୍ଲଣପୁର ଷ୍ଟେଟ୍‌ଗୁଡ଼ିକୁ ବାଦ କରାଗଲା ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୯-୧୧-୩୪

ମିଷ୍ଟର ବାଙ୍କନିଧି ପଟ୍ଟନାୟକ ବି. ଏ., ବି. ଏଲ୍. ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟର ହେଡ୍‌ମାଷ୍ଟର ପଦରେ ଟ ୧୫୦-୧୦-୨୫୦ ଗ୍ରେଡ୍‌ରେ ମାସିକ ଟ ୧୮୦୯ ବେତନରେ ନିଯୁକ୍ତ କରାହେଲେ । ସେ ଏକ ବର୍ଷ ପର୍ଯ୍ୟନ୍ତ ପ୍ରୋବେସନାର ସ୍ୱରୂପ ରହିବେ ଏବଂ ବିନା ଭଡ଼ାରେ ଗୋଟିଏ କ୍ୱାର୍ଟର ପାଇବେ । ମ୍ୟୁନିସିପାଲ କର, ଇଲେକ୍‌ଟ୍ରିକ୍ ଏବଂ ଜଳଖର୍ଚ୍ଚ ତାଙ୍କୁ ବହନ କରିବାକୁ ହେବ ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୯-୧୧-୩୪

ସଦର ଏବଂ ଉଦଲାର ଲେଣ୍ଡ ରେଭିନ୍ୟୁ ଅଫିସର ମିଷ୍ଟର ଏସ୍. କେ. ମୁଖାର୍ଜି ବି. ଏ. ଙ୍କୁ ଏହା ମଧ୍ୟରେ ମଞ୍ଜୁର ହୋଇଥିବା ଛୁଟି ସହିତ ତା ୧୧-୧୧-୩୪ ରିଖଠାରୁ ଆଉ ମା ୧ ସ ଦି ୨୨ନ ଅଧିକା ମେଡ଼ିକେଲ ଛୁଟି ମଞ୍ଜୁର କରାଗଲା ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୯-୧୧-୩୪

ବାମନଘାଟି ସବ୍‌ଡ଼ିଭିଜନେଲ ଅଫିସର ମିଷ୍ଟର ଏଚ୍. ଆର୍. ମହାନ୍ତି ବି. ଏଲ୍. ସଦର ଏବଂ ଉଦଲା ଲେଣ୍ଡ୍ ରେଭିନ୍ୟୁ ଅଫିସର ରୂପେ ଅସ୍ଥାୟୀ ଭାବେ ନିଯୁକ୍ତ ହେଲେ ।

ମିଷ୍ଟର ଏଚ୍. ଆର୍. ମହାନ୍ତି ସଦରକୁ ବଦଳି ହେବାରୁ ତାଙ୍କ ପରବର୍ତ୍ତିରେ କପ୍ତିପଦା ସବ୍‌ଡ଼ିଭିଜନେଲ୍ ଅଫିସର ମିଷ୍ଟର ଏସ୍. ସି. ଘୋଷ ଏମ୍. ଏ., ବି. ଏଲ୍. ବାମନଘାଟି ସବ୍‌ଡ଼ିଭିଜନେଲ୍ ଅଫିସର ରୂପେ ଅସ୍ଥାୟୀ ଭାବେ ନିଯୁକ୍ତ ହେଲେ ।

ମିଷ୍ଟର ଏସ୍. ସି. ଘୋଷ ବାମନଘାଟିକୁ ବଦଳି ହେବାରୁ ତାଙ୍କ ପରବର୍ତ୍ତିରେ ସଦରର ଫାର୍ଷ୍ଟ କ୍ଲାସ ମାଜିଷ୍ଟ୍ରେଟ୍ ମିଷ୍ଟର ଆର୍. ଏନ୍. ମହାନ୍ତି ବି. ଏଲ୍. କପ୍ତିପଦା ସବ୍‌ଡ଼ିଭିଜନେଲ୍ ଅଫିସର ରୂପେ ଅସ୍ଥାୟୀ ଭାବେ ନିଯୁକ୍ତ ହେଲେ ।

ସଦରର ମାଜିଷ୍ଟ୍ରେଟ୍ ମିଷ୍ଟର ପି. କେ. ଦାସ ଏମ୍. ଏ., ବି. ଏଲ୍. ପାଞ୍ଚପୀଡ଼କୁ ୨ୟ ଅଫିସର ରୂପେ ଏବଂ ମିଷ୍ଟର ଏମ୍. ଏମ୍. ମହାପାତ୍ର ବି. ଏଲ୍. ସଦରକୁ ବାରିପଦା ଟ୍ରେଜେରି ଅଫିସର ରୂପେ ବଦଳି ହେଲେ ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୧୨-୧୨-୩୪

ଏହି ଷ୍ଟେଟ୍‌ରେ ଲାଇସେନ୍ସ ପାଇଥିବା ଲୋକ ବ୍ୟତୀତ ଅଉ କେହି ମେକାନିକାଲ୍ ଲାଇଟାର୍ସ ତିଆରି କରି ପାରିବେ ନାହିଁ । ଲାଇସେନ୍ସ ପାଇଥିବା ଲୋକ ବ୍ୟତୀତ କିମ୍ବା ଉକ୍ତ ଲାଇସେନ୍ସର ସର୍ତ୍ତ ଭଙ୍ଗ କରି ଯେ କେହି ମେକାନିକେଲ୍ ଲାଇଟାରସ୍ ପ୍ରସ୍ତୁତ କରିବ ସେ ମା ୬ ସ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗ କରିବ କିମ୍ବା ଟ ୧୦୦୦୯ ଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବ ଅଥବା ଉଭୟ ଦଣ୍ଡ ଭୋଗ କରିବ ।

ବିଶେଷ ଦ୍ରଷ୍ଟବ୍ୟ :—

"ମେକାନିକେଲ୍ ଲାଇଟାର୍" ମାନେ କୌଣସି ଯାନ୍ତ୍ରିକ କିମ୍ବା ରସାୟନିକ ଉପାୟ ଯାହାଦ୍ୱାରା ନିଆଁ ଜଳାଯାଏ ଏବଂ ଯାହାକୁ ସହଜରେ ସ୍ଥାନାନ୍ତର କରି ଯାଇପାରେ । ଯାହା ଆପେ ଆପେ କିମ୍ବା ଗ୍ୟାସ୍ ସଂଯୋଗରେ ଅଗ୍ନିସ୍ଫୁଲିଙ୍ଗ ବା ଶିଖା ଜାତ କରେ । ଅଉ ମଧ୍ୟ କାରଖାନା ଭିତରୁ ଅସମ୍ପୂର୍ଣ୍ଣ ଅବସ୍ଥାରେ କିମ୍ବା ସମ୍ପୂର୍ଣ୍ଣ ହେବାପାଇଁ ଚକମକି ପଥରର ସାହାଯ୍ୟ ଦରକାର କରୁଥିଲେ ତାହା ମଧ୍ୟ ମେକାନିକେଲ୍ ଲାଇଟାର୍ ନାମରେ ଅନ୍ତର୍ଭୁକ୍ତ ହେବ ।

ଶ୍ରୀମନ୍ ମହାରାଜାଙ୍କର ଆଦେଶ

ତା ୨୯-୧୨-୩୪

ପୋଲିସ୍ ଏବଂ ଅବକାରୀ ଡ଼ିପାର୍ଟ୍‌ମେଣ୍ଟର ସବ୍-ଇନ୍‌ସ୍‌ପେକ୍ଟର କିମ୍ବା ତାଙ୍କଠାରୁ ବଡ଼ ଅଫିସରମାନେ ଯେ କୌଣସି ସ୍ଥାନ, ପାତ୍ର, ଗାଡ଼ି ପ୍ରଭୃତି ଦଆସିଲ ଆଣିବାର ଉପାୟମାନ [ ୧୯୩୪ ମସିହାର ଦଆସିଲ ( ଅବକାରୀ ଡିଉଟି ) ଆଇନ (୧୯୩୪ ର ୧୬) ଅନୁସାରେ] ଶୁଳ୍କ ଆଦାୟ ଦେବାକୁ ବାଧ୍ୟ, ତାହା ସବୁ ଖାନତଲାସ କରିବାକୁ କ୍ଷମତା ପାଇଲେ ଏବଂ ଉପରୋକ୍ତ ଆଇନର ଯେ କୌଣସି ବିଧି ବ୍ୟବସ୍ଥା ଭଙ୍ଗ କରି ଯେଉଁ ଦଆସିଲଗୁଡ଼ି ବେଆଇନ ଭାବରେ ଆମଦାନୀ କରା ହୋଇଅଛି କିମ୍ବା ତିଆରି ହୋଇଅଛି କିମ୍ବା କାରଖାନାରୁ ଅଣା ହୋଇଅଛି ଅଥବା ବିକ୍ରି କରିବାପାଇଁ ରଖା ହୋଇଅଛି ବୋଲି ସେମାନେ ଜାଣି ପାରିବେ, ସେହିଗୁଡ଼ିକୁ ସେମାନେ ଜବତ କରି ପାରନ୍ତି କିମ୍ବା ସ୍ଥାନାନ୍ତରିତ କରି ପାରନ୍ତି ଅଥବା ଅଟକ ରଖି ପାରନ୍ତି ।

Digitized by srujanika@gmail.com

# ପାଣି, ପାଗ ଓ ଶସ୍ୟର ବିବରଣ : ମୟୂରଭଞ୍ଜ ଷ୍ଟେଟ୍

| ଯେଉଁ ତାରିଖରେ ସପ୍ତାହ ଶେଷ ହେଲ | | ୨୮ ତାରିଖ ଅକ୍ଟୋବର ୧୯୩୪ ମସିହା | | | ୨୫ ତାରିଖ ନଭେମ୍ବର ୧୯୩୪ ମସିହା | | | ୩୦ ତାରିଖ ଡିସେମ୍ବର ୧୯୩୪ ମସିହା | | |
|---|---|---|---|---|---|---|---|---|---|---|
| | | ବୃଷ୍ଟିର ପରିମାଣ | ଉତ୍ତାପର ପରିମାଣ କମ୍ | ବେଶୀ | ବୃଷ୍ଟିର ପରିମାଣ | ଉତ୍ତାପର ପରିମାଣ କମ | ବେଶୀ | ବୃଷ୍ଟିର ପରିମାଣ । | ଉତ୍ତାପର ପରିମାଣ । କମ | ବେଶୀ |
| ବୃଷ୍ଟି ଓ ଉତ୍ତାପର ପରିମାଣ | ବାରିପଦା | ୧·୭୦ | ୫୯ | ୯୫ | ·୪୦ | ୫୦ | ୯୦ | ·୮୩ | ୪୩ | ୮୭ |
| | ରାଇରଙ୍ଗପୁର | ୪·୫୮ | — | — | ·୨୩ | — | — | ୧·୧୦ | — | — |
| | କପ୍ତିପଦା | ୭·୨୮ | ୭୦ | ୧୦୪ | ·୯୭ | ୫୭ | ୯୪ | ୭·୦୧ | ୪୮ | ୯୮ |
| | କରଞ୍ଜିଆ | ୨୮·୧୮ | ୭୧ | ୮୭ | ୭·୩୦ | ୫୫ | ୮୧ | ୧·୮୪ | ୪୧ | ୭୯ |

| | | ୨୮ ତାରିଖ ଅକ୍ଟୋବର | ୨୫ ତାରିଖ ନଭେମ୍ବର | ୩୦ ତାରିଖ ଡିସେମ୍ବର |
|---|---|---|---|---|
| ଚଳିତ ପାଗ | ବାରିପଦା | ଭଲ | ଭଲ | ଭଲ |
| | ରାଇରଙ୍ଗପୁର | ଗରମ ଓ ମେଘୁଆ | ମେଘୁଆ | ମେଘୁଆ |
| | କପ୍ତିପଦା | ,, ,, | ଗରମ ଓ ମେଘୁଆ | ଶୀତ ଓ ମେଘୁଆ |
| | କରଞ୍ଜିଆ | ବର୍ଷା | ଶୀତ | ଶୀତ |
| କୃଷି କାର୍ଯ୍ୟ କେତେ ଦୂର ହୋଇଅଛି | ବାରିପଦା | ଅଶୁଧାନ ଅମଳ ସରିଛି । କେତେକ ସ୍ଥାନରେ ରବି ଫସଲ ବୁଣା ହେଉଅଛି । | ଲଘୁଆ ଧାନ ଅମଳ ହେଉଛି । | ଜଳଧାନ ଅମଳ ଓ କଟା ଚାଲିଛି । |
| | ରାଇରଙ୍ଗପୁର | ଅଶୁଧାନ କଟା ଚାଲିଛି । | ଅଶୁଧାନ କଟା ସରିଛି । | ଲଘୁଆ ଧାନ କଟା ହେଉଛି । |
| | କପ୍ତିପଦା | ଜଳଧାନ ବଢ଼ି ସରିଛି । ଅଶୁ ଧାନ ଅମଳ ଚାଲିଛି । | ଲଘୁଆ ଧାନ ଅମଳ ହେଉଛି । | ଜଳଧାନ ଅମଳ ହେଉଛି । |
| | କରଞ୍ଜିଆ | ଅଶୁ ଓ ଲଘୁଆ ଧାନ ଅମଳ ଚାଲିଛି । | ,, ,, ,, | ଜଳଧାନ ଅମଳ ପ୍ରାୟ ଶେଷ ହେଲାଣି । |

| | | | ୨୮ ତାରିଖ ଅକ୍ଟୋବର | ୨୫ ତାରିଖ ନଭେମ୍ବର | ୩୦ ତାରିଖ ଡିସେମ୍ବର |
|---|---|---|---|---|---|
| ଚାଉଳ, ଧାନ ଓ ଅନ୍ୟାନ୍ୟ ଶସ୍ୟ ଟଙ୍କାରୁ କେତେ ପରିମାଣରେ ମିଳୁଅଛି | ବାରିପଦା | ଚାଉଳ | ସେ ୧୨ ର | ସେ ୧୩ ର | ଚାଉଳ ସେ ୧୪ ର |
| | | ମୁଗ | ସେ ୮ ର | ସେ ୮ ର | ମୁଗ ସେ ୧୦ ର |
| | | ବିରି | ସେ ୯ ର | ସେ ୯ ର | ବିରି ସେ ୧୨ ର |
| | | ହରଡ | ସେ ୯ ର | ସେ ୯ ର | ହରଡ ସେ ୧୦ ର |
| | | କୋଳଥ | ସେ ୮ ର | ସେ ୮ ର | କୋଳଥ ସେ ୮ ର |
| | ରାଇରଙ୍ଗପୁର | ଚାଉଳ | ସେ ୧୩ ର | ସେ ୧୩ ର | ଚାଉଳ ସେ ୧୬ ର |
| | | ମୁଗ | ସେ ୧୦ ର | ସେ ୧୦ ର | ମୁଗ ସେ ୧୦ ର |
| | | ବିରି | ସେ ୧୧ ର | ସେ ୧୧ ର | ବିରି ସେ ୧୨ ର |
| | | ସୋରିଷ | ସେ ୧୦ ର | ସେ ୧୦ ର | ସୋରିଷ ସେ ୧୦ ର |
| | | ରାଶି | ସେ ୧୧ ର | ସେ ୧୧ ର | ରାଶି ସେ ୧୧ ର |
| | | କୋଳଥ | ସେ ୧୩ ର | ସେ ୧୩ ର | କୋଳଥ ସେ ୧୬ ର |
| | କପ୍ତିପଦା | ଚାଉଳ | ସେ ୧୪ ର | (ନୂଆ) ସେ ୨୧ ର | ଚାଉଳ (ନୂଆ) ସେ ୨୧ ର |
| | | | | (ପୁରୁଣା) ସେ ୧୭ ର | (ପୁରୁଣା) ସେ ୧୭ ର |
| | | ବିରି | ସେ ୧୦ ର | ସେ ୧୭ ର | ବିରି ସେ ୧୭ ର |
| | | ମୁଗ | ସେ ୧୦ ର | ସେ ୧୦ ର | ମୁଗ ସେ ୧୦ ର |
| | | ସୋରିଷ | ସେ ୮ ର | ସେ ୮ ର | ସୋରିଷ ସେ ୮ ର |
| | | କୋଳଥ | ସେ ୨୦ ର | ସେ ୨୦ ର | କୋଳଥ ସେ ୨୦ ର |
| | କରଞ୍ଜିଆ | ଚାଉଳ (ନୂଆ) | ସେ ୧୭ ର | ସେ ୨୧ ର | ଚାଉଳ ସେ ୧୮ ର |
| | | (ପୁରୁଣା) | ସେ ୧୩ ର | ସେ ୧୭ ର | ସୋରିଷ ସେ ୧୧ ର |
| | | ସୋରିଷ | ସେ ୧୧ ର | ସେ ୧୧ ର | ବିରି ସେ ୧୭ ର |
| | | ବିରି | ସେ ୧୭ ର | ସେ ୨୭ ର | ହରଡ ସେ ୧୩ ର |
| | | ହରଡ | ସେ ୧୨ ର | ସେ ୧୩ ର | ଧାନ ସେ ୪୦ ର |
| | | ଧାନ (ନୂଆ) | ସେ ୩୭ ର | ସେ ୪ ର | |
| | | (ପୁରୁଣା) | ସେ ୩୨ ର | ସେ ୩୭ ର | |

## ସ୍ୱାସ୍ଥ୍ୟର ବିବରଣ: ମୟୂରଭଞ୍ଜ ଷ୍ଟେଟ୍

| | | | |
|---|---|---|---|
| ମନୁଷ୍ୟ ଓ ଗୋମହିଷାଦ ପଶୁମାନଙ୍କର ସ୍ୱାସ୍ଥ୍ୟ | ବାରିପଦା:—(୧) ବାରିପଦା ଥାନାରେ ବସନ୍ତ ଲାଗିଛି । | (୧) ବାଙ୍ଗିରିପୋଷି ଥାନାରେ ବସନ୍ତ ଲାଗିଛି । | (୧) କୁଳିଆଣା ଆଉଟ ପୋଷ୍ଟରେ ଓ ବାରିପଦା ଏବଂ ବାଙ୍ଗିରିପୋଷି ଥାନାରେ ବସନ୍ତ ଲାଗିଛି । |
| | (୨) ଭଲ | (୨) ବାରିପଦା ଓ ବାଙ୍ଗିରିପୋଷି ଥାନାରେ ମହାମାରୀ ଲାଗିଛି । | (୨) ବାରିପଦା ମୁରୁଡ଼ା ଥାନା ଗ୍ରାମରେ ଖୁବ ହୋଇଅଛି । |
| | ରାଇରଙ୍ଗପୁର:—(୧) ବହଳଦା ଓ ରାଇରଙ୍ଗପୁର ଥାନା ଅନ୍ତର୍ଗତ କେତେକ ଗ୍ରାମରେ ବସନ୍ତ ଲାଗିଛି । | (୧) ରାଇରଙ୍ଗପୁର ଥାନା ଅନ୍ତର୍ଗତ କେତେକ ଗ୍ରାମରେ ବସନ୍ତ ଲାଗିଛି । | (୧) ବହଳଦା ଓ ରାଇରଙ୍ଗପୁର ଥାନା ଅନ୍ତର୍ଗତ କେତେକ ଗ୍ରାମରେ ବସନ୍ତ ଲାଗିଅଛି । |
| | (୨) କେତେକ ସ୍ଥାନରେ ମହାମାରୀ ଲାଗିଛି । | (୧) କେତେକ ସ୍ଥାନରେ ମହାମାରୀ ଲାଗିଛି । | (୨) କେତେକ ସ୍ଥାନରେ ମହାମାରୀ ଲାଗିଛି । |
| | କପ୍ତିପଦା :—(୧) ସାଧାରଣତଃ ଭଲ । | (୧) ଭଲ । | (୧) ଅଦପୁର, ଲଉଡ଼ାହ ଓ ଅନ୍ୟ କେତେକ ଗ୍ରାମମାନଙ୍କରେ ବସନ୍ତ ଲାଗିଛି । |
| | (୨) ସାଧାରଣତଃ ଭଲ । | (୨) ସାଧାରଣତଃ ଭଲ । | (୨) ଗଡଗାଁରେ ଗୋରୁମାନଙ୍କର ଗଳକମ୍ବଳ-ରୋଗ ହୋଇଅଛି । |
| | କରଞ୍ଜିଆ:—(୧) ରାରୁଆଁ, ଯଶିପୁର, କରଞ୍ଜିଆ ଥାନାରେ ଓ ଠାକୁରମୁଣ୍ଡା ଆଉଟ୍ ପୋଷ୍ଟରେ ବସନ୍ତ ଲାଗିଛି । | (୧) ଯଶିପୁର, ରାରୁଆଁ, କରଞ୍ଜିଆ ଥାନାରେ ଓ ଠାକୁରମୁଣ୍ଡା ଆଉଟ ପୋଷ୍ଟରେ ବସନ୍ତ ଲାଗିଛି । | (୧) କରଞ୍ଜିଆ ଓ ରାରୁଆଁ ଥାନାର ପାହାଡ଼ଭଙ୍ଗା ଓ ସୁନାପୋଷି ପ୍ରଭୃତି ଗ୍ରାମମାନଙ୍କରେ ବସନ୍ତ ଲାଗିଛି । |
| | (୨) ରାରୁଆଁ ଥାନା ଅନ୍ତର୍ଗତ ଭଙ୍ଗାମାଟିଆରେ ଖୁବ ହୋଇଅଛି । | (୨) ରାରୁଆଁ ଓ ଯଶିପୁର ଥାନା ଅନ୍ତର୍ଗତ କେତେକ ଗ୍ରାମରେ ଖୁବ ହୋଇଅଛି । | (୨) ରାରୁଆଁ ଓ କରଞ୍ଜିଆ ଥାନାର ନାଲୁସ, କୋଧଗଡିଆ ଭଙ୍ଗାମାଟିଆ, ଗମ୍ଭାରିଆ ପ୍ରଭୃତି ଗ୍ରାମମାନଙ୍କରେ ଗୋରୁ ଖୁରା ହୋଇଅଛି । |

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

# ଭଞ୍ଜପ୍ରଦୀପ

ବାରିପଦା, ଚୈତ୍ର ୧୩୪୬



ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ

Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

## S. K. CHAKRAVARTI LTD.

SANITARY ENGINEERS

CALCUTTA.

TEL. "LAVATORY" CODES. BENTLEY


# The Mayurbhanj Gazette

***Publication:*** The Gazette is a quarterly publication. It is published in October, January, April and July.

***Subscription;*** Annual Rs. 1-8-0. Single copy As. 6 only. Postage per copy 2 As. extra.

## SCALE OF CHARGES FOR ADVERTISEMENTS

*( Single Insertion)*

| | | | |
|---|---|---|---|
| **Outer page of Cover** :— | Full page | Rs. | 50/- |
| | Half | „ | 25/- |
| | Quarter | „ | 15/- |
| **Inner page of Cover** :— | Full | „ | 40/- |
| | Half | „ | 20/ |
| | Quarter | „ | 12/ |
| **Inner page of Cover : reverse of title page :** | Full page | Rs. | 50/- |
| | Half | | 25/- |
| | Quarter | „ | 15/- |
| **Ordinary page** : - | Full | „ | 36/- |
| | Half | „ | 18/- |
| | Quarter | „ | 10/- |

*Rates for smaller spaces on application*

N. C. SANYAL, B. A.

*Manager, Mayurbhanj Gazette.*

**STATE PRESS, BARIPADA, MAYURBHANJ.**

Digitized by srujanika@gmail.com

# ଭଞ୍ଜପ୍ରଦୀପ

(ମୟୂରଭଞ୍ଜ ଗେଜେଟ୍‌ର ଓଡ଼ିଆ ସଂସ୍କରଣ ଏଥି ସହିତ ମିଶାଇ ଦିଆ ଯାଇଅଛି)

ଏହି ପତ୍ରିକା ତିନି ମାସରେ ଥରେ ଲେଖାଏଁ ପ୍ରକାଶିତ ହେବ, ଯଥା:—ଆଶ୍ୱିନ, ପୌଷ, ଚୈତ୍ର, ଆଷାଢ଼

ବାର୍ଷିକ ମୂଲ୍ୟ—ଟ ୦ ୵ (ଡାକ ମାସୁଲ ବ୍ୟତୀତ) ଓ ଟ ୯। ଙ୍କା (ଡାକ ମାସୁଲ ସହିତ)

ପ୍ରତି ସଂଖ୍ୟାର ମୂଲ୍ୟ ଛଅ ଅଣା, ଡାକ ମାସୁଲ ଦୁଇ ଅଣା ସ୍ୱତନ୍ତ୍ର। ଏହି ପତ୍ରିକାରେ ବିଜ୍ଞାପନ ଛପାଇବାକୁ ହେଲେ ପ୍ରତି ଥରକୁ ନିମ୍ନଲିଖିତ ହାରରେ ଖରଚ ଦେବାକୁ ହେବ।

| | | | |
|---|---|---|---|
| ମଲାଟର ବାହାର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୫୦୲ | ଟାଇଟଲ ପେଜର ଭିତର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୫୦ ଙ୍କା |
| ଅର୍ଦ୍ଧ ପୃଷ୍ଠାକୁ | ଟ ୨୫୲ | ଅର୍ଦ୍ଧ ପୃଷ୍ଠାକୁ | ଟ ୨୫ ଙ୍କା |
| ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୫୲ | ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୫ ଙ୍କା |
| ମଲାଟର ଭିତର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୪୦୲ | ଏହା ଛଡ଼ା ଅନ୍ୟାନ୍ୟ ପୃଷ୍ଠାରେ—ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୩୦ ଙ୍କା |
| ଅର୍ଦ୍ଧ ପୃଷ୍ଠାକୁ | ଟ ୨୦ ଙ୍କା | ଅର୍ଦ୍ଧ ପୃଷ୍ଠାକୁ | ଟ ୧୮ ଙ୍କା |
| ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୨୲ | ଏକ ଚତୁର୍ଥାଂଶ ପୃଷ୍ଠାକୁ | ଟ ୧୦ ଙ୍କା |

ଛୋଟ ଛୋଟ ବିଜ୍ଞାପନ ଛପାଇବାକୁ ହେଲେ ସେ ବିଷୟରେ ନିମ୍ନ ଠିକଣାରେ ପତ୍ର ଲେଖିଲେ ଜାଣି ପାରିବେ।

ଶ୍ରୀ ନିତାଇ ଚନ୍ଦ୍ର ସାନ୍ୟାଲ, ବି.ଏ.

ମେନେଜର, ମୟୂରଭଞ୍ଜ ଗେଜେଟ୍, ବାରିପଦା।

# INTERNAL HAIR DYE

(TONIC)

Its 40 days Internal Use turns Gray and White Hairs into Black for life. Besides it cures Baldness, Wrinkles, Dental troubles, Constipation, Piles, increases memory, brain power, eye sight, appetite, digestion. Purifies blood, tones nerves, removes lack of retention, loss of manhood. Makes young again. It is Elexir of Life in prolonging age. On failure price refunded.

*Price 40 doses with Postage Rs. 11*

## WHITE LEPROSY or LEUCODERMA

Sure and permanent cure guaranteed by my harmless FAKIRI JARI BUTI in one day only. If not, price refunded.

*Price per Box Rs. 4*

Apply at once to :— The Manager

**Indian Medical Works**

PURNEA 50, : : : : E. B. RY.

# Mayurbhanj Law Reporter

**Highly appreciated in India and Abroad.**

*It is a quarterly publication.*

*It is published in September, December, March, June.*

Yearly Subscription Rs. 3 Single Copy As. 12

Postage Extra.

*Manager*—N. C. SANYAL, B.A.
MAYURBHANJ LAW REPORTER.


Digitized by srujanika@gmail.com

DIVINE MEDICINE OF

# H E R N I A

## CENT PER CENT SUCCESS WITHOUT OPERATION.

Why do you suffer from Hernia? Come to us, we shall make a contract with you and cure you of the disease. If you fail to see us, send five pice postal stamp, have the testimonials and directions and get yourself radically cured from a far. Phone B. B. 314.

*Apply to:*—**Dr. H. C. ROY**

*DIVINE TREATMENT HALL,* *Amherst Street,* CALCUTTA.



SUBSCRIBE FOR

# THE ASTROLOGICAL MAGAZINE

THE BEST EXPONENT OF THE HINDU SCIENCES

*Edited by*

Professor B. SURYANARAIN ROW, B.A., M.R.A.S., F.R.H.S., etc.

Containing the most interesting and instructive articles on Astrology, Astronomy, Medicine, Yoga, Philosophy, Metaphysics, Chronology, Palmistry etc., now in its 23rd Volume—the only Journal of its kind in the World.

We are much impressed with the interesting articles incorporated in the Journal which we commend to our readers—*The Message.*

Astrological students will find much of interest—*The Torch.*

It shall be of good purpose to the building scholars of Astrology—*The Mahratta.*

*Annual Subscription Rs. 5, Sh. 12, Dollars 4* *Single Copy Rs. 8, Sh. -13, Cents 40*

THE BEST MEDIUM FOR ADVERTISEMENTS REACHING THE FARTHEST CORNERS OF THE WORLD.

(*Catalogue of books will be sent free on application*)

**Horoscopic work will be undertaken on payment of**

**REASONABLE FEE**

Now available—Vols. 14, 15, 16, 17, 18, 19, 20, 21, 22 containing mines of intellectual treasures at Rs. 6/- per Vol. to the readers of this Journal. All the past Volumes at Rs. 8/- per each Volume.

| | |
|---|---|
| English Translation of Sarvarthchintamani 3 Vols. ... ... | Rs. **15-0-0** |
| „ of Brihat Jatak (with full Notes & Illustrations) | „ **8-0-0** |
| „ of Jaimini Sutra...Notes | „ **2-0-0** |
| Astrological Self-instructor, 7th Edition ... | „ **3-0-0** |
| Strijataka or Female Horoscope (Postage Extra) | „ **1-0-0** |
| Royal Horoscopes ... | „ **3-0-0** |
| Illustrative Horoscopes | „ **2-4-0** |

DR. B. V. RAMRN, M. D., (H) } "SURYALAYA" (P. O.) BETTAHALSOOR, BANGALORE—INDIA.

Exchanges solicited from Periodicals.


Digitized by srujanika@gmail.com

# ଭଞ୍ଜପ୍ରଦୀପ

**ଚତୁର୍ଥ ଭାଗ** **ତୃତୀୟ ସଂଖ୍ୟା**

## ସୂଚିପତ୍ର


| | | | ପୃଷ୍ଠା । |
|---|---|---|---|
| ୧ । | ସାହିତ୍ୟିକ ଅଭିଭାଷଣ | ଶ୍ରୀ ଜଳନ୍ଧର ଦେବ | ୧ |
| ୨ । | ଅଭ୍ୟର୍ଥନା | ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ ବି. ଏ., ବି. ଏଲ୍. | ୭ |
| ୩ । | ରୂପହ୍ଲାନା (କବିତା) | ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ ଏମ୍. ଏ., ବି. ଏଡ୍. | ୧୦ |
| ୪ । | ପ୍ରାଚୀନ ନୃତ୍ୟକଳା | ଶ୍ରୀମତୀ ବେଲା ଦେବୀ ଏମ୍. ଏ., ବି. ଟି. | ୧୧ |
| ୫ । | ଶିଳ୍ପକଳା ସମ୍ବନ୍ଧରେ ପଦେ | ଶ୍ରୀ ରମାଧର କର୍ମ୍ମା | ୧୨ |
| ୬ । | ବର୍ଣ୍ଣ-ସମସ୍ୟା | ଶ୍ରୀ ଶଶିଭୂଷଣ ରାୟ | ୧୫ |
| ୭ । | ଅନନ୍ତ ଯୌବନ (ଗଳ୍ପ) | ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ ବି. ଏ. | ୧୮ |
| ୮ । | ଦେଶୀୟ ରାଜ୍ୟ ସମାଚାର | | ୨୩ |
| ୯ । | ଚି ଚିରୁଣୀ | ଶ୍ରୀ କ୍ଷିରୋଦଚନ୍ଦ୍ର ପାଲ | ୨୪ |
| ୧୦ । | ଧ୍ୟାନର ବାଣୀ (କବିତା) | ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ ବି. ଏ. | ୨୫ |
| ୧୧ । | ସମ୍ବାଦ ଓ ସଙ୍କେତ | | ୨୮ |
| ୧୨ । | ମୟୂରଭଞ୍ଜ ସମ୍ବାଦ | | ୩୧ |
| ୧୩ । | ପୁସ୍ତକ ପରିଚୟ, ସ୍ୱାସ୍ଥ୍ୟର ବିବରଣ | | ୩୩ |
| ୧୪ । | ପାଣି, ପାଗ ଓ ଶସ୍ୟର ବିବରଣ | | ୩୪ |


Digitized by srujanika@gmail.com

DIVINE MEDICINE OF

# H E R N I A

## CENT PER CENT SUCCESS WITHOUT OPERATION.

Why do you suffer from Hernia? Come to us, we shall make a contract with you and cure you of the disease. If you fail to see us, send five pice postal stamp, have the testimonials and directions and get yourself radically cured from a far. Phone B. B. 314.

*Apply to:*—**Dr. H. C. ROY**

*DIVINE TREATMENT HALL,* *Amherst Street,* CALCUTTA.

SUBSCRIBE FOR

# THE ASTROLOGICAL MAGAZINE

THE BEST EXPONENT OF THE HINDU SCIENCES

*Edited by*

Professor B. SURYANARAIN ROW, B.A., M.R.A.S., F.R.H.S., etc.

Containing the most interesting and instructive articles on Astrology, Astronomy, Medicine, Yoga, Philosophy, Metaphysics, Chronology, Palmistry etc., now in its 23rd Volume—the only Journal of its kind in the World.

We are much impressed with the interesting articles incorporated in the Journal which we commend to our readers—*The Message.*

Astrological students will find much of interest—*The Torch.*

It shall be of good purpose to the building scholars of Astrology—*The Mahratta.*

*Annual Subscription Rs. 5, Sh. 12, Dollars 4* *Single Copy Rs. 8, Sh. -13, Cents 40*

THE BEST MEDIUM FOR ADVERTISEMENTS REACHING THE FARTHEST CORNERS OF THE WORLD.

(*Catalogue of books will be sent free on application*)

**Horoscopic work will be undertaken on payment of**

**REASONABLE FEE**

Now available—Vols. 14, 15, 16, 17, 18, 19, 20, 21, 22 containing mines of intellectual treasures at Rs. 6/- per Vol. to the readers of this Journal. All the past Volumes at Rs. 8/- per each Volume.

| | |
|---|---|
| English Translation of Sarvarthchintamani 3 Vols. ... ... | Rs. 15-0-0 |
| „ of Brihat Jatak (with full Notes & Illustrations) | „ 8-0-0 |
| „ of Jaimini Sutra...Notes | „ 2-0-0 |
| Astrological Self-instructor, 7th Edition ... | „ 3-0-0 |
| Strijataka or Female Horoscope (Postage Extra) | „ 1-0-0 |
| Royal Horoscopes ... | „ 3-0-0 |
| Illustrative Horoscopes | „ 2-4-0 |

DR. B. V. RAMRN, M. D., (H) } "SURYALAYA" (P. O.) BETTAHALSOOR, BANGALORE—INDIA.

Exchanges solicited from Periodicals.

Digitized by srujanika@gmail.com

# ଭକ୍ତପ୍ରଦୀପ

**ଚତୁର୍ଥ ଭାଗ** **ତୃତୀୟ ସଂଖ୍ୟା**

## ସୂଚିପତ୍ର


| | | |
|---|---|---|
| | | ପୃଷ୍ଠା । |
| ୧ । ସାହିତ୍ୟିକ ଅଭିଭାଷଣ | ଶ୍ରୀ ଜଳନ୍ଧର ଦେବ | ୧ |
| ୨ । ଅଭ୍ୟର୍ଥନା | ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ ବି. ଏ., ବି. ଏଲ୍. | ୬ |
| ୩ । ରୂପଧ୍ୟାନା (କବିତା) | ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ ଏମ୍. ଏ., ବି. ଏଡ୍. | ୧୦ |
| ୪ । ପ୍ରାଚୀନ ନୃତ୍ୟକଳା | ଶ୍ରୀମତୀ ବେଲା ଦେବୀ ଏମ୍. ଏ., ବି. ଟି. | ୧୧ |
| ୫ । ଶିଳ୍ପକଳା ସମ୍ବନ୍ଧରେ ପଦେ | ଶ୍ରୀ ବିମ୍ବାଧର ବର୍ମ୍ମା | ୧୨ |
| ୬ । ବର୍ଣ୍ଣ-ସମସ୍ୟା | ଶ୍ରୀ ଶଶିଭୂଷଣ ରାୟ | ୧୫ |
| ୭ । ଅନନ୍ତ ଯୌବନ (ଗଳ୍ପ) | ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ ବି. ଏ. | ୧୮ |
| ୮ । ଦେଶୀୟ ରାଜ୍ୟ ସମାଚାର | | ୨୩ |
| ୯ । ଚ୍ଚ ଚ୍ଚୁଣ୍ଡ | ଶ୍ରୀ କ୍ଷିରୋଦଚନ୍ଦ୍ର ପାଲ | ୨୪ |
| ୧୦ । ଧ୍ୟାନର ବାଣୀ (କବିତା) | ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ ବି. ଏ. | ୨୫ |
| ୧୧ । ସମ୍ବାଦ ଓ ସଙ୍କେତ | | ୨୮ |
| ୧୨ । ମୟୂରଭଞ୍ଜ ସମ୍ବାଦ | | ୩୧ |
| ୧୩ । ପୁସ୍ତକ ପରିଚୟ, ସ୍ୱାସ୍ଥ୍ୟର ବିବରଣ | | ୩୩ |
| ୧୪ । ପାଣି, ପାଗ ଓ ଶସ୍ୟର ବିବରଣ | | ୩୪ |


Digitized by srujanika@gmail.com

# ଚିତ୍ର-ସୂଚି


| | | |
|---|---|---|
| ୧ । | ଜଙ୍ଗଲର ଦୃଶ୍ୟ—ଶିଳ୍ପୀ ଶ୍ରୀ ବୃନ୍ଦାବନ ସିଂହଙ୍କ ଦ୍ୱାରା ଅଙ୍କିତ | ମଲାଟ |
| ୨ । | ଚିତ୍ରମୟ ମୟୂରଭଞ୍ଜ | ୨୭ ଓ ୨୭ |
| ୩ । | ଶ୍ରୀମନ୍ ମହାରାଜାଙ୍କର ଜନ୍ମନକ୍ଷତ୍ର ଦିବସରେ ଦରିଦ୍ର ଭୋଜନ | ୨୮ |
| ୪ । | ପ୍ରଦର୍ଶନୀରେ ମାଇନର ଓ ପ୍ରାଇମେରୀ ସ୍କୁଲର ହାତକାମ ନମୁନାମାନ | ୨୯ |


Digitized by srujanika@gmail.com

ସମ୍ପାଦକ — ଶ୍ରୀ ରାଧାଗୋବିନ୍ଦ ଦାସ    ସହକାରୀ ସମ୍ପାଦକ — ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଚୈତ୍ରପର୍ବ ସଂଖ୍ୟା

ଚତୁର୍ଥ ଭାଗ } ଚୈତ୍ର, ସନ ୧୩୪୨ ସାଲ { ୨ୟ ସଂଖ୍ୟା

## ସାହିତ୍ୟିକ ଅଭିଭାଷଣ *

ଶ୍ରୀ ଜଲନ୍ଧର ଦେବ

ପ୍ରିୟ ସାହିତ୍ୟସେବୀ ଭାଇ ଓ ଭଉଣୀମାନେ,

ଦିନେ କଟକରେ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ-ସମାଜର ସହୃଦୟ ସଭ୍ୟଗଣ ମତେ ସଭାପତି ପଦରେ ନିର୍ବାଚନ କରି ସମ୍ମାନିତ କରିଥିଲେ । ଆପଣମାନେ ଆଜ ରାମରାଜ୍ୟରେ ନବପ୍ରତିଷ୍ଠିତ ଶିଶୁ ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ପ୍ରଥମ ମଙ୍ଗଳାଚରଣ କରିବାକୁ ମତେ ନିର୍ବାଚନ କରି ତତୋଧିକ ସମ୍ମାନିତ କରିଅଛନ୍ତି । ଏକ ସମୟରେ ଆମ୍ଭେମାନେ କହୁଥିଲୁଁ "ଉତ୍କଳେ ରାମଚନ୍ଦ୍ରଃ"; ସେହି ରାମଚନ୍ଦ୍ରଙ୍କର ରାଜ୍ୟ ଦର୍ଶନ ନିମନ୍ତେ ମୋର ବଳବତୀ ଇଚ୍ଛା ଥିଲା । ମାତ୍ର ସେ ସୁଯୋଗ କେବେ ପାଇ ନ ଥିଲି । ଆପଣମାନଙ୍କର ଅନୁଗ୍ରହରୁ ଆଜ ମୋର ଚିରପୋଷିତ ବାସନା ପୂର୍ଣ୍ଣ ହେଲା ।

ଆପଣମାନଙ୍କର ଶିଶୁ ସାହିତ୍ୟ ସମାଜ ଭଞ୍ଜଭୂମିରେ ପ୍ରତିଷ୍ଠିତ । ଭଞ୍ଜ ଶବ୍ଦ କର୍ଣ୍ଣ ପଟହରେ ଆଘାତ କଲାକ୍ଷଣି ହୃଦୟରାଜ୍ୟରେ କବି-ମୌଳିମଣି ଉପେନ୍ଦ୍ର ଭଞ୍ଜଙ୍କର ସ୍ମୃତି ଆବିର୍ଭୂତ ହୁଏ । ଉତ୍କଳ ସାହିତ୍ୟ ସହିତ ଭଞ୍ଜ ଶବ୍ଦର ଅଚ୍ଛେଦ୍ୟ ସମ୍ବନ୍ଧ । ଏହି ଶିଶୁ ଅନୁଷ୍ଠାନ କ୍ରମେ ବର୍ଦ୍ଧିତ ହୋଇ ଉତ୍କଳ ସାହିତ୍ୟ ସହିତ ଏହି ଭଞ୍ଜ ଶବ୍ଦର ସମ୍ବନ୍ଧ ଚିରକାଳ ଅଚ୍ଛେଦ୍ୟ ରଖିବ । ଏ ଆଶା ଆମ୍ଭମାନଙ୍କର ଦୁରାଶା ନୁହେ । ଭଞ୍ଜଭୂମିର ପ୍ରଥମ ସାହିତ୍ୟ ଅନୁଷ୍ଠାନରେ ମୋ ପରି ବ୍ୟକ୍ତି ମଙ୍ଗଳାଚରଣ କରିବାର ସୁଯୋଗ ପାଇବା କି କମ୍ ଗୌରବର ବିଷୟ ? ଆପଣମାନଙ୍କର ସୌଜନ୍ୟରୁ କେବଳ ମୋର ଏ ସମ୍ମାନ ଲାଭ, ଏଣୁ ଆପଣମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

ଆପଣମାନେ ସମ୍ମାନ ଦେଇଅଛନ୍ତି ସତ ମାତ୍ର ସଙ୍ଗେ ସଙ୍ଗେ ମସ୍ତକରେ ମୋର ଗୋଟାଏ ଗୁରୁ ଭାର ମଧ୍ୟ ଲଦି ଦେଇଅଛନ୍ତି । ମାତ୍ର ବୃଦ୍ଧର ଏ ଗୁରୁ ଭାର ବହନ କରିବା ଶକ୍ତି ଅଛି କି ନା ତାହା ଆପଣମାନେ ବିଚାର କରିଅଛନ୍ତି କି ? ନାହିଁ । କେବଳ ଫଳରେ ଦେଖାଯିବ ଏହି ନୀତିପନ୍ଥା ଅନୁସରଣ କରିଅଛନ୍ତି—ଇସପଙ୍କର ଗୋଟାଏ ଗଳ୍ପ ଅଛି : ଜଣେ ବୃଦ୍ଧ କାଷ୍ଠଭାର ଓହ୍ଲାଇ ରଖିବାକୁ ଅସମର୍ଥ ହୋଇ ଯମ ଦେବତାଙ୍କୁ ଡାକିଲା । ଯମ ଦେବତା ତାକୁ ଇହଧାମରୁ ନେଲେ ନାହିଁ । ବରଂ ଦୟାପରବଶ ହୋଇ ତାର କାଷ୍ଠ

* ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ସଭାପତିଙ୍କର ଅଭିଭାଷଣ

Digitized by srujanika@gmail.com

ବୋଝ ଓହ୍ଲାଇ ଦେଲେ । ମୁଁ କିନ୍ତୁ ମୋ ମୁଣ୍ଡର ଭାର ଓହ୍ଲାଇବା ନିମନ୍ତେ ଯମ ଦେବତାଙ୍କୁ ଡାକିବାକୁ ଯାଉ ନାହିଁ । ଆପଣମାନଙ୍କୁ ଆଗରୁ ଅନୁରୋଧ କରୁଅଛି । ମୁଁ ଭାରିହାରି ହେଲେ ଆପଣମାନେ ହିଁ ମତେ ମୁକ୍ତି ଦେବେ ।

ରସପ୍ରସରନିର୍ଦ୍ଦରୀଃ କବିଗିରଂ ପ୍ରଗୃହ୍ୟ ପରମ୍
ମୁଦଂ ବିଦଧତେ ହୃଦମ୍ବୁଦମଭିଜ କାବ୍ୟାମୃତୈଃ ॥

ରସପରିପୂରିତ ଗୁରୁତ୍ୱପୂର୍ଣ୍ଣ ଲେଖା ହିଁ କେବଳ ସାହିତ୍ୟ ରସିକ-ମାନଙ୍କର ମନକୁ ମୋହିତ କରିପାରେ । ସେପରି ସମ୍ଭାର ମୋଠାରେ କାହିଁ ? ଆଦିରସ ପ୍ରତି ବିତୃଷ୍ଣ; ବୀର, ଭୟାନକ ଓ ରୌଦ୍ରରସ ପ୍ରତି ଭୟ; ଅଦ୍ଭୁତରେ ଅବିଶ୍ୱାସ; ବିଭତ୍ସରସରେ ଘୃଣା; ହାସ୍ୟରସରେ ଲଜ୍ଜା—ବାକି କେବଳ ଶାନ୍ତ, କରୁଣ ଓ ବାତ୍ସଲ୍ୟ ରସ ଯେଉଁ ଯୁବକ ମନକୁ ପରିତୃପ୍ତ କରି ପାରିବ କି ? ବାତ୍ସଲ୍ୟରସରେ ବାଳକ ବାଳିକା-ମାନେ କେବଳ ଆହ୍ଲାଦିତ ହୁଅନ୍ତି । ଶାନ୍ତରସର ଭକ୍ତ ତ କେବଳ ଗୃହତ୍ୟାଗୀ ଯୋଗୀ ଓ ସନ୍ନ୍ୟାସୀ । କରୁଣରସ କେବଳ ପ୍ରୌଢ଼ା ଓ ବୃଦ୍ଧାମାନଙ୍କର ନିଜସ୍ୱ । ତେବେ ଉପସ୍ଥିତ ସାହିତ୍ୟ ରସିକ ଯୁବକମାନଙ୍କୁ ମୁଁ କି ଦେଇ ପରିତୋଷ କରି ପାରିବି ? ଏ ଅରସିକର ଆଶା ଭରସା—ସଦ୍ଭାପତି ନିର୍ବାଚକ ସଭ୍ୟଗଣ । ବର୍ତ୍ତମାନ ପ୍ରକୃତର ଅନୁସରଣ କରାଯାଉ ।

ସାହିତ୍ୟାଲୋଚନାର ସଙ୍ଗେ ସଙ୍ଗେ ଆମ୍ଭମାନଙ୍କୁ ଶବ୍ଦ, ରସ, ଭାଷା ଓ ବାକ୍ୟର ଅସ୍ତିତ୍ୱ ଉପଲବ୍ଧି ହୁଏ । ଶବ୍ଦକୁ ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ବ୍ୟବହାର କରନ୍ତି ଓ ବୁଝନ୍ତି । ରସ ମଧ୍ୟ ଏମାନଙ୍କର ବୋଧଗମ୍ୟ । ରସ ଜ୍ଞାନ ଜୀବର ସହଜାତ । ଶବ୍ଦ ଅଭ୍ୟାସ ଓ ଶିକ୍ଷା ପ୍ରସୂତ ବିଶେଷତଃ ମନୁଷ୍ୟ ଜାତିର । ପଶୁ ପକ୍ଷୀ ପ୍ରଭୃତି ଆଦିରସର ହାବଭାବ ଉତ୍ତମରୂପେ ଉପଲବ୍ଧି କରି ପାରନ୍ତି । ବୀର ରୌଦ୍ର ଭୟାନକ ରସକୁ ସ୍ପଷ୍ଟରୂପେ ବୁଝି ପାରନ୍ତି । ବାତ୍ସଲ୍ୟରସ ପୂର୍ଣ୍ଣମାତ୍ରାରେ ସେମାନଙ୍କଠାରେ ଦେଖା ପଡ଼େ । କରୁଣରସର ସେମାନେ ଅନୁଭବୀ, ମାତ୍ର ତାହା ବ୍ୟକ୍ତ କରିବାର ପଟୁତା ସେମାନଙ୍କର ନାହିଁ । ହାସ୍ୟରସ ସେମାନେ କେତେଦୂର ଉପ-ଭୋଗ କରନ୍ତି ମନୁଷ୍ୟ ନିଜର ଆଦର୍ଶରେ ତାହା ଜାଣିବାକୁ ଆଶା-କରିବା ବିଡ଼ମ୍ବନା ମାତ୍ର । ପଶୁ ପକ୍ଷୀଙ୍କର ଶବ୍ଦ ଆମ୍ଭମାନଙ୍କର ଶ୍ରବଣ ଗୋଚର ହୁଏ । ଏହି ଶବ୍ଦ ବ୍ୟବହାରଦ୍ୱାରା ସେମାନେ ଆପଣା ଜାତୀୟ ଜୀବକୁ ଭୟର, ପ୍ରେମର, ଆହ୍ୱାନର ପଳାୟନର ସୂଚନା ଦିଅନ୍ତି । ଯାହା ବୁଝାଇବାକୁ ବ୍ୟକ୍ତ କରାଯାଏ ତାହା ଯେବେ ଭାଷା ତେବେ ପଶୁମାନେ ଆପଣା ଜାତି ମଧ୍ୟରେ ନିଜର ପ୍ରୟୋଜନ ବ୍ୟକ୍ତ କରିବାକୁ ଯେଉଁ ଶବ୍ଦ ବ୍ୟବହାର କରନ୍ତି ତାହା ମଧ୍ୟ ଭାଷା । ତାହା ପଶୁ ଭାଷା । ପଶୁମାନେ ରସଜ୍ଞ ଏବଂ ସେମାନଙ୍କର ଭାଷା ମଧ୍ୟ ଅଛି ସେମାନଙ୍କର ପ୍ରୟୋଜନାନୁସାରେ । ଭୂପୃଷ୍ଠରେ ଅଦ୍ୟାପି ଏପରି ମନୁଷ୍ୟ ଜାତି ଅଛନ୍ତି ଯେଉଁମାନଙ୍କର ଶବ୍ଦ ସଂଖ୍ୟା ଦଶରୁ ଅଧିକ ନୁହେ । ଯେବେ ମାନବ ଆଖ୍ୟାଧାରୀ ଗୋଟିଏ ଜାତିର ଶବ୍ଦକୋଷ ମାତ୍ର ଦଶରୁ ଅନଧିକ ଏବଂ ଏହା ଯେଉଁ ସେମାନଙ୍କର ସମାଜ ଚରିତାର୍ଥ ତେବେ ପଶୁ ବିଶେଷର ବ୍ୟବହୃତ ଗୁରି ଛଅ ପ୍ରକାର ଶବ୍ଦ ସେମାନଙ୍କର ପ୍ରୟୋଜନ ନିମନ୍ତେ ପର୍ଯ୍ୟାପ୍ତ ବୋଲିବା ଅସଙ୍ଗତ ନୁହେ । ପଶୁର ରସଜ୍ଞାନ ଓ ଭାଷାଜ୍ଞାନ ଅଛି ମାତ୍ର ବାକ୍ୟଜ୍ଞାନ ନାହିଁ । ଯେହେତୁ ସେମାନେ ଅଦ୍ୟାବୁଦ୍ଧି ରହିତ । ଜ୍ଞାନ ହିଁ ମନୁଷ୍ୟର ବିଶେଷତ୍ୱ । ସ୍ମରଣ ଶକ୍ତି ବଳରେ ମନୁଷ୍ୟ ଶବ୍ଦ ସଂଖ୍ୟା ବୃଦ୍ଧି କରି-ଅଛି, ବାକ୍ୟ ରଚନା କରିଅଛି; ଏହିରୂପେ ତାହାର ସାହିତ୍ୟର କ୍ରମ-ବିକାଶ ଘଟିଅଛି । ଦୟାନନ୍ଦ ସରସ୍ୱତୀ ପ୍ରମୁଖ ପଣ୍ଡିତଗଣ କହିବେ ଯେ ବେଦ ଈଶ୍ୱର ନିଃଶ୍ୱସିତ, ସଂସ୍କୃତ ଆଦିଭାଷା—ପୃଥିବୀର ଅନ୍ୟ ଯେତେ ଭାଷା ସଂସ୍କୃତର ଅପଭ୍ରଂଶ ମାତ୍ର । ଏ କଥା ଆଜିକାଲି ସ୍କୁଲ ଛାତ୍ରମାନେ ମଧ୍ୟ ବିଶ୍ୱାସ କରିବାକୁ ରାଜି ନୁହନ୍ତି । ବାଇବେଲ ବିଶ୍ୱାସୀ ଖ୍ରୀଷ୍ଟିୟାନ ପାଦ୍ରୀ, ଯେଉଁମାନଙ୍କର ବିଶ୍ୱାସ ଯେ ପୃଥିବୀ ମାତ୍ର ପାଞ୍ଚ ହଜାର ବର୍ଷ ମଧ୍ୟରେ ପ୍ରଭୁକୃତ ନିର୍ମିତ, ସେମାନେ ଭାଷାର ଉତ୍ପତ୍ତି ଏହି ପରିମିତ ବର୍ଷ ମଧ୍ୟରେ ହୋଇଅଛି ଏବଂ ସମସ୍ତ ଭାଷା ଆଦି ବାଇବେଲ ଭାଷାର ଅପଭ୍ରଂଶ ବୋଲି କହିବାର ଆଶ୍ଚର୍ଯ୍ୟ କ'ଣ ? ମାତ୍ର ମନୁଷ୍ୟ ଜାତିର କ୍ରମୋନ୍ନତି ସଙ୍ଗେ ସଙ୍ଗେ ଭାଷାର କ୍ରମୋନ୍ନତି, ଏହା କେହି ଅସ୍ୱୀକାର କରି ପାରିବେ ନାହିଁ ।

ଆମ ଭାରତବର୍ଷର ଆଦି ଭାଷା ଋଗ୍ବେଦର ଭାଷା ବୋଲି ଅନେକେ ପ୍ରକାଶ କରନ୍ତି, ମାତ୍ର ଏହା ସତ୍ୟ କି ? ଅନ୍ୟ ତୁଳନା ତେଣେ ଥାଉ କେବଳ ଋଗ୍ବେଦର କେତେକ ମନ୍ତ୍ରର ଭାଷା ସଙ୍ଗେ ଶତପଥ-ବ୍ରାହ୍ମଣର ଭାଷା ତୁଳନା କଲେ ଶତପଥବ୍ରାହ୍ମଣର ଭାଷା ତଦପେକ୍ଷା ପ୍ରାଚୀନ ବୋଲି ସନ୍ଦେହ ଜାତ କରାଇବ । ତାହା ଛଡ଼ା ବୈଦିକ ଜାତି ଯେଉଁ ଜାତିଠାରୁ ଭିନ୍ନ, ସେମାନଙ୍କର ନାମ ବ୍ରାତ୍ୟାବ୍ରାତ୍ୟ ମଧ୍ୟରୁ ଯେଉଁମାନେ ବୈଦିକ ସଂସ୍କାର ଗ୍ରହଣ କଲେ ସେମାନେ ଦ୍ୱିଜ ଆଖ୍ୟା ଗ୍ରହଣ କଲେ । ଯେଉଁମାନେ ଏ ସଂସ୍କାର ଗ୍ରହଣର ପକ୍ଷପାତୀ ହେଲେ ନାହିଁ ସେମାନେ ବ୍ରାତ୍ୟ ହୋଇ ରହିଲେ । ବ୍ରାତ୍ୟ-ମାନଙ୍କର ଭାଷା ଯେ ଅଶୁଦ୍ଧ ଓ ସହଜ ବୋଧଗମ୍ୟ ନ ଥିଲା ଏହା ସ୍ପଷ୍ଟାକ୍ଷରରେ କୌଶିତକୀ ତାଣ୍ଡ୍ୟମହାବ୍ରାହ୍ମଣରେ ଲିଖିତ ହୋଇ-ଅଛି । ସୁତରାଂ ସେହି ବୈଦିକ ଗ୍ରନ୍ଥ ହିଁ ପ୍ରକାଶ କରୁଅଛି ଯେ ଋଗ୍ବେଦ ଲିଖିତ ଜାତି ଓ ଭାଷା ଭିନ୍ନ ବିଶାଳ ଭାରତରେ ଅନ୍ୟ ଜାତି ଓ ଅନ୍ୟ ଭାଷା ଥିଲା । ତଥାପି ବି ଲୋକେ କହିବେ ଯେ ବେଦ ହିଁ ସମସ୍ତ ଭାଷାର ଜନକ । ବହୁକାଳ ଯାଏ ଆଗ ପଛ ହୋଇ ଆର୍ଯ୍ୟ-ସ୍ରୋତ ଭାରତକୁ ପ୍ରବାହିତ ହୋଇ ଆସିଥିଲା । କାଳଭେଦ, ଦେଶ-ଭେଦ ଜଳବାୟୁର ଭେଦ ଯେ ଭାଷାର ପରିବର୍ତ୍ତନ କରିଥାଏ, ଏହା ଅସ୍ୱୀକାର କରିବାର ଉପାୟ ନାହିଁ । ତାହା ଛଡ଼ା ବୈଦିକ ଯୁଗରେ ବେଦ ଭାଷା ସଙ୍ଗେ ଅପଭ୍ରଂଶ ଏବଂ ତତ୍କାଳୀନ ପ୍ରାକୃତ ଭାଷା ଯେ ନ ଥିଲା ଏହା ବା କିଏ କହିପାରେ ?

ବୈଦିକ ଯୁଗରୁ ବୈୟାକରଣମାନେ ଭାଷାର ପରିମାର୍ଜନାରେ ଚେଷ୍ଟିତ ଥିଲେ ଅନୁମାନିକ ପାଣିନୀଙ୍କ ଜନ୍ମର ଦୁଇ ଏକ ଶତାବ୍ଦୀ ପୂର୍ବରୁ । କିନ୍ତୁ ପାଣିନୀ ସୂତ୍ର ରଚନା କରି ଶବ୍ଦମାନଙ୍କର ସାମ୍ୟ ରକ୍ଷା କଲେ । ତଦବଧି ପାଣିନୀଦ୍ୱାରା ନିୟମବଦ୍ଧ ପରିଷ୍କୃତ ଭାଷାର

Digitized by srujanika@gmail.com

ନାମ ସଂସ୍କୃତ ହେଲା । ଏହି ନିୟମ ବଳରେ ଅସଂଖ୍ୟ ସଂସ୍କୃତ ଶବ୍ଦର ସୃଷ୍ଟି ହେଲା । ସଂସ୍କୃତର ଅପଭ୍ରଂଶ ପ୍ରାକୃତ ବୋଲିବା ଅପେକ୍ଷା ବୈଦିକ ଭାଷା ଓ ପ୍ରାକୃତ ଭାଷାରୁ ପରିଷ୍କୃତ ଭାଷାର ନାମ ସଂସ୍କୃତ ବୋଲିବା ସମୀଚୀନ । ତା' ନୋହିଥିଲେ ଭାଷାର ନାମ ସଂସ୍କୃତ ହେବାର ତାତ୍ପର୍ଯ୍ୟ କଣ ?

ସଂସ୍କୃତ ଏକ ସମୟରେ ଏ ଦେଶର ସାର୍ବଜନୀନ ଭାଷା ଥିଲା କି ? ପଣ୍ଡିତମାନେ ଥିଲା ବୋଲି ମତ ଦିଅନ୍ତି । ମାତ୍ର ଆମ୍ଭମାନଙ୍କ ଅଳ୍ପ ବୁଦ୍ଧିରେ ତାହା ସତ୍ୟ ବୋଲି ପ୍ରତିପନ୍ନ ହେଉ ନାହିଁ । ଏହା ଉଚ୍ଚ ବଂଶଜ ଓ ଉଚ୍ଚ ଶିକ୍ଷିତମାନଙ୍କର ଭାଷା—ଯେମନ୍ତ ଅଧୁନା ଇଂରାଜି ଭାରତବାସୀ ଉଚ୍ଚ ଜାତି ଉଚ୍ଚ ଶିକ୍ଷିତଙ୍କ ଭାଷା ଅଟେ । ଅନେକେ କହି ପାରନ୍ତି ତେବେ ଏ ଦେଶରେ ଏତେ ସଂସ୍କୃତଗ୍ରନ୍ଥର ପ୍ରଚାର ହେଲା କିପରି ? ଏଥିର ସହଜ ଉତ୍ତର ଏହି ଯେ ବର୍ତ୍ତମାନ ଭାରତ-ବର୍ଷରେ ଏତେ ପରମାର୍ଜିତ ଭାଷା ଥିବା ସତ୍ତ୍ୱେ ଇଂରାଜି ଶିକ୍ଷିତମାନେ ଏବଂ ବିଶ୍ୱବିଦ୍ୟାଳୟମାନେ କେବଳ ଇଂରାଜି ଭାଷାରେ ପୁସ୍ତକ ଲେଖୁଅଛନ୍ତି ଓ ପୁସ୍ତକ ଲେଖିବାକୁ ଉତ୍ସାହ ଓ ପ୍ରଶ୍ରୟ ଦେଉ-ଅଛନ୍ତି । ବୌଦ୍ଧ ଯୁଗରେ ଯେବେ ସଂସ୍କୃତ ଦେଶଭାଷା ହୋଇ-ଥାନ୍ତା ଓ ସର୍ବସାଧାରଣଙ୍କର ବୋଧଗମ୍ୟ ଥାନ୍ତା ତାହାହେଲେ ବୁଦ୍ଧଦେବ ତାଙ୍କର ଉପଦେଶାବଳୀ ପ୍ରାକୃତରେ ପ୍ରଚାର କରି ନ ଥାନ୍ତେ କିମ୍ବା ଅଶୋକ ତାଙ୍କର ଅନୁଶାସନମାନ ପ୍ରାକୃତ ଭାଷାରେ ଲେଖାଇ ନ ଥାନ୍ତେ । ଅଶୋକ ଉତ୍ତାରୁ ହିନ୍ଦୁପ୍ରବୃତ୍ତି ବଢ଼ିଲା । ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ସଙ୍ଗେ ସଙ୍ଗେ ସଂସ୍କୃତ ଚର୍ଚ୍ଚା ବଢ଼ିଲା ଏହି କାଳରେ ଏବଂ ପରେ ବିସ୍ତର ପୁରାଣ ଉପପୁରାଣ ଲିଖିତ ହେଲା । ରାଜାମାନେ ସେମାନଙ୍କର ଦାନପତ୍ର ମଧ୍ୟ ସଂସ୍କୃତରେ ରଚନା କରାଇଲେ ।

ସଂସ୍କୃତ ନାଟକମାନଙ୍କରେ ସ୍ତ୍ରୀ ଓ ସାଧାରଣ ଲୋକଙ୍କ ମୁଖରେ ପ୍ରାକୃତ ଭାଷା ପ୍ରକାଶ କରାଇବାର ତାତ୍ପର୍ଯ୍ୟ କି ଏହା ନୁହେ ଯେ, ସଂସ୍କୃତ କେବଳ ସତ୍ ବଂଶଜ ଉଚ୍ଚ ଶିକ୍ଷିତଙ୍କ କଥିତ ଭାଷା ? କର୍ପୂରମଞ୍ଜରୀର ସୂତ୍ରଧାର ତାର ସହକାରୀକି ପଚାରିଲା, କବିମାନେ ସଂସ୍କୃତ ତ୍ୟାଗ କରି ପ୍ରାକୃତରେ ରଚନା କଲେ କାହିଁକି ? ସହକାରୀ କହିଲା:—

ପରୁଷା ସକ୍‌ଅବନ୍ଧା ପାଉ ଅବନ୍ଧୋଭି ହୋଇ ସୁଉମାରୋ
ପୁରୁଷ ମହିଳାନାଂ ଜେତ୍ତିଅମ୍ ଇହାନ୍ତରଂ ତେତ୍ତିଅମ୍ ଇମାନମ୍ ॥

ସଂସ୍କୃତବନ୍ଧ ପରୁଷ ବା କଠିଣ, ପ୍ରାକୃତବନ୍ଧ ସୁକୁମାର ବା କୋମଳ ଅଟେ । ପୁରୁଷ ସ୍ତ୍ରୀ ମଧ୍ୟରେ ଅନ୍ତର ବା ବ୍ୟବଧାନ ଯେତିକି ଏମାନଙ୍କ ମଧ୍ୟରେ (ସଂସ୍କୃତ ଓ ପ୍ରାକୃତ) ମଧ୍ୟ ବ୍ୟବଧାନ ତେତିକି ।

ଉପରୋକ୍ତ କେତେକ ପଂକ୍ତି ପ୍ରକାଶ କରିବାର ତାତ୍ପର୍ଯ୍ୟ ଏହି ଯେ ସଂସ୍କୃତ କୌଣସି ସମୟରେ ଭାରତର ସର୍ବସାଧାରଣ ଭାଷା ବା **Lingua franca** ନ ଥିଲା । ଅଧିକନ୍ତୁ ସଂସ୍କୃତ ସମସ୍ତ ଭାରତୀୟ ଭାଷାର ଜନନୀ ବୋଲିବା ମଧ୍ୟ ପ୍ରମାଦପୂର୍ଣ୍ଣ । ସଂସ୍କୃତ ଭାଷା ଓଡ଼ିଆ ଭାଷାର ଧାତ୍ରୀ ଓ ପୋଷଣ କର୍ତ୍ତ୍ରୀ ମାତ୍ର ଜନନୀ ନୁହେ ।

ଓଡ଼ିଆ ଭାଷା ଏ ଦେଶର ଅଧିବାସୀଙ୍କ ମୁଖରେ କି ଆକାରରେ ବିଦ୍ୟମାନ ଥିଲା ତାହା କହି ହେବ ନାହିଁ, ମାତ୍ର ଏହା ଯେ ଥିଲା ତହିଁରେ କୌଣସି ସନ୍ଦେହ ନାହିଁ ଏବଂ ସେହି ଭାଷା ସହିତ ଅର୍ଦ୍ଧ ମାଗଧୀ ଏବଂ ମହାରାଷ୍ଟ୍ରୀ ଭାଷା ମିଶି ଓଡ଼ିଆ ଭାଷାର ଉନ୍ନତି । ପରେ ସଂସ୍କୃତ ଭାଷାକୁ ନିଜର ପୋଷଣକର୍ତ୍ତ୍ରୀରୂପେ ପାଇ ତାହାର ଅସାଧାରଣ ଉନ୍ନତି ସାଧିତ ହୋଇଅଛି । ଓଡ଼ିଆ ଭାଷାରେ ପାଲି ଭାଷାର ପ୍ରତିପତ୍ତି ମଧ୍ୟ ଯେ ଅତ୍ୟଧିକ ତାହା କହିବା ବାହୁଲ୍ୟ ମାତ୍ର । ଉପରୋକ୍ତ ପାଞ୍ଚ ଗୋଟି ଭାଷାର ସମ୍ମିଶ୍ରଣରେ ଆମ୍ଭମାନଙ୍କର ସମୁଜ୍ଜ୍ୱଳ ମାତୃଭାଷାର ସୃଷ୍ଟି । ଆମ୍ଭମାନଙ୍କର ଏହି ଭାଷା ଭାରତର ଯେ କୌଣସି ଭାଷାର ସମକକ୍ଷ ଏଥିରେ ସନ୍ଦେହ ନାହିଁ ।

ଅନୁମାନ ହୁଏ ପୂର୍ବେ ମନୁଷ୍ୟମାନଙ୍କ ପକ୍ଷରେ ପଦ୍ୟରେ ଭାବ ବ୍ୟକ୍ତ କରିବା ସହଜ ସାଧ୍ୟ ଥିଲା । ଏଣୁ ଆମ୍ଭେମାନେ ପ୍ରାଚୀନ ଗ୍ରନ୍ଥାଦି ବହୁଳ ଭାବରେ ପଦ୍ୟରେ ଦେଖିବାକୁ ପାଉଁ । ବେଦ ପଦ୍ୟମୟ । ଅବଶ୍ୟ ବ୍ରାହ୍ମଣ ଓ ସୂତ୍ରମାନ ଗଦ୍ୟରେ ଲିଖିତ ମାତ୍ର ସେମାନଙ୍କୁ ମଧ୍ୟ ପଦ୍ୟପାଠ ପ୍ରଣାଳୀରେ ପଢ଼ାଯାଏ । ସ୍ମୃତି ପୁରାଣ ପଦ୍ୟରେ ଲିଖିତ । ସଂସ୍କୃତ ଗ୍ରନ୍ଥମାନ ମଧ୍ୟ ତଦ୍ରୂପ । ନାଟକମାନଙ୍କର ଗଦ୍ୟାଂଶ ଅତି ଅଳ୍ପ । ଦେଖିବାକୁ ଗଲେ ସଂସ୍କୃତ ପଦ୍ୟବହୁଳ । ତଦନୁ-କରଣରେ ପ୍ରାକୃତ ଭାଷାମାନ ମଧ୍ୟ ପଦ୍ୟବହୁଳ । କେବଳ ବୌଦ୍ଧ ଗ୍ରନ୍ଥନିଚୟ ପାଲି ଗଦ୍ୟରେ ଲିଖିତ । ସର୍ବସାଧାରଣଙ୍କର ବୋଧଗମ୍ୟ କରିବା ନିମନ୍ତେ ଏହି ରଚନାସମୂହ ସରଳ ସୁପାଠ୍ୟ କରାଯାଇ ଥିଲା । ଓଜସ୍ୱୀ ଓ ଆଡ଼ମ୍ବରପୂର୍ଣ୍ଣ ରଚନାରେ ସଂସ୍କୃତର ପ୍ରଶସ୍ତି । ଆମ୍ଭମାନଙ୍କର ଓଡ଼ିଆ କବିମାନେ ମଧ୍ୟ ଗତାନୁଗତିକ ସେହି ପନ୍ଥାର ପଥିକ ହେଲେ ।

ଅଲଙ୍କାରିକମାନେ ସାଧାରଣତଃ ଲେଖାକୁ ତିନି ଶ୍ରେଣୀରେ ବିଭକ୍ତ କଲେ ଯଥା : ପ୍ରଭୁସମ୍ମିତ, ସୁହୃତ୍‌ସମ୍ମିତ ଏବଂ କାନ୍ତାସମ୍ମିତ । ପ୍ରଭୁସମ୍ମିତ ବେଦ, ସୁହୃତ୍‌ସମ୍ମିତ ପୁରାଣାଦି ଏବଂ କାନ୍ତାସମ୍ମିତ କାବ୍ୟାଦି ଏହି ତିନି ପର୍ଯ୍ୟାୟଭୁକ୍ତ ଗ୍ରନ୍ଥାଦି ମନୁଷ୍ୟର କାର୍ଯ୍ୟ ନିର୍ବାହ ପକ୍ଷରେ ପର୍ଯ୍ୟାପ୍ତ ନୁହେ । ତଥାପି ପ୍ରାଚୀନମାନେ ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ଅସଂଖ୍ୟ ଗ୍ରନ୍ଥ ପ୍ରଣୟନ କରିବାକୁ ଲାଗିଲେ । ଏମାନଙ୍କର ଧର୍ମମୂଳକ ଗ୍ରନ୍ଥ ଅନେକ, କ୍ରୀଡ଼ାମୂଳକ ପୁସ୍ତକ ଅସଂଖ୍ୟ ମାତ୍ର କର୍ତ୍ତବ୍ୟ-ମୂଳକ ଗ୍ରନ୍ଥର ପରିମାଣ ନଗଣ୍ୟ । ଅସଂଖ୍ୟ ରାଜା ଯାଗଯଜ୍ଞ କରି ସ୍ୱର୍ଗରେ ଇନ୍ଦ୍ରଙ୍କର ସମକକ୍ଷ ହେଲେ । ଅସଂଖ୍ୟ ପୁଣ୍ୟାତ୍ମା ବୈକୁଣ୍ଠ-ବାସୀ ହେଲେ । ଭାରତବାସୀ କ୍ରୀଡ଼ାକୌତୁକରେ ଦିନ କଟାଇଲେ । କାବ୍ୟରସ ଆସ୍ୱାଦନ କରି ସୁଖୀ ହେଲେ ମାତ୍ର କର୍ତ୍ତବ୍ୟମୂଳକ ଗ୍ରନ୍ଥା-ଭାବରୁ ଜୀବନ ସଂଗ୍ରାମରେ ପୃଥିବୀର କୌଣସି ଉଚ୍ଚ ଜାତିର ସମକକ୍ଷ ହୋଇ ପାରିଲେ ନାହିଁ ।

ମନୁଷ୍ୟ ମନରେ ସାହିତ୍ୟର ଅସାଧାରଣ ପ୍ରତିପତ୍ତି । ସାହିତ୍ୟ ଜାତୀୟ ଜୀବନ ଗଠନରେ ଜାତୀୟ ଜୀବନର ସହାୟତା କରେ । ପୁଣି ଜାତୀୟ ଜୀବନ ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟର ପରି-ବର୍ତ୍ତନ ଘଟେ । ସାହିତ୍ୟକୁ ସଭ୍ୟତାର ମାପକାଠି ବୋଲି କହା

Digitized by srujanika@gmail.com

ଯାଇଅଛି । କାହିଁକି ? କାରଣ ଆମ୍ଭେମାନେ ସାହିତ୍ୟ ଅଧ୍ୟୟନଦ୍ୱାରା ପ୍ରାଚୀନ କାଳର ସଭ୍ୟତାର ଓ ଉନ୍ନତିର ପରିଚୟ ପାଉଁ ଏବଂ ସେହି ଜାତିର କ୍ରମବିକାଶ ବା ପରିବର୍ତ୍ତନ ସଙ୍ଗେ ସଙ୍ଗେ ଜାତୀୟ ଉନ୍ନତି ବା ଜାତୀୟ ଅଧୋଗତିର କଳ୍ପନା ଅନାୟାସରେ କରିପାରୁଁ ଏବଂ ସମସାମୟିକ ସାହିତ୍ୟ ଲେଖାର ଗତି ଏବଂ ତତ୍ ପ୍ରତି ଜାତୀୟ ରୁଚି ତୁଳନା କରି ଭବିଷ୍ୟତରେ ଜାତି ଉନ୍ନତ ହେବ କି ଅଧୋଗତି ପ୍ରାପ୍ତ ହେବ ସେଥିର ମଧ୍ୟ ଅନୁମାନ କରିପାରୁଁ । ସାହିତ୍ୟ ଜାତୀୟ ଉତ୍ଥାନପତନ ଦ୍ୱାରର କଞ୍ଚି ।

ଭାରତୀୟ ଜାତୀୟ ରୁଚିଦ୍ୱାରା ସାହିତ୍ୟ ପ୍ରଭାବିତ, କି ସାହିତ୍ୟଦ୍ୱାରା ଭାରତୀୟ ଜାତୀୟ ଜୀବନ ପରିଚାଳିତ ଏଥିରେ କିଞ୍ଚିତ୍ ଆଲୋଚନା ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ ।

ବେଦ ଏ ଜାତିର ପ୍ରଥମ ଓ ପ୍ରଧାନ ସାହିତ୍ୟ । ଏ ଜାତି ବେଦବିଧାନ ମାନିବାକୁ ବାଧ୍ୟ । ଏହାର ଆଦେଶ ଉପଦେଶ ଏ ଜାତି ପ୍ରତି ଅଲଙ୍ଘନୀୟ । ଅଦ୍ୟାରୁ ଏତାଦୃଶ ଦୃଢ଼ ବିଶ୍ୱାସ ଚାଳିତ ଜାତୀୟ ଜୀବନ ଗଠିତ ହେବାକୁ ଲାଗିଲା । ହୁଏତ ସେତେବେଳେ ଏତାଦୃଶ ବିଶ୍ୱାସ ଜାତୀୟ ଜୀବନର ଅନୁକୂଳ ହୋଇପାରେ ମାତ୍ର ବିଶ୍ୱାସ କି କେବେ ଜାତୀୟ ପ୍ରଗତିର ସହାୟତା କରିପାରେ ? ଉପନିଷତ୍ ଯୁଗର ଋଷିମାନଙ୍କର ଏବଂ ସାହିତ୍ୟିକମାନଙ୍କର ଅନ୍ତର୍ଦ୍ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହୋଇଥିଲା । ଜାତୀୟ ମତିଗତି ପରିବର୍ତ୍ତନ ନିମନ୍ତେ ସେମାନେ ଯେ ଚେଷ୍ଟା କରି ନ ଥିଲେ ଏବଂ ପଦେଅଧେ ଲେଖି ନ ଥିଲେ ଏମନ୍ତ ନୁହେଁ; ମାତ୍ର ସେମାନେ ବିଶ୍ୱାସ ସ୍ରୋତକୁ ବାଧା ଦେଇ ପାରିଲେ ନାହିଁ । ଯାଗଯଜ୍ଞର ପ୍ରବାହ ଅତି ପ୍ରଖର । ସେତେବେଳେ ଆଗପଛ ହୋଇ ଯୁଗାଚାର୍ଯ୍ୟ ଜଣକେତେ ଏ ଦେଶରେ ଅବତୀର୍ଣ୍ଣ ହେଲେ । ସମସ୍ତେ ନବବିଧାନ ପ୍ରବର୍ତ୍ତକ । କେହି ବା ସାହିତ୍ୟ, କେହି ବିଜ୍ଞାନ, କେହି ଚିକିତ୍ସା, କେହି ଧର୍ମ, କେହି ଶାସନ ପଦ୍ଧତି ସଂସ୍କାରରେ ବ୍ରତୀ ହେଲେ । ଏ ଘଟଣା ବୌଦ୍ଧ ଯୁଗରେ ଘଟିଥିଲା । ସେତେବେଳେ ଏ ଜାତିର ଚରମ ଉନ୍ନତି ଘଟିଥିଲା ବୋଇଲେ ଅତ୍ୟୁକ୍ତି ନୁହେଁ । ଏ ଜଗତରେ ଜାତୀୟ ଉତ୍ଥାନପତନ ଘଟେ । ରୋମ ସାମ୍ରାଜ୍ୟର ପତନ ହୋଇଲା । ଭାରତରେ ଅଶୋକ ସାମ୍ରାଜ୍ୟର ପତନ ହେଲା । ଏଠାରେ କହି ରଖିବା ଉଚିତ ଯେ ଏହି ବୌଦ୍ଧଯୁଗରେ ସାହିତ୍ୟ ଜନମତ ସାପେକ୍ଷ ଥିଲା । ସାହିତ୍ୟର ପ୍ରଭାବ ଜାତୀୟ ପ୍ରଗତିର ଅନ୍ତରାୟ ନ ହୋଇ ତାହିଁର ଅନୁକୂଳ ଥିଲା । ଅଶୋକସାମ୍ରାଜ୍ୟ ପତନ ଉତ୍ତାରୁ ପୁଣି ପୂର୍ବ ବେଦବିଶ୍ୱାସ ମାନବ ହୃଦୟକୁ ସ୍ପର୍ଶ କଲା । ସାହିତ୍ୟର ଗତି ପରିବର୍ତ୍ତିତ ହେଲା । ପଣ୍ଡିତମାନେ ରାଜାମାନଙ୍କର ସାହାଯ୍ୟ ଓ ଉତ୍ସାହରେ ଜନମତକୁ ଅପେକ୍ଷା ନ କରି ସାହିତ୍ୟ ସୃଷ୍ଟି କଲେ । ଗତାନୁଗତିକ ବେଦବିଶ୍ୱାସୀ ଲୋକମାନେ ନୂତନ ସାହିତ୍ୟ ଧାରାରେ ସେମାନଙ୍କର ଜାତୀୟ ତରିକୁ ଭସାଇ ଦେଲେ । ଅଧିକାଂଶ ପୁରାଣ ଉପପୁରାଣ ଧର୍ମଶାସ୍ତ୍ର ଏବଂ ପ୍ରାୟ ସମସ୍ତ କାବ୍ୟ ନାଟକାଦି ଏହି ସମୟରେ ରଚିତ ବୋଲି ଯାଇପାରେ । ଏ ଯୁଗରେ ଧର୍ମମୂଳକ ଓ କ୍ରୀଡ଼ାମୂଳକ ସାହିତ୍ୟର ପ୍ରାଧାନ୍ୟ । ଏ କାଳର ମହା ମହା କବିମାନଙ୍କର ଉପଜୀବ୍ୟ ମହାଭାରତ ଓ ରାମାୟଣ—ସମସ୍ତେ ସେମାନଙ୍କର ନାୟକ ନାୟିକାମାନଙ୍କୁ ପୁରାଣ ଭିତରୁ ଅନ୍ୱେଷଣ କରି ବାହାର କରିଅଛନ୍ତି । ଜାତୀୟ ଚିନ୍ତା, ସାମାଜିକ ଚିନ୍ତା ଅତି ବିରଳ । ସେ କାଳର ଲୋକମାନେ କି କେବଳ ସୁଖ ସ୍ୱଚ୍ଛନ୍ଦରେ କାଳାତିପାତ କରୁଥିଲେ ? ମହାମାରୀ, ମଡ଼କ, ଜଳପ୍ଲାବନ ଭୂମିକମ୍ପର ଦର୍ଶନ କି ନ ଥିଲା ? ସେତେବେଳେ କି ଏ ଦେଶ ଶତ୍ରୁର ଆକ୍ରମଣରୁ ନିରାପଦ ଥିଲା ? ପରସ୍ପର ରାଜାମାନଙ୍କର ବୈରିତା କି ପ୍ରଜାମାନଙ୍କର ଅତି କଷ୍ଟର କାରଣ ହୋଇ ନ ଥିଲା ? ତେବେ ଆମ୍ଭେମାନେ କେଉଁ ସାହିତ୍ୟିକର ଲେଖାରେ ଉପରୋକ୍ତ ଘଟଣାବଳୀର ହୃଦୟସ୍ପର୍ଶୀ ବର୍ଣ୍ଣନା ଦେଖିବାକୁ ପାଉଁ, କେହି କହିପାରିବେ କି ? ନାହିଁ ତ ! ସେ କାଳର କାବ୍ୟ ନାଟକାଦି ପଢ଼ିଲେ ମନେହୁଏ ଯେପରି କି ଏ ଦେଶ ଅଖଣ୍ଡ ସୁଖ ଭୋଗର ରାଜ୍ୟ ଥିଲା । ସମସ୍ତେ ଭୋଗ ବିଳାସରେ ଉନ୍ମତ୍ତ ଥିଲେ । ସାହିତ୍ୟିକମାନଙ୍କର ପ୍ରାଣସ୍ତ୍ୟ କେବଳ ରୂପସୀଲଲନାମାନଙ୍କର ଅଙ୍ଗ ପ୍ରତ୍ୟଙ୍ଗ ବର୍ଣ୍ଣନାର ପ୍ରତିଯୋଗିତାରେ ଏବଂ ରୂପାଜୀବାମାନଙ୍କର ରୂପ ଓ ଗୃହଶ୍ରୀ ଚିତ୍ରଣରେ—ଲୋକେ ଯାହା ସାଧାରଣତଃ ଲୋଡ଼ନ୍ତି ତାହା ସାହିତ୍ୟିକମାନଙ୍କର ପ୍ରସାଦରୁ ଅନାୟାସ ଲଭ୍ୟ ଥିଲା । ଜନମୁଖରେ କବିମାନଙ୍କର ଯଶ ଘୋଷିତ ହେଲା । କବିମାନେ ଉତ୍ସାହିତ ହୋଇ ଗଦ୍ୟ ପଦ୍ୟ ନାଟକ କାବ୍ୟ ଅଳଙ୍କାରରେ ନାୟକ ନାୟିକାର ସୁଖ ସମ୍ଭୋଗର ଚିତ୍ରାଙ୍କନ କଲେ । ଭାଇମାନେ ବିଚାର କରନ୍ତୁ, ଏହି ସାହିତ୍ୟ ଦ୍ୱାରା ଜାତୀୟ ଉନ୍ନତି ମାର୍ଗ ପ୍ରଶସ୍ତ କି ସଙ୍କୀର୍ଣ୍ଣ ? ଗତାନୁଗତିକ ଆମ ଦେଶର କବିମାନେ ମଧ୍ୟ ସଂସ୍କୃତ ସାହିତ୍ୟିକମାନଙ୍କର ପଦାନୁସରଣ କରି ସେହି ଧରଣରେ ଗୀତ ଛାନ୍ଦ ଲେଖିବାକୁ ଆରମ୍ଭ କଲେ ଏବଂ ସଗର୍ବରେ କହା ଯାଇପାରେ ଯେ ଆମ ଓଡ଼ିଆ କବିମାନେ ଅଳ୍ପ ଦିନ ଭିତରେ ନିଜ ଭାଷାର ଅଶେଷ ଉନ୍ନତି ସାଧନ କରିଥିଲେ ଏବଂ ଅସାଧାରଣ କୃତିତ୍ୱ ଦେଖାଇଥିଲେ । କେହି କେହି ଦକ୍ଷତାରେ ସଂସ୍କୃତ କବିମାନଙ୍କୁ ମଧ୍ୟ ଅତିକ୍ରମ କରିଅଛନ୍ତି । ପ୍ରତି ସାହିତ୍ୟିକ ଅଧିବେଶନରେ ଏ ସମ୍ବନ୍ଧରେ ଅଳ୍ପ ବିସ୍ତର ଆଲୋଚନା ହୋଇଥାଏ ।ଏଠାରେ ପୁନରୁକ୍ତି ନିଷ୍ପ୍ରୟୋଜନ ।

ମନୁଷ୍ୟକୁ ସାହିତ୍ୟାନୁରାଗୀ କରି ଯାଇପାରେ ପ୍ରଧାନତଃ ଦୁଇ ଉପାୟରେ— ପ୍ରିୟ କଥାଦ୍ୱାରା ଓ ଉପଦେଶଦ୍ୱାରା । ଲୋକେ ଆପାତମଧୁର ପ୍ରିୟ କଥାକୁ ହିଁ ବେଶୀ ଆଦର କରନ୍ତି । ପରିଣାମରେ ଶୁଭଜନକ ଉପଦେଶକୁ ଅଗ୍ରାହ୍ୟ କରନ୍ତି । ବୌଦ୍ଧ ସାହିତ୍ୟ ଉପଦେଶପୂର୍ଣ୍ଣ କ୍ଷୁଦ୍ର ଗଳ୍ପ ଓ ଆଖ୍ୟାୟିକା ପରିପୂର୍ଣ୍ଣ । ହିନ୍ଦୁ ସାହିତ୍ୟ ରସ ପରିପୂରିତ ସହଜ ଉପଭୋଗ୍ୟ କାବ୍ୟ, ଛାନ୍ଦ ଏବଂ ଗୀତ । ପଶ୍ଚାଲ୍ଲିଖିତ ସାହିତ୍ୟ ପ୍ରତି ଜନମନ ଆକୃଷ୍ଟ ହେବା ସ୍ୱାଭାବିକ, ତାହା ହିଁ ଘଟିଅଛି ।

ଭାଇମାନେ ! ଭାରତୀୟ ସାହିତ୍ୟ ଏବଂ କବିମାନଙ୍କର ନାମ ଓ ଯଶ ଜଗତ୍ ବିଖ୍ୟାତ । ବିଶ୍ୱ ସାହିତ୍ୟ ରାଜ୍ୟରେ ସେମାନଙ୍କର କୃତିତ୍ୱ ଅସାଧାରଣ । ଏଥିନିମନ୍ତେ ସେମାନଙ୍କ ଚରଣ ତଳରେ ଏ ମସ୍ତକ

Digitized by srujanika@gmail.com

ସ୍ଥାନ ପାଇବାକୁ ଯୋଗ୍ୟ ନୁହେ । ତଥାପି ଦୋଷାବାଚ୍ୟା ଗୁରୋରପି । ଏହି ପ୍ରଥିତଯଶା ସାହିତ୍ୟିକମାନେ ଭାରତବାସୀଙ୍କୁ ଅମିୟ କାବ୍ୟରସ ଆସ୍ୱାଦନ କରାଇଲେ, ସୁଖସ୍ୱପ୍ନ ଦେଖାଇଲେ, ଅନ୍ତିମ ପୁରସ୍କାର ସ୍ୱର୍ଗ ଲାଭ ବୋଲି ଆଶା ଦେଲେ ମାତ୍ର ଇହ ଧାମରେ ଜୀବନ ସଂଗ୍ରାମରେ ଏ ଜାତି କିପରି ଜୟୀ ହେବ ସେଥିର ଉପାୟ କିଛି କଲେ ନାହିଁ । ଜନସାଧାରଣର ସାହାଯ୍ୟ ନିମନ୍ତେ କିଛି ଉପାୟ କଲେ ନାହିଁ । ଏଥିନିମନ୍ତେ ଥରେ ଥରେ ମନରେ କ୍ଷୋଭ ଜାତ ହୁଏ । ଆଜି ସୁଯୋଗ ମିଳିବାରୁ ଆପଣମାନଙ୍କ ଆଗରେ ନିଜର ମନୋବେଦନା ପ୍ରକାଶ କଲି । ତ୍ରୁଟି ଥିଲେ କ୍ଷମା ଦେବେ ।

ଓଡ଼ିଶାରେ ଶ୍ରେଷ୍ଠ ବଡ଼ ଅନେକ କବି । ସେମାନେ ନିଜ ନିଜ ସାମର୍ଥ୍ୟାନୁସାରେ ମାତୃଭାଷାର ଯଥେଷ୍ଟ ସମ୍ମାନ ଓ ପୂଜା କରି ଯାଇଅଛନ୍ତି । ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠାଶ୍ରେଷ୍ଠ ବାଛିବାକୁ ଯାଇ ଆପଣା ମୁଣ୍ଡରେ ଦୋଷ ଓ ନିନ୍ଦାଭାର ବହନ କରିବାକୁ ମୁଁ ଯାଉନାହିଁ । ତେବେ ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ଜନ ସାଧାରଣଙ୍କ ହୃଦୟରେ ଭଞ୍ଜଙ୍କର ସ୍ଥାନ ଅତି ଉଚ୍ଚରେ, ଏହା ସାମାନ୍ୟ ଗବେଷଣାଦ୍ୱାରା ବୁଝାଯାଏ । ଦୀନକୃଷ୍ଣ ଦାସଙ୍କର କେତେକ ପୁସ୍ତକ ସର୍ବସାଧାରଣଙ୍କର ଆଦର ସାମଗ୍ରୀ ; କହିବାକୁ ଗଲେ ସାମନ୍ତସିଂହାରଙ୍କର ପ୍ରବେଶାଧିକାର କେବଳ ଓଡ଼ିଆ ଶିକ୍ଷିତ ସମାଜରେ । ଆଜିକାଲି ପ୍ରାଚୀସମିତିଦ୍ୱାରା ଓ ଅନ୍ୟ ଛାପାଖାନାମାନଙ୍କଦ୍ୱାରା ଅନେକ ପ୍ରାଚୀନ ପୁସ୍ତକ ପ୍ରକାଶିତ ହୋଇଅଛି ଏବଂ କ୍ରମେ ପ୍ରକାଶିତ ହେବ—ପରବର୍ତ୍ତୀ ସମାଲୋଚକମାନେ ଏହି ପୁସ୍ତକମାନ ପାଠ କଲାରୁ ଓଡ଼ିଆ ସାହିତ୍ୟର ଧାରାବାହିକ ସମାଲୋଚନା ଓ ଇତିହାସ ଲେଖି ପାରିବେ । ସମୟର ଅଭାବ ଜାଣି ମୁଁ ଅନେକ ଆଲୋଚ୍ୟ ବିଷୟ ତ୍ୟାଗ କରିବାକୁ ବାଧ୍ୟ ହୋଇଅଛି । ସାହିତ୍ୟ ରାଜ୍ୟରେ ସମୟ ସମୟରେ ବିପ୍ଳବ ଘଟେ ଏହା ସ୍ୱାଭାବିକ । ବିଜୁଳି-ଇନ୍ଦ୍ରଧନୁ ଯୁଦ୍ଧ ଏଥିର ପ୍ରତ୍ୟକ୍ଷ ପ୍ରମାଣ । ଏଥିରେ ଜୟ ପରାଜୟର ପ୍ରଶ୍ନ ଉଠିବାର କଥା ନୁହେ । କୌଣସି ପକ୍ଷ ସବଳର ପକ୍ଷପାତୀ ହୋଇ ନ ଥିଲେ କିମ୍ବା ମଧ୍ୟସ୍ଥ ମାନି ନ ଥିଲେ; ସ୍ୱେଚ୍ଛାକ୍ରମେ ଉଭୟ ପକ୍ଷ ଆଗପଛ ହୋଇ କ୍ଷାନ୍ତ ହେଲେ । ମୋଟ କଥା ନିଷ୍ଫଳ ମସୀଯୁଦ୍ଧ । ତେବେ ଏହା କହା ଯାଇପାରେ ଯେ ସାଧାରଣତଃ ସାହିତ୍ୟ କ୍ଷେତ୍ରରେ ଏ ଭଳି ଯୁଦ୍ଧ ଘଟେ ନାହିଁ ।

ଏଥି ଉତ୍ତାରୁ ଆଧୁନିକ ସାହିତ୍ୟର ଯୁଗ । ଏ ସମ୍ବନ୍ଧେ ମୋର ବକ୍ତବ୍ୟ ବେଶୀ ନାହିଁ । ତେବେ ଏତିକି କହିପାରେଁ ଯେ ମୋ ବିବେକରେ ସାହିତ୍ୟ ରଚନାର ଧାରା ଓ ସାହିତ୍ୟାଲୋଚନାର ଧାରା ଯଥେଷ୍ଟରୂପେ ପରିବର୍ତ୍ତିତ ହୋଇଅଛି । ଅନ୍ୟ ଦେଶରେ ହୋଇଅଛି, ଏ ଦେଶରେ ମଧ୍ୟ ହୋଇଅଛି । ଏଥିରେ ଚିନ୍ତିତ ବା କ୍ଷୋଭିତ ହେବାର କାରଣ ଦେଖାଯାଏ ନାହିଁ । ବରଂ ଏ ଦେଶର ଯୁବକମାନେ ମାତୃଭାଷାର ମୁଖୋଜ୍ଜ୍ୱଳ କରିବାକୁ ଅଣ୍ଟା ଭିଡ଼ି ଲାଗିଥିବାର ଦେଖିଲେ ମନରେ ଅପାର ଆନନ୍ଦ ଜାତ ହୁଏ । ପାଶ୍ଚାତ୍ୟ ଜଗତରେ ସାହିତ୍ୟର ପ୍ରଭାବ ଦେଖି କେଉଁ ଯୁବକ ଖଣ୍ଡ କେତେ କ୍ରୀଡ଼ାମୂଳକ କାବ୍ୟକୁ ଆପଣାର ଆଦର୍ଶରୂପେ ଗ୍ରହଣ କରି ପରିତୃପ୍ତି ଲାଭ କରିବ ? ଏ ଦେଶର ପ୍ରାଚୀନ ଆଧୁନିକ କେତେ ଖଣ୍ଡ କାବ୍ୟ ନବ୍ୟ ଶିକ୍ଷିତ ସାହିତ୍ୟିକର ଆଦର୍ଶ ହୋଇ ନ ପାରେ । ତାହା ପ୍ରତି ବର୍ତ୍ତମାନ ବିଶ୍ୱସାହିତ୍ୟର ଦ୍ୱାର ଅବାରିତ । ଇଚ୍ଛାନୁସାରେ ସେ ଯେ କୌଣସି ଦେଶର ସାହିତ୍ୟରସ ସଂଗ୍ରହ କରି ଆପଣା ମାତୃଭାଷାର ମଧୁଚକ୍ର ରଚନା କରିବାରେ ଯତ୍ନ କରିପାରେ ।

ନିର୍ଜନରେ ବସି ରମଣୀ ପ୍ରତିମା ଗଢ଼ିବାର କାଳ ଚାଲିଗଲା । ଏ କାଳର ନାରୀ ଅବଳା ନୁହେ । ଆଜି ଲବଣୀ ପିତୁଳା ବୋଇଲେ ତାର ଅପମାନ । ଶିକ୍ଷିତ ସମାଜର ନାରୀମାନେ ବହୁ ଦିନରୁ ଦରିଦ୍ରା ଓ କୁଙ୍କୁମ ବ୍ୟବହାର ତ୍ୟାଗ କଲେଣି । ତଥାପି ନାରୀମାନଙ୍କୁ କେତକୀ-ସ୍ୱର୍ଣ୍ଣବର୍ଣ୍ଣା, ଚମ୍ପକଦାମ-ଗୌରୀ ବୋଲି ଉପହାସ କରିବା ନବ୍ୟ ଶିକ୍ଷିତ କବି ପକ୍ଷରେ ଶୋଭନୀୟ କି ? ବିଂଶ ଶତାବ୍ଦୀର କବିମାନଙ୍କୁ ଶିରୀଷ ଓ ପଦ୍ମର ମୋହ ଅଦ୍ୟାପି ଛାଡ଼ ନାହିଁ । ନାରୀ ଅଦ୍ୟାପି ଶିରୀଷ-ମୃଦୁଳା, ପଦ୍ମଲୋଚନା ! ଆଠ ଶତ ବର୍ଷରେ ପୁଷ୍ପରାଜ ଗୋଲାପ କବିସମ୍ପ୍ରଦାୟରେ ଗ୍ରହଣଯୋଗ୍ୟ ହୋଇନାହିଁ ! ଅଥଚ ଗନ୍ଧରେ ବର୍ଣ୍ଣରେ ତାହା ପଦ୍ମ ଅପେକ୍ଷା ଶ୍ରେଷ୍ଠ, ଶିରୀଷଠାରୁ ବଳି ମୃଦୁଳ । ଗୋଲାପ ଏ ଦେଶର କବିମାନଙ୍କର ଉପମା ସାମଗ୍ରୀ ନୋହି ଏଥିରେ କ୍ଷୋଭ ନାହିଁ । ମାତ୍ର କବି ସମ୍ପ୍ରଦାୟ ଯେ ଗଡ୍ଡଳିକା ପ୍ରବାହତୁଲ୍ୟ ପରିଗୃହୀତ ନାରୀର ରୂପ ବର୍ଣ୍ଣନା ତହିଁର ପ୍ରକୃଷ୍ଟ ଉଦାହରଣ । ପ୍ରାଚୀନ କାବ୍ୟ ଏମନ୍ତ କି ରାଧାନାଥଙ୍କ ସମସାମୟିକ କାବ୍ୟରେ ମଧ୍ୟ ନାରୀ ପୁରୁଷର ବିଳାସର ସାମଗ୍ରୀ । ନବୀନ ସାହିତ୍ୟିକ ନିଜ ହୃଦୟରୁ ଏ ଭାବ ବିସର୍ଜନ ଦେବାକୁ ବସିଅଛି । ଶୃଙ୍ଗାର-ରସ-ବହୁଳ କାବ୍ୟ ପାଠରେ ଅମୂଲ୍ୟ ସମୟ ନଷ୍ଟ କରିବାକୁ ସେ କୁଣ୍ଠିତ । ଜାତୀୟ ଜୀବନ ଗଠନ ନିମନ୍ତେ ସମଗ୍ର ପୃଥିବୀର ଖବର ଦେବାକୁ ସେ ଉତ୍କଣ୍ଠିତ । ଆଜି ସେ ଖଣ୍ଡିଏ ସାପ୍ତାହିକ ପତ୍ର ପାଠରେ ତୃପ୍ତ ନୁହେ, ଦୁଇ ଚାରି ଖଣ୍ଡ ଦୈନିକ ପଢ଼ିବାକୁ ତାର ଆଶା । ନୋବେଲ ପୁରସ୍କାର ପ୍ରାପ୍ତ ସାହିତ୍ୟରଥୀମାନଙ୍କର ପୁସ୍ତକ ତାର ଅନାୟାସ ଲଭ୍ୟ । ସେ ଆଦର୍ଶ ତ୍ୟାଗ କରି ଆମ୍ଭମାନଙ୍କର ପ୍ରିୟ ପ୍ରାଚୀନ ପୁସ୍ତକ ସମୂହ ପାଠ ନ କଲା ବୋଲି ଆମ୍ଭେମାନେ ଦୁଃଖ ପ୍ରକାଶ କରିବାଦ୍ୱାରା ଆମ୍ଭମାନଙ୍କର ଅମନୁଷ୍ୟତାର ପରିଚୟ ଦେବା ସିନା ! ନବ୍ୟ କବି ବା ଲେଖକ ଏ ଦେଶର ଆଦରଣୀୟ ଶୈଳୀ ତ୍ୟାଗ କଲେ ବୋଲି ଦୁଃଖିତ ହେଲେ ଅମନୁଷ୍ୟତାର ପରିଚୟ ମିଳିବ ସିନା ! କ୍ଷୁଦ୍ର ଗଳ୍ପ ଓ କ୍ଷୁଦ୍ର କବିତା ଲେଖିବାର ଯୁଗ ଆସିଅଛି । ପାଶ୍ଚାତ୍ୟ ଦେଶର ମାସିକ ପତ୍ରିକା ଆମ୍ଭମାନଙ୍କର ଆଦର୍ଶ । ଅନେକ ସମ୍ପାଦକ କ୍ରମାନ୍ୱୟରେ ବହୁ ସଂଖ୍ୟାରେ ଗଳ୍ପ ବାହାର କରିବାକୁ ନାରାଜ । ପୁଣି ଜଣେ ଜଣେ ସମ୍ପାଦକ ଲେଖକମାନଙ୍କୁ କେତେ ପଂକ୍ତିରେ ଗଳ୍ପ ଲେଖିବାକୁ ହେବ ତାହା ନିର୍ଦ୍ଦେଶ କରି ଦେଉଅଛନ୍ତି । କ୍ରମେ କବିତାର ସ୍ଥାନ ମାସିକ ପତ୍ରରୁ ଉଠି ଯାଉଅଛି । ଲେଖକ ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ କେବଳ କ୍ଷୁଦ୍ର ପ୍ରବନ୍ଧ ସମ୍ପାଦକର ଆଦର ସାମଗ୍ରୀ ହେବ । ଜଣେ ଲେଖକର ପ୍ରବନ୍ଧ ପତ୍ରିକାର ଅଧିକାଂଶ ସ୍ଥାନ ଅଧିକାର କଲେ ଅନ୍ୟ ଲେଖକମାନଙ୍କ ପାଇଁ ସ୍ଥାନ ମିଳିବ



Digitized by srujanika@gmail.com

କାହିଁ ? ପୁଣି ପ୍ରତ୍ୟେକ ଭଲ ଲେଖକର ପ୍ରବନ୍ଧ ବା ଗଳ୍ପ ପଢ଼ିବାକୁ ପାଠକ ଆଗ୍ରହାନ୍ୱିତ । ପାଠକଙ୍କର ମନ ରକ୍ଷା ନିମନ୍ତେ ସମ୍ପାଦକ କ୍ଷୁଦ୍ର ଗଳ୍ପ ଛପାଇବାକୁ ବାଧ୍ୟ । ଏହା ସାହିତ୍ୟର ଉନ୍ନତିର ପରିଚାୟକ ।

କ୍ରମେ ପଦ୍ୟ ଅପେକ୍ଷା ଗଦ୍ୟରେ ଲୋକଙ୍କର ଆଦର ବଢ଼ୁଛି । ଏପରି ଅବସ୍ଥାରେ ଭାବପୂର୍ଣ୍ଣ କ୍ଷୁଦ୍ର କବିତାକୁ ଲୋକେ ଆଦର କରିବେ, ସନ୍ଦେହ ନାହିଁ । କ୍ଷୁଦ୍ର କବିତାରେ ପାଣ୍ଡିତ୍ୟ ଓ କ୍ଷମତାର ପରିଚୟ ମିଳେ ।

ଭାବ ରାଜ୍ୟରେ ସମସ୍ତଙ୍କର ଅଧିକାର ଅଛି ମାତ୍ର ରଚନା ଓ କଳ୍ପନା ନିଜସ୍ୱ । ପରର ରଚନା ବା ପରର କଳ୍ପନା ନିଜ ରଚନାରେ ଭର୍ତ୍ତି କରିବା ବଡ଼ ନିନ୍ଦନୀୟ । ଓଡ଼ିଆ ଭାଷା ଶବ୍ଦ ସମ୍ପଦରେ ଦରିଦ୍ର ନୁହେ । ନିଜ ଘରେ ନ ଥିଲେ ପର ଘରୁ ଉଧାର ଆଣିବା ଦୋଷାବହ ବା ନିନ୍ଦନୀୟ ନୁହେ; ମାତ୍ର ନିଜ ଘରେ ଥିବା ସତ୍ତ୍ୱେ ଲୋଭପରବଶ ହୋଇ ପରଠାରୁ ଆଣିବା ଦୋଷାବହ ଓ ନିନ୍ଦନୀୟ ।

ଗ୍ରାମ୍ୟ ଓ ଅପଭ୍ରଂଶ ଶବ୍ଦ ସାହିତ୍ୟରେ ସ୍ଥାନ ପାଉଥିବାର ଦେଖାଯାଏ । ମାର୍ଜିତ ରୁଚିର ସାହିତ୍ୟ ନିମନ୍ତେ ଏତାଦୃଶ ଶବ୍ଦ ବର୍ଜନୀୟ । ଏ ଦେଶର ସର୍ବସାଧାରଣଙ୍କ ବୋଧଗମ୍ୟ ସାଧୁଶବ୍ଦ ଥିବାସ୍ଥଳେ ଗ୍ରାମ୍ୟ ଲୋକଙ୍କୁ ବୁଝାଇବା ଛଳନାରେ ଗ୍ରାମ୍ୟ ଓ ଅପଭ୍ରଂଶ ଶବ୍ଦର ବ୍ୟବହାର ଆଦୌ କ୍ଷମାଯୋଗ୍ୟ ନୁହେ । ବର୍ତ୍ତମାନ ଓଡ଼ିଶାରେ ନୂତନ ଶିକ୍ଷାର ପ୍ରାରମ୍ଭ ବୋଇଲେ ଚଳେ । ଏପରି ସ୍ଥଳେ ଅଶିକ୍ଷିତ ଓ ଅଳ୍ପ ଶିକ୍ଷିତଙ୍କୁ ଉଚ୍ଚ ସ୍ତରକୁ ଆଣିବା ନିମନ୍ତେ ଅତି ସରଳ ସାଧୁଶବ୍ଦ ନବ ସାହିତ୍ୟରେ ବ୍ୟବହାର କରିବା ଉଚିତ ।

ସଭ୍ୟତାର ଆଦର୍ଶ ନିମନ୍ତେ ଆମ୍ଭମାନଙ୍କୁ ପଶ୍ଚିମ ଦିଗକୁ ମୁଖ ଫେରାଇବାକୁ ପଡ଼ୁଥିଲା । ଏବେ ପ୍ରାଚ୍ୟ ଦେଶ ଜାପାନ ମଧ୍ୟ ଆମ୍ଭମାନଙ୍କର ଆଦର୍ଶ ହେବାକୁ ବସିଲାଣି । ଆମ୍ଭ ଦେଶର ଧର୍ମ ଓ ସାହିତ୍ୟଦ୍ୱାରା ଚିନ ଓ ଜାପାନ ଉଦ୍‌ବୁଦ୍ଧ । ସାହିତ୍ୟ ଓ ଗୁରୁବଳରେ ଜାପାନ ପାଶ୍ଚାତ୍ୟ ଜାତିର ସମକକ୍ଷ ହେଲାଣି । ସିଦ୍ଧାର୍ଥ ଜାପାନର ଗୁରୁ ଓ ପ୍ରଭୁ, ଆମ ଜାତିର କେହି ନୁହନ୍ତି ।

ସାହିତ୍ୟ ଓ ସଭ୍ୟତା ମଧ୍ୟରେ ଅକାଟ୍ୟ ସମ୍ବନ୍ଧ ବିଦ୍ୟମାନ ଅଛି । ସାହିତ୍ୟ ଯେ ପାଶ୍ଚାତ୍ୟ ଓ ପ୍ରାଚ୍ୟ ସଭ୍ୟତାର ଜନକ ତାହା କି ବିଶେଷ ଭାବରେ ବୁଝାଇ ଦେବାକୁ ହେବ ? ଯେଉଁମାନେ ଜଗତର ସଭ୍ୟ ଶ୍ରେଣୀରେ ମହତ ଓ ପ୍ରଧାନ ବୋଲି ବିବେଚିତ ସେମାନଙ୍କର ସାହିତ୍ୟର ଭାବଧାରା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ସେହି ପ୍ରକ୍ରିୟାରେ ସାହିତ୍ୟ ଚର୍ଚ୍ଚା ଭିନ୍ନ ଆମ୍ଭମାନଙ୍କର ଗତ୍ୟନ୍ତର ନାହିଁ । ଆମ୍ଭମାନଙ୍କର ସାହିତ୍ୟରେ ସବୁ ଅଛି, ଆମ୍ଭମାନଙ୍କ ସାହିତ୍ୟ ସବୁଠାରୁ ଭଲ, ଏ ପ୍ରଶଂସାବାଦ ନିଜ ମୁଖରେ ଶୋଭା ପାଏ ନାହିଁ । ଯାହା ଆମ୍ଭ ସାହିତ୍ୟରେ ନାହିଁ, ଯେଉଁ ସାହିତ୍ୟ ଆମ୍ଭ ସାହିତ୍ୟରୁ ଭଲ, ତାହାର ଅନୁସନ୍ଧାନରେ ମନଯୋଗ ଦେବାକୁ ହେବ । ପୂର୍ବପୁରୁଷଙ୍କର ନାମ ବିକ୍ରୟ କରି ନାମ ଯଶ ଉପାର୍ଜ୍ଜନ କରିବାର ଦିନ ଗଲାଣି । ପ୍ରତିଦ୍ୱନ୍ଦ୍ୱିତାର ଯୁଗ ଆସିଅଛି । ପ୍ରତିଦ୍ୱନ୍ଦ୍ୱିତାରେ ଯେ ଯୋଗ୍ୟ ନ ହେବ ସେ କୃପଣ, ତାର ଅଭ୍ୟୁଦୟର ଆଶା ନାହିଁ । ଆମ୍ଭ ଦେଶର ସାହିତ୍ୟ ଚର୍ଚ୍ଚାର ବିଷୟ ଭାବିଲେ ଥରେ ଥରେ ବିଷଣ୍ଣ ହେବାକୁ ହୁଏ । ଉଦୀୟମାନ ଯୁବକମାନେ ଆଶା ଭରସାର ସ୍ଥଳ । ମାତ୍ର ଜାତୀୟ ଭୟ, ସାମାଜିକ ଭୟ, ଶାସ୍ତ୍ରର ଦୋହି ଏବଂ ପ୍ରବୀଣମାନଙ୍କର ରକ୍ତ ଚକ୍ଷୁ ବିଂଶ ଶତାବ୍ଦୀର ଯୁବକ ସାହିତ୍ୟିକମାନଙ୍କୁ ମଧ୍ୟ ଭୀତ ଓ ତ୍ରସ୍ତ କରୁଅଛି । ଦୁଃଖର କଥା ମୋ ପରି ବୃଦ୍ଧମାନଙ୍କ ଆଶାଭରସାର ସ୍ଥଳ ଯୁବକଦଳ । ଜୀବନ ଦୀପ ଲିଭିଲା ପୂର୍ବରୁ ସେମାନଙ୍କର କରାମତି ଦେଖାଯିବାକୁ ଆଶା ଥାଏ । ଆଶାବଧିଂକୋଗତଃ ।

ଭାରତଭୂମି ଆମ୍ଭମାନଙ୍କର କର୍ମଭୂମି । ମୟୂରଭଞ୍ଜ କର୍ମଭୂମିରେ 'ଉତ୍କଳପ୍ରଭା'ର ଉଦୟ । ଜ୍ଞାନଶିଖା ଥରେ ପ୍ରକାଶ ପାଇଲେ ତାହାର ନାଶ ହୁଏନାହିଁ । ଏହା ଜ୍ଞାନଗୁରୁ ବୁଦ୍ଧଦେବଙ୍କର ବଚନ । କେଉଁ ସୂତ୍ରରେ ସେହି ଜ୍ଞାନରଶ୍ମି ଜନମାନସରେ ରହିଥାଏ ଏବଂ ଲୋକରୁ ଲୋକାନ୍ତରକୁ ଯାଏ ତାହା ଅବଶ୍ୟ କହି ହେବନାହିଁ । 'ଉତ୍କଳପ୍ରଭା' ଭଞ୍ଜଭୂମିରୁ ନିଷ୍ପ୍ରଭ ହୋଇନାହିଁ, କେବଳ କ୍ଷୀଣପ୍ରଭ ହୋଇଥିଲା । ରାମଚନ୍ଦ୍ରଙ୍କର ହୃଦୟନନ୍ଦନ ଆୟୁଷ୍ମାନ୍ ମହାରାଜ ପ୍ରତାପଚନ୍ଦ୍ର ସେହି ପ୍ରଭାରୁ 'ଭଞ୍ଜପ୍ରଦୀପକୁ' ଦୀପ୍ତ କରିଅଛନ୍ତି । 'ଭଞ୍ଜପ୍ରଦୀପ' ଉତ୍କଳର ଅନ୍ଧକାର ସାହିତ୍ୟକ୍ଷେତ୍ରକୁ ଆଲୋକିତ କରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଭଞ୍ଜଭୂମି ଆପଣମାନଙ୍କର କର୍ମଭୂମି । ଗଡଜାତ ମଧ୍ୟରେ ଏହି ଭଞ୍ଜଭୂମିର ସ୍ଥାନ ଉଚ୍ଚରେ । ଏହି ଭୂମିରେ ସାହିତ୍ୟଚର୍ଚ୍ଚାର ଉପାଦାନ ଯଥେଷ୍ଟ । ବଙ୍ଗ ଏବଂ ଉତ୍କଳର ସୀମାରେ ଏହି ରାଜ୍ୟର ଅବସ୍ଥିତି, ଏଣୁ ଏହି ରାଜ୍ୟରେ ପ୍ରାଚୀନ ସଭ୍ୟତାର ଛାପ ଅଛି । ହିନ୍ଦୁ ବୌଦ୍ଧଧର୍ମର ପ୍ରଭାବ ଏ ଦେଶରେ ଯଥେଷ୍ଟ ଥିଲା । ଏ ଦେଶରେ ଇତିହାସର ସାମଗ୍ରୀ ଯେତିକି ପ୍ରତ୍ନତତ୍ତ୍ୱର ସାମଗ୍ରୀ ମଧ୍ୟ ତେତିକି । ଆପଣମାନଙ୍କର ଯତ୍ନ ଓ ଅଧ୍ୟବସାୟ ଏଥିପ୍ରତି ଲୋଡ଼ା, ପୃଷ୍ଠପୋଷକର କି ଅଭାବ ? ଉତ୍କଳର ପୂର୍ଣ୍ଣଚନ୍ଦ୍ର ଆୟୁଷ୍ମାନ୍ ଶ୍ରୀମାନ୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ ଆପଣମାନଙ୍କର ପୃଷ୍ଠପୋଷକ ଓ କର୍ଣ୍ଣଧାର । ଆପଣମାନଙ୍କର ଶିଶୁ-ପ୍ରତିଷ୍ଠାନର ସମ୍ୟକ ଉନ୍ନତି ଦେଖି ଚକ୍ଷୁ ମୁଦ୍ରିତ କରିବି, ଏ ଆଶା ମୁଁ କରିପାରେଁ । ଯେବେ ଅଚିରେ ଇହଧାମ ତ୍ୟାଗ କରିବାର ଥାଏ, ତେବେ ମଧ୍ୟ ଏ ନବ ଉଦ୍ୟୋଗର ପ୍ରଥମ ମଙ୍ଗଳାଚରଣ ମୁଁ କଲି—ଏହା ମୋର ଅଳ୍ପ ପ୍ରସାଦ, ଏଥିରେ ମୁଁ ତୃପ୍ତ ଓ ଆନନ୍ଦିତ ।

ସାହିତ୍ୟ ରସିକମାନଙ୍କୁ ପରିତୋଷ କରିବା ଭଳି ସାମଗ୍ରୀ ମୋଠାରେ ନାହିଁ ବୋଲି ତ ମୁଁ ଆପଣମାନଙ୍କୁ ଆଗରୁ ଜଣାଇଅଛି । ଫଳରେ ବୋଧହୁଏ ଆପଣମାନେ ତାହା ହିଁ ଅନୁଭବ କଲେ । ରସାସ୍ୱାଦ ସୁଖରୁ ବଞ୍ଚିତ ହୋଇ ସୁଦ୍ଧା ଆପଣମାନେ ଧୈର୍ଯ୍ୟାବଲମ୍ବନ ପୂର୍ବକ ଏତେ ସମୟ ମୋର ନୀରସ ଅଭିଭାଷଣ ଶ୍ରବଣରେ ଅତିବାହିତ କଲେ, ଏଥିନିମନ୍ତେ ମୁଁ ଆପଣମାନଙ୍କଠାରେ ଋଣୀ । ଅନୁରୋଧ କରୁଅଛି ତ୍ରୁଟି ମାର୍ଜନା କରିବେ ।

ଉପସଂହାରରେ ପୁଣି ମୋର ଦୁଇ କଥା ନ କହି ରହି ପାରିଲି ନାହିଁ । ଜୀବମାତ୍ରରେ ହିଁ ଆତ୍ମା ବିଦ୍ୟମାନ । ମନୁଷ୍ୟଠାରେ ଏହାର ପୂର୍ଣ୍ଣ ଅଭିବ୍ୟକ୍ତି ଓ ବିକାଶ । ନିଜ ଆତ୍ମା ଭିନ୍ନ ଅପରର ଆତ୍ମା

Digitized by srujanika@gmail.com

ପରିତ୍ମା; ଜନସମଷ୍ଟିର ଆତ୍ମା ପରମାତ୍ମା; ନିଜପ୍ରତି ସମସ୍ତଙ୍କୁ ଆକୃଷ୍ଟ କରିବା ବା ସମସ୍ତଙ୍କ ସହିତ ମିଳିତ ହେବାର ନାମ ପରମାତ୍ମାର ସଂଯୋଗ । ପ୍ରେମର ନାମାନ୍ତର ଧର୍ମଦ୍ୱାରା ଏବଂ ସାହିତ୍ୟଦ୍ୱାରା ଏହି ଅପୂର୍ବ ମିଳନ ହୋଇପାରେ ।

ପ୍ରଜ୍ଞାନଂ ବ୍ରହ୍ମ । ପ୍ରକୃଷ୍ଟ ଜ୍ଞାନଦ୍ୱାରା ବ୍ରହ୍ମ ପ୍ରାପ୍ତି ବା ବ୍ରହ୍ମଜ୍ଞାନ । ସାହିତ୍ୟ ଭିନ୍ନ କିଛିରେ ହିଁ ଆମ୍ଭମାନଙ୍କର ଜ୍ଞାନୋନ୍ନତି ହୋଇ ନ ପାରେ । ସୁତରାଂ ପରମାତ୍ମାଲାଭର ଓ ବ୍ରହ୍ମଜ୍ଞାନର ବାଟ ସାହିତ୍ୟ । ଆଉ କଣ ବା ସାହିତ୍ୟ ଚର୍ଚ୍ଚା ଓ ଶିକ୍ଷାରୁ ଲାଭ ହୋଇ ନ ପାରେ । ଏଣୁ ଉଚ୍ଚ ନୀଚ ଭେଦରେ ସମସ୍ତେ ସାହିତ୍ୟ ଚର୍ଚ୍ଚା କରିବା ଉଚିତ । ସାହିତ୍ୟ ସମସ୍ତ ପ୍ରକାର ମୁକ୍ତିର ବାଟ । ନ୍ତୁଂ ସ୍ମର, କୃତଂ ସ୍ମର ।

# ଅଭ୍ୟର୍ଥନା *

**ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ**

ମାନନୀୟ ଭଦ୍ରମଣ୍ଡଳୀ,

ସମସ୍ତ ରସର ଆଧାର, ଦୟାମୟ ଜଗଦୀଶ୍ୱରଙ୍କ ଅପରିମିତ କରୁଣା ପ୍ରଭାବରୁ ଆମ୍ଭମାନଙ୍କର ଏହି ସାହିତ୍ୟ-ସମାଜ ଆଜି ଦ୍ୱିତୀୟ ବର୍ଷରେ ପଦାର୍ପଣ କରିବାକୁ କ୍ଷମ ହୋଇଅଛି । ଆପଣମାନେ ଏହି ଶିଶୁ-ସମାଜ ପ୍ରତି ଅଶେଷ ସ୍ନେହ ଓ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଏଠାରେ ସମ୍ମିଳିତ ହୋଇଅଛନ୍ତି । ଆଉ ଅଧିକ କିଛି କରିପାରି ନ ଥିଲେ ମଧ୍ୟ ଏତିକରେ ହିଁ ଆମର ଏ ସମାଜ ନିଜର ଅସ୍ତିତ୍ୱ ଯଥେଷ୍ଟ ସାବ୍ୟସ୍ତ କରିପାରିଛି ବୋଲି ମନେ-ହୁଏ । ଜଗତର ପ୍ରତ୍ୟେକ ସଙ୍ଘବଦ୍ଧ ଅନୁଷ୍ଠାନମୂଳରେ ପରୋକ୍ଷରେ ଏକ ମହନୀୟ ଶକ୍ତିର ପରିଚୟ ସ୍ପଷ୍ଟ ପ୍ରତୀୟମାନ ହୁଏ । ମୋର ମନେ ହୁଏ, ଯେଉଁ ଦିନ ଯେପରି ଭାବରେ ଏହାର ପ୍ରାଣ-ପ୍ରତିଷ୍ଠା ହେଲା, କେହି ସେ ଦିନ ଏପରି ବାର୍ଷିକ ଉତ୍ସବର ପରିକଳ୍ପନା କରି-ନାହିଁ । ଜନ୍ମଦିନଠାରୁ କେତେକ ମାସ ପର୍ଯ୍ୟନ୍ତ ଏହାର ରୁଗ୍ଣାବସ୍ଥା ନିତାନ୍ତ ଉତ୍ସାହୀ ମନରେ ମଧ୍ୟ ନିରାଶାର ସଞ୍ଚାର କରିଥିଲା । ମନେ ହୋଇଥିଲା, ଏହାର କାର୍ଯ୍ୟାବଳୀର ପରିସମାପ୍ତି ଅତି ଅଳ୍ପ ଦିନ ମଧ୍ୟରେ ହୋଇଯିବ । ମାତ୍ର ତାହା ହୋଇନାହିଁ । ଏହି ଅଳ୍ପ କାଳ ମଧ୍ୟରେ ନାନା ପ୍ରକାର ଘାତ ପ୍ରତିଘାତ ମଧ୍ୟରେ ଆଜି ଏହା ଦଣ୍ଡାୟମାନ ହେବାକୁ କ୍ଷମ ହୋଇଅଛି । ସେଥିପାଇଁ ସର୍ବ ପ୍ରଥମେ ସମସ୍ତ ଭାବରାଶିର ଉତ୍ସ ଜଗନ୍ନିୟନ୍ତାଙ୍କ ଶ୍ରୀଚରଣ ଉଦ୍ଦେଶ୍ୟରେ ପ୍ରଣତ ହେଉଅଛୁଁ । ଆପଣମାନେ ବହୁ କଷ୍ଟ, କ୍ଷତି ଓ ଅସୁବିଧା ନ ମାନି ଏହାକୁ ସାଫଲ୍ୟ ମଣ୍ଡିତ କରିବାରେ ଯଥେଷ୍ଟ ସାହାଯ୍ୟ କରି-ଅଛନ୍ତି । ଆପଣମାନଙ୍କ ନିକଟରେ ହୃଦୟର ଚିର କୃତଜ୍ଞତା ଜ୍ଞାପନ କରୁଅଛୁଁ ।

ଉଦାରହୃଦୟ, ସାହିତ୍ୟାନୁରାଗୀ ମୟୂରଭଞ୍ଜାଧୀଶ୍ୱର ମହାରାଜା ସାର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେବଙ୍କୁ ଏହି ସମାଜ ତାର ପୃଷ୍ଠପୋଷକ-ରୂପେ ଲାଭ କରି ଧନ୍ୟ ହୋଇଅଛି । ମୟୂରଭଞ୍ଜ ରାଜବଂଶର ସାହିତ୍ୟାନୁରାଗ ଓଡ଼ିଶାରେ ଚିର ପ୍ରସିଦ୍ଧ । "ରସଲହରୀ" କାବ୍ୟ ଏହି ବଂଶର ଅମର କୀର୍ତ୍ତିରୂପେ ଆମ ପୁରାତନ ସାହିତ୍ୟରେ ବିରାଜିତ । "ଉତ୍କଳପ୍ରଭା"ର କେତେକ ଶ୍ରେଷ୍ଠ କାବ୍ୟ ପୁଣ୍ୟଶ୍ଳୋକ ରାଜର୍ଷି ମହାରାଜ ଶ୍ରୀରାମଚନ୍ଦ୍ରଙ୍କ ବହୁମୁଖୀ ପ୍ରଭାବ ଓ ଉତ୍ସାହର ଫଳ । କଟକନଗରୀର "ଶ୍ରୀରାମଚନ୍ଦ୍ର ଭବନ" ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର-ଙ୍କର ଅମର କୀର୍ତ୍ତି ରୂପେ ସାହିତ୍ୟିକମାନଙ୍କୁ ଚିରକାଳ ଉଦ୍‌ବୋଧିତ କରିବ ।

କବିବର୍ଣ୍ଣିତ ଛବିଳ ଉତ୍କଳରେ ଏହି ଭଞ୍ଜଭୂମି ନୈସର୍ଗିକ-ସୁଷମାସମ୍ପଦରେ ବିରାଜିତ । ଶିମୁଳିପାଳ ପର୍ବତଶ୍ରେଣୀର ମନୋରମ ଦୃଶ୍ୟ ଏବଂ ବିହଙ୍ଗକାକଳିମୁଖରିତ ଅରଣ୍ୟାନିର ଶାନ୍ତ ଶ୍ୟାମଳ-ଦୃଶ୍ୟ ଭାବୁକକୁ କେଉଁ ଅମର ଧାମର ସନ୍ଧାନ ଦିଏ । ମେଘାସନ ପର୍ବତ ଏହି ଶିମୁଳିପାଳର ଅତ୍ୟୁଚ୍ଚ ଶୃଙ୍ଗ ।

"ସ୍ୱଭାବେ ଗିରୀନ୍ଦ୍ର ହୋଇ ମେଘାସନ,
ଭିତ ନାହିଁ ଗିରି ସମାଜେ ଆସନ"

କବିଙ୍କର ଏହି ଆକ୍ଷେପୋକ୍ତିର ଯେ ଯଥେଷ୍ଟ କାରଣ ବିଦ୍ୟମାନ ଅଛି, ଆମର ଏହି ଶିଶୁ ଅନୁଷ୍ଠାନ କେତେବେଳେ ତାହା ଭୁଲି ପାରିବ ନାହିଁ । ନୈସର୍ଗିକ ଶୋଭାସମ୍ପଦ ସହିତ ପାର୍ଥିବ ଧନସମ୍ପତ୍ତିର ଉପା-ଦାନ ଏ ରାଜ୍ୟର ବିଶେଷତ୍ୱ । ଏହାର ଖଣିଜ ଦ୍ରବ୍ୟ ସୁବୃହତ୍ ଟାଟା-ନଗର ତଥା ପୃଥିବୀର ଗୋଟିଏ ଶ୍ରେଷ୍ଠ ବ୍ୟବସାୟ ସ୍ଥାପନ କରିବାରେ ଯଥେଷ୍ଟ ସାହାଯ୍ୟ କରିଅଛି । ଭବିଷ୍ୟତ ସବୁବେଳେ ସମସ୍ତଙ୍କ ପକ୍ଷରେ ପ୍ରହେଳିକାମୟ ହେଲେ ମଧ୍ୟ ଆମ୍ଭମାନଙ୍କର ପୂର୍ଣ୍ଣ ଭରସା ଏତିକି ଯେ ଏଠାରେ ବହୁପୂର୍ବରୁ ଏପରି ଅନୁଷ୍ଠାନ ନିତାନ୍ତ ଆବ-ଶ୍ୟକ ଥିଲା । ତାହା ଏବେ ଜନ୍ମଗ୍ରହଣ କରି ନିଜର ଅସ୍ତିତ୍ୱ ପ୍ରତିପାଦନ କରିବାକୁ କ୍ଷମ ହୋଇଅଛି ।

* ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ଅଭ୍ୟର୍ଥନା ସଭାର ସଭାପତିଙ୍କର ଅଭିଭାଷଣ

Digitized by srujanika@gmail.com

ଭଦ୍ର ମହୋଦୟଗଣ, ସାହିତ୍ୟ-ସମାଜର ଉପକାରିତା ଓ ଉପାଦେୟତା ନେଇ ମତଦ୍ୱୈଧ ହେବାର କାରଣ ନାହିଁ । ବିଭିନ୍ନ ଭାବରାଶି ଯେପରି ପ୍ରତ୍ୟେକ ମାନବର ଜନ୍ମ, ଭାବରେ ତାହାର ଜୀବନ ଓ ମୃତ୍ୟୁ । ଭାବସମ୍ପଦ ମାନବ ଜାତିକୁ ତାହାର ସୃଷ୍ଟି ଦିବସରୁ ଆଜି-ଯାଏ ଅବିଚ୍ଛିନ୍ନ ଭାବରେ ବର୍ତ୍ତମାନ ଯୁଗକୁ ଘେନି ଆସିଅଛି । ସେଥିପାଇଁ ଜୀବଜଗତର ସୃଷ୍ଟିରେ ମନୁଷ୍ୟ ତାହାର ଅପ୍ରତିହତ ପ୍ରଭାବ ବିସ୍ତାର କରି ପାରୁଅଛି । ସେହି ଭାବର ଅଭିବ୍ୟକ୍ତି କ୍ରମେ ଭାଷାର ଆକାର ଧାରଣ କରି ଆସିଅଛି । ଭାଷାର ଉତ୍କର୍ଷ ସାହିତ୍ୟର ନାମାନ୍ତର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଯେଉଁ ଜାତିର ଜୀବନସମସ୍ୟା ଯେତେବେଳେ ଯେଉଁ ଆକାର ଧରିଛି, ତାହାର ସାହିତ୍ୟ ସେହିପରି ଗଢ଼ି କରିଛି । ବର୍ତ୍ତମାନ ଇଂରାଜୀ ସାହିତ୍ୟ ଆଡ଼କୁ ଦୃଷ୍ଟି ପକାଇଲେ ଏ କଥା ସ୍ପଷ୍ଟ ପ୍ରତିପାଦିତ ହୁଏ । ପ୍ରାଚୀନ ରୋମର ସାହିତ୍ୟ ସମ୍ପଦ ଆଜିକାଲି ଇଟାଲୀୟ ସାହିତ୍ୟ ସଙ୍ଗେ ତୁଳନା କଲେ ଜଣାପଡ଼େ, " କି ଥିଲା ଏ ରାଜ୍ୟ କି ହୋଇଛି ଆଜି " । ଆମ ଉତ୍କଳ ସାହିତ୍ୟର ଅବସ୍ଥା ମଧ୍ୟ ସେହି ସତ୍ୟର ପ୍ରମାଣ ଦିଏ । ସାହିତ୍ୟ ଉପରେ ଦେଶର ସର୍ବାଙ୍ଗୀନ ଉନ୍ନତି ନିର୍ଭର କରେ କିମ୍ବା ଦେଶ ଉନ୍ନତ ହେଲେ ସାହିତ୍ୟର ଅଭିବୃଦ୍ଧି ଆବଶ୍ୟକ ହୋଇପଡ଼େ, ଏହି ବିଷୟରେ ଭିନ୍ନ ଭିନ୍ନ ମତର ଅବକାଶ ଅଛି । ତେବେ ଏତିକି କହିଲେ ବୋଧହୁଏ ଯଥେଷ୍ଟ ହେବ ଯେ, ଏ ଦୁଇଟିରୁ କେଉଁଟି ସ୍ୱାଧୀନ ନୁହେ । ଆରମ୍ଭରୁ ଏକକୁ ବରାବର ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼େ ।

ସାହିତ୍ୟ ଶବ୍ଦର ଆକ୍ଷରିକ ଅର୍ଥ ସଂସର୍ଗ ବା ମିଳନ । ଭାବର ଆଦାନ ପ୍ରଦାନଦ୍ୱାରା ଏହାର ବହୁମୁଖୀ ପ୍ରଭାବର କ୍ରମବିକାଶ ହୁଏ । ସମଗ୍ର ମାନବ ଜାତିର ସମ୍ମିଳନ ଏହାର ଆଦର୍ଶ । ଗୋଟିଏ ମହନୀୟ ଭାବରାଶିର ଧାରା ଅନୁସରଣ କରି ଏହି ଆଦର୍ଶକୁ ପୂର୍ଣ୍ଣ ଅବସ୍ଥାରେ ପ୍ରାପ୍ତହେବା ସାହିତ୍ୟର ଚରମ ଲକ୍ଷ୍ୟ । ଭାବର ସମ୍ପ୍ରସାରଣ ବା ଅଭିବୃଦ୍ଧିରେ ବ୍ୟକ୍ତିଗତ ତଥା ଜାତିଗତ ଜୀବନର କ୍ରମବିକାଶ, ଓ ସଙ୍କୋଚନରେ ତାହାର ବିଲୟ ବା ମୃତ୍ୟୁ । ରକ୍ତମାଂସର ଗଣ୍ଡି ମଧ୍ୟରୁ ଭାବରାଜ୍ୟର ଉନ୍ନତ ଅପରିମେୟତା ଅନୁଭବ କରିବାକୁ ଯେଉଁ ଜାତି ବା ସମାଜ ଯେତିକି ପାରଙ୍ଗମ ହୋଇ ପାରେ ତାହାର ସ୍ଥିତି ସେତିକି ବେଶୀ ସମ୍ଭବପର ହୁଏ । ଏହି ଆଦର୍ଶରୁ ବିଚ୍ୟୁତ ହୋଇ ନିମ୍ନରୁ ନିମ୍ନତର ସ୍ତରକୁ ଆସି ମନୁଷ୍ୟ ଆତ୍ମମ୍ଭରିତାରେ ଓ ଜଘନ୍ୟ ସ୍ୱାର୍ଥପରତାରେ ଜର୍ଜରିତ ହୋଇ ନାଶପ୍ରାପ୍ତ ହୁଏ । ମାନବ-ଜାତିର ଇତିହାସ ବିଶ୍ଳେଷଣ କଲେ ଏହି ସତ୍ୟ ସ୍ପଷ୍ଟ ପ୍ରତୀୟମାନ ହୁଏ । ସେ ସବୁର ବିଶଦ ଆଲୋଚନାର କ୍ଷେତ୍ର ସ୍ୱତନ୍ତ୍ର ।

ଏହି ଲକ୍ଷ୍ୟ ଓ ଏହି ଆଦର୍ଶକୁ ସମ୍ମୁଖରେ ରଖି ସାହିତ୍ୟ ତାହାର ଗତିପଥରେ ଅଗ୍ରସର ହେବା ଉଚିତ । ପୃଥିବୀର ଗତି କ୍ରମଶଃ ଏକ ମହାମିଳନ ଆଡ଼କୁ ଅଗ୍ରସର ହେଉଅଛି । ପୂର୍ବପରି ଆଜିକାଲି କେଉଁ ଦେଶ ବା ଜାତି ତାର ସଙ୍କୀର୍ଣ୍ଣ ଗଣ୍ଡି ଭିତରେ ରହିବାର କ୍ରମେ ଅସମ୍ଭବ ହୋଇ ପଡ଼ୁଅଛି । କୌଣସି ନୂତନ ଭାବ ବା ଉଦ୍ଭାବନ ଏବେ ସମସ୍ତ ମାନବଜାତିର ଭାବରେ ପରିଣତ ହେଉଅଛି । ଏ ମାହେନ୍ଦ୍ର ବେଳାରେ କୌଣସି ସାହିତ୍ୟ ସଙ୍କୀର୍ଣ୍ଣତା ଅବଲମ୍ବନ କଲେ ତାହା ସାହିତ୍ୟ ପଦବାଚ୍ୟ ହୋଇ ପାରିବ ନାହିଁ । ବିଶ୍ୱ-ସାହିତ୍ୟର ଆସନରେ ପ୍ରତିଷ୍ଠା ଲାଭ କରି ନ ପାରିଲେ ତାହା କ୍ରମେ ଲୋପ ପାଇଯିବାର ସମ୍ଭାବନା ଖୁବ୍ ବେଶୀ । ଏଥିରୁ ଯେପରି କେହି ନ ବୁଝନ୍ତି ଯେ ସାହିତ୍ୟରେ ତାହାର ବିଶିଷ୍ଟତା ରହିବ ନାହିଁ ।

କିନ୍ତୁ ବିଶିଷ୍ଟତାର ଅର୍ଥ ସଙ୍କୀର୍ଣ୍ଣତା ନୁହେ । ବିଶିଷ୍ଟତାର ଅର୍ଥ ଉତ୍କର୍ଷ ଏବଂ ବୈଚିତ୍ର୍ୟ । ଉତ୍କୃଷ୍ଟ ହେବାପାଇଁ ଯେଉଁ ଉତ୍କଳ ବିଖ୍ୟାତ, ତାହାର ସାହିତ୍ୟର ଉତ୍କର୍ଷସାଧନ ଆମ୍ଭମାନଙ୍କର ପରମ ଲକ୍ଷ୍ୟ ହେବା ଅତି ସ୍ୱାଭାବିକ କଥା । ଏଥିପାଇଁ ଭାବ ଓ ଭାଷା ରାଜ୍ୟରେ ଯାହା କିଛି ସୁନ୍ଦର, ଯାହା ବରଣୀୟ ତାହା ବରଣ କରିବାକୁ ହେବ, ତାହା ଗ୍ରହଣ କରିବାକୁ ହେବ । ଆମ୍ଭମାନଙ୍କର ବାଗ୍‌ଦେବୀଙ୍କୁ ନବ ଆଭରଣରେ ମଣ୍ଡିତ କରିବାକୁ ହେବ, ନବ ଉପଚାରରେ ପୂଜା କରିବାକୁ ହେବ । ଏଥିପାଇଁ ଆମ୍ଭମାନଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ । ସଙ୍କୀର୍ଣ୍ଣ ସାମ୍ପ୍ରଦାୟିକତା ବା ସାମାଜିକତାର ଏଠାରେ ସ୍ଥାନ ନାହିଁ । ପ୍ରତ୍ୟେକ ବର୍ଦ୍ଧନଶୀଳ ଜାତି ଏହିପରି ଭାବରେ ତାହାର ସାହିତ୍ୟର ଶ୍ରୀବୃଦ୍ଧି ସମ୍ପାଦନ କରେ ।

ସାହିତ୍ୟର କ୍ଷେତ୍ର ଏବଂ ପ୍ରଭାବ ଅତି ବିସ୍ତୀର୍ଣ୍ଣ ଏବଂ ସର୍ବବ୍ୟାପୀ । ଆମ୍ଭେମାନେ ବ୍ୟକ୍ତିଗତ ଭାବରେ ତଥା ସଙ୍ଘବଦ୍ଧ ଭାବରେ ଯାହା ଚିନ୍ତା କରୁଁ, ଯାହା ପ୍ରକାଶ କରୁଁ, ସେ ସମସ୍ତ ଜାତୀୟ ସାହିତ୍ୟର ଅଙ୍ଗୀଭୂତ । ମାନବର ସର୍ବବିଧ କ୍ରିୟାକଳାପ ଓ ତାହାର ପ୍ରକୃଷ୍ଟ ଅଭିବ୍ୟକ୍ତି ଜାତୀୟ ସାହିତ୍ୟର ଅନ୍ତର୍ଭୁକ୍ତ । ଦୃଷ୍ଟାନ୍ତ ସ୍ୱରୂପ ବିଜ୍ଞାନକୁ ଅନେକେ ସାହିତ୍ୟ ବା ଶିଳ୍ପକଳାଠାରୁ ପୃଥକ୍ ବୋଲି ମନେ କରି-ପାରନ୍ତି । କିନ୍ତୁ ପ୍ରକୃତ ଦେଖିବାକୁ ଗଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଯେଉଁଠାରେ ବୈଜ୍ଞାନିକର ଗବେଷଣା ଓ ଅନୁଶୀଳନର ପରିଣତି, ସେହିଠାରେ ସାହିତ୍ୟର ପରିସ୍ଥିତି । ସୂକ୍ଷ୍ମ ଭାବରେ ଦେଖିବାକୁ ଗଲେ ଚିତ୍ରକଳା ଏବଂ କବିତା ଦୁହେଁ ବିଭିନ୍ନ ନୁହନ୍ତି । ଶିଳ୍ପୀ ଚିତ୍ର ବା ମୂର୍ତ୍ତି ଗଠନରେ ଯେଉଁ କଳା ଏବଂ ଭାବ ଫୁଟାଇ ପାରନ୍ତି, କବି ବା ଭାବୁକ କାବ୍ୟ କବିତାରେ କିମ୍ବା ଗଳ୍ପ ଉପନ୍ୟାସରେ ସେହି କଳା ବା ଭାବ ଫୁଟାଇଥାନ୍ତି । ଏହିପରି ଭାବରେ ଦେଖିବାକୁ ଗଲେ ଜାତିର ଦୈନନ୍ଦିନ ଚିନ୍ତାର ଧାରା ଓ ସମାଜର କାର୍ଯ୍ୟକଳାପ ସାହିତ୍ୟରୂପ ଦର୍ପଣରେ ପ୍ରତିଭାତ ହୁଏ ।

ଆମ୍ଭମାନଙ୍କର ଧର୍ମନୀତି, ସମାଜନୀତି ଓ ଶିଳ୍ପକଳା ଏକ ଉଦାର ମହାଭାବର ଭିତ୍ତି ଉପରେ ପ୍ରତିଷ୍ଠିତ । ଏହି ଜାତିର ଦେବତା ଜଗନ୍ନାଥ କେବଳ ଆଜି ନୁହେ, କାହିଁ କେଉଁ ଯୁଗରୁ ସମଗ୍ର ହିନ୍ଦୁ ଜାତିକୁ ଉଦ୍‌ବୁଦ୍ଧ କରି ଆସିଅଛନ୍ତି । ପୃଥିବୀ ସମକ୍ଷରେ ଆମ୍ଭମାନଙ୍କର ଦେଖାଇ ପାରିବାର କିଛି ନଥିଲେ ମଧ୍ୟ ଜଗନ୍ନାଥଙ୍କ ନାମରେ ଆମ୍ଭେମାନେ ଗର୍ବିତ ହେଉଁ । ଏହିଠାରେ ବୌଦ୍ଧଭାବ ଓ ଉଦାରତା ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଅଛି । ଶ୍ରୀ ଚୈତନ୍ୟ, ଶଙ୍କରାଚାର୍ଯ୍ୟ ଓ ରାମାନୁଜ ପ୍ରଭୃତି ମହାତ୍ମାମାନେ ନିଜ ନିଜର ମହାଭାବ ନେଇ ଏହିଠାରେ

Digitized by srujanika@gmail.com

ନତ ମସ୍ତକ ହୋଇଅଛନ୍ତି । କୋଣାର୍କ, ଭୁବନେଶ୍ୱର ଓ ଖିଚିଙ୍ଗର ଶିଳ୍ପକଳା ଆଜି ପୃଥିବୀର ପ୍ରସିଦ୍ଧ ଶିଳ୍ପୀମାନଙ୍କର ଦୃଷ୍ଟି ଆକର୍ଷଣ କରି ପାରିଅଛି ।

ଆମ ପୁରାତନ ସାହିତ୍ୟରେ ସମୁଦ୍ରର ନାମ 'ମହୋଦଧି', ଏ ଦେଶର ନଦୀର ନାମ 'ମହାନଦୀ', ପ୍ରସିଦ୍ଧ ବୃକ୍ଷ 'କଳ୍ପବଟ', ଦାଣ୍ଡ—'ବଡ଼ଦାଣ୍ଡ', ଓ ଶ୍ମଶାନ କେବଳ ମନୁଷ୍ୟର ସମାଧି ସ୍ଥାନ ନୁହେ; ଏହା ସ୍ୱର୍ଗର ପ୍ରବେଶଦ୍ୱାର । "ଅତିବଡ଼" ଜଗନ୍ନାଥଙ୍କର 'ଭାଗବତ', ଶାରଳା ଦାସଙ୍କ 'ମହାଭାରତ', ବିଶ୍ୱନାଥ ମହାପାତ୍ରଙ୍କ 'ସାହିତ୍ୟଦର୍ପଣ', ଯେ କୌଣସି ଦେଶର ସାହିତ୍ୟରେ ଉଚ୍ଚ ସ୍ଥାନ ପାଇବାର ଯୋଗ୍ୟ । ମହାରାଜା ପ୍ରତାପରୁଦ୍ରଙ୍କ କୃତ "ସରସ୍ୱତୀ-ବିଳାସ" ମିତାକ୍ଷର ଆଇନ ଶାସ୍ତ୍ରର ପ୍ରସିଦ୍ଧ ଭାଷ୍ୟରୂପେ ସର୍ବତ୍ର ସମାଦୃତ ।

ଆମ୍ଭମାନଙ୍କର ଜାତୀୟତା ତଥା ସମସ୍ତ ସାହିତ୍ୟ ପ୍ରଚେଷ୍ଟାର ଧାରା ନୂତନତ୍ୱ ଆଡ଼କୁ ପ୍ରଧାବିତ ହେବା ସଙ୍ଗେ ସଙ୍ଗେ ଏହାର ମୂଳ ଭିତ୍ତି ଉପରେ ନିର୍ଭର କରି ଗତି କରିବ ।

ଆମ୍ଭମାନଙ୍କର ସାହିତ୍ୟ ପ୍ରତି ଦୃଷ୍ଟିପାତ କଲେ ଆମ୍ଭେମାନେ ଦେଖିପାରୁଁ ଯେ ଏହାର ଅତୀତ ଅତି ଗୌରବମୟ । ଓଡ଼ିଆର ପ୍ରାଚୀନ ଶିଳ୍ପକଳା ଯେପରି ଅତୁଳନୀୟ, ଏହାର ପ୍ରାଚୀନ ସାହିତ୍ୟର ସୁଷମା ସମ୍ପଦ ମଧ୍ୟ ସେହିପରି ମହନୀୟ । ଏହି ଅତୀତ ଯୋଗୁ ଆମ୍ଭେମାନେ ଯଥାର୍ଥ ଗର୍ବ ଏବଂ ଗୌରବ ଅନୁଭବ କରୁଁ । କିନ୍ତୁ ତତ୍‌ପରବର୍ତ୍ତୀ ଯୁଗରେ ଏହାର ଅଧଃପତନ ହେଲା । ଜାତୀୟ ସ୍ୱାଧୀନତାର ଲୋପ ସଙ୍ଗେ ସଙ୍ଗେ ଜାତୀୟ ସାହିତ୍ୟର ମଧ୍ୟ ଦୁର୍ଦ୍ଦଶା ଘଟିଲା । କ୍ରମେ କ୍ରମେ ଏହାର ଅସ୍ତିତ୍ୱ ମଧ୍ୟ ଲୋପ ହେବାକୁ ବସିଥିଲା, ଏବଂ ଓଡ଼ିଆ "ଓଡ଼ିଆ" ନାମରେ ପରିଚିତ ହେବାକୁ ଲଜ୍ଜିତ ଓ ସଙ୍କୁଚିତ ହେଉଥିଲା । କିନ୍ତୁ ସୌଭାଗ୍ୟକ୍ରମେ ସେ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଅଛି । ଯେଉଁ ମହାତ୍ମାମାନେ ଏ ଦିଗରେ ଅସୀମ ଧୈର୍ଯ୍ୟ, ନିଷ୍ଠା ଏବଂ ସାହସର ସହିତ ଅସ୍ଥି ଭିଡ଼ି ଛିଡ଼ା ହୋଇ ସଂଗ୍ରାମରେ ଜୟଯୁକ୍ତ ହୋଇଥିଲେ, ସେହି ପୁଣ୍ୟଶ୍ଳୋକ ମନୀଷିମାନେ ଜାତିର ଇତିହାସରେ ଅମର ।

ଭାଷା ବା ସାହିତ୍ୟକୁ କେବଳ ବଞ୍ଚାଇ ରଖିଲେ ଚଳିବ ନାହିଁ । ତାହାକୁ ବିଶ୍ୱ-ସାହିତ୍ୟ ସମାଜରେ ନିଜର ଶ୍ରେଷ୍ଠ ଆସନ ବାଛି ନେବାକୁ ହେବ । ଏ ଦିଗରୁ ଦେଖିଲେ ଆମ୍ଭେମାନେ କଣ ଦେଖିପାରୁଁ ? ଦେଖିପାରୁଁ ନିଜର ଅଭାବ—ନିଜର ଦୈନ୍ୟ । ବିଶ୍ୱ-ସାହିତ୍ୟର କଥା ଛାଡ଼ିଦିଅନ୍ତୁ । ଭାରତୀୟ ସାହିତ୍ୟ ସମାଜରେ ଆମ୍ଭ-ମାନଙ୍କ ସାହିତ୍ୟର ସ୍ଥାନ କେଉଁଠାରେ ? କେତେ ନିମ୍ନରେ ତାହା ଠିକ୍ କରିବାକୁ କୌଣସି ପରୀକ୍ଷାର ଆବଶ୍ୟକ ନାହିଁ । ପ୍ରବନ୍ଧ, କାବ୍ୟ କବିତା, ଇତିହାସ, ବିଜ୍ଞାନ, ନାଟକ, ଉପନ୍ୟାସ, ମାସିକପତ୍ର, ସମ୍ବାଦ-ପତ୍ର ପ୍ରଭୃତି ପ୍ରତି ଦୃଷ୍ଟିପାତ କଲେ ସବୁ ବିଭାଗରେ ତ୍ରୁଟି ଏବଂ ତୀବ୍ର ଅଭାବ ପରିଲକ୍ଷିତ ହୁଏ ଏବଂ ଯାହା କେତେ ଖଣ୍ଡ ପୁସ୍ତକ ବା ପତ୍ରିକା ପ୍ରକାଶିତ ହେଉଛି, ଆମ୍ଭେମାନେ ସେମାନଙ୍କର ଯଥୋଚିତ ଆଦର କରୁନାହିଁ, ବରଂ କେହି କେହି ଅବଜ୍ଞା ଚକ୍ଷୁରେ ଦେଖିଥାଉଁ । ନିଜର ମା ଦୀନା, ଦରିଦ୍ରା ଏବଂ ନିରାଭରଣା ହେଲେ ସେ କି ସନ୍ତାନର ଭକ୍ତି ଅର୍ଜନ କରିବାର ଅଯୋଗ୍ୟା ?

ଅବଶ୍ୟ ଅଳ୍ପ କେତେକ ବର୍ଷ ପୂର୍ବରୁ ଯେଉଁ ଅବସ୍ଥା ଥିଲା ତାହା କ୍ରମଶଃ ପରିବର୍ତ୍ତିତ ହୋଇଯାଉଛି । ଉତ୍କଳୀୟ ଆଜି ନବୀନ ପ୍ରେରଣା, ନବ ଉଦ୍ଦୀପନାରେ ଅନୁପ୍ରାଣିତ । ଓଡ଼ିଆ ଆଜି ତାହାର ଜାତୀୟତାରେ ଗର୍ବ ଗୌରବ ଅନୁଭବ କରିବାକୁ ଶିଖିଛି । ତାହାରି ଚେଷ୍ଟାରେ ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ସମ୍ଭବପର ହୋଇଅଛି । ବର୍ତ୍ତମାନ ଏକ ନବ ଯୁଗର ଆବିର୍ଭାବ । ମାତୃପୂଜା-ପୀଠରେ ଆଜି ମଙ୍ଗଳ ବାଦ୍ୟ ବାଜି ଉଠିଛି । ମା'ଙ୍କର ଷୋଡ଼ଶୋ-ପଚାରରେ ପୂଜାର ଅନୁଷ୍ଠାନ ଆରମ୍ଭ ହୋଇଅଛି । ଶୁଭ ଶଙ୍ଖର ସୁମଧୁର ଆହ୍ୱାନ ଆଜି ସମଗ୍ର ପ୍ରାକୃତିକ ଉତ୍କଳ ଖଣ୍ଡକୁ ପ୍ରତିଧ୍ୱନିତ କରୁଛି । ଏ ଆହ୍ୱାନରେ ଓଡ଼ିଆର ବହୁ ଦିନର ଜଡ଼ତା ଏବଂ ଅବ-ସାଦ ଭାଜି ଯାଇଛି ଏବଂ ସମସ୍ତେ ମାତୃସେବାରେ ତତ୍ପର ହୋଇ ଅଛନ୍ତି । ଏ ପୂଜାର ଆରମ୍ଭ ମାତ୍ର । ସିଦ୍ଧିଲାଭ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ତୀବ୍ର ସାଧନା କରିବାକୁ ହେବ—ବ୍ୟକ୍ତିଗତ ଭାବରେ ତଥା ସଙ୍ଘବଦ୍ଧ ଭାବରେ ।

ଆମ୍ଭମାନଙ୍କର ନବ ପ୍ରତିଷ୍ଠିତ ଏହି ଅନୁଷ୍ଠାନଟିର ସାଧନାର ପରିସର କେବଳ ଏହି ବାରିପଦା ନଗରୀରେ ବା ଏହି ମୟୂରଭଞ୍ଜରେ ଆବଦ୍ଧ ନୁହେ । ଯେତେ କ୍ଷୁଦ୍ର ହେଲେ ସୁଦ୍ଧା ଏହାର ଦୃଷ୍ଟି ଦିଗନ୍ତ-ବିସ୍ତାରୀ । ଏପରି ଉଚ୍ଚ ଅଭିଳାଷ ପୋଷଣ କରିବା ବାତୁଳତା ବା ବାଳସୁଲଭ କଳ୍ପନା ନୁହେ । ଏହି ମୟୂରଭଞ୍ଜ ଉତ୍କଳୀୟ ସାହିତ୍ୟକୁ ନାନା ଭାବରେ ଅନୁପ୍ରାଣିତ ଏବଂ ଉଦ୍‌ବୋଧିତ କରିଅଛି । ଉତ୍କଳର ନବ ଯୁଗର ସାହିତ୍ୟର ଉତ୍ପତ୍ତି ଏବଂ ଶ୍ରୀବୃଦ୍ଧିର କ୍ଷେତ୍ର ଏହି ମୟୂରଭଞ୍ଜ । ଏହିଠାରେ ଚିଲିକା—ମହାଯାତ୍ରା—ନିର୍ବାସିତର ଜନ୍ମ । ବର୍ତ୍ତମାନ ଭଞ୍ଜପ୍ରଦୀପ ମଧ୍ୟ ତାହାର କିରଣପ୍ରଭା ବିକୀର୍ଣ୍ଣ କରୁଛି । ଏ ପ୍ରଦୀପ ନିଶ୍ଚୟ ଉତ୍କଳ ଭାରତୀଙ୍କ ପୂଜାର ମଙ୍ଗଳ ଆରତି ।

ଅତ୍ୟନ୍ତ ଆନନ୍ଦର କଥା—ଆପଣମାନେ ଆଜି ଏହି ମାତୃପୂଜା-ପୀଠରେ ଉପସ୍ଥିତ ହୋଇଅଛନ୍ତି । ନାନା ଅସୁବିଧାକୁ ଲକ୍ଷ୍ୟ ନ କରି ଆମ୍ଭମାନଙ୍କୁ ସାହାଯ୍ୟ କରିବାକୁ ଆସିଅଛନ୍ତି । ଆପଣମାନଙ୍କୁ ମୁଁ ବାରିପଦା ସାହିତ୍ୟ ସମାଜ ପକ୍ଷରୁ ସାଦର ଅଭିନନ୍ଦନ ଜ୍ଞାପନ କରୁଅଛି । ଆପଣମାନଙ୍କର ଯଥୋଚିତ ସମ୍ମାନ ବା ଆତିଥ୍ୟରେ ତ୍ରୁଟି ହେବା ସ୍ୱାଭାବିକ । ଆଶା କରୁଁ, ଆପଣମାନେ ସ୍ୱୀୟ ଉଦାରତା ଗୁଣରେ କ୍ଷମାଦାନ କରି ବାଧିତ କରିବେ ।

ପରିଶେଷରେ ଯେଉଁ ବାମଣ୍ଡା ରାଜବଂଶ ନିଜର ସାହିତ୍ୟ ସାଧନା ପାଇଁ ଚିର ପ୍ରସିଦ୍ଧ, ସେହି ବଂଶର ସୁଯୋଗ୍ୟ ବଂଶଜ ନିଷ୍ଠାପର ସାହିତ୍ୟସେବୀ ପୂଜାସ୍ପଦ ଶ୍ରୀଯୁକ୍ତ ଜଳନ୍ଧର ଦେବଙ୍କୁ ଆମ୍ଭେମାନେ ସଭାପତିରୂପେ ଲାଭ କରି ଆଜି ପରମ ଭାଗ୍ୟବାନ ମନେ କରୁଅଛୁଁ । ତାହାଙ୍କର ଉପଯୁକ୍ତ ଅଭ୍ୟର୍ଥନା କରିବାର ଶକ୍ତି ଆମ୍ଭମାନଙ୍କର ନାହିଁ । ଏ ଶିଶୁ ଅନୁଷ୍ଠାନ ପକ୍ଷରେ ମଧ୍ୟ ତାହା ସମ୍ଭବପର ନୁହେ । ସେ ମହାଶୟ ନିଜର ଉଦାରତା ଗୁଣରେ ଆମ୍ଭମାନଙ୍କର ସମ୍ମିଳନୀର



Digitized by srujanika@gmail.com

ଅଧିନାୟକତ୍ୱ ଗ୍ରହଣ କରିବାକୁ ସ୍ୱୀକୃତ ହୋଇ ଆମ୍ଭମାନଙ୍କୁ ଚିର-କୃତଜ୍ଞତା ପାଶରେ ଅବଦ୍ଧ କରିଅଛନ୍ତି। ସେଥିପାଇଁ ଏ ସାହିତ୍ୟ ସମାଜ ପକ୍ଷରୁ ଅନ୍ତରର ଭକ୍ତି ଅର୍ଘ୍ୟ ଅର୍ପଣ କରୁଅଛୁଁ।

ଶିଶୁ ଅନୁଷ୍ଠାନର ସ୍ୱଭାବଗତ ତ୍ରୁଟିଗୁଡ଼ିକୁ ନିଜ ନିଜର ବାତ୍ସଲ୍ୟ-ଗୁଣରେ କ୍ଷମା କରିବେ। ଏହାର ଭବିଷ୍ୟତ ଉନ୍ନତିର ଭାର ଆମ୍ଭେମାନେ ପ୍ରତ୍ୟେକ ମାତୃଭକ୍ତ ଓଡ଼ିଆ ସାହିତ୍ୟିକଙ୍କ ହସ୍ତରେ ଅର୍ପଣ କରି ନିଶ୍ଚିନ୍ତ ରହିଲୁଁ। ଆପଣମାନଙ୍କର ଏ ଅଯାଚିତ ସ୍ନେହ ଏବଂ ବାତ୍ସଲ୍ୟ ଅକ୍ଷୁଣ୍ଣ ଥାଉ।

ମଙ୍ଗଳମୟ ଭଗବାନଙ୍କର ଶୁଭ ଇଚ୍ଛା ପୂର୍ଣ୍ଣ ହେଉ ଏବଂ ତାଙ୍କର ଶୁଭାଶିଷ ଧାରା ଏ ଜାତିର ମସ୍ତକରେ ନିତ୍ୟ ନିୟତ ବର୍ଷିତ ହେଉ।

## ରୂପହୀନା

**ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ**

( ୧ )

ଜୀବନ-ନୈବେଦ୍ୟ ସାଜି ଆଣିଛି ମୁଁ ତବ ବେଦୀ ପାଶେ
ହୃଦୟରମଣ ପ୍ରିୟ!
ନ ଜାଣଇ କାହିଁକି ହଠାତେ—
ଥରଇ ସର୍ବାଙ୍ଗ! କଣ୍ଠ ଆସେ ଶୁଖି ଆଶଙ୍କା ପୀଡ଼ନେ—
ନ ଚଳଇ ପଦ ତଳେ, କି ଲାଜେ ମରଇ ସଙ୍ଗୋପନେ।
ମ୍ଳାନ ବାସହୀନ ପୁଷ୍ପ! ସଢ଼ୁଥିଲି ଦୁର୍ଭେଦ୍ୟ ଅନ୍ଧାରେ—
ଅବା କ୍ଷୀଣ ନକ୍ଷତ୍ର ଶଶୀ! ... ... ...
ଆପେ ଆସି ଚିର-ରୁଦ୍ଧ ଦ୍ୱାରେ
ଢାଳିଲ ଆଲୋକ-ବାଣୀ, ପୌରୁଷର ଅଭୟ ଆଶ୍ୱାସ!
ଦେବଯୋଗ୍ୟ କଲ ପ୍ରାଣେ ଜଗାଇ ଗୋ ଅମର ବିଶ୍ୱାସ!
କୁତ୍ସିତ ସୁନ୍ଦର ହେଲି! ... ... ...
ଶୁଷ୍କ ବୃନ୍ତେ ମଞ୍ଜରୀ-ସୁଷମା!
ଉଜ୍ଜଳ ପ୍ରଦୀପ ହେମ ସକଳ କାଳିମା କରି କ୍ଷମା!
ଚହ୍ନିଛି ପୌରୁଷ ତବ! ଦେଖିଛି ଗୋ ଦେବତ୍ୱ ପ୍ରତିଭା!
ଧନ୍ୟ ଅମା-ରାତ୍ରି ଦେଖି ଆଦ୍ୟ-ସୃଷ୍ଟି-ଅପରୂପ-ଦିବା!
ତ୍ରୁଟି ଅଯୋଗ୍ୟତା ଯେବେ ଫେରିଯିବି?
ବଳୁ ନାହିଁ ମନ! ...
ନିଃସ୍ୱ ଏ ବଧୂରେ ତବ ଡାକିନିଅ ସୁହୃଦ ପରମ।

( ୨ )

ଦିଅ ନାହିଁ ଲଜ୍ଜା ଆଉ! କହୁଛି ମୁଁ ବିନୟେ ବଧୂରେ
କରି ସେବା-ପ୍ରୀତି-ଯୋଗ୍ୟ ରୂପହୀନା ତୁମରି ବଧୂରେ।
ଲାଞ୍ଛିତା ହେଲିତା ଯେବା କହ ତାର କି ଅଛି ମାଧୁରୀ?
ସେ କାହୁଁ ଶିଖିବ କମ୍ର-ଗତି, ପ୍ରୀତି-ସୋହାଗ ଚାତୁରୀ?
କିଏ ଦେବ ତାକୁ ଅବା ଖେଳ-ଲୋଳ-ନୟନ ଭଙ୍ଗିମା?
ସୁଷମ-ମୃଣାଳ-ଭୁଜ? ଅଧରେ ତା' ହାସ୍ୟର ଗରିମା?
ତା'ନୟନ ଲାସ୍ୟ-ହୀନ! ନତ ପକ୍ଷ୍ମ କହେ ନାହିଁ କଥା,
ନବୀନ ରୂପଶ୍ରୀ ଦେଲ ହେ ବଦାନ୍ୟ, ତୁମରି ମମତା!
କି କହିବ ଗୁଣହୀନା? ... ... ...
ଭିକ୍ଷା ତାକୁ ଦେଲେ ନାହିଁ ବିଧି!
ନାରୀତ୍ୱ ସାର୍ଥକ କଲ, ହେ ଉଦାର ବିଶାଳ ବାରିଧି!
କ୍ଷୀଣ ତାରା ନଭ ପ୍ରାନ୍ତେ ଚିରୁ ନେନେ ତବ ରହେ ଚାହିଁ!
ଲୋଡ଼େ ତବ ଆଶୀର୍ବାଦ ପୂର୍ଣ୍ଣ-ଆତ୍ମ-ପରକାଶ ପାଇଁ!
ଦେବତା ଶୁଭେଚ୍ଛା ସମ ତବ ପ୍ରୀତି ଲଭି ଗୋ ସାଫଲ୍ୟ—
ଏ ନିଃସ୍ୱ-ଜୀବନେ ବନ୍ଧୁ!
ଘେନ ରୂପହୀନା-ଅଶ୍ରୁ-ଜଳ!

Digitized by srujanika@gmail.com

# ପ୍ରାଚୀନ ନୃତ୍ୟକଳା

ଶ୍ରୀମତୀ ବେଲାଦେବୀ

ଭାରତୀୟ ନୃତ୍ୟ ଓ ସଙ୍ଗୀତ ବିଳାସର ବସ୍ତୁ ନୁହେ । ପୂର୍ବେ ଏହା ଆଧ୍ୟାତ୍ମିକ ସାଧନାର ଅଙ୍ଗୀଭୂତ ଥିଲା । ଏହି ଦେଶର ଏକ ତରୁଣୀ ବଧୂ ଦେବ-ସଭାରେ ନୃତ୍ୟ କରି ମୃତ ପତିର ପ୍ରାଣ ପୁନର୍ଜ୍ଜୀବିତ କରିଥିଲେ । ସଙ୍ଗୀତ-ଦ୍ୱାରା ମୁଗ୍ଧ କରି ଏକ ତରୁଣ ଗଙ୍ଗାଧାରାକୁ ମର୍ତ୍ତ୍ୟପୁରୀକୁ ଆନୟନ କରିଥିଲେ । ବୀଣାର ଝଙ୍କାରରେ ବଣର ପଶୁମାନେ ହିଂସା ଭୁଲି-ଯାନ୍ତି, ମେଘଦଳ ନିରୁଦ୍ଦେଶ୍ୟ ଯାତ୍ରାପଥରେ ଯାଉ ଯାଉ ଅକସ୍ମାତ୍ ଗତିହୀନ ହୋଇଥାନ୍ତି, ପାଷାଣ ମଧ୍ୟ ଅଶ୍ରୁ ବିସର୍ଜ୍ଜନ କରେ । ଆଜି ଆଉ ସେ ଦିନ ନାହିଁ, ବ୍ରଜର ବଂଶୀ ବହୁ ଦିନ ହେଲା ନୀରବ ରହିଅଛି—ଆଜିକାଲି ଘରେ ଘରେ ରାସ ନୃତ୍ୟ ଅନୁଷ୍ଠିତ ହୁଏ ନାହିଁ । ଆମ୍ଭେ-ମାନେ ବିଦେଶୀ **waltz** ରେ ମୁଗ୍ଧ, ପିୟାନୋ ଶବ୍ଦରେ ବିମୋହିତ ଏବଂ ହୁଲହୁଲ ନୃତ୍ୟରେ ଉଲ୍ଲସିତ । ଏହି ଆତ୍ମ-ସର୍ବସ୍ୱ ଭୋଗ-ମୁଖୀ ବିକୃତ ରୁଚିର ଯୁଗରେ ଯଦି ଯଥାର୍ଥ ମହାନ ହିନ୍ଦୁ ସଙ୍ଗୀତ ଓ ନୃତ୍ୟର ପବିତ୍ର ରସ ମାଧୁରୀ ସହିତ ଶୁଭ ପରିଚୟ ଘଟେ, ତେବେ ସେ ଯୁଗର ସେହି ପୁଣ୍ୟ କଲ୍ୟାଣକର ନିର୍ମ୍ମଳ ଭାବଧାରା ପ୍ରତି ଅନୁ-ରାଗୀ ହୋଇ ବିଜାତୀୟ ସକଳ ଦୁର୍ଗତି ସ୍ରୋତରୁ ଆମ୍ଭେମାନେ ରକ୍ଷା ପାଇବା ।

ପ୍ରାଚୀନ ନୃତ୍ୟକଳା ପ୍ରତି ଆଜିକାଲି ଅନେକେ ଅନୁରାଗ ପ୍ରଦର୍ଶନ କରୁଅଛନ୍ତି । ସୁପ୍ତିମଗ୍ନ ଜାତିର ନବ ଜାଗରଣର ସ୍ପନ୍ଦନ ଭାବି କେହି କେହି ଏହାକୁ ସାଦରେ ବରଣ କରି ନେଉଅଛନ୍ତି, ପୁଣି କେହି କେହି ମୁମୂର୍ଷୁ ଜାତିର ଚରମ ଲକ୍ଷଣ ଭାବି ଆତଙ୍କରେ ଶଙ୍କିତ ହୋଇ ଉଠୁଛନ୍ତି । ଏହା ଜାତୀୟ ଜୀବନର ସ୍ପନ୍ଦନ କିମ୍ବା ମରଣର ଆର୍ତ୍ତନାଦ ତାହା ନେଇ ତର୍କଜାଲ ରଚନା କରିବାର ଇଚ୍ଛା ନାହିଁ, କାଳ ହିଁ ଏହାର ମୀମାଂସା କରିବ !

ମାନବ ସଭ୍ୟତାର ଇତିହାସର ଆଦି ବିଦ୍ୟା ନୃତ୍ୟ । ଯେତେ-ବେଳେ ଭାଷା ସୃଷ୍ଟି ହୋଇନାହିଁ, ସ୍ୱର ଓ ଗୀତ ରଚିତ ହୋଇ-ନାହିଁ, ମାନବର ସେହି ଏକାନ୍ତ ନିଃସହାୟ ଅବସ୍ଥାରେ ତାହାର ମନର ଭାବ ପ୍ରକାଶିତ କରିଥିଲା ନୃତ୍ୟ । ହୃଦୟର ଦୁଃଖ ସୁଖ, ଆନନ୍ଦ ଭୟ, ହିଂସା ପ୍ରେମ, ଘୃଣା ଭକ୍ତି ଇତ୍ୟାଦି ନୃତ୍ୟରେ ରୂପଲାଭ କରିଥିଲା । ଆଡ଼ମ୍ବରହୀନ ସରଳ ମନର ଆନ୍ତରିକ ପ୍ରକାଶର ଏକ ମାତ୍ର ଭାଷା ଥିଲା ନୃତ୍ୟ । ସଭ୍ୟ ଅସଭ୍ୟ ପୃଥିବୀର କୌଣସି ଜାତି ତାହାର ଦୁଃଖ ଦିନର ସଙ୍ଗୀକୁ ଶିକ୍ଷା ଓ ରୁଚିର କଲ୍ୟାଣରେ ପରି-ତ୍ୟାଗ କରିପାରି ନାହିଁ । ଆଜିଯାଏ ମାନବ ଶିଶୁ ତାହାର ଶିଶୁ-ହୃଦୟର ଭାବାବେଗ ଜନନୀ ନିକଟରେ ନୃତ୍ୟଦ୍ୱାରା ପ୍ରକାଶ କରି-ଥାଏ । ସାଧକମାନଙ୍କର ଚରିତ ପାଠ କଲେ ଆମ୍ଭେମାନେ ଜାଣି-ପାରୁଁ ଯେ ସେମାନେ ଯେତେବେଳେ ଇଷ୍ଟ ଦେବତାଙ୍କ ସାନିଧ୍ୟ ଅନୁଭବ କରୁଥିଲେ, ସେତେବେଳେ ସେହି ସ୍ୱର୍ଗୀୟ ଆନନ୍ଦର ରୂପ, ଭାଷା ଅପେକ୍ଷା ନୃତ୍ୟରେ ଅଧିକ ପରିସ୍ଫୁଟିତ ହୋଇଥିଲା । ପୂର୍ବେ ଆମ୍ଭମାନଙ୍କର ଦେଶରେ ନୃତ୍ୟଚର୍ଚ୍ଚା କିରୂପ ଭାବରେ ଥିଲା ତାହା "ମୀନ-ଚେତନ" ଓ ପଦ୍ମପୁରାଣ ଇତ୍ୟାଦିରେ ବର୍ଣ୍ଣିତ ହୋଇଅଛି ।

ସିଦ୍ଧ ମୀନନାଥ ଯେତେବେଳେ ରମଣୀ ରାଜ୍ୟର ଏକେଶ୍ୱରତ୍ୱ ପାଇ, ସନ୍ନ୍ୟାସ ଧର୍ମ୍ମରେ ଜଳାଞ୍ଜଳି ଦେଇ, ଆତ୍ମହରା ହୋଇଥିଲେ, ସେତେବେଳେ ତାଙ୍କର ଶିଷ୍ୟ ସାଧୁ ଗୋରକ୍ଷନାଥ ନର୍ତ୍ତକୀ ବେଶରେ ଗୁରୁଦେବଙ୍କର ସୁପ୍ତ ଚୈତନ୍ୟ ଫେରାଇ ଆଣିବାପାଇଁ, ତାଙ୍କ ସମ୍ମୁଖରେ ଅପୂର୍ବ ନୃତ୍ୟ ସମ୍ପାଦନ କରିଥିଲେ । ସେ ନୃତ୍ୟର ରୁଣୁଝୁଣୁ ନୂପୁର ବାଜି ଗୁରୁଙ୍କ ପ୍ରାଣରେ ଅପୂର୍ବ ପୁଲକ ଆଣି ଦେଇ-ଥିଲା । କିନ୍ତୁ କେବଳ ନୂପୁର ଶବ୍ଦ ହିଁ ଗୋଟାଏ ହୃଦୟରୁ ଅନ୍ୟ ହୃଦୟକୁ କି ପରିମାଣରେ ଭାବ ବହନ କରି ନେଇପାରି ପାରେ ? ଗୋରକ୍ଷନାଥ ସେଥିପାଇଁ ହାତର ଭଙ୍ଗୀରେ ନୃତ୍ୟ କରିଥିଲେ, ତାଙ୍କର ପଦଦ୍ୱୟ ନିଶ୍ଚଳ ଥିଲା । ରମଣୀର ରୂପ ସାଗରରେ ଯେଉଁ ସନ୍ନ୍ୟାସୀ ବୁଡ଼ି ରହିଥିଲେ, ତାଙ୍କୁ ଚେତନା ଦାନ କରିବାପାଇଁ ବକ୍ଷ ବା ନିତମ୍ବ ସଞ୍ଚାଳନର ପ୍ରୟୋଜନ ହୁଏନାହିଁ, ସେଥିପାଇଁ ଗୋରକ୍ଷନାଥ ହାତର ଭଙ୍ଗିମା ଦ୍ୱାରା ନୃତ୍ୟ କରିଥିଲେ, ଅଙ୍ଗ ସଞ୍ଚାଳନ କରି ନ ଥିଲେ । ଅନନ୍ତର ମାୟାକାନନରୁ ସନ୍ନ୍ୟାସୀ ଉଦ୍ଧାର ପାଇଲେ କେବଳ ନୃତ୍ୟ ସାହାଯ୍ୟରେ ।

ସତୀ ବେହୁଲା ପତିପ୍ରାଣ ଫେରି ପାଇବାପାଇଁ ଦେବସଭାରେ ଯେଉଁ ନୃତ୍ୟ କରିଥିଲେ ତାହା ସାଧାରଣ ନର୍ତ୍ତକୀର ନୃତ୍ୟ ବିଳାସ ନୁହେ । ଯେଉଁଠାରେ ରମ୍ଭା, ମେନକା, ଉର୍ବଶୀ, ଘୃତାଚୀ ପ୍ରଭୃତି ନିତ୍ୟ ନୃତ୍ୟ-ବିଳାସ ପ୍ରଦର୍ଶନ କରନ୍ତି, ସେଠାରେ ଦୀନା ଧରଣୀର ଦୁଃଖିନୀ କନ୍ୟା କେଉଁ ନୃତ୍ୟଦ୍ୱାରା ଦେବତାର ହୃଦୟ ଜୟ କରିବ ? ପତିର କଙ୍କାଳ ବକ୍ଷରେ ନେଇ ଯେଉଁ ସତୀ ସ୍ୱର୍ଗକୁ ଆସିଛନ୍ତି, ତାଙ୍କର ବିଳାସ ବିଭ୍ରମ ଦେଖାଇବାର ମନର ଅବସ୍ଥା ନ ଥିଲା । ଯେଉଁଠାରେ ମରଣ ନାହିଁ, ସେହି ଅମରଲୋକରେ ବେହୁଲା ପ୍ରଥମ ମରଣର ଗୀତ ଶୁଣାଇଲେ, ଚିର ଆନନ୍ଦମୟ ଲୋକରେ ବେହୁଲା ପତିହୀନାର ଅନ୍ତରିହୀନ ବିୟୋଗ ବ୍ୟଥାତୁର ବିଷାଦିନୀ ମୂର୍ତ୍ତି ନୃତ୍ୟରେ ପ୍ରକାଶ କଲେ । ଦେବତାମାନଙ୍କର ପଲକବିହୀନ ଚକ୍ଷୁ ଅଶ୍ରୁଭାରରେ ଛଳ ଛଳ ହୋଇଥିଲା—ଦୁଃଖିନୀ ମର୍ତ୍ତ୍ୟବାସିନୀର ଦୁଃଖରେ ସେମାନେ ଦୀର୍ଘ ନିଶ୍ୱାସ ତ୍ୟାଗ କଲେ—ଏହା ହିଁ ବେହୁଲାର ଜୟ ।

ଦାକ୍ଷିଣାତ୍ୟରେ ପାଣ୍ଡୁ-ଗୁହା ଯାତ୍ରା ପଥରେ ମହାପ୍ରଭୁ ଶ୍ରୀଚୈତନ୍ୟ ବଟେଶ୍ୱର ଶିବ ମନ୍ଦିରରେ ଯେତେବେଳେ ଅବସ୍ଥାନ କରୁଥିଲେ, ସେହି ସମୟରେ ତୀର୍ଥରାମ ନାମରେ ଗୋଟିଏ ଧନୀ ଲୋକ ତାହାଙ୍କୁ ପରୀକ୍ଷା କରିବା ପାଇଁ ସତ୍ୟ ବାଈ ଓ ଲକ୍ଷ୍ମୀ ବାଈ ନାମ୍ନୀ ଦୁଇଟି ପରମା ସୁନ୍ଦରୀ ବାରନାରୀ ନେଇ ସେଠାରେ ଉପସ୍ଥିତ ହେଲେ । ରମଣୀ ଦ୍ୱୟଙ୍କର

Digitized by srujanika@gmail.com

ସମସ୍ତ ଛଳନା ବୃଥା ହେଲା । ଗୌରାଙ୍ଗ ଦେବଙ୍କ ମନରେ ସେତେବେଳେ ଶିଶୁ ହୃଦୟର ଉଦୟ ହେଲା । ସେ ସେମାନଙ୍କୁ ମାତୃ ସମ୍ବୋଧନ କରି ଯେଉଁ ଅପୂର୍ବ ନୃତ୍ୟ ପ୍ରଦର୍ଶନ କରିଥିଲେ, ତାହା ଅନ୍ଧକାରରେ ସୂର୍ଯ୍ୟୋଦୟ ପରି ସେମାନଙ୍କ ହୃଦୟକୁ ନିଷ୍ପାପ କରିଥିଲା । ପ୍ରଥମେ ଜୟ କରିବାକୁ ପ୍ରୟାସୀ ହୋଇ ଶେଷରେ ସେହି ପ୍ରେମୋନ୍ମାଦ ସନ୍ନ୍ୟାସୀଙ୍କ ଚରଣରେ ଆତ୍ମ ନିବେଦନ କରି ସେମାନେ ଧନ୍ୟ ହେଲେ । ଏହି ନୃତ୍ୟରେ ନୂପୁର ନିକ୍ୱଣ ହୋଇନାହିଁ, କୌଣସି ଯନ୍ତ୍ରାଦ ବାଜି ନାହିଁ, ତଥାପି ଏପରି ନୃତ୍ୟ କେତେ ଜଣ କରିପାରନ୍ତି ?

ମହାଦେବ ଓ ମହାଦେବୀ ଲୀଳାବେଶରେ ଅତୀତର ଏକ ଶୁଭ ଦିନରେ ଜଗନ୍ମୋହନକାରୀ ସୁମଧୁର ଗତି ଭଙ୍ଗୀ ଅର୍ଥାତ୍ ନୃତ୍ୟ ଆବିଷ୍କାର କରିଥିଲେ । ସେହି ଦିନଠାରୁ ଆଜିଯାଏ ଶତ ଶତ ବର୍ଷ, ଯୁଗ ଓ କଳ୍ପ ଅତିକ୍ରମ କରି, ଏହି କଳା ବିଚିତ୍ର ଭାବରେ, ଭଙ୍ଗିରେ, ବିଭିନ୍ନ ଆଦର୍ଶ ନେଇ, ବିବିଧ ଅବସ୍ଥା ମଧ୍ୟରେ ନିଜକୁ ଗଠନ କରି କେତେବେଳେ ସମୃଦ୍ଧି, କେତେବେଳେ ଅପକର୍ଷ ଲାଭ କରି ମାନବ ସମାଜର ବିଭିନ୍ନ ରୁଚିର ପରିଚୟ ଦେଇ ଇତିହାସକୁ ସାହାଯ୍ୟ କରିଅଛି ।

ଏହି ପ୍ରାଚୀନ ନୃତ୍ୟ କଳାକୁ ପୁନର୍ଜ୍ଜୀବିତ କରି ଲୋକପ୍ରିୟ କରିବାର ବହୁ ଚେଷ୍ଟା ବଙ୍ଗଳା ଦେଶରେ ଦେଖା ଯାଉଅଛି । ଶ୍ରୀଯୁକ୍ତ ଉଦୟଶଙ୍କର, ଶ୍ରୀଯୁକ୍ତ ମଣିବର୍ଦ୍ଧନ, ଶ୍ରୀଯୁକ୍ତ ଧୀରେନ୍ଦ୍ରନାଥ ବସୁଙ୍କର ଚେଷ୍ଟା ପ୍ରଶଂସନୀୟ । ଓଡ଼ିଶାରେ ଯେ ନୃତ୍ୟ ପ୍ରଚଳିତ ନ ଥିଲା, ଏପରି ନୁହେ । ଓଡ଼ିଶାର ମନ୍ଦିରମାନଙ୍କରେ ଖୋଦିତ ପ୍ରତିମାମାନଙ୍କ ମଧ୍ୟରେ ଅନେକଗୁଡ଼ିଏ **Dancing Pose** ରେ ଥିବାପରି ଦେଖାଯାଏ । ଓଡ଼ିଶାରେ ଛଉନାଚ ଏବଂ ଗୋଟିପୁଅ ନାଚ ମଧ୍ୟ ଆଜିଯାଏ ପ୍ରଚଳିତ ଅଛି । କିନ୍ତୁ ନୃତ୍ୟକୁ କଳା ହିସାବରେ ଯେପରି ସାଧନାଦ୍ୱାରା ଉତ୍କର୍ଷ ବିଧାନ ପ୍ରୟୋଜନ ତାହା କେହି ଚର୍ଚ୍ଚା କରୁନାହାନ୍ତି । ବୋଧହୁଏ ଆମ୍ଭମାନଙ୍କର ଅବହେଳା ହେତୁ ଦିନେ ତାହା ଲୁପ୍ତ ହୋଇଯିବ ।

କିନ୍ତୁ, ଦେଶ-କାଳ-ଯୁଗର ରୁଚି ଅନୁଯାୟୀ, ବର୍ଷ—ଯୁଗ—କଳ୍ପ ଅତିକ୍ରମ କରି, ଯେଉଁ ସଂସ୍କାର (**tradition**), ଅନୁକୂଳ ସ୍ରୋତରେ ଆମ୍ଭମାନଙ୍କ ନିକଟକୁ ଭସି ଆସିଛି, ତାହା କି କେବଳ ଅବହେଳା, ଅନାଦର, ଅକ୍ଷମତାର ଦୈନ୍ୟ ବହନ କରି ଆକ୍ଷେପର ଦୀର୍ଘ ନିଶ୍ୱାସ ପକାଇ ପକାଇ ବିସ୍ମୃତିରେ ମିଶିଯିବ ? ଆମ୍ଭମାନଙ୍କର ସମସାମୟିକ ଯୁଗରେ ଏପରି କୌଣସି ପ୍ରଚେଷ୍ଟା ରହିଯାଇ ହେବନାହିଁ, ଯାହା କି ଭବିଷ୍ୟତରେ ନୂତନ ଜାତୀୟ ଯୁଗର ତରୁଣ ହୃଦୟରେ ନବ ପ୍ରେରଣାର ରସ ଯୋଗାଇ ପାରିବ, ଉତ୍ସାହର ନବୀନ ଆକାଂକ୍ଷା ଉଦ୍ରେକ କରିବ ? ଉତ୍କଳର ତରୁଣ ସମାଜ ତଥା ତରୁଣୀ ସମାଜ ଏ ଦିଗରେ ଦୃଷ୍ଟି ପକାଇଲେ ସାଫଲ୍ୟ ନିଶ୍ଚିତ । ❋

~~~~~~~~~~~~~~~~

## ଶିଳ୍ପକଳା ସମ୍ବନ୍ଧରେ ପଦେ ❋

### ଶ୍ରୀ ବଂଶୀଧର ବର୍ମା

ଶିଳ୍ପ ପ୍ରାଣପୂର୍ଣ୍ଣ କଳ୍ପନା ଏବଂ ଭିତ୍ତିମୟ । ବାସ୍ତବତା ବା ପ୍ରକୃତି ତାହାର ପରିସ୍ଥିତି । ବାସ୍ତବତା ନ ଥିଲେ କଳ୍ପନାର ଜନ୍ମ ଅସମ୍ଭବ । ମେଘ ପାଣି ନୁହେ । କିନ୍ତୁ ମେଘରେ ପାଣି ଥାଏ । ସେହି ପାଣି ପାଣିରୁ ହିଁ ଉତ୍ପନ୍ନ । ଭୂଭାଗର ଜଳ ବ୍ୟତିରେକେ ଆକାଶ-ମେଘର ଅସ୍ତିତ୍ୱ ସମ୍ପୂର୍ଣ୍ଣ ଅସମ୍ଭବ । ବାସ୍ତବତାର ସବୁଜ ଭୂମି ନ ଥିଲେ କଳ୍ପନାର ସୁନେଲି ସ୍ୱର୍ଗ ଆଦୌ ସମ୍ଭବନ୍ତା ନାହିଁ । ସେହିପରି ଆମ୍ଭମାନଙ୍କର ଜାତୀୟ ଜୀବନ ଜାତୀୟ ଶିଳ୍ପର ପରିସ୍ଥିତି । ଜାତୀୟ ଜୀବନ ବ୍ୟତିରେକେ ଜାତୀୟ ଶିଳ୍ପର ଅଭିବୃଦ୍ଧି ଏକାନ୍ତ ଅସମ୍ଭବ । ଯେଉଁ ଶିଳ୍ପରେ ଜାତୀୟତା ନାହିଁ ତାହା ଜାତି ବା ଦେଶ ପକ୍ଷରେ କଲ୍ୟାଣକର ନୁହେ । ବରଂ ତାହା ଜାତୀୟ ଜୀବନର ଶିରଚ୍ଛେଦନକାରୀ । ଯଦି ଆମ୍ଭମାନଙ୍କୁ ରାମଗଡ଼, କୋଣାର୍କ, ଭୁବନେଶ୍ୱର, ଖଣ୍ଡଗିରି, ଓ ଲଳିତଗିରିର ଉତ୍ତରାଧିକାରୀ ସ୍ୱତ୍ୱ ଲାଭ କରିବାକୁ ହେବ ତା' ହେଲେ ଜାତୀୟତାକୁ ବାଦ୍ ଦେଇ ଆମ୍ଭେମାନେ ପଦାର୍ଦ୍ଧ ମାତ୍ର ଅଗ୍ରସର ହୋଇ ପାରିବା ନାହିଁ । ସମ୍ଭ୍ରାନ୍ତ ବୋଲାଇବାର ଆକାଂକ୍ଷା ନ ଥିଲେ ତ ସ୍ୱତନ୍ତ୍ର କଥା । ଶିଳ୍ପରେ ଜାତୀୟତା ଗୋଟିଏ ଗୁରୁତର ବିଷୟ । ସ୍ୱର୍ଗୀୟ ଇ. ବି. ହାଭେଲଙ୍କର (**E. B. Havell**) ଭାରତକୁ ବିଶେଷତଃ କଲିକତା ଆର୍ଟ ସ୍କୁଲକୁ (**Government Calcutta School of Arts**) ଶୁଭାଗମନ ନ ହୋଇଥିଲେ ଭାରତୀୟ ଚକ୍ଷୁ ଅଦ୍ୟାବଧି ବୋଧହୁଏ ସେ ଦିଗରେ ନିପଟ ଅନ୍ଧ ହୋଇ ରହିଥାନ୍ତା । ତାହାପରେ ତାହାଙ୍କ ସହକର୍ମୀ ଅବନୀନ୍ଦ୍ର ଓ ତଦୀୟ ଅନୁଗାମୀ ବୃନ୍ଦ ଏରୂପ ମହାବ୍ରତରେ ବ୍ରତୀ ହୋଇ ଯାହା ଯାହା କରିଅଛନ୍ତି ଶିଳ୍ପରସିକ ମାତ୍ରକେ ତାହାର ଯଥେଷ୍ଟ ସମ୍ବାଦ ରଖିଥିବେ । ବର୍ତ୍ତମାନ ଯୁଗକୁ ଯେ ଯାହା କହୁ, ମୁଁ ଜାତୀୟତାର ପୁନରୁତ୍ଥାନ ଯୁଗ ବୋଲି ଭାବେଁ । ଲୁପ୍ତ ଗୌରବକୁ

---

❋ ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ପଠିତ

Digitized by srujanika@gmail.com
~~~~~~~~~~~~~~~~

ପୁନଃ ପ୍ରତିଷ୍ଠା କରିବା ଏ ଯୁଗର ଚରମ ଲକ୍ଷ୍ୟ । ଏପରି ସନ୍ଧି ସ୍ଥଳରେ ଶିଳ୍ପୀମାନଙ୍କର ବିଶେଷତଃ ଉତ୍କଳୀୟ ଶିଳ୍ପୀମାନଙ୍କର ଅନେକ ପଛକୁ ଅନାଇବାର ଯଥେଷ୍ଟ କାରଣ ଅଛି । ଆମ୍ଭମାନଙ୍କର ଯାହା କିଛି ସମ୍ପଦ ସବୁ ପଛରେ ପଡ଼ିଚି । ଆଗକୁ ଆମ୍ଭମାନଙ୍କୁ ଯିବାକୁ ହେବ କିନ୍ତୁ ପାଥେୟ ଆଣିବା ସେହି ପଛରୁ । ନିଃସ୍ୱ ହୋଇ କେହି କୌଣସି ଜିନିଷ ଲାଭ କରି ନ ପାରେ । ଧନ, ହୃଦୟ ଓ ମନ—ଏହି ତିନୋଟିକୁ ନେଇ ତ ଗୋଟିଏ କଳା ସୃଷ୍ଟି ଆମ୍ଭର ଅବଶ୍ୟ ଆହରଣୀୟ । ସେହି ତିନୋଟି ହେଉଛି ଜାତୀୟ ରୀତି, ଜାତୀୟ ସମ୍ପଦ ଓ ଜାତୀୟ ଭାବ । ଅନ୍ୟ ଦିଗରେ କଥା ଛାଡ଼ି ଦିଆ ଯାଇପାରେ । ଶିଳ୍ପରେ ଏହାର ବ୍ୟତିକ୍ରମ ଲାଭ ମାତ୍ର ଅସମ୍ଭବ । ଶିଳ୍ପରେ ଦରିଦ୍ରତା ଆଚରଣ କରିବା ଓଡ଼ିଆ ପକ୍ଷରେ ଅଧିକ ଅଗୌରବର କଥା ଛଡ଼ା ଆଉ କିଛି ହୋଇପାରେ ନାହିଁ । ବହିର୍ଜଗତର ଭିକ୍ଷା ବୃତ୍ତି ଅବଲମ୍ବନ ଅପେକ୍ଷା ଓଡ଼ିଆର ଶିଳ୍ପ-ଦରିଦ୍ରତା ଆଚରଣ କରିବା ଅଧିକ ନିନ୍ଦନୀୟ । ଏହାକୁ ମୁଁ ଦରିଦ୍ରତା ବୋଲି ଭାବୁ ନାହିଁ—ଦୃଷ୍ଟିହୀନତା ଦୋଷରୁ ସେ ତାହାର ଗନ୍ତାଘର ଦେଖିପାରୁ ନାହିଁ । ଯଦି ସେ ତାର ଗନ୍ତାଘର ଥରେ ମାତ୍ର ଦେଖନ୍ତା ସେ କେବେ ହେଲେ ମସ୍ତକ ବିକ୍ରି ଭିକ୍ଷା ଥାଳି ଧରି ପାରନ୍ତା ନାହିଁ । ଅନେକେ କହନ୍ତି ଓ ଲେଖନ୍ତି, ଚିତ୍ର କଳାରେ ଓଡ଼ିଆର ଦରିଦ୍ରତା ଅନେକ । ଏହି କଥାଗୁଡ଼ିକ ଶୁଣିଲେ ହସ ମାଡ଼େ । ଅନ୍ଧର ଆଲୋକ ସମ୍ବନ୍ଧରେ ମତ ଦେଲା ପରି ଜଣାଯାଏ । ରାମଗଡ଼ ଓଡ଼ିଶାର ଚିତ୍ର ଶିଳ୍ପର ମହିମାମୟ ପ୍ରଧାନ ଗନ୍ତାଘର । ଓଡ଼ିଶାର ଅଧିକାଂଶ ତାଳପତ୍ର ପୋଥି ଚିତ୍ର ଶିଳ୍ପର ଅପୂର୍ବ ସମ୍ପଦ । ଗଜପତି ପୁରୀ ମହାରାଜାଙ୍କ ପ୍ରାସାଦରେ ଥିବା wood-cut block ମୁଦ୍ରିତ ପ୍ରାଚୀନ କପଡ଼ାଗୁଡ଼ିକ ଦେଖିଲେ କାହାର ଜିଭ ଅଛି—ଓଡ଼ିଶାର ଚିତ୍ର ଶିଳ୍ପ ଦରିଦ୍ର ବୋଲି କହିଦେବ ! ଆଜି ମଧ୍ୟ ଓଡ଼ିଶାରେ ଯାହାଙ୍କୁ 'ଚିତ୍ରକାର' ବୋଲି ଲୋକେ କହି ଆଡ଼ ଦୃଷ୍ଟି ନିକ୍ଷେପ କରନ୍ତି ତାହାଙ୍କର ହସ୍ତନୈପୁଣ୍ୟ ଓ ଜାତୀୟ ପଦ୍ଧତିର ସମୁଜ୍ଜ୍ୱଳ ଶିଳ୍ପଶ୍ରୀ ଦେଖିଲେ ଚକ୍ଷୁ ଝଲସି ଯାଏ, ହୃଦୟ ଆପେ ତୃପ୍ତ ହୋଇ ଆସେ । ଅନାଦର ଓ ଅବହେଳାରୁ ତାହାର ଦଶା ଯାହା ଶୋଚନୀୟ ହୋଇଅଛି ମାତ୍ର । ଏ ବିଷୟରେ ପୁରୀର ପଣ୍ଡା ପଡ଼ିଆରୀମାନଙ୍କ ଗୃହର ଭିତ୍ତିଗାତ୍ର ଓ ମନ୍ଦିରମାନଙ୍କର କାନ୍ଥ ଲକ୍ଷ୍ୟ କରିବାର ବିଷୟ । ଦୁଃଖର ବିଷୟ ଆଜି କାଲି ପୁରୀ ମନ୍ଦିର ପରି ଦେଉଳ ମଧ୍ୟରେ କର୍ତ୍ତୃପକ୍ଷମାନଙ୍କ ରୁଚି ଦରିଦ୍ରତାରୁ କେତେକ ବାଜେ କଟକୀ କାରିଗରଙ୍କର ତୁଳିଚିତ୍ର କରି ଯାଇଅଛି । ଏହା ଅତ୍ୟନ୍ତ ପରିତାପର ବିଷୟ । ଆମ୍ଭମାନଙ୍କୁ ସ୍ମରଣ ରଖିବାକୁ ହେବ ସେହି 'ଚିତ୍ରକାର' ଓ ପଥୁରିଆମାନେ ହିଁ ପ୍ରକୃତ ପୁରୀ, କୋଣାର୍କ ଓ ଭୁବନେଶ୍ୱର ପ୍ରଭୃତିର ଉତ୍ତରାଧିକାରୀ । ସେହି ମହାଶିଳ୍ପୀମାନଙ୍କ ବିଶାଳତାର ଅଂଶ ଅଦ୍ୟାବଧି ସେମାନଙ୍କର ବଂଶଧରମାନଙ୍କଠାରେ ଲୁପ୍ତ ରହିଅଛି । ଘର ଦିଅଁ ନ ପୂଜି ପର ଦିଅଁ ପୂଜିବା କଥା ଆମ୍ଭମାନଙ୍କ ମଧ୍ୟରେ ବିଶେଷ ଭାବରେ ଦେଖାଦିଏ । କଟକରେ ଏତେ ବଡ଼ ପ୍ରଦର୍ଶନୀଟିଏ ବସିଲା, ମାତ୍ର ପୁରୀ ଓ ନିକଟ ଗିରି ପ୍ରଭୃତିରେ ଅସଂଖ୍ୟ ଶିଳ୍ପୀ ଥିବା ସତ୍ତ୍ୱେ ସେମାନଙ୍କର କୌଣସି ହାତ କାମ ଆଣା ଯାଇ ନ ଥିଲା । ଗୋଟିଏ ଅପରିଣତ ପଦ୍ଧତି, ଅନାଦରଣୀୟ ରୁଚିର କାଠ କାମ ଦେଖି ଲୋକମାନେ ତନ୍ମୟ ହୋଇଯିବାକୁ ଲାଗିଲେ ମାତ୍ର । ଅଳ୍ପ ଯାଏ କେହି ହେଲେ ଉତ୍କଳ ଜାଣନ୍ତି କି କୋଣାର୍କର ପ୍ରଧାନ ଉତ୍ତରାଧିକାରୀ ଓଡ଼ିଶାର ସଚ୍ଚା ଶିଳ୍ପୀ ଶ୍ରୀଯୁକ୍ତ ଶ୍ରୀଧର ମହାପାତ୍ରଙ୍କ କଥା ? ସେ ଅବନୀନ୍ଦ୍ର ନାଥଙ୍କ "ଭାରତୀୟ ପ୍ରାଚ୍ୟ କଳା ପରିଷଦ" (The Indian Society of Oriental Art)ରେ ଭାସ୍କର୍ଯ୍ୟ-ଅଧ୍ୟାପକ । ନିରୀହ ନିରକ୍ଷର ! କିନ୍ତୁ ଶିଳ୍ପରେ ଜଗଦ୍‌ବରେଣ୍ୟ ହେବାର ଅମିତ ଦକ୍ଷତା ତାହାଙ୍କର ବର୍ତ୍ତମାନ । ତାହାଙ୍କର କେତେକ ପ୍ରସ୍ତର ଗଠିତ ମୂର୍ତ୍ତି ଲଣ୍ଡନ ମିଉଜିଅମ୍ ଓ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳର ଚିତ୍ରଶାଳାମାନଙ୍କ ପ୍ରକୋଷ୍ଠ ପବିତ୍ର କରୁଅଛି । ବିଶେଷ ଉଲ୍ଲେଖଯୋଗ୍ୟ ଯେ ଶ୍ରୀଯୁକ୍ତ ଶ୍ରୀଧରଙ୍କ କାଷ୍ଠ-ଖୋଦିତ ନଟରାଜ ମୂର୍ତ୍ତି ଯାହା କି କଲିକତା କର୍ପୋରେସନ୍ ତରଫରୁ ନୃତ୍ୟବୀର ଉଦୟ ଶଙ୍କରଙ୍କୁ ଉପହାର ପ୍ରଦତ୍ତ ହୋଇଅଛି, ସେହି ମୂର୍ତ୍ତିଟିକୁ ଆଗରେ ରଖି ନୃତ୍ୟବୀର ନୃତ୍ୟାରମ୍ଭ କରନ୍ତି ।

ବର୍ତ୍ତମାନ ଶିଳ୍ପରେ ନିଜସ୍ୱ ସମ୍ବନ୍ଧରେ ଦୁଇ କଥା କହି ଓ ରାମଗଡ଼ର କିଞ୍ଚିତ୍ ପରିଚୟ ଦେଇ ମୋର ପତ୍ରଟି ଶେଷ କରେଁ । ମଧ୍ୟ ପ୍ରଦେଶର ସୁରୁଗୁଜା ଜିଲ୍ଲାରେ ରାମଗଡ଼ ଅବସ୍ଥିତ । ରାମଗଡ଼ର ଚିତ୍ର ସମ୍ପଦ ଅଜନ୍ତା ଗୁମ୍ଫାର ଶିଳ୍ପଠାରୁ ଅଧିକ ପ୍ରାଚୀନତର ଓ ଏହା ଓଡ଼ିଶାର ଖାଣ୍ଟି ନିଜସ୍ୱ ଧନ । ସେ ସମୟରେ ରାମଗଡ଼ ଉତ୍କଳର ଅଙ୍ଗୀଭୂତ ଥିଲା । ଏହି ରାମଗଡ଼ ବା ରାମଗିରି କାଳିଦାସଙ୍କର ମେଘଦୂତ ବର୍ଣ୍ଣିତ ରାମଗିରି ଅଟେ । ଏଠାରୁ ଚିତ୍ରକଳା ଆରମ୍ଭ ହୋଇ ପରେ ଅନ୍ୟାନ୍ୟ ସ୍ଥାନକୁ ବିସ୍ତୃତ ହୋଇଅଛି । A History of Fine Art in India and Ceylone ରେ Vincent Smith ଏହାର ପ୍ରମାଣ କରିଅଛନ୍ତି । ଶିଳ୍ପରେ ନିଜସ୍ୱ ଅର୍ଥ ଜାତୀୟ ପଦ୍ଧତିରେ ନିଜର ଶିଳ୍ପକଳାକୁ ପ୍ରତିଷ୍ଠିତ କରିବା । ଯେଉଁଥିରେ ଆମର ଜାତୀୟ ଭାବ, ଜାତୀୟ ପ୍ରାଣ, ଜାତୀୟ ଜୀବନ ଜାଗରିତ ହେବ ; ଯେଉଁ ସ୍ୱର-ସନ୍ଧାନରେ ନିଜ ଶିଳ୍ପ-ସରସ୍ୱତୀଙ୍କର ସମ୍ମୋହିନୀ ବୀଣା ବାଜି ଉଠିବ ତାହାର ଆରାଧନାରେ ଏକାନ୍ତ ଲକ୍ଷ୍ୟ ରଖିବା ଉଚିତ । ଶିଳ୍ପର ମୂକ ଇଙ୍ଗିତରୁ ଜାତୀୟ ସ୍ୱତନ୍ତ୍ରତାର ସମ୍ୟକ୍ ପରିଚୟ ଦେବା ଶିଳ୍ପୀଙ୍କର ପ୍ରଧାନ କର୍ତ୍ତବ୍ୟ । ଯଦି ଆମ୍ଭମାନଙ୍କର କୋଙ୍ଗଡ଼ା, ରାଜପୁତ ବା ଅଜନ୍ତା ପରି କୌଣସି ସ୍ୱତନ୍ତ୍ର ପଦ୍ଧତି ନ ଥାନ୍ତା, ତା'ହେଲେ ମହାଭାରତୀୟ ଯେ କୌଣସି ପଦ୍ଧତିରେ ରେଖାପାତ କରିବା ନିନ୍ଦନୀୟ ହୁଅନ୍ତା ନାହିଁ । ଦେଶ ବିଦେଶୀୟ ମନୀଷୀମାନେ ଏ ବିଷୟରେ ଆମ୍ଭମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇଦେବା ପରେ ମଧ୍ୟ ଏ ଦିଗରେ ବିମୁଖତା ଆଚରଣ ଅତ୍ୟନ୍ତ ଅଶୋଭନୀୟ । ସ୍ୱର୍ଗୀୟ ରାଜା ରବିବର୍ମାଙ୍କ ଭଳି କେତେ ଜଣ ଅଛନ୍ତି ପାଶ୍ଚାତ୍ୟ ପଦ୍ଧତିରେ ଅନନ୍ୟସାଧାରଣ ଦକ୍ଷତା ଅର୍ଜନ କରିବାକୁ ? କିନ୍ତୁ ଅବନୀନ୍ଦ୍ର ଓ ନନ୍ଦଲାଲଙ୍କ କତିପୟ ତୁଳିକା ସ୍ପର୍ଶରେ ସ୍ୱର୍ଗୀୟ ବିଭବ

ବାକ୍ୟରେ ତାହା କେତେ ଲଘୁ, ପ୍ରତ୍ୟେକ ଶିଳ୍ପରସିକ ମାତ୍ରେ ଅନୁଭବ କରି ପାରିବେ । ଶିଳ୍ପର ସ୍ୱର୍ଗୀୟ ପବିତ୍ରତାକୁ ଅଶ୍ଳୀଳ ଛାୟାର ସ୍ଥୂଳ ପରିସ୍ଥିତି ମଧ୍ୟରେ ହରାଇଦେଇ ସେ କେବଳ ବାସ୍ତବତାର ଅସାରତାରେ ଭୁଲିଗଲେ ମାତ୍ର ।

ସିଂହଳର ଫ୍ରେସ୍କୋ ପେଣ୍ଟିଂ (**Frescos of Ceylone**) ଓ ଅଜନ୍ତାର ଚିତ୍ରାବଳୀ ଦେଖିଲେ କିଏ ମନେ କରିବ ଏହା ବାସ୍ତବତାରୁ ରୂପ ଗ୍ରହଣ କରିଅଛି ବୋଲି ? କିନ୍ତୁ ତତୋଧିକ ଆଶ୍ଚର୍ଯ୍ୟର ବିଷୟ ଯେ ଏହା ସମ୍ପୂର୍ଣ୍ଣ ଉତ୍କଳୀୟ ପଟ୍ଟଧାନ-ପରପାଠୀର ଅବିକୃତ ଛାୟା । ଯାହା ଆଜିକାଲି ଭାରତୀୟ ରଙ୍ଗମଞ୍ଚରେ ଅର୍ଗାଣ୍ଡି ବା ଓରିଏଣ୍ଟାଲ୍ ଡ୍ରେସ୍ ବୋଲି ଘୋଷିତ ହେଉଅଛି, ତାହା ପୁରୀର ପଣ୍ଡାକନ୍ୟାମାନଙ୍କର "ନେତ" ଉତ୍ସବରେ ବ୍ୟବହୃତ ହେଉଥିବା ପୋଷାକ ଓ ସାଜସଜ୍ଜା । ଅବିବାହିତା କନ୍ୟାମାନେ ବିବାହ ପୂର୍ବରୁ ଗୌରୀ ପୂଜା କରିବା ପାଇଁ ଉପାସନା କରନ୍ତି । ସେହି ଉପାସନା ଦିନଗୁଡ଼ିକର ପଟ୍ଟଧାନ-ପରପାଠୀ ଅବିକଳ ଭାବରେ ସିଂହଳ ଓ ଅଜନ୍ତାର ଚିତ୍ରଗୁଡ଼ିକରେ ବିକଶିତ ହୋଇଅଛି । କିନ୍ତୁ ଆମ୍ଭେମାନେ ଅନ୍ଧ ହୋଇ ଏହି ବିଂଶ ଶତାବ୍ଦୀର ଆଲୋକିତ ବକ୍ଷରେ ଜାତୀୟତା ଭୁଲି, ସ୍ୱାତନ୍ତ୍ର୍ୟ ହରାଇ ବିପଥଗାମୀ ହେଲେ କ୍ଷତି କାହାର ?

ସେ ଦିନର କଥାଟି ମୋର ମନେ ପଡ଼େ । ଦେଶମିଶ୍ରଣ ଆନ୍ଦୋଳନ ସମ୍ପର୍କରେ ବଟପୁରର ମଧୁବାବୁଙ୍କର ଆଦେଶ ଆସିଲା କେତେକ ଡିଜାଇନ୍ (**design**) ଅଙ୍କନ କରି ଦେବା ଲାଗି । ୩ ମିନିଟ ମଧ୍ୟରେ ଗୋଟିଏ ୭ ବର୍ଷ ପିଲାର ପୂର୍ଣ୍ଣାବୟବ ଅଙ୍କନ କରିବାକୁ କହିଲେ । ଲଳିତକଳାର ଆଦେଶ ମଧ୍ୟରେ ଆବଦ୍ଧ କରି ହସ୍ତର ଯଥାସାଧ୍ୟ ଲଘୁତା ନିୟୋଜିତ କଲି । କିନ୍ତୁ ନମ୍ବର ପାଇଲି ଜିରୋ (**Zero=0**) । " ଇଏ ତ ଏନି (**any**)— କାହିଁ ଚୁଟି ?—ଖଣ୍ଡୁ ଓ ନୋଲି ମଧ୍ୟ କାହିଁ ? ଓଡ଼ିଆ ପିଲାର **cut** କାହିଁ ? ତମେ କି ଜାଣ ? "······ଇତ୍ୟାଦି । ପରେ କରିଦେବି ବୋଲି ସମୟ ଆଣିଲି ଓ ବଙ୍ଗାଳି ବାବୁ, ତେଲଗୁ ଭଦ୍ରଲୋକ, ବେହାରୀ ବିଲ୍ଲ ପେଣ୍ଟୁଆ ବାବୁ; ଏହିପରି ବିଭିନ୍ନ କେତେକ ଛବି ଆଙ୍କି ଦେବାକୁ ମଧ୍ୟ ଆଦେଶ ହେଲା । ଶେଷରେ ଫେରି ଆସିଲା ବେଳେ ମୁଖରୁ ତାଙ୍କର ଗୋଟାଏ କଥା ଶୁଣିଲି " ଓଡ଼ିଆ ହୁଅ— ।" ମୁଁ ଆଜି ଭାବେ ସେ ଏହି ଖଣ୍ଡି, ନୋଲି ପିନ୍ଧା ଓଡ଼ିଆ ହେବା କଥା କହୁ ନ ଥିଲେ । ସେ କହୁଥିଲେ—ଓଡ଼ିଆର ରକ୍ତ, ଓଡ଼ିଆର ପ୍ରାଣରେ ପ୍ରତିଷ୍ଠିତ ତାହାର ସମ୍ପଦକୁ ଚିହ୍ନିଥିବା ଭଲ ଲୋକ ; ତାହାର କୋଣାର୍କ ଭୁବନେଶ୍ୱରର ପ୍ରସ୍ତର କଳେବରରେ ଆଲିଙ୍ଗନ ଲାଭ କରିଥିବା ହସ୍ତର ରେଖା !

❁ ❁ ❁ ❁

ଉଲ୍ଲିଖିତ ମତଗୁଡ଼ିକରୁ କେହି ଯେପରି ନ ବୁଝନ୍ତି ଯେ ଆର୍ଟ (**art**)ରେ ନୂତନତ୍ୱ ଅଗ୍ରାହ୍ୟ ବୋଲି । ଶିଳ୍ପକୁ ନୂତନ ରୂପ ଦେବା ଶିଳ୍ପୀର ଧର୍ମ । ଶିଳ୍ପୀର ଅନ୍ୟ ନାମ ସ୍ରଷ୍ଟା । ମାତ୍ର ସେହି ନୂତନତା ସୁରୁଚିସମ୍ପନ୍ନ, ଦୋଷବର୍ଜିତ ଓ ସ୍ୱାତନ୍ତ୍ର୍ୟପୂର୍ଣ୍ଣ ହେବା ବାଞ୍ଛନୀୟ । ହିନ୍ଦୁ ଧର୍ମରେ ଅସ୍ପୃଶ୍ୟତା ଗୋଟିଏ କୁସଂସ୍କାର । ତାହାକୁ ଦୂର କରିବା ଆମର କର୍ତ୍ତବ୍ୟ । ତାହା ବୋଲି ହିନ୍ଦୁ ଧର୍ମ ଖରାପ ଭାବି ଧର୍ମାନ୍ତର ଗ୍ରହଣ ଯେପରି ବିବେକୀର ପରିଚାୟକ ନୁହେଁ, ଆର୍ଟରେ ନୂତନ ରୂପ ପ୍ରଦାନ ନ କରି ସ୍ୱକୀୟ ପଦ୍ଧତି ପରିତ୍ୟାଗ କରିବା ତତୋଧିକ ଅବିବେକତା ।

ଶିଳ୍ପ ସାହିତ୍ୟର ପ୍ରଧାନ ଅଙ୍ଗ । ଆମ ଦେଶ ଶିଳ୍ପର ଦେଶ । ଉତ୍କଳ କହିଲେ ଗୋଟିଏ ଶିଳ୍ପଶୋଭିତ କଳ୍ପଲୋକର ପରି-କଳ୍ପନା ମନରେ ଜାତ ହୁଏ । ମାତ୍ର ଆଧୁନିକ ସାହିତ୍ୟ-ଜଗତରେ ଶିଳ୍ପର ସ୍ଥାନ ଅନେକ ଦୂରରେ ଥିଲା ପରି ବୋଧ ହୁଏ । କୌଣସି ବହି ଓ ମାସିକ ପତ୍ରିକାମାନଙ୍କରେ ସେପରି ସୁରୁଚିସଂପନ୍ନ ଶିଳ୍ପର ସମାବେଶ ଦୃଷ୍ଟିଗୋଚର ହୁଏନାହିଁ । ତାହା ସେହି ବିଭାଗର ଅଧିକାରୀମାନଙ୍କର ରୁଚିହୀନତା ଓ ଅଦୂରଦର୍ଶିତା ପ୍ରମାଣିତ କରେ ମାତ୍ର । କୌଣସି ଅର୍ବାଚୀନ ବଙ୍ଗୀୟ କାରିଗରଙ୍କ ହସ୍ତାଙ୍କିତ ଚିତ୍ରର ପ୍ରତିଲିପି (ନକଲ ?) ଉତ୍କଳୀୟ ଶିଳ୍ପିଙ୍କ ନାମ ଧାରଣ କରି ଆମ୍ଭମାନଙ୍କର ଶ୍ରେଷ୍ଠ ମାସିକର ପ୍ରଚ୍ଛଦପଟରେ ସ୍ଥାନ ପାଇବାର ଯଥେଷ୍ଟ ସୁବିଧା ସୁଯୋଗ ମଧ୍ୟ ପାଏ । ପ୍ରତିବେଶୀ ଏଥିରୁ ଆମର ବୁଦ୍ଧିବୃତ୍ତିର ପ୍ରଚୁର ପରିଚୟ ପାଉଥିବେ । ହାୟ, ଆମ୍ଭେ-ମାନେ କି ହୀନ ! ଆଫ୍ରିକାର ନିଗ୍ରୋଶିଳ୍ପ ମଧ୍ୟ ପୃଥିବୀ ବକ୍ଷରେ ତାହାର ସ୍ୱାତନ୍ତ୍ର୍ୟ ସ୍ଥାପନ କରି ପାରିଅଛି ।।

ଜାତୀୟ ପଦ୍ଧତି କଥା ଛାଡ଼ । ଅଳ୍ପଡିଗତ ସମ୍ପତ୍ତି ମଧ୍ୟ ଆଧୁନିକ ଉତ୍କଳୀୟ ଶିଳ୍ପୀଦ୍ୱାରା ଅଙ୍କିତ ଛବିରୁ ବାହାର କରିବା ଆଜିକାଲି କଠିନ ହୋଇ ପଡ଼ିଅଛି । କେଉଁ ବିଶ୍ୱମାନବର ଛବି ଯେ ସେମାନେ କଳ୍ପନାରାଜ୍ୟରେ ଦେଖୁଅଛନ୍ତି ତାହା କଳନା କରିବା ଅତି କଠିନ । ଓଡ଼ିଆ ଝିଅଟିଏ ଆଙ୍କିବାକୁ ଗଲେ ଆଙ୍କିବେ ସପନ-ସୁନ୍ଦରୀ (?) । ସାନ୍ତାଳ ବାଳିକାର ଛବି ଆଙ୍କି ବ୍ଲାଉଜ୍ ପିନ୍ଧାଇବାକୁ ମଧ୍ୟ ଅନେକେ ଅବହେଳା ନ କରୁଥିବା ଦେଖାଗଲାଣି ।

କିସ ପୁଣି ଦେଖା ନ ଯାଇ

ଯେବେ ଥାଇ ଜୀବରେ !

ଯାହାହେଉ, ଏପରି ବିପ୍ଳବ ଶିଳ୍ପରାଜ୍ୟରେ ଉପହାସ ଛଡ଼ା ଅନ୍ୟ କୌଣସି ଶୃଙ୍ଖଳା ଆଣି ପାରିବ ନାହିଁ, ଏହା ସ୍ଥିର ନିଶ୍ଚୟ ।

ପତ୍ରଟି ଶେଷ କରିବା ପୂର୍ବରୁ ଥରେ ମୋର ଜନ୍ମଭୂମିର ସାହିତ୍ୟିକ, କବି ଓ ପତ୍ର ପତ୍ରିକାର ସମ୍ପାଦକମାନଙ୍କୁ ବିନୀତ ଅନୁ-ରୋଧ, ସେମାନେ କୌଣସି ଅପର ଏକ ପ୍ରାଣୀଜଗତର ପରିକଳ୍ପନା ପୂର୍ବରୁ ଥରେ ତାଙ୍କର ପଛକୁ ଓ ଦୁଇ ପାଖର ମା' ଭଉଣୀ ତଥା ଭାଇମାନଙ୍କ ପ୍ରତି ଦୃଷ୍ଟି ଦିଅନ୍ତୁ । କୌଣସି ବିଦେଶୀୟ ପଦ୍ଧତିପୂର୍ଣ୍ଣ ଅଯଥା କଦର୍ଯ୍ୟ ଶିଳ୍ପର ନକଲକୁ ସେମାନେ ତାହାଙ୍କ ସାହିତ୍ୟ ମଧ୍ୟରେ ସ୍ଥାନ ନ ଦେବାକୁ କୃତସଂକଳ୍ପ ହେଉନ୍ତୁ । ଆଶା ହୁଏ ସେମାନେ ଏହିପରି ବ୍ରତସାଧନରେ " ପ୍ରବାସୀ " ସମ୍ପାଦକ ଶ୍ରୀଯୁକ୍ତ ରାମାନନ୍ଦ ଚଟ୍ଟୋପାଧ୍ୟାୟଙ୍କ ପରି କାର୍ଯ୍ୟ କଲେ ଅଚିରେ ଜାତୀୟ ଭାବ ଆମ୍ଭମାନଙ୍କ ଶିଳ୍ପରେ ନିଶ୍ଚୟ ଜାଗି ଉଠିବ !!

·····················

Digitized by srujanika@gmail.com

# ବିଶ୍ୱ-ସମସ୍ୟା

ଶ୍ରୀ ଶଶିଭୂଷଣ ରାୟ

ଶତ୍ରୁର (ଶତ୍ରୁଘ୍ନ) ବୟସ ୭ ବର୍ଷ । ସେ ଅଳ୍ପ ଦିନ ହେଲା ସ୍କୁଲକୁ ଯାଉଅଛି । ଯାହାର ଯାହା ଦେଖେ ତାହା ନେବାକୁ ଇଚ୍ଛା ପ୍ରକାଶ କରେ, ଯାହା ମୁହଁରୁ ଯାହା ଶୁଣେ ତାହା ଶିଖି ପକାଏ । ଦିନେ ସ୍କୁଲରୁ ଛୁଟି ହେଲା ମାତ୍ରେ ଘରକୁ ଆସି ବାପାଙ୍କ ନିକଟରେ କେତେ ଗୁଡ଼ିଏ ଦ୍ରବ୍ୟ କିଣିବା ସକାଶେ ଅଳି କଲା । ପିତାର ସେ ଭଳି ସ୍ୱଚ୍ଛଳ ଅବସ୍ଥା ନୁହେ, ସୁତରାଂ ପିତା ପୁତ୍ରର ପ୍ରାର୍ଥିତ ଦ୍ରବ୍ୟଗୁଡ଼ିକ ଆଣି ଦେଇ ପାରିଲେ ନାହିଁ । ଏଥିରେ ଶତ୍ରୁର ବିରକ୍ତି ଓ କ୍ରୋଧ ବର୍ଦ୍ଧିତ ହେଲା । ସେ କାନ୍ଦି କାନ୍ଦି କହି ପକାଇଲା "ବାପାର ଚୁଟି ଥିଲେ ମୁଁ ତାହାକୁ ଭଲ କରି ଝିଙ୍କି ଦିଅନ୍ତି ।" ଶତ୍ରୁ ବିଦ୍ୟାଳୟର କୌଣସି ବାଳକକୁ ତାହାର ସହପାଠୀର ଚୁଟି ଝିଙ୍କିବାର ଦେଖି-ଥିଲା, ସୁତରାଂ ନିଜ ବାପାଙ୍କ ଉପରେ ତାହାର ତଦ୍ରୂପ ଆଚରଣର ସ୍ପୃହା ହୋଇଥିଲା ।

ଅବୋଧ ପୁତ୍ରର ପିତା ମଧ୍ୟ ଅବୋଧ । ପିତା ଅନନ୍ୟ ମନରେ ଚିନ୍ତା କରନ୍ତି, ଗୃହଅଡ଼କୁ ଦୃଷ୍ଟିପାତ କରନ୍ତି, ନିଜର ଅଳ୍ପ ବୁଦ୍ଧି ପ୍ରସୂତ ମନରେ ଭଲ ନିଜକୁ ଧିକ୍କାର ଦିଅନ୍ତି ଏବଂ ପୁତ୍ର କଥା ସ୍ମରଣ କରି ଭାଳନ୍ତି ଯେବେ ଏ ବିଶ୍ୱର ଆଦିଦେବଙ୍କୁ ଦେଖନ୍ତି ତାହା-ହେଲେ ତାହାଙ୍କର ଚୁଟି ଝିଙ୍କି ପଚାରନ୍ତି "ପ୍ରଭୁ, ତୁମ୍ଭଙ୍କୁ ଚିହ୍ନିବାକୁ ଏତେ ବିବାଦ ବିସମ୍ବାଦ କାହିଁକି ? ଏତେ ତର୍କ ବିତର୍କ ମଧ୍ୟ କାହିଁକି ? ତୁମ୍ଭର ସୃଷ୍ଟିକୁ ବୁଝି ପାରିଲେ ସିନା ତୁମ୍ଭଙ୍କୁ ବୁଝିବ ? ତୁମ୍ଭେ ଜୀବ ସମୂହର ମୁକ୍ତି ବିଧାନ ସକାଶେ ଗୋଟିଏ ସୁଗମ ମାର୍ଗ ବାହାର କରି ନାହଁ କାହିଁକି ?"

ଗ୍ରାମର ବଟବୃକ୍ଷ ମୂଳରେ ପ୍ରସ୍ତର ଖଣ୍ଡ ପ୍ରତିଷ୍ଠିତ ରହିଅଛି । ଶତ ଶତ ଲୋକେ ନତ ଶିରରେ ସେହି ପ୍ରସ୍ତର ଖଣ୍ଡକୁ ପ୍ରଣାମ କରି-ଥାଆନ୍ତି । ଗ୍ରାମର ସେହି ମଙ୍ଗଳା କିମ୍ବା ଷଠୀ ଦେବୀଙ୍କର ଯାହାଙ୍କ ପ୍ରତି କୃପା ହୁଏ, ଯେ ତାହାଙ୍କୁ ଭକ୍ତି ସହକାରେ ଧୂପ, ଦୀପ, ନୈବେଦ୍ୟ ପ୍ରଭୃତି ଅର୍ପଣ କରି ପୂଜା କରନ୍ତି ତାହାଙ୍କ ଗୃହରେ ପୁତ୍ର କନ୍ୟା ଶୋଭିତ ଏବଂ ଯେ ଦେବୀଙ୍କୁ ଅବଜ୍ଞା କରନ୍ତି ତାହାଙ୍କର ବଂଶ ହ୍ରାସ ହୁଏ । ମଙ୍ଗଳା କିମ୍ବା ଷଠୀ ଦେବୀଙ୍କୁ ଉତ୍ତମ ନୈବେଦ୍ୟାଦି ଉତ୍ସର୍ଗ କଲେ କଅଣ ବଂଶ ବୃଦ୍ଧି ହୋଇଥାଏ ? ଅବୋଧ ପୁତ୍ରର ଅବୋଧ ପିତା ବୁଝିବାକୁ ଅକ୍ଷମ । ପୁରୋହିତଙ୍କୁ ସାଷ୍ଟାଙ୍ଗ ପ୍ରଣାମ, ପର୍ଯ୍ୟାପ୍ତ ଦକ୍ଷିଣା, ପରିଚ୍ଛଦ ପ୍ରଭୃତି ଦାନ ନ କଲେ ସେ ଆଶୀର୍ବାଦ କରନ୍ତି ନାହିଁ । ଗୃହରେ କୌଣସି ଅକଲ୍ୟାଣ ଘଟି-ଗଲେ ପିତା ଭାଳନ୍ତି ପୁରୋହିତଙ୍କର ଅସନ୍ତୋଷ କଅଣ ତାହାଙ୍କ ଗୃହରେ ଅକଲ୍ୟାଣର କାରଣ ? କୌଣସି ପୁତ୍ରର ପୀଡ଼ା ହେଲା । ଚିକିତ୍ସକ କହିଲେ ପୁତ୍ରର ଶୋଣିତ ବିଷାକ୍ତ ହୋଇଅଛି, ଔଷଧ ଦ୍ୱାରା ବିଷ ନଷ୍ଟ କରିବା ପ୍ରୟୋଜନ । ପିତା ଭାଳିଲେ ବାଳକର ପ୍ରାଣ-ନାଶ ସକାଶେ କି ଭଗବାନ ବିଷର ସୃଷ୍ଟି କରିଅଛନ୍ତି ? ଦୈବଜ୍ଞ ଗ୍ରହାଚାର୍ଯ୍ୟ ଆସିଲେ, ବାଳକର ଜନ୍ମ ପତ୍ରିକା ବିଚାର କରି କହିଲେ ଶନିର କୁଦୃଷ୍ଟି ହେତୁରୁ ବାଳକର ପୀଡ଼ା ହୋଇଅଛି, ଶନି ଗ୍ରହଙ୍କର ଶାନ୍ତି କରିବା ହିଁ ପ୍ରୟୋଜନ । ପିତା ଭାଳିଲେ ଶନିଙ୍କର କୁଦୃଷ୍ଟି କଅଣ ବାଳକର ରୋଗର କାରଣ ? ମଙ୍ଗଳାକାଙ୍କ୍ଷିଣୀ ପ୍ରତିବେଶିନୀଗଣ କହିଲେ ଗ୍ରାମର ବୃଦ୍ଧା ଡାଆଣୀ ବାଳକ ଉପରେ କୁଦୃଷ୍ଟି ପକାଇ ଅଛି, ତାହା ହିଁ ବାଳକର ରୋଗର କାରଣ । ଗୁଣିଆ-ଦ୍ୱାରା ଝଡ଼ା ଫୁଙ୍କା କଲେ ବାଳକର ରୋଗ ଶାନ୍ତ ହେବ । ପିତା ଭାଳିଲେ ଡାଆଣୀର କୁଦୃଷ୍ଟି କଅଣ ବାଳକର ରୋଗର କାରଣ ? କେତେକ ବନ୍ଧୁ କହିଲେ ଆବାସ ଗୃହଟି ନିତାନ୍ତ ଅସ୍ୱାସ୍ଥ୍ୟକର, ଗୃହ ପରିବର୍ତ୍ତନ କଲେ ବିନା ଔଷଧରେ ରୋଗ ଉପଶମ ହେବ । ପିତା ଭାଳିଲେ ପୁରୁଷାନୁକ୍ରମର ଆବାସ ଗୃହ ତ୍ୟାଗକଲେ କଅଣ ରୋଗର ଉପଶମ ହେବ ? ବାଳକର ମାତା କହିଲେ ଅନ୍ନପ୍ରାଶନ ଦିନରେ ବାଳକକୁ ସ୍ୱର୍ଣ୍ଣାଳଙ୍କାର ଦିଆଯାଇ ନାହିଁ, ସ୍ୱର୍ଣ୍ଣର ସଂସ୍ପର୍ଶରେ ସକଳ ରୋଗ ଆରୋଗ୍ୟ ହୋଇଥାଏ । ଯେବେ ଅନ୍ନପ୍ରାଶନ ସମୟରୁ ବାଳକ ସ୍ୱର୍ଣ୍ଣ ବ୍ୟବହାର କରିଥାଆନ୍ତା ତାହାହେଲେ କେବେହେଁ ବାଳକର ଏଭଳି ରୋଗ ହୁଅନ୍ତା ନାହିଁ । ପିତା ଭାଳିଲେ ଗୃହିଣୀଙ୍କର କଥା କଅଣ ସଠିକ ନୁହେ ? ଅର୍ଥାଭାବ କଅଣ ବାଳକର ରୋଗର କାରଣ ? ଜଣେ ଦାର୍ଶନିକ ପଣ୍ଡିତ ଆସି କହିଲେ ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ କର୍ମର ପ୍ରାଧାନ୍ୟ ସ୍ୱୀକାର କରିଅଛନ୍ତି; ବାଳକର ଏ ଜନ୍ମରେ କୌଣସି ପାପ ଦିଶୁ ନାହିଁ, ସୁତରାଂ ଜନ୍ମାନ୍ତରର କର୍ମଫଳରୁ ବାଳକ ରୋଗରେ କଷ୍ଟ ପାଉଅଛି । ପିତା ଭାଳିଲେ ଜନ୍ମାନ୍ତରୀଣ କର୍ମଫଳ କଅଣ ରୋଗର କାରଣ ?

ଅବୋଧ ପିତା କିଛି ହିଁ ସ୍ଥିର କରିପାରୁ ନାହାନ୍ତି । ନଭୋ-ମଣ୍ଡଳକୁ ଦୃଷ୍ଟି ଦେଲେ ଦେଖନ୍ତି ସେଠାରେ ମହାତେଜସ୍ୱୀ ସୂର୍ଯ୍ୟ କିରଣଜାଳରେ ଦିଗନ୍ତ ପ୍ଲାବିତ କରି ଜଗତକୁ ପବିତ୍ର କରୁଅଛନ୍ତି— ମଳମୂତ୍ର, ପୂତିଗନ୍ଧ, କିଛି ହିଁ ସୂର୍ଯ୍ୟଙ୍କର ତ୍ୟାଜ୍ୟ ପଦାର୍ଥ ନୁହେ । ଏହି ପବିତ୍ରୀକରଣ ଶକ୍ତି କଅଣ ଦେବଶକ୍ତି ? ସୂର୍ଯ୍ୟ କଅଣ ଦେବତା-ବିଶେଷ ? କିମ୍ବା ସର୍ବଶକ୍ତିମାନଙ୍କର ସୂର୍ଯ୍ୟ ଗୋଟିଏ ବିଚିତ୍ର ଅଶ୍ୱ-ଚାଳିତ ରଥ ? ରଥରେ ଆରୋହଣ କରି ସେହି ଆଦି ଦେବତା ପୃଥିବୀର ଚତୁର୍ଦ୍ଦିଗ ପରିଭ୍ରମଣ କରି ପାପୀ ଏବଂ ପୁଣ୍ୟବାନର କାର୍ଯ୍ୟ ପରିଦର୍ଶନ କରୁଅଛନ୍ତି ? ଅଥବା ସୂର୍ଯ୍ୟ କେବଳ ନାନାବିଧ ବାଷ୍ପରେ ପରିବେଷ୍ଟିତ, ଗଳିତ ଓ ପ୍ରଜ୍ୱଳିତ ଲୌହାଦି ଧାତୁର ସମୁଦ୍ର— ବିଶେଷ ? ଏବଂ ସେହି ଧାତୁରାଶି ଶତ ଶତ ଜ୍ଞାତ ଏବଂ ଅଜ୍ଞାତ ଗ୍ରହ ନକ୍ଷତ୍ରରେ ପରିବେଷ୍ଟିତ ହୋଇ ନିର୍ଦ୍ଦିଷ୍ଟ ଗତିରେ ଯଥାନିୟମରେ ସମସ୍ତ ଅନୁଚରବର୍ଗଙ୍କ ସହିତ ଅବିରାମ ଧାବିତ ହୋଇ ସମସ୍ତ ବିଶ୍ୱ-ବ୍ରହ୍ମାଣ୍ଡକୁ ପରିଚାଳିତ କରୁଅଛି ? କେତେ ପ୍ରକାର ଧାତୁରେ ସୂର୍ଯ୍ୟର

Digitized by srujanika@gmail.com

ଦେହ ଗଠିତ ମହାମହୋପାଧ୍ୟାୟ ବୈଜ୍ଞାନିକଗଣ ନାନା ଯନ୍ତ୍ର ସାହାଯ୍ୟରେ ଏପର୍ଯ୍ୟନ୍ତ ସ୍ଥିର କରିପାରି ନାହାନ୍ତି । ମାନବଶକ୍ତିର ଚରମ ବିକାଶରେ ମଧ୍ୟ ତାହା ଆବିଷ୍କୃତ ହେବ କି ନାହିଁ ତାହା କହିବା ଦୁଃସାଧ୍ୟ । ସୂର୍ଯ୍ୟକୁ ଛାଡ଼ି ଦେଇ ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର ଓ ଶନି ଆଦିକୁ ଦୃଷ୍ଟିପାତ କଲେ ଶ୍ରଦ୍ଧା ସେହି ଏକା ହିଁ ଭାବ ହୃଦୟରେ ଜାଗରୂକ ହେବ । ପୁଣି ଅନନ୍ତ ବିସ୍ତୃତ ଅନନ୍ତ ଆକାଶରେ ଦୃଷ୍ଟି ନିକ୍ଷେପ କଲେ, ଶତ ଶତ ଯୋଗୀ ଋଷିଙ୍କର ବୁଦ୍ଧିଭ୍ରଂଶ ହୋଇଥାଏ । ଅନନ୍ତବ୍ୟାପୀ ଆକାଶ ସୂକ୍ଷ୍ମାନୁସୂକ୍ଷ୍ମ ରାଶି ରାଶି ପରମାଣୁରେ ବ୍ୟାପ୍ତ ହୋଇ ସର୍ବଦା ବିରାଜିତ ଏବଂ ସେହି ରାଶି ରାଶି ପରମାଣୁ ସର୍ବଦା ଆଲୋକ ଓ ଉତ୍ତାପ ସଞ୍ଚାଳିତ କରି ସୂର୍ଯ୍ୟାଗ୍ନିର ସମିଧ-ସ୍ୱରୂପ ହୋଇ ଯାଉଅଛି, ଏହା ଚିନ୍ତା କଲେ କେଉଁ ମାନବର ଜ୍ଞାନ ଲୋପ ନ ହୁଏ ? ପୁଣି ପରମାଣୁଗୁଡ଼ିକ ଗୋଟିଏ ଅଦ୍ଭୁତ ଆକର୍ଷଣୀ ଓ ବିକର୍ଷଣୀ ଶକ୍ତି ବଳରେ କେଉଁ ପ୍ରକାର ଅବୟବ ଧାରଣ କରୁଅଛନ୍ତି ତାହାର ନିରୂପଣ କରିବା କଠିଣ । ଏହି ଆକର୍ଷଣୀ ଓ ବିକର୍ଷଣୀ ଶକ୍ତି ଏ ଭଳି ନିୟମିତ ଯେ କେବେହେଁ ତାହାର ବୈଲକ୍ଷଣ୍ୟ ହୁଏ ନାହିଁ । ସମସ୍ତ ପଦାର୍ଥର ଉପଯୋଗିତା ଅଛି, ସକଳ ପଦାର୍ଥର ସାର୍ଥକତା ରହିଅଛି । ଅବିଚଳିତ ନିୟମ, ଚରମ ସାର୍ଥକତା ଏବଂ ଅଭ୍ରାନ୍ତ ଉପଯୋଗିତା । ଗାଲିଲିଓ, କୋପର୍ନିକସ, ବରାହମିହିର, ଆର୍ଯ୍ୟଭଟ୍ଟ, ନିଉଟନ, ଲପ୍‌ଲାସ ପ୍ରଭୃତି ମହାଶକ୍ତିଶାଳୀ ବୈଜ୍ଞାନିକଗଣ ଅଦ୍ୟ ଏକ ନିୟମ ଆବିଷ୍କାର କଲେ, କାଲି ପୁଣି ସେ ନିୟମ ଭ୍ରାନ୍ତ କିମ୍ବା ଅସମ୍ପୂର୍ଣ୍ଣ ବୋଲି ପ୍ରମାଣିତ ହୋଇପାରେ । ଅବୋଧ ପିତା କଅଣ ବୁଝିବେ ? ସୁତରାଂ ଅବୋଧ ପିତାଙ୍କର ପ୍ରତ୍ନ ଚିନ୍ତା ଉଚିତ ନୁହେଁ ।

ଅବୋଧ ପିତା ଜୀବ-ଜୀବନ ଆଡ଼କୁ ଲକ୍ଷ୍ୟ କରି ଦେଖନ୍ତୁ ଏକ ଅପରକୁ ଗ୍ରାସ କରୁଅଛି । ବ୍ୟାଘ୍ର, ଭଲ୍ଲୁକ ପ୍ରଭୃତି ପଶୁଗଣ ଅପର ଜୀବ ଦେହ ଉଦରସ୍ଥ କରି ସ୍ୱ ସ୍ୱ ଦେହ ଧାରଣ କରୁଅଛନ୍ତି । ପକ୍ଷୀମାନେ ପତଙ୍ଗ ଦେହ ଗ୍ରାସରେ ଅଭ୍ୟସ୍ତ । ମଶା, ଛାରପୋକ ପ୍ରଭୃତି କୀଟ ସମ୍ପ୍ରଦାୟ ମନୁଷ୍ୟ-ଶୋଣିତ ପାନରେ ସଦା ତତ୍ପର । ମର୍କଟ ପ୍ରଭୃତି ଜନ୍ତୁଗଣ ସଜୀବ ବୃକ୍ଷଲତା ପ୍ରଭୃତି ଭକ୍ଷଣ କରନ୍ତି । ମାନବର ତ୍ୟାଜ୍ୟ ଓ ଅଭକ୍ଷ୍ୟ କିଛି ହିଁ ନାହିଁ ; ବୃକ୍ଷଲତାଠାରୁ ଆରମ୍ଭ କରି ଜଳଜ, ସ୍ଥଳଜ ସମସ୍ତ ଜୀବକୁ ଉଦରରେ ସ୍ଥାନ ଦେଇ ବିଶ୍ୱରାଜ୍ୟର ସିଂହାସନରେ ସେ ଆସୀନ । ମାନବ ସୃଷ୍ଟିର ଶ୍ରେଷ୍ଠ ଜୀବ । ଏହି ହେତୁରୁ ମାନବ କେବଳ ସ୍ୱୟଂ ଜୀବ-ଶୋଣିତ ପାନରେ ତୃପ୍ତ ହୁଏ ନାହିଁ । ମାତୃକୋଡ଼ରୁ ବତ୍ସକୁ କାଢ଼ି ନେଇ କଳ୍ପନାସମ୍ଭୂତ ଦେବ-ଦେବୀଙ୍କର ତୃପ୍ତି କାମନାରେ ଜୀବ ପ୍ରତି କୃପା ପରବଶ ହୋଇ ତାହାର ଶୋଣିତ ସୋପଚାରରେ ଉତ୍ସର୍ଗ କରି ତାହାକୁ ମୁକ୍ତି ଦାନ କରନ୍ତି ।

ରାମର ଧନ ଶ୍ୟାମ ଅପହରଣ କରୁଅଛି, ପୁଣି ଶ୍ୟାମର ଧନ ମାଧବ କାଢ଼ି ନେଉଅଛି । ସତ୍ୟବାଦୀ, ଜିତେନ୍ଦ୍ରିୟ, ବଳବାନ, ନିର୍ଭୀକ ସହସ୍ର ସଦ୍‌ଗୁଣାନ୍ୱିତ ରାମଚନ୍ଦ୍ର, ବିମାତା କୈକେୟୀଙ୍କର ପ୍ରାର୍ଥନାରେ ବନବାସୀ ହେଲେ । ସେଠାରେ ପତିପରାୟଣା ସୀତାଦେବୀଙ୍କୁ ବଳବାନ ରାକ୍ଷସ ରାବଣ ଛଳ ଓ ବଳରେ ଅପହରଣ କଲେ । ପ୍ରାଣାନ୍ତ ଶ୍ରମ କରି ବନ୍ଧୁମାନଙ୍କର ସହାୟତାରେ ସୀତାଙ୍କର ଉଦ୍ଧାର ହେଲା । ଉଦ୍ଧାରରେ ମଧ୍ୟ ନିସ୍ତାର ନାହିଁ, ରାବଣ ଗୃହରେ ବହୁକାଳ ଏକାକୀ ବାସ ସକାଶେ ଅପବାଦ ଘୋଷିତ ହେଲା । ସୀତାଙ୍କର ସତୀତ୍ୱ ସମ୍ବନ୍ଧରେ ପ୍ରଜାମାନଙ୍କର ସନ୍ଦେହ ଉପୁଜିଲା । ଆଜନ୍ମ ଦୁଃଖ ଭୋଗ କରି ସୀତା ଦେହ ତ୍ୟାଗ କଲେ । ଆଜନ୍ମ-ଶୁଦ୍ଧା ସୀତାଙ୍କର କେଉଁ କାରଣରୁ ଏତେ ଦୁଃଖଭୋଗ ? କେହି କହିଲେ ଲୋକଶିକ୍ଷାର୍ଥରେ ସୀତାଙ୍କର ଜନ୍ମ ; କେହି କହିଲେ ଦେବତାଙ୍କର ଅଭିସମ୍ପାତରେ ସୀତାଙ୍କର କଷ୍ଟ; କେହି କହିଲେ ଜନ୍ମାନ୍ତର ପାପ ଫଳରୁ ସୀତା ଆଜନ୍ମ ଦୁଃଖିନୀ । ତେବେ ଯେତେବେଳେ ଇହ ଜନ୍ମରେ ସୀତାଙ୍କର ପାପ ଦୃଷ୍ଟିଗୋଚର ନୋହିଲା, ସେତେବେଳେ ଜନ୍ମାନ୍ତରରେ ଅବଶ୍ୟ ସୀତାଙ୍କର ପାପ ସଞ୍ଚୟ ହୋଇଥିବ ? ଇହ ଜନ୍ମ ପୂର୍ବରୁ ଯେଉଁ ଜନ୍ମ ଥିଲା, ତାହା ହିଁ ଜନ୍ମାନ୍ତର । ତାହା ପୂର୍ବରୁ ଆହୁରି ଜନ୍ମ ଥିଲା ଏବଂ ତାହା ପୂର୍ବେ ମଧ୍ୟ ଜନ୍ମ ହୋଇଥିଲା । ଏହି ପ୍ରକାର ଅନନ୍ତ କାଳରୁ ଜନ୍ମର ପ୍ରବାହ ମଧ୍ୟ ଚାଲି ଆସୁଅଛି । ଜନ୍ମଜନ୍ମାନ୍ତର କଥା ସ୍ମରଣ ନାହିଁ କାହିଁକି ? ସ୍ମରଣଶକ୍ତି ଯେଉଁ ଯନ୍ତ୍ର କିମ୍ବା ବସ୍ତୁସମଷ୍ଟି ସାହାଯ୍ୟରେ ଉଦ୍ଗତ ହୁଏ, ଜୀବାତ୍ମା ଦେହକୁ ତ୍ୟାଗ କଲେ ସେହି ବସ୍ତୁସମଷ୍ଟିର ଧ୍ୱଂସ ହୁଏ, ସୁତରାଂ ଜନ୍ମାନ୍ତରର କଥା ସ୍ମରଣ ରହେ ନାହିଁ । ତେବେ ସୀତାଙ୍କର ଜନ୍ମାନ୍ତରର ପାପ କେଉଁଠାରୁ ଆସିଲା ? ବହୁ ପୂର୍ବରୁ । କେତେ ପୂର୍ବରୁ କେହି କହି ପାରିବେ ନାହିଁ, ସୁତରାଂ କହିବାକୁ ହେବ, ଅନନ୍ତକାଳରୁ । ଯେବେ ସୀତାଙ୍କ ପାପ ଅନନ୍ତକାଳରୁ ତାହାଙ୍କ ସଙ୍ଗେ ରହିଅଛି ତେବେ ସୀତା ଆଉ କିପରି ସେହି ପାପକୁ ତ୍ୟାଗ କରିବେ ? ଅନନ୍ତକୁ କଳ୍ପନାରେ ଆଣିବା କଠିଣ । ସୀମାବଦ୍ଧ ଜୀବର ଅନନ୍ତକୁ କଳ୍ପନାରେ ଆଣିବା ଅସମ୍ଭବ ନୁହେଁ କି ?

କୁରୁ ପାଣ୍ଡବଙ୍କର ଯୁଦ୍ଧ ହେଲା । ସ୍ୱୟଂ ବାସୁଦେବ ପାଣ୍ଡବମାନଙ୍କର ସହାୟ । ସେ ଯେଉଁ ପକ୍ଷର ସହାୟ ସେ ପକ୍ଷର କଅଣ ପରାଜୟର ସମ୍ଭାବନା ? ପାଣ୍ଡବମାନେ ଧାର୍ମିକ—ଯେଉଁଠାରେ ଧର୍ମ ସେଠାରେ ଶ୍ରୀକୃଷ୍ଣ । ଦୁର୍ଯ୍ୟୋଧନ ଅଧାର୍ମିକ, ଦୁର୍ଯ୍ୟୋଧନର ପରାଜୟ ଅନିବାର୍ଯ୍ୟ । ଭୀଷ୍ମ, କର୍ଣ୍ଣ, ଦ୍ରୋଣ ପ୍ରଭୃତି ମହାରଥୀମାନେ ସହାୟ ହେଲେହେଁ ପାପର ପରାଭବ ସଂସାରର ନିୟମ । ନାରାୟଣ ଧର୍ମର ଗ୍ଲାନି ସହ୍ୟ କରିବାକୁ ଅସମର୍ଥ ହୋଇ କୁରୁ ପାଣ୍ଡବଙ୍କ ମଧ୍ୟରେ କୁରୁକ୍ଷେତ୍ର ଯୁଦ୍ଧ ଘଟାଇ ଦେଇଥିଲେ । ଲକ୍ଷ ଲକ୍ଷ ଅଶ୍ୱ, ଗଜ, ଉଷ୍ଟ୍ର ନିଧନ ପ୍ରାପ୍ତ ହେଲେ । ଦୁର୍ଯ୍ୟୋଧନ ଅତ୍ୟାଚାରୀ, ତାହାଙ୍କର ପୁତ୍ରମାନେ ଓ ଅନୁଚରବର୍ଗ ଅତ୍ୟାଚାରୀ; ସୁତରାଂ ଏମାନଙ୍କର ବିନାଶ ସାଧନ ନାରାୟଣଙ୍କର କର୍ତ୍ତବ୍ୟ କର୍ମ, ଏହି ହେତୁରୁ ବାସୁଦେବ ରୂପେ ଧରାତଳରେ ଅବତୀର୍ଣ୍ଣ ହୋଇ ପୁଣ୍ୟର ଗୌରବ ବୃଦ୍ଧି କରିଥିଲେ । ଯୁଧିଷ୍ଠିର ପକ୍ଷୀୟ ବହୁ ସୈନ୍ୟସାମନ୍ତ ଆତ୍ମୀୟସ୍ୱଜନ ସହିତ ଧର୍ମ ପକ୍ଷାବଲମ୍ବନ କରି ସୁଦ୍ଧା କାହିଁକି ଅକାଳରେ ଯମପୁରରେ ପହଞ୍ଚିଲେ ? ମୃତ୍ୟୁର ପୁଣି କିମ୍ପତ୍ ଅଗ୍ର ପଶ୍ଚାତ୍ କଅଣ ? କାଲି ମର-

Digitized by srujanika@gmail.com

ଥାନ୍ତେ, ଆଜି ମରିଗଲେ । କାଳକୁ ଅନନ୍ତ ବୋଲି ଧରିଲେ ଦୁଇ ମାସ ଦୁଇ ବର୍ଷ ଅଗ୍ର ପଶ୍ଚାତ୍ କିଛି ହିଁ ନୁହେ । ଧର୍ମର ବୃଦ୍ଧି ହେଲେହେଁ ହେଲା । ଧର୍ମର ବୃଦ୍ଧି ହେଉ, ସମସ୍ତେ ରସାତଳକୁ ଯାଆନ୍ତୁ, କ୍ଷତି ବୃଦ୍ଧି ନାହିଁ ମାତ୍ର ଏ ଭଳି ସର୍ବ ସଂହାରକ ଅଧର୍ମ ସୃଷ୍ଟିର ପ୍ରୟୋଜନ କଅଣ ? ମାତ୍ର ଅଧର୍ମ ନ ଥିଲେ ଧର୍ମର ଗୌରବ ବୃଦ୍ଧି ହେବ ନାହିଁ । ନାରାୟଣଙ୍କ ନାମରେ ଯେବେ ଧର୍ମର ଗୌରବ ବୃଦ୍ଧି ନ ହେଲା, ଅଧର୍ମ ସୃଷ୍ଟିରେ କଅଣ ଧର୍ମର ଗୌରବ ବୃଦ୍ଧି ହୋଇ ପାରିବ ? ମାତ୍ର ନିତ୍ୟ ଶୁଦ୍ଧ ପରମାତ୍ମା ପାପ ସହିତ ଜଡ଼ିତ ହେଲେ କାହିଁକି ?

ଅବୋଧ ପିତା ଭାଳିଲେ ସେ ଦିନ ମାତୃ କୋଡ଼ରେ ଥିଲି, ପରେ ବିଦ୍ୟାଳୟରେ ଅଧ୍ୟୟନ କଲି । ବିବାହ ହେବା ଉତ୍ତାରୁ ସନ୍ତାନ ସନ୍ତତି ଘେନି ଘୋର ସଂସାରୀ ହୋଇ କ୍ରମଶଃ ବୃଦ୍ଧ ହେଲି, ଆଉ ଦୁଇ ଦିନ ଉତ୍ତାରୁ କେଉଁଆଡ଼େ ଯିବି ତାହାର ସ୍ଥିରତା ନାହିଁ । ଦେହସ୍ଥିତ ଜୀବାତ୍ମାର ଗତି କେଉଁଠାରେ ହେବ କ୍ଷୁଦ୍ର ବୁଦ୍ଧିରେ ବୁଝିବାର ଉପାୟ ନାହିଁ । ସ୍ଥୂଳ ଦେହଟି ଭସ୍ମୀଭୂତ ହେବ । ଅଗ୍ନି ସଂସ୍ପର୍ଶରେ କେତେକ ଅଙ୍ଗାର, କେତେକ ଧୂମ ଅଥବା ବାଷ୍ପରେ ପରିଣତ ହେବ । ଅଙ୍ଗାର ଗୁଡ଼ିକର ଶେଷ . ଦୃଶ୍ୟମାନ ପରିଣତି ମୃତ୍ତିକା । ବାଷ୍ପ ଆକାଶରେ ଉଡ଼ିଯିବ । ରାଶି ରାଶି ବାଷ୍ପ ସହିତ ମିଶିଯିବ । ମୋହୋର ଦେହର ବାଷ୍ପ ରାମ ଦେହର ବାଷ୍ପ ସହିତ ଏକତ୍ର ହୋଇଯିବ, ପୁଣି ରାମ ଦେହର ବାଷ୍ପ ଶ୍ୟାମର ଦେହର ବାଷ୍ପ ସହିତ ମିଳିତ ହେବ । ଅଙ୍ଗାର ଗୁଡ଼ିକର ମଧ୍ୟ ସେହି ପରିଣତି । ଯାହାକୁ ପ୍ରାଣ ବୋଲିଯାଏ ତାହା ଦେହରୁ ଚାଲିଗଲେ ରାମର ତପ୍ତ-କାଞ୍ଚନ ସଦୃଶ ଦେହ ସହିତ ଶ୍ୟାମର କଦର୍ଯ୍ୟ ଦେହର କୌଣସି ପ୍ରଭେଦ ନ ଥିବ । ବାଷ୍ପ ବୃଷ୍ଟିରେ ପରିଣତ ହୋଇ ପାରେ, ବୃଷ୍ଟି ମୃତ୍ତିକା ସଂଯୋଗରେ ଲତା ବୃକ୍ଷାଦି ଉତ୍ପାଦନ କରିଥାଏ, ବୃକ୍ଷ-ଲତାଦିରେ ଫଳ ଶସ୍ୟ ଉତ୍ପନ୍ନ ହୁଏ, ଫଳ ଶସ୍ୟ ଆହାରରେ ଜୀବ-ଦେହ ବର୍ଦ୍ଧିତ ହୁଏ, ଜୀବଦେହରେ ସନ୍ତାନ ସନ୍ତତି ଉତ୍ପନ୍ନ ହୁଏ । ବୃକ୍ଷାଦିର ଜୀବ କ୍ଷିତି ଅପ୍ ପ୍ରଭୃତିର ସମଷ୍ଟି, ଏବଂ ଯାହାକୁ ପ୍ରାଣ ବୋଲିଯାଏ ତାହା ଗୋଟିଏ ଅଲକ୍ଷିତ ତେଜ । ତାହା କଳ୍ପନାରେ ଆଣିବା ଦୁଃସାଧ୍ୟ, ରାମର ଭୌତିକ ଦେହ ଯେତେବେଳେ ଶ୍ୟାମର ଭୌତିକ ଦେହ ସହିତ ମିଳିତ ହୋଇପାରେ ରାମର ସୂକ୍ଷ୍ମ ଦେହ ଅଥବା ପ୍ରାଣ କଅଣ ତଦବସ୍ଥା ପ୍ରାପ୍ତ ହୋଇ ନ ପାରେ ? କେହି କେହି କହନ୍ତି ରାମ ଶ୍ୟାମ ପ୍ରଭୃତିର କ୍ଷୟ ନାହିଁ ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ରାମ ଶ୍ୟାମ ଭିନ୍ନ ଭିନ୍ନ ରୂପରେ ବିଦ୍ୟମାନ ରହିଥିବେ । ପ୍ରଳୟକାଳରେ ଯେତେବେଳେ ସମସ୍ତ ବିଶ୍ୱଜଗତ୍ ସଙ୍କୋଚ ପ୍ରାପ୍ତ ହେବ, ରାମ ଶ୍ୟାମ ମଧ୍ୟ ସଙ୍କୁଚିତ ହେବେ ଏବଂ ପୁନଃ ସୃଷ୍ଟି କାଳରେ ପୂର୍ବ କର୍ମାନୁସାରେ ବିକାଶ ପ୍ରାପ୍ତ ଓ କର୍ମଫଳଭୋଗୀ ହେବେ । ଏହି ରୂପ ସଙ୍କୋଚ ଓ ବିକାଶ କାର୍ଯ୍ୟ ଚାଲିଥିବ । କେହି କେହି କହନ୍ତି ପ୍ରକୃତ ପ୍ରସ୍ତାବରେ ରାମ ଶ୍ୟାମର କୌଣସି ପାର୍ଥକ୍ୟ ନାହିଁ । ରାମ ଯେଉଁ ସିଂହାସନରେ ଅଧିଷ୍ଠିତ ଏବଂ ଶ୍ୟାମ ଯେଉଁ ପର୍ଣ୍ଣଶାଳାରେ ବାସ କରୁଅଛି ଏହାର ଫଳ ସମାନ । ଧନବାନ ଓ ଦୁଃଖୀ ସମସ୍ତେ ହିଁ ସମାନ । ସମସ୍ତ ଜଗତ ହିଁ ବ୍ରହ୍ମମୟ, କେବଳ ରାମ ଶ୍ୟାମ ଭିନ୍ନ ଭିନ୍ନ ରୂପରେ ଦୃଷ୍ଟ ହେଉଅଛନ୍ତି । ରାମ ମଧ୍ୟ ଅପ୍ରକୃତ ଶ୍ୟାମ ମଧ୍ୟ ଅପ୍ରକୃତ । ଅଦ୍ୟ ରାମ ସୁନ୍ଦର, କଲ୍ୟ ସେ କଦାକାର ; ଅଦ୍ୟ ତୁମ୍ଭେ ଯୁବକ, କଲ୍ୟ ତୁମ୍ଭେ ବୃଦ୍ଧ ; ଅଦ୍ୟ ତୁମ୍ଭେ ଧନୀ, କଲ୍ୟ ତୁମ୍ଭେ ଦୁଃଖୀ । ଜଗତରେ ଏହି ପରିବର୍ତ୍ତନ ଅବିଶ୍ରାନ୍ତ ଚାଲିଅଛି । ବର୍ତ୍ତମାନ ବାଷ୍ପ, ପରକ୍ଷଣରେ ବୃଷ୍ଟି, ଏହା ଉତ୍ତାରୁ ଶସ୍ୟାଦି । ବାଷ୍ପ, ଜଳ, ସ୍ଥଳ ଏବଂ ଶସ୍ୟର ପରମାଣୁ ସୂକ୍ଷ୍ମାନୁସୂକ୍ଷ୍ମ ଅଂଶରେ ବିଭକ୍ତ କରି ପାରିଲେ ପ୍ରମାଣିତ ହୋଇ ପାରେ ସମସ୍ତ ସାମଗ୍ରୀର ପରମାଣୁ ଏକ ପଦାର୍ଥ । ଏ ସମ୍ବନ୍ଧରେ ନାନା ଦେଶରେ ନାନା ମତଭେଦ ରହିଅଛି । ଏଣୁ ଅବୋଧ ପିତା କିଛି ବୁଝି ନ ପାରି ମନଃକ୍ଷୋଭରେ ଯେବେ ବିଶ୍ୱସ୍ରଷ୍ଟାଙ୍କ ପ୍ରତି କ୍ଷଣିକ ବିରକ୍ତି ପ୍ରକାଶ କରି ତାହାଙ୍କର ତ୍ରୁଟି ଝିଙ୍କି ଦେବାକୁ କହି ଥାଆନ୍ତି ତାହା-ହେଲେ ବୋଧହୁଏ ସେ ଅପରାଧ କ୍ଷମାର୍ହ ।

କେହି କେହି କହନ୍ତି ବସ୍ତୁ ଓ ଚୈତନ୍ୟ ଏକ ହିଁ ପଦାର୍ଥ । ଚୈତନ୍ୟର ଦୃଶ୍ୟମାନ ଅବସ୍ଥା ହିଁ ପଦାର୍ଥ । ବିଜ୍ଞାନ ସାହାଯ୍ୟରେ କେତେ ପ୍ରକାର ଆବିଷ୍କାରର ଚେଷ୍ଟା ହେଉଅଛି । ଜଗତରେ ଯାହା ବିଦ୍ୟମାନ ଏବଂ ଯାହା ସାଧାରଣଙ୍କର ଅଜ୍ଞାତ ତାହା ହିଁ ବିଜ୍ଞାନ ଆବିଷ୍କାର କରିବାକୁ ଅଗ୍ରସର ହୋଇପାରେ; କିନ୍ତୁ ଯେଉଁ ମହା-ଶକ୍ତି ଏହି ସମସ୍ତ ବିଦ୍ୟମାନ ପଦାର୍ଥ ସୃଷ୍ଟି କରିଅଛନ୍ତି ତାହା କଅଣ ବିଜ୍ଞାନ ସାହାଯ୍ୟରେ ପ୍ରକାଶ୍ୟ ? ବିଜ୍ଞାନବିତ୍ ନିଉଟନ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରି କହିଥିଲେ ଆକାଶକୁ ମଧ୍ୟରେ ନ ରଖିଲେ ମାଧ୍ୟା-କର୍ଷଣ ଶକ୍ତି ଅନୁମିତ ହେବନାହିଁ । ନିଉଟନଙ୍କ ଭଳି ଶକ୍ତିସମ୍ପନ୍ନ ବ୍ୟକ୍ତି କାଳକାଳକୁ ପ୍ରାକୃତିକ ତତ୍ତ୍ୱ ଆବିଷ୍କାର କରି ପାରନ୍ତି କିନ୍ତୁ ମହା ତତ୍ତ୍ୱଗୁଡ଼ିକର କର୍ତ୍ତାଙ୍କୁ ଉପଲବ୍ଧି କରିବା କଅଣ ବିଜ୍ଞାନର କାର୍ଯ୍ୟ ? କାଳ, ପରମାଣୁ, ଆକାଶ, ଚୈତନ୍ୟ ପ୍ରଭୃତିକୁ କିଏ ସୃଷ୍ଟି କଲା ? ଏହା କଅଣ ଯନ୍ତ୍ରର ସାହାଯ୍ୟରେ ସ୍ଥିରୀକୃତ ହେବାର ସମ୍ଭାବନା ? ଶାସ୍ତ୍ରରେ କଅଣ ଭଗବାନଙ୍କୁ ଆଣିବାର ସମ୍ଭାବନା ? ଯେଉଁ ମହାଶକ୍ତି ବସ୍ତୁ ନିଚୟରେ ପରସ୍ପର ସମ୍ବନ୍ଧ, ଅବିରାମ ଗତି, ଆକାର ପରିବର୍ତ୍ତନ ଓ ପୁନଃ ସଂଗଠନ ଜଗତ-ବ୍ରହ୍ମାଣ୍ଡରେ ସଂସ୍ଥାପିତ କରିଅଛନ୍ତି ତାହା କଅଣ ? ଯେଉଁ ମହାଶକ୍ତି, ଯେଉଁ ଆଦି ଦେବତା, ଯେଉଁ ଅନିର୍ବଚନୀୟ ଏହି ବିଶ୍ୱ ବ୍ରହ୍ମାଣ୍ଡ ରଚନା କରିଅଛନ୍ତି, ଯେ ଧର୍ମ-ଅଧର୍ମ, ଜ୍ଞାନ-ଅଜ୍ଞାନ, ଭକ୍ତି-ଅଭକ୍ତି, ଭାବ-ଅଭାବ ପ୍ରଭୃତିର ସୃଷ୍ଟି କରିଅଛନ୍ତି, ଯେ ଅତି ସୂକ୍ଷ୍ମ ପରମାଣୁକୁ ଅଭ୍ରାନ୍ତ ନିୟମରେ ଚାଳିତ କରି ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିଅଛନ୍ତି ସେ କଅଣ ? ଯେଉଁ ସାଧନା-ବସ୍ଥାରେ ତର୍କର ଅଥବା ଶାସ୍ତ୍ରର ଶକ୍ତି ନ ଥାଏ, ଯେଉଁ ଅବସ୍ଥାରେ କ୍ଷୁଧା-ତୃଷ୍ଣା, ସୁଖ-ଦୁଃଖ, ଶୋକ-ତାପ, ନିନ୍ଦା-ସ୍ତୁତି, ଆତ୍ମୀୟ-ପର ଜ୍ଞାନ ନ ଥାଏ, ଯେଉଁ ଅବସ୍ଥାରେ ନିଜର ଅସ୍ତିତ୍ୱ ଜ୍ଞାନ ପର୍ଯ୍ୟନ୍ତ ବିଲୁପ୍ତ ହୁଏ, ସେହି ଅପୂର୍ବ ଅବସ୍ଥାରେ ହିଁ ବିଶ୍ୱ-ସ୍ରଷ୍ଟାଙ୍କର ଶକ୍ତି କିମ୍ବା ବିଶ୍ୱସ୍ରଷ୍ଟାଙ୍କୁ ଉପଲବ୍ଧି କରିବାର ସାମର୍ଥ୍ୟ ହୋଇଥାଏ କିନା ? ସାଧନା ବଳରେ ସେହି ଚରମ ଅବସ୍ଥାରେ ପହଞ୍ଚି ଗଲେ ସକଳ

ଜୀବର ହୃଦୟରେ ଏ ଭକ୍ତି ଏକ ଶକ୍ତି ଲୁକ୍କାୟିତ ଭାବରେ ରହିଅଛି ଯେ ତାହା ସ୍ୱତଃ ଜାଗରୂକ ହୋଇ ହୃଦୟ ମଧ୍ୟରେ ନାରାୟଣରେ ଏକାନ୍ତ ବିଶ୍ୱାସ ଆଣି ଦେବାକୁ ସମର୍ଥ ହୋଇଥାଏ । ତାହା ହିଁ ଶ୍ରଦ୍ଧା, ତାହା ହିଁ ଭକ୍ତି । ସେ ସମୟରେ ଆଉ ଆଦି ଦେବଙ୍କର ତ୍ରୁଟି ଝିଙ୍କି-ଦେବାକୁ ପ୍ରବୃତ୍ତି ହୁଏ ନାହିଁ, ବରଂ ଜୀବ ସମୂହରେ ତାହାଙ୍କର ଅପାର କୃପା ଲକ୍ଷିତ ହୁଏ । ତାହା ହିଁ ବୋଧହୁଏ ଋଷିମାନଙ୍କର କଳ୍ପିତ ଅପୂର୍ବ " ସୋଽହଂ " ଅବସ୍ଥାର ପୂର୍ବଭାବ । ଦେଶଦେଶାନ୍ତରରେ ଉଚ୍ଚ ନିମ୍ନ ଭୂମି ପରିକ୍ରମଣ କରି କ୍ଷୁଦ୍ର ସ୍ରୋତସ୍ୱତୀର ମହାସାଗରରେ ପତନୋନ୍ମୁଖ ହେବା ପୂର୍ବରୁ ତାହାର ଯାଦୃଶ ଅବସ୍ଥା ହୁଏ, ମାନବ ପକ୍ଷରେ ସେ ଅବସ୍ଥା ମଧ୍ୟ ତାଦୃଶ ଅବସ୍ଥା । ପୁରାକାଳରେ ଧ୍ରୁବଙ୍କର ଦିନେ ସେହି ଅବସ୍ଥା ହୋଇଥିଲା—ଯେଉଁ ଦିନ ଧ୍ରୁବ ମର୍ମାନ୍ତିକ ମନସ୍ତାପରେ ଅରଣ୍ୟରେ ଭ୍ରମଣ କରି ହିଂସ୍ର ଜନ୍ତୁକୁ ପଦ୍ମପଲାଶଲୋଚନ ଜ୍ଞାନରେ ଆଲିଙ୍ଗନ କରିବାକୁ ଅଗ୍ରସର ହୋଇଥିଲେ । ଏହି ଅବସ୍ଥାରେ ହିଁ ଦାର୍ଶନିକ ବୈଜ୍ଞାନିକ ସକଳ ଶାସ୍ତ୍ରବେତ୍ତା ଅର୍ଜ୍ଜୁନ ସମସ୍ତ ଶାସ୍ତ୍ରଜ୍ଞାନ ବିସ୍ମୃତ ହୋଇ ଅନନ୍ତ, ଅତୁଳ ପ୍ରଭାସମ୍ପନ୍ନ, ଅସଂଖ୍ୟ ବକ୍ତ୍ର, ଅସଂଖ୍ୟ ନୟନ ଏବଂ ସର୍ବାଶ୍ଚର୍ଯ୍ୟମୟ ଦେହଯୁକ୍ତ ବିଶ୍ୱରୂପ ଦର୍ଶନ କରି ଲୋମାଞ୍ଚିତ କଳେବରରେ କୃତାଞ୍ଜଳିପୁଟରେ ସ୍ତବ କରିଥିଲେ:—

" ପଶ୍ୟାମି ଦେବାଂସ୍ତବ ଦେବଦେହେ
ସର୍ବାଂସ୍ତଥା ଭୂତ ବିଶେଷ ସଙ୍ଘାନ୍ ।
ବ୍ରହ୍ମାଣମୀଶଂ କମଳାସନସ୍ଥ—
ମୃଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ॥
ଅନେକ ବାହୂଦରବକ୍ତ୍ରନେତ୍ରଂ
ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପଂ ।
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ
ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ॥ "

# ଅନନ୍ତ ଯୌବନ

## କାଳନ୍ଦୀଚରଣ ପାଣିଗ୍ରାହୀ

ସହଦେବ ବାବୁଙ୍କର ପ୍ରକୃତ ପରିଚୟ ପାଇଲି ଯେଉଁ ଦିନ ଦେଖିଲି ଆମ ଘରର ଝିଅଟା ବିଲେଇ ହଠାତ୍ ଆଠ-ଠାରେ ପରିଣତ ହୋଇ ପଡ଼ିଛନ୍ତି ।

ଭାତ ଥାଳୀର ଗୃହ କରରେ ଏହି ଆଠଟି ବୁଭୁକ୍ଷୁ ଜୀବଙ୍କର ଲୋଲୁପ ଦୃଷ୍ଟିକୁ ଗୃହିଣୀଙ୍କୁ ଡାକିଲି, " ଆଚ୍ଛା ଏ ଦୁଇଟା କାମ ଭିତରୁ କେଉଁଟିକୁ ମତେ କରିବାକୁ ହେବ—ଭାତ ଖାଇବା ନା ବିଲେଇ ମାରିବା ? "

ରୋଷେଇ ଘରୁ ଖଣ୍ଡେ ଜାଳେଣି କାଠ ଧରି ସ୍ତ୍ରୀ ଆସି କହିଲେ, " ବିଲେଇ ଦିଟାଙ୍କୁ ଠିକଏ ମାରି ଦେଇ ପାରୁ ନ ? "

ଉତ୍ତର କଲି, " ପୁରୁଷ ଲୋକ ବାଘ ସିଂହ ଶିକାର କରନ୍ତି । କିନ୍ତୁ ବିଲେଇ ମାରିବାଟା—"

" ନା, ପୁରୁଷର କାମ ନୁହେ ! " ସ୍ତ୍ରୀ ଛଳେଇ କରି କହିଲେ, " ଏହି ପରି ପଡ଼ଶାଘର ସହଦେବ ବାବୁ—ଶୁଣ, ଶୁଣ—"

ପଡ଼ଶାଘର ସହଦେବ ବାବୁଙ୍କ ପାଟି ଶୁଣାଗଲା—" ଏଇ ! ଏଇ ! ଗଲା—ଗଲା ! "—ତା'ପରେ ଖଟ୍ ଖାଟ୍ ଓ ଧଡ଼୍ ଧାଡ଼୍ ଶବ୍ଦ ।

ବିସ୍ମିତ ହୋଇ ଗୃହିଣୀଙ୍କୁ ପଚାରିଲି, " କଣ କରୁଛନ୍ତି ? "

" ବିଲେଇ ମାରୁଛନ୍ତି । "

" କାହିଁକି ? "

" ସେ ପୁରୁଷ ବୋଲି । "

ସ୍ତ୍ରୀ ବିଜୟର ହାସ୍ୟ ହସିଲେ । ସଙ୍ଗେ ସଙ୍ଗେ ମୋହର ମଧ୍ୟ ପୌରୁଷ ଅଭିମାନ ଫେରି ଆସିଲା । କହିଲି, " ସେ ଆଉ ଏଣିକି ପୁରୁଷ କଣ, ସ୍ତ୍ରୀ ତ ତାଙ୍କର ଅନେକ ଦିନୁଁ ସଂସାର ଛାଡ଼ିଲେଣି । "

ସ୍ତ୍ରୀଙ୍କୁ ଅବଶ୍ୟ ଯୁକ୍ତି ବଳରେ ପରାସ୍ତ କରିଦେଲି । କିନ୍ତୁ ସହଦେବ ବାବୁଙ୍କର ବିଲେଇ ଜାତିଟା ଉପରେ ଏତେ ବେଶୀ ଆକ୍ରୋଶର କାରଣ କଣ ହୋଇ ପାରେ ଭାବି ଭାବି ବଡ଼ କୌତୁକ ଅନୁଭବ କଲି ।

ଆର ଦିନ ସକାଳେ ଦାଣ୍ଡ ପିଣ୍ଡାକୁ ବାହାରିବା ମାତ୍ରେ ଦୁଆର ଆଗ ପଡ଼ଶା ନଟ ଭାଇ କହିଲେ, " ବୁଝିଲ, ଏ ସହଦେବ ବାବୁଙ୍କ ଉତ୍ପାତରେ ଆଉ ଏ ସାହି ଭିତରେ ରହିହେବ ନାହିଁ । "

ନଟ ଭାଇଙ୍କର ଏମିତି ହଠାତ୍ ମନ୍ତବ୍ୟରେ ପହିଲେ କିଛି ବୁଝି ପାରିଲି ନାହିଁ—" କାହିଁକି, କଣ ହେଲା ? "

" ସେ କଥା କହ ନା, ତାଙ୍କ ଯୋଗୁଁ କାଲି ରାତିରେ ଆମ ଘରେ ଉପାସ ! "

ଉପାସ ! କଥାଟା ଅଧିକ ଜଟିଳ ହୋଇ ପଡ଼ିଲା । ମୋହର ଜିଜ୍ଞାସୁ ଦୃଷ୍ଟି ଦେଖି ନଟ ଭାଇ ସବୁ ବିଷୟ ପରିଷ୍କାର କରି କହିଲେ—ତାଙ୍କ 'ଠୁନା'ର ବାଁ ପଟ ପଛ ଗୋଡ଼ଟିକୁ କାଲି ରାତିରେ ସହଦେବ ବାବୁ ଜଖମ କରି ଦେଇଛନ୍ତି । ନୂଆ ବୋହୂଙ୍କର ବିଲେଇ ସଉକ କଥା ଆଗରୁ ମୁଁ ଭଲ କରି ଜାଣେ । ଏପରି କି ନଟ ଭାଇଙ୍କ ପଛକୁ ଅଳଙ୍କାର ଓ ଅଳଙ୍କାର ପଛକୁ ଏହି 'ଠୁନା' ବିଲେଇଟି ତାଙ୍କର ଖୁବ୍ ପ୍ରିୟ ପାତ୍ର—ଏ କଥା ନିଜେ ନଟ ଭାଇଙ୍କ ମୁହଁରୁ ମଧ୍ୟ କେତେ ଥର

Digitized by srujanika@gmail.com

ଶୁଣିଛି । ସୁତରାଂ ତାଙ୍କ ପୋଷା ଜୀବଟିର ଏପରି ଦୁର୍ଦ୍ଦଶାରେ ସେ ଯେ ଭାରି ମର୍ମାହତ ହୋଇଥିବେ ଏବଂ ନଟ ଭାଇଙ୍କୁ ମଧ୍ୟ ଯେ ବାଧ୍ୟ ହୋଇ ସହାନୁଭୂତି ଦେଖାଇବାକୁ ପଡ଼ୁଥିବ, ସେଥିରେ ମୋର ସନ୍ଦେହ ରହିଲା ନାହିଁ । ଗତ ରାତିରେ ଆମ ଘରର ଘଟଣା ବଖାଣିବାକୁ ଯାଇ ଦେଖେଁ ସହଦେବ ବାବୁ ସାହମୁଣ୍ଡରୁ ଏଣିକି ମୁହାଁଇଛନ୍ତି ।

ନଟ ଭାଇଙ୍କୁ ଠାରି ଦେଇ ଆଗନ୍ତୁକଙ୍କ ପ୍ରତି ଚାହିଁଲି । ଅଳ୍ପ କେତେଟା ଦିନ ହେବ ସହଦେବ ବାବୁ ମୋର ପଡ଼ଶା ହୋଇ ଆସିଛନ୍ତି । ଏଥି ମଧ୍ୟରେ ଅବଶ୍ୟ ଦୁଇ ତିନି ଥର ଦେଖା ହୋଇ ଥିବ—ଛୋଟ ସହରଟିରେ ପାଖ ପଡ଼ଶାଙ୍କ ଭିତରେ ଯେତିକି ଶଳା ପରିଚ ହୋଇଥାଏ । ଆଜି କିନ୍ତୁ ପ୍ରଥମ ତାଙ୍କ ଚେହେରାକୁ ବିଶେଷ ଭାବରେ ଲକ୍ଷ୍ୟ କଲି । ଧୋବ ଫର ଫର ପତଳା ଦେହଟି ଯେମିତି ଗୋଟିଏ ଚକ୍ ଖଡ଼ିର ସରଳ ରେଖା । ସମସ୍ତ ଚେହେରା ଭିତରୁ ତାଙ୍କର ମୋଟା ମୋଟା କଳା ଦାପଟି ହିଁ ଆଗ ହୋଇ ଆଖିରେ ପଡ଼େ । ସହଦେବଙ୍କ ଜନ୍ମର ବହୁ ପୂର୍ବରୁ ହିଁ ଯେପରି ଏହାର ଜନ୍ମ । ବାକ୍ୟ ଶେଷରେ ପୂର୍ଣ୍ଣଚ୍ଛେଦ ପରି ଛୋଟ ମୁଣ୍ଡଟିରେ କଦବା ଗୋଟିଏ ଗୋଟିଏ କଳା ବାଳ ରହିଛି, କିନ୍ତୁ କଣ ମଧ୍ୟରେ ତାହା ଦେଖିବାକୁ ମିଳେ ନାହିଁ । ଏ ଦେଶରେ କତାନ୍ତ କର୍ଳଙ୍କ ଭାବରେ ଯେଉଁମାନେ ଷାଠିଏ ପାଖକୁ ପହଞ୍ଚନ୍ତି, ସେମାନଙ୍କର ଯେପରି ଦୁରବସ୍ଥା ହୋଇ-ଥାଏ ସେହିପରି । ତଥାପି ସହଦେବଙ୍କ ଚାଲି ଚଳନରେ ବେଶ ଦାମ୍ଭିକତା ଦେଖାଯାଏ । ଚମଡ଼ାଟା ପୁରୁଣା ହେଲେହେଁ ଦେହରେ ବେଶ୍ ତାକତ ଥିବା ପରି ମନେ ହୁଏ । ସାତ ବର୍ଷ ବୟସରୁ ଯେଉଁ ନୂଆ ଦାନ୍ତ ସେ ପାଇଥିଲେ ସେଥିରେ ହିଁ ଆଜି ପର୍ଯ୍ୟନ୍ତ ହସନ୍ତି ।

"ନମସ୍କାର, ନମସ୍କାର, ଆପଣଙ୍କ ନାମ ନଟବର ବାବୁ, ନା ? ଆପଣଙ୍କର ନାମ କେବଳ ଶୁଣିଛି, କିନ୍ତୁ ଆଜିଯାଏ ସାକ୍ଷାତ୍ ହୋଇ ନାହିଁ । ଥରେ ଦି' ଥର ଆସି ଘରେ ଖୋଜି ଯାଇଛି । ଖବର ପାଇଥିବେ ନିଶ୍ଚୟ ।"

"ହଁ, ମୋର ଯେଉଁ ବ୍ୟବସାୟ, ଘରଟା ଖାଲି ମୋ ନାଁ' ରେ ପଡ଼ିଛି କିନ୍ତୁ ଘରେ ରହିବାକୁ ହୁଏ ଅତି ଅଳ୍ପ ସମୟ ।"

ନଟ ଭାଇ କଣ୍ଟ୍ରାକ୍ଟର କାମ କରନ୍ତି ଏବଂ ଅନେକ ସମୟ ତାଙ୍କୁ ବାହାରେ ରହିବାକୁ ହୋଇଥାଏ ।

"ବେଶ୍ ବେଶ୍, ଆପଣ ବ୍ୟବସାୟ କରନ୍ତି ଶୁଣି ଭାରି ଖୁସି ହେଲି । ଘରୁ ଯେତେ ବେଶି ବାହାରେ ରହନ୍ତି ସେତେ ଭଲ । ଆମ ଜାତିଟା ଖାଲି ଘରମୁହାଁ ହୋଇ ନଷ୍ଟ ହୋଇଗଲା । ବ୍ୟବସାୟ ବାଣିଜ୍ୟ କୃଷି ଶିଳ୍ପ ସବୁଆଡ଼େ ଖେଦି ଯିବା ଦରକାର । ଖାଲି ଚାକିରିରେ କେତେ ଲୋକଙ୍କର ପେଟ ପୂରିବ । କଣ କହୁଚନ୍ତି ନରହରି ବାବୁ ?"

ଏ ସବୁ ପୁରୁଣା ଯୁକ୍ତିର ପୁନରାବୃତ୍ତି କରିବାକୁ ମୋର ଏତେ ସକାଳୁ ଆଦୌ ଇଚ୍ଛା ନ ଥିଲା । କହିଲି, "ହଁ ସେ କଥା ନିଶ୍ଚୟ । ଆପଣ ଏତେ ସକାଳୁ ଏଣୁ ବୁଲୁଅଛନ୍ତି ?"

"ହାଃ ହାଃ, ଖୁବ୍ ସକାଳ ହୋଇଛି, ନା ? ମୁଁ ରୋଜ ଚାରିଟା ବେଳୁ ଉଠେଁ, ବୁଝିଲେ ନା ? ରୋଜ ଟିକିଏ ମର୍ଣ୍ଣିଂ ଓ୍ୱାକ୍ କରି ନ ଆସିଲେ ମନଟା ଭଲ ରହେ ନାହିଁ । ବହୁତ ଦିନର ଅଭ୍ୟାସ କି ନା ! ଆପଣମାନେ ଟିକିଏ ମର୍ଣ୍ଣିଂ ଓ୍ୱାକ୍ କରନ୍ତୁ, ପନ୍ଦରଟା ଦିନ ଭିତରେ ତାହାର ଉପକାରିତା ବୁଝିପାରିବେ । କଣ, ବାହାରିବେ ? କହିବେ ତ କାଲି ସକାଳୁ ଆସି ଡାକି ନେଇ ଯିବି ।"

ନଟ ଭାଇ ଗମ୍ଭୀର ଲୋକ । କହିଲେ, "ମୋର ତ ମର୍ଣ୍ଣିଂ ଇଭିନିଂ ସବୁବେଳେ ଓ୍ୱାକ୍ ଚାଲିଛି ।"

"ବେଶ୍ ତ ଆପଣ ଚାହିଁଲେ ବାହାରନ୍ତୁ ।" ସହଦେବ ବାବୁ ମୋ ପ୍ରତି ଉଦ୍ଦେଶ୍ୟ କରି କହିଲେ ।

ନଟ ଭାଇ କୌତୁକ କରି କହିଲେ, "ହଁ ତାଙ୍କ ଯିବାରେ ଆପତ୍ତି କଣ ? ମାଷ୍ଟର କାମ, ସକାଳ ୧୦ଟା ଯାଏ ତ ସେ ଫ୍ରି ।"

ମହା ବିପଦ ! ସକାଳ ୧୦ଟା ଯାଏ ଫ୍ରି କଣ ? ସ୍କୁଲ ପିଲାଙ୍କ ଖାତା ଦେଖା, ଘର ପିଲାଙ୍କ କଳିଆ ଝଗଡ଼ା, ୧୦ଟା ଆଗରୁ ରୋଷେଇ ହେଲା କି ନାହିଁ ସେଥିପାଇଁ ଗୃହିଣୀଙ୍କୁ ତିନି ଥର ତାଗିଦା କରିବା, ଏ ସବୁ କଣ କାମ ନୁହେ ? ଅବଶ୍ୟ ଏ ସବୁ ପଦାରେ ପ୍ରକାଶ କରିବା ଭଲ କାମ ନୁହେ । ଅଗତ୍ୟା କହାତି ନିରୁପାୟ ହୋଇ ହଁ ମାରିଦେଲି । ଠିକ୍ ଭଦ୍ରଲୋକର ହଁ ଟାଏ, ଯେଉଁ ହଁ ଟା କିନ୍ତୁ କାର୍ଯ୍ୟତଃ ପ୍ରାୟ ନାହିଁ ହୋଇଥାଏ—ଭାବିଥିଲି ସତେ କଣ କିଏ ଡାକୁଛି ନା କିଏ ଯାଉଛି !

କିନ୍ତୁ ପର ଦିନ ଠିକ୍ ସକାଳ ୫ଟାରେ ସହଦେବ ବାବୁ ଆସି ମୋ ଦୁଆରେ ହାଜର ! ହେଉ ଦେଖାଯାଉ, ଦିନେ କି ଦୁଇ ଦିନ—ଟିକିଏ ଘର ଭିତରେ ଶୋଇ ରହିଲେ ହେଲା ! କିନ୍ତୁ ସହଦେବଙ୍କ ହାତରୁ ନିଷ୍କୃତି ପାଇବାର ଉପାୟ କାହିଁ ? କ୍ରମେ ଭୁଆଁତରି ଉଙ୍କିବାକୁ ମୋ ଦୁଆର ଖଟ୍ ଖଟ୍ ହେବାକୁ ଆରମ୍ଭ କଲା । ଗୃହିଣୀ କେତେ ଥଟା ପରିହାସ କଲେ, ବିରକ୍ତ ହେଲେ, ଚାକର ବିଚାରା ଆଉ ଦାଣ୍ଡ ଘରେ ଶୋଇଲା ନାହିଁ, ମୋତେ ମଧ୍ୟ ପ୍ରାତଃକୃତ୍ୟ ରୂପେ କେତେ ଅଭ୍ରୋଚିତ କାମର ବାହାନା ଦେଖାଇବାକୁ ହେଲା, କିନ୍ତୁ କାହିଁରେ କିଛି ହେଲା ନାହିଁ । ଯେମିତି କିଛି କାମ ଥିଲେ ଅପେକ୍ଷା କରିବାକୁ ସେ ରାଜି, ଦେହ ଖରାପ ଥିବା କଥା କହିଲେ, କୌଣସି ଔଷଧ ନ ଖାଇ କେବଳ ସକାଳ ବୁଲାରେ ହିଁ ସବୁ ଆରୋଗ୍ୟ ହୋଇପାରେ । ନିଜେ ତ ପୁଣି ମୁଁ ସ୍କୁଲର ଶିକ୍ଷକତା କରେଁ, ବ୍ରାହ୍ମଣ, କରଣ, କ୍ଷତ୍ରିୟ, ଶୂଦ୍ର ପ୍ରଭୃତି ଜାତିମାନଙ୍କର ସମଷ୍ଟି ଆମର ଏହି ଯେ ଓଡ଼ିଆ ଜାତି, ତାହାର ଭବିଷ୍ୟତ ଉଆର କରିବାର ଭାର ମୋ'ର ହାତରେ ! ଅତଏବ ସକାଳ ବୁଲାର ଉପକାରିତା ମୁଁ ନ ବୁଝିଲେ, ଏବଂ ତାହାର ଆଦର୍ଶ ମୁଁ ନ ଦେଖାଇଲେ ଆଉ ଦେଖାଇବ କିଏ ?

ସେତିକି ନୁହେ—ଗୋଟାଏ ଦିନ ଛୁଟି ହେଲା ତ ଦି'ପହରେ ଆସି ସହଦେବ ବାବୁ ହାଜର । ମହା ମୁସ୍କିଲ । ଭାରତବର୍ଷର ଚାକିରିଆ କୁଳର ରୁଚି ହେବା ମାନେ ଯେ କିଦ ହେବା, ବୋକାମି ହେବା ଏବଂ ଅସୁସ୍ଥ ହେବା, ଚାକିରିରୁ ପେନ୍‌ସନ ନେଇ ମଧ୍ୟ ଏ

Digitized by srujanika@gmail.com

ଲୋକଟା ଆଜିଯାଏ ଏହା ବୁଝି ନାହିଁ ? ସବୁଠାରୁ ବେଶି ବିରକ୍ତିକର ଲୋକଟାର କଥାବାର୍ତ୍ତା । ସବୁ କଥା କେବଳ ସେ ଆପେ କହିବ ତା' ନୁହେଁ, ଆଉ କାହାକୁ କହିବାକୁ ଦେବନି ମଧ୍ୟ ।

ନୂଆ ଓଡ଼ିଶା ପ୍ରଦେଶର ଆରମ୍ଭ ଯେ ପୁରୀଠାରେ ହେଲା ଏହା ଏ ଜାତିର ଭବିଷ୍ୟତ୍ ପକ୍ଷରେ କିପରି ଶୁଭସୂଚକ, କାରଣ ପୁରୀ ହିନ୍ଦୁ ସମାଜର ପ୍ରଧାନ ପୀଠ ଏବଂ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଓଡ଼ିଆ ଜାତିର ମୌଳିକ ସମ୍ପତ୍ତି । ନୂଆ ପ୍ରଦେଶର ପ୍ରାଣ ପ୍ରତିଷ୍ଠା ଏହିଠାରେ ହେବା ହିଁ ସବୁଠାରୁ ବେଶି ଯୁକ୍ତିସଙ୍ଗତ ଓ ବିଧେୟ । ଏଥିପାଇଁ ସାର୍ ସାମୁୟେଲ୍ ଓ ମ୍ୟାକ୍‌ଡୋନାଲ୍ଡ ସାହେବମାନଙ୍କୁ ଧନ୍ୟବାଦ ଜଣାଇ ସହଦେବ ବାବୁ ଯେଉଁ ତାର କରିଛନ୍ତି ତାହାର ଚମତ୍କାର ଇଂରାଜୀର ପ୍ରତ୍ୟେକ ଶବ୍ଦ ଓ ତାହାର ଇଂରାଜୀ ତଥା ଓଡ଼ିଆ ଅର୍ଥ ଏବଂ ଶେଷରେ ତାହାର ଭାବାର୍ଥ ମଧ୍ୟ ରୋଜ ମୋତେ ଥରେ ଅଧେ ଶୁଣିବାକୁ ହୁଏ । ନୂଆ ସେକ୍ରେଟାରିଏଟ୍‌ରେ ରିଟାୟାର୍ଡ୍ ଗଭର୍ଣ୍ଣମେଣ୍ଟ ସର୍ଭାଣ୍ଟ୍‌ମାନଙ୍କର ପଶିବାର କେତେଦୂର ସମ୍ଭାବନା ଅଛି ; ଆମ ସ୍କୁଲର ଆସିଷ୍ଟାଣ୍ଟ ହେଡ୍‌ମାଷ୍ଟର କିମ୍ବା ହେଡ୍‌ମାଷ୍ଟରଙ୍କର କାର୍ଯ୍ୟରୁ ଅବସର ନେବା କିମ୍ବା ମୃତ୍ୟୁ ହେବା ପୂର୍ବରୁ ମଧ୍ୟ ମୋହର ଉକ୍ତ କାର୍ଯ୍ୟକୁ କିପରି ପଦୋନ୍ନତି ହୋଇପାରେ, ଇତ୍ୟାଦି ବିଷୟରେ ତାଙ୍କ ମୁହଁରୁ ବହୁ ନୂଆ ତଥ୍ୟ ମୋତେ ଶୁଣିବାକୁ ମିଳେ । ମୋହର ପଦୋନ୍ନତି ବିଷୟଟା ଅବଶ୍ୟ ଖୁବ୍ ଅନୁଗ୍ରହ ଦେଖାଇ ସେ ଉଲ୍ଲେଖ କରନ୍ତି । ନଚେତ୍ ତାଙ୍କ ଜାମାତାଙ୍କର ପାଟନା ଜିରନ-ଖାନାରୁ କଟକ ନୂଆ ଜିରନଖାନାକୁ ବଦଳି, ତାଙ୍କ ପୁତ୍ରଙ୍କର ଆଜି ପର୍ଯ୍ୟନ୍ତ ସାଧାରଣ ପୂର୍ତ୍ତ ବିଭାଗରେ ହେଡ୍‌କ୍ଲର୍କ ନ ହୋଇ ପାରିଥିବାର କାରଣ, ତାଙ୍କ ନିଜର ମଧ୍ୟ ପେସ୍କାରୀ କାମରେ ଦକ୍ଷତା, ଇଂରାଜୀ ଭାଷା ଓ ଭାରତୀୟ ଦଣ୍ଡବିଧି ଆଇନ ଉପରେ ଦଖଲ; ଶେଷରେ ପୁଣି ତାଙ୍କ ଅଦ୍ଭୁତ ଡାଏରୀ,—ସେଥିରେ ଓଡ଼ିଶାର କଲେକ୍ଟରୀ କଚେରୀମାନଙ୍କର ଗତ ତିରିଶ ବର୍ଷର ଇତିହାସ, ଓଡ଼ିଶାରେ ପ୍ରତିଥର ବନ୍ୟା ଦୁର୍ଭିକ୍ଷର ବିବରଣ, ସହଦେବଙ୍କର ସନ୍ତାନ ଜନ୍ମ, ପୁତ୍ରଙ୍କର ଦରମା ବୃଦ୍ଧି, ସ୍ତ୍ରୀ ବିୟୋଗ, ସନ୍ୟାସୀ ହେବାର ସଙ୍କଳ୍ପ, ନାତି ଜନ୍ମ ହେବାରୁ ସେଥିରେ ବାଧା ଇତ୍ୟାଦି ବିଷୟର ଆଲୋଚନା କରିବା ତାଙ୍କର ଅସଲ ଉଦ୍ଦେଶ୍ୟ ।

ବାଟରେ ଆସୁ ଆସୁ ଗୋଟାଏ ବିରାଡ଼ି ଯେବେ ଦୈବାତ୍ ନାବୋଡ଼େ ପଡ଼ିଯାଏ, ତା'ହେଲେ କଥାର ସ୍ରୋତ ବନ୍ଦ ହୋଇଯାଏ, ହୃସ୍ ହୃସ୍ କରି ବାଡ଼ିଟା ଉଞ୍ଚେଇ ଗୋଡ଼ାଇ ଯାନ୍ତି । ତା'ପରେ ଚାଲେ ବିରାଡ଼ି ଜାତିଟାର ନିମକ୍ ହାରାମ ଗୁଣ ସମ୍ବନ୍ଧରେ ଘରକୁ ଫେରିବା ପର୍ଯ୍ୟନ୍ତ ଅଧ ଘଣ୍ଟାଏ ବକ୍ତୃତା—ଦୁଧ ହାଣ୍ଡି ଭାଙ୍ଗିବାଠାରୁ ଡିପ୍‌ଥେରିଆ ରୋଗ ବିସ୍ତାର କରିବା ପର୍ଯ୍ୟନ୍ତ ଏ ଜୀବଟାର ମନୁଷ୍ୟ ପ୍ରତି ଶତ୍ରୁତା ।

ମୋତେ କିନ୍ତୁ ସାବଧାନରେ ଚାଲିବାକୁ ହେଲା । ଘର ଭିତରେ ଗଳ୍ପ ହେଉଥିଲେ କେତେ ରକମ ବାହାନା କରି ଉଠିଯାଏଁ । ନଚେତ୍ ତୁନି ହୋଇ ସବୁ ଶୁଣେ । ଅନ୍ୟମନସ୍କ ଭାବରେ ଗୋଟାଏ କିଛି ପ୍ରଶ୍ନ ମୋ ମୁହଁରୁ ବାହାରି ଆସିଲା ତ ସେଥି ପାଇଁ ପରେ ବଡ଼ ଅନୁତାପ କରିବାକୁ ହୁଏ । କାରଣ ଭାତ ଥଣ୍ଡା ହୋଇଗଲା ବୋଲି ସ୍ତ୍ରୀଙ୍କଠାରୁ ବକା ଶୁଣେ କିମ୍ବା ସ୍କୁଲପିଲାଙ୍କ ଏକ୍‌ସରସାଇଜ୍ ଖାତା ଦେଖି ନ ଥିବାରୁ ମନେ ମନେ ଲଜ୍ଜିତ ହେବାକୁ ପଡ଼େ ।

ତଥାପି ମଝିରେ ମଝିରେ ତାଙ୍କ ଜୀବନର ନୂଆ ନୂଆ ରହସ୍ୟ ବୁଝିବାକୁ ବେଶ୍ ଆନନ୍ଦ ଓ କୌତୂହଳ ଅନୁଭବ କରେଁ । ବନ୍ଧୁମାନଙ୍କଠାରେ ତାଙ୍କ କଥା ଗପିବା ମଧ୍ୟ ବେଶ୍ ଗୋଟାଏ ଉପଭୋଗର ବସ୍ତୁ ହୋଇଉଠେ ।

"ଆସନ୍ତୁ, ଆସନ୍ତୁ ।" ପାଞ୍ଚଟା ବେଳେ ସ୍କୁଲରୁ ଖାତା ଗୋଛଟା ଧରି ଫେରୁଚି, ଗଳି ମୁଣ୍ଡରେ ଗାଈ ଗୋଠଟା ଆଗରେ ଦେଖି ଅଟକି ଗଲାବେଳେ ସହଦେବଙ୍କ ପାଟି ଶୁଣାଗଲା । ଆଶ୍ଚର୍ଯ୍ୟ ହୋଇ ଦେଖେ ଗାଈ ଗୋଠ ମଝିରେ ଠିଆ ହୋଇ ସେ ହସୁଚନ୍ତି । ପଛରୁ ଡାକିଲି, "ଟିକିଏ ରହିଯାନ୍ତୁ, ଗୋରୁଗୁଡ଼ାକ ଚାଲିଯିବା ପରେ—"

"ହାଃ, ହାଃ, ଆରେ ଆପଣ ପାଗଳ ନା କଣ ? ଏତେ ସୁନ୍ଦର ଗୋଧୂଳି ଛାଡ଼ି ବାହାରେ ଛିଡ଼ା ହୋଇ ରହିଲେ ?"

ନିଶ୍ଚୟ, ପାଗଳ ମୁଁ ନୁହେଁ ତ ଆଉ କିଏ ! ଗୋରୁ ଗୋଠ ମଝିରେ ପଶି 'ଗୋଧୂଳି' ସେବନ କରିବାଦ୍ୱାରା ଯେ ଆୟୁ ବୃଦ୍ଧି ହୁଏ ଓ ଯୌବନ ଫେରିଆସେ ଆଜିଯାଏ ଏ ତଥ୍ୟଟା ମୁଁ ବୁଝି ପାରି ନ ଥିଲି । ଖଣ୍ଡେ ଦୂର ଯାଇ ସହଦେବ ବାବୁ ସର୍ବାଙ୍ଗ-ଧୂସର ହୋଇ ଫେରି ଆସିଲେ—"ବାଃ, ଖୁବ୍ ସାହସ ତ ଆପଣଙ୍କର ! ଏତେ ପିଲା ବୟସରେ ମଧ୍ୟ ଏମିତି ଭୟ ।"

ସେ ସବୁବେଳେ ବତିଶ ତେତିଶ ବର୍ଷର ମୋ ବୟସର ଲୋକଙ୍କୁ ପିଲା ବୋଲି କହୁଥିଲେ । କିନ୍ତୁ ନିଜକୁ ବୁଢ଼ା ବୋଲି କଦାପି ସ୍ୱୀକାର କରୁ ନ ଥିଲେ । ଏମିତି କି କାହାରି ମୁହଁରୁ ନିଜ ସମ୍ବନ୍ଧରେ ସେପରି ମନ୍ତବ୍ୟ ଶୁଣିଲେ କ୍ରୋଧରେ ସେ ଆତ୍ମବିସ୍ମୃତ ହୋଇ ପଡ଼ୁଥିଲେ । ଜଣେ ଲୋକ ଦିନେ ଯାଇ ତାଙ୍କ ଚାକରକୁ ପଚାରିଲା, "ବୁଢ଼ା ନାହାନ୍ତି କି ?" ଘର ଭିତରୁ ଏହା ଶୁଣି ପାରି ସଙ୍ଗେ ସଙ୍ଗେ ପଦାକୁ ଆସି ସେ ଲୋକଟିକୁ କହିଲେ, "ବୁଢ଼ା କଣ ହେ, ବୁଢ଼ା ଗଛରେ ରହନ୍ତି ।"—ଅର୍ଥାତ୍ ବୁଢ଼ା ମାଙ୍କଡ଼ ! ଲୋକଟି ଲଜ୍ଜିତ ହୋଇ କହିଲା, "ନାହିଁ ଆଜ୍ଞା, ମୁଁ ପଚାରୁଥିଲି, ବୁଢ଼ା ବାବୁ ନାହାନ୍ତି କି ?"

"ଓହୋ, ଏତେ ଗୁଡ଼େ ଅନୁଗ୍ରହ ? ଏଣେ ବୁଢ଼ା ତେଣେ ଫେର ବାବୁ ? ଆଉ ତୁମେ ଗୋଟିଏ ପିଲା ବାବୁ, ନା ? ହେଉ, ଆସିବା ହେଉ, ଏଠାରେ କେହି ବୁଢ଼ା ନାହାନ୍ତି, ବୁଝିଲ ?"

ଲୋକଟି କିନ୍ତୁ ବିନ୍ଦୁ ବିସର୍ଗ ବୁଝି ନ ପାରି ଅବାକ୍ ହୋଇ ଚାହିଁ ରହିଲା । ସେ ଜିଲ୍ଲାବୋର୍ଡ ଅଧୀନରେ ସାମାନ୍ୟ ଚାକିରି କରେ । ଚାକିରିରେ କିଛି ଗୋଳମାଳ ଘଟିଥିବାରୁ ଏବଂ ସହଦେବ ବାବୁ ଭଲ ଇଂରାଜୀ ଲେଖି ପାରିବାର କୌଣସି ସୂତ୍ରରୁ ଜାଣିଥିବାରୁ ତାଙ୍କ ପାଖରୁ ଖଣ୍ଡେ ଦରଖାସ୍ତ ଲେଖା କରି ନେବାପାଇଁ ଆସିଥିଲା । ନିରାଶ ହୋଇ ଫେରିଆସି ତାଙ୍କ ଅଦ୍ଭୁତ ବ୍ୟବହାର କଥା ମୋ ଆଗରେ କହିଲା ।

Digitized by srujanika@gmail.com

ପରଦିନ ସକାଳେ କଥାଟା ତାଙ୍କୁ ପଚାରିବି ବୋଲି ଭାବିଥିଲି କିନ୍ତୁ ଦେଖିଲି ସେହି ଦିନ ସନ୍ଧ୍ୟାରେ ବୁଲି ଯିବାକୁ ସେ ଡାକି ଆସିଛନ୍ତି । ଆଜି କିନ୍ତୁ ଏକା ନୁହନ୍ତି, ସାଥିରେ ଗୋଟିଏ ନଅ ଦଶ ବର୍ଷର ଝିଅ । ପଚାରି ବୁଝିଲି ସେଟି ତାଙ୍କର ନିଜର ନାତୁଣୀ—ପାଟନା ସେକ୍ରେଟେରିଏଟ୍‌ର ଅଭିଜ୍ଞ କିରାଣୀ-ଜାମାତା ଶ୍ରୀଯୁକ୍ତ ସଦାନନ୍ଦ ସିହ୍ନଙ୍କର ଜ୍ୟେଷ୍ଠା କନ୍ୟା । ପିଲାଟିର ବୟସ କମ ହେଲେ କଣ ହେଲା, ମୋହମୁଦ୍ଗରର ଗୋଟାକ ତା ମୁହଁରେ, ଇଂରେଜି ରେସିଟେସନ୍‌ରେ ଫାଷ୍ଟ ପ୍ରାଇଜ୍ ସେ ପାଇଛି ।

ବିଦେଶରେ ରହି ଝିଅଟି ବାସ୍ତବିକ ବେଶ୍ ଚତୁର ବୋଲି ମନେହେଲା । ଏହି ଅଳ୍ପ ବୟସରେ ହିଁ ଆଧୁନିକ ପରିପାଟିର ବେଶଭୂଷା ପ୍ରତି ତାହାର ଯେମିତି ନଜର, କଥା ବାର୍ତ୍ତାରେ ମଧ୍ୟ ସେ ଖୁବ୍ ମୁହଁଫିଟା । ବାଟରେ ଚାଲୁଁ ଚାଲୁଁ ଏଟା ସେଟା ପଚାରିବାକୁ ଲାଗିଲା ଏବଂ ଅତି ଆଗ୍ରହରେ ସହଦେବ ବାବୁ ସେ ସବୁର ଉତ୍ତର ଦେଲେ । ଗୋଟାଏ ପ୍ରଶ୍ନର ଉତ୍ତର ନ ସରୁ ଆଉ ଏକ ପ୍ରଶ୍ନ ଆରମ୍ଭ ହୁଏ—ଏ ବାଟଟା କେଉଁ ପର୍ଯ୍ୟନ୍ତ ଯାଇଛି, ଏ ଘରଟା କାହାର, ଏ ଚଢ଼େଇର ନାମ କଣ ଇତ୍ୟାଦି । ମଝିରେ ମଝିରେ ଝିଅଟିର ବୁଦ୍ଧିର ତାରିଫ କରି ସେ ମୋ ଆଡ଼କୁ ଚାହିଁ ଦିଅନ୍ତି । ମୁଁ କେବଳ ସାକ୍ଷୀଗୋପାଳ ହୋଇ ଚାଲିଥାଏଁ ।

ନଈବାଲିରେ ଦୁଇ ଜଣ ବସିଲୁଁ । ଝିଅଟି ପାଣି ପାଖକୁ ଯାଇ ସରୁ ଜଳ ଧାରଟିରେ ଛୋଟ ଛୋଟ ମାଛ ଭାସି ଯାଉଥିବାର ଦେଖିଲା । ସହଦେବ କହିଲେ, "ଠିକ୍ ତାହାର ପରି, ବୁଝିଲେ ନରହରି ବାବୁ, ଅବିକଳ ତାହାର ଆଖି, ତାହାର କାନ, ତାହାର ନାକ—ଏମିତି କି ହାତ ପାଦ ଏବଂ ଆଙ୍ଗୁଠିଗୁଡ଼ିକ ମଧ୍ୟ ତାହାର ! ସାକ୍ଷାତ୍ ସେମିତି କଥା, ସେମିତି ଚାଲି—କାହିଁ ଗୌରୀଠାରେ ତ ଏ ସବୁ ଚିହ୍ନ ମିଳେ ନାହିଁ ?" ଗୌରୀ ତାଙ୍କର ଝିଅ, ଏହି ପିଲାଟିର ମା । ନାତୁଣୀକୁ ଦେଖି ଆଜି ପନ୍ଦର ବର୍ଷ ପରେ ସେ ମୃତପତ୍ନୀଙ୍କୁ ସ୍ମରଣ କରୁଛନ୍ତି ! କହିଲି, "ହଁ, ଯେଉଁମାନେ ହେରେଡିଟି ମାନନ୍ତି ସେମାନଙ୍କ ମତରେ ପୂର୍ବପୁରୁଷଙ୍କ ରୂପ ଗୁଣ ଚରିତ୍ର ପାଞ୍ଚଟା ପୁରୁଷ ପରେ ବି ଦେଖାଯାଇ ଥାଏ ।"

ସେ କିନ୍ତୁ ମୋ କଥାକୁ ଭ୍ରୂକ୍ଷେପ ନ କରି ଉଠିଯାଇ ନାତୁଣୀ ସଙ୍ଗରେ ହସ କୌତୁକ ଆରମ୍ଭ କରିଦେଲେ । ଲୋକଟା ପ୍ରତି ବଡ଼ ଅଶ୍ରଦ୍ଧା ଜନ୍ମିଲା—ଇସ୍, ଭାରି ତ ନାତୁଣୀ ! ବିରକ୍ତିରେ କହି ପକାଇଲି, "ଆପଣ ତ ଠିକ୍ ପିଲାଙ୍କ ପରି ହେଉଛନ୍ତି ।" ଯେ କୌଣସି ଭାବରେ ତାଙ୍କର ବାର୍ଦ୍ଧକ୍ୟର ଆଭାସ ଦେଲେ ହିଁ ସେ ଉତ୍ତେଜିତ ହୋଇ ଉଠୁଥିଲେ । ତାଙ୍କ ନାତୁଣୀ ସମକ୍ଷରେ ମୋର ଏପରି ମନ୍ତବ୍ୟ ଦେବାଟା ତାଙ୍କୁ ସବୁଠାରୁ ବେଶି ଖରାପ ଲାଗିଛି ବୋଲି ପରେ ଅବଶ୍ୟ ବୁଝି ପାରିଲି । କାରଣ ନିଜକୁ ସମ୍ପୂର୍ଣ୍ଣ ଭୁଲି ଯାଇ ମୋହର ଯୁବଶକ୍ତି ପରୀକ୍ଷା କରିବାକୁ ସଙ୍ଗେ ସଙ୍ଗେ ସେ ମୋତେ ତାଙ୍କ ସହିତ ଡବ୍ଲ ମାର୍ଚ୍ଚ ପ୍ରତିଯୋଗିତାକୁ ଡାକିଲେ, ତାଙ୍କର ସେହି ନାତୁଣୀ ଆଗରେ ଏବଂ ବୁଲି ବାହାରିଥିବା ମୋର ଅନେକ ସ୍କୁଲ ଛାତ୍ର ଓ ପରିଚିତ ଲୋକଙ୍କ ସମ୍ମୁଖରେ ।

ଘୃଣା ଓ ବିରକ୍ତିରେ ତାଙ୍କ ସଙ୍ଗେ ଆଉ ଦୁଇ ଚାରି ଦିନ ଦେଖାକରି ନାହିଁ । କିନ୍ତୁ ରବିବାର ଦି'ପହରରେ ତାଙ୍କ ପାଖରେ ଧରା ପଡ଼ିଗଲି । ଆଜି କିନ୍ତୁ ଚେହେରାଟା ତାଙ୍କର କିପରି ଟିକିଏ ଭାରି ଓ ଗମ୍ଭୀର ପରି ଦେଖାଗଲା । ଘର ଭିତରେ ପଶିବା ମାତ୍ରେ କହି ଉଠିଲେ, "ଆପଣଙ୍କ ସାଥିରେ ଆଜି ଗୋଟାଏ ବଡ଼ ଗୁରୁତର କଥା ଅଛି । ଗୁରୁତର ଯେମିତି ଗୋପନୀୟ ସେମିତି । ଖାଲି ମୋର ଘନିଷ୍ଠ ବନ୍ଧୁ ବୋଲି ଆପଣଙ୍କ ପରାମର୍ଶ ନେବାକୁ ଆସିଲି ।"

ଏତେ ଭୂମିକାରେ ମୋର ଉତ୍ସାହ ବଢ଼ିଲା ନାହିଁ କିମ୍ବା ସହଦେବ ବାବୁଙ୍କର ଘନିଷ୍ଠ ବନ୍ଧୁ ବୋଲି ଆଜି ତାଙ୍କ ମୁହଁରୁ ଶୁଣି ଗୌରବ ଅନୁଭବ କଲି ନାହିଁ । କଣ୍ଠସ୍ୱରଟା ଆହୁରି ଟିକିଏ ନରମ କରି ଚୌକିଟା ଘୁଞ୍ଚେଇ ଆଣି ସେ ମୋର ଅତି ନିକଟରେ ବସିଲେ । କଥା ଆଉ କିଛି ନୁହେଁ, ତାଙ୍କର ସେହି ନାତୁଣୀଟିର ଗୋଟିଏ ବିବାହ ପ୍ରସ୍ତାବ; ବରପାତ୍ର ମଧ୍ୟ ଆଉ କେହି ନୁହନ୍ତି, ସ୍ୱୟଂ ସହଦେବ ବାବୁ ! ସେଥିରେ ଆଉ ଆଶ୍ଚର୍ଯ୍ୟ କଣ ? ଧର୍ମତଃ କୌଣସି ବାଧା ଅଛି କି ? ହିନ୍ଦୁ ସମାଜରେ ମାତୁଳ କନ୍ୟାକୁ ବିବାହ କରିବାର ତ ପରିଷ୍କାର ବ୍ୟବସ୍ଥା ଅଛି । ତା'ପରେ ଆଉ ଗୋଟିଏ କଥା—ଏହି ନାତୁଣୀଟି ସହଦେବ ବାବୁଙ୍କ ସ୍ତ୍ରୀ ବ୍ୟତୀତ ଅନ୍ୟ କେହି ନୁହେ । ତାକୁ ଦେଖି ଜନ୍ମାନ୍ତରରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଜାତ ହୋଇଛି । ଆଜିକାଲି ଯେଉଁ ଭଣ୍ଡମାନେ ଜନ୍ମାନ୍ତରକୁ ସନ୍ଦେହ କରନ୍ତି ଆସନ୍ତୁ ଦେଖି ତ ତାଙ୍କ ଆଗକୁ ! ଆଉ ମଧ୍ୟ ନିଜ କନ୍ୟା ଗର୍ଭରୁ ଜାତ ହେବାକୁ ମାର ଇଚ୍ଛା ହେବା ତ ଖୁବ୍ ସ୍ୱାଭାବିକ । ଛୋଟ ବେଳେ ଅବଶ୍ୟ ସେ ତାକୁ ଚିହ୍ନି ପାରି ନ ଥିଲେ । କାରଣ ଅଳ୍ପ ବୟସରେ ସେ ତ ଆଉ ନିଜ ସ୍ତ୍ରୀକୁ ଦେଖି ନାହାନ୍ତି ! ଏ ସବୁ ପ୍ରମାଣ ସତ୍ତ୍ୱେ ବାଧା ତେବେ କଣ ଥାଇ ପାରେ ? ଆଉ କଣ ବୟସ ? ହାଃ, ହାଃ, ବୁଢ଼ା ହେବାଟା ଖାଲି ମନର ଗୋଟାଏ ଅବସ୍ଥା । ଅଳ୍ପ ବୟସରେ ମଧ୍ୟ କେତେ ଲୋକଙ୍କର ମନ ବୁଢ଼ା ହୋଇଯାଏ, ଅଳ୍ପ ଲୋକଙ୍କର ହିଁ ମନଟା ମରିବା ପର୍ଯ୍ୟନ୍ତ ସତେଜ ଥାଏ । ଅନନ୍ତ ଯୌବନ—**Eternal Youth**—ସେହି ଅଳ୍ପ ଲୋକଙ୍କର କାର୍ଯ୍ୟରେ କଥାରେ ହିଁ ଏହି ଗୁଣଟି ପରିସ୍ଫୁଟ ।

ସହଦେବ ବାବୁ ଏହି ଅଳ୍ପ ଲୋକଙ୍କ ଭିତରେ ସ୍ଥାନ ପାଇବାକୁ ସ୍ପୃହା ରଖନ୍ତି । ଭାବିଲି ଲୋକଟା ନିଉରୋଟିକ୍ ନା କଣ ! ହୋଇପାରେ, ସାଇକୋ-ଆନାଲିଷ୍ଟମାନଙ୍କର ଏଡ଼ିପାସ୍ କମ୍ପ୍ଲେକ୍ସ (**Œdipus Complex**) ରକମର ଏ ହୁଏତ ଗୋଟାଏ କମ୍ପ୍ଲେକ୍ସ । କିନ୍ତୁ ସାହସ କରି କିଛି ତାଙ୍କୁ କହି ପାରିଲି ନାହିଁ । ବୁଝିଲି, ମୋ ଆଗରେ ଏ ସବୁ ତାଙ୍କର କହିବାର ଅର୍ଥ ମୁଁ କେବଳ ବନ୍ଧୁ ଭାବରେ ତାଙ୍କୁ ଏ କାର୍ଯ୍ୟରେ ଟିକିଏ ସାହାଯ୍ୟ କରି ପାରିବି । ବେଶୀ କିଛି ନୁହେଁ, ଖାଲି ତାଙ୍କର ପୁଅ ଓ କନ୍ୟାଙ୍କୁ ଟିକିଏ ଏଥିରେ ରାଜି କରାଇ ପାରିଲେ ହେଲା । କଥାଟା ଅବଶ୍ୟ ମୋତେ ଖୁବ୍ ଗୋପନ ରଖିବାକୁ ହେବ ।

କିନ୍ତୁ ସନ୍ଧ୍ୟାବେଳେ ବଜାରକୁ ବାହାରି ଦେଖିଲି ସାରା ଗୋଟାକରେ ଏ କଥା ଜାଣିବାକୁ ଜଣେ କେହି ବାକି ନାହିଁ, ନଟ ଭାଇ ଆଗ ହୋଇ କହିବାକୁ ଆରମ୍ଭ କଲେ, "କହୋ, ଖୁବ୍ ତ



Digitized by srujanika@gmail.com

ଅନ୍ତରଙ୍ଗ ବନ୍ଧୁ ହୋଇ ଉଠିଲ, ଭିତରେ ଭିତରେ ଏକ ଝିଅପିଠାର ଯୋଗାଡ଼ କରି ବସିଲଣି, କାହାରିକୁ ନ ଜଣାଇ ନ ଶୁଣାଇ ?" ଗୋପାଳ ଦାସ ବୁଢ଼ା ଦୁଇ ପଇସାର ଗିନେଇ ଟଙ୍କୁଡ଼ି ହାତରେ ଧରି ବଜାରରୁ ଫେରୁଥିଲେ । ତାଙ୍କଠାରୁ ମଧ ମନ୍ତବ୍ୟ ଶୁଣିଲି ଯେ ଏହି କାରଣରୁ ହିଁ ଆଜିକାଲି ଏତେ ଭୂମିକମ୍ପ, ନଇବଢ଼ି ଓ ବଜ୍ର-ବତ୍ପାତ ଦେଖା ଦେଇଅଛି । ଆଉ ମଧ ଶୁଣିଲି ଯେ ଆମ ସାହି ଟୋକାଙ୍କ ଭିତରୁ ମୋହର ଦୁଇ ଜଣ ଏକ୍ସ୍ ଷ୍ଟୁଡେଣ୍ଟ ଏ ଘଟଣାରେ ହଠାତ୍ ଗୋଟାଏ ଏକାଙ୍କ ନାଟକ ଲେଖି ସାରିଛନ୍ତି, ସେଥିରେ ମୋର ମଧ ଚରିତ୍ର ଚିତ୍ରଣ ହୋଇଛି—ଘଟକ ରୂପରେ ! ଛନ୍ଦ ଦୁଇଜଣଙ୍କ ଭିତରୁ ଜଣେ ପିକେଟିଂ କରି ଜେଲରୁ ଫେରିଛି, ଆଉ ଜଣେ ମୋଟର ଗାଡ଼ି ଚଳାଇବାର ଲାଇସେନ୍ସ ପାଇ ର୍‍ୟାସ୍ ଡ୍ରାଇଭିଂ ହେତୁରୁ ତାହା ହରାଇଅଛି । ଘରକୁ ଫେରିବା ମାତ୍ରେ ଗୃହିଣୀ ମଧ ପଚାରିଲେ, " ଏ ସହଦେବ ବାବୁ କେମିତି ଲୋକ ହେ ? ନିଜ ନାତୁଣୀଟାକୁ ଏ ବୟସରେ ବାହା ହେବାକୁ ବସିଛନ୍ତି ?"

" ଧେତ୍, ତୁମକୁ ଏହା କିଏ କହୁଥିଲା ?"

" ନାଃ, ତୁମେ କଣ କିଛି ଜାଣ କି ? ଝିଅଟା ଏଣେ ନ ଖାଇ ନ ପିଇ କାନ୍ଦୁଚି, ପୁଅ ବିଚରା ମୁଣ୍ଡରେ ହାତ ଦେଇ ବସିଛି—ବୁଢ଼ାଟା କେଡେ ନିଷ୍ଠୁର ମ !"

ସଙ୍ଗେ ସଙ୍ଗେ ଆସିଲା ପୂଜା ଛୁଟି । ଛୁଟିରୁ ଫେରି ଦେଖିଲି ସହଦେବ ବାବୁଙ୍କର ଝିଅ ଏବଂ ନାତୁଣୀ ପାଟନା ଚାଲି ଯାଇଛନ୍ତି । ସାହି ଟୋକାଙ୍କ ଥଟ୍ଟା କୌତୁକରୁ ଅଥବା ଆଉ କିଛି କାରଣରୁ ଆଜି କାଲି ସେ ବେଶି ସମୟ ଘର ଭିତରୁ ବାହାରନ୍ତି ନାହିଁ । ମୋହ ସାଥିରେ ଅବଶ୍ୟ ଦେଖା ସାକ୍ଷାତ୍ କଥା ବାର୍ତ୍ତା ହୁଏ କିନ୍ତୁ ସକାଳ ବୁଲାଟା ସମ୍ପୂର୍ଣ୍ଣରୂପେ ବନ୍ଦ । ସୁତରାଂ ଆଜି କାଲି ଭୋରରୁ ନିଦ ଭାଙ୍ଗିଗଲେ ବିଛଣାରେ ପଡ଼ି ଟିକିଏ ଆଳସ୍ୟ ଚର୍ଚ୍ଚା କରେଁ । ଦିନେ ଏହିପରି ଅବସ୍ଥାରେ ଗୃହିଣୀ ଗାଧୋଇ ଆସି ସେମିତ ଓଦା ଲୁଗାରେ ଅଧେ ରାଗ ଓ ଅଧେ ଶୀତରେ ଥରି ଥରି କହିଲେ, " ଆମର ଆଉ ଗୋଟାଏ ବସା ଦେଖ, ଏଠାରେ ରହିବାକୁ ହେବ ନାହିଁ ?"

ବିଛଣାରୁ ନ ଉଠି ପଚାରିଲି, " କାହିଁକି ?"

ଗୃହିଣୀଙ୍କର ଭୟ ଓ କ୍ରୋଧ ମିଶ୍ରିତ କଥାରୁ ବୁଝିଲି ଯେ ଗତ ସାତ ଆଠ ଦିନ ଧରି ରୋଜ ସକାଳେ ଗାଧୋଇ ସାରି ଠିକ୍ ବାହାରିବା ବେଳେ ସହଦେବ ବାବୁଙ୍କର ନିୟମିତ ରୂପେ କଣ୍ଠ ପରିଷ୍କାର କରୁ ଥିବାର ଶବ୍ଦ ସେ ଶୁଣିଅଛନ୍ତି । ଥରେ ଦୁଇ ଥର ଡେଣିକି ଚାହିଁ ସହଦେବ ବାବୁଙ୍କୁ କୋଠା ଉପରେ ଠିଆ ହୋଇ ରହିଥିବାର ଦେଖି ଘର ଭିତରକୁ ଚାଲି ଆସିଚନ୍ତି । ଆଜି କିନ୍ତୁ ସହଦେବ ବାବୁ ତାଙ୍କର ଦୃଷ୍ଟି ଆକର୍ଷଣ କରି ଯେପରି ହସିଲେ ସେଥିରେ ସେ ଅତ୍ୟନ୍ତ ଅପମାନିତ ଓ ମର୍ମାହତ ହୋଇଅଛନ୍ତି ।

ଗୃହିଣୀଙ୍କ ଚକ୍ଷୁରେ ଅଶ୍ରୁ ଦେଖି ଉଠି ବସିଲି । ଧୀରେ ଧୀରେ କହିଲି, " ଅବଶ୍ୟ ସେ ତୁମକୁ ଯେଉଁ ଅପମାନ ଦେଇଅଛନ୍ତି, ତାହାର ପ୍ରତିକାର କରିବ । କିନ୍ତୁ ଭାବ ଦେଖିଲ, ତୁମେ ତ କିଛି ତାଙ୍କୁ କମ ଅପମାନ ଦେଇ ନାହଁ ? "

ଥକ୍କା ହୋଇ ସେ ମୋ ମୁହଁକୁ ଚାହିଁଲେ, " ମୁଁ କଣ ଅପମାନ ଦେଲି ତାଙ୍କୁ ? "

ମୃଦୁ ହସି କହିଲି, " ତୁମେ ମଧ ତାଙ୍କୁ ଚାହିଁ ଟିକିଏ ହସି ଦେଇଥିଲେ କ୍ଷତି କଣ ହୁଅନ୍ତା ? "

Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ହାଇଦ୍ରାବାଦ

### ଅଧୁନିକ ଜଗତର ସର୍ବଶ୍ରେଷ୍ଠ ଧନକୁବେର

ଲଣ୍ଡନର 'ପିପ୍‌ଲ୍' ନାମକ ଖବର କାଗଜରେ ବର୍ତ୍ତମାନ ପୃଥିବୀର ସର୍ବଶ୍ରେଷ୍ଠ ଧନିକ ହାଇଦ୍ରାବାଦର ନିଜାମଙ୍କ ସମ୍ବନ୍ଧରେ ଗୋଟିଏ ସୁନ୍ଦର ବିବରଣୀ ପ୍ରକାଶ ପାଇଅଛି । ସେଥିରୁ ଜଣାଯାଏ ଯେ ତାଙ୍କର ଧନର ପରିମାଣ କଳ୍ପନା କରିବା ସହଜ ନୁହେ । ଅଥଚ ଏହି ଅସାମାନ୍ୟ ସମ୍ପତ୍ତିର ସୁରକ୍ଷା ପାଇଁ ସେ ଯେଉଁ ଉପାୟ ଅବଲମ୍ବନ କରିଅଛନ୍ତି ତାହା ବଡ଼ ସହଜ ।

ନିଜାମଙ୍କ ବେକରେ ଗୋଟିଏ ସରୁ ସୁନା ସୂତାରେ ଖଣ୍ଡେ ଚାବି କାଠି ଲାଗିଛି । ଏହି ଛୋଟ କୁଞ୍ଚି ହିଁ ହାଇଦ୍ରାବାଦର ମହାମହିମ ନିଜାମଙ୍କ ଧନଭଣ୍ଡାରଗୁଡ଼ିକୁ ବାଟ ଫିଟାଇ ଦିଏ ।

କଥାଟା ଶୁଣିବାକୁ ଖୁବ୍ ସହଜ ହେଲେହେଁ ଏହି ଉପାୟଦ୍ୱାରା ତାଙ୍କର ଧନରାଶି ଷୋଳ ଅଣା ନିରାପଦରେ ଅଛି । ହାଇଦ୍ରାବାଦ ରାଜ ଉଆସ ତଳେ ଏହି ଯେ ସବୁ ଧନଭଣ୍ଡାର ଲୁକ୍କାୟିତ, ସେଠାକୁ ଯିବା ପାଇଁ ଅନ୍ୟ ବାଟ ନାହିଁ, ନିଜାମଙ୍କର ଶୟନକକ୍ଷ ହିଁ ଏକମାତ୍ର ବାଟ । ଆଉ ସେହି ଛୋଟ ଗୃହଟିରେ ଯେଉଁ କବାଟ ଫିଟେ ତାହା ବେନାରସର ଶ୍ରେଷ୍ଠତମ କାରିଗରମାନଙ୍କ କୃତ ପାଟ ପର୍ଦ୍ଦାଦ୍ୱାରା ଆବୃତ ଅଛି । ଅବଶ୍ୟ ପାଟଟା କେବଳ ନାମ ମାତ୍ର ରଖା ଯାଇଅଛି । ତାହାର ଉପରେ ସେର ସେର ଓଜନର ସୁନା ବୁଣା ହୋଇଛି ।

ଏହି ଦ୍ୱାରର ରାସ୍ତା କେଉଁ ଆଡ଼କୁ ଯାଇଛି ଅତି ଅଳ୍ପ ଲୋକ ତାହା ଅନୁସନ୍ଧାନ କରିବାର ସୁବିଧା ପାଇଛନ୍ତି । ରାଜ ଉଆସଟି ଯେଉଁ ପ୍ରକାଣ୍ଡ ପାହାଡ଼ ଉପରେ ତିଆରି ହୋଇଛି ତାହାର ଭିତର ଗୁମ୍ଫାଗୁଡ଼ିକୁ ଯିବାପାଇଁ ଏହା ହିଁ ଏକମାତ୍ର ବାଟ । ରାସ୍ତାଟିର ପାହାଚଗୁଡ଼ିକ ଖୁବ୍ ଉଚ୍ଚ ଓ ସଳଖ । ଏହି ଗୁମ୍ଫା ଓ ପାହାଚ ଅତି ପ୍ରାଚୀନ କାଳରୁ ହିଁ ପଥୁରିଆମାନଙ୍କଦ୍ୱାରା କଟା ଯାଇଅଛି ।

ବହୁ ଯୁଗର ଏହି ପୁରୁଣା ଭଣ୍ଡାରମାନଙ୍କରେ ବହୁ ଶତାବ୍ଦୀର ଧନ ଗଚ୍ଛିତ ରହିଅଛି ଏବଂ ରାଶି ରାଶି ମନୋହର ମୁକ୍ତାର ରାଶି ସଞ୍ଚିତ ଅଛି । ଏହି ସବୁ ମୁକ୍ତାମାଳ ମଧ୍ୟରୁ ଗୋଟିଏ ମାଳ କୃଷ୍ଣ ମଣି ଦ୍ୱାରା ଖଚିତ । ସେହି ମାଳଟିର ମୂଲ୍ୟର ପରିମାଣ ଶୁଣିଲେ ରୂପକଥା ପରି କାଳ୍ପନିକ ମନେ ହୁଏ । ଏହା ପରେ କେତେ ଜାଜ୍ୱଲ୍ୟମାନ ଶ୍ରେଷ୍ଠ ହୀରକ ଖଣ୍ଡ—ସେଥି ମଧ୍ୟରୁ କେତେକ ହୀର ପ୍ରସ୍ତରରେ ଖଚିତ ଅଛି, ଆଉ କେତେ କାର୍ପାସ କମ୍ବା ପଶମରେ ଏବଂ ଅଧିକାଂଶ ହିଁ ମଖମଲ ତିଆରି ଡାଲା ଭିତରେ ପ୍ରଚୁର ପରିମାଣରେ ସ୍ତୂପୀକୃତ ହୋଇ ସଞ୍ଚିତ ଅଛି । ନିଜାମଙ୍କର ନିଜ ଖଣିର ବହୁ ସଂଖ୍ୟକ ରକ୍ତବର୍ଣ୍ଣ-କିରଣପ୍ରଭ ପଦ୍ମରାଗ, ନୀଳକାନ୍ତ ଓ ମରକତ ମଣିଦ୍ୱାରା ଏହି ଭଣ୍ଡାରଗୁଡ଼ି ପୂର୍ଣ୍ଣ ହୋଇ ରହିଅଛି ।

ଏହି ସବୁ ମଣିମୁକ୍ତାପୂର୍ଣ୍ଣ ଭଣ୍ଡାରମାନଙ୍କ ସଙ୍ଗେ ସୁନା ରୂପାରେ ପରିପୂର୍ଣ୍ଣ ଘରଗୁଡ଼ିକୁ ତୁଳନା କଲେ ସୁନା ରୁପାକୁ ବଡ଼ ତୁଚ୍ଛ ବୋଲି ମନେହୁଏ ଏବଂ ସେଥି ସଙ୍ଗେ ସୁନା ଓ ରୁପା ମୁଦ୍ରାର ଘରଗୁଡ଼ିକ ଅତିଶୟ ସାମାନ୍ୟ ବୋଲି ମନେହୁଏ ।

ଏହି ଧନଭଣ୍ଡାରଗୁଡ଼ିକର ରକ୍ଷକମାନେ ଅତ୍ୟନ୍ତ ରକମର ନିସ୍ପୃହ ବ୍ୟକ୍ତି ପରି ବୋଧହୁଅନ୍ତି । ଜଣେ ଜଣେ ନରପତିଙ୍କୁ କିଣି ନେବା ମୂଲ୍ୟର ପଥରଗୁଡ଼ିକୁ ସେମାନେ ଯେମିତି ସହଜ ଭାବରେ ନେବା ଅଣିବା କରନ୍ତି ତାହା ଦେଖିଲେ ଭୟ ଜାତ ହୁଏ ।

ସ୍ୱୟଂ ନିଜାମ ମଧ୍ୟ ଏ ସବୁ ପ୍ରତି ଖୁବ୍ ନିସ୍ପୃହ ଥିବା ପରି ମନେହୁଏ । କାରଣ ତାଙ୍କ ନିଜର ଚାଲି ଚଳନ ଅତି ସାଧାରଣ । ରାଜପ୍ରାସାଦ ଭିତରେ ଯେଉଁ ଘରଟିରେ ସେ ଦିନବେଳେ ବସନ୍ତି, ତାହା ବୋଧହୁଏ ସମସ୍ତ ପ୍ରାସାଦ ମଧ୍ୟରେ ସବୁଠାରୁ କମ୍ ଦାମର ଜିନିଷଦ୍ୱାରା ସଜା ହୋଇଅଛି ।

କିନ୍ତୁ ଧନର ମୂଲ୍ୟ ସେ ଅବଶ୍ୟ ଭଲ ଭାବରେ ବୁଝନ୍ତି ଏବଂ ଏହାକୁ ଅତି ପ୍ରାଚୀନ ରୀତିରେ ଗଚ୍ଛିତ କରି ରଖି ଥିଲେହେଁ, ଆଧୁନିକ ରୀତି ଗତି ପ୍ରତି ସେ ଏକାବେଳେକେ ବିମୁଖ ନୁହନ୍ତି ।

ପ୍ରାସାଦ କାନ୍ଥରେ ନିଜାମଙ୍କର ଗୋଟିଏ ଚିଠି ବାକ୍ସ ରଖା ଯାଇଅଛି । ଯେଉଁମାନେ ସ୍ୱୟଂ ନିଜାମଙ୍କଠାରେ ନିଜର ବ୍ୟକ୍ତିଗତ ଦୁଃଖ ଗୁହାରି ଗୋପନରେ ଜଣାଇବାକୁ ଚାହାଁନ୍ତି, ସେମାନେ ଏହି ବାକ୍ସରେ ସେମାନଙ୍କର ଦରଖାସ୍ତ ଆଦି ପକାଇ ଦିଅନ୍ତି । ନିଜାମଙ୍କର ଜଣେ ବିଶ୍ୱସ୍ତ କର୍ମଚାରୀଙ୍କଦ୍ୱାରା ଏହିସବୁ ପ୍ରାର୍ଥନା ପତ୍ର ତାଙ୍କର ଶୟନକକ୍ଷକୁ ନିଆଯାଏ । ଏହିସବୁ ପତ୍ର ନିଜାମଙ୍କ ଛଡ଼ା ଆଉ କାହାରି ଦେଖିବାର ଉପାୟ ନାହିଁ ଏବଂ ଏହା ଫଳରେ ତାଙ୍କଠାରୁ ଯେଉଁମାନେ ଗୋପନରେ ଦାନ ପାଇଥାନ୍ତି, ସେମାନଙ୍କ ବ୍ୟତୀତ ଆଉ କେହି ମଧ୍ୟ ତାହାର ପରିମାଣ ଜାଣିପାରେ ନାହିଁ । ଇଟାଲୀ ଦେଶଠାରୁ ବୃହତ୍ତର ଏକ ଭୂଭାଗର ଅଧିପତି ହୋଇ ସର୍ବସାଧାରଣଙ୍କର ଦୁଃଖ ଗୁହାରି ଏପରି ବ୍ୟକ୍ତିଗତ ଭାବରେ ନିଜେ ବିଚାର କରିବା ନିଜାମଙ୍କ ହୃଦୟବତ୍ତାର ପରିଚାୟକ ।

ଶିଳ୍ପ ଓ ସାହିତ୍ୟ ପ୍ରତି ମଧ୍ୟ ତାଙ୍କର ଅନୁରାଗ ଯଥେଷ୍ଟ । ସେ ନିଜେ ମଧ୍ୟ ଜଣେ ପ୍ରତିଭାବାନ୍ ଲେଖକ ଏବଂ ତାଙ୍କର ରଚନା-

Digitized by srujanika@gmail.com

ଗୁଡ଼ିକ ଭାରତବର୍ଷର ନାନା ସ୍ଥାନରେ ଗୀତ ହୋଇଥାଏ । ପାରସ୍ୟ, ବୋଖାରା, ଆରବ ଓ ତୁର୍କିସ୍ଥାନ ପ୍ରଭୃତି ସୁଦୂରବର୍ତ୍ତୀ ସ୍ଥାନମାନଙ୍କରୁ କବିମାନେ ନିଜ ନିଜର ରଚନା ଆବୃତ୍ତି କରି ନିଜାମଙ୍କୁ ଶୁଣାଇବା-ପାଇଁ ଆସିଥାନ୍ତି ଏବଂ ସେଥିମଧ୍ୟରୁ ଉପଯୁକ୍ତ ରଚନାଗୁଡ଼ିକ ପୁରସ୍କୃତ ହୋଇଥାଏ ।

ବର୍ତ୍ତମାନର ଅର୍ଥସଙ୍କଟ ସମୟରେ ହିଁ ନିଜାମଙ୍କର ସ୍ଥାନ ପୃଥିବୀର ଧନିକମାନଙ୍କ ମଧ୍ୟରେ ପ୍ରଥମ ହୋଇ ପାରିଛି । ଏହା ପୂର୍ବେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସୁନାର ମୂଲ୍ୟ ବଢ଼ିଯିବା ଯୋଗୁଁ କେତେ କୋଟିପତି ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇ ପଡ଼ିଲେ ଅଥଚ ନିଜାମ ତାଙ୍କର ସଞ୍ଚିତ ଧନପ୍ରଭାବରେ ସର୍ବୋଚ୍ଚ ସ୍ଥାନ ଲାଭ କଲେ ।

ମୁସଲମାନ ଜଗତରେ ଲୋକେ ନିଜାମଙ୍କୁ ମହମ୍ମଦଙ୍କର ବଂଶଧର ଜ୍ଞାନ କରନ୍ତି ଏବଂ ସେମାନଙ୍କର ଧର୍ମଗୁରୁ ରୂପେ ତାଙ୍କୁ ଶ୍ରଦ୍ଧା କରନ୍ତି ।

ଅଳ୍ପ ଦିନ ପୂର୍ବେ ତୁର୍କୀର ଗାଦିଚ୍ୟୁତ ସୁଲତାନଙ୍କ କନ୍ୟାଙ୍କୁ ନିଜାମଙ୍କର ପୁତ୍ର ବିବାହ କରିଅଛନ୍ତି । ତୁର୍କୀର ସୁଲତାନ ମୁସଲମାନ ଜଗତରେ ଖଲିଫ୍ ରୂପେ ପୂଜା ପାଇ ଆସୁଥିଲେ କିନ୍ତୁ କେମାଲ-ପାଶାଙ୍କ ଅଭ୍ୟୁଦୟ ଓ ତାଙ୍କର ସିଂହାସନଚ୍ୟୁତି ସଙ୍ଗେ ସଙ୍ଗେ ଏହି ପଦବୀରୁ ମଧ୍ୟ ସେ ବଞ୍ଚିତ ହୋଇଅଛନ୍ତି । ମୁସଲମାନଗୁରୁ ମହମ୍ମଦଙ୍କର ତୁର୍କୀ ସୁଲତାନ ମଧ୍ୟ ଆଉ ଏକ ବଂଶଧର । ସୁତରାଂ ଏହି ଦୁଇ ବଂଶଧରଙ୍କର ବିବାହ ସମ୍ପର୍କଦ୍ୱାରା ନିଜାମ କିମ୍ବା ତାଙ୍କ ପୁତ୍ର ଖଲିଫ୍ ପଦବୀରେ ଭୂଷିତ ହେବେ ବୋଲି ଅନେକେ ବିଶ୍ୱାସ କରନ୍ତି ।

ଏହା ଅବଶ୍ୟ ଅସମ୍ଭବ ନୁହେ ଏବଂ ତାହାହେଲେ କନ୍‌ଷ୍ଟାଣ୍ଟିନୋପ୍‌ଲର ପ୍ରାଚୀନ ଖ୍ୟାତି ପୁଣି ଫେରି ଆସିବ । କିନ୍ତୁ ଏହା ଆଉ ତୁର୍କୀକୁ ଫେରିବ ନାହିଁ—ମୁସଲମାନ ଶିକ୍ଷା ସଭ୍ୟତାର କେନ୍ଦ୍ର ହେବ—ହାଇଦ୍ରାବାଦ ।

## ଚା ଚାତୁରୀ *

**ଶ୍ରୀ କ୍ଷୀରୋଦଚନ୍ଦ୍ର ପାଲ**

ଚନ୍ଦ୍ରଚୂଡଙ୍କ ଚିଲମ, ଚିକଣ ଅଫୁ ଓ ଚଣ୍ଡୁର ଚୂଡ଼ାନ୍ତ ଚେଷ୍ଟା ଅପେକ୍ଷା ଚା ର ଚାତୁରୀ ଅଧିକ । ଚା ର ଚମତ୍କାରିତାରେ ଚିନ୍ମୟ ଚିତ୍ରାନଳବତ ଚଞ୍ଚଳାଙ୍କ ଚତୁର ଭାରତର ଚୋପୁଅ ଚିରାୟୁ ହେଲେ । ତାଙ୍କ ଚୈତନ୍ୟ ଚାପିବା ପାଇଁ ଚିତ୍ତ-ଚାଳିତ ଆସାମ, ଚାମୁଣ୍ଡା-ପିଠା-ଚରଣ-ଚୁମ୍ବୀ ଚେପଲ ଦାର୍ଜିଲିଂ, ଡେରାଡୁନ-ଚୁମ୍ବୀକର ଚକ୍ ଚକ୍ ନୀଳଗିରିରେ ଚାଉଳ ଛାଡ଼ି ଚା ଗଛ ଚାଷ କରାଗଲା । ଚାଇଁ ଚା-କରମାନେ ଚା-ଚାଷରେ ଚହଲ ପକାଇଲେ । ଚରଣାମୃତଭକ୍ତ ଚୋଙ୍ଗା ଚେଲାନ ପିଇବା ଚାକର, ଚପ୍ରାସି ଚୌକିଷ ଚାଯୁରା-ଚାବୁକରେ ଚମଡ଼ା ଫଟାଇ, ଚଙ୍ଗଚଙ୍ଗିଆ ଚୁଲିଙ୍କୁ ଚୌସମ ପିଆଇଲେ । ଚାହୁଁ ଚାହୁଁ ଚା-କରମାନେ ଚାଟୁକାର, ଚାରଣ ଚାକରଦ୍ୱାରା ଚାରିଆଡ଼େ ଚାର ମହିମା-ଚର୍ଚ୍ଚା ଚଳାଇଲେ । ଚାକୁଣ୍ଡା-ପଦାରେ, ଚାଟଶାଳୀରେ, ଚାଙ୍ଗୁନାଟରେ, ଚାଚେରୀରେ, ଚାକର ଚାକରାଣୀ ଓ ଚାତୁର୍ବର୍ଣ୍ଣ୍ୟରେ ଚାହିଦା ଚା ଚୋଖାଇଲେ । ଚିନା ଚା ଚିତ୍‌ପଟାଙ୍ଗ ହେଲା । ଚିକାଗୋରେ ଚଳଣି ଭାରତ ଚାର ଚାରୁ ଚିତ୍ରର ଚାଞ୍ଚଲ୍ୟ ଚେତାଇଲା । ଚାଣକ୍ୟ ଚୋପଦାରମାନେ ଚାର ଚଳଣ ଓ ଚଳଣ ପାଇଁ ଚା-କରଙ୍କୁ ଚରମ ଚତୁର ଚିନ୍ତା ଦେଲେ ।

ଚନ୍ଦ୍ରାକରଣରେ ଚତୁର୍ଦ୍ଦଶୀରେ ଚଉରାଶୀ ବୃନ୍ଦ ଚାନ୍ଦ୍ରାୟଣରେ ଚିନ୍ତାନ୍ୱିତ ହୋଇ ଚଉତରାରେ, ଚାନ୍ଦନୀରେ ଚା ଚାଖିଲେ । ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟରେ ଚା ଚାଲିଲା । ଚା-କର ଚକ୍ଳିଆ ଚଣ୍ଡାପରି ଚକ୍ର ଦେଇ ଚା ଚାତୁରୀ ଚିତ୍କାରରେ ଓ ଚିତ୍ରରେ ଚମକାଇଲେ । ଚକ୍ଷୁସ୍ଥାନର ଚକ୍ଷୁ ଚକିତିଲେ । ଚୌଧୁରୀଙ୍କଠାରୁ ଚୌକିଦାର ପର୍ଯ୍ୟନ୍ତ ଚକିତ ଚିତ୍ତରେ ସର୍ବେ ଚାତକ ବା ଚକୋର ପରି, ଚକୁଳି, ଚୂଡ଼ାଦହି, ଚକଟା ଛାଡ଼ି ଚେଙ୍ଗ, ଚୁଙ୍ଗୁଡ଼ି, ଚପ କଟ୍‌ଲେଟ୍‌ରେ ଚାଲୁ ଚାଟ୍‌କର ଚକିତରେ ଚାହିଁଲେ । ଚଉକିରେ ଚଟାଣରେ ଚାନ୍ଦୁଆ-ତଳେ ଚର୍ଚ୍ଚା ବିସ୍ତାର କରି ଚା'ର ଚରିତ ଚର୍ଚ୍ଚା ଚାଲିଲା । ଚ୍ୟବନ ପ୍ରାସର ଚିକିତ୍ସା ଛାଡ଼ି ମଧ୍ୟ ସମସ୍ତ ରୋଗପାଇଁ ଚା ଚଳିଲେ । ଚାରୁଶୀଳା ଚଞ୍ଚଳାକ୍ଷୀ ଚକ୍ଷୁଣ—ଚତୁରୀଙ୍କର ଚା ଚିନ୍ତା ଚମତ୍କାର ହେଲା । ସେମାନଙ୍କ ଚନ୍ଦ୍ରବଦନ ଓ ଚାରୁବିମ୍ବାଧରକୁ ଚା କପ୍ ଓ ଚା ଚାମଚ ଚକ୍ ଚକ୍ କଲା । ଏହାପରେ ଚାରିଆଡେ ଚା ଚୁମ୍ବିତ ହୋଇ ଚୁମ୍ବକ ପରି ସମସ୍ତଙ୍କୁ ଟାଣୁଛି । ଚା'ର ଚୈତନ୍ୟ ଚିତାବାଘ କେଫିନ୍, ଚିନିପୁଞ୍ଜ ଟେନିନ୍ ।

ଚିରଦିନ ଚରମ ଗରମ ଚା ଚୁଚୁମିଲେ ଚିକ୍କଣ ଚାଖଣ୍ଡ ଖାଲି ପେଟରେ ଚିତା ଜଳେ—ଚିତ୍ତଚାଞ୍ଚଲ୍ୟ ଚିତ୍ତବିଭ୍ରମ ଓ ଚିର ଅଜୀର୍ଣ୍ଣାମ୍ଳ ହୁଏ । ଚେତା-ଚୈତନ୍ୟ-ଚୋର ଅମ୍ଳଶୂଳ, ଚିର କୋଷ୍ଠକାଠିନ୍ୟ, ଚିର ଅନିଦ୍ରା, ଚୌଡ଼ା ପାକସ୍ଥଳୀ ଓ ଚମକପ୍ରଦ ହୃଦ୍‌ରୋଗ ଚତୁର୍ଦ୍ଦିଗରୁ ଚଢ଼ାଉ କରନ୍ତି । ଚିଡ଼୍ ଚିଡ଼୍ ସ୍ୱଭାବ, ଚୂଡ଼ାନ୍ତ ମସ୍ତିଷ୍କ ବିକାର ଓ ଚରମ ଉତ୍ତେଜନା ସର୍ବଦା ଚମକ୍ ଦିଏ । ଚନ୍ଦ୍ରଉଦୟପରି ଚାହାଣି ଚେହେରା ଚଞ୍ଚଳ ଚମ୍ପଟ୍ ଦିଏ । ଶେଷରେ ଚିକିତ୍ସକର ଚିକିତ୍ସାପାଇଁ ରୋଗମାନ ଚୁଟି ଟାଣେ ।

ଚୈତ୍ରମାସରେ ଚା ଚୋଚମିଲେ ଚଣ୍ଡପ୍ରକୃତି ଚାହୁଁ ଚାହୁଁ ଥଣ୍ଡା ହୁଏ—ଚେତାବୁଡ଼ା ଶୀତରେ ଚୋକସ୍ ଚା ଚାଟିଲେ ଚର୍ମ ଘର୍ମରେ ଚଟ୍ ଚଟ୍ ହୁଏ—ଚରମ ଗରମ ହୋଇ ଉଠେ । ଚାଞ୍ଚଲ୍ୟହୀନ ଚିତ୍ତ ଚମତ୍କାରରୂପେ ଚଙ୍ଗା ହୁଏ—ଚିର ସ୍ୱାସ୍ଥ୍ୟ ଚୋର ଯାଏନାହିଁ, ଚଞ୍ଚଳ ହୁଏ ନାହିଁ ।

ଚା କପର ଚେତାବୁଡ଼ା ବିଷ ବେଶୀ କି ଚକଟକିଆ ସରାପ ବୋତଲର ଚଟକ ଓ ଚଟର ଅନିଷ୍ଟକାରିତା ବେଶୀ, ଏପର୍ଯ୍ୟନ୍ତ ଚିନ୍ତିତ ହୋଇ ନାହିଁ । ଚା'ର ଚାରୁଚିତ୍ର ଚିତ୍ରଣ ଚୁମ୍ବକ ଚା ଚୁମ୍ବନରେ ।

* ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ପଠିତ

Digitized by srujanika@gmail.com

# ଧ୍ୟାନର ବାଣୀ

କାଳନ୍ଦୀଚରଣ ପାଣିଗ୍ରାହୀ

କହିବାକୁ ଯାହା ଲୋଡ଼ିଲି ନିତି
ଦିବସ ରାତି
ସହିବାକୁ ଏକା ନ କରି ଭୀତି
ନ ଖୋଜି ସାଥୀ ।

ବରଷ ବରଷ ଗଣିଲି ବସି
ନ କହି କଥା
ଛଳନାର ଜାଲ ବୁଣିଲି ହସି
, ଲୁଚାଇ ବ୍ୟଥା ।

ବହିବାକୁ ଏକା ସକଳ ଭାର
ଲୋଡ଼ିଲି ବଳ
ଦୁଖରୁ ନ ଦେଲି ଗଳାର ହାର
ଲହୁରୁ ଜଳ ।

ବିରସ କରିଲି ବଦନ ଚିର
ରହିଲି ମୂକ
ଆଖିଭୂଷା ହେଲା ଅଖିର ନୀର
ମନର-ଦୁଖ ।

ସହିଲି ଯେତେ ମୁଁ ବହିଲି ଯାହା
ଜୀବନେ ଏକା
ଦୁଖ ଛାୟା ଯେତେ ସୁଖର ମାୟା
ଲଭିଲି ଦେଖା

ଜାଗିଥିଲା କେତେ ସୁଖର କଥା
ନ ପାରେଁ ଲେଖି
ଓଦା ହେଲା ଯେବେ ଆଖିର ପତା
ପାରିନି ଦେଖି ।

କଲପନା ହୋଇ ସେ କଥା ଆଜି
ମାନସ ଲୋକେ
ସପନ ପାଲଟି ସେ ରୂପ ସାଜି
କାନ୍ଦି ପଲକେ

ଉଭେଇ ଯାଇଛି ଅଜଣା ପଥେ
ପବନ ସମ
ମିଳାଇ ଅସୀମ ଆକାଶ ରଥେ
ଯାଇଛି ମମ ।


ଚପଳ ହିୟାରେ ଜଳଇ ଆଶା
ହୁତାଶ ପରି
ଶତେକ ଦହନ ଶତେକ ତୃଷା
ଗଲାଣି ଭରି ।

ବାଷ୍ପ ପାଲଟି ଆଖିର ପାଣି
ଲୁହଲେ ପ୍ରାଣେ
ନ ପାରିଲି ଗାନେ ଧରି ଯେ ବାଣୀ
ରହିଲା ଧ୍ୟାନେ ।



Digitized by srujanika@gmail.com

# ଚି ତ୍ର ମ ୟ



ଶ୍ରୀମନ୍ ମହାରାଜା ଏବଂ ଗଭର୍ଣ୍ଣର ଜେନେରାଲ ମହୋଦୟଙ୍କର ଏଜେଣ୍ଟ ଲେଫ୍ଟନେଣ୍ଟ କର୍ଣ୍ଣେଲ ଏ. ଏସ୍. ମୀକ୍., ସି. ଏମ୍. ଜ ପଥୁରି ଗ୍ରାମୋନ୍ନତି ଏବଂ ସ୍ୱାସ୍ଥ୍ୟ ସମବାୟ ସମିତି ପରିଦର୍ଶନ କରୁଅଛନ୍ତି

ମୟୂରଭଞ୍ଜର କୃଷି ଏବଂ ଶିଳ୍ପପ୍ରଦର୍ଶନୀ




କୃଷି ବିଭାଗ ପ୍ରଦର୍ଶନୀର ଗୋଟିଏ ଅଂଶର ଦୃଶ୍ୟ




ଶ୍ରୀମନ୍ ମହାରାଜା ଏବଂ ଏ. ଜି. ଜଙ୍କର ଖଡ଼ିଆସୋଲ ସମବାୟ ସମିତିର କୁଟୀର ଶିଳ୍ପ ପରିଦର୍ଶନ

Digitized by srujanika@gmail.com



ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନର ଉଦ୍‌ଯୋକ୍ତା ଏବଂ ଦର୍ଶକବୃନ୍ଦଙ୍କ ସହିତ ମଧ୍ୟ ସ୍ଥଳରେ ଆସୀନ ସଭାପତି ଶ୍ରୀଯୁକ୍ତ ଜଳନ୍ଧର ଦେବ





ମୟୂରଭଞ୍ଜର କୃଷି ଏବଂ ଶିଳ୍ପ ପ୍ରଦର୍ଶନୀ

ନାରୀ ବିଭାଗର କେତେକ ନମୁନା

ମୟୂରଭଞ୍ଜ ଟସର ଶିଳ୍ପର ବର୍ତ୍ତମାନ ଉନ୍ନତ ଅବସ୍ଥା

# ସମ୍ବାଦ ଓ ସଙ୍କେତ


## ଶ୍ରୀମନ୍ ମହାରାଜାଙ୍କର ଜନ୍ମୋତ୍ସବ

### ବାରିପଦା

ମହାମହିମ ଶ୍ରୀମନ୍ ମହାରାଜାଙ୍କର ଜନ୍ମୋତ୍ସବ ଦିବସ ମାର୍ଚ୍ଚ ମାସ ୫ ତାରିଖରେ ପାଳନ କରାଯାଇଥିଲା । ପୂର୍ବ ବର୍ଷମାନଙ୍କ ପରି ରାଜ୍ୟର ଲୋକସାଧାରଣ ହିଁ ଏ ଉତ୍ସବକୁ ପରିଚାଳିତ କରିଥିଲେ । ବାରିପଦା ରାଜଧାନୀରେ ସରକାରି ଓ ବେସରକାରି ଲୋକଙ୍କୁ ନେଇ ଗୋଟିଏ କମିଟି ଗଠିତ ହୋଇ ଏହି ଉତ୍ସବର ଭାର ନେଇଥିଲା ।

ସକାଳ ୭½ ଟାରେ ପୁଲିସ ପଡ଼ିଆରେ ଗୋଟିଏ ସାଧାରଣ ସଭା କରାଯାଇ ସେଠାରେ ରାଜ୍ୟର ପତାକା ଉତ୍ତୋଳନ କରାଗଲା ଏବଂ ସର୍ବସମ୍ମତିକ୍ରମେ ମହାରାଜାଙ୍କର ଦୀର୍ଘ ଜୀବନ କାମନା କରାଯାଇ ଗୋଟିଏ ପ୍ରସ୍ତାବ ଗୃହୀତ ହେଲା । ଉତ୍ସବ ଉପଲକ୍ଷରେ ୨୦ଟି ତୋପ ସଲାମୀ ଦିଆଯିବା ପରେ ସଭା ଭଙ୍ଗ ହୋଇଥିଲା । ତତ୍ପରେ ସକାଳ ୯ ଟା ସମୟରେ ପ୍ରାସାଦ ପ୍ରାଙ୍ଗଣରେ ଶ୍ରୀମନ୍ ମହାରାଜାଙ୍କୁ ସମ୍ମାନ ପ୍ରଦର୍ଶନ ଲାଗି ବହୁ ଲୋକସମାଗମ ହୋଇଥିଲା । ତାଙ୍କର ଆଗମନ ବାର୍ତ୍ତା ଶୁଣି ରାଜ୍ୟର କର୍ମଚାରୀ ଓ ପ୍ରଜାସାଧାରଣ ଶ୍ରେଣୀବଦ୍ଧ ହୋଇ ନୀରବରେ ଦଣ୍ଡାୟମାନ ହେଲେ । ଜନତା ସମକ୍ଷରେ ମହାରାଜାଙ୍କର ସୌମ୍ୟ-ରୂପ ଆବିର୍ଭାବ ହେବା ମାତ୍ରେ ଉପସ୍ଥିତ ସୈନ୍ୟଶ୍ରେଣୀ ଗାର୍ଡ୍ ସାଲ୍ୟୁଟ୍ ଦେଇଥିଲେ ଏବଂ ବ୍ୟାଣ୍ଡ୍ ସାହାଯ୍ୟରେ ରାଜ୍ୟର ଜାତୀୟ ଗୀତ ବାଜିଉଠିଲା । ଉପସ୍ଥିତ ଜନତା ପକ୍ଷରୁ ଦେଓଆନ୍ ଡକ୍ଟର ପି. କେ. ସେନ୍ ମହାରାଜାଙ୍କର ଅଭ୍ୟୁଦୟ ଏବଂ କଲ୍ୟାଣ ପ୍ରାର୍ଥନା କରି କେତେକ କଥା କହିଥିଲେ ଏବଂ ଶ୍ରୀମନ୍ ମହାରାଜା ମଧ୍ୟ ତାଙ୍କର ସ୍ୱଭାବସୁଲଭ ମଧୁର ଭାଷାରେ ପ୍ରଜାସାଧାରଣଙ୍କ ପ୍ରତି ସ୍ୱୀୟ ଆନ୍ତରିକତା ଜଣାଇଥିଲେ ।

ପୁଣି ୧୧ଟା ବେଳେ ସ୍ଥାନୀୟ ଚାପଲ ପୁଷ୍କରିଣୀରେ ଏକ ସନ୍ତରଣ ପ୍ରତିଯୋଗିତା ଓ ୩ଟା ସମୟରେ ପୁଲିସ ପଡ଼ିଆରେ ନାନା ରକମ କୌତୁକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । କ୍ରୀଡ଼ା ପ୍ରତିଯୋଗିତାରେ ଯେଉଁମାନେ ଜିତିଥିଲେ ଏବଂ ଗତ ବର୍ଷ ଯେଉଁ ପୁଲିସ କର୍ମଚାରୀମାନେ ସାଧାରଣ ହିତ ଅର୍ଥରେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ ସେମାନଙ୍କୁ ଶ୍ରୀମନ୍ ମହାରାଜା ପୁରସ୍କାର ବିତରଣ କରିଥିଲେ । ସନ୍ଧ୍ୟା ସମୟରେ ବାରିପଦା-ବାସୀ ସ୍ୱ ସ୍ୱ ଗୃହକୁ ଦୀପାବଳୀରେ ମଣ୍ଡିତ କରି ଏହି ଉତ୍ସବ ପାଳନ କରିଥିଲେ ।



ଶ୍ରୀମନ୍ ମହାରାଜାଙ୍କର ଜନ୍ମୋତ୍ସବ ଦିବସରେ ବାରିପଦାରେ ବହୁ ସଂଖ୍ୟକ ଦରିଦ୍ର ଭୋଜନ କରିଥିଲେ

କେତେକଙ୍କ ମତରେ ଏହି ଉପଲକ୍ଷରେ ଦରିଦ୍ରମାନଙ୍କୁ ଭୋଜନ ଦିଆଯିବାର ସ୍ଥିର ହୋଇଥିଲା । ସେମାନେ ଗୋଟିଏ ପୃଥକ୍ କମିଟି ଗଠନ କରିଥିଲେ ଏବଂ ପ୍ରାୟ ୫୦୦୦ ଦରିଦ୍ର ବ୍ୟକ୍ତି ଆହାର କରିଥିବାର ଜଣାଯାଏ ।

ଏହି ଉପଲକ୍ଷରେ ଦେଓଆନ୍ ଡକ୍ଟର ପି. କେ. ସେନ୍‌ଙ୍କ କର୍ତ୍ତୃକ ମୟୂରଭଞ୍ଜ କୃଷି ଶିଳ୍ପ ପ୍ରଦର୍ଶନୀ ମଧ୍ୟ ଉଦ୍‌ଘାଟିତ ହୋଇଥିଲା ।

Digitized by srujanika@gmail.com

### ପାଞ୍ଚପୀଡ଼


ମଫସଲର ସବ୍-ଡିଭିଜନମାନଙ୍କରେ ମଧ୍ୟ ଏହି ଉତ୍ସବ ସମାରୋହ ସହିତ ପାଳନ କରି ଯାଇଥିଲା । ବିଶେଷତଃ ପାଞ୍ଚପୀଡ଼ ସବ୍-ଡିଭିଜନରୁ ଏକ ଲମ୍ବିତ ବିବରଣୀ ଆମ୍ଭେମାନେ ପାଇଅଛୁଁ । ସେଠାରେ ଶ୍ରୀମନ୍ ମହାରାଜାଙ୍କର ଶୁଭକାମନା କରି ସ୍ଥାନୀୟ ଦେବ ମନ୍ଦିରମାନଙ୍କରେ ପ୍ରଭାତରେ ପ୍ରାର୍ଥନା କରି ଯାଇଥିଲା । କଚେରୀ ସମ୍ମୁଖରେ ଏକ ସାଧାରଣ ସଭା କରିଯାଇ ରାଜ୍ୟର ପତାକା ଉତ୍ତୋଳନ, ମହାରାଜାଙ୍କର ତଥା ରାଜ୍ୟର କଲ୍ୟାଣ ଉଦ୍ଦେଶ୍ୟରେ ଭଗବାନଙ୍କଠାରେ ପ୍ରାର୍ଥନା ଓ ୯ ଗୋଟି ତୋପ ସଲାମି ଦିଆ ଯାଇଥିଲା । ତତ୍ପରେ ବହୁ ଲୋକ ସମାଗମରେ ବାଦ୍ୟକାର, କୀର୍ତ୍ତନ-ଦଳ, ବ୍ରତୀବାଳକ ଓ ସ୍ଥାନୀୟ ସମସ୍ତ କର୍ମଚାରୀ ଏବଂ ପ୍ରଜାସାଧାରଣଙ୍କୁ ନେଇ ଗୋଟିଏ ଶୋଭାଯାତ୍ରା କରି ଯାଇଥିଲା । ମଧ୍ୟାହ୍ନରେ ଦରିଦ୍ର ଭୋଜନ ହୋଇ ପ୍ରାୟ ଦୁଇ ହଜାର ଲୋକ ସନ୍ତୋଷର ସହିତ ଆହାର କରିଥିଲେ । ସନ୍ଧ୍ୟାରେ ସମସ୍ତ ସରକାରୀଗୃହ, ଦେବ-ମନ୍ଦିର ଓ ବାସଗୃହମାନଙ୍କରେ ଦୀପାବଳୀ ଦିଆ ଯାଇଥିଲା ଏବଂ ଅଗ୍ନ୍ୟୁତ୍ସବ ଓ ସାନ୍ତାଳ ନାଚ ହୋଇଥିଲା । ସମସ୍ତ ଉତ୍ସବଟି ସବ୍-ଡିଭିଜନେଲ୍ ଅଫିସର ମୌଲବୀ ମହମ୍ମଦ ଶାହାବୁଦ୍ଦିନ୍‌ଙ୍କ ସଭା-ପତିତ୍ୱରେ ଗଠିତ ହୋଇଥିବା କମିଟି କର୍ତ୍ତୃକ ସୁଶୃଙ୍ଖଳ ଭାବରେ ସମାହିତ ହୋଇଥିଲା ।

## ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନ

ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନ ମାର୍ଚ୍ଚ ମାସ ୩୧ ତାରିଖରେ ଅନୁଷ୍ଠିତ ହୋଇଥିବାର ବିବରଣୀ ସମ୍ବାଦ ପତ୍ରମାନଙ୍କରେ ଏଥି ପୂର୍ବରୁ ପ୍ରକାଶିତ ହୋଇଅଛି । ସେ ସବୁର ପୁନରୁକ୍ତି ଆବଶ୍ୟକ ନାହିଁ । ଏତିକି କହିଲେ ଯଥେଷ୍ଟ ହେବ ଯେ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନରେ ଶିକ୍ଷିତ ଜନସାଧାରଣଙ୍କ ମଧ୍ୟରେ ଭାଷା ଏବଂ ସାହିତ୍ୟ ପ୍ରତି ଯେଉଁ ଉତ୍ସାହ ଓ ଆଗ୍ରହ ଆଶା କରିଯାଏ, ତାହାର ଯଥେଷ୍ଟ ସୂଚନା ଏଥିରେ ମିଳିଅଛି । କୌଣସି ସାହିତ୍ୟ-ସମାଜଦ୍ୱାରା ସାହିତ୍ୟ ସୃଷ୍ଟି ହୋଇପାରେ ନାହିଁ କିମ୍ବା ସାହିତ୍ୟିକ ତିଆରି ହୋଇ ପାରନ୍ତି ନାହିଁ । କିନ୍ତୁ ଏ ଦେଶରେ ବିଭିନ୍ନ ଭାଷା ଓ ସାହିତ୍ୟର ଆକ୍ରମଣ ଯୋଗୁଁ ଆମ୍ଭେମାନେ ନିଜର ଭାଷା ଓ ସାହିତ୍ୟ ପ୍ରତି ଯେପରି ଅକ୍ଷମଣୀୟ ଅବହେଳା ପ୍ରଦର୍ଶନ କରୁଅଛୁଁ ଏବଂ ନିଜର ଭାଷାଗତ ସ୍ୱାତନ୍ତ୍ର୍ୟ ଓ ଆଭିଜାତ୍ୟକୁ ବିସ୍ମୃତ ହୋଇ ପଡ଼ୁଅଛୁଁ, ଏରୂପ ପରିସ୍ଥିତିରେ ସଙ୍ଘବଦ୍ଧ ଭାବରେ ସାହିତ୍ୟା-ଲୋଚନା କରିବାଦ୍ୱାରା ବହୁ ସୁଫଳର ଆଶା କରିଯାଏ । ବାରିପଦା ସାହିତ୍ୟ ସମାଜ ନିଜ ଭାଷା ସମ୍ବନ୍ଧରେ ସାଧାରଣଙ୍କର ଯେଉଁ ଅଜ୍ଞତା ବିଦ୍ୟମାନ ସେଥି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଅଛି, ନିଜ ସାହିତ୍ୟ ଦୁର୍ବଳ ଓ ଦୁଃସ୍ଥ ହେଲେହେଁ ସେଥି ପ୍ରତି ଅନାସ୍ଥା ପ୍ରଦର୍ଶନ ଯେ ଅତ୍ୟଧିକ ଲଜ୍ଜାସ୍ପଦତା, ଜଡ଼ତା ଓ କ୍ଲୀବତାର ପରିଚାୟକ ସେ ଦିଗରେ ମଧ୍ୟ ଯତ୍‌କିଞ୍ଚିତ୍ ଜାଗୃତି ଆଣି ପାରିଅଛି । ସୁତରାଂ ଏହି ନୂତନ ଅନୁଷ୍ଠାନଟିର ଉନ୍ନତି ହେଲେ ନିଜ ଭାଷା ଓ ସାହିତ୍ୟ ପ୍ରତି ସାଧାରଣଙ୍କର ଶ୍ରଦ୍ଧା ସାହାନୁଭୂତି ବଢ଼ିବ ବୋଲି ଆଶାହୁଏ ।

## ମୟୂରଭଞ୍ଜ କୃଷିଶିଳ୍ପ ପ୍ରଦର୍ଶନୀ

ମୟୂରଭଞ୍ଜର କୃଷି-ଶିଳ୍ପ-ପ୍ରଦର୍ଶନୀ କୃଷ୍ଣଚନ୍ଦ୍ରଶିଳ୍ପ ଗୃହର ପ୍ରଶସ୍ତ ପ୍ରାଙ୍ଗଣରେ ଖୋଲାଯାଇଥିଲା । ପ୍ରତି ବିଭାଗର ପ୍ରଦର୍ଶିତ ବସ୍ତୁଗୁଡ଼ିକ ସୁସଜ୍ଜିତ ହୋଇ ରଖାଯାଇଥିଲା । ବଡ଼ ରାସ୍ତାଠାରୁ ପ୍ରଦର୍ଶନୀ ପର୍ଯ୍ୟନ୍ତ କରାଯାଇଥିବା ବାହାରର ସାଜସଜ୍ଜା ମଧ୍ୟ ବେଶ୍ ଦୃଷ୍ଟିଆକର୍ଷକ ହୋଇ-



ମଧ୍ୟ ଇଂରାଜୀ ଓ ପ୍ରାଇମେରୀ ସ୍କୁଲରୁ ଆସିଥିବା ହାତ କାମ

ଥିଲା । ଜଙ୍ଗଲ ଓ କୃଷି ବିଭାଗର ଜିନିଷଗୁଡ଼ିକ ବିଶେଷତଃ ପୂର୍ଣ୍ଣଚନ୍ଦ୍ର ମନ୍ଦିର, ଦ୍ୱାରବାଗ, ଉଖଡପୁର ଓ ସ୍ୱରୂପପଲ୍ଲୀ ବଗିଚାର ଫୁଲଗୁଡ଼ିକ ଅଧିକ ଦୃଷ୍ଟି ଆକର୍ଷଣ କରୁଥିଲା । ମୟୂରଭଞ୍ଜର ଟସର ଜିନିଷ, କାଠ-କାମ, କୃଷ୍ଣଚନ୍ଦ୍ରଶିଳ୍ପ ଓ ପ୍ରାଇମେରୀ ଏବଂ ମାଇନର ସ୍କୁଲମାନଙ୍କ ତିଆରି ଜିନିଷଗୁଡ଼ିକ ବେଶ୍ ଦର୍ଶନୀୟ ହୋଇଥିଲା । ମୟୂରଭଞ୍ଜ ସାଧାରଣ ପୂର୍ତ୍ତବିଭାଗ ବିଦ୍ୟୁତ୍ ଶକ୍ତିର ବିଭିନ୍ନ ବ୍ୟବହାର ସମ୍ବନ୍ଧରେ ମଧ୍ୟ ଗୋଟିଏ ପ୍ରଦର୍ଶନୀ ଖୋଲିଥିଲେ । ନାରୀ ବିଭାଗଟିରେ ଖୁବ୍ ସୂକ୍ଷ୍ମ ସୂଚୀ-କର୍ମର କେତେଗୁଡ଼ିଏ ନମୁନା ରଖାଯାଇଥିଲା । ଏକ ସପ୍ତାହ ପର୍ଯ୍ୟନ୍ତ ପ୍ରଦର୍ଶନୀଟି ଖୋଲିଥିଲା । ଶେଷ ଦିନ ଶ୍ରୀମନ୍ ମହାରାଜ ଏକ ସାଧାରଣ ସଭାରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ପୃଥିବୀରେ ବିଭିନ୍ନ ଧର୍ମାବଲମ୍ବୀମାନଙ୍କର ସଂଖ୍ୟା

କିଛି ଦିନ ପୂର୍ବେ ଆମେରିକାର କଲମ୍ବିଆ ୟୁନିଭର୍ସିଟି ପୃଥିବୀର ବିଭିନ୍ନ ଧର୍ମାବଲମ୍ବୀମାନଙ୍କର ସଂଖ୍ୟା ବିଷୟରେ ଏକ ହିସାବ ପ୍ରକାଶ

କ

କରଅଛନ୍ତି । ପୃଥିବୀର ହାରାହାରି ଲୋକ ସଂଖ୍ୟା ୨୦୦,୦୦,୦୦୦,୦୦ । ଏହି ସଂଖ୍ୟାଟିକୁ ପ୍ରତ୍ୟେକ ଧର୍ମାବଲମ୍ବୀଙ୍କ ସଂଖ୍ୟା ଅନୁପାତରେ ୧୦୦ ପର୍ଯ୍ୟନ୍ତ କମାଇ ଆଣିଲେ ଉକ୍ତ ଶହେ ଜଣ ମଧ୍ୟରୁ କେବଳ ଖ୍ରୀଷ୍ଟିଆନଙ୍କ ସଂଖ୍ୟା ୩୮ ; ଟୌଇଷ୍ଟ ଓ କନ୍‌ଫ୍ୟୁସିୟସ୍ ( ଚୀନ-ଦେଶର ) ଙ୍କ ମତାବଲମ୍ବୀଙ୍କର ସଂଖ୍ୟା ୧୯, ହିନ୍ଦୁ ୧୨, ମୁସଲମାନ ୧୧, ବୌଦ୍ଧ ୧୦, ଏନମିଷ୍ଟ ୯ ଏବଂ ଇହୁଦୀ ୧ ।

## ସ୍ଥଳଭାଗର ବୃହତ୍ତମ ଜୀବ

ଆମେରିକାର ପ୍ରକୃତି-ଇତିହାସ ମ୍ୟୁଜିୟମ୍‌ର ବୈଜ୍ଞାନିକମାନେ ଅଳ୍ପ ଦିନ ପୂର୍ବେ ପୃଥିବୀର ବୃହତ୍ତମ ଜୀବର କଙ୍କାଳ ଆବିଷ୍କାର କରିଅଛନ୍ତି । ଏହି ଜୀବଟି ୨,୫୦,୦୦୦୦୦ ବର୍ଷ ପୂର୍ବେ ପୂର୍ବ ଏସିଆର ଗୋବି ଜଙ୍ଗଲରେ ବାସ କରୁଥିଲା, କିନ୍ତୁ ବର୍ତ୍ତମାନ ଏହାର ଚିହ୍ନମାତ୍ର ନାହିଁ । ପ୍ରଥମେ ୧୯୧୧ ମସିହାରେ ବେଲୁଚିସ୍ଥାନରୁ ଏ ଜୀବର ଏକ ବିରାଟ କଙ୍କାଳ ମିଳିଥିଲା । ସେଥିପାଇଁ ଏହାର ନାମ ବେଲୁଚିଥେରିୟମ୍ (Beluchitherium) ରଖା ଯାଇଅଛି । ଦୀର୍ଘ ଦଶ ବର୍ଷର ଅନୁସନ୍ଧାନ ଫଳରେ ଏ ଜୀବର ୨୦୦ କଙ୍କାଳ ପରୀକ୍ଷିତ ହୋଇଅଛି । କଙ୍କାଳଗୁଡ଼ିକ ଅନ୍ତତଃ ବିଂଶଟି ବେଲୁଚିଥେରିୟମ୍‌ଙ୍କର ହେବ ବୋଲି ପ୍ରମାଣ ମିଳେ । ଏହି କଙ୍କାଳଗୁଡ଼ିକରୁ ଜୀବଟିର ମୁଣ୍ଡ ଗୋଡ଼ ପ୍ରଭୃତି ପ୍ରତ୍ୟେକ ଅଂଶ ବାଛି ଶେଷରେ ତାହାର ଯେତେ ଦୂର ସମ୍ଭବ ଏକ ଆନୁମାନିକ ଆକାର ମିଳିଅଛି । ଏହି ଆକାରରୁ ଜଣାଯାଏ ଉଚ୍ଚରେ ଏହା ୧୮ ଫୁଟ ଓ ଦୀର୍ଘରେ ୩୦ ଫୁଟ୍ ଅଥଚ ଗୋଟିଏ ଜିରାଫ୍‌ର ସାଧାରଣ ଉଚ୍ଚତା ୧୬ ଫୁଟ୍, ହାତୀର ୧୩ ଫୁଟ୍ ୪ ଇଞ୍ଚ ଏବଂ ମନୁଷ୍ୟର ୬ ଫୁଟ୍ ମାତ୍ର । ଏହି ବେଲୁଚିଥେରିୟମର ଓଜନ କୋଡ଼ିଏ ହଜାର ପାଉଣ୍ଡ ଏବଂ ତାହାର ଦୈନିକ ଶାକାହାର ୫୦୦ ପାଉଣ୍ଡ ଥିଲା ବୋଲି ପ୍ରମାଣ ମିଳୁଛି ।

## ଆଗାମୀ ସମରପାଇଁ ଅଦ୍ଭୁତ ଆବିଷ୍କ୍ରିୟା

ପୃଥିବୀର ଆଗାମୀ ମହାଯୁଦ୍ଧ ସମ୍ବନ୍ଧରେ ନାନା ଜଳ୍ପନା କଳ୍ପନା ଚାଲିଛି । ଖବର କାଗଜମାନେ ନାନା ଉତ୍ତେଜକ ସମ୍ବାଦ ପ୍ରକାଶ କରି ସାଧାରଣଙ୍କ ମନକୁ ଗୋଟାଏ ଯୁଦ୍ଧ-ନିଶାରେ ଅଭିଭୂତ କରି ବେଶି ପରିମାଣରେ ନିଜର କାଗଜ ବିକ୍ରି ପ୍ରତି ହିଁ ଲକ୍ଷ୍ୟ ରଖି-ଅଛନ୍ତି । ସେଥିପାଇଁ କେହି କେହି କହୁଅଛନ୍ତି ଯେ ପତ୍ର ପତ୍ରିକାରେ ଯୁଦ୍ଧ ହେବାର କୌଣସି ଖବର ନ ବାହାରିଲେ ପୃଥିବୀ ପୃଷ୍ଠରେ ଯୁଦ୍ଧ ବନ୍ଦ କରିବାର ଅନେକ ସାହାଯ୍ୟ ମିଳନ୍ତା ।

ଅଳ୍ପ ଦିନ ପୂର୍ବେ ଏକ ଖବର ପ୍ରକାଶିତ ହୋଇଅଛି ଯେ ଇଟାଲୀୟ ବୈଜ୍ଞାନିକ ମାର୍କୋନୀ ( Marchese Marconi ) ମୁସୋଲିନୀ, ଇଟାଲୀର ସମର ସଚୀବ ଏବଂ ସାମରିକ ଇଞ୍ଜିନିୟର-ମାନଙ୍କ ସମକ୍ଷରେ ଏକ ଅତି ଅଦ୍ଭୁତ ବୈଜ୍ଞାନିକ ଆବିଷ୍କ୍ରିୟାର ଫଳାଫଳ ଦେଖାଇ ଅଛନ୍ତି । ଜନରବରୁ ଜଣାଯାଏ ରୋମଠାରୁ ଅଷ୍ଟିଆ ପର୍ଯ୍ୟନ୍ତ କେତେକ ମାଇଲ ଭିତରେ ଯେତେ ମଟର ଗାଡ଼ି ଯାଉଥିଲା ତାହା ହଠାତ୍ ଦିନେ ଏକ ସମୟରେ ସ୍ଥିର ହୋଇଗଲା ଏବଂ ଡ୍ରାଇଭରମାନେ ଯେତେ ଚେଷ୍ଟା କଲେ ମଧ୍ୟ କୌଣସିରୂପେ ଚାଲିଲା ନାହିଁ—ଅଥଚ ଅଧ ଘଣ୍ଟା ପରେ ପୂର୍ବବତ୍ ପୁଣି ଚାଲିବାକୁ ଆରମ୍ଭ କଲା । ଏହାର କାରଣ ସ୍ୱରୂପ ଲୋକେ କହନ୍ତି ଯେ ବୈଜ୍ଞାନିକ ମାର୍କୋନି ଏକ ବୈଦ୍ୟୁତିକ ରଶ୍ମି ଆବିଷ୍କାର କରି-ଅଛନ୍ତି । ତାହାର ପ୍ରଭାବରୁ ହିଁ ଏପରି ଘଟିଅଛି ।

## ରଜତ ଜୟନ୍ତୀ ଓ ସମ୍ରାଟଙ୍କ ଭାବୀ ଉତ୍ତରାଧିକାରୀ

ସମ୍ରାଟ୍ ୫ମ ଜର୍ଜଙ୍କ ଜ୍ୟେଷ୍ଠ ପୁତ୍ର ପ୍ରିନ୍ସ ଅବ୍ ଓ୍ୱେଲ୍‌ସ୍ ରଜତ ଜୟନ୍ତୀ ପାଳନ କରିବାକୁ ଗୋଟିଏ ନୂତନ ପାଣ୍ଠି ଗଢ଼ି ଅଛନ୍ତି । ସେ ତାଙ୍କର ଉଦ୍ଦେଶ୍ୟ ସ୍ପଷ୍ଟରୂପେ ଜଣାଇ ଦେଇଅଛନ୍ତି ଯେ ଏହି ପାଣ୍ଠି ରୋଗୀର ଶୁଶ୍ରୂଷା କିମ୍ବା ଶିଶୁର ଲାଳନ ପାଳନ ପାଇଁ ବ୍ୟୟିତ ହେବ ନାହିଁ । ଭବିଷ୍ୟତର ଅଗ୍ରଦୂତ ଯୁବକମାନଙ୍କର ହିତ ଉଦ୍ଦେଶ୍ୟରେ ହିଁ ଏହାର ସୃଷ୍ଟି କରାଯାଇଅଛି । ଏ ସମ୍ପର୍କରେ ପ୍ରିନ୍ସ ଅବ୍ ଓ୍ୱେଲ୍ସ କହି ଅଛନ୍ତି ଯେ, "ଯୁବକମାନଙ୍କ ହିତ ଛଡ଼ା ଅନ୍ୟ କୌଣସି କାର୍ଯ୍ୟ ପୃଥିବୀରେ ଅଧିକ ଦାୟିତ୍ୱପୂର୍ଣ୍ଣ ବୋଲି ମୁଁ ଭାବେ ନାହିଁ ।" ସମ୍ରାଟ୍ ଏବଂ ସମ୍ରାଜ୍ଞୀଙ୍କୁ ତାଙ୍କର ଅଭିଳାଷ ଜଣାଇବାରେ ସେମାନେ ମଧ୍ୟ ମତ ଦେଲେ ଯେ ଭାବୀ ବଂଶଧର-ମାନଙ୍କର କଲ୍ୟାଣ ପାଇଁ ଯେଉଁ ଚେଷ୍ଟା କରାଯାଏ ସେଥିରେ ସମଗ୍ର ଜାତିର ଗଭୀର ଶ୍ରଦ୍ଧା ପ୍ରକାଶ ପାଏ ; ସେରୂପ ଶ୍ରଦ୍ଧା ଅର୍ପଣ ପରି ରଜତ ଜୟନ୍ତୀରେ ଆଉ କିଛି ସେମାନଙ୍କୁ ଆନନ୍ଦ ଦେଇ ନ ପାରେ । ଏହି ପାଣ୍ଠି ଦ୍ୱାରା ଅବଶ୍ୟ କୌଣସି ନୂତନ ଅନୁଷ୍ଠାନ ଗଠିତ ହେବ ନାହିଁ । ସ୍କାଉଟ୍, ଗାଇଡ୍, ଯୁବକମାନଙ୍କର କ୍ଲବ୍ ଓ ବ୍ରିଗେଡ୍ ପ୍ରଭୃତି ସଂଗଠିତ ଅନୁଷ୍ଠାନମାନଙ୍କୁ ହିଁ ଏହି ପାଣ୍ଠି ପରିପୁଷ୍ଟ କରିବ । ଯୁବକ ଓ ଯୁବତୀମାନଙ୍କ ସମ୍ବନ୍ଧରେ ପ୍ରିନ୍ସ ଅବ୍ ଓ୍ୱେଲ୍‌ସ୍ କହିଅଛନ୍ତି:—

"ମୁଁ ଦେଖୁଛି ଯୁବକ ଯୁବତୀମାନଙ୍କୁ ଜୀବନର ଉପଯୁକ୍ତ କରିବାପାଇଁ ତିନି ଗୋଟି ଜିନିଷର ଲୋଡ଼ା—ପ୍ରଥମେ ତାଙ୍କର ଦରକାର ଶୃଙ୍ଖଳା ( discipline ), ଦ୍ୱିତୀୟରେ ବନ୍ଧୁ, ଏବଂ ଶେଷରେ ଅବକାଶ ଓ ଉତ୍ସାହ । × × ×

"ପୃଥିବୀ ପୃଷ୍ଠରେ ନିରୁତ୍ସାହ ଓ ଲକ୍ଷ୍ୟହୀନ ତରୁଣ ତରୁଣୀଙ୍କ ଅପେକ୍ଷା ଅଧିକ ଶୋଚନୀୟ ଦୃଶ୍ୟ ନାହିଁ । କିନ୍ତୁ ଯେତେବେଳେ ମୁଁ ବାଳକ ବାଳିକାମାନଙ୍କୁ ଦେଖେଁ ଯେ ସେମାନେ ସ୍ୱ ଇଚ୍ଛାରେ ସଂଘ-ବଦ୍ଧ ହୋଇ ଆନନ୍ଦ ଉପଭୋଗ କରନ୍ତି, ନିଜର ଶାରୀରିକ ଓ ମାନସିକ ଉତ୍କର୍ଷ ବିଧାନ କରନ୍ତି, ତାହାଠାରୁ ବଳି ଆନନ୍ଦ ଓ ଆଶା ମୁଁ ଅନ୍ୟ କାହିଁରୁ ପାଏଁ ନାହିଁ ।"

ସେଣ୍ଟ୍‌ଜେମ୍‌ସ୍ ପ୍ୟାଲେସ୍‌ରେ ଦଣ୍ଡାୟମାନ ହୋଇ ୧୧୫ ପାଉଣ୍ଡ ଓଜନର କ୍ଷୀଣବପୁ ଯେକି ୪୦ ବର୍ଷ ବୟସ୍କ ଅବିବାହିତ ପ୍ରିନ୍ସ ଅବ୍ ଓ୍ୱେଲ୍‌ସ ଯେତେବେଳେ ଏହି କଥାଗୁଡ଼ିକ କହୁଥିଲେ, ଗ୍ରେଟ୍-ବ୍ରିଟେନ୍‌ର ବିଭିନ୍ନ ଧର୍ମ, ସମାଜ ଓ ଯୁବ ଅନୁଷ୍ଠାନର ୫୦୦ ପ୍ରତିନିଧି ଅଭିନିବେଶ ସହକାରେ ତାହା ଶୁଣୁଥିଲେ । ଏହିପରି ସ୍ପଷ୍ଟ ଓ ମିଷ୍ଟ ବ୍ୟବହାରଦ୍ୱାରା ସେ ଆଜି ପୃଥିବୀ ପୃଷ୍ଠରେ ଜଣେ ବିଖ୍ୟାତ ଗଣ-ତନ୍ତ୍ରବାଦୀ ଓ ବ୍ରିଟିଶ ସାମ୍ରାଜ୍ୟର ଶ୍ରେଷ୍ଠ ଲୋକପ୍ରିୟ ବନ୍ଧୁ ହୋଇଅଛନ୍ତି ।

Digitized by srujanika@gmail.com

# ମୟୂରଭଞ୍ଜ ସଂବାଦ

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୪-୧-୩୫

ମିଷ୍ଟର ଏସ୍. କେ. ଗୁହଠାକୁର୍ତ୍ତି, ବି. ଏ. ସଦର ଟ୍ରେଜେରୀର ଭାର ଗ୍ରହଣ କଲେ ଏବଂ ତାହା ସହିତ ସେ ତଉଜି, ସାର୍ଟିଫିକେଟ୍ ଏବଂ ରେଜିଷ୍ଟ୍ରେସନ୍ କାମମାନ କରିବେ ।

ମିଷ୍ଟର ଏମ୍. ଏମ୍. ମହାପାତ୍ର, ବି. ଏଲ୍. ଅନ୍ୟ ହୁକୁମ ନ ହେବା ପର୍ଯ୍ୟନ୍ତ ଏସିଷ୍ଟେଣ୍ଟ ସେଟଲମେଣ୍ଟ ଅଫିସର ଭାବେ ନିଯୁକ୍ତ ହେଲେ ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୭-୧-୩୫

ଦେୱାନ ଡକ୍ଟର ପି. କେ. ସେନଙ୍କୁ ତା ୩୧-୮-୩୪ ରିଖଠାରୁ ୩ ମାସ ୭ ଦିନ ( ୩ ମାସ ପ୍ରିଭିଲେଜ୍ ଛୁଟି ଏବଂ ୭ ଦିନ ଅଧିକା ପ୍ରିଭିଲେଜ୍ ଛୁଟି ) ପ୍ରିଭିଲେଜ୍ ଛୁଟି ଦିଆ ହୋଇଥିବା ସତ୍ତ୍ୱେ ତାହା ସହିତ ଆଉ ଅଧିକା ୨୪ ଦିନ ପ୍ରିଭିଲେଜ୍ ଛୁଟି ଦିଆଗଲା ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୭-୧-୩୫

ଅବକାରୀ ଏବଂ ଇନ୍‌କାମ୍ ଟେକ୍ସ ଅଫିସର ମିଷ୍ଟର ବି. ପାଲ, ବି. ଏଲ୍. ୮-୧-୩୫ ତାରିଖଠାରୁ କିମ୍ବା ତାହା ପରେ ଯେଉଁ ଦିନଠାରୁ ସେ ଛୁଟି ନେବେ ସେହି ଦିନଠାରୁ ୨ ମାସ ୨୪ ଦିନ ପ୍ରିଭିଲେଜ୍ ଛୁଟି ପାଇବେ ।

ମିଷ୍ଟର ବି. ପାଲ ଛୁଟି ନେଇଥିବା ହେତୁ ୪-୧-୩୫ ତାରିଖର ହୁକୁମ ପରିବର୍ତ୍ତନ କରି ତାଙ୍କ ସ୍ଥାନରେ ମିଷ୍ଟର ଏମ୍. ଏମ୍. ମହାପାତ୍ର ବି. ଏଲ୍. ଙ୍କୁ ଅବକାରୀ ଏବଂ ଇନ୍‌କମ୍ ଟେକ୍ସ ଅଫିସରରୂପେ ନିଯୁକ୍ତ କରାଗଲା ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୨୫-୧-୩୫

ସଦରର ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ମିଷ୍ଟର ଡି. ଏନ୍. ବୋଷ, ବି. ଏଲ୍, ଭାରତୀୟ ଦଣ୍ଡବିଧି ଆଇନର ୨୬୦ ଧାରା ଅନୁଯାୟୀ ଉକ୍ତ ଧାରାରେ ଉଲ୍ଲେଖ ଥିବା ସମସ୍ତ କିମ୍ବା ଯେ କୌଣସି ଅପରାଧ ( Cr. P. Code ) ବିଚାର କରିବାର କ୍ଷମତା ପାଇଲେ ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୨୭-୧-୩୫

ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଏବଂ କପ୍ତିପଦା ସବ୍-ଡିଭିଜନେଲ ଅଫିସର୍ ମିଷ୍ଟର ଆର୍. ଏନ୍. ମହାନ୍ତି, ବି. ଏଲ୍. ଭାରତୀୟ ଦଣ୍ଡବିଧି ଆଇନର ୨୬୦ ଧାରା ( Cr. P. Code ) ଅନୁଯାୟୀ ଉକ୍ତ ଧାରାରେ ଉଲ୍ଲେଖ ଥିବା ସମସ୍ତ କିମ୍ବା ଯେ କୌଣସି ଅପରାଧ ବିଚାର କରିବାର କ୍ଷମତା ପାଇଲେ । ଆଉ ମଧ୍ୟ ସେ କେବଳ ୫୦ ଟଙ୍କା ପର୍ଯ୍ୟନ୍ତ ଛୋଟ ଜଜକୋର୍ଟ ମୋକଦ୍ଦମାଗୁଡ଼ିକର ବିଚାରପତିରୂପେ କ୍ଷମତା ପାଇଲେ ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୨୯-୧-୩୫

୩ୟ ଶ୍ରେଣୀ ମାଜିଷ୍ଟ୍ରେଟ୍ ଏବଂ ପାଞ୍ଚପୀଡ଼ର ୨ୟ ଅଫିସର ମିଷ୍ଟର ପି. କେ. ଦାସ, ଏମ୍. ଏ. ବି. ଏଲ୍. ୨ୟ ଶ୍ରେଣୀ ମାଜିଷ୍ଟ୍ରେଟ୍ କ୍ଷମତା ପ୍ରାପ୍ତ ହେଲେ ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୪-୨-୩୫

ଅବକାରୀ ଏବଂ ଇନ୍‌କାମ୍ ଟେକ୍ସ ଅଫିସର ମିଷ୍ଟର ଏମ୍. ଏମ୍. ମହାପାତ୍ର ବି. ଏଲ୍. ଅବକାରୀ ଡିପାର୍ଟମେଣ୍ଟର ଚାର୍ଜ ନେବା ଦିନଠାରୁ ଅବକାରୀ ଆଇନର ୬୮ (୧) ଧାରା ଅନୁଯାୟୀ ଉକ୍ତ ଆଇନ ବିରୁଦ୍ଧରେ ସମସ୍ତ ମୋକଦ୍ଦମା ଆପୋଷରେ ମୀମାଂସା କରିବାର କ୍ଷମତା ପ୍ରାପ୍ତ ହେଲେ ।

ସେ ଇନ୍‌କାମ୍ ଟେକ୍ସ ଅଫିସର ଚାର୍ଜ ନେବା ଦିନଠାରୁ ୧୯୨୨ ମସିହା ମୟୂରଭଞ୍ଜ ଇନ୍‌କାମ୍ ଟେକ୍ସ ରେଗୁଲେସନ ୨ ର ୪୮ ଧାରା ଅନୁସାରେ ଦିଆଯାଇଥିବା କ୍ଷମତା ପରିଚାଳନ କରିବାକୁ ଏବଂ ସେହି ରେଗୁଲେସନ ଅନୁସାରେ କଲେକ୍ଟରଙ୍କର ଯାହା କର୍ତ୍ତବ୍ୟ ତାହା ପାଳନ କରିବାକୁ କ୍ଷମତା ପ୍ରାପ୍ତ ହେଲେ ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୮-୨-୩୫

ମିଷ୍ଟର ସୀତାନାଥ ମହାନ୍ତି, କୃଷି ବିଭାଗର ପ୍ରଧାନ ପରିଦର୍ଶକଙ୍କୁ ତା ୮-୨-୩୫ ରିଖଠାରୁ କିମ୍ବା ତାହା ପରେ ଯେଉଁ ତାରିଖଠାରୁ ସେ ଛୁଟି ନେବେ ସେହି ଦିନଠାରୁ ୧୫ ଦିନ ପ୍ରିଭିଲେଜ୍ ଛୁଟି ଦିଆଗଲା ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୧୫-୨-୩୫

ତା ୨୪-୯-୩୪ ରିଖର ହୁକୁମରେ ଉଲ୍ଲେଖ ହୋଇଥିବା ଫ୍ଲେଟ୍‌ମାନଙ୍କ ତାଲିକାରୁ "ମାନଭଦର" ନାମକ ଯେଉଁ ସ୍ଥାନରୁ ଏହି ଫ୍ଲେଟ୍‌କୁ ଦିଆସିଲ ଆମଦାନି ବନ୍ଦ ହୋଇଅଛି, ତାହା ବାଦ କରାଗଲା ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୧୫-୨-୩୫

ଏହି ଫ୍ଲେଟ୍‌କୁ ବେଣ୍ଡ୍ରେରୋଲ୍ ନ ଥିବା ଦିଆସିଲ ଆମଦାନି କରିବା ପାଇଁ ୨୭-୧୧-୩୪ ତାରିଖର ହୁକୁମରେ ଯେ ନିଷେଧ କରାଯାଇ ଅଛି ତାହା କିନ୍ତୁ ଏହି ଫ୍ଲେଟ୍ ବାଟେ ଫ୍ଲେଟ୍ ବାହାରର ଅନ୍ୟ ସ୍ଥାନକୁ କେବଳ ନେବା ଆଣିବା କରିବା ସକାଶେ ପ୍ରଯୋଜ୍ୟ ହେବ ନାହିଁ ।

### ଶ୍ରୀମାନ୍ ମହାରାଜାଙ୍କର ଆଦେଶ
ତା ୧୫-୨-୩୫

ପୋଲିସ୍ ଏବଂ ଅବକାରୀ ଡିପାର୍ଟମେଣ୍ଟର ସବ୍-ଇନ୍‌ସ୍‌ପେକ୍ଟର କିମ୍ବା ତାଙ୍କଠାରୁ ବଡ଼ ଅଫିସରମାନେ ଯେ କୌଣସି ସ୍ଥାନ, ପାତ୍ର, ଗାଡ଼ି କିମ୍ବା ସ୍ପ୍ଲିଣ୍ଟ୍‌ସ୍ ( Splints ) ଏବଂ ଭିନିଅର୍‌ସ୍ (Veneers)

Digitized by srujanika@gmail.com

ଅଣିବାର ଉପାୟମାନ ପରଦର୍ଶନ କରିବାକୁ ଏବଂ ଖାନ୍‌ତଲ୍ଲସ କରିବାକୁ କ୍ଷମତା ପାଇଲେ ଏବଂ ୧୯୩୪ ମସିହାର ଦିଆସିଲି ( ଅବକାଶୀ ଡ଼ିଉଟି ) ଏକ୍ଟର ନିୟମ ବରୁଦ୍ଧରେ ଯେଉଁ ସ୍ପ୍ଲିନ୍‌ଟ୍‌ସ୍ ( Splints ) ଏବଂ ଭିନଅରସ୍ ( Veneers ) ଗୁଡ଼ିକ ବେଆଇନ ଭାବରେ ତିଆର ହୋଇଅଛି କିମ୍ବା ଆମଦାନି କରି ହୋଇଅଛି କିମ୍ବା ଯୋଗା ଯାଇଅଛି କିମ୍ବା ବିକି କରିବା ପାଇଁ ଜମା କରି ହୋଇଅଛି ବୋଲି ସେମାନେ ଜାଣି ପାରିବେ, ସେହିଗୁଡ଼ିକୁ ସେମାନେ ଜବତ୍ କରିପାରନ୍ତି କିମ୍ବା ସ୍ଥାନାନ୍ତରିତ କରିପାରନ୍ତି କିମ୍ବା ଅଟକ ରଖିପାରନ୍ତି ।

### ଶ୍ରୀମନ୍ ମହାରାଜାଙ୍କର ଅଦେଶ

ତା ୧୪-୨-୩୫

୧ । (କ) ୧୯୩୪ ମସିହା ଦିଆସିଲି ( ଅବକାଶୀ ଡ଼ିଉଟି ) ଏକ୍ଟର ନିୟମ ଅନୁଯାୟୀ କୌଣସି ଲୋକ ବିନା ଲାଇସେନ୍ସରେ ଏହି ଷ୍ଟେଟ୍‌ରେ ଦିଆସିଲି କିମ୍ବା ସ୍ପ୍ଲିନ୍‌ଟ୍‌ସ୍ କିମ୍ବା ଭିନଅର୍‌ସ୍ ତିଆରି କରି ପାରିବ ନାହିଁ ।

(ଖ) କୌଣସି ଲୋକ ଆମଦାନି କରିବାକୁ ଲାଇସେନ୍ସ ନ କରି ସ୍ପ୍ଲିନ୍‌ଟ୍‌ସ୍ କିମ୍ବା ଭିନଅର୍‌ସ୍ ଏହି ଷ୍ଟେଟ୍‌କୁ ଆମଦାନି କରି ପାରିବ ନାହିଁ ।

(ଗ) ୧୯୩୪ ମସିହା ଦିଆସିଲି ( ଅବକାରି ଡିଉଟି ) ଏକ୍ଟର ନିୟମ ଅନୁସାରେ କିମ୍ବା ଏହି ଏକ୍ଟରେ ଅନ୍ୟାନ୍ୟ ନିୟମମାନ ଯେପରି ଉଲ୍ଲେଖ ହୋଇଅଛି ସେହି ଅନୁସାରେ ଯେ ଦିଆସିଲି ତିଆରି କରିବାକୁ ଲାଇସେନ୍ସ କରି ନ ଥିବ ସେ କାହାରିକୁ ସ୍ପ୍ଲିନ୍‌ଟ୍‌ସ୍ କିମ୍ବା ଭିନଅର୍‌ସ୍ ଯୋଗାଇ ପାରିବ ନାହିଁ ।

୨ । ଯେ କେହି ଏହି ନିୟମ ଭଙ୍ଗ କରି ଦିଆସିଲି କିମ୍ବା ସ୍ପ୍ଲିନ୍‌ଟ୍‌ସ୍ କିମ୍ବା ଭିନଅର୍‌ସ୍ ତିଆରି କରିବ କିମ୍ବା ଏହି ଷ୍ଟେଟ୍‌କୁ ସ୍ପ୍ଲିନ୍‌ଟ୍‌ସ୍ କିମ୍ବା ଭିନଅର୍‌ସ୍ ଆମଦାନି କରିବ କିମ୍ବା କାହାରିକୁ ଯୋଗାଇବ ସେ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗ କରିବ କିମ୍ବା ଟ ୧୦୦୦୯ ଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବ କିମ୍ବା ଉଭୟ ଦଣ୍ଡ ଭୋଗ କରିବ ।

### ଶ୍ରୀମନ୍ ମହାରାଜାଙ୍କର ଅଦେଶ

ତା ୧୮-୨-୩୫

ବାରିପଦା ଲେଡ଼ି ଫ୍ରେଜାର ବାଳିକା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ଏସ୍. ଘୋଷ, ବି. ଏ; ଏନ୍. ଏଫ୍. ଇଉ. ( ଲଣ୍ଡନ ) ତା ୨୧-୧-୩୫ ରିଖ ଠାରୁ ଅଧା ଦରମାରେ ଏକମାସ ପ୍ରିଭିଲେଜ୍ ଛୁଟି ପାଇଲେ । ତାଙ୍କର ଅନୁପସ୍ଥିତ ସମୟରେ ୨ୟ ଶିକ୍ଷୟିତ୍ରୀ ସ୍କୁଲ ଭାରରେ ରହିବେ ।

### ଶ୍ରୀମନ୍ ମହାରାଜାଙ୍କର ଅଦେଶ

ତା ୨୪-୨-୩୫

ଯେଉଁ ଦିଆସିଲି ସମ୍ବନ୍ଧରେ ତା ୨୪-୯-୩୪ ରିଖରେ ହୁକୁମ ଘୋଷଣା କରି ଯାଇଅଛି ଏବଂ ଯେଉଁ ଦିଆସିଲରେ ନାସିକ ଗଭର୍ଣ୍ଣମେଣ୍ଟ ସିକଉରିଟି ପ୍ରେସ୍‌ରେ ତିଆରି ବେଣ୍ଡରୋଲ ଦିଆଯାଇ ସେହିଠାରୁ ହିଁ ବାକ୍ସ କିମ୍ବା ବୁକ୍‌ଲେଟ୍‌ରେ ଯୋଗ କରିବା ପାଇଁ ଆସୁଥିବ ସେହି ଦିଆସିଲିଗୁଡ଼ିକ ଅନ୍ୟ କୌଣସି ହୁକୁମ ନ ହେବା ପର୍ଯ୍ୟନ୍ତ ଏହି ଷ୍ଟେଟ୍‌ରେ ବିକ୍ରୀ ହୋଇପାରିବ କିମ୍ବା ବିକ୍ରୀ ହେବା ପାଇଁ ରଖା ଯାଇପାରିବ ।

### ଶ୍ରୀମନ୍ ମହାରାଜାଙ୍କର ଅଦେଶ

ତା ୭-୩-୩୫

ମିସ୍ ଏସ୍. ଘୋଷ, ବି. ଏ; ଏନ୍. ଏଫ୍. ଇଉ. ( ଲଣ୍ଡନ ) ବାରିପଦା ଲେଡ଼ି ଫ୍ରେଜାର ବାଳିକା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତା ୨୧-୧-୩୫ ରିଖ ଠାରୁ ଦିଆ ହୋଇଥିବା ଏକ ମାସ ପ୍ରିଭିଲେଜ୍ ଛୁଟି ସହିତ ଆଉ ଅଧିକା ସାତ ଦିନ ପ୍ରିଭିଲେଜ୍ ଛୁଟି ଦିଆଗଲା । ବର୍ତ୍ତମାନ ଯେଉଁ ବନ୍ଦୋବସ୍ତ କରି ହୋଇଅଛି ତାହା ହିଁ ରହିବ ।

### ଶ୍ରୀମନ୍ ମହାସଜାଙ୍କର ଅଦେଶ

ତା ୨୮-୩-୩୫

୧ । ସହକାରୀ ଫରେଷ୍ଟ ଅଫିସର ମିଷ୍ଟର ଏନ୍. ସି. ଗୁପ୍ତଙ୍କୁ କାର୍ଯ୍ୟରୁ ଅବ୍ୟାହତି ନେବାକୁ ପ୍ରସ୍ତୁତ ହେବା ପାଇଁ ୧-୪-୩୫ ଠାରୁ ପୁରି ବେତନରେ ୨ ମାସ ଛୁଟି ଦିଆଗଲା ।

୨ । ନିୟାବସାଣ ଜମିଦାରୀର ମେନେଜର ମିଷ୍ଟର ବି. ଡି. ପଟ୍ଟନାୟକ ୧-୬-୩୫ ଠାରୁ ଷ୍ଟେଟ୍ ଚାକିରିରୁ ରହିତ ହେବେ ।

ମିଷ୍ଟର ବି. ଡି. ପଟ୍ଟନାଏକ କାର୍ଯ୍ୟରୁ ରହିତ ହେବାରୁ ତାଙ୍କ ପରବର୍ତ୍ତିରେ ୧-୬-୩୫ ତାରିଖଠାରୁ ବାବୁ ଏସ୍. କେ. ନାଏକ ସହକାରୀ ସେଟେଲ୍‌ମେଣ୍ଟ ଅଫିସର ନିୟାବସାଣ ଜମିଦାରୀର ମେନେଜର କାର୍ଯ୍ୟରେ ନିଯୁକ୍ତ ହେଲେ ।

୩ । ବାବୁ ଯଦୁମଣି ପଟ୍ଟନାଏକ ସଦରର ତହସିଲଦାର ତା ୧-୫-୩୫ ରିଖଠାରୁ କାର୍ଯ୍ୟରୁ ରହିତ ହେବେ ।

### ଶ୍ରୀମନ୍ ମହାରାଜାଙ୍କର ଅଦେଶ

ତା ୨୧-୩-୩୫

ସ୍ୱତନ୍ତ୍ର ଯୁଡ଼ିସିଏଲ୍ ଅଫିସର ମିଷ୍ଟର ଏସ୍. ଏନ୍. ମୁଖାର୍ଜି ବି. ଏଲ୍. ଙ୍କର ଚାକିରୀର ସମୟ ୧୯୩୫ ମସିହା ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିଗଲା ।

Digitized by srujanika@gmail.com

# ପୁସ୍ତକପରିଚୟ

## ସିଂହଭୂମି ଓ ଓଡ଼ିଆଭାଷାର ଇତିହାସ

ଲେଖକ ଓ ପ୍ରକାଶକ—ପଣ୍ଡିତ ଶ୍ରୀ କୃଷ୍ଣଚନ୍ଦ୍ର ଅଗ୍ରୱାଲ—ମୂଲ୍ୟ ୫୦/୦

ପଣ୍ଡିତ ଶ୍ରୀକୃଷ୍ଣଚନ୍ଦ୍ର ଅଗ୍ରୱାଲ ସିଂହଭୂମି ଓଡ଼ିଆ ଆନ୍ଦୋଳନର ଶ୍ରେଷ୍ଠ ନିଷ୍ଠାପର ନେତାରୂପେ ସମଗ୍ର ଉତ୍କଳରେ ବିଖ୍ୟାତ । ବହୁଦିନ ହେଲା ସିଂହଭୂମିର ଆଶା ଆକାଂକ୍ଷା ଦେଶବାସୀ ତଥା ସରକାରଙ୍କ ସମକ୍ଷରେ ଉପସ୍ଥାପିତ କରିବା ପାଇଁ ଏବଂ ଶିକ୍ଷା ସଂସ୍କୃତି ଓ ଭାଷା ସୂତ୍ରରୁ ଏହା ଯେ ମୁଖ୍ୟତଃ ଓଡ଼ିଆ, ଏହି କଥା ପ୍ରମାଣ କରିବା ପାଇଁ ସେ ପ୍ରତିନିଧିତ୍ୱ ଗ୍ରହଣ କରିଅଛନ୍ତି । ଆଲୋଚ୍ୟ ପୁସ୍ତକଟି ତାଙ୍କର ଏହି ବିଷୟରେ ଗବେଷଣାର ଫଳ । ପୁସ୍ତକଟି ଦୁଇ ଭାଗରେ ବିଭକ୍ତ କରି ଯାଇଅଛି । ପ୍ରଥମ ଭାଗରେ ସାଧାରଣ ଭାଷାର ଉତ୍ପତ୍ତି, ଭାଷା ଓ ଲିପି, ଭାରତୀୟ ଆର୍ଯ୍ୟ, ଅନାର୍ଯ୍ୟ ଓ ସଂସ୍କୃତ ଭାଷା ସଙ୍ଗେ ଉତ୍କଳ ଭାଷାର ସମ୍ବନ୍ଧ ଏବଂ ଦ୍ୱିତୀୟ ଭାଗରେ ସିଂହଭୂମିର ଇତିହାସ, ଭୌଗୋଳିକ ଅବସ୍ଥାନ ଓ ବିଭିନ୍ନ ଭାଷା ଭାଷୀମାନଙ୍କର ସଂଖ୍ୟା ପ୍ରଭୃତି ବିଷୟରେ ସୁଚିନ୍ତିତ ଆଲୋଚନା କରି ଯାଇଅଛି । ପ୍ରାଚୀନ କାବ୍ୟ ପୁରାଣରୁ ଆରମ୍ଭ କରି ଅଧୁନାତନ ଐତିହାସିକ, ଭୌଗୋଳିକ ଓ ଭାଷାଗତ ଯୁକ୍ତିଦ୍ୱାରା ସିଂହଭୂମି ପୂର୍ଣ୍ଣତଃ ଓଡ଼ିଆ ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଅଛି ।

## ସ୍ୱାସ୍ଥ୍ୟଶିକ୍ଷା

ପ୍ରଣେତା ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା । ମୂଲ୍ୟ ଆଠ ଅଣା ମାତ୍ର । ଏହି ପୁସ୍ତକଟି ମାନ୍ଦ୍ରାଜ ଏବଂ ବିହାର ଓଡ଼ିଶା ପ୍ରଦେଶର ଟେକ୍ସଟ୍ ବୁକ୍ କମିଟିମାନଙ୍କଦ୍ୱାରା ବିଦ୍ୟାଳୟମାନଙ୍କରେ ପ୍ରଚଳିତ ହେବା ପାଇଁ ଅନୁମୋଦିତ ହୋଇଅଛି । ପ୍ରଥମେ ଏହା ୧୯୨୮ ମସିହାରେ ପ୍ରକାଶିତ ହୋଇଥିଲା । ଚଳିତ ବର୍ଷ ୮ମ ସଂସ୍କରଣ ପ୍ରକାଶିତ ହୋଇଅଛି ଏବଂ ସବୁ ସଂସ୍କରଣରେ ପନ୍ଦର ହଜାର ପୁସ୍ତକ ମୁଦ୍ରିତ ହୋଇ ଏହାର ଉପାଦେୟତା ଓ ଲୋକ-ପ୍ରିୟତା ପ୍ରମାଣିତ କରୁଅଛି । ସାଧାରଣ ସ୍ୱାସ୍ଥ୍ୟରକ୍ଷା ପାଇଁ କି କି ନିୟମ ପାଳନ ଆବଶ୍ୟକ, ସାଧାରଣ ରୋଗ, ସଂକ୍ରାମକ ରୋଗ ଓ ଆକସ୍ମିକ ଦୁର୍ଘଟଣାରେ କି କି ସହଜ ଲଭ୍ୟ ଉପାୟମାନ ଅବଲମ୍ବନୀୟ ଇତ୍ୟାଦି ବିଷୟ ପ୍ରାଞ୍ଜଳ ଭାଷାରେ ବୁଝାଇ ଦିଆ ଯାଇଅଛି । ପୁସ୍ତକଟିର ଆକାର ତୁଳନାରେ ମୂଲ୍ୟ ଅଧିକ ନୁହେ ।

## ସ୍ୱାସ୍ଥ୍ୟର ବିବରଣ: ମୟୂରଭଞ୍ଜ ଷ୍ଟେଟ୍

| | | | |
|---|---|---|---|
| ମନୁଷ୍ୟ ଓ ଗୋମହିଷାଦି ପଶୁମାନଙ୍କର ସ୍ୱାସ୍ଥ୍ୟ | ବାରିପଦା:—(୧) ବାରିପଦା, ବଡ଼ସାହି ଏବଂ ବାଙ୍ଗିରିପୋଷି ଥାନାରେ ବସନ୍ତ ଲାଗିଛି । (୨) ବାରିପଦା ଓ ବଡ଼ସାହି ଥାନା ଅନ୍ତର୍ଗତ କେତେକ ଗ୍ରାମରେ ଖୁବ ହୋଇଅଛି | (୧) ବାରିପଦା, ବଡ଼ସାହି ଏବଂ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଗ୍ରାମମାନଙ୍କରେ ବସନ୍ତ ଲାଗିଛି ଏବଂ ଓଲମରା ଥାନାରେ ହଇଜା ଲାଗିଛି । (୨) ବାରିପଦା, ଓଲମରା, ମୁରୁଡ଼ା ଏବଂ ବଡ଼ସାହି ଥାନାର ଗ୍ରାମରେ ଖୁବ ହୋଇଛି । | (୧) ବାରିପଦା, କୁଳିଆଣା, ବଇସିଂଗା, ମୁଳିଅପଦା ଏବଂ ବଡ଼ସାହି ଥାନାର ଗ୍ରାମମାନଙ୍କରେ ବସନ୍ତ ଲାଗିଛି । (୨) ବଇସିଂଗା, ଓଲମରା, ବଡ଼ସାହି ଏବଂ ମୁରୁଡ଼ା ଥାନାର ଗ୍ରାମମାନଙ୍କରେ ଗୋରୁଙ୍କୁ ରୋଗ ହୋଇଛି । |
| | ରାଇରଙ୍ଗପୁର:—(୧) ରାଇରଙ୍ଗପୁର ଏବଂ ବିଶୋଇ ଥାନାରେ ବସନ୍ତ ଲାଗିଛି । (୨) କେତେକ ସ୍ଥାନରେ ମହାମାରୀ ଲାଗିଛି । | (୧) ରାଇରଙ୍ଗପୁର ଏବଂ ବିଶୋଇ ଥାନାରେ ବସନ୍ତ ଲାଗିଛି । (୨) ରାଇରଙ୍ଗପୁର, ବହଳଦା ଏବଂ ବିଶୋଇ ଥାନାର ଗ୍ରାମରେ ଗୋରୁଙ୍କୁ ରୋଗ ହୋଇଛି | (୧) ବହଳଦା ଏବଂ ରାଇରଙ୍ଗପୁର ଥାନାର ଗ୍ରାମମାନଙ୍କରେ ବସନ୍ତ ଲାଗିଛି । (୨) ରାଇରଙ୍ଗପୁର ଏବଂ ବହଳଦା ଥାନାର କେତେକ ସ୍ଥାନରେ ଖୁବ ହୋଇଛି । |
| | କପ୍ତିପଦା:—(୧) ଉରଡ଼ାଭଡ଼ି ଏବଂ ସିକରପଅ ପ୍ରଭୃତି ଗ୍ରାମରେ ବସନ୍ତ ଲାଗିଛି । (୨) ସିମଗଡ଼ିଅ, ପୁନାପାଲ, କରଳଡିଅ, ମଧୁପୁର ଏବଂ ଚୁଲିଅପୋଷି ଗ୍ରାମ ମାନଙ୍କରେ ଖୁବ ଏବଂ ମୁହଁରେ ରୋଗ ହୋଇଅଛି । | (୧) ଉରଡ଼ାଭଡ଼ି ଏବଂ ଦୁବ୍ରକପୁର ଗ୍ରାମରେ ବସନ୍ତ ଲାଗିଛି । (୨) ରଡ଼, କୁଅସାହି, ସାନଖୁଣ୍ଟା ଏବଂ ବଡ଼ଖୁଣ୍ଟାରେ ଖୁବ ଓ ଗଳକଣ୍ଠକ ହୋଇଛି | (୧) ଦୁବ୍ରକପୁର, ଅଚଣ ଏବଂ ଉରଡ଼ାଭଡ଼ି ଗ୍ରାମମାନଙ୍କରେ ବସନ୍ତ ଲାଗିଛି । (୨) ରାମପଡ଼ା, କେନ୍ଦୁଅମୁଣ୍ଡା ଏବଂ ବଡ଼ବାଡ଼ି ପ୍ରଭୃତି ଗ୍ରାମମାନଙ୍କରେ ଗଳକଣ୍ଠକ ହୋଇଛି । |
| | କରଞ୍ଜିଆ:—(୧) କରଞ୍ଜିଆରେ ହଇଜା ଲାଗିଛି । କରଞ୍ଜିଆ, ରରୁଆଁ ଏବଂ ଯଶିପୁର ଥାନା ଅନ୍ତର୍ଗତ ଗ୍ରାମମାନଙ୍କରେ ବସନ୍ତ ଲାଗିଛି । (୨) କରଞ୍ଜିଆ, ଯଶିପୁର ଏବଂ ରରୁଆଁ ଥାନା ଅନ୍ତର୍ଗତ କେତେକ ସ୍ଥାନରେ ଖୁବ ହୋଇଛି । | (୧) କରଞ୍ଜିଆ, ଠାକୁରମୁଣ୍ଡା ଓ ରରୁଆଁ ଥାନାରେ ବସନ୍ତ ଲାଗିଛି । (୨) କରଞ୍ଜିଆ ରରୁଆଁ ଏବଂ ଯଶିପୁର ଥାନା ଗ୍ରାମମାନଙ୍କରେ ଖୁବ ହୋଇଅଛି । | (୧) କରଞ୍ଜିଆ, ରରୁଆଁ ଏବଂ ଠାକୁରମୁଣ୍ଡା ଥାନାର ଗ୍ରାମମାନଙ୍କରେ ବସନ୍ତ ଲାଗିଛି । (୨) ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ ଏବଂ ରରୁଆଁ ଥାନାରେ ଖୁବ ହୋଇଛି । |

Digitized by srujanika@gmail.com

# ପାଣି, ପାଗ ଓ ଶସ୍ୟର ବିବରଣ : ମୟୂରଭଞ୍ଜ ଷ୍ଟେଟ୍

| ଯେଉଁ ତାରିଖରେ ସପ୍ତାହ ଶେଷ ହେବ | | ୩୦ ତାରିଖ ଜାନୁଆରି ୧୯୩୫ ମସିହା | | | ୨୭ ତାରିଖ ଫେବ୍ରୁଆରି ୧୯୩୫ ମସିହା | | | ୩୧ ତାରିଖ ମାର୍ଚ୍ଚ ୧୯୩୫ ମସିହା | | |
|---|---|---|---|---|---|---|---|---|---|---|
| ବୃଷ୍ଟି ଓ ଉତ୍ତାପର ପରିମାଣ | | ବୃଷ୍ଟିର ପରିମାଣ | ଉତ୍ତାପର ପରିମାଣ କମ୍ | ବେଶୀ | ବୃଷ୍ଟିର ପରିମାଣ | ଉତ୍ତାପର ପରିମାଣ କମ | ବେଶୀ | ବୃଷ୍ଟିର ପରିମାଣ । | ଉତ୍ତାପର ପରିମାଣ । କମ | ବେଶୀ |
| | ବାରିପଦା | ୦.୦୦ | ୪୦ | ୮୮ | .୮୦ | ୫୧ | ୯୪ | ୨.୧୧ | ୫୭ | ୧୦୭ |
| | ରଇରଙ୍ଗପୁର | ୦.୪୧ | — | — | ୩.୬୭ | — | — | ୦.୬୭ | — | — |
| | କପ୍ତିପଦା | ୦.୦୦ | ୩୪ | ୮୦ | ୧.୫୯ | ୪୨ | ୮୮ | ୨.୨୨ | ୫୮ | ୯୮ |
| | କରଞ୍ଜିଆ | ୦.୮୨ | ୪୬ | ୬୧ | ୩.୩୦ | ୪୬ | ୮୯ | ୩.୩୨ | ୬୧ | ୯୬ |
| ବାହ୍ୟିକ ପାଗ | ବାରିପଦା | ଥଣ୍ଡା | | | ଥଣ୍ଡା | | | ଗରମ | | |
| | ରଇରଙ୍ଗପୁର | ,, | | | ଭଲ | | | ,, | | |
| | କପ୍ତିପଦା | ଶୀତ ଓ ମେଘୁଆ | | | ଶୀତ ଓ ମେଘୁଆ | | | ,, | | |
| | କରଞ୍ଜିଆ | ଶୀତ | | | ଗରମ | | | ,, | | |
| କୃଷିକାର୍ଯ୍ୟ କେତେ ଦୂର ହୋଇଅଛି | ବାରିପଦା: | ଧାନ ମଳା ଚାଲିଛି । | | | | | | ହଳକାମ ଚାଲିଛି | | |
| | ରଇରଙ୍ଗପୁର: | | | | | | | | | |
| | କପ୍ତିପଦା | | | | | | | | | |
| | କରଞ୍ଜିଆ: | ଶେଷ ଧାନ ଅମଳ ହେଉଛି । | | | | | | | | |
| ଚାଉଳ, ଧାନ ଓ ଅନ୍ୟାନ୍ୟ ଶସ୍ୟ ଟଙ୍କାକୁ କେତେ ପରିମାଣରେ ମିଳୁଅଛି | ବାରିପଦା | ଚାଉଳ ସେ ୧୪ ର | | | ସେ ୧୩ ର | | | ଚାଉଳ ସେ ୧୪ ର | | |
| | | ମୁଗ ସେ ୧୦ ର | | | ସେ ୧୨ ର | | | ମୁଗ ସେ ୧୨ ର | | |
| | | ବିରି ସେ ୧୪ ର | | | ସେ ୧୪ ର | | | ବିରି ସେ ୧୪ ର | | |
| | | ହରଡ ସେ ୧୨ ର | | | ସେ ୧୨ ର | | | ହରଡ ସେ ୧୨ ର | | |
| | | କୋଲଥ ସେ ୧୦ ର | | | ସେ ୧୦ ର | | | କୋଲଥ ସେ ୧୦ ର | | |
| | ରଇରଙ୍ଗପୁର | ଚାଉଳ ସେ ୧୬ ର | | | ସେ ୧୬ ର | | | ଚାଉଳ ସେ ୧୬ ର | | |
| | | ମୁଗ ସେ ୧୩ ର | | | ସେ ୧୦ ର | | | ମୁଗ ସେ ୧୨ ର | | |
| | | ବିରି ସେ ୧୪ ର | | | ସେ ୧୪ ର | | | ବିରି ସେ ୧୩ ର | | |
| | | ଶୋରିଷ ସେ ୧୦ ର | | | ସେ ୮ ର | | | ଶୋରିଷ ସେ ୮ ର | | |
| | | ଚଣା ସେ ୧୧ ର | | | ସେ ୧୦ ର | | | ଚଣା ସେ ୧୦ ର | | |
| | | କୋଲଥ ସେ ୧୬ ର | | | ସେ ୧୬ ର | | | କୋଲଥ ସେ ୧୪ ର | | |
| | କପ୍ତିପଦା | ଚାଉଳ ସେ ୧୬ ର | | | ସେ ୧୬ ର | | | ଚାଉଳ ସେ ୧୬ ର | | |
| | | ବିରି ସେ ୧୩ ର | | | ସେ ୧୦ ର | | | ବିରି ସେ ୧୩ ର | | |
| | | ମୁଗ ସେ ୧୩ ର | | | ସେ ୧୩ ର | | | ମୁଗ ସେ ୧୦ ର | | |
| | | ଶୋରିଷ ସେ ୮ ର | | | ସେ ୮ ର | | | ଶୋରିଷ ସେ ୮ ର | | |
| | | କୋଲଥ ସେ ୨୧ ର | | | ସେ ୨୧ ର | | | କୋଲଥ ସେ ୨୧ ର | | |
| | କରଞ୍ଜିଆ | ଚାଉଳ ସେ ୧୬ ର | | | ସେ ୧୬ ର | | | ଚାଉଳ ସେ ୧୬ ର | | |
| | | ଶୋରିଷ ସେ ୧୩ ର | | | ସେ ୧୩ ର | | | ଶୋରିଷ ସେ ୧୦ ର | | |
| | | ବିରି ସେ ୧୬ ର | | | ସେ ୧୬ ର | | | ବିରି ସେ ୧୬ ର | | |
| | | ହରଡ ସେ ୧୬ ର | | | ସେ ୧୬ ର | | | ହରଡ ସେ ୧୬ ର | | |
| | | ଧାନ ସେ ୩୬ ର | | | ସେ ୩୬ ର | | | ଧାନ ସେ ୩୬ ର | | |

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

# BHOLANATH DUTT & SONS

## THE PREMIER PAPER HOUSE OF INDIA

*Tel:*—"PRIVILEGE" CALCUTTA. - PHONE BB. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

*Branches:*—134 & 135 Old China Bazar Street, Calcutta, 64 Harrison Road, Calcutta. 1 Hewet Road, Allahabad. Chawk, Benares. 58 Patuatuly, Dacca.

---

TELE. ADDRESS: "DEPENTUM"

# Nilmoney Halder & Co.

Phone Nos. Cal: 3889, & 645.

**Please try our Excelsior Brand Fountain Pen Ink, the best in the market.**

*Agents:*— W. F. STANLEY & Co. LTD. LONDON.

The best House for Stationery, Printing Types and Printing requisites of all sorts, Half Tone, Line and Tricolour Blocks. Calendars of various designs, Drawing and Surveying materials.

National Emporium Roorkee.

*Please ask for catalogues.*

106, Radha Bazar Street, - - CALCUTTA.

---

Estd. Half A Century

## J. N. CHUNDER & BROS.

*33 Radha Bazar Street,* CALCUTTA

CHEAPEST HOUSE FOR

## PRINTING & STATIONERY GOODS

*lease ask for Price List.*

---

## Friendship for World-Peace

offered by Asiatic, American, European, African, Australisian ladies, students, aristocrats and gents for exchange of ideas on 125 hobbies, e.g., migration, globetrotting, private en pension, sex, naturecult, employment, living costs, education, aviation, mystic, sports, literary, languages, music, photos, cards, philately, etc. Proposition in English, Francaise, Spaniol, Dutch and German: Price 8 pice/2d/Stamps/reply coupon, None free. Editor,

COSMOPOLITAN

*Friends Correspondence Club,*

ALLAHABAD, INDIA, ASIA


Digitized by srujanika@gmail.com

# ସାଧନା ଔଷଧାଳୟ

ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବଉବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲା, ଚଟ୍ଟାଗାଙ୍ (୪) ପାଟୁଆଟୋଲି ଷ୍ଟ୍ରିଟ, ଢାକା । (୫) ଦୀନାଜପୁର (୬) ୬୨/୪ ଷ୍ଟ୍ରାଣ୍ଡରୋଡ, ବୁରାବଜାର, କଲିକତା ।

ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇ ଥିବା ଅକୃତ୍ରିମ ଶୁଦ୍ଧ ଔଷଧ— ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—

ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇ ଥାଏ ।

ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୂର )

ଏକତୋଳା—ଟ୪ଙ୍କା । ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

ସାରିବାଦ୍ୟ ସାଲସା

ଏକ ସେରକୁ—ଟ ୧୷ ଅଣା । ଏହା ଚର୍ମ୍ମରୋଗନାଶକ, ରସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

---

## INDIAN STATES GAZETTE

Only monthly exclusively dealing with Indian States' topics. It is published with a view to supply information in the interests of Indian Ruling Princes, Chiefs and their Ministers. Review of Administration Reports, Biographical sketches with photos and special articles, are the features of the journal.

**Annual Subscription Rs. 10/- Specimen copy One Anna.**

**THE INDIAN STATES GAZETTE**

**Srirangam, Madras, (S. I. Ry.)**

---

# REVIEW OF PHILOSOPHY AND RELIGION

**Being the**

**Journal of the Academy of Philosophy & Religion**

FOUNDED BY PROF. R. D. RANADE, M. A.

*Published twice a year in March and September*

ANNUAL SUBSCRIPTION:

Rs. 4 (Inland) Foreign 7s. 6d. 2.50 dollars

*Secretary and Editor*:

MR. P. K. GODE, M. A., POONA 4 (India)

**Some Opinions:**

"I do not know how to express my appreciation to you of the high standard that you have succeeded in maintaining for the Journal of the Academy of Philosophy and Religion."

DR. S. K. MAITRA, M. A., PH. D.,
Head of Philosophy Dept.
Benares Hindu University.

---

"We are very anxious to keep you on our exchange. Your *Review* has been a source of much interest and stimulation to us."

"Your magazine continues to invite the interests of the students and professors here recently providing the subject matter for one of our study clubs."

Editor, The Modern Schoolman,
St. Louis University (U. S. A.)

---

"Your excellent Journal, which seems a very high class periodical deserving a good circulation within and beyond India."

J. H. Tuckwell, Stroud, Glos, England.


Digitized by srujanika@gmail.com

**CHAMPOLA**
(nonalcoholic drink)
Refreshing, Reinvigorating, Soothing

**Manufacturers of**
*Standardised Tincts, Spt. Patent. medicines, Pure chemicals & Food Products, Surgical instruments & Dressing Disinfectants & Toilet Products etc.*

**PURABI**
A delicate perfume pleasing, Exhilarating, Toilet of Luxury.

# CALCITHRI WITH VITAMIN'D'

*for*

*Rickets Scrofula malnutrition Tubarcular diathisis Expectant & nursing mother*

# EDWARD'S TONIC

*Specific for*

**MALARIA & ALL OTHER FEVERS**

**SYR EPHEDRACO**
for Bronchia Asthma whooping cough etc.

*Suppliers to*
*Government Medical Stores, District Boards, Municipalities, Union Boards, Hospital, Charitable-dispensaries, Tea-Gardens, States etc.*

**BACTROL**
Liquid Antiseptic Soap for Surgical use & Bath

# BUTTO KRISTO PAUL & Co., Ltd.

**HEAD OFFICE:**
*1 Bonfields Lane,*
**Calcutta.**

**WHOLESALE DRUGGISTS**
**MANUFACTURING CHEMISTS**
GRAMS "BHUTY"

**FACTORY:**
*7 Birpara Lane*
**Dum Dum Jn.**


Digitized by srujanika@gmail.com

# JESSOP & Co. Ltd

INDIA & BURMA

Established in Calcutta 1799

**93 Clive Street, Calcutta.**

P. O. Box No. 108.

## STRUCTURAL, MECHANICAL AND ELECTRICAL ENGINEERS.

## WAGON BUILDERS.

## HARDWARE AND METAL MERCHANTS.

*Agents for*

## ENGINES AND MACHINERY.

# Encourage State Home-Industry

MAYURBHANJ TEXTILES

NOTED FOR

**Genuineness & Quality of Products**

**Tussar Silk Produce** :–Fancy striped Shirting, Coating, Dhoti, Saree, Chaddar, Pugri piece etc.—*All hand loom products.*

**Hand Woven Cotton Fabrics** :–Towel, Napkin, Duster, Bed sheet, Table cover, Door curtain, Coating and Shirting of various designs, Durries, Ashans etc.


**Indian Silk product** :–Hand woven Silk shirtings, Handkerchief, Scarf etc and Woollen Union Shirtings etc. etc.

**Reeled Tussar Yarn ; Hand spun Tussar Waste Yarn ; Reeling-Waste of Tussar ; Tussar Down, etc. etc.**

*Please enquire of :* -

The Director,
*Industrial & Economic Survey,*
BARIPADA : MAYURBHANJ.

ବାରିପଦା, ଆଷାଢ଼ ୧୩୪୬



Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

# S. K. CHAKRAVARTI LTD.

SANITARY ENGINEERS

TEL. "LAVATORY" CALCUTTA. CODES. BENTLEY


# The Mayurbhanj Gazette

*Publication:* The Gazette is a quarterly publication. It is published in October. January, April and July.

*Subscription;* Annual Rs 1-8-0. Single copy As. 6 only. Postage per copy 2 As. extra.

## SCALE OF CHARGES FOR ADVERTISEMENTS

(*Single Insertion*)

| | | |
|---|---|---|
| **Outer page of Cover :—** | Full page | Rs. 50/- |
| | Half ,, | 25/- |
| | Quarter | 15/- |
| **Inner page of Cover :—** | Full | 40/- |
| | Half | 20/ |
| | Quarter | 12/ |
| **Inner page of Cover : reverse of title page :** | Full page | Rs. 50/- |
| | Half | 25/- |
| | Quarter | 15/- |
| **Ordinary page : -** | Full | 36/- |
| | Half | 18/ |
| | Quarter | 10/- |

*Rates for smaller spaces on application*

N. C. SANYAL, B. A.

*Manager, Mayurbhanj Gazette.*

STATE PRESS, BARIPADA, MAYURBHANJ.

Digitized by srujanika@gmail.com

# ଭକ୍ତ ପ୍ରଦୀପ

( ମୟୂରଭଞ୍ଜ ଗେଜେଟ୍‌ର ଓଡ଼ିଆ ସଂସ୍କରଣ ଏଥି ସହିତ ମିଶାଇ ଦିଆ ଯାଉଅଛି

ଏହି ପତ୍ରିକା ତିନି ମାସରେ ଥରେ ଲେଖାଏଁ ପ୍ରକାଶିତ ହୁଏ, ଯଥା:—ଅଶ୍ୱିନ, ପୌଷ, ଚୈତ୍ର, ଆଷାଢ଼

ବାର୍ଷିକ ମୂଲ୍ୟ—ଟ ୦ ୴ (ଡାକ ମାସୁଲ ବ୍ୟତୀତ) ଓ ଟ ୧। ଙ୍କା (ଡାକ ମାସୁଲ ସହ)

ପ୍ରତି ସଂଖ୍ୟାର ମୂଲ୍ୟ ତିନି ଅଣା, ଡାକ ମାସୁଲ ଦୁଇ ଅଣା ସ୍ୱତନ୍ତ୍ର । ଏହି ପତ୍ରିକାରେ ବିଜ୍ଞାପନ ଛପାଇବାକୁ ହେଲେ ପ୍ରତି ଥରକୁ ନିମ୍ନଲିଖିତ ହାରରେ ଖରଚ ଦେବାକୁ ହେବ ।

---

| | |
|---|---|
| ମଲାଟର ବାହାର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୫୦୲ | ଟାଇଟଲ ପେଜର ଭିତର ପାଖ—ପୂର୍ଣ୍ଣ ଏକପୃଷ୍ଠାକୁ ଟ ୫୦ ଙ୍କା |
| ଅର୍ଦ୍ଧ ପୃଷ୍ଠାକୁ ଟ ୧୫୲ | ଅର୍ଦ୍ଧ ପୃଷ୍ଠାକୁ ଟ ୧୫ ଙ୍କା |
| ଏକ ଚତୁର୍ଥାଂଶ ପୃଷ୍ଠାକୁ ଟ ୮୫୲ | ଏକ ଚତୁର୍ଥାଂଶ ପୃଷ୍ଠାକୁ ଟ ୮୫ ଙ୍କା |
| ମଲାଟର ଭିତର ପାଖ—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୪୦୲ | ଏହା ଛଡା ଅନ୍ୟାନ୍ୟ ପୃଷ୍ଠାରେ—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୩୬ ଙ୍କା |
| ଅର୍ଦ୍ଧ ପୃଷ୍ଠାକୁ ଟ ୧୦ ଙ୍କା | ଅର୍ଦ୍ଧ ପୃଷ୍ଠାକୁ ଟ ୮ ଙ୍କା |
| ଏକ ଚତୁର୍ଥାଂଶ ପୃଷ୍ଠାକୁ ଟ ୬୲ | ଏକ ଚତୁର୍ଥାଂଶ ପୃଷ୍ଠାକୁ ଟ ୧୦ ଙ୍କା |

ଛୋଟ ଛୋଟ ବିଜ୍ଞାପନ ଛପାଇବାକୁ ହେଲେ ସେ ବିଷୟରେ ନିମ୍ନ ଠିକଣାରେ ପତ୍ର ଲେଖିଲେ ଜାଣି ପାରିବେ ।

ଶ୍ରୀ ନିତାଇ ଚନ୍ଦ୍ର ସାନ୍ୟାଲ, ବି.ଏ.
ମେନେଜର, ମୟୂରଭଞ୍ଜ ଗେଜେଟ୍, ବାରିପଦା ।



# INTERNAL HAIR DYE
## (TONIC)

Its 40 days Internal Use turns Gray and White Hairs into Black for life. Besides it cures Baldness, Wrinkles, Dental troubles, Constipation, Piles, increases memory, brain power, eye sight, appetite, digestion. Purifies blood, tones nerves, removes lack of retention, loss of manhood. Makes young again. It is Elexir of Life in prolonging age. On failure price refunded.

*Price 40 doses with Postage Rs. 11*

---

## WHITE LEPROSY or LEUCODERMA

Sure and permanent cure guaranteed by my harmless FAKIRI JARI BUTI in one day only. If not, price refunded.

*Price per Box Rs. 4*

Apply at once to :— The Manager

**Indian Medical Works**

PURNEA 50, : : : : E. B. RY.



# Mayurbhanj Law Reporter

## Highly appreciated in India and Abroad.

*It is a quarterly publication.*

*It is published in September, December, March, June.*

---

Yearly Subscription Rs. 3 Single Copy As. 12

---

**Postage Extra.**

*Manager*—N. C. SANYAL, B.A.
MAYURBHANJ LAW REPORTER.


Digitized by srujanika@gmail.com

DIVINE MEDICINE OF

# H E R N I A

## CENT PER CENT SUCCESS WITHOUT OPERATION.

Why do you suffer from Hernia ? Come to us, we shall make a contract with you and cure you of the disease. If you fail to see us, send five pice postal stamp, have the testimonials and directions and get yourself radically cured from a far. Phone B. B. 314.

*Apply to:*—**Dr. H. C. ROY**

*'IVINE TREATMENT HALL,* *Amherst Street,* CALCUTTA.

SUBSCRIBE FOR

# THE ASTROLOGICAL MAGAZINE

THE BEST EXPONENT OF THE HINDU SCIENCES

*Edited by*

Professor B. SURYANARAIN ROW, B.A., M.R.A.S., F.R.H.S., etc.

Containing the most interesting and instructive articles on Astrology, Astronomy, Medicine, Yoga, Philosophy, Metaphysics, Chronology, Palmistry etc., now in its 23rd Volume—the only Journal of its kind in the World.

We are much impressed with the interesting articles incorporated in the Journal which we commend to our readers—*The Message.*

Astrological students will find much of interest—*The Torch.*

It shall be of good purpose to the building scholars of Astrology—*The Mahratta.*

*Annual Subscription Rs. 5, Sh. 12, Dollars 4* *Single Copy Rs. 8, Sh. -13, Cents 40*

THE BEST MEDIUM FOR ADVERTISEMENTS REACHING THE FARTHEST CORNERS OF THE WORLD.

( *Catalogue of books will be sent free on application* )

**Horoscopic work will be undertaken on payment of**

**REASONABLE FEE**

Now available—Vols. 14, 15, 16, 17, 18, 19, 20, 21, 22 containing mines of intellectual treasures at Rs. 6/- per Vol. to the readers of this Journal. All the past Volumes at Rs. 8/- per each Volume.

| | | |
|---|---|---|
| English Translation of Sarvarthchintamani 3 Vols. ... ... | Rs. | 15-0-0 |
| „ of Brihat Jatak (with full Notes & Illustrations) | „ | 8-0-0 |
| „ of Jaimini Sutra...Notes | „ | 2-0-0 |
| Astrological Self-instructor, 7th Edition ... | „ | 3-0-0 |
| Strijataka or Female Horoscope ( Postage Extra ) | „ | 1-0-0 |
| Royal Horoscopes ... | „ | 3-0-0 |
| Illustrative Horoscopes | „ | 2-4-0 |

DR. B. V. RAMRN, M. D., (H) } "SURYALAYA" (P. O.) BETTAHALSOOR, BANGALORE—INDIA.

Exchanges solicited from Periodicals.

Digitized by srujanika@gmail.com

# ଭଞ୍ଜପ୍ରଦୀପ

ଚତୁର୍ଥ ଭାଗ                    ଚତୁର୍ଥ ସଂଖ୍ୟା

ସୂଚିପତ୍ର

ପୃଷ୍ଠା ।


| | | | |
|---|---|---|---|
| ୧ । | ଭାରତୀୟ ସଙ୍ଗୀତ | ଶ୍ରୀ ଜଗବନ୍ଧୁ ସିଂହ | ୧ |
| ୨ । | ପ୍ରଥମ ମୌସୁମୀ ( କବିତା ) | ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ ବି. ଏ. | ୯ |
| ୩ । | ମୁଁ | ଶ୍ରୀ ଶଶିଭୂଷଣ ରାୟ | ୧୦ |
| ୪ । | ସାହିତ୍ୟରେ କ୍ଷୁଦ୍ର ଗଳ୍ପ | ଶ୍ରୀ ରାମକୃଷ୍ଣ ନନ୍ଦ ବି. ଏ. | ୧୨ |
| ୫ । | ମିଛରେ ସତ ( ଗଳ୍ପ ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୪ |
| ୬ । | ମୟୂରଭଞ୍ଜରେ ସମ୍ରାଟଙ୍କର ରଜତ ଜୟନ୍ତୀ ଉତ୍ସବ | | ୧୯ |
| ୭ । | ଆଶୀର୍ବାଦ ଗୀତିକା | ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି. ଏଲ୍. | ୨୩ |
| ୮ । | ଦେଶୀୟ ରାଜ୍ୟ ସମାଚାର | | ୨୫ |
| ୯ । | ସମ୍ବାଦ ଓ ସଙ୍କେତ | | ୨୯ |
| ୧୦ । | ପୁସ୍ତକ ପରିଚୟ | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ବି. ଏସ୍. ସି., ଏମ୍. ଆର୍. ଏ. ଏସ୍. | ୩୨ |
| ୧୧ । | ମୟୂରଭଞ୍ଜ ସମ୍ବାଦ | | ୩୩ |
| ୧୨ । | ପାଣି, ପାଗ ଓ ଶସ୍ୟର ବିବରଣ | | ୩୫ |
| ୧୩ । | ସ୍ୱାସ୍ଥ୍ୟର ବିବରଣ | | ୩୬ |


Digitized by srujanika@gmail.com

# ଚିତ୍ର-ସୂଚି


୧ । ସମ୍ରାଟଙ୍କ ରଜତ ଜୟନ୍ତୀ ଉପଲକ୍ଷରେ ବନ୍ୟାଲୋକ ( flood light )
ବିଜୁଳିବତୀଦ୍ୱାରା ଆଲୋକିତ ରାଜଭବନ — ମଲାଟ

୨ । ବ୍ରିଟିଶ ସାମ୍ରାଜ୍ୟର ପତାକା "ୟୁନିୟନ ଜ୍ୟାକ୍"ର ଉତ୍ତୋଳନ — ୧୯

୩ । ଷ୍ଟେଟ୍ ପୋଲିସଙ୍କର ଉତ୍ସବସୂଚକ ଡ୍ରିଲ — ୨୧

୪ । ସମ୍ରାଟଙ୍କର ଜୟନ୍ତୀ ଉତ୍ସବରେ ଷ୍ଟେଟ୍ ବ୍ୟାଣ୍ଡ୍‌ର କଲ୍ୟାଣସୂଚକ ବାଦ୍ୟ — ୨୧

୫ । "ଶିଶୁମିଳନୀ"ରେ ଯୋଗ ଦେଇଥିବା ବାଳକ ବାଳିକା — ୨୨

୬ । ଜୟନ୍ତୀ ଉତ୍ସବରେ ସୁସଜ୍ଜିତ ବାରିପଦା କୁଷ୍ଠାଶ୍ରମ — ୨୨


୭ । ରଜତ ଜୟନ୍ତୀ ଉପଲକ୍ଷରେ ପ୍ରକାଣ୍ଡ ଅଗ୍ନ୍ୟୁତ୍ସବ — ୨୩

୮ । ଚତୁର୍ଦ୍ଦଶ ମୟୂରଭଞ୍ଜ — ୨୬ ଓ ୨୭

୯ । ଶୀକାର କ୍ଷେତ୍ରରେ ରାଜକୁମାର ଶ୍ରୀ ଚନ୍ଦ୍ରଭାନୁ ସିଂହଜ — ୩୦

୧୦ । ଠକ୍କୁର ସେନ ଓ ତାଙ୍କର ସହଧର୍ମିଣୀ ( ଶ୍ରୀ ଜନମୋହନ ମହାପାତ୍ର ଦ୍ୱାରା ଗୃହୀତ ଫଟୋ ) — ୩୧


Digitized by srujanika@gmail.com



ମହାମହିମ ଭାରତ ସମ୍ରାଟ ଓ ସମ୍ରାଜ୍ଞୀ

STATE PRESS, BARIPADA.

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ        ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

**ରଥଯାତ୍ରା ସଂଖ୍ୟା**

ଚତୁର୍ଥ ଭାଗ } **ଆଷାଢ଼, ସନ ୧୩୪୬ ସାଲ** { ୪ର୍ଥ ସଂଖ୍ୟା

## ଭାରତୀୟ ସଙ୍ଗୀତ

ଶ୍ରୀ ଜଗବନ୍ଧୁ ସିଂହ

ବୀଣାପାଣିଙ୍କ ଅପାର କରୁଣା ବଳରୁ ପ୍ରାଚୀନ ଭାରତ ସକଳ ବିଦ୍ୟାରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲା । ଏକ ସମୟରେ ଭାରତ ଜଗତର ଶିକ୍ଷା ଓ ଦୀକ୍ଷା ଗୁରୁ ଥିଲା । ଯେ କୌଣସି ବିଦ୍ୟାର ଇତିହାସ ଆଲୋଚନା କଲେ ଜଣାଯିବ ଯେ ଭାରତ ସର୍ବାଙ୍ଗ ଉନ୍ନତି ଲାଭ କରିଥିଲା । ମାତ୍ର ବର୍ତ୍ତମାନ ଭାରତର ସେ ଯୁଗ ନାହିଁ । ସେ ଅଯୋଧ୍ୟା ନାହିଁ କି ସେ ରାମ ନାହାନ୍ତି । ଭାରତ ବର୍ତ୍ତମାନ ଅବନତିର ଚରମ ସୀମାରେ ଉପସ୍ଥିତ । ଅଛି କେବଳ ପୂର୍ବ ପୁରୁଷଙ୍କ ପ୍ରତିଷ୍ଠା ବିଶାଳ । ମୂକ ସାକ୍ଷୀ ସ୍ୱରୂପ ଯେଉଁ ଗ୍ରନ୍ଥଗଦା ଥିଲା ତାହା ମଧ୍ୟ କୀଟମାନଙ୍କ କରାଳ କବଳରେ ପଡ଼ି ଲୋପ ହେବା ଉପରେ ବସିଛି । ପ୍ରାଚୀନତା ପ୍ରତି ବର୍ତ୍ତମାନ ଭାରତର ପ୍ରଗାଢ଼ ଆସ୍ଥା, ଶ୍ରଦ୍ଧା ଓ ବିଶ୍ୱାସ ନାହିଁ । ନବ ଭାରତ କହୁଛି ପ୍ରାଚୀନ ପ୍ରତିଷ୍ଠା ଘୋଷି ହୋଇ ଲାଭ କଣ ? ପ୍ରାଚୀନ ପ୍ରତିଷ୍ଠା ବର୍ତ୍ତମାନ ଯୁଗର ଆକାଙ୍କ୍ଷା ପୂରଣ କରି ପାରିବ ନାହିଁ; ଆମ୍ଭମାନଙ୍କୁ ପୁଣି ନୂତନ ଘର କରିବାକୁ ପଡ଼ିବ । ପାଶ୍ଚାତ୍ୟ ସଭ୍ୟତାର ଆଲୋକ ନବ ଭାରତ ଉପରେ ପଡ଼ୁଛି ଏବଂ ତଦ୍ଦ୍ୱାରା ନବ ଭାରତ ବିଚଳିତ ଓ ବିମୁଗ୍ଧ ହୋଇ ପଡ଼ୁଛି ଏବଂ ପ୍ରାଚୀନ ପ୍ରତିଷ୍ଠା ପ୍ରତି ଗୋଟାଏ ସାଧାରଣ ବିତୃଷ୍ଣା କଳ୍ପିଛି । ଏପରି ଧାରଣା ଏପରି ଭାବ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ପ୍ରାଚୀନ ସମ୍ବଳକୁ ମୂଳ ଭିତ୍ତି କରି ତା' ଉପରେ ନବ ଭାରତ ପ୍ରତିଷ୍ଠିତ ହେଲେ ଆମ୍ଭେମାନେ ଅଚିରେ ଆମ୍ଭମାନଙ୍କ ପୂର୍ବ ପ୍ରତିଷ୍ଠା ପୂର୍ବ ଗୌରବ ଫେରି ପାଇବା । ଅନ୍ୟାନ୍ୟ ବିଦ୍ୟା ପରି କଳାବିଦ୍ୟା ମଧ୍ୟ ଭାରତରେ ଉତ୍କର୍ଷ ଲାଭ କରିଥିଲା । ସେହି କଳାବିଦ୍ୟା ବିଷୟ ଆଜି ଏ ପ୍ରବନ୍ଧର ଆଲୋଚ୍ୟ । କଳା ବିଦ୍ୟା ୬୪ ପ୍ରକାର । ଶାସ୍ତ୍ର କହେ କଳାବିଦ୍ୟା ଶିଖି କଲେ ରାଜା ଅମର ଶକ୍ତି ଲାଭ କରନ୍ତି । "ସକଳ କଳା ପାରଂ ଗତୋଽମର ଶକ୍ତିମାନ୍ ରାଜା" । ଶୈବ ତନ୍ତ୍ରରେ ୬୪ କଳାବିଦ୍ୟା ବିଷୟ ବିଶେଷ ଭାବରେ ଲେଖାଅଛି । ଶ୍ରୀମଦ୍ଭାଗବତ ଟୀକାକାର ଶ୍ରୀଧର ସ୍ୱାମୀ ସେହି ୬୪ କଳାର ପରିଚୟ ଦେଇଛନ୍ତି । ତାହାର ପରିଚୟ ନିମ୍ନରେ ଦିଆଗଲା ।

୧ ଗୀତ, ୨ ବାଦ୍ୟ, ୩ ନୃତ୍ୟ, ୪ ନାଟ୍ୟ, ୫ ଆଲେଖ୍ୟ, ୬ ବିଶେଷକଚ୍ଛେଦ୍ୟ, ୭ ତଣ୍ଡୁଲକୁସୁମବଳିବିକାର, ୮ ପୁଷ୍ପାସ୍ତରଣ, ୯ ଦଶନବସନାଙ୍ଗରାଗ, ୧୦ ମଣିଭୂମିକାକର୍ମ, ୧୧ ଶୟନରଚନ, ୧୨ ଉଦକବାଦ୍ୟ, ୧୩ ଉଦକଘାତ, ୧୪ ଚିତ୍ରାଯୋଗ୍ୟା, ୧୫ ମାଲ୍ୟ-ଗ୍ରଥନବିକଳ୍ପ, ୧୬ ଶେଖରାପୀଡ଼ଯୋଜନା, ୧୭ ନେପଥ୍ୟଯୋଗ, ୧୮ କର୍ଣ୍ଣପତ୍ରଭଙ୍ଗ, ୧୯ ଗନ୍ଧଯୁକ୍ତି, ୨୦ ଭୂଷଣଯୋଜନା, ୨୧ ଐନ୍ଦ୍ରଜାଲ, ୨୨ କୌଚୁମାରଯୋଗ, ୨୩ ହସ୍ତଲାଘବ,

Digitized by srujanika@gmail.com

୨୪ ଚନ୍ଦ୍ରଣାକପୂପଭକ୍ଷବିକାରକ୍ରିୟା ଇତ୍ୟାଦ । ସବୁ କଳାର ନାମ ଦେବା ଏ ପ୍ରବନ୍ଧରେ ଅବଶ୍ୟକ ନାହିଁ । ସଙ୍ଗୀତ ହିଁ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ । କାଳିଦାସ କହିଛନ୍ତି:—

ସଙ୍ଗୀତସାହିତ୍ୟରସାନଭିଜ୍ଞେ
ସାକ୍ଷାତ୍ ପଶୁପୁଚ୍ଛବିଷାଣହୀନଃ
ତରତ୍ୟେଷୌ କଳ୍ପ ଭୃଣଂ ନ ଭୁଞ୍ଜ୍ୟେ
ପରଂ ପଶୁନାମପି ଇନ୍ଦ୍ର ହେତବଃ ।

ସଙ୍ଗୀତ ସାହିତ୍ୟ ଯେ ନ ଜାଣେ ସେ ସାକ୍ଷାତ ପଶୁ—ପଶୁଠାରୁ ଅଧମ ସ୍ଥାନ । ପଶୁମାନେ ସଙ୍ଗୀତ ଗାଇ ଜାଣିଲେ ମଧ୍ୟ ସଙ୍ଗୀତ ସ୍ୱର ଶୁଣି ଉଦ୍ଗ୍ରୀବ ଅନ୍ୟକ୍ଷ ହୁଅନ୍ତି । ପଦ୍ମତୋଳା ଶୁଣି ସର୍ପ ମୋହିତ ହୁଏ । ଶିଶୁମାନେ ଗୀତ ଶୁଣି ମୋହିତ ହୁଅନ୍ତି । ନଦୀର କଳକଳ ନାଦରେ ସଙ୍ଗୀତ ଅଛି, ପଶୁପକ୍ଷୀଙ୍କ କଳରବରେ ସଙ୍ଗୀତ ଅଛି, ପବନ ବହିବାରେ ସଙ୍ଗୀତ ଅଛି । ସଙ୍ଗୀତ ନାହିଁ କେଉଁଠି ? ଏ ଚରାଚର ଜଗତରେ ବ୍ରହ୍ମ ସର୍ବତ୍ର ଅଛନ୍ତି । ନାଦକୁ ବ୍ରହ୍ମ ବୋଲି ମଧ୍ୟ କହାଯାଏ, ନାଦବ୍ରହ୍ମ ସେହିପରି ସର୍ବତ୍ର ବିଦ୍ୟମାନ । ସେହି ନାଦକୁ ତାଳସ୍ୱର ସହିତ ଗାଇଲେ ସଙ୍ଗୀତ ହୁଏ । ଯନ୍ତ୍ର ସାହାଯ୍ୟରେ ଏହି ନାଦବ୍ରହ୍ମ ନାନା ମୂର୍ତ୍ତି ଧାରଣ କରେ । ମାନବର କଣ୍ଠ ପ୍ରଧାନ ଯନ୍ତ୍ର ଏବଂ ମାନବ ନିଜ ବୁଦ୍ଧିବଳରେ ନାନା ପ୍ରକାର ଯନ୍ତ୍ର ଆବିଷ୍କାର କରି ସେହି ଯନ୍ତ୍ରମାନଙ୍କ ସାହାଯ୍ୟରେ ନାଦକୁ ନିୟନ୍ତ୍ରିତ କରେ । ସଙ୍ଗୀତର ବିଭିନ୍ନ ମୂର୍ତ୍ତି ରାଗରାଗିଣୀ ନାମରେ ପରିଚିତ । ସଙ୍ଗୀତ ମାନବର ସହଜାତ । ପ୍ରତ୍ୟେକ ମାନବ ଜଣା ଅଧିକରେ ସଙ୍ଗୀତପ୍ରିୟ । ସମ୍ପଦ, ବିପଦ, ଦୁଃଖ ଓ ଆନନ୍ଦରେ ପରିଶ୍ରମ କଲା ବେଳେ, ଶାନ୍ତିରେ ବସିଲା ବେଳେ, ସଙ୍ଗୀତ ସ୍ୱତଃ ବାହାରି ଆସେ । ସେହି ସଙ୍ଗୀତର ରାଗରାଗିଣୀ ଭାରତର ନାନା ପ୍ରଦେଶରେ ନାନା ଆକାର ପ୍ରକାର ଧାରଣ କରିଅଛି । ସଙ୍ଗୀତ ବିଷୟରେ ନାନା ପ୍ରକାର ପୁସ୍ତକ ମଧ୍ୟ ଲେଖା ଯାଇଅଛି ।

ସଙ୍ଗୀତର ପ୍ରଥମ ନିଦର୍ଶନ ବେଦ । ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ୍ ସ୍ୱର ସଂଯୋଗରେ ସାମଗାନ ଗୀତ ହେଉଥିଲା । ସାମ ଶବ୍ଦର ଅର୍ଥ ଗୀତ । ଶବର ସ୍ୱାମୀ ତାଙ୍କ ମୀମାଂସା ଦର୍ଶନରେ ଲେଖିଅଛନ୍ତି:—

"ସାମଶବ୍ଦବାଚ୍ୟସ୍ୟ ଗାନସ୍ୟ ସ୍ୱରୂପ ମୃଗୟରେତ୍ପୁ, କୃଷ୍ଣାଦିଭିଃ ସପ୍ତଭିଃ ସ୍ୱରୈଃ ଅକ୍ଷରବିକାରାଦିରସ୍ତ କଣ୍ଠାଦ୍ୟତେ । କୃଷ୍ଟଃ ପ୍ରଥମଃ, ଦ୍ୱିତୀୟଃ, ତୃତୀୟଃ, ଚତୁର୍ଥଃ, ପଞ୍ଚମଃ, ଷଷ୍ଠଶ୍ଚ ଇତ୍ୟେତେ ସପ୍ତସ୍ୱରାଃ" । ପୁରାଣରୁ ଦେଖାଯାଏ ଯେ "ଋଗ୍ଭିଃ ପାଠ୍ୟମଭ୍ୟେଦ୍ଗୀତଂ ସାମଭ୍ୟଃ ସମପଦ୍ୟତ ଯଜୁର୍ବେଦଭିନୟା ଜାତା ବସାନ୍ତାଥର୍ବଣ ସ୍ମୃତା । ବେଦ ଗାନ ସମୟରୁ ସା ରି ଗା ମା ପ୍ରଭୃତି ସପ୍ତସ୍ୱରର ପ୍ରବର୍ତ୍ତିନ ହୋଇଅଛି । ସାମ ବେଦର ଗୋଟିଏ ଉପବେଦ ଥିଲା । ସେହି ଉପବେଦର ନାମ ଗାନ୍ଧର୍ବ ବେଦ । ଏହି ଗାନ୍ଧର୍ବ ବେଦରେ ଗୀତ ବାଦ୍ୟ ନୃତ୍ୟ ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଥିଲା । ଏହି ଉପବେଦ ଲୁପ୍ତ ପ୍ରାୟ ହୋଇଛି । ଭରତ ମୁନି ଏହି ବେଦର ପ୍ରବର୍ତ୍ତିକ ଥିଲେ । ସେହି ଗାନ୍ଧର୍ବ ବେଦର ମତ ପରବର୍ତ୍ତୀ ସଙ୍ଗୀତ ଶାସ୍ତ୍ରମାନଙ୍କରେ ପ୍ରତିଫଳିତ ହୋଇଅଛି । ମହର୍ଷି ବାଲ୍ମୀକିଙ୍କ ସମୟରେ ମହାମୁନି ଭରତ ସଙ୍ଗୀତ ବିଦ୍ୟାର ପ୍ରଧାନ ଅଧ୍ୟାପକ ଥିଲେ । ତାଙ୍କ ସମୟରେ ନାଟ୍ୟାଭିନୟ ଉତ୍କର୍ଷ ଲାଭ କରିଥିଲା । ଗାନ୍ଧର୍ବ ବେଦ ପ୍ରଣେତା ଭରତ ମୁନି ଓ ବାଲ୍ମୀକିଙ୍କ ସମୟର ଭରତ ମୁନି ଏକ ବ୍ୟକ୍ତି କି ବିଭିନ୍ନ ବ୍ୟକ୍ତି ସେ କଥା ନିଶ୍ଚୟରୂପେ କହାଯାଇ ପାରିବ ନାହିଁ । ନୃତ୍ୟ-ବାଦ୍ୟ-ଗୀତ-ନାଟ୍ୟାଭିନୟ ପ୍ରଭୃତି ସଙ୍ଗୀତ ଶାସ୍ତ୍ରର ଅନ୍ତର୍ଗତ । ଗୀତ-ବାଦ୍ୟ-ନୃତ୍ୟ ଏ ତିନି ବିଷୟର ସାଧାରଣ ସଂଜ୍ଞା ସଙ୍ଗୀତ । "ଗୀତ-ବାଦନନୃତ୍ୟାନାଂ ତ୍ରୟଂ ସଙ୍ଗୀତମୁଚ୍ୟତେ । ଗୀତଂ ବାଦ୍ୟଂ ନର୍ତ୍ତନଞ୍ଚ ତ୍ରୟଂ ସଙ୍ଗୀତମୁଚ୍ୟତେ" । ଏ ତିନି ବିଷୟ ମଧ୍ୟରେ କଣ୍ଠ ସଙ୍ଗୀତ ପ୍ରଧାନ, ସୁତରାଂ ସଙ୍ଗୀତ ଶବ୍ଦ ସାଧାରଣତଃ କଣ୍ଠ ସଙ୍ଗୀତକୁ ବୁଝାଏ । ସଙ୍ଗୀତବିଶାରଦମାନେ ସଙ୍ଗୀତକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି, ଯଥା:—କଣ୍ଠ ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତ । ଶାସ୍ତ୍ରାନୁସାରେ ନାଦ ହିଁ ସଙ୍ଗୀତର ମୂଳ । ଏକାଧିକ ବସ୍ତୁର ସଂଘର୍ଷରେ ଆକାଶରୁ ନାଦର ଉତ୍ପତ୍ତି ହୁଏ । ନାଦ ଦୁଇ ପ୍ରକାର:—ଧ୍ୱନ୍ୟାତ୍ମକ ଓ ବର୍ଣ୍ଣାତ୍ମକ । ଦୁଇଟି ବସ୍ତୁର ଘାତ ପ୍ରତିଘାତରେ ଯେଉଁ ନାଦ ବାହାରେ, ତାହା ଧ୍ୱନ୍ୟାତ୍ମକ । ମନୁଷ୍ୟାଦିଙ୍କ କଣ୍ଠ ଓ ତାଲୁର ଘାତ ପ୍ରତିଘାତରେ ଯେଉଁ ସ୍ୱର ଜନ୍ମେ ତାହା ବର୍ଣ୍ଣାତ୍ମକ । ସୋମେଶ୍ୱର, ଭରତ, ହନୁମନ୍ତ ଓ କଲ୍ଲିନାଥ ଏମାନେ ପୁରାକାଳରେ ସଙ୍ଗୀତ ବିଶାରଦ ଥିଲେ । ସଙ୍ଗୀତ ଶାସ୍ତ୍ର ସମ୍ବନ୍ଧେ ଏ ଚାରି ଜଣଙ୍କର ଚାରି ପ୍ରକାର ମତ ପ୍ରଚଳିତ ଥିଲା । ସେ କାଳରେ ସଙ୍ଗୀତ ଶାସ୍ତ୍ର ସାଧାରଣତଃ ୭ ଭାଗରେ ବିଭକ୍ତ ହୋଇଥିଲା । (୧) ସ୍ୱରାଧ୍ୟାୟ, (୨) ରାଗାଧ୍ୟାୟ, (୩) ନୃତ୍ୟାଧ୍ୟାୟ, (୪) ତାଳାଧ୍ୟାୟ, (୫) ଭାବାଧ୍ୟାୟ, (୬) କୋକାଧ୍ୟାୟ, (୭) ହସ୍ତାଧ୍ୟାୟ । ସେ ସବୁ ପ୍ରାଚୀନ ଗ୍ରନ୍ଥ ଆଉ ମିଳୁ ନାହିଁ, ସୁତରାଂ କି ପ୍ରଣାଳୀରେ ସେ କାଳରେ ସଙ୍ଗୀତ ତତ୍ତ୍ୱ ଆଲୋଚିତ ହୋଇଥିଲା ତାହା ଜାଣି ପାରୁ ନାହିଁ । ଏ ସବୁ ଗ୍ରନ୍ଥ ପରେ ସଙ୍ଗୀତ ବିଦ୍ୟା ଶିକ୍ଷା ଦେବା ପାଇଁ ଅସଂଖ୍ୟ ଗ୍ରନ୍ଥ ସଂସ୍କୃତ ଭାଷାରେ ପ୍ରଚଳିତ ଥିଲା । ତହିଁ ମଧ୍ୟରୁ ଅଧିକାଂଶ ଗ୍ରନ୍ଥର ନାମ ଲୋପ ହୋଇ ସାରିଲାଣି । ଆଉ ଯେଉଁ କେତେ ଖଣ୍ଡ ଗ୍ରନ୍ଥର ପରିଚୟ ମିଳୁଛି ତାହା ନିମ୍ନରେ ଦିଆଗଲା:—

| ଗ୍ରନ୍ଥକାର | ଗ୍ରନ୍ଥ |
|---|---|
| ଶୁଭଙ୍କର | 'ସଙ୍ଗୀତଦାମୋଦର |
| ନାରନାରାୟଣ | ସଙ୍ଗୀତନିର୍ଣ୍ଣୟ |
| ହରିଭଟ୍ଟ | ସଙ୍ଗୀତସାର<br>ସଙ୍ଗୀତାର୍ଣ୍ଣବ<br>ସଙ୍ଗୀତ ରତ୍ନାବଳୀ |
| ଶିଳ୍ପନ | ରାଗ ସର୍ବସ୍ୱସାର |
| ଅନନ୍ତଭଟ୍ଟ | ତାଣ୍ଡବତରଙ୍ଗେଶ୍ୱର<br>ଗୀତ ସିଦ୍ଧାନ୍ତ ଭାସ୍କର |
| ବିଶ୍ୱାବସୁ | ଧ୍ୱନିମଞ୍ଜରୀ<br>ରାଗାର୍ଣ୍ଣବ |
| ଶାର୍ଙ୍ଗଦେବ | ସଙ୍ଗୀତରତ୍ନାକର |

Digitized by srujanika@gmail.com

| ଗ୍ରନ୍ଥକାର | ଗ୍ରନ୍ଥ |
|---|---|
| ସିଂହଭୂପାଳ | ସଙ୍ଗୀତ ଦର୍ପଣ<br>ରାଗମାଳିକା |
| ହରିନାରାୟଣ | ସଙ୍ଗୀତସାର<br>ନାରଦ ସମ୍ବାଦ<br>ନାରଦ ପୁରାଣ<br>ରତ୍ନମାଳା<br>ସଙ୍ଗୀତ କୌସ୍ତୁଭ |
| ଦାମୋଦର | ସଙ୍ଗୀତ ଦର୍ପଣ |
| ଅବହଳ | ସଙ୍ଗୀତ ପାରିଜାତ |

ଏ ସବୁ ଗ୍ରନ୍ଥ ମଧ୍ୟରୁ ସଙ୍ଗୀତଦାମୋଦର ଓ ସଙ୍ଗୀତଦର୍ପଣ ନାମ ନାନା ସ୍ଥଳରେ ଦେଖାଯାଏ । ସଙ୍ଗୀତ ପ୍ରତି ଅନୁରକ୍ତି ଜନ୍ମେ କାହିଁକି ? ସଙ୍ଗୀତବିଶାରଦମାନେ ଏଥିର ସାତ ଗୋଟି କାରଣ ଦେଇଛନ୍ତି:—

ଶାରୀରଂ ନାଦସମ୍ଭୂତଃ ସ୍ଥାନାନି ଶ୍ରୁତୟୋସ୍ତଥା
ତତଃ ଶୁଦ୍ଧାଃ ସ୍ୱରାଃ ସପ୍ତ ବିକୃତାଃ ଦ୍ୱାଦଶାପ୍ୟମୀ
ବାଦ୍ୟାଦି ଭେଦାଶ୍ଚତ୍ୱାରୋ ରାଗୋତ୍ପାଦନ ହେତବଃ

(୧) ଶରୀର ସଞ୍ଚାଳନ, (୨) ନାଦ ସମ୍ଭୂତ, (୩) ସ୍ଥାନ ବା ତାଳ ଶ୍ରବଣ, (୪) ଶୁଦ୍ଧ ସପ୍ତ ସ୍ୱର, (୫) ବିକୃତ ଦ୍ୱାଦଶ ସ୍ୱର, (୬) ବାଦ୍ୟାଦି ଚତୁର୍ବିଧ ଭେଦ ପ୍ରଭୃତି ସଙ୍ଗୀତ ଅନୁରାଗୋତ୍ପତ୍ତିର କାରଣ । ଶୁଦ୍ଧ ୭ ସ୍ୱର ଯଥା:—ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ, ନିଷାଦ । ଏହି ସପ୍ତସ୍ୱରରୁ ରାଗରାଗିଣୀର ମୂଳ ସା ରି ଗା ମା ପା ଧା ନି ଗ୍ରହଣ କରି ଯାଇଛି । ଏହି ସପ୍ତସ୍ୱର କେଉଁଠାରୁ ଉତ୍ପତ୍ତି ହୋଇଛି ? ସାତ ପ୍ରକାର ଜନ୍ତୁଙ୍କ କଣ୍ଠସ୍ୱର ଏହି ସପ୍ତସ୍ୱରର ମୂଳଭିତ୍ତି । କେଉଁ ଜନ୍ତୁର କଣ୍ଠସ୍ୱରରୁ କେଉଁ ସ୍ୱର ନିଆ ଯାଇଛି ଏ ବିଷୟରେ ମତାନ୍ତର ଅଛି । କିନ୍ତୁ ସାଧାରଣତଃ ମୟୂର, ବୃଷ, ଅଜ, କ୍ରୌଞ୍ଚ, କୋକିଳ, କୁଞ୍ଜର, ଅଶ୍ୱ ଏହି ସାତ ଜନ୍ତୁଙ୍କ ସ୍ୱରରୁ ସା ରି ଗା ମା ପା ଧା ନି ସ୍ୱର ନିଆ ଯାଇଛି ବୋଲି ଜଣାଯାଏ ।

ଉପରୋକ୍ତ ସାତ ସ୍ୱରର ନାନା ପ୍ରକାର ସଂଯୋଗଦ୍ୱାରା ପ୍ରଧାନତଃ ୬ ରାଗ ଓ ୩୬ ରାଗିଣୀର ଉତ୍ପତ୍ତି । ପୁନଶ୍ଚ ସେହି ସ୍ୱର ସଂଯୋଗ ନିୟମଦ୍ୱାରା ୬ ରାଗ ୩୬ ରାଗିଣୀରୁ ଅସଂଖ୍ୟ ଉପରାଗ ଓ ଉପରାଗିଣୀର ଉତ୍ପତ୍ତି । ସଙ୍ଗୀତଦାମୋଦର ଗ୍ରନ୍ଥରୁ ଜଣାଯାଏ ଯେ ଶ୍ରୀକୃଷ୍ଣଙ୍କ ନିକଟରେ ଗୋପୀମାନେ ୧୬୦୦୦ ରାଗ ଆଳାପ କରିଥିଲେ ।

ଗୋପୀଭିଃ ଗୀତମାରବ୍ଧମେକୈକଂ କୃଷ୍ଣସନ୍ନିଧୌ
ତେନ ଜାତାନି ରାଗାଣାଂ ସହସ୍ରାଣି ତୁ ଷୋଡ଼ଶଃ ।

ପ୍ରଧାନ ୬ ରାଗ:—(୧) ଭୈରବ, (୨) କୌଶିକ, (୩) ହିନ୍ଦୋଳ, (୪) ଦୀପକ, (୫) ଶ୍ରୀରାଗ, (୬) ମେଘ ।

ଏହି ରାଗର ନାମ ସମ୍ବନ୍ଧେ ନାନା ପ୍ରକାର ମତଭେଦ ଦେଖାଯାଏ । ଭିନ୍ନ ଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ନାମ ଦେଖାଯାଏ । ରାଜପୁତନାରେ କୌଶିକ ରାଗର ନାମ ମାଲକୋଷ । ସୋମେଶ୍ୱର ଓ କଲ୍ଲିନାଥଙ୍କ ମତରେ ୬ ରାଗର ନାମ:—ଶ୍ରୀରାଗ, ବସନ୍ତ, ପଞ୍ଚମ, ଭୈରବ, ମେଘ ଓ ନଟନାରାୟଣ । ନାରଦ ସଂହିତାରେ ୬ ରାଗର ନାମ:—ମାଲବ, ମଲ୍ଲାର, ଶ୍ରୀ, ବସନ୍ତ, ହିନ୍ଦୋଳ ଓ କର୍ଣ୍ଣାଟ । ପୂର୍ବେ ଯେଉଁ ସାତ ସ୍ୱର କଥା କହା ଯାଇଅଛି ସେହି ସ୍ୱର ଯୋଜନାର ପରିବର୍ତ୍ତନ ଅନୁସାରେ ଗୋଟିଏ ଗୋଟିଏ ରାଗର ଉତ୍ପତ୍ତି ହୁଏ । ନିମ୍ନଲିଖିତ ଉଦାହରଣରୁ ପାଠକମାନେ ସହଜରେ ବୁଝି ପାରିବେ ।

ଶ୍ରୀରାଗ—ସା ରେ ଗା ମା ପା ଧା ନି ସା ରେ ।
ଭୈରବ—ଧା ନି ସା ଗା ମା ଧା ।
ପଞ୍ଚମ—ସା ରେ ଗା ମା ଧା ନି ସା ।
ମେଘ—ଧା ନି ସା ରେ ଗା ମା ପା ଧା ।
ନଟନାରାୟଣ—ସା ରେ ଗା ମା ପା ଧା ନି ସା ଇତ୍ୟାଦି ।

ଏହି ୬ ରାଗର ୩୬ ଟି ରାଗିଣୀ ଅଛି । ପ୍ରତ୍ୟେକ ରାଗର ୬ ଗୋଟି ଆଶ୍ରିତ ରାଗିଣୀ । ଉଦାହରଣ ସ୍ୱରୂପ ଗୋଟିଏ ଦୁଇଟି ରାଗର ଆଶ୍ରିତ ରାଗିଣୀ ନିମ୍ନରେ ଦିଆଗଲା ।

ଶ୍ରୀରାଗ—ମାଳଶ୍ରୀ, ତ୍ରିବେଣୀ, ଗୌରୀ, କେଦାରୀ, ମଧୁମାଧବୀ, ପାହାଡ଼ୀ । ବସନ୍ତ—ଦେଶୀ, ଦେବଗିରି, ବରାଟୀ, ତୋଡ଼ିକା, ଲଳିତା, ହିନ୍ଦୋଳୀ । ଭୈରବୀ—ଭୈରବୀ, ଗୁର୍ଜ୍ଜରୀ, ରାମକିରୀ, ଗୁଣକିରୀ, ବଙ୍ଗାଳୀ ସୈନ୍ଧବୀ ଇତ୍ୟାଦି ।

ଏହି ରାଗ ରାଗିଣୀର ପୁଅ, ବୋହୂ, କନ୍ୟା, ସଖା, ସହଚର ପ୍ରଭୃତି ଅସଂଖ୍ୟ ଉପରାଗିଣୀ ଅଛି । କେଉଁ ରସ ପ୍ରକାଶ କରିବା ପାଇଁ କେଉଁ ସ୍ୱର ଆବଶ୍ୟକ ତାହା ମଧ୍ୟ ସଙ୍ଗୀତ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି ।

ସଂଶ୍ରୀ ବୀରେଽଦ୍ଭୁତେ ରୌଦ୍ରେ ଧୋବିଭତ୍ସେ ଭୟାନକେ
କାର୍ଯ୍ୟୋ ଗନିରୁ କରୁଣେ ହାସ୍ୟ ଶୃଙ୍ଗାରୟୋ ମଗୌ ।

ସଙ୍ଗୀତର କେତେଗୁଡ଼ିଏ ଅଙ୍ଗ ଅଛି:—ମୂର୍ଚ୍ଛନା, ତାନ, ତାଳ, ମାନ, ଗମକ । ଏ ସବୁଦ୍ୱାରା ରାଗ ରାଗିଣୀର ସ୍ୱରୂପ ତତ୍ତ୍ୱ ନିର୍ଦ୍ଦିଷ୍ଟ ହୁଏ । କେଉଁ ରାଗ କେତେବେଳେ ବୋଲାଯିବ ତାହା ମଧ୍ୟ ନିର୍ଦ୍ଦିଷ୍ଟ ଅଛି । ଭାରତବର୍ଷରେ ସଙ୍ଗୀତ ବିଦ୍ୟା ଏତେ ଉନ୍ନତି ଲାଭ କରିଥିଲା ଯେ ରାଗ ରାଗିଣୀର ଶକ୍ତିଦ୍ୱାରା ପ୍ରକୃତି ପରିବର୍ତ୍ତିତ ହୋଇ ଯାଉଥିଲା । ସଙ୍ଗୀତର ଅସୀମ ଶକ୍ତି । ସଙ୍ଗୀତରେ ମୋହିନୀ ଶକ୍ତି ଅଛି । ସଙ୍ଗୀତ ଶାସ୍ତ୍ରରୁ ଦେଖାଯାଏ ଯେ ଦୀପକ ରାଗ ଠିକ୍ ନିୟମାନୁସାରେ ଆଳାପ କରାଗଲେ ନିର୍ବାପିତ ଦୀପ ଶିଖାରେ ଅନଳ ସଞ୍ଚାରିତ ହେବ ଏବଂ ସଙ୍ଗୀତ ଆଳାପନକାରୀ ସେହି ଅନଳରେ ଦଗ୍ଧ ହୋଇଯିବ । ମେଘମଲ୍ଲାର ରାଗ ଆଳାପ କଲାବେଳେ ଅନାବୃଷ୍ଟି ସମୟରେ ମେଘ ସଞ୍ଚାର ହେଉଥିଲା ଏବଂ ବାରି ବର୍ଷଣ ହେଉଥିଲା । ଭୈରବ ରାଗ ଆଳାପ କରାଗଲେ ଉଷାର ଆବିର୍ଭାବ ହୁଏ, ମୃଦୁମନ୍ଦଗନ୍ଧବାହୀ ବାୟୁର ସଞ୍ଚାର ହୁଏ । ବିହଙ୍ଗମ କଳରବ ଏବଂ ପ୍ରଭାତର ସୁଖ ସ୍ପର୍ଶଦ୍ୱାରା ପ୍ରାଣ ନାଚି ଉଠେ । ହିନ୍ଦୋଳ ରାଗ ଆଳାପ କରାଗଲେ ନବ ବସନ୍ତର ସମାଗମ ହୁଏ ଏବଂ ନବ ମୁକୁଳିତ କୁସୁମ ସୌରଭରେ ଦିଗଦିଗନ୍ତ ଆମୋଦିତ ହୋଇ ଉଠେ । ଶ୍ରୀରାଗ ଆଳାପ କଲେ ପ୍ରଦୋଷ କାଳର ସମାଗମ ଅନୁଭୂତ ହୁଏ ଏବଂ ପଶ୍ଚିମାକାଶରେ ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ବିଭା ବିକଶିତ ହୁଏ ।

Digitized by srujanika@gmail.com

ମାଳବ ରାଗ ଆଲାପ କରିଗଲେ ପ୍ରାଣରେ ଅଭିନବ ଉତ୍ତେଜନା ଜାଗ୍ରତ ହୋଇଉଠେ । ରାଗର କାର୍ଯ୍ୟକାରିଣୀ ଶକ୍ତି ଅନୁସାରେ ତାହାର ନାମକରଣ କରାଯାଇଛି । ବେହାଗ ରାଗ ଆଲାପ କରି-ଗଲେ ପ୍ରାଣରେ ଉଦାସୀନତା ଆସେ ଏବଂ ଆତ୍ମ ବିସ୍ମୃତି ଉପସ୍ଥିତ ହୁଏ । ରାଗ ରାଗିଣୀର ଆଲାପ ଲାଗି ନିର୍ଦ୍ଦିଷ୍ଟ ସମୟର ବ୍ୟବସ୍ଥା ଅଛି । ପ୍ରାତଃକାଳଠାରୁ ଦିନ ପ୍ରହରକ ପର୍ଯ୍ୟନ୍ତ ଭୈରବ, ମେଘ, ବସନ୍ତ, ପଞ୍ଚମ ପ୍ରଭୃତି ରାଗ ଏବଂ ଭୈରବୀ, ଭୂପାଳି, ଧନାଶ୍ରୀ, ମଲ୍ଲାରୀ ପ୍ରଭୃତି ରାଗିଣୀ ଆଲାପ କରାଯାଏ । ଦ୍ୱିପ୍ରହର ସମୟରେ ଗୁର୍ଜ୍ଜରୀ, ଗୁଣକରୀ ଏବଂ ଭୈରବୀ ଆଲାପ କରାଯାଏ ! ତୃତୀୟ ପ୍ରହର ମଧ୍ୟରେ ବୈରାଠୀ, ତୋଡ଼ି, କାମୋଦ, ପ୍ରଭୃତି ଗାଇବାର ବିଧି ଅଛି । ଦିବା ତୃତୀୟ ପ୍ରହର ପରେ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଗୌରୀ, ତୋଡ଼ି, କେଦାରୀ ପ୍ରଭୃତି ଆଲାପ କରିବାର ବିଧି ଅଛି । ଏ ସମ୍ବନ୍ଧରେ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ନାନା ପ୍ରକାର ମତଭେଦ ଅଛି । କେବଳ ଏତିକି ନୁହେଁ, କେଉଁ ଋତୁରେ କେଉଁ ରାଗ ଆଲାପଯୋଗ୍ୟ ତାହା ମଧ୍ୟ ସଙ୍ଗୀତ ଶାସ୍ତ୍ର ନିର୍ଦ୍ଦେଶ କରି ଦେଇଅଛି । ୬ ଋତୁରେ ୬ ରାଗ—ପ୍ରତ୍ୟେକ ଋତୁରେ ଗୋଟିଏ ଗୋଟିଏ ରାଗ ଆଲାପ କରିବା ବିଧେୟ । ବସନ୍ତ ଋତୁରେ ସପତ୍ନୀକ ବସନ୍ତ ରାଗ, ଗ୍ରୀଷ୍ମ ଋତୁରେ ସପତ୍ନୀକ ଭୈରବ, ଇତ୍ୟାଦି । ଭିନ୍ନ ଭିନ୍ନ ରାଗର ଭିନ୍ନ ଭିନ୍ନ ଅଧିଷ୍ଠାତ୍ରୀ ଦେବ ଦେବୀ ଅଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ରାଗ ରାଗିଣୀର ଅଧିଷ୍ଠାତ୍ରୀ ଦେବ ଦେବୀଙ୍କ ଧ୍ୟାନରେ ତନ୍ମୟ ହୋଇ ସେହି ରାଗ ରାଗିଣୀମାନ ଆଲାପ କଲେ ତାହାର ପ୍ରଭାବ ସାକ୍ଷାତରେ ଦେଖାଯାଏ । କେଉଁ ସ୍ୱରର କିଏ ଅଧିଷ୍ଠାତ୍ରୀ ଦେବତା ତାହାର ପରିଚୟ ନିମ୍ନରେ ଦିଆଗଲା । ସା—ଅଗ୍ନି, ରେ—ବ୍ରହ୍ମା, ଗା—ସରସ୍ୱତୀ, ମା—ମହାଦେବ, ପା—ଲକ୍ଷ୍ମୀ, ଧା—ଗଣେଶ, ନି—ସୂର୍ଯ୍ୟ ।

ପାଠକମାନଙ୍କର ସେ ଦିନର କଥା ମନେ ଥିବ । ମୋଗଲ ସମ୍ରାଟ ଆକବରଙ୍କ ଦରବାରରେ ସଙ୍ଗୀତ ବିଶାରଦ ତାନସେନ ସଙ୍ଗୀତର ଏହି ଅଭିନବ ଶକ୍ତି ପ୍ରଦର୍ଶନ କରି ପାରିଥିଲେ । ତାନସେନଙ୍କ ଗୁରୁ ହରିଦାସ ସ୍ୱାମୀ । ସେ ସଂସାରତ୍ୟାଗୀ ସନ୍ନ୍ୟାସୀ ଥିଲେ । ସଙ୍ଗୀତ ସାଧନା ବଳରେ ନିର୍ବାଣ ଲାଭ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ତାନସେନ ଦିନେ ତାଙ୍କୁ ଆକବରଙ୍କ ଦରବାରକୁ ନେଇ ଯାଇଥିଲେ । ହରିଦାସ ସଭାରେ ଗୋଟିଏ ଦୁଇଟି ରାଗ ରାଗିଣୀ ଆଲାପ କରି ମୂର୍ତ୍ତି ଦେଖାଇ ଦେଇଥିଲେ । ବାଦସାହ ସଙ୍ଗୀତର ଶକ୍ତି ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସମ୍ରାଟ ଏଥିର କାରଣ ଅନୁସନ୍ଧାନ କରନ୍ତେ ହରିଦାସ କହିଲେ ଯେ ବିଜ୍ଞାନ-ସମ୍ମତ ପ୍ରଣାଳୀରେ ରାଗରାଗିଣୀ ଆଲାପ କରାଗଲେ ଅଧିଷ୍ଠାତ୍ରୀ ଦେବତାମାନେ ସ୍ୱରୂପ ପରିଗ୍ରହ କରି ଆବିର୍ଭୂତ ହୁଅନ୍ତି । ତାନ୍‌ସେନ ନିଜେ ମଧ୍ୟ ସଙ୍ଗୀତବିଶାରଦ ଥିଲେ । ଦୀପକ ରାଗ ଆଲାପ କରି ସେ ଅଗ୍ନି ଜଳି ଉଠିବାର ଦେଖାଇ ଥିଲେ ଏବଂ ମେଘମଲ୍ଲାର ରାଗ ଆଲାପ କରି ବୃଷ୍ଟି କରାଇ ଥିବାର ପ୍ରବାଦ ଅଛି । ତାନ୍‌ସେନ ଗୌଡ଼ୀୟ ବ୍ରାହ୍ମଣ ବଂଶରେ ଜନ୍ମଗ୍ରହଣ କରିଥିଲେ (୧୫୫୮ ଖ୍ରୀ) । ତାଙ୍କ ପିତାଙ୍କ ନାମ ମକରନ୍ଦ ପାଣ୍ଡେ । ତାଙ୍କ ଘର ଗୋୟାଲିଅର ପ୍ରଦେଶରେ ଥିଲା । ତାଙ୍କ ନାମ ଥିଲା ରାମତନୁ ପାଣ୍ଡେ । ୧୮ ବର୍ଷ ବୟସ ବେଳେ ଜଣେ ମୁସଲମାନ ଯୁବତୀ ପ୍ରେମରେ ପଡ଼ି ସେ ମୁସଲମାନ ଧର୍ମ୍ମ ଗ୍ରହଣ କରିଥିଲେ । ସେ ସଙ୍ଗୀତ ବିଦ୍ୟାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ଆକବର ତାଙ୍କଠାରୁ ସଙ୍ଗୀତ ଶୁଣି ମୁଗ୍ଧ ହୋଇଥିଲେ ଏବଂ ତାଙ୍କୁ ତାନ୍‌ସେନ୍ ଉପାଧି ଦେଇଥିଲେ ।

ସଙ୍ଗୀତ ମୁକ୍ତିର ଗୋଟିଏ ପ୍ରଧାନ ସୋପାନ । ଶାସ୍ତ୍ର କହୁଛି,

" ଜପକୋଟୀ ଗୁଣଂ ଧ୍ୟାନଂ ଧ୍ୟାନ କୋଟୀ ଗୁଣଂ ଲୟଃ ।
ଲୟକୋଟୀ ଗୁଣଂ ଗାନଂ ଗାନାତ୍ ପରତରଂ ନହି ।

ପୁନଶ୍ଚ

" ପୁଣ୍ଡ୍ରଂ ଚତୁର୍ଣ୍ଣାଂ ବେଦାନାଂ ସାରମାକୃଷ୍ୟ ପଦ୍ମଭୂଃ ।
ଇମଂ ତୁ ପଞ୍ଚମଂ ବେଦଂ ସଙ୍ଗୀତାଖ୍ୟମକଳ୍ପୟତ୍ " ।

ଭଗବାନ ନିଜେ କହିଛନ୍ତି:—

" ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ ।
ମଦ୍ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ । "

ଦେବାଦିଦେବ ମହାଦେବ ପ୍ରଥମେ ସଙ୍ଗୀତ ଶାସ୍ତ୍ର ପ୍ରଚାର କରିଥିଲେ । ସେହି ମହାଯୋଗୀ ଯେଉଁ ଭଗବନ୍ମହିମା କୀର୍ତ୍ତନ କରିଥିଲେ ତାହା ସାର ସଙ୍ଗୀତ । ବ୍ରହ୍ମା ମହାଦେବଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଦେବଲୋକରେ ଦୁର୍ଗା, ସରସ୍ୱତୀ, ନାଗଲୋକରେ ବାସୁକୀ, ଗନ୍ଧର୍ବଲୋକରେ କଳାନାଗ, ସାରଦଳ, ତୁମ୍ବୁରୁ, କୋହଳ, ହା ହା ହୁ ହୁ, ଋଷିଲୋକରେ ନାରଦ, ଭରତ, କଶ୍ୟପ, ରକ୍ଷ ମଧ୍ୟରେ ରାବଣ, କପି ମଧ୍ୟରେ ହନୁମାନ, ମାନବ ମଧ୍ୟରେ ଅର୍ଜ୍ଜୁନ ସଙ୍ଗୀତ ଶାସ୍ତ୍ର ପ୍ରଚାର କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସଙ୍ଗୀତ ଭାରତର ଅତି ପ୍ରାଚୀନ କାଳର ସମ୍ପତ୍ତି । ଅମରାବତୀରେ ଅମର ସଦନରେ ଅପ୍ସରାମାନେ ନୃତ୍ୟଗୀତ କରୁଥିବା କଥା ତ ଅତୀତର କାହାଣୀ । ବାଲ୍ମୀକି ରାମାୟଣ ଗାଇଥିଲେ । ଲବ କୁଶ ଅଯୋଧ୍ୟାରେ ସେହି ରାମାୟଣ ଗାଇଥିଲେ । ବୃନ୍ଦାବନରେ ଗୋପାଙ୍ଗନାମାନେ କୃଷ୍ଣଲୀଳା କୀର୍ତ୍ତନ କରିଥିଲେ । ପ୍ରତି ଯୁଗରେ ସଙ୍ଗୀତ ପ୍ରତିଷ୍ଠା ଲାଭ କରିଛି । ମୁସଲମାନମାନଙ୍କ ଭାରତାଗମନ ପରେ ଏବଂ ଆଲେକ୍‌ଜାଣ୍ଡରଙ୍କ ଭାରତାଗମନ ପରେ ନାନା ଘାତ-ପ୍ରତିଘାତ ପାଇ ସଙ୍ଗୀତ ବିଦ୍ୟା ଅବନତି ଲାଭ କରିଥିଲା । ମୁସଲମାନମାନଙ୍କ ଶାସନ ଭାରତରେ ସୁଶୃଙ୍ଖଳ ହେବା ପରେ ଆଉ ଥରେ ସଙ୍ଗୀତ ବିଦ୍ୟାର ଉନ୍ନତି ଦିଗରେ ଚେଷ୍ଟା କରା ଯାଇଥିଲା । ଗିୟାସୁଦ୍ଦିନ୍ ତୋଗଲକଙ୍କ ସମୟରେ ଗୋପାଳ ନାୟକ ସଙ୍ଗୀତ ବିଦ୍ୟାରେ ପ୍ରସିଦ୍ଧି ଲାଭ କରିଥିଲେ । ଜାହାଙ୍ଗିରଙ୍କ ସମୟରେ ଜଗନ୍ନାଥ ପ୍ରସିଦ୍ଧି ଲାଭ କରିଥିଲେ ।

ସକଳ ଦେଶର ସକଳ ମନୁଷ୍ୟ ସମାଜରେ ଗୀତ-ବାଦ୍ୟ-ନୃତ୍ୟ ଆଦିକାଳରୁ ପ୍ରଚଳିତ ଅଛି । ସଭ୍ୟ ଅସଭ୍ୟ ସକଳ ସମାଜ ମଧ୍ୟରେ ନୃତ୍ୟ ଗୀତର ପ୍ରଚଳନ ଅଛି । ଯେଉଁ ସମାଜ ଯେତେ ଉନ୍ନତ ସେ ସମାଜର ସଙ୍ଗୀତ ନୃତ୍ୟାଦି ସେତେଦୂର ବିଜ୍ଞାନସମ୍ମତ । ଭାରତରେ ସଙ୍ଗୀତ ବିଦ୍ୟା ଏପରି ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ ଯେ ତାହାର ଯେଉଁ ଶେଷ ସ୍ମୃତି ଅଛି ତାହା ସହିତ ପୃଥିବୀର ଅନେକ ସଭ୍ୟ

Digitized by srujanika@gmail.com

ଜାତିର ସଙ୍ଗୀତ ସମକକ୍ଷ ହୋଇ ପାରିବ ନାହିଁ । ସାର୍ ଉଇଲିଅମ ଜୋନ୍‌ସ୍ ସାହେବ ହିନ୍ଦୁମାନଙ୍କ ସଙ୍ଗୀତ ସହିତ ଇଉରୋପର ସଙ୍ଗୀତ ବିଦ୍ୟାର ତୁଳନା କରି କହିଛନ୍ତି ଯେ ହିନ୍ଦୁମାନଙ୍କ ସଙ୍ଗୀତବିଜ୍ଞାନ ଅଧିକ ଶୃଙ୍ଖଳାବଦ୍ଧ । ସେ ପୁନଶ୍ଚ କହିଛନ୍ତି ଯେ ହିନ୍ଦୁମାନଙ୍କ ଆବିଷ୍କୃତ ସା ରି ଗା ମା ପା ଧା ନି ସପ୍ତସ୍ୱର ଆଦର୍ଶରେ ପ୍ରଥମେ ପାରସ୍ୟରେ, ପରେ ଆରବରେ ଏବଂ ପରିଶେଷରେ ଇଉରୋପରେ ସ୍ୱରର ପ୍ରବର୍ତ୍ତନ ହୋଇଅଛି । ସାର୍ ଉଇଲିୟମ ହେନେରି ଏବଂ ଅଧ୍ୟାପକ ଓୟେବାର ବହୁ ଆଲୋଚନା ପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏକାଦଶ ଶତାବ୍ଦୀ ପ୍ରାରମ୍ଭରେ ଇଟାଲିର ଟାସ୍କାନ-ପ୍ରଦେଶରେ ଗୁଇଡ଼ୋଡ ଆରେଜୋ ଇଉରୋପରେ ସ୍ୱର ସାହିତ୍ୟ ଆରମ୍ଭ କଲେ । ଷ୍ଟ୍ରାବୋ ବହୁକାଳ ପୂର୍ବେ ଲେଖିଥିଲେ ଯେ ଗ୍ରୀସ-ଦେଶ ଭାରତରୁ ସଙ୍ଗୀତ ବିଜ୍ଞାନର ଅଧିକାଂଶ ତତ୍ତ୍ୱ ନେଇଥିଲା । ହୁଇଟନ ସାହେବ ପ୍ରାଚୀନ ଜାତିମାନଙ୍କ ସଙ୍ଗୀତ ବିଦ୍ୟା ବିଷୟରେ ଏକ ପୁସ୍ତକ ଲେଖିଅଛନ୍ତି । ସେ ପୁସ୍ତକରେ ଭାରତର ରାଗରାଗିଣୀର ଶକ୍ତି ବିଷୟ ଆଲୋଚନା କରିଛନ୍ତି । ସେହି ପ୍ରସଙ୍ଗରେ ସେ ଗୋପାଳ ନାୟକଙ୍କର ସଙ୍ଗୀତ ବିଦ୍ୟାରେ ଅଦ୍ଭୁତ ପାଣ୍ଡିତ୍ୟ ବିଷୟ ଉଲ୍ଲେଖ କରିଛନ୍ତି । ପ୍ରବାଦ ଅଛି ଗୋପାଳ ଦୀପକ ରାଗ ଆଲାପ କରିବା ପାଇଁ ଯମୁନା ଜଳରେ ଆକଣ୍ଠ ବୁଡ଼ି ଆଲାପ କରିଥିଲେ, ତଥାଚ ରକ୍ଷା ପାଇଲେ ନାହିଁ । ରାଗାନଳରେ ତାଙ୍କ ଦେହ ଭସ୍ମ ହୋଇ ଯାଇଥିଲା । ଉକ୍ତ ପୁସ୍ତକରେ ଉଲ୍ଲେଖ ଅଛି ତାନ୍‌ସେନ୍ ଦିନେ ଦିନ ଦ୍ୱିପ୍ରହରେ ବେଳେ ଶ୍ରୀରାଗ ଆଲାପ କରିଥିଲେ ଏବଂ ଯେତେଦୂର ପର୍ଯ୍ୟନ୍ତ ସେ ରାଗ ଶୁଣା ଯାଉଥିଲା ତେତେଦୂର ପର୍ଯ୍ୟନ୍ତ ଅନ୍ଧକାରାଚ୍ଛନ୍ନ ହୋଇଥିଲା । ପ୍ରବାଦ ଅଛି ସମ୍ରାଟ ଆକବର ଅନ୍ୟ ଏକ ସଙ୍ଗୀତଜ୍ଞ ବୈଜୁଙ୍କ ପରାମର୍ଶ ଅନୁସାରେ ତାନ୍‌ସେନ୍‌ଙ୍କୁ ଦୀପକ ରାଗ ଆଲାପ କରିବାକୁ ଆଦେଶ ଦେଇଥିଲେ । ବୈଜୁ ମେଘମଲ୍ଲାର ରାଗ ଆଲାପ କରିବାର ସ୍ଥିର ହେଲା । ତାନ୍‌ସେନ୍ ଦୀପକ ରାଗ ଆଲାପ କରି ପୋଡ଼ିଗଲେ ମାତ୍ର ବୈଜୁଙ୍କ ମନରେ ଈର୍ଷା ଭାବ ଥିବାରୁ ମେଘମଲ୍ଲାର ରାଗ ପୂର୍ଣ୍ଣ ମାତ୍ରାରେ ଆଲାପିତ ହୋଇ ପାରିଲା ନାହିଁ କି ମେଘ ବର୍ଷା ହୋଇ ପାରିଲା ନାହିଁ । ସମ୍ରାଟ ଏ ଘଟଣା ଦେଖି ବଡ଼ କ୍ଷୁବ୍ଧ ହୋଇଥିଲେ । ଏ କଥାମାନ ଆଜି ସ୍ୱପ୍ନ ପରି ଜଣା ଯାଉପାରେ କିମ୍ବା କବିକଳ୍ପନା ଗାଳ ଗଳ୍ପ ବୋଲି ଲୋକେ ଭାବି ପାରନ୍ତି ମାତ୍ର ଭାରତ ଯେ ଦିନେ ସଙ୍ଗୀତ ଆଲୋଚନାରେ ଜଗତରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା ଏହା କିଏ ଅସ୍ୱୀକାର କରିବ ?

ପୂର୍ବେ କହା ଯାଇଅଛି ସଙ୍ଗୀତ ଦୁଇ ପ୍ରକାର । କଣ୍ଠ ସଙ୍ଗୀତ ବିଷୟ ଉପରେ ସଂକ୍ଷେପରେ କହାଗଲା । ବର୍ତ୍ତମାନ ଯନ୍ତ୍ର ସଙ୍ଗୀତର କିଞ୍ଚିତ୍ ପରିଚୟ ଦେବା ଆବଶ୍ୟକ । ଯନ୍ତ୍ର ସଙ୍ଗୀତ ଚାରି ଶ୍ରେଣୀରେ ବିଭକ୍ତ । ଯନ୍ତ୍ର ସଙ୍ଗୀତର ଅପର ନାମ ବାଦ୍ୟ ।

ବଂଶ୍ୟାଦିକନ୍ତୁ ଶୁଷିରଂ କାଂସ୍ୟ ତାଳାଦିକଂ ଘନଂ ।

ତତଃ ବୀଣାଦିକଂ ବାଦ୍ୟମାନଦ୍ଧଂ ମୁରଜାଦିକମ୍ ।

ଯେଉଁ ଯନ୍ତ୍ରରେ ଛିଦ୍ର ଅଛି ତାକୁ ଶୁଷିର କହନ୍ତି, ଯଥାː— ଶିଙ୍ଗା, ଶଙ୍ଖ, ମୁରଳୀ ପ୍ରଭୃତି । ଘନ ଯନ୍ତ୍ର—ମନ୍ଦିରା, କରତାଳ, ଘଣ୍ଟା, ଘଣ୍ଟି ପ୍ରଭୃତି । ତାରସଂଯୁକ୍ତ ଯନ୍ତ୍ର—ବୀଣା, ଶାରଙ୍ଗ, ସୀତାର, ତାନପୁରା ଇତ୍ୟାଦି । ଚର୍ମ ନିର୍ମିତ ଯନ୍ତ୍ର ଆନଦ୍ଧ— ଢକ୍କା, ଢୋଲ, ତବଲା, ପଖାଉଜ, ମୃଦଙ୍ଗ ପ୍ରଭୃତି ।

ତାଣ୍ଡବ ଦୁଇ ପ୍ରକାର—ପେବଲି ଓ ବହୁରୂପ । ଲାସ୍ୟ ଦୁଇ ପ୍ରକାର—ଛୁରିତ ଓ ଯୌବତ । ପୁରାଣ ଇତିହାସରୁ ଜଣାଯାଏ ତ୍ରିପୁରାସୁର ବଧ ପରେ ଦେବତାମାନେ ଆନନ୍ଦରେ ନୃତ୍ୟ କଲେ । ତେତେବେଳେ ବ୍ରହ୍ମା ମୃତ୍ତିକାଦ୍ୱାରା ମୃଦଙ୍ଗ ପ୍ରସ୍ତୁତ କରିଥିଲେ । ମୃଦଙ୍ଗର ବର୍ଣ୍ଣ ରଙ୍ଗ ଦେଖାଯାଏ । ଏହା ସେହି ତ୍ରିପୁରାସୁର ବଧର ସ୍ମୃତି ଚିହ୍ନ ବୋଲି ଅନୁମିତ ହୁଏ । ମୃଦଙ୍ଗ ନାନା ପ୍ରକାର ଅଛି । ଦେବଲୋକ ମଧ୍ୟରେ ଅପ୍ସରାମାନଙ୍କ ନୃତ୍ୟ ଗୀତ ବିଷୟ ସର୍ବଜନ-ବିଦିତ । ରାମାୟଣରେ ରାବଣର ନୃତ୍ୟଶାଳାରେ ନର୍ତ୍ତକୀମାନଙ୍କ ନୃତ୍ୟ ଗୀତ ବିଷୟ ବର୍ଣ୍ଣିତ ଅଛି । ଭାଗବତରେ ନୃତ୍ୟ ବିଷୟ ଅଛି । ରାସମଞ୍ଚରେ ଗୋପୀମାନେ ନୃତ୍ୟ କରିଥିଲେ । ଅର୍ଜ୍ଜୁନ ପ୍ରସିଦ୍ଧ ନର୍ତ୍ତକ ଥିଲେ । ଅଜ୍ଞାତ ବନବାସ ବେଳେ ସେ ବିରାଟ ରାଜକନ୍ୟାଙ୍କୁ ନୃତ୍ୟ ଗୀତ ଶିକ୍ଷା ଦେଇଥିଲେ । ଗୀତ ବାଦ୍ୟ ନୃତ୍ୟ ମାନବର ଜନ୍ମସହଚର । ପ୍ରାଚୀନ ଋଷିମାନେ ନୃତ୍ୟକୁ ଦୁଇ ପ୍ରକାରେ ବିଭକ୍ତ କରିଥିଲେ:—ତାଣ୍ଡବ ଓ ଲାସ୍ୟ । ପୁରୁଷ ନୃତ୍ୟକୁ ତାଣ୍ଡବ ଓ ସ୍ତ୍ରୀ ନୃତ୍ୟକୁ ଲାସ୍ୟ କହାଯାଏ । ଏ ଦୁଇ ଭାଗର ନାନା ଉପଭାଗ ଅଛି । ତହିଁର ବିସ୍ତୃତ ବର୍ଣ୍ଣନା ସଙ୍ଗୀତ ଦାମୋଦର ଗ୍ରନ୍ଥରେ ବର୍ଣ୍ଣିତ ଅଛି । କେଉଁ ନୃତ୍ୟରେ କିପରି ଅଙ୍ଗଭଙ୍ଗୀ ଓ ଶରୀର ଚାଳନା ଆବଶ୍ୟକ ତାହା ବିଶଦ ଭାବରେ ବର୍ଣ୍ଣିତ ଅଛି । ତାଳ ମାନ ପ୍ରଭୃତି ବିଶଦ ଭାବରେ ବର୍ଣ୍ଣିତ ଅଛି । ପ୍ରାଚୀନ ଭାରତରେ ନାଟ୍ୟାଭିନୟର ଉତ୍କର୍ଷତା ଦେଖାଯାଏ । ପାଶ୍ଚାତ୍ୟ ପଣ୍ଡିତ ଜୋନ୍‌ସ୍ ସାହେବ ପ୍ରଭୃତି ଏ ବିଷୟ ସ୍ୱୀକାର କରିଅଛନ୍ତି । କାଳର ଘାତ ପ୍ରତିଘାତରେ ଅତି ପ୍ରାଚୀନ ନାଟକ ଗ୍ରନ୍ଥମାନ ଲୋପ ହୋଇ ଯାଇଅଛି । କେବଳ କାଳିଦାସ, ଭବଭୂତି, ବିଶାଖାଦତ୍ତ, ଶୁଦ୍ରକ ପ୍ରଭୃତି କବିମାନଙ୍କ ରଚିତ କେତେ ଖଣ୍ଡ ନାଟକ ଦେଖିବାକୁ ମିଳୁଛି । ଗୌତମ ବୁଦ୍ଧଙ୍କ ସମୟରେ ନାଟକାଭିନୟ ସାଧାରଣ କଥା ଥିଲା । ମୌଦ୍ଗଲ୍ୟାୟନ, କାତ୍ୟାୟନ, ଉପତିସ୍ୟ ପ୍ରଭୃତି ବୁଦ୍ଧଦେବଙ୍କ ଶିଷ୍ୟମାନେ ନାଟକା-ଭିନୟ କରୁଥିଲେ । ଏ ବିଷୟର ବିଶଦ ଆଲୋଚନା ଲାଗି ସମୟ ନାହିଁ ସୁତରାଂ ଏତିକରେ କ୍ଷାନ୍ତ ହେଲି ।

ଭାରତରେ ସଙ୍ଗୀତ ସାହିତ୍ୟ ବିଶେଷ ଉତ୍କର୍ଷତା ଲାଭ କରିଥିଲା । ଉତ୍କଳ ମଧ୍ୟ ସଙ୍ଗୀତ ଚର୍ଚ୍ଚାରେ ପଶ୍ଚାତ୍‌ପଦ ନ ଥିଲା । ଉତ୍କଳର ଅଧିକାଂଶ ସାହିତ୍ୟ ପଦ୍ୟରେ ଲେଖା ହୋଇଅଛି । ପଦ୍ୟ ସାହିତ୍ୟର ବହୁଳତା ସଙ୍ଗୀତ ବିଦ୍ୟାର ଉତ୍କର୍ଷତା ପ୍ରମାଣ କରେ । ଉତ୍କଳର ସଙ୍ଗୀତରେ ସ୍ୱାତନ୍ତ୍ର୍ୟ ଥିଲା । ଓଡ଼ିଶୀ ସଙ୍ଗୀତ ଅନ୍ୟାନ୍ୟ ପ୍ରାଦେଶିକ ସଙ୍ଗୀତଠାରୁ ସମ୍ପୂର୍ଣ୍ଣ ପୃଥକ । ଓଡ଼ିଶାର ଛନ୍ଦ ଲେଖା ପରି ଲେଖା ଅନ୍ୟତ୍ର ବିରଳ । ସଙ୍ଗୀତ ଓଡ଼ିଶାରେ ନାନା ଆକାର ପ୍ରକାରରେ ଦେଖାଯାଏ । ଶଗଡ଼ିଆ ଗୀତ, ହଳବୁଲା ଗୀତ, ପାଣିବୁହା ଗୀତ, ଚଇତଘୋଡ଼ା ଗୀତ, ପାଠୁଆ ଗୀତ, ପୁଚ୍ଚିଖେଳ ଗୀତଠାରୁ ଆରମ୍ଭ



Digitized by srujanika@gmail.com

କରି ଚଉପଦୀ, ଚଉତିଶା, ଭଜନ, ଜଣାଣ, ଛାନ୍ଦ ସଙ୍ଗୀତ ପ୍ରଭୃତି ପର୍ଯ୍ୟନ୍ତ ସକଳ ପ୍ରକାର ସଙ୍ଗୀତର ଆଲୋଚନା କଲେ ଏକ ପ୍ରକାଣ୍ଡ ପୁସ୍ତକ ହେବ । ଉତ୍କଳର ସବୁ ପୁସ୍ତକ ଏ ପର୍ଯ୍ୟନ୍ତ ପଦାକୁ ବାହାରି ନାହିଁ । କେତେ ପୁସ୍ତକ କାଳର କବଳରେ ପଡ଼ି ନଷ୍ଟ ହୋଇ ଗଲଣି । କେତେ ପୁସ୍ତକ କେଉଁ ଲୋକର ପେଡ଼ି କଣ ଭିତରେ ଅନ୍ଧକାରରେ ରହି କୀଟଦଂଷ୍ଟ ହୋଇଗଲଣି । ଉତ୍କଳରେ ବର୍ତ୍ତମାନ ଜୀବିତ ଥିବା ପୁସ୍ତକମାନଙ୍କର ଗୋଟିଏ ସୂଚୀପତ୍ର ହୋଇ-ପାରି ନାହିଁ । କେତେ ଅମୂଲ୍ୟ ସାହିତ୍ୟରତ୍ନ ଯେ ନଷ୍ଟ ହୋଇ-ଯାଉଅଛି ତାହା ପ୍ରତ୍ୟେକ ଉତ୍କଳୀୟ ଚିନ୍ତା କରିବା କର୍ତ୍ତବ୍ୟ । ଏ ସବୁ ସଂଗୃହୀତ ନ ହେବା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ଇତିହାସ ଲେଖା ଯାଇପାରିବା ଅସମ୍ଭବ । ଆଗେ ଆମ ଘରେ ଯାହା ଅଛି ତାକୁ ସାଇତି ରଖି, ତାକୁ ମୂଳଭିତ୍ତି କରି ତା ଉପରେ ଉନ୍ନତ ପ୍ରାସାଦ ଗଢ଼ । ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ପ୍ରଭୃତି କବିମାନେ ଓଡ଼ିଆ ସଙ୍ଗୀତରେ ଯେ ବୈଶିଷ୍ଟ୍ୟ ଦେଖାଇ ଯାଇଅଛନ୍ତି ତାହା କଳ୍ପନାତୀତ । ଭାରତର ଅନ୍ୟ ଯେ କୌଣସି ପ୍ରାଦେଶିକ ସଙ୍ଗୀତ-ସାହିତ୍ୟ ଆଲୋଚନା କଲେ ଦେଖାଯିବ ଓଡ଼ିଆ ସଙ୍ଗୀତ ଭାବ, ଭାଷା, ପଦଲାଳିତ୍ୟ, ରାଗରାଗିଣୀ ପ୍ରଭୃତି ବିଷୟରେ କାହାରିଠାରୁ ନ୍ୟୂନ ନୁହେଁ, ବରଂ ଅନେକ ଅଂଶରେ ଶ୍ରେଷ୍ଠତା ଲାଭ କରିବ । ମୋର ବିଶ୍ୱାସ ଭଞ୍ଜକବି ଓଡ଼ିଆ ଭାଷା ରଚନାରେ ଯେ ଶିଳ୍ପନୈପୁଣ୍ୟ ଦେଖାଇ ଯାଇଛନ୍ତି ତାହା ପୃଥିବୀରେ ଅଦ୍ୱିତୀୟ ସ୍ଥାନ ଅଧିକାର କରିବ । ମାତ୍ର ଦୁଃଖର ବିଷୟ ତାର ମହତ୍ତ୍ୱ ବାହାରେ ପ୍ରକାଶ କରିବା ପାଇଁ ଓଡ଼ିଶାରେ ଏ ପର୍ଯ୍ୟନ୍ତ କେହି ମୁଅ ମୁଣ୍ଡ ଟେକି ନାହିଁ । ଆଧୁନିକ ଶିକ୍ଷିତ ଯୁବକମାନେ ଓଡ଼ିଆ ସାହିତ୍ୟ ଅପୂର୍ଣ୍ଣାଙ୍ଗ, ଓଡ଼ିଆ ସଙ୍ଗୀତ ଅଶ୍ଳୀଳ, ଭଞ୍ଜ କବିତା ନୀରସ ଓ ସହଜ ବୋଧଗମ୍ୟ ନୁହେଁ କହି ସେ ସବୁ ପ୍ରତି ବୀତଶ୍ରଦ୍ଧ ହୋଇଥାଆନ୍ତି । ମୁଁ ଏହାଦ୍ୱାରା କାହାକୁ କଟାକ୍ଷ କରୁନାହିଁ, ମୁଁ ଏପରି ଭାବରେ କେତେ ଯୁବକଙ୍କ-ଠାରୁ ଶୁଣିଛି ବୋଲି କହୁଛି, ଆଶା କରେଁ ଏ ତ୍ରୁଟି ମାର୍ଜନୀୟ । ଏ ଭାବ ଯେତେ ବୃଦ୍ଧି ହେବ ତେତେ ଜାତୀୟ ଉନ୍ନତି ପଥରେ କଣ୍ଟକ ହେବ ଏବଂ ଏ ଭାବକୁ ଆତ୍ମହତ୍ୟା ବ୍ୟତୀତ ଅନ୍ୟ କିଛି କହାଯାଇ ନ ପାରେ । ସର୍ବଦା ନିଜତ୍ୱ ରକ୍ଷା କର, ତଦ୍ୱାରା ଆତ୍ମ-ପ୍ରତିଷ୍ଠା ଆତ୍ମୋନ୍ନତି ଲାଭ ହେବ । ଅନ୍ୟଠାରୁ ଅନୁକରଣ କଲେ ଆପଣାର ତହିଁରେ କିଛି ଗୌରବ ନାହିଁ । ଭଞ୍ଜ କବିତା ବା କବି-ସୂର୍ଯ୍ୟ କବିତାକୁ କେବଳ ଅଶ୍ଳୀଳ ଦିଗରୁ ଦେଖ ନାହିଁ । ସେ ସବୁ ଏ ଯୁଗର ଲେଖକ ନୁହନ୍ତି, ବର୍ତ୍ତମାନ ଯୁଗର ରୁଚିର ଅନୁସରଣ କରି କବିତା ଲେଖି ନାହାନ୍ତି । ମାତ୍ର ସେ ସବୁ ଲେଖା ସାହିତ୍ୟ ଦିଗରୁ, ରଚନା ଦିଗରୁ, ଭାବପ୍ରକାଶ ଦିଗରୁ, ବର୍ଣ୍ଣନାଚାତୁରୀ ଦିଗରୁ, ଶବ୍ଦଯୋଜନା ଦିଗରୁ, ଛନ୍ଦୋବନ୍ଧ ରାଗରାଗିଣୀ ପ୍ରଭୃତି ଦିଗରୁ ଏବଂ ଭାବ ରାଗ ସମନ୍ୱୟ ଦିଗରୁ ଦ୍ରଷ୍ଟବ୍ୟ । ଏ ସବୁ ଦିଗରୁ ଦେଖିଲେ ତାହା ଆମ୍ଭମାନଙ୍କ ସମ୍ମୁଖରେ ଏକ ପ୍ରକାଣ୍ଡ ଆଦର୍ଶ । ସେ ଆଦର୍ଶ ଜଗତ ସମକ୍ଷରେ ରଖାଯାଇ ପାରେ । ପ୍ରତ୍ୟେକ ଜାତିର ବୈଶିଷ୍ଟ୍ୟ ସେ ଜାତିର ଅମୂଲ୍ୟ ସମ୍ପତ୍ତି । ତଦ୍ୱାରା ଜାତି ଜଗତ୍ ସମକ୍ଷରେ ପରିଚିତ ହୋଇ ପାରିବ । ପର ଲୁଗା ପିନ୍ଧି ବାହାରକୁ ଗଲେ କିଛି ମାନ କୁଡିତ୍ୱ ଲାଭ କରି ପାରିବ ନାହିଁ । ଅଳ୍ପ ଦିନ ପୂର୍ବେ ଭାରତର (୧) ଶିଶିର ଭାଦୁଡ଼ି ଓ (୨) ଉଦୟଶଙ୍କର ଦୁଇ ଜଣ କୃତୀ ସନ୍ତାନ ପାଶ୍ଚାତ୍ୟ ଦେଶକୁ ନୃତ୍ୟ ଗୀତ ଦେଖାଇବାକୁ ଯାଇଥିଲେ । ଜଣେ ଯାବତୀୟ ପ୍ରକାର ଅନୁକରଣ କରି ନାଟକ ଦେଖାଇଲେ ମାତ୍ର ଅନ୍ୟ ଜଣକ ଭାରତୀୟ ହିନ୍ଦୁ ସଙ୍ଗୀତର ପ୍ରାଚୀନ ଜାତୀୟ ପ୍ରଥା ଅନୁସରଣ କରି ତାଙ୍କ ନୃତ୍ୟ ଦେଖାଇଲେ । ପାଶ୍ଚାତ୍ୟ ଲୋକେ ପ୍ରଥମ ବ୍ୟକ୍ତିଙ୍କ କାର୍ଯ୍ୟକୁ (ଭାଦୁଡ଼ି) ନାପସନ୍ଦ କଲେ ଏବଂ ଶେଷୋକ୍ତ ବ୍ୟକ୍ତି (ଉଦୟ ଶଙ୍କର)ଙ୍କ କାର୍ଯ୍ୟ ଦେଖି ଭୂୟସୀ ପ୍ରଶଂସା କରି ପୁରସ୍କାର ଦେଲେ । ପାଶ୍ଚାତ୍ୟବାସୀ କହିଲେ ତୁମ୍ଭର ନିଜସ୍ୱ କଣ ଅଛି ଦେଖାଅ; ତଦ୍ୱାରା ତୁମ୍ଭ ଜାତିର ମସ୍ତିଷ୍କ, ତୁମ୍ଭ ଜାତିର ବିଦ୍ୟା ବୁଦ୍ଧିର ନିଦର୍ଶନ ମିଳିବ । ଅନ୍ୟ ଜାତିର ସମ୍ପତ୍ତିକୁ ଆଣି ତୁମ୍ଭେମାନେ ଦେଖାଇ କି ଯଶ ଲାଭ କରିବ ? ଏହାର କାରଣ ସେମାନେ ପ୍ରକୃତରେ ଜାତୀୟତା ଅନୁଭବ କରି ପାରନ୍ତି ଏବଂ ଅନ୍ୟଠାରୁ ସେହି ଜାତୀୟତା ଆଶା କରନ୍ତି । ଆମ ଦେଶରେ କଥା ଅଛି 'ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ ।'

ଦୁର୍ଭାଗ୍ୟ ବଶତଃ ବର୍ତ୍ତମାନ ଗୋଟାଏ ଆତ୍ମଘାତୀ ଭାବ ଆମ୍ଭମାନଙ୍କୁ ଗ୍ରାସ କରିଅଛି—ଆମ୍ଭେମାନେ ଗୋଟାଏ ଛାନ୍ଦ ବୋଲିବାକୁ ବା ଶୁଣିବାକୁ ଲଜ୍ଜା ବୋଧକରୁଁ କିନ୍ତୁ ଗୋଟାଏ ବଙ୍ଗଳା ସଙ୍ଗୀତ କିମ୍ବା ବଙ୍ଗଳା ରାଗରେ ଓଡ଼ିଆ ସଙ୍ଗୀତ ଗାଇଲେ ନିଜକୁ ଧନ୍ୟ ମନେକରୁଁ ଏବଂ ସଙ୍ଗୀତରେ ପାରଦର୍ଶିତା ଲାଭ କରିଛୁଁ ବୋଲି ଗର୍ବ କରୁଁ । ଆଜିକାଲି ଦେଖାଯାଏ କେତେକ ବ୍ୟବସାୟୀ ନାଟକାଭିନୟଦଳ ଓଡ଼ିଆ ସଙ୍ଗୀତ ଯଦି ଗାଇବେ ତେବେ ତାର ନିଜ ରାଗରାଗିଣୀ ଛାଡ଼ି ଦେଇ ବଙ୍ଗଳା ବା ହିନ୍ଦୀ ଛାଞ୍ଚରେ ତାକୁ ଗାଇବାକୁ ସୁଖକର ମନେକରନ୍ତି ଏବଂ ତଦ୍ୱାରା ଆତ୍ମପ୍ରସାଦ ଲାଭ କରନ୍ତି । କେତେକ ଆଧୁନିକ ଶିକ୍ଷିତ ଶ୍ରୋତାମାନେ ମଧ୍ୟ ତାଙ୍କୁ ଧନ୍ୟବାଦ ଦେଇଥାନ୍ତି । ଏହା ମୁଁ ଅତିରଞ୍ଜିତ କରି କହୁନାହିଁ, ମୁଁ ଯାହା ଦେଖୁଛି ଶୁଣୁଛି ସେହି କଥା କହୁଛି । ଫଳରେ ହେଉଛି କଣ ? ଓଡ଼ିଆ ସାହିତ୍ୟ-ସଙ୍ଗୀତ ଉନ୍ନତ ହେବା ଦୂରେ ଥାଉ ତାହାର ଅସ୍ତିତ୍ୱ ଲୋପ ହେଉଅଛି । ଓଡ଼ିଶୀ ନୃତ୍ୟ ଓଡ଼ିଶୀ ରାଗରାଗିଣୀ କ୍ରମେ ଲୋପ ହୋଇ ଆସୁଅଛି । ଆଧୁନିକ ସଙ୍ଗୀତ ଲେଖକମାନେ ମଧ୍ୟ ସେହି ଦିଗରେ ଲେଖନୀ ପରିଚାଳନା କରୁଅଛନ୍ତି । ଯଦି ପ୍ରାଚୀନ ଲେଖା ଅଶ୍ଳୀଳ ଦୋଷରେ ଦୂଷିତ ବୋଲି କହୁଛ ତେବେ ଆଧୁନିକ ରୁଚି ଅନୁସାରେ ଭାବ ପ୍ରକାଶ କର ମାତ୍ର ରାଗରାଗିଣୀ ପ୍ରଭୃତି ଛାଡ଼ି ଦେଉଛ କାହିଁକି ? ଏପରି କଲେ ଆଉ କେତେ ବର୍ଷ ପରେ ଓଡ଼ିଆ ସଙ୍ଗୀତର ଅସ୍ତିତ୍ୱ ରହିବ ନାହିଁ । ଏହାଦ୍ୱାରା ଜାତିର ଉନ୍ନତି କି ଅବନତି ହେବ ତାହା ପାଠକମାନେ ଅନୁଧ୍ୟାନ କରିବା କର୍ତ୍ତବ୍ୟ । ଅନ୍ୟାନ୍ୟ ପ୍ରାଦେଶିକ ବା ବୈଦେଶିକ ସଙ୍ଗୀତ-ସାହିତ୍ୟରୁ ଭାବ ଗ୍ରହଣ କରିବାରେ କିଛି ଦୋଷ ନାହିଁ ମାତ୍ର ସେ ସବୁକୁ ନିଜସ୍ୱ କରିବାକୁ ହେବ । ଆପଣା ଜାତୀୟ ସାହିତ୍ୟର ଯେ ବିଶେଷତ୍ୱ ଅଛି ତାକୁ ରକ୍ଷାକରି ନୂତନ ସାହିତ୍ୟ ଗଢ଼ିବାରେ କିଛି ଦୋଷ ଦେଖୁ ନାହିଁ ।

ପ୍ରାଚୀନ ଉତ୍କଳରେ ସଙ୍ଗୀତ-ସାହିତ୍ୟ ଏତେ ପ୍ରସାର ଲାଭ କରିଥିଲା ଯେ ତାହାର ପ୍ରଭାବ ହାଟ ବଜାର ପୁର ପଲ୍ଲିରେ ପଡ଼ିଥିଲା । ଗଞ୍ଜାମରେ କେତେ ଯେ ଓଡ଼ିଆ ସଙ୍ଗୀତ କେଉଁଠି ପଡ଼ି ରହିଅଛି ତାହାର ଇୟତ୍ତା ନାହିଁ । କବିସୂର୍ଯ୍ୟଙ୍କ ଲେଖାର ଶତାଂଶରୁ ଏକାଂଶ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଆଉ ଜଣେ କବି ରଘୁନାଥ ରାଜଗୁରୁ ଥିଲେ, ତାଙ୍କର ଅନେକ ସଙ୍ଗୀତ ଅପ୍ରକାଶିତ ଅଛି । ତାଙ୍କ ରଚିତ ଖଣ୍ଡିଏ ଚମ୍ପୂ ସଙ୍ଗୀତ ମୋର ହସ୍ତଗତ ହୋଇଅଛି । କବିସୂର୍ଯ୍ୟଙ୍କର ଅନେକ ଅପ୍ରକାଶିତ ସଙ୍ଗୀତ ମଧ୍ୟ ହସ୍ତଗତ ହୋଇଅଛି । ରାଜଗୁରୁଙ୍କ ଚମ୍ପୂ ଅତି ସୁନ୍ଦର ଭାବରେ ଲିଖିତ । ତହିଁରୁ ପଦେ ଦିପଦ ଦୃଷ୍ଟାନ୍ତ ସ୍ୱରୂପ ଦେଉଅଛୁଁ, ପାଠକମାନେ ପାଠ କରି ଅମୃତ ଉକ୍ତିର ସାରବତ୍ତା ବୁଝି ପାରିବେ । ଏ ଚମ୍ପୂ କିଶୋରଚମ୍ପୂ ପରି କ ଠାରୁ କ୍ଷ ପର୍ଯ୍ୟନ୍ତ ୩୪ଟି ସଙ୍ଗୀତ ।

"ଖିଅଲି ନୁହେ ରେ ଖେଳଲୋଲଖଞ୍ଜନାକ୍ଷୀ ଅନା,
　ଖୁରି ନରେ ନେବ ଜୀବ ଏ ନବୀନ କୁରିଅନା । ଘୋଷା ।
ଖତି ମାଳ କଳାଭୂତ ତମାଳ ତଳେ ତା ସ୍ଥିତ,
ଖରବେଳ ସମୟରେ ପରଶ ବନ୍ଧୁ ମୋ ଯାନା । ୧ ।
ଖଞ୍ଜିଲା ପରିଏ କାମ ଭରତ ଭଣ୍ଡାର ସମ,
ଖର ଶର ଏ ନଅଳ ସ୍ମରଣ କେବେ କରନା । ୨ ।...
ଇତ୍ୟାଦି ।

ଭଞ୍ଜକବିଙ୍କର ସମସ୍ତ ଗ୍ରନ୍ଥ ପ୍ରକାଶିତ ହୋଇନାହିଁ । ସଙ୍ଗୀତ-ସାହିତ୍ୟକୁ ଉନ୍ନତ କରିବାକୁ ହେଲେ ପ୍ରାଚୀନ ସଙ୍ଗୀତ ସଂଗ୍ରହ ପ୍ରଥମ ସୋପାନ । ଉତ୍କଳ ସାହିତ୍ୟର ଉନ୍ନତି କେବଳ ସଭାସମିତି ପ୍ରସ୍ତାବ ନିର୍ଦ୍ଧାରଣ ବକ୍ତୃତାରେ ହେବ ନାହିଁ । ଉତ୍କଳ ସାହିତ୍ୟ ସମାଜ ବହୁ କାଳରୁ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଆଶାନୁରୂପ କାର୍ଯ୍ୟ ହୋଇ ପାରିନାହିଁ । ପ୍ରଥମେ ରୋଗର ନିଦାନ ସ୍ଥିର କରି ଔଷଧ ପ୍ରୟୋଗ କଲେ ଫଳ ହୁଅନ୍ତା ମାତ୍ର ତାହା ହେଉନାହିଁ । ପ୍ରାଚୀନ ଉତ୍କଳରେ ଯେତେବେଳେ କ୍ଷତ୍ରିୟ ଶକ୍ତି ପୂର୍ଣ୍ଣାଧିପତ୍ୟ ଲାଭ କରିଥିଲା ସେତେବେଳେ ଉତ୍କଳ ସର୍ବାଙ୍ଗୀନ ଉନ୍ନତିର ଶୀର୍ଷ ସ୍ଥାନ ଅଧିକାର କରିଥିଲା । କ୍ଷତ୍ରିୟ ଶକ୍ତିର ଅବସାନ ସଙ୍ଗେ ସଙ୍ଗେ ଉତ୍କଳ ସ୍ୱାଧୀନତା ହରାଇଲା ଏବଂ କ୍ରମେ କ୍ରମେ ସକଳ ପ୍ରାଚୀନ ବିଭବ ହରାଇ ବସିଲା । ବର୍ତ୍ତମାନ ଉତ୍କଳ ସବୁ ପ୍ରଦେଶ ଅପେକ୍ଷା ଅନୁନ୍ନତ ଏବଂ ଆର୍ଥିକ ଅବନତିର ଚରମ ସୀମାରେ ଅବସ୍ଥିତ ।

ଓଡ଼ିଶାରେ ସଙ୍ଗୀତ ଚର୍ଚ୍ଚା ଆଦୌ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଧାରାବାହିକ ସଙ୍ଗୀତ ଶିକ୍ଷା ପାଇଁ ଓଡ଼ିଶାରେ କୌଣସି ବ୍ୟବସ୍ଥା ନାହିଁ । ସଙ୍ଗୀତ ଚର୍ଚ୍ଚାର ଯେଉଁ ସବୁ ଅନୁଷ୍ଠାନଗୁଡ଼ିକ ଥିଲା ସେ ଗୁଡ଼ିକ ଆର୍ଥିକ ଦୁର୍ଗତି ବଶତଃ ଲୋପ ହୋଇ ଆସିଲାଣି । ଶିକ୍ଷିତ ସମାଜ ମଧ୍ୟରେ ସଙ୍ଗୀତ ଚର୍ଚ୍ଚା ନାହିଁ, ଶିକ୍ଷିତ ଯୁବକ ଗୀତ ଗାଇବାକୁ ଲଜ୍ଜା ବୋଧ କରେ । ସଙ୍ଗୀତ ଯାହା କିଛି ଦେଖିବାକୁ ମିଳେ ତାହା କେତେ ଜଣ ଅଶିକ୍ଷିତ ପଲ୍ଲିବାସୀ ବା ବ୍ୟବସାୟୀଙ୍କ ମଧ୍ୟରେ ଆବଦ୍ଧ । ତାହା ପୁଣି ଗତାନୁଗତିକ ଭାବରେ ଯେଉଁଠି ଅଛି ସେଇଠି । ଆଜିକାଲି ପ୍ରତି ଗ୍ରାମରେ ଯାତ୍ରା ଦଳ କୀର୍ତ୍ତନ ଦଳ ଦେଖାଯାଏ । କୀର୍ତ୍ତନ ସଙ୍ଗୀତ ବଙ୍ଗଳା ମିଶା ଓଡ଼ିଆ । ତାକୁ ଗାଆନ୍ତି କେଉଁମାନେ? ଅଶିକ୍ଷିତ ମଫସଲବାସୀ—ସେମାନଙ୍କ ତୁଣ୍ଡରେ ବଙ୍ଗଳା ମିଶା ଓଡ଼ିଆ ଅତି କଦାକାର ଧାରଣ କରି ଶ୍ରୁତିକଟୁ ହୋଇଥାଏ । ଯାତ୍ରା ଦଳରେ ଯେଉଁ ସବୁ ସଙ୍ଗୀତ ଶୁଣାଯାଏ ତାହା ମଧ୍ୟ ବଙ୍ଗଳା ରାଗରାଗିଣୀ ଅନୁକରଣରେ ଲିଖିତ । ଏଥିଲାଗି ମୁଁ ଲେଖକମାନଙ୍କୁ ଦୋଷ ଦେଉନାହିଁ । ସେମାନଙ୍କ ଧାରଣାକୁ ଯେତେଦୂର ଅଗ୍ରସର ସେମାନେ ତାହା କରୁଛନ୍ତି । ଗୀତାଭିନୟ ଆଜିକାଲି ଜନସାଧାରଣ ମଧ୍ୟରେ ବଡ଼ ଲୋକପ୍ରିୟ ହୋଇ ଉଠୁଛି । ଉତ୍କଳର ବର୍ତ୍ତମାନ ଅବସ୍ଥାରେ ସ୍ଥାୟୀ ରଙ୍ଗମଞ୍ଚ ଶୀଘ୍ର ଲାଭବାନ ହୋଇ ପାରିବ ନାହିଁ । ମୋ ମତରେ ଗୀତାଭିନୟଗୁଡ଼ିକ ଉନ୍ନତ ଧରଣରେ ଲେଖାହେବା ଆବଶ୍ୟକ । ନାଟକ ନୁହେ ପ୍ରାଚୀନ ସୁଆଙ୍ଗ ଯାତ୍ରା ଏହି ପରି ମାର୍ଜିତ ଧରଣରେ ଲେଖାହେବା ଆବଶ୍ୟକ । ଉତ୍କଳର ପ୍ରାଚୀନ ରାଗରାଗିଣୀର ବହୁଳ ପ୍ରଚାର ଏତଦ୍ଦ୍ୱାରା ସହଜରେ ହୋଇ ପାରିବ । ଲୋକଶିକ୍ଷା ପାଇଁ ଏହା ପ୍ରଧାନ ସୋପାନ ହେବ । ଉନ୍ନତ ଭାବ, ଉନ୍ନତ ଚରିତ୍ରଚିତ୍ରଣ, ନୀତିଶିକ୍ଷା, ଧର୍ମଶିକ୍ଷା, ଜାତୀୟ ଭାବ ପ୍ରଭୃତି ଏହି ଗୀତାଭିନୟଦ୍ୱାରା ଲୋକମାନଙ୍କୁ ଶିକ୍ଷା ଦେବାକୁ ହେବ । ଏହି ଆଦର୍ଶରେ ଗୀତାଭିନୟ ପୁସ୍ତକମାନ ରଚିତ ହେବା ଆବଶ୍ୟକ । ସଙ୍ଗୀତର ଆକର୍ଷଣୀ ଶକ୍ତି ମୋହିନୀ ଶକ୍ତି ଅଧିକ । ସଙ୍ଗୀତ ଭାବଗୁଡ଼ିକୁ ଲୋକ ହୃଦୟରେ ଯେପରି ଚଞ୍ଚଳ ଅଙ୍କିତ କରିଦିଏ ଗଦ୍ୟ ସାହିତ୍ୟ ଲୋକ ସାଧାରଣଙ୍କ ହୃଦୟକୁ ସେତେ ଆକର୍ଷଣ କରିପାରେ ନାହିଁ । କୀର୍ତ୍ତନ ସଙ୍ଗୀତ ବିଶୁଦ୍ଧ ଓଡ଼ିଆ ଭାଷାରେ ଲେଖାହେବା ଆବଶ୍ୟକ । ସଙ୍ଗୀତ ବିଦ୍ୟାଳୟ ସ୍ଥାନେ ସ୍ଥାନେ ପ୍ରତିଷ୍ଠିତ ହୋଇ ଶିକ୍ଷା ଦିଆଯିବା ଆବଶ୍ୟକ । ବର୍ତ୍ତମାନ ଯେଉଁମାନେ ସଙ୍ଗୀତ ଚର୍ଚ୍ଚା କରନ୍ତି ସେମାନେ କେବଳ ସୌଖୀନ ଭାବରେ ଅଥବା ପେଟ ପୋଷିବା ଉଦ୍ଦେଶ୍ୟରେ କରିଥାନ୍ତି । ଯେନତେନ ପ୍ରକାରେ ଗୀତ ଗଣ୍ଡାଏ ଦି ଗଣ୍ଡା ଗାଇ ଦି ପଇସା ପାଇଲେ କାମ ଶେଷ । ପୂର୍ବରେ ଝୁଲଣ ଯାତ୍ରା କେତେ-ଗୁଡ଼ିଏ ସଙ୍ଗୀତ ଅନୁଷ୍ଠାନକୁ ବଞ୍ଚାଇ ରଖିଛି । ଝୁଲଣ ଯାତ୍ରା ନ ଥିଲେ ଓଡ଼ିଆ ସଙ୍ଗୀତର ନାମ ଲୋପ ହୁଅନ୍ତାଣି । ଯନ୍ତ୍ର ଶିକ୍ଷା ତ ନାହିଁ କହିଲେ ଚଳେ । ଓଡ଼ିଶାରେ ବେହେଲା ଯନ୍ତ୍ର ବିଶେଷଭାବରେ ପ୍ରଚଳିତ ଥିଲା । ବେହେଲା ଯନ୍ତ୍ର ସାହାଯ୍ୟରେ ହସ୍ତର କୌଶଳାଦି-ଦ୍ୱାରା ଯେପରି ସୂକ୍ଷ୍ମ ସ୍ୱର ଆବୃତ୍ତି କରାଯାଇ ପାରିବ ଅନ୍ୟ କୌଣସି ଯନ୍ତ୍ରରେ ସେପରି ହୋଇ ପାରିବ ନାହିଁ । ମାତ୍ର ହାରମୋନିୟମର ବହୁଳ ପ୍ରଚଳନଦ୍ୱାରା ବେହେଲା ଶିକ୍ଷା ପ୍ରତି ଲୋକଙ୍କର ଆଗ୍ରହ ତୁଟି ଯାଇଛି । ହାରମୋନିଅମ ଶିକ୍ଷା ସହଜ, କେବଳ କେତେ ଦିନ ମାତ୍ର ଅଭ୍ୟାସରେ ଆୟତ୍ତ ହୋଇଯିବ କାରଣ ଏଥିରେ ପରଦା ବନ୍ଧା ଅଛି । କଳଯନ୍ତ୍ର ଯେତେ ବୃଦ୍ଧି ହେଉଅଛି ଲୋକମାନଙ୍କର ଶ୍ରମ ଯତ୍ନ ସେତେ କମି ହୋଇ ଯାଉଅଛି । ଏବେ ଯେଉଁ ଗୀତ ଗାଇବା ଯନ୍ତ୍ର ଘରେ ଘରେ ସ୍ଥାନ ପାଇଲା ତଦ୍ଦ୍ୱାରା କଣ୍ଠ ସଙ୍ଗୀତ ବା ଯନ୍ତ୍ର ସଙ୍ଗୀତର ବିପତ୍ତି ଉପସ୍ଥିତ ହେଲା ।

କଳଯନ୍ତ୍ରର ସଂଖ୍ୟା ଓ ପ୍ରକାର ଯେତେ ବଢୁଛି ଲୋକେ ସେତେ ପଙ୍ଗୁ ହୋଇ ଯାଉଛନ୍ତି । କଥା ଅଛି "ବିକସ୍ୟ ସର୍ଗ କଣ୍ଠୁଷ୍ଠ

ସଫରିଣାଂ ବିପତ୍ତୟେ" । ସେହିପରି ପାଶ୍ଚାତ୍ୟ ସଭ୍ୟତାର ବିକଳ କଳ-ଯନ୍ତ୍ରଦ୍ୱାରା କଣ୍ଟକ ଯେତେ ବୃଦ୍ଧି କରୁଅଛି ସଫରୀରୂପକ ମାନବର ଅଙ୍ଗପ୍ରତ୍ୟଙ୍ଗର ସେତେ ବିପତ୍ତି । ଏହିପରି ନାନା ପ୍ରକାର ଆଧିଭୌତିକ ଓ ଆଧିଦୈବିକ ବିପତ୍ତି ଅଛି, ତଥାପି ନିରାଶ ନ ହୋଇ ଆମ୍ଭମାନଙ୍କୁ ଅଗ୍ରସର ହେବାକୁ ହେବ । ଉତ୍କଳର ରାଜା ମହାରାଜାଙ୍କଠାରୁ ଆରମ୍ଭ କରି କୁଟୀରବାସୀ ପର୍ଯ୍ୟନ୍ତ ସମସ୍ତେ ଯଥାଶକ୍ତି ମନପ୍ରାଣ ଦେଇ କାର୍ଯ୍ୟ କଲେ ଜାତୀୟ ଅଭାବ ଅବିଲମ୍ବେ ଦୂର ହେବ । ଯେ କୌଣସି ଜାତୀୟ ଅଭାବ ପୂରଣ ଲାଗି ଧନ ଓ ମନ ଆବଶ୍ୟକ । ଉତ୍କଳରେ ସାଧାରଣତଃ ଦେଖାଯାଏ ଯେ ଯାହାର ଧନ ଅଛି ତାର ମନ ନାହିଁ, ଯାହାର ମନ ଅଛି ତାର ଧନ ନାହିଁ । ଧନ ମିଳିଲେ ମଧ୍ୟ ନିଷ୍ଠାପର କର୍ମୀର ଅଭାବ ଅନେକ କ୍ଷେତ୍ରରେ ଦେଖାଯାଉଅଛି । ଏହି କାରଣରୁ ଅନେକ ଅନୁଷ୍ଠାନ ଗଢ଼ା ହୋଇ ଅକାଳବିୟୋଗ ପ୍ରାପ୍ତ ହେଉଅଛି । ନବ ଉତ୍କଳର ଯୁବକମାନେ ଆମ୍ଭମାନଙ୍କ ଆଶା ଭରସାର ସ୍ଥଳ । ସେମାନେ ଆପଣାର କର୍ତ୍ତବ୍ୟ ଓ ଦାୟିତ୍ୱ ହୃଦୟଙ୍ଗମ କରି କର୍ମ-କ୍ଷେତ୍ରରେ ପ୍ରବେଶ କଲେ ଓଡ଼ିଶାର ମୁଖୋଜ୍ଜ୍ୱଳ କରି ପାରିବେ । ନିଷ୍ଠାପର ସାଧନା ଉନ୍ନତି-ଦ୍ୱାରର କୁଞ୍ଚି । ସାଧନାରେ ସିଦ୍ଧି । ମନୁଷ୍ୟ ଯାହା କରି ପାରୁଛି ତାହା ସେ ଅବଶ୍ୟ କରି ପାରିବ । ଓଡ଼ିଆ ଦୀନ ହୀନ ନୁହେ । ଓଡ଼ିଆର ଇତିହାସ ଅଛି, ପ୍ରାଚୀନ ପ୍ରତିଷ୍ଠା ଗୌରବ ଅଛି, ପ୍ରାଚୀନ ଆଦର୍ଶ ଅଛି, ସେ ସବୁ ଓଡ଼ିଆର ଆଲୋକସ୍ତମ୍ଭ । ସେହି ଆଲୋକସ୍ତମ୍ଭକୁ ଲକ୍ଷ୍ୟ କରି କାର୍ଯ୍ୟ କ୍ଷେତ୍ରରେ ଅଣ୍ଟା ଭିଡ଼ି ପ୍ରବେଶ କଲେ ଅଚିରେ ଆମ୍ଭେମାନେ ଅନ୍ୟ ଜାତିର ସମକକ୍ଷ ହୋଇ ପାରିବା । କେବଳ ପ୍ରାଚୀନ ପ୍ରତିଷ୍ଠା ଗାଇ ବୁଲିଲେ ହେବ ନାହିଁ । ତାକୁ ମୂଳ ଭିତ୍ତି କରି ଉନ୍ନତ ପ୍ରାସାଦ ନିର୍ମାଣ କରିବାକୁ ପଡ଼ିବ । ଉତ୍ଥାନ ପତନ ଜଗତର ନିୟମ । ଆଜି ଓଡ଼ିଆ ଜାତି ପଡ଼ି ଯାଇଛି ପୁଣି ଉଠିବାକୁ ହେବ । ଅକ୍ଳାନ୍ତ ପରିଶ୍ରମ, ଅଦମ୍ୟ ଉତ୍ସାହ, ଉଦ୍ୟମ, ଅପରିମିତ ସାହସ, ନୈଷ୍ଠିକ ସାଧନା ବଳରେ ମାନବ ଅସାଧ୍ୟସାଧନ କରିଅଛି । ଆମ୍ଭେ ସେହି ମାନବ ବଂଶଧର, ଆମ୍ଭେମାନେ ସେହି ସମ୍ବଳ ନେଇ ଅସାଧ୍ୟସାଧନ କରି ନ ପାରିବା କାହିଁକି ? ଉଠ, ଜାଗ୍ରତ ହୁଅ, ନିଶ୍ଚୟ ଶ୍ରେଷ୍ଠ ଆସନ ଲାଭ କରିବ ।

ଆଜି ବଡ଼ ଶୁଭ ଦିନ । ଭଞ୍ଜଭୂମି ମୟୂରଭଞ୍ଜ ପୀଠରେ ଆଜି ସାହିତ୍ୟ ସମାଜର ଅଧିବେଶନ । ପ୍ରତାପୀ ଶ୍ରୀମନ୍ ପ୍ରତାପଚନ୍ଦ୍ର ଭଞ୍ଜଦେବ ମହାରାଜାଙ୍କ ଛତ୍ର ତଳେ ଆଜି ଆମ୍ଭେମାନେ ବାଣୀପୂଜାର ଆୟୋଜନ କରିଥାଇଁ । ଏ ପବିତ୍ର ଯଜ୍ଞର ହୋତା ଶ୍ରୀଯୁକ୍ତ ଜଳନ୍ଧର ଦେବ । ସେ ମହାଶୟ ବାମଣ୍ଡା କ୍ଷତ୍ରିୟ ରାଜବଂଶସମ୍ଭୂତ ଏବଂ ଜଣେ ପ୍ରସିଦ୍ଧ ସାହିତ୍ୟିକ ଓ ଲେଖକ ଏବଂ ଉତ୍କଳରେ ସୁପରିଚିତ । ବାମଣ୍ଡା ରାଜବଂଶ ଚିରକାଳ ସାହିତ୍ୟସେବକ । ସେହି ବଂଶର କବି ବଳଭଦ୍ର ଦେବ ପ୍ରାଚୀନ ରାଗରାଗିଣୀସଂଯୁକ୍ତ ଅନେକ କାବ୍ୟ କବିତା ଉତ୍କଳ ସାହିତ୍ୟ ଭଣ୍ଡାରକୁ ଦାନ କରି ଯାଇଅଛନ୍ତି । ଯେଉଁମାନେ ବଳଭଦ୍ର ଗ୍ରନ୍ଥାବଳୀ ପଢ଼ିଥିବେ ସେମାନେ ତହିଁର ପରିଚୟ ପାଇଥିବେ । ଆଜି ସେହି ବଂଶର ଜଣେ କୃତୀ ସନ୍ତାନ ସଭାପତିର ଆସନ ଅଳଙ୍କୃତ କରିଅଛନ୍ତି । ଏ ମଣିକାଞ୍ଚନ ସଂଯୋଗରେ ସାହିତ୍ୟ ସଙ୍ଗୀତ ବହୁଳ ଲାଭବାନ ହେବ । ସାହିତ୍ୟ ସଙ୍ଗୀତ ପ୍ରତି ଉତ୍କଳୀୟ ରାଜା ମହାରାଜାମାନଙ୍କ କୃପାକଟାକ୍ଷ ଲବ ମାତ୍ର ଢାଳିଲେ ପ୍ରଭୂତ ଉନ୍ନତି ସାଧିତ ହେବ । ପ୍ରାଚୀନ କବିମାନେ ସେହି ରାଜା ମହାରାଜାଙ୍କ ସୁଶୀତଳ ବାହୁଚ୍ଛାୟା ତଳେ ସୁଖଶାନ୍ତିରେ କାଳ ଯାପନ କରି ନିଶ୍ଚିନ୍ତ ମନରେ ବାଣୀ ପୂଜା କରି ଯାଇଅଛନ୍ତି । ଭଞ୍ଜଭୂମି ମୟୂରଭଞ୍ଜ ଉତ୍କଳରେ ଆଦର୍ଶ ଗଡ଼ଜାତ ଏବଂ ଆଧୁନିକ ସଭ୍ୟତା ବିଷୟରେ ପଥପ୍ରଦର୍ଶକ । ରାଜନୀତି, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ପ୍ରତ୍ନତତ୍ତ୍ୱ, ଶାସନପ୍ରଣାଳୀ ସକଳ ବିଷୟରେ ମୟୂରଭଞ୍ଜ ଅଗ୍ରଣୀ । ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ସମୟରୁ ମୟୂରଭଞ୍ଜ ରାମରାଜ୍ୟ ବୋଲି ଖ୍ୟାତି ଲାଭ କରିଆସିଛି । ସେହି ରାମଚନ୍ଦ୍ରଙ୍କ ଦାୟାଦ ବର୍ତ୍ତମାନ ମହାରାଜାଙ୍କ ପ୍ରତାପ ଓ ଆନୁକୂଲ୍ୟ ଲାଭ କରି ସଙ୍ଗୀତ ସାହିତ୍ୟ ଯେ ଅଳ୍ପଦିନ ମଧ୍ୟରେ ହୃଷ୍ଟପୁଷ୍ଟ ବଳିଷ୍ଠ ବପୁ ଧାରଣ କରିବ ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ । *

* ବାରିପଦା ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ପଠିତ

Digitized by srujanika@gmail.com

# ପ୍ରଥମ ମୌସୁମୀ

**କାଳନ୍ଦୀଚରଣ ପାଣିଗ୍ରାହୀ**

ଉତ୍ସବର  ଉତ୍ସ କେତେ  ଉଛୁଳିଗଲା  ବନଭୂମି
ସାଗର ଗିରି  ଥରାଇ ବେଗେ
ବହିଲା ପହିଲା ମୌସୁମୀ ।
ଝିଙ୍କାରର  ଝୁମର ଶୁଭେ  ଡାକଇ ଭେକ  ଶତଶତ
ସକଳ ପଥେ  ଉଚ୍ଛୁଳଉଠେ
ସଜଳ ମାଟିର ସଙ୍ଗୀତ ।
ସକଳ ପଥେ  ମିଳନ ରାଗେ  ଉଠିଲା ନବ  ଆଲାପନ
ମରମ ତଳେ  ପୁଲକ ଜାଗେ
ତନୁରେ ଲାଗଇ କମ୍ପନ ।
ନିଦାଘ-ଜଡ଼  ବେଦନା ବହି  କାହିଁକି ବେଲ  ଅନମନା
ଚକିତେ ମମ  ଅଙ୍ଗେ ଦେଲା
ଅଙ୍ଗୁଳି କେଉଁ ଅଙ୍ଗନା !
ଶିଥିଳ ହେଲା  ଦେହର ସୀମା  ମନର ବାଧା  ଗଲା ଜଳି
ପରଶେ ତାର  ଉଠିଲା ପୂରି
ପୀରତି ପୂଜାର ଅଞ୍ଜଳି ।
ବଜ୍ର ଡାକେ  ଚମକ ଦୃଷ୍ଟି  ଦେଖିଲି ରୂପ  ଅଦଭୁତ
ଶିମୂଳପାଳ  ସୁନୀଳ ଦେହେ
ଖେଳଇ ଚପଳ ବିଦ୍ୟୁତ ।
ଶିମୂଳପାଳ  ନୀଳମା ଜିଣି  ନଇଁଛି ମେଘ  ଧରଣୀରେ
ପବନ ଯେତେ  କହୁଛି କଥା
ନ ପାରେ ଲେଖଣୀ ବର୍ଣ୍ଣିରେ !
ବାହାରେ ଯେତେ  ଶୁଣିଲି ଗୀତ  ମରମେ ତାର  ମୂରଛନା
ବାହାରେ ଯେତେ  ଦେଖିଲି ରୂପ
ଅନ୍ତରେ ତାର ଅର୍ଚ୍ଚନା ।
ରୁଦ୍ଧ ଦେହେ  ଆବେଗ ଉଠେ  ସାଗର ସମ  କଲରୋଳ
ମୁକ୍ତ ଲୋଡ଼େ  ବ୍ୟଗ୍ର ହିୟା
କାଟି ଦେଇ ଶତ ଅର୍ଗଳ ।
ଏ ଦେହେ ଯେତେ  କଠିନ ମାଟି  ହେବାକୁ ଧାଏଁ  ଧୂଳି ସରି
ଏ ଦେହ ଜଳ  ଏ ଦେହ ବାୟୁ
ଧରାରେ ଯିବାକୁ ସଞ୍ଚରି ।
ଏ ଦେହେ ଯେତେ  ଆକାଶ ମେଘ  ଆଲୋକ ଛାୟା  ବିଥିକା
ମୁକ୍ତି ମାଗେ  ମର୍ତ୍ତ୍ୟ ଶବ
ମୁକ୍ତି ମାଗଇ ମୃତ୍ତିକା !
ଇନ୍ଦ୍ରଧନୁର  ଇନ୍ଦ୍ରଜାଲ  ଭୁଲାଇ ଦେଇ,  ପଥେ ପଥେ
ଯିବାକୁ ଛୁଟି  ଲୋଡ଼ଇ ହିୟା
ଏହି ମୌସୁମୀ ସଙ୍ଗତେ ।

---

# ମୁଁ

ଶ୍ରୀ ଶଶିଭୂଷଣ ରାୟ

—୧—

ମନୁଷ୍ୟ ଦିବାରାତ୍ରି କେବଳ "ମୁଁ" "ମୁଁ" କରି ଧାଇଁ ବୁଲୁଥାଏ, କିନ୍ତୁ ଅତ୍ୟଳ୍ପ ଲୋକ ହିଁ ଏହି "ମୁଁ" ଯେ କି ବସ୍ତୁ, ଏହା ଭଲ ଦେଖନ୍ତି । ଭଲ ଦେଖନ୍ତି ନାହିଁ ବୋଲି ଏହି "ମୁଁ" କୁ ସମସ୍ତ ବିଷୟରେ ପ୍ରତିଷ୍ଠିତ କରିବାକୁ ଯାଇ ପ୍ରତ୍ୟେକ ପଦବିକ୍ଷେପରେ କେବଳ ନିଷ୍ଫଳତା ଏବଂ ନିରାଶା ଲାଭ କରିଥାନ୍ତି ।

ଯେଉଁମାନେ ଯେଉଁ ବଡ଼ ବଡ଼ ବିଷୟର ପ୍ରତିଷ୍ଠା ସକାଶେ ବ୍ୟସ୍ତ ହୋଇଥାନ୍ତି ସେମାନେ ଦେଶ ମଧ୍ୟରେ ଏହି ସମସ୍ତ ବିଷୟରେ ପ୍ରକୃତ ଶକ୍ତି ଜାଗ୍ରତ କରିବାକୁ ଅସମର୍ଥ ହୁଅନ୍ତି, କାରଣ ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକର ଏହି ଦୁରନ୍ତ "ମୁଁ" ଟିକ ମଧ୍ୟସ୍ଥଳରେ ଛିଡ଼ା ହୋଇ ସକଳ ଆୟୋଜନ ବ୍ୟର୍ଥ କରି ଦେଉଅଛି । "ନେତା" ତାହାଙ୍କର "ମୁଁ" ଟାକୁ ସମସ୍ତଙ୍କ ଉପରେ ଲଦି ଦେବା ସକାଶେ ବ୍ୟାକୁଳ ହୋଇ ଦଳାଦଳି ସୃଷ୍ଟି କରିବାରେ ବ୍ୟସ୍ତ । ସ୍ୱାଧୀନତା ନାମରେ ନୂତନ ମାନସିକ ଦାସତ୍ୱର ପ୍ରତିଷ୍ଠା ହେଉଅଛି । ଅଭି ଯେଉଁମାନଙ୍କର ନେତୃତ୍ୱର ଅଭିମାନ କିମ୍ବା ଆକାଂକ୍ଷା ନାହିଁ ସେମାନେ ମଧ୍ୟ ନିଜର "ମୁଁ" ପଦାର୍ଥ ଉପରେ ନେତାଙ୍କର "ମୁଁ" ତ୍ୱର ସ୍ପର୍ଦ୍ଧା ସହି ନ ପାରି ଦେଶର କାର୍ଯ୍ୟରେ ଉଦାସୀନ ହୋଇ ଯାଉଅଛନ୍ତି । ଏହା ଫଳରୁ ଦେଶର ଶକ୍ତି ସଂହତ ହୋଇ ପାରୁନାହିଁ ।

ଶ୍ରମିକଦଳ ଧନିକମାନଙ୍କ ସଙ୍ଗରେ ଟଣା ଓଟରାରେ ପରାସ୍ତ ହୋଇ ଦଳ ବାନ୍ଧି ଧନୀମାନଙ୍କ ହାତରୁ ନିଜର ନ୍ୟାଯ୍ୟ ପ୍ରାପ୍ୟ ଆଦାୟ ସକାଶେ ଉଦ୍ୟତ । କିନ୍ତୁ ଏଠାରେ ଏହି ଦୁରନ୍ତ "ମୁଁ" ଟିକ ସମସ୍ତ ଚେଷ୍ଟାକୁ ନଷ୍ଟ କରି ଦେଉଅଛି । ଆମ୍ଭେମାନେ ଏଠାରେ ମଧ୍ୟ ପ୍ରତ୍ୟେକ ହିଁ ନିଜର ଏହି କ୍ଷୁଦ୍ର 'ମୁଁ' ତ୍ୱର କ୍ଷୁଦ୍ର ସୁଖସ୍ୱାର୍ଥକୁ ଅପର ଦଶ ଜଣର ସୁଖସ୍ୱାର୍ଥ ଅପେକ୍ଷା ବେଶି ମୂଲ୍ୟବାନ୍ ଭାଳି ଦଶର ମୁହଁକୁ ନ ଅନାଇ କେବଳ ନିଜର ସୁଖ ଖୋଜିବାରେ ବ୍ୟସ୍ତ । ଏହା ଫଳରୁ ଆମ୍ଭମାନଙ୍କର ସଙ୍ଘ ଗଠିତ ହୋଇ ପାରୁ ନାହିଁ । ଯେ ଟିକିଏ ଅଗ୍ରସର ହେଉଅଛନ୍ତି ସେ ନିଜକୁ ବଡ଼ କରିବା ଆଶାରେ ନିଜ ଆଡ଼କୁ ସବୁ ଟାଣିନେବା ଚେଷ୍ଟାରେ ରହିଅଛନ୍ତି । ସୁତରାଂ ତାହାଙ୍କର ସ୍ୱାର୍ଥପରତା ଅପରର ସ୍ୱାର୍ଥ ବୁଦ୍ଧିକୁ ଜାଗ୍ରତ କରି-ଦେଇ ପରସ୍ପର ମଧ୍ୟରେ ଈର୍ଷା, ଦ୍ୱେଷ, ବିବାଦ ଓ କଳହପ୍ରିୟତାର ସୃଷ୍ଟି କରୁଅଛି । ଏହି କ୍ଷୁଦ୍ର "ମୁଁ" ର ଦୌରାତ୍ମ୍ୟରୁ ଦଳ ଗଠିତ ହୋଇ ପାରୁ ନାହିଁ ।

ପ୍ରାଚୀନ କାଳର ବେଦ ପୁରାଣରେ ଶୁଣୁଁ ଯେ ଋଷିମାନେ ଦେବତାଙ୍କର ପୂଜା ସକାଶେ ବିପୁଳ ଆୟୋଜନ କରୁଥିଲେ କିନ୍ତୁ ରାକ୍ଷସମାନେ ପଶିଆସି ସେମାନଙ୍କର ସେହି ସମସ୍ତ ଯଜ୍ଞ ନଷ୍ଟ କରି ଦେଉଥିଲେ । ଏ ଯୁଗରେ ଅନ୍ୟ କୌଣସି ରାକ୍ଷସ ତ ଦେଖା-ଯାଉ ନାହାନ୍ତି । ଆମ୍ଭମାନଙ୍କର ସକଳ ଯଜ୍ଞକୁ ବର୍ତ୍ତମାନ ଯୁଗରେ ଏହି "ମୁଁ" ଟିକ ପ୍ରତ୍ୟେକ ପଦବିକ୍ଷେପରେ ପଣ୍ଡ କରି ଦେଉଅଛି । ଏ ସଙ୍କଟରୁ ତ୍ରାଣ ପାଇବୁଁ କିପରି ?

—୨—

ପ୍ରାଚୀନମାନେ ରାକ୍ଷସର ଆକ୍ରମଣରୁ ନିଜର ଓ ନିଜର ଧର୍ମ-କର୍ମକୁ ରକ୍ଷା କରିବା ଚେଷ୍ଟାରେ ସର୍ବ ପ୍ରଥମରୁ ତପସ୍ୟାରେ ନିଯୁକ୍ତ ହେଉଥିଲେ । ଆମ୍ଭମାନଙ୍କୁ ସେହି ପ୍ରାଚୀନ ପଥ ଧରିବାକୁ ହେବ । ଆମ୍ଭମାନଙ୍କୁ ସଂଘବଦ୍ଧ ହୋଇ ଆତ୍ମରକ୍ଷା କରିବାକୁ ଅଥବା ସାଧନାରେ ସିଦ୍ଧିଲାଭ କରିବାକୁ ହେଲେ, ସର୍ବ ପ୍ରଥମରୁ ଏହିରୂପ ତପସ୍ୟାରେ ହିଁ ନିଯୁକ୍ତ ରହିବାକୁ ହେବ ।

ଏହି ତପସ୍ୟା କାହାକୁ କହନ୍ତି ? ତପସ୍ୟାର ନାନା ଅଙ୍ଗ । କିନ୍ତୁ ତପସ୍ୟାର ମୂଳ ବିଚାର । ବିଚାରର ଅର୍ଥ ଭଲ କରି କୌଣସି ବସ୍ତୁ ଅଥବା ବିଷୟକୁ ଘାଣ୍ଟି ଚକଟି ପରୀକ୍ଷା କରି ତାହାର ପ୍ରକୃତି କଅଣ, ତାହାର ଗତି କେଉଁ ଆଡ଼କୁ, ତାହାର ଭଲ ପାଖ ଅଥବା ମନ୍ଦ ପାଖ ପ୍ରଭୃତି ଗମ୍ଭୀର ଭାବରେ ଦେଖିବା ଏବଂ ବୁଦ୍ଧି ଦ୍ୱାରା ପରିଷ୍କାରରୂପେ ବୁଝିନେବା । ଏହା ହିଁ ତପସ୍ୟାର ମୂଳ । ବ୍ରତ-ଉପବାସ ପ୍ରଭୃତି ଏହି ମୂଳକୁ ଧରି ପ୍ରତିଷ୍ଠିତ ହୋଇଥାଏ ।

ସମସ୍ତ ତପସ୍ୟାର ହିଁ ମୂଳ ବିଷୟ ନିଜକୁ ଅର୍ଥାତ୍ ନିଜର ଏହି ଦୁରନ୍ତ "ମୁଁ" କୁ ଜୟ କରିବା । ବାହାରର ରାକ୍ଷସ ହାତରୁ ଦେବତାର ଯଜ୍ଞକୁ ରକ୍ଷା କରିବାକୁ ହେଲେହେଁ ସର୍ବ ପ୍ରଥମରୁ ଯଜମାନର ନିଜ ଭିତରର ଏହି "ମୁଁ" ରାକ୍ଷସକୁ ଜୟ କରିବା ହିଁ ଆବଶ୍ୟକ । ଏହି "ମୁଁ" କୁ ଯେ ଜୟ କରିଅଛି, ଶାସ୍ତ୍ର କହେ, ତାହାଙ୍କଦ୍ୱାରା ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏହି ତିନି ଲୋକ ଅତି ସହଜରେ ଜିତ ହିନା ?

—୩—

କିନ୍ତୁ ଏହି "ମୁଁ" ଟାକୁ ଜୟ କରିବାକୁ ହେଲେ ସର୍ବ ପ୍ରଥମରୁ ତାହା ସମ୍ବନ୍ଧରେ ସଠିକ ଜ୍ଞାନ ଲାଭ ଅତ୍ୟାବଶ୍ୟକ । ଏହି "ମୁଁ" କୁ ଜାଣିବା ହିଁ ତପସ୍ୟାର ପ୍ରଥମ ସୋପାନ । ପ୍ରାଚୀନ-ମାନେ ଆମ୍ଭମାନଙ୍କ ଦେଶରେ ଏବଂ ଅନ୍ୟାନ୍ୟ ଦେଶରେ ଏହି ହେତୁରୁ ସର୍ବଦା ମନୁଷ୍ୟକୁ ଆହ୍ୱାନ କରି କହିଅଛନ୍ତି, ନିଜକୁ ଯେବେ ପାଇବାକୁ ଇଚ୍ଛା କରିଥାଅ ଅଥବା ନିଜର ଜୀବନର ସମ୍ୟକ୍ ସାର୍ଥକତା ଲାଭରେ ଯେବେ ଇଚ୍ଛୁକ ହୋଇଥାଅ, ତେବେ ସର୍ବ ପ୍ରଥମରୁ ନିଜକୁ ଭଲକରି ଜାଣ । ଆମ୍ଭମାନଙ୍କର ପ୍ରାଚୀନ ବ୍ରହ୍ମଜ୍ଞ ଋଷିମାନେ କହିଅଛନ୍ତି ବ୍ରହ୍ମକୁ ଜାଣିବାକୁ ହେଲେ ନିଜକୁ ଜାଣ । ଯେଉଁ ବ୍ରହ୍ମକୁ ନ ଜାଣିଲେ ଜୀବର ଦୁଃଖର ଅନ୍ତ କେବେହେଁ ହୁଏନାହିଁ ଅଥବା ହୋଇ ନ ପାରେ, ଯେଉଁ ବ୍ରହ୍ମକୁ ଜାଣି ମର-ଜୀବ ଅମରତ୍ୱ ଲାଭ କରିଥାଏ, ସେହି ବ୍ରହ୍ମର ଜ୍ଞାନ

Digitized by srujanika@gmail.com

ଆତ୍ମଜ୍ଞାନ ଉପରେ ପ୍ରତିଷ୍ଠିତ । ଅନ୍ୟାନ୍ୟ ଦେଶର ଋଷି ଏବଂ ସାଧକବୃନ୍ଦ ସେହି ଏକ ହିଁ କଥା କହିଅଛନ୍ତି—"ମନୁଷ୍ୟ, ନିଜକୁ ଜାଣିବାର ଚେଷ୍ଟା କର ।" ଏହି ନିଜକୁ କିମ୍ବା "ମୁଁ" କୁ ଜାଣିବାର ମୂଳ ସୂତ୍ର ତପସ୍ୟା ।

—୪—

ତପସ୍ୟା ଅର୍ଥ ବିଚାର । ବିଚାରର ଆରମ୍ଭ—ଏହି ବସ୍ତୁଟି କଅଣ ଏହି ପ୍ରଶ୍ନରେ । ଏହି ଯେ "ମୁଁ" "ମୁଁ" କରୁଅଛୁଁ—ଏହି "ମୁଁ" ବସ୍ତୁଟା କଅଣ ? ଏହି ତପସ୍ୟାର ପ୍ରଥମ ପ୍ରଶ୍ନ ଏହି ସିନା ? ଆମ୍ଭେମାନେ ସର୍ବ ପ୍ରଥମେ "ମୁଁ" କହିଲେ ମୋଟ ଉପରେ ଏହି ଶରୀରକୁ ହିଁ ବୁଝିଥାଉଁ । ଏହି ହେତୁରୁ ଶରୀରର କୌଣସି କ୍ଳେଶ ହେଲେ କହୁଁ "ମୁଁ ବଡ଼ କଷ୍ଟ ପାଇଲି ।" ଶରୀର ଭଲ ହେଲେ କହୁଥାଉଁ "ମୁ ଭଲ ହେଲି ।" ପଣ୍ଡିତମାନେ କହିଅଛନ୍ତି ଯେ "ଏହି ଶରୀରଟା "ମୁଁ" ନୁହେ । ଶରୀରଟାକୁ "ମୁଁ" କିମ୍ବା ମୋହର ମନରେ କହିବା ହିଁ ଭ୍ରମ । ଏହି ଭ୍ରମରୁ ହିଁ ଜୀବର ଯାହା କିଛି କ୍ଳେଶ ଓ ଦୁଃଖର ଉତ୍ପତ୍ତି । ଏହି ଭ୍ରମକୁ ଆମ୍ଭମାନଙ୍କର ପ୍ରାଚୀନ ଶାସ୍ତ୍ର "ଦେହାତ୍ମଧ୍ୟାସ" କହିଅଛନ୍ତି । ଦେହରେ ଆତ୍ମାର ଅଧ୍ୟାସ—ଏହାର ନାମ ହିଁ ଦେହାତ୍ମାଧ୍ୟାସ । ଅଧ୍ୟାସର ଅର୍ଥ—ଏକ ସ୍ଥାନରେ ଯେଉଁ ବସ୍ତୁ ଦୃଷ୍ଟ ହୋଇଅଛି, ଅଥଚ ଯେଉଁଠାରେ ପ୍ରକୃତ ସେ ବସ୍ତୁ ଉପସ୍ଥିତ ନାହିଁ, ସେଠାରେ ତାହା ଅଛି ବୋଲି ଭାଳିବା । ଅରଣ୍ୟରେ ସାପ ଦେଖିଅଛି । ଘରର ପାହାଚରେ ଗୋଟିଏ ଦଉଡ଼ି ପଡ଼ିଅଛି । ପାହାଚରେ ପଡ଼ିଥିବା ଦଉଡ଼ିକୁ ସାପ ବୋଲି ଭ୍ରମ କରିବା ହିଁ ଅଧ୍ୟାସ । ଦଉଡ଼ି ସାପ ନୁହେ । ଅଥଚ ଆମ୍ଭେମାନେ ଯେତେବେଳେ ପାହାଚର ଦଉଡ଼ିକୁ ସାପ ଭାବି ଚିତ୍କାର କରିଉଠୁଁ ସେତେବେଳେ ଦଉଡ଼ିରେ ସାପ ଅଧ୍ୟାସ କରିଥାଉଁ । ସେହିରୂପ ଦେହଟି ଆତ୍ମା ନୁହେ । ଆଉ ଆମ୍ଭେମାନେ ସର୍ବଦା ଯାହାକୁ "ମୁଁ" "ମୁଁ" କହୁଁ ତାହା ହିଁ ଏହି ଆତ୍ମବସ୍ତୁ । ଅଥଚ ଆମ୍ଭେମାନେ ଏହି ଦେହରେ ହିଁ ଆତ୍ମାର ଅଧ୍ୟାସ କରି, ଏହି ଦେହଟାକୁ "ମୁଁ" କହୁଥାଉଁ । ଏହାର ନାମ ଦେହାତ୍ମାଧ୍ୟାସ । ଏହି ଦେହାତ୍ମାଧ୍ୟାସ ନଷ୍ଟ କରିବା ହିଁ ଜୀବର ମୁକ୍ତି ସାଧନାର ପ୍ରଥମ ସୋପାନ ।

—୫—

ସାଧାରଣ ଲୋକେ "ମୁଁ" କହିଲେ ଏହି ଶରୀର ଏବଂ ଶରୀରର ଇନ୍ଦ୍ରିୟାଦି ଓ ଶରୀର ମଧ୍ୟରେ ଯେଉଁ ପ୍ରାଣ ରହିଅଛି ତାହାର ସମଷ୍ଟିକୁ ବୁଝିଥାନ୍ତି । କେବଳ ଦେହଟାକୁ ଆମ୍ଭେମାନେ "ମୁଁ" କହି ନ ଥାଉଁ । ଶବକୁ ଆମ୍ଭେମାନେ "ମୁଁ" କହୁ ନାହିଁ । ଦେହରେ ଯେଉଁ ପର୍ଯ୍ୟନ୍ତ ପ୍ରାଣ ରହିଥାଏ, ସେହି ପର୍ଯ୍ୟନ୍ତ ଆମ୍ଭେମାନେ ତାହାକୁ "ମୁଁ" ଏବଂ "ମୋହୋର" କହି ଥାଉଁ । ଦେହ-ଇନ୍ଦ୍ରିୟ-ମନ-ବୁଦ୍ଧିସମ୍ବଳିତ ଯେଉଁ ସମଗ୍ର ବସ୍ତୁଟି ନେଇ ଆମ୍ଭେମାନେ ଏହି ସଂସାରରେ ବୁଲାଚଲା କରୁଁ, ଯାହାଦ୍ୱାରା ଆମ୍ଭେମାନେ ସୁଖ ଦୁଃଖର ଭାଗୀ ହୋଇଥାଉଁ, ଯାହାର ପ୍ରେରଣାରେ ଆମ୍ଭେମାନେ ବିଷୟ ଭୋଗ କରିଥାଉଁ, ଯାହାର ଆଶ୍ରୟରେ ଆମ୍ଭମାନଙ୍କର ସ୍ନେହ-ପ୍ରେମ-ଦୟା-ଦାକ୍ଷିଣ୍ୟାଦିର ପ୍ରକାଶ ହୋଇଥାଏ, ଏହି ଜଟିଳ ବସ୍ତୁକୁ ସାଧାରଣ ଲୋକେ "ମୁଁ" କହିଥାଆନ୍ତି ।

ଏହି ପ୍ରଶ୍ନର ଆଲୋଚନା କରିବାକୁ ଗଲେ ପ୍ରଥମରୁ ଦେଖୁଁ ଏହି "ମୁଁ" ଟି ଦେହ ହେଉ ନ ହେଉ, ଦେହ ଛଡ଼ା ନୁହେ । ସୁତରାଂ ଯେତେ ଦିନ ଯାଏ ଆମ୍ଭମାନଙ୍କର ଦେହ ଏବଂ ଆତ୍ମା ଏରୂପ ଭାବରେ ଜଡ଼ିତ ହୋଇ ରହିଅଛି, ସେ ପର୍ଯ୍ୟନ୍ତ ଦେହଟିକୁ ଏକାନ୍ତ ଭାବରେ ଉପେକ୍ଷା କରି "ମୁଁ" ବସ୍ତୁ ଯେ କଅଣ, ଏହାର ବିଚାର ସମ୍ଭବ ହେବନାହିଁ ।

ଏହି ଦେହଟାକୁ ଯେତେବେଳେ ଘଣ୍ଟାଘେଣ୍ଟା କରି ଦେଖିବାକୁ ଯାଉଁ ସେତେବେଳେ ଦେଖୁଁ ଏହି ଦେହ ସହିତ ସମସ୍ତ ବ୍ରହ୍ମାଣ୍ଡର ଗୋଟିଏ ଅତି ଘନିଷ୍ଠ ସମ୍ବନ୍ଧ ରହିଅଛି । ଏହି ଦେହର ମୂଳ ଉପାଦାନ ଜଡ଼ । ଏହି ହେତୁରୁ ଏହି ଦେହ ସଙ୍ଗରେ ଏହି ଜଡ଼ ଜଗତର ସମାନ ଧର୍ମ ରହିଅଛି । ଜଡ଼ର ଗୁଣ ମୋଟ ଉପରେ ଏହି ଦେହରେ ରହିଅଛି । ଜଡ଼ ସହିତ ଏହି ଦେହ ଛନ୍ଦାଛନ୍ଦି ହୋଇ ରହିଅଛି । ଆମ୍ଭମାନଙ୍କର ପ୍ରାଚୀନମାନେ ଯାବତୀୟ ଜଡ଼ ପଦାର୍ଥର ବିଶ୍ଳେଷଣ କରି ଦେଖିଥିଲେ ଯେ ସକଳ ଜଡ଼ ପଦାର୍ଥ ମଧ୍ୟରେ ହିଁ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ—ଏହି ପଞ୍ଚ ଗୁଣ ରହିଅଛି । ଏହି ଜଡ଼ ଜଗତକୁ ଏହି ହେତୁରୁ ସେମାନେ ଶବ୍ଦ-ସ୍ପର୍ଶ-ରୂପ-ରସ-ଗନ୍ଧ-ମୟ କହିଅଛନ୍ତି । ଏହା ଉତ୍ତାରୁ ସେମାନେ ଆହୁରି ବିଶ୍ଳେଷଣ କରି କହିଅଛନ୍ତି ଯେ ଆକାଶର ସାଧାରଣ ଧର୍ମ—ଶବ୍ଦ । ବାୟୁର ସାଧାରଣ ଧର୍ମ—ସ୍ପର୍ଶ । ତେଜ କିମ୍ବା ଆଲୋକର ସାଧାରଣ ଧର୍ମ—ରୂପ । ଜଳର ସାଧାରଣ ଧର୍ମ—ରସ । ମାଟିର ଅଥବା ପୃଥିବୀର ସାଧାରଣ ଧର୍ମ—ଗନ୍ଧ । ଏହିରୂପେ ସେମାନେ ଯାବତୀୟ ଜଡ଼ ପଦାର୍ଥର ଗନ୍ଧ, ରସ, ରୂପ, ସ୍ପର୍ଶ ଓ ଶବ୍ଦ ଏହି ପାଞ୍ଚ ଗୋଟି ସାଧାରଣ ଗୁଣର ଅଥବା ଧର୍ମର ଆଶ୍ରୟରୂପେ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଏହି ପଞ୍ଚ ମହାଭୂତର ପ୍ରତିଷ୍ଠା କରିଅଛନ୍ତି । ଏହି ହେତୁରୁ ଆମ୍ଭମାନଙ୍କର ଦେହଟା ଜଡ଼ ବସ୍ତୁ ବୋଲି ଏହା ଏହି ପଞ୍ଚଭୂତର ଆଶ୍ରୟରେ ରହିଅଛି । ଆମ୍ଭମାନଙ୍କର ଯେଉଁ ପାଞ୍ଚ ଗୋଟି ଜ୍ଞାନେନ୍ଦ୍ରିୟ ଅଛି, ସେହି ପାଞ୍ଚ ଇନ୍ଦ୍ରିୟ ଏହି ପଞ୍ଚ ମହାଭୂତକୁ ଆଶ୍ରୟ କରି ପ୍ରକାଶିତ ହୋଇଥାଏ ।

—୬—

ଏହି କଥାଟିକି ଯେତେବେଳେ ଭଲ ଦେଖେଁ ସେତେବେଳେ ମୋହୋର ଏହି ଶରୀର ସଙ୍ଗରେ ସମସ୍ତ ବିଶ୍ୱର କି ଘନିଷ୍ଠ ଯୋଗ ରହିଅଛି ଏହା ପ୍ରତ୍ୟକ୍ଷ କରି ନିଜକୁ ବିଶ୍ୱମୟ ପରିବ୍ୟାପ୍ତ ବୋଲି ଦେଖୁଥାଏଁ । ଏହି ଚକ୍ଷୁ ସହିତ ବିଶ୍ୱର ବିଶାଳ ଆଲୋକସାଗରର ଯୋଗ; ଏହି କର୍ଣ୍ଣ ସହିତ ବିଶ୍ୱର ଅନନ୍ତ ଆକାଶର ଯୋଗ; ଏହି ତ୍ୱକ୍ ସହିତ ବିଶ୍ୱର ବିଶାଳ ବାୟୁସାଗରର ଯୋଗ; ଏହି ଜିହ୍ୱା ସହିତ ବିଶ୍ୱର ବିଶାଳ ରସସମୁଦ୍ରର ଯୋଗ ; ଏହି ମହାଯୋଗରେ ନିମଗ୍ନ ହୋଇ ମୋହୋର ଏହି ଦେହର ଇନ୍ଦ୍ରିୟ ସକଳର ଆଶ୍ରୟରେ ହିଁ ମୁ ଅସୀମ ବ୍ରହ୍ମାଣ୍ଡରେ ଲୀନ ହୋଇଯାଏଁ ।

Digitized by srujanika@gmail.com

କେବଳ ଏତିକି ନୁହେଁ । ଯେଉଁ ଅସୀମ ସାଗରରେ ମୋହୋର ଚକ୍ଷୁ ବୁଡ଼ି ରହି ଖେଳି ନିଜର ସାର୍ଥକତା ଲାଭ କରୁଅଛି ସେହି ଅସୀମ ଆଲୋକସାଗରରେ ହିଁ ବିଶ୍ୱର ଯାବତୀୟ ଚକ୍ଷୁଷ୍ମାନ୍ ଜୀବର ଚକ୍ଷୁ ବୁଡ଼ି ରହି ଖେଳି ନିଜର ସାର୍ଥକତା ଲାଭ କରୁଅଛି । ଏହି ଆଲୋକ ମଧ୍ୟରେ ସେମାନଙ୍କ ସମସ୍ତଙ୍କ ସହିତ ମୁଁ ଯୁକ୍ତ ହୋଇ ରହିଅଛି । ବ୍ରହ୍ମାଣ୍ଡର ଯେଉଁଠାରେ ଯେଉଁ ଜୀବ ରହିଅଛି ତାହା ସହିତ ମୋହୋର ଗୋଟିଏ ଅଚ୍ଛେଦ୍ୟ ଅବିରଳ ଯୋଗ ରହିଅଛି; ଏ ଯୋଗ କାଟି ଦେବାକୁ ହେଲେ ମୋତେ ବିଶ୍ୱବ୍ରହ୍ମାଣ୍ଡ ସଙ୍ଗରୁ ସକଳ ସମ୍ବନ୍ଧ କାଟି ଦେବାକୁ ହେବ । ତାହାହେଲେ ମୁଁ ଯେଉଁ ସମସ୍ତ ବସ୍ତୁ ଓ ବିଷୟ ନେଇ 'ମୋହୋର' 'ମୋହୋର' କରି ଧାଇଁ ବୁଲୁଥାଏଁ, ସେଥିରୁ ଗୋଟିଏ ସୁଦ୍ଧା ଯେ ମୋହୋର ଆଉ ରହିବ ନାହିଁ !

ଏହି ସମସ୍ତ ସୁଖସାଧକ ଇନ୍ଦ୍ରିୟର କଥା ଯେତେବେଳେ ଭାବେଁ, ସେତେବେଳେ ବୁଝେଁ ନାହିଁ ଚକ୍ଷୁ ସକାଶେ ଆଲୋକର କିମ୍ବା ଆଲୋକ ସକାଶେ ଚକ୍ଷୁର ସୃଷ୍ଟି ହୋଇଅଛି । କାନ ସକାଶେ ଆକାଶର କିମ୍ବା ଆକାଶ ସକାଶେ କାନର ସୃଷ୍ଟି ହୋଇଅଛି । ଏହି ସମସ୍ତ ଇନ୍ଦ୍ରିୟ ସକାଶେ ଏହି ବିଶାଳ ବିଷୟ-ଜଗତର ସୃଷ୍ଟି ହୋଇଅଛି କିମ୍ବା ଏହି ବିଶାଳ ବିଚିତ୍ର ବିଷୟ-ଜଗତ ସକାଶେ ହିଁ ଇନ୍ଦ୍ରିୟଗ୍ରାମର ସୃଷ୍ଟି ହୋଇଅଛି । ଆଲୋକ ନ ହେଲେ ଚକ୍ଷୁ ଅନ୍ଧ, ତାହାର ସାର୍ଥକତା ନ ଥାଏ । ପୁଣି ଚକ୍ଷୁ ନ ଥିଲେ ଆଲୋକର ପ୍ରାମାଣ୍ୟ ପ୍ରତିଷ୍ଠିତ କିଏ କରନ୍ତା ? ଆଲୋକର ସାର୍ଥକତା ଅବା ରହନ୍ତା କଅଣ ? ସେହିପରି କର୍ଣ୍ଣ ସହିତ ଆକାଶର, ତ୍ୱକ୍ ସହିତ ବାୟୁସାଗରର, ଜିହ୍ୱା ସହିତ ରସସମୁଦ୍ରର ଯୋଗ ଅଚ୍ଛେଦ୍ୟ ଓ ନିରବଚ୍ଛିନ୍ନ; ଏକର ଅଭାବରେ ଅନ୍ୟର ପ୍ରତିଷ୍ଠା ନ ଥାଏ । ଏହି ପଞ୍ଚମହାଭୂତ ନ ହେଲେ ମୁଁ ଯାହାକୁ "ମୁଁ" "ମୁଁ" କହେଁ ସେହି ଦେହର ଓ ଦେହର ଆଶ୍ରିତ ଇନ୍ଦ୍ରିୟ ଗ୍ରାମର ସ୍ଥିତି ଓ ପ୍ରକାଶ ଅସମ୍ଭବ ହେବ । ଏ କଥାଟିକି ଭାବିଲେ ମୁଁ ମୋହୋର ନିଜକୁ ବିଶ୍ୱବ୍ରହ୍ମାଣ୍ଡରୁ ପୃଥକ୍ କରି ପାରିବି କି ? ଏହି କଥାଟିକି ଯେତେବେଳେ ଧ୍ୟାନ କରେଁ ସେତେବେଳେ ଦେଖେଁ ବିଶ୍ୱ ସଙ୍ଗରେ ମୋହୋର ସ୍ଥିତି, ବିୟୋଗରେ ମୋହୋର ବିନାଶ । ତଥାପି କବିଙ୍କ ସହିତ ସମସ୍ୱରରେ ଆବୃତ୍ତି କରିବାକୁ ଇଚ୍ଛା ହୁଏ:—

"ଅହମିକା-ବାୟୁ-ଗ୍ରସ୍ତ ହୋଇ ବ୍ୟସ୍ତେ
ମୁଁ ମୁଁ କରି, ଆହା ! ମରନ୍ତି ସମସ୍ତେ ।"

## ସାହିତ୍ୟରେ କ୍ଷୁଦ୍ର ଗଳ୍ପ *

ଶ୍ରୀ ରାମକୃଷ୍ଣ ନନ୍ଦ

### ସାହିତ୍ୟରେ କ୍ଷୁଦ୍ର ଗଳ୍ପର ଆବଶ୍ୟକତା

ନାଟକ, ଉପନ୍ୟାସ, କାବ୍ୟ କବିତାଠାରୁ କ୍ଷୁଦ୍ର ଗଳ୍ପର ସ୍ଥାନ ସାହିତ୍ୟ କ୍ଷେତ୍ରରେ କୌଣସି ଅଂଶରେ ନ୍ୟୂନ ନୁହେଁ । ବରଂ ଆଧୁନିକ ସାହିତ୍ୟରେ ଏହା ସାହିତ୍ୟିକ କଳାର ଏକ ବିଶିଷ୍ଟ ଆଦର୍ଶରୂପେ ପରିଗଣିତ ହେଉଅଛି । ତାହାର କାରଣ ଆଧୁନିକ ଯୁଗର କର୍ମପ୍ରବଣତା । ବର୍ତ୍ତମାନ ସଭ୍ୟ ସମାଜ କୌଣସିଠାରେ ନିଶ୍ଚେଷ୍ଟ ହୋଇ ବସି ରହିବାକୁ ଚାହେଁ ନାହିଁ । କର୍ମ ହିଁ ଏ ଯୁଗରେ ଉନ୍ନତିର ମାପକାଠି, ତେଣୁ ସମସ୍ତେ କର୍ମତତ୍ପର ହେବାକୁ ଚାହାନ୍ତି । ସେଥିପାଇଁ ସାହିତ୍ୟାମୋଦୀମାନେ ମଧ୍ୟ ଏ ଦିଗରେ କୃପଣ ହେଲେଣି । ଖଣ୍ଡେ ମାସିକ ପତ୍ର ଧରିଲେ ଏକା ନିଶ୍ୱାସକେ ଯଦି ପଢ଼ି ନ ହେଲା, ତେବେ ଆଉ ଅବଶିଷ୍ଟ ଅଂଶଟା ପଢ଼ିବା ପାଇଁ ଅବସର ମିଳିବ କି ନାହିଁ ସନ୍ଦେହ । ଏହିଟା କ୍ଷୁଦ୍ର ଗଳ୍ପର ଅଭିବୃଦ୍ଧି ପକ୍ଷରେ ବିଶେଷ ସାହାଯ୍ୟ କରୁଅଛି । ସମସ୍ତେ ପ୍ରାୟ ମାସିକ ପତ୍ର ଖଣ୍ଡିଏ ପାଇଲେ ଖୋଜନ୍ତି ସମ୍ପୂର୍ଣ୍ଣ ଗଳ୍ପଟିଏ । ଅର୍ଥାତ୍ ଯେଉଁ ଗଳ୍ପ ଗୋଟିଏ ସଂଖ୍ୟାରେ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇଅଛି, ତାହାକୁ ହିଁ ଉପଭୋଗ କରନ୍ତି—ବୈଶାଖ ସଂଖ୍ୟାରେ ପ୍ରଥମାର୍ଦ୍ଧ ପଢ଼ି, ଉପସଂହାରଟା ଜାଣିବା ପାଇଁ ଜ୍ୟେଷ୍ଠ ସଂଖ୍ୟାକୁ ଅପେକ୍ଷା କରିବାର ଧୈର୍ଯ୍ୟ ଆମ୍ଭମାନଙ୍କର ନାହିଁ । ପୁଣି ଗଳ୍ପ ମଧ୍ୟରେ ଯେଉଁଟା ଯେତେ କ୍ଷୁଦ୍ର, ସେଇଟା ପ୍ରଥମେ ପଢ଼ିବାକୁ ମନ ହୁଏ । କାରଣ ଏଠାରେ ମଧ୍ୟ ସେହି ଅର୍ଥନୀତିର ଜୁଲମ୍—**Maximum satisfaction with minimum expense**—ଅଳ୍ପ ସମୟ ଏବଂ ଅଳ୍ପ ଶକ୍ତି ବ୍ୟୟରେ ଯାହା ଉପଭୋଗ୍ୟ ତାହା ସର୍ବାଦୌ କରଣୀୟ । ଏହି ନୀତିରେ କ୍ଷୁଦ୍ର ଗଳ୍ପର ସୃଷ୍ଟି ଏବଂ ପୁଷ୍ଟି ।

### କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ

ଏହାବୋଲି ଉପନ୍ୟାସ ସଙ୍ଗେ କ୍ଷୁଦ୍ର ଗଳ୍ପର ବିରୋଧ କେବେ ହୋଇ ନାହିଁ—ହେବ ବି ନାହିଁ । ଉପନ୍ୟାସ ଯେଉଁ କ୍ଷେତ୍ରରେ ଯେଉଁ କାର୍ଯ୍ୟ କରିବ, କ୍ଷୁଦ୍ର ଗଳ୍ପ ସେ କାର୍ଯ୍ୟ କରି ପାରିବ ନାହିଁ । ଅବଶ୍ୟ କ୍ଷୁଦ୍ର ଗଳ୍ପ ଏକ ପ୍ରକାର ସଂକ୍ଷିପ୍ତ ଉପନ୍ୟାସ—ତେବେ ସୁଦ୍ଧା ଏହା ଉପନ୍ୟାସ ନୁହେଁ । ଗୋଟା ଭାରତବର୍ଷ ବୁଲିବା ଓ କେବଳ କଲିକତା ବା ବମ୍ବେଇ ସହର ବୁଲି ଆସିବା ଏକ କଥା ନୁହେଁ ।

* ବାରିପଦା ସାହିତ୍ୟ ସମାଜର ଅଧିବେଶନରେ ପଠିତ

Digitized by srujanika@gmail.com

ଅବଶ୍ୟ ଦୁଇଟାର ଉଦ୍ଦେଶ୍ୟ ଏକ, କିନ୍ତୁ ଫଳ ଏକ ନୁହେ । ଭାରତବର୍ଷ ସବୁ ଦିନେ ରହିଛି, କଲିକତା ମଧ୍ୟ ସବୁ ଦିନେ ରହିଥିବ । ଯେଉଁମାନେ ଭାରତ ସାରା ଭ୍ରମଣ କରିବାକୁ ଇଚ୍ଛା କରନ୍ତି ସେମାନେ ତାହା କରିବେ । ଭାରତ ବ୍ୟାପୀ ଭ୍ରମଣର ଅଭିଜ୍ଞତା ସେମାନେ କଲିକତା ନଗରୀରେ ପାଇବେ କାହିଁ ? ସୁତରାଂ ଏଭଳି ଲୋକ କ୍ଷୁଦ୍ର ଗଳ୍ପରେ ସନ୍ତୁଷ୍ଟ ହୋଇ ପାରିବେ ନାହିଁ । ଉପନ୍ୟାସରେ ଯେତେ ବିଶଦ ଭାବରେ ଚରିତ୍ର ଚିତ୍ରଣ, ପ୍ରକୃତି ବର୍ଣ୍ଣନ ଓ ଲେଖକର ଉଦ୍ଦେଶ୍ୟ ପରିସ୍ଫୁଟ ହୋଇପାରେ କ୍ଷୁଦ୍ର ଗଳ୍ପରେ ତାହା ମୋଟେ ହୋଇ ପାରିବ ନାହିଁ । ଏଥିଯୋଗୁଁ କ୍ଷୁଦ୍ର ଗଳ୍ପର ପ୍ରସାର ସଙ୍ଗେ ସଙ୍ଗେ ଉପନ୍ୟାସର ଆଦର ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । କ୍ଷୁଦ୍ର ଗଳ୍ପ ଦିନେ ଯେ ଉପନ୍ୟାସକୁ ସାହିତ୍ୟ କ୍ଷେତ୍ରରୁ ବହିଷ୍କାର କରି ଦେବ ଏପରି ଆଶଙ୍କା କରିବା ବୃଥା ।

## କ୍ଷୁଦ୍ର ଗଳ୍ପର ଉତ୍ପତ୍ତି

କ୍ଷୁଦ୍ର ଗଳ୍ପ ସମ୍ବନ୍ଧରେ ଆଲୋଚନା କରିବାକୁ ଗଲାବେଳେ ଆମ୍ଭମାନଙ୍କ ମନରେ ଏହାର ପ୍ରାଥମିକ ସ୍ୱରୂପ ସମ୍ବନ୍ଧରେ ସ୍ୱତଃ କୌତୂହଳ ଜାତ ହୁଏ । ଆମ ଦେଶରେ ଅନେକ ଗୁଡ଼ିଏ କାହାଣୀ ପ୍ରଚଳିତ ଅଛି—ରାଜାପୁଅ, ମନ୍ତ୍ରୀପୁଅ, ଅସୁର ଅସୁରୁଣୀ କଥାଠାରୁ ଆରମ୍ଭ କରି କାପେଡାପୁତ ଓ କଲ୍ୟାଣୀବେଣ୍ଟ କଥା ପର୍ଯ୍ୟନ୍ତ ଶତାଧିକ ଗଳ୍ପ ଆମ୍ଭେମାନେ ଜେଜେବାପା ଜେଜେମାଙ୍କ ମୁଖରୁ ଶୁଣିବାକୁ ପାଉଁ । ଏ ସବୁକୁ ମଧ୍ୟ କ୍ଷୁଦ୍ର ଗଳ୍ପ ଆଖ୍ୟା ଦିଆ ଯାଇ-ପାରେ । ତେବେ ଆଧୁନିକ କ୍ଷୁଦ୍ର ଗଳ୍ପ ଓ ଏ ସବୁ ଗଳ୍ପ ମଧ୍ୟରେ ପ୍ରଭେଦ ଏତିକି ଯେ, ଆଧୁନିକ ଗଳ୍ପ ସବୁ ବାସ୍ତବ ସାମାଜିକ ଜୀବନର ଅବିକଳ ପ୍ରତିଛବି । ସେଥିରେ ଅସୁର ଅସୁରୁଣୀ କିମ୍ବା ମନପବନ ଡଙ୍ଗାର ସ୍ଥାନ ନାହିଁ । ପକ୍ଷୀରାଜ ଘୋଡ଼ା ପରିବର୍ତ୍ତେ ଟ୍ରାମ, ମଟର ଓ ବ୍ୟୋମଯାନ । ତାପରେ ଆଉ ଗୋଟିଏ ଅଧିକା ଜିନିଷ ହେଉଛି ପ୍ରକୃତି । ମନୁଷ୍ୟ ଯେଉଁଠାରେ ଯାହା କରୁଛି, ପ୍ରକୃତି ବା **nature** ସେଠାରେ ନିଶ୍ଚୟ କୌଣସି ରୂପରେ ତାର କାର୍ଯ୍ୟକଳାପର ପୃଷ୍ଠପଟ ବା **Background** ରୂପରେ ବିଦ୍ୟମାନ ଅଛି । ସାହିତ୍ୟ ଏକ ଉତ୍କୃଷ୍ଟ ଧରଣର ଶିଳ୍ପ । ଏଥିରେ ମଧ୍ୟ କଳଯନ୍ତ୍ର କ୍ୟାମେରା ପରି ମନୁଷ୍ୟ ସଙ୍ଗେ ସଙ୍ଗେ ତାହାର ପାରିପାର୍ଶ୍ୱିକର ଛାୟା ପଡ଼ିଥାଏ । ତାହା ନ ହେଲେ ସାହିତ୍ୟ କଳା ନୁହେ—ଇତିହାସ । ବ୍ରୁସ୍ ଓ ବୁଢ଼ୀଆଣୀ ଗଳ୍ପ, ଯାହାକୁ ଇଂରେଜୀରେ **anecdote** କହା-ଯାଏ, ତାହା ମଧ୍ୟ କ୍ଷୁଦ୍ର ଗଳ୍ପଠାରୁ ଏହି ଗୁଣରେ ନିକୃଷ୍ଟ ।

କ୍ଷୁଦ୍ର ଗଳ୍ପରେ ଉପନ୍ୟାସ ପରି ବହୁତ କଥା ଆଲୋଚିତ ହୋଇ ନ ପାରିଲେ ସୁଦ୍ଧା ଏହା **anecdote** ନୁହେ । ସର୍ ଫିଲିପ୍ ସିଡ୍‌ନି ସୈନିକକୁ ଜଳ ଦେଇ ନିଜର ପ୍ରାଣ ତ୍ୟାଗ କଲେ, ଈଶ୍ୱରଚନ୍ଦ୍ର ନିଜର ପହଁରି ନଦୀ ପାର ହୋଇ ମାତୃଚରଣ ବନ୍ଦନା କରିଥିଲେ ଏ ସବୁକୁ କ୍ଷୁଦ୍ର ଗଳ୍ପ ଶ୍ରେଣୀରେ ନିଆଗଲେ ଠିକ୍ ହେବ ନାହିଁ । କାରଣ ଉପନ୍ୟାସ ପରି କ୍ଷୁଦ୍ର ଗଳ୍ପ ମଧ୍ୟ କଳ୍ପନାସମ୍ଭୂତ—ଅଳୀକ । ତେବେ ବିଶେଷତ୍ୱ ଏହି ଯେ ସେହି ଅଳୀକ କଳ୍ପିତ ଗଳ୍ପରେ ବାସ୍ତବତାର ଛାୟା ପୂରି ରହିଛି । ସେଥି-ପାଇଁ ଅସୁର ଅସୁରୁଣୀ ଗଳ୍ପ ଆମ୍ଭମାନଙ୍କ ମନରେ ଯେପରି ଅସ୍ଥାୟୀ ପ୍ରଭାବ ବିସ୍ତାର କରେ, କ୍ଷୁଦ୍ର ଗଳ୍ପର ପ୍ରଭାବ ସେପରି ଅସ୍ଥାୟୀ ନ ହୋଇ ସ୍ଥାୟୀ ହୋଇଥାଏ ।

## ଆକାର

ଗୋଟିଏ ଗୋଟିଏ କ୍ଷୁଦ୍ର ଗଳ୍ପରେ ଏକ ମୁହୂର୍ତ୍ତିର ବିବରଣୀ ଯେପରି ରହିପାରେ, ଜଣେ ଲୋକର ସାରା ଜୀବନର ଆଦ୍ୟ ପ୍ରାନ୍ତ ମଧ୍ୟ ବର୍ଣ୍ଣିତ ହୋଇପାରେ । ଇଂରାଜୀରେ **W. Irving** ଙ୍କର ପ୍ରସିଦ୍ଧ ଗଳ୍ପ **Rip Van Winkle** ପ୍ରାୟ ସମସ୍ତେ ପଢ଼ିଥିବେ । ସେଥିରେ ଗଳ୍ପ ମଝିରେ କୋଡ଼ିଏ ବର୍ଷର ଗୋଟିଏ ଦୀର୍ଘ ବ୍ୟବଧାନ ରହିଅଛି । ସେ କୋଡ଼ିଏ ବର୍ଷରେ କିଛି ଘଟନା ଯେ ଘଟି ନ ଥିଲା ତାହା ନୁହେ । କିନ୍ତୁ କ୍ଷୁଦ୍ର ଗଳ୍ପର କ୍ଷୁଦ୍ର ପରିସର ମଧ୍ୟରେ ଲେଖକ ତାହାକୁ ପ୍ରବେଶ କରାଇ ଦେଇ ନାହାନ୍ତି । ଯେଉଁ ଉଦ୍ଦେଶ୍ୟ ନେଇ ଲେଖକ ଗଳ୍ପଟିକୁ ଗଢ଼ି ବସନ୍ତି, ସେହି ଉଦ୍ଦେଶ୍ୟର ପରିପୂରଣ ପାଇଁ ଯେତିକି ଘଟଣା, ସମୟ ବା ବର୍ଣ୍ଣନାର ପ୍ରୟୋଜନ, ତତୋଽଧିକ ବିଷୟ ତାହା ମଧ୍ୟରେ ଦେବା ସଙ୍ଗତ ନୁହେ । ମୋଟା ମୋଟି ଦେଖିବାକୁ ଗଲେ ଯେଉଁ ଗଳ୍ପଟିକୁ ଏକା ବୈଠକରେ ପଢ଼ି ଦେଇ ହେବ ତାହା ହିଁ କ୍ଷୁଦ୍ର ଗଳ୍ପ । ଗଳ୍ପଟିକୁ ଆଉ ଟିକିଏ ବଢ଼ାଇ ଦେଲେ ବିଶେଷ କିଛି କ୍ଷତି ନ ହୋଇପାରେ—କିନ୍ତୁ ଲାଭ ଯଦି ନ ହେବ, ତେବେ ଅଯଥା ଗଳ୍ପର କଳେବର ବୃଦ୍ଧି କରିବା ବାଞ୍ଛନୀୟ ନୁହେ ।

## ଉଦ୍ଦେଶ୍ୟ ବା ଅନ୍ତର୍ନିହିତ ଭାବ

ଶେଷକୁ ଗୋଟିଏ କଥା କହି କ୍ଷାନ୍ତ ହେବି । କ୍ଷୁଦ୍ର ଗଳ୍ପରେ ଆବଶ୍ୟକ ଅନୁଯାୟୀ କଥୋପକଥନ ରହିପାରେ । ପ୍ରକୃତି ବର୍ଣ୍ଣନା ତ ନିଶ୍ଚୟ ରହିବ । ଆମର ମରହଟ୍ଟୀ କାହାଣୀରେ ବି ପଦେ ପଦେ ଥିଲା—ଅଗନାଗ୍ନି ବନସ୍ତ, କୁଆର ଥିଣ୍ଟ ନାହିଁ କି କୋଇଲିର ବେଣ୍ଟ ନାହିଁ—ସ୍ଥାନେ ସ୍ଥାନେ ଏପରି ଦିପଦ କଥା କାହାଣୀର ନିରସ କଙ୍କାଳକୁ ସରସ କରିଦିଏ । ତେଣୁ **Background** ସର୍ବଥା ଅପରିହାର୍ଯ୍ୟ । ଚରିତ୍ର ଚିତ୍ରଣ ଅବଶ୍ୟ ଉପନ୍ୟାସ ତୁଳନାରେ ଅତ୍ୟନ୍ତ କ୍ଷୀଣ । ତଥାପି କ୍ଷୁଦ୍ର ଗଳ୍ପରେ ସେ ଦିଗଟାକୁ ସମ୍ପୂର୍ଣ୍ଣରୂପେ ଭୁଲି-ଯିବା ଉଚିତ ନୁହେ । ତାପରେ ହେଉଛି ଗଳ୍ପର ଉଦ୍ଦେଶ୍ୟ—ଅର୍ଥାତ୍ ଲେଖକ ଯେଉଁ ଭାବର ଅଭିବ୍ୟକ୍ତି ବା ଆଲୋଚନା କରିବା ପାଇଁ ଏହି ଗଳ୍ପର କଳ୍ପନା କରିଅଛନ୍ତି । ସାଧାରଣତଃ ଦେଖାଯାଏ, ପ୍ରେମ ହିଁ ଅଧିକାଂଶ ଗଳ୍ପର ପ୍ରାଣ । ପ୍ରେମିକ ବା ପ୍ରେମିକା ଦୁଇ ଜଣଙ୍କର ମିଳନ ବା ବିଚ୍ଛେଦରେ ଗଳ୍ପର ପରିସମାପ୍ତି । ଏପରି ଗଳ୍ପ ଚିତ୍ତାକର୍ଷକ ହୋଇଥାଏ ସତ କିନ୍ତୁ ସବୁ ଗଳ୍ପର ଅବଲମ୍ବନ ପ୍ରେମ ହୋଇଥିବାରୁ ତାହା ଏକଦେଶଦର୍ଶୀ ଓ ନୂତନତ୍ୱବିହୀନ ହୋଇପଡ଼େ । ପ୍ରେମ ବ୍ୟତୀତ ଆମ୍ଭର ଆଉ ଅନେକ ପ୍ରବଳ ମନୋବୃତ୍ତି ଅଛି । ସେଗୁଡ଼ିକୁ ଆମ୍ଭେମାନେ ଏ ପର୍ଯ୍ୟନ୍ତ କ୍ଷୁଦ୍ର ଗଳ୍ପରେ ଫୁଟାଇ ପାରିନାହୁଁ । ଅବଶ୍ୟ କେତେକ ଗଳ୍ପ ଲେଖକ ଏ ଦିଗରେ ଚେଷ୍ଟା କରୁଅଛନ୍ତି, କିନ୍ତୁ ତାହା ଏ

ପର୍ଯ୍ୟନ୍ତ ଯଥେଷ୍ଟ ହୋଇନାହିଁ । ମାନବ ଚରିତ୍ରର ଯେତେ ଯେତେ ବିଭାବ ଅଛି ସେ ଗୁଡ଼ିକ ସମସ୍ତ ସାହିତ୍ୟରେ ବିଶେଷତଃ କାଳ୍ପନିକ ଗଳ୍ପରେ ପ୍ରତିଫଳିତ ନ ହେଲେ ନୈତିକ ପୂର୍ଣ୍ଣତା ବା ସମତା ଆସିବ ନାହିଁ । ସାହିତ୍ୟର ଆଉ ଯାହା ଉଦ୍ଦେଶ୍ୟ ଥାଉ ନା କାହିଁକି, ନୈତିକତା ସଙ୍ଗେ ତାହାର ଅବିଚ୍ଛିନ୍ନ ସମ୍ବନ୍ଧ । କେହି କେହି କହନ୍ତି ସାହିତ୍ୟ ଏକ ଧରଣର କଳା—**art is art**—ତାହାର **morality** ସଙ୍ଗେ କି ସମ୍ପର୍କ ? କିନ୍ତୁ ଏ ଯୁକ୍ତି ଠିକ୍ ନୁହେଁ । ସାହିତ୍ୟ କହନ୍ତୁ, ସଙ୍ଗୀତ କହନ୍ତୁ ବା ଚିତ୍ରକଳା କହନ୍ତୁ ସମସ୍ତ ପ୍ରକାର **art** ବା କଳା ଜୀବନରୁ ଜାତ । ଏହି ଜୀବନ ସଙ୍ଗେ ସଙ୍ଗେ ତାର ଗତି, ଏହି ଜୀବନରୁ ଉପାଦାନ ନେଇ ତାର କଳେବର ଗଢ଼ା ଏବଂ ଜୀବନ ଉପରେ ତାର ପ୍ରଭାବ—ଏଣୁ ଜୀବନ ସଙ୍ଗେ କଳାର ଘନିଷ୍ଠ ସମ୍ବନ୍ଧ । ସେଥିଯୋଗୁଁ କେବଳ ପ୍ରେମ କାହିଁକି, କେବଳ ଯୌବନ କାହିଁକି, କେବଳ ଯୁବକ ଯୁବତୀ କାହିଁକି, ଜୀବନର ଯାବତୀୟ ଅବସ୍ଥା, ଯାବତୀୟ ଭାବ ବିଭାବ, କାଳ୍ପନିକ ଗଳ୍ପ ବା ଉପନ୍ୟାସର ଆଲୋଚ୍ୟ ବିଷୟ ହେବା ଆବଶ୍ୟକ । ତାହା ନ ହେବାଯାଏ ସାହିତ୍ୟର ପୂର୍ଣ୍ଣତା ଅସମ୍ଭବ ।

# ମିଛରେ ସତ

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

## ମଲପୁର କଥା

କଲେଜ ଛୁଟି ହୋଇଥାଏ ଖରା ଦିନକୁ । ମୁଁ ଯାଇଥିଲି ପୁରୀ । ସେଠି ମୋ ମାଉସୀ ଘର । ରଥ ଆଗରୁ ମୋତେ ସେ ଛାଡ଼ିଲେ ନାହିଁ । ରହିଲି ଅନେକ ଦିନ । ତାର ଭିତରେ—

ଚାନ୍ଦନୀ ମୋର ଭଉଣୀ । ମାଉସୀ ଝିଅ । ଭାରି ଶାନ୍ତ ସେ । ଆଉ ବଡ଼ ପାଜି । ଚୁପ୍ ସଇତାନ୍ ବୋଲି ସରିଛି । ଯେମିତି ଗୋଟାଏ ରହସ୍ୟ ସେ । ତାକୁ ବୁଝିବା କାଠିକର ପାଠ ।

ମୁଁ ସକାଳୁ ବୁଲି ଫେରି ଆସେଁ । ସେମାନେ କେହି ଉଠି ନ ଥାନ୍ତି । ନିତ୍ୟକର୍ମ ସାରି ବସେଁ । ଦାଣ୍ଡ ଘରଟା ମୋର । ଟେବୁଲଟେ, ଚେଆରଟେ ପଡ଼ିଥାଏ ସେଠି । ବହି ଖଣ୍ଡେ ଧରି ପଢ଼ି ବସେଁ । ଥାଳିଅଟିରେ ମୋହନଭୋଗ ଟିକିଏ, ଭଜା ଦି'ଖଣ୍ଡ, କାଚ ଗିଲାସରେ ଗିଲାସେ ପାଣି କେତେବେଳେ ଆଣି ଥୋଇ ଦେଇଯାଏ—ଚାନ୍ଦନୀ । ମୋ ଆଖିରେ ପଡ଼େ କେଉଁ ଦିନ—କେଉଁ ଦିନ ନାହିଁ ।

ଯେଉଁ ଦିନ କବିତା ଲେଖୁଥାଏଁ ଏକ ମନରେ, ସେ ଠିଆ ହୋଇଥାଏ, ଚୁପକିନା ମୋ ପଛରେ । ମୁଁ ଭାରି ରାଗେଁ, ଲେଖୁଥିଲା ବେଳେ ଯଦି କେହି ଅନାଏ । ସେଥିପାଇଁ ସେ ମୋ ଉହାଡ଼ରେ ରହେ । ଅଥଚ ସବୁ ପଢ଼େ । ଧାଡ଼ିଏ ଦି'ଧାଡ଼ି କବିତା ମୁଖସ୍ଥ କରି ନିଏ । ସଞ୍ଜବେଳେ ଗାଏ । ମୋତେ ତାଟକା ଲାଗେ । ଥରେ ଗାଇଲା,

“ପ୍ରିୟା ମୋର ଯେବେ ଆସିଲା ସଞ୍ଜ ପବନେ
ଏ ମୋର କୁଞ୍ଜ-ଭବନେ ।”

ମାଉସୀ ଶୁଣିଲା କି କଅଣ । ମୋତେ ଭାରି ଲାଜ ଲାଗିଲା । ଡର ବି ମାଡ଼ିଲା । ତାକୁ ଆଖି ଦେଖାଇଲି । କହିଲା, ତୁମେ ତ ଏବେ ଲେଖିଥିଲ । ରାଗରେ ଉଠିଗଲି ସେଠୁଁ । ଦାଣ୍ଡଘରେ ବସିଲି, ବାହାରକୁ ଅନାଇ । କେତେ ବେଳ ଗଲା । ପଛଆଡ଼େ ଆସି ଚାନ୍ଦନୀ । ଆଗରେ ମଧ୍ୟ କୃଷ୍ଣ ଦ୍ୱିତୀୟାର ଚାନ୍ଦନୀ ଛିଟିକି ପଡ଼ିଥାଏ ଯେପରି ଗଛ ପତ୍ରର ମଥାନ ଉପରୁ ।

“ରାଗିଲ ?” ଚାନ୍ଦନୀ କହିଲା । ସ୍ୱର ନମ୍ର । ଚମକି ପଡ଼ି ପଛକୁ ଚାହିଁଲି । ମୁହଁ ଫେରାଇ କହିଲି—“ନା” । କିନ୍ତୁ ଅଭିମାନ ଥିଲା ।

“ଆଚ୍ଛା ହେଉ, ମୁଁ ଏଥର ତୁମ ପ୍ରିୟାକୁ କହି ଦେବି, ସେ ଆସିବ ।”

କହି ଚାଲିଗଲା । ମୁଁ ତ କାବା ! କାହା କଥା କହିଲା ଏ ? କିଏ ମୋର ପ୍ରିୟା ? ଇଏ ତାକୁ ଜାଣିଲା କିପରି ? ଯାହାକୁ ଚାହିଁ ମୁଁ କବିତା ଲେଖେଁ କିଏ ସେ ? ମୁଁ ନିଜେ ତ ଜାଣେ ନାହିଁ !

ଭାଣ୍ଡରେ ପାଣି ଥାଏ । ଗୋଳେଇ ଦେଲେ କି ହଲେଇ ଦେଲେ ଘୂରେ ! ମଝିରେ ଭଉଁରି ଖେଳେ । ମୋ ଭିତରର ସବୁ ଆକର୍ଷଣ କେନ୍ଦ୍ର କରି ଘୂରିଲା—ସେଇ ଅପରିଚିତା, ଅଜଣା, ଚାନ୍ଦନୀର ଠାପରା ଠାହୁଲର ମିଛ ମିଛିକା ପ୍ରିୟାଟିର ଚାରିପାଖରେ ।

ବାଃ, ଅତି ଚମତ୍କାର ! ଅମୂଲ ତରୁଟାଏ । ଲଗାଇଲା ଚାନ୍ଦନୀ—ମୁଁ ଦେଲି ପାଣି । ସେଥିରେ ଫୁଲ ଫୁଟିବ । ଫଳ ଧରିବ ।

ଗୋଟାଏ ଗପ ଲେଖିଥିଲି ପତ୍ରିକାକୁ ଦେବା ପାଇଁ । ତା' ଦିହରେ ଥିଲା ଖଣ୍ଡେ ଚିଠି । ନାୟକ ଲେଖିଛି ନାୟିକାକୁ :—

ପ୍ରାଣର ମୋର—

କାହିଁକି କି ଜାଣି, ମୋତେ ସବୁଠୁଁ ବେଶୀ ଭଲ ଲାଗେ, ତୋର ସେଇ ନାଁଟି । ବଡ଼ ମନୋରମ । କିଏ ଦେଇଥିଲା ?

ଜାଣୁ ? ମୁଁ ଯେତେବେଳେ ତୋତେ ଦେଖି ନ ଥିଲି, ଖାଲି ଶୁଣିଥିଲି । ତୋର ଏଇ ମିଠା ନାଁଟି । ଆଉ ତୋର ଗୁଣ ମୋତେ ଭଲ ଲାଗିଲା । ନା, ନା, ମୋତେ ମୋହି ଦେଲା । ମୁଁ ଦାସ ହେଲି ।

Digitized by srujanika@gmail.com

ତୋର ନୁହେଁ, ତୋ' ନାଁର । ତା'ପରେ—ତା'ପରେ—ଓଃ ! ଏତେ ସୁନ୍ଦର ତୁ ! ଏତେ ମନୋରମ ତୁ ?—ଏତେ ମଞ୍ଜୁଳ ତୁ ?

ସତେ—ସତେ କଅଣ ଆଉ ଥରେ ଦେଖା ହେବ ? କିନ୍ତୁ ସେ ଦେଖା ହେବ ଏମିତ କ୍ଷଣିକ ଲାଗି ନୁହେଁ । ଚିରଦିନ ପାଇଁ । ଭଗବାନ କରିବେ ସତେ ? ସେଇ ଜାଣନ୍ତି ।

ଆଉ ଲେଖି ପାରୁନାହିଁ । ବଡ଼ ବ୍ୟଥା ! ତୋର ଆଶାରେ ରହିଲି, ତୋ'ର ହୋଇ—

ତୋର
ଅତି ଆପଣାର
ଜଣେ

ଟେବୁଲ ଉପରେ ଥିଲା ସେ ଗପଟା । ହଠାତ୍ ଦେଖିଲି ଦିନେ, ନାହିଁ । ଖୋଜିଲି ବହୁତ । ଗୃହିଣୀଙ୍କ ପଚାରିଲି । କହିଲା, 'ଜାଣେ ନାହିଁ' । ମନଟା ବଡ଼ ଖରାପ ହେଲା । ନାଃ, ଆଉ କେହି ନୁହେଁ, ସେଇ ଗୃହିଣୀ । ତା'ଛଡ଼ା ଆଉ କିଏ ନେବ ? ସେଇ ତ ବେଳେ ବେଳେ ନେଇଯାଏ ମୁଁ ଯାହା ଲେଖେଁ, କି ଯାହା ପତ୍ରିକାରେ ବାହାରେ—ସବୁ । ପଚାରିଲେ କହେ—"ମୋର ଜଣେ ସାଙ୍ଗୀ ନେଇଛି ।" ପଚାରେଁ—"କିଏ ସେ ?" କହେ—"ତମେ ଚିହ୍ନିବ ନାହିଁ ତାକୁ ।" ମୁଁ ଚୁପ୍ ରହେଁ । ଆଜି କିନ୍ତୁ ସେ ମାନିଲା ନାହିଁ । ଏକାବେଳକେ ମନା କରିଦେଲା—ନାଚାର ମୁଁ । ମନ କଷ୍ଟରେ ରହିଲି ।

ଦିନେ ଦେଖିଲି ଗପଟା ପୁଣି ଯେଉଁଠି ସେଇଠି । କିଏ ଏ ବାଜିକର ? ଗୃହିଣୀ ନିଶ୍ଚେ । ଯାହା ଭାବିଥିଲି ସେୟା । ଆଉ କିଏ ଇମିତ କରନ୍ତା ! ଅଦ୍ଭୁତ ଆଶ୍ଚର୍ଯ୍ୟ କଥା । ସେଥିରୁ ଚିରା ହୋଇଯାଇଛି, ସେଇ ଚିଠି ଖଣ୍ଡିକ । ମୁଁ ତ କାବା ହେଲି । ଏ କି ରହସ୍ୟ ?

ତହିଁ ଆରଦିନ ମୋ ବହି ଭିତରେ ଯେଉଁଠି ଦାଗ ଦେଇଥିଲି ସେଇଠି ଆଉ ଖଣ୍ଡେ ଚିଠି । ସୁନ୍ଦର କାଗଜ ଖଣ୍ଡିଏ । ହସ୍ତାକ୍ଷର ମୁକ୍ତା ଭଳି । ଲେଖାଥିଲା—

ମହାଶୟ,

ଆପଣଙ୍କର ପତ୍ର ପାଇ ବଡ଼ ଦୁଃଖିତ ହେଲି । ଏ ଭଳି ପତ୍ର ଲେଖିବା ଆପଣଙ୍କ ପରି ଲୋକ ପକ୍ଷରେ ଆଦୌ ଉଚିତ ହୋଇ ନାହିଁ । ମୁଁ ଜଣେ ଅବିବାହିତା ବାଳିକା । ମୋର ପିତା ମାତା ଅଛନ୍ତି, ମୋର ସମାଜ ଅଛି, ଧର୍ମ ଅଛି ; ଆପଣ କେଉଁ ସାହସରେ ମୋଠାକୁ ଏ ପତ୍ର ଲେଖିଲେ ? ଆପଣ ମୋତେ ଭଲ ପାଇ ପାରନ୍ତି, ସେ ମୋର ସୌଭାଗ୍ୟ । କିନ୍ତୁ ତା ବୋଲି ଏ ଭଳି ଭାବରେ ପତ୍ର ଦେବାଟା ବଡ଼ ଲଜ୍ଜାର ବିଷୟ । ଅନୁରୋଧ, ଭବିଷ୍ୟତରେ ଯେପରି ଏ ପ୍ରକାର ଦୁଃସାହସିକ କାର୍ଯ୍ୟରେ ହସ୍ତ ଦେବେ ନାହିଁ ।

ବିନୀତା
ମଞ୍ଜୁଳା

ମଞ୍ଜୁଳା କିଏ ? ଗୃହିଣୀର ସାଙ୍ଗୀ ? ମୁଁ କଅଣ ତାକୁ ଦେଖିଛି ? ମନେପଡ଼ୁ ନାହିଁ ତ ! ଓ—ହ । ସେଇ ହେବ ପରା ! ଦେଖିଛି ତାକୁ । ଥରେ କି ଦୁଇ ଥର । ସେ ତ ମୋତେ ଲାଜ କରେ । ମୁଁ ତାକୁ ତ ଦେଖି ନାହିଁ ଭଲ କରି ମୁଁ ? ସେ ଆଉ ଲାଜକୁଳା ।

କିନ୍ତୁ ମୁଁ ତାକୁ ଚିଠି ଲେଖିଛି ? କି ଅସମ୍ଭବ କଥା ! କିଏ ଲେଖିଲା ତେବେ ? ମୋ ନାଁରେ ଆଉ କିଏ ଲେଖନ୍ତା କାହିଁକି ? ବୁଝି ପାରିଲି ନାହିଁ ।

ଚିଠିଟାକୁ ଆଉ ଥରେ ପଢ଼ିଲି । ବାର ବାର ପଢ଼ିଲି । ଯେତେ ପଢ଼ିଲି ସେତେ କାହିଁକି ଭଲ ଲାଗିଲା । ସେଥିରେ ଥିଲା ଗାଳି, ଉପଦେଶ । ଅଥଚ ସେଇ ଗାଳି ଭିତରେ ଯେମିତି ଲୁଚିଥିଲା ଗୋଟାଏ ବିପୁଳ ହାର୍ଦ୍ଦିକତା । ଅତି ଆପଣାର ହୋଇ କେହି ଦୋଷ ଦେଖିଲା ପରି ଲାଗିଲା ମୋତେ । ଯେମିତି ଭଲ ହେବା ପାଇଁ ମୋତେ ଉପଦେଶ ଦେଇଛି ସେ !

"ଆପଣ ମୋତେ ଭଲ ପାଇ ପାରନ୍ତି, ସେ ମୋର ସୌଭାଗ୍ୟ", ଏଇ କଥାଟା ମୋତେ ଖାଲି ନୂଆ ଲାଗୁଥାଏ । ଯେତେ ପଢ଼େଁ ସେତେ ଭଲ ଲାଗେ ।

ଗୃହିଣୀ ଆସିଲା । ମୁଁ ଡାକିଲି "ଗୃହିଣୀ ?"

ଶୁଣିଲା—"କଅଣ ?"

"ଗୋଟାଏ କଥା ପଚାରିବି ।"

"କି କଥା ?"

"ମାନିବୁ ? "

"ଆଗ ତୁମେ କହ, ମୁଁ ଯାହା ପଚାରୁଛି ।"

"କଅଣ କହୁଛ ?'

"ତୁମେ ଭଲ ପାଅ ?"

"କାହାକୁ ?"

"ତୁମକୁ ଯେ ଭଲ ପାଏ ?"

"ନିଶ୍ଚୟ ।"

"ଆଉ ତୁମ ଲେଖାକୁ ଯେ ଭଲ ପାଏ ତାକୁ ?"

"ତାକୁ ତ ଭଲ ପାଇବାକୁ ବାଧ୍ୟ ।"

"ସ୍ୱାର୍ଥପର" କହି ଚମ୍ପଟ୍ । ଯେତେ ଡାକିଲି, ଫେରି ଗୃହିଣୀ ନାହିଁ ପଛକୁ ।

ଆଉ ଦିନେ ତାକୁ ମୁଁ ଯାଇ ଡାକି ପଚାରିଲି—"ଗୃହିଣୀ, କହ, ମୋ ରାଣଟି ।"

ସେ କହିଲା—"କଅଣ ?"

"ମଞ୍ଜୁଳା କିଏ ?"

"ଓ—ତୁମେ ତାକୁ ଭଲ ପାଅ କି ? ନଇଲେ ତା'କଥା ଏତେ ପଚାରନ୍ତ କାହିଁ ? ଠିକ୍ ଠିକ୍, ସେ ତ ତୁମ ଲେଖାକୁ ଭାରି ଭଲ ପାଏ । ସେଥିପାଇଁ ପରା ! ଜାଣିଲି, ଜାଣିଲି ।"

ଆଶ୍ଚର୍ଯ୍ୟ ହେଲି ତା' ଢଙ୍ଗ ଦେଖି । କହିଲି—"କିଏ ମୋ ଲେଖାକୁ ଭଲ ପାଏ ?"

"ଆହା ! କିଛି ଜାଣନ୍ତି ନାହିଁ ଯିମିତି ! ସେଇ ଯାହା ପାଖକୁ ତୁମେ ଚିଠି ଦେଇଥିଲ । ଆଉ ଯିଏ ତୁମକୁ ତାର ମଧୁର ଯୋଡ଼ା ମାଡ଼ଟିଏ ଦେଇ ଉତ୍ତର ଲେଖିଛି ।"

ମୋ ମୁହଁରୁ ଭାଷା ବାହାରିଲା ନାହିଁ ।

"କି, ଚୁପ ରହିଲ ଯେ ! କହିବ ? ଏଥର କହିବ କିଏ ସେ ?"

Digitized by srujanika@gmail.com

ବରଂ ନ କହୁ, ଭଲ—ମୁଁ ମନେ ମନେ ଭାବିଲି ।

ସେ କିନ୍ତୁ ମାନିଲା ନାହିଁ । କହିଲା—"କହିବି—କହିବି ?"

ମୁଁ ଚେଷ୍ଟା କଲି, ଯେମିତି ନ ଶୁଣେ । " କହନ୍ତୁ ! "

"କହିବି—କହିବି—କାହାକୁ ବାହା ହେବ ତୁମେ କହିବି ? ମ—ଞ୍ଜୁ—"

ଶେଷ ନ କରି ପଳେଇଗଲା । ଘରଭିତରୁ ବଡ଼ ପାଟିଟାଏ ଶୁଭିଲା—"ଲା ।"

## ମଞ୍ଜୁଳାର କଥା

ଗୃହଣୀର ମୋର ଭାରି ସାଙ୍ଗ । ଏକାବେଳେ ଜୀବନ ଦିଅନ୍ତି ଦେଇ ।

ସେ ଯେମିତି ଆମ ଘରକୁ ଆସେ ମୁଁ ବି ତାଙ୍କ ଘରକୁ ଯାଏଁ ବରାବର । ସେ ଦିନ ତାଙ୍କ ଘର ମେଜ ଉପରେ ଖଣ୍ଡେ ସହକାର ପଡ଼ିଥାଏ । ଗୃହଣୀକୁ କହିଲି, " ତୁମ ଘରକୁ ଏତେ ପତ୍ର ପତ୍ରିକା ଆସେ, ମୋତେ ଖଣ୍ଡେ ଦେଉ ନାହଁ ପଢ଼ିବାକୁ ?"

"ତୁ ତ କେବେ ମାଗି ନାହୁଁ ମୋତେ ।"

"ମାଗିବି କଅଣ ମ ! ତୁ କଅଣ ଜାଣୁ ନାହିଁ ନା ମୁଁ ପତ୍ରିକା ପଢ଼ିବାକୁ କେତେ ସୁଖ ପାଏଁ !"

"ହଁ, ଜାଣିଥିଲି ତ । ଠିକ୍ ପତ୍ରିକା ପଢ଼ିବାକୁ ନୁହେଁ, ତେବେ ଜଣକ ଲେଖା ପଢ଼ିବାକୁ ।"

"ଦୂଃ ! ଭାରି ଦୁଷ୍ଟ ।"

"କି ଲୋ, ତୁ ଇମିତି କାହିଁକି ହେଉଚୁ ? କାହାରି ଲେଖା ପଢ଼ିବାକୁ କଅଣ ମନା ଅଛି, ନା କାହାରି ଲେଖାକୁ ଭଲ ବୋଲିବା କି ସୁଖ ପାଇବା ଗୋଟେ ଲାଜ କଥା ?"

ମୁଁ ତ ଧରା ପଡ଼ିଗଲି ଗୃହଣୀ ପାଖରେ । ସତ ଏକା, ଜଣକ ଲେଖା କାହିଁକି ମୋତେ ଭାରି ଭଲ ଲାଗେ । ପତ୍ରିକାଟିଏ ପାଇଲେ ସୂଚୀରେ ଆଗ ତାଙ୍କ ନାଁକୁ ଖୋଜି ପକାଏଁ । କାହିଁକି ମୁଁ ଜାଣେ ନାହିଁ ଏତେ ଭଲ ଲାଗେ ସେ ନାଁଟା ବି ।

ଗୃହଣୀ କହିଲା, "ଜାଣୁ ଲୋ, ଜାଣୁ ? ସେ ଆସିଛନ୍ତି ।"

"କିଏ ଲୋ ?" ମୋ ଛାତିଟା ନାଚି ଉଠିଲା ।

"ଯାହାଙ୍କ ଲେଖାକୁ ତୁ ଏତେ ଭଲ ପାଉ ।"

"କିଏ ? ତୋ ମଳୟ ଭାଇ ?"

"ତାଙ୍କରି ଲେଖାକୁ ତୁ ତେବେ ଏତେ ଭଲ ପାଉ ନା ? ଓ—ଠିକ୍ ଠିକ୍ ! ହଁ, ସେଇ ଆସିଛନ୍ତି ।"

"ଜଣକ ଲେଖା ଯଦି ପ୍ରକୃତରେ ଭଲ ହୋଇଥାଏ ତାକୁ ଭଲ ବୋଲି କହିବା କଅଣ ଅନ୍ୟାୟ ?"

"ମୁଁ କଅଣ କହିଲି ତା' ? ତୁ ତ ଏଇଲେ ଗାଳି ଦେଉଥିଲୁ ମୋତେ, ସେଇ କଥା କହିଲି ବୋଲି । ହେଉ ତେବେ, ମୁଁ ଯାଉଚି କହିବି ମଳୟ ଭାଇଙ୍କି ଯେ ମଞ୍ଜୁଳା ତୁମ ଲେଖାକୁ ଭାରି ଭଲ ପାଏ ।"

କହି ଦଉଡ଼ି ପଳାଉଥିଲା । ମୁଁ ତା' କୁଞ୍ଚକାନିଟାକୁ ଧରି ପକାଇ ଭିତରକୁ ଅଟକେଇ ଦେଲି ।

ଗୃହଣୀ କହିଲା—"କି ଲୋ, ଯାହା ଅନ୍ୟାୟ ନୁହେଁ, ଯାହା ଲାଜ କଥା ନୁହେଁ, ତାକୁ କାହା ଆଗରେ କହିଲି ବୋଲି ତୁ ଇମିତି ହେଉଚୁ କିଆଁ ? ଛାଡ଼୍ ମୋତେ ଛାଡ଼୍, ଡାକିବି ନା ଏଇଲଗେ ମଳୟ ଭାଇଙ୍କି ? ଏ—ମ—"

ମୁଁ ତା' ପାଟିରେ ହାତ ଦେଲି । ସେ ବି ଇମିତି କାନ ଡେରି ବସିଥିଲେ ଯେ ବାହାର ଘରୁ ଥାଇ କହିଲେ, "କିଏ ଗୃହଣୀ ? କାହାଁକି ଡାକୁଛ ? ଟିକିଏ ରହି ଯାଉଚି ।"

ମୁଁ କହିଲି, "ଗୃହଣୀ, ମୁଁ ଯାଉଚି, ମୋର ବଡ଼ କାମ ଅଛି ।"

"କି ଲୋ, ତୁ ତାଙ୍କୁ ଇମିତି ଲାଜ କରୁଛୁ କାହିଁକି ? ବାହା ହେବୁ କି ତାଙ୍କୁ ?"

"ଛିକ୍, ଭାରି ଦୁଷ୍ଟ ।" ଗାଲକୁ ତାର ଅସ୍ତେ ଚିମୁଟାଟାଏ ମାରି ପଳେଇ ଆସିବାକୁ ବସିଛି, ସେ ଆସି ପହଞ୍ଚିଗଲେ । ଅନେଇ ଦେଲା ବେଳକୁ ସେ ମୋତେ ଚାହିଁଛନ୍ତି । ଲାଜରେ ସଢ଼ି ଗଲି ମୁଁ । ସେ ମୋତେ ଦେଖି ତର ତର ହୋଇ ପଳେଇ ଗଲେ । ମୁଁ ମୁହଁ ଥମ ଥମ କରି ଗୃହଣୀ ଉପରେ ରାଗି ଫେରି ଆସିଲି ଘରକୁ । ମୋ ଭିତର କଥା କିନ୍ତୁ ମୁଁ ଜାଣେ ।

ତହିଁ ଆର ଦିନ ଗୃହଣୀ ବୁଲି ଆଇଲା ଆମ ଘରକୁ । ମୁଁ ଛାତ ଉପରେ ବସିଥାଏଁ । ପୃଥିବୀ ଉପରେ ଜହ୍ନ ଆଲୁଅର ସଫେଦ ଚାଦର ବିଛେଇ ଦେଇ ଚୈତ୍ର ପବନ ଫୁଲ ସାଙ୍ଗରେ ଲେଟି ହୋଇ ପଡ଼ିଥିଲା ତଳେ । ସେଇବାଟ ଦେଇ ଦଉଡ଼ି ପଳାଉଥିଲା ବେଳେ ତା' ଦିହ ଖାଲି ମହକି ଉଠୁଥାଏ ଫୁଲ ଗନ୍ଧରେ । ଗୃହଣୀକି ଦେଖି ମୁଁ କୋଟିନିଧି ପାଇଲା ଭଳି ମଣିଲି ଯିମିତି ।

"ମୁଁ ଗୋଟାଏ ଶୁଭ ଖବର ଦେବି ମଞ୍ଜୁଳା"—ଗୃହଣୀ କହିଲା ।

"କି ଶୁଭ ଖବର ଲୋ ?"—ମୁଁ ପଚାରିଲି ।

"ତୁ ଆଗ ମୋତେ କଅଣ ଇନାମ ଦେବୁ କହ ।"

"ତୁ ଖବରଟା କହ । ଇନାମ ମିଳିବ ଯେ ।"

"ମିଳିବ ? ତେବେ କହୁଛି, ଶୁଣ ।"

"କି, ତୁନି ହୋଇ ରହିଗଲୁ ଯେ ।"

"ବାବା, ଏକାବେଳେକେ ଅସମ୍ଭାଳ ! କଅଣ କି, ମୁଁ କାଲି ମଳୟ ଭାଇଙ୍କି ପଚାରିଲି—'ମଳୟ ଭାଇ, ତୁମ ଲେଖାକୁ ଯଦି ଜଣେ ଭଲ ପାଏ ତୁମେ ତାକୁ ଭଲ ପାଇବ ନା ?' ସେ କହିଲେ, 'ତାକୁ ଭଲ ପାଇବାକୁ ମୁଁ ବାଧ୍ୟ ।' . ତାହେଲେ—"

"ତାହେଲେ, ମୋର ସେଥିରୁ ଯାଏ ଆସେ କେତେ ?"

"କଅଣ କହିଲୁ, ତୋର ସେଥିରୁ ଯାଏ କେତେ ଆସେ କେତେ ? ତୋତେ ସେ ଭଲ ପାଇଲେ, ଯାହାଙ୍କ ଭଲ ପାଇବାକୁ ତୁ ଗୃତକ ପରି ଚାହିଁ ବସିଥିଲୁ, ତୋର ଯାଏ ଆସେ ନାହିଁ ତ ଆଉ କାହାର ଯାଏ ଆସେ ଲୋ ।"

"ଦୂର୍, ମୋତେ କାହିଁକି ସେ ଭଲ ପାଆନ୍ତେ ମ ! ସେ କିଏ—ମୁଁ କିଏ । ସେ ଆଗ ମୋତେ ଚିହ୍ନନ୍ତି ନାଁ !"

"ଚିହ୍ନନ୍ତି ଲୋ ଚିହ୍ନନ୍ତି । ଭଲ କରି ଚିହ୍ନନ୍ତି । ଚିହ୍ନା ଚିହ୍ନି କରାଇ ଦେବାକୁ ମୁଁ ଆଉ ବାକୀ ରଖିଛି ବୋଲି ଭାବୁଛୁ ନା ?

ଖାଲି କଅଣ ଚିଠିଲେଖା ? ତୋ ପାଇଁ ପଦ୍ୟ ସେ—ନା ଲୋ ମା, ଆଉ କହିବ ନାହିଁ । ଯାଉଛି ମଞ୍ଜୁ, ଆଉ ଦିନେ ପୁଣି ଆସିବି । ନ ହେଲେ ତୁ ଥରେ ଆମ ଘରକୁ ଯିବୁ । ନିଶ୍ଚେ ଯିବୁ । ବୁଝିଲୁ ? ହଁ, ଏଇ ଚିଠି ଖଣ୍ଡିକ ପଢ଼ । ଆଉ ତ ଅବିଶ୍ୱାସ କରିବାକୁ କିଛି ନାହିଁ । ଏଥର ମୁଁ ଯାଉଛି, କାଲି ଏହାର ଜବାବ ଦେବୁ, ନ ହେଲେ ପୁଣି—ଜାଣିଥା ।”

“ନା, ନା, ମୁଁ ଏ ଚିଠିଫିଠି ନେବି ନାହିଁ । ଏ ସବୁ ଭଲ ନୁହେଁ ।” —କହି ଚିଠିଟା ଫିଙ୍ଗି ଦେବାକୁ ଯାଉଛି, ସେ ପଳେଇଲା । ଆଉ ଗୁହାଳ ସେତିକି ବେଳେ ଦୁଆର ମୁହଁରେ ଠିଆ ହୋଇଛନ୍ତି ମା । ଚିଠି ଖଣ୍ଡିକ ଅଣ୍ଟିରେ ଜାକି ଦେଲି ବାଧ୍ୟ ହୋଇ ।

ତହିଁ ଆର ଦିନ ମୁଁ ‘ତାଙ୍କ’ ପାଖକୁ ଶୃଙ୍ଖଳାର ଯୋଗ ଯବନିକା-ହଣ୍ଡିରେ, ବହୁତ କଷ୍ଟରେ, କେତେ ଭାବି ଚିନ୍ତି, କେତେ ଦେବି ନ ଦେବି କରି ଉତ୍ତର ଲେଖିଲି:—

ସମ୍ବୋଧନ କଅଣ କରିବି ଜାଣେ ନାହିଁ ।

ତେବେ ଏ ଅଯୋଗ୍ୟାଟିକୁ ଭଲ ପାଇ ଆପଣ ଯେଉଁ ଦୟା ଦେଖାଇଛନ୍ତି ମୁଁ ସେଥିପାଇଁ ଚିରଦିନ ଲାଗି ଆପଣଙ୍କଠାରେ କୃତଜ୍ଞ ରହିଲି । ଆପଣଙ୍କ ପରି ମହତ୍ ଲୋକର କୃପା ଲାଭ କରିବା ମୋର ଅସୀମ ସୌଭାଗ୍ୟ । ଆପଣ କେଡ଼େ ମହତ୍, କେଡ଼େ ଉଦାର, ମୁଁ ଦୂରରେ ରହି ମଧ୍ୟ ତା’ର କଳ୍ପନା କରି ବିସ୍ମିତ ହୋଇଯାଏଁ । ଆଶା କରେଁ ଦୟା ରଖିଥିବେ ।

ଆପଣଙ୍କର

ମଞ୍ଜୁଳା

କିନ୍ତୁ ସେ ଚିଠିର ଉତ୍ତରକୁ ଅନେଇ ଅନେଇ ଆଖିରୁ ପାଣି ମଲା, ଆଉ ପାଇଲି ନାହିଁ । ମୋ ଦୁଃଖକୁ ମୁଁ ହୃଦୟରେ ଭରି ରଖିଥାଏଁ, କାହାକୁ କହେଁ ନାହିଁ କିଛି ।

ଶୁଣିଲି ସେ ଚାଲିଗଲେ ତାଙ୍କ ଘରକୁ, ପାଗଳ ପରି ଅନେଇ ବସିଥାଏଁ, ପତ୍ରିକାରେ କେବେ ତାଙ୍କ ଲେଖା ବାହାରିବ । ଆଉ ତାଙ୍କ ନାଁ— ।

**ଶୃଙ୍ଖଳାର କଥା**

ମୋ ସାଙ୍ଗରେ ଯେତେବେଳେ ମଞ୍ଜୁଳା ଇସ୍କୁଲରେ ପଢ଼ୁଥିଲା ସେତେବେଳୁ ସାହିତ୍ୟ ପ୍ରତି ତାର ବଡ଼ ଆଦର ଥିବାର ଜଣା ପଡ଼ୁଥିଲା । ଇସ୍କୁଲକୁ ଯେତେ ପତ୍ର ପତ୍ରିକା ଆସେ ସମସ୍ତକୁ ତନ୍ନ ତନ୍ନ କରି ସେ ପଢ଼େ । ବିଶେଷତଃ ମଳୟ ଭାଇଙ୍କ ଲେଖାକୁ ସେ ତ ଏକ ରକମ ମୁଖସ୍ଥ ନ କରି ଛାଡ଼େ ନାହିଁ । କହେ, ଏ ଭଳି ନୂଆ ଲିଖନ ପ୍ରଣାଳୀ ଆଉ କୌଣସି ନବୀନ ଲେଖକଙ୍କଠାରେ ଦେଖାଯାଏ ନାହିଁ । ଯେପରି ପ୍ରାଣର ଆବେଗ ଭରି ରହିଛି, ହୃଦୟର ସ୍ପର୍ଶ ଜଡ଼ି ରହିଛି, ତା’ର ପ୍ରତ୍ୟେକ ପଙ୍‌କ୍ତିରେ । ମଳୟ ଭାଇଙ୍କ ଲେଖା ପ୍ରତି ତାହାର ଏ ପ୍ରକାର ଅସାଧାରଣ ପ୍ରୀତି ଲକ୍ଷ୍ୟ କରି ମଝିରେ ମୋର ଥରେ ରହସ୍ୟ କରିବାକୁ ମନ ହେଲା ।

ମଳୟ ଭାଇ ଗୋଟିଏ ଗଳ୍ପ ଲେଖିଥିଲେ । ତାହା ଭିତରେ ଏକ ସ୍ଥାନରେ ନାୟକର ନାୟିକା ନିକଟକୁ ଗୋଟିଏ ସଂକ୍ଷିପ୍ତ ପତ୍ର ଥିଲା । ମୁଁ ସେଇ ଖଣ୍ଡିକ ତହିଁରୁ ଚିରି ନେଇ ମଞ୍ଜୁଳା ପାଖରେ ହାଜର ହେଲି । କହିଲି, ମଳୟ ଭାଇଙ୍କର ପତ୍ର । ସେ ମଧ୍ୟ ବଡ଼ ସୁନ୍ଦର ଉତ୍ତରଟିଏ ଲେଖି ରଖିଥିଲା । ମୁଁ ତାକୁ ମଳୟ ଭାଇଙ୍କି ଦେବାକୁ ନେଇ ଆସିଲି । ମାତ୍ର ଯେତେବେଳେ ଦେଖିଲି ଯେ ପତ୍ର ଦେବାଦ୍ୱାରା ଦୁହେଁ ଦୁହିଁଙ୍କର ପ୍ରଣୟ ବୁଝି ପାରିବେ ଏବଂ ରହସ୍ୟର ସମାପ୍ତି ହୋଇଯିବ ସେତେବେଳେ ଗୋଟାଏ କୌଶଳ କଲି ।

ବାସ୍ତବିକ ନାୟକ ନାୟିକା ଯେତେବେଳ ଯାଏ ପରସ୍ପରର ପ୍ରଣୟ ପ୍ରତି ସନ୍ଦିହାନ ଥାଆନ୍ତି ସେତେବେଳେ ପ୍ରଣୟ ବଡ଼ ନିର୍ମଳ ଏବଂ ସୁନ୍ଦର ଥାଏ ; ମାତ୍ର ଯେତେବେଳେ ଉଭୟ ଉଭୟଙ୍କର ପ୍ରୀତି ସମ୍ବନ୍ଧରେ ନିଶ୍ଚିତ ହୋଇ ଯାନ୍ତି ପ୍ରେମ ସେତେବେଳେ ସଂସାରର ଗୋଟାଏ ଗତାନୁଗତିକ ଧାରାରେ ପଡ଼ିଯାଏ—ସେଥିରେ ଆଉ ପୂର୍ବ ମାଧୁରୀ ରହେ ନାହିଁ ।

ମୁଁ ସେଥିପାଇଁ ଉଭୟଙ୍କ ଭିତରେ ଏହି ପ୍ରଣୟଟିକୁ ଗାଢ଼ତର କରିଦେବା ନିମନ୍ତେ ମଞ୍ଜୁଳାର ଚିଠି ଖଣ୍ଡ ରଖିନେଇ ଆଉ ଖଣ୍ଡିଏ ଚିଠି ତା’ର ହସ୍ତାକ୍ଷର ପରି କରି ଲେଖିଲି । ମୁଁ ଜାଣେଁ ମଞ୍ଜୁଳାର ଯେ କୌଣସି ଚିଠି ପାଇ ସେ ଆଶ୍ଚର୍ଯ୍ୟ ହେବେ । ମଞ୍ଜୁଳାକୁ ସେ ଜାଣନ୍ତି । ଥରେ ମଧ୍ୟ ଦେଖିଛନ୍ତି । ମୁଁ ମଧ୍ୟ କଥାରେ କଥାରେ ଅନେକ ଥର ତାଙ୍କୁ କହିଛି ଯେ ମୋର ଜଣେ ସାଙ୍ଗ ତାଙ୍କ ଲେଖାକୁ ବଡ଼ ଭଲ ପାଏ । ସେ ପଚାରନ୍ତି—“କିଏ ?” ମୁଁ କହେଁ, “ତୁମେ ତାକୁ ଚିହ୍ନି ପାରିବ ନାହିଁ ।” କିନ୍ତୁ ପ୍ରକାରାନ୍ତରରେ ସେଇ ସଙ୍ଗିନୀଟି ଯେ ମଞ୍ଜୁଳା, ଏହା ମୁଁ ନ କହିଛି ବୋଲି ନୁହେଁ । ଯେ କୌଣସି ଚତୁର ଲୋକ ତା’ ବୁଝି ପାରନ୍ତା ଏବଂ ମଳୟ ଭାଇ ମଧ୍ୟ ବୁଝି ପାରିଥିଲେ ।

ଚିଠି ଖଣ୍ଡିକରେ ଲେଖିଲି କି, ମଳୟ ଭାଇ ମଞ୍ଜୁଳା ନିକଟକୁ ପତ୍ର ଦେବାଦ୍ୱାରା ବଡ଼ ଅନ୍ୟାୟ କରିଛନ୍ତି ।

ସେ ଚିଠି ପାଇ ମଳୟ ଭାଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ ।

ତେବେ ଏଥିରେ ମୋର ହାତ ଅଛି ବୋଲି ଯେ ସେ ନ ଜାଣିଲେ ତାହା ନୁହେଁ, ମାତ୍ର ସେ ମଞ୍ଜୁଳାଠାରୁ ଏ ଭଳି କର୍କଶ ଭାବାତ୍ମକ ପତ୍ର ପାଇ ଯେତିକି ଆନନ୍ଦିତ ହେଲେ ସେତିକି ଦୁଃଖିତ ମଧ୍ୟ ହେଲେ ।

ମୋତେ ସେ ମଞ୍ଜୁଳା ବିଷୟରେ ବହୁତ ପଚରା ଉଚରା କଲେ, ମୁଁ କିନ୍ତୁ କିଛି କହିଲି ନାହିଁ, କିଛି ମାନିଲି ନାହିଁ ।

କିନ୍ତୁ ତାଙ୍କ ପ୍ରଣୟ ଯେ କ୍ରମେ ଗାଢ଼ତର ହେବାକୁ ଲାଗିଲା, ଏଥିରେ ମୋର ଆଉ ସଂଶୟ ରହିଲା ନାହିଁ ।

ମଞ୍ଜୁଳା ଚିଠିର ଉତ୍ତର ଦେଇ ରହିଁ ବସିଥିଲା, ମଳୟ ଭାଇଙ୍କଠାରୁ ଆଉ ଖଣ୍ଡେ ପତ୍ର ପାଇବ । ସେ ଆଶା ତା’ର ବିଫଳ ହେଲା । କିନ୍ତୁ ସେଥିରେ ମଳୟଙ୍କ ପ୍ରତି ପ୍ରୀତି ତାର ଦ୍ୱିଗୁଣିତ ହୋଇ ବଢ଼ିଲା ।

ଇତି ମଧ୍ୟରେ ମଳୟ ଭାଇ ଘରକୁ ଚାଲିଗଲେ । ମୁଁ ମଞ୍ଜୁଳାର ଅବସ୍ଥା ଦେଖି ମଳୟ ଭାଇ ମୋ ଚିଠି ସାଙ୍ଗରେ ତା’ ପାଖକୁ ଲେଖିଛନ୍ତି ବୋଲି କହି ନିଜେ ଖଣ୍ଡେ ଚିଠି ଲେଖି ତାହା ତାକୁ ଦେଲି । ସେଥିରେ ଲେଖାଥିଲା,

ପ୍ରାଣର ମଞ୍ଜୁ,

ମୋ ଭିତର ଜ୍ୱରରେ ଜଳା । କିଛି ଲେଖି ପାରୁ ନାହିଁ । ହାତ ବଳ ମାନୁ ନାହିଁ । ତୋତେ କଅଣ ପାଇବି ? ସତେ ତୁ ମୋର ଜୀବନର ସଙ୍ଗିନୀ ହେବୁ ? ଭଗବାନ୍ ଜାଣନ୍ତି । ପ୍ରସ୍ତାବ ସେହିପରି ରହିଛି । ଯଦି ହୁଏ—। ଛାଡ଼ । ଖଣ୍ଡେ ଚିଠି ଦେବୁ, ରାଗ କରିବୁ ନାହିଁ ।

ତୋର

ମୁଁ

ଚିଠି ଖଣ୍ଡେ ପାଇ ମଞ୍ଜୁଳାର ମହା ଆନନ୍ଦ । ସେ ଏ ଚିଠିର ଉତ୍ତର ଲେଖି ପାରିଲା ନାହିଁ । ଗୋଟାଏ ପ୍ରକାଣ୍ଡ ଲଜ୍ଜା ତାକୁ ବାଧା ଦେଲା ।

ସତକୁ ସତ ମାସକ ଭିତରେ ମୋର ମଉସା ଓ ମଞ୍ଜୁର ବାପାଙ୍କ ଭିତରେ କଥା ହୋଇ ଆଷାଢ଼ ଶେଷରେ ବାହାଘର ହୋଇଗଲା ।

ମଲୟ ଭାଇଙ୍କ ବାହାଘରକୁ ମୁଁ ଯାଇଥିଲି । ଦିନେ ମଲୟ ଭାଇ ଓ ମଞ୍ଜୁଳା ଦୁଇ ଜଣଙ୍କ ଭିତରେ କି କଥାବାର୍ତ୍ତା ହେଉଛି ଶୁଣିବା ପାଇଁ ମୁଁ ଲୁଚି ଲୁଚି କବାଟର ଗୋଟିଏ ଫାଙ୍କରେ ଅନେଇଥାଏଁ ।

ମଲୟ ଭାଇ ପଚାରିଲେ—"ଆଚ୍ଛା, ମୁଁ ତ ତୁମ ପାଖକୁ କେବେ ଚିଠି ଲେଖି ନ ଥିଲି ?"

ମଞ୍ଜୁଳା କହିଲା—"ଲେଖି ନାହଁ ? ଇସ୍ !"

"ନା, ପ୍ରକୃତରେ ମୁଁ ତୁମ ପାଖକୁ କେବେ ହେଲେ କିଛି ଲେଖି ନାହିଁ ।"

"ତେବେ ଇଏ କଅଣ ?"

ମଞ୍ଜୁଳା ଚିଠି ଦୁଇଖଣ୍ଡ ବାହାର କରି ମଲୟ ଭାଇଙ୍କ ହାତକୁ ବଢ଼ାଇ ଦେଲା । ମଲୟ ଭାଇ ଆଶ୍ଚର୍ଯ୍ୟ ହୋଇ ସେ ଚିଠିକୁ ଚାହିଁ ରହିଲେ ।

ମୋତେ ଭାରି ହସ ମାଡୁଥାଏ । ମୁହଁରେ ଲୁଗା ଚାପି ତାକୁ ମୁଁ ସମ୍ଭାଳି ନେଉଥାଏଁ ।

"ମିଛ, ମୁଁ ଯାକୁ ତୁମ ପାଖକୁ କେବେ ଲେଖି ନାହିଁ ।"

"ଲେଖି ନ ଥିବ !" ମଞ୍ଜୁଳା ଦୁଃଖରେ ତଳକୁ ମୁହଁ ପୋତିଲା ।

"କିନ୍ତୁ ତୁମର ମୋ ପାଖକୁ ଏ ଭଳି ଚିଠି ଲେଖିବା ଉଚିତ ହୋଇଛି କି ?"

"କି ଭଳି ?" ମଞ୍ଜୁଳା ପଚାରିଲା ।

"ଏ ସବୁ ଗୃନ୍ଦଶୀର କାଣ୍ଡ । ସେ ମୋ ଗପ ଭିତରୁ ଏ ଚିଠି ଖଣ୍ଡ ଚୋରି ନେଇ ତୁମ ପାଖରେ ଦେଇଛି । ତୁମେ ସେଇଠୁ—"

"ଚିଠି ତେବେ ସତେ ତୁମେ ଲେଖି ନାହଁ ?"

"ନା ।"

ମଞ୍ଜୁଳା ଲାଜରେ ମରିଗଲା ଯେପରି ।

"ତୁମେ ଭଲ କଥାଟା ଭଲ କରି ନ ବୁଝି ମୋ ପାଖକୁ ଇମିତି ରାଗି ହୋଇ ଲେଖିଲ କାହିଁକି ?

ମଞ୍ଜୁଳା ଆଶ୍ଚର୍ଯ୍ୟ ହୋଇ ପଚାରିଲା—"ରାଗି କରି ଲେଖିଲି ?"

"ଦେଖିବାକୁ ଚାହଁ ?"

ମଲୟ ଭାଇ ବି ସେ ଚିଠି ଖଣ୍ଡ କାଢ଼ି ଦେଖାଇ ଦେଲେ ।

ମଞ୍ଜୁଳା ଆଶ୍ଚର୍ଯ୍ୟ ହୋଇ ସେ ଚିଠି କି ପଢ଼ିଲା । ପଢ଼ି ସାରି କହିଲା,

"ମୁଁ ତ ଏ ଚିଠି ଲେଖି ନାହିଁ ।"

"ତେବେ କିଏ ଲେଖିଲା ?"

"ମୁଁ ତ କହି ପାରିବି ନାହିଁ ।"

"ତୁମେ ତେବେ କେବେ ହେଲେ ଲେଖି ନ ଥିଲ ?"

"ଲେଖିଛି, କିନ୍ତୁ ଏ ଚିଠି ନୁହେଁ ।"

ଏତିକିବେଳେ ମୁଁ ଫାଙ୍କ ଭିତର ବାଟେ, ମଞ୍ଜୁଳାର ଚିଠିକୁ ଖଣ୍ଡିଏ ରୁମାଲରେ ଗୁଡ଼େଇ ତାଙ୍କ ପାଖକୁ ପକାଇ ଦେଲି ।

ଦୁହେଁ ଚମକି ପଡ଼ିଲେ । ମଲୟ ଭାଇ ରୁମାଲ ଖୋଲି ଚିଠି ଖଣ୍ଡ ପଢ଼ିଲେ—"ଯାକୁ କିଏ ଲେଖିଛି ?"

ମଞ୍ଜୁଳା ତାର ନିଜର ହସ୍ତାକ୍ଷର ଚିହ୍ନି, ପରମ ସଙ୍କୋଚରେ ଝାଉଁଳା ଲାଜକୁଳୀଟି ପରି କହିଲା, "ମୁଁ" ।

"ତାକୁ ତେବେ ଲେଖିଲା କିଏ ?" ମଲୟ ଭାଇ ପଚାରିଲେ ।


ମୁଁ ବାହାରୁ ଥାଇ ବଡ଼ ପାଟି କରି କହିଲି—"ମୁଁ" ।

କିନ୍ତୁ ଏକାବେଳେକେ ସେଠୁ ଦଉଡ଼ ପଳେଇ ଆଇଲି ।

Digitized by srujanika@gmail.com

# ମୟୂରଭଞ୍ଜରେ ସମ୍ରାଟଙ୍କର ରଜତ ଜୟନ୍ତୀ ଉତ୍ସବ

ଭାରତ ସମ୍ରାଟଙ୍କର ପୂର୍ଣ୍ଣ ୨୫ ବର୍ଷ ରାଜତ୍ୱରେ ସମସ୍ତ ବ୍ରିଟିଶ ସମ୍ରାଜ୍ୟରେ ଯେଉଁ ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ସେଥିରେ ମୟୂରଭଞ୍ଜ ରାଜ୍ୟ ମଧ୍ୟ ଯଥାଯୋଗ୍ୟ ଆନନ୍ଦ ପ୍ରକାଶ କରିଥିଲା । ରାଜ୍ୟର ନାନା ସ୍ଥାନରେ ଉକ୍ତ ଶୁଭ-ଦିନଟି ବିଶେଷ ସମାରୋହ ସହିତ ପ୍ରତିପାଳିତ ହୋଇଥିଲା । ଅବଶ୍ୟ ରାଜଧାନୀ ବାରିପଦାର ଆୟୋଜନ ସର୍ବାପେକ୍ଷା ଅଧିକ ଉଲ୍ଲେଖ-ଯୋଗ୍ୟ । ଉକ୍ତ ଉତ୍ସବ ପାଳନ ଲାଗି ରାଜ୍ୟର କେତେକ କର୍ମଚାରୀ ଓ ସାଧାରଣ ଭଦ୍ରଲୋକମାନଙ୍କୁ ନେଇ ଗୋଟିଏ ବିଶିଷ୍ଟ ଉତ୍ସବ-କମିଟି ଗଠିତ ହୋଇଥିଲା ।



ବ୍ରିଟିଶ ସାମ୍ରାଜ୍ୟର ପତାକା "ୟୁନିୟନ ଜ୍ୟାକ୍"ର ଉତ୍ତୋଳନ

ସ୍ଥାନୀୟ ପୁଲିସ ମଇଦାନର ଗୋଟିଏ ସୁପ୍ରଶସ୍ତ ଅଂଶ ବାଡ଼ଦ୍ୱାରା ଆବଦ୍ଧ କରାଯାଇ ତାହା ପତାକା, ମାଳ ଓ ନାନା ରଙ୍ଗର ବିଜୁଳି-ବତୀଦ୍ୱାରା ସୁସଜ୍ଜିତ ହୋଇଥିଲା । ବାଡ଼ର ପାଖରେ ସଭା ହେବା ପାଇଁ ଗୋଟିଏ ତମ୍ବୁ ଟଣା ଯାଇଥିଲା ଓ କିଛି ଦୂରରେ ଅଗ୍ନ୍ୟୁତ୍ସବ (Bonfire) ପାଇଁ ସ୍ତୂପାକାରରେ କାଠ ସଜ୍ଜିତ ଥିଲା ।

ମଇ ତା ୬ ରିଖ ସକାଳେ ରାଜ୍ୟର ପ୍ରତ୍ୟେକ ଧର୍ମ ମନ୍ଦିରରେ ଈଶ୍ୱର ପ୍ରାର୍ଥନା କରା ଯାଇଥିଲା ଏବଂ ପୁଲିସ ମଇଦାନରେ ଏକ ସାଧାରଣ ସଭା ବସିଥିଲା । ସ୍ଥାନୀୟ ପ୍ରତ୍ୟେକ କର୍ମଚାରୀ, ଭଦ୍ରଲୋକ ଓ ସର୍ବସାଧାରଣ ଏଥିରେ ଯୋଗ ଦେଇଥିଲେ । ସ୍କୁଲ ଛାତ୍ର ଓ ବୟ୍ ସ୍କାଉଟ୍‌ମାନେ ମଧ୍ୟ ଉପସ୍ଥିତ ଥିଲେ । ସ୍ୱୟଂ ଶ୍ରୀମନ୍ ମହାରାଜ ମହୋଦୟ ଉକ୍ତ ସଭାର ସଭାପତି ଆସନ ଅଲଙ୍କୃତ କରିଥିଲେ । ଶ୍ରୀମନ୍ ମହାରାଜା ମହୋଦୟ ଉପସ୍ଥିତ ହେବା ମାତ୍ରେ ଉତ୍ସବ-କମିଟିର ସଭ୍ୟମାନେ ଯଥା ସମାରୋହରେ ତାହାଙ୍କୁ ଅଭିବାଦନ କରି ଆଣି ଥିଲେ ।

ପ୍ରଥମେ ବ୍ୟାଣ୍ଡ୍‌ବାଦ୍ୟ ସହ ଇଂରେଜ ସାମ୍ରାଜ୍ୟର ନିଶାଣ ଇଉନିୟନ ଜ୍ୟାକ୍ ଉତ୍ତୋଳନ କରାଯାଇ ସଭାର କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ତତ୍ପରେ ୩୧ ଟି ତୋପ ସଲାମି ଦିଆ ଯାଇଥିଲା ଓ ପୋଲିସମାନେ ତାଙ୍କର ଡ୍ରିଲ ଦେଖାଇଥିଲେ । ଏ ସମସ୍ତ ଶେଷ ହେବା ପର୍ଯ୍ୟନ୍ତ ଶ୍ରୀମନ୍ ମହାରାଜାଙ୍କ ସହିତ ପ୍ରତ୍ୟେକ ଲୋକ ଛିଡ଼ା ହୋଇ ରହିଥିଲେ । ତତ୍ପରେ ଶ୍ରୀମନ୍ ମହାରାଜା ମହୋଦୟ ସମ୍ରାଟଙ୍କ ପ୍ରତି ତାଙ୍କର ଗଭୀର ଅନୁରକ୍ତି ଜଣାଇ ଉପସ୍ଥିତ ଭଦ୍ର-ମଣ୍ଡଳିଙ୍କୁ ସମ୍ବୋଧନ କରିଥିଲେ । ତାଙ୍କର ଇଂରାଜି ଭାଷଣଟିର ଅନୁବାଦ ନିମ୍ନରେ ପ୍ରଦତ୍ତ ହେଲା ।

**ଆଜ ଏହି ଉତ୍ସବ ଦିବସରେ ଯେଉଁ କାରଣରୁ ଆମ୍ଭେମାନେ ସମବେତ, ତାହାର ଗଭୀର ମର୍ମଟି ବୁଝାଇ ଦେବାଲାଗି ଦୁଇ ଚାରି ପଦ କହିବାକୁ ମୁଁ ଏକ ପରମ ସୁଯୋଗ ବୋଲି ଜ୍ଞାନ କରୁଅଛି । ସର୍ବ ପ୍ରଥମେ ମୋର ମନରେ ଆଜ ଏହି ଭାବ ଉଦିତ ହୁଏ ଯେ ଆମ୍ଭେମାନେ ପୃଥିବୀର ଏକ କୋଣରେ ପୃଥକ୍ ହୋଇ ପଡ଼ିନାହୁଁ । ଯେଉଁ ବିଶାଳ ସାମ୍ରାଜ୍ୟ ରାଜଭକ୍ତି ଓ ରାଜପ୍ରୀତିର ଏକ ବିସ୍ତୃତ ଭାବଦ୍ୱାରା ସ୍ପନ୍ଦିତ ହେଉଅଛି ତାହାର**

Digitized by srujanika@gmail.com

ସହିତ ହିଁ ଆମ୍ଭମାନଙ୍କର ଯୋଗ । ଆମ୍ଭମାନଙ୍କର ହୃଦୟଙ୍ଗମ କରିବା ଉଚିତ ଯେ ଆମ୍ଭେମାନେ ଏକ ସମଗ୍ର ପରିବାରର ଅବିଭାଜ୍ୟ ଅଂଶବିଶେଷ । ଏହି ପରିବାର କେତେ ରାଜ୍ୟ, କେତେ ସମାଜ, କେତେ ଜାତି ଏବଂ କେତେ ରାଜପରିବାରଙ୍କର ସମଷ୍ଟି; ଏହି ପରିବାରଭୁକ୍ତ ହୋଇ ଆମ୍ଭେମାନେ ସମସ୍ତେ ପରସ୍ପରର ସାଧାରଣ କଲ୍ୟାଣ ପାଇଁ କାର୍ଯ୍ୟ କରୁଅଛୁଁ ଏବଂ ସମସ୍ତେ ହିଁ ଭାରତ ସମ୍ରାଟଙ୍କ ବ୍ୟକ୍ତିତ୍ୱରୂପ ଏକ ସାଧାରଣ ଗ୍ରନ୍ଥି ଦ୍ୱାରା ଆବଦ୍ଧ ରହିଅଛୁଁ । ଏହି ଭାବ ହିଁ ମୋହର ଚିତ୍ତରେ ଆଜି ସର୍ବାପେକ୍ଷା ଜାଗ୍ରତ ରହିଅଛି ଏବଂ ଏହି ଭାବକୁହିଁ ଏ ରାଜ୍ୟର ପ୍ରଜାସାଧାରଣଙ୍କ ସହିତ ଏକ ସଙ୍ଗରେ ଅନୁଭବ କରିବାକୁ ମୁଁ ଚାହେଁ । ମହାମହିମ ସମ୍ରାଟ ଓ ସମ୍ରାଜ୍ଞୀଙ୍କ ସଙ୍ଗେ ଏ ରାଜ୍ୟର ପ୍ରତ୍ୟେକ ପ୍ରଜାର ଯେଉଁ ସମ୍ବନ୍ଧ ବର୍ତ୍ତମାନ, ତାହା ଯେ ଯୁଗପତ୍ ସ୍ୱାଭାବିକ ଓ ସ୍ୱତଃସିଦ୍ଧ ଏଥିରେ କୌଣସି ସନ୍ଦେହ ନାହିଁ । ସାମ୍ରାଜ୍ୟର ମଙ୍ଗଳ ପାଇଁ ପ୍ରତି କର୍ମରେ ସତତ ଉତ୍କଣ୍ଠା ଓ ତତ୍ପରତା ପ୍ରଦର୍ଶନ କରି ସମ୍ରାଟ୍ ଓ ସମ୍ରାଜ୍ଞୀ ଶତ ସହସ୍ର ଉପାୟରେ ସମସ୍ତଙ୍କର ପ୍ରିୟ ହୋଇଅଛନ୍ତି । ଅତଏବ ଏହି ଶୁଭ ଦିବସରେ ମୋହର ପ୍ରଜାମାନେ ସେମାନଙ୍କର ଅନ୍ତରର ଅନ୍ତରତମ ପ୍ରଦେଶରେ ସର୍ବଥା ଧାରଣା କରିବା ଉଚିତ ଯେ ସେମାନେ ଏହି ମହତ୍ ପରିବାରର ଅନ୍ତର୍ଭୁକ୍ତ—ଯେଉଁ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତମିତ ହୁଏ ନାହିଁ ଏବଂ ଯାହାର ପ୍ରଧାନ ପୁରୋଧା ମହାମହିମ ସମ୍ରାଟ ମହୋଦୟ ।

ଆମ୍ଭମାନଙ୍କର ଅନ୍ତରାତ୍ମା ଏହି ଭାବରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ଯେଉଁ ରାଜଭକ୍ତି ଓ ଶ୍ରଦ୍ଧାର ସ୍ୱତଃସିଦ୍ଧ ଭାବ ବିଷୟ ମୁଁ ଉଲ୍ଲେଖ କରିଅଛି ତାହା ବାସ୍ତବତାର ରକ୍ତ ମାଂସରେ ରୂପ ପରିଗ୍ରହ କରେ । ଯାହା କେବଳ ଭାବପ୍ରବଣତାରେ ପର୍ଯ୍ୟବସିତ ଥାଏ ତାହା ଏକ ପ୍ରବଳ ଶକ୍ତିରେ ପରିଣତ ହୋଇ ସେବା ଓ ଭକ୍ତି ରୂପ ଫଳରେ ପ୍ରକାଶ ଲାଭ କରେ ।

ଯେଉଁ ପଚିଶ ବର୍ଷ ରାଜତ୍ୱ କାଳର ସ୍ମରଣ ଲାଗି ଆମ୍ଭେମାନେ ଏଠାରେ ଏକତ୍ରିତ ତାହାର ସକଳ ବିଖ୍ୟାତ ଘଟଣାକୁ ବର୍ଣ୍ଣନା କରିବା ପାଇଁ ମୁଁ ଯାଉନାହିଁ । ସେ ଗୁଡ଼ିକଦ୍ୱାରା ଇତିହାସ ନିର୍ମିତ ହୋଇଅଛି ଏବଂ ବିଂଶ ଶତାବ୍ଦୀର ଇତିବୃତ୍ତରେ ତାହା ସ୍ୱୀୟ ଅକ୍ଷୟଚିହ୍ନ ଅଙ୍କିତ କରି ଦେଇଅଛି । ଗତ ପଚିଶ ବର୍ଷ ମଧ୍ୟରେ ସାମାଜିକ, ନୈତିକ, ଆଧ୍ୟାତ୍ମିକ ଓ ଇତ୍ୟାଦି କ୍ଷେତ୍ରରେ ଯେଉଁ ସବୁ ପରିବର୍ତ୍ତନ ଘଟିଅଛି ତାହାର ଗଭୀର ତତ୍ତ୍ୱ ଓ ମୂଲ୍ୟ ନିରୂପଣ କରିବା ପାଇଁ ଭବିଷ୍ୟତ ବଂଶଧରମାନେ ହିଁ ଅଧିକତର ଯୋଗ୍ୟ ହେବେ । ଆମ୍ଭେମାନେ ସେଗୁଡ଼ିକର ଏତେଦୂର ନିକଟବର୍ତ୍ତୀ ଯେ ତାହାର ଯଥାର୍ଥ ଉଚ୍ଚତା ଓ ଗଭୀରତାର ପରିମାପ କରି ପାରିବୁଁ ନାହିଁ । କିନ୍ତୁ ଗୋଟିଏ କଥା ନିଶ୍ଚିତ—ମହାମହିମ ସମ୍ରାଟ ଏହି ଯେ ପଚିଶ ବର୍ଷ ବ୍ରିଟିଶ ସାମ୍ରାଜ୍ୟର ଶାସନ-ଦଣ୍ଡ ଧାରଣ କରିଅଛନ୍ତି ସେହି କାଳ ମଧ୍ୟରେ ଯେଉଁ ବହୁସଂଖ୍ୟକ ଗୁରୁତର ଘଟଣାମାନ ଘଟି ଯାଇଅଛି ସେପରି ଘଟଣା ଜଗତ ଇତିହାସର ଅତି ଅଳ୍ପ ଯୁଗରେ ହିଁ ଘଟିଥାଏ ।

ଆଉ ଗୋଟିଏ କଥା କହି ମୁଁ ମୋହର ବକ୍ତବ୍ୟ ଶେଷ କରିବି । ମହାମହିମ ସମ୍ରାଟ ଓ ସମ୍ରାଜ୍ଞୀ ଆଦେଶ କରିଛନ୍ତି ଯେ ଏହି ଉତ୍ସବ ପାଳନ କେବଳ ଅର୍ଥହୀନ ଆନନ୍ଦ ଉପଭୋଗରେ ଆବଦ୍ଧ ହେବନାହିଁ, ସର୍ବ-ସାଧାରଣଙ୍କର ଉପକାର ଓ ହିତ ପାଇଁ କୌଣସି କାର୍ଯ୍ୟ କରାଯିବା ଉଚିତ । ଏ ରାଜ୍ୟରେ ଯେଉଁ ଉତ୍ସବ ପାଳନ କରା ଯାଉଅଛି ତାହା ଏହି ଉଚ୍ଚ ଆଦର୍ଶକୁ ସ୍ନେହ ଓ ଅନୁରାଗ ସହିତ କାର୍ଯ୍ୟରେ ପରିଣତ କରିବ ବୋଲି ଆଶା କରାଯାଏ । ଆମ୍ଭମାନଙ୍କର ଅନ୍ତର, ଆମ୍ଭମାନଙ୍କର ବାଣୀ ସେହି ସର୍ବଶକ୍ତିମାନଙ୍କର ସିଂହାସନ ପ୍ରତି ପ୍ରଧାବିତ ହେବ ମହାମହିମ ସମ୍ରାଟ ଓ ସମ୍ରାଜ୍ଞୀଙ୍କର ସକଳ କଲ୍ୟାଣ ପ୍ରାର୍ଥନା କରି—ଦୀର୍ଘ ଜୀବନ, ସୁଖ ଓ ସମୃଦ୍ଧି । କିନ୍ତୁ ସେଥି ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ହସ୍ତ ମଧ୍ୟ ଏହି ପୁଣ୍ୟାହ ପାଳନ କରିବାରେ ବ୍ୟାପୃତ ରହୁ—ଯେଉଁ ସବୁ ଉପାୟରେ ଦୀନ ଓ ଦୁଃସ୍ଥ ବ୍ୟକ୍ତିପାଇଁ ସୁଖ ଆନୟନ କରିପାରୁଁ ସେହି ସବୁହିଁ ତାହାର କାର୍ଯ୍ୟ ହେଉ ।


Digitized by srujanika@gmail.com



ଶ୍ରୀମନ୍ ମହାରାଜା ସର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେବ, କେ. ସି. ଆଇ. ଇ.

State Press, Baripada.

Digitized by srujanika@gmail.com




ଷ୍ଟେଟ୍ ପୋଲିସ୍ ଉତ୍ସବସୂଚକ ଡ୍ରିଲ ପ୍ରଦର୍ଶନ କରିଥିଲେ

ଶ୍ରୀମନ୍ ମହାରାଜାଙ୍କ ଭାଷଣ ପରେ ରାଜ୍ୟର କର୍ମଚାରୀ ଓ ସାଧାରଣ ଭଦ୍ରଲୋକମାନେ ସମ୍ରାଟଙ୍କ ରାଜତ୍ୱ କାଳର ବିଶେଷ ବିଶେଷ ଘଟଣାମାନ ବର୍ଣ୍ଣନା କରି ବକ୍ତୃତା ଦେଇଥିଲେ । ତତ୍ପରେ ଡକ୍ଟର ପି. କେ. ସେନ୍, ଦେଓଆନ ଜୟଧ୍ୱନି ମଧ୍ୟରେ ମହାରାଜାଙ୍କୁ ସମ୍ରାଟଙ୍କଦ୍ୱାରା ରଜତ ଜୟନ୍ତୀ ଉପଲକ୍ଷେ ପ୍ରଦତ୍ତ ହୋଇଥିବା ପଦକ ଉପହାର ଘୋଷଣା କରିଥିଲେ । ସ୍ୱୟଂ ମହାରାଜା ମହୋଦୟ ଏହି ଉପଲକ୍ଷରେ ସମ୍ରାଟଙ୍କଦ୍ୱାରା ଦିଆ ଯାଇଥିବା ଅବଶିଷ୍ଟ ୭ ଗୋଟି ପଦକ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ପ୍ରଦାନ କରିଥିଲେ ।

୧ । ରାୟ ବାହାଦୁର ହରିହାସ ବୋଷ, ଅବସରପ୍ରାପ୍ତ ଜଜ୍ ।
୨ । ରଜତଚନ୍ଦ୍ର ପରାକ୍ରମବାହୁ ଅଭିନବ ଭୁଜଙ୍ଗ ମାନ୍ଧାତା, କପଟପଦା ସରବରାକାର ।
୩ । ପିଠରେ ଧ୍ରୁବରାଜ, ସିମିଳିପାଲ ସର୍ଦ୍ଦାର ।
୪ । ମଦନ ମୋହନ ମହାନ୍ତି, ମଝାଲଭାଗ ସର୍ଦ୍ଦାର ।
୫ । ଅଖଣ୍ଡଳ ସିଂହ, ପୋଲିସ ସୁବାଦାର ।
୬ । ମଦନ ମୋହନ ମହାନ୍ତି, ଅବସରପ୍ରାପ୍ତ ତହସିଲଦାର, ଯଶିପୁର ।
୭ । ଗୋପୀନାଥ ଦାସ, ସରଡ଼ିହା ସର୍ଦ୍ଦାର ।

ତତ୍ପରେ ଶ୍ରୀଯୁକ୍ତ ଲଳମୋହନ ପଣ୍ଡାଙ୍କ ପ୍ରସ୍ତାବ ଅନୁସାରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ବ୍ୟାଣ୍ଡବାଦ୍ୟସହ ସଭା-ଭଙ୍ଗ କରା ଯାଇଥିଲା ।

ପୋଲିସ ପଡ଼ିଆରେ ଉକ୍ତ ଦିନ ୪ଟା ସମୟରେ ଆମୋଦ ପ୍ରମୋଦର ବ୍ୟବସ୍ଥା ହୋଇଥିଲା । ସେଠାରେ ଛୋଟ ଛୋଟ ପିଲା-ମାନଙ୍କର ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଓ ପୋଷାକ ପ୍ରତିଯୋଗିତା ହେବା ପାଇଁ ସହରର ପିଲାମାନଙ୍କୁ ଏକତ୍ରିତ କରା ଯାଇଥିଲା ଓ ସେଠାକୁ ସେମାନଙ୍କୁ ନେବାପାଇଁ ଷ୍ଟେଟ୍ ତରଫରୁ ମହାରାଜା ମହୋଦୟ ମଟର ଲରିର ବ୍ୟବସ୍ଥା କରିଥିଲେ । ସ୍ଥାନୀୟ ମହିଳା ସମିତି ଓ ଉତ୍ସବ-



ଷ୍ଟେଟ୍‌ର ବ୍ୟାଣ୍ଡ୍‌ବାଦ୍ୟ ସମ୍ରାଟ୍‌ଙ୍କର କଲ୍ୟାଣସୂଚକ ବାଦ୍ୟରେ ଜୟନ୍ତୀ ଉତ୍ସବର ମଙ୍ଗଳାଚରଣ କରିଥିଲେ

Digitized by srujanika@gmail.com

କମିଟିର ମେମ୍ବରମାନେ ପିଲାମାନଙ୍କ ପାଇଁ ପୁରସ୍କାର ବିତରଣ କରିଥିଲେ ଓ ସେହି ପୁରସ୍କାରଗୁଡ଼ିକ ଟିକାଏତ ସାହେବ ଶ୍ରୀମନ୍ ପ୍ରଦୀପଚନ୍ଦ୍ର ଭଞ୍ଜ ଦେଓ ସେମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ।


ସନ୍ଧ୍ୟା ହେବା ସଙ୍ଗେ ସଙ୍ଗେ ଅନେକ ଲୋକ ଆସି ଜମା ହୋଇଗଲେ । ସମସ୍ତେ ନାନା ପ୍ରକାର ଖେଳ କୌତୁକରେ ଯୋଗଦେଇ ଆନନ୍ଦରେ ସମୟ କଟାଇବାକୁ ଲାଗିଲେ । ଥିଏଟର, ମାଦଳ ନାଚ, ବାୟସ୍କୋପ, ବାଜିକରର ନାନା ପ୍ରକାର କୌଶଳ ପ୍ରଦର୍ଶନ ଏବଂ ଶ୍ରୀମନ୍ ମହାରାଜାଙ୍କଦ୍ୱାରା ପ୍ରଦତ୍ତ ଜୁଆଖେଳ ଇତ୍ୟାଦି ଅତୀବ ପ୍ରୀତିକର ହୋଇଥିଲା । ନାନା ରଙ୍ଗର ଇଲେକଟ୍ରିକ୍ ଆଲୁଅର ଯେଉଁ ବ୍ୟବସ୍ଥା ହୋଇଥିଲା ତାହା ସନ୍ଧ୍ୟା ସମୟରେ ସେହି ସ୍ଥାନଟିକୁ ଅପ୍ସରଭୁବନ ସଦୃଶ ମନୋରମ କରି ପକାଇଥିଲା । ଆତସବାଜିର ନାନା ପ୍ରକାର ଦୃଶ୍ୟ ମଧ୍ୟ ଏହି ଆଲୋକଗୁଡ଼ିକର ସୌନ୍ଦର୍ଯ୍ୟକୁ ଅଧିକ ବଢ଼ାଇ ଦେଇଥିଲା ।

ଶେଷରେ ତୂରୀବାଦ୍ୟ ସହ ବାଳଚରମାନଙ୍କର ଟର୍ଚ୍ଚଲାଇଟ୍ (ମଶାଲ ବତୀ) ପ୍ରୋସେସନ, ଅଗ୍ନ୍ୟୁତ୍ସବ ଏବଂ ଆତସବାଜି ଇତ୍ୟାଦି କରାଯାଇ ସେଦିନର କାର୍ଯ୍ୟକ୍ରମ ସ୍ଥଗିତ ରଖାଗଲା ।

ତତ୍ପର ଦିନ ଠିକ୍ ସେହି ସମୟରେ କେତେକ ସ୍ଥାନୀୟ ଭଦ୍ରଲୋକଙ୍କ ଅନୁରୋଧରେ ପୁଣି ସେଠାରେ ସେହି ବ୍ୟବସ୍ଥାମାନ ହୋଇଥିଲା । ସ୍ଥାନୀୟ କୁଷ୍ଠାଶ୍ରମର କୁଷ୍ଠରୋଗୀମାନଙ୍କର ଭୋଜନାଦିର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ଓ ସିଲଭର ଜୁବିଲି କମିଟି ଏହାର ଖର୍ଚ୍ଚ ବହନ କରିଥିଲେ । ମିସେସ୍ ଲେହିଙ୍କର ତତ୍ତ୍ୱାବଧାନରେ ଏହି କାର୍ଯ୍ୟଟି ସୁସମ୍ପାଦିତ ହୋଇଥିଲା ।



"ଶିଶୁମିଳନୀ" ରେ ଯୋଗ ଦେଇଥିବା କେତେକ ବାଳକ ବାଳିକା



ଜୟନ୍ତୀ ଉତ୍ସବରେ ବାରିପଦାର କୁଷ୍ଠାଶ୍ରମଟି ମଧ୍ୟ ସୁସଜ୍ଜିତ ହୋଇ ଭିନ୍ନ ରୂପ ଧାରଣ କରିଥିଲା


Digitized by srujanika@gmail.com

ସନ୍ଧ୍ୟା ସମୟରେ ପ୍ରତ୍ୟେକ ସରକାରୀ ଓ ସାଧାରଣ ଗୃହମାନଙ୍କରେ ଦୀପାବଳୀ ଦିଆ ଯାଇଥିଲା । ରାଜବାଟିରେ ଯେଉଁ ସୁନ୍ଦର ବନ୍ୟାଲୋକ (Flood-light) ଦିଆ ଯାଇଥିଲା ତାହା ବାରିପଦାରେ ସମ୍ପୂର୍ଣ୍ଣ ନୂତନ ଓ ତଦ୍ୱାରା ପ୍ରାସାଦର ଦୃଶ୍ୟ ଅତି ଚମତ୍କାର ହୋଇଥିଲା । ଶେଷରେ ନଗରସଙ୍କୀର୍ତ୍ତନଦ୍ୱାରା ସେ ଦିନର କାର୍ଯ୍ୟକ୍ରମ ଶେଷ କରି ପାଇଥିଲା ।

ଶ୍ରୀମନ୍ ମହାରାଜା, ରାଜକୁମାର ଦ୍ୱୟ ଓ ଅନ୍ୟାନ୍ୟ ରାଜବଂଶୀୟମାନେ ପ୍ରତ୍ୟେକ କାର୍ଯ୍ୟରେ ଯୋଗ ଦେଇଥିଲେ । ମହାରାଜା ମହୋଦୟ ପ୍ରତ୍ୟେକ ବିଷୟପ୍ରତି ତନ୍ନ ତନ୍ନ ରୂପେ ତତ୍ତ୍ୱାବଧାନ କରୁଥିଲେ ଏବଂ ସମସ୍ତ ଉତ୍ସବ ପ୍ରତି ସବୁବେଳେ ତତ୍ପର ଓ ଯତ୍ନବାନ ଥିଲେ ।

ମଫସଲ ସବ୍‌ଡିଭିଜନମାନଙ୍କରେ ବାରିପଦା ପରି ଉକ୍ତ ଉତ୍ସବର ବ୍ୟବସ୍ଥା ହୋଇ ପାରି ନ ଥିଲେ ହେଁ ତାହା ସାମର୍ଥ୍ୟାନୁସାରେ ପରିଚାଳିତ ହୋଇଥିଲା । ପ୍ରତ୍ୟେକ ସବ୍ ଡିଭିଜନରେ ପତାକା ସଲାମି ଓ ସଭା କରାହୋଇଥିଲା ଏବଂ ରାଜ୍ୟର ପ୍ରତ୍ୟେକ ମଧ୍ୟଇଂରାଜୀ ସ୍କୁଲର ଛାତ୍ରମାନଙ୍କୁ ରୌପ୍ୟ ପଦକ ଓ ମିଷ୍ଟାନ୍ନ ଦିଆ ଯାଇଥିଲା । ତାହା ଛଡ଼ା ସଙ୍କୀର୍ତ୍ତନ, ମସାଲବତୀ ଶ୍ରେଣୀ, ଯାତ୍ରା ଓ ନାନା ପ୍ରକାର କ୍ରୀଡ଼ା କୌତୁକାଦିର ବ୍ୟବସ୍ଥା ମଧ୍ୟ ହୋଇଥିଲା ।

ଏହା ବ୍ୟତୀତ ଖୁଣ୍ଟାରେ କାଙ୍ଗାଳମାନଙ୍କୁ ଭୋଜନ ଦିଆ ଯାଇଥିଲା ଓ କରଞ୍ଜିଆର ସବ୍ ଡିଭିଜନେଲ ଅଫିସର ଅଗ୍ନ୍ୟୁତ୍ସବର ବ୍ୟବସ୍ଥା କରିଥିଲେ । ପ୍ରତ୍ୟେକ ସରକାରୀ ଗୃହ, କଚେରୀ ଓ ଅଫିସମାନଙ୍କରେ ଯଥାରୀତି ଶ୍ରେଷ୍ଠ ପତାକା ଉତ୍ତୋଳନ କରି ଯାଇଥିଲା ।



ରଜତ ଜୟନ୍ତୀ ଉପଲକ୍ଷରେ ଯେଉଁ ପ୍ରକାଣ୍ଡ ଅଗ୍ନ୍ୟୁତ୍ସବ କରାଯାଇ ଥିଲା ତାହାର ଶିଖାଦ୍ୱାରା ଆକାଶ ଆଲୋକିତ ହୋଇ ବାରିପଦାଠାରୁ ଅନେକ ମାଇଲ ଦୂର ପର୍ଯ୍ୟନ୍ତ ଦେଖା ଯାଉଥିଲା

## ଆଶୀର୍ବାଦ ଗୀତିକା *

### ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ବାଜେ ଶୁଭ ଶଙ୍ଖ ଶୁଭ୍ର ମଧୁର,
ହୁଳ-ହୁଳି ନାଦ ପଡ଼େ ଉଚ୍ଛୁଳି,
ନହବତ ବାଦ୍ୟ ବାଜେ ସଘନେ,
ଶୁଭ ପୂର୍ଣ୍ଣକୁମ୍ଭ ରାଜେ ତୋରଣେ,
ହର୍ଷେ ମତ୍ତ ପୁରବାସୀ,
ବାଦନ୍ତ ଶବଦ ହେଲେ ପକାଉଛି
ସିନ୍ଧୁ କୋଳାହଳ ରାଶି । ୧ ।

ଗୃହଦ୍ୱାରେ ଶୁଭେ ଲୋକ ଗହଳ,
ଗୃହଦ୍ୱାରୁଁ ବାୟୁ ବହେ ଚହଲ,
କି ରାଜନବର କି ରାଜଦାଣ୍ଡ,
ଲୋକେ ଲୋକାରଣ୍ୟ; ସରବେ ରୁଣ୍ଡ,
ଦେଖନ୍ତି ଉତ୍ସବ ରଙ୍ଗେ,
ପଞ୍ଜାବ କର୍ଣ୍ଣାଟ ଅଙ୍ଗ ବଙ୍ଗ ବାସୀ
ଶ୍ରୀକ୍ଷେତ୍ର ବାସୀଙ୍କ ସଙ୍ଗେ । ୨ ।

ଗଜପତି କୁଳ ରାଜନନ୍ଦିନୀ
ଆୟୁଷ୍ମତୀ କସ୍ତୁରିକାମୋଦିନୀ
ଶୁଭ ଯୋଗେ ଆଜି ଶୁଭ ତିଥିରେ
ବିଦ୍ୟା ଆରମ୍ଭିବେ ଯଥାବିଧିରେ
ଯେବେ ଶିକ୍ଷା ନବ ବ୍ରତ
ହେମାମଣିଙ୍କର ଏ ଶୁଭ ଉତ୍ସବେ
ସରବେ ଆଜି ଉପତ । ୩ ।

* ପୁରୀର ଗଜପତି ରାଜକୁମାରୀ ଶ୍ରୀମତୀ କସ୍ତୁରିକାମୋଦିନୀ ଦେବୀଙ୍କର ତା ୨୩-୫-୩୫ ରିଖରେ ଶୁଭ ବିଦ୍ୟାରମ୍ଭୋତ୍ସବ ଉପଲକ୍ଷରେ ‘ଆଶୀର୍ବାଦ ଗୀତିକା’ର ରଚନା ଲାଗି ତିନି ଗୋଟି ପୁରସ୍କାର ଘୋଷଣା କରି ଯାଇଥିଲା । ଦୈବବଶେ ପୁରୀର ଏ ପଦ୍ୟଟି ପ୍ରଥମ ପୁରସ୍କାର ପାଇଅଛି । ଦେବଗଡ଼ ଦ୍ୱିତୀୟ ଓ ତାଲଚେର ତୃତୀୟ ପୁରସ୍କାର ଲାଭ କରିଅଛି ।

Digitized by srujanika@gmail.com

ବାଲ୍ୟ ବୟସ କେଡ଼େ ସୁନ୍ଦର !
ଚନ୍ଦ୍ରବଦନଟି କେଡ଼େ ନିର୍ମଳ !
ନେନେ ବିଭସୁଛି ସ୍ୱର୍ଗର ଛବି
ଆଙ୍କି ନ ପାରିବ ଆଲେଖ୍ୟ କବି;
ନବନୀତ ସୁକୁମାରୀ
ସଦା ହାସ୍ୟମୟୀ ପ୍ରଫୁଲ୍ଲ ବଦନା
ଜଗଜ୍ଜନ ମନୋହାରୀ । ୪ ।

ଝରି ପଡୁଅଛି ଶ୍ରୀଅଙ୍ଗୁ ଶୋଭା !
ତରୁଣ ତପନଟି କି ମନୋଲୋଭା !
ଲକ୍ଷ୍ମୀ ସ୍ୱରୂପିଣୀ ସ୍ୱର୍ଣ୍ଣ ପ୍ରତିମା,
ମୂର୍ତ୍ତି ଧରିଛି ବା ରାଜ ସୁଷମା,
ସଦ୍ୟ ତାମରସ ପରି
ରାଜୁଛନ୍ତି, ଯେହ୍ନେ ବାଟେ ଚାଲିଯାଏ
ପିଏ ରୂପ ନେତ୍ର ଭରି । ୫ ।

କେତେ କଣ୍ଠୁ ଶୁଭେ ଶୁଭ ବଚନ !
ମନାସନ୍ତି ସର୍ବେ ଦୀର୍ଘ ଜୀବନ ।
ସ୍ୱାସ୍ଥ୍ୟ ଶାନ୍ତି ଆୟୁ ବାଞ୍ଛନ୍ତି ସର୍ବେ ।
ରାଜପୁରୀ ପୂର୍ଣ୍ଣ ମଙ୍ଗଳ ରବେ ।
ସର୍ବେ ଆଜି ଏକମନେ
ଜେମାମଣିଙ୍କର ମଙ୍ଗଳ ଜଣାନ୍ତି
ଜଗନ୍ନାଥ ଶ୍ରୀଚରଣେ । ୬ ।

ଭଣନ୍ତି ସରବେ,—"ଜଗତସାଇଁ
ଏ ରାଜବଂଶର ମଙ୍ଗଳ ପାଇଁ
କେତେ କାହିଁ ନାଥ ଡେରିଛ କାନ !
କେତେ ଦୁର୍ଦ୍ଦିନରେ ଦେଇଛ ତ୍ରାଣ !
କେତେ ବିପତ୍ତିରେ ସାହା
ହୋଇ ମହାବାହୁ ରଖିଛ ଏ ବଂଶ
ତୁମ୍ଭେ ଅରକ୍ଷର ନାହା । ୭ ।

ଏ ବଂଶର କୀର୍ତ୍ତି ମହତ୍ତ୍ୱମାନ
ଏ ବଂଶ ସମ୍ମାନ ଏ ବଂଶ ତ୍ରାଣ
ସବୁରି ହେ ନାଥ ତୁମ୍ଭେ ଜନକ
ତୁମ୍ଭେ ଏ ବଂଶର ରକ୍ଷାକାରକ
ରହିଅଛ କାଳେ କାଳେ
ତବ ଆଶୀର୍ବାଦେ ଏହି ରାଜବଂଶ
ବିମଣ୍ଡିତ କୀର୍ତ୍ତିମାଳେ । ୮ ।

ହୀରକ ଖଣିରୁ ହୀରା ସମ୍ଭବେ
କାଳେ କାଳେ କଥା ଅଛି ଏ ଭବେ
ଗ ଜ ପ ତି ବଂ ଶ ହୀରାର ଖଣି
ଯୁଗେ ଯୁଗେ କେତେ ଅମୂଲ୍ୟ ମଣି
ବାହାରି ମଣ୍ଡିଛି ଧରା
ଏ ବଂଶ ଚନ୍ଦ୍ରମା ଶୁରବୀରେ ଲଭି
କୀର୍ତ୍ତିମୟୀ ବସୁନ୍ଧରା । ୯ ।

ଗଜପତିକୁଳ କେଡ଼େ ଉଜ୍ଜ୍ୱଳ !
କେତେ କାଳୁଁ କେତେ କୀର୍ତ୍ତି ବିମଳ
ମଣ୍ଡିଅଛି ଏହି ବଂଶ ଶରୀର !
କେତେ ଜ୍ଞାନୀ ମାନୀ ପଣ୍ଡିତ ବୀର
ଜନ୍ମିଛନ୍ତି ଏହି କୁଳେ !
ଏ କୁଳ କୀରତି ଗାଏ ବାନା ବତି
ଉଡ଼ି ନୀଳାଚଳଚୂଳେ । ୧୦ ।

କେତେ ଗିରି ଭଙ୍ଗି କେତେ ଦେଉଳ
ଗଜପତି ବୀରେ କରିଲେ ମୂଳ !
କେତେ ଧର୍ମକ୍ଷେତ୍ର କଲେ ସ୍ଥାପନ !
କେତେ ରଣାଙ୍ଗନ କଲେ ମଣ୍ଡନ !
ଗଙ୍ଗାକୂଳୁ ଗୋଦାବରୀ
ହସି ହସି ଦିନେ ଶାସିଲେ ଏ ବଂଶ
କରେ ରାଜଦଣ୍ଡ ଧରି । ୧୧ ।

କପରି ଏ ବଂଶ କରିଛ ରକ୍ଷା
ଦେଇଅଛ ନାଥ କେତେ ପରୀକ୍ଷା !
ରଣାଙ୍ଗନେ ଗଲ ଭୃତ୍ୟ ଗହଣେ
ଆଣିଲ ବିଜୟଲକ୍ଷ୍ମୀ ସଂଗ୍ରାମେ
ଏ ବଂଶ ଗୌରବ ପାଇଁ;
ଏ ନୁହେ କାହାଣୀ, ଇତିହାସ ବାଣୀ,
ହେ ପ୍ରଭୁ ନୀଳାଦ୍ରି ସାଇଁ । ୧୨ ।

ଯୁଗେ ଯୁଗେ ନାଥ ଟେକି ଉଡ଼ାଲେ
ରଖ ଗଜପତି ବଂଶ ଧରାରେ;
ଏ ବଂଶ ସଙ୍ଗରେ ଏ ଦେଶ ପ୍ରାଣ
ଏ ଦେଶ ମହତ୍ତ୍ୱ ଏ ଦେଶ ତ୍ରାଣ
ବିଜଡ଼ିତ କାଳେ କାଳେ;
ଓଡ଼ିଆ ଜାତିର ଗରବ ଗୌରବ
ଏ ବଂଶ ଏ ଧରା ତଳେ । ୧୩ ।

ଗଜପତି ବଂଶେ ଜେମା ଜନମ
ଦେବ ! ତୁମ୍ଭର ଏ ନବ ବିଧାନ;
ସାଧିବାକୁ ସାଧୁ କାର୍ଯ୍ୟ ମରତେ
ଖେଳିଲ ଏ ଲୀଳା ଆଜି ଜଗତେ;
ରମା ଜେମା ରୂପ ଧରି
ଅବତରିଛନ୍ତି ଏ ରାଜନବରେ
ଦିବ୍ୟ ଧାମ ପରିହରି । ୧୪ ।

ଆଜି ପୁଣି ସେହି କୁଳନନ୍ଦିନୀ
ବିଦ୍ୟା ଆରମ୍ଭିବେ ଶ୍ରୀ ଜେମାମଣି;
ବାଲ୍ୟ ବୟସୁ ବିଦ୍ୟା ବିନୟେ
ନୀତି ନାରୀଧର୍ମ ଭରି ହୃଦୟେ;
କର ଶୁଭ ବୁଦ୍ଧି ଦାନ
ହୁଅନ୍ତୁ ନନ୍ଦିନୀ ତବାଶିଷେ ଦେବ
ଦେବୀ କମଳା ସମାନ । ୧୫ ।

ଶସ୍ତ୍ରେ ଶାସ୍ତ୍ରେ ସେହ୍ନେ ହୋଇ ପ୍ରବୀଣା
ବଢ଼ାନ୍ତୁ ଏ ବଂଶ କୀର୍ତ୍ତି ଗରିମା;
ଏ ବଂଶ ସୁବିଧି ଶୁଦ୍ଧ ଆଚାର
ପୁଣ୍ୟ ପବିତ୍ରତା ଲଭୁ ସଞ୍ଚାର;
ବଢ଼ନ୍ତୁ ଚନ୍ଦ୍ରମା ପରି;
ଜେମାମଣିଙ୍କର ଯଶ ସୌରଭରେ
ଯାଉ ବସୁନ୍ଧରା ଭରି । ୧୬ ।

ସୀତା ସାବିତ୍ରୀଙ୍କ ପୁଣ୍ୟ ଆଦର୍ଶ
କରୁ ରାଜଜେମା ଜୀବନ ସ୍ପର୍ଶ;
ଭରି ଉଠୁ ପ୍ରାଣ ପୁଣ୍ୟ ସୌରଭେ
ଜୀବନ ଶ୍ରୀବୃଦ୍ଧି ଲଭୁ ଗୌରବେ;
ପିତୃକୁଳ ପତିକୁଳ
ରାଜନନ୍ଦିନୀଙ୍କ ଯଶ ଗୌରବରେ
ଦିଶୁ ଶୁଭ୍ର ସମୁଜ୍ଜ୍ୱଳ । ୧୭ ।

ଥାଉ ଦୂର କଥା ଏହି ନବରେ
ଏହି ବଂଶେ ଏବେ ତୁମ୍ଭର ବରେ
ଥିଲେ ରାଜରାଣୀ ନୀତି ନିପୁଣା
ସୂର୍ଯ୍ୟମଣି ମହାଦେବୀ ପ୍ରବୀଣା;
କେତେ ଜ୍ଞାନୀ ମାନୀ ବୀର
ଯାର ବିଦ୍ୟା ବୁଦ୍ଧି ରାଜନୀତି ପ୍ରାଣେ
ନୁଆଁଇଲେ ନିଜ ଶିର । ୧୮ ।

ସେହି ଆଦର୍ଶର ପୁଣ୍ୟ କାହାଣୀ!
ସେହି ବୀରତ୍ୱର ଅଭୟ ବାଣୀ
ଭରୁ ରାଜଜେମା ଶିଶୁ ଅନ୍ତର;
ବିକଶି ଅଚିର ଚିତ୍ତ କମଳ,
ଉଲ୍ଲସି ଉଠିବ ହିଆ,
ସେ ଶିକ୍ଷା ଆଦର୍ଶେ ସୁଶିକ୍ଷିତା ଜେମା
ହେବେ ବିଶ୍ୱବରେଣ୍ୟ ଠିଆ । ୧୯ ।

ପ୍ରଭୁ ପରାତ୍ପର କର କରୁଣା,
ତବ ଆଶୀର୍ବାଦ ନ ହେଉ ଊଣା,
ଧନ ଜନ ଗୋପ ଲକ୍ଷ୍ମୀ ବିତର,
ଦିଅ ହେ ଜେମାଙ୍କୁ ସୁବୁଦ୍ଧି ବଳ,
ରହି ତବ ଛାୟାତଳେ
ସୁଖ ଶାନ୍ତି ଆୟୁ ଭୁଞ୍ଜନ୍ତୁ ଆନନ୍ଦେ
କାଳେ କାଳେ ଏ ଭୂତଳେ ।" ୨୦ ।

Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ଜୟପୁର

### ନବଯୁଗର ତାଜମହଲ

ରାଜପୁତନାର ସର୍ବ ବୃହତ ଦେଶୀୟ ରାଜ୍ୟ ଜୟପୁର ତାହାର ସୁନା ଏବଂ ଶଙ୍ଖମଲମଲ ପଥର ପାଇଁ ସୁବିଖ୍ୟାତ । ଜୟପୁରର ଯୁବକ ମହାରାଜା ପୋଲୋ କ୍ରୀଡ଼ାରେ ଦେଶ ବିଦେଶରେ ସୁନାମ ଅର୍ଜି ଅଛନ୍ତି । ଜୟପୁରରେ ସୂର୍ଯ୍ୟବଂଶୀ ରାଜାମାନଙ୍କର ଆଭିଜାତ୍ୟ ଓ ଐତିହାସିକ ପ୍ରସିଦ୍ଧି, ଜୟପୁର ରାଜଧାନୀର ସୁନ୍ଦର ଗଠନ ପ୍ରଣାଳୀ, ରାସ୍ତା ଏବଂ ଗୃହାଦିର ଅବସ୍ଥିତି ସମ୍ବନ୍ଧରେ ବହୁ ପ୍ରଶଂସା ଶୁଣା ଯାଏ ।

କିନ୍ତୁ ସବୁଠାରୁ ଏ ରାଜ୍ୟର "ବାୟୁ ପ୍ରାସାଦ"ର ସୁଖ୍ୟାତ ଏକ ନୂଆ ଖବର । ସମଗ୍ର ପ୍ରାସାଦଟି ଜୟପୁରର ବହୁମୂଲ୍ୟ ମାର୍ବଲ ପଥରରେ ତିଆରି । ଏହାର ଦ୍ୱାର ସଂଖ୍ୟା ୧୦୦୦ ଏବଂ ଝରକା ସଂଖ୍ୟା ୩୫୦୦ । ବିଶେଷତଃ ଘରଗୁଡ଼ିକରେ ବୈଦ୍ୟୁତିକ ଚୁଲ୍ଲୀର ବ୍ୟବସ୍ଥା କରି ହୋଇଅଛି । ଏହା ବ୍ୟତୀତ ଯେଉଁସବୁ ବାଦ୍ୟ ଯନ୍ତ୍ରାଦି ପ୍ରାସାଦରେ ସଜ୍ଜିତ ଅଛି ଏବଂ ଯେଉଁସବୁ କାରୁକାର୍ଯ୍ୟ ଖଚିତ ଅଛି ତାହା ଏ ପ୍ରାସାଦଟିକୁ ପୃଥିବୀ ପୃଷ୍ଠରେ ଏକ ଶ୍ରେଷ୍ଠ ବିଳାସ ଭବନରୂପେ ପ୍ରତିଷ୍ଠିତ କରିଅଛି ।

ସେ ଦିନ ଭାରତସମ୍ରାଟଙ୍କ ରଜତ ଜୟନ୍ତୀ ଉତ୍ସବରେ ଯୋଗ-ଦେବା ପାଇଁ ଜୟପୁରର ମହାରାଜା ଲଣ୍ଡନ ଯାଇଥିଲେ । ଉତ୍ସବ ପରେ ଏହି "ବାୟୁ ପ୍ରାସାଦ"ର ସାଜ ସଜ୍ଜା ପାଇଁ ବିଲାତରୁ ଅନେକ ବହୁମୂଲ୍ୟ ଜିନିଷ କିଣିବେ ବୋଲି ଶୁଣାଯାଏ ।

## କାଲାତ୍

### କ୍ୱେଟା ଭୂମିକମ୍ପର ପ୍ରଭାବ

ବିହାର ଭୂମିକମ୍ପର ଦାରୁଣ ସ୍ମୃତି ଜାଗ୍ରତ ଥିବା ଅବସ୍ଥାରେ ବ୍ରିଟିଶ ଶାସନାଧୀନ ବେଲୁଚିସ୍ଥାନର କ୍ୱେଟା ସହରରେ ଯେଉଁ ପ୍ରଳୟ ଭୂମିକମ୍ପ ଘଟିଥିଲା ତାହା ପାଠକମାନଙ୍କୁ ଜଣାଥିବ । କ୍ୱେଟାଠାରୁ କେତେକ ମାଇଲ ଦୂରରେ କାଲାତ୍ ନାମକ ଗୋଟିଏ ଦେଶୀୟ ରାଜ୍ୟର ଅବସ୍ଥିତି । ସେ ରାଜ୍ୟର ପୁରୁଣା ବିଖ୍ୟାତ "ମିରି" ନଗର ଧୂଳିସାତ୍ ହୋଇ ପଡ଼ିଅଛି । ଏହି ନଗରର ପୂର୍ବତନ ରାଜା (ବର୍ତ୍ତମାନ ରାଜାଙ୍କର ପିତୃବ୍ୟ) ଖାଁ ସାହେବ ଅଳ୍ପ କେତେକ ବର୍ଷ ପୂର୍ବେ ତାଙ୍କର ୩୬୦ ଗୋଟି ରାଣୀଙ୍କୁ ନେଇ ବାସ କରୁଥିଲେ । ସହର ମଝିରେ ଏହି ପ୍ରକାଣ୍ଡ ଅଟ୍ଟାଳିକାଟି ତାହାର ପୁରୁଣା ମଜବୁତ ଇଟା କାନ୍ଥଗୁଡ଼ିକ ସହ ଗୋଟାଏ ଶକ୍ତ ଦୁର୍ଗ ପରି ରହିଥିଲା । ବହୁ ମୂଲ୍ୟର ଧନ ସମ୍ପଦ ମଧ୍ୟ ଏଥିରେ ଭର୍ତ୍ତି ଥିଲା ।

କେତେକ ବର୍ଷ ପୂର୍ବେ ବୃଦ୍ଧ ଖାଁ ସାହେବଙ୍କର ମୃତ୍ୟୁ ହେବାରୁ ରାଜନବରଟି ପ୍ରାୟ ଖାଲି ହୋଇ ପଡ଼ିଥିଲା । ତାଙ୍କର ୩୬୦ ରାଣୀ ଯେଉଁ ସବୁ ଗ୍ରାମରୁ ନିଆ ଯାଇଥିଲେ ସେଠାକୁ ପୁଣି ଫେରି ଆସିଲେ । କେବଳ ତାଙ୍କର ସୁନା ଅଳଙ୍କାରକୁ ଛାଡ଼ି ବାକି ସବୁ ରୂପା ଗହଣା ଓ ବହୁ ମୂଲ୍ୟ ପଥରଗୁଡ଼ିକୁ ନିଜ ପାଖରେ ରଖିବାକୁ ତାଙ୍କୁ ଅନୁମତି ମିଳିଥିଲା । ସୁନା ଅଳଙ୍କାର ବଦଳରେ ପ୍ରତ୍ୟେକଙ୍କୁ ଦୁଇଟି ଓଟ ଓ ଗୋଟିଏ ଘୋଡ଼ା ଦିଆ ଯାଇଥିଲା ।


ବୃଦ୍ଧ ଖାଁଙ୍କର ଦୁଇଟା ବଡ଼ ଖିଆଲ ଥିଲା । ସେଥି ଭିତରୁ ଗୋଟିଏ ହେଉଛି ଘୋଡ଼ା ସଂଗ୍ରହ କରିବା । କିନ୍ତୁ ସେ ସବୁ ଘୋଡ଼ାରେ ସେ ଆଦୌ ଚଢ଼ୁ ନ ଥିଲେ । ଘୋଡ଼ାଗୁଡ଼ିକର ଲାଙ୍ଗୁଳ କାଟି-ଦେଇ ସେମାନଙ୍କୁ ସେ ପାହାଡ଼ କାଟି ଓ ଗୁମ୍ଫା ଖୋଳାଇ ଘୋର ଅନ୍ଧକାର ଭିତରେ ରଖୁଥିଲେ । ସେମାନଙ୍କୁ କେବେହେଲେ ପଦାକୁ ଅଣା ଯାଉ ନ ଥିଲା । ଖାଁଙ୍କ ମୃତ୍ୟୁ ବେଳକୁ ସେମାନଙ୍କ ମଧ୍ୟରୁ କେତେକ ନିବିଡ଼ ଅନ୍ଧକାର ମଧ୍ୟରେ ଦଶ ବର୍ଷ ପର୍ଯ୍ୟନ୍ତ ରହି ସମ୍ପୂର୍ଣ୍ଣରୂପେ ଅନ୍ଧ ହୋଇ ଯାଇଥିଲେ । ଏହି ପରି ପ୍ରାୟ ୬୦୦ ଘୋଡ଼ା ସେ ପୋଷିଥିଲେ ।

ଆଉ ଏକ ଖିଆଲ ଥିଲା—ମୂଲ୍ୟବାନ ସାଜସଜ୍ଜା, ବିଶେଷତଃ ସୁନାର ଜିନିଷମାନ ସଂଗ୍ରହ କରିବା । ମୃତ୍ୟୁ ସମୟରେ ସେ ଏହି ସବୁ କାରୁକାର୍ଯ୍ୟଖଚିତ ଜିନିଷଗୁଡ଼ିକୁ ଦୁଇ ଖଣ୍ଡ କରି କାଟି ତପୃରେ ସିଲାଇ କରିବାକୁ ଆଦେଶ ଦେଇଥିଲେ । ତଦ୍ୱାରା ସେଗୁଡ଼ିକର କାରିଗରିର ମୂଲ୍ୟ ନଷ୍ଟ ହୋଇ ଯାଇଥିଲା ।

ବର୍ତ୍ତମାନ ଖାଁ ସାହେବଙ୍କ ବୟସ ୨୬ । ସେ ବେଶ ଶିକ୍ଷିତ ଏବଂ ମାର୍ଜିତ । ଆଧୁନିକ ରୀତିରେ ତାଙ୍କର ଯେଉଁ ନୂଆ ପ୍ରାସାଦ ତିଆରି ହୋଇଅଛି ସେଥି ମଧ୍ୟକୁ "ମିରି"ର ଅଧିକାଂଶ ଧନସମ୍ପଦ ଅଣା ହୋଇଅଛି । ଭୂମିକମ୍ପଦ୍ୱାରା ନୂଆ ରାଜବାଟିର ଖୁବ୍ ବେଶି କ୍ଷତି ହୋଇ ନାହିଁ । ଖାଁ ସାହେବ, ତାଙ୍କର ଆଫଗାନୀ ସ୍ତ୍ରୀ ଓ ଶିଶୁ ପୁତ୍ରଟି ମଧ୍ୟ ଆଶ୍ଚର୍ଯ୍ୟରୂପେ ରକ୍ଷା ପାଇ ଯାଇଅଛନ୍ତି ।

ସରକାରି ହିସାବରୁ ଜଣାଯାଏ କାଲାତ୍ ରାଜ୍ୟର ଯେଉଁସବୁ ସ୍ଥାନରେ ଭୂମିକମ୍ପର ପ୍ରଭାବ ଜଣା ପଡ଼ିଥିଲା ସେ ସବୁ ଜାଗାର ଲୋକ ସଂଖ୍ୟା ୧୦,୦୦୦ । ସେମାନଙ୍କ ମଧ୍ୟରୁ ୨୯୦୦ ଲୋକ ମରି ଅଛନ୍ତି ଏବଂ ୫୦୦୦ ଆହତ ହୋଇଅଛନ୍ତି । ଆହତ ଲୋକଙ୍କ

# ଚିତ୍ରମୟ



ମଇ ମାସ ୬ ତାରିଖ ଦିନ ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷରେ ବାରିପଦା ପୋଲିସ ମଇଦାନରେ ଶ୍ରୀମନ୍ ମହାରାଜାଙ୍କ ସଭାପତିତ୍ୱରେ ହୋଇଥିବା ସାଧାରଣ ସଭାର ସମ୍ମୁଖ ଦୃଶ୍ୟ ।




ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷରେ ବାରିପଦା ପୋଲିସ ମଇଦାନରେ ସହସ୍ରାଧିକ ଲୋକଙ୍କ ଉପସ୍ଥିତିରେ ହୋଇଥିବା ଆମୋଦ ପ୍ରମୋଦର ଦୃଶ୍ୟ ।




ରଜତ ଜୟନ୍ତୀ ଉପଲକ୍ଷରେ ବାରିପଦାର କୁଷ୍ଠାଶ୍ରମର କୁଷ୍ଠ ରୋଗୀମାନେ ମଧ୍ଯ ଗୋଟିଏ ବିଶେଷ ଭୋଜରେ ଯୋଗ ଦେଇ ଆନନ୍ଦ ପ୍ରକାଶ କରିଥିଲେ ।

Digitized by srujanika@gmail.com


# ମ ୟୂ ର ଭ ଞ୍ଜ



ବାଙ୍କାନେରର ମହାରାଜକୁମାର ଶ୍ରୀ ଚନ୍ଦ୍ରଭାନୁ
ସିଂହଜୀଙ୍କର ମୟୂରଭଞ୍ଜର କୁମାରୀ
ଶ୍ରୀ କୁମୁଦମଞ୍ଜରୀ ଦେବୀଙ୍କ ସହିତ ହୋଇଥିବା
ଶୁଭ ପରିଣୟ ଉପଲକ୍ଷରେ ମୟୂରଭଞ୍ଜର
କନିଷ୍ଠ ମୃତପଟ୍ଟିକା ମହାରାଣୀ ସାହେବା
ତଖତପୁରଠାରେ
ଆଗନ୍ତୁକ ସ୍ୱଜନମଣ୍ଡଳୀଙ୍କ ସମ୍ମାନାର୍ଥେ
ଗୋଟିଏ ଉଦ୍ୟାନ ମିଳନ
କରାଇଥିଲେ ।



ବରଯାତ୍ରୀମାନେ
ଶୀକାର ଅଭିଯାନଦ୍ୱାରା ଚିତ୍ତ ବିନୋଦନ
କରିଥିଲେ ।



ମୟୂରଭଞ୍ଜର ଦେୱାନ
ଡକ୍ଟର ପି. କେ- ସେନ
କାର୍ଯ୍ୟରୁ ଅବ୍ୟାହତି ନେବା ପୂର୍ବରୁ
ବାରିପଦା ଇନ୍‌ଷ୍ଟିଚ୍ୟୁଟ୍‌ର ସଭ୍ୟମାନେ
ତାଙ୍କୁ ଯଥାଯୋଗ୍ୟ ବିଦାୟ ପ୍ରଦାନ
କରିଥିଲେ ।

Digitized by srujanika@gmail.com

ଭିତରୁ ଅଧିକାଂଶଙ୍କର ସାମାନ୍ୟ କ୍ଷତି ହୋଇଅଛି । କାଲାତ୍ ସହରର ୩୦୦୦ ବାସିନ୍ଦାଙ୍କ ଭିତରୁ ୧୪୦ ଜଣ ମରିଅଛନ୍ତି । ରାଜ୍ୟର ମାସ୍ତୁଙ୍ଗ ନାମକ ସ୍ଥାନଟିର ଦୂରତା କ୍ୱେଟାଠାରୁ ୩୨ ମାଇଲ ମାତ୍ର । ଏ ସ୍ଥାନଟି ମାଟି ସହିତ ମିଶି ଯାଇଛି । ଏଠାରେ ୬୦୦୦ ଲୋକଙ୍କ ଭିତରେ ୧୧୨୫ ଜଣ ପ୍ରାଣ ହରାଇ ଅଛନ୍ତି । ସୈନ୍ୟ ବିଭାଗର ମଟର ଲରି ଏବଂ ଡାକ୍ତର ଓ ଧାଈ ପ୍ରଭୃତି ୨୦୦ ଲୋକ ଏଠାକୁ ସାହାଯ୍ୟ କରିବା ଲାଗି ଯାଇଅଛନ୍ତି ।

## ବରୋଦା

### ମହାରାଜା ଗଏକୋଆଡ୍

ବରୋଦାର ମହାରାଜା ଗଏକୋଆଡ୍ ପୃଥିବୀର ସାତ ଜଣ ଧନକୁବେରଙ୍କ ମଧ୍ୟରେ କେବଳ ସ୍ଥାନ ପାଇ ନାହାନ୍ତି, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ତାଙ୍କର ଆନ୍ତର୍ଜାତିକ ଖ୍ୟାତି ପ୍ରତିଷ୍ଠିତ । ଗତ ଥର ଆମେରିକାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ-ଧର୍ମ-ସଭାରେ ( **World Fellowship of Faiths** ) ପ୍ରଧାନ ପୁରୋଧାରୂପେ ସେ ବରିତ ହୋଇଥିଲେ ଏବଂ ଲଣ୍ଡନରେ ହେଉଥିବା ଏଥର ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ସେ ସଭାପତି ହୋଇ ରହିଅଛନ୍ତି । ବରୋଦା ରାଜ୍ୟର ଶାସନସଂସ୍କାର, ନାରୀପ୍ରଗତି, ଶିକ୍ଷା ପ୍ରଚାର ଓ ଗ୍ରନ୍ଥାଗାର ପ୍ରତିଷ୍ଠା ପ୍ରଭୃତି ଅନେକ ଉନ୍ନତି ବିଧାୟକ କାର୍ଯ୍ୟ ଏ ରାଜ୍ୟକୁ କେବଳ ଅନ୍ୟାନ୍ୟ ଦେଶୀୟ ରାଜ୍ୟ କାହିଁକି ବ୍ରିଟିଶ ଭାରତ ସମକ୍ଷରେ ମଧ୍ୟ ଏକ ଆଦର୍ଶ ରାଜ୍ୟରୂପେ ପ୍ରତିପନ୍ନ କରିଛି । ମହାରାଣୀ ଗଏକୋଆଡ୍ ମଧ୍ୟ ସୁଶିକ୍ଷିତା ଏବଂ ଏକ ଆଦର୍ଶ ନାରୀ । ଆଗାମୀ ନିଖିଳ ଭାରତୀୟ ନାରୀ ସମ୍ମିଳନୀରେ ସଭାପତି ଆସନ ଗ୍ରହଣ କରିବା ପାଇଁ ତ୍ରିବାଙ୍କୁଡ଼ ରାଜ୍ୟର ମହିଳା ସଭା ତାହାଙ୍କୁ ସୁପାରିସ୍ କରିଅଛନ୍ତି ।

କିନ୍ତୁ ମହାରାଜା ଗଏକୋଆଡ୍ ରାଜପୁତ୍ର ନୁହନ୍ତି । ତାଙ୍କ ସମ୍ବନ୍ଧରେ ଫିଲିପ ମରେଲ୍ (**Philip Morrel**) ନାମକ ଜଣେ ଇଂରେଜ ଲେଖକ ଗୋଟିଏ ବିବୃତି ପ୍ରକାଶ କରି ଅଛନ୍ତି । ନିମ୍ନରେ ତାଙ୍କ କଥାର କେତେକ ଅଂଶ ତର୍ଜମା କରି ଦିଆଗଲା ।

ପ୍ରାୟ ୬୦ ବର୍ଷ ପୂର୍ବେ ୧୮୭୫ ସାଲର ମେ ମାସରେ ବମ୍ବେ ଏବଂ ହାଇଦ୍ରାବାଦର ସୀମାରେ ଅବସ୍ଥିତ କବ୍‌ଲାନା ନାମକ ଗୋଟିଏ ଛୋଟ ଗାଁରେ ଦଳେ ପୁଲିସ୍‌ଙ୍କୁ ଦେଖିବାକୁ ପାଇ ସେଠା ଲୋକେ ଚମକି ପଡ଼ିଥିଲେ । ପୁଲିସ୍ ଦଳକ ଏକ ଅଦ୍ଭୁତ ଉଦ୍ଦେଶ୍ୟ ନେଇ ଆସିଥିଲେ । ବରୋଦା ରାଜସିଂହାସନ ପାଇଁ ଜଣେ ନୂଆ ରାଜାଙ୍କୁ ତଲାସ କରିବା ହିଁ ସେମାନଙ୍କର ମତଲବ ଥିଲା ।

ବରୋଦାର ପୂର୍ବତନ ମହାରାଜାଙ୍କର କେତେକ ଅସନ୍ତୋଷ-ଜନକ କାର୍ଯ୍ୟ ହେତୁରୁ ରାଜ୍ୟଚ୍ୟୁତି ଘଟିଲା । କିନ୍ତୁ ରାଜଗାଦିର ଉତ୍ତରାଧିକାରୀ ହେବ କିଏ ? ବରୋଦା ଗଏକୋଆଡ୍ ରାଜବଂଶର କେହି ଜଣେ ମିଳିଲେ ତାଙ୍କୁ ଯମୁନା ବାଈ ନାମକ ଏକ ମୃତ ମହାରାଜାଙ୍କର ବିଧବା ମହାରାଣୀଙ୍କର ପୋଷ୍ୟପୁତ୍ର କରି ନେବାର ସ୍ଥିର ହେଲା । ଉକ୍ତ କବ୍‌ଲାନା ଗ୍ରାମରେ କାଶିରାଓ ନାମକ ଜଣେ କୃଷକ ବାସ କରୁଥିଲେ । ପ୍ରମାଣ ମିଳିଲା ଯେ କାଶିରାଓ ଜଣେ ଗଏକୋଆଡ୍ ରାଜବଂଶଧର । କାଶୀରାଓଙ୍କର ଚାରିଗୋଟି ପୁତ୍ରଙ୍କୁ ପୁଲିସ୍ ଡକାଇଲେ । ଜ୍ୟେଷ୍ଠ ପୁତ୍ରଟି ମନୋମତ ହେଲା ନାହିଁ । ସେଥିପାଇଁ ବାକି ୩ଟି ପୁଅଙ୍କୁ ନେଇ ପୋଲିସ୍ ବିଧବା ମହାରାଣୀ ଯମୁନା ବାଈଙ୍କ ସମକ୍ଷରେ ହାଜର କଲେ । ସେମାନଙ୍କ ମଧ୍ୟରୁ ସର୍ବ କନିଷ୍ଠଟିକୁ ମହାରାଣୀ ପୋଷ୍ୟପୁତ୍ରରୂପେ ମନୋନୀତ କଲେ । ସେତେବେଳେ ଏହି ବାଳକଟିର ବୟସ ୧୨ ବର୍ଷ ମାତ୍ର । ଅଳ୍ପ କେତେକ ଦିନ ପରେ ଏହି କ୍ଷୀଣକାୟ ବାଳକଟି ୧୮୭୫ ମସିହା ମଇ ମାସ ୨୭ ତାରିଖରେ ବହୁମୂଲ୍ୟ ରାଜବେଶ ପରିଧାନ କରି ସୁବିଶାଳ ବରୋଦା ରାଜ୍ୟର ସିଂହାସନରେ ବସିଥିଲେ ।

ସିଂହାସନ ଆରୋହଣ ପରେ ତାଙ୍କୁ ବିଦ୍ୟାରମ୍ଭ କରିବାକୁ ହେଲା । ସେ ପର୍ଯ୍ୟନ୍ତ ତାଙ୍କର ବର୍ଣ୍ଣପରିଚୟ ମଧ୍ୟ ହୋଇ ନାହିଁ । ବାଲ୍ୟ ବୟସରୁ ହିଁ ସେ ସ୍ୱୀୟ ତୀକ୍ଷ୍ଣ ମେଧାର ପରିଚୟ ଦେଇଥିଲେ । ସେହି ସମୟରୁ ତାଙ୍କୁ ଚାରି ଗୋଟି ଭାଷା ଶିଖିବାକୁ ପଡ଼ିଥିଲା ଏବଂ ଇତିହାସ, ଭୂଗୋଳ ଓ ଅଙ୍କ ପ୍ରଭୃତି ବିଦ୍ୟାରେ ମଧ୍ୟ ସେ ପାରଦର୍ଶିତା ଦେଖାଇଥିଲେ । ୧୬ ବର୍ଷ ବୟସରେ ତାଞ୍ଜୋରର ଏକ ରାଜ-ନନ୍ଦିନୀଙ୍କ ସଙ୍ଗେ ତାଙ୍କର ବିବାହ କ୍ରିୟା ସମ୍ପନ୍ନ ହୋଇଥିଲା । ଦୁଇ ବର୍ଷ ପରେ ରାଜଗାଦିରେ ଅଭିଷିକ୍ତ ହୋଇ ସେ ବରୋଦା ରାଜ୍ୟର ଅଧୀଶ୍ୱର ହୋଇଥିଲେ ।

ତତ୍ପରେ ତାଙ୍କର ରାଜ୍ୟ ଗଠନରୂପ ସୁମହତ୍ ବିରାଟ କର୍ମର ସୂତ୍ରପାତ ହେଲା । ରାଜ୍ୟର ଶାସନ ପଦ୍ଧତି ଓ ବିଚାରାଳୟମାନଙ୍କର ସମ୍ପୂର୍ଣ୍ଣ ଆଧୁନିକ ରୀତିରେ ସଂସ୍କାର କରାଗଲା । ତିନି ଗୋଟି କାର୍ଯ୍ୟକୁ ହିଁ ସେ ସବୁଠାରୁ ଗୁରୁତର ସାମାଜିକ ସମସ୍ୟାରୂପେ ଗ୍ରହଣ କଲେ— (୧) ଅଜ୍ଞତା ଓ ଅନ୍ଧବିଶ୍ୱାସ (୨) ନାରୀନିଗ୍ରହ (୩) ଜାତି ପ୍ରଥାର କୁରତା । ନିଜ ରାଜ୍ୟରୁ ଏହି ତିନୋଟି କଳଙ୍କ ଦୂର କରିବାକୁ ସେ ଯେପରି ଅର୍ଥ ଓ ଶକ୍ତି ବ୍ୟୟ କରିଅଛନ୍ତି ତାହା ଜାଣିଲେ ଅବାକ୍ ହେବାକୁ ହୁଏ । ବିଦ୍ୟାଳୟ ସ୍ଥାପନ, ବାଧ୍ୟତାମୂଳକ ଶିକ୍ଷା ପ୍ରଚାର, ବିଧବା ବିବାହ ଓ ଛାଡ଼ପତ୍ର ପାଇଁ ଆଇନ ପ୍ରଣୟନ ଏବଂ ଅସ୍ପୃଶ୍ୟ-ମାନଙ୍କ ପ୍ରତି ସମାନ ବ୍ୟବହାରଦ୍ୱାରା ସେ କେବଳ ଆଦର୍ଶ ରାଜା ନୁହନ୍ତି ଜଣେ ଆଦର୍ଶ ପୁରୁଷରୂପେ ମଧ୍ୟ ପରିଗଣିତ ହେଉଅଛନ୍ତି ।

Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ଶୁଭ ସମ୍ବାଦ

ଆମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ଶ୍ରୀମନ୍ ମହାରାଜାଙ୍କର ଗୋଟିଏ କନ୍ୟା ସନ୍ତାନ ଶିଲଂଠାରେ ଜାତ ହୋଇଥିବାର ଶୁଭ ସମ୍ବାଦ ଜୁଲାଇ ମାସ ୨୬ ତାରିଖରେ ରାଜ୍ୟରେ ପ୍ରଚାରିତ ହେଲା । ଏହି ମଙ୍ଗଳମୟ ଘଟଣାରେ ଆନନ୍ଦ ଓ ଉତ୍ସବ ପ୍ରଦର୍ଶନ ସ୍ୱରୂପ ରାଜ୍ୟର ସମସ୍ତ ସ୍କୁଲ କଚେରି ବନ୍ଦ କରାଯାଇଥିଲା । ଆମ୍ଭେମାନେ ଜନ ସାଧାରଣଙ୍କ ଆହ୍ଲାଦରେ ଆହ୍ଲାଦିତ ହୋଇ ନବଜାତ ରାଜ-ନନ୍ଦିନୀଙ୍କର ସୁଖସ୍ୱାସ୍ଥ୍ୟ ଏବଂ ଦୀର୍ଘଜୀବନ କାମନା କରୁଅଛୁଁ ।

## ଓଡ଼ିଆ ଭାଷାରେ ଲିପି ସଂସ୍କାର

ଓଡ଼ିଆ ଭାଷାରେ ଲିପି ସଂସ୍କାର କରିବା ପାଇଁ ଅନେକ ଦିନ ହେଲା ଗୋଟାଏ ଶିଥିଳ ଆନ୍ଦୋଳନ ଚାଲିଛି । ଏହି ସଂସ୍କାରପ୍ରୟାସୀ ବ୍ୟକ୍ତିମାନଙ୍କ ମତରେ ଉଚ୍ଚାରଣ ଅନୁସାରେ ହିଁ ଓଡ଼ିଆ ଅକ୍ଷର ସଂଖ୍ୟାକୁ ସଂକ୍ଷିପ୍ତ କରି ଦିଆଯାଉ । କାରଣ ସାଧାରଣତଃ ଦେଖାଯାଏ ସବୁ ସ୍ଥଳରେ ବନାନ ଅନୁସାରେ ଆମେ ଉଚ୍ଚାରଣ କରୁ ନାହିଁ । ଦୁଇ ଦୁଇଟା 'ଇ'କାର ଓ 'ଉ'କାର ଶିଖିବାକୁ କେତେ ଅଭ୍ୟାସ ଓ ଅନୁଶୀଳନର ଦରକାର ତାହା ପ୍ରତ୍ୟେକ ଲେଖକ ଅନୁଭବ କରିଥାନ୍ତି । 'ସ' ତିନିଟାର ଉତ୍ପାତ ମଧ୍ୟ କମ ନୁହେ । ଅଥଚ ଉଚ୍ଚାରଣରେ ଏ ସବୁର ଫରକ ପ୍ରାୟ ଦେଖିବାକୁ ମିଳେ ନାହିଁ ।

ଏହା ପରେ ଯୁକ୍ତାକ୍ଷରଗୁଡ଼ିକୁ ଭାଙ୍ଗି 'ଅଙ୍କ'କୁ 'ଅଂକ' ରୂପେ, 'ବାଷ୍ପ'କୁ 'ବାସ୍ପ', 'ମାର୍ଗ'କୁ 'ମାର୍‌ଗ' 'ଚକ୍ର'କୁ 'ଚକ୍‌ର', ଓ 'ଦୁଗ୍ଧ' ଏବଂ 'ମତ୍ସ୍ୟ' ପ୍ରଭୃତି ଲେଖିବାକୁ ମଧ୍ୟ ସେହି ପରି ଯୁକ୍ତି ଅଛି । କାରଣ ଏହି ଉପାୟଦ୍ୱାରା କେବଳ ଯେ ଶିଶୁ ମସ୍ତିଷ୍କକୁ ଅନେକ ଅନାବଶ୍ୟକ ମାତ୍ରା, ଫଳା ଏବଂ ଅକ୍ଷର ଶିଖିବାରୁ ମୁକ୍ତି ମିଳିବ, ସେତିକି ନୁହେ—ଓଡ଼ିଆ ଛାପାଖାନା ଓ ଟାଇପ୍ ରାଇଟରରେ ଆମକୁ ଯେଉଁ ସବୁ ଅସୁବିଧା ଭୋଗିବାକୁ ପଡ଼ୁଚି ଏବଂ ସମୂହ ଭାବରେ ଆମର ଯେଉଁ ବିପୁଳ ଜାତୀୟ ଅର୍ଥ ଓ ଶକ୍ତି କ୍ଷୟ ହୋଇ ଯାଉଚି ତାହା ମଧ୍ୟ ରକ୍ଷା ହେବ ।

ଯେଉଁମାନେ ଏ ମତର ପୋଷକତା କରନ୍ତି ନାହିଁ ତାଙ୍କର ଯୁକ୍ତି ଏହି ଯେ ଓଡ଼ିଆ ଭାଷା ଭାରତର ଅନ୍ୟ ଅନେକ ପ୍ରାଦେଶିକ ଭାଷା ପରି ସଂସ୍କୃତ ଭାଷା ଉପରେ ହିଁ ପ୍ରତିଷ୍ଠିତ । ସୁତରାଂ ଯେତେ ଦୂର ପାରେ ସଂସ୍କୃତର ନିୟମକୁ ହିଁ ମାନି ଏହାକୁ ଚଳିବାକୁ ହେବ । ଦୀର୍ଘ, ହ୍ରସ୍ୱ ପ୍ରଭୃତିର ଉଚ୍ଚାରଣ ଆମେ ଯେବେ କରୁ ନ ଥାଇଁ ତାହା ଆମର ତ୍ରୁଟି । ସେହି ତ୍ରୁଟି ଉପରେ ହିଁ ଭାଷାର ସଂସ୍କାର କରାଯାଇ ନ ପାରେ ।

ଏ ଯୁକ୍ତିରେ କିନ୍ତୁ ଗୋଟିଏ ଫାଙ୍କ ଅଛି । ଭାରତର ଅନ୍ୟ ଅନେକ ପ୍ରାଦେଶିକ ଭାଷା ପରି ଓଡ଼ିଆ ଭାଷାର ଉତ୍ପତ୍ତି ସଂସ୍କୃତରୁ ନୁହେ, ପାଲି କିମ୍ବା ପ୍ରାକୃତରୁ—ଏହା ଉପରେ ପାଣିନି ସୂତ୍ର ପ୍ରୟୋଗ କରିବା ଠିକ୍ ସୁବିଚାର ହେବ ନାହିଁ, ବରଂ ଅତ୍ୟାଚାର ବୋଲିଯାଇ ପାରେ ।

ଆଉ ଯେଉଁମାନେ କହନ୍ତି ଯେ ଓଡ଼ିଶାଠାରୁ ଅଧିକ ଉନ୍ନତ ପ୍ରାଦେଶିକ ଭାଷାରେ ଏ ରୂପ ପରିବର୍ତ୍ତନ ହୋଇ ନାହିଁ, ସୁତରାଂ ଓଡ଼ିଆ-ରେ ହେବା ଉଚିତ ନୁହେ, ତାହା ସେମାନଙ୍କର ଯୁକ୍ତି ନୁହେ, ତର୍କ ।

କିନ୍ତୁ ଏପରି ଅକାରଣ ତର୍କକୁ ଛାଡ଼ି ଦେଲେ ମଧ୍ୟ ଆଉ ଗୋଟିଏ କାରଣ ଅଛି । ତାହା ହେଉଛି ଲେଖକ ଓ ପାଠକ ସମ୍ପ୍ରଦାୟର ସ୍ୱାର୍ଥ । ଅର୍ଥାତ୍ ଆମ୍ଭେମାନେ ଯେପରି ଭାବରେ ଲେଖି ଆସିଲୁଁ, ପଢ଼ି ଆସିଲୁଁ ତାକୁ ବଦଳାଇ ଦେଲେ ଆମର ଆଗାମୀ ବଂଶଧରମାନଙ୍କର ଲାଭ ହୋଇ ପାରେ; ଆମକୁ କିନ୍ତୁ ଗୋଟାଏ ଦୀର୍ଘ କାଳର ଅଭ୍ୟାସକୁ ଛାଡ଼ିବାକୁ ହେବ । ଏତେ ବର୍ଷ ଧରି ଯାହାକୁ ଶିଖିଲୁଁ ତାହାକୁ ଆଜି ଭୁଲିବାକୁ ପଡ଼ିବ ଏହା ଅଳ୍ପ ଆୟାସର କଥା ନୁହେ ।

ତଥାପି ଏ ଯୁଗର ଛାପାଖାନା, ଟାଇପ୍‌ରାଇଟର ଓ ଶର୍ଟ୍‌ହ୍ୟାଣ୍ଡ୍ ପ୍ରଭୃତି ଉପରେ ନଜର ରଖି ଭାଷାକୁ ବିଜ୍ଞାନସମ୍ମତ କରିବାକୁ ହେଲେ ଏ ସମ୍ବନ୍ଧରେ କହିବାକୁ ବହୁତ କଥା ଅଛି । ଭବିଷ୍ୟତ ବଂଶଧର-ମାନଙ୍କ କଥା ଛାଡ଼ି ଦେଲେ ମଧ୍ୟ ଆମ୍ଭମାନଙ୍କର ଇହକାଳ ଭିତରେ ଏରୂପ ସଂସ୍କାରଦ୍ୱାରା ଅନେକ ଜାତୀୟ ଶକ୍ତି ଓ ଅର୍ଥ ଲାଭର ଆଶା କରା-ଯାଇ ପାରେ । ଏ ସମ୍ବନ୍ଧରେ ତଳେ ଗୋଟିଏ ଉଦାହରଣ ଦେଉଅଛୁଁ ।


ଇଂରାଜୀରେ ମଧ୍ୟ ଏହି ରୂପ ଉଚ୍ଚାରଣ ଅନୁସାରେ ବର୍ଣ୍ଣ ବ୍ୟବହାର କରିବାର ( Phonetic Spelling ) ଆନ୍ଦୋଳନ ଚାଲିଅଛି ଏବଂ ଏ ଦିଗରେ ଆମେରିକା ଅନେକ ପରିମାଣରେ ଅଗ୍ରସର ହୋଇଅଛି । ସେ ଦେଶର Literary Digest ନାମକ ବିଖ୍ୟାତ ପତ୍ରିକାରେ ହିସାବ ହୋଇ ଦେଖା ଯାଇଛି ଯେ ସେଠାରେ ବାର୍ଷିକ ଛାପା ଖରଚ ଯାହା ହୁଏ, ଉଚ୍ଚାରଣ ଅନୁସାରେ ଭାଷାର ସଂସ୍କାର କରିଦେଲେ ଏହି ଖର୍ଚ୍ଚରୁ ପ୍ରାୟ ଅଠର ଲକ୍ଷ ଟଙ୍କା ଲାଭ ହେବ । ଆଉ ମଧ୍ୟ ଏହି ଉପାୟଦ୍ୱାରା ଅକ୍ଷର ଶିଖିବାରେ ପ୍ରତ୍ୟେକ ଶିଶୁର ବର୍ତ୍ତମାନ ଅପେକ୍ଷା ଗୋଟିଏ ବର୍ଷ ଲାଭ ହେବ । ମ୍ୟାଟ୍ରିକ୍ୟୁଲେଶନରେ ମଧ୍ୟ ଗୋଟିଏ ବର୍ଷ ଓ କଲେଜରେ ଗୋଟିଏ ବର୍ଷ ଲାଭ ହେବ । ତତ୍ପରେ ସମସ୍ତ ଜୀବନବ୍ୟାପୀ ମଧ୍ୟ ଅଯଥା ଶକ୍ତିକ୍ଷୟରୁ ସେ ଉଦ୍ଧାର ପାଇବ ।

ଆମ ଦେଶରେ ଏପରି ହିସାବ ଅବଶ୍ୟ କେହି କରି ନାହିଁ । ତଥାପି ଏହା ଭାବିବାର କଥା । ଏ ସମ୍ବନ୍ଧରେ ଯଥାଯଥ ଆଲୋଚନା ହୋଇ ସମୂହ ଭାବରେ ହିଁ ସଂସ୍କାର ପ୍ରବର୍ତ୍ତନ କରାଯିବା ଉଚିତ ।

Digitized by srujanika@gmail.com

## ମୟୂରଭଞ୍ଜ ଓ ଓଆଙ୍କାନିର ସମ୍ବନ୍ଧ

ଗତ ମେ ମାସ ୧୧ ତାରଖରେ ଆମ୍ଭମାନଙ୍କର ଶ୍ରୀମନ୍ ମହାରାଜାଙ୍କର ମଧ୍ୟମ ଖୁଲ୍ଲତାତ ସ୍ୱର୍ଗତ ଗିରୀଶ୍ଚନ୍ଦ୍ର ଭଞ୍ଜ ଦେବ ଲଲସାହେବଙ୍କର ମଧ୍ୟମା କନ୍ୟା କୁମାରୀ ଶ୍ରୀ କୁମୁଦମଞ୍ଜରୀ ଦେବୀଙ୍କର ଓଆଙ୍କାନର ରାଜ୍ୟର ମହାରାଣା ସର୍ ଅମର ସିଂହଜି ବାହାଦୁର କେ. ସି. ଆଇ. ଇ. ମହୋଦୟଙ୍କ ଦ୍ୱିତୀୟ ପୁତ୍ର ଶ୍ରୀ ଚନ୍ଦ୍ରଭାନୁ ସିଂହଜୀଙ୍କ ସହିତ ଶୁଭପରିଣୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଓ ଓଆଙ୍କାନରର ଏରୂପ ସମ୍ବନ୍ଧ ପ୍ରଥମ ନୁହେ । ଏଥି ପୂର୍ବେ ମଧ୍ୟ ପୁଣ୍ୟଶ୍ଳୋକ ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ସହିତ ଓଆଙ୍କାନର ମହାରାଣାଙ୍କର ପ୍ରଥମ କନ୍ୟା ଓ ମୟୂରଭଞ୍ଜର ବର୍ତ୍ତମାନ କନିଷ୍ଠ ମୃତପତିକା ମହାରାଣୀ ଶ୍ରୀ ଭଗବତକୁମାରୀଙ୍କର ପରିଣୟ ସମାହିତ ହୋଇ ଏହି ଦୁଇ ବିଖ୍ୟାତ ରାଜପରିବାର ମଧ୍ୟରେ ପ୍ରଥମ ସମ୍ବନ୍ଧ ସଂସ୍ଥାପିତ ହୋଇଥିଲା । ବର୍ତ୍ତମାନ ସମ୍ବନ୍ଧ ସେହି ପୂର୍ବ ସମ୍ବନ୍ଧକୁ ଦୃଢ଼ତର ରୂପେ ପ୍ରତିଷ୍ଠିତ କରିଅଛି ମାତ୍ର ।



ଶୀକାର କ୍ଷେତ୍ରରେ ରାଜକୁମାର ଶ୍ରୀ ଚନ୍ଦ୍ରଭାନୁ ସିଂହଜି

ବିବାହ ପରେ ମଧ୍ୟ ୧୨ ତାରିଖ ୧୩ ତାରିଖ ଓ ୧୪ ତାରିଖ ପର୍ଯ୍ୟନ୍ତ ଉତ୍ସବ ଚାଲିଥିଲା । ପ୍ରତିଦିନ ସନ୍ଧ୍ୟାରେ ସବାକ୍ ଚଳଚ୍ଚିତ୍ର ଓ ନୃତ୍ୟାଦିର ପ୍ରଦର୍ଶନ ହୋଇଥିଲା । ରାଜଗଡ଼ ଓ ହରିପୁର ଜଙ୍ଗଲମାନଙ୍କରେ ବିଶିଷ୍ଟ ଅତିଥିମାନଙ୍କର ବିନୋଦନ ପାଇଁ ଶୀକାର ଅନୁଷ୍ଠିତ ହୋଇଥିଲା । ଉଭୟ ପକ୍ଷରୁ ନିମନ୍ତ୍ରିତ ହୋଇ ଭଦ୍ରଲୋକମାନେ ଉତ୍ସବରେ ଯୋଗ ଦେଇଥିଲେ । ୧୩ ତାରିଖରେ ଭଞ୍ଜପୁର ବଗିଚାରେ କନିଷ୍ଠ ମୃତପତିକା ମହାରାଣୀ ସାହେବା ଗୋଟିଏ ଉଦ୍ୟାନ ମିଳନ କରାଇଥିଲେ ।

## ମନ୍ତ୍ରୀ ହେବାର ସହଜ ଉପାୟ

ଭାରତବର୍ଷରେ ଯେ ନୂଆ ଶାସନ ପ୍ରବର୍ତ୍ତିତ ହେବାକୁ ଯାଉଛି, ସେଥିରେ ଭାରତୀୟ ଲୋକଙ୍କ ପାଇଁ ମନ୍ତ୍ରୀ ପଦଟା ବଡ଼ ଲୋଭନୀୟ ବସ୍ତୁ ହେବ । କିନ୍ତୁ ଏହି ପଦ ଲାଭ କରିବାର ଗୋଟାଏ ସହଜ ଉପାୟ ହୁଏତ ସମସ୍ତଙ୍କୁ ଜଣା ନାହିଁ । ସେ ଦିନ ଲଣ୍ଡନର ସ୍କୁଲ ପିଲାମାନଙ୍କୁ ଏହି ବିଷୟରେ କହିବାକୁ ଯାଇ କୃଷି ବିଭାଗର ମନ୍ତ୍ରୀ ମେଜର ଇଲିୟଟ୍ (Maj. Walter Elliot) ଗୋଟିଏ ସହଜ ଉପାୟ ବତାଇ ଥିଲେ—"ଦୁଧ ପିଇବାଦ୍ୱାରା ହିଁ ମୁଁ ଆଜି ଜଣେ କେବିନେଟ୍ ମିନିଷ୍ଟର୍ ହୋଇ ପାରିଛି । ତୁମେମାନେ ଯଦି ଖାଲି ଦୁଧ ପିଇବାକୁ ଅଭ୍ୟାସ ରଖ, ତୁମେ ସମସ୍ତେ ହିଁ ମୋହ ଅପେକ୍ଷା ଯୋଗ୍ୟତର କେବିନେଟ୍ ମିନିଷ୍ଟର୍ ହୋଇପାର ।"

ବିନୟମିଶ୍ରିତ ଭାଷାରେ ଏହି ଭାବରେ ସେ ସ୍କୁଲ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । କେହି କେହି ହୁଏତ ଜାଣିଥିବେ ଅନ୍ୟାନ୍ୟ ସଭ୍ୟ ଦେଶମାନଙ୍କ ପରି ଇଂଲଣ୍ଡର ମଧ୍ୟ ବଡ଼ ବଡ଼ ସହରମାନଙ୍କରେ ସ୍କୁଲ ପିଲାଙ୍କୁ ନାମମାତ୍ର ମୂଲ୍ୟରେ ଦୁଧ ଯୋଗାଇବାର ବ୍ୟବସ୍ଥା କରାଯାଇଅଛି ଏବଂ ଏଥିପାଇଁ ଗୋଟିଏ ବୋର୍ଡ (Milk Supply Board) ଗଠିତ ହୋଇଅଛି । ଏହି ବୋର୍ଡ଼ ଛାତ୍ରମାନଙ୍କୁ ଦୁଧ ପିଇବା ପାଇଁ ଉତ୍ସାହ ଦେଇଥାଏ ।

କିନ୍ତୁ 'ଗୋ-ମାତା'ର ଦେଶ ଭାରତବର୍ଷ ? କେତେ ଜଣ ଛାତ୍ର ଏଠାରେ ଦୁଧ ପିଇବାକୁ ପାନ୍ତି ?


## "ନବୀନ"ର ବାର୍ଷିକ ସଂଖ୍ୟା

ବ୍ରହ୍ମପୁରର ସାପ୍ତାହିକ "ନବୀନ" ୬ଷ୍ଠ ବର୍ଷରେ ପଦାର୍ପଣ କରିଅଛି । ଏଥର ବାର୍ଷିକ ସଂଖ୍ୟାଟି ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ଆଧୁନିକ ଓ ପ୍ରାଚୀନ ଅନେକ ଲେଖକଙ୍କର ଶୁଭକାମନା, ଗଳ୍ପ, ପ୍ରବନ୍ଧ ଓ କବିତା ଏଥିରେ ସନ୍ନିବେଶିତ ଅଛି । ଉତ୍କଳର ଅଧିକାଂଶ ରାଜା ମହାରାଜା ଏବଂ କେତେକ ଲେଖକ ଲେଖିକାଙ୍କର ଚିତ୍ର ସମ୍ବଳିତ ହୋଇ ଏହି ସଂଖ୍ୟାଟିକୁ ସୁଦୃଶ୍ୟ ଓ ସୁରୁଚିସମ୍ପନ୍ନ କରିଅଛି । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ "ନବୀନ"ର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଅପେକ୍ଷା ଆଉ କାହାର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଅଧିକ ଗୁରୁତର ବୋଲି ଆମ୍ଭେମାନେ ମନେ କରୁ ନାହିଁ । ଭବିଷ୍ୟତରେ ଯେଉଁମାନେ ସାହିତ୍ୟ ଗଠନ କରିବେ, ଓଡ଼ିଆ ସାହିତ୍ୟର ଯଥାର୍ଥ ଉତ୍ତରାଧିକାରୀ ଯେଉଁମାନେ, ସେହିମାନଙ୍କ ଆଶା ଆକାଂକ୍ଷା ଦେଶବାସୀ ସମକ୍ଷରେ ପ୍ରକାଶ କରିବାର ଭାର "ନବୀନ" ହାତରେ । ଏହି ମହାବ୍ରତ ଗ୍ରହଣ କରି 'ନବୀନ' ଯେଉଁ ବିଶିଷ୍ଟ ରୁଚିର ପରିଚୟ ଦେଇ ପାରିଅଛି ତାହାକୁ ସୁସମ୍ପାଦନ କରି ଏ ପତ୍ରିକାଟି ଜାତୀୟ ସାହିତ୍ୟର କଲ୍ୟାଣ ସାଧନ କରୁ ।

Digitized by srujanika@gmail.com

## ଡକ୍‌ଟର ପ୍ରଶାନ୍ତ କୁମାର ସେନଙ୍କର ମୟୂରଭଞ୍ଜର ଦେଓଆନ ପଦରୁ ଅବ୍ୟାହତି

ଡକ୍ଟର ପି. କେ. ସେନ୍ ଏମ୍.ଏ., (କ୍ୟାଲ୍.), ଏମ୍.ଏ., ଏଲ୍. ଏଲ୍.ଡ. (କ୍ୟାଣ୍ଟାବ.), ବାରିଷ୍ଟର-ଏଟ୍-ଲ ପାଞ୍ଚ ବର୍ଷ ମୟୂରଭଞ୍ଜର ଦେଓଆନ କାର୍ଯ୍ୟ କରି ଜୁନ ମାସ ୧୭ ତାରିଖରେ କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ। ତାଙ୍କର କାର୍ଯ୍ୟକାଳ ଭିତରେ ଆମ୍ଭମାନଙ୍କର ସମ୍ମାନାସ୍ପଦ ମହାରାଜା କେତେଗୁଡ଼ିଏ ନୂତନ ବିଭାଗର ପ୍ରବର୍ତ୍ତନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଶିଳ୍ପମନ୍ଦିର, ସମବାୟ ବିଭାଗ, କୁଟୀରଶିଳ୍ପ, କୃଷି ଏବଂ ଇକନମିକ ସର୍ଭେ ବିଭାଗ ପ୍ରଭୃତି ଏହି ସମୟ ଭିତରେ ପ୍ରତିଷ୍ଠିତ ହୋଇଥିଲା। କାଉନ୍‌ସିଲ୍ କୋଠା ଓ ନୂତନ ବ୍ୟାଣ୍ଡ୍ ଷ୍ଟାଣ୍ଡ୍‌ର ନିର୍ମାଣ, ମୟୂରଭଞ୍ଜ ଗେଜେଟ୍, ଭଞ୍ଜପ୍ରଦୀପ ଓ ଲ ରିପୋର୍ଟରର ପ୍ରକାଶ ଏବଂ ଷ୍ଟେଟ୍ ଛପାଖାନାର ଉନ୍ନତି ମଧ୍ୟ ଏହି ସମୟର ଉଲ୍ଲେଖ ଯୋଗ୍ୟ ଘଟଣା। ଡକ୍ଟର ପି.କେ. ସେନ୍ ମଧ୍ୟ ତାଙ୍କର କାର୍ଯ୍ୟକାଳ ଭିତରେ ଆଇନ ଶାସ୍ତ୍ରରେ ଡକ୍ଟର ଉପାଧି ଲାଭ କରି ବ୍ୟକ୍ତିଗତ ଭାବରେ ସମ୍ମାନିତ ହୋଇଥିଲେ।



ଡକ୍ଟର ପି. କେ. ସେନ ଏବଂ ତାଙ୍କର ସହଧର୍ମିଣୀ ଶ୍ରୀ ସୁଷମା ସେନ

ଉଭୟ ଡକ୍ଟର ପି. କେ. ସେନ୍ ଏବଂ ତାଙ୍କର ସହଧର୍ମିଣୀ ସେମାନଙ୍କର ଉଚ୍ଚ କୋଟୀର ଶିକ୍ଷାଗୁଣ ଓ ଭଦ୍ରୋଚିତ ସଦ୍‌ବ୍ୟବହାର ପାଇଁ ଏଠାରେ ଲୋକପ୍ରିୟ ହୋଇ ପାରିଥିଲେ।

ବାରିପଦା କ୍ଲବ ବାରିପଦା ଇନ୍‌ଷ୍ଟିଚ୍ୟୁଟ୍ ଏବଂ ସ୍ଥାନୀୟ କର୍ମଚାରୀ ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିମାନେ କେତେ ଗୋଟି ବିଦାୟ ମିଳନ-ଦ୍ୱାରା ତାହାଙ୍କୁ ଶ୍ରଦ୍ଧା ଅର୍ପଣ କରିଥିଲେ।

## ନୂତନ ଦେଓଆନ ଶ୍ରୀଯୁକ୍ତ କ୍ଷିତୀଶ ଚନ୍ଦ୍ର ନିୟୋଗୀ ଏମ୍ ଏ. ବି.ଏଲ୍.

କଲିକତା ହାଇକୋର୍ଟର ଏଡ଼ଭୋକେଟ୍ ଶ୍ରୀଯୁକ୍ତ କ୍ଷିତୀଶଚନ୍ଦ୍ର ନିୟୋଗୀ ଏମ୍.ଏ. ବି.ଏଲ୍., ଜୁଲାଇ ମାସ ୬ ତାରିଖରେ ଏ ରାଜ୍ୟର ଦେଓଆନଙ୍କ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି। ଶ୍ରୀଯୁକ୍ତ ନିୟୋଗୀଙ୍କର ପରିଚୟ ଏଥି ପୂର୍ବରୁ ଅନେକେ ପାଇ ସାରି ଅଛନ୍ତି। ଭାରତୀୟ ବ୍ୟବସ୍ଥାପକ ସଭାର ସଭ୍ୟରୂପେ ସେ ଦୀର୍ଘ ବର୍ଷ ଯାବତ୍ ଅଖଣ୍ଡ ଭାବରେ ଯଥେଷ୍ଟ କୃତୀତ୍ୱ ଓ ଦୂରଦୃଷ୍ଟି ସହିତ ଦେଶର ସେବା କରି ଅଛନ୍ତି ଏବଂ ଭବିଷ୍ୟତରେ ବ୍ୟବସ୍ଥାପକ ସଭାର ସଭାପତି ଆସନ ତାହାଙ୍କୁ ହିଁ ମିଳିବ ବୋଲି ଶୁଣା ଯାଇଥିଲା। ଦେଶୀୟ ରାଜ୍ୟମାନଙ୍କ ସମ୍ବନ୍ଧରେ ମଧ୍ୟ ସେ ଜଣେ ବିଶେଷଜ୍ଞରୂପେ ପ୍ରତିଷ୍ଠା ଲାଭ କରି ଅଛନ୍ତି। ଦେଶୀୟ-ରାଜ୍ୟ-ପ୍ରତିନିଧି-ପରିଷଦର ପରାମର୍ଶଦାତା-ରୂପେ (Adviser to Indian States' Delegation) ଛୋଟ ଛୋଟ ଦେଶୀୟ ରାଜ୍ୟମାନଙ୍କର ସ୍ୱାର୍ଥ ଉପସ୍ଥାପିତ କରିବାକୁ ଭାରତ ସରକାରଙ୍କଦ୍ୱାରା ନିଯୁକ୍ତ ହୋଇ ସେ ଗତ ଗୋଲଟେବୁଲ ବୈଠକର କ୍ରମାଗତ ତିନି ଗୋଟି ଅଧିବେଶନରେ ଯୋଗ ଦେଇଥିଲେ। ଏହି ସୂତ୍ରରେ ସେ ମନ୍ତ୍ରୀ ପରିଷଦର ଜଣେ ସଦସ୍ୟ ମଧ୍ୟ ହୋଇଥିଲେ। ଏହି ପରିଷଦରେ ହାଇଦରାବାଦର ସର୍ ଅକବର ହାଇଦର, ମହୀଶୂରର ସର୍ ମିର୍ଜା ଇସ୍‌ମାଇଲ୍, ବିକାନେରର ସର୍ ମାନୁଭାଇ ମେହ୍‌ଟା, ବରୋଦାର ସର୍ ଟି. ଭି. କୃଷ୍ଣମାଚାରୀ, ଭବନଗରର ସର୍ ପ୍ରଭାଶଙ୍କର ପଟ୍ଟାନି ଏବଂ ଗୋୟାଲିୟରର ରାଜ୍ୟର ସର୍ କୈଲାସ ହାକ୍‌ସାର ସଦସ୍ୟ ଥିଲେ। ୧୯୩୦ ମସିହା ପ୍ରଥମ ଗୋଲଟେବୁଲ ବୈଠକରେ ଫେଡରଲ୍ ଶାସନ-ପଦ୍ଧତିକୁ ପରୀକ୍ଷା କରିବା କାରଣ ଦେଶୀୟ ରାଜାମାନେ ଏହି କମିଟି ଉପରେ ଭାର ଦେଇଥିଲେ। ଶ୍ରୀଯୁକ୍ତ ନିୟୋଗୀ ଉକ୍ତ କମିଟିର ସଦସ୍ୟ ନିର୍ବାଚିତ ହେବାର ପ୍ରଧାନ କାରଣ ଏହି ଯେ ଦେଶୀୟ-ରାଜ୍ୟ-ପ୍ରତିନିଧି-ପରିଷଦର ଅନ୍ୟ କୌଣସି ସଭ୍ୟ କିମ୍ବା ପରାମର୍ଶଦାତାଙ୍କର ଭାରତୀୟ ବ୍ୟବସ୍ଥା ପରିଷଦ ସମ୍ବନ୍ଧରେ ବ୍ୟକ୍ତିଗତ ଅଭିଜ୍ଞତା ନ ଥିଲା। ବର୍ତ୍ତମାନର ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ (Eastern States Agency) ରୂପେ ଯେଉଁ ରାଜ୍ୟଗୁଡ଼ିକୁ ପୁଞ୍ଜୀକୃତ କରାଯାଇଅଛି ଏବଂ ଭାରତର ଅନ୍ୟାନ୍ୟ ଅଂଶରେ ଥିବା ଅଳ୍ପ କେତେକ ଛୋଟ ବଡ଼ ଦେଶୀୟ ରାଜ୍ୟମାନଙ୍କର ମଧ୍ୟ ସେ ବହୁ ଦିନ ଯାବତ୍ ରାଜନୈତିକ ପରାମର୍ଶଦାତା (Political Adviser) ଥିଲେ। ଆମ୍ଭେମାନେ ତାଙ୍କୁ ସାଦର ଅଭ୍ୟର୍ଥନା କରି କାର୍ଯ୍ୟକ୍ଷେତ୍ରକୁ ଆହ୍ୱାନ କରୁଅଛୁଁ।

Digitized by srujanika@gmail.com

# ପୁସ୍ତକପରିଚୟ

**ତାଳଚେର ଇତିହାସ**—ଲେଖକ ଓ ପ୍ରକାଶକ ତାଳଚେର ନିବାସୀ ପଣ୍ଡିତ ଶ୍ରୀ ଘନଶ୍ୟାମ କବିଭୂଷଣ । ତାଳଚେରର କିଶୋର ମେସିନ ପ୍ରେସ୍‌ରେ ମୁଦ୍ରିତ । ପୁସ୍ତକର ଆକାର କ୍ରାଉନ ୧୬ ପୃଷ୍ଠାର ୮—।/, ୧୮୬ ପୃଷ୍ଠା । ୧୯୩୪ ସାଲ । ମୂଲ୍ୟ ୫୦ ୍୍ ।

'ପ୍ରକାଶକଙ୍କର ନିବେଦନ' ରେ ପ୍ରଥମ ଲେଖା ଅଛି ଯେ "ଗଡ଼ଜାତ ଭୂଖଣ୍ଡର ପ୍ରକୃତ ଇତିହାସ ସଙ୍କଳନ କରିବା କେଡ଼େ ସୁକଠିନ, ତାହା ଇତିହାସ ତତ୍ତ୍ୱବିଦ୍‌ମାନଙ୍କ ନିକଟରେ ଅଧିକ ଲେଖିବା ଅନାବଶ୍ୟକ । × × ଆମ୍ଭେ ଗତ ବି ୨୫ ବର୍ଷ ହେଲା ସ୍ଥାନୀୟ ଇତିହାସ ସଂଗ୍ରହ ଚେଷ୍ଟାରେ ଲାଗି ଆଜି 'ସଫଳକାମ' ହୋଇଅଛୁଁ ।" ବାସ୍ତବିକ କ୍ଷୁଦ୍ର ତାଳଚେରର ଇତିହାସ ସଂଗ୍ରହ ପାଇଁ ଲେଖକ ମହାଶୟଙ୍କର ବହୁ ବର୍ଷବ୍ୟାପୀ ଚେଷ୍ଟାର ଫଳ ସ୍ୱରୂପ ପୁସ୍ତକଟି ଉପାଦେୟ ହୋଇଅଛି ଓ ଏହି ପୁସ୍ତକ ପଢ଼ି ପାଠକମାନେ ତାଳଚେର ରାଜ୍ୟ ସମ୍ବନ୍ଧେ ବହୁ ନୂତନ କଥା ଯେ ଜାଣି ପାରିବେ ଏଥିରେ ସନ୍ଦେହ ନାହିଁ । ଏହି ଇତିହାସ ପୁସ୍ତକଟି ଲେଖିବା ପାଇଁ ପଣ୍ଡିତ ମହାଶୟ ଯେଉଁ ସବୁ ତାଳପତ୍ର ଲିଖିତ ମୌଳିକ ଗ୍ରନ୍ଥ, କୁଷିନାମା ଇତ୍ୟାଦି ଉପରେ ନିର୍ଭର କରିଅଛନ୍ତି, ସେ ଗୁଡ଼ିକ କିମ୍ବଦନ୍ତୀମୂଳକ ହେତୁ (ପ୍ରକୃତ ଇତିହାସ ତହିଁରେ ପ୍ରଚ୍ଛନ୍ନ ଥିଲେ ମଧ୍ୟ) ତହିଁରୁ ସତ୍ୟ ନିର୍ଦ୍ଧାରଣ କରିବା ବଡ଼ ସହଜ କଥା ନୁହେ । ଏଣୁ ପୁସ୍ତକରେ ଯାହା ଭ୍ରମପୂର୍ଣ୍ଣ ବୋଲି ଦେଖାଯାଏ, ସେଥିରେ ଲେଖକଙ୍କୁ ଦୋଷ ଦେବାର କିଛି ନାହିଁ । ଅଳ୍ପଦିନ ପୂର୍ବେ ଓଡ଼ିଶାର ଇତିହାସର ବହୁ ନୂତନ ତଥ୍ୟ ଆବିଷ୍କୃତ ହୋଇଅଛି । ସେ ଦୃଷ୍ଟିରୁ ଏହି ପୁସ୍ତକଟି ୧୯୩୪ ଖ୍ରୀଷ୍ଟାବ୍ଦରେ ମୁଦ୍ରିତ ହୋଇଥିଲେ ମଧ୍ୟ ବହୁ ବର୍ଷ ପୂର୍ବେ ଏହାର ପ୍ରଥମାଂଶ ଲିଖିତ ହୋଇଥିଲା ବୋଲି ଅନୁମିତ ହୁଏ ।

ପୁସ୍ତକରେ ତାଳଚେରର ବର୍ତ୍ତମାନ ରାଜା ସାହେବ ଶ୍ରୀମନ୍ କିଶୋର ଚନ୍ଦ୍ର ବୀରବର ହରିଚନ୍ଦନଙ୍କ ପୂର୍ବବର୍ତ୍ତୀ ୨୧ ଜଣ ରାଜାମାନଙ୍କର ରାଜତ୍ୱ ସମ୍ବନ୍ଧରେ ନାନା ବିଧି ବିଷୟ ବର୍ଣ୍ଣିତ ହୋଇଅଛି ଓ ବର୍ତ୍ତମାନର ରାଜା ସାହେବଙ୍କ "ଜୀବନୀ ଓ ରାଜତ୍ୱ ବିବରଣୀ ବିଶଦ ଭାବରେ ଉଲ୍ଲେଖ କରି ଯାଇଅଛି ।" 'ପ୍ରକାଶକଙ୍କର ନିବେଦନ' ରେ ଲେଖକ ଲେଖିଅଛନ୍ତି, "ସହୃଦୟ ପାଠକମାନଙ୍କୁ ଅନୁରୋଧ ଯେ ଯଦ୍ୟପି ଏଥିରେ କୌଣସି ଭ୍ରମ ପ୍ରମାଦ କିମ୍ବା ସନ୍ଦେହ ସ୍ଥଳ ଦେଖନ୍ତି, ଅନୁଗ୍ରହ କରି ଆମ୍ଭଙ୍କୁ ଜଣାଇଲେ ଦ୍ୱିତୀୟ ସଂସ୍କରଣ ସମୟରେ ତହିଁର ସଂଶୋଧନ କରିଦେବୁଁ ।" ତାଙ୍କର ଏହି ଅନୁରୋଧ ରକ୍ଷା କରି ନିମ୍ନରେ କେତୋଟି ଭ୍ରମ ପ୍ରମାଦର ଉଲ୍ଲେଖ କରାଗଲା ।

ପ୍ରଥମ ଅଧ୍ୟାୟର ପ୍ରଥମରେ ଲେଖାଅଛି, "ଏହି ଗଡ଼ଜାତ ରାଜ୍ୟଗୁଡ଼ିକ ଆଜି କାଲି ଯେପରି ଅବସ୍ଥାରେ ଦେଖାଯାଏ, ଛଅ ସାତ ଶହ ବର୍ଷ ପୂର୍ବେ ସେପରି ନ ଥିଲା, ଖଣ୍ଡ ବିଖଣ୍ଡିତ ଭାବେ କେତେଗୁଡ଼ିଏ ଅନାର୍ଯ୍ୟ ବସତି କେବଳ ତତ୍‌କାଳୀନ ନିରନ୍ତ୍ର ଗହନ କାନନର କିୟତ୍ ସ୍ଥାନ ପୂରଣ କରିଥିଲା ।" ତାଳଚେର ଅଞ୍ଚଳ ଯେ ଛଅ ସାତ ଶହ ବର୍ଷ ପୂର୍ବେ ଆର୍ଯ୍ୟ ବସତିରେ ପୂର୍ଣ୍ଣ ଥିଲା ତାହାର ପ୍ରମାଣ ସ୍ୱରୂପ ସହସ୍ର ବର୍ଷ ପୂର୍ବର ବହୁ ତାମ୍ର ଶାସନ ଓ ମୂର୍ତ୍ତି ମନ୍ଦିରାଦି ଉଲ୍ଲେଖ କରି ଯାଇପାରେ । କେବଳ ତାଳଚେରରୁ ପ୍ରାପ୍ତ ସ୍ତମ୍ଭ ବଂଶୀ, ତୁଙ୍ଗ ବଂଶୀ ଓ ଭୌମ ବଂଶୀ ରାଜାମାନଙ୍କର ଅନେକ ତାମ୍ରପଟା ମିଳିଅଛି । ଏଥିରୁ "ଗଡ଼ଜାତ ଖଣ୍ଡର ଉତ୍ପତ୍ତି ବିଷୟକ" ଆଲୋଚନାରେ ଐତିହାସିକ ସତ୍ୟ ସ୍ଥାନ ପାଇ ନାହିଁ ।

ଲେଖକ ମହାଶୟ ୩ୟ ରାଜା ଗୋବିନ୍ଦ ଚରଣ ଓ ବୀରବର ହରିଚନ୍ଦନଙ୍କ ରାଜତ୍ୱ କାଳ ୧୫୨୦—୧୫୨୭ ପର୍ଯ୍ୟନ୍ତ ସାତ ବର୍ଷ ମାତ୍ର ଥିବାର ଲେଖି ଅଛନ୍ତି (ପୃ ୧୬) । "ରାଜା ଗୋବିନ୍ଦ ଚରଣ କେତେକ ରାଜାଙ୍କ ସହିତରେ କି ପ୍ରକାର ସମ୍ପର୍କ ସ୍ଥାପନ କରିଥିଲେ, ତାଙ୍କ ସମୟରେ ଆଦାନ ପ୍ରଦାନ କରି ଯାଇଥିବା ଚିଠାଉମାନଙ୍କରୁ ତହିଁର ସୂଚନା ମିଳେ । ଏହି ସବୁ ଚିଠାଉର କେତେକ ନିଦର୍ଶନ ନିମ୍ନରେ କରାଗଲା । × × × ସମ୍ବଲପୁର ପୁର ଶୁଭ ସ୍ଥାନ ଅଧିପତି ଶ୍ରୀମତ୍ ଶ୍ରୀ ଛତ୍ର ସାହି ରାଜାଙ୍କ........(ପୃ ୧୭) × × × ଶ୍ରୀ ରାଜା ଗୋବିନ୍ଦ ଚରଣ ବୀରବର ହରିଚନ୍ଦନ ରାଉତରାୟଙ୍କର ଯେ ଯାହାର ବିଧି ଚିଠାଉ" (ପୃ ୧୮) । ଶ୍ରୀଯୁକ୍ତ ରାମଚନ୍ଦ୍ର ମଲ୍ଲିକଙ୍କ କର୍ତ୍ତୃକ ପ୍ରଣୀତ "କୋଶଳ ବା ସମ୍ବଲପୁର ଇତିହାସ" ପୁସ୍ତକର ପୃ ୧୮୩ ଷ୍ଠାରୁ ଦେଖାଯାଏ ଯେ ଛତ୍ରସାଏ ଖ୍ରୀଃ ୧୬୧୯—୧୬୪୨ ପର୍ଯ୍ୟନ୍ତ ସମ୍ବଲପୁରରେ ରାଜପଣ କରୁଥିଲେ । ଉକ୍ତ ପୁସ୍ତକର ପୃ ୧୬୪ ଷ୍ଠାରେ ଦେଖାଯାଏ ଯେ ସମ୍ବଲପୁରର ପ୍ରଥମ ରାଜା ବଳରାମ ଦେଓ ୧୫୫୨ରୁ ୧୫୮୪ ଖ୍ରୀଃ ଅଃ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ପୁନଶ୍ଚ ତାଳଚେର ଇତିହାସର ପୃ ୨୦ ରେ କେଉଁଝର ସହିତ ଚଳୁଥିବା ଚିଠାଉର ନକଲ ମୁଦ୍ରିତ ହୋଇଅଛି—"ଶ୍ରୀ କେନ୍ଦୁଝରୀ ଶୁଭ ସ୍ଥାନ ଅଧିପତି ଶ୍ରୀମତ୍ ଲକ୍ଷ୍ମୀନାରାୟଣ ଭଞ୍ଜ ଦେଓ ମହାରାଜାଙ୍କୁ ... ...ଯେ ଯାହାର ବିଧି ଚିଠାଉ" । ସାର ଯଦୁନାଥ ସରକାରଙ୍କଦ୍ୱାରା ଅନୁବାଦିତ ଓଡ଼ିଶାର ନବାବ ଖାଁ ଦୁରାନଙ୍କର ଖ୍ରୀଃ ୧୬୬୦ ର ଚିଠି ପତ୍ରରୁ ଦେଖାଯାଏ ଯେ ଲକ୍ଷ୍ମୀନାରାୟଣ ଭଞ୍ଜ ସେତେବେଳେ କେଉଁଝରରେ ରାଜା ଥିଲେ । ଏଥିରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ତାଳଚେରର ରାଜା ଗୋବିନ୍ଦ ଚରଣ ବୀରବର ହରିଚନ୍ଦନଙ୍କ ରାଜତ୍ୱ କାଳ ସଠିକ ଭାବରେ ଆଲୋଚିତ ହୋଇନାହିଁ । ସେ ଷୋଡ଼ଶ ଶତାବ୍ଦୀର ଲୋକ ଥିଲେ ମଧ୍ୟ ଚିଠାଉ ଗୁଡ଼ିକରୁ ପ୍ରମାଣିତ ହେଉଅଛି ଯେ ସେ ସପ୍ତଦଶ ଶତାବ୍ଦୀର ଲୋକ ଥିଲେ ।

୧୨ଶ ରାଜା ରାମଚନ୍ଦ୍ର ବୀରବର ହରିଚନ୍ଦନଙ୍କ ରାଜତ୍ୱକାଳ ୧୬୧୧—୧୬୨୯ ଯାଏ ବି ୧୮ ବର୍ଷ (ପୃ ୫୫) । "ରାଜା ରାମଚନ୍ଦ୍ରଙ୍କ

Digitized by srujanika@gmail.com

ରାଜତ୍ୱରେ ଓଡ଼ିଶା ଶାସନକର୍ତ୍ତାଙ୍କର ସମ୍ପର୍କ ରହିତ ହେବାରୁ ନାଗପୁର ରାଜାଙ୍କର ବାଧ୍ୟତା ସ୍ୱୀକାର କରିଥିଲେ" (ପୃ ୬୨)। ପୃ ୬୬ ସ୍ଥାରେ ଲିଖିତ ଅଛି ଯେ "ସନ ୧୭୪୦ ମସିହାରୁ ୧୭୫୧ ଯାଏ ଦଶନ୍ଧି କାଳ ଏହି ବିକୃତ ଯନ୍ତ୍ରାରେ ଓଡ଼ିଶା ଓ ସମଗ୍ର ଗଡ଼ଜାତ ରାଜ୍ୟ ଯନ୍ତ୍ର ହୋଇ ପଡ଼ିଲା। ଅବଶେଷରେ ୧୭୫୧ ରେ ମରହଟ୍ଟା ବାଦସାହା ରଘୁଜି ଭେଁସଲାଙ୍କ ଶାସନ ଓ ଅଧିକାରରେ ଓଡ଼ିଶା ଆସିଲା। କିନ୍ତୁ ଏହି ଅଧିକାର ପ୍ରାପ୍ତ ହେବା ପୂର୍ବରୁ ରାଜା ପୀତାମ୍ବର ମରହଟ୍ଟାଙ୍କ ସହିତ ମିଳିତ ହୋଇ ଯାଇଥିବା ହେତୁ ତାଳଚେର ରାଜ୍ୟରେ ଗୋଟିଏ ରକ୍ତ ବିନ୍ଦୁ ପାତ ହୋଇ ନାହିଁ" ଇତ୍ୟାଦି। ଏହି ଦୁଇ ସ୍ଥାନର ଲେଖାରେ ସାମଞ୍ଜସ୍ୟ ନାହିଁ। ମରହଟ୍ଟାମାନେ ୧୭୪୦ ଖ୍ରୀଷ୍ଟାବ୍ଦ ପୂର୍ବେ ଓଡ଼ିଶାରେ ପଦାର୍ପଣ କରି ନ ଥିଲେ। ତେବେ କିପରି ଖ୍ରୀଃ ୧୭୨୯ ପୂର୍ବେ ତାଳଚେର ରାଜା ନାଗପୁର ରାଜାଙ୍କର ବଶ୍ୟତା ସ୍ୱୀକାର କରିଥିଲେ ତାହା ବୁଝା ଯାଉ ନାହିଁ।

ଏହି ଭ୍ରମ ପ୍ରମାଦ ସତ୍ତ୍ୱେ ପୁସ୍ତକଟିରେ ଅନେକ ନୂତନ ବିଷୟ ସ୍ଥାନ ପାଇଅଛି। ଚିଠାଉ ଗୁଡ଼ିକରୁ ବିଭିନ୍ନ ରାଜବଂଶର ଯେଉଁ ବିରୁଦାବଳି ମିଳେ ତାହା ପ୍ରାଚୀନ ଇତିହାସ ଆଲୋଚନାର ବିଶେଷ ସହାୟକ ହେବ। ଏହି ଚିଠାଉଗୁଡ଼ିକର ଛବି ଦିଆ ଯାଇଥିଲେ ପୁସ୍ତକଟି ଅଧିକ ଉପାଦେୟ ହୋଇଥାନ୍ତା। ଗୌରୀ ସଦସ୍ୟଙ୍କ କୃତ "ତାଳଚେର ବଂଶାନୁଚରିତ" ଟି ମୁଦ୍ରିତ କରିବା ପାଇଁ ଲେଖକଙ୍କୁ ବିଶେଷ ଅନୁରୋଧ କରା ଯାଉଅଛି।

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

# ମୟୂରଭଞ୍ଜ ସମ୍ବାଦ

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୯-୪-୩୫

ମିଷ୍ଟର ବି. ପାଲ ବି. ଏଲ୍., ତାଙ୍କର ୨ ମାସ ୨୪ ଦିନ ପ୍ରିଭିଲେଜ ଛୁଟି ଭୋଗ କଲା ପରେ ମାଜିଷ୍ଟ୍ରେଟ୍ ଭାବରେ ସଦର ଜୁଡ଼ିସିଏଲ ଡ଼ିପାର୍ଟ୍‌ମେଣ୍ଟରେ କାର୍ଯ୍ୟ କରିବେ ଏବଂ ମିଷ୍ଟର ଏମ୍. ଏମ୍. ମହାପାତ୍ର ଏକ୍‌ସାଇଜ ଓ ଇନ୍‌କମ୍‌ଟେକ୍ସ ଅଫିସର ଭାବରେ ଯେପରି କାର୍ଯ୍ୟ କରୁଥିଲେ ଅନ୍ୟ ଆଦେଶ ନ ହେବା ପର୍ଯ୍ୟନ୍ତ ସେହିପରି ଭାବରେ କାର୍ଯ୍ୟ କରୁଥିବେ।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୯-୪-୩୫

ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଓ ସବ୍-ଜଜ୍ ମିଷ୍ଟର ଡି. ଏନ୍. ବୋଷଙ୍କୁ ତା ୧୬-୪-୩୫ ରିଖଠାରୁ ୬ ସପ୍ତାହ ପ୍ରିଭିଲେଜ୍ ଛୁଟି ଦିଆଗଲା ଓ ତା ୧୧-୪-୩୫ ଠାରୁ ତା ୧୫-୪-୩୫ ରିଖ ପର୍ଯ୍ୟନ୍ତ ଥିବା ଛୁଟି ଦିନଗୁଡ଼ିକ ତାହା ସହିତ ଯୋଗ କରିବା ପାଇଁ ଅନୁମତି ଦିଆଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୧୫-୪-୩୫

ମାଜିଷ୍ଟ୍ରେଟ୍ ସବ୍-ଜଜ୍, ଡ଼ାଇରେକ୍ଟର ଅବ୍ ଇଣ୍ଡଷ୍ଟ୍ରି ଏଲ ଓ ଇକନମିକ୍ ସର୍ଭେ ଏବଂ ମୟୂରଭଞ୍ଜ ଗେଜେଟ୍‌ର ଏଡିଟର ମିଷ୍ଟର ଆର୍. କି. ଦାସ ଏମ୍. ଏ. ବି. ଏଲ୍.ଙ୍କୁ ତା ୨୪-୪-୩୫ ରିଖଠାରୁ ଦୁଇ ମାସ ପ୍ରିଭିଲେଜ୍ ଛୁଟି ଦିଆଗଲା ଓ ତା ୧୯-୪-୩୫ ରିଖଠାରୁ ପଡ଼ୁଥିବା ଇଷ୍ଟର ଓ ରାଜ୍ୟାଭିଷେକ ଛୁଟିଗୁଡ଼ିକୁ ତାହା ସହିତ ଯୋଗ କରିବା ପାଇଁ ଅନୁମତି ଦିଆଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୧୬-୪-୩୫

ସେଟେଲ୍‌ମେଣ୍ଟ ଅଫିସର ମିଷ୍ଟର ଆର. ସି. ଘୋଷଙ୍କୁ ତା ୧୨-୨-୩୫ ରିଖଠାରୁ ଦି ୧୧ ନ ପ୍ରିଭିଲେଜ୍ ଛୁଟି ଦିଆଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୧୮-୪-୩୫

ତା ୨୪-୯-୩୪ ରିଖର ଆଦେଶରେ ଦିଆସିଲି ଅମଦାନି ଫର୍ଦ୍ଦାନ୍ତରେ ଉଲ୍ଲେଖ କରା ଯାଇଥିବା ଷ୍ଟେଟ୍‌ମାନଙ୍କ ତାଲିକାରୁ "ଖାରସୁର" ନାମକ ସ୍ଥାନକୁ ବାଦ କରାଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୧୪-୬-୩୫

ରେଜିଓଲଜିଷ୍ଟ ଡାକ୍ତର ଏମ୍. ସି. ମାଲାକାରଙ୍କୁ ତା ୨୬-୪-୩୫ ରିଖଠାରୁ ୩ ସପ୍ତାହ ପ୍ରିଭିଲେଜ୍ ଛୁଟି ଦିଆଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୨-୪-୩୫

ସହକାରୀ ଇଞ୍ଜିନିଅର ମିଷ୍ଟର ଏ. ଭୂୟାଁଙ୍କୁ ସନ ୧୯୩୫ ସାଲ ମେ ମାସ ତା ୨୦ ରିଖ କିମ୍ବା ତାହାପରେ ସେ ଯେଉଁ ତାରିଖରୁ ଛୁଟି ଗ୍ରହଣ କରିବେ ସେହି ତାରିଖଠାରୁ ୬ ସପ୍ତାହ ପ୍ରିଭିଲେଜ୍ ଛୁଟି ଦିଆଗଲା।

**ଶ୍ରୀମନ୍ ମହାରାଜାଙ୍କର ଆଦେଶ**

ତା ୨୨-୪-୩୫

ମିଷ୍ଟର ଡି. ଏନ୍. ବୋଷ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଛୁଟିରୁ ଫେରି ତାଙ୍କ କାର୍ଯ୍ୟରେ ଯୋଗଦେବା ପରେ ସଦର ସବ୍-ଡିଭିଜନାଲ

ଅଫିସର ମିଷ୍ଟର ବି. ମହାପାତ୍ରଙ୍କୁ ସନ୍ ୧୯୩୫ ସାଲ ଯୁନ ମାସ ତା ୩ ରିଖଠାରୁ କିମ୍ବା ତାହା ପରେ ସେ ଯେଉଁ ତାରିଖଠାରୁ ଛୁଟି ନେବେ ସେହି ତାରିଖଠାରୁ ୪ ସପ୍ତାହ ପ୍ରିଭିଲେଜ୍ ଛୁଟି ଦିଆଗଲା ।

ଛୁଟିରେ ଥିବା ମିଷ୍ଟର ବି. ମହାପାତ୍ରଙ୍କ ଅନୁପସ୍ଥିତିରେ ମିଷ୍ଟର ଡି. ଏନ୍. ବୋଷ ସଦର ସବ୍-ଡ଼ିଭିଜନାଲ ଅଫିସର ଚାର୍ଜ ଗ୍ରହଣ କରିବେ ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ
ତା ୧୦-୬-୩୫

ସାଧାରଣତଃ ଦେଖାଯାଏ ଯେ ଆମ୍ଭର ଏହି ଷ୍ଟେଟ୍‌ରେ ମକର ସଂକ୍ରାନ୍ତି ପରେ ଲୋକେ ଆଉ ବଗାଲ ନ ରଖି ଗୋରୁ ବାଛୁରି ଖୋଲି ଛାଡ଼ି ଦିଅନ୍ତି । କିନ୍ତୁ ଏହି ସବୁ ଗୋରୁ ଗାଈ ଲୋକଙ୍କର ଫସଲ ବିଶେଷ ଭାବରେ କ୍ଷତି କରୁଥିବାର ଘନ ଘନ ଆପତ୍ତି ଶୁଣାଯାଏ । ବିଶେଷତଃ ଉତ୍ସାହିତ କୃଷିମାନଙ୍କର କୃଷୋନ୍ନତି ବିଷୟରେ ବିଶେଷ ବାଧା ଉପସ୍ଥିତ ହୁଏ । ଅତଏବ କାଳ ବିଳମ୍ବ ନ କରି ଏ ଅଭ୍ୟାସ ଦୂର କରିଦେବା ଉଚିତ ।

ଏଣୁ ଏତଦ୍ଦ୍ୱାରା ଆଦେଶ କରାଗଲା ଯେ ନିଜ ନିଜର ଗୋ-ମହିଷାଦି ଯେପରି କୃଷି ନଷ୍ଟ ନ କରନ୍ତି ଏଥିପ୍ରତି ସମସ୍ତେ ଉଚିତ ବ୍ୟବସ୍ଥା କରିବେ । ଆଉ ମଧ୍ୟ ନିଷେଧ କରି ଦିଆଯାଉଅଛି କି ଏଥିରେ ଅବହେଳା ପ୍ରଦର୍ଶନ କରି ଯଦି କେହି ଉକ୍ତ ଆଦେଶ ଲଙ୍ଘନ କରନ୍ତି ତାହାହେଲେ ସେମାନଙ୍କର ଗୋ ମହିଷାଦି ଯେପରି ଇତସ୍ତତଃ ଛାଡ଼ି ନ ଦିଅନ୍ତି ସେଥିପାଇଁ ଷ୍ଟେଟ୍ ବାଧ୍ୟ ହୋଇ ଏ ବିଷୟରେ ସମୁଚିତ କଠିନ ଆଇନ ପ୍ରଣୟନ ବ୍ୟବସ୍ଥା କରିବେ ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ
ତା ୧୦-୬-୩୫

ସଦର କୋର୍ଟରେ ଆଇନ ବ୍ୟବସାୟୀମାନଙ୍କର ସଂଖ୍ୟା ବୃଦ୍ଧି ହେଉଥିବା ଦୃଷ୍ଟିରେ ଓ ସର୍ବସାଧାରଣ ମାମଲାବାଜମାନଙ୍କର ସୁବିଧା ଲାଗି ଆଇନ ବ୍ୟବସାୟୀମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ପରିଷ୍କାର ଭାବରେ ନିର୍ଦ୍ଦେଶ କରିଦେବା ଆବଶ୍ୟକ । ସେଥିଲାଗି ନିମ୍ନ ଆଦେଶ ଦିଆଗଲା ।

୧ । ଆଇନ ବ୍ୟବସାୟୀମାନଙ୍କର ୧୮୭୯ ସାଲର ୧୮ ଆଇନରେ ଉଲ୍ଲେଖ ଥିବା ବ୍ୟବସ୍ଥା ଗୁଡ଼ିକର ଦରକାର ଅନୁଯାୟୀ ପରିବର୍ତ୍ତିନ କରାଯାଇ ଏଣିକି ସେମାନଙ୍କ ପକ୍ଷରେ ପ୍ରଯୋଜ୍ୟ ହେବ ।

୨ । ଦରଖାସ୍ତ ଲେଖକମାନଙ୍କର କାର୍ଯ୍ୟ ଦୃଷ୍ଟିରେ ଦରଖାସ୍ତ କହିଲେ ତାହା ଦେଓଆନି ମୋକଦ୍ଦମାର ଅର୍ଜି କିମ୍ବା ଲିଖିତ ଜବାବ ମଧ୍ୟରେ ଗଣ୍ୟ କରାଯିବ ନାହିଁ କିମ୍ବା ଦେଓଆନି ଆଇନର ୪୭ ଓ ୭୩ ଧାରାର କିମ୍ବା ୨୧, ୫୦, ୫୮, ୯୦, ୯୧ ଓ ୯ ଆଦେଶ ଓ ୯ ଏବଂ ୧୩ ନିୟମର ଦରଖାସ୍ତ ରୂପେ ବୁଝାଯିବ ନାହିଁ ।

୩ । ଉପର ଲିଖିତ ପାରାରେ ଉଲ୍ଲେଖ ଥିବା ଅନୁସାରେ ଅର୍ଜି, ଲିଖିତ ଜବାବ ଓ ଦରଖାସ୍ତମାନଙ୍କର ଲେଖକମାନେ ପକ୍ଷମାନଙ୍କ ତରଫରୁ ଚିଠି ପଢ଼ି ପାରିବେ ନାହିଁ ।

୪ । ପ୍ରକାଶ୍ୟ ଭାବରେ କିମ୍ବା ଅପ୍ରକାଶ୍ୟ ଭାବରେ ଲେଖକମାନଙ୍କୁ କୋର୍ଟରେ ପକ୍ଷମାନଙ୍କ ତରଫରୁ ମାମଲା ମକଦ୍ଦମା ଚଳାଇବାକୁ କୋର୍ଟ ଅନୁମତି ଦେବେ ନାହିଁ । ଦରଖାସ୍ତ ଲେଖକମାନଙ୍କର କର୍ତ୍ତବ୍ୟ ମଧ୍ୟରେ ସେମାନଙ୍କୁ ଯେଉଁ ଦରଖାସ୍ତ ଲେଖିବାର ଅଧିକାର ଦିଆ ଯାଇଅଛି ସେତିକି କେବଳ ଲେଖି ପାରିବେ ଓ କୋର୍ଟରେ ସେହି ଦରଖାସ୍ତ ଗୁଡ଼ିକୁ ଦାଖଲ କରୁଥିବା ପକ୍ଷମାନଙ୍କୁ ଚିଠି ଦେଇ ପାରିବେ ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ
ତା ୧୭-୬-୩୫

ଚିଫ୍ ରେଭିନିଉ ଅଫିସର ( ଏକ୍‌ସାଇଜ, ଇନ୍‌କମ୍ ଟେକ୍ସ ଓ ଜମିଦାରୀ ) ମିଷ୍ଟର ପି. ଏମ୍. ମୁଖାର୍ଜି ବି. ଏ. ଙ୍କର ଚାକିରି ସମୟ ତା ୨୮-୮-୩୫ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ଏବଂ କାର୍ଯ୍ୟରୁ ଅବ୍ୟାହତି ନେବା ପାଇଁ ପ୍ରସ୍ତୁତ ହେବା ଲାଗି ତାଙ୍କୁ ତା ୧୭-୬-୩୫ ରିଖଠାରୁ ଦୁଇ ମାସ ପ୍ରିଭିଲେଜ୍ ଛୁଟି ଦିଆଗଲା ଓ ତାହା ସହିତ ତା ୧୬ ରିଖ ରବିବାର ଯୋଗ କରିବାର ଅନୁମତି ଦିଆଗଲା ।

### ଶ୍ରୀମନ୍ ମହାରାଜାଙ୍କର ଆଦେଶ
ତା ୧୯-୬-୩୫

ଅନ୍ୟ ବନ୍ଦୋବସ୍ତ ନ ହେବା ପର୍ଯ୍ୟନ୍ତ ଚିଫ୍ ମେଡ଼ିକେଲ ଅଫିସର ଓ ବାରିପଦା ସେଣ୍ଟ୍ରାଲ ଜେଲର ସୁପାରିନ୍‌ଟେଣ୍ଡେଣ୍ଟ ଡ଼ାକ୍ତର ସି. ଏମ୍. ସିଂହ, ସଦର ଟ୍ରେଜେରୀ ଅଫିସର ମିଷ୍ଟର ଏସ୍. କେ. ଚାଟାର୍ଜି ଏବଂ ସେଟେଲମେଣ୍ଟ ଅଫିସର ମିଷ୍ଟର ଆର. ସି. ଘୋଷଙ୍କୁ ସେମାନଙ୍କ ଅଧୀନରେ ଥିବା ଡ଼ିପାର୍ଟ୍‌ମେଣ୍ଟମାନଙ୍କରେ ଖର୍ଚ୍ଚ ମଞ୍ଜୁର କରିବା, ବିଲ୍ ଭଙ୍ଗାଇବା ଓ ଅଧୀନସ୍ଥ କର୍ମଚାରୀମାନଙ୍କୁ କେଜୁଏଲ ଛୁଟି ଦେବା ବିଷୟରେ ଦେଓଆନଙ୍କର ଅଧିକାର ଦିଆଗଲା । ଅନ୍ୟାନ୍ୟ ସମସ୍ତ ବିଷୟ ଆମ୍ଭ ନିକଟରେ ପେସ୍ ହେବ ।

Digitized by srujanika@gmail.com

# ପାଣି, ପାଗ ଓ ଶସ୍ୟର ବିବରଣ : ମୟୂରଭଞ୍ଜ ଷ୍ଟେଟ୍

| ଯେଉଁ ତାରିଖରେ ସପ୍ତାହ ଶେଷ ହେଲା | | ୨୮ ତାରିଖ ଏପ୍ରେଲ ୧୯୩୫ ମସିହା | | | ୨୬ ତାରିଖ ମେ ୧୯୩୫ ମସିହା | | | ୩୦ ତାରିଖ ଜୁନ ୧୯୩୫ ମସିହା | | |
|---|---|---|---|---|---|---|---|---|---|---|
| | | ବୃଷ୍ଟିର ପରିମାଣ | ଉତ୍ତାପର ପରିମାଣ କମ୍ | ବେଶୀ | ବୃଷ୍ଟିର ପରିମାଣ | ଉତ୍ତାପର ପରିମାଣ କମ୍ | ବେଶୀ | ବୃଷ୍ଟିର ପରିମାଣ । | ଉତ୍ତାପର ପରିମାଣ । କମ | ବେଶୀ |
| ବୃଷ୍ଟି ଓ ଉତ୍ତାପର ପରିମାଣ | ବାରିପଦା | ୦.୦୦ | ୭୫ | ୧୧୨ | ୦.୬୬ | ୭୩ | ୧୧୩ | ୩.୪୧ | ୭୫ | ୧୦୦ |
| | ରାଇରଙ୍ଗପୁର | ୦.୦୬ | — | — | ୦.୦୦ | — | — | ୪.୩୬ | — | — |
| | କପ୍ତିପଦା | ୧.୨୬ | ୬୬ | ୧୦୦ | ୦.୯୮ | ୮୦ | ୧୧୨ | ୧.୯୬ | ୬୮ | ୯୦ |
| | କରଞ୍ଜିଆ | ୨.୬୬ | ୬୬ | ୮୯ | ୦.୦୦ | ୬୬ | ୧୦୫ | ୩.୩୪ | ୬୪ | ୯୫ |
| ଚଳିତ ପାଗ | ବାରିପଦା | — | | | — | | | — | | |
| | ରାଇରଙ୍ଗପୁର | ଗରମ | | | ଗରମ | | | ଗରମ | | |
| | କପ୍ତିପଦା | ଗରମ ଓ ମେଘୁଆ | | | ,, | | | ଗରମ ଓ ମେଘୁଆ | | |
| | କରଞ୍ଜିଆ | ଗରମ | | | ,, | | | ଗରମ ଓ କିଛି ସମୟ ମେଘୁଆ | | |
| କୃଷି କାର୍ଯ୍ୟ କେତେ ଦୂର ହୋଇଅଛି | ବାରିପଦା | — | | | — | | | ହଳକାମ ଓ ଧାନବୁଣା ଚାଲିଛି | | |
| | ରାଇରଙ୍ଗପୁର | ପ୍ରଥମ ହଳକାମ ଚାଲିଛି | | | କୌଣସି ସ୍ଥାନରେ ଧାନ ବୁଣା ଆରମ୍ଭ ହୋଇଅଛି | | | ,, ,, | | |
| | କପ୍ତିପଦା | ,, ,, | | | ହଳକାମ ଚାଲିଛି | | | ,, | | |
| | କରଞ୍ଜିଆ | ହଳକାମ ,, | | | ,, | | | ,, ,, | | |
| ଚାଉଳ, ଧାନ ଓ ଅନ୍ୟାନ୍ୟ ଶସ୍ୟ ଟଙ୍କାକୁ କେତେ ପରିମାଣରେ ମିଳୁଅଛି | ବାରିପଦା | ଚାଉଳ | ସେ ୧୬ ର | | ସେ ୧୩ ର | | | ଚାଉଳ | ସେ ୧୩ ର | |
| | | ମୁଗ | ସେ ୧୧ ର | | ସେ ୧୧ ର | | | ମୁଗ | ସେ ୧୦ ର | |
| | | ବିରି | ସେ ୧୨ ର | | ସେ ୧୦ ର | | | ବିରି | ସେ ୧୧ ର | |
| | | ହରଡ | ସେ ୧୧ ର | | ସେ ୧୧ ର | | | ହରଡ | ସେ ୧୧ ର | |
| | | କୋଳଥ | ସେ ୧୦ ର | | ସେ ୧୦ ର | | | କୋଳଥ | ସେ ୧୦ ର | |
| | ରାଇରଙ୍ଗପୁର | ଚାଉଳ | ସେ ୧୩ ର | | ସେ ୧୧ ର | | | ଚାଉଳ | ସେ ୧୧ ର | |
| | | ମୁଗ | ସେ ୧୦ ର | | ସେ ୧୦ ର | | | ମୁଗ | ସେ ୯ ର | |
| | | ବିରି | ସେ ୧୨ ର | | ସେ ୧୨ ର | | | ବିରି | ସେ ୧୧ ର | |
| | | ସୋରିଷ | ସେ ୮ ର | | ସେ ୧୦ ର | | | ସୋରିଷ | ସେ ୧୦ ର | |
| | | ରାଶି | ସେ ୧୦ ର | | ସେ ୧୧ ର | | | ରାଶି | ସେ ୧୧ ର | |
| | | କୋଳଥ | ସେ ୧୩ ର | | ସେ ୧୨ ର | | | କୋଳଥ | ସେ ୧୩ ର | |
| | କପ୍ତିପଦା | ଚାଉଳ | ସେ ୧୬ ର | | ସେ ୧୬ ର | | | ଚାଉଳ | ସେ ୧୪ ର | |
| | | ବିରି | ସେ ୧୨ ର | | ସେ ୧୩ ର | | | ବିରି | ସେ ୧୧ ର | |
| | | ମୁଗ | ସେ ୧୨ ର | | ସେ ୧୩ ର | | | ମୁଗ | ସେ ୧୧ ର | |
| | | କୋଳଥ | ସେ ୨୧ ର | | ସେ ୨୦ ର | | | କୋଳଥ | ସେ ୨୦ ର | |
| | କରଞ୍ଜିଆ | ଚାଉଳ | ସେ ୧୬ ର | | ସେ ୧୩ ର | | | ଚାଉଳ | ସେ ୧୨ ର | |
| | | ସୋରିଷ | ସେ ୧୩ ର | | ସେ ୮ ର | | | ହରଡ | ସେ ୧୨ ର | |
| | | ବିରି | ସେ ୧୬ ର | | ସେ ୧୩ ର | | | ସୋରିଷ | ସେ ୮ ର | |
| | | ହରଡ | ସେ ୧୬ ର | | ସେ ୧୬ ର | | | ବିରି | ସେ ୧୨ ର | |

Digitized by srujanika@gmail.com

# ସ୍ୱାସ୍ଥ୍ୟର ବିବରଣ: ମୟୂରଭଞ୍ଜ ଷ୍ଟେଟ୍

| | | | |
|---|---|---|---|
| ମନୁଷ୍ୟ ଓ ଗୋମହିଷାଦି ପଶୁମାନଙ୍କର ସ୍ୱାସ୍ଥ୍ୟ | ବାରିପଦା:—(୧) ବାରିପଦା, ମୁରୁଡ଼ା ବଡ଼ସାହି ଓ ବୈଶିଙ୍ଗା ଥାନା ଇଲାକାରେ ବସନ୍ତ ହୋଇଥିବାର ଖବର ମିଳେ<br>(୨) ବାଙ୍ଗିରିପୋଷି, ମୁରୁଡ଼ା, ବଡ଼ସାହି ଥାନା ଏବଂ ସିମିଳିପାଳ ଅ: ପୋ: ଇଲାକାରେ ଗୋ-ମହିଷାଦି ପଶୁମାନଙ୍କର ଖୁରା ଓ ଗଳାଫୁଲା ହେବାର ଖବର ମିଳେ<br>ରାଇରଙ୍ଗପୁର:—(୧) ମଧୁଆ, କୁଲଗି, ଟରଙ୍ଗ ଜାମଦା, ଜଗଇ ଓ ପଲସା ପିଢ଼ର କେତେକ ଗ୍ରାମରେ ବସନ୍ତ ହେବାର ଖବର ମିଳେ ।<br>(୨) ଗୋ-ମହିଷାଦି ପଶୁମାନଙ୍କର ସଂକ୍ରାମକ ରୋଗ ନାନା ସ୍ଥାନରେ ହେବାର ଖବର ମିଳେ<br>କପ୍ତିପଦା:—(୧) ଖୁଣ୍ଟା କରକଚିଆ, ଦୁଲୁର ଓ ଢାଲଭଡ଼ା ପିଢ଼ ଅନ୍ତର୍ଗତ କୁଅଗାଁ, ଦୁବ-ରଜପୁର, ମାଠିଆଭଙ୍ଗା, ଶ୍ୟାମପୁର, ଘଇପାଳ, ବରକୁଡ଼ରେ ବସନ୍ତ ହେବାର ଖବର ମିଳେ<br>(୨) କଇଁସାରି ପିଢ଼ ଖୁଣ୍ଟାପାଳ ମୌଜାରେ ଗୋ-ମହିଷାଦି ପଶୁମାନଙ୍କର ଖୁରା ଓ ଗଳା-ଫୁଲା ରୋଗ ହେବାର ଶୁଣାଯାଏ, କିନ୍ତୁ ମୃତ୍ୟୁ ଶୁଣା ନାହିଁ ।<br>କରଞ୍ଜିଆ:—(୧) ଅଦପୁର, ବେଳୁଟାବନ୍ଧା, ପାଣ୍ଡ୍ରାସିଲ, ନଦା ଏବଂ ଦଅ ମୌଜା ମାନଙ୍କରେ ବସନ୍ତ ଲାଗିବାର ଖବର ମିଳେ<br>ଯଶିପୁର ଥାନା ଅନ୍ତର୍ଗତ ମଟରଙ୍ଗାଯୋଡ଼ରେ କଲେରା ଲାଗିବାର ଖବର ମିଳେ<br>(୨) ରରୁଆଁ ଓ ଯଶିପୁର ଥାନା ଏବଂ ଠାକୁର-ମୁଣ୍ଡା ଅ: ପୋ: ଇଲାକାରେ ଖୁରା ହୋଇଥିବାର ଖବର ମିଳେ । | (୧) ବାରିପଦା, ବୈଶିଙ୍ଗା, ବଡ଼ସାହି ଓ ବାଙ୍ଗିରିପୋଷି ଥାନା ଏବଂ କୁଳିଅଣା ଅ: ପୋ: ଇଲାକାରେ ବସନ୍ତ ହେବାର ଖବର ମିଳେ<br>(୨) ବାରିପଦା, ବଡ଼ସାହି ଥାନା ଇଲାକାରେ ଖୁରା ଏବଂ ଗଳାଫୁଲା ରୋଗ ଲାଗିବାର ଖବର ମିଳେ ।<br>(୧) ଜାମଦା, ଟରଙ୍ଗ, କିଆଣ, କୁଲଗି ଏବଂ ଦୁନ୍ଦୁ ପିଢ଼ରେ ବସନ୍ତ ଲାଗିବାର ଖବର ମିଳେ ।<br>(୨) ଗୋ-ମହିଷାଦି ପଶୁମାନଙ୍କର ସଂକ୍ରାମକ ରୋଗ ବିଷୟରେ କିଛି ଶୁଣାଯାଏ ନାହିଁ ।<br>(୧) ଜସ୍‌ପୁର ପିଃ କୁଶଲଦା ଗ୍ରାମରେ ହଇଜା ଲାଗିବାର ଖବର ମିଳେ ।<br>ଢାଲଭଡ଼ା, ଅରପାଟ ଢକମା ଏବଂ ଖୁଣ୍ଟା କରକଚିଆ ପିଃ ବସନ୍ତ ହେବାର ଖବର ମିଳେ<br>(୨) କଇଁସାରି ପିଃ ଗୋ-ବସନ୍ତ ଲାଗିବାର ଖବର ମିଳେ<br>(୧) ଯଶିପୁର ଓ ରରୁଆଁ ଥାନାର ଇଲାକାର କେତେକ ସ୍ଥାନରେ ବସନ୍ତ ଲାଗିଅଛି ।<br>କରଞ୍ଜିଆ ଥାନା ଇଲାକା ଦେଉଳି ଓ ଧାନ-ଘର ବେଢ଼ାରେ ହଇଜା ହେବାର ଖବର ମିଳେ ।<br>(୨) ଯଶିପୁର ଓ ରରୁଆଁ ଥାନା ଏବଂ ଠାକୁରମୁଣ୍ଡା, ଅ: ପୋ: ଇଲାକାରେ ଗୋ-ମହିଷାଦି ପଶୁମାନଙ୍କର ସଂକ୍ରାମକ ରୋଗ ଲାଗିବାର ଖବର ମିଳେ । | (୧) ବାରିପଦା, ବାଙ୍ଗିରିପୋଷି ଥାନା ଇଲାକା ଏବଂ କୁଳିଅଣା ଅ. ପୋ: ଅନ୍ତର୍ଗତ ବସନ୍ତ ହେବାର ଖବର ମିଳେ ।<br>(୧) କୁଲଗି ପିଢ଼ କହଳଦା ଓ ଟରଙ୍ଗ ଗ୍ରାମରେ ହଇଜା ଲାଗିବାର ଖବର ମିଳେ<br>ବହଳଦା ଓ ରାଇରଙ୍ଗପୁର ଥାନା ଅନ୍ତର୍ଗତ ବସନ୍ତ ଲାଗିବାର ଖବର ମିଳେ ।<br>(୧) କଇଁସାରି ଓ ଖୁଣ୍ଟା ପିଃ ବସନ୍ତ ହେବାର ଖବର ମିଳେ ।<br>(୧) କରଞ୍ଜିଆ ଟାଉନ ଏବଂ ଯଶିପୁର ଓ ରରୁଆଁ ଥାନା ଇଲାକାରେ ହଇଜା ହେବାର ଖବର ମିଳେ ।<br>କରଞ୍ଜିଆ ଓ ଯଶିପୁର ଥାନା ଏବଂ ଠାକୁରମୁଣ୍ଡା ଅ: ପୋ: ଇଲାକାରେ ବସନ୍ତ ଖବର ମିଳେ ।<br>(୨) ଯଶିପୁର ଓ ରରୁଆଁ ଥାନା ଇଲା-କାରେ ଗଳାଫୁଲା ହେବାର ଖବର ମିଳେ । |

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀପଦ୍ମ ଚରଣ ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com